ମନୁଷ୍ୟର ଭୂମିରେ ଯଦି ଦିବ୍ୟ ପରମ ସାମର୍ଥ୍ୟର ଏହି ଯୋଜନାଟିଟି ଅଭିପ୍ରେତ ହୋଇ ରହିଛୁ, ତେବେ ଆମ ଜୀବନର ସମଗ୍ର ପ୍ରଣାଳୀ ଓ ସମଗ୍ର ଲକ୍ଷ୍ୟଟିକୁ ସତ୍ତ୍ୱରେ ଅବସ୍ଥିତ ରହିଥିବା ଏହି ତିନୋଟିଯାକ ଉପାଦାନର ପାରସ୍ପରିକ ଜିଜ୍ଞାସୁକତା ଦ୍ୱାରାହିଁ କାର୍ଯ୍ୟ କରିବାକୁ ପଡ଼ିବ । ପ୍ରକୃତି ଭିତରେ ସେହି ତିନୋଟି ଉପାଦାନ ଭିନ୍ନ ଭିନ୍ନ ହୋଇ ରୂପାୟିତ ହୋଇ ରହିଥିବାରୁ ମନୁଷ୍ୟ ଆଗରେ ଏକ ଦ୍ୱିବିଧ ଜୀବନ ମଧ୍ୟରୁ ଗୋଟିକୁ ବାଛିନେବାର ପଥ ସବଦା ଉନ୍ମୁକ୍ତ ହୋଇ ରହିଛୁ; ଅର୍ଥାତ୍ ଏହି ସାଧାରଣ ଜଡ଼ଗତ ଜୀବନ, ମାନସିକ ଜିଜ୍ଞାସୁକତା ତଥା ମାନସିକ ପ୍ରଗତିର ଏକ ଜୀବନ ଏବଂ ସଦାଅବିଚଳ ପରିବର୍ତ୍ତିନରହିତ ସେହି ଚିଦ୍‌ଗତ ଆନନ୍ଦମୟ ଜୀବନ,--ଏଇ ତିନୋଟି ମଧ୍ୟରୁ ଗୋଟିଏ ବାଛିନେବାର ପଥ ଉନ୍ମୁକ୍ତ ରହିଛୁ । ମାନ ଆପଣା ପଥରେ ଅଗ୍ରସର ହୋଇଯିବା ସଙ୍ଗେ ସଙ୍ଗେ ମନୁଷ୍ୟ ଏହି ତିନୋଟିଯାକ ଭିନ୍ନ ଭିନ୍ନ ପଥରୂପକୁ ଏକତ୍ର ଯୁକ୍ତ ମଧ୍ୟ କରିଦେଇ ପାରିବ, ସେଗୁଡ଼ିକ ମଧ୍ୟରେ ରହିଥିବା ବିସମ୍ବାଦଗୁଡ଼ିକର ସମାଧାନ କରି ଏକ ସମଞ୍ଜସଯୁକ୍ତ ଛନ୍ଦୋମୟତା ସମ୍ଭବ କରିପାରିବ ଏବଂ ଏହିଭଳି ଭବରେ ଆପଣା ଭିତରେ ସମସ୍ତ ଦେବତାଟିକୁ, ଅର୍ଥାତ୍ ଏକ ପରପୂର୍ଣ୍ଣ ମନୁଷ୍ୟକୁ ଜନ୍ମ ଦେଇପାରିବ ।

'oaob.nitrkl.ac.in' images reprocessed

ସାଧାରଣ ପ୍ରକୃତିର ସ୍ତରରେ ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟିର ଆପଣା ଆପଣାର ବିଶିଷ୍ଟ ଗୁଣ ଥିଲା ନସ୍ୱାମକ ପ୍ରେରଣାଗୁଡ଼ିକ ସର୍ବଦା ମହଜୁଦ ହୋଇ ରହୁଥାଏ ।

ଶସ୍ତରଷ୍ଟ ପ୍ରାଣର ଶକ୍ତିରେ ସ୍ୱବୈଶିଷ୍ଟ୍ୟତଃ ଯେତେ ବେଶୀ ଜମୋଇରତା ନଥାଏ, ଏକ ସ୍ଥାୟିତା ବା ଅବଚ୍ଛିନ୍ନତାଦ୍ଦି ତା'ଠାରୁ ଅଧିକ ପରମାଣରେ ରହୁଥାଏ; ବ୍ୟକ୍ତଗତ ଆତ୍ମ-ବସ୍ତାର ଲଗି ଯେତେ ପ୍ରବୃତ୍ତି ନଥାଏ, ଆତ୍ମ-ପୁନରୁତ୍ପତ୍ତିର ଏକ ଆବେଗଦ୍ଦି ତା'ଠାରୁ ଅଧିକ ପରମାଣରେ ରହୁଥାଏ । ଅବଶ୍ୟ ବାସ୍ତବରେ ଦେଖିଲେ ଜଡ଼ପ୍ରକୃତି ମଧ୍ୟରେ ଗୋଟିଏ ଜାତି ବା ପ୍ରକାରରୁ ଆଉ ଗୋଟିଏ ଜାତି ବା ପ୍ରକାରକୁ ପରବର୍ତ୍ତିତ ହେବାର ପ୍ରକ୍ରିୟାରେ ଏକ ଜମାଗ୍ରସରତା ରହୁଥାଏ; ଅର୍ଥାତ୍ ଜଡ଼ଜଗତରୁ ପ୍ରାଣୀ ସ୍ତରକୁ ଏବଂ ଇତରପ୍ରାଣୀ ସ୍ତରରୁ ମନୁଷ୍ୟସ୍ତରକୁ ପରବର୍ତ୍ତିନ ପ୍ରକିୟା ମଧ୍ୟରେ ଏକ ଜମାଗ୍ରସରତା ଅବଶ୍ୟ ରହୁଥାଏ; କାରଣ ନର୍ଜୀବ ଜଡ଼ ଭିତରେ ମଧ୍ୟ ମନର ଜିୟା କାର୍ଯ୍ୟକାସ୍ତ ହୋଇ ରହୁଥାଏ । ମାନ ଯେତେବେଳେ କୌଣସି ଜାତି ବା ପ୍ରକାର ସ୍ଥୂଳ ରୂପରେ ଥରେ ଆପଣାର ବଶେଷ ରୂପଟିକୁ ଧାରଣ କରିନଏ, ସେତେବେଳେ ଏକ ଅବଚ୍ଛିନ୍ନ ପୁନରୁତ୍ପାଦନ ଦ୍ୱାରାଦ୍ଦି ସେହି ପ୍ରକାରଟିକୁ ତାହାର ସେହି ଅସ୍ତିତ୍ୱରେଦ୍ଦି ସ୍ଥାସ୍ୱୀ କରି ରଖିବା ସତେଅବା ପୃଥ୍ୱୀଗତା ପରମା ଜନମାଙ୍କର ସଂପ୍ରଧାନ ତାତ୍କାଳିକ କାର୍ଯ୍ୟରେ ପରଣତ ହୋଇ ରହେ । କାରଣ ଜୀବନ ମାନଙ୍କେ ଅନୁକ୍ଷଣ ଅମର ହୋଇ ରହୁବାକୁଦ୍ଦି ଆକାଙ୍କ୍ଷା ରଖିଥାଏ ଓ ଅମରତ୍ୱ ଲୋଡ଼ୁଥାଏ । ମାନ ବ୍ୟକ୍ତିର ଦେହ ଅସ୍ଥାସ୍ୱୀ ହୋଇଥିବାରୁ ଏବଂ ଏହା ବଶ୍ୱଜଗତକୁ ସୃଷ୍ଟି କରୁଥିବା ଚେତନାଟି ମଧ୍ୟରେ ଏକ ଆକାରର ଧାରଣାଟିଦ୍ଦି ଏକମାନ ସ୍ଥାସ୍ୱୀ ହୋଇ ରହୁଥିବାରୁ,—କାରଣ, ଧାରଣାର ସେହି କ୍ଷେତରେ ତାହା କଦାପି ବଲୁପ୍ତ ହୋଇଯାଏ ନାଦ୍ଦି,—ଏହି ରୂପଗୁଡ଼ିକୁ ଅବଚ୍ଛିନ୍ନ ଭାବରେ ଉତ୍ପନ୍ନ କରି ରଖିବାଦ୍ଦି ଭୌତିକ ଅମରତ୍ୱର ଏକମାନ ସମ୍ଭାବନା ହୋଇ ରହୁଥାଏ । ତେଣୁ, ଆପଣାକୁ ସଂରକ୍ଷିତ କରି ରଖିବା, ଆପଣାର ପୁନରୁତ୍ପତ୍ତି କରାଇବା ଏବଂ ଆପଣାକୁ ବହୁଗୁଣିତ କରିବା,—ଏହିଗୁଡ଼ିକଦ୍ଦି ଅନବାର୍ଯ୍ୟ ଭାବରେ ଭୌତିକ ସକଳ ଅସ୍ତିତ୍ୱର କ୍ଷେତରେ ପ୍ରଧାନ ପ୍ରଧାନ ସହଜାତ ପ୍ରବୃତ୍ତି ହୋଇ ରହୁଥାନ୍ତି ।

ପରବର୍ତ୍ତିନଦ୍ଦି ବଶୁଦ୍ଧ ମନର ବଶେଷ ସାମର୍ଥ୍ୟ ହୋଇ ରହୁଥାଏ ଏବଂ ମନ ଆପଣାକୁ ଅଧିକରୁ ଅଧିକ ପରମାଣରେ ଉତ୍ପାଦିତ ଏବଂ ସଂଗଠିତ କରିବା ସଙ୍ଗେ ସଙ୍ଗେ ମନର ଏହି ବଧାନଟି ଆପଣା ଉପଲବ୍ଧି ଗୁଡ଼ିକର ଏକ ସତତ ବସ୍ତାର, ସତତ ଉତ୍କର୍ଷସାଧନ ଏବଂ ଏକ ଉନ୍ନତତର ସଂଯୋଜନତାର ରୂପ ଗ୍ରହଣ କରିବାରେ ଲଗି ଥାଏ ଏବଂ ତେଣୁ ଏକ କ୍ଷୁଦ୍ରତର ଏବଂ ସହଜତର ପରିପୂର୍ତ୍ତିତାରୁ ଏକ ବୃହତ୍ତର ଓ

'oaob.nitrkl.ac.in' images reprocessed

ଅଧିକ ବହୁମୁଖୀ ପରିପୂର୍ଣ୍ଣତା ମଧ୍ୟକୁ ସଚ୍ଚେତ ଗତି କରିବାରେ ଲଗିଥାଏ । କାରଣ, ଶସ୍ତାରସ୍ଥ ଜୀବନକ୍ଷେତ୍ରରେ ଯାହା ସମ୍ଭବ ହୋଇ ନଥାଏ, ଆପଣାର କ୍ଷେତ୍ରରେ ମନ ଅସୀମ ଓ ଅନନ୍ତଲାଭ ହୋଇ ରହିଥାଏ, ଆପଣାର ପ୍ରସାରଭୂମିରେ ସ୍ଥିତିସ୍ଥାପକ ହୋଇ ରହିଥାଏ ଏବଂ ଆପଣାର ରୂପାୟନରେ ବଡ଼ ସହଜରେ କେତେପ୍ରକାରେ ପରିବର୍ତ୍ତିତ ହେବାରେ ଲଗିଥାଏ । ଛେଣ୍ଟି ପରିବର୍ତ୍ତନ, ଆତ୍ମ-ପ୍ରସାରଣ ତଥା ଆତ୍ମ-ଉନ୍ନୟନକୁ ମନର ସମୁଚିତ ସହଜ ପ୍ରବୃତ୍ତି ହୋଇ ରହିଥାଏ । ମନ ଅଧିକରୁ ଅଧିକ ପରିପୂର୍ଣ୍ଣତା ପ୍ରାପ୍ତ କରିବାରେହିଁ ବିଶ୍ୱାସ ରଖିଥାଏ ଏବଂ ପ୍ରଗତି କରିବାକୁହିଁ ଚର୍ଯ୍ୟାମନ୍ତ୍ର କରି ଧରିଥାଏ ।

ସ୍ୱସଂସ୍ଥିତ ପରିପୂର୍ଣ୍ଣତା ଏବଂ ଅପରିବର୍ତ୍ତନୀୟ ଅନନ୍ତତା ହେଉଛି ଚିଦ୍‌ଗତତାର ସ୍ୱଭାବୀୟ ବିଶେଷ ବିଧାନ । ଯେଉଁ ଅମରତ୍ୱ ପ୍ରାଣର ଧେୟ ହୋଇ ରହିଥାଏ ଏବଂ ଯେଉଁ ପରିପୂର୍ଣ୍ଣତା ମନର ଧେୟ ହୋଇ ରହିଥାଏ, ପରମ ଚିଦ୍‌ଗତତା ସ୍ୱାଧିକାର ବଳରେ ସଚ୍ଚେତ ସେହି ଅମରତ୍ୱ ଓ ସେହି ପରିପୂର୍ଣ୍ଣତାର ଅଧିକାରୀ ହୋଇ ରହିଥାଏ । ସେହି ଶାଶ୍ୱତତାରେ ଯାଇ ଉପନୀତ ହେବା, ଏବଂ ଯେଉଁ ମହାସମ୍ପଦକି ସକଳ ବସ୍ତୁରେ ସମାନରୂପେ ଅବସ୍ଥିତ ରହିଛନ୍ତି ଏବଂ ସକଳ ବସ୍ତୁର ଅତୀତ ହୋଇ ରହିଛନ୍ତି, ଏହି ବିଶ୍ୱଜଗତରେ ତଥା ବିଶ୍ୱଜଗତର ବାହାରେ ସମାନ ଭାବରେ ଆନନ୍ଦପ୍ରେରକ ହୋଇ ରହିଛନ୍ତି ଓ ଆପେ ନିବାସ କରି ରହିଥିବା ତାହାର ଏହି ଯାବତୀୟ ରୂପ ଓ ନିୟାମକତାର ସକଳ ଅପୂର୍ଣ୍ଣତା ଏବଂ ସୀମାବଦ୍ଧତା ଯାହାକୁ କେବେହେଲେ ସ୍ପର୍ଶହିଁ କରିପାରୁ ନାହିଁ, ସେହି ମହାସମ୍ପଦର ଉପଲବ୍ଧି କରିବା ଚିଦ୍‌ଗତ ଜୀବନର ଗୌରବ ହୋଇ ରହିଛି ।

ଏହି ତିନୋଟି ମଧ୍ୟରୁ ପ୍ରତ୍ୟେକଟି ରୂପାୟନରେ ପ୍ରକୃତ ବ୍ୟକ୍ତିଗତ ତଥା ସାମୂହିକ ଉଭୟ ସ୍ତରରେ କାର୍ଯ୍ୟ କରୁଛି । କାରଣ ପରମ ଶାଶ୍ୱତ ଆପଣାକୁ ସମାନ ଭାବରେ ବ୍ୟକ୍ତି-ରୂପ ତଥା ସମଷ୍ଟିର ଅସ୍ତିତ୍ୱ ଉଭୟ ମଧ୍ୟରେହିଁ ସ୍ଥାପନା କରି ରଖିଛନ୍ତି । ସେହି ସମଷ୍ଟି ପରିବାର ହେଉ, ଜାତି ହେଉ ବା ଜାତି ହେଉ କିମ୍ବା ଅପେକ୍ଷାକୃତ କମ୍ ଭୌତିକ ସିଦ୍ଧାନ୍ତଗୁଡ଼ିକ ଉପରେ ନିର୍ଭର କରୁଥିବା ଆଉ ଯେକୌଣସି ସାମୂହିକତା ହେଉ ଅଥବା ସବୁଠାରୁ ଅଧିକ ବଡ଼ ଆମର ଏହି ସାମୂହିକ ମାନବଜାତି ହୋଇଥାଉ ପଛକେ, ତା' ଭିତରେ ମଧ୍ୟ ପରମ ଶାଶ୍ୱତ ଆପଣାକୁ ପ୍ରତିଷ୍ଠିତ କରି ରଖିଛନ୍ତି । ନିୟାମକତାର ଏହି ଯେକୌଣସି କ୍ଷେତ୍ରଟିରୁ ଅଥବା ସବୁଗୁଡ଼ିକ କ୍ଷେତ୍ରରୁ ମନୁଷ୍ୟ ମଧ୍ୟ ତା'ର ଆପଣା ବ୍ୟକ୍ତିଗତ ବୃତ୍ତିର ପରିଶୀଳନ କରିବାକୁ ସମର୍ଥ ହେଉଛି, ଅଥବା ସେଗୁଡ଼ିକରେ ରହିଥିବା ସାମୂହିକତାଟି ସହିତ ଆପଣାକୁ ଏକାତ୍ମ କରିଦେଉଛି ଓ ସେହି ସାମୂହିକତାଟି ସ୍ୱାର୍ଥରେହିଁ ଜୀବନ ବଞ୍ଚୁଛି; କିମ୍ବା, ଏହି ବହୁମୁଖୀ ଜଟିଳ ବିଶ୍ୱଜଗତର ଏକ ଅଧିକ ଯଥାର୍ଥ କଲ୍ପନାର ସ୍ତରକୁ ଅପଣାକୁ

'oaob.nitrkl.ac.in' images reprocessed

ଉନ୍ନୀତ କରିନେଇ ସେ ଜଣେ ବ୍ୟକ୍ତି ସ୍ୱଭାବରେ ଆପଣାର ଉପଲବ୍ଧିକୁ ସାମୂହିକ ଧେୟଟି ସହିତ ସମଞ୍ଜସଭାବାବଦ୍ଧ କରି ରଖିବାର ଚେଷ୍ଟା ମଧ୍ୟ କରୁଛି । ଏହି ବଶ୍ୱକଗତରେ ଅବସ୍ଥିତ ଚନ୍ଦ୍ରାଥଲ୍ଲ ପର୍ଯ୍ୟନ୍ତ, ଅହଂପ୍ରତ୍ୟୋଦ୍ଦିତ ଜୀବରେ ଆପଣାର ଏକ ସ୍ୱତନ୍ତ୍ର ସତ୍ତା ପ୍ରତିଷ୍ଠିତ କରି ରଖିବା ବା ଆପଣାକୁ ନେଇ ସେହି ପରମ ସକଳ-ପଙ୍କାଙ୍ଗତଙ୍କ ମଧ୍ୟରେ ବଲ୍ଲନ ଓ ନଷ୍ଟିଭୂତ କରିଦେବା ନୁହେଁ, ମାତ୍ର ପରମ ଦ୍ରବ୍ୟସତ୍ତା ତଥା ଏହି ବଶ୍ୱକଗତଟି ସହିତ ଆପଣାର ଏକତ୍ୱକୁ ଉପଲବ୍ଧି କରି ବ୍ୟକ୍ତ ମଧ୍ୟରେହିଁ ସେଗୁଡ଼ିକୁ ଏକତ୍ୱବଦ୍ଧ କରି ରଖିବାକୁ ଯେପରି ପରମ ସଚ୍ଚୋଟ ସତ୍ତାଙ୍କ ସହିତ ଆତ୍ମାର ଯଥାର୍ଥ ସମ୍ବନ୍ଧ ବୋଲି କୁହାଯାଇ ପାରିବ, ଠିକ୍ ସେହିପରି ଆପଣାର ସହଯୁଗ୍ମୀ ଅନ୍ୟମାନଙ୍କ ଆଡ଼କୁ କୌଣସି ଧ୍ୟାନ ନଦେଇ ପୂର୍ଣ୍ଣ ଅହଂପ୍ରତ୍ୟୋଦ୍ଦିତ ଜୀବରେ କେବଳ ଆପଣାରହିଁ ଭୌତିକ ବା ମାନସିକ ପ୍ରଗତି ବା ଆଧ୍ୟାତ୍ମିକ ମୁକ୍ତିର ଅନୁଧାବନ କରିବା ନୁହେଁ ଅଥବା ଗୋଷ୍ଠୀ ବା ସମୂହର ଅଭିସିଦ୍ଧି ସକାଶେ ଆପଣାର ସମୁପଯୁକ୍ତ ବକାଶକୁ ଦମିତ କିଂବା ଆହତ କରି ରଖିବା ମଧ୍ୟ ନୁହେଁ, ମାତ୍ର ଆପଣାର ମହତ୍ତମ ଓ ପୂର୍ଣ୍ଣତମ ସମ୍ଭାବନାଗୁଡ଼ିକୁ ଆପଣା ଭିତରେହିଁ ଠିଲ ଓ ଫଗୁସ୍ପାତ କରିଆଣି ଜୀବନ, ଚିନ୍ତା ତଥା ଅନ୍ୟ ଯାବତୀୟ ଉପାସ୍ତ ଦ୍ୱାରା ଆପଣାର ସମଗ୍ର ପରିବେଶଟିର କ୍ଷେତ୍ରରେ ସେଗୁଡ଼ିକୁ ନେଇ ଅଳାଡ଼ିଦେବା ଓ ତଦ୍ଦ୍ୱାରା ସମଗ୍ର ସମୂହକୁ ତାହାର ସଚ୍ଚୋଟ ବ୍ୟକ୍ତିତ୍ୱଗୁଡ଼ିକର ଉପଲବ୍ଧିରେ ଅଗ୍ରସର ହେବାରେ ସହାୟକ ହୋଇ ରହିବାକୁହିଁ ସମୂହ ସହିତ ବ୍ୟକ୍ତର ଯଥାର୍ଥ ସମ୍ବନ୍ଧ ବୋଲି କୁହାଯାଇ ପାରିବ ।

ଏଥିରୁ ପ୍ରତିପାଦିତ ହୋଇଯିବା ଉଚିତ ଯେ ପ୍ରକୃତିର ପ୍ରାଣଗତ ଉଦ୍ଦେଶ୍ୟଟିକୁ ପରିପୂର୍ଣ୍ଣ କରିବାହିଁ ସଚ୍ଚୋଟର ଭୌତିକ ଜୀବନର ଧେୟ ହୋଇ ରହିବ । ବଞ୍ଚିବା, ମାର୍ଗରେ ମିଳୁଥିବା ଯଥାସମ୍ଭବ ଆଗ୍ରମ ଓ ଉପଭୋଗର ପୂର୍ଣ୍ଣ ସଦୁପଯୋଗ କରି ଜନ୍ମରୁ ମରଣ ପର୍ଯ୍ୟନ୍ତ ଅତିକ୍ରମ କରି ଯାଉଥିବା, ମାତ୍ର ଯେକୌଣସି ପ୍ରକାରେ ବଞ୍ଚି ରହିବାହିଁ ଜଡ଼ଗତ ମନୁଷ୍ୟର ସମୁଦାୟ ଉଦ୍ଦେଶ୍ୟ ହୋଇ ରହିଥାଏ । ଏହି ଉଦ୍ଦେଶ୍ୟଟିକୁ ସେ ଦୁଏତ ଆଉ କୌଣସି ବୃହତ୍ତର ଉଦ୍ଦେଶ୍ୟର ଅଧୀନ କରି ରଖିପାରେ ସତ୍ତ, ମାତ୍ର କେବଳ ଜଡ଼ସ୍ଥ ପ୍ରକୃତିର ଅନ୍ୟାନ୍ୟ ସହଜାତ ପ୍ରବୃତ୍ତି ଅର୍ଥାତ୍ ପୁନରୁତ୍ପାଦନ ଦ୍ୱାରା ବ୍ୟକ୍ତର ସଂଖ୍ୟାବୃଦ୍ଧି, ପରିବାର, ଶ୍ରେଣୀ ବା ଗୋଷ୍ଠୀ ମଧ୍ୟରେହିଁ ଆପଣାର ପ୍ରକାରଟିକୁ ସୁରକ୍ଷିତ କରି ରଖିବା,—ଏହିଗୁଡ଼ିକ ପାଖରେହିଁ ସେ ଆପଣାର ବଞ୍ଚିବାର ମୂଳ ପ୍ରବୃତ୍ତିଟିକୁ ଅଧୀନ କରି ରଖିଥାଏ । ଆତ୍ମସତ୍ତା, ପାରିବାରିକ ଜୀବନ, ସମାଜ ତଥା ରାଷ୍ଟ୍ରର ସ୍ୱୀକୃତ ଓ ପ୍ରଚଳିତ ବ୍ୟବସ୍ଥା,—ଏହିଗୁଡ଼ିକହିଁ ଭୌତିକ ଅସ୍ତିତ୍ୱର ନମାଣକାଳ ଅଙ୍ଗରୂପେ ପ୍ରତିଷ୍ଠିତ ହୋଇ ରହିଥାନ୍ତି । ପ୍ରକୃତିର ନିୟୋଜନ-ବ୍ୟବସ୍ଥାରେ ଏଗୁଡ଼ିକର ଯେ ଅତ୍ୟନ୍ତ ମହତ୍ତ୍ୱ ରହିଛି, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ; ମାନବରୂପୀ ଯେଉଁ ପ୍ରକାରଟି ସେହି ବ୍ୟବସ୍ଥାଟିର ପ୍ରତିନଧିତ୍ୱ କରୁଛି,

'oaob.nitrkl.ac.in' images reprocessed

ତାହାର ମଧ୍ୟ ଠିକ୍ ସେଭଳି ବେଶୀ ମହତ୍ତ୍ୱ ରହିଛି । ପ୍ରକୃତ ଏଠାରେ ଯେଉଁ ବ୍ୟବସ୍ଥାଟିକୁ ତିଆରି କରି ରଖିଛି, ତାହାର ନଗ୍ନପଶ୍ଚା ବିପଦ୍‌ରେ ମନୁଷ୍ୟ ପ୍ରକୃତିକୁ ଏକ ନର୍ଭର ପ୍ରତିଶ୍ରୁତି ଦେବାରେ ଲଗିଛି ଏବଂ ପ୍ରକୃତିର ଅଙ୍ଗଭୂତ ସିଦ୍ଧି ଓ ଉପଲବ୍ଧି-ଗୁଡ଼ିକର ସୁଫଳଦ୍ଧ ସ୍ଥାପିତା ତଥା ସୁରକ୍ଷା ବିପଦ୍‌ରେ ମଧ୍ୟ ମନୁଷ୍ୟ ପ୍ରକୃତିକୁ ନିଶ୍ଚିତ ପ୍ରତିଶ୍ରୁତି ଜଣାଇ ଦେଇଛି ।

ମାନ ଠିକ୍ ଏହି ପ୍ରସ୍ତୋଜନୀୟତାଟି ସକାଶେଇଁ ସବୁ ମନୁଷ୍ୟ ଓ ସେମାନେ ଏଠାରେ ବଞ୍ଚିଥିବା ଜୀବନଟି ସତ୍ତେଅବା ଅନବାର୍ଯ୍ୟ ଭାବରେ ସୀମାସଙ୍କୁଚିତ ହୋଇ ରହିବାକୁ ବାଧ ହୋଇଛନ୍ତି, ବଡ଼ ଯୁକ୍ତିବରୁଦ୍ଧ ଭାବରେ ରକ୍ଷଣଶୀଳ ଏବଂ ପୃଥିବୀସଦୃଶ ହୋଇ ରହିବାକୁ ବାଧ ହୋଇଛନ୍ତି । ସ୍ୱୀକୃତ ଓ ଚଳଚଳନ୍ତ ଜୀବନଯାତ୍ରା, ସ୍ୱୀକୃତ ଓ ଚଳଚଳନ୍ତ ନାନା ଅନୁସ୍ଥାନ ଏବଂ ବଂଶାନୁକ୍ରମିକ ଭାବରେ ପ୍ରାପ୍ତ ଅଥବା ସଂସ୍କାରଗତ ବଗ୍ଧରର କେତୋଟି ରୂପ,—ସତ୍ତେଅବା ଏହିଗୁଡ଼ିକଇଁ ସେମାନଙ୍କର ନାକପୁଡ଼ାର ଜୀବନଶ୍ୱାସ ହୋଇ ରହିଛନ୍ତି । ଅନ୍ତାଇର ପ୍ରଗତିଶୀଳ ମନ ଯେଉଁସବୁ ପରିବର୍ତ୍ତନକୁ ଲାଦ ଦେଇ ଯାଇଛି, ସେମାନେ ସେଗୁଡ଼ିକୁ ବେଶ୍ ସ୍ୱୀକାର କରି ନେଇଛନ୍ତି ଓ ପରମ ଉତ୍ସାହର ସହିତ ସେଗୁଡ଼ିକର ପକ୍ଷସମର୍ଥନ ବି କରୁଛନ୍ତି, ମାନ ଠିକ୍ ସେହିପରି ସମାନ ଉତ୍ସାହରେ ଏଣେ ସେହି ପ୍ରଗତିଶୀଳ ମନ ବର୍ତ୍ତମାନ ଯେଉଁସବୁ ପରିବର୍ତ୍ତନ କରାଇବାରେ ଲଗିଛି, ସେମାନେ ତାହାର ପ୍ରତିରୋଧ କରୁଛନ୍ତି ଓ ସେଗୁଡ଼ିକ ସହିତ ଯୁଝିବାରେ ଲାଗିଛନ୍ତି । କାରଣ ଭୁତସଦୃଶ ମଣିଷ ଲାଗି ଜୀବନ୍ତ ପ୍ରଗତିବାଦୀ ବଗ୍ଧରକ କେବଳ ଜଣେ ଭୁଟ୍ଟା ଆଦର୍ଶବାଦୀ, ସ୍ୱପ୍ନଗୃହୀ ଅଥବା ପାଗଳ ପରି ମନେ ହୋଇଥାଏ । ପ୍ରାଚୀନ ସେମାଇଟ୍‌ମାନେ ଆପଣାର ଧର୍ମଦୂତମାନଙ୍କୁ ଟେକା ଫୋପାଡ଼ି ମାରି ଦେଇଥିଲେ ଏବଂ ସେମାନଙ୍କର ମୃତ୍ୟୁ ଅନ୍ତେ ସେମାନଙ୍କର ସୁନ୍ଦର ଉପାସନା କରୁଥିଲେ;—ଏହିମାନଙ୍କଇଁ ଆମେ ପ୍ରକୃତରେ କାର୍ଯ୍ୟ କରୁଥିବା ଏହି ଅନ୍ଧପ୍ରବୃତ୍ତିର ବଶବର୍ତ୍ତୀ ହୋଇ ରହିଥିବା ବୁଦ୍ଧିବର୍ଜିତ ପ୍ରବୃତ୍ତିଟିର ଏକ ସାକ୍ଷାତ ଅବତାର ବୋଲି କହିପାରିବା । ପ୍ରାଚୀନ ଭାରତୀୟ ବଗ୍ଧରରେ ଅରେମାନ ଜନ୍ମ ହୋଇଥିବା ଓ ଦୁଇବାର ଜନ୍ମ ଗ୍ରହଣ କରିଥିବା ମନୁଷ୍ୟ ଭିତରେ ଯେଉଁ ଅନ୍ତରଟିକୁ ଦେଖାଇ ଦିଆଯାଇଛି, ଜଡ଼ସଦୃଶ ବ୍ୟକ୍ତିର କ୍ଷେତ୍ରରେ ଆମେ ସେଥିରୁ ପ୍ରଥମ ପ୍ରକାର ବର୍ତ୍ତୁନାଟିକୁ ବେଶ୍ ଲାଗୁ କରିପାରିବା । ଜଡ଼ସଦୃଶ ମନୁଷ୍ୟ ପ୍ରକୃତର ନିମ୍ନତର କାର୍ଯ୍ୟଗୁଡ଼ିକ ସମ୍ପାଦନ କରିବାର ଦାୟିତ୍ୱରେ ରହିଥାଏ, ପ୍ରକୃତର ଉଚ୍ଚତର କାର୍ଯ୍ୟଗୁଡ଼ିକ ଲାଗି ସେ ଏକ ପକ୍କା ମୂଲଦୁଆ ତିଆରି କରିଦେଇଯାଏ; ମାନ ପ୍ରକୃତର ଦ୍ୱିତୀୟ ଜନ୍ମର ଯାବତୀୟ ମହିମା ତା' ଲାଗି କଦାପି ସହଜରେ ଉନ୍ମୁକ୍ତ ହୋଇପାରେ ନାହିଁ ।

'oaob.nitrkl.ac.in' images reprocessed

ତଥାପି, ଅଷ୍ଟାଙ୍ଗର ବଡ଼ ବଡ଼ ଧର୍ମବିପ୍ଳବମାନ ତା'ର ଚତୁଃରଣ୍ଡ ବସ୍ତୁରଗୁଡ଼ିକ ଉପରେ ଜୋର୍ କର ଯେଉଁକ ପରମାଣରେ ଆଧ୍ୟାତ୍ମିକତା ଲଦିଦେଇ ଯାଇଥାଏ, ସେ ସେଉଁକ ଆଧ୍ୟାତ୍ମିକତାକୁ ଅବଶ୍ୟ ସ୍ୱୀକାର କରନ୍ତୁ ଏବଂ ସମାଜସମୃଦ୍ଧୀ ଆପଣାର ଯୋଜନାରେ ସେ ଧର୍ମଯାଜକ ଏବଂ ଧର୍ମତତ୍ତ୍ୱବିତ୍ତ ପଣ୍ଡିତ ସକାଶେ ଅବଶ୍ୟ ଗୋଟିଏ ସ୍ଥାନ ରଖିଥାଏ । ସେ ସେମାନଙ୍କୁ ସମ୍ମାନ ଦେଖାଇଥାଏ ସତ୍ତ, ମାତ୍ର ଅଧିକାଂଶ ସମୟରେ ସେମାନଙ୍କୁ ବାସ୍ତବ କାର୍ଯ୍ୟସାଧକତାର କ୍ଷେତ୍ରରୁ ବାହାର କର ରଖିଥାଏ; ସେମାନେ ତା' ଲଗି ଏକ ନଗ୍ନପଦ ଓ ସାଧାରଣ ଆଧ୍ୟାତ୍ମିକ ଖୋଗ୍ଲକ ଯୋଗାଇ ଦେଇ ପାରବେ ବୋଲ୍ ସେ ସେମାନଙ୍କ ଉପରେ ଆସ୍ଥା ବ ରଖିଥାଏ । ମାତ୍ର ଯେଉଁ ବ୍ୟକ୍ତି ଆପଣା ଲଗି ଅଧ୍ୟାତ୍ମ ଅନୁଭୂତି ଏବଂ ଅଧ୍ୟାତ୍ମଗତ ଜୀବନର ସ୍ୱତନ୍ତ୍ରତାଟିକୁ ଦାବି କର ବାହାରେ, ତାହାକୁ ଆପଣାର ସ୍ୱୀକୃତି ଦେବାକୁ ଯାଇ ସେ ତାକୁ ଧର୍ମଯାଜକର ଶିରପା ପିନ୍ଧାଏ ନାହିଁ, ତାକୁ ସେ ସନ୍ନ୍ୟାସୀର ବସ୍ତ୍ରରେ ଆଚ୍ଛାଦିତ କର ରଖିବାକୁ ଗ୍ଲହେ । ସନ୍ନ୍ୟାସୀ ସମାଜରୁ ବାହାରେ ରହୁ ଓ ତା'ର ବପଞ୍ଚନକ ସ୍ୱତନ୍ତ୍ରତାଟିର ଅନୁଶୀଳନ କରୁ,—ସେ ସବୁବେଳେ ଏହାହିଁ ଗ୍ଲଦୃଥାଏ । ଏହି ଭାବରେ ସନ୍ନ୍ୟାସୀ ଦୃଏତ ମନୁଷ୍ୟଶଙ୍କରଧାସ୍ତ୍ର ଏକ ବଦ୍ୟୁତ୍-ଦଣ୍ଡର କାର୍ଯ୍ୟ କରୁଥାଏ, ସ୍ୱସ୍ଥଂ ପରମ ଚଦ୍‌ଗତତାର ବଦ୍ୟୁତ୍‌କୁ ଗ୍ରହଣ କରନ୍ତୁ ମାତ୍ର ସମାଜରୂପୀ ଅଟ୍ଟାଲିକାକୁ ତାହାର ସ୍ୱର୍ଣାଘାତ ଏବଂ ସଞ୍ଚାରରୁ ବଞ୍ଚାଇ ରଖିଥାଏ ।

ତଥାପି, ଭୂତସଂସ୍ଥ ମନ ଉପରେ ବକାଶ ତଥା ପ୍ରଗତିମୂଳକ ନାନା ସଂସ୍କାର, ସଚେତନ ପରବର୍ତ୍ତନର ଅଭ୍ୟାସ ଏବଂ ଜୀବନର ଏକ ବଧାନରୂପେ ବକାଶର ଏକ ଦୃଢ଼ୀଭୂତ ବସ୍ତୁରର ବଳିଷ୍ଠ ପ୍ରଭାବ ପକାଇ ଭୂତସଂସ୍ଥ ମନୁଷ୍ୟ ଓ ତା'ର ଜୀବନକୁ କଞ୍ଚିତ୍ ପରମାଣରେ ବକାଶାତ୍ମକ କରବା ଲଗି ଅବଶ୍ୟ ଏକ ସମ୍ଭାବନା ରହିଥାଏ । ଏହି ଉପାସ୍ଥିତି ଦ୍ୱାର୍ ଇଉରୋପରେ ଯେଉଁ ପ୍ରଗତିଧର୍ମୀ ସମାଜଗୁଡ଼ିକ ସମ୍ଭବ ହୋଇ ପାରିଛନ୍ତି, ଆମେ ତାହାକୁ ଜଡ଼ ଉପରେ ମନର ଏକ ଅନ୍ୟତମ ବୃତ୍ତତ୍ତ୍ୱ ବଜସ୍ଥ ବୋଲ୍ ନଶ୍ଚସ୍ଥ କହିପାରିବା । ମାତ୍ର ଏହି କ୍ଷେତ୍ରରେ ଜଡ଼ପ୍ରକୃତି ତଥାପି ଆପଣାର ପ୍ରତିଶୋଧ ନେଇଛନ୍ତି; କାରଣ ଏଠାରେ ଉପଲବ୍ଧି ହୋଇଥିବା ପ୍ରଗତି ଅପେକ୍ଷାକୃତ କେବଳ ଅଧିକ ସ୍ଥୂଳ ଓ ଅଧିକ ବାହ୍ୟ ପ୍ରକାରର ଏକ ପ୍ରଗତି ହୋଇ ରହିବାର ପ୍ରବୃତ୍ତି ଦେଖାଇବାରେ ଲଗିଛି ଏବଂ ଆପଣାର ଗତିକୁ ଆହୁରି ଅଧିକ ଉଚ୍ଚସ୍ତରସ୍ଥ ଏବଂ କ୍ଷିପ୍ର କରବାକୁ ତାହା ଯେତେଯେତେ ପ୍ରଚେଷ୍ଟା କରୁଛି, ସେଥିରୁ କେବଳ ନାନା ଅବସନ୍ନତାହିଁ ଆସୁଛି, ଦ୍ରୁତ ପରଶ୍ରାନ୍ତି ଆସୁଛି ଏବଂ ଆଭ୍ୟନ୍ତିକ କରଦେବାଭଳି ନାନା ଅବନତିର ସମ୍ମୁଖୀନ କରବାକୁ ପଡ଼ୁଛି ।

ଜୀବନର ଯାବତୀୟ ଅନୁସ୍ଥାନ ଏବଂ ତାହାର ଅଭ୍ୟସ୍ତ ଯାବତୀୟ କ୍ରିୟାତ୍ମକତାକୁ ଏକ ଧାର୍ମିକ ଭାବର ଦୃଷ୍ଟିରେ ଦେଖିବା ଲଗି ଭୂତସଂସ୍ଥ ମନୁଷ୍ୟର

'oaob.nitrkl.ac.in' images reprocessed

ସଂସ୍କାରକୁ ଅନୁରୂପ ଜୀବରେ ପ୍ରଗ୍ରେଚ୍ଛ କର ମଧ୍ୟ ଚାଲୁ ଏବଂ ଚା'ର ଜୀବନକୁ କଞ୍ଚିତ୍ ପରମାଣରେ ଏକ ଆଧ୍ୟାତ୍ମିକ ଜୀବ ଆଣିଦେବା ବେଶ୍ ସମ୍ଭବ ହୋଇପାରେ । ପ୍ରାଚ୍ୟ ଜଗତରେ ଏହିଭଳ ଆଧ୍ୟାତ୍ମିକ ଜୀବ ଦ୍ୱାରା ପ୍ରତ୍ୟବତ ହୋଇଥିବା ସମ୍ପ୍ରଦାୟ ଓ ଗୋଷ୍ଠୀଗୁଡ଼ିକର ସୃଷ୍ଟି ଜଡ଼ ଉପରେ ଅଧ୍ୟାତ୍ମର ବଜସ୍ୱଲଭର ଗୋଟିଏ ଗୋଟିଏ ବୃହତ୍ ନଦର୍ଶନ ହୋଇ ରହିଛନ୍ତି । ମାତ୍ର ଏଠାରେ ମଧ୍ୟ ତଥାପି ଏକ ଅଭାବ ରହିଯାଇଛି; କାରଣ ଏହା ଅନେକ ସମସ୍ଥରେ ଆଧ୍ୟାତ୍ମିକତାର କେବଳ ଏକ ଉପରସ୍ତରସ୍ଥ ମନୋଜୀବନ୍ଧି ସୃଷ୍ଟି କର ରଖିବାର ପ୍ରବୃତ୍ତି ଦେଖାଇଛି, ଆଧ୍ୟାତ୍ମିକତାର ଏକ ଅତି ବାହ୍ୟ ରୂପାସ୍ଥନର ଦୃଷ୍ଟାନ୍ତ ହୋଇ ରହିଛି । ଏହାର ଉଚ୍ଚତର ଅଭିବ୍ୟକ୍ତି-ଗୁଡ଼ିକ, ଏପରକି ସବୁଠାରୁ ଅଧିକ ଚମତ୍କାରତାପୂର୍ଣ୍ଣ ଓ ସବୁଠାରୁ ଅଧିକ ଶକ୍ତିଶାଳୀ ଅଭିବ୍ୟକ୍ତିଗୁଡ଼ିକ ପ୍ରାୟତଃ ସାମାଜିକ ଜୀବନରୁ ବିଚ୍ଛିନ୍ନ ହୋଇ ବାହାର ଆସୁଥିବା ଆତ୍ମାଗୁଡ଼ିକର କେବଳ ସଂଖ୍ୟାଧିକ୍ୟକୁ ବୃଦ୍ଧି କରିବାରେ ଲଗିଛି ଓ ଏହିପର ଜୀବରେ ସମାଜର ଦୀନତାଶାକୁ ବଢ଼ାଇ ଦେବାରେ ସାହାଯ୍ୟ କରୁଛି, ଅଥବା ଏକ ସାମୟିକ ଉତ୍ତୋଳନର ଆନ୍ଦୋଳନ ଘଟାଇ ସାମୟିକ ଜୀବରେ ସମାଜର ଶାନ୍ତିଭଙ୍ଗ କରୁଛି । ଅସଲ ବା ସତ କଥାଟି ହେଉଛି ଯେ ପରମ୍ପରଠାରୁ ବିଚ୍ଛିନ୍ନ ହୋଇ ରହି ଆମର ମନୋଗତ ପ୍ରସ୍ତାସ କିମ୍ବା ଆଧ୍ୟାତ୍ମିକ ଆବେଗ କୌଣସିଟି ଜଡ଼ଗତ ପ୍ରକୃତିର ବିପୁଳ ଓ ଅତି ଶକ୍ତିଶାଳୀ ପ୍ରତିରୋଧଟିକୁ ଲଂଘିଯାଇ ପାରିବାକୁ କଦାପି ସଥେଷ୍ଟ ହୋଇପାରିବେ ନାହିଁ । ଏହି ମନୁଷ୍ୟର ଭୂମିରେ ଏକ ପରପୂର୍ଣ୍ଣ ପରିବର୍ତ୍ତନକୁ ସ୍ୱୀକାର କରିନେବା ପୂର୍ବରୁ ପ୍ରକୃତ ଦୁଇଙ୍କର ପ୍ରସ୍ତାସ ମଧ୍ୟରେ ଏକ ସମ୍ମିଳନ ହେଉ ବୋଲି ଦାବି କରିବାରେ ଲଗିଛି । ମାତ୍ର ଏହି ଦୁଇଟାଯାକ ମହାନ୍ ସାଧନ ପରସ୍ପରକୁ ଆବଶ୍ୟକ ପରମାଣରେ ବାଟ ଛାଡ଼ିଦେବା ଲାଗି ସାଧାରଣତଃ ଅନଚ୍ଛୁକ ହୋଇ ରହିଛନ୍ତି ।

ମାନସକ୍ଷେତ୍ରର ଜୀବନ ଆପଣାକୁ ସୌନ୍ଦର୍ଯ୍ୟାତ୍ମକ, ନୈତିକତାସମ୍ବନ୍ଧୀ ତଥା ବୌଦ୍ଧିକ ନାନା ନିୟାମକତା ମଧ୍ୟରେ କେନ୍ଦ୍ରୀଭୂତ କର ରଖିଥାଏ । ମୂଳ ମନୋଗତତାଟି ସାଧାରଣତଃ ଆଦର୍ଶାକାଙ୍କ୍ଷୀ ହୋଇଥାଏ ଏବଂ ପରପୂର୍ତ୍ତିର ସନ୍ଧାନ କର ବାହାରିଥାଏ । ସୂକ୍ଷ୍ମ ଆତ୍ମା ଅର୍ଥାତ୍ ଦିବ୍ୟିଯୁକ୍ତ ଆତ୍ମା* ସଦାବା ସ୍ୱପ୍ନ ଦେଖିବାରେ ଲଗିଥାଏ । ପରମ ଶାଶ୍ୱତଙ୍କର କୌଣସି ନୂତନ ରୂପର ସନ୍ଧାନ କରୁଥିବାବେଳେ ହେଉ, ଅଥବା ସେହି ପୁରାତନ ରୂପଗୁଡ଼ିକୁହିଁ ପୁନଃପ୍ରାଣଯୁକ୍ତ କରିବାକୁ ଚେଷ୍ଟା କରୁଥିବାବେଳେ ହେଉ, ମନ ପରପୂର୍ଣ୍ଣ ସୌନ୍ଦର୍ଯ୍ୟ, ପରପୂର୍ଣ୍ଣ

---

* ଯିଏ ସ୍ୱପ୍ନରେ ଅବସ୍ଥାନ କରୁଥାଏ, ଅନ୍ତର୍ଗତ ଜୀବରେ ତେତନ ରହିଥାଏ, ଅମୃତ ଜୀବତତ୍ତ୍ୱର ଉପଭୋଗ କରୁଥାଏ ଓ ଦିବ୍ୟିଯୁକ୍ତ ହୋଇ ରହିଥାଏ । —ମାଣ୍ଡୁକ୍ୟ ଉପନିଷଦ୍, ୪

'oaob.nitrkl.ac.in' images reprocessed

ଆଚରଣ ଏବଂ ପରପୂର୍ଣ୍ଣ ସଭ୍ୟରହିଁ ସ୍ୱପ୍ନ ଦେଖିଥାଏ; ଏବଂ ଏହାକୁ ଆମେ ଶୁଦ୍ଧ ମନୋଗତଭାର ମର୍ମଗତ ଧର୍ମ ବୋଲିହିଁ କହିପାରିବା । ମାନ ଜଡ଼ର ପ୍ରତିପ୍ରେଧିକୁ କପର ସମ୍ପୂର୍ଣ୍ଣୀନ ହେବାକୁ ପଡ଼େ, ମନ ସେବସ୍ପସ୍ପରେ କଟୁହେଲେ ଜାଣି ନଥାଏ । ତେଣୁ ସେହି ସ୍ଥିତିରେ ଛାହା ବ୍ୟାହତ ହୋଇ ରହେ, ଅଯୋଗ୍ୟ ବୋଲି ପ୍ରମାଣିତ ହୁଏ; ନାନା ଅସିଦ୍ଧ ପ୍ରସ୍ପୋଗ ଦ୍ୱାର୍ ବାର୍ଯ୍ୟ କରିବାରେ ଲଗିଥାଏ ଏବଂ ପରଶେଷରେ ହୁଏତ ସେହି ଫଟ୍ରାମରୁ ଆପଣାକୁ ଅପସରିଇ ନେବାକୁ ବାଧ ହୁଏ ଅଥବା ଧୂସର ଓ ପାରମ୍ପରିକ ବାସ୍ତବତାଟିକୁ ସ୍ୱୀକାର କରିନେବାକୁହିଁ ବାଧ ହୁଏ । ଅଥବା, ଜଡ଼ସ୍ଥ ଜୀବନର ଗଭୀର ଅଧ୍ୟୟନ କରି ଓ ଫଘର୍ଷର ସମ୍ଭିଗୁଡ଼ିକୁ ମାନିନେଇ ହୁଏତ ସେ ସଫଳତା ବି ଲାଭ କରିପାରେ; ମାନ ଅତ୍ୟନ୍ତ ଅସ୍ଥାସ୍ୱୀ ଜ୍ୱବରେ କେବଳ କୌଣସି କୃତ୍ରିମ ବ୍ୟବସ୍ଥାକୁ ବଳବତ୍ତର ରଖିହିଁ ସେ ଛାହା କରିପାରେ । କିନ୍ତୁ ଅନନ୍ତ ପ୍ରକୃତ ସେହି ବ୍ୟବସ୍ଥାଟିକୁ ମଧ୍ୟ ଶେଷରେ ହୁଏତ ଛିନ୍ନଭିନ୍ନ କରିପକାଏ ଓ ବାଟ ଉପରୁ କାଢ଼ି କଡ଼କୁ ଫିଙ୍ଗିଦିଏ ଅଥବା ସେଇଟିକୁ ଏପର ଜ୍ୱବରେ ବିକୃତ କରିଦିଏ ଯେ ଛାହାକୁ ଚିହ୍ନିପାରିବା ମଧ୍ୟ ବଡ଼ କଠିନ ହୋଇପଡ଼େ; କିଂବା ସେଥିରୁ ଆପଣାର ସ୍ୱୀକୃତିଟିକୁ କାଢ଼ିନେଇ ଛାହାକୁ ଏକ ମୃତ ଆଦର୍ଶର ଶବ ପର ଛାଡ଼ି ଘୂରିଯାଏ । ମନୁଷ୍ୟ ମଧ୍ୟରେ ରହିଥିବା ସ୍ପପ୍ନଦ୍ରଷ୍ଟାର ସେହିସବୁ ଉପଲବ୍ଧି ପ୍ରକୃତରେ ଅତ୍ୟନ୍ତ ବରଳ ଜ୍ୱବରେ ହୋଇଛନ୍ତି ଏବଂ ହୁଏତ ମଝିରେ ଦୀର୍ଘ ବ୍ୟବଧାନ ରଖି ହୋଇଛନ୍ତି, ଯାହାକୁକି ଜଗତ ଆନନ୍ଦର ସହିତ ଗ୍ରହଣ କରିନେଇଛନ୍ତି, ଛାହାକୁ ଆପଣାର ମଧୁର ପୂଜାରେ ସାଇତି ରଖି ପଛକୁ ଦୃଷ୍ଟିପାତ କରିପାରିଛନ୍ତି ଏବଂ ସେଗୁଡ଼ିକର ଉପାଦାନ-ସ୍ତରରେ ସେଗୁଡ଼ିକୁ ସମ୍ଭାର ରଖିବାକୁ ଇଚ୍ଛା କରିଛନ୍ତି ।

ଯେତେବେଳେ ବାସ୍ତବ ଜୀବନ ଏବଂ ବସ୍ତୁରକ ବ୍ୟକ୍ତିର ମନୋଗତ ଜ୍ୱବଦୃଷ୍ଟି ମଧ୍ୟରେ ଏକ ବୃହତ୍ତ ବ୍ୟବଧାନର ସୃଷ୍ଟି ହୋଇଯାଏ, ସେତେବେଳେ ଛାହାର ପରିଣାମସ୍ୱରୂପ ଆମେ ମନ ନିଜକୁ ଜୀବନ ମଧ୍ୟରୁ ଗୋଟାଏପ୍ରକାର ପ୍ରତ୍ୟାହୃତ କରି ନେବାରହିଁ ଦେଖିବାକୁ ପାଇଥାଉ, ଆପଣାର ସ୍ୱଜାସ୍ୱ କ୍ଷେତ୍ରଟିରେ ଅଧିକତର ମୁକ୍ତ ରହି ଆପଣାର କାର୍ଯ୍ୟଟି କରିପାରିବ ବୋଲି ମନ ଏପରି କରୁଥିବାର ଆମେ ଦେଖିବାକୁ ପାଇଥାଉ । ଏହି ପର୍ଯ୍ୟାସ୍ୱରେ କବି ଆପଣାର ତମଳାର ସ୍ୱପ୍ନଦୃଷ୍ଟିଗୁଡ଼ିକରି ଗହ୍ୱଲ ଭିତରେ ବାସ କରିବାକୁ ଲାଗେ, କଳାକାର ଆପଣାର କଳା ମଧ୍ୟରେ ନିମଜ୍ଜିତ ହୋଇ ରହେ, ଆପଣାର ନିଭୃତ ପ୍ରକୋଷ୍ଠଟିରେ ଆପଣାକୁ ଅବରୁଦ୍ଧ କରି ରଖି ଦାର୍ଶନିକ ଆପଣା ବୁଦ୍ଧିର ଯାବତୀସ୍ୱ ସମସ୍ୟାଗୁଡ଼ିକର ସମାଧାନ ଖୋଜିବାରେ ଲାଗିଥାଏ, ବୈଜ୍ଞାନିକ ଅଥବା ଅଧ୍ୟୟନରତ ପଣ୍ଡିତ କେବଳ ଆପଣାର ଅଧ୍ୟୟନ ଏବଂ ପ୍ରସ୍ପୋଗଗୁଡ଼ିକୁ ନେଇହିଁ ବ୍ୟସ୍ତ ହୋଇ ରହିଥାନ୍ତି । ଏମାନେ ଅତୀତରେ ଅନେକ ସମସ୍ୟରେ ଯେପରି ରହିଆସିଥିଲେ, ବର୍ତ୍ତମାନ ମଧ୍ୟ ସେମାନେ ଠିକ୍ ସେହିପରି

'oaob.nitrkl.ac.in' images reprocessed

ଜୀବରେ ବୁଦ୍ଧିକ୍ଷେତ୍ରର ସନ୍ନ୍ୟାସୀ ଜୀବରେ ଜୀବନଯାପନ କରୁଛନ୍ତି । ଏବଂ ମନୁଷ୍ୟ-ସମାଜ ଲାଗି ସେମାନେ ପ୍ରକୃତରେ କ'ଣ କରୁଛନ୍ତି, ମନୁଷ୍ୟର ସମସ୍ତ ଅନ୍ତାଭିମୁଖି ଭାହାର ସାକ୍ଷ୍ୟଭଣ୍ଡାର ହୋଇ ରହିଛୁ ।

ମାନ ଏହିପର ଏକ ଏକାନ୍ତତା ବା ଆପଣାକୁ ଏହିପର ଜୀବରେ ଆପଣା କ୍ଷେତ୍ରରେ ଅପସୃଷ୍ଟ ରଖିବାକୁ କୌଣସି ଏକ ବଶେଷ ନିସ୍ପୃହକତା ଦ୍ୱାରାହିଁ ଔଚତ୍ୟପୂର୍ଣ୍ଣ ବୋଲ ଦର୍ଶାଯାଇଥାଏ । ଯେତେବେଳେ ମନ ଆପଣାକୁ ଜୀବନ ଉପରେ ଏକାଗ୍ର କର ରଖିପାରେ ଓ ଜୀବନର ଯାବତୀୟ ସମ୍ଭାବନା ତଥା ପ୍ରତିବୋଧକୁ ଏକ ବୃହତ୍ତର ଆତ୍ମ-ପରିପୂର୍ଣ୍ଣତାର ସାଧନରୂପେ ଗ୍ରହଣ କର ନେଇପାରେ, ସେତକବେଳେ ଯାଇ ସେ ଆପଣାର ପୂର୍ଣ୍ଣ ଶକ୍ତିକୁ ଆବଷ୍କାର କରପାରିଥିବା ପର ଅନୁଭବ କରେ ଏବଂ ଆପଣାର କାର୍ଯ୍ୟକିକୁ ପୂର୍ଣ୍ଣରୂପେ ତତ୍ପରତାର୍ଥ କରପାରେ । ଏହି ଜଡ଼ଜଗତର ପ୍ରତକ୍ଲଲତାଗୁଡ଼ିକ ସହତ ଫଗ୍ରାମ କରୁ କରୁ ବ୍ୟକ୍ତର ନୈତିକ ବକାଶଟି ଏକ ସୁଦୃଢ଼ ଆକାର ଧାରଣ କରନଏ ଏବଂ ଏହିପର ଜୀବରେହିଁ ଆତ୍ମର ସମ୍ମୁଖୀ ବଡ଼ ବଡ଼ ସମସ୍ୟାସମୂହକର ନମାଂଶ ହୋଇଯାକୁ ଲାଗେ । ଜୀବନର ତଥ୍ୟାବଳୀର ସମ୍ପର୍କରେ ଆସି କଲା ପ୍ରାଣବନ୍ତ ହୋଇଉଠେ, ବସ୍ତୁର ଆପଣାର ଶୁଦ୍ଧ ଧାରଣାଗୁଡ଼ିକୁ ନଶ୍ଚିତ ଜୀବରେ ପ୍ରତିପାଦିତ କର ରଖେ, ଦାର୍ଶନିକର ଉତ୍ତ୍ୱସୂଚି-ଗୁଡ଼ିକ ଆପଣାକୁ ବଜ୍ଞାନ ତଥା ଅଭିଜ୍ଞତାର ଏକ ଦୃଢ଼ଭୂମି ଉପରେ ପ୍ରତିଷ୍ଠିତ କର ରଖନ୍ତି ।

ଜୀବନ ସହତ ଆପଣାକୁ ଏହିପର ମିଶାଇନର ରଖିବାକ୍ଟିକୁ ଅବଶ୍ୟ ବ୍ୟକ୍ତ-ମନର ଉଦ୍ଦେଶ୍ୟସାଧନ ସକାଶେହିଁ ବେଶ୍ ଅନୁସରଣ କରିଯାଇପାରେ; ଅର୍ଥାତ୍ ଏହି ଜଡ଼-ଅସ୍ତିତ୍ୱର ରୂପାସ୍ଥନଗୁଡ଼ିକ ବଷୟରେ ସମ୍ପୂର୍ଣ୍ଣ ଉଦାସୀନ ରହି ବା ସମୂହର ଉତ୍ଥାନ ପ୍ରତ ସମ୍ପୂର୍ଣ୍ଣ ଉଦାସୀନ ରହି ମଧ୍ୟ ଏକଥା ବେଶ୍ କରିଯାଇପାରେ । ଏପିକୁରଅସ୍ଙ୍କର ଦର୍ଶନମତରେ ଆମେ ଏହି ଉଦାସୀନତା ଭା'ର ସଙ୍କୀର୍ଣ୍ଣ ସୀମାରେ ଆସି ପହଞ୍ଚିଥିବାର ଦେଖିବାକୁ ପାଇବା ଏବଂ ଷ୍ଟଇକ୍‌ମାନଙ୍କର ଦର୍ଶନ ମଧ୍ୟ ଆପଣାକୁ ସେଥିରୁ କଦାପି ସମ୍ପୂର୍ଣ୍ଣରୂପେ ମୁକ୍ତ କର ରଖିପାର ନାହିଁ । ଏବଂ ଯାହାକୁ ଆମେ ପରାର୍ଥପରତା ବୋଲ କହିଥାଉ, ସେଇଟି ମଧ୍ୟ ଅଧିକାଂଶତଃ ଆପଣା ଲାଗିହିଁ ଆପଣା କରୁଣାର କାର୍ଯ୍ୟମାନ କରବାକୁ ଆଗଉର ହୋଇ ଆସିଥାଏ ଏବଂ ଯେଉଁ ପୃଥିବୀକିକୁ ଭାହା ସାହାଯ୍ୟ କରବ ବୋଲ କାହାଣିଥାଏ, ଭାହା ଲାଗି ପ୍ରକୃତରେ କିଛୁ କରବ ବୋଲ ଭା' ଭିତରେ ଆଦୌ ସେତେଦୂର ଜୀବନା ନଥାଏ । ମାନ ସେଥିରେ ମଧ୍ୟ କେବଳ ଏକ ଅପୂର୍ଣ୍ଣ ବା ସୀମାବଦ୍ଧ ପରପୂର୍ଣ୍ଣତାହିଁ ପ୍ରାପ୍ତ ହୋଇଥାଏ । ଆପଣା

'oaob.nitrkl.ac.in' images reprocessed

ବର୍ଗର ତଥା ଚରିତାର୍ଥତାର ପ୍ରତିରୂପଟିକୁ ବଦ୍ଧବକ୍ଷେପିତ କରିଦେଇ କିଂବା ସମୁହର ଜଡ଼ଭୂମିଗତ ଜୀବନଟିକୁ ଧର୍ମଗତ, ବୁଦ୍ଧିଗତ, ସାମାଜିକ ବା ବୁଜରୁାତିକ ନାନା ନୂତନ ରୂପରେ ବଦଳାଇ ଦେଇ ପ୍ରଗତିଧର୍ମୀ ମନ ସମୁଦାୟ ସମୁହଟିକୁ ଆପଣାର ନଜ ସ୍ତରଟିକୁ ଉତ୍ତୋଳିତ କରି ଆଣିବା ଲଗି ଚେଷ୍ଟା କରୁଥିବାବେଳେହିଁ ଆପଣାର ସର୍ବଶ୍ରେଷ୍ଠ ତଥା ସର୍ବୋଦାର ପରିଚୟ ଦେଇଥାଏ; ମନୁଷ୍ୟର ଆପଣା ଆତ୍ମାଟି ସତ୍ୟ, ସୌନ୍ଦର୍ଯ୍ୟ, ନ୍ୟାୟ ଏବଂ ଧର୍ମପରାୟଣତାର ଯେଉଁ ଆଦର୍ଶଟି ଦ୍ୱାରା ସ୍ୱୟଂ ଆଲୋକିତ ହୋଇ ରହିଛୁ, ସେହିସବୁ ନୂତନ ରୂପ ଦ୍ୱାରା ସେ ସେହି ଆଦର୍ଶଟିକୁହିଁ ନଜସ୍ତର ଜୀବନରେ ପ୍ରତିସ୍ଥାପିତ କରି ରଖିବା ଲଗି ଇଚ୍ଛା କରୁଥାଏ । ଏପରି ଏକ କ୍ଷେତ୍ରରେ ବିଫଳତା ଆସିଲେ ମଧ୍ୟ ଭିତ୍ତାରୁ ବେଶୀ କିଛୁ ବାଧା ଲାଗେ ନାହିଁ; କାରଣ ଏଠାରେ ଖାସ୍ ଚେଷ୍ଟାଟିହିଁ ଗତିଚଞ୍ଚଳ ଓ ସୃଷ୍ଟିଶୀଳ ହୋଇ ରହିଥାଏ । ଜୀବନର ଉତ୍ଥାନ ଲଗି ମନ ଯେଉଁସବୁ ସଂଗ୍ରାମ କରେ, ଆମେ ତାହାକୁ ମନଠାରୁ ବି ଉଚ୍ଚତର ଏକ ସମ୍ପଦ ଦ୍ୱାରା ଜୀବନ ଉପରେ ବଳପ୍ରୟୋଗ କରିବାର ଏକ ନିର୍ଭର ପ୍ରତିଶ୍ରୁତି ଏବଂ ସତ୍ତା ହୋଇ କହିପାରିବା ।

ସେହି ଉଚ୍ଚତମ ବସ୍ତୁ ଅର୍ଥାତ୍ ଆଧ୍ୟାତ୍ମିକ ଅସ୍ତିତ୍ୱଟି ସନାତନ ଓ ଶାଶ୍ୱତ ସତ୍ତା ସହିତ ଅବଶ୍ୟ ସମ୍ପର୍କ ରଖିଥାଏ, ମାତ୍ର ସେଥିଲଗି ତାହା କ୍ଷଣସ୍ଥ ସତ୍ତାଠାରୁ ଆପଣାକୁ ଆଦୌ ସଂପୂର୍ଣ୍ଣ ଭାବରେ ବିଚ୍ଛିନ୍ନ କରି ରଖି ନଥାଏ । ପରିପୂର୍ଣ୍ଣ ସୌନ୍ଦର୍ଯ୍ୟ ଲଗି ମନ ଯେଉଁ ସୃଷ୍ଟି ଦେଖି ଆସିଥାଏ, ଆଧ୍ୟାତ୍ମିକ ମନୁଷ୍ୟ ତାହାର ଉପରେ ନିର୍ଭରଶୀଳ ହୋଇ ରହି ନଥିବା ଏବଂ ବସ୍ତୁଗତ ଯାବତୀୟ ପ୍ରତିଚ୍ଛବିର ପଛରେ ସମାନ ବ୍ୟାପ୍ତିର ସହିତ ଅବସ୍ଥିତ ରହିଥିବା ଏକ ଚିରନ୍ତନ ପ୍ରେମ, ସୌନ୍ଦର୍ଯ୍ୟ ଓ ଆନନ୍ଦ ମଧ୍ୟରେହିଁ ସେହି ସୃଷ୍ଟିର ଉପଲବ୍ଧି କରିଥାଏ । ପୂର୍ଣ୍ଣ ସତ୍ତା ବସ୍ତୁରେ ତାହାର ସୃଷ୍ଟି ସେହି ସଂକୋଚ, ସ୍ୱସ୍ଥଂସ୍ଥିତି, ସ୍ୱସ୍ଥଂପ୍ରତ୍ୟକ୍ଷ ଏବଂ ସନାତନ ସତ୍ତା ମଧ୍ୟରେହିଁ ଚରିତାର୍ଥ ହୋଇଯାଇଥାଏ, ଯାହାରକ କେବେହେଲେ କୌଣସି ପରିବର୍ତ୍ତନ ହୁଏ ନାହିଁ, ମାତ୍ର ଯାହା ମଧ୍ୟରେ ଯାବତୀୟ ପରିବର୍ତ୍ତନର ବ୍ୟାଖ୍ୟା ନିହିତ ହୋଇ ରହିଥାଏ, ଯାହା ସକଳ ପରିବର୍ତ୍ତନର ରହସ୍ୟ ହୋଇ ରହିଥାଏ ଓ ସକଳ ପ୍ରଗତିର ଧେୟ ହୋଇ ରହିଥାଏ । ପରିପୂର୍ଣ୍ଣ କର୍ମ ବସ୍ତୁରେ ତାହାର ସୃଷ୍ଟି ସେହି ସଂଶକ୍ତିସମ୍ପନ୍ନ ତଥା ସ୍ୱସ୍ଥଂପରିପୂର୍ଣ୍ଣ ପରମ ବିଧାନଟି ମଧ୍ୟରେହିଁ ଆପଣାର ଚରିତାର୍ଥତା ଲାଭ କରେ, ଯାହାକି ସଂକାଳ ଲଗି ସକଳ ବସ୍ତୁ ମଧ୍ୟରେ ନିହିତ ହୋଇ ରହିଥାଏ ଏବଂ ଏହି ସକଳ ଜଗତର ଛନ୍ଦୋମୟତାରୂପେ ଏଠାରେ ଆପଣାକୁ ବ୍ୟକ୍ତ କରିଦେଇଥାଏ । ଦିପ୍ତିମୟ ଆତ୍ମସତ୍ତାଟି ମଧ୍ୟରେ ଆମେ ଯାହାକୁ ସତ୍ତତ ପଳାଇଯିବାକୁ ଗୁମ୍ଫୁଥିବା ଏକ ଦୃଷ୍ଟି ଅଥବା ସୃଜନଶୀଳ ହେବାର ସତତ ଇଚ୍ଛା ବୋଲି କହିଥାଉ, ତାହାକୁ ଆମେ

'oaob.nitrkl.ac.in' images reprocessed

ସେହି ଆତ୍ମସତ୍ତ୍ୱାଟି ମଧ୍ୟରେ ଶାଶ୍ୱତତ୍ୱରେ ଅଧିଷ୍ଠିତ ହୋଇ ରହିଯିବା ଏକ ପରମସତ୍ୟ ବୋଲାଇ ଜାଣିବା, ଯିଏକ ସବୁକଛୁ ଜାଣୁଛନ୍ତି ଏବଂ ସବୁକିଯାକର ପରମ ପ୍ରଭୁ* ହୋଇ ରହିଛନ୍ତି ।

ମାନ, ବଡ଼ ନଶ୍ୱର ଜ୍ୱରରେ ଆପଣାର ଯାହାକିଛୁ ପ୍ରତିବୋଧ ଜଣାଇଥିବା ଏହି ଜଡ଼ସ୍ଥ ଜିଯାସୃଳତାଟି ସହିତ ଆପଣାକୁ ଅନୁକୂଳିତ କରିବା ଯଦି ମନୋମୟ ଜୀବନଟି ସକାଶେ ଅନେକ ସମୟରେ ପ୍ରକୃତରେ କଷ୍ଟକର ହୋଇଉଠୁଛି, ତେବେ ଏହାଭଳି ଏକ ଜଗତ ମଧ୍ୟରେ ବାସ କରିବା ଲାଗି ଆଧ୍ୟାତ୍ମିକ ଅସ୍ତିତ୍ୱକୁ ନ୍ୟାସ୍ୟତଃ ପ୍ରକୃତରେ ତା'ଠାରୁ କେତେ ଅଧିକ କଷ୍ଟକର ବୋଧ ନହେବ ?—ଏହି ଜଗତ, ଯାହାକି ପରମ ସତ୍ୟ ଦ୍ୱାରା ନୁହେଁ, ମାନ ପ୍ରତ୍ୟେକ ପ୍ରକାରର ମିଥ୍ୟା ଓ ମାୟା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ପରି ବୋଧ ହେଉଛି; ପ୍ରେମ ଓ ସୌନ୍ଦର୍ଯ୍ୟ ଦ୍ୱାରା ନୁହେଁ, ମାନ କେବଳ ବଳସ୍ଫୀତ ସ୍ୱାର୍ଥପରତା ଏବଂ ପାପ ଦ୍ୱାରାହିଁ ପୂର୍ଣ୍ଣ ହୋଇ ରହିଥିବା ପରି ପ୍ରତୀତ ହେଉଛି ? ଭେଣ୍ଡ ସନ୍ଥ ଏବଂ ସନ୍ନ୍ୟାସୀ ମଧ୍ୟରେ ରହିଥିବା ଆଧ୍ୟାତ୍ମିକ ଜୀବନ ବଡ଼ ସହଜରେ ଏହି ଜଡ଼ଗତ ଅସ୍ତିତ୍ୱଟି ମଧ୍ୟରୁ ଆପଣାକୁ ପ୍ରତ୍ୟାହୃତ କରି ନେଇଯିବାକୁ ଏବଂ ଦୃଢ଼ତର ସଂପୂର୍ଣ୍ଣତଃ ଭୌତିକ ଜ୍ୱରରେ ଅଥବା ଚଦ୍‌ଗତ ଜ୍ୱରରେ ଏଇଟିକୁ ବର୍ଜନ କରି ଗ୍ରହଣିଯିବାକୁହିଁ ସବଦା ଏକ ପ୍ରବୃତ୍ତି ଦେଖାଇବାରେ ଲାଗିଛି । ଏହି ପୃଥିବୀକୁ ସେ ପାପର ଅଥବା ଅଜ୍ଞାନରହିଁ ଏକ ମୂର୍ତ୍ତିମନ୍ତ ରାଜ୍ୟ ବୋଲି ପ୍ରତ୍ୟକ୍ଷ କରୁଛି ଏବଂ ଶାଶ୍ୱତ ତଥା ଦିବ୍ୟକୁ ଦୃଢ଼ତର ଏହି ପୃଥିବୀଠାରୁ ବହୁଦୂରରେ ଅବସ୍ଥିତ ଏକ ସ୍ୱର୍ଗ ଅର୍ଥାତ୍ ପୃଥିବୀ ଏବଂ ଜୀବନର ବାହାରେ ଥିବା ଆଉ କେଉଁଠି ପ୍ରତ୍ୟକ୍ଷ କରିବାରେ ଲାଗିଛି । ସେ ଆପଣାକୁ ଏହି ଅଶୁଦ୍ଧତାଟିଠାରୁ ଦୂରଛଡ଼ା ଓ ଅଲଗା କରି ରଖିଛି, ଏବଂ ଏକ ଜଳଙ୍କଶୂନ୍ୟ ବଚ୍ଛିନ୍ନଭାରେହିଁ ଅଧ୍ୟାତ୍ମ ସତ୍ୟର ଉଦ୍‌ଘୋଷଣା କରିବାରେ ଲାଗିଛି । ଏହି ବର୍ଜନ ଓ ଏହି ପ୍ରତ୍ୟାହାର ଏହାଦ୍ୱାରା ଜଡ଼ଗତ ଜୀବନର ପ୍ରକୃତରେ ଏକ ଅମୂଲ୍ୟ ସେବା କରୁଛି; କାରଣ ଏହି ଜଡ଼ଗତ ଜୀବନର ଯାବତୀୟ କ୍ଷୁଦ୍ର ଆଦର୍ଶ, ରୁଚ୍ଛି ଓ କଦାକାର ସକଳ ବ୍ୟସ୍ତତା ଏବଂ ଅହଂଫଳିତ ଆତ୍ମସନ୍ତୋଷକୁ ଯାହା ପ୍ରକୃତରେ ସିଧା ଖଣ୍ଡନ କରି ରଖିଛି, ଏହା ପ୍ରକୃତରେ ତାକୁ ତାହାକୁହିଁ ସ୍ୱୀକାର କରିବା ଲାଗି ଏବଂ ଏପରକି ତା' ଆଗରେ ଆପଣାର ମସ୍ତକନତ କରିବା ପାଇଁ ବାଧ କରି ରଖିଛି ।

---

* ସେହି ପରମ ଏକତ୍ୱବଦ୍ଧ ସତ୍ତା, ଯାହାଙ୍କ ମଧ୍ୟରେ ଚେତନାମୟ ଜ୍ଞବନ୍ତ ଏକାଗ୍ର ହୋଇ ରହିଛି, ସକଳ ଅନନ୍ତରୂପେ ଯିଏ ଅନନ୍ତର ସ୍ରଷ୍ଟା ହୋଇ ରହିଛନ୍ତି, ସେହି ପରମ-ପ୍ରଜ୍ଞାମୟ·····ସେହି ଦେବତାଙ୍କ ସବୁଟିଯାକର ପ୍ରଭୁ, ସର୍ବଜ୍ଞତା ଓ ଅନ୍ତର ଭିତରେ ସେଇ ବାଟ ଦେଖାଇ ନେଉଛନ୍ତି ।—ମାଣ୍ଡୁକ୍ୟ ଉପନିଷଦ୍, ୫, ୬

'oaob.nitrkl.ac.in' images reprocessed

ମାତ୍ର ଆଧ୍ୟାତ୍ମିକ ଶକ୍ତି ଭଳି ଏତେବଡ଼ ଏକ ପରମ ଶକ୍ତିର ବଶ୍ୱଗତ କାର୍ଯ୍ୟଟିକୁ କଦାପି ଏଡକ ମଧ୍ୟରେହିଁ ସୀମାବଦ୍ଧ କଣ ରଖାଯାଇ ପାରିବ ନାହିଁ । ଆଧ୍ୟାତ୍ମିକ ଜୀବନ ଏହି ଭୌତିକଟି ଉପରକୁ ମଧ୍ୟ ବାହୁଡ଼ି ଆସିପାରିବ ଏବଂ ତାହାକୁ ଆପଣାର ବୃହତ୍ତର ଚରିତାର୍ଥତାରେ ମଧ୍ୟ କାର୍ଯ୍ୟରେ ଲଗାଇ ପାରିବ । ଏହି ଜଡ଼ଭୂମିର ସକଳ ଦ୍ୱୈତତା ଓ ପ୍ରାତିସ୍ୱିକତା ଦ୍ୱାରା ଅନ୍ଧ ହୋଇ ରହିବାକୁ ଅସ୍ୱୀକାର କଣ ତାହା ଯେକୌଣସି ଯାବତୀୟ ପ୍ରାତିସ୍ୱିକତାରେ ମଧ୍ୟ ସେହି ଏକ ପରମ ପ୍ରଭୁଙ୍କର, ଅର୍ଥାତ୍ ସେହି ଗୋଟିଏ ଶାଶ୍ୱତ ପରମ ସତ୍ୟ, ପରମ ସୌନ୍ଦର୍ଯ୍ୟ, ପରମ ପ୍ରେମ ତଥା ପରମ ଆନନ୍ଦର ଅବଶ୍ୟ ସନ୍ଧାନ କରିପାରିବ । ପରମ ଆତ୍ମସତ୍ତା ସକଳ ବସ୍ତୁରେ ଅଛନ୍ତି, ସକଳ ବସ୍ତୁ ପରମ ଆତ୍ମସତ୍ତାଙ୍କ ମଧ୍ୟରେ ଅଛି ଓ ସକଳ ବସ୍ତୁ ସେହି ପରମ ଆତ୍ମସତ୍ତାଙ୍କ ସମ୍ଭୂତରୂପେହିଁ ବର୍ତ୍ତମାନ ରହିଛି ବୋଲି ବେଦାନ୍ତରେ ଯେଉଁ ସୃଷ୍ଟିକୁ ଦେଖାଇ ବୁଝାଯାଇଛି, ଆମେ ତାହାକୁହିଁ ଏହି ସମ୍ଭିନ୍ନତର ଓ ସର୍ବଗ୍ରାସୀ ଯୋଗ ମଧ୍ୟରେ ପ୍ରବେଶ କରିବାର ସୁବକାଠି ବୋଲି ଜାଣି ରଖିବା ।

ମାତ୍ର ତଥାପି ଏପରି ମଧ୍ୟ ହୋଇପାରେ ଯେ ମନୋଗତ ଜୀବନଟି ପରି ଆଧ୍ୟାତ୍ମିକ ଜୀବନ ମଧ୍ୟ କେବଳ ବ୍ୟକ୍ତିର ବୃଦ୍ଧସାଧନ ଲଗିଥିବ ବହିଃସ୍ଥ ଏହି ଅସ୍ତିତ୍ୱଟିକୁ କାର୍ଯ୍ୟରେ ଲଗାଇପାରେ ଏବଂ ଆପଣା ଦ୍ୱାରା ବ୍ୟବହୃତ ହେଉଥିବା ଏହି ଜଗତଟିକୁ କେବଳ ଏକ ପ୍ରତ୍ୟକରୂପେ ଦେଖି ତାହାର କୌଣସିପ୍ରକାର ସାମୂହିକ ଉତ୍ତୋଳନ ବା ଉତ୍ଥାନ ସକାଶେ ସଂପୂର୍ଣ୍ଣ ଉଦାସୀନ ହୋଇ ରହିପାରେ । ଯେହେତୁ ପରମ ଶାଶ୍ୱତ ସତ୍ତା ସର୍ବତ୍ରଦନ ସକାଶେ ସକଳ ବସ୍ତୁରେ ସମାନ ହୋଇ ରହିଛନ୍ତି ଏବଂ ସକଳ ବସ୍ତୁ ମଧ୍ୟ ପରମ ଶାଶ୍ୱତଙ୍କ ଲାଗି ସର୍ବଦା ସମାନ ହୋଇ ରହିଛି, ଯେହେତୁ ସେହି ଗୋଟିଏ ମହାନ୍ ଉପଲବ୍ଧିକୁ ଆପଣା ମଧ୍ୟରେ କାର୍ଯ୍ୟକାରୀ କରିପାରିବାର ତୁଲନାରେ ପ୍ରକୃତରେ କଭଳ ସାଉଁରେ ସେଇଟି କାର୍ଯ୍ୟକାରୀ ହେଉଛି ଓ ସେଥିରୁ ପ୍ରକୃତରେ କେଉଁ ଫଳଟି ମିଳୁଛି, ତାହାର କାର୍ଯ୍ୟତଃ ଆଦୌ କୌଣସି ମହତ୍ତ୍ୱ ନାହିଁ, ତେଣୁ ଏହିପ୍ରକାର ଆଧ୍ୟାତ୍ମିକ ଉପଲବ୍ଧିଟି ଯେକୌଣସି ପରିବେଶ ଓ ଯେକୌଣସି ଜିନିଷକୁ ମଧ୍ୟ ସଂପୂର୍ଣ୍ଣ ଜଗତ୍ସତ୍ତ୍ୱ ଭାବରେ ସ୍ୱୀକାର କଣ ନେଇଥାଏ ଏବଂ ଆପଣାର ସର୍ବୋଚ୍ଚ ଲକ୍ଷ୍ୟଟି ଉପଲବ୍ଧି ହୋଇଯିବା ସଙ୍ଗେ ସଙ୍ଗେ ଏଠୁ ଅବସର ଗ୍ରହଣ କରିବା ଲଗି ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଥାଏ । ଅନେକେ ଗୀତାର ଆଦର୍ଶଟିକୁ ଅବଜ୍ଞାକଲ ପ୍ରାସ୍ତ ଏହିପର ଭାବରେହିଁ ବୁଝିଇଛନ୍ତି । ଅଥବା, ସେମାନେ ଏପରି ମଧ୍ୟ ବଖ୍ୟର କରିଥାନ୍ତି ଯେ ଅନ୍ତର ମଧ୍ୟରେ ଉପଲବ୍ଧି ହୋଇଥିବା ପ୍ରେମ ଓ ଆନନ୍ଦ ଆପଣାକୁ ନାନାଏଡ ନାନା ଉତ୍ତମ କାର୍ଯ୍ୟ, ସେବା ଓ କରୁଣାରୂପେ ଏହି ସଂସାର ଉପରେ ଆଣି ଅଜାଡ଼ି ଦେଇପାରନ୍ତି, ଅନ୍ତର୍ଗତ ସେହି ପରମସତ୍ତାଟିଟି ମଧ୍ୟ ଜ୍ଞାନରୂପେ ଆପଣାକୁ ବଜ୍ଞରତ କରିଦେଇ ପାରେ; ଏବଂ ତେଣୁ ଏହି ପୃଥିବୀର କୌଣସି

'oaob.nitrkl.ac.in' images reprocessed

ରୂପାନ୍ତର ଘଟାଇବା ଲାଗି ଚେଷ୍ଟା କରିବାକୁ ମଧ୍ୟ ଆଦୌ କୌଣସି ଅବକାଶ ରହିବାର ପ୍ରଶ୍ନ ଉଠେ ନାହିଁ; ଆପଣାର ଅଚ୍ଛେଦ୍ୟ ସ୍ୱଭାବଟିର ବଶବର୍ତ୍ତୀ ହୋଇ ପୃଥିବୀ ଅବଶ୍ୟମ୍ଭାବୀ ଭାବରେ ଏହିସବୁ ନାନା ଦ୍ୱୈତଭାବ ଓ ଦ୍ୱନ୍ଦ୍ୱର ନଭ୍ୟରଙ୍ଗକ୍ଷେତ୍ର ହୋଇ ରହିଥାଏ; ପାପ ଏବଂ ପୁଣ୍ୟ, ସତ୍ୟ ଏବଂ ମିଥ୍ୟା ତଥା ସୁଖ ଏବଂ ଦୁଃଖଜନିତ ଦ୍ୱନ୍ଦ୍ୱରହିଁ ରଣକ୍ଷେତ୍ର ହୋଇ ରହିଥାଏ ।

ମାନ୍ର ଯଦି ପ୍ରଗତି ଏହି ଜାଗତିକ ଅସ୍ତିତ୍ୱର ମଧ୍ୟ ଏକ ଅନ୍ୟତମ ପ୍ରଧାନ ଭୂମି ହୋଇ ରହିଥାଏ ଏବଂ ପରମ ଦିବ୍ୟତାର ଏକ ନମାଗ୍ରେସ୍ସ ଅଭିବ୍ୟକ୍ତି ଏହି ପ୍ରକୃତିର ପ୍ରକୃତ ତାତ୍ପର୍ଯ୍ୟ ହୋଇ ରହିଥାଏ, ତେବେ ଏହି ସୀମାବଦ୍ଧତାଟିରେ ମଧ୍ୟ ପ୍ରକୃତିରେ ଆଜି କୌଣସି ଯଥାର୍ଥତା ରହିବ ନାହିଁ । ଏହି ପୃଥିବୀସ୍ଥ ଆଧ୍ୟାତ୍ମିକ ଜୀବନ ଆପଣାର ଆଦର୍ଶ କଳ୍ପନାଟି ଅନୁସାରେ ଜଡ଼ସ୍ଥ ଜୀବନଟିକୁ ମଧ୍ୟ ଅବଶ୍ୟ ବଦଳାଇ ଦେଇ ପାରିବ, ସେହି ପରମ ଦିବ୍ୟତାର ପ୍ରତିରୂପଟି ଅନୁସାରେ ତାହାକୁ ବଦଳାଇ ଦେଇ ପାରିବ; ଏହା ନଶ୍ୱର ସମ୍ଭବ ଓ ତାହାହିଁ ତା'ର ପ୍ରକୃତ ଲକ୍ଷ୍ୟ । ତେଣୁ, କେବଳ ଆପଣାରହିଁ ମୋକ୍ଷ ଓ ମୁକ୍ତି ଲୋଡ଼ିଥିବା ଏବଂ ତାହାର ଉପଲବ୍ଧି କରିଥିବା ସେହି ମହାନ୍ ଏକାନ୍ତବାସୀ ଯୋଗୀମାନଙ୍କୁ ଗୁଡ଼ିଦେଲେ ଆମ ଆଗରେ ଅଧ୍ୟାତ୍ମ ମାର୍ଗର ଏଭଳି ଗୁରୁମାନଙ୍କର ମଧ୍ୟ ନଦର୍ଶନ ରହିଛି, ଯେଉଁମାନେକ ଅନ୍ୟମାନଙ୍କୁ ମଧ୍ୟ ବିମୁକ୍ତ କରିଛନ୍ତି; ଏବଂ ସବୋପରି ଏଭଳି ମହାନ୍ ଗତିଦ୍ୟୋତକ କେତେକେତେ ଆତ୍ମାଙ୍କର ନଦର୍ଶନ ରହିଛି, ଯେଉଁମାନେକ ଆପଣାର ଅଧ୍ୟାତ୍ମ ଶକ୍ତିରେ ଭୌତିକ ଜଗତର ଏକତ୍ରୀକୃତ ସକଳ ଶକ୍ତିରୁ ଆପଣାକୁ ଅଧିକ ବଳବାନ୍ ବୋଲି ଅନୁଭବ କରିଛନ୍ତି, ଆପଣାକୁ ଆଣି ଏହି ଜଗତ ଉପରେ ନକ୍ଷିପ୍ତ କରି ଦେଇଛନ୍ତି, ଏକ ସପ୍ରେମ ବଳ-ପ୍ରୟୋଗରେ ତାହାର ସମ୍ମୁଖୀନ ହୋଇଛନ୍ତି ଏବଂ ତାହାର ଆପଣା ରୂପାନ୍ତରଟି ଲାଗି ସେ ଯେପରି ସମ୍ମତ ଦେବ, ସେଥିଲାଗି ତାକୁ ବାଧ୍ୟ କରିବା ଲାଗି ପ୍ରସ୍ତାବ କରିଛନ୍ତି । ସାଧାରଣତଃ ମନୁଷ୍ୟସମାଜରେ ଏକ ମାନସିକ ଏବଂ ନୈତିକ ପରିବର୍ତ୍ତନ ଆଣିବାରେହିଁ ଏହି ପ୍ରସ୍ତାବଟି ଆପଣାକୁ ସୀମିତ ବା କେନ୍ଦ୍ରିତ କରି ରଖିଛି, ମାନ୍ର ଏହି ପ୍ରସ୍ତାବଟିକୁ ଆହୁରି ପ୍ରସାରିତ କରିଦେଇ ଆମ ଜୀବନର ଗଢ଼ଣ ଏବଂ ଏହାର ଅନୁଷ୍ଠାନ-ଗୁଡ଼ିକୁ ମଧ୍ୟ ଏକ ପରିବର୍ତ୍ତିତ ରୂପ ଦେବାର ଚେଷ୍ଟାଟି ବେଶ୍ ଆରମ୍ଭ ହୋଇପାରେ, ଯାହାଦ୍ୱାରାକ ସେଗୁଡ଼ିକ ମଧ୍ୟ ଆମ ଭିତରକୁ ଅଳାଡ଼ି ହୋଇ ଆସୁଥିବା ସେହି ପରମ ତତ୍ତ୍ୱଗତତାଟି ଲାଗି ଏକ ଅଧିକ ଉପଯୁକ୍ତ ଆଧାରରେ ପରିଣତ ହୋଇପାରିବେ । ମନୁଷ୍ୟାଦର୍ଶର ଉତ୍ତରୋତ୍ତର ବିକାଶରେ ଏହିସବୁ ପ୍ରସ୍ତାବହିଁ ସଚ୍ଚୋଟ ମାର୍ଗସଙ୍କେତ ହୋଇ ରହି ଆସିଛନ୍ତି, ମନୁଷ୍ୟସମୂହର ଦିବ୍ୟ ପ୍ରସ୍ତୁତିରେ ମଧ୍ୟ ସବୋତ୍ତମ ଉପଲବ୍ଧି ବନ୍ଦ ହୋଇ ରହି ଆସିଛନ୍ତି । ସେଗୁଡ଼ିକର ବାହ୍ୟ ପରିଣାମ ଯେଉଁଠି ଯାହା ହୋଇଥାଉ ପଛକେ, ସେହି ପ୍ରତ୍ୟେକଟି ପ୍ରସ୍ତାବ ପୃଥିବୀକୁ ସ୍ୱର୍ଗୀୟ ଜୀବନର ଅଧିକ

'oaob.nitrkl.ac.in' images reprocessed

ସମର୍ଥ କରି ଉଆର କରି ପାରିଛନ୍ତି ଏବଂ ଏହାର ମନ୍ଥର ଗତିପଥଗୁଡ଼ିକରେ ପ୍ରକୃତିର ବିବର୍ତ୍ତନ-ଯୋଗଟିକୁ ଅଧିକ ତ୍ୱରାନ୍ୱିତ କରି ଦେଇଛନ୍ତି ।

ଖ୍ରୀଷ୍ଟଜନ୍ମର ପ୍ରାୟ ଗତ ଏକ ହଜାର ବା ତତୋଽଧିକ ବର୍ଷ ହେଲା ଅଧ୍ୟାତ୍ମଗତ ତଥା ଭୌତିକ ଜୀବନ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ଗତି କରିଛନ୍ତି ଏବଂ ବିକାଶଶୀଳ ମନକୁ ଆପଣା ଭିତରୁ ବହିଷ୍କୃତ କରି ରଖିଛନ୍ତି । ସାଙ୍ଗଜୀବନ ପ୍ରଗତିର ପ୍ରସ୍ୱାସଟିକୁ ପ୍ରତ୍ୟାଖ୍ୟାତ କରି ରଖି ଆଧ୍ୟାତ୍ମିକତା ଆପଣା ଲାଗି ଜଡ଼ ସହିତ ଏକ ସାଲଣ୍ କରି ରହିଛି । ଆପଣାକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ବୋଲି ଦେଖାଇ ପାରିବାକୁ ଯେଉଁମାନେ କୌଣସି ବିଶେଷ ପ୍ରଥାକ ଧାରଣ କରିଛନ୍ତି, ଉଦାହରଣସ୍ୱରୂପ ସନ୍ନ୍ୟାସୀର ପରିଚ୍ଛଦ ପରିଧାନ କରିଛନ୍ତି, ଏହି ଆଧ୍ୟାତ୍ମିକତା ସେମାନଙ୍କ ସକାଶେ ସମାଜଠାରୁ ମୁକ୍ତ ଆଧ୍ୟାତ୍ମିକ ବିକାଶର ଅଧିକାରଟିକୁ ସଞ୍ଚୟ କରାଇ ଆଣିଛି, ସେହି ଜୀବନଟିକୁ ମନୁଷ୍ୟର ଧ୍ୟେୟରୂପେ ସ୍ୱୀକୃତ କରାଇ ଆଣିଛି ଏବଂ ସେହିପରି ଏକ ଜୀବନ ଯାପନ କରୁଥିବା ବ୍ୟକ୍ତିମାନଙ୍କୁ ପୂର୍ଣ୍ଣ ସମ୍ମାନର ଯୋଗ୍ୟ ବୋଲି ମଧ୍ୟ ସ୍ୱୀକୃତ କରାଇ ନେଇଛି । ଏବଂ ସମାଜଟିକୁ ମଧ୍ୟ ଏପରି ଏକ ଧର୍ମଭାବମୟ ଗ୍ରୁଞ୍ଚ ଭିତରେ ଆଣି ପକାଇ ଦେଇଛି ଯେ ଏହି ସମାଜର ସବୁଠାରୁ ଅଧିକ ଫଟ୍ଟାରଗତ କାର୍ଯ୍ୟଗୁଡ଼ିକ ସହିତ ମଧ୍ୟ ଜୀବନ ଏବଂ ତାହାର ସର୍ବଶେଷ ଲକ୍ଷ୍ୟର ଏକ ଆଧ୍ୟାତ୍ମିକ ସମନ୍ୱୟ ବା ପ୍ରଥାକ ଯୋଡ଼ି ହୋଇ ରହିଛି, ଯାହାଫଳରେକି ସମାଜ ସର୍ବଦା ତାହାର ସ୍ମରଣ କରିବା ଲାଗି ସମର୍ଥ ହେଉଛି । ଏବଂ ଅନ୍ୟ ଦିଗରେ ସମାଜକୁ ମଧ୍ୟ ଜଡ଼ତାକୁ ଅବଲମ୍ବନ କରି ନିଶ୍ଚଳ ଭାବରେ ଆତ୍ମ-ସଂରକ୍ଷଣ କରିବାର ତା'ର ଅଧିକାରଟି ପ୍ରଦତ୍ତ ହୋଇ ରହିଛି । ଏହିସବୁ ସାଲଣ୍ ଫଳରେ ସମ୍ପୃକ୍ତ ଭୂମିଗୁଡ଼ିକର ମୂଲ୍ୟ ଅନେକ ପରିମାଣରେ ହ୍ରାସ ହୋଇ ଯାଇଛି । କାରଣ ଧର୍ମର ଗ୍ରୁଞ୍ଚଟି ସୁନିର୍ଦ୍ଦିଷ୍ଟ ଓ ଅପରିବର୍ତ୍ତନୀୟ ହୋଇ ରହିଥିବା ହେତୁ ତାହାର ଔପଗ୍ରହିକ ସ୍ମରଣ ମଧ୍ୟ ଶେଷେ କେବଳ ଏକ ନିର୍ଜୀବ ରୁଟିନ୍‌ରେ ପରିଣତ ହୋଇଯିବାର ପ୍ରବୃତ୍ତି ଦେଖାଇଛି ଏବଂ ଆପଣାର ଜୀବନଶୀଳ ବୋଧଟିକୁ ହରାଇ ବସିଛି । କେତେକେତେ ନୂତନ ସମ୍ପ୍ରଦାୟ ଓ ନୂତନ ଧର୍ମମତ ଆସି ଏହି ଗ୍ରୁଞ୍ଚଟିରେ କୌଣସି ନା କୌଣସି ପରିବର୍ତ୍ତନ ଆଣିବା ଲାଗି ଅନବରତ ଚେଷ୍ଟା କରିଛନ୍ତି, ମାତ୍ର ସେମାନଙ୍କର ଯାବତୀୟ ଚେଷ୍ଟା ଶେଷରେ କେବଳ ଏକ ନୂତନ ରୁଟିନ୍‌ର ପ୍ରବର୍ତ୍ତନରେହିଁ ଆସିରହିଛି ଅଥବା ସେହି ପୁରାତନ ରୁଟିନ୍‌ରେ ଏଠିସେଠି କଞ୍ଚିତ୍ ମାଠିମୁଠି ଦେଇ ତାହାକୁହିଁ ନୂଆ ବୋଲି ଚଳାଇ ଦେଇଛି । କାରଣ ଏହି ସକଳ ପ୍ରୟାସ ମଧ୍ୟରୁ ମୁକ୍ତ ଓ ଜିଜ୍ଞାସୀଳ ମାନସର ସେହି ଉଦ୍ଧାରକାରୀ ଉପାଦାନଟି କେବଳ ନଦାସିତହିଁ ହୋଇ ରହିଛି । ଏବଂ ଛେଣ୍ଡେ ଜଡ଼ ବା ଭୌତିକ ଭୂମିର ଜୀବନଟିକୁ ଅଜ୍ଞାନ ଭାବରେ ଅର୍ଥାତ୍ ସେହି ଉଦ୍ଦେଶ୍ୟହୀନ ଓ ଅଶେଷ ଦ୍ୱୈତବୃତ୍ତିଟି ଭାବରେ ଆଣି ସମର୍ପି ଦିଆଯାଇଛି ଏବଂ

'oaob.nitrkl.ac.in' images reprocessed

ତାହା ହମେ ଏପର ଏକ ଅଚଞ୍ଚଳାନ୍ତ ଓ ଦୁଃଖଦାସ୍ପଦ ପୁଆଳ ହୋଇ ରହୁଛୁ, ସାହାକୁ ଆପଣା କାନ୍ଧରୁ ଫୋପାଡ଼ି ଦେଇ ପଳାଇବାହିଁ ନଷ୍ଟତର ଏକମାତ୍ର ଉପାସ୍ତ ହୋଇ ରହୁଛୁ ।

ଖ୍ରୀଷ୍ଟାସ୍ତ ଯୋଗର ମାର୍ଗଗୁଡ଼ିକ ମଧ୍ୟ ଏହି ସାଲଶ୍ଟି ସହିତ ଆପଣାର ସମର୍ଥନଟିକୁ ଯୋଡ଼ି ରଖିଥିଲେ । ବ୍ୟକ୍ତର ପୂର୍ଣ୍ଣତା ବା ବ୍ୟକ୍ତର ମୁକ୍ତକୁହିଁ ଚରମ ଲକ୍ଷ୍ୟରୂପେ ସ୍ୱୀକାର କରିଯାଇଥିଲା, ଜଗତର ସାଧାରଣ ଜିସ୍ତାସୂତ୍ରକତାଗୁଡ଼ିକରୁ କୌଣସି ନା କୌଣସି ପ୍ରକାରେ ବଚ୍ଛିନ୍ନ ହୋଇ ରହିବାକୁ ସତ୍ତି ବୋଲି ମନ ନଆଗଲା ଏବଂ ଜୀବନର ପ୍ରତ୍ୟାଖ୍ୟାନକୁ ଚରମ ଚରିତାର୍ଥତା ବୋଲି ଘୋଷଣା କରିଯାଇଥିଲା । ଗୁରୁ ଆପଣାର କେବଳ ଏକ କ୍ଷୁଦ୍ର ଶିଷ୍ୟମଣ୍ଡଳୀକୁହିଁ ଆପଣାର ଜ୍ଞାନଟିକୁ ଦେଇଥିଲେ । ଅଥବା, ଏକ ଅଧିକ ପରିବ୍ୟାପ୍ତିଯୁକ୍ତ ଆନ୍ଦୋଳନ ଲାଗି ପ୍ରୟାସ କରିଗଲେ ମଧ୍ୟ ତଥାପି ବ୍ୟକ୍ତର ପରିତାଣ ଓ ମୁକ୍ତହିଁ ଲକ୍ଷ୍ୟ ହୋଇ ରହିଥିଲା । ଏକ ଅଚଳ ସମାଜଟି ସହିତ ଏହିପର ଭାବରେ ଯେଉଁ ସାଲଶ୍ ବା ଚୁକ୍ତି ହୋଇ ରହିଥିଲା, ଅଧିକାଂଶତଃ ତାହାର ପାଳନ କରିଯାଇଥିଲା ।

ତତ୍କାଳୀନ ପୃଥିବୀର ବାସ୍ତବ ସ୍ଥିତିରେ ଏହି ସାଲଶ୍ଟିର ଯେ ଅବଶ୍ୟ ଏକ ପ୍ରୟୋଜନ ରହିଥିଲା, ସେଥିରେ ଆଦୌ କୌଣସି ସଂଶୟ ନାହିଁ । ଖ୍ରୀଷ୍ଟଜବର୍ଷରେ ତାହା ଏପର ଏକ ସମାଜକୁ ଦୃଢ଼ଭାବରେ ସ୍ଥାପନ କର ରଖିପାରିଲା ଯାହାକ ଆଧ୍ୟାତ୍ମିକତାର ସଂରକ୍ଷଣ ତଥା ଆଧ୍ୟାତ୍ମିକତାର ଉପାସନା ଲାଗି ପ୍ରକୃତରେ ସହାୟକ ହୋଇ ରହିଲା; ଖ୍ରୀଷ୍ଟଜବର୍ଷ ଏପର ଏକ ଦେଶ ହୋଇ ରହିଲା, ଯେଉଁଠାରେକ ସତ୍ତେଅବା ଗୋଟିଏ ଦୁର୍ଗ ପର ଉଚ୍ଚତମ ଆଧ୍ୟାତ୍ମିକ ଆଦର୍ଶଟି ଆପଣାର ପୂର୍ଣ୍ଣତମ ବିଶୁଦ୍ଧତା ସହିତ ଆପଣାକୁ ବଜାୟ ରଖିପାରିଲା ଓ ଆପଣାର ଚତୁଷ୍ପାର୍ଶ୍ୱରେ ରହିଥିବା ଅନ୍ୟ କୌଣସି ଶତ୍ରୁର ଅବରୋଧ ଦ୍ୱାରା କଦାପି ପରାହତ ହେଲା ନାହିଁ । ମାତ୍ର ଏହା କେବଳ ଏକ ସାଲଶ୍ହିଁ ହୋଇ ରହିଥିଲା, ଏକ ପୂର୍ଣ୍ଣ ବଜୟ ନଥିଲା । ଭୌତିକ ଜୀବନ ଭିତରୁ ଅଭିବୃଦ୍ଧି ଲାଭ କରିବାର ଦିବ୍ୟ ଉତ୍ପ୍ରେରଣାଟି ହମେ ଅପହୃତ ହୋଇ ରହିଲା; ଆପଣାକୁ ବଚ୍ଛିନ୍ନ କର ରଖିବା ଦ୍ୱାରା ଆଧ୍ୟାତ୍ମିକ ଜୀବନ ଆପଣାର ଇଚ୍ଛା ଏବଂ ଶୁଦ୍ଧତାଟିକୁ ବେଶ୍ ସୁରକ୍ଷିତ ରଖିପାରିଲା ସତ, ମାତ୍ର ଆପଣାର ସମଗ୍ର ଶକ୍ତିକୁ ହରାଇ ବସିଲା ଓ ଫଳତଃ ଜୀବନର କୌଣସି ପ୍ରକାର କାର୍ଯ୍ୟରେ ଲାଗି ପାରିବାର ସମ୍ଭାବନାଟିକୁ ମଧ୍ୟ ହରାଇ ବସିଲା । ଶେଷ ଏହିପର ଏକ ଦିବ୍ୟ ଭବିତବ୍ୟତା ମଧ୍ୟରେ ଯୋଗୀ ଏବଂ ସନ୍ନ୍ୟାସୀମାନଙ୍କର ଏହି ଦେଶଟି ଆପେ ବର୍ଜନ କର ରଖିଥିବା ଖାସ୍ ସେହି ଉପାଦାନଟି ସହିତହିଁ ଏକ ଦୃଢ଼ ଏବଂ ଅନବାର୍ଯ୍ୟ ସମ୍ବନ୍ଧରେ ବାନ୍ଧି

'oaob.nitrkl.ac.in' images reprocessed

ହୋଇ ରହିବାକୁ ବାଧ ହେଲା; ଅର୍ଥାତ୍, ଆପଣାଠାରେ ଯେଉଁ ବସ୍ତୁଟିର ଅଭାବ ରହିଯାଇଥିଲା, ତାହାକୁ ପୁନର୍ଲାଭ କରିବାର ଆଶାରେ ସେ ବିକାଶଶୀଳ ମନର ଉପାଦାନଟି ସହିତ ଆପଣାକୁ ବାନ୍ଧି ରଖିବାକୁ ବାଧ ହେଲା ।

ଆମକୁ ଆଉଥରେ ଏହି ସତ୍ୟଟିକୁ ସ୍ୱୀକାର କରିବାକୁ ପଡ଼ିବ ଯେ ବ୍ୟକ୍ତି କେବଳ ଆପଣାର ଆତ୍ମଚେତନଟି ମଧ୍ୟରେହିଁ ଆପଣାର ଅସ୍ତିତ୍ୱଟିକୁ ଧାରଣ କରି ରହି ନଥାଏ, ସେ ସମୁହଟି ଭିତରେ ମଧ୍ୟ ଆପଣାର ଜୀବନ ବଞ୍ଚେ ଓ ଚେଣ୍ଟୁ କେବଳ ବ୍ୟକ୍ତିର ପୂର୍ଣ୍ଣତାଲାଭ ଓ ମୁକ୍ତିକୁ କଦାପି ଏହି ଜଗତରେ କାର୍ଯ୍ୟ କରୁଥିବା ଭଗବତ୍ ଅଭିପ୍ରାୟର ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟ ବୋଲି କୁହାଯାଇ ପାରିବ ନାହିଁ । ଆମେ ପ୍ରତ୍ୟେକେ ଯେ ଆପଣାର ସ୍ୱାଧୀନତାଟିକୁ ପୂର୍ଣ୍ଣମୁକ୍ତ ଭାବରେ କାମରେ ଲଗାଇ ପାରିବା, ତାହା ମଧ୍ୟରେ ଅନ୍ୟମାନଙ୍କର ଇଚ୍ଛା ସମସ୍ତ ମନୁଷ୍ୟଜାତିର ମୁକ୍ତଟି ମଧ୍ୟ ସର୍ବଦା ଅନ୍ତର୍ଭୁକ୍ତ ହୋଇ ରହିଛି । ତେଣୁ, ଆମ ଆପଣା ଭିତରେ ଦିବ୍ୟ ପ୍ରତିକଟିକୁ ଉପଲବ୍ଧି କରିପାରିବା ପରେ ସେଇଟିକୁ ଅନ୍ୟମାନଙ୍କ ଭିତରେ ବି ସଞ୍ଚାର କରିପାରିବା, ତାହାକୁ ଅନେକରେ ପରିଣତ କରିବା ଓ ଅବଶେଷରେ ସାର୍ବଜନୀନ କରିପାରିବାରେହିଁ ଆମର ଉପଲବ୍ଧି ସେହି ପୂର୍ଣ୍ଣତାଟିର ପରିପୂର୍ଣ୍ଣ ପ୍ରସ୍ଫୋଜନ ନଦେଇ ରହିଛି ।

ତେଣୁ , ମନୁଷ୍ୟର ଜୀବନ ଉପରେ ତାହାର ଏହି ତିବିଧ ସମ୍ଭାବନାର ଭୂମି ଉପରେ ଏକ ସମ୍ପୂର୍ଣ୍ଣ ଅବଲୋକନ କଲ୍ଲବେଳେ ଆମେ ଠିକ୍ ସେହିପରି ଏକ ସିଦ୍ଧାନ୍ତରେ ଆସି ପହଞ୍ଚିବା, ପ୍ରକୃତିର ସାମାନ୍ୟ ନିୟାମକତା ଏବଂ ତା'ର ବିବର୍ତ୍ତନ ମଧ୍ୟରେ ରହିଥିବା ଉନୋଟି ତରଣର ଭୂମି ଉପରେ ପ୍ରକୃତିର ଅବଲୋକନ କଲ୍ଲବେଳେ ଆମେ ଠିକ୍ ଯେଉଁ ସିଦ୍ଧାନ୍ତଟିରେ ଆସି ପହଞ୍ଚିଥିଲେ । ଏବଂ ତଦ୍ଦ୍ୱାରା ଆମେ ଆମର ଏହି ଯୋଗସ୍ୱମନ୍ୱସ୍ୟ ଲାଗି ମଧ୍ୟ ଏକ ସମ୍ପୂର୍ଣ୍ଣ ଲକ୍ଷ୍ୟ ଆବିଷ୍କାର କରିବାକୁ ଆରମ୍ଭ କରିବା ।

ପରମ ଚିଦ୍‌ଗତତା ବା ଆତ୍ମାକୁହିଁ ଆମେ ଏହି ବିଶ୍ୱ-ଅସ୍ତିତ୍ୱର ସଙ୍କୋଚ କୋଟୀ ବୋଲି ଜାଣିଛା । ଜଡ଼ ହେଉଛି ଏହାର ଭୂମି; ଏବଂ ମନ ହେଉଛି ଦୁହିଁଙ୍କ ମଧ୍ୟରେ ରହିଥିବା ଯୋଗସୂତ୍ର । ପରମ ଚିଦ୍‌ଗତତା ହେଉଛି ଏକ ଶାଶ୍ୱତ ଉତ୍ସ; ଏବଂ ମନ ତଥା ଜଡ଼ ହେଉଛନ୍ତି ସେହି ଚିଦ୍‌ଗତତାର ନିୟାତ୍ମକ ରୂପ । ପରମ ଚିଦ୍‌ଗତତା ଏହି ଭୂମିରେ ସମ୍ବୃତ ହୋଇ ରହିଛି, ପ୍ରଚ୍ଛନ୍ନ ହୋଇ ରହିଛି; ଏବଂ ତାହାକୁ ଉଦ୍‌ଘାଟିତ କରି ଆଣିବାକୁ ପଡ଼ିବ । ମନ ତଥା ଶରୀରର ସାଧନ ଦେଇ ସେ ଆପଣାକୁ ଉଦ୍‌ଘାଟିତ ଓ ପ୍ରକାଶିତ କରିବାର ବାଟ ଖୋଜିବାରେ ଲାଗିଛି । ପରମ ଚିଦ୍‌ଗତତା ଅର୍ଥାତ୍ ଆତ୍ମା ହେଉଛି ସେହି ପରମ ଯୋଗେଶ୍ୱରଙ୍କର ପ୍ରତିରୂପ । ସେହି ପ୍ରତିରୂପଟିକୁ ପ୍ରାତିସ୍ୱିକ ଅସ୍ତିତ୍ୱର ଭୂମି ଉପରେ ଉତ୍କୁଟାଇ ଦେବା ଲାଗି ସେହି ଯୋଗେଶ୍ୱରହିଁ ମନ ଓ ଶରୀରର ଦୁଇଟି ସାଧନକୁ ପ୍ରଦତ୍ତ କରି ରଖିଛନ୍ତି ।

'oaob.nitrkl.ac.in' images reprocessed

ସମଗ୍ର ପ୍ରକୃତି ମଧ୍ୟରେ ସେହି ଅଦୃଶ୍ୟ ପରମ ସତ୍ତାଟିକୁ ଏକ ଅନୋଉର ପର୍ଯ୍ୟାୟରେ ପ୍ରକାଶିତ କରିଦେବାକୁହିଁ ଅନବରତ ଏକ ପ୍ରୟାସ ଚାଲୁଛି, ଅଧିକରୁ ଅଧିକ ସଫଳ ଭାବରେ ସେହି ଭବ୍ୟ ପ୍ରଭରୂପଟିକୁ ପରିସ୍ଫୁଟ କରି ଆଣିବା ଲାଗିହିଁ ଏକ ସାଧନା ଲାଗିରହିଛି ।

ମାନ ପ୍ରକୃତି ଆପଣାର ଏକ ଧାରଣତ ବିବର୍ତ୍ତନ ଦ୍ୱାରା ସଜ୍ଜନଙ୍କ ମଧ୍ୟରେ ଯେଉଁ ଉଦ୍ଦେଶ୍ୟଟିକୁ ଉପଲବ୍ଧି କରାଇଦେବାକୁ ଚାହୁଁଛି, ଏକ ଦୃଢ଼ନିଶ୍ଚିତ ବିପ୍ଳବାତ୍ମକ ବିକାଶ ଦ୍ୱାରା ଯୋଗ ବ୍ୟକ୍ତି ଲାଗି ତାହାହିଁ ନିଶ୍ଚିତ କରି ଦେଇଛି । ଆପଣାର ଯାବତୀୟ ଶକ୍ତିମନ୍ତାକୁ ଦିବ୍ୟତର କରିଦେଇ ଓ ଆପଣାର ଯାବତୀୟ ବୃତ୍ତିକୁ ଉତ୍ତୋଳିତ କରିନେଇ ପ୍ରକୃତି ଆପଣାର କାର୍ଯ୍ୟଟିକୁ କରିବାରେ ଲାଗିଛି । ପ୍ରକୃତି ବଡ଼ ଆସ୍ପାସ ସ୍ୱୀକାର କରି ଆଧ୍ୟାତ୍ମିକ ଜୀବନଟିକୁ ବିକଶିତ କରାଇ ଆଣିବାକୁ ଚେଷ୍ଟା କରୁଛି ଏବଂ ନିମ୍ନତର ସ୍ତରର ଉପଲବ୍ଧିଗୁଡ଼ିକ ଲାଗି ତାହାକୁ ବାରବାର ଏହି ଆଧ୍ୟାତ୍ମିକ ଜୀବନଟିରୁ ତଳକୁ ଓହ୍ଲି ପଡ଼ିବାକୁ ହେଉଛି; ମାନ ଯୋଗର ଉତ୍ତୋଳିତ ସାମର୍ଥ୍ୟ ଏବଂ ଏକାଗ୍ର ପବିତ୍ରତାଟି ସିଧାସିଧା ମନର ପୂର୍ଣ୍ଣତାଟିକୁ ହାସଲ କରିପାରୁଛି ଓ ସେହି ପୂର୍ଣ୍ଣତାଟିକୁ ଆପଣା ସହିତ ବହନ କରି ଆଣିପାରୁଛି; ଏବଂ ଏପରିକି ଇଚ୍ଛାକଲେ ଶରୀରଗତ ପୂର୍ଣ୍ଣତା ମଧ୍ୟ ଲାଭ କରି ପାରୁଛି । ପ୍ରକୃତି ପରମେଶ୍ୱରଙ୍କୁ ଆପଣାର ପ୍ରତ୍ୟକଗୁଡ଼ିକ ଦେଇହିଁ ଖୋଜିବାରେ ଲାଗିଛି; ଯୋଗ ପ୍ରକୃତିର ସୀମାଗୁଡ଼ିକୁ ଡେଇଁଯାଇ ପ୍ରକୃତିର ପ୍ରଭୁଙ୍କ ପର୍ଯ୍ୟନ୍ତ ଯାଇ ପହଞ୍ଚିବାର ଅଭିଳାଷ ରଖିଛି, ବିଶ୍ୱକୁ ଅତିକ୍ରମି ଯାଇ ପରମ ବିଶ୍ୱାତୀତର ସମ୍ମୁଖୀନ ହେଉଛି ଏବଂ ସେହି ପରମ ସଦ୍ଵସ୍ତୁମାନଙ୍କର ବିଶ୍ୱାତୀତ ଆଲୋକ ତଥା ସାମର୍ଥ୍ୟ ସହିତ ଏବଂ ତାଙ୍କର ଆଜ୍ଞାଟି ସହିତ ପୁଣି ଏଠାକୁ ଫେରି ଆସିବା ଲାଗି ମଧ୍ୟ ସାମର୍ଥ୍ୟ ରଖିଛି ।

ମାନ ପରଶେଷରେ ଦୁହିଁଙ୍କର ଲକ୍ଷ୍ୟରେ ପ୍ରକୃତିରେ କୌଣସି ଭିନ୍ନତା ନାହିଁ । ସମଗ୍ର ମନୁଷ୍ୟଜାତିର କ୍ଷେତ୍ରରେ ଯେତେବେଳେ ଯୋଗ ଆପଣାକୁ ସଜ୍ଜନର ଏକ ଉପଲବ୍ଧିରୂପେ ପ୍ରତିଷ୍ଠିତ କରିପାରିବ, ସେତିକିବେଳେ ତାହାହିଁ ଆପଣାର ସ୍ୱାଭାବିକ ବଳମ୍ବନ ଏବଂ ରହସ୍ୟଗୁଡ଼ିକ ଉପରେ ପ୍ରକୃତିର ଅନ୍ତିମ ବିଜୟରୂପେ ଉଦ୍‌ଘୋଷିତ ହେବ । ବିଜ୍ଞାନସ୍ଥ ବିକାଶାକାଙ୍କ୍ଷୀ ମନଟି ଦ୍ୱାରା ପ୍ରକୃତି ବର୍ତ୍ତମାନ ମଧ୍ୟ ଯେପରି ସମଗ୍ର ମାନବଜାତିକୁ ମନୋମୟ ଜୀବନର ପରିପୂର୍ଣ୍ଣ ବିକାଶର ଉପଯୁକ୍ତ କରାଇ ପାରିବାର ପଥ ସନ୍ଧାନ କରିବାରେ ଲାଗିଛି, ଠିକ୍ ସେହିପରି ଯୋଗ ଦ୍ୱାରା ମଧ୍ୟ ପ୍ରକୃତି ଅନାବାର୍ଯ୍ୟ ଭାବରେ ସମଗ୍ର ମନୁଷ୍ୟଜାତିକୁ ସେହି ପରବର୍ତ୍ତୀ ଉଚ୍ଚତର ବିବର୍ତ୍ତନଟି ଲାଗି ଅର୍ଥାତ୍ ସେହି ଦ୍ୱିତୀୟ ଜନ୍ମ ବା ଆଧ୍ୟାତ୍ମିକ ଜୀବନଟି ଲାଗି ଉପଯୁକ୍ତ କରାଇ ପାରିବାର ପଥଟିକୁ ଅବଶ୍ୟ ସନ୍ଧାନ କରି ବାହାରିବ । ଏବଂ ଯେପରି ମନୋମୟ ଜୀବନ ଭୌତିକ ଜୀବନକୁ ଆପଣାର କାମରେ ଲଗାଉଛି ଏବଂ ତାହା

'oaob.nitrkl.ac.in' images reprocessed

ମଧ୍ୟରେ ଉତ୍କର୍ଷର ପୂର୍ଣ୍ଣତା ଆଣି ଦେଉଛୁ, ସେହିପରି ଆଧ୍ୟାତ୍ମିକ ଅସ୍ତିତ୍ୱ ମଧ୍ୟ ଏକ ଦିବ୍ୟ ଆତ୍ମପ୍ରକାଶର ସାଧନରୂପେ ଏହି ଭୌତିକ ତଥା ମାନସିକ ଅସ୍ତିତ୍ୱକୁ ମଧ୍ୟ ଆପଣାର କାର୍ଯ୍ୟରେ ଲଗାଇବ ଏବଂ ସେଥିରେ ଉତ୍କର୍ଷର ପୂର୍ଣ୍ଣତା ମଧ୍ୟ ଆଣିଦେବ। ଯେଉଁସବୁ ଯୁଗରେ ଏକଥାଟି ସାଧ୍ୟ ହୋଇପାରିବ, ସେହିଗୁଡ଼ାକୁହିଁ ଆମ ଗାଥା-ମାନଙ୍କରେ ଉକ୍ତ ହୋଇଥିବା ସତ୍ୟ ବା କୃତ (ଚରିତାର୍ଥ ବା ପୂର୍ଣ୍ଣ) ଯୁଗ ବୋଲି କୁହାଯିବ ଅର୍ଥାତ୍ ପ୍ରତ୍ୟକଟି ମଧ୍ୟରେ ଆପଣାକୁ ବ୍ୟକ୍ତ କରି ଦେଇଥିବା ସତ୍ୟର ଯୁଗ ବୋଲି କୁହାଯିବ। ସେହି ଯୁଗଟି ସେହି ମହାନ୍ କାର୍ଯ୍ୟଟିକୁ ସାଧନ କରି ଦେଇଥିବାର ଯୁଗ ହେବ, ଯେତେବେଳେ ସନ୍ଦୀପନ, ସମ୍ବୋଧି ତଥା ଆନନ୍ଦ ଦ୍ୱାରା ପରିପୂର୍ଣ୍ଣ ହୋଇ ଉଠିଥିବା ପ୍ରକୃତ ମନୁଷ୍ୟଜାତି ମଧ୍ୟରେହିଁ ଆପଣା ପ୍ରଚେଷ୍ଟାର ସର୍ବୋଚ୍ଚ ଶିଖରଟିରେ ଯାଇ ଉପନୀତ ହୋଇ ରହିଥିବ।

ମନୁଷ୍ୟକୁହିଁ ପ୍ରକୃତିର ଏହି ଚାପୂର୍ଣ୍ଣଟିକୁ ବୁଝିବାକୁ ପଡ଼ିବ; ସେହି ବିଶ୍ୱମାତାକୁ ଭୁଲ ବୁଝିବା, ତାହାର ଅବଜ୍ଞା କରିବା ବା ଅସଦୁପଯୋଗ କରିବାର ଯାବତୀୟ ପୂର୍ବସଂସ୍କାରକୁ ପରିତ୍ୟାଗ କରିବାକୁ ପଡ଼ିବ ଏବଂ ସେହି ଜନନୀର ସର୍ବୋଚ୍ଚ ଆଦର୍ଶଟିକୁ ଉପଲବ୍ଧି କରିବା ଲାଗି ତାହାର ସବଳତମ ପଥସାଧନଗୁଡ଼ାକ ଦ୍ୱାରା ସର୍ବଦା ଅଗ୍ରସରାୟିତ ହୋଇ ରହିବାକୁ ପଡ଼ିବ।

'oaob.nitrkl.ac.in' images reprocessed

ଚତୁର୍ଥ ପରିଚ୍ଛେଦ

ଯୋଗର ପ୍ରଣାଳୀ

ମନୁଷ୍ୟ-ସମ୍ପର୍କର ଭିନ୍ନଭିନ୍ନ ମନୋଭୂମିଗତ ବର୍ଗଗ ଭିତରେ ଏହି ଯେଉଁସବୁ ସମ୍ବନ୍ଧ ରହିଛି ଏବଂ ସେଗୁଡ଼ାକ ଉପରେ ପ୍ରସ୍ଥାପିତ ଯେଉଁସବୁ ଭିନ୍ନଭିନ୍ନ ପ୍ରଣୋଜନାସ୍ଥଳ ତଥା ଧେସ୍ୟ ପ୍ରତିଷ୍ଠିତ ହୋଇ ରହିଛି, ପ୍ରକୃତ-ବିବର୍ତ୍ତନ ସମ୍ବନ୍ଧରେ ଆମର ସଂକ୍ଷିପ୍ତ ଆଲୋଚନାଟିରେ ଆମେ ସେଗୁଡ଼ାକ ଉପରେ ଦୃଷ୍ଟିପାତ କରି ଆସିଛୁ । ଯୋଗର ଭିନ୍ନଭିନ୍ନ ମାର୍ଗର ମୌଳିକ ନୀତି ତଥା ପଦ୍ଧତିଗୁଡ଼ିକରେ ମଧ୍ୟ ଆମେ ସେହିଗୁଡ଼ିକର ପୁନରାବୃତ୍ତି ହୋଇଥିବାର ଦେଖିବାକୁ ପାଇବା । ଏବଂ ସେଗୁଡ଼ିକର ସ୍ୱଳ୍ପାସ୍ଥ ମୂଳ ସାଧନା ତଥା ସେମାନଙ୍କର ସଂଘପ୍ରଧାନ ଧେସ୍ୟଗୁଡ଼ିକୁ ପରସ୍ପର ସହିତ ସଂଯୁକ୍ତ କଲ ଯଦି ଆମେ ସେଗୁଡ଼ାକ ମଧ୍ୟରେ ଏକ ସମଞ୍ଜସତା ପ୍ରତିଷ୍ଠା କରିବା ଲାଗି ଚେଷ୍ଟା କରିବା, ତେବେ ଆମେ ଦେଖିବାକୁ ପାଇବା ଯେ ଏହି କ୍ଷେତ୍ରରେ ପ୍ରକୃତି ଆମକୁ ଯେଉଁ ଭୂମିଟିକୁ ଆଣି ଯୋଗାଇ ଦେଇଛି, ତାହାହିଁ ପ୍ରକୃତରେ ଆମର ମଧ୍ୟ ସ୍ୱଭାବସିଦ୍ଧ ଭୂମି ହୋଇ ରହିଛି ଏବଂ ସେଗୁଡ଼ିକ ମଧ୍ୟରେ ଏକ ସମନ୍ୱୟ ସମ୍ଭବ କରି ପାରିବା ଲାଗି ମଧ୍ୟ ଏକ ସର୍ତ୍ତ ହୋଇ ରହିଛି ।

ଗୋଟିଏ ଦୃଷ୍ଟିରୁ ବର୍ଗର କଲେ ଯୋଗ ବର୍ଣ୍ଣିତ ପ୍ରକୃତିର ଜଟିଳ ମୈତ୍ରିକ କ୍ରିୟାପ୍ରକରଣଟିକୁ ଟପି ଆଗକୁ ଘୁଲିଯାଇଛି ଏବଂ ତାହାର ସୀମା ଡେଇଁ ଆହୁରି ଆଗକୁ ଆରୋହଣ କରି ରହିଛି । କାରଣ ଆପଣାର ଏହି କ୍ରୀଡ଼ାଟି ମଧ୍ୟରେ ଓ ସ୍ୱଳ୍ପାସ୍ଥ ବସ୍ତୁଗୁଡ଼ିକ ମଧ୍ୟରେହିଁ ପରମ ଦ୍ରବ୍ୟଟାକୁ ଆଲିଙ୍ଗନ କରିପାରିବା ଏବଂ ସେହିଠାରେ ତାହାର ଉପଲବ୍ଧି କରିବାହିଁ ପରମା ବଶ୍ୱଜନୀନଙ୍କର ଉଦ୍ଦେଶ୍ୟ ହୋଇ ରହିଛି । ମାତ୍ର ଯୋଗର ଉଚ୍ଚତମ ଆରୋହଣଗୁଡ଼ିକରେ ସିଏ ଆପଣାର ଆହୁର ଆଗକୁ ଅଭଯମି ଯାଇ ସ୍ୱଳ୍ପାସ୍ଥ ତାହାର ମଧ୍ୟରେହିଁ ସେହି ପରମ ଦ୍ରବ୍ୟଟାକୁ ଉପଲବ୍ଧି କରି ପାରୁଛନ୍ତି, ଏହି ବଶ୍ୱର ସୀମାକୁ ଅତିକ୍ରମି ଯାଉଛନ୍ତି ଏବଂ ଏହି ବଶ୍ୱଜୀଡ଼ାରିରୁ ଅଲଗା ହୋଇ ମଧ୍ୟ ଠିଆହୋଇ ପାରୁଛନ୍ତି । ତେଣୁ ଏଇଥିରୁ ଅନେକେ କେବଳ ଏହାକୁହିଁ ଯେ ଯୋଗର ମଧ୍ୟ ସବୋଚ୍ଚ ଲକ୍ଷ୍ୟ ବୋଲି ଅନୁମାନ କରିନେଇଛନ୍ତି

'oaob.nitrkl.ac.in' images reprocessed

ଭାବୁ ନୁହେଁ, ସେମାନେ ଏହାକୁହିଁ ଯୋଗର ଯଥାର୍ଥ ଲକ୍ଷ୍ୟ ବୋଲି ଅନୁମାନ କରୁଛନ୍ତି ଓ ଆଉସମସ୍ତଙ୍କୁ ଗୁଡ଼ି, ଏହାକୁହିଁ ଲକ୍ଷ୍ୟରୂପେ ଗ୍ରହଣ କରିବା ଉଚିତ ବୋଲି ଜାଣୁଛନ୍ତି ।

ମାତ୍ର ଏକଥା ମଧ୍ୟ ସତ ଯେ ଆପଣାର ବିବର୍ତ୍ତନଜନ୍ୟମଣ୍ଟିରେ ପ୍ରକୃତି ଏପର୍ଯ୍ୟନ୍ତ ଗୋଟିଏ ବସ୍ତୁ ତିଆରି କରି ପାରିବାକୁ ସମର୍ଥ ହୋଇଛନ୍ତି, ଯାହାର ମାଧ୍ୟମରେ କି ସେ ସର୍ବଦା ଆପଣାକୁ ଏହାପରି ଅତିକ୍ରମି ଯାଇପାରୁଛନ୍ତି । ବ୍ୟକ୍ତିର ହୃଦସ୍ପନ୍ଦିତ ଆପଣାର ସର୍ବୋଚ୍ଚ ତଥା ଶୁଦ୍ଧତମ ସଂବେଗଗୁଡ଼ିକୁ ଉତ୍ସୋଳିତ କରିନେଇ ସେହି ବିଶ୍ୱାତୀତ ପରମ ଆନନ୍ଦ ଅର୍ଥାତ୍ ଅନନ୍ତଚମତ୍କୃତି ଜଗତରେ ଯାଇ ଉପନୀତ ହୋଇ ପାରୁଛନ୍ତି, ବ୍ୟକ୍ତିର ମନହିଁ ଆପଣାର ନିତ୍ୟନୈମିତ୍ତିକ ନିସ୍ପୃହକତାଗୁଡ଼ିକୁ ମନୋଭୂମିର ଅତୀତ ହୋଇ ରହିଥିବା ଏକ ଜ୍ଞାନରେ ପରିବର୍ତ୍ତିତ ବା ନବପରିଷ୍କିତ କରିଦେଇ ସେହି ପରମ ଅନନ୍ତଚମତ୍କୃତା ସହିତ ଆପଣାକୁ ଅଭିନ୍ନ ବୋଲି ଜାଣୁଛନ୍ତି ଏବଂ ସେହି ବିଶ୍ୱାତୀତ ଏକତ୍ୱଦୃଷ୍ଟି ମଧ୍ୟରେ ଆପଣାର ଏହି ସ୍ୱତନ୍ତ୍ର ଅସ୍ତିତ୍ୱଦୃଷ୍ଟିକୁ ନେଇ ବିଲୀନ କରିଦେଇଛନ୍ତି । ଏବଂ ସକଳ କ୍ଷେତ୍ରରେ ସର୍ବଦା ଏହି ବ୍ୟକ୍ତି ଅର୍ଥାତ୍ ପ୍ରକୃତି ଦ୍ୱାରାହିଁ ଆପଣାର ସ୍ୱ-ଅନୁଭୂତକ୍ଷେତ୍ରରେ ପ୍ରସାରିତ ହୋଇ ରହିଥିବା ଏବଂ ସେହି ପ୍ରକୃତିର ରୂପାୟନ-ଗୁଡ଼ିକର ମାଧ୍ୟମରେହିଁ ନିସ୍ପୃହ କରୁଥିବା ଏହି ଆତ୍ମା ସକଳ ପ୍ରସାରିତର ଅତୀତ ସେହି ମୁକ୍ତ ଏବଂ ବିଶ୍ୱାତୀତ ପରମ ଆତ୍ମାକୁ ଲାଭ କରି ପାରୁଛନ୍ତି ।

ଯୋଗର କୌଣସିପ୍ରକାର ସମ୍ଭାବନା ଆସି ପହଞ୍ଚିବା ପୂର୍ବରୁ କାର୍ଯ୍ୟତଃ ତନୋଟି ବିଷୟର ବା କଲ୍ପନାର ଆବଶ୍ୟକତା ରହିଛି । ଅର୍ଥାତ୍ ଏହି ପ୍ରସ୍ପାସ୍ପଟିରେ ସତ୍ତେଅବା ସମ୍ଭତ ତନୋଟି ପକ୍ଷର ଏକାନ୍ତ ଆବଶ୍ୟକତା ରହିଛି । ଏହି ତନୋଟି ପକ୍ଷକୁ ଆମେ ଈଶ୍ୱର, ପ୍ରକୃତି ଏବଂ ମନୁଷ୍ୟାତ୍ମା ବୋଲି କହିବା, ଅର୍ଥାତ୍ ଅଧିକ ଗହନ ଭାଷାରେ କହିବାକୁ ଗଲେ ପରମ ବିଶ୍ୱାତୀତ, ପରମ ବିଶ୍ୱମସ୍ତ ଏବଂ ପରମ ବ୍ୟକ୍ତିରୂପ ବୋଲି କହିବା । ଯଦି କେବଳ ବ୍ୟକ୍ତି ଏବଂ ପ୍ରକୃତିକୁହିଁ ସ୍ୱସଂଫସ୍ପୃଷ୍ଟି ଭବରେ ଗୁଡ଼ି ଦିଆଯାଏ, ତେବେ ଗୋଟିଏ ଅନ୍ୟଟି ସହିତ ବାନ୍ଧହୋଇ ରହିଯାଏ ଏବଂ ପ୍ରକୃତିର ମନ୍ଦ ଗତିଟି ହେତୁ ବ୍ୟକ୍ତି ମଧ୍ୟ ସନ୍ତୋଷଜନକ ଭବରେ ଆପଣାର ଆସ୍ପତନଟିକୁ ଡେଇଁ ଘୁଲିଯାଇ ପାରେ ନାହିଁ । ତେଣୁ ଆହୁରି ଅଧିକ ଏବଂ ସୀମାତୀତ କିଛିର ପ୍ରୟୋଜନ ରହିଥାଏ, ଯାହାକି ପ୍ରକୃତିର ପାଶରୁ ମୁକ୍ତ ହୋଇ ରହିଥାଏ ଓ ପ୍ରକୃତିଠାରୁ ବୃହତ୍ତର ହୋଇ ରହିଥାଏ; ସେଇଟିକୁହିଁ ଆମ ଉପରେ ଏବଂ ପ୍ରକୃତି ଉପରେ କାର୍ଯ୍ୟ କରିବାକୁ ପଡ଼େ, ଆମକୁ ତାହା ଆକର୍ଷିତ କରି ତା'ର ଆପଣା ମଧ୍ୟକୁ ଉପରକୁ ନେଇଯାଏ ଏବଂ ପ୍ରକୃତି ପାଖରୁ ମଧ୍ୟ ତାହାର ଆପଣା ପ୍ରସନ୍ନ ସହମତିଟି ସହିତ ଅଥବା ବଳପୂର୍ବକ ବ୍ୟକ୍ତିର ଆରୋହଣ ଲାଗି ତା'ର ସମ୍ମତିକୁ ଆଦାୟ କରି ଆଣେ ।

'oaob.nitrkl.ac.in' images reprocessed

ଏହି ସତ୍ତ୍ୟଟିର ପ୍ରସ୍ତୋଜନରେହିଁ ଯୋଗର ପ୍ରତ୍ୟେକ ଦର୍ଶନରେ ଈଶ୍ୱର କଲ୍ପନାର ଆବଶ୍ୟକତା ଆସି ପହଞ୍ଚିଥାଏ, ସେହି ପରମ ପ୍ରଭୁ, ପରମ ଆତ୍ମା ବା ପରମ ଆତ୍ମସ୍ୱରୂପଙ୍କର ଆବଶ୍ୟକତା ଆସି ପହଞ୍ଚେ; ତାଙ୍କର ଆଡ଼କୁହିଁ ଯୋଗସ୍ଥ ପ୍ରସ୍ୱାସଟି ଆପଣାକୁ ଉଦ୍ଦିଷ୍ଟ କର ରଖେ, ଏବଂ କେବଳ ସେଇ ଏହି ସ୍ଥଳରେ ଆପଣାର ଆଲୋକନକାରୀ ସ୍ପର୍ଶଟିକୁ ସଞ୍ଚାରନ୍ତ କରଦେଇ ଯାଆନ୍ତି ଏବଂ ସାଧକ ଲଗି ଉପଲବ୍ଧିର ବଳ ଦେଇଯାଆନ୍ତି । ବ୍ୟକ୍ତ ଲଗି ପରମ ବଶ୍ୱାତ୍ତଙ୍କର ଯେଉଳ ଅତ୍ୟାବଶ୍ୟକତା ରହିଛି ଓ ବ୍ୟକ୍ତ ଆପଣାର ଯୋଗାନ୍ୱେହଣରେ ଯେପରି ସେହି ପରମ ବଶ୍ୱାତ୍ତଙ୍କୁହିଁ ସନ୍ଧାନ କରୁଥାଏ, ଠିକ୍ ସେହିପରି ଗୋଟିଏ ଅର୍ଥରେ ପରମ ବଶ୍ୱାତ୍ତ ଭଗବାନଙ୍କ ଲଗି ବ୍ୟକ୍ତର ମଧ୍ୟ ଆବଶ୍ୟକତା ରହିଛି ଏବଂ ସେହି ପରମ ବଶ୍ୱାତ୍ତ ମଧ୍ୟ ଯେ ବ୍ୟକ୍ତକୁ ଖୋଜ ବୁଲୁଥାନ୍ତି, ଅନେକ ସମସ୍ଥରେ ଭକ୍ତଯୋଗ ଏପରି ଏକ ଅନୁପୂରକ କଲ୍ପନାଟି ଉପରେ ମଧ୍ୟ ଅତ୍ୟଧିକ ଜୋର୍ ଦେଇଥାଏ ଏବଂ ଏଇଟିକୁ ଆମେ ଜଣ୍ଟସ୍ଥ ସମାନ ପରମାଣରେ ସତ୍ତ୍ୟ ବୋଲ କହିବା । ଯଦି ଭକ୍ତ ପ୍ରକୃତରେ ଭଗବାନଙ୍କୁ ଖୋଜୁଥାଏ ଓ ଭଗବାନଙ୍କ ପାଇଁ ବ୍ୟାକୁଳ ହୋଇ ରହିଥାଏ, ତେବେ ଭଗବାନ ମଧ୍ୟ ଠିକ୍ ସେହିପରି ଭକ୍ତକୁ ଖୋଜୁଥାନ୍ତି ଓ ଭକ୍ତ ପାଇଁ ବ୍ୟାକୁଳ ହୋଇ ରହିଥାନ୍ତି ।* ଜ୍ଞାନର ଅନ୍ୱେଷଣ କରୁଥିବା ଜଣେ ମନୁଷ୍ୟ ବା ସାଧକ ବ୍ୟତୀତ, ଜ୍ଞାନର ଏକ ପରମ ଆସ୍ପଦ ବ୍ୟତୀତ ଏବଂ ଜ୍ଞାନର ଯାବତୀୟ ବଶ୍ୱସାମର୍ଥ୍ୟର ବ୍ୟକ୍ତ ଦ୍ୱାରା ଦତ୍ତ ବନଯୋଗ ବ୍ୟତୀତ କୌଣସି ଜ୍ଞାନଯୋଗ ସମ୍ଭବ ହୋଇ ପାରିବ ନାହିଁ । ଭଗବାନଙ୍କୁ ଭଲ ପାଉଥିବା ଭକ୍ତରୂପୀ ମନୁଷ୍ୟ, ପ୍ରେମ ଏବଂ ଆନନ୍ଦର ପରମ ଆସ୍ପଦ ଏବଂ ଆଧ୍ୟତ୍ମିକ, ଫଳେଗତ୍ତ ଏବଂ ସୌନ୍ଦର୍ଯ୍ୟାତ୍ମକ ଉପଭୋଗରୂପୀ ସେହି ବଶ୍ୱସାମର୍ଥ୍ୟଗୁଡ଼ିକର ବ୍ୟକ୍ତଦ୍ୱାରା ଦତ୍ତ ବନଯୋଗ ବ୍ୟତୀତ କୌଣସି ଭକ୍ତଯୋଗ ସମ୍ଭବ ହେବ ନାହିଁ । ଏବଂ କର୍ମ କରୁଥିବା ମନୁଷ୍ୟଟି ବ୍ୟତୀତ, ସକଳ କର୍ମ ତଥା ସକଳ ଯଜ୍ଞର ସେହି ପରମ ଫଳଦ୍ଦ ଓ ପରମ ଅଧୀଶ୍ୱରଙ୍କ ବ୍ୟତୀତ ଓ ସାମର୍ଥ୍ୟ ତଥା ଦିଯାରୂପୀ ଯାବତୀୟ ବଶ୍ୱସାମର୍ଥ୍ୟର ବ୍ୟକ୍ତ ଦ୍ୱାରା ଦତ୍ତ ବନଯୋଗ ବ୍ୟତୀତ କୌଣସି କର୍ମଯୋଗ ମଧ୍ୟ ସମ୍ଭବ ହେବ ନାହିଁ । ବସ୍ତୁଗୁଡ଼ିକର ସଙ୍ଗୋଚ ସତ୍ତ୍ୟଟି ବତ୍ତପୁରେ ଆମର ବୁଦ୍ଧିଗତ କଲ୍ପନାଟି ଏକେଶ୍ୱରବାଦୀ ପ୍ରବୃତ୍ତିଟି ଦ୍ୱାରା ଯେତେ ବେଶୀ ଅନୁପ୍ରାଣିତ ହୋଇଥାଉ ପଛକେ, କାର୍ଯ୍ୟକ୍ଷେତ୍ରରେ ଆମକୁ ଅଗତ୍ୟା ଏହି ସଙ୍ଗତ ବିବଧତାଟିକୁ ସ୍ୱୀକାର କରିନେବାକୁହିଁ ପଡ଼ିବ ।

---

* ଭକ୍ତ, ଅର୍ଥାତ୍ ଭଗବାନଙ୍କର ଉପାସକ ବା ଭଗବାନଙ୍କର ପ୍ରେମିକ; ଭଗବାନ, ଅର୍ଥାତ୍ ପ୍ରେମ ଏବଂ ଆନନ୍ଦର ପରମ ଅଧିକାରୀ । ଏହି ତିନିଜଣଙ୍କର ତୃତୀୟ କଲ୍ପନାଟି ହେଉଛି ଭଗବତ ସତ୍ତ୍ୟ, ଅର୍ଥାତ୍ ସେହି ପରମ ପ୍ରେମର ଅମୃତପ୍ରକାଶ ।

'oaob.nitrkl.ac.in' images reprocessed

କାରଣ, ଦ୍ରବ୍ୟଚେତ୍ତନା ସହଜ ମନୁଷ୍ୟଚେତ୍ତନା ତଥା ବ୍ୟକ୍ତଚେତ୍ତନାର ସଂସ୍ପର୍ଶକୁହିଁ ଆମେ ଯୋଗର ଯଥାର୍ଥ ମର୍ମସାର ବୋଲି କହୁବା । ଏହା ବିଶ୍ୱରୂପୀ ଲୀଲାଟି ମଧ୍ୟରେ ଯେଉଁଟି ଆପଣାର ଯଥାର୍ଥ ଆତ୍ମସତ୍ତ୍ୟ, ଯଥାର୍ଥ ନିଦାନ ତଥା ଯଥାର୍ଥ ବିଶ୍ୱଗତଭାଟିରୁ ବିଚ୍ଛିନ୍ନ ହୋଇ ପଡ଼ୁଛୁ, ସେଇଟି ସହଜ ଭାହାର ପୁନଃବାର ଯୁକ୍ତ ହୋଇ ପାରିବା ହେଉଛୁ ଯୋଗ । ଯେଉଁ ଜଟିଳ ଏବଂ ଅନେକମୁଖୀ ହୋଇ, ଗଠନ-ବଦ୍ଧ ହୋଇ ରହିଥିବା ଚେତ୍ତନାଟିକୁ ଆମେ ଆପଣାର ବ୍ୟକ୍ତତ୍ୱ ବୋଲି କହୁଛୁ, ଭାହାର ଯେକୌଣସି ବନ୍ଦରେହିଁ ସେହି ସଂସ୍ପର୍ଶ ସଂଘଟିତ ହୋଇପାରେ । ଆମର ଶବ୍ଦସୃଟିର ମାଧ୍ୟମରେ ଭୌତିକ ଭୂମିରେ ଭାହା କାର୍ଯ୍ୟକାରୀ ହୋଇପାରେ, ଆମ ସ୍ୱାସ୍ଥ୍ୟବକ ସୃଷ୍ଟିର ସ୍ଥିତ ତଥା ଅନୁଭୂତଗୁଡ଼ିକୁ ନରୂପଣ କରୁଥିବା କ୍ରିୟାତ୍ମକତା-ଗୁଡ଼ିକର କ୍ରିୟାଦ୍ୱାରା ପ୍ରାଣର ଭୂମିରେ ମଧ୍ୟ ଭାହା ଆପଣାକୁ କାର୍ଯ୍ୟକାରୀ କରିପାରେ; ଏବଂ ଆମର ସଂବେଗୀ ହୃଦସ୍ପ, କ୍ରିୟାଶୀଳ ଇଚ୍ଛାଶକ୍ତି କିଂବା ବୋଧସମର୍ଥ ମନଟିକୁ ସାଧନରୂପେ ବ୍ୟବହାର କରି ହେଉ ଅଥବା ଆମ ମନଶ୍ଚେତ୍ତନାର ସକଳ କ୍ରିୟାତ୍ମକତାର କ୍ଷେତ୍ରରେ ସେଥିରେ ଏକ ସମଗ୍ର ରୂପାନ୍ତର ଘଟାଇ ହେଉ, ଏହି ମନର ମାଧ୍ୟମରେ ମଧ୍ୟ ସେହି ସଂସ୍ପର୍ଶ ଘଟିବା ସମ୍ଭବ ହୋଇପାରେ । ଅଥବା, ମନ ଭିତରେ କେନ୍ଦ୍ରଟି ପରି ହୋଇ ରହିଥିବା ଅହଂଟିର ଏକ ଆବଶ୍ୟକ ରୂପାନ୍ତର ସାଧନ କରି ଏକ ଅପରୋକ୍ଷ ଜାଗରଣ ଦ୍ୱାରା ଭାହାକୁ ସେହି ବିଶ୍ୱଗତ ତଥା ବିଶ୍ୱାତୀତ ପରମସତ୍ତ୍ୟକୁ ଉନ୍ମୋଳିତ କରିନେବା ଦ୍ୱାରା ମଧ୍ୟ ଭାହା ସମାନ ଭବରେ ସମ୍ଭବ ହୋଇପାରେ । ଏବଂ ଆମେ ଯେପରି ଭବରେ ଆମର ଏହି ସଂସ୍ପର୍ଶବଦ୍ଧଟିର ନିର୍ବାଚନ କରିଥିବା, ଆମ ଯୋଗସାଧନାର ପ୍ରକାରଟି ମଧ୍ୟ ଠିକ୍ ସେହିପରି ହୋଇ ରହିବ ।

କାରଣ, ଆମ ଏକକ ମାର୍ଗଗୁଡ଼ିକର ସମ୍ବନ୍ଧ ଜଟିଳତାକୁ ବାଦ୍ ଦେଇ ଯଦି ଆମେ ଭାରତବର୍ଷରେ ଏପର୍ଯ୍ୟନ୍ତ ପ୍ରଚଳିତ ରହିଥିବା ପ୍ରଧାନ ଯୋଗମାର୍ଗୀୟ ମତ-ଗୁଡ଼ିକର ମୂଳ ଅଭିଲକ୍ଷ୍ୟଟି ଉପରେ ଦୃଷ୍ଟିନିବଦ୍ଧ କରିବାକୁ ଚେଷ୍ଟା କରିବା, ତେବେ ଆମେ ସେଗୁଡ଼ିକ ଆପଣାକୁ ଏକ ଆରୋହ କ୍ରମରେ ସଂଗଠିତ କରି ରଖିଥିବାର ଦେଖିବାକୁ ପାଇବା । ଏହି କ୍ରମଟି ସମଗ୍ର ଶିଡ଼ିଟିର ନିମ୍ନତମ କାଠି, ଅର୍ଥାତ୍ ଦେହରୁ ଆରମ୍ଭ ହୋଇଛୁ ଏବଂ ବ୍ୟକ୍ତ-ଆତ୍ମା ଓ ସେହି ବିଶ୍ୱାତୀତ ତଥା ବିଶ୍ୱବ୍ୟାପ୍ତ ପରମାତ୍ମ-ସତ୍ତା ମଧ୍ୟରେ ଏକ ଅପରୋକ୍ଷ ସଂସ୍ପର୍ଶଲାଭ ପର୍ଯ୍ୟନ୍ତ ଆରୋହଣ କରିଯାଇଛୁ । ହଠଯୋଗ ଏହି ଶବ୍ଦର ତଥା ପ୍ରାଣିକ କ୍ରିୟାତ୍ମକତାଗୁଡ଼ିକୁ ପରପୂର୍ଣ୍ଣତା ଓ ଉପଲବ୍ଧି ନିମିତ୍ତ ସାଧନରୂପେ ଗ୍ରହଣ କରିନେଇଛୁ, ହଠଯୋଗ ଏହି ସ୍ଥୂଳ ଶବ୍ଦରଟି ସହଜଭାବେ ଆପଣାକୁ ସଂପୃକ୍ତ କରି ରଖିଛୁ । ମନୋମୟ ସତ୍ତାର ବିଭିନ୍ନ ଅଂଶଗୁଡ଼ିକୁହିଁ ରାଜଯୋଗ ଆପଣାର ଉପ୍ରୋକ୍ଷଲିକ ଶକ୍ତିରୂପେ ଗ୍ରହଣ କରିନେଇଛୁ, ଭାହା ସୂକ୍ଷ୍ମ ଶବ୍ଦରଟି

'oaob.nitrkl.ac.in' images reprocessed

ଉପରେଇଁ ଆପଣାର ଦୃଷ୍ଟିକୁ ନବଦ୍ଧ କର ରଖିଛୁ । କର୍ମ, ପ୍ରେମ ଓ ଜ୍ଞାନର ତିନୋଟି-ଯାକ ମାର୍ଗ ଆପଣା ଘରଣାର ଆରମ୍ଭବନ୍ଦୁରୂପେ ମନୋମସ୍ୟ ସତ୍ତା, ଇଚ୍ଛାଶକ୍ତି, ହୃଦସ୍ୟ ଅଥବା ବୁଦ୍ଧିର କୌଣସି ନା କୌଣସି ଅଂଶ ବା ଶକ୍ତିକୁ କାମରେ ଲଗାଉଛନ୍ତି ଏବଂ ସେଇଟିର ରୂପାନ୍ତର ଦ୍ୱାରା ସେହି ଚଦ୍‌ଗତ ଜୀବନର ପ୍ରକୃତରୂପେ ଅବସ୍ଥିତ ରହିଥିବା ବିମୋଚନକାଷ୍ଠ ପରମ ସତ୍ୟ, ପରମ ଆନନ୍ଦ ତଥା ପରମ ଆନନ୍ତ୍ୟରେ ଯାଇ ଉପନୀତ ହେବା ଲାଗି ଚେଷ୍ଟିତ ହୋଇ ରହିଛନ୍ତି । ବ୍ୟକ୍ତିର ଶସ୍ତର ମଧ୍ୟରେ ଯେଉଁ ମନୁଷ୍ୟରୂପୀ ପୁରୁଷ ବର୍ତ୍ତମାନ ରହିଛୁ ଏବଂ ଯେଉଁ ଦିବ୍ୟ ପରମ ପୁରୁଷ ପ୍ରତ୍ୟେକ ଦେହରେ ଅବସ୍ଥାନ କରୁଛନ୍ତି ଏବଂ ତଥାପି ସକଳ ରୂପ ଓ ସକଳ ନାମକୁ ଅତିକ୍ରମ କର ରହିଛନ୍ତି, ଦୁଇଙ୍କ ମଧ୍ୟରେ ଏକ ପ୍ରତ୍ୟକ୍ଷ ଆଦାନପ୍ରଦାନର ସମ୍ବନ୍ଧ ସ୍ଥାପନ କରିବାଇଁ ଏହି ଯୋଗର ପ୍ରଣାଳୀ ହୋଇ ରହିଛୁ ।

ଅନ୍ନମସ୍ୟ ତଥା ପ୍ରାଣମସ୍ୟ କୋଷରେ ପ୍ରାଣିକତା ତଥା ଦେହସ୍ଥତାର ଯେଉଁ ସମ୍ମିଶ୍ରଣ ଆମର ଏହି ସ୍ଥୂଳ ଶସ୍ତରଟିକୁ ତିଆର କରି ରଖିଛୁ ଏବଂ ଯାହାର ଉପଲବ୍ଧି ସମତାବସ୍ଥାଟି ଏହି ମାନବସତ୍ତାର ଭୂମିଟିରେ ପ୍ରକୃତର ଯାବତୀୟ ନିପ୍ପାର ଭିତ୍ତି ହୋଇ ରହିଛୁ, ସେହି ଦେହ ଓ ପ୍ରାଣ ଉପରେ ବଳସ୍ୟ ହାସଲ କରିବାକୁଇଁ ହଠଯୋଗ ଆପଣାର ଉଦ୍ଦେଶ୍ୟରୂପେ ଗ୍ରହଣ କରିଛୁ । ଏହି ସୋପାନଟିରେ ପ୍ରକୃତି ଦ୍ୱାରା ଯେତିକ ସମତାବସ୍ଥାର ପ୍ରତିଷ୍ଠା ହୋଇଛୁ, ଆମର ସାଧାରଣ ଅହଂ-ଆଶ୍ରିତ ଜୀବନଟି ଲାଗି ସେତିକ ନଷ୍ଟସ୍ୟ ଯଥେଷ୍ଟ; ମାନ ହଠଯୋଗୀର ଅଖିଷ୍ଟସିଦ୍ଧିଟି ଲାଗି ତାହା ଆଦୌ ଯଥେଷ୍ଟ ନୁହେଁ । କାରଣ, ମନୁଷ୍ୟଜୀବନର ସାଧାରଣ ଜୀବଦ୍ଦଶାଟି ମଧ୍ୟରେ ଦେହ-ଯନ୍ତ୍ରଟିକୁ ଚଳାଇ ରଖିବା ସକାଶେ ଏବଂ ଏହି ଦେହଟି ମଧ୍ୟରେ ବାସ କରୁଥିବା ବ୍ୟକ୍ତିର ପ୍ରାଣ ତଥା ଏହି ଦେହଟିକୁ ଘେରି ରହି ତାହାକୁ ନାନାଭାବେ ପ୍ରସାମିତ କରି ରଖିଥିବା ବିଶ୍ୱଗତ ପରିବେଶ ଦେହଠାରୁ ଯେଉଁସବୁ ଜିସ୍ୟାସ୍ମକତାର ଦାବି କରିବାରେ ଲଗିଛନ୍ତି, ଅଳ୍ପବହୁତ ପରମାଣରେ ସେହି ଜିସ୍ୟାସ୍ମକତାଗୁଡ଼ିକୁ ସମ୍ପନ୍ନ କରିବା ସକାଶେ ଯେତିକ ପ୍ରାଣଶକ୍ତି ଅର୍ଥାତ୍ ଗତ୍ୟାସ୍ମକ ଶକ୍ତିର ଆବଶ୍ୟକତା ରହିଛୁ, ତାହାର ଆଧାର ଉପରେଇଁ ସେହି ଯଥେଷ୍ଟତାର କଳନା କରାଯାଇଛୁ । ସେହି ହେତୁରୁ ହଠଯୋଗ ପ୍ରକୃତିରେ ଆବଶ୍ୟକ ସଂଶୋଧନ ଆଣିବାକୁ ଚେଷ୍ଟା କରୁଛୁ ଏବଂ ଏହି କ୍ଷେତ୍ରରେ ଏପରି ଆଉ ଏକ ସମତାବସ୍ଥାକୁ ସମ୍ଭବ କରିବାକୁ ଘୁଡୁଛୁ, ଯାହାଦ୍ୱାରା ଆମର ଏହି ଦେହରୂପୀ ଗଠନାସ୍ମକଟି ଅନିର୍ଦ୍ଦିଷ୍ଟ, ଅର୍ଥାତ୍ ଆପଣାର ପରମାଣ ବା ପ୍ରଗାଢ଼ତାରେ ପ୍ରାପ୍ତ ଅନ୍ନମୟ ପ୍ରାଣଶକ୍ତିର ଏକ ତୁଳନାତ୍ମକ ପ୍ରାଣିକ ବା ଗତ୍ୟାସ୍ମକ ସାମର୍ଥ୍ୟର ବେଗବନ୍ତ ପ୍ରବାହକୁ ମଧ୍ୟ ଧାରଣ କର ରଖିବା ଲାଗି ସମର୍ଥ ହୋଇ ପାରିବ । ପ୍ରାଣ-ଶକ୍ତିର କେବଳ ଏକ ନିର୍ଦ୍ଦିଷ୍ଟ ଓ ସୀମିତପରମାଣ ସାମର୍ଥ୍ୟର ବ୍ୟକ୍ତିରୂପାୟିତ ହେବା ଉପରେଇଁ ପ୍ରକୃତିର ସମତାବସ୍ଥାଟି ଆଧାରିତ ହୋଇ ରହିଛୁ । ଏବଂ ତା'ଠାରୁ ଅଧିକ

'oaob.nitrkl.ac.in' images reprocessed

ପରମାଣର ସାମର୍ଥ୍ୟକୁ ବହୁନ କରପାରିବା, ବ୍ୟବହାର କରପାରିବା ଅଥବା ଆପଣା ନସ୍ନାୟୁମଣ୍ଡଳରେ ରଖିପାରିବା ଲାଗି ମନୁଷ୍ୟବ୍ୟକ୍ତ ଆପଣାର ବ୍ୟକ୍ତଗତ ତଥା ବଂଶାନୁଗତ ସଂସ୍କାର ଦ୍ୱାରା ଏକାନ୍ତ ଅସମର୍ଥ ହୋଇ ରହିଛି । ମାନ ହଠଯୋଗ ତାକୁ ଯେଉଁ ନୂତନ ସମତାବସ୍ଥାଟି ଆଣି ଦେଇଛି, ତଦ୍ଦ୍ୱାରା ସେ ବଶ୍ୱଗତ ସାମର୍ଥ୍ୟର ଏକ ଅନେକ ପରମାଣରେ କମ୍ ନର୍ଦ୍ଦିଷ୍ଟ ଓ କମ୍ ସୀମାବଦ୍ଧ ଜିନ୍ଦାକୁ ଏହି ଶସ୍ତ୍ରର ଭିତରେ ଗ୍ରହଣ କରନେଇ ପାରୁଛି, ତାହାକୁ ଧାରଣ କର ରଖିପାରୁଛି, ତାହାକୁ ବ୍ୟବହାର କରପାରୁଛି ଓ ତାହାକୁ ଆପଣାର ନସ୍ନାୟୁମଣ୍ଡଳରେ ମଧ୍ୟ ରଖିପାରୁଛି; ଏବଂ ତଦ୍ଦ୍ୱାରା ବ୍ୟକ୍ତସ୍ଥ ପ୍ରାଣଶକ୍ତିକୁ ବ୍ୟାପକ ଓ ବଶ୍ୱଗତ ହୋଇ ପାରିବା ଲାଗି ଏକ ଦ୍ୱାର ଉନ୍ମୋଚତ କରଦେଇ ପାରୁଛି ।

ଆସନ ଓ ପ୍ରାଣାସ୍ଥାମ ହେଉଛି ହଠଯୋଗର ମୁଖ୍ୟ ପ୍ରକିୟା । ଆପଣାର ଏହି ବହୁସଂଖ୍ୟକ ଆସନ ଅର୍ଥାତ୍ ପୃଥିର ଦେହସ୍ଥିତ ଦ୍ୱାରା, ବଶ୍ୱଗତ ପ୍ରାଣସମୁଦ୍ରରୁ ଦେହ ମଧ୍ୟକୁ ଅଜାଡ଼ି ହୋଇ ଆସୁଥିବା ପ୍ରାଣିକ ସାମର୍ଥ୍ୟଗୁଡ଼ିକୁ ଦେହର ନାନା ଜିନ୍ଦା ଏବଂ ଗଠନ୍ଥନ୍ଦନ ଦ୍ୱାରା ବ୍ୟୟିତ କର ନଦେଇ ତାହାକୁ ଧାରଣ କର ରଖିବା ଲାଗି ହଠଯୋଗ ପ୍ରଥମେ ଆମର ଦେହକୁ ସେହି ସଦା-ଅସ୍ଥିରତାର ଅବସ୍ଥାରୁ ମୁକ୍ତ କର ନେଇଆସେ, ଯାହାକ ଆମର ଶସ୍ତ୍ରରକୁ ସଦାଦା ଅସମର୍ଥ କର ରଖିଥାଏ । ଆସନ ଓ ପ୍ରାଣାସ୍ଥାମ ଦ୍ୱାରା ହଠଯୋଗ ଶସ୍ତ୍ରରକୁ ଏକ ଅସାଧାରଣ ସ୍ୱାସ୍ଥ୍ୟର ଅଧିକାସ୍ତ କରିଏ, ତାହାକୁ ଅସାଧାରଣ ଶକ୍ତସମ୍ପନ୍ନତା ଓ ନମନୀସ୍ୟତା ଆଣିଦିଏ ଏବଂ ଯେଉଁସବୁ ଅଭ୍ୟାସ ଓ ସଂସ୍କାରର ବଶବର୍ତ୍ତିତା ଦ୍ୱାରା ତାହା ଏହି ସାଧାରଣ ସ୍ତରର ପ୍ରକୃତିର ଅଧୀନ ହୋଇ ରହିଥାଏ ଏବଂ ଆପଣା ନର୍ଭ୍ୟନୈମିତ୍ତିକ ଜିନ୍ଦାସ୍ପନ୍ଦକତାର ସଂକୀର୍ଣ୍ଣ ସୀମାସ୍ତ୍ରଭନତି ମଧ୍ୟରେ ଆବଦ୍ଧ ହୋଇ ରହିଥାଏ, ତାହାକୁ ସେଗୁଡ଼ିକର ପାଶରୁ ମୁକ୍ତ କରିଆଣେ । ଏହି ବଜସ୍ୱଟିକୁ ଉତ୍ତରୋତ୍ତର ସ୍ତରରେ ପ୍ରସାରିତ କରନେଇ ଅନେକ ପରମାଣରେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତଟି ଉପରେ ଯେ ଏକ ବଜସ୍ୱ ହାସଲ କରିଯାଇ ପାରିବ, ହଠଯୋଗର ପୁରାତନ ପରମ୍ପରାରେ ଏପରି ଏକ ଅନୁମାନ ମଧ୍ୟ କରିଯାଇଛି । ଏହା ବ୍ୟତୀତ ଆନ୍ତର ନାନାବିଧ ଆନୁସଙ୍ଗିକ ଅଥଚ ଜଟିଳ ପ୍ରକିୟା ଦ୍ୱାରା ହଠଯୋଗୀ ତା'ପରେ ଶସ୍ତ୍ରରକୁ ଯାବତୀସ୍ୟ ଅଶୁଦ୍ଧତାରୁ ମୁକ୍ତ କର ରଖିବାକୁ ଏବଂ ଆପଣାର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସାଧନ ହୃତାବରେ ସେ କାମରେ ଲଗାଉଥିବା ଶ୍ୱାସପ୍ରଶ୍ୱାସ ପ୍ରକିୟାଗୁଡ଼ିକ ଲାଗି ଆପଣାର ନାଡ଼ୀଚଜଟିକୁ ନଜାଧ କର ରଖିବାକୁ ଅଭିଲାଷ ରଖିଥାଏ । ଏହି ପ୍ରକିୟାଗୁଡ଼ିକୁ ପ୍ରାଣାସ୍ଥାମ କୁହାଯାଏ । ପ୍ରାଣାସ୍ଥାମ, ଅର୍ଥାତ୍ ଶ୍ୱାସବାସୁ ବା ପ୍ରାଣଶକ୍ତର ନସ୍ନାୟୁମଣ୍ଡଳ; କାରଣ ଶ୍ୱାସର ପ୍ରକିୟାଟି ହେଉଛି ପ୍ରାଣିକ ଶକ୍ତିଗୁଡ଼ିକର ସଂସମୁଖ୍ୟ ଭୌତିକ ପ୍ରକିୟା । ହଠଯୋଗୀ ଲାଗି ଏହି ପ୍ରାଣାସ୍ଥାମ ଦୁଇଟି ଉଦ୍ଦେଶ୍ୟର ସାଧନ କରିଥାଏ । ପ୍ରଥମତଃ, ଶସ୍ତ୍ରରକୁ ନର୍ଦୋଷ କର

'oaob.nitrkl.ac.in' images reprocessed

ଗଢ଼ିବାର ପ୍ରକ୍ରିୟାଟିକୁ ଏହା ପରିପୂର୍ଣ୍ଣ କରିଦିଏ । ଏହାଫଳରେ ପ୍ରାଣିକ ଶକ୍ତି ଜଡ଼ସ୍ଥ ପ୍ରକୃତିର କେତେକେତେ ସାଧାରଣ ନିଷ୍କ୍ରିୟାତ୍ମକତାର କବଳ ଭିତରୁ ମୁକ୍ତ ହୋଇଆସେ; ପୂର୍ଣ୍ଣବଳ ସ୍ୱାସ୍ଥ୍ୟ ମିଳେ, ଯୌବନ ଦୀର୍ଘତରସ୍ଥାୟୀ ହୁଏ ଏବଂ ଅନେକ ସମସ୍ଥଳରେ ଏକ ଅସାଧାରଣ ଦୀର୍ଘଜୀବନ ମଧ୍ୟ ସମ୍ଭବ ହୋଇଯାଏ । ଅପର ପକ୍ଷରେ ପ୍ରାଣାତ୍ମାମ ପ୍ରାଣମୟ କୋଷଟିରେ ପ୍ରାଣିକ ଗତ୍ୟାତ୍ମକତାର କୁଣ୍ଡଳନୀ-ଶକ୍ତିକୁ ମଧ୍ୟ ଜାଗ୍ରତ କରିଆଣେ, ଏବଂ ସାଧାରଣ ମନୁଷ୍ୟଜୀବନର ସ୍ତରରେ ଯେଉଁସବୁ ଚେତନା-ଷ୍ଟେଜ୍, ଅନୁଭବର ଯେଉଁସବୁ ସାମର୍ଥ୍ୟ ଏବଂ ଅସାମାନ୍ୟ ଯେଉଁସବୁ ଶକ୍ତି ଆମ ଲାଗି ବାରତ ହୋଇ ରହିଥାଏ, ପ୍ରାଣାତ୍ମାମ ଯୋଗୀ ଲାଗି ସେଗୁଡ଼ାକୁ ଉନ୍ମୋଚିତ କରିଦେଇଯାଏ ଏବଂ ତା'ଠାରେ ପୁଣ୍ଡରୁ ଯେଉଁସବୁ ସାଧାରଣ ଶକ୍ତିସମୂହ ଏବଂ ସାମର୍ଥ୍ୟ ରହିଥିଲା, ସେଗୁଡ଼ାକୁ ମଧ୍ୟ ବଡ଼ ଶକ୍ତିଶାଳୀ ଭାବରେ ଅଧିକ ସବଳ କରିଦିଏ । ଏବଂ ହଠଯୋଗରେ ସୁଲଭ ହୋଇ ରହିଥିବା ଅନ୍ୟାନ୍ୟ ଗୌଣ ପ୍ରକ୍ରିୟା ଦ୍ୱାରା ଏହିସବୁ ଲବ୍ଧ କ୍ଷମତାକୁ ଆହୁରି ଅଧିକ ସ୍ଥାୟୀ ଏବଂ ପରିପୁଷ୍ଟ ମଧ୍ୟ କରାଯାଇ ପାରେ ।

ଏହିପରି ଭାବରେ ହଠଯୋଗର ପରିଣାମଗୁଡ଼ିକ ଆଖିକୁ ଭାର ଚମକପ୍ରଦ ହୋଇ ଦେଖାଯାଏ ଏବଂ ସ୍ଥୂଳ ବା ଭୌତିକ ମନ ଉପରେ ବଡ଼ ସହଜରେ ଆପଣାର ପ୍ରଭାବ ପକାଇଥାଏ । ମାତ୍ର ଏହିସବୁ ସାବଧାନୀ ଆତ୍ମାସଶ୍ରମ ପରେ ଆମେ ପ୍ରକୃତରେ କ'ଣ ଉପଲବ୍ଧି କରିବାକୁ ସମର୍ଥ ହେଉ, ପରିଶେଷରେ ଆମେ ଏଠାରେ ଏହି ପ୍ରଶ୍ନଟି ମଧ୍ୟ ପଚାରିପାରୁ । ଭୌତିକ ପ୍ରକୃତିର ଉଦ୍ଦେଶ୍ୟଟି, ଅର୍ଥାତ୍ କେବଳ ଭୌତିକ ଓ ଜଡ଼ସ୍ଥ ଜୀବନଟିର ସଂରକ୍ଷଣ, ଏହାର ସର୍ବୋତ୍ତମ ପରିପୂର୍ଣ୍ଣତା ଏବଂ ଏପରିକ ଏକ ବିଶେଷ ଅର୍ଥରେ କହିଲେ ଭୌତିକ ଜୀବନଟିର ଅଧିକତର ଉପଭୋଗ କରିବାର ସାମର୍ଥ୍ୟ,—ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିମାଣରେ ବା ମାତ୍ରାତିରିକ୍ତ ଭାବରେ ଏସବୁର ଅନୁଶୀଳନ ହୋଇପାରିଛି । ମାତ୍ର ହଠଯୋଗରେ ଏହି ଦୁର୍ବଳତାଟି ରହିଛି ଯେ ଏହାର ଶ୍ରମସାଧ୍ୟ ଓ ଆତ୍ମାସକର ପ୍ରକ୍ରିୟାଗୁଡ଼ିକ ମନୁଷ୍ୟର ସମସ୍ତ ଓ ଶକ୍ତିରୁ ଅତିବେଶୀ ଦାବି କରିବାକୁ ଆସନ୍ତି ଏବଂ ମନୁଷ୍ୟମାନଙ୍କର ସାଧାରଣ ଜୀବନରୁ ସାଧକକୁ ଅତିବେଶୀ ବିଚ୍ୟୁତ ଓ ବିଚ୍ଛିନ୍ନ କରି ନେଇଯାନ୍ତି; ଏବଂ ତାହାଫଳରେ ଏହି ବିଶ୍ୱଜଗତର ଜୀବନ ସକାଶେ ଏହାର ଲବ୍ଧ ଫଳଗୁଡ଼ାକର ବିନିଯୋଗ କରିପାରିବା ପ୍ରକୃତିରେ ପ୍ରାୟ ଅସମ୍ଭବ ହୋଇ ରହିଯାଏ ଅଥବା ଅତ୍ୟଧିକ ପରିମାଣରେ ସୀମାବଦ୍ଧ ହୋଇପଡ଼େ । ଏହାର ଚରିତ୍ରପୂରଣସ୍ୱରୂପ ଯଦି ଆମେ ଅନ୍ତରସ୍ଥ ଅନ୍ୟ ଏକ ଜଗତରେ ଅନ୍ୟ ଏକ ଜୀବନ ଅର୍ଥାତ୍ ମନୋଗତ ତଥା ଗତିଶୀଳ ଜୀବନ ଲାଭ କରୁ ବୋଲି କୁହାଯାଏ, ତେବେ ତାହାର ଉତ୍ତରରେ ଏକଥା ମଧ୍ୟ କୁହାଯାଇ ପାରିବ ଯେ ଅନ୍ୟାନ୍ୟ ମାର୍ଗରେ ମଧ୍ୟ ଏହିସବୁ ଫଳାଦି ବେଶ୍ ଲାଭ

'oaob.nitrkl.ac.in' images reprocessed

କରିଯାଇ ପାରିଥାନ୍ତା; ଛନ୍ଦାନ୍ତରଣସ୍ୱରୂପ ରାଜଯୋଗ ଏବଂ ଭକ୍ତି ଦ୍ୱାରା ଏବଂ ଅପେକ୍ଷାକୃତ ଅନେକ କମ୍ କଷ୍ଟକର ପ୍ରଣାଳୀଗୁଡ଼ିକର ଅନୁସରଣ କର ସେଗୁଡ଼ିକ ବେଶ୍ ଲବ୍ଧ ହୋଇ ପାରନ୍ତା। ଏବଂ ସେଗୁଡ଼ିକୁ ସ୍ଥାସ୍ଥୀ କର ରଖିବା ପାଇଁ ଏତେ ଏତେ କଠୋର ନସ୍ୟମର ପାଳନ ମଧ୍ୟ କରିବାକୁ ପଡ଼ନ୍ତା ନାହିଁ। ଏବଂ ଅନ୍ୟ ପକ୍ଷରେ, ଅଧିକତର ପ୍ରାଣଶକ୍ତି, ଦୀର୍ଘସ୍ଥାସ୍ଥୀ ଯୌବନ, ସ୍ୱାସ୍ଥ୍ୟ ଓ ଦୀର୍ଘଜୀବନ ପ୍ରଭୃତି ଭୌତିକ ଲାଭଗୁଡ଼ିକୁ ଯଦି ଆମକୁ କେବଳ କୃପଣଙ୍କ ପରିହିଁ ଧରି ରଖିବାକୁ ହୁଏ, ସାଧାରଣ ଜୀବନଠାରୁ ଅଲଗା ହୋଇ ଯଦି କେବଳ ସେହିଗୁଡ଼ିକ ଲଗିହିଁ ସେଗୁଡ଼ିକୁ ଆଡୋର ରହିବାକୁ ହୁଏ ଏବଂ ବଶ୍ୱନିସ୍ୱାର ସ୍ୱଜନଜନଗତ ସମସ୍ତି ଛଡ଼ରେ ତାହାକୁ ଯଦି ମିଶାଇ ଦିଆ ନଯାଏ କିଂବା ବନ୍ଧଯୋଗ କରି ନଯାଏ, ତେବେ ଉଦ୍ଦାସ୍ ଆମର ପ୍ରକୃତରେ ଅତ୍ୟନ୍ତ କମ୍ ପ୍ରକାର ହେବ ବୋଲି କହିବାକୁ ପଡ଼ିବ। ଆପଣାର ମାର୍ଗରେ ହଠଯୋଗ ଅନେକ ବଡ଼ ବଡ଼ ଫଳ ଫଳାଏ ସତ, ମାନ ସେଥିଲଗି ଆମକୁ ଅତିରକ୍ତ ପରମାଣରେ ମହାର୍ଘ ମୂଲ୍ୟ ଗଣିବାକୁ ପଡ଼େ ଏବଂ ଏକ ଅତ୍ୟନ୍ତ କ୍ଷୁଦ୍ର ଉଦ୍ଦେଶ୍ୟର ସାଧନ ଲଗି ଏଗୁଡ଼ିକ କରିବାକୁ ପଡ଼ିଥାଏ।

ରାଜଯୋଗ ଏହା ଦୁଇନାରେ ଏକ ଉଚ୍ଚତର ଆକାଶରେ ବିଚରଣ କରିଥାଏ। ଶାସ୍ତ୍ରର ସତ୍ତ୍ୱର ବମୋଚନ ଓ ପରିପୂର୍ଣ୍ଣତାକୁ ରାଜଯୋଗ ଆପଣାର ଧେୟରୂପେ ଗ୍ରହଣ କରେ ନାହିଁ, ମାନ ମନୋମସ୍ୱ ସତ୍ତ୍ୱର ବମୋଚନ ଓ ପରିପୂର୍ଣ୍ଣତା, ଫବେଗଗତ ତଥା ଇନ୍ଦ୍ରିସ୍ୱଲବ୍ଧ ଜୀବନର ନସ୍ୟନ୍ତ୍ରଣ ଏବଂ ଭାବନା ଏବଂ ଚେତନାର ସମଗ୍ର ସନ୍ତୃଷ୍ଟି ଉପରେ ପୂର୍ଣ୍ଣାଧିକାରଲାଭହିଁ ରାଜଯୋଗର ଧେୟ ହୋଇ ରହିଥାଏ। ରାଜଯୋଗ ଚତ୍ତ ଉପରେ ଆପଣାର ଦୃଷ୍ଟିକୁ ନବଦ୍ଧ କର ରଖେ; ଅର୍ଥାତ୍ ଯେଉଁ ଆଧାରଟି ଉପରେ ଏହିସବୁ ଯାବତୀସ୍ୱ ନିସ୍ୱାସ୍ପକତାର ଉଦ୍ଭବ ହେଉଥାଏ, ମନଶ୍ଚେତନାର ସେହି ଉପାଦାନଟି ଉପରେହିଁ ଆପଣାର ଦୃଷ୍ଟିକୁ ନବଦ୍ଧ କର ରଖେ ଏବଂ ଆପଣାର ଭୌତିକ ସାମଗ୍ରୀଟିକୁ ନେଇ ହଠଯୋଗ ଯାହା କରେ, ରାଜଯୋଗ ମଧ୍ୟ ସ୍ୱଂସ୍ପ୍ରଥମେ ଏହି ମନଶ୍ଚେତନାକୁ ଶୁଦ୍ଧ ଓ ଶାନ୍ତ କର ରଖିବାକୁ ଚେଷ୍ଟା କରିଥାଏ। ଆପଣାର ସାଧାରଣ ଅବସ୍ଥାରେ ମନୁଷ୍ୟ ନାନାପ୍ରକାରେ ବିକ୍ଷୁବ୍ଧ ଓ ବିଶୃଙ୍ଖଳ ହୋଇ ରହିଥାଏ, ତା' ମନର ରାଜ୍ୟଟି ହୁଏତ ଆପଣା ସହିତ ଯୁଦ୍ଧରେ ଲିପ୍ତ ହୋଇ ରହିଥାଏ ଅଥବା ଏକ ଅତ୍ୟନ୍ତ କୃଣାସ୍ପନର ପ୍ରକୋପ ଭିତରେ ପଡ଼ିଥାଏ। କାରଣ ଅସଲ ସ୍ୱାମୀ, ଅର୍ଥାତ୍ ପୁରୁଷ ଏଠାରେ ଆପଣାର ମନ୍ତ୍ରୀମାନଙ୍କର ଅର୍ଥାତ୍ ଆପଣାର ବୃତ୍ତିଗୁଡ଼ିକର ଅଧୀନ ହୋଇ ରହିଥାନ୍ତି, ଏପରକ ଆପଣାର ପ୍ରଜାମାନଙ୍କର ଅର୍ଥାତ୍ ଇନ୍ଦ୍ରିସ୍ୱାନୁଭୂତି, ଫବେଗ, ନିସ୍ୱା ତଥା ଉପଲବ୍ଧିର ସାଧନଗୁଡ଼ିକର ଅଧୀନ ହୋଇ ରହିଥାନ୍ତି। ଏହି ଅଧୀନସ୍ଥତାକୁ ନଗ୍ନକୃତ କରି ସ୍ୱତନ୍ତ୍ରସ୍ୱର ପ୍ରତିଷ୍ଠା କରିବାକୁ ପଡ଼େ। ତେଣୁ ଶୃଙ୍ଖଳାର ଶକ୍ତିଗୁଡ଼ିକ ଯେପରି

'oaob.nitrkl.ac.in' images reprocessed

ଶୃଙ୍ଖଳାସ୍ୱାନଜାର ଶତ୍ରୁଗୁଡ଼ିକୁ ଆପଣାର ବଶ କର ରଖିପାରିବେ, ସେଥିଲାଗି ପ୍ରଥମେ ସେଗୁଡ଼ିକୁ ଆବଶ୍ୟକ ସାହାଯ୍ୟ ଆଣି ଯୋଗାଇ ଦେବାକୁ ପଡ଼େ । ରାଜଯୋଗର ସଂପ୍ରାପ୍ତିକ ଇଦ୍ୟମଷ୍ଟିକୁ ଆମେ ଏକ ପୁଯତ୍ନଶୀଳ ଆସ୍ପଶୃଙ୍ଖଳାବଧାନ ବୋଲି କହିପାରିବା, ଯାହାଦ୍ୱାରାକ ନମସ୍ତ ସ୍ନାସ୍ୱବକ ସଷ୍ଟିକୁ ତୁଷ୍ଟ କର ରଖିଥିବା ଜସ୍ୟମଶୂନ୍ୟ ଯାବତୀସ୍ୱ ହିସ୍ୱାର ସ୍ଥାନାପନ୍ନ ଭାବରେ ମନର ଇତ୍ତମ ଅଭ୍ୟାସଗୁଡ଼ିକୁ ଆଣି ପ୍ରସ୍ଥାପିତ କସ୍ୱାଇଥାଏ । ସତ୍ୟର ଅନୁଶୀଳନ ଦ୍ୱାସ୍ୱ, ଯାବତୀସ୍ୱ ପ୍ରକାରର ଅଦ୍ୱଂପ୍ରେଶତ ଅନ୍ୱେଷଣର ପରିହାର ଦ୍ୱାସ୍ୱ, ଅନ୍ୟ କାହାରକୁ କୌଣସିପ୍ରକାର ଆଘାତ ପହୁଞ୍ଚାଇବାରୁ ନବୃତ୍ତ ରହିବା ଦ୍ୱାସ୍ୱ, ଶୁଦ୍ଧତା ଓ ସତ୍ତତ ଧ୍ୟାନ ଦ୍ୱାସ୍ୱ ଏବଂ ମନୋମସ୍ୱ ସ୍ୱଜ୍ୟଷ୍ଟିର ଯଥାର୍ଥ ପ୍ରଭୁରୂପେ ବଦ୍ୟମାନ ରହିଥିବା ସେଇ ଦିବ୍ୟ ପୁରୁଷଙ୍କ ଲାଗି ଆଗସ୍ୱା ହୋଇ ରହିବା ଦ୍ୱାସ୍ୱାଇଁ ମନ ତଥା ହୃଦସ୍ୱର ଏକ ଶୁଦ୍ଧ, ପ୍ରସନ୍ନ ତଥା ନର୍ମଳ ସ୍ଥିତର ସ୍ଥାପନା ହୋଇଯାଏ ।

ମାନ ଏଇଟିକୁ କେବଳ ପ୍ରଥମ ଚରଣପାତ ବୋଲି କୁହାଯିବ । କାରଣ ତା'ପରେ ମନ ତଥା ଇନ୍ଦ୍ରିସ୍ୱଚସ୍ୱର ଏଇ ନତ୍ୟନୈମିତ୍ତିକ ହିସ୍ୱାସ୍ପକତାଗୁଡ଼ିକୁ ଫପୂର୍ଣ୍ଣ ଭାବରେ ଶାନ୍ତ କର ଆଣିବାକୁ ପଡ଼ିବ, ଯେପରକ ଅନ୍ତରସ୍ଥ ଆତ୍ମା ଚେତନାର ଆଦୁର ଇଚ୍ଛତର ସ୍ଥିତଗୁଡ଼ିକୁ ଆସ୍ୱେହଣ କରିଯାଇ ପାରିବା ଲାଗି ମୁକ୍ତ ହୋଇଯିବ ଏବଂ ଏକ ପରିପୂର୍ଣ୍ଣ ବମୁକ୍ତ ତଥା ଆତ୍ମ-ସ୍ପମିତ୍ୱ ଲାଗି ଏକ ଯଥାର୍ଥ ଭିତ୍ତି ଲାଭ କରିପାରିବ । କନ୍ତୁ ଆମର ଏଇ ସାଧାରଣ ଭୂମିର ମନଟି ଆମ ନାଡ଼ୀମଣ୍ଡଳ ତଥା ଆମ ଦେହର ସାବତୀସ୍ୱ ପ୍ରତିହିସ୍ୱାର ଅଧୀନ ହୋଇ ରହିଛୁ ବୋଲି ଯେ ତାହାକୁ ଏତେସବୁ ଅସମର୍ଥତା ମଧ୍ୟରେ ଜଡ଼ତ ହୋଇ ରହିବାକୁ ପଡ଼ୁଛୁ, ରାଜଯୋଗ ଏକଥାଟିକୁ ଆଦୌ ଭୁଲ ନଥାଏ । ତେଣୁ ରାଜଯୋଗ ହଠଯୋଗରୁ ସେଥିରେ ଥିବା ଆସନ ତଥା ପ୍ରାଣାସ୍ୱାମର କୌଶଳଗୁଡ଼ିକୁ ଗ୍ରହଣ କର ଆଣେ; ମାନ ପ୍ରତ୍ୟେକ କ୍ଷେତ୍ରରେ ହଠଯୋଗର ଅନେକ ତଥା ଜଟିଳ ରୂପଗୁଡ଼ିକୁ ଏପର ଅତ୍ୟନ୍ତ ସରଳ ଅଥଚ ପ୍ରତ୍ୟକ୍ଷତଃ ଫଳପ୍ରଦ ପ୍ରକିସ୍ୱାରେ ବଦଳାଇ ଦିଏ ଯେ ତାହା ତା'ର ତାତ୍କାଳିକ ଇଦ୍ଦେଶ୍ୟସାଧନ ପାଇଁ ସଥେଷ୍ଟ ପ୍ରତିପାଦ୍ୟ ହୋଇଥାଏ । ଏହିପର ଭାବରେ ରାଜଯୋଗ ହଠଯୋଗର ଜଟିଳତା ଏବଂ ବତ୍ତୁତସ୍ତତାରୁ ଆପଣାକୁ ବଞ୍ଚାଇରଖେ ଏବଂ ଏଣେ ହଠଯୋଗସ୍ଥ ପ୍ରଣାଳୀଗୁଡ଼ିକର ସତ୍ତ୍ୱର ତଥା ଶକ୍ତିଶାଳୀ ଉପାଦେସ୍ୱତା-ଗୁଡ଼ିକୁ ଶସ୍ତ୍ୱର ତଥା ପ୍ରାଣଜିସ୍ୱାଗୁଡ଼ିକୁ ଜସ୍ୱତ୍ନଣରେ ରଖିବା ଲାଗି ଏବଂ ଯୋଗର ପରସ୍ପରାରେ ଯାହାକୁ କୁଣ୍ଡଳିନୀ ବୋଲି କୁହାଯାଇଛୁ, ଏକ ଅନୁର୍ନିହିତ ଅସାଧାରଣ ଶକ୍ତସମ୍ଭାବନା ଦ୍ୱାସ୍ୱ ପୂର୍ଣ୍ଣ ହୋଇ ରହିଥିବା ସେଇ ଅନ୍ତରସ୍ଥ ପୁପ୍ତ ଚାତଶୀଳତାଟିକୁ ଜାଗ୍ରତ କର ଆଣିବା ଲାଗି କାମରେ ଲଗାଇଥାଏ । ଏଇ ସୋପାନଟି ସାଧ୍ୟ ହୋଇଯିବା ପରେ ରାଜଯୋଗ ଅସ୍ଥିର ମନଟିକୁ ଶାନ୍ତ କର ଆଣିବା ଲାଗି ଅଗ୍ରସର

'oaob.nitrkl.ac.in' images reprocessed

ହୁଏ, ମନଃଶକ୍ତିର ଏକାଗ୍ର ଅଭିନିବେଶ ଦ୍ୱାରା ତାକୁ ଏକ ଉଚ୍ଚତର ଭୂମିକୁ ଉତ୍ତୋଳିତ କରିନେବାକୁ ଉଦ୍ୟତ ହୁଏ ଏବଂ ସେହି କ୍ଷମତାରେ ଦେଡୋଟି ପର୍ଯ୍ୟାୟ ପାରହୋଇ ତାହା ସମାଧି ଅବସ୍ଥାକୁ ବଳଶାଳି ହୋଇ ଯାଇଥାଏ ।

ସମାଧିର ଅବସ୍ଥାରେ ମନ ଆପଣାର ସେହି ସୀମାବଦ୍ଧ ଜାଗରଣକାଳୀନ କ୍ରିୟାସୃକତାଟି ମଧ୍ୟରୁ ଆପଣାକୁ ଅପସୃତ କରିଆଣି ଚେତନାର ଅଧିକ ମୁକ୍ତ ତଥା ଅଧିକ ଉଚ୍ଚ ସ୍ତିତିଗୁଡ଼ିକରେ ପ୍ରବେଶ କର ପାରିବା ଲାଗି ସାମର୍ଥ୍ୟ ଅର୍ଜନ କରିଥାଏ । ଏହି ସମାଧି ଦ୍ୱାରା ରାଜଯୋଗ ଦୁଇଟି ଉଦ୍ଦେଶ୍ୟର ସାଧନ କରେ । ପ୍ରଥମତଃ ତାହା ଏପରି ଏକ ଶୁଦ୍ଧ ମାନସକ୍ରିୟାକୁ ଆପଣା କ୍ଷେତ୍ରର ଅନ୍ତର୍ଭୁକ୍ତ କର ରଖେ ଯାହାକି ଏହି ବାହ୍ୟ ଚେତନାଟିର ଯାବତୀୟ ଗୋଳ ଓ ଧନ୍ଦୋଳ ଉଉରୁ ମୁକ୍ତ ହୋଇ ରହିଥାଏ ଏବଂ ସେହି ସୋପାନଟିରୁ ଆହୁରି ଉଚ୍ଚ ସେହି ଅତିମାନସ ଭୂମିଗୁଡ଼ିକ ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯାଏ, ଯେଉଁଠାକୁ ଆସି ବ୍ୟକ୍ତିର ଆତ୍ମା ଆପଣାର ଯଥାର୍ଥ ଚିଦ୍‌ଗତ ଅସ୍ତିତ୍ୱଟି ମଧ୍ୟରେହିଁ ପ୍ରବେଶ କରେ । ଏବଂ ଦ୍ୱିତୀୟତଃ, ତାହା ଆପଣାର ବସ୍ତୁସୃଷ୍ଟି ଉପରେ ଚେତନାର ସେହି ପରମ ମୁକ୍ତ ତଥା ଏକାଭିନବବସ୍ତୁ ଶକ୍ତିସଞ୍ଚାରଣର ସାମର୍ଥ୍ୟଟିକୁ ମଧ୍ୟ ଲାଭ କରେ, ଯାହାକୁକି ଆମର ଦର୍ଶନଶାସ୍ତ୍ର ସେହି ମୂଳଭୂତ ବିଶ୍ୱସାମର୍ଥ୍ୟ ବୋଲି ଘୋଷଣା କରିଛି, ତାହାକୁ ଏହି ବିଶ୍ୱଭୁବନରେ ଦିବ୍ୟ କ୍ରିୟାସୃକତାର ପ୍ରଣାଳୀ ବୋଲି ବ ଘୋଷଣା କରିଛି । ସମାଧି ଅବସ୍ଥାରେ ଆଗରୁ ସେହି ସର୍ବୋଚ୍ଚ ବିଶ୍ୱାତୀତ ଜ୍ଞାନ ତଥା ଅନୁଭୂତିର ସମ୍ପତ୍ତିଟା ଲାଭ କରିଥିବା ଯୋଗୀ ଏହି ସାମର୍ଥ୍ୟଟି ଦ୍ୱାରା ଏହି ବସ୍ତୁଗତ ଜଗତଟିରେ ତାହାର ଯାବତୀୟ କ୍ରିୟା ସକାଶେ ଯାହାକିଛି ଜ୍ଞାନ ତଥା ସ୍ୱାମିତ୍ୱର ଉପଯୋଗିତା ଓ ଆବଶ୍ୟକତା ରହିଥାଏ, ସେହି ଜ୍ଞାନଟିକୁ ଅର୍ଜନ କରିବାକୁ ଓ ସେହି ସ୍ୱାମିତ୍ୱଟିକୁ କାର୍ଯ୍ୟାନ୍ୱିତ କରିବାକୁ ତା'ର ଜାଗ୍ରତ ଅବସ୍ଥାରେ ମଧ୍ୟ ସମର୍ଥ ହୋଇଥାଏ । କାରଣ, ରାଜଯୋଗର ପ୍ରାଚୀନ ମାର୍ଗଟି କେବଳ ଯେ ସ୍ୱରାଜ୍ୟ ଅର୍ଥାତ୍ ଆତ୍ମଶାସନର ସେହି ଆଶସ୍ତଗତ ରାଜ୍ୟଟିକୁ ଆପଣାର ଅଖିସ୍ତରୂପେ ଗ୍ରହଣ କରିଥିଲା ତାହା ନୁହେଁ, କେବଳ ଆପଣାର ଜୀବନକ୍ଷେତ୍ରଟିରେ ପ୍ରଯୁକ୍ତ ସକଳ ଅବସ୍ଥା ତଥା କ୍ରିୟାସୃକତା ଉପରେ ଆପଣାର ଆଶସ୍ତଗତ ଚେତନାଟି ଦ୍ୱାରା ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବାକୁହିଁ ଆପଣାର ଲକ୍ଷ୍ୟ କର ଧରିଥିଲା ତାହା ନୁହେଁ; ମାତ୍ର ସେହି ଲକ୍ଷ୍ୟଟିର ପରସ୍ପର ମଧ୍ୟରେ ସାମ୍ରାଜ୍ୟ ଅର୍ଥାତ୍ ବହିଃସ୍ଥ ସାମ୍ରାଜ୍ୟଟି ମଧ୍ୟ ଅନ୍ତର୍ଭୁକ୍ତ ରହିଥିଲା, ଅର୍ଥାତ୍ ଆଶସ୍ତଗତ ଚେତନା ଦ୍ୱାରା ଜୀବନକ୍ଷେତ୍ରଟିର ବାହ୍ୟ ଯାବତୀୟ କ୍ରିୟାସୃକତା ଓ ବାହ୍ୟ ପରବେଶଟି ଉପରେ ମଧ୍ୟ ନିୟନ୍ତ୍ରଣ ହାସଲ କରିବା ସେହି ଲକ୍ଷ୍ୟର ଅନ୍ତର୍ଗତ ହୋଇ ରହିଥିଲା ।

ଆମେ ଏଠାରେ ବେଶ୍ ଦେଖିପାରୁଛୁ ଯେ ପ୍ରାଣ ଓ ଦେହକୁ ନେଇ ଆପଣାର ଯାବତୀୟ କାର୍ଯ୍ୟ କରୁଥିବା ହଠଯୋଗ ତୁଳନାରେ ଏହି ଭୌତିକ ଜୀବନ

'oaob.nitrkl.ac.in' images reprocessed

ତଥା ତାହାର ସାମର୍ଥ୍ୟଗୁଡ଼ିକର କ୍ଷେତ୍ରରେ ଏକ ଅନନ୍ୟସାଧାରଣ ପରିପୂର୍ଣ୍ଣତା ହାସଲ କରିବାକୁ ଆପଣାର ଉଦ୍ଦେଶ୍ୟ କର ରଖିଥାଏ ଓ ଶେଷରେ ଆପଣାର ଏହି ସୀମାଗୁଡ଼ିକୁ ଅତିକ୍ରମ କର ମାନସ ଜୀବନର ଭୂମିଟି ଭିତରେ ମଧ୍ୟ ପ୍ରବେଶ କରିଥାଏ, ସେହିପରି ମନକୁ ଭୂମିରୂପେ ବ୍ୟବହାର କର କାର୍ଯ୍ୟ କରୁଥିବା ରାଜଯୋଗ ମଧ୍ୟ ମାନସ ଜୀବନର ଯାବତୀୟ ସାମର୍ଥ୍ୟରେ ଏକ ଅନନ୍ୟସାଧାରଣ ପରିପୂର୍ଣ୍ଣତା ଏବଂ ପ୍ରସାରଣ ଆଣିଦେବାକୁହିଁ ଆପଣାର ଲକ୍ଷ୍ୟରୂପେ ଗ୍ରହଣ କରିଥାଏ ଏବଂ ଶେଷରେ ଆପଣାର ଏହି ସୀମାଗୁଡ଼ିକୁ ଅତିକ୍ରମ କର ଚିଦ୍‌ଗତ ଅର୍ଥାତ୍ ଆଧ୍ୟାତ୍ମିକ ଜୀବନର ଭୂମିଟି ଭିତରେ ମଧ୍ୟ ପ୍ରବେଶ କରିଥାଏ । ମାତ୍ର, ଏହି ପଦ୍ଧତିରେ ଗୋଟିଏ ଦୁର୍ବଳତା ମଧ୍ୟ ରହିଛି ଯେ ତାହା ସମାଧିର ଅସାମାନ୍ୟ ବା ଅସାଧାରଣ ଅବସ୍ଥାଗୁଡ଼ିକ ଉପରେହିଁ ଅତ୍ୟଧିକ ଭାବରେ ନିର୍ଭର କର ରହିଥାଏ । ଏହି ଫଳାଫଳଟି ଫଳରେ ପ୍ରଥମତଃ ଆମର ଭୌତିକ ଜୀବନଟିର ସ୍ତରରୁ ଏକପ୍ରକାର ଉଦାସୀନ ହୋଇ ରହିବାର ପ୍ରବୃତ୍ତିଟି ଜନ୍ମଲାଭ କରିଥାଏ; ମାତ୍ର ଏହି ଭୌତିକ ଜୀବନଟି ହେଉଛି ଆମ ଅସ୍ତିତ୍ୱର ପ୍ରଥମ ଭୂମି ଏବଂ ଆମର ଯାବତୀୟ ମାନସିକ ତଥା ଆଧ୍ୟାତ୍ମିକ ଲବ୍ଧଫଳକୁ ଆମକୁ ପ୍ରକୃତରେ ଏହି କ୍ଷେତ୍ରଟି ମଧ୍ୟକୁହିଁ ବହନ କର ଆଣିବାକୁ ପଡ଼ିବ । ରାଜଯୋଗର ପଦ୍ଧତିରେ ଆଧ୍ୟାତ୍ମିକ ଜୀବନହିଁ ସମାଧିର ଅବସ୍ଥାଟି ସହିତ ବିଶେଷ ଭାବରେ ଯୋଡ଼ି ହୋଇ ରହିଥାଏ । ଆଧ୍ୟାତ୍ମିକ ଜୀବନ ଏବଂ ତାହାର ଅନୁଭବକୁ ଆମ ଜୀବନର ଜାଗ୍ରତ ଅବସ୍ଥାରେ ଓ ଏପରିକ ଆମ ଜୀବନଗତ କ୍ରିୟାଗୁଡ଼ିକର ସାଧାରଣ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ପୂର୍ଣ୍ଣଭାବରେ ସମ୍ଭିତ୍ୱ ଓ ଉପଯୋଗୀ କରିବାକୁହିଁ ଆମେ ଆପଣାର ଉଦ୍ଦେଶ୍ୟ ବୋଲି ଗ୍ରହଣ କର ନେଇଛୁ । ମାତ୍ର ରାଜଯୋଗରେ ଏହି ଆଧ୍ୟାତ୍ମିକ ଜୀବନ ଓ ତାହାର ଅନୁଭବଟି ପ୍ରକୃତରେ ଏକ ଗୌଣ ଭୂମି ମଧ୍ୟକୁହିଁ ଅପସାରିତ ହୋଇ ରହିଯାଏ, ଆମ ଜଡ଼ୀୟନୈମିତ୍ତିକ ଅନୁଭୂତିଗୁଡ଼ିକର ପଛରେ ଯାଇ ରହିଯାଏ; ଆମର ସମଗ୍ର ଅସ୍ତିତ୍ୱର ଭୂମିଟିକୁ ତାହା କଦାପି ଓହ୍ଲାଇ ଆସେ ନାହିଁ ଏବଂ ଏଇଟିକୁ କଦାପି ଅଧିକାର କରିନଏ ନାହିଁ ।

ରାଜଯୋଗ ଏହିପର ଭାବରେ ଅନଧିକୃତ ରହି ଯାଉଥିବା କ୍ଷେତ୍ରଟିକୁ ଆପଣାର ଅଧିକାରକୁ ଆଣିବା ଲଗି ଭକ୍ତି, ଜ୍ଞାନ ଓ କର୍ମର ତିନିବିଧ ଯୋଗମାର୍ଗଟି ପ୍ରସ୍ତାବ କରିଥାଏ । ପରିପୂର୍ଣ୍ଣତାର ପରମ ସମ୍ଭିରୂପେ ଏହା ସମଗ୍ର ମନୋବୃତ୍ତିକୁ ଏଭେଦୂର ବସ୍ତୁଚ ଭାବରେ ପ୍ରଶିକ୍ଷିତ କର ରଖିବାରେ ଆପଣାକୁ କଦାପି ବ୍ୟସ୍ତ କର ରଖେ ନାହିଁ, ଏବଂ ଏହି ଦୃଷ୍ଟିରୁ ଏହା ରାଜଯୋଗଠାରୁ ଅନ୍ୟପ୍ରକାର ହୋଇ ରହିଥାଏ । ଏହା ଅନ୍ୟ ପକ୍ଷରେ ଆମର ବୁଦ୍ଧି, ହୃଦସ୍ପ ଓ ଇଚ୍ଛାଶକ୍ତି ପ୍ରଭୃତି କେତୋଟି କେନ୍ଦ୍ରସ୍ଥ ଭତ୍ତ୍ୱକୁ ଆପଣା ହାତରେ ନେଇଥାଏ ଏବଂ ସେଗୁଡ଼ିକୁ ସେଗୁଡ଼ିକର ନୈତ୍ୟ-ନୈମିତ୍ତିକ ତଥା ବାହ୍ୟ ବ୍ୟାପୃତତ୍ତା ଓ କ୍ରିୟାତ୍ମକତାଗୁଡ଼ିକରୁ ଦୂରକୁ ଅପସୃତ

'oaob.nitrkl.ac.in' images reprocessed

କରନେଇ ଓ ପରମ ଦ୍ରବ୍ୟ ସତ୍ତ୍ୟଙ୍କି ଉପରେ ସେଗୁଡ଼ିକୁ ଅଦ୍ଭନବେଶିତ କରାଇ ସେଗୁଡ଼ିକର ଏହି ଭୂମିର କାର୍ଯ୍ୟକାରିତାଟିରେ ଏକ ରୂପାନ୍ତର ଆଣିବାକୁ ଚେଷ୍ଟା କରିଥାଏ । ଆଉ ଗୋଟିଏ କଥାରେ ସଦ୍ଧ ଏହା ବ୍ରଜଯୋଗଠାରୁ ଅନ୍ୟପ୍ରକାର ହୋଇ ରହିଥାଏ : ଅର୍ଥାତ୍ ଏହା ଶାସ୍ତ୍ରର ତଥା ମାନସିକ ପରପୂର୍ଣ୍ଣତା ଲଗି ଛଦାସ୍ପୀନତା ଦେଖାଏ ଏବଂ କେବଳ ଶୁଦ୍ଧୀକରଣକୁହିଁ ଦ୍ରବ୍ୟ ପରମୋପଲବ୍ଧିର ଏକମାତ୍ର ସର୍ତ୍ତ ବୋଲି ମାନ ତାହାକୁହିଁ ଲକ୍ଷ୍ୟ କରି ଧରିଥାଏ । ଏବଂ ଏଠାରେ ପୂର୍ଣ୍ଣଯୋଗର ଦୃଷ୍ଟିକୋଣଟିରୁ ବଗୁର କଥା ଆମେ ଏହାକୁ ଏକ ଦୋଷ ବୋଲି ସଦ୍ଧ କହିପାରିବା । ଏବଂ ଏହାର ଏକ ଦ୍ୱିତୀୟ ଦୋଷ ହେଉଛୁ ଯେ ଆପଣାର ବାସ୍ତବ ଘରଣାର କ୍ଷେତ୍ରରେ ଏହା ଉନୋଟିଯାକ ସମାନ୍ତର ପଥରୁ କେବଳ ଗୋଟିକୁହିଁ ବଡ଼ ଐକାନ୍ତିକ ଭାବରେ ଗ୍ରହଣ କରିଥାଏ; ଏପରକ ଗୋଟିକୁ ଗ୍ରହଣ କର ନେଇଥିଲାବେଳେ ଅନ୍ୟ ଦୁଇଟି ପ୍ରତି ବଗ୍ରେଧିତା ସଦ୍ଧ ଦେଖାଇଥାଏ; ଏକ ପୂର୍ଣ୍ଣ ତଥା ଦ୍ରବ୍ୟ ଉପଲବ୍ଧିର ସମଗ୍ର ଭୂମି ଉପରେ ବୁଦ୍ଧି, ହୃଦସ୍ତ ତଥା ଇଚ୍ଛାଶକ୍ତି ମଧ୍ୟରେ ଏକ ସମନ୍ୱୟାତ୍ମକ ପୂପସଦ୍ଧାର ବିଧାନ କରିବା ଲଗି ତାହା କୌଣସି ପ୍ରୟାସ କରେ ନାହିଁ ।

ସେହି ଅନନ୍ୟ ଓ ପରମ ଆତ୍ମସ୍ୱରୂପଙ୍କର ଉପଲବ୍ଧିକୁହିଁ ଜ୍ଞାନମାର୍ଗ ଆପଣାର ଲକ୍ଷ୍ୟରୂପେ ଗ୍ରହଣ କରିଥାଏ । ବଗୁର ଏବଂ ବବେକକୁ ମାର୍ଗରୂପେ ଗ୍ରହଣ କର ତାହା ଅଗ୍ରସର ହୋଇଥାଏ । ଆମର ଏହି ଆପାତ ବା ପ୍ରାତଭ୍ୱସିକ ସତ୍ତ୍ୱିର ଭିନ୍ନ ଭିନ୍ନ ଉପାଦାନଗୁଡ଼ିକୁ ସ୍ଥିର ଭାବରେ ଅବଲ୍ଲେକନ କର ତାହା ସେଗୁଡ଼ିକର ଭେଦ ନରୂପଣ କର ଦେଇଥାଏ ଏବଂ ସେଗୁଡ଼ିକରୁ ପ୍ରତ୍ୟେକଟି ସହିତ ଏକାତ୍ମକ ହୋଇ ରହିବାର ମୋହଟିକୁ କାଟି କାଟି ସେଗୁଡ଼ିକୁ ପ୍ରକୃତ-ପ୍ରତଭ୍ୱସର ସାମାନ୍ୟ ଭୂମିଟି ଉପରେ ବହିଷ୍କୃତ ଓ ବଚ୍ଛିନ୍ନ କର ରଖେ, ସେଗୁଡ଼ିକୁ କେବଳ ମାସ୍ତା ଅର୍ଥାତ୍ ପ୍ରାତଭ୍ୱସିକ ଚେତନାର ଗୋଟିଏ ଗୋଟିଏ ବସ୍ତୁଷ୍ଟି ବୋଲି କହିବାକୁ ଲଗେ । ଏହିପରି ଭାବରେ ସେ ସେହି ପୂର୍ଣ୍ଣଶୁଦ୍ଧ ଓ ଅନନ୍ୟ ପରମ ଆତ୍ମସ୍ୱରୂପଙ୍କ ସହିତ ଯଥାର୍ଥ ଭାବରେ ଏକାତ୍ମକ ହୋଇ ପାରିବା ଲଗି ସମର୍ଥ ହୁଏ, ଯାହାଙ୍କର ପ୍ରକୃତରେ କୌଣସି ବ୍ୟାକୃତି ନାହିଁ ବା ବନାଶ ନାହିଁ, ଯିଏକ କୌଣସି ପ୍ରତଭ୍ୱସ ଅଥବା ପ୍ରାତଭ୍ୱସିକ ସଯୋଜନ ଦ୍ୱାରା କୌଣସିପ୍ରକାରେ ନରୂପିତ ହେଉ ନାହାନ୍ତି । ଏହି ପର୍ଯ୍ୟାସ୍ତିରେ ପହଞ୍ଚି ଜ୍ଞାନର ମାର୍ଗଟି ସାଧାରଣତଃ ଚେତନାର କ୍ଷେତ୍ରରୁ ମାସ୍ତା ବୋଲି କହି ପ୍ରାତଭ୍ୱସିକ ସକଳ ଜଗତକୁ ବର୍ଜନ କର ରଖିଥିଏ ଏବଂ ଏହାର ଅନ୍ତିମ ପରଣାମ-ସ୍ୱରୂପ ବ୍ୟକ୍ତି-ଆତ୍ମା ଆପଣାକୁ ସେହି ସବୋଚ୍ଚ ପରମଙ୍କ ମଧ୍ୟରେ ନେଇ ସମ୍ପୂର୍ଣ୍ଣ ଭାବରେ ବଲୀନ କରିଦିଏ ଓ ସେଠାରୁ ଆଉ କେବେହେଲେ ଫେର ଆସେ ନାହିଁ ।

ମାନ ଏହି ଏକାଙ୍ଗୀ ଅଧ୍ୟୁତ ଅବସ୍ଥାଟିକୁହିଁ କଦାପି ଜ୍ଞାନମାର୍ଗର ଏକମାତ୍ର ଅଥବା ଏକ ଅନବାର୍ଯ୍ୟ ପରଣାମ ବୋଲି କୁହାଯାଇ ପାରିବ ନାହିଁ । କାରଣ,

'oaob.nitrkl.ac.in' images reprocessed

ଅପେକ୍ଷାକୃତ ଅଧିକ ପ୍ରଶସ୍ତ ସ୍ତରରେ ଓ ଅପେକ୍ଷାକୃତ କମ୍ ବ୍ୟକ୍ତିଗତ ଲକ୍ଷ୍ୟ ସହିତ ଅନୁସୃତ ହେଲବେଳେ ଜ୍ଞାନର ଏହି ମାର୍ଗଟି ଆମକୁ ଏକ ବଶ୍ୱାପାତ୍ତତା ଆଡ଼କୁ ଯେପରି ବହନ କରି ନେଇପାରେ, ଏହି ବଶ୍ୱମସ୍ତ ଅସ୍ତିତ୍ୱର ଏକ ସର୍ବସ୍ୱ ବଜସ୍ୱ ଆଡ଼କୁ ମଧ୍ୟ ସେହିପରି ବାଟ ଦେଖାଇ ନେଇଯାଇ ପାରେ । ଏବଂ, କେବଳ ଆପଣାର ଜଜ ସତ୍ତାଟି ଭିତରେ ନୁହେଁ, ମାନ ସକଳ ସତ୍ତାର ମଧ୍ୟରେ ସେହି ସର୍ବୋଚ୍ଚ ପରମାତ୍ମସତ୍ତାଙ୍କୁ ଉପଲବ୍ଧି କରିବା ଦ୍ୱାରା ଏବଂ ଏହିପରି ସର୍ବଶେଷରେ ଏହି ଜଗତର ପ୍ରାତିସ୍ୱିକ ବସ୍ତୁବସ୍ତୁଡ଼ିକୁ ମଧ୍ୟ ତାହାର ଯଥାର୍ଥ ସ୍ୱତ୍ତ୍ୱବଟିରୁ ସମ୍ପୂର୍ଣ୍ଣ ସ୍ତରରେ ଭିନ୍ନଜାତୀୟ ହୋଇ ରହିଥିବା କୌଣସି ବସ୍ତୁରୂପେ ନୁହେଁ, ମାନ ସେଗୁଡ଼ିକୁ ସେହି ଦିବ୍ୟ ଚେତନାରହିଁ ଏକ ଲୀଳାରୂପେ ଉପଲବ୍ଧି କରିବା ଦ୍ୱାରା ଏହି ଅନ୍ୟ ସମ୍ଭାବନାଟି ଆମ ଲଗି ଉନ୍ମୁକ୍ତ ହୋଇ ଯାଇଥାଏ । ଏବଂ ଏହି ଉପଲବ୍ଧିର ଆଧାରଟି ଉପରେହିଁ ତଥାପି ଏକ ଅଧିକ ପ୍ରସାରଯୁକ୍ତ ଉତ୍ତରଣ ମଧ୍ୟ ସମ୍ଭବ ହୋଇପାରେ; ଅର୍ଥାତ୍, ଯେତେ ବେଶୀ ପୃଥିବୀଗତ ହୋଇ ରହିଥିଲେ ମଧ୍ୟ ଜ୍ଞାନର ସକଳଲବ୍ଧ ଦିଗ ଓ ସକଳଲବ୍ଧ ରୂପ ସେହି ଦିବ୍ୟ ଚେତନାରହିଁ ନାନା ଜିୟାତ୍ମକତାରେ ରୂପାନ୍ତରିତ ହୋଇଯିବେ; ସେହି ରୂପସକଳ ସେହି ଏକ ତଥା ଅନନ୍ୟ ପରମ ଜ୍ଞାନବସ୍ତୁଟିର ଅନୁଭବ କରିବାର କ୍ଷେତ୍ରରେ ମଧ୍ୟ ପ୍ରଯୁକ୍ତ ହୋଇ ପାରିବେ, ସେହି ଜ୍ଞାନକୁ ତା' ଆପଣା ମଧ୍ୟରେ ଏବଂ ତାହାର ନାନା ରୂପ ତଥା ପ୍ରତୀକର ଲୀଳା ମଧ୍ୟଦେଇ ଅନୁଭବ କରିବାର କ୍ଷେତ୍ରରେ ମଧ୍ୟ ପ୍ରଯୋଗ କରାଯାଇ ପାରିବ । ଏହି ପଦ୍ଧତିଟି ଦୁଇଟ ମନୁଷ୍ୟବୁଦ୍ଧି ଏବଂ ମାନବକ ଅନୁଭବର ସମଗ୍ର ପରିସରଟିରେ ମଧ୍ୟ ଏକ ଉତ୍ତୋଳନ ଘଟାଇ ପାରିବ, ତାହାକୁ ସେହି ଦିବ୍ୟ ସ୍ତରଟିଯାଏ ଉତ୍ତୋଳିତ କରିନେବ, ଆଧ୍ୟାତ୍ମିକତା ଦ୍ୱାରା ତାହାକୁ ଅନୁବ୍ୟପ୍ତିତ କରି ରଖିବ ଏବଂ ମନୁଷ୍ୟ-ସମାଜର ଭୂମିରେ ଜ୍ଞାନର ଏହି ବଶ୍ୱାତ୍ମକ ପ୍ରସ୍ଥାପତିର ସାର୍ଥକତାକୁ ସିଦ୍ଧ କରିଦେଇ ପାରିବ ।

ସେହି ପରମ ପ୍ରେମ ଓ ପରମ ଆନନ୍ଦର ସମ୍ୟକ୍ ଆସ୍ୱାଦନକୁହିଁ ଭକ୍ତିଯୋଗ ଆପଣାର ଲକ୍ଷ୍ୟରୂପେ ଗ୍ରହଣ କରିଥାଏ ଏବଂ ସାଧାରଣତଃ ଏହି ବଶ୍ୱଜଗତର ଦିବ୍ୟ ପ୍ରେମିକ ଏବଂ ଷ୍ରୋତାରୂପେ ତାଙ୍କର ପରମ ବ୍ୟକ୍ତିରୂପର ଭୂମିରେ ସେହି ପରମ ପ୍ରଭୁଙ୍କର କଲ୍ପନାଟିକୁ କାର୍ଯ୍ୟରେ ଲଗାଇଥାଏ । ସେହି କ୍ଷେତ୍ରରେ ଏହି ଜଗତକୁ ସେହି ପରମ ପ୍ରଭୁଙ୍କରହିଁ ଏକ ଲୀଳାରୂପେ ଉପଲବ୍ଧି କରାଯାଏ; ଆମର ଏହି ମନୁଷ୍ୟଜୀବନକୁ ସେହି ଲୀଳାର ସର୍ବଶେଷ ପର୍ଯ୍ୟାୟ ବୋଲି ବଗୃର କରାଯାଏ, ଆତ୍ମନିବେଦନ ଏବଂ ଆତ୍ମପ୍ରକାଶର ବିଭିନ୍ନ ପର୍ଯ୍ୟାୟ ମଧ୍ୟଦେଇ ଭଗବାନ ଏହି ଲୀଳାଟିର ଅନୁଧାବନ କରୁଛନ୍ତି ବୋଲି ଅନୁଭବ କରାଯାଏ । ମନୁଷ୍ୟଜୀବନର ସାଧାରଣ ଭାବତାତ୍ତ୍ୱ ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ଯେଉଁଠି ସଂବେଗ ପ୍ରବେଶ କରିପାରୁଛି,

'oaob.nitrkl.ac.in' images reprocessed

ସେହି ସବୁଗୁଡ଼ିକୁ କାର୍ଯ୍ୟରେ ଲଗାଇବା ଏବଂ ସେଗୁଡ଼ିକୁ ଆଉ କ୍ଷଣସ୍ଥାସ୍ଥୀ ପାର୍ଥିବ ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ପ୍ରୟୋଗ ନକରି ସେହି ପରମ-ପ୍ରେମଯୁକ୍ତ, ପରମ-ସୌନ୍ଦର୍ଯ୍ୟମୟ ତଥା ପରମ-ଆନନ୍ଦଘନଙ୍କର ପ୍ରସନ୍ନତା ଲଭି ପ୍ରୟୋଗ କରି ରଖିବାହିଁ ଭକ୍ତଯୋଗର ଆଚରଣ ମାନ ହୋଇ ରହିଥାଏ । ଏହି ଦ୍ରବ୍ୟ ସମ୍ବନ୍ଧଟିର ପ୍ରସ୍ତୁତି ଏବଂ ତାହାର ପ୍ରଗାଢ଼ତାବୃଦ୍ଧି ଲଗିହିଁ ଉପାସନା ଓ ଧ୍ୟାନକୁ କାର୍ଯ୍ୟରେ ଲଗାଯାଏ । ଏବଂ ଏହି ଯୋଗ ଫଳେଗଗତ ସକଳ ସମ୍ବନ୍ଧକୁ କାର୍ଯ୍ୟରେ ଲଗାଇବା କ୍ଷେତ୍ରରେ ପ୍ରକୃତରେ ଏପରି ଅଧିକ ଉଦାରମନା ହୋଇ ରହିଥାଏ ଯେ, ଏପରିକ ପରମେଶ୍ୱରଙ୍କ ପ୍ରତି ଶତ୍ରୁଭାବ ରଖିବା ଏବଂ ତାଙ୍କର ବିରୁଦ୍ଧାଚରଣ କରିବାକୁ ମଧ୍ୟ ସେହି ପରମ ପ୍ରେମାଭିଲାଷର ଏକ ଅଙ୍ଗ, ଅର୍ଥାତ୍ ଏକତ୍ର ରୂପ ବୋଲି ବିଶ୍ୱାସ କରିଯାଏ ଏବଂ ଉପଲବ୍ଧି ତଥା ମୁକ୍ତିର ଏକ ସମ୍ଭାବ୍ୟ ସାଧନ ବୋଲି କଳ୍ପନା ମଧ୍ୟ କରିଯାଏ । ସାଧାରଣତଃ ଏହାର ଯେପରି ଅନୁଶୀଳନ କରିଯାଇଥାଏ, ଏହି ମାର୍ଗଟି ମଧ୍ୟ ଆମକୁ ଏହି ବିଶ୍ୱ-ଅସ୍ତିତ୍ୱଠାରୁ ବିଲଗ କରିନଏ, ଏକ ନମସ୍କାର ମଧ୍ୟକୁ ଉଡ଼ାଇ ନେଇଯାଏ; ଏକେଶ୍ୱରବାଦୀର ନମସ୍କାରଠାରୁ ଏହା ଏକ ଭିନ୍ନ ଧରଣର ନମସ୍କାର ହୋଇ ରହିଥାଏ, ଏହା ପରମ ବିଶ୍ୱାତୀତ ଏବଂ ବିଶ୍ୱୋତ୍ତୀର୍ଣ୍ଣ ସତ୍ତା ମଧ୍ୟରେ ଏକ ନମସ୍କାରରେ ପରିଣତ ହୋଇ ରହିଥାଏ ।

ମାତ୍ର ଏଠାରେ ମଧ୍ୟ ଏହି ଏକାଙ୍ଗୀ ପରିଣାମଟି ଯେ ଏକାନ୍ତ ଅନାବାର୍ଯ୍ୟ ହୋଇ ରହିବ, ସେକଥା ଆଦୌ ନୁହେଁ । ଭକ୍ତଯୋଗ ଯେତେବେଳେ ଆପଣାର ଅନୁଭୂତ ଦ୍ରବ୍ୟପ୍ରେମର ଲୀଳାଟିକୁ କେବଳ ପରମ ଆତ୍ମା ଓ ବ୍ୟକ୍ତ ମଧ୍ୟରେ ରହିଥିବା ସମ୍ବନ୍ଧଟି ମଧ୍ୟରେହିଁ କଦାପି ସୀମାବଦ୍ଧ କରି ରଖେ ନାହିଁ, ମାତ୍ର ତାହାକୁ ପରମ ପ୍ରେମ ତଥା ଆନନ୍ଦର ସେହି ସମାନ ଉପଲବ୍ଧିଟିର କ୍ଷେତ୍ରରେ ଆସି ସମବେତ ହୋଇଥିବା ସେହି ସ୍ୱୟଂ ଭକ୍ତମାନଙ୍କ ମଧ୍ୟରେ ରହିଥିବା ଏକ ସାମାନ୍ୟ ଅନୁଭୂତି ତଥା ପାରସ୍ପରିକ ଉପାସନା ମଧ୍ୟକୁ ଫଳପ୍ରସାରିତ କରିଦଏ, ସେତେବେଳେ ତାହାର ମଧ୍ୟରେହିଁ ଦୋପଟିର ଏକ ପ୍ରଥମ ନଗ୍ନକରଣ ଉପଲବ୍ଧି ହୋଇଥାଏ । ଏବଂ, ଯେତେବେଳେ କେବଳ ମନୁଷ୍ୟ ଭିତରେ ନୁହେଁ, ମାତ୍ର ଇତରପ୍ରାଣୀ ସମେତ ସକଳ ସତ୍ତାରେ ପ୍ରେମରୂପୀ ସେହି ଦ୍ରବ୍ୟ ବସ୍ତୁଟିର ଉପଲବ୍ଧି କରିଯାଏ ଓ ଅତି ସହଜରେ ଏହି ପ୍ରେମଟିକୁ ଯେକୌଣସି ରୂପାୟନର କ୍ଷେତ୍ରକୁ ଫଳପ୍ରସାରିତ କରି ଦିଆଯାଏ, ସେତେବେଳେ ଏହି ଦିଗରେ ଫଳୋଧନର ତଥାପି ଆହୁର ଏକ ସାଧାରଣ ଉପାସ୍ୟ ଉପଲବ୍ଧି ହୋଇଥାଏ । ଭକ୍ତଯୋଗର ପ୍ରୟୋଗଗତ ପରିସରଟିକୁ ବଢ଼ାଇଦେଇ ପାରିଲେ ତଦ୍ଦ୍ୱାରା ମନୁଷ୍ୟର ଫଳେଗ, ଇନ୍ଦ୍ରିୟାନୁଭବ ତଥା ସୌନ୍ଦର୍ଯ୍ୟବୋଧର ସମୁଦାୟ ବ୍ୟାପ୍ତିପରିସରଟିକୁ କିପରି ଯଥାର୍ଥରେ ସେହି ଦ୍ରବ୍ୟ ସ୍ତରଟିକୁ ଉନ୍ନୋଳିତ କରି ନଆଯାଇପାରେ, ଏଗୁଡ଼ିକୁ ଆଧ୍ୟାତ୍ମିକତା ଦ୍ୱାରା ଅଭିବ୍ୟଞ୍ଜିତ କରିଯାଇପାରେ, ଆମର

'oaob.nitrkl.ac.in' images reprocessed

ଏହି ମନୁଷ୍ୟସମାଜର ଭୂମିରେ ପ୍ରେମ ଓ ଆନନ୍ଦ ଉଦ୍ଦେଶ୍ୟରେ ଲାଗି ରହିଥିବା ବିଶ୍ୱପ୍ରସୃଷ୍ଟିର ସାର୍ଥକତାକୁ ମଧ୍ୟ କିପରି ସିଦ୍ଧ କରି ଦିଆଯାଇପାରେ, ବର୍ତ୍ତମାନ ଆମେ ଏକାଗ୍ରଚିତ୍ତକୁ ମଧ୍ୟ ଦେଖିପାରିବା ଲାଗି ନଷ୍ଟସ୍ପୃହ ସମର୍ଥ ହୋଇଯିବା ।

ମନୁଷ୍ୟର ସକଳ କର୍ମକୁ ସେହି ପରମ ଫଳଲବ୍ଧି ପାଖରେ ନେଇ ସମର୍ପିତ କରିଦେବାକୁହିଁ କର୍ମମାର୍ଗର ଧେୟ ହୋଇ ରହିଥାଏ । ଆମର ଯାବତୀୟ କାର୍ଯ୍ୟରେ ଯେଉଁସବୁ ଅହଂଜଡ଼ିତ ଅଭିପ୍ରାୟ ନହିଁତ ହୋଇ ରହିଥାଏ, ତାହାର ପରିହାର ଦ୍ୱାରାହିଁ କର୍ମମାର୍ଗ ଆପଣାର କାର୍ଯ୍ୟଟିକୁ ଆରମ୍ଭ କରେ; ଏକ ସ୍ୱାର୍ଥପ୍ରେରିତ ଲକ୍ଷ୍ୟସାଧନ ଲାଗି ଅଥବା ଏକ ପାର୍ଥିବ ବା ସାଂସାରିକ ଫଳଲାଭର ଅନୁଧାବନରେ କରିଯାଉଥିବା ଯାବତୀୟ କାର୍ଯ୍ୟକୁ ଏଥିରେ ବର୍ଜନ କରି ଆସିବାକୁ ପଡ଼ିଥାଏ । ଏହି ପରିହାରବୃତ୍ତିଟି ଦ୍ୱାରା ତାହା ମନ ଓ ଆମର ଇଚ୍ଛାଶକ୍ତିକୁ ଏପରି ବିଶୁଦ୍ଧ କରିଦିଏ ଯେ ଆମେ ଅତ୍ୟନ୍ତ ସହଜରେ ଆମର ଯାବତୀୟ କାର୍ଯ୍ୟର ଯଥାର୍ଥ କେନ୍ଦ୍ରୀରୂପେ ସେହି ମହାନ୍ ଓ ବିଶ୍ୱଗତ ପରମ ଶକ୍ତିମତ୍ତାଟିହିଁ ବିଷୟରେହିଁ ସଚେତନ ହୋଇଉଠୁ ଏବଂ ସେହି ଶକ୍ତିମତ୍ତାର ପରମ ଅଧିକାରୀଙ୍କୁହିଁ ସେଗୁଡ଼ିକର ଯଥାର୍ଥ ବିଧାୟକ ତଥା ନିର୍ଦ୍ଦେଶକରୂପେ ଉପଲବ୍ଧି କରିବାକୁ ଆରମ୍ଭ କରୁ । ସେତେବେଳେ ବ୍ୟକ୍ତି କେବଳ ଉପରେ ରହିଥିବା ଏକ ଆବରଣ ମାତ୍ର ହୋଇ ରହେ, କେବଳ ଏକ ବାହାନା ହୋଇ ରହେ, ଏକ ନିମିତ୍ତ ହୋଇ ରହେ; ଅଥବା, ଅଧିକ ଜୀବାତ୍ମକ ଭାବରେ କହିଲେ, କର୍ମ ଓ ପ୍ରାଣଭୌତିକ ସମ୍ବନ୍ଧର କେବଳ ଏକ ସଚେତନ କେନ୍ଦ୍ରହିଁ ହୋଇ ରହେ । ଆମେ କେଉଁ କାର୍ଯ୍ୟଟିକୁ କରିବା ଓ ତାହାକୁ କେଉଁ ଉଦ୍ଦେଶ୍ୟରେ କରିବା, ତାହା ଅଧିକରୁ ଅଧିକ ସଚେତନ ଭାବରେ ଏହି ପରମ ଫଳଲବ୍ଧି ତଥା ଏହି ବିଶ୍ୱମସ୍ତ ପରମ ଶକ୍ତିମତ୍ତାଟି ହାତରେ ଛାଡ଼ି ଦିଆଯାଏ । ଏବଂ ସେହି ପରମ ଭର୍ତ୍ତାଙ୍କ ପାଖରେହିଁ ଚୂଡ଼ାନ୍ତ ପରିଣତିକୁ ଆସି ଆମର ସକଳ କର୍ମ ତଥା ସେହି କର୍ମଗୁଡ଼ିକର ପରିଣାମ ସଥାର୍ଥରେ ସମର୍ପିତ ହୋଇ ରହିଥାଏ । ଜାଗତିକ ପ୍ରଭୁତ୍ୱସ ଓ ପ୍ରାଣଭୌତିକ ଯାବତୀୟ କାର୍ଯ୍ୟର ପ୍ରତିନିୟତାର ବନ୍ଧନରୁ ଆତ୍ମାକୁ ମୁକ୍ତ କରି ଆଣିବାହିଁ ଏହି କ୍ଷେତ୍ରରେ ଧେୟ ହୋଇ ରହିଥାଏ । ଯୋଗର ଅନ୍ୟ ମାର୍ଗଗୁଡ଼ିକ ପରି ପ୍ରାଣଭୌତିକ ଅସ୍ତିତ୍ୱଟି ମଧ୍ୟରୁ ମୁକ୍ତ ପାଇବାର ବାଟ କଢ଼ାଇ ଆଣିବାକୁ ଏବଂ ସର୍ବୋଚ୍ଚ ପରମ ସତ୍ତାଙ୍କ ମଧ୍ୟକୁ ଘୁଲିଯାଇ ପାରିବାକୁହିଁ କର୍ମଯୋଗର ଆଚରଣ କରିଯାଇଥାଏ । ମାତ୍ର ଏଠାରେ ମଧ୍ୟ ପରିଣାମ ଯେ ଅନିବାର୍ଯ୍ୟତଃ ନିଷ୍କାମୀ ହେବାକୁ ବାଧ୍ୟ ହେବ, ସେକଥା ଆଦୌ ନୁହେଁ । କାରଣ ଏକ ସମାନ ସମ୍ଭାବନା ଭାବରେ ଏହି ମାର୍ଗ ଆମକୁ ପରିଶେଷରେ ସକଳ ଶକ୍ତିମତ୍ତା, ସକଳ ଘଟଣା ଏବଂ ସକଳ ନିୟତିସୃଷ୍ଟିକର୍ତ୍ତାରେ କେବଳ ସେହି ଦିବ୍ୟଭାର ଅନୁଭବ କରିବାରେହିଁ ଆଣି ପହଞ୍ଚାଇ ଦେଇପାରିବ ଏବଂ ସେତେବେଳେ ଆମର ଆତ୍ମା ମୁକ୍ତ ତଥା ଅହଂଶୂନ୍ୟ ହୋଇ ବିଶ୍ୱର ନିୟତିରେ ଅଂଶଗ୍ରହଣ ବି କରିପାରିବ । ଏହିପରି ଭାବରେ

'oaob.nitrkl.ac.in' images reprocessed

ଅନୁସୃତ ହେଲେ କର୍ମଯୋଗ ମନୁଷ୍ୟର ସକଳ ସଂକଳ୍ପ ଏବଂ ସକଳ କର୍ମକୁ ସେହି ଦିବ୍ୟ ପ୍ରୋପାନଷିଆଏ ଉତ୍ତୋଳିତ କରନେବ, ତାହାକୁ ଆଧ୍ୟାତ୍ମିକତାରେ ଅନୁବ୍ୟଞ୍ଜିତ କରି ରଖିବ ଏବଂ ମନୁଷ୍ୟର ଜୀବନକ୍ଷେତ୍ରରେ ମୁକ୍ତ, ଶକ୍ତ ତଥା ପରିପୂର୍ଣ୍ଣତା ଆଡ଼କୁ ଯେଉଁ ବିଶ୍ୱପ୍ରସ୍ଥାସ୍ଥି ଲଗି ରହିଛୁ, ତାହାର ଔଚିତ୍ୟଷ୍ଟିକୁ ମଧ୍ୟ ପ୍ରତିପାଦିତ କରଦେବ ।

ସକଳ ବିଷୟକୁ ଏକ ପୂର୍ଣ୍ଣ ଓ ସମଗ୍ର ଦୃଷ୍ଟିରେ ଦେଖିବାକୁ ସମର୍ଥ ହେଲେ ଆମେ ଏହି ଉନୋଷିଆକ ମାର୍ଗକୁ ପ୍ରକୃତରେ ଗୋଷିଏ ମାର୍ଗ ବୋଲି ମଧ୍ୟ ଦେଖି ପାରିବା । ଦିବ୍ୟ ପ୍ରେମ ଆପଣାର ପରିପୂର୍ଣ୍ଣ ଅନ୍ତରଙ୍ଗତା ଦ୍ୱାରା ସ୍ୱଭାବସିଦ୍ଧ ଭାବରେ ସେହି ପରମ ପ୍ରେମାସ୍ପଦଙ୍କର ପରିପୂର୍ଣ୍ଣ ଜ୍ଞାନ ଆଡ଼କୁ ବାଟ ଦେଖାଇ ନେଇଯିବ ଏବଂ ଏହିପରି ଭାବରେ ଜ୍ଞାନର ଏକ ମାର୍ଗରେ ପରିଣତ ହୋଇଯାଇ ପାରିବ । ତାହା ଆମକୁ ଦିବ୍ୟ ସେବାଧର୍ମ ଆଡ଼କୁ ମଧ୍ୟ ବାଟ ଦେଖାଇ ନେଇଯିବ ଓ ଏହିପରି ଭାବରେ କର୍ମର ଏକ ମାର୍ଗରେ ପରିଣତ ହୋଇଯାଇ ପାରିବ । ଠିକ୍ ସେହିପରି ଭାବରେ ପୂର୍ଣ୍ଣ ଜ୍ଞାନ ମଧ୍ୟ ପୂର୍ଣ୍ଣ ପ୍ରେମ ଏବଂ ପୂର୍ଣ୍ଣାନନ୍ଦ ଆଡ଼କୁ ବାଟ ଦେଖାଇ ନେଇଯିବ, ପରିଜ୍ଞାତ ପରମ ଭର୍ତ୍ତାଙ୍କର ସାବତୀୟ କର୍ମକୁ ପୂର୍ଣ୍ଣରୂପେ ସ୍ୱୀକାର କରନେବା ଆଡ଼କୁ ମଧ୍ୟ ବାଟ ଦେଖାଇ ନେଇଯିବ; ସମର୍ପିତ ଭାବରେ କରିଯାଉଥିବା ସାବତୀୟ କର୍ମ ସେହି ପରମ ସଙ୍କେଶ୍ୱରଙ୍କରହିଁ ପୂର୍ଣ୍ଣ ପ୍ରେମ ଆଡ଼କୁ ଓ ତାଙ୍କର ସାବତୀୟ ମାର୍ଗ ତଥା ତାଙ୍କର ସର୍ବୋତ୍ତମ ଜ୍ଞାନକି ଆଡ଼କୁ ବାଟ ଦେଖାଇ ନେଇଯିବ । ଏହି ତିନିବିଧ ମାର୍ଗ ଦେଇହିଁ ଆମେ ନିଶ୍ଚିତତମ ଭାବରେ ସକଳ ସତ୍ତାରେ ଏବଂ ତାହାର ପୂର୍ଣ୍ଣ ଅଭିବ୍ୟକ୍ତିର ମଧ୍ୟରେ ବିଦ୍ୟମାନ ରହିଥିବା ସେହି ପରମ ଅଦ୍ୱୟ ସତ୍ତାର ପରମ ଜ୍ଞାନ, ପରମ ପ୍ରେମ ତଥା ପରମ ସେବାପରିପୂର୍ଣ୍ଣତାରେ ଆସି ଉପନୀତ ହୋଇ ପାରିବା ।

'oaob.nitrkl.ac.in' images reprocessed

ପଞ୍ଚମ ପରିଚ୍ଛେଦ

ସମନ୍ୱୟ

ମନୁଷ୍ୟରୂପୀ ଯେଉଁ ଜଟିଳ ଏକକଟି ଏହି ଜଗତରେ ବାସ କରୁଛୁ, ପ୍ରଧାନ ପ୍ରଧାନ ଯୋଗମାର୍ଗଗୁଡ଼ିକ ପ୍ରତ୍ୟେକେ ଆପଣାର ନିଜସ୍ୱ ଢଙ୍ଗରେ ତାହାର କୌଣସି ନା କୌଣସି ବିଶେଷ ଭାଗରେ ଆପଣାକୁ ପ୍ରେରିତ କରି ରଖିଛନ୍ତି ଏବଂ ତଦ୍ଦ୍ୱାରା ସେହି ବିଶେଷ ଭାଗଟିର ସର୍ବୋତ୍ତମ ସମ୍ଭାବନାଟିକୁ ପ୍ରକଟିତ କରାଇ ଆଣିବାର ପ୍ରୟାସ କରିବାରେ ଲାଗିଛନ୍ତି । ଏହି ମାର୍ଗଗୁଡ଼ିକର ସ୍ୱଭାବରୁହିଁ ଦୃଢ଼ ଏତେ ଏଭଳି ପ୍ରତୀତ ହୋଇପାରେ ଯେ ସେଗୁଡ଼ିକ ମଧ୍ୟରେ ଏକ ଏକନିଷ୍ଠ-ସମନ୍ୱୟ ସ୍ଥାପନ କରି ତାହାର ଏକ ପ୍ରଶସ୍ତ କଳ୍ପନା ତଥା ପ୍ରୟୋଗ କରିପାରିଲେହିଁ ତଦ୍ଦ୍ୱାରା ଏକ ସମଗ୍ର ବା ପୂର୍ଣ୍ଣଯୋଗର ସ୍ଥାପନା ମଧ୍ୟ ବେଶ୍ ସମ୍ଭବ ହୋଇପିବ । ମାତ୍ର ଏହିସବୁ ମାର୍ଗ ଆପଣାର ପ୍ରକୃତିରେ ପରସ୍ପରଠାରୁ ଏପରି ଭିନ୍ନ ହୋଇ ରହିଛନ୍ତି, ଆପଣାର ରୂପାୟନକ୍ଷେତ୍ରରେ ଏତେ ଅଧିକ ପରିମାଣରେ ଆପଣାର ବିଶେଷତ୍ୱଗୁଡ଼ିକୁ ନେଇ ଏପରି ଜଟିଳ ଭାବରେ ବ୍ୟାପୃତ ହୋଇ ରହିଛନ୍ତି ଏବଂ ଏତେ ଦୀର୍ଘକାଳ ଧରି ପରସ୍ପରର ବର୍ଜ୍ଜନ ତଥା ପ୍ରଣାଳୀଗୁଡ଼ିକୁ ବିରୋଧ କରିବାରେ ଏତେ ଦୃଢ଼ ରହି ଆସିଛନ୍ତି ଯେ ସେଗୁଡ଼ିକ ମଧ୍ୟରେ ଏକ ଯଥାର୍ଥ ସମ୍ମିଳନ ପ୍ରକୃତରେ କିପରି ସମ୍ଭବ ହେବ, ସେହି ବିଧିଟିକୁ ଖୋଜି ବାହାର କରିବା ଆମକୁ ଆଦୌ ସହଜ ବୋଲି ମନେ ହେଉ ନାହିଁ ।

ଆଖି ବୁଜି ବିଭିନ୍ନ ମାର୍ଗଗୁଡ଼ିକୁ ପରସ୍ପର ସହିତ ଗୋଟା ଗୋଟା କରି ଯୋଡ଼ିଦେବାକୁ ତାହାରିଲେ ତଦ୍ଦ୍ୱାରା କୌଣସି ସମନ୍ୱୟ ତ ହେବ ନାହିଁ, ବରଂ ଏକ ବିଭ୍ରମକାରୀ ଗୋଳଅମିଶାହିଁ ହେବ । ଅଥବା, ଆମର ଏହି ମନୁଷ୍ୟଜୀବନର ଅବଧିଟି ଏତେ ଅଳ୍ପସ୍ଥାୟୀ ଏବଂ ଆମର ସାମର୍ଥ୍ୟଶକ୍ତି ମଧ୍ୟ ଏତେ ସୀମାବଦ୍ଧ ଯେ ଗୋଟି ଗୋଟି କରି ସବୁ ମାର୍ଗର ସାଧନା କରିବାକୁ ଗଲେ ସେଇଟି ମଧ୍ୟ କଦାପି ସହଜ ହେବ ନାହିଁ; ଏବଂ ତଦ୍ଦ୍ୱାରା ଅର୍ଥାତ୍ ଏହି ସନ୍ଧ୍ୟାପର୍ଯ୍ୟନ୍ତ ପ୍ରକିୟାଟିରେ ଆମର ଯେଉଁ ଶ୍ରମକ୍ଷୟ ଘଟିବ, ସେକଥାଟି ବିଷୟରେ କିଛି ନକହିବାହିଁ ଉଚିତ । ଅବଶ୍ୟ ଏକଥା

'oaob.nitrkl.ac.in' images reprocessed

ସତ୍ତ ଯେ ଏହିପରି ଜ୍ଞାନରେ ପୂର୍ଣ୍ଣପର କରି ହଠଯୋଗ ଏବଂ ରାଜଯୋଗର ସାଧନାଚରଣ କରାଯାଇଥାଏ । ଏବଂ ଅଧୁନାତନ ଯୁଗର ଏକ ଅନନ୍ୟସାଧାରଣ ଦୃଷ୍ଟାନ୍ତରେ ରାମକୃଷ୍ଣ ପରମହଂସଙ୍କର ଜୀବନରେ ଆମେ ପ୍ରକୃତ୍ତରେ ଏକ ଅଭୂତପୂର୍ବ ବିଶ୍ୱ ଆଧ୍ୟାତ୍ମିକ ସାମର୍ଥ୍ୟର ପରିଚୟ ପାଇଥାଉ । ପ୍ରଥମ ପର୍ବରେ ଆପଣାକୁ ସିଧା ଦବ୍ୟ ଉପଲବ୍ଧି ମଧ୍ୟକୁ ପ୍ରବିଷ୍ଟ କରାଇଆଣି ଏବଂ ସତ୍ତେଅବା ସ୍ୱର୍ଗର ରାଜ୍ୟଟିକୁ ବଳପୂର୍ବକ ଜୟ କରିନେଇ ଶ୍ରୀରାମକୃଷ୍ଣ ତା'ପରେ ଗୋଟିକ ପରେ ଗୋଟିଏ କରି ଭିନ୍ନଭିନ୍ନ ଯୋଗମାର୍ଗଗୁଡ଼ିକରେ ସାଧନା କରିଥିଲେ; ଏକ ଅବିଶ୍ୱସନୀୟ ଦ୍ରୁତତାର ସହିତ ସେ ପ୍ରତ୍ୟେକ ମାର୍ଗର ସାରୋପାଦାନଟିକୁ ଜଳଛାଣି କରି ଆଣିଥିଲେ ଏବଂ ତା'ପରେ ସବୁଦା ସମୁଦାୟ ବିଶ୍ୱସୃଷ୍ଟିର ଦୃଢ଼ସ୍ୱରୂପ ଅସଲ ବିଶ୍ୱସୃଷ୍ଟିକୁ ଫେରିଆସି ପାରୁଥିଲେ ଅର୍ଥାତ୍ ପ୍ରେମର ଶକ୍ତି ଦ୍ୱାରାହିଁ ପରମ ଭଗବାନଙ୍କୁ ଉପଲବ୍ଧି କରିହେବ ଓ ତାଙ୍କର ଅଧିକାରଭୁକ୍ତ ସମ୍ଭବ ହେବ ବୋଲି ଏହି ଅସଲ ସତ୍ତ୍ୟଟିକୁ ଘୋଷଣା କରୁଥିଲେ, ଆପଣାର ସହଜାତ ଅଧ୍ୟାତ୍ମବୃତ୍ତିଟିକୁ ବିବଧ ଅନୁଭବ ମଧ୍ୟକୁ ସଂପ୍ରସାରିତ କରିଦେଇ ଏବଂ ଏକ ବୋଧସଂପୃକ୍ତ ଜ୍ଞାନମୟତାକୁ ଆପଣାର ସ୍ୱତଃସ୍ଫୂର୍ତ୍ତ ନିଜସାଧନ ରୂପେ ବ୍ୟବହାର କରିବା ଦ୍ୱାରା ସେହି ଉପଲବ୍ଧି ତଥା ଅଧିକୃତ ସମ୍ଭବ ହେବ ବୋଲି ସେ ଘୋଷଣା କରୁଥିଲେ । ଏପରି ଏକ ଦୃଷ୍ଟାନ୍ତକୁ ଆମେ କଦାପି ଏକ ସାଧାରଣ ଜନ୍ମରୂପେ ଗ୍ରହଣ କରି ପାରିବା ନାହିଁ । ତାଙ୍କର ସେହି ସାଧନାଟିର ଏକ ବିଶେଷ ଲକ୍ଷ୍ୟ ଥିଲା, ସେଥିରେ କାଳଗତ ଏକ ଆବଶ୍ୟକତା ମଧ୍ୟ ରହିଥିଲା । ବର୍ତ୍ତମାନ ମନୁଷ୍ୟସମାଜ ଲାଗି ଯେଉଁ ସତ୍ତ୍ୟଟି ଅତ୍ୟାବଶ୍ୟକ ହୋଇ ରହିଛି, ଦୀର୍ଘକାଳ ଧରି ନାନା ବିରୋଧୀ ତଥା ବିବଦମାନ ସଂପ୍ରଦାୟ ଏବଂ ମତରେ ବିଭକ୍ତ ହୋଇ ରହିଥିବା ଆମର ଏହି ପୃଥିବୀ ଯେଉଁ ସତ୍ତ୍ୟଟିର ଜଳନ୍ତବର୍ତ୍ତୀ ହେବା ଲାଗି ବଡ଼ ଆସ୍ପାସକର ଭାବରେ ଚେଷ୍ଟା କରିବାରେ ଲାଗିଛି, ସେହି ସତ୍ତ୍ୟଟିକୁ, ଅର୍ଥାତ୍ ସବୁ ସଂପ୍ରଦାୟ ଯଥାର୍ଥତଃ କେବଳ ସେହି ଗୋଟିଏ ସମଗ୍ର ସତ୍ତ୍ୟରହିଁ ଭିନ୍ନଭିନ୍ନ ରୂପ ଓ ଭିନ୍ନଭିନ୍ନ ଅଂଶ, ଏବଂ ସାଧନାର ପ୍ରତ୍ୟେକ ମାର୍ଗ ଆପଣାର ଭିନ୍ନଭିନ୍ନ ସ୍ତରରେ କେବଳ ସେହି ଗୋଟିଏ ସତ୍ତୋଚ ଅନୁଭବ ଆଡ଼କୁ ଅଗ୍ରସର ହେବା ଲାଗିହିଁ ପ୍ରୟାସ କରୁଛନ୍ତି ବୋଲି ଘୋଷଣା କରୁଥିବା ସତ୍ତ୍ୟଟିକୁ ଏକ ମହାନ୍ ଆତ୍ମାର ବିଶାଳ ତଥା ମୀମାଂସକ ଅନୁଭୂତିର ମଧ୍ୟଦେଇ ସିଦ୍ଧ କରି ଦେଖାଇଦେବା ଲାଗିହିଁ ସେହି ଦୃଷ୍ଟାନ୍ତଟିର ଲକ୍ଷ୍ୟ ହୋଇ ରହିଥିଲା । ସେହି ପରମ ଦବ୍ୟ ସତ୍ତ୍ୟଟିକୁ ଜାଣିବା, ସେହି ଦବ୍ୟ ସତ୍ତ୍ୟରେ ପରିଣତ ହେବା ଏବଂ ତାହାର ଅଧିକାରୀ ହୋଇ ରହିବା,— କେବଳ ଏହାହିଁ ଅତ୍ୟାବଶ୍ୟକ, ଏବଂ ଏଇଥିରେହିଁ ଆଉ ଯାବତୀୟ ସବୁକିଛି ଅନ୍ତର୍ଭୁକ୍ତ ହୋଇ ରହିଛି ଅର୍ଥାତ୍ ଏହାହିଁ ଆମକୁ ଆଉ ସବୁକିଛି ପାଖକୁ ବହନ କରି ନେଇଯାଇ ପାରିବ । ଆମେ ସମସ୍ତେ ଏହି ପରମ ଇଷ୍ଟଟିର ଅଭିମୁଖରେହିଁ

'oaob.nitrkl.ac.in' images reprocessed

ଆପଣାକୁ ଧାବ୍ଚ କର ରଖିବା; ଏବଂ ତା'ହେଲେ, ସେହି ଦ୍ରବ୍ୟ ପରମ ଫଳଲ୍ ଆମ ଲଗି ଆଉ ଯାହାକୁ ନର୍ଦ୍ଦାରଚ କର ଦେଉଥିବ, ତାହାର ସେହି ଯାବତୀୟ ଆବଶ୍ୟକ ରୂପାୟନ ତଥା ଅଭିବ୍ୟକ୍ତି ତା' ପଛକୁ ବଲେବଲେ ପ୍ରାପ୍ତ ହୋଇଯିବ ।

ତେଣୁ, ଗୋଟି ଗୋଟି କର ବଭିନ୍ନ ମାର୍ଗଗୁଡ଼ିକୁ ଏକାଠି ଆଣି ଯୋଡ଼ିଦେଲେ କିଂବା ସେଗୁଡ଼ିକୁ ଗୋଟିକ ପରେ ଗୋଟିଏ କର ଆଚରଣ କର ବସିଲେ ଆମର ଆଲୋଚତ ସମନ୍ୱୟସିଦ୍ଧି କଦାପି ପ୍ରାପ୍ତ ହେବ ନାହିଁ । ଯୋଗର ବଭିନ୍ନ ସାଧନାମାର୍ଗରେ ରହିଥିବା ରୂପ ଏବଂ ବାହ୍ୟଭାଗୁଡ଼ିକୁ ଗୌଣ ସ୍ଥାନ ଦେଇ ସବୁଗୁଡ଼ିକ ମଧ୍ୟରେ ଏକ ସାମାନ୍ୟ ସମ୍ପଦ ହୋଇ ରହିଥିବା କୌଣସି ମୂଳ ତତ୍ତ୍ୱକୁ ଅସଲ ବୋଲ୍ ଗ୍ରହଣ କରିନେଇହିଁ ଏହି ସମନ୍ୱୟକୁ ସମ୍ଭବ କରିପାରିବ । ସେହି ମୂଳ ତତ୍ତ୍ୱଟି ସେଗୁଡ଼ିକର ବଶେଷ ତତ୍ତ୍ୱ ବା ନିୟମଗୁଡ଼ିକୁ ଆପଣା ମଧ୍ୟରେହିଁ ଅନ୍ତର୍ଭୁକ୍ତ କର ରଖିଥିବ ଏବଂ ଯଥୋଚତ ସ୍ଥାନରେ ତଥା ଯଥାର୍ଥ ଅନୁପାତରେ ସେଗୁଡ଼ିକର ବିନଯୋଗ ମଧ୍ୟ କରିପାରୁଥିବ । ଯୋଗର ବଭିନ୍ନ ପ୍ରଣାଳୀଗୁଡ଼ିକର ସାଧାରଣ ସତ୍ତ୍ୟରହସ୍ୟରୂପେ ଅବସ୍ଥିତ ରହିଥିବା କୌଣସି କେନ୍ଦ୍ରସ୍ଥ ଚତ୍ତ୍ୟାତ୍ମକ ଶକ୍ତିକୁହିଁ ଚହ୍ନିନେଇ ପାରିବାକୁ ହେବ, ଯାହା ଭିତରେ କି ସେଗୁଡ଼ିକର ଭିନ୍ନଭିନ୍ନ ସାମର୍ଥ୍ୟ ଏବଂ ଭିନ୍ନଭିନ୍ନ ପ୍ରଯୋଜନାତ୍ମତାରେ ଏକ ସ୍ୱାତ୍ତ୍ୱିକ ନିର୍ବାଚନ ଏବଂ ସ୍ୱାତ୍ତ୍ୱିକ ସଂଯୋଜନ ଘଟାଇ ପାରିବାର ସମର୍ଥତା ଅବଶ୍ୟ ସହଜଜୁଦ୍ଧ ରହିଥିବ । ପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଥିବା ପ୍ରଣାଳୀ ଏବଂ ଯୋଗସାଧନାର ପ୍ରଣାଳୀଗୁଡ଼ିକ ମଧ୍ୟରେ ଆମେ ଯେତେବେଳେ ଏକ ତୁଳନାତ୍ମକ ଅବଲୋକନ ଓ ମୂଲ୍ୟାଙ୍କନ କରିବାର ଚେଷ୍ଟା କରୁଥିଲୁ, ସେହି ପ୍ରଥମ ପର୍ଯ୍ୟାୟରେ ମଧ୍ୟ ଆମେ ଆମ ଆଗରେ ଠିକ୍ ଏହି ଲକ୍ଷ୍ୟଟିକୁ ଉପସ୍ଥାପିତ କର ରଖିଥିଲୁ; ଏବଂ ସେଥିରେ କୌଣସି ନର୍ଦ୍ଦିଷ୍ଟ ସମାଧାନ ଖୋଜି ପାଇବାର ସମ୍ଭାବନାଟିକୁ ନେଇ ଆମେ ବର୍ତ୍ତମାନ ପୁଣି ସେହି ଲକ୍ଷ୍ୟଟି ପାଖକୁ ଫେରି ଆସିବା ।

ଏଠାରେ ଆମେ ସ୍ୱତଃପ୍ରମେ ଦେଖିବାକୁ ପାଇବା ଯେ ଭାରତବର୍ଷରେ ବର୍ତ୍ତମାନ ମଧ୍ୟ ଯୋଗର ଏପରି ଏକ ପଦ୍ଧତି ବିଦ୍ୟମାନ ରହିଛି ଯାହାକୁ କି ତାହାର ଆପଣାର ସ୍ୱାତ୍ତ୍ୱିକ ଦୃଷ୍ଟିରୁ ଏକ ସମନ୍ୱୟାତ୍ମକ ପଦ୍ଧତି ବୋଲ୍ କୁହାଯାଇ ପାରିବ । ଏହି ପଦ୍ଧତି ପ୍ରକୃତିର ଏକ ବୃହତ୍ତ୍ୱ ଓ କେନ୍ଦ୍ରସ୍ଥ ତତ୍ତ୍ୱରୁହିଁ ଆପଣାର ଗୁରୁଶକ୍ତିକୁ ଆରମ୍ଭ କରୁଛି, ପ୍ରକୃତିର ଏକ ବୃହତ୍ତ୍ୱ ଗତିଧର୍ମୀ ଶକ୍ତିକୁହିଁ ମୂଳ ବୋଲ୍ ସ୍ୱୀକାର କରୁଛି । ମାନି ଏଇଟିକୁ ଆମେ ଯୋଗର ଏକ ସ୍ୱତନ୍ତ୍ର ମାର୍ଗ ବୋଲ୍ କହିବା, ଅନ୍ୟ ମାର୍ଗଗୁଡ଼ିକର ଏକ ସମନ୍ୱୟ ବୋଲ୍ କଦାପି କହିବା ନାହିଁ । ଏହି ମାର୍ଗଟି ହେଉଛି ତତ୍ତ୍ୱର ମାର୍ଗ । ଆପଣାର ବକାଶକ୍ରମରେ କେତୋଟି ବଶେଷ ପ୍ରବୃତ୍ତିକୁ ସ୍ଥାନ ଦେଇଥିବା ହେତୁ ତତ୍ତ୍ୱ ଏହି ମାର୍ଗଟିର ବାହାରେ ରହିଥିବା ଅନ୍ୟମାନଙ୍କ ଚକ୍ଷୁରେ

'oaob.nitrkl.ac.in' images reprocessed

ଆପଣାର ଗୌରବରେ ଅନେକ ଭଲକୁ ଖସି ପଡ଼ୁଛୁ । ଏବଂ ବିଶେଷତଃ, ଭକ୍ତରେ ବାମମାର୍ଗରେ ଯେଉଁସବୁ ବିକାଶ ସଂଘଟିତ ହୋଇଛୁ, ସେଥିଯୋଗୁଁ ଏହି କଥାଟି ଘଟିଛୁ । ପୁଣ୍ୟ ଓ ପାପର ଦ୍ୱୈତବୋଧଟିକୁ କେବଳ ଅତିକ୍ରମ କରିଯିବାରେ ହିଁ ସନ୍ତୁଷ୍ଟ ହୋଇ ନପାର୍ ଏବଂ ସେଗୁଡ଼ିକର ସ୍ଥାନାପନ୍ନ ଭାବରେ ଭଦ୍ରତ କର୍ମର ଏକ ସ୍ୱଳ୍ପାଧିକ ସ୍ୱାଭାବିକତାକୁ ପ୍ରତିଷ୍ଠିତ କରିବା ପରିବର୍ତ୍ତେ ବାମମାର୍ଗ ସୃଷ୍ଟିକର୍ତ୍ତା ଆତ୍ମ-ଉପଭୋଗର ଏକ ଉଚ୍ଛୃଙ୍ଖଳତାକୁହିଁ ପଦ୍ଧତିରୂପେ ଗ୍ରହଣ କରିନେଇଛୁ ଓ କୌଣସିପ୍ରକାର ବାଡ଼ବଡା ନଥିବା ଏକ ସାମାଜିକ ମାଡଭଷ୍ଟତାକୁହିଁ ବାଟ ଗୁଡ଼ି ଦେଇଛୁ । ତଥାପି ସ୍ୱୀକାର କରିବାକୁ ହେବ ଯେ ଆପଣାର ଆଧାରସ୍ଥ ପ୍ରେରଣାରେ ଭକ୍ତ ନିଃସନ୍ଦେହ ଭାବରେ ଏକ ମହାନ୍ ଓ ଶକ୍ତିମତ୍ତାସମ୍ପନ୍ନ ସାଧନାମାର୍ଗ ହୋଇ ରହିଥିଲ୍, ଏବଂ ଅନ୍ତତଃ ଆଂଶିକ ଭାବରେ ସତ୍ତ୍ୟ କେତେକ ବସ୍ତୁର ଉପରେ ପ୍ରତିଷ୍ଠିତ ରହିଥିଲ । ଏପରକ, ଦକ୍ଷିଣମାର୍ଗ ଏବଂ ବାମମାର୍ଗରୂପେ ଏଥିରେ ଯେଉଁ ଦ୍ୱିବିଭାଜନ କରାଯାଇଥିଲ, ତାହାର ଉଦ୍ଭବ ପଛରେ ମଧ୍ୟ ଏକ ଗଭୀର ବସ୍ତୁର ଜନ୍ମତ ହୋଇ ରହିଥିଲ । ଶବ୍ଦଦୁଇଟିର ସେହି ପୁରାତନ ପ୍ରଚାରବାଦୀ ଅର୍ଥରେ ଭାବର କଲେ ଦକ୍ଷିଣ ଓ ବାମ ଉଭୟରେ ଏହି ଭେଦ ଜ୍ଞାନର ମାର୍ଗ ତଥା ଆନନ୍ଦର ମାର୍ଗ ଉଭୟରେ ରହିଥିବା ଭେଦଟିକୁ ସୃଷ୍ଟି ଦେଉଥିଲ । ପ୍ରଥମଟିର କ୍ଷେତ୍ରରେ ମନୁଷ୍ୟସ୍ଥ ପ୍ରକୃତ ଆପଣାର ସମୁଦାୟ ଶକ୍ତି, ସକଳ ଉପାଦାନ ତଥା ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକର ଯଥାର୍ଥ ସିଦ୍ଧାନ୍ତଗତ ତଥା ବ୍ୟାବହାରିକ ବିବେକ ଦ୍ୱାରା ଆପଣାକୁ ମୁକ୍ତ କରିବାର ଅଭିଲାଷ ରଖିଥିଲ; ଏବଂ ଅପରଟିରେ ମନୁଷ୍ୟସ୍ଥ ପ୍ରକୃତ ଆପଣାର ସମୁଦାୟ ଶକ୍ତି, ସକଳ ଉପାଦାନ ତଥା ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକୁ ସାମର୍ଥ୍ୟ ତଥା ବ୍ୟବହାରର କ୍ଷେତ୍ରରେ ସହର୍ଷ ସ୍ୱୀକାର କରିନେଇ ଆପଣାକୁ ମୁକ୍ତ କରିବାର ଅଭିଲାଷ ରଖିଥିଲ । ମାତ୍ର ଦୁଇଟିଯାକ ମାର୍ଗରେ ପରିଶେଷରେ ସିଦ୍ଧାନ୍ତଗତ ଏକ ଅସ୍ପଷ୍ଟତା ରହିଯାଇଥିଲ, ପ୍ରତାକଗୁଡ଼ିକ ବିକୃତ ହୋଇଯାଇଥିଲ ଏବଂ ତା'ପରେ ପତନ ହେଇଥିଲ ।

ମାତ୍ର ଏହି କ୍ଷେତ୍ରରେ ମଧ୍ୟ ଯଦି ଆମେ ପ୍ରକୃତ ପ୍ରଣାଳୀ ଏବଂ ଆଗ୍ରହଗୁଡ଼ିକୁ ବାଦ୍ ଦେଇ କେନ୍ଦ୍ରସ୍ଥ ଅସଲ ଭତ୍ତ୍ୱଟିକୁ ଖୋଜି ବାହାରିବା, ତେବେ ଭକ୍ତ ଆପଣାର ମାର୍ଗରେ ଆପଣାକୁ ବେଦର ମାର୍ଗ ଓ ପଦ୍ଧତିଗୁଡ଼ିକଠାରୁ ଅତ୍ୟନ୍ତ ସ୍ପଷ୍ଟଭାବରେ ଭିନ୍ନ କରି ରଖିଛୁ, ଆମେ ସଂପ୍ରତମେ ସେହି କଥାଟି ଦେଖିବାକୁ ପାଇବା । ଅବଶ୍ୟ ଗୋଟିଏ ଅର୍ଥରେ ବସ୍ତୁର କର ଆମେ ଏପର୍ଯ୍ୟନ୍ତ ପରୀକ୍ଷା କର ଦେଖିଥିବା ସବୁ ମାର୍ଗକୁହିଁ ଭତ୍ତ୍ୱତଃ ବୈଦାନ୍ତିକ ବୋଲ କୁହାଯାଇ ପାରିବ । କାରଣ ସେଗୁଡ଼ିକର ଶକ୍ତି ଜ୍ଞାନରେ ରହିଛୁ, ସେଗୁଡ଼ିକର ପ୍ରଣାଳୀ ମଧ୍ୟ ଜ୍ଞାନରେ ରହିଛୁ; ଅବଶ୍ୟ ଏକଥା ସତ୍ତ ଯେ ସେଗୁଡ଼ିକ ସର୍ବଦା କେବଳ ବୁଦ୍ଧି ଦ୍ୱାରାହିଁ ଉପଲବ୍ଧି ହେଉ ନାହାନ୍ତି । ଭକ୍ତିପରିବର୍ତ୍ତରେ ପ୍ରେମ ତଥା ବିଶ୍ୱାସ ଦ୍ୱାରା ଅଭିବ୍ୟକ୍ତ ହେଉଥିବା ହୃଦୟସ୍ଥ ଏକ

'oaob.nitrkl.ac.in' images reprocessed

ଜ୍ଞାନ ଦ୍ୱାରା ଅଥବା କର୍ମର ମାଧ୍ୟମରେ ଆପଣାକୁ କାର୍ଯ୍ୟକାରୀ କରୁଥିବା ଇଚ୍ଛାଶକ୍ତିରେ ଅବସ୍ଥିତ ଏକ ଜ୍ଞାନ ଦ୍ୱାରାହିଁ ସେଗୁଡ଼ିକ ପ୍ରାପ୍ତ ହେଉଛନ୍ତି । ଏବଂ ଯାବତୀୟ ମାର୍ଗରେ ସେହି ପରମ ପୁରୁଷହିଁ ଯୋଗର ଅଧୀଶ୍ୱର ହୋଇ ରହିଛନ୍ତି; ଯେଉଁ ପରମ ଚେତନାମୟ ଆତ୍ମା ସବୁ ଜାଣୁଛନ୍ତି, ସବୁ ଦେଖୁଛନ୍ତି, ସବୁକଛୁକୁ ଆକୃଷ୍ଟ କରି ରଖିଛନ୍ତି ଓ ସବୁକିଛିର ଜନ୍ୟତ୍ରା ହୋଇ ରହିଛନ୍ତି । ମାନବ ଭିତରେ ପ୍ରକୃତିହିଁ ଅଧୀଶ୍ୱର ହୋଇ ରହିଛନ୍ତି, ସେହି ପ୍ରକୃତି-ଆତ୍ମା, ପରମା ଶକ୍ତି ଅର୍ଥାତ୍ ସକଳ ଜଗତରେ ସକଳ କାର୍ଯ୍ୟ କରୁଥିବା ଶକ୍ତିଗତ ସେହି ପରମ ସାମର୍ଥ୍ୟହିଁ ଅଧୀଶ୍ୱର ହୋଇ ରହିଛନ୍ତି । ଶକ୍ତି ମଧ୍ୟରେ ଅଧିଷ୍ଠିତ ସେହି ପରମ ସାମର୍ଥ୍ୟଟିକୁ, ତାହାର କିୟାପ୍ରଣାଳୀଟିକୁ ଅର୍ଥାତ୍ ତାହାର ଭିତ୍ତିର ଅନ୍ତରଙ୍ଗ ରହସ୍ୟଗୁଡ଼ିକୁ ସମ୍ୟକ୍ ଭାବରେ ଜାଣି ଓ ତାହାର ପ୍ରୟୋଗ କର ଭିତ୍ତିଯୋଗୀ ଆପଣା ସାଧନାର ଲକ୍ଷ୍ୟଗୁଡ଼ିକର ଅନୁଧାବନ କରୁଥିଲ, ଅର୍ଥାତ୍ ପ୍ରଭୁତ୍ୱ, ପରପୂର୍ତ୍ତି, ବିମୋଚନ ଏବଂ ଆନନ୍ଦର ଅଧିକାରୀ ହେବାକୁ ଗ୍ରହୁଥିଲ । ଅଭିବ୍ୟକ୍ତ ପ୍ରକୃତି ଏବଂ ଏହାର ସମ୍ବନ୍ଧର ପ୍ରତିକୂଳତା ମଧ୍ୟରୁ ଆପଣାକୁ ଆଦୌ ପ୍ରତ୍ୟାହୃତ କର ନଆଣି ସେ ସେଗୁଡ଼ିକର ସମ୍ମୁଖୀନ ହେଉଥିଲ, ସେଗୁଡ଼ିକୁ ହସ୍ତଗତ କରୁଥିଲ ଓ ସେଗୁଡ଼ିକ ଉପରେ ବିଜୟୀ ଲାଭ କରୁଥିଲ । ମାନବ, ପ୍ରକୃତିର ସାଧାରଣ ପ୍ରବୃତ୍ତିହି ସାଧାରଣତଃ ଯେଉଁଭଳି ହୋଇ ରହିଥାଏ, ଭିତ୍ତିମାର୍ଗୀ ଯୋଗ ପରଶେଷରେ ଆପଣାର ସାଧନଗୁଡ଼ିକର ଜଟିଳ ପାଦ୍ଧିକତାଟି ମଧ୍ୟରେହିଁ ଆପଣାର ଧେୟ ଓ ଭଙ୍ଗିକୁ ଅନେକ ପରମାଣରେ ଦୂରେଇ ପକାଇଥିଲ ଏବଂ କେତେଗୁଡ଼ିଏ ସୂତ୍ର ଓ ଗୁପ୍ତବିଦ୍ୟାଗତ ଯନ୍ତ୍ରବତ୍ କେତୋଟି ପ୍ରକିୟାର ଏକ ବ୍ୟାପାରରେହିଁ ଆସି ଅବଶେଷ ରହିଯାଇଥିଲ । ଏଗୁଡ଼ିକୁ ଯଥାର୍ଥ-ରୂପେ ବ୍ୟବହାର କରୁଥିବା ପର୍ଯ୍ୟନ୍ତ ତାହା ବଡ଼ ଶକ୍ତିଶାଳୀ ହୋଇ ରହିଥିଲ ସତ, ମାନବ ଆପଣାର ସଂକୀର୍ଣ୍ଣ ଅଭିପ୍ରାୟସୃଷ୍ଟିର ସ୍ପଷ୍ଟତାରୁ ଅନେକ ଭଲକୁ ଖସି ପଡ଼ୁଥିଲ ।

ଏହି ମୂଳ ତାତ୍ତ୍ୱିକ କଳ୍ପନାଟି ମଧ୍ୟରେ ଆମକୁ ସତ୍ତ୍ୱର କେବଳ ଗୋଟିଏ ପାର୍ଶ୍ୱରହିଁ ଆତ୍ମସ ମିଳିଥାଏ; ଏହି କଳ୍ପନା ଶକ୍ତିରହିଁ ଉପାସନା କରିଥାଏ, ଶକ୍ତିକୁହିଁ ଯାବତୀୟ ସିଦ୍ଧିର ଏକମାତ୍ର ଫଳପ୍ରଦ ପ୍ରେରଣା ବୋଲି ସ୍ୱୀକାର କରେ । ଅପର ପାର୍ଶ୍ୱରେ ବେଦାନ୍ତରେହିଁ ଆମେ ଶକ୍ତିର ଅନ୍ୟ କଳ୍ପନାଟିର ପରିଚୟ ପାଇଥାଉ; ଶକ୍ତିକୁ ସେଠାରେ ମାୟାରହିଁ ଏକ ସାମର୍ଥ୍ୟ ବୋଲି ବର୍ଣ୍ଣନା କରିଯାଏ ଏବଂ କିୟାଶୀଳ ହୋଇ ରହିଥିବା ଏହି ଶକ୍ତିର ଯାବତୀୟ ବିସୃଷ୍ଟି ଦ୍ୱାରା ଯେଉଁସବୁ ବିଭ୍ରମ ନଷ୍ଟମ ହୋଇ ରହିଛନ୍ତି, ତାହାର ପାଶ ମଧ୍ୟରୁ ମୁକ୍ତିଲାଭ କରିବାର ସାଧନରୂପେ ସେହି ନଷ୍ଟଲ ଓ କିୟାରହିତ ପରମ ପୁରୁଷଙ୍କର ଅନ୍ୱେଷଣହିଁ ପଥରୂପେ ଘୋଷିତ ହୋଇଥାଏ । ମାନବ ଏହି କ୍ଷେତ୍ରର ସମସ୍ତ କଳ୍ପନାଟି ଅନୁସାରେ ପରମ ଚେତନାମୟ ଆତ୍ମାହିଁ ପ୍ରକୃତ ଅଧୀଶ୍ୱର ହୋଇ ରହିଥାନ୍ତି, ଏବଂ ପ୍ରକୃତିମଧ୍ୟସ୍ଥ ଆତ୍ମା କେବଳ

'oaob.nitrkl.ac.in' images reprocessed

ଭାଙ୍କର କାର୍ଯ୍ୟସାଧନକାଳୀ ପରମଶକ୍ତିରୂପେ କାର୍ଯ୍ୟ କରୁଥାଏ । ପରମ ପୁରୁଷଙ୍କର ସ୍ୱଭାବ ହେଉଛି ପରମ ସତ୍ତ୍ୱର ସ୍ୱଭାବ, ସିଏ ହେଉଛନ୍ତି ଶୁଦ୍ଧ ଚିତ୍ତା ଅନନ୍ତ ଚେତନାମୟୀ ସତ୍ତ୍ୱା; ଶକ୍ତି ବା ପ୍ରକୃତିର ସ୍ୱଭାବ ହେଉଛି ଚତ୍ତ୍ୱର ସ୍ୱଭାବ, ଏହି ଚତ୍ତ୍ୱଶକ୍ତି ହେଉଛି ସେହି ପରମ ପୁରୁଷଙ୍କର ଆତ୍ମଚେତନ ଅସ୍ତିତ୍ୱଟିର ଶୁଦ୍ଧ ଓ ଅନନ୍ତ ଶକ୍ତି । ଏହି ଦୁଇଟି ମଧ୍ୟରେ ରହିଥିବା ସମ୍ବନ୍ଧଟି ହେଉଛି ଗୋଟିଏ ଦଣ୍ଡର ଦୁଇ ପ୍ରାନ୍ତ ମଧ୍ୟରେ ରହିଥିବା ସମ୍ବନ୍ଧ, ନଶ୍ଚଳ ସ୍ଥିତି ଏବଂ ସକ୍ରିୟ ସ୍ଥିତି ମଧ୍ୟରେ ରହିଥିବା ସମ୍ବନ୍ଧ । ଯେତେବେଳେ ଶକ୍ତି ଚେତନ ଆତ୍ମ-ଅସ୍ତିତ୍ୱର ଆନନ୍ଦଟି ମଧ୍ୟରେ ନମଜ୍ଜିତ ହୋଇ ରହିଥାଏ, ସେଇଟି ହେଉଛି ନଶ୍ଚଳଭାର ଅବସ୍ଥା ; ଯେତେବେଳେ ପରମ ପୁରୁଷ ଆପଣାକୁ ସ୍ୱକୀୟ ଶକ୍ତିର କ୍ରିୟାଟି ମଧ୍ୟରେ ଅଜାଡ଼ି ଦେଇଥାନ୍ତି, ସେଇଟି ହେଉଛି କ୍ରିୟାଶୀଳଭାର ଅବସ୍ଥା, ଅର୍ଥାତ୍ ସୃଜନର ଅବସ୍ଥା, ଭୋକ୍ତୃତ୍ୱ ଅର୍ଥାତ୍ ସମ୍ଭୋଗଜନିତ ଆନନ୍ଦର ଅବସ୍ଥା । ମାନ ଯଦ୍ଦ ଆନନ୍ଦଟି ଯାବତୀୟ ସମ୍ଭୋଗର ସ୍ରଷ୍ଟା ତଥା ଜନକ ହୋଇଥାଏ, ତେବେ ତପସ୍‌କୁ ଆମେ ଏହାର ପ୍ରଣାଳୀ ବୋଲି କହିବା । ତପସ୍, ଅର୍ଥାତ୍ ସେହି ପରମ ପୁରୁଷଙ୍କର ଚୈତନ୍ୟଶକ୍ତି ଯାହାକି ସତ୍ତ୍ୱା ମଧ୍ୟରେ ରହିଥିବା ଆପଣାର ଅନନ୍ତ ଅନ୍ତର୍ନିହିତ ଶକ୍ତିରେ ଅଧିଷ୍ଠିତ ରହିଥାଏ ଏବଂ ଏଇଟି ମଧ୍ୟରୁ ବସ୍ତୁର ଯାବତୀୟ ସତ୍ୟ ଅର୍ଥାତ୍ ବଜ୍ଞାନର ଜନ୍ମ ଦେଇଥାଏ । ଏହି ସତ୍ୟସବୁ ଏକ ସଂଜ୍ଞାତା ଏବଂ ସଂଶକ୍ତିମାନ୍ ପରମ ଆତ୍ମ-ଅସ୍ତିତ୍ୱ ମଧ୍ୟରୁ ନିଃସୃତ ହୋଇ ଆସିଥାନ୍ତି, ଆପଣାର ସ୍ୱକୀୟ ପରିପୂର୍ଣ୍ଣତାର ନଶ୍ଚଳତାକୁ ବନ୍ଧନ କରି ରହିଥାନ୍ତି ଏବଂ ମନ, ପ୍ରାଣ ତଥା ଜଡ଼ର ରୂପରେ ଆପଣା ସମ୍ଭୂତର ସ୍ୱଭାବ ତଥା ବିଧାନକୁ ଧାରଣ କରିଥାନ୍ତି । ତପସ୍‌ର ତରମ ସଂଶକ୍ତିମତ୍ତା ଏବଂ ପରମକଲ୍ପନାର ଅବ୍ୟର୍ଥ ପରିପୂର୍ଣ୍ଣତାଟି ସକଳ ଯୋଗର ଆଧାର ହୋଇ ରହିଛନ୍ତି । ମନୁଷ୍ୟର ଭୂମିରେ ଆମେ ଏଗୁଡ଼ିକୁ ଫକଲ୍ପ ଓ ବଶ୍ୱାସରୂପେ ଅଭିହିତ କରିଥାଉ । ଏହି ଇଚ୍ଛା ଆପଣାକୁ ପରିଶେଷରେ ଅବଶ୍ୟ ଫଳପ୍ରଦ କରିଇଥାଏ, କାରଣ ତାହା ଜ୍ଞାନରୂପୀ ଉପାଦାନଟିରୁଟି ଗଢ଼ା ହୋଇଥାଏ; ଏବଂ ଏହି ବଶ୍ୱାସ ଏହି ନମ୍ନସ୍ଥ ଭୂମିରେ ଏକ ଅଭିବ୍ୟକ୍ତିରୂପେ ଏପର୍ଯ୍ୟନ୍ତ ଅନୁପଲବ୍ଧି ରହିଥିବା ଏକ ପରମ ସତ୍ୟ ଅର୍ଥାତ୍ ଯଥାର୍ଥ କଲ୍ପନାର ପ୍ରତିଫଳନରୂପେଟି ଅବସ୍ଥିତ ଥାଏ । ଗୀତାରେ "ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ" ଅର୍ଥାତ୍ "ମନୁଷ୍ୟର ବଶ୍ୱାସ ଯେପରି ହୋଇ ରହିଥାଏ, ବା ତା' ଭିତରେ ନଶ୍ଚିତ କଲ୍ପନାରୂପେ ଯାହା ରହିଥାଏ, ମନୁଷ୍ୟ ସ୍ୱୟଂ ଠିକ୍ ତାହାଟି ହୁଏ" ବୋଲି ଯାହା କୁହାଯାଇଛି, ତଦ୍ଦ୍ୱାରା ସେହି ପରମ କଲ୍ପନାର ଆତ୍ମନଶ୍ଚିତତାଟିକୁଟି ସୂଚିତ କରାଯାଇଛି ।

ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଆମକୁ ପ୍ରକୃତିର କୌଣସିଳ କଲ୍ପନାରୁ ଆମର ଗତିଟି ଆରମ୍ଭ କରିବାକୁ ପଡ଼ିବ, ଏଥିରୁ ଆମେ ସେହି କଥାଟି ବେଶ୍ ଦେଖିପାରିବା । ଏବଂ ଯୋଗକୁ କେବଳ ଏକ ବ୍ୟାବହାରିକ ମନସ୍ତତ୍ତ୍ୱ ବୋଲିଟି

'oaob.nitrkl.ac.in' images reprocessed

କହିବାକୁ ହେବ । ପ୍ରକୃତକୁ ଆମେ ଆପଣାର ଶବ୍ଦ ଦେଇ ପୁରୁଷର ଆତ୍ମ-ପରପୂର୍ତ୍ତା ବୋଲିହିଁ କହିବା । ମାନ ଏହି ପ୍ରକୃତ ମଧ୍ୟରେ ଦୁଇଟି ଚତୁଷ୍ପଦନ ରହିଛୁ; ଗୋଟିଏ ଇଚ୍ଛାସ୍ପଦ୍ଧ ଏବଂ ଆଉ ଗୋଟିଏ ନମ୍ନସ୍ପଦ୍ଧ, ଅଥବା ଆମେ ଏଗୁଡ଼ିକୁ ଭବ୍ୟ ସ୍ତର ଓ ଅଭବ୍ୟ ସ୍ତର ବୋଲି ମଧ୍ୟ କହିପାରିବା । କେବଳ ବ୍ୟାବହାରିକ ଉଦ୍ଦେଶ୍ୟଗୁଡ଼ିକର ସାଧନ ଲାଗିହିଁ ଏହି କ୍ଷେତ୍ରରେ ଏଭଳି ଏକ ଭେଦ କରାଯାଇଛୁ, କାରଣ ଅଭବ୍ୟ ବୋଲି ପ୍ରକୃତରେ କୌଣସି ବସ୍ତୁ ନାହିଁ । ବସ୍ତୁମାନଙ୍କେ ଯାହାକୁ ରହିଛୁ, ସେଗୁଡ଼ିକୁ ଆମେ ପ୍ରାକୃତ ବସ୍ତୁ ବୋଲିହିଁ କହିବା; ତଥାପି ପ୍ରାକୃତ ଏବଂ ଅତିପ୍ରାକୃତ ମଧ୍ୟରେ ଯେପରି ଏକ ଭେଦ କରାଯାଇଥାଏ, ସେହିପରି ଏକ ବୃହତ୍ତର ପରିପ୍ରେକ୍ଷୀରେ ଭବ୍ୟ ଓ ଅଭବ୍ୟ ଏହି ଦୁଇଟି ଶବ୍ଦକୁ ମଧ୍ୟ ଆମେ କେବଳ ଅର୍ଥସ୍ପନ ବୋଲିହିଁ କହିବା । ସକଳ ବସ୍ତୁ ପ୍ରକୃତ ମଧ୍ୟରେହିଁ ରହିଛୁ ଓ ସକଳ ବସ୍ତୁ ପରମେଶ୍ୱରଙ୍କ ମଧ୍ୟରେ ବି ରହିଛୁ । ମାନ ବ୍ୟାବହାରିକ ଉଦ୍ଦେଶ୍ୟଗୁଡ଼ିକର କ୍ଷେତ୍ରରେ ଏକ ଯଥାର୍ଥ ଭେଦ ଅବଶ୍ୟ ରହିଛୁ । ଆମେ ଯେଉଁ ନମ୍ନତର ପ୍ରକୃତଟିକୁ ଜାଣିଛୁ, ସ୍ୱସ୍ୱଂ ଯାହାର ପ୍ରତିନଧିତ୍ୱ କରୁଛୁ ଏବଂ ଆମ ଭିତରେ ରହିଥିବା ଶ୍ରଦ୍ଧା ବା ବିଶ୍ୱାସରେ ପରିବର୍ତ୍ତନ ନଘଟିବାଯାଏ ଆମେ କେବଳ ଯାହାହିଁ ହୋଇ ରହିଥିବୁ, ସେଇଟି ସୀମା ଏବଂ ବିଜ୍ଞାନର ମାଧ୍ୟମରେ କାର୍ଯ୍ୟ କରୁଛୁ, ତାହାର ସ୍ୱତ୍ତ୍ୱବ ଅବଦ୍ୟାର ସ୍ୱତ୍ତ୍ୱବ ହୋଇ ରହିଛୁ ଏବଂ ତାହା ଅନ୍ତଃଗତ ଜୀବନ ମଧ୍ୟରେହିଁ ଆପଣାର ଚରିତାର୍ଥ ପରିଣତି ଲାଭ କରୁଛୁ । ମାନ ଯେଉଁ ଇଚ୍ଛତର ପ୍ରକୃତଟିକି ଲାଗି ଆମେ ଆକାଙ୍କ୍ଷା କରି ରହିଛୁ, ସେଇଟି ସମ୍ବନ୍ଧର ସୀମାକୁ ଏକାଠି ମିଳାଇଦେଇ ଓ ସମ୍ବନ୍ଧର ସୀମାକୁ ଅତିକ୍ରମ କରିଯାଇ ଆପଣାର କାର୍ଯ୍ୟ କରୁଛୁ, ତାହାର ସ୍ୱତ୍ତ୍ୱବ ବିଦ୍ୟା ବା ପରମ ଜ୍ଞାନରହିଁ ସ୍ୱତ୍ତ୍ୱବ ହୋଇ ରହିଛୁ ଏବଂ ଜୀବନର ଭବ୍ୟତାଲାଭରେ ଯାଇ ତାହାର ଚରିତାର୍ଥ ପରିଣତି ଘଟିଛୁ । ଏହି ନମ୍ନତରଟି ମଧ୍ୟରୁ ଇଚ୍ଛତର ମଧ୍ୟକୁ ଅଗ୍ରସର ହୋଇଯିବା ହେଉଛୁ ଯୋଗର ଉଦ୍ଦେଶ୍ୟ । ଏକ ସାଧାରଣ ଦୃଷ୍ଟିରେ ଯାହା ବଡ଼ର କରାଯାଏ, ଆମେ ନମ୍ନତରଟିକୁ ପରିପୂର୍ତ୍ତି ଭିତରେ ବର୍ଜନ କରି ଇଚ୍ଛତରଟି ମଧ୍ୟରେ ନିଷ୍ଠତ ଲାଭ କରିବା ଦ୍ୱାରାହିଁ ଏହି ଲକ୍ଷ୍ୟଟିକୁ ଉପଲବ୍ଧି କରାଯାଇପାରେ । ଅଥବା, ନମ୍ନତରଟିରେ ଏକ ରୂପାନ୍ତର ଘଟାଇ ତାହାକୁ ସେହି ଇଚ୍ଛତର ପ୍ରକୃତର ଭୂମିଟି ମଧ୍ୟକୁ ଉତ୍ତୋଳିତ କରିନେବା ଦ୍ୱାରା ମଧ୍ୟ ଏହି ଉପଲବ୍ଧି ସମ୍ଭବ ହୋଇପାରେ । ଏବଂ ଏହି ଦ୍ୱିତୀୟଟିହିଁ ପୂର୍ତ୍ତିଯୋଗରେ ଅବଶ୍ୟ ଆମର ଲକ୍ଷ୍ୟ ହୋଇ ରହିବ ।

ମାନ ଦୁଇଟିଯାକ କ୍ଷେତ୍ରରେ ସଦ୍ଦା ନମ୍ନତର ପ୍ରକୃତଟିରେ ରହିଥିବା କୌଣସି ଏକ ବସ୍ତୁର ମାଧ୍ୟମରେହିଁ ଆମକୁ ସେହି ଇଚ୍ଛତର ଅସ୍ତିତ୍ୱଟି ମଧ୍ୟକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ଏବଂ ଯୋଗର ବିଭିନ୍ନ ମତ ଆପଣା ଯାହାର ଏହି ସ୍ୱୀକୃତି ବିନ୍ଦୁଟିକୁ ଅର୍ଥାତ୍ ନିଷ୍ଠତର ଏହି ଦ୍ୱାରଟିକୁ ସ୍ୱସ୍ୱଂ ନିର୍ଦ୍ଦାରିତ କରିଥାନ୍ତି । ନମ୍ନତର ପ୍ରକୃତର

'oaob.nitrkl.ac.in' images reprocessed

କେତୋଟି କ୍ରିୟାତ୍ମକତାକୁ ସେମାନେ ଆପଣାର ବଶେଷ କ୍ଷେତ୍ରରୂପେ ଗ୍ରହଣ କରନ୍ତନ୍ତୁ ଏବଂ ସେଗୁଡ଼ିକୁ ନ୍ତମଶଃ ସେହି ପରମ ଦ୍ରବ୍ୟତାର ଅଭିମୁଖରେ ଧାବତ କର ରଖନ୍ତୁ । ମାନ ଆମ ଭିତରେ କାର୍ଯ୍ୟ କରୁଥିବା ପ୍ରକୃତର ସାଧାରଣ କ୍ରିୟାତ୍ମକତାଟି ସବଦା ଏକ ସମଗ୍ର ଗତିସ୍ପନ୍ଦନରୂପେ ଅବସ୍ଥିତ ରହିଥାଏ ଏବଂ ତାହାର ମଧ୍ୟରେ ଆମର ସବଂଦ୍ଧ ଉପାଦାନର ସଂପୂର୍ତ୍ତି ଜଟିଳତାଟି ଆମର ସମଗ୍ର ପରିବେଶଟି ଦ୍ୱାରା ପ୍ରଭାବତ ହେଉଥାଏ ଓ ତାହାକୁ ସ୍ୱୟଂ ପ୍ରଭାବତ କରିବାରେ ଲାଗିଥାଏ । ସମଗ୍ର ଜୀବନଟିକୁହିଁ ଆମେ ପ୍ରକୃତର ଯୋଗ ବୋଲି ଜାଣିବା । ତେଣୁ ଆମେ ଯେଉଁ ଯୋଗଟିକୁ ଗ୍ରହଣ କରିବାକୁ ଇଚ୍ଛା କରିବା, ସେଇଟିକୁ ମଧ୍ୟ ପ୍ରକୃତର ଏକ ସମ୍ପୂର୍ଣାଙ୍ଗୀନ କ୍ରିୟା ହୋଇ ରହିବାକୁ ପଡ଼ିବ । ଅହଂ ତଥା ବଦ୍ଧଜନ ମଧ୍ୟରେ ସେହି ଅହଂ ତଥା ବଦ୍ଧଜନ ଦ୍ୱାରା ପ୍ରେରତ ହୋଇ ତାହା ମଧ୍ୟରେ ପ୍ରକୃତର ସେଉଁ ସମଗ୍ର କ୍ରିୟାଟି କାର୍ଯ୍ୟକାରୀ ହୋଇ ରହିଥିବ, ତାହାର ଏକ ସ୍ଥାନାପନ୍ନ ଭାବରେ ଯୋଗୀ ପରମେଶ୍ୱର ତଥା ଏକତ୍ୱ ମଧ୍ୟରେ ସେହି ପରମେଶ୍ୱରଙ୍କ ଦ୍ୱାରା ତଥା ସେହି ଏକତ୍ୱ ଦ୍ୱାରା ପ୍ରେରତ ହୋଇ କାର୍ଯ୍ୟ କରୁଥିବା ସେହି ଉଚ୍ଚତର ପ୍ରକୃତର ସମଗ୍ର କ୍ରିୟାକୁ ଆଣି ପ୍ରତଷ୍ଠିତ କରିଦେବାର ଆକାଙ୍କ୍ଷା ରଖିଥିବ; ଏବଂ ଏହାହିଁ ଜଣେ ଯୋଗୀ ଓ ପ୍ରକୃତ-ଅଧୀନ ଜଣେ ସାଧାରଣ ମନୁଷ୍ୟ ଭିତରେ ସମୁଦାୟ ପାର୍ଥକ୍ୟଟି ହୋଇ ରହିଥିବ । ମାନ ଯଦି ଏହି ଜଗତରୁ ପରମେଶ୍ୱରଙ୍କ ମଧ୍ୟକୁ କେବଳ ପଳାଇ ଯିବାଟାହିଁ ପ୍ରକୃତରେ ଆମର ଲକ୍ଷ୍ୟ ହୋଇ ରହିଥିବ, ତେବେ ଏହି କ୍ଷେତ୍ରରେ ସମନ୍ୱୟର ଆଦୌ କୌଣସି ଆବଶ୍ୟକତା ରହିବ ନାହିଁ, ଏବଂ ତଦ୍ଦ୍ୱାରା କେବଳ ସମସ୍ୟା ନଷ୍ଟ କରିବାହିଁ ସାର ହେବ । କାରଣ, ପରମେଶ୍ୱରଙ୍କ ପାଖକୁ ପଡ଼ିଥିବା ସହସ୍ର ପଥ ମଧ୍ୟରୁ କେବଳ ଗୋଟିଏ ପଥକୁ ଖୋଜିନେବାହିଁ ସେତେବେଳେ ଆମର ଏକମାତ୍ର ବ୍ୟାବହାରିକ ଉଦ୍ଦେଶ୍ୟ ହୋଇ ରହିବ; ସେହି ପଥଟି ତାଙ୍କ ପାଖରେ ଶୀଘ୍ର ପହଞ୍ଚିବା ବାଟଗୁଡ଼ିକ ମଧ୍ୟରୁ ସବୁଠାରୁ କମ୍ ଦୀର୍ଘ ହୋଇଥିବ, ଏବଂ ସେହି ଗୋଟିଏ ଲକ୍ଷ୍ୟମୁଣ୍ଡରେ ଯାଇ ପହଞ୍ଚାଇ ଦେଉଥିବା ଭିନ୍ନଭିନ୍ନ ପଥର ଆବଷ୍କାର କରି ତାହାର କାଳକ୍ଷେପଣ କରିବା ଲଗି ପ୍ରକୃତରେ ଆଉ କୌଣସି ପ୍ରୟୋଜନ ନଥିବ । ମାନ ଆମର ସଂପୂର୍ତ୍ତି ସତ୍ତାଟିକୁ ସେହି ପରମ ଭାଗବତ-ଜୀବନର ଭୂମିରୂପେ ରୂପାନ୍ତରିତ କରିଦେବାହିଁ ଯଦି ଆମର ପ୍ରକୃତ ଲକ୍ଷ୍ୟ ହୋଇଥାଏ, ତେବେଯାଇ ଏକ ସମନ୍ୱୟ ଆବଶ୍ୟକ ବୋଲି ଅନୁଭୂତ ହେବ ।

ତେଣୁ ଆମେ ଯେଉଁ ପଦ୍ଧତିର ଅବଲମ୍ବନ କରିବା, ସେଥିରେ ଆମେ ଆମର ସମୁଦାୟ ଚେତନ ସତ୍ତାଟିକୁ ସେହି ପରମ ଦ୍ରବ୍ୟତାଟି ସହିତ ସମ୍ବନ୍ଧିତ କରି ରଖିବା, ତାଙ୍କର ସମ୍ପର୍ଶବଦ୍ଧ କରି ରଖିବା; ଏବଂ ଆମର ଏହି ସମଗ୍ର ସତ୍ତାଟିକୁ ତାଙ୍କର ସତ୍ତାରେ ରୂପାନ୍ତରିତ କରିଦେବା ସକାଶେ ଆମେ ତାହାଙ୍କୁହିଁ ଆବାହନ

'oaob.nitrkl.ac.in' images reprocessed

କରି ଆଣିବା । ଏବଂ ତାହାର ଦ୍ୱାରାହିଁ ଗୋଟିଏ ଅର୍ଥରେ ସ୍ୱୟଂ ଭଗବାନ୍ ଅର୍ଥାତ୍ ଆମ ଭିତରେ ଯଥାର୍ଥରେ ଅବସ୍ଥିତ ରହିଥିବା ସେହି ପରମ ପୁରୁଷହିଁ ଆମ ସାଧନାର ସାଧକ* ତଥା ଯୋଗେଶ୍ୱରରୂପେ ଅବତୀର୍ଣ୍ଣ ହୋଇ ଆସିବେ । ସେତେବେଳେ ସେଇ ଆମର ଏହି ନମ୍ନତର ବ୍ୟକ୍ତିସୃଷ୍ଟିକୁ ଏକ ଦିବ୍ୟ ରୂପାନ୍ତରସାଧନର କେନ୍ଦ୍ରରୂପେ ବ୍ୟବହାର କରିବେ, ଆପଣାର ସ୍ୱଳ୍ପତ୍ୱ ପରିପୂର୍ଣ୍ଣତାରେ ନମିତରୂପେ ବ୍ୟବହାର କରିବେ । କାର୍ଯ୍ୟତଃ, ଆମର ଭିତରେ ସେହି ଦିବ୍ୟ ପ୍ରକୃତିର ପରମ କଳ୍ପନା ମଧ୍ୟରେ ଅଧିସ୍ଥିତ ରହି ଆମର ସମସ୍ତ ସୃଷ୍ଟି ଉପରେ କାର୍ଯ୍ୟ କରୁଥିବା ଚୈତନ୍ୟଶକ୍ତି ବା ସେହି ଉପାଶକ୍ତିର ରୂପହିଁ ଏହି ଜୀବନ ସମ୍ପର୍କରେ ଆପଣାର ଉପଲବ୍ଧିକୁ ସମ୍ଭବ କରି ଆଣିଥାଏ । ସେତେବେଳେ ସେହି ଦିବ୍ୟ, ସ୍ୱତଃଜ୍ଞାତା ଏବଂ ସ୍ୱତଃସାଧକ ଭବ୍ତିହିଁ ଏହି ସୀମାବଦ୍ଧ ଏବଂ ଅସ୍ପଷ୍ଟତାଚ୍ଛନ୍ନ ଭୂମିଟି ଉପରେ ଅବତରଣ କରିଆସେ, ଏଇଟିକୁ ଉର୍ଦ୍ଧ୍ୱତର ଜୀବରେ ଆଲୋକିତ କରାଇଦିଏ ଏବଂ ସମୁଦାୟ ନମ୍ନତର ପ୍ରକୃତିଟି ଉପରେ ଆପଣାର ଶକ୍ତିକୁ ସଞ୍ଚାରିତ କରି ରଖେ; ଏହି ନମ୍ନତର ମାନସୀୟ ଭୂମିର ଆଲୋକ ତଥା ମରଣଶୀଳ ଜିଜ୍ଞାସୁଜନତାର ଯାବତୀୟ ରୂପାୟନର ସ୍ଥାନାପନ୍ନ ଜୀବରେ ତାହା ଏଠାରେ ଆପଣାର ଜିଜ୍ଞାସ୍ତିକୁହିଁ ପ୍ରତିଷ୍ଠିତ କରିଦିଏ ।

ମନୋବୈଜ୍ଞାନିକ ବାସ୍ତବ ସତ୍ୟର ଭୂମି ଉପରେ ଏହି ମାର୍ଗ ବା ପଦ୍ଧତିକୁ ଆମେ ଆପଣାର ସମୁଦାୟ କ୍ଷେତ୍ର ଓ ସକଳବିଧ ସାଧନ ସହିତ ଅହଂର ଆପଣାକୁ ସେହି ପରମ ଓ ସର୍ବୋତ୍ତୀର୍ଣ୍ଣ ଅହଂ ଓ ତାହାର ବଶାଳ ତଥା କଲନାତୀତ ଅଥଚ ସଂଦା ଅନବାର୍ଯ୍ୟ ହୋଇ ରହିଥିବା ଯାବତୀୟ ଜିଜ୍ଞାସୁକତାହି ପାଖରେ ନେଇ ସମର୍ପଣ କରିଦେବାର ମାର୍ଗ ବୋଲି କହିପାରିବା । ଏକଥା ସମ୍ପୂର୍ଣ୍ଣ ସତ୍ୟ ଯେ ଏହି ସାଧନାଟି ଆଦୌ ସବୁଠାରୁ କମ୍ ସାର୍ଥ ନୁହେଁ ଅଥବା ସହଜ ମଧ୍ୟ ନୁହେଁ । ଏଥିଲାଗି ଅପାର ବିଶ୍ୱାସ ଲୋଡ଼ା, ପରିପୂର୍ଣ୍ଣ ସାହସ ଲୋଡ଼ା ଏବଂ ସଂକୋଚର ଏକ ଅବିଚଳ ଧୈର୍ଯ୍ୟ ମଧ୍ୟ ଲୋଡ଼ା । କାରଣ ଏଥିରେ କ୍ରମବଦ୍ଧ ହୋଇ ଉନୋଟି ପର୍ଯ୍ୟାୟ ରହିଛି, ଏବଂ ସେଥିମଧ୍ୟରୁ କେବଳ ଶେଷ ପର୍ଯ୍ୟାୟଟିହିଁ ସମ୍ପୂର୍ଣ୍ଣ ଜୀବରେ ଆନନ୍ଦମୟ ବା ଦ୍ରୁତ ହୋଇ ପାରିବାର ଏକ ସମ୍ଭାବନା ରହିଛି । ପ୍ରଥମ ପର୍ଯ୍ୟାୟଟିରେ ଆମର ଅହଂ ସେହି ପରମ ଦିବ୍ୟତାଟି ସହିତ ସଂସ୍ପର୍ଶବଦ୍ଧ ହୋଇ ରହିବାର ପ୍ରୟାସ କରେ, ଦ୍ୱିତୀୟ ପର୍ଯ୍ୟାୟରେ ଏକ ଦିବ୍ୟ ଜିଜ୍ଞାସୁକତା ଦ୍ୱାରା ସେହି ଉଚ୍ଚତର ସ୍ୱଭାବଟିକୁ ଗ୍ରହଣ କରି ପାରିବାକୁ ଓ ଉଚ୍ଚତର ସ୍ୱଭାବରୂପେହିଁ ପରିଣତ ହୋଇ ପାରିବାକୁ ଆମର ଏହି ସମୁଦାୟ ନମ୍ନତର ପ୍ରକୃତିଟି ପୂର୍ଣ୍ଣ, ପ୍ରଶସ୍ତ ଜୀବରେ ଏବଂ ତେଣୁ କଠିନ ଶ୍ରମସ୍ୱୀକାର

---

* ସାଧନା, ଅର୍ଥାତ୍ ସାଧା ଦ୍ୱାରା ସିଦ୍ଧି ପ୍ରାପ୍ତ ହୁଏ; ଏବଂ ସାଧକ, ଅର୍ଥାତ୍ ସେଇଁ ଯୋଗୀ ସେହି ସାଧନାଜଳରେ ସିଦ୍ଧି ଲାଭ କରିବାକୁ ଗଢ଼ିଥାଏ ।

'oaob.nitrkl.ac.in' images reprocessed

ଦ୍ୱାର ପ୍ରସ୍ତୁତ ହେବାରେ ଲଗିଥାଏ; ଏବଂ ପରଶେଷରେ ଚୂଡ଼ାସ୍ତ ପର୍ଯ୍ୟାପ୍ତିରେ ସେହି ରୂପାନ୍ତରଟି ଘଟିତ ହୁଏ। ବାସ୍ତବ କ୍ଷେତ୍ରରେ ଅବଶ୍ୟ ସେହି ଦ୍ରବ୍ୟ ପରମ୍ପରାଳ ଅନେକ ସମସ୍ତରେ ଅପରିବର୍ତ୍ତିତ ଭାବରେ ଓ ଆବରଣର ଅନ୍ତରାଳରେ ଥାଇ ଆମର ଦୁଇଲଟି ସ୍ଥାନରେ ଆପଣାକୁହିଁ ଆଣି ସ୍ଥାପିତ କରି ରଖେ ଏବଂ ଆମର ବଶ୍ୱାସ, ସାହସ ତଥା ଧୈର୍ଯ୍ୟଗତ ଯାବତୀୟ ବଫଳତାରେ ମଧ୍ୟ ଆମର ସହାୟକ ହୋଇ ରହିଥାଏ। ଏହା "ଅନ୍ଧକୁ ଦେଖିବାର ସମର୍ଥ କରାଏ ଏବଂ ପଙ୍ଗୁକୁ ଗିରି ଲଂଘିବାର ସାମର୍ଥ୍ୟ ଦେଇଥାଏ।" ସେତେବେଳେ ବୁଦ୍ଧି ମଧ୍ୟ ଏପରି ଏକ ପରମ ବଧାନର ସଜ୍ଞାନତା ଲାଭ କରେ ଯାହାକି ଆମର କଲ୍ୟାଣକାରୀ ଭାବରେ ଆମକୁ ସ୍ୱଦା ପ୍ରେରିତ କରି ରଖିଥାଏ ଏବଂ ଆମର ଅବଲମ୍ବନ ଭାବରେ ଆମକୁ ଉତ୍ସୋଳିତ କରି ଧରିଥାଏ। ହୃଦୟ ମଧ୍ୟ ସେତେବେଳେ ସକଳ ବସ୍ତୁର ଏପରି ଜଣେ ପରମ ଅଧୀଶ୍ୱର ଓ ମନୁଷ୍ୟର ଏପରି ଜଣେ ପରମସଖା ବା ଜଣେ ବଶ୍ୱମସ୍ୱୀ ପରମା ଜନନୀଙ୍କର କଥା କହିବାକୁ ଲାଗେ, ଯିଏକି ଆମର ସକଳ ପଥଚ୍ଚିହ୍ନିବାରେ ଆମକୁ ସମ୍ଭାଳି ଧରିଥାନ୍ତି। ତେଣୁ, ଏହି ପଥଟିକୁ ଆମେ ଏକାଧାରରେ ଆମର କଳ୍ପନାରେ ସମ୍ଭବ ସବୁଠାରୁ ଅଧିକ ଦୁରୁହ ପଥ ବୋଲି କହିବା, ଏବଂ ତଥାପି ଏହାର ପ୍ରସ୍ତାସ ଏବଂ ଲକ୍ଷ୍ୟର ଆକାରଟିର ତୁଳନାତ୍ମକ ବଶ୍ଳେଷଣ କରି ଆମେ ଏଇଟିକୁ ସବୁଠାରୁ ସହଜ ଓ ସବୁଠାରୁ ଅଧିକ ନିଶ୍ଚିତ ପଥ ବୋଲି କହିପାରିବା।

ଉଚ୍ଚତର ପ୍ରକୃତିଟି ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ନମ୍ନତର ପ୍ରକୃତିଟି ଉପରେ ନିୟା କରିବାକୁ ଲାଗେ, ସେତେବେଳେ ତାହାର ସେହି ନିୟା ମଧ୍ୟରେ ତିନୋଟି ପ୍ରଧାନ ବଶେଷତା ପରିଲକ୍ଷିତ ହୋଇଥାଏ। ପ୍ରଥମତଃ, ଯୋଗର ବଶେଷକ୍ଷେତ୍ରୀୟ ମାର୍ଗଗୁଡ଼ିକରେ ଯେଉଳ ଘଟିଥାଏ, ଏଠାରେ ତାହା କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅଥବା ପୂଂପରାଗତ ଅନୁସରଣ କରି ଆଦୌ କାର୍ଯ୍ୟ କରେ ନାହିଁ। ମାତ୍ର ଏହା ଗୋଟିଏ ପ୍ରକାର ମୁକ୍ତ ତଥା ବଶିପ୍ତ ବଧିରେ କାର୍ଯ୍ୟ କରିଥାଏ, ମାତ୍ର ତଥାପି ତାହାର ନିୟାତ୍ମକତା ନିୟମତଃ ଅଧିକରୁ ଅଧିକ ସଘନ ଉଦ୍ଦେଶ୍ୟସମ୍ପନ୍ନ ହେବାରେ ଲଗିଥାଏ ଏବଂ ତାହା ଆପଣାର ନିୟାକ୍ଷେତ୍ରରୂପୀ ବ୍ୟକ୍ତିର ବଶେଷ ସ୍ୱଭାବଟି ଦ୍ୱାରା ନିରୂପିତ ବି ହେଉଥାଏ। ସେହି ବ୍ୟକ୍ତିର ସ୍ୱଭାବ ଏହି ନିୟାଟି ଲଗି ଯେଉଁ ସହାୟକ ଉପାଦାନମାନ ଆଣି ଯୋଗାଇଦିଏ ଅଥବା ଶୁଦ୍ଧୀକରଣ ଏବଂ ପରପୂର୍ତ୍ତିର ପଥରେ ତାହା ଯେଉଁସବୁ ପ୍ରତିବନ୍ଧକ ଆଣି ରଖିଦିଏ, ତାହାର ଦ୍ୱାରା ନିରୂପିତ ହେଉଥାଏ। ତେଣୁ ଗୋଟିଏ ଅର୍ଥରେ ଏହି ପଥଟିରେ ପ୍ରତ୍ୟେକ ମନୁଷ୍ୟର ଯୋଗଗତ ଭା'ର ଆପଣା ପଦ୍ଧତି ରହିଛି ବୋଲି ମଧ୍ୟ କୁହାଯାଇ ପାରିବ। ତଥାପି, ସମସ୍ତଙ୍କ ସକାଶେ ସାଧାରଣ ହୋଇ ରହିଥିବା ନିୟାଗତ କେତେକ ପ୍ରଶସ୍ତ ଧାଡ଼ି ମଧ୍ୟ ଏଥିରେ ରହିଛି, ଯାହା ସାହାଯ୍ୟରେ ଆମେ ପ୍ରକୃତିରେ ସଚେତନ ହୋଇଥିବା ଗୋଟିଏ

'oaob.nitrkl.ac.in' images reprocessed

ରୁଟିନ୍ ପରି ଏକ ବ୍ୟବସ୍ଥା ଚଢ଼ି ଥୋଇଦେଇ ପାରିବା ନାହିଁ ସତ, ମାତ୍ର ତଥାପି ପୂର୍ଣ୍ଣଯୋଗର ଏକପ୍ରକାର ଶାସ୍ତ୍ର ବା ବୈଜ୍ଞାନିକ ପଦ୍ଧତି ଅବଶ୍ୟ ଗଢ଼ି ପାରିବା ।

ଦ୍ୱିତୀୟତଃ, ଏହି ପ୍ରକ୍ରିୟା ବା ପଦ୍ଧତିଟି ଏକ ସମ୍ପୂର୍ଣ୍ଣ ପ୍ରକ୍ରିୟା ହୋଇଥିବାରୁ ଆମର ପ୍ରକୃତ ବାସ୍ତବତଃ ଯେଉଁଭଳି ରହିଛୁ, ଏହା ଠାରୁ ଠିକ୍ ସେହିଭଳି ସ୍ୱତନ୍ତ୍ରରେ ସ୍ୱୀକାର କରିନେବ । ଆମର ଅଙ୍ଗୀଭୂତ ଉପାଦାନଗୁଡ଼ିକ ଦ୍ୱାରା ସେହି ପ୍ରକୃତିଟି ଯେପରି ସ୍ୱତନ୍ତ୍ରରେ ଗଠିତ ହୋଇ ରହିଥାଏ, ପୂର୍ଣ୍ଣଯୋଗର ପ୍ରକ୍ରିୟା ତାହାକୁ ଠିକ୍ ସେହିପରି ସ୍ୱୀକାର କରିନେବ ଏବଂ ତାହା ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ମନ୍ଥରପୂର୍ଣ୍ଣ ଉପାଦାନକୁ ବର୍ଜନ ନକରି ତାହା ସମୁଦାୟକୁ ଏକ ଦିବ୍ୟ ପରିବର୍ତ୍ତନର ମଧ୍ୟଦେଇ ଗତି କରିବା ଲାଗି ବାଧ୍ୟ କରିଥାଏ । ଆମ ଭିତରେ ଯାହାକିଛୁ ଅବସ୍ଥିତ ରହିଥାଏ, ତାହାକୁ ଏକ ଶକ୍ତିମନ୍ତ ପରମ ଶିଳ୍ପୀ ଆପଣା ହାତକୁ ନେଇଯାଏ ଏବଂ ବଡ଼ ଧୈର୍ଯ୍ୟ ଓ ଅସ୍ପୃଷ୍ଟ ସ୍ୱତନ୍ତ୍ରରେ ଯେଉଁଟିକୁ ରୂପସ୍ଥାପିତ କରିବା ସକାଶେ ସେ ବର୍ତ୍ତମାନ ଚେଷ୍ଟା କରିବାରେ ଲାଗିଛି, ତାହାର ଏକ ସ୍ପଷ୍ଟ ପ୍ରତିରୂପରେ ରୂପାନ୍ତରିତ କରିଦିଏ । ନିମ୍ନତର ଭୂମିର ଏହି ଅଭିବ୍ୟକ୍ତିଟି ପ୍ରକୃତରେ କିଭଳି ଉପାଦାନରେ ଗଠିତ ହୋଇଛୁ ଓ ବାହାରକୁ ଯେଡ଼େ ବିକୃତ, ରୁଚ୍ଛ ଏବଂ ସ୍ୱାନ ହୋଇ ଦେଖାଯାଇଥିଲେ ମଧ୍ୟ ତାହା ମଧ୍ୟରେ ରହିଥିବା ପ୍ରତ୍ୟେକଟି ବସ୍ତୁ ଯେ ସେହି ଦିବ୍ୟ ପରମ ସ୍ୱତ୍ତ୍ୱର ସୌନ୍ଦର୍ଯ୍ୟ ମଧ୍ୟରେ ଅବସ୍ଥିତ ରହିଥିବା କୌଣସି ଉପାଦାନ ଅଥବା ନିମ୍ନାପ୍ନଭାର ଅଲ୍ପବିସ୍ତର ଏକ ବିକୃତ ଅଥବା ଅପୂର୍ଣ୍ଣ ଆକୃତ ହୋଇ ରହିଛୁ, ସେହି ସଦାବିକାଶମାନ ଅନୁଭବଟିରେ ଆମେ ସେହି କଥା ଦେଖିବାକୁ ଆରମ୍ଭ କରୁ । କମାର କମାରଶାଳରେ ବସି କଞ୍ଚା ଧାତୁରୁ କୌଣସି ଏକ ପଦାର୍ଥ ଗଢ଼ିଥିଲ୍ ପରି ଆମର ପୂର୍ବପୁରୁଷମାନେ ଦେବତାମାନଙ୍କୁ ଗଢ଼ିଥିବାର ସେଉଁ କଲ୍ପନାଟିକୁ ବୈଦିକ ଋଷିମାନେ ବ୍ୟକ୍ତ କରିଛନ୍ତି, ବର୍ତ୍ତମାନ ଆମେ ତାହାର ତାତ୍ପର୍ଯ୍ୟଟିକୁ ହୃଦସ୍ପଙ୍ଗମ କରିବାକୁ ଆରମ୍ଭ କରୁ ।

ତୃତୀୟତଃ, ଆମ ଭିତରେ ଅଧିଷ୍ଠିତ ରହିଥିବା ଦିବ୍ୟ ପରମ ସାମର୍ଥ୍ୟ ଏହି ପୂର୍ଣ୍ଣଯୋଗର ସାଧନରୂପେ ଆମର ସମଗ୍ର ଜୀବନଟିକୁହିଁ କାମରେ ଲଗାଇଥାଏ । ଆମ ବିଶ୍ୱପରିବେଶଟି ସହିତ ଆମର ପ୍ରତ୍ୟେକଟି ଅନୁଭବ ଓ ପ୍ରତ୍ୟେକଟି ବାହ୍ୟ ସ୍ପର୍ଶ ଯେତେ ରୁଚ୍ଛ ବା ଯେତେ ଦୁର୍ଭାଗ୍ୟଦାୟକ ହୋଇଥାଉ ପଛକେ, ସେଗୁଡ଼ିକ ଏଥିରେ ଅବଶ୍ୟ କାର୍ଯ୍ୟରେ ଲାଗେ; ଏବଂ ଆମର ପ୍ରତ୍ୟେକଟି ଅନ୍ତର୍ଗତ ଅନୁଭବ, ଏପରିକି ତାହା ସବୁଠାରୁ ଅଧିକ ଅସ୍ତ୍ରୀତିଦାୟକ ଏକ କଷ୍ଟଶବ୍ଦୋଗ ଅଥବା ସବୁଠାରୁ ଅଧିକ ନ୍ୟୂନ କରିଦେଇ ଯାଉଥିବା ପତନ ହୋଇଥାଉ ପଛକେ, ଆମ ପରିପୂର୍ଣ୍ଣତାର ପଥରେ ତାହା ଗୋଟିଏ ସୋପାନ ବା ପଦକ୍ଷେପ ପରି କାର୍ଯ୍ୟ କରିଥାଏ । ଏବଂ ଆମେ ଆପଣାର ଆଖି ଖୋଲିଦେଇ ଆମର ଭିତରେହିଁ ଜଗତ୍ସ୍ଥ ସେହି ପରମେଶ୍ୱରଙ୍କର ପଦ୍ଧତିକୁ

'oaob.nitrkl.ac.in' images reprocessed

ଚଢ଼ିନେବାରେ ଲଗିଥାଉ, ଅନ୍ଧାର ଓ ଆଚ୍ଛନ୍ନତା ମଧ୍ୟରେ ତାଙ୍କ ଆଲୋକର ଉଦ୍ଦେଶ୍ୟଟିକୁ, ଏଠାରେ ଯାହାକିଛୁ ଦୃଶ୍ୟ ଓ ସନ୍ଧାନରେ ପୂରିତ ହୋଇ ରହିଛୁ, ତାହାର ଭିତରେ ତାଙ୍କ ଆନନ୍ଦର ଉଦ୍ଦେଶ୍ୟଟିକୁ ଚଢ଼ିନେବାରେ ଲଗିଥାଉ, ଦୁଇଜଣ ଓ ପରସ୍ପର ଭିତରେ ତାଙ୍କର ଶାନ୍ତିର ଉଦ୍ଦେଶ୍ୟଟିକୁ ଚଢ଼ିନେଉ । ଏହି ନମ୍ରତର ତଥା ଉଚ୍ଚତର ଉଭୟ ନିସ୍ପାପକତା ମଧ୍ୟରେ ସେହି ଗୋଟିଏ ଦିବ୍ୟ ପଦ୍ଧତି କାର୍ଯ୍ୟ କରୁଛୁ ବୋଲି ଆମେ ବେଶ୍ ଦେଖିବାକୁ ସମର୍ଥ ହୋଇଥାଉ; କେବଳ ଗୋଟିକରେ ତାହା ବଡ଼ ବଲମ୍ବିତ ଓ ମନ୍ଥର ଭାବରେ ତଥା ନାନା ଆଚ୍ଛନ୍ନତା ମଧ୍ୟରେ ପ୍ରକୃତରେ ଥିବା ଅବତେଚ୍ଚନଟିର ମଧ୍ୟଦେଇ ଅନୁସୃତ ହେଉଥାଏ, ଏବଂ ଅନ୍ୟଟିରେ ତାହା ଦ୍ରୁତ ହୁଏ, ଆତ୍ମଚେତନ ହୋଇଉଠେ, ଏବଂ ମାନବରୂପୀ ନିମିତ୍ତ ଏହି କାର୍ଯ୍ୟଟି ଭିତରେ ସେହି ପରମ ପ୍ରଭୁଙ୍କର ହାତଟିକୁ ଚଢ଼ିନେବାରେ ମଧ୍ୟ ସମର୍ଥ ହୋଇଯାଏ । ସମୁଦାୟ ଜୀବନକୁ ଆମେ ପ୍ରକୃତିର ଏକ ଯୋଗ ବୋଲିହିଁ କହିବା, ଆମେ ତାହାକୁ ଆପଣା ଭିତରେ ସେହି ପରମ ଭଗବାନଙ୍କୁ ପ୍ରକାଶିତ କରିଦେବାର ଅଭିଲାଷ ରଖିଥିବା ପ୍ରକୃତିରହିଁ ଯୋଗ ବୋଲି କହିବା । ଆମ ଯୋଗସାଧନାଟି ଏଥିରେ ଏପରି ଏକ ପର୍ଯ୍ୟାୟକୁ ସୂଚିତ କରିଦେଇଯାଏ, ଯେତେବେଳେକି ଏହି ପ୍ରସ୍ପାପଟି ଆତ୍ମ-ସଜ୍ଞାନତାର ସମର୍ଥ ହୋଇଉଠେ ଏବଂ ସେହି କାରଣରୁ ବ୍ୟକ୍ତି ମଧ୍ୟରେ ସଥାର୍ଥ ଭାବରେ ପରମପୁରୁଷ ହୋଇପାରିବା ଲଗି ମଧ୍ୟ ସମର୍ଥ ହୁଏ । ଜୀବଚ୍ଚନର ନମ୍ରତର ସ୍ତରଟିରେ ଯେଉଁସବୁ ଗତିଶୀଳନ ବକ୍ଷିପ୍ତ ହୋଇ ରହିଥାଏ ଓ ବଡ଼ ଶିଥିଳ ଭାବରେ ପରସ୍ପର ସହିତ ଯୋଡ଼ା ହୋଇ ରହିଥାଏ, ଯୋଗର ସାଧନା ଦ୍ୱାରା ସେଗୁଡ଼ିକୁ ଏକତ୍ର ଫରୁଆଇତ କରି ଅଣାଯାଏ ଓ ଏକାଇନବଦ୍ଧ କରି ରଖାଯାଏ ।

ପୂର୍ଣ୍ଣଯୋଗରେ ପଦ୍ଧତିଟି ଯେପରି ପୂର୍ଣ୍ଣ ଓ ସମଗ୍ର ହୁଏ, ତାହାର ପରିଣାମଟି ମଧ୍ୟ ଠିକ୍ ସେହିପରି ପୂର୍ଣ୍ଣ ଓ ସମଗ୍ର ଭାବରେ ପ୍ରାପ୍ତ ହୁଏ । ପ୍ରଥମତଃ, ସେହି ପରମ ଦିବ୍ୟ ସତ୍ତାଙ୍କୁ ସମଗ୍ର ଓ ପୂର୍ଣ୍ଣଭାବରେ ଉପଲବ୍ଧି କରିଯାଏ; ତାଙ୍କୁ କେବଳ ସେହି ପରମ ଏକେବରୂପେ ଉପଲବ୍ଧି କରିଯାଏ ନାହିଁ, ଯେଉଁଠାରେକି ସେ କେବଳ ଆପଣାର ସକଳଭେଦରହିତ ଏକତ୍ୱଟି ମଧ୍ୟରହିଁ ଅଧିସ୍ଥିତ ହୋଇ ରହିଥାନ୍ତି । ତାଙ୍କୁ ତାଙ୍କ ବହୁବଗୁଡ଼ିକର ସେହି ଅନେକତାରୂପେ ମଧ୍ୟ ଉପଲବ୍ଧି କରିଯାଏ, ଆମର ଏହି ଆପେକ୍ଷିକ ଚେତନାଟି ଲଗି ତାଙ୍କର ପୂର୍ଣ୍ଣ ଜ୍ଞାନ ଲାଭ କରିବା ସକାଶେ ଯେଉଁ ବହୁବଗୁଡ଼ିକର ମଧ୍ୟ ଏକାନ୍ତ ଆବଶ୍ୟକତା ରହିଥାଏ । କେବଳ ଆମ ଆତ୍ମାଟି ଭିତରେ ଅନୁଭୂତ ହେଉଥିବା ଏକତ୍ୱରୂପେହିଁ ତାଙ୍କର ଉପଲବ୍ଧି କରିଯାଏ ନାହିଁ; ମାନ ସକଳ ନିସ୍ପାପକତା, ଏହି ଅନେକ ଜଗତ ତଥା ଅନେକ ପ୍ରାଣୀଙ୍କର ଏହି ଅନନ୍ତ ବଚନତା ମଧ୍ୟରେ ଅନୁଭୂତ ହେଉଥିବା ଏକତାରୂପେ ତାଙ୍କୁ ଉପଲବ୍ଧି କରିବା ସମ୍ଭବ ହୋଇଯାଏ ।

'oaob.nitrkl.ac.in' images reprocessed

ତେଣୁ, ସମଗ୍ର ଯୋଗରେ ଏକ ସମଗ୍ର ମୁକ୍ତ ମଧ୍ୟ ଉପଲବ୍ଧ ହୋଇଥାଏ । ଆପଣାର ସକଳ ଜୀବନାଂଶରେ ସେହି ପରମ ଦ୍ରବ୍ୟଟିକି ସହିତ ବ୍ୟକ୍ତସତ୍ତାର ଅବଚ୍ଛିନ୍ନ ସମ୍ପର୍କର ସେହି ସାଯୁଜ୍ୟମୁକ୍ତିରୁ ଯେଉଁ ସ୍ୱାତନ୍ତ୍ର୍ୟଟି ଉପଲବ୍ଧ ହୋଇଥାଏ, ଯାହାଦ୍ୱାରାକି ଜୀବ ବିଚ୍ଛିନ୍ନ ରହି ମଧ୍ୟ ଚିରଦିନ ସ୍ୱତନ୍ତ୍ର ରହିଥାଏ ଓ ଦ୍ୱୈତଭାବରେ ମଧ୍ୟ ସ୍ୱତନ୍ତ୍ର ହୋଇ ରହିଥାଏ, ଏଠାରେ କେବଳ ତାହାର କଥା କୁହାଯାଇ ନାହିଁ; ଏଠାରେ କେବଳ ସାଲୋକ୍ୟମୁକ୍ତିର କଥା ମଧ୍ୟ କୁହାଯାଇ ନାହିଁ, ଯାହାଦ୍ୱାରାକି ଆମର ସମୁଦାୟ ଚେତନା ଅତିରିକ୍ତଭାବେ କେବଳ ସେହି ଭଗବତ ସତ୍ତାଟିର ସ୍ଥିତିରେ ଅର୍ଥାତ୍ ସଚ୍ଚିଦାନନ୍ଦସ୍ଥିତିରେହିଁ ନିବାସ କରୁଥାଏ; ମାତ୍ର ଏହି କ୍ଷେତ୍ରରେ ଏକ ସାଧର୍ମ୍ୟମୁକ୍ତି ମଧ୍ୟ ଉପଲବ୍ଧ ହୋଇଆସେ, ଏହି ନମ୍ନତର ସୃଷ୍ଟି ସେହି ଦ୍ରବ୍ୟଟାରହିଁ ଏକ ମାନବ-ପ୍ରତିରୂପରେ ରୂପାନ୍ତରିତ ହୋଇଯିବା ଦ୍ୱାରା ଦ୍ରବ୍ୟ ସ୍ୱଭାବଟି ମଧ୍ୟ ପ୍ରାପ୍ତ ହେବାକୁ ଲାଗେ । ଏହି ଅବସ୍ଥାକୁ ଆସି ସବୁଠାରୁ ଅଧିକ ସମ୍ପୂର୍ଣ୍ଣ ଓ ଚୂଡ଼ାନ୍ତ ଯେଉଁ ମୁକ୍ତି ଉପଲବ୍ଧି ହୁଏ, ସେଇଟି ହେଉଛି ଯେ ଆମର ଚେତନା ଅହଂଗତ ଏହି ଅସ୍ଥାସ୍ଥୀ ଗ୍ରନ୍ଥିଟି ଭିତରୁ ମୁକ୍ତ ହୋଇଆସେ, ତାହା ସେହି ପରମୈକସତ୍ତାଙ୍କ ସହିତ ଏକତ୍ୱବଦ୍ଧ ହୋଇ ରହେ; ଏହି ଜଗତ ମଧ୍ୟରେ ତଥା ବ୍ୟକ୍ତିର ଜୀବନରେ ଯିବ ବିଶ୍ୱଗତ ହୋଇ ରହିଛନ୍ତି ଏବଂ ଜଗତରେ ତଥା ସକଳ ବିଶ୍ୱଜୀଗତକତାର ସେପାଖରେ ମଧ୍ୟ ବିଶ୍ୱାତୀତ ଭାବରେ ଏକ ହୋଇ ରହିଛନ୍ତି, ଆମର ଚେତନା ତାଙ୍କର ସହିତ ଏକତ୍ୱବଦ୍ଧ ହୋଇ ରହେ ।

ଏହି ପୂର୍ଣ୍ଣ ଉପଲବ୍ଧି ଏବଂ ପୂର୍ଣ୍ଣ ବିମୋଚନଟି ଦ୍ୱାରା ଜ୍ଞାନ, ପ୍ରେମ ତଥା କର୍ମର ସାବପ୍ତାସ୍ୱ ପରିଣାମ ଭିତରେ ଏକ ପରିପୂର୍ଣ୍ଣ ସୌଷମ୍ୟର ମଧ୍ୟ ଉପଲବ୍ଧି ହୁଏ । କାରଣ ସେତେବେଳେ ଅହଂଟି ଭିତରୁ ପରିପୂର୍ଣ୍ଣ ମୁକ୍ତି ମିଳିଥାଏ ଏବଂ ଆପଣା ସତ୍ତାରେ ସକଳ ମଧ୍ୟରେ ରହିଥିବା ତଥା ସକଳକୁ ଅତିକ୍ରମ କରି ରହିଥିବା ସେହି ପରମ ଏକଙ୍କ ସହିତ ଏକାତ୍ମକତା ଅର୍ଜନ କରିପାରିଥାଏ । ମାତ୍ର ଉପଲବ୍ଧିକାରୀ ଚେତନା ଏହି କ୍ଷେତ୍ରରେ ଆପଣାର ଉପଲବ୍ଧିଟି ଦ୍ୱାରା ସୀମାବଦ୍ଧ ହୋଇ ରହି ନଥିବାରୁ ଆମେ ଏଠାକୁ ଆସି ସେହି ପରମାନନ୍ଦଙ୍କ ମଧ୍ୟରେ ଏକତାର ଅଧିକାରୀ ହେଉ ଏବଂ ପରମ ପ୍ରେମସ୍ୱରୂପଙ୍କ ମଧ୍ୟରେ ସେହି ସମଞ୍ଜସପ୍ରଭାବଜ ବୈଚିତ୍ର୍ୟଟିକୁ ମଧ୍ୟ ଲଭ କରିପାରୁ, ଯାହାଫଳରେଜ ଆମ ସତ୍ତାଟିର ଏହି ଉଚ୍ଚ ଉପଲବ୍ଧି ଶିଖରଟିରେ ସେହି ପରମ ପ୍ରେମାସ୍ପଦଙ୍କ ସହିତ ଆମର ଚରନ୍ତନ ଐକ୍ୟଟିକୁ ଧାରଣ କରି ରହିଥିଲେ ମଧ୍ୟ ଆମ ଲଘି ଲୀଳାସ୍ଥିତ ସମ୍ବନ୍ଧ ସମୂହ ସମ୍ପୂର୍ଣ୍ଣତ୍ୱରେ ସମ୍ଭବ ହୋଇ ରହିଥାଏ । ଏବଂ ଏହିଭଳି ଏକ ପ୍ରଶସ୍ତତାଜନିତ ଫଳରେ, ସକଳ ଜୀବନକୁ ଆପଣା ମଧ୍ୟରେ ଆଲିଙ୍ଗନ କରିନେଇଥିବା ଓ ଜୀବନଠାରୁ ଆପଣାକୁ ପ୍ରତ୍ୟାହୃତ କରିନେବା ଉପରେ ଆଦୌ ନିର୍ଭର କରୁ ନଥିବା ଏକ ବିଶ୍ୱାତୀତ

'oaob.nitrkl.ac.in' images reprocessed

ସ୍ୱାଭନ୍ତ୍ର୍ୟର ସାମର୍ଥ୍ୟ ଲାଭ କର ଆମେ ଅହଂମୁକ୍ତ, ଦାସତ୍ୱମୁକ୍ତ ଓ ପ୍ରତିସ୍ପାମୁକ୍ତ ଭାବରେ ଏହି ଜଗତ ଉପରେ ପୂର୍ଣ୍ଣମୁକ୍ତ ହୋଇ ଅଜାଡ଼ ହୋଇ ପଡ଼ିଥିବା ଏକ ଦିବ୍ୟ ଜିସ୍ୱା ଲଗି ଆମର ମନ ତଥା ଆମର ଦେହରେ ଏକ ବାହକ ବା ନମିତ୍ତ ହୋଇ ରହିବାକୁ ବ ସମର୍ଥ ହୋଇଯାଇ ।

ଦିବ୍ୟ ଅସ୍ତିତ୍ୱ ଆପଣା ସ୍ୱରୂପରେ କେବଳ ସ୍ୱତନ୍ତ୍ରତାରହିଁ ଏକ ଅସ୍ତିତ୍ୱ ନୁହେଁ, ଏହା ଶୁଦ୍ଧତାର ମଧ୍ୟ ଅସ୍ତିତ୍ୱ, ଆନନ୍ଦ ଓ ପରପୂର୍ଣ୍ଣତାର ଅସ୍ତିତ୍ୱ । ଯେଉଁ ପୂର୍ଣ୍ଣଶୁଦ୍ଧତାଟି ଦ୍ୱାରା ଏକପକ୍ଷରେ ଆମର ଭିତରେ ଦିବ୍ୟ ପରମସତ୍ତାଙ୍କର ପୂର୍ଣ୍ଣ ପ୍ରତିଫଳନ ସମ୍ଭବ ହୋଇପାରିବ ଏବଂ ଅନ୍ୟପକ୍ଷରେ ଆମ ଭିତରେ ଆମର ଏହି ଜୀବନର ଭୂମି ଉପରେ ଏବଂ ଆମର ବାହ୍ୟ ଜୀବନାଙ୍ଗଗୁଡ଼ିକରେ ଆମେ ଯେଉଁ ଜଟିଳ ଯନ୍ତ୍ରଟି ହୋଇ ରହିଛୁ, ତାହାର ପରପୂର୍ଣ୍ଣ ଜିସ୍ୱାଶୀଳତାର ମଧ୍ୟଦେଇ ତାଙ୍କର ପରମ ସତ୍ୟ ଏବଂ ପରମ ବିଧାନ ଅଜାଡ଼ ହୋଇ ପଡ଼ିଥିବ, ତାହାକୁହିଁ ଏକ ପରପୂର୍ଣ୍ଣ ସ୍ୱତନ୍ତ୍ରତାର ସର୍ତ୍ତ ବୋଲି ମାନିବାକୁ ହେବ । ତାହାର ପରିଣାମସ୍ୱରୂପ ଏକ ପରପୂର୍ଣ୍ଣ ଆନନ୍ଦାନୁଭବ ପ୍ରାପ୍ତ ହେବାକୁ ଲାଗିବ, ଯାହା ମଧ୍ୟରେ କି ଏକାଧାରରେ ଏହି ଜଗତ ମଧ୍ୟରେ ସେହି ପରମ ଦିବ୍ୟତାର ନାନା ପ୍ରତୀକରୂପେ ପରିଦୃଷ୍ଟ ହେଉଥିବା ସକଳ ବସ୍ତୁର ଆନନ୍ଦଟି ସମ୍ଭବ ହେଉଥିବ, ଏବଂ ଅପାର୍ଥିବ ସକଳ ବସ୍ତୁର ଆନନ୍ଦ ମଧ୍ୟ ସମ୍ଭବ ହେଉଥିବ । ଏବଂ ଏହା ଏହି ମାନବଭୂମିର ଅଭିବ୍ୟକ୍ତିର ପରିବେଶଗୁଡ଼ିକ ମଧ୍ୟରେ ପରମ ଦିବ୍ୟତାର ଏକ ପ୍ରତୀକବାହକ ପ୍ରକାର ଦ୍ୱାବରେ ଆମ ମନୁଷ୍ୟଜାତିର ସମସ୍ତ ପରିପୂର୍ଣ୍ଣତାଟିକୁ ମଧ୍ୟ ପ୍ରସ୍ତୁତ କରି ଆଣିଥିବ; ଏହି ପରପୂର୍ଣ୍ଣତା ସହିତ ଏକ ପରମମୁକ୍ତ ବିଶ୍ୱାତ୍ମକତା ଉପରେ ପ୍ରତିଷ୍ଠିତ ରହିଥିବ, ପ୍ରେମ ତଥା ଆନନ୍ଦର, ଜ୍ଞାନସ୍ଥ ଯାବତୀୟ ଜ୍ୟୋତିର ଏବଂ ଶକ୍ତି ମଧ୍ୟରେ ତଥା ଅହଂମୁକ୍ତ ଜିସ୍ୱାଶୀଳତା ମଧ୍ୟରେ ରହିଥିବା ଫଳସ୍ୱରୂପ ସେହି ପରମମୁକ୍ତ ବିଶ୍ୱାତ୍ମକତା ଉପରେହିଁ ପ୍ରତିଷ୍ଠିତ ରହିଥିବ । ପୂର୍ଣ୍ଣଯୋଗ ଦ୍ୱାରା ଆମେ ଏହି ପରପୂର୍ଣ୍ଣତାଟିକୁ ମଧ୍ୟ ଲାଭ କରି ପାରିବା ।

ଏହି ପରପୂର୍ଣ୍ଣତା ମଧ୍ୟରେ ମନ ତଥା ଦେହର ପରପୂର୍ଣ୍ଣତା ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିବ, ଯାହାଫଳରେକି ଜ୍ଞାନଯୋଗ ତଥା ହଠଯୋଗର ସର୍ବଶ୍ରେଷ୍ଠ ପରିଣାମଗୁଡ଼ିକ ମଧ୍ୟ ମନୁଷ୍ୟସମାଜ ଦ୍ୱାରା ପରିଶେଷରେ ଚରିତାର୍ଥ ଓ ସିଦ୍ଧ ହେବାକୁ ଯାଉଥିବା ଏହି ସମନ୍ୱୟସୃଷ୍ଟିର ବ୍ୟାପ୍ତତମ ସୃଷ୍ଟି ମଧ୍ୟରେ ଅବଶ୍ୟ ଅନ୍ତର୍ଭୁକ୍ତ ହୋଇ ରହିବ । ଅନ୍ତତଃ, ଯୋଗ ସାହାଯ୍ୟରେ ମନୁଷ୍ୟଜାତି ଆପଣାର ସାଧାରଣ ମାନସିକ ତଥା ଦେହଗତ ସାମର୍ଥ୍ୟ ଏବଂ ଅନୁଭୂତିଗୁଡ଼ିକର କ୍ଷେତ୍ରରେ ଯେଉଁ ପରପୂର୍ଣ୍ଣ ବିକାଶଟିକୁ ହାସଲ କରିବାର ସମ୍ଭାବନା ନହିଁତ ହୋଇ ରହିଛି, ପୂର୍ଣ୍ଣଯୋଗର ଏହି ପଦ୍ଧତିଟି ମଧ୍ୟରେ ତାହା ଅବଶ୍ୟ ଅନ୍ତର୍ଭୁକ୍ତ ହୋଇ ରହିବ । ଏବଂ ଏକ ପୂର୍ଣ୍ଣ ମନୋଗତ ତଥା ଭୌତିକ ଜୀବନର ଉପଲବ୍ଧି ସକାଶେ ପ୍ରଯୋଗ କରିଯାଇ

'oaob.nitrkl.ac.in' images reprocessed

ନପାରିଲ୍ ପର୍ଯ୍ୟନ୍ତ ଏଗୁଡ଼ିକର ରହିବା ଲାଗି ପ୍ରକୃତରେ କୌଣସି ଔଚିତ୍ୟ ମଧ୍ୟ ରହିବ ନାହିଁ । ଏହିପରି ଏକ ମନୋରମ ଏବଂ ଭୌତିକ ଜୀବନ ଆପଣା ସ୍ୱତ୍ତ୍ୱବରେ ସେହି ଚିଦ୍‌ଗତ ଅସ୍ତିତ୍ୱରହିଁ ଆପଣାର ଯଥାର୍ଥ ମନୋରମ ଏବଂ ଭୌତିକ ମୂଲ୍ୟଚୟର ଏକ ରୂପାନ୍ତରରୂପେ ପ୍ରତିଷ୍ଠିତ ହୋଇ ରହିବ । ଏହିପରି ସ୍ତବରେ ଆମେ ପ୍ରକୃତିର ଉନୋଷିଯାକ ଭୂମି ମଧ୍ୟରେ ଏକ ସମନ୍ୱୟ ସ୍ଥାପନ କରିପାରିବା ଏବଂ ସେ ଏଠାରେ ବିବର୍ତ୍ତିତ କରି ରଖିଥିବା ଅଥବା ବିବର୍ତ୍ତିତ କରି ଆଣିଥିବା ମାନସାତ୍ମ ଅସ୍ତିତ୍ୱର ଉନୋଷିଯାକ ଭୂମିରେ ମଧ୍ୟ ଏକ ସମନ୍ୱୟ ସମ୍ଭବ କରିପାରିବା । ସେତେବେଳେ ଆମେ ଆମର ଏହି ପୂର୍ଣ୍ଣତ୍ୱମୋଚକ ସତ୍ତା ତଥା ଆମ ଜିଜ୍ଞାସାମୂଳକତାର ପରିପୂର୍ଣ୍ଣତାପ୍ରାପ୍ତ ଭୂମିଗୁଡ଼ିକର ପରସ୍ପରଟି ଭିତରେ ଆମର ସଂମୂଳ ଭୂମିସ୍ୱରୂପ ଏହି ଭୌତିକ ଜୀବନ ଏବଂ ଆମର ମଧ୍ୟପଥସ୍ଥ ନମିତ୍ତିକ ସ୍ୱରୂପ ଏହି ମାନସିକ ଜୀବନକୁ ମଧ୍ୟ ଅନ୍ତର୍ଭୁକ୍ତ କରିନେଇ ପାରିବା ।

ମାତ୍ର କେବଳ ବ୍ୟକ୍ତିର ଜୀବନଟି ମଧ୍ୟରେହିଁ ଆବଦ୍ଧ ହୋଇ ରହିଥିବା ପର୍ଯ୍ୟନ୍ତ ଆମେ କଦାପି ଆମର ଆକାଙ୍କ୍ଷିତ ଏହି ପରିପୂର୍ଣ୍ଣତା ବା ସମଗ୍ରତାକୁ ଯଥାର୍ଥ, ଓ ଏପରିକ ସମ୍ଭବ ବୋଲି ମଧ୍ୟ କହିପାରିବା ନାହିଁ । ଯେହେତୁ ଆମର ଦ୍ରବ୍ୟ ଉପଲବ୍ଧିଟି ମଧ୍ୟରେ ସତ୍ତାର ଭୂମିରେ, ଅନ୍ୟମାନଙ୍କ ମଧ୍ୟଦେଇ ତଥା ଆମ ନିଜର ମଧ୍ୟଦେଇ ଜୀବନର ତଥା ପ୍ରେମର ଭୂମିରେ ମଧ୍ୟ ଆମ ନିଜକୁ ଉପଲବ୍ଧି କରିବାର ତତ୍ତ୍ୱଟି ଅନ୍ତର୍ଗତ ହୋଇ ରହିଛି, ଏହାର ଏକ ଅନିବାର୍ଯ୍ୟ ପରିଣାମସ୍ୱରୂପ ଆମର ସ୍ୱତନ୍ତ୍ରତା ଓ ତାହାର ଯାବତୀୟ ଫଳ ମଧ୍ୟ ଅନ୍ୟମାନଙ୍କ ମଧ୍ୟରେ ଅବଶ୍ୟ ପରିବ୍ୟାପ୍ତ ଓ ପ୍ରସାରିତ ହୋଇଯିବ ଏବଂ ଆମର ଏହି ମୁକ୍ତ ତଥା ପରିପୂର୍ଣ୍ଣତାର ଉପଯୋଗିତାଟି ମଧ୍ୟ ସଂଦ୍ଧା ପ୍ରଶସ୍ତତମ ହୋଇ ରହିଥିବ । ଏବଂ ଏହି ସମ୍ପ୍ରସାରଣଟିକୁ ଅଧିକରୁ ଅଧିକ ବ୍ୟାପ୍ତି ଆଣିଦେବାକୁ ଏକ ସତତ ଓ ଅନ୍ତର୍ଗତ ପ୍ରଚେଷ୍ଟା ଲାଗି ରହିଥିବା ସଙ୍ଗେସଙ୍ଗେ ଏହା ଅଧିକରୁ ଅଧିକ ପରିମାଣରେ ମନୁଷ୍ୟଜାତି ମଧ୍ୟରେ ସାଂଜନୀନ ହେବାରେ ଲାଗିଥିବ ଏବଂ ପରିଶେଷରେ ସମ୍ପୂର୍ଣ୍ଣତ୍ୱବରେ ସାଂଜନୀନ ହୋଇଯିବ ।

ଏକ ବ୍ୟାପକ ସ୍ତବରେ ପରିପୂର୍ଣ୍ଣ ଆଧ୍ୟାତ୍ମିକ ବା ଚିଦ୍‌ଗତ ଅସ୍ତିତ୍ୱକୁ ଏହିଭଳି ସ୍ତବରେ ସଂଜ୍ଞାର୍ଜନ ଓ ସମଗ୍ର କରି ରଖିବା ଦ୍ୱାରା ମନୁଷ୍ୟର ଏହି ନିତ୍ୟନୈମିତ୍ତିକ ସାଧାରଣ ଭୌତିକ ଜୀବନର ଭୂମିଟି ମଧ୍ୟ ଦିବ୍ୟ ହୋଇଉଠିବ, ମାନସିକ ତଥା ନୈତିକ ଆତ୍ମକୃତ୍ତି ଲାଗି ବ୍ୟକ୍ତ ତଥା ସମୂହର ଜୀବନରେ ଲାଗି ରହିଥିବା ତାହାର ଏହି ବର୍ତ୍ତମାନ ପାର୍ଥିବ ପ୍ରସ୍ତାସଟି ମଧ୍ୟ ଦିବ୍ୟତ୍ତ୍ୱବରେ ପରିପ୍ରେରିତ ହୋଇଉଠିବ;—ଏବଂ ଏହାକୁହିଁ ଆମେ ଆମର ବ୍ୟକ୍ତିଗତ ଓ ସାଂଜନୀନ ପ୍ରସ୍ତାସର ସର୍ବୋତ୍ତମ ଓ ସର୍ବାଂଶୀର୍ଣ୍ଣ ତତ୍ତାର୍ଥତା ବୋଲି କହିପାରିବା । ଏହି ପରମ ତତ୍ତାର୍ଥତା ପ୍ରକୃତରେ ଆମର ଭିତରେ ରହିଥିବା ସ୍ୱର୍ଗରାଜ୍ୟଟିକୁ ଆମ ବାହାରେ ଏକ ସ୍ୱର୍ଗରାଜ୍ୟରୂପେ ପ୍ରକଟିତ

'oaob.nitrkl.ac.in' images reprocessed

କରଦେବା ବ୍ୟତୀତ ଆଉ କିଛିହେଲେ ହେବ ନାହିଁ; ଏବଂ ପୃଥିବୀର ବିଭିନ୍ନ ଧର୍ମ ବିଭିନ୍ନ ଭାଷାରେ ଚରାଚର ଯେଉଁ ସ୍ୱପ୍ନଟିକୁ ଦେଖି ଆସିଛନ୍ତି, ଏହି ଚରଚାର୍ଥତା ତାହାକୁହିଁ ଯଥାର୍ଥ ଭାବରେ ପରିପୂର୍ତ୍ତି କରଦେବ ।

ଆପଣାର ସମର୍ପିତ ଦୃଷ୍ଟିରେ ଯେଉଁମାନେ ଭଗବାନ ଏହି ମନୁଷ୍ୟସମାଜ ଭିତରେହିଁ ପ୍ରଚ୍ଛନ୍ନ ହୋଇ ରହିଛନ୍ତି ବୋଲି ଅନୁଭବ କରୁଛନ୍ତି, ଆମର ଭାବନା ଓ ବଚ୍ଚର ଦ୍ୱାରା ସମ୍ଭବ ହୋଇ ପାରୁଥିବା ପରିପୂର୍ତ୍ତିଟାର ଏହି ସବୁଠାରୁ ଅଧିକ ବ୍ୟାପକ ସମନ୍ୱୟରେ ପହଞ୍ଚିବାର ପ୍ରସ୍ତାବଟି ଲାଗି ଆମେ ଠିକ୍ ସେହିମାନଙ୍କୁହିଁ ଯଥାର୍ଥରେ ଯୋଗ୍ୟ ଅଧିକାରୀ ବୋଲି କହିପାରିବା ।

'oaob.nitrkl.ac.in' images reprocessed

ପ୍ରଥମ ଭାଗ

ଦ୍ରବ୍ୟ କର୍ମର ଯୋଗ

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

ପ୍ରଥମ ପରିଚ୍ଛେଦ

ସାଧନ-ଚତୁଷ୍ଟୟ

ଯୋଗସାଧନାରୁ ଉପଲବ୍ଧି ହେଉଥିବା ଯେଉଁ ପରିପୂର୍ଣ୍ଣତାକୁ ଆମେ ଯୋଗସିଦ୍ଧି ବୋଲ କହିବା, ଗ୍ରନ୍ଥେଟି ମହାନ୍ ସାଧନକୁ ଏକଦା କାର୍ଯ୍ୟକାରୀ କରିପାରିଲେ ଆମେ ପ୍ରକୃଷ୍ଟରୂପରେ ତାହାକୁ ଲାଭ କରିପାରିବା । ପ୍ରଥମଟି ହେଉଛି ଶାସ୍ତ୍ର;—ଅର୍ଥାତ୍ ବିଭିନ୍ନ ସତ୍ୟ ତଥା ତତ୍ତ୍ୱର ଜ୍ଞାନ, ବିଭିନ୍ନ ସାମର୍ଥ୍ୟ ତଥା ପ୍ରକିୟାଗୁଡ଼ିକର ଜ୍ଞାନ, ଯାହା ଉପରେ କି ଆମର ସିଦ୍ଧି ନିର୍ଭର କରି ରହିଥାଏ । ତା'ପରେ ଉତ୍ସାହ;—ଅର୍ଥାତ୍ ଜ୍ଞାନ ଆମକୁ ଯେଉଁ ବାଟଟି ବତାଇଦେବ, ପୂର୍ଣ୍ଣ ଧୈର୍ଯ୍ୟ ଓ ଅବିଚଳିତତା ସହିତ ସେହି ବାଟଟି ଅନୁସାରେ କାର୍ଯ୍ୟ କରିବା, ଆମ ବ୍ୟକ୍ତିଗତ ପ୍ରୟାସର ଶକ୍ତିକୁ ଆଣି ସେଥିରେ ଲଗାଇଦେବା । ତା'ପରେ ଉପଯୁକ୍ତ ସ୍ଥାନଟି ହେଉଛି ଗୁରୁଙ୍କର, ଯିଏକି ଆପଣାର ଦୃଷ୍ଟାନ୍ତ ଓ ପରାମର୍ଶ ଦ୍ୱାରା ଆମକୁ ପ୍ରତ୍ୟକ୍ଷ ପରାମର୍ଶ ଦେବେ; ଆମର ବାଟକୁ ଆସି ଆମର ଜ୍ଞାନ ତଥା ପ୍ରୟାସଟିକୁ ଅଧ୍ୟାତ୍ମ ଅନୁଭବର ସୋପାନକୁ ଉତ୍ତୋଳିତ କରିନେବେ । ଚତୁର୍ଥ ଓ ସର୍ବଶେଷ ସାଧନଟି ହେଲା କାଳ;— କାରଣ ଯାବତୀୟ ବସ୍ତୁର କ୍ଷେତ୍ରରେ ସେମାନଙ୍କ ନିଜସ୍ୱର ଏକ ଛନ୍ଦ ଅବଶ୍ୟ ରହିଛି ଏବଂ ଦିବ୍ୟ ଗଠିତନ୍ତନର ଏକ ବିଶେଷ ପର୍ଯ୍ୟାୟ ମଧ୍ୟ ରହିଛି ।

*

ସେହି ଚରନ୍ତନ ବେଦକୁହିଁ ଆମେ ପୂର୍ଣ୍ଣଯୋଗର ସର୍ବମହାନ୍ ଶାସ୍ତ୍ର ବୋଲ ଜାଣିବା, ଯାହାକି ବସ୍ତୁରଶୀଳ ପ୍ରତ୍ୟେକ ମନୁଷ୍ୟର ହୃଦସ୍ଥ ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି । ଶାଶ୍ୱତ ଜ୍ଞାନ ତଥା ଶାଶ୍ୱତ ପରିପୂର୍ଣ୍ଣତାର ସେହି ପଦ୍ଧତି ଗୋଟିଏ କଡ଼ ହୋଇ ଆମର ଭିତରେ ବୁଜି ହୋଇ ଓ ମୁଦ ହୋଇ ରହିଛି । ମନୁଷ୍ୟର ମନ ଥରେ ସେହି ପରମ ଶାଶ୍ୱତଙ୍କ ଆଡ଼କୁ ଅଭିଲାଷୀ ହୋଇ ବାହାରିବା ସଙ୍ଗେ ସଙ୍ଗେ ଏବଂ ଏହାର ଦୃଦସ୍ଥିତି ଆହୁ ଅଧିକ କାଳ ଲଗି ସ୍ୱାଭାବିକ ପ୍ରତିକ୍ରିୟାଗୁଡ଼ିକ ଲଗି ରହିଥିବା ତା'ର ଆତ୍ମଭିତି ମଧ୍ୟରେ ଗୁପି ହୋଇ ଓ ବାନ୍ଧି ହୋଇ ନରହି, ଯେକୌଣସି

'oaob.nitrkl.ac.in' images reprocessed

ସାଧାରେ ହେଉ ପଛକେ, ସେହି ପରମ ଅନନ୍ତଙ୍କ ଆଡ଼କୁହିଁ ଅନୁରକ୍ତ ହେବା ସଙ୍ଗେ ସଙ୍ଗେ ଏହି ପଦ୍ଧତି, ଶୀଘ୍ର ହେଉ ଅଥବା ଧୀରେ ଧୀରେ ହେଉ, ପାଖୁଡ଼ା ପାଖୁଡ଼ା ହୋଇ ଗୋଟିକ ପରେ ଗୋଟିଏ ଉପଲବ୍ଧି ର ମଧ୍ୟଦେଇ ପ୍ରସ୍ଫୁଟିତ ହୋଇ ଆସିଥାଏ । ଏବଂ ତା'ପରେ ତା'ର ସମଗ୍ର ଜୀବନ, ସମସ୍ତ ବଳର, ତା' ବୃତ୍ତିଗୁଡ଼ିକର ସକଳ ଶକ୍ତିମତ୍ତା ଓ କର୍ମିଷ୍ଠ ଅଥବା କ୍ରିୟାଶୀଳ ତା'ର ସକଳ ଅନୁଭୂତି ତା' ଉପରେ ଆସି ବାଜୁଥିବା ଏଭଳି ଗୋଟିଏ ଗୋଟିଏ ଆଘାତରେ ପରିଣତ ହୋଇଯାଏ, ଯାହାକି ତା' ଆତ୍ମାର ଆବରଣଗୁଡ଼ିକୁ ଏକାବେଳକେ ଛିନ୍ନଭିନ୍ନ କରିପକାଏ ଏବଂ ତା' ଲାଗି ଅନିବାର୍ଯ୍ୟ ହୋଇ ରହିଥିବା କୁସୁମପବଂକ୍ତିର ପଥରେ ରହିଥିବା ଯାବତୀୟ ବାଧା ଓ ପ୍ରତିବନ୍ଧକକୁ ଦୂର କରିଦେଇଯାଏ । ଯିଏ ପରମ ଅନନ୍ତଙ୍କୁହିଁ ବାଛିନଏ, ସେ ସେହି ପରମ ଅନନ୍ତଙ୍କ ଦ୍ୱାରାହିଁ ବଞ୍ଚିତ ହୋଇ ରହିଥାଏ । ସେ ସେହି ଦିବ୍ୟ ସ୍ପର୍ଶକ୍ତିକୁ ଅବଶ୍ୟ ଲାଭ କରିଥାଏ, ଯାହା ବ୍ୟତୀତ କୌଣସି ଜାଗରଣ ସମ୍ଭବ ହୁଅନ୍ତା ନାହିଁ, ଚିଦ୍‌ଗତିଭାର କୌଣସି ଉନ୍ମୀଳନ ହୋଇପାରନ୍ତା ନାହିଁ । ମାତ୍ର ଥରେ ଏହି ସ୍ପର୍ଶଲାଭ ହୋଇଗଲେ ସିଦ୍ଧିଲାଭରେ ମଧ୍ୟ ଆଉ କୌଣସି ସଂଶୟ ରହେ ନାହିଁ; ସମଗ୍ର ଗୋଟିଏ ଜୀବନକାଳରେ ଦ୍ରୁତଗତିରେ ତାହାକୁ କସ୍ କର ଅଣାଯାଇପାରେ, ଅଥବା ଏହି ଅଭିବ୍ୟକ୍ତି ବଶ୍ୱ ମଧ୍ୟରେ ଜୀବନଚକ୍ରର ଅନେକ ପରିମଣ୍ଡଳ ମଧ୍ୟଦେଇ ଗତି କରୁ କରୁ ଅତ୍ୟନ୍ତ ଧୈର୍ଯ୍ୟଶୀଳ ଭାବରେ ତାହାର ଅନୁଧାବନ କରିଯାଇପାରେ ।

ଜୀବ ମଧ୍ୟରେ ରହି ମୁକୁଳିତ ହୋଇ ଆସୁଥିବା ଆତ୍ମାଟିର କ୍ଷେତ୍ରରେ ଅନ୍ତର୍ନିହିତ ଜ୍ଞାନରୂପେ ଯାହା ପୂର୍ଣ୍ଣରୁ ପ୍ରଚ୍ଛନ୍ନ ହୋଇ ରହି ନାହିଁ, ଆମେ ମନକୁ କଦାପି ସେହି ଜ୍ଞାନର ଶିକ୍ଷା ଦେଇପାରିବା ନାହିଁ । ଠିକ୍ ସେହିପରି ବହିସ୍ଥ ଏହି ମନୁଷ୍ୟ ଯେତେଯେତେ ପରିପୂର୍ତ୍ତିର ସମର୍ଥ ବୋଲି କୁହାଯାଇ ପାରିବ, ତାହା ତାହାର ମଧ୍ୟରେ ଅବସ୍ଥିତ ପରମ ଚିଦ୍‌ଗତିର ଶାଶ୍ୱତ ପରିପୂର୍ତ୍ତିର ଉପଲବ୍ଧି ଦ୍ୱାରାହିଁ ପ୍ରକାଶିତ ହୋଇ ଆସିବ । ଆମେ ପରମ ଦିବ୍ୟତାକୁ ଜାଣିବା ଓ ସେହି ପରମ ଦିବ୍ୟତାରେ ପରିଣତ ହୋଇପାରିବା; କାରଣ ଆମର ଫଟୋପିତ ପ୍ରକୃତିରେ ଆମେ ପୂର୍ଣ୍ଣରୁ ସେହି ପରମ ଭବିଷ୍ୟତ୍‌ସ୍ୱରୂପ ହୋଇହିଁ ଅବସ୍ଥିତ ରହିଛୁ । ତେଣୁ ସକଳ ଶିକ୍ଷା ହେଉଛି କେବଳ ଏକ ଉନ୍ମୋଚନ, ସକଳ ସମ୍ପତ୍ତି କେବଳ ଏକ ଅନାବରଣ, ଏକ ପ୍ରସ୍ଫୁଟନ । ଆତ୍ମ-ସିଦ୍ଧି ହେଉଛି ଅତ୍ୟନ୍ତ ସତ୍ୟ; ଆତ୍ମ-ଜ୍ଞାନ ଏବଂ ଏକ ଜନ୍ମବର୍ଦ୍ଧନକ୍ଷମ ଚେତନା ହେଉଛି ତାହାକୁ ଲାଭ କରିବାର ସାଧନ ଓ ପ୍ରକ୍ରିୟା ।

ଶବ୍ଦ ହେଉଛି ଏହି ଉନ୍ମୋଚନର ସଂସାଧାରଣ ସାଧନ, ଶାସ୍ତ୍ରରେ ଯାହାକୁ 'ଶ୍ରୁତି' ବୋଲି କୁହାଯାଇଛି । ଏହି ଶବ୍ଦ ଆମର ଭିତରୁହିଁ ଆମ ପାଖକୁ ଆସିପାରେ, ଅଥବା ଆମ ବାହାରୁ ମଧ୍ୟ ତାହା ଆମ ପାଖକୁ ଆସିପାରେ । ମାତ୍ର ଉଭୟ କ୍ଷେତ୍ରରେ ଏହା କେବଳ ଏକ ସାଧନରୂପେହିଁ କାର୍ଯ୍ୟ କରେ, ଆମ ଭିତରେ ଲୁକ୍‌କାୟିତ

'oaob.nitrkl.ac.in' images reprocessed

ହୋଇ ରହିଥିବା ଜ୍ଞାନଟିକୁ ଭାହା ଜିଜ୍ଞାସୀଳ କରୁଇଦିଏ । ଆମ ଭିତରୁ ଆମ ପାଖକୁ ଆସୁଥିବା ଶବ୍ଦ ଦୁଏଟ ଆମର ଭିତରେ ରହିଥିବା ଓ ପରମ ଦିବ୍ୟତା ଆଡ଼କୁ ଉନ୍ମୁକ୍ତ ହୋଇ ରହିଥିବା ସେହି ଅନ୍ତରତମ ଆତ୍ମାରହିଁ ଶବ୍ଦରୂପେ ଭିଜ୍ଞାସିତ ହୋଇ ଆସିପାରେ; ଅଥବା ଯେଉଁ ପରମ ଗୁରୁ 'ସଦା ଜନାନାଂ ହୃଦୟେ ସନ୍ନିବିଷ୍ଟଃ' ଓ ପ୍ରତିଷ୍ଠିତ ହୋଇ ରହିଛନ୍ତି, ଭାହା ସେହି ପ୍ରଚ୍ଛନ୍ନ ବିଶ୍ୱଗୁରୁଙ୍କର ମୁଖନଃସୃତ ଶବ୍ଦରୂପେ ଆମ ପାଖକୁ ଆସିପାରେ । କେତେକ କ୍ୱଚିତ୍ କ୍ଷେତ୍ରରେ ଏଭଳ ବ୍ୟତୀତ ପ୍ରକୃତିରେ ଆଉ କୌଣସି ଶବ୍ଦର ଆବଶ୍ୟକତା ନଥାଏ, କାରଣ ଯୋଗର ଭୂମିରେ ଏହାପରେ ଆଉ ଯାହାକିଛୁ ରହିଲା, ଭାହା କେବଳ ସେହି ସତତ ସ୍ପର୍ଶ ଓ ସତତ ପଥପ୍ରଦର୍ଶନ ଦ୍ୱାରାହିଁ ଉନ୍ମୋଚିତ ହୋଇ ଜାହାର ଆସିଥାଏ । ଦୁଇପକ୍ଷରେ ଅଧିଷ୍ଠିତ ସେହି ପରମଜ୍ଞବାହୀଙ୍କଠାରୁ ନମାଗତ ହୋଇ ଆସୁଥିବା ସେହି ବିକରଣକାଶ୍ମ ପାପ୍ତିମସ୍ତାର ସାମର୍ଥ୍ୟଟି ଦ୍ୱାରା ଜ୍ଞାନର ପଦ୍ଧତି ଆମର ଭିତରୁହିଁ ପ୍ରସ୍ଫୁଟିତ ଓ ପ୍ରକାଶିତ ହୋଇ-ଉଠେ । ଏମାନଙ୍କୁ ଆମେ ପ୍ରକୃତରେ ମହାନ୍ ବୋଲିହିଁ କହିବା; ମାନ ଏହିଭଳ ଯେଉଁମାନଙ୍କୁ ସେମାନଙ୍କର ଅନ୍ତରସ୍ଥ ଆତ୍ମଜ୍ଞାନହିଁ ଯଥେଷ୍ଟ ପ୍ରତିପାଦିତ ହୁଏ ଏବଂ ଯେଉଁମାନଙ୍କୁ କୌଣସି ଲିଖିତ ଶାସ୍ତ୍ର ଅଥବା କୌଣସି ଦେହଧାରୀ ଗୁରୁଙ୍କର ଜନ୍ମଗ୍ରହଣକାରୀ ପ୍ରଭାବ ମଧ୍ୟଦେଇ ଆଦୌ ଅତିକ୍ରମ କରିବାକୁ ହୁଏ ନାହିଁ, ସେମାନଙ୍କର ସଂଖ୍ୟା ସବୁବେଳେ ଅତି ମୁଷ୍ଟିମେୟ ହୋଇ ରହିଥାଏ ।

ଆତ୍ମ-ଉନ୍ମୋଚନର ଏହି ଜିଜ୍ଞାସ୍ତିରେ ପରମ ଦିବ୍ୟତାର ପ୍ରତିନିଧିତ୍ୱ କରୁଥିବା ବହିର୍ଗତ ଶବ୍ଦହିଁ ସାଧାରଣତଃ ଏକ ସହାୟକ ସାଧନରୂପେ ଆବଶ୍ୟକ ହୋଇଥାଏ । ଏବଂ ଏହି ଶବ୍ଦ ଅତୀତ ମଧ୍ୟରୁ ଆସିଥିବା କୌଣସି ଶବ୍ଦ ହୋଇପାରେ ଅଥବା କଣେ ଜୀବନ୍ତ ଗୁରୁଙ୍କର ଅଧିକ ଶକ୍ତିଶାଳୀ ଶବ୍ଦ ମଧ୍ୟ ହୋଇପାରେ । କେତେକ କ୍ଷେତ୍ରରେ ପ୍ରତିନିଧିମୂଳକ ଏହି ଶବ୍ଦକୁ ଆମର ଅନ୍ତରସ୍ଥ ଶକ୍ତିଟିକୁ ଜାଗ୍ରତ କରି ଆଣିବା ପାଇଁ ଓ ଅଭିବ୍ୟକ୍ତ କରିଦେବା ପାଇଁ କେବଳ ଗୋଟିଏ ପ୍ରକାର ଜନ୍ମିତ ପର ବ୍ୟବହାର କରିଯାଇଥାଏ । ଏହାଦ୍ୱାରା ସତେଅବା ସେହି ସଂଶକ୍ତିମାନ୍ ଓ ସଜ୍ଞାତା ପରମ ଦିବ୍ୟତା ସକଳ ପ୍ରକୃତିକୁ ଅନୁଶାସିତ କରି ରଖିଥିବା ଏକ ବିଧାନର ସାଧାରଣ ମର୍ଯାଦାଟିକୁହିଁ ଆପଣାର ସମର୍ଥନ ଜଣାଇବାକୁ ଇଚ୍ଛା କରୁଥାନ୍ତି । ସେଥିଲାଗି ଉପନିଷଦ୍‌ରେ ଦେବକୀପୁତ୍ର କୃଷ୍ଣଙ୍କ ବିଷୟରେ କୁହାଯାଇଛି ଯେ ସେ ଘୋର ନାମକ ଜଣେ ଋଷିଙ୍କଠାରୁ ଗୋଟିଏ ଶବ୍ଦ ଶୁଣିଲେ ଏବଂ ତାଙ୍କ ଭିତରେ ଜ୍ଞାନ ଜାଗ୍ରତ ହୋଇଉଠିଲା । ଆପଣାର ଅନ୍ତର୍ଗତ ସାଧନା ଦ୍ୱାରା ମୂଳ ସନ୍ଦୀପନଟିକୁ ପ୍ରାପ୍ତ ହୋଇ ସାରିବା ପରେ ସେହିପର ଉତ୍କୃଷ୍ଟ ମଧ୍ୟ ବଇନ୍ଦ୍ର ଯୋଗପଥରେ ଏକାଧିକ ଗୁରୁ ଗ୍ରହଣ କରିଥିଲେ; ମାନ ଆପଣା ଉପଲବ୍ଧିର ବିଶେଷ ସ୍ୱାତ ଏବଂ ଦୃଢ଼ତାଟି ମଧ୍ୟରେ ସବଦା ଦେଖାଇ ଦେଇଥିଲେ ଯେ ଏହି ଗୁରୁଗ୍ରହଣ ଦ୍ୱାରା ସେ କେବଳ ସେହି

'oaob.nitrkl.ac.in' images reprocessed

ସାଧାରଣ ବ୍ୟକ୍ତିମାନଙ୍କୁ ଆପଣାର ସ୍ୱୀକୃତ ବା ସମ୍ମତ ଜଣାଇଥିଲେ, ଯାହାଦ୍ୱାରା ଜଣେ ସତ୍ୟାନ୍ୱେଷୀ ଜଣେ ଗୁରୁଠାରୁ ଶିଷ୍ୟ ଗ୍ରହଣ କରିନେଲା ପରି ଯଥାର୍ଥ ଫଳଦାୟକ ଜ୍ଞାନଟିକୁ ସହଜ ଗ୍ରହଣ କରିନେବାକୁ ଦେଇଥାଏ ।

ମାତ୍ର ସାଧାରଣତଃ ଏହି ପ୍ରତିନଧିମୂଳକ ପ୍ରସ୍ତାବଟି ସାଧକର ଜୀବନରେ ସବୁଦା ଏକ ବୃହତ୍ତର ସ୍ଥାନ ଅଧିକାର କରି ରହିଥାଏ । ଯଦି ଗ୍ରନ୍ଥଟି କୌଣସି ଲକ୍ଷିତ ଶାସ୍ତ୍ର ଦ୍ୱାରାହିଁ ଯୋଗ ଆପଣାକୁ ପରସ୍ପରିତ କରି ରଖିଥାଏ ଅର୍ଥାତ୍ ପୂର୍ବଗାମୀ ଯୋଗୀମାନଙ୍କର ଅନୁଭୂତିକୁ ଲିପିବଦ୍ଧ କରି ରଖିଥିବା ଅନ୍ତତର କୌଣସି ଶବ୍ଦ ଦ୍ୱାରା ଚାହା ପରସ୍ପରିତ ହେଉଥାଏ, ତେବେ ଦୁଏତ କେବଳ ବ୍ୟକ୍ତିଗତ ପ୍ରଚେଷ୍ଟା ଦ୍ୱାରାହିଁ ତାହାର ସାଧନା କରିଯାଇ ପାରିବ ଅଥଚ। ଜଣେ ଗୁରୁଙ୍କର ସହାୟତା ଦ୍ୱାରା ତାହା କରିଯାଇ ପାରିବ । ସେହି କ୍ଷେତ୍ରରେ ଶାସ୍ତ୍ରପ୍ରତିପାଦିତ ସତ୍ୟଗୁଡ଼ିକର ମନନ ତଥା ନିଦିଧ୍ୟାସନ ଦ୍ୱାରାହିଁ ଆଧ୍ୟାତ୍ମିକ ଜ୍ଞାନ ଲାଭ କରିଯାଏ ଏବଂ ବ୍ୟକ୍ତିଗତ ଅନୁଭବରେ ସେହି ସତ୍ୟଗୁଡ଼ିକୁ ଉପଲବ୍ଧି କରି ସେହି ଜ୍ଞାନଟିକୁ ଜୀବନ୍ତ ଓ ତେଜନ କରି ରଖାଯାଏ । ସେତେବେଳେ ଅନୁସୃତ କୌଣସି ଶାସ୍ତ୍ରରେ ବା ପରମ୍ପରାରେ ଦର୍ଶାଇ ଦିଆଯାଇଥିବା ପଦ୍ଧତିଗୁଡ଼ିକର ପରିଣାମଗୁଡ଼ିକ ସହିତହିଁ ଯୋଗ ଅଗ୍ରସର ହେଉଥାଏ, ଅଥବା ଏକ ସ୍ୱୀକୃତ ଗୁରୁଙ୍କର ଶିକ୍ଷା ଦ୍ୱାରାହିଁ ସେଗୁଡ଼ିକର ପୁନଃଚଳନ ଏବଂ ସନ୍ଦୀପନ ହେବାରେ ଲାଗିଥାଏ । ଉଲଜାସ୍ତକ ଭାବରେ ଏହାକୁ ଆମେ ଏକ ସୀମିତ ସାଧନା ବୋଲି କହିବା; ମାତ୍ର ଆପଣାର ସୀମାଗୁଡ଼ିକ ଭିତରେ ଏହା ସବୁଦା ନିରପଦ ଓ କାର୍ଯ୍ୟସାଧକ ହୋଇ ରହିଥାଏ, କାରଣ ଏହା ଦୀର୍ଘକାଳରୁ ଅତ୍ୟନ୍ତ ପରିଚିତ ଏକ ଲକ୍ଷ୍ୟରେ ଯାଇ ପହଞ୍ଚିବା ଲାଗି ଏକ ସୁବିଦିତ ପଥରହିଁ ଅନୁଗମନ କରିବାରେ ଲାଗିଥାଏ ।

ପୂର୍ଣ୍ଣଯୋଗର ଜଣେ ସାଧକ ଲାଗି ଏହି କଥାଟିକୁ ଅନୁକ୍ଷଣ ସ୍ମରଣରେ ରଖିବା ଆବଶ୍ୟକ ଯେ, କୌଣସି ଲକ୍ଷିତ ଶାସ୍ତ୍ରର କଣ୍ଠିତ୍ୱ ଯେତେ ବଡ଼ ହୋଇଥାଉ ପଛକେ ବା ସେଥିରେ ଅନ୍ତର୍ଗତ ହୋଇ ରହିଥିବା ଭାବନା ଯେତେ ବିଶାଳ ହୋଇଥାଉ ପଛକେ, ଶାଶ୍ୱତ ପରମଜ୍ଞାନର କେବଳ ଏକ ଆଂଶିକ ଅଭିବ୍ୟକ୍ତି ଅପେକ୍ଷା ତାହା କଦାପି ଆଉକିଛି ଅଧିକ ହୋଇ ପାରିବ ନାହିଁ । ପୂର୍ଣ୍ଣଯୋଗର ସାଧକ ଶାସ୍ତ୍ରର ବ୍ୟବହାର କରିବ ସତ, ମାତ୍ର ସେହି ଶାସ୍ତ୍ର ବୃହତ୍ତର ବୋଲି ସ୍ୱୀକୃତ ହେଉଥିଲେ ମଧ୍ୟ ସେ ଆପଣାକୁ ତାହାର ଭିତରେ ନେଇ ବାନ୍ଧି ରଖିବ ନାହିଁ । ଯଦି ଶାସ୍ତ୍ର ଗଭୀର ହୋଇଥିବ, ପ୍ରଶସ୍ତ ଓ ଉଦାରଦୃଷ୍ଟିସମ୍ପନ୍ନ ହୋଇଥିବ, ତେବେ ତାହା ସାଧକ ଲାଗି ଦୁଏତ ଅବଶ୍ୟ ଅତ୍ୟନ୍ତ ଦୃଢ଼ତର ଏବଂ ମହତ୍ତ୍ୱପୂର୍ଣ୍ଣ ହୋଇ ରହିବ । ତା'ର ଆପଣା ଅନୁଭୂତିରେ ଏହି ଶାସ୍ତ୍ର ଦୁଏତ ସବୋଚ୍ଚ ସତ୍ୟଗୁଡ଼ିକର କ୍ଷେତ୍ରରେ ତା'ର ଜାଗ୍ରତ ହୋଇ ଉଠିବାର ଏବଂ ସେହି ଉଚ୍ଚତମ ଅନୁଭବଗୁଡ଼ିକର

'oaob.nitrkl.ac.in' images reprocessed

ଉପଲବ୍ଧିକୁ ଲଭ କରିବାର ସାଧନ ହୋଇ ବ ରହିବ । ଏକ ଘାର୍ଘ ସମସ୍ତ ଧର ତାହାର ଯୋଗ ହୁଏତ କୌଣସି ଗୋଟିଏ ଶାସ୍ତ୍ର କଂବା ଜମାନୁବର୍ତ୍ତୀ ଗୁବରେ ଏକାଧିକ ଶାସ୍ତ୍ର ଦ୍ୱାରା ପରସ୍ପରଳଭ ହେବାରେ ଲଗିଥିବ । ଉଦାହରଣସ୍ୱରୂପ ମହାନ୍ ହିନ୍ଦୁ ପରମ୍ପରାନୁସାରେ ଏହି ଯୋଗର ଅନୁଶୀଳନ କରିଯାଇଥିଲେ ତାହା ହୁଏତ ଗୀତା, ଉପନିଷଦ୍ କଂବା ବେଦ ଦ୍ୱାରା ପରସ୍ପରଳଭ ହେଇଥିବ । ଅଥବା, ଏକାଧିକ ଅନେକ ଗ୍ରନ୍ଥ ଓ ଅନେକ ଶାସ୍ତ୍ରର ସତ୍ତ୍ୟଗୁଡ଼ିକ ଦ୍ୱାରା ଅନୁପ୍ରାଣିତ ହୋଇ ରହିଥିବା ଏକ ଐଶ୍ୱର୍ଯମୟ ଓ ବହୁସମ୍ପନ୍ନ ଅନୁଭବକୁ ମଧ୍ୟ ଆପଣାର ସାମଗ୍ରୀଟି ମଧ୍ୟରେ ଅନ୍ତର୍ଭୁକ୍ତ କରିନେବା ଏବଂ ଅଘାତ ମଧ୍ୟରେ ସଞ୍ଚିତ ରହିଥିବା ପ୍ରକୃଷ୍ଟ ଯାବତୀୟ ସମ୍ପଦଗୁଡ଼ିକ ଦ୍ୱାରା ଭବିଷ୍ୟ ବା ସମ୍ଭାବ୍ୟଟିକୁ ବିଭବପୂର୍ଣ୍ଣ କରି ରଖିବା ମଧ୍ୟ ତାହାର ବିକାଶକ୍ରମରେ ଏକ ପ୍ରଧାନତର ଅଂଶ ହୋଇ ଅବଶ୍ୟ ରହିପାରିବ । ମାତ୍ର ପରିଶେଷରେ ତାକୁ ଆପଣାର ସ୍ୱକୀୟ ଆତ୍ମାନଟିକୁହିଁ ଗ୍ରହଣ କରିବାକୁ ପଡ଼ିବ, ଅଥବା ଏହାଠାରୁ ଅଧିକ ଭଲ ହେବ, ଯଦି ସେ ସଙ୍କଟ ଏବଂ ପ୍ରଥମରୁହିଁ ଶାସ୍ତ୍ରଲକ୍ଷିତ ସତ୍ତ୍ୟଟିର ସୀମାଉଲ୍ଲଂଘନ କରିଯାଇ ଆପଣାର ଆତ୍ମାରେହିଁ ବାସ କରିବାର ସାମର୍ଥ୍ୟ ହାସଲ କରିଥିବ,—ଶବ୍ଦବ୍ରହ୍ମାତିତ୍ତିତ୍ତେ; ଅର୍ଥାତ୍ ସେ ଯାହାକିଛୁ ଶୁଣିଛି ଓ ଇତାପି ଯାହାକିଛୁ ଶୁଣିବାକୁ ବାଙ୍କା ରହିଛି,—ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ,—ତାହାର ସୀମାଗୁଡ଼ିକୁ ପାର ହୋଇ ସେ ଆପଣାର ଆତ୍ମାରେହିଁ ବାସ କରି ପାରୁଥିବ । କାରଣ ସେ ପ୍ରକୃତରେ କୌଣସି ଗୋଟିଏ ଗ୍ରନ୍ଥର ସାଧକ ନୁହେଁ ଅଥବା ଅନେକ ଗ୍ରନ୍ଥର ମଧ୍ୟ ସାଧକ ନୁହେଁ; ସିଏ ହେଉଛି ସେହି ପରମ ଅନନ୍ତର ସାଧକ ।

ଆଉ ଗୋଟିଏ ପ୍ରକାରର ଶାସ୍ତ୍ର ରହିଛି, ଯାହାକି କୌଣସି ଧର୍ମଗ୍ରନ୍ଥକୁ ଆଶ୍ରସ୍ୱ କରି ନଥାଏ; ମାତ୍ର ସାଧକ ଯୋଗର ଯେଉଁ ମାର୍ଗଟିକୁ ଆପଣାର ମାର୍ଗରୂପେ ବାଛି ନେଇଥାଏ, ତାହାର ବିଜ୍ଞାନ ଭଲ ବିଶ୍ଳେଷଣକର, ତାହାର କାର୍ଯସାଧକ ଉପାୟଗୁଡ଼ିକର ଏବଂ କାର୍ଯକାସ୍ତ ସ୍ୱତଃଗୁଡ଼ିକର ଏକ ସୂଦ୍ଗତ ବର୍ତ୍ତୁନକୁହିଁ ତାହା ଆଶ୍ରସ୍ୱ କରି ରହିଥାଏ । ପ୍ରତ୍ୟେକ ଯୋଗମାର୍ଗରେ ସ୍ୱକୀୟ ଏକ ଶାସ୍ତ୍ର ରହିଛି; ତାହା ଲେଖା ହୋଇ ରହିଛି ଅଥବା ପାରମ୍ପରିକ ହୃଦୟରେ ପ୍ରତିଳଭ ହୋଇ ଥାସିଛି ଏବଂ ଅନେକ ଗୁରୁଙ୍କର ଏକ ଘାର୍ଘ ପରମ୍ପରା ଦ୍ୱାରା ଜଣକର ମୁହଁରୁ ଆଉ ଜଣକ ମୁହଁକୁ ପ୍ରଦତ୍ତ ହୋଇ ରହିଆସିଛି । ଭାରତବର୍ଷରେ ଏହି ଲିଖିତ ଅଥବା ପାରମ୍ପରିକ ଶିକ୍ଷାଟିକୁ ସାଧାରଣତଃ ଏକ ବଡ଼ କର୍ତ୍ତୃତ୍ୱସ୍ଥାନ ଦିଆଯାଇଥାଏ ଏବଂ ଏପରିକ ଅତ୍ୟନ୍ତ ସମ୍ମାନର ସହିତ ଗ୍ରହଣ କରିଯାଇଥାଏ । ଯୋଗର ସକଳ ଧାସ୍ତ ଆଗରୁ ସୁନିର୍ଦ୍ଦିଷ୍ଟ ହୋଇ ରହିଥିବାର ଅନୁମାନ କରିଯାଏ, ଏବଂ ପରମ୍ପରାଗତ ଭାବରେ ଶାସ୍ତ୍ରର ଅଧିକାସ୍ତ ହୋଇଥିବା ଏବଂ ସାଧନା ଦ୍ୱାରା ତାହାର ଉପଲବ୍ଧି କରିଥିବା ଗୁରୁ ପ୍ରବ୍ରାଣ ଓ ପ୍ରାଚୀନ ପଦାତ୍ମଗୁଡ଼ିକର ପଥରେ ଶିଷ୍ୟକୁ ବାଟ ଦେଖାଇ ଆଗକୁ ନେଇଯାନ୍ତି । ଏବଂ

'oaob.nitrkl.ac.in' images reprocessed

ଅନେକ ସମୟରେ ଏହି କ୍ଷେତ୍ରରେ କୌଣସି ନୂତନ ସାଧନାବଧି, ଯୋଗ ସମ୍ବନ୍ଧରେ କୌଣସି ନୂତନ ଶିକ୍ଷା ଏବଂ କୌଣସି ନୂତନ ସତ୍ୟକୁ ଗ୍ରହଣ କରିବା ବେଳେରେ 'ଏହା ଶାସ୍ତ୍ରସମ୍ମତ ନୁହେଁ' ବୋଲି ଆପତ୍ତି ମଧ୍ୟ ଶୁଣିବାକୁ ମିଳିଥାଏ । ମାତ୍ର ବାସ୍ତବ କ୍ଷେତ୍ରରେ ଜଣେ ଯୋଗୀମାନଙ୍କର ପ୍ରକୃତ ସାଧନାରେ ପ୍ରକୃତରେ ଆଦୌ ସେପରି କୌଣସି ସମ୍ପୃକ୍ତି ଅନୁଭୂତିସ୍ତ୍ୱ। କେବେହେଲେ ରହି ନଥାଏ; ନୂତନ ସତ୍ୟ, ସଦ୍ୟ ଦ୍ୱାତ୍ରେଦ୍ଘାଟନ ଏବଂ ପ୍ରଶସ୍ତତର ଅନୁଭବ ବେଳେରେ ପ୍ରକୃତରେ କୌଣସିପ୍ରକାର ଲୌହ୍ରକବାଟ ବନ୍ଦ ହୋଇ ରହି ନଥାଏ । ପୂର୍ବରୁ ଲିପିବଦ୍ଧ ଅଥବା ପରମ୍ପରାଗତ ହୋଇ ରହିଥିବା ସାବଡାସ୍ତ ଶିକ୍ଷା ଏକାଧିକ ଶତାବ୍ଦୀର ଜ୍ଞାନ ଭଣ୍ଡାର ଅନୁଭବକୁ ଆପଣାର ମାଧ୍ୟମରେ ପ୍ରକଟ କରିଦେଇଥାଏ, ତାହାକୁ ସୁନ୍ଦରଭାବେ ଓ ସଙ୍ଗଠିତ କରି ରଖିଥାଏ ଏବଂ ଯୋଗସାଧନା ଆରମ୍ଭ କରୁଥିବା ସାଧକ ଲାଗି ସୁଲଭ କରି ଦେଇଥାଏ । ତେଣୁ ଏହାର ସର୍ବଦା ଅତୀତ ମହତ୍ତ୍ୱ ରହିଥାଏ, ପ୍ରୟୋଜନ ମଧ୍ୟ ରହିଥାଏ । ମାତ୍ର ତଥାପି ତାହା ଭିତରେ ପରିବର୍ତ୍ତନ ଏବଂ ବିକାଶ ଲାଗି ଏକ ସୁପ୍ରଶସ୍ତ ସ୍ୱାଧୀନତା ସବୁବେଳେ ସମ୍ଭବ ହୋଇ ରହିଥାଏ । ଏପରିକି, ରାଜଯୋଗ ପରି ଏକ ଅତ୍ୟନ୍ତ ବୈଜ୍ଞାନିକ ରୂପ ପରିଗ୍ରହଣ କରିଥିବା ଏକ ମାର୍ଗଟିର ମଧ୍ୟ ପାତଞ୍ଜଳିଙ୍କ ଦ୍ୱାରା ସୂତ୍ରବଦ୍ଧ ପଦ୍ଧତିଟି ବ୍ୟତୀତ ଅନ୍ୟ ଅନେକ ପଦ୍ଧତିରେ ବି ଅନୁଶୀଳନ କରାଯାଇପାରେ । ଜ୍ଞାନ, ଭକ୍ତି ତଥା କର୍ମଯୋଗର ତିନିମାର୍ଗଟିର ପ୍ରତ୍ୟେକଟି ମାର୍ଗରେ କେତେକେତେ ଉପମାର୍ଗ ଓ ଅନୁମାର୍ଗର ସୃଷ୍ଟି ହୋଇ ରହିଛି ଏବଂ ସେମାନେ ସମସ୍ତେ ଲକ୍ଷ୍ୟସ୍ଥାନରେ ପହଞ୍ଚି ପୁଣି ପରସ୍ପର ସହିତ ମିଳିତ ହୋଇଯାଇଛନ୍ତି । ଯୋଗ ଯେଉଁ ସାଧାରଣ ଜ୍ଞାନତତ୍ତ୍ୱଟି ଉପରେ ନିର୍ଭରଶୀଳ ହୋଇ ରହିଛି, ସେଇଟି ଦୃଢ଼ତ୍ୱବରେ ସ୍ଥିତିକୃତ ହୋଇ ରହିଛି; ମାତ୍ର ଶୃଙ୍ଖଳା, ପୂର୍ବପରର କ୍ରମ, ଉପାୟ ତଥା ରୂପଗୁଡ଼ିକରେ ନାନା ବିଭେଦ ରହିବାକୁ ସ୍ୱୀକାର କରିବାକୁହିଁ ପଡ଼ିବ । କାରଣ ସାଧାରଣ ସତ୍ୟଗୁଡ଼ିକ ଦୃଢ଼ ଓ ନିୟତ ହୋଇ ରହିଥିଲେ ମଧ୍ୟ ବ୍ୟକ୍ତିଗତ ସ୍ୱଭାବର ଆବଶ୍ୟକତା ଏବଂ ନିର୍ଦ୍ଦିଷ୍ଟ ଆବେଗଗୁଡ଼ିକର ଅବଶ୍ୟ ସନ୍ତୋଷବିଧାନ କରିବାକୁ ପଡ଼ିବ ।

ବିଶେଷ କରି ଏକ ପୂର୍ଣ୍ଣ ତଥା ସମନ୍ୱୟାତ୍ମକ ଯୋଗର କୌଣସି ଲିପିବଦ୍ଧ କିମ୍ବା ପରମ୍ପରାଗତ ଶାସ୍ତ୍ର ଦ୍ୱାରା ବାନ୍ଧି ହୋଇ ରହିବା ଲାଗି ଆଦୌ କୌଣସି ଆବଶ୍ୟକତା ରହିବ ନାହିଁ । କାରଣ ପୂର୍ଣ୍ଣଯୋଗ ଅତୀତରୁ ପ୍ରାପ୍ତ ଜ୍ଞାନଟିକୁ ଗ୍ରହଣ କରିନଏ ସତ୍ତ, ମାତ୍ର ବର୍ତ୍ତମାନ ତଥା ଭବିଷ୍ୟତ ଲାଗି ତାହାକୁ ନୂତନ କରି ସଙ୍ଗଠିତ କରିପାରିବା ପକାଶେ ମଧ୍ୟ ତାହା ଆଗ୍ରହ ରଖିଥାଏ । ଅନୁଭୂତଗତ ପରିପୂର୍ଣ୍ଣ ସ୍ୱାଧୀନତା ଏବଂ ନୂତନ ବ୍ୟଞ୍ଜନା ତଥା ନୂତନ ପ୍ରଯୋଜନ ସହିତ ଜ୍ଞାନର ପୁନର୍ବ୍ୟାଖ୍ୟାକୁ ତାହା ଆପଣାର ସ୍ୱରୂପଗଠନର ସତ୍ତ୍ୱିରୂପେ ମାନ୍ନ ନେଇଥାଏ ।

'oaob.nitrkl.ac.in' images reprocessed

ପୂର୍ଣ୍ଣଯୋଗ ସମଗ୍ର ଜୀବନକୁହିଁ ଆପଣା ମଧ୍ୟରେ ସ୍ୱୀକାର କରନେଇଥାଏ; ତେଣୁ ତାହା ଆପଣାକୁ କଦାପି ଆପଣାର ଗନ୍ତବ୍ୟସ୍ଥାନଟିକୁ ପହଞ୍ଚିବା ସ୍ୱୀକୃତ ପଥଟିରହିଁ ଅନୁସରଣ କରୁଥିବା ଏକ ଝଟିଯାତ୍ରୀ ପରି ଅନୁଭବ କରେ ନାହିଁ, ମାତ୍ର, ଅନ୍ତତଃ ଏହି ନିର୍ଦ୍ଦିଷ୍ଟ କ୍ଷେତ୍ରଟିରେ ଏକ ଅନାବିଷ୍କୃତ ଅରଣ୍ୟ ମଧ୍ୟରେ ଆପଣାର ପଥଟିକୁ ନିର୍ମାଣ କରି ଗଢ଼ିଥିବା ଜଣେ ମାର୍ଗ-ଅନ୍ୱେଷକରୂପେ ଅନୁଭବ କରିଥାଏ । କାରଣ ସୁଦୀର୍ଘ ଅନେକ କାଳରୁ ଯୋଗ ଜୀବନକୁ ଛୁଡ଼ି ଦୂରକୁ ଅପସରି ଯାଇଛୁ, ଏବଂ ଆମର ବୈଦିକ ପୂର୍ବପୁରୁଷମାନଙ୍କର ମାର୍ଗଟି ପରି ସେଉଁସବୁ ପ୍ରାଚୀନ ମାର୍ଗ ଜୀବନକୁ ଆପଣାର ଗୁରୁତା ମଧ୍ୟରେ ଆବୋରି ଧରିବାର ଆକାଙ୍କ୍ଷା ରଖି ଆସିଥିଲେ, ସେଗୁଡ଼ିକ ମଧ୍ୟ ବର୍ତ୍ତମାନ ଆମର ବହୁଦୂରବର୍ତ୍ତୀ ହୋଇ ରହିଛୁ । ସେଗୁଡ଼ିକୁ ଏପରି ଭୟରେ ଅଭିବ୍ୟକ୍ତ କରିଯାଇଛୁ, ଯାହା ଭିତରକୁ କି ଆମର ଆଉ କୌଣସି ପ୍ରବେଶ ନାହିଁ ଏବଂ ଏଭଳି ନାନା ରୂପ ଓ ଆବୃତ୍ତନ ଭିତରେ ପକାଇ ଦିଆଯାଇଛୁ, ସେଉଁଗୁଡ଼ିକର ପ୍ରୟୋଗ କରିପାରିବା ଆଉ ସମ୍ଭବ ହେଉ ନାହିଁ । ସେହି କାଳଟି ପରେ ମନୁଷ୍ୟଜାତି ଶାଶ୍ୱତ କାଳର ସ୍ରୋତ ଉପରେ କେତେ ଆଗକୁ ଗତି କରି ଆସିଛୁ ଏବଂ ତେଣୁ ଏକ ନୂତନ ଦୃଷ୍ଟିକୋଣରୁ ଓ ନୂତନ ଆରମ୍ଭବିନ୍ଦୁରୁହିଁ ସେହି ସମାନ ସମସ୍ୟାଟିର ସମ୍ମୁଖୀନ ହେବା ଲାଗି ଏକ ଆବଶ୍ୟକତା ମଧ୍ୟ ଜନ୍ମଲାଭ କରିଛୁ ।

ଏହି ଯୋଗଟି ଦ୍ୱାରା ଆମେ ପରମ ଅନନ୍ତଙ୍କୁ କେବଳ ଖୋଜି ବାହାରିବା ନାହିଁ, ଏହି ମନୁଷ୍ୟଜୀବନର ଭୂମିରେହିଁ ଆପଣାକୁ ଉନ୍ମୋଚିତ କରିଦେବା ଲାଗି ଆମେ ସେହି ପରମ ଅନନ୍ତଙ୍କୁ ଆବାହନ କରି ଆଣିବା । ସେହି କାରଣରୁ ଆମ ଯୋଗର ଶାସ୍ତ୍ରକୁ ଗ୍ରହଣଶୀଳ ମନୁଷ୍ୟାତ୍ମା ଲାଗି ଏକ ଅନ୍ତଃସ୍ଥାନ ସ୍ୱାଧୀନତା ଯୋଗାଇ ଦେବାକୁ ପଡ଼ିବ । ମନୁଷ୍ୟ ଆପଣା ମଧ୍ୟରେ ସେହି ପରମ ବିଶ୍ୱମୟୀ ଇଚ୍ଛା ପରମ ବିଶ୍ୱାତୀତଙ୍କୁ ଗ୍ରହଣ କରିନେବାର ସ୍ୱତଃରେ ଇଚ୍ଛା ପ୍ରକାରରେ ଏକ ମୁକ୍ତ ଯଥାନୁକୂଳତା ଅବଶ୍ୟ ରହିଥିବ,—ଆମେ ଏହାକୁହିଁ ମନୁଷ୍ୟ ଭିତରେ ପୂର୍ଣ୍ଣ ଆଧ୍ୟାତ୍ମିକ ଜୀବନର ବିକାଶ ଲାଗି ଯଥାର୍ଥ ସର୍ତ୍ତ ବା ପରିବେଶ ବୋଲି ଜାଣିବା । ଆପଣାର ବ୍ୟକ୍ତ ରୂପଗୁଡ଼ିକରେ ବୈଚିତ୍ର୍ୟର ଏକ ଉତ୍ତରୋତ୍ତର ବିଭବମୟତାକୁ ବହନ କରିବାହିଁ ବିବିଧ ଧର୍ମଗୁଡ଼ିକ ମଧ୍ୟରେ ରହିଥିବା ଏକତା ଆପଣାକୁ ପ୍ରକଟ କରିପାରିବ ବୋଲି ଦର୍ଶାଇଦେଇ ବିବେକାନନ୍ଦ ଏକଦା କହିଥିଲେ ଯେ ଯେତେବେଳେ ପ୍ରତ୍ୟେକ ମଣିଷର ଛାତି ଆପଣା ଆପଣାର ଧର୍ମ ରହିବ ଏବଂ କୌଣସିପ୍ରକାର ସମ୍ପ୍ରଦାୟ କିମ୍ବା ପରମ୍ପରାଗତ ଧର୍ମମତ ଭିତରେ ବାନ୍ଧିହୋଇ ନରହି ସେ ସବୁଠାରୁ ପରମ ସତ୍ୟକୁ ସହିତ ଆପଣାର ସମ୍ବନ୍ଧକ୍ଷେତରେ ଆପଣା ପ୍ରକୃତିର ମୁକ୍ତ ଯଥାନୁକୂଳତାରେ ଅନୁସରଣ କରିପାରିବ, ସେତେବେଳେ ଯାଇ ସେହି ଅସଲ ଏକତାର ପରିପୂର୍ଣ୍ଣ ସ୍ଥିତିଟି ସମ୍ଭବ ହୋଇପାରିବ । ଠିକ୍ ସେହିପରି ଆମେ ଦୃଢ଼ତା କହିପାରିବା ଯେ,

'oaob.nitrkl.ac.in' images reprocessed

ଯେତେବେଳେ ପ୍ରତ୍ୟେକ ବ୍ୟକ୍ତ ଯୋଗସ୍ଥ ତା'ର ଅପଣା ମାର୍ଗଟିର ଅନୁସରଣ କରବାକୁ ସମର୍ଥ ହେବ, ଏବଂ ସକଳ ପ୍ରକୃତିକୁ ଉତ୍ତୀର୍ଣ୍ଣ ହୋଇ ଅବସ୍ଥିତ ରହିଥିବା ସେହି ପରମ ସମ୍ପଦଟି ଅଭିମୁଖରେ ଆପଣାର ଉଦ୍‌ବେଳନର କ୍ଷେତ୍ରରେ ତା'ର ଆପଣା ପ୍ରକୃତିର ବକାଶକୁ ସେ ଯେତେବେଳେ ଅନୁଧାବନ କରପାରିବ, ସେତକବେଳେ ଯାଇ ପୂର୍ଣ୍ଣ ବା ସମଗ୍ର ଯୋଗର ପରପୂର୍ଣ୍ଣତା ସମ୍ଭବ ହେବ । କାରଣ ସ୍ୱଚ୍ଛନ୍ଦତା ଓ ସ୍ୱାଧୀନ ଅନୁଧାବନ ହେଉଛି ଏହି କ୍ଷେତ୍ରରେ ସଂଗେପ ନସ୍ୱମ; ଏବଂ ତାହାହିଁ ସଂଗେପ ଚରତାର୍ଥତା ।

ମାତ୍ର ତଥାପି କେତୋଟି ସଂସ୍ୱାମାନ୍ୟ ଧାତ୍ୱ ନର୍ଣ୍ଣସ୍ୱ କର ରଖିବାକୁ ପଡ଼ିବ, ଯାହାକି ହୁଏତ ସାଧକର ବସ୍ତୁର ଏବଂ ସାଧନାକୁ ପଥ ଦେଖାଇବାରେ ସାହାଯ୍ୟ କରପାରିବ । ମାତ୍ର ଏସବୁରେ କୌଣସି ଧତ୍ୱବନ୍ଧା ବ୍ୟବସ୍ଥା ରହିବ ନାହିଁ ଯାହାକୁ କ ଗୋଟାଏ ରୁଟିନ୍ ପର ମାନ ଚଳବାକୁ ହେବ; ବରଂ ଯେତେଦୂର ସମ୍ଭବ, ଏଥିରେ ସଂସ୍ୱୀକୃତ କେତୋଟି ସତ୍ତା ରହିବ, ସିଦ୍ଧାନ୍ତ ସମ୍ବନ୍ଧରେ କେତୋଟି ସଂସ୍ୱାମାନ୍ୟ ଉକ୍ତ ରହିବ, ସାଧନା ଏବଂ ବକାଶ ଲଗି କେତୋଟି ସବୁଠାରୁ ଅଧିକ ଶକ୍ତିଶାଳୀ ସାଧାରଣ ନର୍ଦ୍ଦେଶ ମଧ୍ୟ ରହିବ । ସକଳ ଶାସ୍ତ୍ରକୁ ଆମେ ଅଷ୍ଟାଙ୍ଗ ଅଭିଜ୍ଞତାରହିଁ ଏକ ପରଣତ ବୋଲ କହିବା ଏବଂ ଭେଣ୍ ଭବିଷ୍ୟତର ଅନୁଭୂତି ଲଗି ଏହା ନଶ୍ଚସ୍ୱ ଏକ ସହାୟକ ପର କାର୍ଯ୍ୟ କରପାରିବ । ଶାସ୍ତ୍ର ହେଉଛି ଏକ ସହାୟକ ସାଧନ, ଆଂଶିକ ଖ୍ୱବରେ ଏକ ପଥପ୍ରଦର୍ଶକ । ଶାସ୍ତ୍ର ମାର୍ଗଚଦ୍ଧର କେତେକେତେ ସ୍ତମ୍ଭ ପୋତି ରଖିଥାଏ, ପ୍ରଧାନ ପ୍ରଧାନ ମାର୍ଗଗୁଡ଼ିକର ନାମକରଣ କରିଥାଏ, ପୂର୍ବରୁ ଜ୍ଞାତ ଓ ଆବଷ୍କୃତ ହୋଇ ସାରିଥିବା ଦିଗଗୁଡ଼ିକର ବ ନାମକରଣ କର ଦେଇଥାଏ; ଉଦ୍ଦାର ସେହି ବାଟରେ ଘୂଲୁଥିବା ବାଟୋଇ ସେ କୁଆଡ଼େ ଯାଉଛି ଓ କେଉଁ ବାଟରେ ଯାଉଛି, ସେକଥା ଜାଣିବାକୁ ସମର୍ଥ ହୁଏ ।

ଏହା ବ୍ୟତୀତ ଏହି କ୍ଷେତ୍ରରେ ଯାହାକିଛି ରହିଲ, ତାହା ବ୍ୟକ୍ତର ପ୍ରଚେଷ୍ଟା ଓ ଅନୁଭବ ଉପରେହିଁ ନର୍ଭର କରୁଥାଏ ଏବଂ ପଥପ୍ରଦର୍ଶକର ଶକ୍ତ ଉପରେ ନର୍ଭର କରୁଥାଏ ।

ଏହି ଅନୁଭବଟିର ସତ୍ତରତା, ଏହାର ବସ୍ତୁତ, ଏହାର ପରଣାମଗୁଡ଼ିକର ପ୍ରଗାଢ଼ତା ଓ ସାମର୍ଥ୍ୟ, ଏସବୁ ପ୍ରଥମତଃ ସାଧକର ଅନ୍ତର୍ଗତ ଆକାଙ୍କ୍ଷା ଏବଂ ବ୍ୟକ୍ତଗତ ପ୍ରୟାସ ଉପରେହିଁ ନର୍ଭର କରିଥାଏ; ପଥର ଆରମ୍ଭରେ ନର୍ଭର କରିଥାଏ ଓ ତା'ପରେ ଅନେକ କାଳଯାଏ ନର୍ଭର କରିଥାଏ । ଆମ ଚେତନାର ଯେଉଁ ଅହଂ କବଳିତ ସ୍ଥିତିଟି ବସ୍ତୁଗୁଡ଼ିକର ବାହ୍ୟ ପ୍ରତିଭାସ ଏବଂ ଆକର୍ଷଣଗୁଡ଼ିକ ଉପରେ

'oaob.nitrkl.ac.in' images reprocessed

ନମସ୍କୃତ ହୋଇ ରହିଥାଏ, ତାହାର ମଧ୍ୟରୁ ମନୁଷ୍ୟର ଆତ୍ମାକୁ ଏକ ଉଚ୍ଚତର ସ୍ଥିତ ଆଡ଼କୁ ମୁହାଁଇ ଆଣିବାକୁହିଁ ଆମେ ବସ୍ତୁତଃ ଯୋଗର ପ୍ରକ୍ରିୟା ବୋଲି କହିବା; ଏହାଦ୍ୱାରା ଆମେ ସେହି ଆତ୍ମାକୁ ଏପରି ଏକ ସ୍ଥିତ ଆଡ଼କୁ ମୁହାଁଇଆଣୁ, ଯେଉଁଥରେ କି ସେହି ପରମ ବଶ୍ୱାତୀତ ତଥା ପରମ ବଶ୍ୱମୟ ଆପଣାକୁ ବ୍ୟକ୍ତରୂପ ଆଧାରଟିରେ ଆଣି ଅଜାଡ଼ିଦେଇ ପାରନ୍ତି ଓ ତାହାକୁ ରୂପାନ୍ତରିତ କରିଦେଇ ପାରନ୍ତି । ତେଣୁ ଆତ୍ମାକୁ ଅନ୍ତର୍ମୁଖ କରି ରଖିବାର ଏହି ଶକ୍ତିଟି ମଧ୍ୟରେ ପ୍ରକୃତରେ କେତେ ବେଶୀ ଗଭୀରତା ବା ପ୍ରଗାଢ଼ତା ରହିଛି, ତାହାହିଁ ସିଦ୍ଧିର ପ୍ରଥମ ନିର୍ଣ୍ଣାୟକରୂପେ କାର୍ଯ୍ୟ କରିଥାଏ । ଆମ ଭିତରଟା ଆକାଙ୍କ୍ଷାଟିରେ କେତେ ଶକ୍ତ ରହିଛି, ଆମର ଇଚ୍ଛାଶକ୍ତି କେତେଦୂର ଶକ୍ତିଶାଳୀ ହୋଇପାରିଛି, ମନ କେତେଦୂର ଏକାଗ୍ର ବା ଅଭିନିବିଷ୍ଟ ହୋଇ ରହିପାରିଛି ଏବଂ କେତେଦୂର ଅବିଚଳିତା ତଥା ଫଳଲାଭ ସହିତ ଏହି କ୍ଷେତ୍ରରେ ସେହି ଶକ୍ତିମଣ୍ଡିତର ପ୍ରୟୋଗ କରିଯାଇ ପାରୁଛି, ସେଇଥରୁହିଁ ଉକ୍ତ ଗଭୀରତା ବା ପ୍ରଗାଢ଼ତାର ପରମାପନ ହୋଇଥାଏ । "ପରମ ପ୍ରଭୁଙ୍କ ଲାଗି ମୋର ଉତ୍କାଙ୍କ୍ଷା ଓ ଆକାଙ୍କ୍ଷା ମୋତେ ଗୋଟାପୁରା ଗ୍ରାସ କରି ରଖିଛି",—ବାଇବେଲ୍‌ର ଭାଷାରେ ଆଦର୍ଶ ସାଧକ ପ୍ରକୃତରେ ଏହିଭଳି କହି ପାରିବାକୁ ସମର୍ଥ ହେବା ଉଚିତ । ପରମ ଭଗବାନଙ୍କ ଲାଗି ଏହି ଉତ୍କାଙ୍କ୍ଷା, ଆପଣାର ଦିବ୍ୟ ପରିଣାମଗୁଡ଼ିକ ଲାଗି ଆମର ସମଗ୍ର ପ୍ରକୃତିର ଏହି ଉତ୍କାଙ୍କ୍ଷା ଏବଂ ସେହି ପରମ ଦିବ୍ୟତାର ପ୍ରାପ୍ତି ଲାଗି ଦୃଢସ୍ଥିର ଏହି ବ୍ୟାକୁଳତା,—ଏହିଗୁଡ଼ିକହିଁ ଆମର ଅହଂକୁ ଗୋଟାପୁରା ଗିଳିପକାନ୍ତି ଏବଂ ତାହାର କ୍ଷୁଦ୍ର ଓ ଫଙ୍କାଗୁଣ୍ଡି ଆବାସଟିକୁ ଗୋଟାପୁରା ଭାଙ୍ଗିଦେଇ ଯାଆନ୍ତି; ଏବଂ ଆମେ ପ୍ରକୃତରେ ଯାହାକୁ ଖୋଜିବାରେ ଲାଗିଥାଉ, ତାହାର ପରିପୂର୍ଣ୍ଣ ତଥା ପ୍ରଶସ୍ତ ଆବାହନ ଲାଗି ସେମାନେ ଅହଂର ଆବାସଟିକୁ ଭାଙ୍ଗିଦେଇ ଯା'ନ୍ତି; ଯେଉଁ ବଶ୍ୱମୟ ଓ ବଶ୍ୱାତୀତ ପରମଧନ ଏପରିକି ଆମର ସ୍ୱଂଚୈତନ୍ୟ ଓ ସର୍ବୋଚ୍ଚ ବ୍ୟକ୍ତି-ଆତ୍ମା ଏବଂ ବ୍ୟକ୍ତିଗତ ପ୍ରକୃତିକୁ ଅତିକ୍ରମ କରି ରହିଥାଏ, ତାହାକୁ ଉତ୍ତୀର୍ଣ୍ଣ ହୋଇ ଗଲ୍ ଯାଇଥାଏ, ତାହାର ଲାଗିହିଁ ଦ୍ୱାର ଖୋଲିଦେଇ ଯାଆନ୍ତି ।

ମାନ ଯେଉଁ ଶକ୍ତିଟି ଆମର ଏହି ପରିପୂର୍ଣ୍ଣତା ଲାଗି କାର୍ଯ୍ୟ କରେ, ଏହାଦ୍ୱାରା ତାହାର କେବଳ ଗୋଟିଏ ପାଖରହିଁ ପରିଚୟ ମିଳିବ । ପୂର୍ଣ୍ଣଯୋଗର ପ୍ରକ୍ରିୟାରେ ତିନୋଟି ସୋପାନ ରହିଛି; ବସ୍ତୁତଃ ସେହି ସୋପାନଗୁଡ଼ିକୁ ଆମେ ପରସ୍ପରଠାରୁ ସ୍ପଷ୍ଟ ଭାବରେ ଅଲଗା କରି ଦେଖାଇ ପାରିବା ନାହିଁ ବା ସେଗୁଡ଼ିକ ପରସ୍ପରଠାରୁ ପ୍ରକୃତରେ ଅଲଗା ନୁହନ୍ତି ସତ, ମାନ କେତେକ ପରିମାଣରେ ସେଗୁଡ଼ିକ ପରସ୍ପରର ନିମାନୁବର୍ତ୍ତୀ ଭାବରେ ଆବିର୍ଭୂତ ହୋଇଥାନ୍ତି । ପ୍ରଥମ ସୋପାନଟିରେ ପରମ ଦିବ୍ୟ ସତ୍ତାଟି ସହିତ ଅନ୍ତତଃ ଏକ ପ୍ରାଥମିକସ୍ପର୍ଶ ଏବଂ ସାମର୍ଥ୍ୟଦାୟକ ଆତ୍ମ-ଅତିକ୍ରମଣର ପ୍ରୟାସ ଅବଶ୍ୟ କରିଯିବା ଉଚିତ, ତାହା ସହିତ ସମ୍ପର୍କଲାଭର ପ୍ରୟାସ କରିଯିବା

'oaob.nitrkl.ac.in' images reprocessed

ହୁଅନ୍ତ । ତା'ପରେ, ଆମର ଏହି ସମୁଦାୟ ଚେତନସମ୍ପୃକ୍ତିର ରୂପାନ୍ତର ଲଗି, ଯିଏ ଆମକୁ ଅଭିନ୍ନ କର ବାସ୍ତବ ରହିଛନ୍ତି ଏବଂ ଯାହାଙ୍କ ସହିତ ଆମେ ଆପଣାର ମିଳନ ଘଟାଇ ପାରୁଛୁ, ତାଙ୍କୁ ଆମର ଭିତରକୁ ଆବାହନ କର ଆଣିବାକୁ ପଡ଼ିବ । ଏବଂ ସଂଶ୍ଳେଷ ଯୋଗାନଟିରେ ଆମର ଏହି ରୂପାନ୍ତରିତ ମାନବୀୟତାକୁ ଜଗତରେ ଏକ ଦିବ୍ୟ କେନ୍ଦ୍ରରୂପେ ବ୍ୟବହାର କରିପାରିବାକୁ ହେବ । ପରମ ଦିବ୍ୟତା ସହିତ ଆମର ଏହି ସଂସ୍ପର୍ଶଟି ଯେପର୍ଯ୍ୟନ୍ତ ଯଥେଷ୍ଟ ପରିମାଣରେ ପ୍ରତିଷ୍ଠିତ ହୋଇପାରି ନାହିଁ ଏବଂ ଯେପର୍ଯ୍ୟନ୍ତ ଅନ୍ତତଃ କେତେକ ପରିମାଣରେ ଏକ ସାଯୁଜ୍ୟ ଉପଲବ୍ଧି ହୋଇ ନାହିଁ, ସେପର୍ଯ୍ୟନ୍ତ ବ୍ୟକ୍ତିଗତ ପ୍ରଚେଷ୍ଟାର ଉପାଦାନଟି ସାଧାରଣତଃ ସଂପ୍ରଧାନ ହୋଇ ରହିବନ୍ଧି ରହିବ । ମାତ୍ର ଏହି ସଂସ୍ପର୍ଶଟି ଆପଣାକୁ ଯେତିକ ଅଧିକ ଅନୁପାତରେ ପ୍ରତିଷ୍ଠିତ କରିବାରେ ଲଗିଥିବ, ସାଧକ ମଧ୍ୟ ସେହି ଅନୁପାତରେ ସଚେତନ ହେବାରେ ଲଗିଥିବ ଯେ ତା'ର ଆପଣାର ଶକ୍ତିଠାରୁ ଭିନ୍ନ ଆଉ ଏକ ଶକ୍ତି, ତା'ର ଅନ୍ତଃସମ୍ଭୂତ ସକଳ ଚେଷ୍ଟା ଓ ସକଳ ସାମର୍ଥ୍ୟର ଅନ୍ତତ ହୋଇ ରହିଥିବା ଏକ ଶକ୍ତିନ୍ଧି ତା' ଭିତରେ କାର୍ଯ୍ୟ କରିବାରେ ଲଗିଛି । ଏବଂ ଏହି ପରମ ଶକ୍ତିଟି ପାଖରେନ୍ଧି ସେ ଅଧିକରୁ ଅଧିକ ପରିମାଣରେ ଆପଣାକୁ ନିବେଦନ କର ଶିଖେ, ଏବଂ ଆପଣା ଯୋଗର କର୍ତ୍ତୃତ୍ୱ ଓ ଦାୟିତ୍ୱଟିକୁ ମଧ୍ୟ ସେ ନେଇ ଏହି ପରମ ଶକ୍ତିଟିର ହାତରେ ସମର୍ପଣ କରିଦିଏ । ପରିଶେଷରେ ତା'ର ନିଜର ଇଚ୍ଛା ଏବଂ ନିଜର ସକଳ ସାମର୍ଥ୍ୟ ମଧ୍ୟ ସେହି ଉଚ୍ଚତର ସାମର୍ଥ୍ୟଟି ସହିତ ଏକାକାର ଓ ଏକରୂପ ହୋଇଯାଆନ୍ତି; ସେଗୁଡ଼ିକୁ ନେଇ ସେ ସେହି ଦିବ୍ୟ ପରମ ଇଚ୍ଛା ତଥା ତାହାର ବିଶ୍ୱାତୀତ ଏବଂ ବିଶ୍ୱମୟ ପରମ ସାମର୍ଥ୍ୟଟି ସହିତ ସମ୍ମିଳିତ କରିଦିଏ । ତା'ପରେ ସେ ସେଇଟିକୁନ୍ଧି ତା'ର ମନୋଗତ, ପ୍ରାଣିକ ଓ ଭୌତିକ ସତ୍ତାର ଆବଶ୍ୟକ ରୂପାନ୍ତରର କ୍ଷେତ୍ରରେ ଅଧ୍ୟାତ୍ମ କର୍ତ୍ତାରୂପେ ଆସୀନ ହୋଇ ରହିଥିବାର ଦେଖିବାକୁ ପାଏ; ତାଙ୍କର ଭିତରେ ସେ ଏପରି ନିରପେକ୍ଷ ପ୍ରଜ୍ଞା ଓ କାର୍ଯ୍ୟସାଧନର ଏପରି ଦୂରଦୃଷ୍ଟିସମ୍ପନ୍ନ ସାମର୍ଥ୍ୟର ପରିଚୟ ପାଏ, ତାହାର ଅତ୍ୟାଚାର ଏବଂ ସ୍ୱାର୍ଥଜଡ଼ିତ ଅହଂ ଯାହା ଲଗି କି କେବେହେଲେ ସମର୍ଥ ହୋଇ ନଥାନ୍ତା । ଯେତେବେଳେ ଏହି ଏକାତ୍ମତା ତଥା ଏହି ଆତ୍ମଜ୍ଞାନଟି ସମ୍ପୂର୍ଣ୍ଣ ହୋଇଆସେ, ସେତିକିବେଳେନ୍ଧି ଜଗତରେ ଦିବ୍ୟ କେନ୍ଦ୍ରଟି ପ୍ରସ୍ତୁତ ହୋଇଯାଏ । ଶୁଦ୍ଧ, ମୁକ୍ତ, ସ୍ଥିତିସ୍ଥାପକ ଏବଂ ସର୍ଜୀପିତ ଏକ କେନ୍ଦ୍ରରୂପେ ତାହା ସେତେବେଳେ ସମଗ୍ର ମାନବଭୂମିର ଏକ ବୃହତ୍ତର ଯୋଗରେ ଅର୍ଥାତ୍ ଅଭିମାନବୀୟ ଭୂମିର ସେହି ଯୋଗରେ ଏକ ସର୍ବୋଚ୍ଚ ପରମ ସାମର୍ଥ୍ୟର ପ୍ରତ୍ୟକ୍ଷ କିମ୍ବା ଲଗି ଏକ ସାଧନରୂପେ କାର୍ଯ୍ୟ କରିପାରିବାକୁ ଆରମ୍ଭ କରେ; ଏହି ଜଗତର ଆଧ୍ୟାତ୍ମିକ ଆରୋହଣ ବା ଏହାର ରୂପାନ୍ତରୀକରଣର ପ୍ରତ୍ୟକ୍ଷ କ୍ରିୟାଟିରେ ସାଧନରୂପେ ବ୍ୟବହୃତ ହେବା ଲଗି ପ୍ରସ୍ତୁତ ହୋଇଯାଏ ।

'oaob.nitrkl.ac.in' images reprocessed

ବସ୍ତୁତଃ କେବଳ ସେହି ଈଶ୍ୱର ପରମ ଶକ୍ତିମନ୍ତ୍ରଟି ସଂଜ୍ଞା ଯାହାକୁ କରୁଥାଏ । ଦିବ୍ୟ ପରମଶକ୍ତିର କାର୍ଯ୍ୟଗୁଡ଼ିକ ସହିତ ଏକ ଭୁଲ୍ ଓ ଅପୂର୍ଣ୍ଣ ଉପାୟରେ ଆପଣାକୁ ଏକାତ୍ମକ କରି ରଖିବା ଲୁଗି ଆମର ଅହଂଜଳିତ ମନ ଯେଉଁ ପ୍ରସ୍ତାବଟି କରିବାରେ ଲାଗିଥାଏ, ସେଇଥିରୁଟି ବ୍ୟକ୍ତିଗତ ଚେଷ୍ଟା ଓ ବ୍ୟକ୍ତିଗତ ଆକାଙ୍କ୍ଷା ବିଷୟରେ ଆମର ଯାବତୀୟ ଧାରଣା ଜନ୍ମଲାଭ କରିଥାଏ । ଏହି ଜଗତର ନିତ୍ୟନୈମିତ୍ତିକ ଅନୁଭୂତିଗୁଡ଼ିକର କ୍ଷେତ୍ରରେ ସେ ମନୋମୟତାର ଯେଉଁ ସାଧାରଣ ବୃତ୍ତିଗୁଡ଼ିକର ପ୍ରୟୋଗ କରିବାରେ ଅଭ୍ୟସ୍ତ ଥାଏ, ଏକ ଅତିପ୍ରାକୃତିକ ଅସାଧାରଣ ଅନୁଭୂତିର କ୍ଷେତ୍ରରେ ମଧ୍ୟ ତାହା ଠିକ୍ ସେହିଗୁଡ଼ିକୁଟି ପ୍ରୟୋଗ କରିବାରେ ଲାଗିଥାଏ । ଏହି ଫଳରେ ଆମେ ଅହଂଗତ ବୋଧଟି ଦ୍ୱାରା ପ୍ରେରିତ ହୋଇଟି ଯାହାକୁ କରିଥାଉ; ଆମ ଭିତରେ କାର୍ଯ୍ୟ କରୁଥିବା ବିଶ୍ୱଗତ ସାମର୍ଥ୍ୟଗୁଡ଼ିକୁ ମଧ୍ୟ ଆମେ ଆମର ସାମର୍ଥ୍ୟ ବୋଲି ଦାବି କରିବାରେ ଲାଗିଥାଉ । ପରମ ବିଶ୍ୱାତୀତ ଶକ୍ତି ଆମର ଏହି ମନ, ପ୍ରାଣ ଓ ଦେହର ଆଧାରଟି ଉପରେ ଯେଉଁ ଚତୁର୍ନଶୀଳ, ବିକାଶାତ୍ମକ ଏବଂ ରୂପୋତ୍ତର କାର୍ଯ୍ୟଟି କରୁଥାଏ, ତାହାକୁ ଆମେ ଆମର ବ୍ୟକ୍ତିଗତ ଇଚ୍ଛା, ବ୍ୟକ୍ତିଗତ ପ୍ରଜ୍ଞା, ସାମର୍ଥ୍ୟ ତଥା ପୁଣ୍ୟର ଫଳ ବୋଲିଟି ଦାବି କରୁଥାଉ । ଆମର ଏହି ଅହଂ ଯେ କେବଳ ଏକ ସାଧନ ବା ନମିତ୍ତ ମାତ୍ର, ସେହି ପ୍ରକାଶଟିକୁ ଲାଭ କରି ସାରିବା ପରେ ଯାଇ ଆମର ଏହି ଜ୍ଞାନୋଦୟ ହୋଇଥାଏ । ସେଗୁଡ଼ିକ ହେଉଛନ୍ତି ପରମ ବିଶ୍ୱାତୀତ ସୃଷ୍ଟି ସହିତ ଏକାତ୍ମକ ହୋଇ ରହିଥିବା ଆମର ସଙ୍କୋଚ ଓ ସମଗ୍ର ଆତ୍ମସତ୍ତାର ସମ୍ପଦ, ଏବଂ କେବଳ ସେହି ଅର୍ଥରେଟି ସେଗୁଡ଼ିକ ଆମର ସମ୍ପଦ; ଏବଂ ସେଗୁଡ଼ିକୁ ଆମେ କଦାପି ଆମର ଏହି ନମିତ୍ତରୂପୀ ଅହଂର ଏକ ସମ୍ପତ୍ତି ବୋଲି କହିପାରିବା ନାହିଁ,— ସେତିକିବେଳେ ଆମେ ଏପରି ବୁଝିବାକୁ ଏବଂ ଅନୁଭବ କରିବାକୁ ଆରମ୍ଭ କରୁ । ଏହି ଦିବ୍ୟସୃଷ୍ଟିର କ୍ଷେତ୍ରଟିକୁ କେବଳ ଆମ ଅହଂଗତ ସୀମିତତା ଏବଂ ବିକୃତିଗୁଡ଼ାକ ଦ୍ୱାରା ଗ୍ରସ୍ତ କରି ପକାଇବା ବ୍ୟତୀତ ଆମେ ପ୍ରକୃତରେ ଆଉ କିଛିହେଲେ କରୁ ନାହିଁ; ଏଥିରେ ଅସଲ ସାମର୍ଥ୍ୟଟି ହେଉଛି କେବଳ ସେହି ପରମ ଦିବ୍ୟଶକ୍ତିରଟି ସାମର୍ଥ୍ୟ । ତାହାର ଆପଣା ଇଚ୍ଛାଟି କେବଳ ଗୋଟିଏ ସାଧନ ମାତ୍ର, ତା'ର ତଥାକଥିତ ପ୍ରଜ୍ଞା କେବଳ ଅଜ୍ଞାନ ଓ ବାଲଚପଳତା ମାତ୍ର, ତା'ର ସବୁ ସାମର୍ଥ୍ୟ କେବଳ ଏକ ଶିଶୁର ଅସହାୟ ଅଣ୍ଡାଳିବା ମାତ୍ର, ତା'ର ସକଳ ପୁଣ୍ୟଯୁକ୍ତତା ହେଉଛି ଛଳନାମୟ ଏକ ଅଶୁଦ୍ଧତା ମାତ୍ର,—ମନୁଷ୍ୟର ଅହଂ ଯେତେବେଳେ ଏହି ସତ୍ୟଟିକୁ ବୁଝିବାକୁ ଆରମ୍ଭ କରେ ଏବଂ ଆପଣାର ଅଙ୍ଗତ ହୋଇ ପରିବ୍ୟାପ୍ତ ରହିଥିବା ତାଙ୍କର ପାଶରେଟି ଆପଣାର ନ୍ୟାସ କରିଦେଇ ଶିଖେ, ସେତିକିବେଳେଟି ସେ ମୁକ୍ତ ହୋଇଯାଏ । ଆମ ବ୍ୟକ୍ତିଗତ ସତ୍ତାର ଯେଉଁ ଆପାତ ସ୍ୱାତନ୍ତ୍ର୍ୟ ଏବଂ ଆତ୍ମ-ପ୍ରତିଷ୍ଠା ମଧ୍ୟରେ ଆମେ

'oaob.nitrkl.ac.in' images reprocessed

ଏଡ଼େ ଗଭୀର ସ୍ତରରେ ଲୁପ୍ତ ହୋଇ ରହିଥାଉ, ତାହା ପ୍ରକୃତରେ ଅତ୍ୟନ୍ତ ଦପ୍ତମାସ୍ତ ସ୍ତରରେ ସହସ୍ର ପ୍ରତ୍ୟେଚନା, ସହସ୍ର ଆବେଗ ଏବଂ ଆମେ ଆମର ଏହି ଷ୍ଟ୍ରୁ ବ୍ୟକ୍ତିତ୍ୱଟିର ବାହ୍ୟ ବସ୍ତୁରୂପେ ପରିଣତ କରି ରଖିଥିବା ସହସ୍ର ଅନ୍ୟ ସାମର୍ଥ୍ୟ ପାଖରେ ଅଧୀନ ହୋଇ ରହିଥାଏ । ଆମର ଏହି ଅହଂ, ଆମ ସ୍ୱତନ୍ତ୍ରତାଟିକୁ ନେଇ ଆମର ଯାବତୀୟ ଆସ୍ଫାଳନ ପ୍ରତ୍ୟେକ ମୁହୂର୍ତ୍ତରେ ଅଗଣିତ ଅନେକ ସତ୍ତା, ଅନେକ ସାମର୍ଥ୍ୟ ଓ ବଳ ଏବଂ ବଶ୍ୱଗତ ପ୍ରକୃତିର ଅନେକ ପ୍ରଭାବର ସଙ୍ଗେଅବା ଏକ କ୍ରୀତଦାସ, କ୍ରୀଡ଼ନକ ଏବଂ ପୁତ୍ତଳକା ହୋଇ ରହିଥାଏ । ପରମ ଦିବ୍ୟତା ମଧ୍ୟରେ ଅହଂ ଆପଣାର ସ୍ୱତନ୍ତ୍ର ପରିଚୟଟିକୁ ନେଇ ବିଲୀନ କରିଦେଇ ପାରିଲେ ଯାଇ ତାହା ଆପଣାକୁ ପରିପୂର୍ତ୍ତି କରେ, ଆପଣାର ପରମ ଚରିତାର୍ଥତା ଲାଭ କରେ; ଯାହା ତାହାର ଏହି ଆତ୍ମଚଳନକୁ ଅତନ୍ତ୍ରମ କରି ରହିଛୁ, ତାହାର ମଧ୍ୟରେ ଆପଣାକୁ ସମର୍ପଣ କରିଦେଇ ପାରିଲେହିଁ ତାହା ଆପଣାର ସକଳ ବନ୍ଧନ ଓ ସୀମିତତାରୁ ବିମୋଚିତ ହୋଇଆସେ, ଆପଣାର ପରିପୂର୍ତ୍ତି ସାମର୍ଥ୍ୟ ଲାଭ କରେ ।

ମାତ୍ର ତଥାପି ବ୍ୟାବହାରିକ ବିକାଶକ୍ରମରେ ଏହି ତିନୋଟି ସୋପାନ ମଧ୍ୟରୁ ପ୍ରତ୍ୟେକଟିର ଆପଣାର ଏକ ସ୍ୱତନ୍ତ୍ର ଆବଶ୍ୟକତା ଏବଂ ପ୍ରଯୋଜନୀୟତା ଅବଶ୍ୟ ରହିଛୁ; ଏବଂ ତେଣୁ ତାହାକୁ ତାହାର ଆବଶ୍ୟକ ସମୟ ଓ ଆବଶ୍ୟକ ସ୍ଥାନ ଅବଶ୍ୟ ଦିଆଯିବା ଉଚିତ । ଏକାବେଳକେ କେବଳ ଶେଷଟିରୁ ଅର୍ଥାତ୍ ସଙ୍କୋଚଟିରୁ ଆମର ସାଧନାର ଯାତ୍ରା ଆରମ୍ଭ କରିବସିଲେ ସେଥିରେ ଆଦୌ କାର୍ଯ୍ୟସାଧନ ହେବ ନାହିଁ, ତାହା କଦାପି ଜଗ୍ରତ୍ପଦ ହୋଇପାରିବ ନାହିଁ, ଫଳପ୍ରଦ ବି ହେବ ନାହିଁ । ପ୍ରକୃତ ସମସ୍ୟ ଅସିବା ପୂର୍ବରୁ ଗୋଟିଏ ସୋପାନରୁ ଆଉ ଏକ ସୋପାନକୁ ଗୋଟାଏ ଡିଆଁ ମାରିଦେଲେ ମଧ୍ୟ ତାହା କଦାପି ଯଥାର୍ଥ ସ୍ପର୍ଶ ହେବ ନାହିଁ । କାରଣ ଏପରିକ ପ୍ରଥମ ପର୍ଯ୍ୟାୟରୁହିଁ ଆମେ ଯଦି ଆମର ମନ ତଥା ହୃଦୟ ଭିତରେ ସେହି ପରମ ସତ୍ତାଙ୍କୁ ଚିହ୍ନିବା ଲାଗି ସମର୍ଥ ହୋଇଯିବା, ତେବେ ମଧ୍ୟ ଆମର ପ୍ରକୃତି ଭିତରେ ଏଭଳି ନାନା ଉପାଦାନ ବର୍ତ୍ତମାନ ରହିଥିବ, ଯାହାକି ଏହି ଚିହ୍ନିବାଟିକୁ ଏକ ଉପଲବ୍ଧିରେ ପରିଣତ ହେବାରୁ ପ୍ରକୃତରେ ଗତରୋଧ କରି ରଖିଥିବ । ମାତ୍ର ଯଥାର୍ଥ ଉପଲବ୍ଧି ବିନା ଆମର ମନୋଗତ ବିଶ୍ୱାସଟି କଦାପି ଏକ ଗତ୍ୟାତ୍ମକ ବାସ୍ତବ ସତ୍ୟରେ ପରିଣତ ହୋଇପାରିବ ନାହିଁ, ତାହା କେବଳ ଜ୍ଞାନରହିଁ ଏକ ରୂପାୟନ ହୋଇ ରହିବ; ଏକ ଜୀବନ୍ତ ସତ୍ୟ ହୋଇପାରିବ ନାହିଁ, କେବଳ ଗୋଟାଏ ଧାରଣା ହୋଇ ରହିବ, ତଥାପି ଏକ ଯଥାର୍ଥ ସମର୍ଥତାରେ ପରିଣତ ହୋଇ ନଥିବ । ଏବଂ ଉପଲବ୍ଧିର ପ୍ରକ୍ରିୟାଟି ଆରମ୍ଭ ହୋଇଯାଇଥିଲେ ମଧ୍ୟ, ଆମେ ଯେ ପୂର୍ତ୍ତିସ୍ତରରେ ସେହି ପରମ ସଙ୍କୋଚ ସତ୍ତାଙ୍କର ହାତରେହିଁ ନ୍ୟସ୍ତ ହୋଇ ରହିଲୁଣି ଏବଂ କେବଳ ତାଙ୍କର ଗୋଟିଏ ନମିତ୍ତରୂପେହିଁ କାର୍ଯ୍ୟ କରୁଛୁ, ତରତର

'oaob.nitrkl.ac.in' images reprocessed

ହୋଇ ଏପରି କଳ୍ପନା କରିବସିବା କିଂବା ଏଭଳି ଅନୁମାନ କରିବା ଛଡ଼ାପି ବିପଜ୍ଜନକ ପ୍ରତିପାଦ୍ୟ ହେବାର ଆଶଙ୍କା ମଧ୍ୟ ରହିଥିବ । ସେହିଭଳି ଏକ ଭ୍ରାନ୍ତ ଅନୁମାନ ହୁଏତ ଏକ ବିନାଶକାରୀ ମିଥ୍ୟାକୁ ମଧ୍ୟ ଡାକିନେଇ ଆସିବ; ଏଥିରୁ ହୁଏତ ଏକ ଅସହାୟତ୍ତାମୟ ଜଡ଼ତାହିଁ ଜନ୍ମଲାଭ କରିବ, ଅଥବା, ଭବ୍ୟ ନାମର ସହାୟତ୍ତାରେ ଅହଂର ସ୍ପନ୍ଦନ ଛଡା ଧାବନଗୁଡ଼ାକୁ ଏଡ଼େବଡ଼ କରି ଦେଖାଇ ଏହା ହୁଏତ ଯୋଗଚର୍ଯାର ସମସ୍ତ ପଥଟିକୁ ବଡ଼ ଦୂର୍ଭାଗ୍ୟଜନକ ଭାବରେ ବିକୃତ ଅଥବା ଧ୍ୱସ୍ତବିଧ୍ୱସ୍ତ କରି ପକାଇବ । ତେଣୁ ଅନ୍ତର୍ଗତ ପ୍ରୟାସ ଏବଂ ସଂଗ୍ରାମର ଏକ ଅଳ୍ପ ଅଥବା ଦୀର୍ଘସ୍ଥାୟୀ ପର୍ଯାୟ ଅବଶ୍ୟ ରହିବ, ଯେତେବେଳେକ ବ୍ୟକ୍ତିକୁ ନିମ୍ନତର ପ୍ରକୃତିର ଅନ୍ଧକାର ଏବଂ ବିକୃତିଗୁଡ଼ିକୁ ବର୍ଜନ କରି ଆସିବାକୁ ହେବ ଏବଂ ବିଦ୍ଧପକର ଏବଂ ଉତ୍ସାହପ୍ରେରିତ ଭାବରେ ଆପଣାକୁ ସେହି ଭବ୍ୟ ପରମ ଆଲୋକିତ ପାଖରେ ଆଣି ରଖିବାକୁ ପଡ଼ିବ । ସେତେବେଳେ ମନର ଯାବତୀୟ ଶକ୍ତି ଓ ସାମର୍ଥ୍ୟ, ହୃଦୟର ସକଳ ସଂବେଗ, ପ୍ରାଣର ସକଳ ବାସନା ଓ ସ୍ୱୟଂ ଭୌତିକ ସୃଷ୍ଟି ମଧ୍ୟ ଯଥାର୍ଥ ଦୃଷ୍ଟିର ଆସ୍ୱାଦନ ମଧ୍ୟକୁ ବାଧ୍ୟ ଓ ନତ ହୋଇ ଆସିବେ ଅର୍ଥାତ୍ ଯଥାର୍ଥ ପ୍ରଭାବଗୁଡ଼ିକୁ ସ୍ୱୀକାର କରି ଅଣିବାକୁ ଓ ସେଇଗୁଡ଼ିକ ପ୍ରତିହିଁ ଆପଣାର ପ୍ରତିସ୍ପନ୍ଦନ ଜଣାଇବାକୁ ଉପଯୁକ୍ତ ପ୍ରକାରେ ପ୍ରଶିକ୍ଷିତ ହୋଇଯିବେ । ଯେତେବେଳେ ଏହି କଥାଟି ଯଥାର୍ଥ ଭାବରେ ସମ୍ପନ୍ନ ହୋଇଯିବ, କେବଳ ସେତିକବେଳେ ଯାଇ ସେହି ଉଚ୍ଚତର ପ୍ରକୃତିଟି ମଧ୍ୟରେ ଏହି ନିମ୍ନତର ପ୍ରକୃତିର ସମର୍ପଣ ପ୍ରକୃତିରେ ସମ୍ଭାବିତ ହେବ; କାରଣ ସେତେବେଳେ ଆମର ଯଜ୍ଞ ସ୍ୱୀକୃତ ହେବାର ଯୋଗ୍ୟତା ହାସଲ କରିଥିବ ।

ସାଧକର ବ୍ୟକ୍ତିଗତ ସଂକଳ୍ପ ପ୍ରଥମେ ଆପଣାର ଅହଂପ୍ରେରିତ ସାମର୍ଥ୍ୟଗୁଡ଼ିକୁ ଆପଣାର କରିଗତ କରିବ ଏବଂ ସେଗୁଡ଼ିକୁ ଆଲୋକ ଛଡା ସତ୍ୟ ଆଡ଼କୁ ମୁହାଁଇ ରଖିବ; ଏବଂ ତହିଁରେ ଏହିପରି ମୁହାଁଇ କରି ରଖିଦେବା ପରେ ସେ ସେଗୁଡ଼ିକୁ କେବଳ ସେହି ଆଲୋକ ଏବଂ ସତ୍ୟକୁହିଁ ଚାହିଁବା ଲାଗି ଉପଯୁକ୍ତ ଭାବରେ ପ୍ରଶିକ୍ଷିତ କରି ରଖିବ, ସର୍ବଦା କେବଳ ତାହାକୁହିଁ ସ୍ୱୀକାର କରିନେଇ କେବଳ ତାହାର ଅନୁଧାବନ କରିବା ଲାଗି ସେଗୁଡ଼ିକୁ ସାଧ କରି ରଖିବ । ଆହୁରି ଆଗକୁ ଗତି କରି ଓ ଛଡାପି ଆପଣାର ବ୍ୟକ୍ତିଗତ ସଂକଳ୍ପ, ବ୍ୟକ୍ତିଗତ ପ୍ରୟାସ ଛଡା ବ୍ୟକ୍ତିଗତ ସାମର୍ଥ୍ୟଗୁଡ଼ିକୁ କାମରେ ଲଗାଇଥିବା ସମସ୍ତରେ ସେ ଜମେ ସେଗୁଡ଼ିକୁ ସେହି ଉଚ୍ଚତର ପରମ ସାମର୍ଥ୍ୟଟିର ପ୍ରତିନଧିରୂପେ ବିନଯୋଗ କରି ଶିଖିବ, ସେହି ଉଚ୍ଚତର ପରମ ପ୍ରଭାବଟି ଲଗି ସତେଚନ ଭାବରେ ଅନୁଗତ ରହିହିଁ ସେ ସେଗୁଡ଼ିକୁ ପ୍ରେରିତ କରାଇ ଶିଖିବ । ଏବଂ ଏହାଠାରୁ ଆହୁରି ଆଗକୁ ଯାଇ, ତା'ର ସକଳ୍ପ, ତା'ର ପ୍ରୟାସ ଓ ସାମର୍ଥ୍ୟ ଆଉ କୌଣସିପ୍ରକାରେ ବ୍ୟକ୍ତିଗତ ଓ ବଲିର ହୋଇ ରହି

'oaob.nitrkl.ac.in' images reprocessed

ପାରିବେ ନାହିଁ, ମାତ୍ର ବ୍ୟକ୍ତ ମଧ୍ୟରେ ଆପଣାକୁ ନିସ୍ପାନ୍ନିତ କରିଥିବା ସେହି ଇଚ୍ଛାର ପରମ ସାମର୍ଥ୍ୟ ଏବଂ ପରମ ପ୍ରଭାବର ନାନା ନିସ୍ପାତ୍ମକତାରେହିଁ ପରିଣତ ହୋଇଥିବେ । ମାତ୍ର ଏହି କ୍ଷେତ୍ରରେ ତଥାପି ଦୂରତାର ଏକ ଖାଇ ରହିଯାଇଥିବ, ଯାହାଫଳରେ କି ସେହି ଦ୍ରବ୍ୟ ପରମମୂଳ ଏବଂ ସେଥିରୁ ଜଞ୍ଜନ୍ନ ହୋଇ ଆସୁଥିବା ଏହି ମାନବରୂପୀ ସ୍ରୋତଟି ମଧ୍ୟରେ ତଥାପି ଗମନାଗମନର ଏକ ଅସ୍ପଷ୍ଟ ପ୍ରତିଯୋ ଆବଶ୍ୟକପ୍ରାପ୍ତ ହୋଇ ରହିଥିବ; ସେହି ପ୍ରତିଯୋଟି ସବଂଦା ଠିକ୍ ଭାବରେ ଗୁଲି ନଥିବ, ଏବଂ ଏପରିକି ବେଳେବେଳେ କେତେକେତେ ବିକୃତିର ଅବତାରଣା ମଧ୍ୟ କରିଦେଇଥିବ । ମାତ୍ର ଏହି ସମ୍ପୃକ୍ତଯୋଗାଯୋଗର ପରିଶେଷରେ, ଯେତେବେଳେ ଆମର ସମସ୍ତ କ୍ଷେତ୍ରଟିରୁ ସକଳ ଅହଂଗତତା, ଅଶୁଦ୍ଧତା ଓ ଅଜ୍ଞାନମସ୍ୱତା ସମ୍ପୂର୍ଣ୍ଣ ଭାବରେ ବିଦୂରିତ ହୋଇଯିବ, ସେତେବେଳେ ଯାଇ ଏହି ସବଂଶେଷ ବ୍ୟବଧାନ ଓ ବିଚ୍ଛିନ୍ନତାଟି ମଧ୍ୟ ଘୁଞ୍ଚିଯିବ; ସେତେବେଳେ ବ୍ୟକ୍ତ ମଧ୍ୟରେ ରହିଥିବା ସବୁକିଛି କେବଳ ସେହି ଦ୍ରବ୍ୟ ନିସ୍ପାତ୍ମକତାରେହିଁ ପରିଣତ ହୋଇଯିବ ।

❋

ପ୍ରତ୍ୟେକ ମନୁଷ୍ୟର ହୃଦସ୍ଥ ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ଶାଶ୍ୱତ ବେଦକୁ ଆମେ ଯେପରି ପୂର୍ଣ୍ଣଯୋଗର ପରମ ଶାସ୍ତ୍ର ବୋଲି ଜାଣିବା, ଠିକ୍ ସେହିପରି ଏହି ଯୋଗର ସର୍ବୋତ୍ତମ ପଥପ୍ରଦର୍ଶକ ତଥା ପରମ ଗୁରୁଙ୍କୁ ମଧ୍ୟ ଆମେ ଅନ୍ତରସ୍ଥ ପରମ ପଥପ୍ରଦର୍ଶକ ବା ଆମ ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଜଗଦ୍‌ଗୁରୁ ବୋଲି ଜାଣିବା । ଆପଣା ଜ୍ଞାନର ଉଦ୍‌ଭାସକାସ୍ତ୍ର ଆଲୋକ ଦ୍ୱାରାହିଁ ସେ ଆମର ସକଳ ଅନ୍ଧକାରକୁ ବିନାଶ କରିଦିଅନ୍ତି । ଆମର ଭିତରେ ପ୍ରବେଶ କରି ସେହି ଆଲୋକ ତାଙ୍କର ଆତ୍ମପ୍ରକାଶରହିଁ ସେହି ନମବର୍ତ୍ତମାନ ଗୌରବରେ ପରିଣତ ହୋଇଯାଏ । ନମବର୍ତ୍ତମାନ ଭାବରେ ସେ ଆମର ଭିତରେ ସ୍ୱାତନ୍ତ୍ର୍ୟ, ଆନନ୍ଦ, ପ୍ରେମ, ଶକ୍ତିମତ୍ତା ତଥା ଆମ ସତ୍ତାର ଆପଣା ପ୍ରକୃତିଟିକୁହିଁ ପ୍ରକଟ କରିଦିଅନ୍ତି । ଆମ ଉପରେ ଆମର ଆଦର୍ଶରୂପେ ସେ ଆପଣାର ଦ୍ରବ୍ୟ ଦୃଷ୍ଟାନ୍ତଟିକୁ ଉପସ୍ଥାପିତ କରି ରଖିଥାନ୍ତି ଓ ଏହି ନମ୍ନତର ଜୀବନଟିକୁ ତାହାର ଅଭିଲଷିତ ସେହି ପରମ ସମ୍ପଦର ଏକ ପ୍ରତିଫଳନରୂପେ ରୂପାନ୍ତରିତ କରିଦିଅନ୍ତି । ଆମର ଭିତରକୁ ଆପଣାର ସ୍ୱକୀୟ ପ୍ରଭାବ ତଥା ସାନ୍ନିଧ୍ୟଟିକୁ ପ୍ରବାହିତ କରିଆଣି ସେ ବ୍ୟକ୍ତସତ୍ତାକୁ ବିଶ୍ୱରତ ତଥା ବିଶ୍ୱାତୀତ ସହିତ ଏକାତ୍ମ ହେବାର ସାମର୍ଥ୍ୟ ଆଣିଦିଅନ୍ତି ।

କେଉଁ ପଦ୍ଧତିର ଅନୁସରଣ କରି ସେ କିପରି ପ୍ରଣାଳୀରେ ଏସବୁ କରନ୍ତି ? ତାଙ୍କର ପ୍ରକୃତିରେ କୌଣସି ପଦ୍ଧତି ନାହିଁ, ଏବଂ ଯାବତୀୟ ପ୍ରତ୍ୟେକ ପଦ୍ଧତି ହେଉଛି

'oaob.nitrkl.ac.in' images reprocessed

ଭାଙ୍କର ପଦ୍ଧତି । ଯେଉଁ ସବୋଚ୍ଚ ପ୍ରକ୍ରିୟା ଏବଂ ଗତିସ୍ପନ୍ଦନ ଲଗି ପ୍ରକୃତିର ସାମର୍ଥ୍ୟ ରହିଛି, ସେଇଗୁଡ଼ିକୁ ଏକ ସ୍ୱାଭାବିକ ସଂଗଠନରେ ସଂଗଠିତ କରି ରଖିବା ହେଉଛି ଭାଙ୍କର ପ୍ରଣାଳୀ । ସେହି ଗତି ଓ ପ୍ରକ୍ରିୟାଗୁଡ଼ିକ ଆମ ଜୀବନର ଷ୍ଟ୍ରାଟସ୍ଫିୟରିକ ବଷୟଗୁଡ଼ିକରେ ମଧ୍ୟ ଆପଣାକୁ ସଞ୍ଚାରିତ କରି ରଖିଥାନ୍ତି; ଆମର ସବୁଠାରୁ ବଡ଼ ବଡ଼ କ୍ରିୟାଗୁଡ଼ିକର ଭୂମିରେ ସେମାନେ ଯେତିକି ଯତ୍ନ ଏବଂ ପୂର୍ଣ୍ଣତା ସହିତ ଆପଣାକୁ ନିୟୋଗ କରି ରଖନ୍ତି, ଉପରକୁ ଅତ୍ୟନ୍ତ ତୁଚ୍ଛ ଓ ସାଧାରଣ ବୋଲି ଦେଖାଯାଉଥିବା କ୍ରିୟାଗୁଡ଼ିକର କ୍ଷେତ୍ରରେ ମଧ୍ୟ ଠିକ୍ ସେତିକି ଯତ୍ନ ଓ ପୂର୍ଣ୍ଣତା ସହିତ ଆପଣାକୁ ନିୟୋଗ କରି ରଖିଥାନ୍ତି; ଏବଂ ଶେଷରେ ସବୁଗୁଡ଼ିକୁ ସେହି ପରମ ଆଲୋକର କ୍ଷେତ୍ରକୁ ଉତ୍ତୋଳିତ କରନ୍ତନ୍ତି ଏବଂ ସବୁଗୁଡ଼ିକରେ ରୂପାନ୍ତର ଆଣିଦିଅନ୍ତି । କାରଣ ଏହି ଯୋଗରେ ଏପରି କ୍ଷୁଦ୍ର ବା ତୁଚ୍ଛ କିଛି ନାହିଁ, ଯାହାକୁ କି କାର୍ଯ୍ୟକ୍ଷେତ୍ରରେ ନିୟୋଗ କରାଯାଇ ନପାରିବ; ଏବଂ ଏପରି ବଡ଼ ବା ଅପରିଚ୍ଛନ୍ନ କିଛି ନାହିଁ, ଯାହା ଲଗି କି ପ୍ରୟାସ କରି ନସିବ । ପରମ ପ୍ରଭୁଙ୍କର ଜଣେ ଦାସ ବା ଅନୁରାମୀ ଲଗି ଗଂଦମ୍ଭ ଅଥବା ଅହଂବାଦର ଆଦୌ କୌଣସି କାରଣ ନାହିଁ; କାରଣ ଏଠି ଯାହାକିଛି ହେଉଛି, ତାହା ତା' ଲଗି କେବଳ ସେଇ ଉପରୁହିଁ ହେବାରେ ଲଗିଛି । ଠିକ୍ ସେହିପରି ତା'ର ଦ୍ୱିତୀୟ ହେବାର ମଧ୍ୟ ଆଦୌ କୌଣସି କାରଣ ନାହିଁ, ଆପଣାର ବ୍ୟକ୍ତିଗତ ଅସ୍ତିତ୍ୱ ବା ଆପଣା ପ୍ରକୃତିର ସ୍ଖଳନ ଲଗି ଜଗ୍ରତ ହୋଇ ପଡ଼ିବାର ମଧ୍ୟ କୌଣସି କାରଣ ନାହିଁ । କାରଣ ତା' ଭିତରେ ରହି ଯେଉଁ ପରମ ସାମର୍ଥ୍ୟ କ୍ରିୟା କରୁଛନ୍ତି, ସିଏ ଏକ ବ୍ୟକ୍ତିଗତ ସାମର୍ଥ୍ୟ ନୁହନ୍ତି; ସିଏ ହେଉଛନ୍ତି ନୈର୍ବ୍ୟକ୍ତିକ, ବ୍ୟକ୍ତିର ଅତୀତ;—ଅତିବୈୟକ୍ତିକ—ଏବଂ ଅନନ୍ତ ।

ଅନ୍ତରସ୍ଥ ଏହି ପରମ ପଥପ୍ରଦର୍ଶକ, ଯୋଗେଶ୍ୱର, ପ୍ରଭୁ, ଆଲୋକ ତଥା ସକଳ ଯଜ୍ଞ ଓ ସକଳ ପ୍ରଚେଷ୍ଟାର ଭୋକ୍ତା ତଥା ଲକ୍ଷ୍ୟକୁ ସମ୍ପୂର୍ଣ୍ଣରୂପେ ଚିହ୍ନି ତାଙ୍କୁ ସ୍ୱୀକାର କରିନେବା ହେଉଛି ସମସ୍ତ ପରିପୂର୍ଣ୍ଣତା ଉପଲବ୍ଧି କରିବାର ମାର୍ଗରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା । ଆମେ ତାଙ୍କୁ ପ୍ରଥମରେ ଏକ ନୈର୍ବ୍ୟକ୍ତିକ ପରମ ପ୍ରଜ୍ଞାରୂପେ ଦେଖିବା, ପରମ ପ୍ରେମରୂପେ ଦେଖିବା ଅଥବା ସକଳ ବସ୍ତୁର ପଛରେ ରହିଥିବା ପରମ ଶକ୍ତିମନ୍ତ୍ରରୂପେ ଦେଖିବା, ଏହି ଆପେକ୍ଷିକ ଭୂମିରେ ଆପଣାକୁ ବ୍ୟକ୍ତ କରିଦେଇ ଏହାକୁ ଆପଣା ଆଡ଼କୁ ଆକର୍ଷିତ କରିବାରେ ଲଗିଥିବା ଏକ ପରମ ନିର୍ବିଶେଷତାରୂପେ ଦେଖିବା ଅଥବା ଆପଣାର ତଥା ସମସ୍ତଙ୍କର ସବୋଚ୍ଚ ଆତ୍ମସତ୍ତ୍ୱାରୂପେ ବା ଆମର ଭିତରେ ତଥା ଏହି ଜଗତରେ ଆପଣାର ଅନେକ ରୂପ ଓ ନାମଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ନାମ ବା ରୂପରେ ଅଥବା ଆମ ମନ ଦ୍ୱାରା କଳ୍ପିତ ଏକ ଆଦର୍ଶରୂପେ ଏକ ଦିବ୍ୟ ବ୍ୟକ୍ତିରୂପ ହୋଇ ଆପଣାକୁ ପ୍ରକଟ କରି ଦେଇଥିବା କୌଣସି ଦେବ ବା ଦେବୀରୂପରେ ଦେଖିବା, ସେଇଟା ଆଦୌ

'oaob.nitrkl.ac.in' images reprocessed

ବଡ଼ କଥା ନୁହେଁ । କାରଣ ସବଂଶେଷରେ ଆମେ ଏହି ଉପଲବ୍ଧିରେ ଆସି ପହଞ୍ଚିଥାଉ ଯେ ସିଏ ହେଉଛନ୍ତି ଏହି ସବୁକିଛି, ଏହି ସବୁଗୁଡ଼ିକର ସମଷ୍ଟିଠାରୁ ସେ ଆହୁରି ଅଧିକ । ଆମର ମନ ପ୍ରକୃତିରେ କେଉଁ ଦ୍ୱାରଟି ଦେଇ ଭାଙ୍କର କଳ୍ପନା ମଧ୍ୟରେ ପ୍ରବେଶ କରିବ, ବ୍ୟକ୍ତର ଅତୀତ ବିକାଶ ଏବଂ ବର୍ତ୍ତମାନ ପ୍ରକୃତିଟି ଅନୁସାରେ ତାହା ଅବଶ୍ୟ ଭିନ୍ନ ହେବାକୁ ବାଧ୍ୟ ହେବ ।

ଆମ ବ୍ୟକ୍ତିଗତ ପ୍ରଚେଷ୍ଟାଟିର ଗତିଧାରା ଦ୍ୱାରା ଏବଂ ଆମର ଅହଂ ଆପଣାକୁ ତଥା ଆପଣାର ଉଦ୍ଦେଶ୍ୟଗୁଡ଼ିକୁ ନେଇ ଅତିରକ୍ତ ଭାବରେ ଛନ୍ଦିହୋଇ ରହିବା ଦ୍ୱାରାଦ୍ଧିଁ ଏହି ଅନ୍ତରସ୍ଥ ପଥପ୍ରଦର୍ଶକ ପ୍ରଥମେ ଅନେକ ସମୟରେ ଅନ୍ତରାଳ ହୋଇ ରହିଯାଇଥାନ୍ତି । ମାତ୍ର ଆମର ଦୃଷ୍ଟି ଅଧିକ ସ୍ପଷ୍ଟ ହେବା ସଙ୍ଗେସଙ୍ଗେ ଏବଂ ଅହଂମୟ ପ୍ରଚେଷ୍ଟାର କୋଲାହଳ ଏକ ଅଧିକ ପ୍ରଶାନ୍ତ ଆତ୍ମଜ୍ଞାନ ଲାଗି ବାଟ ଛାଡ଼ିଦେବା ସଙ୍ଗେ ସଙ୍ଗେ ଆମେ ଆମର ଭିତରେ ରହିଥିବା ବର୍ଦ୍ଧନଶୀଳ ଆଲୋକଟିର ଉତ୍ସମୂଳଟିର ପରିଚୟ ପାଇବାକୁ ଆରମ୍ଭ କରୁ । ସେତେବେଳେ ଆମେ ଅନ୍ତରଙ୍ଗ କରି ଆସିଥିବା ପଥଟି ଉପରେ ମଧ୍ୟ କେବଳ ତାହାର ପରିଚୟ ଲାଭ କରୁ; କାରଣ ଆମେ ଉପଲବ୍ଧି କରିବାକୁ ଆରମ୍ଭ କରୁ ଯେ ବଡ଼ ଅସ୍ପଷ୍ଟ ଏବଂ ଦ୍ୱନ୍ଦ୍ୱସଂଘାତମୟ ହୋଇ ରହିଥିବା ଆମର ଯାବତୀୟ ପଥଗୁରିଣା ପ୍ରକୃତରେ ଆପଣାର ଏହି ଲକ୍ଷ୍ୟଟିରେ ଆସି ପହଞ୍ଚିବା ଲାଗିଦ୍ଧିଁ ନିର୍ଦ୍ଦାରିତ ହୋଇ ରହିଥିଲା, ଯାହାକୁ କି ଆମେ କେବଳ ବର୍ତ୍ତମାନ ଯାଇ ଚିହ୍ନିବାକୁ ଆରମ୍ଭ କଲୁ; ଏବଂ ଏପରିକ ଏହି ଯୋଗର ମାର୍ଗଟିରେ ପ୍ରବିଷ୍ଟ ହେବା ପୂର୍ବରୁ ମଧ୍ୟ ଆମ ଜୀବନର ଯୋଜନାଟି ନିର୍ଦ୍ଦିଷ୍ଟ ଭାବରେ ଠିକ୍ ଏହି ମୀମାଂସକ ବିନ୍ଦୁଟି ଆଡ଼କୁଦ୍ଧିଁ ବିବର୍ତ୍ତିତ ଓ ପରିଚାଳିତ ହୋଇ ଆସୁଥିଲା । କାରଣ ଏଇଠାରେ ପହଞ୍ଚିଦ୍ଧିଁ ଆମେ ଆମର ଯାବତୀୟ ଫଗ୍ରାମ ଓ ପ୍ରୟାସର, ଆମର ସଫଳତା ଏବଂ ବିଫଳତା-ଗୁଡ଼ିକର ପ୍ରକୃତ ତାତ୍ପର୍ଯ୍ୟଟିକୁ ବୁଝିବାକୁ ଆରମ୍ଭ କରୁ । ଆମର ସକଳ ପଶ୍ଚାତ୍ତା ଓ ସକଳ କଷ୍ଟଶ୍ରୋଗର ଅର୍ଥଟିକୁ ଆମେ ଶେଷରେ ଏଇଠାକୁ ଆସି ବୁଝିବାକୁ ସମର୍ଥ ହେଉ; ଏବଂ ଆମକୁ ଆଘାତ ଦେଇଥିବା ଓ ଆମର ପ୍ରତିରୋଧ କରିଥିବା ସମସ୍ତେ ଯେ ଯଥାର୍ଥରେ ଆମର ପଥରେ ଆମକୁ ସାହାଯ୍ୟଦ୍ଧିଁ କରିଛନ୍ତି ଓ ଆମର ଯାବତୀୟ ପତନ ତଥା ସ୍ଖଳନର ଯେ ପ୍ରକୃତରେ ଏକ ପ୍ରସ୍ତୋଜନ ରହିଆସିଛି, ଆମେ ସେକଥାଟିକୁ ହୃଦସ୍ପଙ୍ଗମ କରିପାରୁ । ଏବଂ ଆଗକୁ ଯାଇ ଆମେ ଏହି ଦିବ୍ୟ ପଥପ୍ରଦର୍ଶକଙ୍କୁ ଆପଣାର ଅନ୍ତରାତ୍ମା ଜୀବନଟି ଉପରେ ଦୃଷ୍ଟିପାତ କରି ନୁହେଁ, ମାତ୍ର ଠିକ୍ ସେହି ମୁହୂର୍ତ୍ତରେ ମଧ୍ୟ ଅନୁଭବ କରିବାକୁ ଆରମ୍ଭ କରୁ; ଆମେ ଅନୁଭବ କରିବାକୁ ଲାଗୁ ଯେ ଏହି ବିଶ୍ୱର ଅତୀତ ହୋଇ ରହିଥିବା ଜଣେ ପରମ ଦ୍ରଷ୍ଟା ଆମର ବିଶ୍ୱରକୁ, ଏକ ସବଂଗ୍ରାସ୍ପୀ ପରମ ଶକ୍ତି ଆମର ଫଳଲାଭ ତଥା ସକଳ ନିୟାକୁ ଏବଂ ସବୁକିଛିକୁ ଆକର୍ସିତ କରି ନେଉଥିବା ଓ ସବୁକିଛିକୁ ନିଜସ୍ୱରେ ପରିଣତ କରି ଦେଉଥିବା ଏକ

'oaob.nitrkl.ac.in' images reprocessed

ପରମ ଆନନ୍ଦ ଓ ପରମ ପ୍ରେମ ଆମର ଫଂବେଗମୟ ଜୀବନଟିକୁ ଏକ ନୂତନ ଚ୍ଛାଞ୍ଚରେ ଗଢ଼ିବାକୁ ଆରମ୍ଭ କର ଦେଇଛନ୍ତି । ଏବଂ ଅଧିକ ବ୍ୟକ୍ତିଗତ ଯେଉଁ ସମ୍ବନ୍ଧଟି ଆମକୁ ପ୍ରଥମରୁହିଁ ସ୍ପର୍ଶ କର ରହିଥିଲା ଏବଂ ସ୍ୱଂଶେଷରେ ଆମକୁ ଅଧିକାର କରନେଲା, ସେହି ସମ୍ବନ୍ଧଟିରେ ମଧ୍ୟ ଆମେ ଏହାର ପରିଚୟ ଲାଭ କରୁ; ଆମର ଚତୁର୍ଦ୍ଦିଗରେ ଆମେ ଜଣେ ପରମ ପ୍ରଭୁ, ପରମ ସଖା, ପରମ ପ୍ରେମିକ ଏବଂ ପରମ ଗୁରୁଙ୍କର ଶାଶ୍ୱତ ସାନ୍ନିଧ୍ୟ ଅନୁଭବ କରବାକୁ ଲାଗୁ । ଆମ ସତ୍ତାର ସାରସତ୍ତ୍ୱଟି ଏକ ବୃହତ୍ତର ଏବଂ ବ୍ୟାପ୍ତିର ଜୀବନର ସାଦୃଶ୍ୟ ଏବଂ ଅଭିନ୍ନତ୍ୱ ମଧ୍ୟକୁ ବିକାଶ ଲାଭ କରୁଥିବା ସଙ୍ଗେସଙ୍ଗେ ଆମେ ସେଇଟି ଭିତରେ ମଧ୍ୟ ଏହାର ପରିଚୟ ପାଇଥାନ୍ତୁ; କାରଣ ଆମେ ଦୁମେ ଏକଥାଟିକୁ ବୁଝିବା ଲାଗି ସମର୍ଥ ହେଉ ଯେ ଆମ ନିଜର ପ୍ରଚେଷ୍ଟାରେହିଁ ଆମ ଭିତରେ କଦାପି ଏହି ଅଲୌକିକ ବିକାଶଟି ଫଂଘଟିତ ହୋଇ ନାହିଁ, ମାତ୍ର ଏକ ଶାଶ୍ୱତ ପରମ ପରିପୂର୍ତ୍ତିହାଁ ଆମକୁ ଆପଣାର ଅନୁରୂପ କର ସଂଦା ଗଢ଼ିବାରେ ଲାଗିଛି । ଯୋଗର ବିଭିନ୍ନ ଦର୍ଶନରେ ଯାହାକୁ ଈଶ୍ୱର ବୋଲି କୁହାଯାଇଛି, ଚେତନ ସତ୍ତାରେ ଅବସ୍ଥିତ ସେହି ପରମ ପଥପ୍ରଦର୍ଶକ (ଚୈତ୍ୟ ଗୁରୁ ବା ଅନ୍ତର୍ଯାମୀ), ବିଶ୍ୱର ଅନୁଶୀଳନ କରୁଥିବା ବ୍ୟକ୍ତି ଯାହାକୁ ପରମ ନିର୍ବିଶେଷ ବୋଲି କହେ, ଅଙ୍କେସ୍ୱବାଦୀର ପରମ ଅଙ୍କେସ୍ୱ, ଜଡ଼ବାଦୀର ବିଶ୍ୱମୟ ପରମ ଶକ୍ତି, ସେହି ପରମ ଆତ୍ମା ତଥା ପରମା ଶକ୍ତି, ଭିନ୍ନଭିନ୍ନ ଧର୍ମରେ ଯେଉଁ ପରମ ଏକଙ୍କୁହିଁ ଭିନ୍ନଭିନ୍ନ ନାମରେ ଅଭିହିତ କରାଯାଇଛି ଓ ଭିନ୍ନଭିନ୍ନ ରୂପରେ କଳ୍ପନା କରାଯାଇଛି, ଆମେ ତାହାଙ୍କୁହିଁ ଆମ ଯୋଗର ସେହି ପରମ ଅଧୀଶ୍ୱର ବୋଲି ଜାଣିବା ।

ଆପଣାର ଅନ୍ତର୍ଗତ ଆତ୍ମସତ୍ତାରେ ଏବଂ ଆମର ସମୁଦାୟ ବହିଃପ୍ରକୃତିରେ ଏହି ପରମ ଏକଙ୍କୁହିଁ ଦେଖିବା, ଜାଣିବା, ସେହିଭଳି ଅନୁଭବ ହେବା ଓ ତାହାଙ୍କୁହିଁ ପରିପୂର୍ତ୍ତି କରିବା ସଂଦା ଆମର ଏହି ଶାଶ୍ୱତ ଜୀବନର ପ୍ରଚ୍ଛନ୍ନ ଧେୟ ହୋଇ ରହିଥିଲା ଏବଂ ବର୍ତ୍ତମାନ ଏହାହିଁ ତାହାର ସଚେତନ ଲକ୍ଷ୍ୟରେ ପରିଣତ ହୋଇ ରହିଛି । ଆମ ସତ୍ତାର ସକଳ ସ୍ତରରେ ତାଙ୍କର ବିଷୟରେହିଁ ସଚେତନ ହୋଇ ରହିବା ଏବଂ ଆମର ଏହି ବିଶ୍ୱଜନକାଙ୍କ୍ଷୀ ମନ ଯାହାକୁ ଆମ ସତ୍ତାର ବାହାରେ ରହିଥିବା ପରି ଦେଖୁଛି, ସେଠାରେ ମଧ୍ୟ ସମାନ ସ୍ତରରେ ତାଙ୍କର ଚେତନାକୁ ଅନୁଭବ କର ପାରିବା,—ଆମେ ଏହାକୁହିଁ ବ୍ୟକ୍ତ-ଚେତନାର ପରମ ଚରିତାର୍ଥତା ବୋଲି ଜାଣିବା । ତାଙ୍କର ଦ୍ୱାରା ଅଧିକୃତ ହୋଇ ରହିବା ଏବଂ ଆମ ନିଜ ଭିତରେ ତଥା ସକଳ ବସ୍ତୁରେ ତାଙ୍କୁ ଅଧିକାର କର ଧରିବା,—ତାହାହିଁ ହେଉଛି ସକଳ ସାମ୍ରାଜ୍ୟ ତଥା ସକଳ ଅଧିକାରତ୍ୱର ସଂଶ୍ରେଷ୍ଠ ଲକ୍ଷଣ । ନିସ୍ୱାରତ୍ୱଚିତ୍ତତା ଏବଂ ସନିସ୍ପୃହତା, ଶାନ୍ତି ଓ ସାମର୍ଥ୍ୟ, ଏକତ୍ୱ ଓ ପାର୍ଥକ୍ୟର ସକଳ ଅନୁଭୂତିରେ ତାଙ୍କର ଆସ୍ୱାଦନ

'oaob.nitrkl.ac.in' images reprocessed

ଲାଭ କରିବା,-- ଏହି ଜଗତରେ ଆପଣାକୁ ଅଭିବ୍ୟକ୍ତ କରି ରଖିଥିବା ଜୀବ ଏହି ଅସ୍ପଷ୍ଟତା ମଧ୍ୟରେ କେବଳ ସେହି ପୁରୁଷଟିରହିଁ ଅନ୍ୱେଷଣ କରିବାରେ ଲାଗିଛୁ । ଆମେ ଏହାକୁହିଁ ପୂର୍ଣ୍ଣଯୋଗର ଲକ୍ଷ୍ୟଟିର ସମ୍ପୂର୍ଣ୍ଣ ପଙ୍କା ବୋଲି କହିବା । ବିଶ୍ୱଚେତ ପରମା ପ୍ରକୃତି ଆପଣା ଭିତରେ ଯେଉଁ ସତ୍ୟଟିକୁ ଗୋପ୍ୟ କରି ରଖିଛୁ ଓ ଯାହାକୁ ଆବିଷ୍କାର କରିବା ଲାଗିହିଁ ତାହାର ଏହି ଯାବତୀୟ ସାଧନା ଲାଗିରହିଛୁ, ବ୍ୟକ୍ତି-ଜୀବନର ଅନୁଭବରେ ସେହି ସତ୍ୟଟିକୁ ଛୁଇଁ ଛୁଇଁ ଅଣିବାକୁହିଁ ଆମେ ପୂର୍ଣ୍ଣଯୋଗର ଲକ୍ଷ୍ୟ ବୋଲି କହିବା । ମନୁଷ୍ୟର ଆତ୍ମାକୁ ଦିବ୍ୟ ଆତ୍ମାରେ ଏବଂ ପ୍ରକୃତିର ଅଧୀନ ହୋଇ ରହିଥିବା ଏହି ଜୀବନକୁ ଦିବ୍ୟ ଜୀବନରେ ନବଜନ୍ମିତ କରିଦେବାକୁହିଁ ଆମେ ସେହି ଲକ୍ଷ୍ୟ ବୋଲି ଜାଣି ରଖିବା ।

ସକଳ ରହସ୍ୟର ଯେଉଁ ପରମ ଅଧିଷ୍ଠାତା ଆମର ଭିତରେ ବିରାଜିତ ରହିଛନ୍ତି, ତାଙ୍କର ଦର୍ଶନ ଲାଭ କରିବା, ଯେଉଁ ଦିବ୍ୟ ପରମ ଶକ୍ତିମତ୍ତାକୁ ଆମେ ଦିବ୍ୟ ପରମ ପ୍ରଜ୍ଞା ତଥା ପରମ ପ୍ରେମ ବୋଲି ମଧ୍ୟ କହିବା, ଆପଣାକୁ ସତତ କେବଳ ତାଙ୍କର ଲାଗିହିଁ ଉନ୍ମୋଚିତ କରି ରଖିବା ଏବଂ ସେଇ ଯେ ଆମ ଭିତରେ ଗୁପ୍ତସ୍ଥିତ ରୂପାନ୍ତରଟିକୁ ଘଟାଇବେ, ସେଥିରେ ପୂର୍ଣ୍ଣ ଆସ୍ଥା ରଖିବା,—ସେହି ସମଗ୍ର ପରିପୂର୍ଣ୍ଣତାଟି ଆଡ଼କୁ ଅଗ୍ରସର ହେବା ଲାଗି ଏହାହିଁ ନିଶ୍ଚିତତମ ପଥ । ମାନ ଆମର ଅହଂପ୍ରେରିତ ଚେତନାଟି ପକ୍ଷରେ ପ୍ରଥମେ ଆଦୌ ଏପରି କରିପାରିବା ପ୍ରକୃତିରେ କଷ୍ଟକର ହୋଇ ରହିଥାଏ । ଏବଂ, ସେଇଟି ଆଦୌ କରିପାରିଲେ ମଧ୍ୟ ତଥାପି ପୂର୍ଣ୍ଣତ୍ୱରେ ତାହା କରିପାରିବା ଏବଂ ଆମ ପ୍ରକୃତିର ପ୍ରତ୍ୟେକ ଭାଗରେ ତାହା କରିପାରିବା ବଡ଼ କଷ୍ଟକର ହୋଇ ରହିଥାଏ । ଏହା ପ୍ରଥମେ କଷ୍ଟକର ହୋଇଥାଏ; କାରଣ ଆମ ବାହ୍ୟର, ଇନ୍ଦ୍ରିୟବୋଧ ତଥା ଅନୁଭୂତିର ଅହଂପ୍ରେରିତ ସଂସ୍କାରଗୁଡ଼ାକ ଆବଶ୍ୟକ ବୋଧହିଁ ଆଡ଼କୁ ଆମକୁ ପରିଚାଳିତ କରି ଆଣିବାର ସକଳ ପଥକୁ ରୁଦ୍ଧ କରି ରଖି ଦେଇଥାନ୍ତି । ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ତାହା କଷ୍ଟକର ହୋଇଥାଏ; ଏହି ମାର୍ଗଟିରେ ଅଗ୍ରସର ହେବାକୁ ହେଲେ ଯେଉଁଭଳି ବିଶ୍ୱାସ, ଯେଉଁଭଳି ସମର୍ପଣ ଓ ଯେଉଁଭଳି ସାହସର ପ୍ରୟୋଜନ ରହିଥାଏ, ତାହା ଅହଂ ଦ୍ୱାରା ଆଚ୍ଛନ୍ନ ହୋଇ ରହିଥିବା ଆତ୍ମାକି ଲାଗି ଆଦୌ ସହଜଲଭ୍ୟ ହୋଇପାରେ ନାହିଁ । ଆମର ଅହଂପ୍ରେରିତ ମନ କେବେହେଲେ ଦିବ୍ୟ ନିସ୍ତାରି ଲାଗି ବାସନା ରଖି ନଥାଏ ବା ସେଇଟି ଲାଗି ଆପଣାର ସମର୍ଥନ ବି ଜଣାଇ ନଥାଏ । କାରଣ ସତ୍ୟରେ ପହଞ୍ଚିବା ଲାଗି ତାହା ଅସତ୍ୟର ଆଶ୍ରୟ ନଏ, ଆନନ୍ଦରେ ଆସି ପହଞ୍ଚିବା ଲାଗି ଦୁଃଖଭୋଗକୁ କାମରେ ଲଗାଏ ଏବଂ ପୂର୍ଣ୍ଣତାର ଉପଲବ୍ଧି କରିବା ଲାଗି ଅପୂର୍ଣ୍ଣତାକୁ ସାଧନରୂପେ

'oaob.nitrkl.ac.in' images reprocessed

ବ୍ୟବହାର କରେ । କେଉଁ ବାଟରେ ଜଣେ ଯେ ତାକୁ ପରଶ୍ମଲଭ କଣ୍ ନେଇଯାଉଛୁ, ସେକଥା ଅହଂ ଆଦୌ ଦେଖିପାରେ ନାହିଁ; ସେ ଏହୁ ପରଶ୍ମଲନାଟି ବରୁଦ୍ଧରେ ବଦ୍ରୋହୁ କରେ, ଆପଣାର ବଶ୍ୱାସ ହୁସ୍ତଇବସେ, ସାହସ ମଧ୍ୟ ହୁସ୍ତଇବସେ । ଅବଶ୍ୟ ଏହୁସବୁ ଅସମର୍ଥତାର ପ୍ରକୃତରେ ଆଦୌ କୌଣସି ମହୁତ୍ତ୍ୱ ରହୁନ୍ତା ନାହିଁ; କାରଣ ଆମର ଏହୁ ବଦ୍ରୋହୁଘୋଷଣା ଦ୍ୱାର୍ ଭିତରେ ରହୁଥିବା ଦ୍ୱବ୍ୟ ପଥପ୍ରଦର୍ଶକ ଆଦୌ କୌଣସି ପ୍ରକାରେ ଆହୁତ ବା ଅପମାନତ ବୋଧ କରନ୍ତୁ ନାହିଁ, ଆମ ଭିତରେ ବଶ୍ୱାସର ଅଭାବ ରହୁଛୁ ବୋଲ୍ ଆଦୌ ନରୁଷ୍ଟାହୁତ ହୋଇପଡ଼ନ୍ତୁ ନାହିଁ କିଂବା ଆମକୁ ଦୁବଳ ଦେଖି ଉଦାସ ହୋଇ ଲେଉଟି ଯାଆନ୍ତୁ ନାହିଁ । ତାଙ୍କ ଭିତରେ ଜନମାର ସମ୍ପୂର୍ଣ୍ଣ ପ୍ରେମଟି ମହୁଜୁଦ ହୋଇ ରହୁଥାଏ, ଗୁରୁର ସମ୍ପୂର୍ଣ୍ଣ ଧୈର୍ଯ୍ୟଟି ମଧ୍ୟ ପୂର୍ଣ୍ଣ ହୋଇ ରହୁଥାଏ । ମାତ୍ର ତାଙ୍କର ମାର୍ଗଗ୍ମଳନାଟିରୁ ଆପଣାର ସମ୍ପତ୍ତିକୁ ପ୍ରତ୍ୟାହାର କରିଆଣିବା ଦ୍ୱାର୍ ଆମେ ଏଥିରୁ ଆମକୁ ପ୍ରକୃତରେ ଯେଉଁ ଲଭଟି ମିଳିଥାନ୍ତା, ସେଇଟିକୁ ଆଉ ଅନୁଭବ କରିପାରୁ ନାହିଁ । ଅବଶ୍ୟ ଏକଥା ସତ ଯେ ସେହୁ ଲଭର କୌଣସି ନା କୌଣସି ଅଂଶ ଆମକୁ ବସ୍ତୁତଃ ଅବଶ୍ୟ ଉପଲବ୍ଧି ହୋଇଥାଏ, ଏବଂ ତାହାର ଅନ୍ତ୍ୟମ ପରିଣାମଟି କେତେବେଳେ ହେଲେ ନଷ୍ଟ ହୋଇଯାଏ ନାହିଁ । ଏବଂ, ଆମର ଯେଉଁ ନମ୍ନତର ଆତ୍ମସତ୍ତାର ଭୂମିରେ ସେ ଆପଣାର ଆତ୍ମ-ଉନ୍ମୋଚନଟିକୁ ପ୍ରସ୍ତୁତ କରିବାରେ ଲଗିଛନ୍ତି, ଆମେ ସେଇଟିରୁ ଆମର ଉଇଉର ଆତ୍ମାଟିକୁ ଅଲଗା କଣ୍ ବାରପାରୁ ନାହିଁ ବୋଲ୍ ଆମେ ଆପଣାର ସମ୍ପତ୍ତିକୁ ପ୍ରତ୍ୟାହାର କଣ୍ ନେଇଥାଉ । ଏହୁ ଜଗତରେ ସାଧା ହୋଇଥାଏ, ଆମ ନଜ ଭିତରେ ମଧ୍ୟ ଠିକ୍ ସେହୁପରି ଦ୍ୱୈତ; ଅର୍ଥାତ୍ ତାଙ୍କର ଜିଯ୍ୟାପଦ୍ଧତିଟି ଏଠାରେ ଏପରି ହୋଇ ରହୁଥାଏ ଯେ ଆମେ ଏସବୁ କ୍ଷେତ୍ରରେ ତାଙ୍କୁ ଦେଖିବା ଲଗି ଅସମର୍ଥ ହୋଇପଡ଼ୁ । କାରଣ ସେ ଆମର ପ୍ରକୃତିଟିର ମଧ୍ୟଦେଇହିଁ ଆମ ଭିତରେ କାର୍ଯ୍ୟ କରୁଥାନ୍ତୁ ଏବଂ ମନଇଚ୍ଛା ଗୋଟାକ ପରେ ଗୋଟାଏ କଣ୍ ଅଲୌକିକ ଚମତ୍କାରମାନ ଦେଖାଇ ସେ କେବେହେଲେ କାର୍ଯ୍ୟ କରନ୍ତୁ ନାହିଁ । ତାଙ୍କଠାରେ ଆପଣାର ବଶ୍ୱାସଟିକୁ ପ୍ରତିଷ୍ଠିତ କଣ୍ ରଖିପାରିବାକୁ ମନୁଷ୍ୟ ଚମତ୍କାର ଦେଖିବା ଲଗି ଦାବି କରୁଥାଏ; ଦେଖିବାକୁ ସମର୍ଥ ହେବ ବୋଲ୍ କେହୁ ଆସି ଆପଣାର ଚମତ୍କାର ଦେଖାଇ ତା'ର ଆଖିକୁ ଏକାବେଳକେ ଝଲସାଇ ଦେଉ ବୋଲ୍ ସେ ଇଚ୍ଛା ପୋଷଣ କରିଥାଏ । ଏବଂ, ଯଦି ସେହୁ ଦ୍ୱବ୍ୟ ପରଶ୍ମଲନା ବରୁଦ୍ଧରେ ବଦ୍ରୋହୁ କରିବାର ପ୍ରକ୍ରିୟାଟିରେ ଆମେ ଆମର ଆବେଗ ଓ ବାସନାଗୁଡ଼ିକୁ ଅଧିକ ପରିମାଣରେ ସନ୍ତୁଷ୍ଟ କଣ୍ ପାରୁଥିବା ଅନ୍ୟ କୌଣସି ବଭ୍ରାନ୍ତକାରୀ ପ୍ରବଳ ଶକ୍ତିକୁ ଡାକ ନେଇଆସୁ, ତାହାକୁହିଁ ଆମକୁ ବାଟ ଦେଖାଇ ନେଇଯିବାକୁ କହୁ ଓ ତାହାର ଉପରେ ଦ୍ୱବ୍ୟ ନାମର ଆରୋପ କଣ୍ ତାହାକୁହିଁ ଭଗବାନ ବୋଲ୍ ମାନିବାରେ

'oaob.nitrkl.ac.in' images reprocessed

ଲଗିଯାଉ, ତେବେ ଆମର ଏହି ଧୈର୍ଯ୍ୟଶୀଳତା ଏବଂ ଅଜ୍ଞାନତା ଦୁଇଟ ଏକ ବୃହତ୍ ବିପଦ ଓ ସଙ୍କଟର ରୂପ ମଧ୍ୟ ଧାରଣ କରିପାରେ ।

ଆପଣା ଭିତରେ ସାକ୍ଷାତରେ ଦେଖି ନଥିବା କୌଣସି ବସ୍ତୁକୁ ବିଶ୍ୱାସ କରିବା ମନୁଷ୍ୟ ପକ୍ଷରେ ପ୍ରକୃତରେ କଷ୍ଟକର ହୋଇଥାଏ ସତ, ମାତ୍ର କୌଣସି ବସ୍ତୁକୁ ଆପଣା ବାହାରେ ଅଛି ବୋଲି କଳ୍ପନା କରିପାରିଲେ ଏବଂ ସେହିପରି ତାହାର ଏକ ବାହ୍ୟ ପ୍ରତିରୂପ ଗଢ଼ିବାକୁ ସମର୍ଥ ହେଲେ ସେଥିରେ ବିଶ୍ୱାସ କରିବା ତା' ପକ୍ଷରେ ବେଶ୍ ସହଜ ହୋଇଯାଏ । ଅଧିକାଂଶ ମନୁଷ୍ୟ ଆପଣାର ଅଧ୍ୟାତ୍ମ ବିକାଶରେ ଏକ ବାହ୍ୟ ବା ବସ୍ତୁନିଷ୍ଠ ସମର୍ଥନ ବା ଅବଲମ୍ବନ ଖୋଜନ୍ତି, ଅର୍ଥାତ୍ ଆମ ବାହାରେ ରହିଥିବା ଏପରି ଏକ ବସ୍ତୁ ଖୋଜନ୍ତି, ଯାହାକୁ କି ସେମାନେ ବିଶ୍ୱାସ କରିପାରିବେ । ସେମାନେ ପରମ ଭଗବାନଙ୍କର ଏକ ବାହ୍ୟ ପିତୁଳା ବା ପ୍ରତିରୂପ ଖୋଜିଥାନ୍ତି, ଅଥବା ତାଙ୍କର ଏକ ମାନବୀୟ ପ୍ରତିନିଧି,—ଅର୍ଥାତ୍ ଏକ ଅବତାର, ଈଶ୍ୱରଦୂତ ବା ଗୁରୁଙ୍କର ଆବଶ୍ୟକତା ଅନୁଭବ କରନ୍ତି । ଅଥବା ସେମାନେ ବେଳେବେଳେ ଦୁଇଟିଯାକକୁ ଖୋଜନ୍ତି ଏବଂ ଦୁଇଟିଯାକକୁ ପାଆନ୍ତି । କାରଣ ମନୁଷ୍ୟାତ୍ମାର ଆବଶ୍ୟକତା ଅନୁସାରେ ପରମ ଦ୍ରବ୍ୟସତ୍ତା ଆପଣାକୁ ଦେବତା, ମାନବରୂପୀ ଦିବ୍ୟ ମୂର୍ତ୍ତି ଅଥବା ସିଦ୍ଧାତ୍ମାଲୋକ ମନୁଷ୍ୟରୂପରେ ଅଭିବ୍ୟକ୍ତ ବି କରି-ଥାଅନ୍ତି; ଆପଣାର ପଥପ୍ରଦର୍ଶନକୁ ସମ୍ଭାବିତ କରିପାରିବା ଲାଗି ତାହାର ଏକ ସାଧନସ୍ୱରୂପ ସେ ସେହିଭଳି ଏକ ଘନ ଓ ସ୍ଥୂଳ ଚିଦ୍‌ରୂପ ଗ୍ରହଣ କରିନଥାନ୍ତି ଓ ବଡ଼ ସଫଳ ଭାବରେ ତାହାର ମଧ୍ୟରେ ଆପଣାର ପରମ ଦେବତ୍ୱକୁ ଲୁଚାଇ ରଖିଥାନ୍ତି ।

ଇଷ୍ଟଦେବତା, ଅବତାର ଓ ଗୁରୁର କଳ୍ପନା ଦ୍ୱାରା ହିନ୍ଦୁ ଅଧ୍ୟାତ୍ମସାଧନା ଆତ୍ମାର ଏହି ଆବଶ୍ୟକତାଟିର ପୂରଣ କରିବାର ଏକ ପ୍ରୟାସ କରିଛି । ଇଷ୍ଟଦେବତା କହିଲେ ଏଠାରେ କୌଣସି ନ୍ୟୂନତର ଦେବଶକ୍ତିକୁ ଆଦୌ ବୁଝାଉ ନାହିଁ, ମାତ୍ର ସେହି ବିଶ୍ୱାତୀତ ଏବଂ ବିଶ୍ୱମସ୍ତ ପରମଦେବତାଙ୍କର ଏକ ନାମ ତଥା ରୂପକୁ ବୁଝାଉଛି । ପ୍ରାୟ ପ୍ରତ୍ୟେକ ଧର୍ମରେ ପରମ ଦିବ୍ୟତାର ଏହିପରି ଏକ ନାମ ଓ ରୂପକୁ ଆପଣାର ମୂଳଭୂମିରୂପେ ଗ୍ରହଣ କରିଯାଇଛି ଅଥବା କୌଣସି ନା କୌଣସି ପ୍ରକାରେ ବ୍ୟବହାର କରିଯାଇଛି । ମନୁଷ୍ୟର ଆତ୍ମା ଲାଗି ଏହାର ଯେ ଏକ ପ୍ରୟୋଜନ ରହିଛି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ପରମେଶ୍ୱର ହେଉଛନ୍ତି ସବୁକିଛି, ସେ ଏହି ସବୁକିଛିଠାରୁ ମଧ୍ୟ ଆହୁରି ଅଧିକ । ମାତ୍ର ଯିଏ ସବୁକିଛିଠାରୁ ମଧ୍ୟ ଅଧିକ, ମନୁଷ୍ୟ ତାଙ୍କୁ କପରି ଭାବରେ କଳ୍ପନା କରିପାରିବ ? ଏବଂ ଏହି ସବୁକିଛିକୁ ମଧ୍ୟ ଆପଣାର ବୋଧରେ ଧରିପାରିବା ତା' ଲାଗି ପ୍ରଥମେ ବଡ଼ କଠିନ ହୋଇପଡ଼େ; କାରଣ ସେ ନିଜେ ଆପଣାର ନିସ୍ୱାର୍ଣୀଳ ଚେତନା-ଭୂମିରେ କେବଳ ଏକ ଅତିସୀମିତ ଓ ନିମ୍ନାଭିମୁଖୀ ରୂପାୟନ ହୋଇ ରହିଥାଏ,

'oaob.nitrkl.ac.in' images reprocessed

ଏବଂ ତା' ଆପଣାର ସୀମାବଦ୍ଧ ପ୍ରକୃତିର ସମସ୍ତସ୍ତ ସ୍ତରରେ ଯାହାକିଛୁ ଅବସ୍ଥିତ ଥାଏ, ସେ କେବଳ ତାହାର ଲଗିହିଁ ଆପଣାକୁ ଉନ୍ମୋଚିତ କରି ଦେଇପାରେ । ସେହି ପରମ ଓ ସବୁକିଛୁ ମଧ୍ୟରେ ଏଭଳି ଅନେକ ବସ୍ତୁ ରହିଥାଏ ଯାହାକି ତାହା ଲଗି ଅତ୍ୟନ୍ତ ଦୁର୍ବୋଧ୍ୟ ଥାଏ ଅଥବା ତା'ର ଗ୍ରହଣଶୀଳ ଫବେଗ ଏବଂ ଭସ୍ୱାକୁଳ ଇନ୍ଦ୍ରିୟବୋଧଗୁଞ୍ଜକ ସକାଶେ ଅତି ଭସ୍ୱଙ୍କର ବୋଲି ବୋଧ ହେଇଥାଏ । ଏବଂ ସ୍ପଷ୍ଟ କଥା କହିବାକୁ ଗଲେ, ତା'ର ଅଜ୍ଞାନାଚ୍ଛନ୍ନ ଓ ଖଣ୍ଡିତ କଳ୍ପନାଗୁଡ଼ିକର ଅତିରକ୍ତ ସ୍ତରରେ ବୁଦ୍ଧ ବାହାରେ ରହିଥିବା କୌଣସି ଏକ ବସ୍ତୁକୁ ସେ ପରମ ଦ୍ରବ୍ୟତା ବୋଲି କଳ୍ପନାହିଁ କରିପାରେ ନାହିଁ, ତା'ର ଧାରକ୍ଷବର୍ତ୍ତୀ ହୋଇପାରେ ନାହିଁ ବା ତାହାକୁ ସେହିପରି ସ୍ତରରେ ସ୍ୱୀକାର କରିନେଇ ପାରେ ନାହିଁ । ତେଣୁ, ତା'ର ଆପଣା ପ୍ରତିରୂପଟି ଦେଇ, ଅଥବା ତାହାର ଅଷ୍ଟାତ ହୋଇ ରହିଥିବା ଅଥଚ ତାହାର ଇଚ୍ଛତମ ପ୍ରକୃତିଗୁଡ଼ିକ ସହିତ ସାଦୃଶ୍ୟ ରଖିଥିବା ଏବଂ ତା'ର ଅନୁଭୂତି କିଂବା ବୁଦ୍ଧିର ପରିସ୍ପର୍ଶ ଭିତରେ ରହିଥିବା କୌଣସି ନା କୌଣସି ରୂପରେହିଁ ପରମେଶ୍ୱରଙ୍କୁ କଳ୍ପନା କରିବା ତା' ଲଗି ଏକାନ୍ତ ଆବଶ୍ୟକ ହୋଇ ରହିଥାଏ । ତା' ନହେଲେ ପରମ ଦ୍ରବ୍ୟ ସମ୍ବନ୍ଧିତ ସହିତ କୌଣସି ପ୍ରକାର ସମ୍ପର୍କ ଅଥବା ସଂଯୋଗସ୍ଥାପନରେ ଆସିବା ତା' ଲଗି ବଡ଼ କଷ୍ଟକର ହୋଇ ପଡ଼ିଥାନ୍ତା ।

ମାତ୍ର ତା'ର ପ୍ରକୃତ ଭଥାପି ଏକ ମନୁଷ୍ୟଦେହଧାରୀ ମଧ୍ୟବର୍ତ୍ତୀ ଈଶ୍ୱର-ପ୍ରତିନିଧିର ଆବଶ୍ୟକତା ରହିଥାଏ, ଯେପରିକ ସେ ସେହି ପରମ ଦ୍ରବ୍ୟତାକୁ ତା'ର ଆପଣା ମାନବୀୟତାର ସମ୍ପର୍କୀୟ ସନ୍ନିକଟ ହୋଇ ରହିଥିବା କୌଣସି ଏକ ବସ୍ତୁରେ ଅନୁଭବ କରିପାରିବ, ଏକ ମାନବୀୟ ପ୍ରଭୁତ୍ୱ ଓ ମାନବୀୟ ଦୃଷ୍ଟାନ୍ତରେ ସେ ତା'ର ବୋଧଗମ୍ୟ ହୋଇ ରହିପାରିବ । ତା'ର ସେହି ଆବଶ୍ୟକତାଟି ପରମ ଦ୍ରବ୍ୟସତ୍ତ୍ୱାର ମନୁଷ୍ୟାକୃତି ହେବା ଅର୍ଥାତ୍ କୃଷ୍ଣ, ଖ୍ରୀଷ୍ଟ ବା ବୁଦ୍ଧଙ୍କ ପରି ଏକ ଅବତାର ଗ୍ରହଣ କରିବାରେହିଁ ପରିତୃପ୍ତ ହୋଇଥାଏ । ଅଥବା, ଯଦି ଏଇଟା ମଧ୍ୟ ତା' ଲଗି ଭଥାପି ଅତ୍ୟନ୍ତ ଅବୋଧ୍ୟ ହୋଇ ରହେ, ତେବେ ତା' ଲଗି ପରମ ଦ୍ରବ୍ୟ ଭତ୍ତ୍ୱ ଆପଣାକୁ ଜଣେ ଅପେକ୍ଷାକୃତ କମ୍ ଚମତ୍କାରତାପୂର୍ଣ୍ଣ ମଧ୍ୟବର୍ତ୍ତୀ ପ୍ରତିନିଧିର ମାଧ୍ୟମରେ ଅର୍ଥାତ୍ ଜଣେ ଧର୍ମଦୂତ ବା ଗୁରୁଙ୍କ ମଧ୍ୟଦେଇ ତା' ପାଖରେ ଆବିର୍ଭୂତ ହୋଇଥାନ୍ତି । ଯେଉଁମାନେ ପରମ ଦ୍ରବ୍ୟ ମନୁଷ୍ୟର ଏକ କଳ୍ପନା କରିବାକୁ ସମର୍ଥ ହୁଅନ୍ତି ନାହିଁ ଅଥବା ସେଥିଲଗି ଅନଚ୍ଛୁକ ହୋଇ ରହିଥାନ୍ତି, ସେମାନେ ହୁଏତ ଜଣେ ସର୍ବୋଚ୍ଚ ମନୁଷ୍ୟକୁ ଆପଣାର ସ୍ୱୀକୃତି ଦେବା ଲଗି ସମ୍ଭତ ହୋଇଥାନ୍ତି; ତାକୁ ସେମାନେ ଅବତାର ବୋଲି କହିନ୍ତି ନାହିଁ ସତ, ମାତ୍ର ବିଶ୍ୱଗୁରୁ ଅଥବା ଭଗବତ୍ପ୍ରତିନିଧି ପ୍ରଭୃତି ନାମଦେଇ ତାହାକୁ ଡାକିବାରେ ଲଗିଥାନ୍ତି ।

'oaob.nitrkl.ac.in' images reprocessed

ତଥାପି ଏତତ୍ ବ ଯଥେଷ୍ଟ ନୁହେଁ; କାରଣ ଏକ ଜୀବନ୍ତ ପ୍ରଶ୍ନବ, ଏକ ଜୀବନ୍ତ ଦୃଷ୍ଟାନ୍ତ ଏବଂ ଏକ ପ୍ରତ୍ୟକ୍ଷ ଉପଦେଶ ପାଇଁ ମଧ୍ୟ ଆବଶ୍ୟକତା ରହିଥାଏ । କାରଣ ଏପରି ଲୋକ ସବୁବେଳେ ଖୁବ୍ ଅଳ୍ପ ସଂଖ୍ୟାରେ ରହିଥାନ୍ତି, ଯେଉଁମାନେ କ ଅନ୍ତତର କୌଣସି ଗୁରୁ ଓ ତାଙ୍କର ଉପଦେଶକୁ ଏବଂ ଅନ୍ତତର କୌଣସି ଅବତାର ଓ ତାଙ୍କର ଦୃଷ୍ଟାନ୍ତ ତଥା ପ୍ରଶ୍ନଟିକୁ ଆପଣାର ଜୀବନରେ ଏକ ଜୀବନ୍ତ ଉତ୍ତପ୍ରେରକରେ ପରିଣତ କରିବାକୁ ସମର୍ଥ ହୁଅନ୍ତି । ଏହି ଆବଶ୍ୟକତାଟିର ପରିପୂରଣ ଲାଗି ହିନ୍ଦୁସାଧନା ଗୁରୁ-ଶିଷ୍ୟ ସମ୍ପର୍କର ବ୍ୟବସ୍ଥାଟିକୁ ରଖିଯାଇଛୁ । ଏହି ଗୁରୁ କେତେବେଳେ ଏକ ଅବତାର ହୋଇପାରନ୍ତି, ପୁଣି କେତେବେଳେ ଜଣେ ବଶ୍ୱଗୁରୁ ବ ହୋଇପାରନ୍ତି; ମାତ୍ର ଏହା ସବୁବେଳେ ଅତ୍ୟାବଶ୍ୟକ ଯେ ସେ ଶିଷ୍ୟ ଲାଗି ଦିବ୍ୟ ପ୍ରଜ୍ଞାରହିଁ ପ୍ରତିନଧି ହୋଇ ରହିବେ, ତା' ଲାଗି ଦିବ୍ୟ ଆଦର୍ଶର କୌଣସି ନା କୌଣସି ରୂପକୁ ବହନ କରି ଆଣିପାରିବେ ଅର୍ଥାତ୍ ସେହି ପରମ ଶାଶ୍ୱତଙ୍କ ସହିତ ମନୁଷ୍ୟାତ୍ମାର ଉପଲବ୍ଧି ସମ୍ବନ୍ଧଟିକୁ ଅନୁଭବ କରିପାରିବା ଲାଗି ତାକୁ ସମର୍ଥ କରି ରଖିବେ ।

ଆପଣାର ପ୍ରକୃତିଟି ଅନୁସାରେ ପୂର୍ଣ୍ଣଯୋଗର ସାଧକ ଏହି ସବୁପାକ ସାଧନର ଉପଯୋଗ କରିବ । ମାତ୍ର ଏକଥାଟି ଏକାନ୍ତ ଆବଶ୍ୟକ ଯେ ସେ ସେହି ସାଧନଗୁଡ଼ିକର ସାବପାତ୍ୟ ସୀମାବଦ୍ଧତାକୁ ବର୍ଜନ କରି ରଖିଥିବ; ଏବଂ ଅହଂଗ୍ରସ୍ତ ମନର ସେହି ଯେଉଁ ବହୁଷ୍କାରଧର୍ମୀ ପ୍ରବୃତ୍ତିଟି "ମୋ ଭଗବାନ, ମୋ ଅବତାର, ମୋ ଧର୍ମଦୂତ, ମୋ ଗୁରୁ" ବୋଲି ଚତ୍କାର କରୁଥାଏ ଏବଂ ଏକ ସମ୍ପ୍ରଦାୟଗତ ଅଥବା ମତାନ୍ଧ ଉତ୍ତତ୍ତ୍ୱବ ନେଇ ଆପଣା ଉପଲବ୍ଧିଟିକୁ ଅନ୍ୟ ସକଳ ଉପଲବ୍ଧିର ବରୋଧୀ କରି ରଖିଥାଏ, ସେ ସେହି ପ୍ରବୃତ୍ତିଟିକୁ ଆପଣାଠାରୁ କାଢ଼ି ଦୂରକୁ ଫିଙ୍ଗିଦେବ । ଅର୍ଥାତ୍, ସକଳ ପ୍ରକାର ସମ୍ପ୍ରଦାୟଗତତା ଏବଂ ଉତ୍ର ମତାନ୍ଧତାରୁ ତାକୁ ଅଲଗା ହୋଇ ରହିବାକୁ ପଡ଼ିବ; କାରଣ ଯଥାର୍ଥ ଭଗବତ୍ ଉପଲବ୍ଧିର ସମଗ୍ରତାଟି ସହିତ ଏହାର କୌଣସି ସହାବସ୍ଥାନ କଦାପି ସମ୍ଭବ ହେବ ନାହିଁ ।

ବରଂ ଅନ୍ୟ ପକ୍ଷରେ, ଆପଣାର ସ୍ୱକୀୟ କଳ୍ପନାଟି ମଧ୍ୟରେ ପୂର୍ଣ୍ଣଯୋଗର ସାଧକ ଯେପର୍ଯ୍ୟନ୍ତ ପରମ ଦେବତାଙ୍କର ଅନ୍ୟ ସକଳ ନାମ ତଥା ରୂପକୁ ଅନ୍ତର୍ଭୁକ୍ତ କରି ନରଖିଛୁ, ଅନ୍ୟ ସକଳ ଦେବତାଙ୍କ ମଧ୍ୟରେ ଆପଣା ଇଷ୍ଟଦେବତାଙ୍କର ଉପସ୍ଥିତିକୁ ଅନୁଭବ ନକରୁଛୁ, ଅବତାରରୂପେ ଏଠାକୁ ଅବତରଣ କରି ଆସିଥିବା ସେହି ପରମ ଭଗବାନଙ୍କର ଏକତ୍ୱଟି ମଧ୍ୟରେ ସକଳ ଅବତାରଙ୍କୁ ଏକଜ ଗୁଡ଼ି ନରଖି ପାରୁଛୁ ଏବଂ ଶାଶ୍ୱତ ପରମ ପ୍ରଜ୍ଞାର ସବସମଞ୍ଜସତା ମଧ୍ୟରେ ସବବାଧ ଧର୍ମବାଣୀରେ ରହିଥିବା ସତ୍ୟକୁ ସମିଳିତ କରି ନଦେଇଛୁ, ସେପର୍ଯ୍ୟନ୍ତ ସେ କଦାପି ପୂର୍ଣ୍ଣ ସନ୍ତୋଷ ଲାଭ କରିପାରିବ ନାହିଁ ।

'oaob.nitrkl.ac.in' images reprocessed

ତା'ର ଆତ୍ମାକୁ ତାହାର ଭିତରେ ବଜ୍ରଜ ରହିଥିବା ପରମ ଦିବ୍ୟସତ୍ତ୍ୱାଙ୍କ ସଙ୍ଗକୁ ଜାଗୃତ କରଦେବା ଲଗିହିଁ ଯେ ଏହିସବୁ ଯାବତୀୟ ବାହ୍ୟ ସହାୟକ ଓ ସାଧନ ଉଦ୍ଦିଷ୍ଟ ହୋଇ ରହିଛନ୍ତି, ସେ ଏକଥାଟି ମଧ୍ୟ କଦାପି ଭୁଲିଯିବ ନାହିଁ । ଏହି ଜାଗୃତିଟି ଉପଲବ୍ଧି ନହୋଇଥିବା ପର୍ଯ୍ୟନ୍ତ ପ୍ରକୃତରେ କିଛିହେଲେ ଉପଲବ୍ଧି ହୋଇପାରି ନାହିଁ ବୋଲି ସ୍ୱୀକାର କରିବାକୁ ହେବ । ଯଦି ଆମର ଅନ୍ତର ଭିତରେ କୃଷ୍ଣ, ଖ୍ରୀଷ୍ଟ ବା ବୁଦ୍ଧଙ୍କର ଆତ୍ମୋଦ୍‌ଘାଟନ ଅଥବା ରୂପାୟନ ଘଟି ନଥାଏ, ତେବେ ବାହାରେ କୃଷ୍ଣ, ଖ୍ରୀଷ୍ଟ କିମ୍ବା ବୁଦ୍ଧଙ୍କର ଉପାସନା କେବେହେଲେ ଯଥେଷ୍ଟ ହେବ ନାହିଁ । ଏବଂ ଏସବୁ ବ୍ୟତୀତ ଆଉ ଯେତେସବୁ ସହାୟକ ରହିଛନ୍ତି, ସେମାନଙ୍କର ମଧ୍ୟ ଏଇଟିକୁ ଛାଡ଼ି ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ; ମନୁଷ୍ୟର ଏହି ଅଦୀକ୍ଷିତ ଓ ଅରୂପାନ୍ତରିତ ସ୍ଥିତି ଏବଂ ତାହାର ଭିତରେ ପରମ ଦିବ୍ୟସତ୍ତ୍ୱାଙ୍କର ଆତ୍ମୋଦ୍‌ଘାଟନ ମଧ୍ୟରେହିଁ ସେମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ସଂଯୋଜକ ସେତୁ ହୋଇ ରହିଛନ୍ତି ।

❋

ଆମ ଭିତରେ ଯେଉଁ ପରମଗୁରୁ ବଜ୍ରଜଭାବେ ରହିଛନ୍ତି, ପୂର୍ଣ୍ଣଯୋଗର ଗୁରୁ ଯଥାସମ୍ଭବ ତାଙ୍କର ପଦ୍ଧତିକୁହିଁ ଅନୁସରଣ କରିବେ । ଶିଷ୍ୟର ଆପଣା ପ୍ରକୃତିର ମଧ୍ୟଦେଇ ସେ ଶିଷ୍ୟକୁ ବାଟ ଦେଖାଇ ନେଇଯିବେ । ଶିକ୍ଷାଦାନ, ଦୃଷ୍ଟାନ୍ତ ଓ ପ୍ରଶ୍ନବଚ;—ଏହିସବୁହିଁ ଗୁରୁର ଜନ୍ମ ସାଧନ ହୋଇ ରହିଥାଏ । ମାତ୍ର କୌଣସି ବିବେଚନା ଓ ପ୍ରଚ୍ଛନ୍ନଶୀଳ ଗୁରୁ ଏକ ଗ୍ରହଣଶୀଳ ମନର ନିମ୍ନ ଉତ୍ସେଧ ସ୍ୱୀକୃତ ଉପରେ ଆପଣାକୁ ଅଥବା ଆପଣାର ମତଗୁଡ଼ାକୁ ନେଇ ଲାଦି ଦେବା ଲଗି କଦାପି ମନ ବଳାଇବେ ନାହିଁ । କେବଳ ଯାହା ଉତ୍ପାଦନସମର୍ଥ ହୋଇ ରହିଥିବ ଏବଂ ଏପରି ଏକ ନିଶ୍ଚିତ ସ୍ୱାଜ ହୋଇ ରହିଥିବ ଯାହାକି ଶିଷ୍ୟ ମଧ୍ୟରେ ଏକ ଦିବ୍ୟ ଲାଳନ ଦ୍ୱାରା ଅଙ୍କୁରିତ ହୋଇ ଉଠିପାରିବ, ସିଏ କେବଳ ସେଭଳି ନିକ୍ଷେପ କରିବାର ଆଗ୍ରହ ରଖିଥିବେ । ଶିକ୍ଷାଦେବା ଅପେକ୍ଷା ସେ ତା'ଠାରୁ ଅନେକ ଗୁଣ ଅଧିକ ପରିମାଣରେ ଜାଗୃତ କରିଦେବାରହିଁ ଆଗ୍ରହ ରଖିଥିବେ । ଏକ ସ୍ୱାଭାବିକ ପ୍ରତିକ୍ରିୟା ଏବଂ ମୁକ୍ତ ପ୍ରସାରଣର ଦ୍ୱାରା ଶିଷ୍ୟର ବୃତ୍ତି ଓ ଅନୁଭୂତିଗୁଡ଼ାକ ଯେପରି ବିକଶିତ ହୋଇ ଉଠିପାରିବ, ତାହାହିଁ ଗୁରୁଙ୍କର ଉଦ୍ଦେଶ୍ୟ ହୋଇ ରହିବ । ଯେକୌଣସି ପଦ୍ଧତିକୁ ସେ ଏକ ସହାୟକ ଭାବରେହିଁ ଆଣି ଯୋଗାଇ ଦେବେ, କାମରେ ଲଗିଲା ଭଳି ଏକ ସାଧନରୂପେ ତାହାକୁ ଯୋଗାଇ ଦେବେ; ମାତ୍ର ତାହାକୁ ଏକ ଅବଶ୍ୟ-ପାଳନୀୟ ଅଲଂଘ୍ୟ ସୂତ୍ର ଅଥବା ଏକ ଅପରିବର୍ତ୍ତନୀୟ ରୁଢ଼ିନିୟମରୂପେ ଆଣି ଲାଦି ଦେବେ ନାହିଁ । ଏବଂ ଏହିସବୁ ସାଧନ ତଥା ସହାୟକ ଯେପରି କୌଣସି ପ୍ରକାରେ

'oaob.nitrkl.ac.in' images reprocessed

ଗୋଟିଏ ଗୋଟିଏ ସୀମା ବା ବାଡ଼ରେ ପରିଣତ ହୋଇ ନଯାଏ, ସମସ୍ତ ପ୍ରତିଯୋଗିତା ଯେପରି ଏକ ଯାନ୍ତ୍ରିକତାରେହିଁ ପର୍ଯ୍ୟବସିତ ହୋଇ ନରହେ, ସେ ସେଥିଲାଗି ସବୁଦା ସତର୍କ ରହିଥିବେ। ଦ୍ରବ୍ୟ ଆଲୋକଟିକୁ ଜାଗ୍ରତ କରାଇଦେବା ଏବଂ ଦ୍ରବ୍ୟ ଶକ୍ତିର କାର୍ଯ୍ୟଟିକୁ ଆରମ୍ଭ କରଦେବାହିଁ ତାଙ୍କର ସମୁଦାୟ ଓ ଏକମାତ୍ର କାର୍ଯ୍ୟ ହୋଇ ରହିଥିବ; ଏବଂ କେବଳ ସେଇଥି ଲାଗିହିଁ ସେ ନିଜେ ମଧ୍ୟ ଏକ ସାଧନ ଓ ଏକ ସହାୟକ ହୋଇ ରହିଥିବେ, ଏକ ଆଧାର ଏବଂ ଏକ ମାର୍ଗ ହୋଇ ରହିଥିବେ।

ସାବଯ୍ତ ଶିକ୍ଷାଠାରୁ ଦୃଷ୍ଟାନ୍ତ ହେଉଛି ଅଧିକ ଶକ୍ତିଶାଳୀ; ମାତ୍ର ଏଠାରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ କହିଲେ ବାହ୍ୟାଚରିତ କର୍ମ ଅଥବା ବ୍ୟକ୍ତିଗତ ଚରିତ୍ରର ଦୃଷ୍ଟାନ୍ତକୁ ଆଦୌ ବୁଝାଇବ ନାହିଁ। ଏସବୁ ଲାଗି ସେଗୁଡ଼ିକର ସ୍ୱଳ୍ପସ୍ୱ ସ୍ଥାନ ଓ ସ୍ୱଳ୍ପସ୍ୱ ପ୍ରୟୋଜନ ଅବଶ୍ୟ ରହିଛି; ମାତ୍ର ଗୁରୁର ଅନ୍ତର ଭିତରେ ଯେଉଁ ଦ୍ରବ୍ୟ ଉପଲବ୍ଧିଟି ତା'ର ସମୁଦାୟ ଜୀବନ, ତା'ର ଅନ୍ତର୍ଗତ ସ୍ଥିତି ଏବଂ ତାହାର ସାବଯ୍ତ କିସ୍ମକୁ ନିରୂପିତ ଏବଂ ନିୟନ୍ତ୍ରିତ କରି ରଖିଥିବ, ସେହି ସଂମୂଳ କଥାଟିହିଁ ଅନ୍ୟମାନଙ୍କ ଭିତରେ ସବୁଠାରୁ ଅଧିକ ଶକ୍ତିଶାଳୀ ଭାବରେ ଯଥାର୍ଥ ଆକାଙ୍କ୍ଷାଟିକୁ ପ୍ରେରିତ କରି ଆଣିପାରିବ। ଏହି ଉପାଦାନଟିକୁହିଁ ଆମେ ସାଂଜଜୀନ ଏବଂ ଅସଲ ଉପାଦାନ ବୋଲି ମାନିବା; ଆଉସବୁ କେବଳ ବ୍ୟକ୍ତିବଶେଷଟିରହିଁ ସାପେକ୍ଷ ହୋଇ ରହିଥାଏ ତଥା ପରିବେଶର ସାପେକ୍ଷ ହୋଇ ରହିଥାଏ। ପ୍ରତ୍ୟେକ ସାଧକ ଏହି ଗତ୍ୟାତ୍ମକ ଉପଲବ୍ଧିଟିକୁହିଁ ଅନୁଭବ କରିବାକୁ ସମର୍ଥ ହେବ ଏବଂ ଆପଣାର ପ୍ରକୃତ ଅନୁସାରେ ତାହାକୁ ଆପଣା ଭିତରେ ମଧ୍ୟ ଜନ୍ମ ଦେଇପାରିବ। ବାହାରୁ କୌଣସି ପଦାର୍ଥର ଅନୁକରଣ କରିବା ଲାଗି ଚେଷ୍ଟା କରିବାର ତା' ଲାଗି ଆଦୌ କୌଣସି ଆବଶ୍ୟକତା ନାହିଁ; କାରଣ ଏପରି ଅନୁକରଣଚେଷ୍ଟା ହୁଏତ ତା'ର ଆପଣା ଭୂମିଟିର ସୃଜନସାମର୍ଥ୍ୟଟିକୁ ଏକାବେଳକେ ବିନଷ୍ଟ କରିଦେବ ଏବଂ ସେଥିରେ ଯଥାର୍ଥ ତଥା ସ୍ୱାସ୍ଥ୍ୟକର ଫଳଗୁଡ଼ିକ ଲାଗି ଆଉ କୌଣସି ସମ୍ଭାବନାହିଁ ରହିବ ନାହିଁ।

ଦୃଷ୍ଟାନ୍ତ ଅପେକ୍ଷା ପ୍ରଭାବ ଆହୁରି ଶକ୍ତିଶାଳୀ। ଶିଷ୍ୟ ଉପରେ ଗୁରୁର ବାହ୍ୟ କର୍ତ୍ତୃତ୍ୱକୁ ଆମେ ଏଠାରେ ପ୍ରଭାବ ବୋଲି କହିବା ନାହିଁ; ଏହାକୁ ଆମେ ତାଙ୍କ ସଂସ୍ପର୍ଶର ପ୍ରଭାବ ବୋଲି କହିବା, ତାଙ୍କ ସାନ୍ନିଧ୍ୟର ପ୍ରଭାବ ବୋଲି କହିବା; ଆଉ ଜଣକର ଆତ୍ମାଟି ଲାଗି ତାଙ୍କ ଆତ୍ମାର ନୈକଟ୍ୟ ବୋଲି କହିବା, ଯାହାଦ୍ୱାରା କି କୌଣସି କୋଳାହଳ ନକର ମଧ୍ୟ ସେ ଆପଣାର ସତ୍ତ୍ୟପରିସୃଷ୍ଟିକୁ ଓ ଆପଣାର ସକଳ ଧନକୁ ସେଇଟି ମଧ୍ୟରେ ଅନ୍ତଃସଞ୍ଚାରିତ କରିଦେଇପାରନ୍ତି। ଏହାହିଁ ଗୁରୁର ସର୍ବୋତ୍କୃଷ୍ଟ ଲକ୍ଷଣ। କାରଣ ସର୍ବୋତ୍ତମ କୋଚର ଗୁରୁ ଜଣେ ଶିକ୍ଷାଦାତାରୁପେ ଅବସ୍ଥିତ ରହିବା ଅପେକ୍ଷା ଏକ ସାନ୍ନିଧ୍ୟରୂପେହିଁ ବିଦ୍ୟମାନ ରହିଥାଆନ୍ତି; ଏବଂ

'oaob.nitrkl.ac.in' images reprocessed

ତାଙ୍କର ଗୁରୁ ପାଖରେ ଯେଉଁମାନେ ଆପଣାକୁ ଗ୍ରହଣଶୀଳ କରି ରଖିଥାନ୍ତି, ସେହିମାନଙ୍କ ମଧ୍ୟକୁ ସେହି ଦିବ୍ୟ ଚେତନା ଓ ତାହାର ଅନ୍ତର୍ଗତ ଆଲୋକ, ସାମର୍ଥ୍ୟ, ଶୁଦ୍ଧତା ତଥା ଆନନ୍ଦକୁ ସହଜ ଅଜାଡ଼ି ଦେବାରେହିଁ ଲଗିଥାନ୍ତି ।

ପୂର୍ଣ୍ଣଯୋଗର ଗୁରୁ ମନୁଷ୍ୟସୁଲଭ ଏକ ଦମ୍ଭପୂର୍ଣ୍ଣ ଓ ଆତ୍ମଶ୍ଳାଘୀ ଭାବରେ ଆପଣା ଲଗି ଯେ ଗୁରୁପଣର କଦାପି ଦାବି କରିବାକୁ ସିବେ ନାହିଁ, ଏଇଟି ମଧ୍ୟ ତାଙ୍କୁ ଚିହ୍ନିବାର ଗୋଟିଏ ଲକ୍ଷଣ ହୋଇ ରହିବ । ଯଦି ତାଙ୍କର ଆଦୌ କୌଣସି କର୍ମ ରହିଥିବ, ତେବେ ତାହା ଉପରୁ ଆଦିଷ୍ଟ ହୋଇ ଆସିଥିବା ଏକ କର୍ମରୂପେ ତାଙ୍କ ଉପରେ ନ୍ୟସ୍ତ ହୋଇ ରହିଥିବ; ଏବଂ ସେ ନଜେ ସେହି କର୍ମର ଏକ ମାର୍ଗ, ଏକ ପାନ୍ଥ ବା ଜଣେ ପ୍ରତିନିଧିମାନ ହୋଇ ରହିଥିବେ । ସେ ଆଯଣାର ସହଚର ଭାଇ-ମାନଙ୍କର ସହାୟକରୂପେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତ ହୋଇ ରହିଥିବେ, ଆଉର ଅନେକ ପିଲାଙ୍କୁ ବାଟ ଦେଖାଇ ନେଉଥିବା ଜଣେ ପିଲା ହୋଇ ରହିଥିବେ, ଗୋଟିଏ ଆଲୋକରୂପେ ଆଉର ଅନେକ ଆଲୋକକୁ ଜଳାଇ ଦେଉଥିବେ, ଏକ ଜାଗ୍ରତ ଆତ୍ମାରୂପେ ଅନେକ ଆତ୍ମାକୁ ଜାଗ୍ରତ କରି ଦେଉଥିବେ; ଏବଂ ଖୁବ୍ ବେଶୀ ହେଲେ, ସେହି ପରମ ଦିବ୍ୟ ସତ୍ତାରହିଁ ଏକ ସାମର୍ଥ୍ୟ ବା ସାନ୍ନିଧ୍ୟରୂପେ ଅବସ୍ଥିତ ରହି ସେ ଆପଣା ପାଖକୁ ସେହି ଦିବ୍ୟତାର ଅନ୍ୟ ସାମର୍ଥ୍ୟ ଓ ଶକ୍ତିରୂପମାନଙ୍କୁହିଁ ଆବାହନ କରି ଆଣୁଥିବେ ।

*

ଯେଉଁ ସାଧକଙ୍କ ପାଖରେ ଏହି ସକଳ ସହାୟକ ସମ୍ବଳ ରହିଛି, ସେ ନିଶ୍ଚୟ ଆପଣାର ଲକ୍ଷ୍ୟଟିରେ ଯାଇ ଉପନୀତ ହୋଇପାରିବେ । ଏପରିକ ଏହି ସାତାରେ ଏକ ପହନ ମଧ୍ୟ ତାଙ୍କ ଲଗି ପୁନର୍ବାର ଉଠି ବାଟ ଗୁଲିବାର ଏକ ସାଧନରୂପେ କାର୍ଯ୍ୟ କରିବ ଏବଂ ମୃତ୍ୟୁ ମଧ୍ୟ ପରିପୂର୍ଣ୍ଣତା ଆଡ଼କୁ ପରିସ୍ଫଳିତ କରି ନେଇଯାଉଥିବା ଏକ ମାର୍ଗ ପରି କାର୍ଯ୍ୟ କରିବ । କାରଣ ଥରେ ଆପଣା ପଥଟିରେ ପ୍ରସ୍ତୁତ ହୋଇ ବାହାରପଡ଼ିଲେ, ଜନ୍ମ ତଥା ମୃତ୍ୟୁ ତାଙ୍କର ସତ୍ତାର ପରିଣତିଦ୍ୟମରେ କେବଳ ଗୋଟିଏ ଗୋଟିଏ ପ୍ରକ୍ରିୟାହିଁ ହୋଇ ରହିବ, ତାଙ୍କ ମାର୍ଗରେ ଗୋଟିଏ ଗୋଟିଏ ସୋପାନ ହୋଇ ରହିବ ।

ଏହି ପ୍ରକ୍ରିୟାଟିକୁ ଫଳପ୍ରଦ କରିବା ଲଗି କାଳ ହେଉଛି ଆମର ଚତୁର୍ଥ ସାଧନ । ମନୁଷ୍ୟର ପ୍ରଯ୍ନାସକ୍ଷେତ୍ରରେ କାଳ ଏକ ଶତ୍ରୁରୂପେ ଅଥବା ଏକ ବନ୍ଧୁରୂପେ ଆସି ଉପସ୍ଥିତ ହୋଇଥାଏ; ଏକ ପ୍ରତିରୋଧରୂପେ, ଏକ ମାଧ୍ୟମରୂପେ ଅଥବା ଏକ ନିମିତ୍ତରୂପେ ମଧ୍ୟ ଉପସ୍ଥିତ ହୋଇଥାଏ । ମାତ୍ର ସକଳ ପରିସ୍ଥିତିରେ ତାହା ଯଥାର୍ଥରେ କେବଳ ଆତ୍ମାରହିଁ ନିମିତ୍ତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

କାଲକୁ ଆମେ ନାନା ପରସ୍ଥିତି ତଥା ନାନା ଶକ୍ତିସମୂହର ଏକ ସ୍ରୋତ ବୋଲି କହିବା, ଯେଉଁଗୁଡ଼ିକ କ ପରସ୍ପର ସହିତ ଆସି ମିଳିତ ହୋଇଥାନ୍ତି ଏବଂ ପରଣାମତଃ ଏକ ବିକାଶ ବା ପ୍ରଗତିକୁ କାର୍ଯ୍ୟକାରୀ କରିଥାନ୍ତି; ଏବଂ କାଳ ସେହି ବିକାଶର ଗତିପଥଟିକୁ ମାପିବା ଲାଗି ଏକ ସାଧନ ହୋଇ ରହିଥାଏ । ଆମର ଅହଂ କାଳକୁ ଏକ ଜ୍ୟାମିତିକ ପରି ମନେକରେ, ଏକ ପ୍ରତିରୋଧ ବୋଲି ଅନୁଭବ କରେ; ମାତ୍ର ପରମ ଦ୍ରବ୍ୟତା ଲାଗି କାଳ ଏକ ନମିତ୍ତ ହୋଇ ରହିଥାଏ । ତେଣୁ, ଆମର ପ୍ରଚେଷ୍ଟାଟି ଆମର ବ୍ୟକ୍ତିସୀମାଟି ମଧ୍ୟରେହିଁ ଆବଦ୍ଧ ହୋଇ ରହିଥିବା ପର୍ଯ୍ୟନ୍ତ କାଳ ଏକ ପ୍ରତିରୋଧ ପରି ମନେ ହେଉଥାଏ; କାରଣ ଆମ ନିଜ ଶକ୍ତିଟି ସହିତ ସଂଘାତ ହୋଇ ରହିଥିବା ଅନ୍ୟ ଶକ୍ତିଗୁଡ଼ିକୁ କାଳ ଗୋଟିଏ ଗୋଟିଏ ବାଧା ପରି ଆଣି ଆମ ଆଗରେ ହାଜୁଡ଼େଇ ଦେଇ ଯାଉଥାଏ । ମାତ୍ର ଯେତେବେଳେ ଆମର ଚେତନା ମଧ୍ୟରେ ଦ୍ରବ୍ୟ କ୍ରିୟାତ୍ମକତା ଏବଂ ବ୍ୟକ୍ତି-କ୍ରିୟାତ୍ମକତାର ସମ୍ମିଳନ ଘଟେ, ସେତେବେଳେ କାଳ ଏକ ମାଧ୍ୟମ ଓ ଏକ ଅନୁକୂଳତାରୂପେ ଆବିର୍ଭୂତ ହୋଇ ଆସେ । ଯେତେବେଳେ ଦୁଇଟିଯାକ ଏକରୂପ ହୋଇଯାନ୍ତି, ସେତେବେଳେ ତାହା ଏକ ପରକର ଓ ଏକ ନମିତ୍ତରୂପେ ଆସି ଦେଖାଦିଏ ।

ଆପଣାର ପରପୂର୍ଣ୍ଣତାଟିକୁ ଲାଭ କରିବା ଲାଗି ସତେଅବା ତା' ଆଗରେ ଶାଶ୍ୱତ କାଳ ପଡ଼ିରହିଛି, ଏହାପରି ଅନୁଭବ କରି ସାଧକ ଅନନ୍ତ ଧୈର୍ଯ୍ୟ ଅବଲମ୍ବନ କରିଥିବ; ମାତ୍ର ତଥାପି ବର୍ତ୍ତମାନ ସେଇ ଶକ୍ତିଟିର ରୂପାନ୍ତରିତ କରିବାର କଥା, ସେଇଟିକୁ ସେ ବିକଶିତ କରିଇବାରେ ଲାଗିଥିବ, ଏକ ନମନୀୟ ଅଧିକୃତ ଏବଂ କ୍ଷିପ୍ରତାର ରୂପ ସହିତ ସେ ସେହି ବିକାଶଟିର ଅନୁଶୀଳନ କରୁଥିବ । ଏବଂ ଏହିପରି ଭିତରେହିଁ ଦିନେ ପରଶେଷରେ ତାହା ସେହି ସତ୍ୟୋଚ୍ଚ ଦ୍ରବ୍ୟ ପରମ ରୂପାନ୍ତରରେହିଁ ସତେଅବା ଏକ ଅଲୌକିକ ଚମତ୍କାରତା ପରି ହଠାତ୍ ପରିଣତ ହୋଇଉଠିବା ପର୍ଯ୍ୟନ୍ତ ସେ ତାହା କରିବାରେ ଲାଗିଥିବ ଏହାକୁହିଁ ଆମେ କାଳ ପ୍ରତି ସାଧକର ଆଦର୍ଶ ଦୃଷ୍ଟିକୋଣ ବୋଲି କହିବା ।

'oaob.nitrkl.ac.in' images reprocessed

ଦ୍ୱିତୀୟ ପରିଚ୍ଛେଦ

ଆତ୍ମୋତ୍ସର୍ଗ

ପ୍ରତ୍ୟେକ ଯୋଗ ସ୍ୱଭାବତଃ ଏକ ନୂତନ ଜନ୍ମଲାଭକୁ ବୁଝାଏ; ଏହା ନୂତ୍ୟନୈମିତ୍ତିକ ମନୋମୟ ଏବଂ ସ୍ଥୂଳଭୌତିକ ମନୁଷ୍ୟଜୀବନରୁ ଏକ ଉଚ୍ଚତର ଆଧ୍ୟାତ୍ମିକ ଚେତନା ଏବଂ ଏକ ବୃହତ୍ତର ତଥା ଦିବ୍ୟତର ସତ୍ତା ମଧ୍ୟକୁ ଜନ୍ମଲାଭ କରିବାକୁହିଁ ବୁଝାଏ । ଯଥେଷ୍ଟ ଶକ୍ତିମନ୍ତ୍ର ସହିତ ସେହି ବୃହତ୍ତର ଆଧ୍ୟାତ୍ମିକ ଜୀବନଟିର ଆବଶ୍ୟକତାଟି ମଧ୍ୟକୁ ଜାଗୃତ ହୋଇ ନଉଠିବା ପର୍ଯ୍ୟନ୍ତ ପ୍ରକୃତରେ କୌଣସି ଯୋଗର ଗ୍ରହଣ କଂବା ଅନୁଧାବନ କଦାପି ସମ୍ଭବ ହୁଏ ନାହିଁ । ଏହି ଗଭୀର ତଥା ବିଶାଳ ପରିବର୍ତ୍ତନଟି ହିକାଶେ ଯେଉଁ ଆତ୍ମା ଏକ ଆହ୍ୱାନ ଅନୁଭବ କରିଥାଏ, ତାହା ନାନାବିଧ ମାର୍ଗରେ ଏହି ନୂତନ ମାର୍ଗଟିରେ ପଦାର୍ପଣ କରିବାକୁ ସମର୍ଥ ହୁଏ । ଆପଣାର ଯେଉଁ ସ୍ୱାଭାବିକ ବିକାଶଧାରାଟି ତାହାକୁ ଅଚେତନ ଭାବରେ ଏହି ଜାଗରଣଟି ଆଡ଼କୁ ପରିଚାଳିତ କରି ଆଣିଥିଲା, ସେ ସେହି ଧାରାଟିର ପଥ ଧରି ଏଠାକୁ ଆସିପାରେ; କୌଣସି ଏକ ଧର୍ମର ପ୍ରଭାବରେ ପଡ଼ି ଅଥବା ଏକ ଦର୍ଶନ ଦ୍ୱାରା ଆକୃଷ୍ଟ ହୋଇ ମଧ୍ୟ ସେ ଏହି ମାର୍ଗଟିକୁ ଆସିପାରେ । ହୁଏତ ଏକ ଧୀରଗତି ଆଲୋଚନାର ପ୍ରତିଫଳରେ ସେ ଏହାର ସମ୍ଭାବନାଗୁଡ଼ିକ ହୋଇପାରେ ଅଥବା ହଠାତ୍ କୌଣସି ସ୍ପର୍ଶ ବା ଆଘାତ ବାଜି ସେ ଏହାର ମଧ୍ୟକୁ ସଚେତନ ଏକ ଲମ୍ଫ ପ୍ରଦାନ କରିପାରେ । ବାହ୍ୟ ପରିସ୍ଥିତିର ଚାପ ଦ୍ୱାରା ସଚେତନ ଭାବିହୋଇ ଆସିଲା ପରି ସେ ଏହି ମାର୍ଗରେ ପ୍ରବିଷ୍ଟ ହୋଇପାରେ, ଅଥବା ଏକ ଅନ୍ତର୍ଗତ ଆବଶ୍ୟକତା ଦ୍ୱାରା ପ୍ରେରିତ ହୋଇ ଏଠାକୁ ଆସିପାରେ । ତା' ମନର ଆବରଣଟିକୁ ଏକାବେଳକେ ଛିନ୍ନଭିନ୍ନ କରିଦେଇଥିବା ହୁଏତ କୌଣସି ଗୋଟିଏ ମାତ୍ର ଶବ୍ଦ ତାକୁ ଏଠାକୁ ନେଇ ଆସିପାରେ, ଅଥବା ଦୀର୍ଘ ମନନ ଓ ବିଚାର ପରେ ସେ ଏହି ମାର୍ଗ ଆଡ଼କୁ ମନ ବଳାଇପାରେ; ଏହି ପଥରେ ବାଟ ଚାଲିଥିବା ଆହୁଜଣେ ବ୍ୟକ୍ତିର ଏକ ଦୂରସ୍ଥ ଦୃଷ୍ଟାନ୍ତ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ସେ ଏହି ପଥକୁ ଆସିପାରେ, ଅଥବା ଏକ ପ୍ରେରକ ସ୍ପର୍ଶ ଏବଂ ପ୍ରତିଦାନର ପ୍ରଭାବ ତାକୁ ଏଠାରେ ଆଣି ପହଞ୍ଚାଇ

'oaob.nitrkl.ac.in' images reprocessed

ଦେଇପାରେ । ଅର୍ଥାତ୍, ପ୍ରକୃତ ଅନୁପାତରେ ଏବଂ ପରିସ୍ଥିତି ଅନୁପାତରେହିଁ ଏହି ଆହ୍ୱାନ ଆସି ଉପସ୍ଥିତ ହୋଇଥାଏ ।

ମାନ ଏହି ଆହ୍ୱାନଟି ଯେପରି ମାର୍ଗରେ ଆସିଥାଉ ପଛକେ, ସେହି କ୍ଷେତ୍ରରେ ମନ ତଥା ଇଚ୍ଛାଶକ୍ତିର ଏକ ନମ୍ରତ୍ୱି ଅବଶ୍ୟ ମହଜୁଦ ରହିଥିବ ଏବଂ ତାହାର ଫଳସ୍ୱରୂପ ସେଠାରେ ଏକ ପୂର୍ଣ୍ଣ ତଥା କାର୍ଯ୍ୟସାଧକ ଆତ୍ମୋତ୍ସର୍ଗ ମଧ୍ୟ ରହିଥିବ । ଏକ ନୂତନ ଆଧ୍ୟାତ୍ମିକ ବଗ୍ଧରଣକୁ ଆପଣାର ବୋଲି ଗ୍ରହଣ କରିନେବାକୁ ହେବ, ଆପଣାର ସତ୍ତା ମଧ୍ୟରେ ଊର୍ଦ୍ଧ୍ୱ ଆଡ଼କୁ ଏକ ଉନ୍ମୁଖତା ଜାତ ହେବ, ଏକ ଆଲୋକନ ଘଟିବ; ଏବଂ ଏପରି ଏକ ଉତ୍କ୍ରାନ୍ତିରବର୍ତ୍ତନ ଏବଂ ରୂପନ୍ତରଣ ସଂଘଟିତ ହେବ, ଯାହାକୁ କି ଆମର ଇଚ୍ଛାଶକ୍ତି ଏବଂ ହୃଦୟର ଆକାଙ୍କ୍ଷା ଆପଣାର ବୋଲି ଗ୍ରହଣ କରି ନେଇଥିବେ;—ଯୋଗର ପ୍ରଦତ୍ତ ଯାବତୀୟ ପରିଣାମ ସତ୍ତେଅବା ଏକ ସ୍ୱାଜରୂପରେ ଏହି ଅତିମହତ୍ତ୍ୱପୂର୍ଣ୍ଣ ପ୍ରକ୍ରିୟାଟି ମଧ୍ୟରେ ଅନ୍ତର୍ଗତ ହୋଇ ରହିଛି । ଆମର ଏହି ଭୂମିକ୍ଷିଠାରୁ ଆହୁରି ଉଚ୍ଚକୁ ଅବସ୍ଥିତ କୌଣସି ଏକ ବସ୍ତୁର ଏକ ଧାରଣା କରିଯାଇପାରେ ଏବଂ ବୁଦ୍ଧି ଦ୍ୱାରା ତାହାର ସନ୍ଧାନ ମଧ୍ୟ କରିଯାଇପାରେ, ଆମ ମନୋଗତ ଆଗ୍ରହଟି ଦ୍ୱାରା ତାହାକୁ ଗାଢ଼ ଓ ଶକ୍ତିଶାଳୀ ଭାବରେ ଅନୁଭବ ବା ଧାରଣ ବି କରିଯାଇପାରେ; ମାନ ହୃଦୟ ତାହାକୁ ଏକମାନ କାମ୍ୟ ବସ୍ତୁରୂପେ ଗ୍ରହଣ କରି ନେବା ପର୍ଯ୍ୟନ୍ତ ଏବଂ ଇଚ୍ଛାଶକ୍ତି ତାହାକୁ ଏକମାନ କର୍ତ୍ତବ୍ୟରୂପେ ମାନ ନେବା ପର୍ଯ୍ୟନ୍ତ ତାହା ତଥାପି କେବଳ ନମ୍ରତ୍ୱି ଭାବ ହୋଇହିଁ ରହିଥିବ । କାରଣ, ପରମ ଚିଦ୍‌ଗଭତାର ସତ୍ୟକୁ କେବଳ ଭାବନା ଦ୍ୱାରା ଭାବଲେହିଁ ହେବ ନାହିଁ, ସେହି ସତ୍ୟକୁ ବଞ୍ଚିବାକୁ ପଡ଼ିବ; ଏବଂ ତାହାକୁ ବଞ୍ଚିବାକୁ ହେଲେ ସତ୍ତାର ଏକ ସୁଫବଦ୍ଧ ଏକାଗ୍ରତାର ଆବଶ୍ୟକତା ଅବଶ୍ୟ ରହିଥିବ । ଯୋଗରେ ଯେଉଁ ବୃହତ୍ତ୍ ପରିବର୍ତ୍ତନଟିର କଳ୍ପନା କରିଯାଇଛୁ, ସେଭଳି ଏକ ପରିବର୍ତ୍ତନକୁ ଏକ ବଳିଷ୍ଠ ଇଚ୍ଛାଶକ୍ତି ଦ୍ୱାରା ଅଥବା ଆମ ସାମର୍ଥ୍ୟର କେବଳ ଏକ କ୍ଷୁଦ୍ର ଅଂଶ ଦ୍ୱାରା କିଂବା ଏକ କୁଣ୍ଠାଯୁକ୍ତ ମନ ଦ୍ୱାରା କଦାପି କାର୍ଯ୍ୟାନ୍ୱିତ କରିଯାଇ ପାରିବ ନାହିଁ । ଯିଏ ସେହି ପରମ ଭଗବତ୍ ସତ୍ତାର ସନ୍ଧାନରେ ବାହାରିଛୁ, ତାକୁ ଆପଣାକୁ ନେଇ କେବଳ ସେହି ଭଗବାନଙ୍କ ପାଖରେହିଁ ଉତ୍ସର୍ଗ କରିଦେବାକୁ ପଡ଼ିବ ।

ଆପଣାଠାରୁ ଅଧିକ ଶକ୍ତିଶାଳୀ ଆଉ କୌଣସି ଏକ ପ୍ରଭାବ ଦ୍ୱାରା ଯଦି ଏହି ପରିବର୍ତ୍ତନଟି ହଠାତ୍ ଏବଂ ନମ୍ରତ୍ୱିମୂଳକ ଭାବରେ ସଂଘଟିତ ହୁଏ, ତେବେ ତା'ପରେ ଆଉ କୌଣସି ପ୍ରକୃତ ଅଥବା ଦୀର୍ଘସ୍ଥାୟୀ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ । ବଗ୍ଧର ପରେ ବା ତାହାର ସଙ୍ଗେସଙ୍ଗେହିଁ ସାଧକ ଆପଣାର ମାର୍ଗଟିକୁ ବାଛିନଏ, ଏବଂ ମାର୍ଗଟି ସ୍ଥିର କରିନେବା ପରେ ସେଇଟି ଲାଗିହିଁ ଆପଣାକୁ ଉତ୍ସର୍ଗ କରିଦଏ । ପାଦଗୁଡ଼ାକ ପ୍ରଥମ ଅବସ୍ଥାରେ ସତ୍ତେଅବା ଅନିଶ୍ଚିତ ଭାବରେ

'oaob.nitrkl.ac.in' images reprocessed

ଯେଉଁ ଏଣେତେଣେ ହୋଇ ପଡ଼ିଲ ପର ବୋଧ ହେଉଥିଲେହେଁ ଏବଂ କେବଳ ଅସ୍ପଷ୍ଟ ଭାବରେହିଁ ମାର୍ଗଟି ଆଗକୁ ଦେଖା ଯାଉଥିଲେହେଁ ଏବଂ ଲକ୍ଷ୍ୟସମ୍ବନ୍ଧୀୟ ଜ୍ଞାନଟି ପ୍ରକୃତରେ ଯେତେ ଅପୂର୍ଣ୍ଣ ହୋଇ ରହିଥିଲେହେଁ ତଥାପି ପାଦ ଯାଇ ଯେପର ସିଧା ମାର୍ଗଟି ଉପରେ ପଡ଼ିଯାଇଥାଏ । ପ୍ରଚ୍ଛନ୍ନ ହୋଇ ରହିଥିବା ଗୁରୁ, ଅର୍ଥାତ୍ ଅନ୍ତରସ୍ଥ ସେହି ପରମ ପଥପ୍ରଦର୍ଶକ ମଧ୍ୟ ଆପଣାର କାର୍ଯ୍ୟଟିକୁ ଆରମ୍ଭ କର ଦେଇଥାନ୍ତି; ଅବଶ୍ୟ ହୁଏତ ଏପର ବି ଘଟିପାରେ ଯେ ସେ ଏପର୍ଯ୍ୟନ୍ତ ଆପଣାକୁ ପ୍ରକାଶ କର ନଥାନ୍ତି ଅଥବା ଆପଣାର ମାନସୀୟ ପ୍ରତିନଧିର ବ୍ୟକ୍ତିରୂପରେ ଆବିର୍ଭୂତ ହୋଇ ନଥାନ୍ତି । ଏହି କ୍ଷେତ୍ରରେ ଯେତେଯାହା ଅସୁବିଧା କିଂବା କୁଣ୍ଠାର ଉଦ୍‌ଭବ ହୋଇଥାଏ, ଜୀବନସ୍ରୋତର ଗତିମୁଖଟିକୁ ବଦଳାଇ ଦେଇଥିବା ଅନୁଭୂତିର ଶକ୍ତିଟି ବରୁଛରେ ସେଗୁଡ଼ିକ ଶେଷଯାଏ କଦାପି ଠିଆହୋଇ ପାରନ୍ତି ନାହିଁ । ଥରେ ନିଷ୍ପତ୍ତିମୂଳକ ଭାବରେ ଆସି ପହଞ୍ଚିଥିବା ଏହି ଆହ୍ୱାନଟିହିଁ ପ୍ରତିଷ୍ଠିତ ହୋଇ ରହେ; ଯେଉଁ ନୂତନ ବସ୍ତୁଟି ଜନ୍ମଲାଭ କରିଛି, ତାହାକୁ ଆଉ କଦାପି ନଷ୍ଟ କର ଦିଆଯାଇ ପାରେ ନାହିଁ । ଏପରିକ ଯଦି ପରସ୍ଥିତିଗୁଡ଼ିକର ସ୍ତୂପ ପ୍ରଥମରୁହିଁ ଏକ ନମ୍ରମିତ ଅନୁଧାବନ ଏବଂ କାର୍ଯ୍ୟତଃ ଏକ ପରପୂର୍ଣ୍ଣ ଆତ୍ମୋତ୍ସର୍ଗ ଲଗି ଅନୁଘଟ୍ୟ ହୋଇ ଠିଆ ହୁଏ, ତଥାପି ମନ ଆପଣାର ନୂତନ ଦିକ୍‌ସୂଚୀଟିକୁ ଗ୍ରହଣ କରିନେଇଥାଏ, ସେଇଥିରେହିଁ ସେ ଅବିଚଳିତ ହୋଇ ରହେ ଏବଂ ସତତବୃଦ୍ଧିଶୀଳ ଏକ ପ୍ରଭାବ ସହିତ ଆପଣାର ସ୍ୱଂପ୍ରଧାନ କାର୍ଯ୍ୟଟି ଆଡ଼କୁ ଲେଉଟି ଆସିବାରେ ଲଗିଥାଏ । ଅନ୍ତର୍ସତ୍ତାରେ ମଧ୍ୟ ଏକ ଅଜେୟ ଦୃଢ଼ତା ବିଦ୍ୟମାନ ରହିଥାଏ, ତାହା ବରୁଛରେ ଯାବତୀୟ ପରସ୍ଥିତି ଅବଶେଷରେ ଅସମର୍ଥ ବୋଲିହିଁ ପ୍ରମାଣିତ ହୁଅନ୍ତି ଏବଂ ପ୍ରକୃତି ମଧ୍ୟରେ ରହିଥିବା କୌଣସି ପ୍ରକାର ଦ୍ୱନ୍ଦ୍ୱଳତା ଦୀର୍ଘକାଳ ଲଗି ଏକ ପ୍ରତିବନ୍ଧକ ହୋଇ ଆଦୌ ଠିଆହୋଇ ପାରେ ନାହିଁ ।

ମାନ ସମ୍ବନ୍ଧୀ ଠିକ୍ ଏହିଭଳି ଭାବରେହିଁ ସାଧନାର ଆରମ୍ଭ ହୁଏ ନାହିଁ । ଅନେକ ସମୟରେ ସାଧକକୁ ଅତି ମନ୍ଥର ଗତିରେ ଆପଣା ପଥରେ ପରିକ୍ରମଣ ହୋଇ ଯିବାକୁ ପଡ଼େ, ଏବଂ ମନର ପ୍ରଥମ ଦିକ୍‌ପରିବର୍ତ୍ତନ ଏବଂ ସେହି ଦିକ୍‌ପରିବର୍ତ୍ତନର ଅସ୍ପଷ୍ଟତି ଲଗି ପ୍ରକୃତିର ପୂର୍ଣ୍ଣ ସଂମତିଦାନ ମଧ୍ୟରେ ଏକ ଦୀର୍ଘ ବ୍ୟବଧାନ ରହିଥାଏ । ହୁଏତ ପ୍ରଥମେ ଏହି କ୍ଷେତ୍ରରେ କେବଳ ଏକ ସ୍ପଷ୍ଟ ବୌଦ୍ଧିକ ବୁଝାହିଁ ରହିପାରେ, ସେହି ବସ୍ତୁଟି ଆଡ଼କୁ ଏକ ଶକ୍ତିଶାଳୀ ଆକର୍ଷଣ ଅନୁଭୂତ ହୋଇପାରେ ଏବଂ ସାଧନାର କୌଣସି ପ୍ରକାର ଏକ ଅପୂର୍ଣ୍ଣ ଆଚରଣ-ରୂପହିଁ ସମ୍ଭବ ହୋଇପାରେ । ଅଥବା, ସମ୍ଭବତଃ ଆରମ୍ଭ ପ୍ରସ୍ତାବଟି ଲଗି ଆମ ସମଗ୍ର ପ୍ରକୃତିର ଆଗ୍ରହ ନଥାଏ, କେବଳ ବୁଦ୍ଧିଗତ କୌଣସି ପ୍ରଭାବ ଦ୍ୱାରାହିଁ ଏକ ନିଷ୍ପତ୍ତି ବା ଏକ ଦିକ୍‌ପରିବର୍ତ୍ତନ ଲବ୍ଧ ହିଆଯାଇଥାଏ;

'oaob.nitrkl.ac.in' images reprocessed

ଅଥବା ସେହି ସର୍ବୋଚ୍ଚ ପରମାତ୍ମାଙ୍କ ପ୍ରତି ଆପଣାକୁ ନିବେଦିତ ଏବଂ ସମର୍ପିତ କରି ରଖିଥିବା ଆଉ କୌଣସି ଭକ୍ତଙ୍କ ପ୍ରତି ରହିଥିବା ଏକ ବ୍ୟକ୍ତିଗତ ଶ୍ରଦ୍ଧା ଏବଂ ସମାଦରତ୍ୱର ଦ୍ୱାରା ତାହା ଆବଶ୍ଯକ ହୋଇ ଆସିଥାଏ । ଏହିସବୁ କ୍ଷେତ୍ରରେ ଅବତଳିତ ଆତ୍ମୋତ୍ସର୍ଗର ମୁହୂର୍ତ୍ତଟି ଆସି ପହଞ୍ଚିବା ପୂର୍ବରୁ ଦୀର୍ଘ ଏବଂ ଏକ ଦୀର୍ଘ ପ୍ରସ୍ତୁତିକାଳର ଆବଶ୍ଯକତା ରହିଥାଏ; ଏବଂ କେତେକ କ୍ଷେତ୍ରରେ ସେହି ମୁହୂର୍ତ୍ତଟି ଦୀର୍ଘ ଏବଂ କେବେହେଲେ ଆସେ ନାହିଁ । ଦୀର୍ଘ କଞ୍ଚିତ୍ ଅଗ୍ରଗତି ସମ୍ଭବ ହୋଇପାରେ, ଏକ ଶକ୍ତିଶାଳୀ ପ୍ରଚେଷ୍ଟା ବ କରାଯାଇ ପାରେ; ଏପରିକ ଅନେକ ଶୁଦ୍ଧି ହାସଲ କରାଯାଇ ପାରେ ଏବଂ ଏହି କ୍ଷେତ୍ରରେ ଯାହାକୁ ଅସଲ ଓ ସର୍ବୋଚ୍ଚ ଅନୁଭବ ବୋଲି କୁହାଯାଇ ପାରିବ, ତାହାଠାରୁ ଭିନ୍ନ ଅନେକ ଅନୁଭବ ମଧ୍ୟ ଉପଲବ୍ଧି ହୋଇପାରେ । ମାତ୍ର ତଥାପି ଦୀର୍ଘ ଜୀବନଯାକ କେବଳ ପ୍ରସ୍ତୁତି ହେବାରେହିଁ ଅତିବାହିତ ହୋଇଯାଏ, ଅଥବା ଏକ ନିର୍ଦ୍ଦିଷ୍ଟ ସୋପାନରେ ଆସି ପହଞ୍ଚିବା ପରେ ଏକ ଅସଫେଷ୍ଟ ପ୍ରେରକଶକ୍ତି ଦ୍ୱାରା ଗ୍ଭଳିତ ହେଉଥିବା ମନଟି ଆପଣାର ସମ୍ଭାବ୍ୟ ପ୍ରସ୍ଥାସସୀମାଟି ଉପରେ ବେଶ୍ ସନ୍ତୁଷ୍ଟ ହୋଇ ସେଇଠି ରହିଯିବାକୁହିଁ ଆରମ୍ଭ କରିପାରେ । ବା, ଏହି କ୍ଷେତ୍ରରେ ନମ୍ନତର ଜୀବନଟି ଉପରକୁ ଏକ ଲେଉଟି ଆସିବା ମଧ୍ୟ ଘଟିପାରେ, ଯୋଗର ସାଧାରଣ ପରିଗ୍ଭାଷାରେ ଯାହାକୁ କ ମାର୍ଗରୁ ସ୍ଖଳିତ ହୋଇ ରହିବା ବୋଲି କୁହାଯାଇଥାଏ । ଏହିପରି ଏକ ସ୍ଖଳନ ଘଟେ, କାରଣ ଠିକ୍ କେନ୍ଦ୍ରରେହିଁ ଏକ ଦୋସ୍ତ ରହିଯାଇଥାଏ । ଏକଥା ସତ ଯେ ବୁଦ୍ଧି ଆଗ୍ରହ ପ୍ରକାଶ କରୁଥାଏ, ହୃଦୟ ଆକୃଷ୍ଟ ହୋଇ ରହିଥାଏ, ଇଚ୍ଛାଶକ୍ତି ମଧ୍ୟ ପ୍ରସ୍ଥାସରତ ସତ୍ତ୍ୱତ ଆପଣାକୁ ଗୁନ୍ଥି କରି ରଖିଥାଏ; ମାତ୍ର ସମଗ୍ର ପ୍ରକୃତିଟି ସେତେବେଳ ପର୍ଯନ୍ତ ମଧ୍ୟ ପରମ ଦିବ୍ୟତାର ପାଣରେ ବନ୍ଧ ହୋଇପାର ନଥାଏ । ତାହା କେବଳ ସେହି ଆହ୍ୱାନ, ସେହି ଆକର୍ଷଣ ବା ସେହି ଉଦ୍ଦ୍ୟମଟିରେ ଆପଣାର ସମ୍ପତ୍ତି ମାତ୍ର ଜଣାଇଥାଏ । ଏହି କ୍ଷେତ୍ରରେ ଏକ ପ୍ରତ୍ୟୋଗ ନଷ୍ଟସ୍ଥ ହୋଇଥାଏ, ଏପରିକ ପରମ ଉତ୍ସୁକତାର ସହିତହିଁ ଏକ ପ୍ରତ୍ୟୋଗ ହୋଇଥାଏ; ମାତ୍ର ଆତ୍ମାର ଏକ ଅବଶ୍ୟ ପ୍ରତ୍ୟୋଜନ କିଂବା ଏକ ଅପରିହାର୍ଯ୍ୟ ଆଦର୍ଶ ପାଖରେ ତଥାପି ଏକ ସମଗ୍ର ଆତ୍ମ-ନିବେଦନ ବାଙ୍କା ରହିଥାଏ । ମାତ୍ର ତଥାପି ସ୍ମରଣ ରଖିବାକୁ ହେବ ଯେ ଏଭଳି ଏକ ଅପୂର୍ଣ୍ଣ ଯୋଗ ମଧ୍ୟ କଦାପି ବୃଥା ହୋଇଯାଇ ନଥାଏ; କାରଣ ଉର୍ଦ୍ଧ୍ୱ ଆଡ଼କୁ ଆମ ଜୀବନରେ ଯେତେଯେତେ ପ୍ରସ୍ଥାସ ହୁଏ, ସେସବୁ କେବେହେଲେ ବ୍ୟର୍ଥ ହୋଇଯାଏ ନାହିଁ । ଦୀର୍ଘତ ବର୍ତ୍ତମାନ ମୁହୂର୍ତ୍ତରେ ତାହା ବିଫଳ ହୋଇଯାଏ ବା କେବଳ ଏକ ପ୍ରସ୍ତୁତିକାଳୀନ ପର୍ଯାୟରେ ଅଥବା ଏକ ପ୍ରାଥମିକ ଉପଲବ୍ଧିର ସୋପାନରେହିଁ ପହଞ୍ଚିପାରେ; ତଥାପି ସ୍ୱୀକାର କରିବାକୁ ହେବ ଯେ ତାହା ଆତ୍ମାର ଭବିଷ୍ୟତିକୁ ମଧ୍ୟ ନିରୂପିତ କରିଦେଇଯାଏ ।

'oaob.nitrkl.ac.in' images reprocessed

ମାନ ଏହି ଜୀବନ ଆମ ଲଗି ଯେଉଁ ସୁଯୋଗ ବା ଅବସରଟିକୁ ଆଣିଦେଇଛୁ, ଯଦ୍ଦ ତାହାର ସର୍ବୋତ୍ତମ ବ୍ୟବହାର କରିବା ପାଇଁ ଆମର ଅଭିଳାଷ ଥାଏ, ଆମ ପାଟରେ ଆସି ପହଞ୍ଚିଥିବା ଆହ୍ୱାନଟି ଲଗି ଏକ ଯଥେଷ୍ଟ ବା ସମକକ୍ଷ ପ୍ରତିସ୍ପନ୍ଦନ ଜଣାଇବାକୁ ଆମର ଇଚ୍ଛା ରହିଥାଏ, ଏବଂ ଏକ ଆତ୍ମସରୂପେ ଅପଣାର ପରିଚୟ ଦେଇ ଯାଇଥିବା ଲକ୍ଷ୍ୟଟିର ଅନ୍ତର୍ମୁଖରେ କେବଳ କାହିଁ ପରମାଣରେ ଅନ୍ତରତର ହେବା ନୁହେଁ, ମାନ ସେହି ଲକ୍ଷ୍ୟଟିକୁ ହାସଲ କରିବା ଲଗି ଯଦ୍ଦ ଆମର ଆଗ୍ରହ ରହିଥାଏ, ତେବେ ଏକଥା ଏକାନ୍ତ ଆବଶ୍ୟକ ଯେ ସେଥିଲଗି ଆପଣାକୁ ସମ୍ପୂର୍ଣ୍ଣ ଭାବରେ ନିବେଦନ କରିଦେବାକୁ ପଡ଼ିବ । ଜୀବନର ଅନେକ ଲକ୍ଷ୍ୟ ମଧ୍ୟରୁ କେବଳ ଗୋଟିଏ ଲକ୍ଷ୍ୟରୂପେ ଯୋଗର ଅନୁଧାବନ କରିବା ନୁହେଁ, ମାନ ଯୋଗକୁହିଁ ସମୁଦାୟ ଜୀବନ ବୋଲି ଅନୁଭବ କରି ତାହାର ଅନୁଧାବନ କରିବାକୁ ହେବ;— ଯୋଗମାର୍ଗରେ ସଫଳତା ଲାଭ କରିବା ଲଗି ଆମେ ଏହାକୁହିଁ ପ୍ରକୃତ ରହସ୍ୟ ବୋଲି ଜାଣିରଖିବା ।

*

ପୃଥିବୀର ଅଧିକାଂଶ ମନୁଷ୍ୟ ଯେଉଁ ସାଧାରଣ ଜଡ଼ଗତ ଜୀବନ ଏବଂ ପ୍ରାଣୀ ଜୀବନଟିକୁ ବଞ୍ଚିବାରେ ଅଭ୍ୟସ୍ତ ହୋଇ ରହିଛନ୍ତି ଏବଂ ଅଲ୍ପସଂଖ୍ୟକ ମନୁଷ୍ୟ ଯେଉଁ ମନୋଗତ ମାନ ତଥାପି ସୀମାବଦ୍ଧ ସ୍ତରର ଜୀବନଟିକୁ ଯାପନ କରୁଛନ୍ତି, ତାହାର ମଧ୍ୟରୁ ଆପଣାକୁ ଅପସାରିତ ଆଣି ଏକ ବୃହତ୍ତର ଆଧ୍ୟାତ୍ମିକ ଜୀବନ ଅର୍ଥାତ୍ ଦିବ୍ୟ ସ୍ତରର ଜୀବନଟି ମଧ୍ୟକୁ ଆପଣାକୁ ପରିବର୍ତ୍ତନ କରିନେବାକୁହିଁ ମର୍ମତଃ ଯୋଗ ବୋଲି କୁହାଯାଇଥିବାରୁ, ଆମ ଶକ୍ତିଗୁଡ଼ିକର ଯେତେଯେତେ ଅଂଶକୁ ଆମେ ଏହି ନମ୍ନତର ଜୀବନଟିର ଭୂମିରେ ସେହି ନମ୍ନତର ଜୀବନଟିର ପରିଚର୍ଯ୍ୟାରେହିଁ ସମର୍ପିତ କରି ରଖିଛୁ, ତାହାକୁ ଆମର ପ୍ରକୃତ ଧେସ୍ୟ ଏବଂ ଆତ୍ମ-ଉତ୍ସର୍ଗର କେବଳ ଏକ ବରୁଦ୍ଧା-ତରଣ ବୋଲିହିଁ କହିବାକୁ ହେବ । ଏବଂ ଅନ୍ୟ ପକ୍ଷରେ, ଆମର ଯେତେଯେତେ ଶକ୍ତି ଏବଂ ନିସ୍ପାଦକତାକୁ ଆମେ ନମ୍ନତର ଭୂମିସ୍ଥ ତାହାର ଆନୁଗତ୍ୟଟି ମଧ୍ୟରୁ ଅପସାରିତ ଆଣି ଉଚ୍ଚତର ଭୂମିର ଅନୁଶୀଳନ ଲଗି ନିୟୋଜିତ କରି ରଖିପାରିବା, ଆମର ପଥଟିରେ ଆମେ ଠିକ୍ ସେତିକ ପରମାଣରେ ଲାଭବାନ୍ ହେଉଥିବା ଏବଂ ଆମର ଅନ୍ତଗତରେ ଅନ୍ତର୍ଗସ୍ଥ ହୋଇ ରହିଥିବା ଶକ୍ତିଗୁଡ଼ିକୁ ମଧ୍ୟ ଠିକ୍ ସେତିକ ପରମାଣରେ ହ୍ରାସ କରିଦେଇ ପାରିବା । ଏହିପରି ଏକ ସମଗ୍ର ନୂତନ-ନିୟୋଜନରେ ପ୍ରକୃତରେ ଯେଉଁ ଅସୁବିଧାଟି ରହିଛୁ, ତାହାହିଁ ଯୋଗର ମାର୍ଗରେ ଯାବତୀୟ ସ୍ଖଳନ ଓ ଯାବତୀୟ ପତନର ମୂଳ ହୋଇ ରହିଥାଏ । କାରଣ ଆମର ଏହି ସମ୍ପୂର୍ଣ୍ଣ ପ୍ରକୃତି ଓ ତାହାର ସକଳ ପାରିପାର୍ଶ୍ୱିକତା, ଆମର ଏହି ସମୁଦାୟ ବ୍ୟକ୍ତିଗତ ତଥା

'oaob.nitrkl.ac.in' images reprocessed

ବଶ୍ୱସ୍ତ ଆତ୍ମସତ୍ତା ସବଦା ଏପର ନାନା ସଂସ୍କାର ଏବଂ ଅଭ୍ୟାସ ଦ୍ୱାରା ପରପୂର୍ଣ୍ଣ ହୋଇ ରହିଛନ୍ତି, ଯେଉଁମାନେ କ ଆମର ଆଧ୍ୟାତ୍ମିକ ନବଜନ୍ମଟି ଲଗି ବରୋଧୀ ହୋଇ ରହିଛନ୍ତି ଏବଂ ଆମ ପ୍ରସ୍ଫାସ୍ଫଟିର ପୂର୍ଣ୍ଣଦୃଦସ୍ଫଚ୍ଛା ବରୁଦ୍ଧରେ କାର୍ଯ୍ୟ କରବ'ରେ ଲଗିଛନ୍ତି । ଗୋଟିଏ ଅର୍ଥରେ ବଶ୍ୱର କଣ୍ଠ ଅମଳୁ ପ୍ରକୃତରେ ମାନସିକ, ନାଡ଼ୀଗତ ଏବଂ ଭୌତିକ ଅଭ୍ୟସ୍ତତାର ଏକ ଜଟିଳ ସମଷ୍ଟି ବ୍ୟତୀତ ଦୁଏତ ଆଉ କଛୁନୋହେଲେ କୁହାଯାଇ ପାରବ ନାହିଁ ଏବଂ ଏହି ଅଭ୍ୟାସଗୁଡ଼ିକ ଅଳ୍ପ କେତୋଟି ନର୍ଣ୍ଣସ୍ଫକାଙ୍ଖା ଧାରଣା, ବାସନା ଏବଂ ସମ୍ବଚ୍ଛଚ୍ଛା ଦ୍ୱାରାହିଁ ପରସ୍ପର ସହିତ ଏକଜ ଯୋଡ଼ା ହୋଇ ରହିଛନ୍ତି । ସେହି ସମଷ୍ଟିଟି ମଧ୍ୟରେ ଆପଣାର କେବଳ ପୁନରାବୃତ୍ତିହିଁ କରବାରେ ଲଗିଥିବା ଅନେକଗୁଡ଼ିଏ ଶକ୍ତି ପରସ୍ପର ସହିତ ଗୋଳଆମିଶା ହୋଇ ରହିଛନ୍ତି ଏବଂ ଅଳ୍ପ କେତୋଟି ମୁଖ୍ୟ ଗଠନ୍ତନ ମଧ୍ୟ ତାହା ଭିତରେ ରହିଛି । ଆମ ଅତୀତ ଓ ବର୍ତ୍ତମାନର ଏହି ଯେଉଁ ସମୁଦାସ୍ଥ ଗଠନଟି ଏହି ନଭ୍ୟନୈମିତ୍ତିକ ଜଡ଼ସ୍ଥ ଏବଂ ମନଶ୍ଚର ମନୁଷ୍ୟଟିକୁ ଆକୃତ ଦେଇ ରଖିଛି, ତାହାକୁ ଏକାକେଲକେ ଭାଙ୍ଗିଦେବାକୁ ଏବଂ ଏକ ଦବ୍ୟ ମାନବତା ଅର୍ଥାତ୍ ଏକ ଅତିମାନବୀସ୍ଥ ପ୍ରକୃତିକୁ ସମ୍ଭବ କରିପାରୁଥିବା ଦୃଷ୍ଟିର ଏକ ନୂତନ କେନ୍ଦ୍ର ତଥା ନିସ୍ପାସ୍ଫକତାର ଏକ ନୂତନ ଜଗତକୁ ଆମ ଭିତରେ ସୃଷ୍ଟି କର ରଖିବାକୁହିଁ ଆମେ ଆମର ଯୋଗସାଧନାଟି ମଧ୍ୟରେ ଲକ୍ଷ୍ୟରୂପେ ଗ୍ରହଣ କରନେଇଛୁ ।

ଆମ ମନ ଭିତରେ ରହିଥିବା ଯେଉଁ ସଂମୂଳ ବଶ୍ୱାସ ଓ ଦୃଷ୍ଟିଟି ମନକୁ ଆପଣାର ସେହି ପୁରାତନ ବହିଃଧର୍ମୀ ବଶ୍ୱବ୍ୟବସ୍ଥାଟିର ବକାଶ, ତର୍ପଣ ଏବଂ ଆଗ୍ରହ ଭିତରେ ଅତ୍ୟନବେଶିତ କର ରଖିଛି, ସେଇଟିକୁ ବଲୁପ୍ତ କରଦେବା ହେଉଛି ସବଂପ୍ରଥମ ଆବଶ୍ୟକତା । ଉପରତ୍ତାରେ ରହିଥିବା ଏହି ଦୃଷ୍ଟି ତଥା ପ୍ରବୃତ୍ତିଟିର ସ୍ଥାନରେ ଆମକୁ ଏପର ଏକ ଅଧିକ ଗଭୀର ବଶ୍ୱାସ ତଥା ଅଧିକ ଗଭୀର ଦୃଷ୍ଟିର ଅବଶ୍ୟ ପ୍ରତିସ୍ଥା କରବାକୁ ପଡ଼ିବ, ଯାହାକି ଆପଣା ଆଗରେ କେବଳ ସେହି ପରମ ଦବ୍ୟତାକୁହିଁ ଦେଖିବାକୁ ପାଇଥିବ ଏବଂ କେବଳ ସେହି ପରମ ଦବ୍ୟତାକୁହିଁ ଖୋଜବାରେ ଲଗିଥିବ । ଏହି ନୂତନ ବଶ୍ୱାସ ଏବଂ ବୃତ୍ତ୍ତର ଦୃଷ୍ଟିଟି ପ୍ରତି ସଥାର୍ଥ ସମ୍ମାନ ଓ ଶ୍ରଦ୍ଧାଭାବ ରଖିବା ଲଗି ଆମର ସମୁଦାସ୍ଥ ନମ୍ରତ୍ତର ସଷ୍ଟିକୁ ବାଧ କରବା ହେଉଛି ପରବର୍ତ୍ତୀ ଆବଶ୍ୟକତା । ଆମର ଏହି ସମୁଦାସ୍ଥ ପ୍ରକୃତିଟି ଆପଣାକୁ ସମଗ୍ର ଭାବରେ ନବେଦିତ କର ରଖିବ, ଆପଣାର ପ୍ରତ୍ୟେକ ଅଂଶରେ ଏବଂ ପ୍ରତ୍ୟେକ ଗତିଶ୍ଚନ୍ଦନରେ ଏହି ଅଜାତ୍ତ ଇନ୍ଦ୍ରସ୍ଥମନଟି ଲଗି ଜଡ଼ରତ ଜଗତ ଏବଂ ଜନ୍ମଧସ୍ଥ ବସ୍ତୁଗୁଡ଼ିକର ତୁଳନାରେ ଏତେ କମ୍ ସତ୍ୟ ବୋଲି ପ୍ରତୀତ ହେଉଥିବା ସେହି ପରମ ବସ୍ତୁଟି ପାଖରେ ନେଇ ଆପଣାକୁ ସମର୍ପଣ କରଦେବ । ଆମର ଏହି ସମୁଦାସ୍ଥ ସତ୍ତ୍ୱଟି, ଅର୍ଥାତ୍ ଆମର ଆତ୍ମା, ମନ, ଇନ୍ଦ୍ରସ୍ଥ, ହୃଦସ୍ଥ, ଇଚ୍ଛାଶକ୍ତି, ପ୍ରାଣ ଓ ଦେହ

'oaob.nitrkl.ac.in' images reprocessed

ଆପଣାର ସକଳ ସାମର୍ଥ୍ୟକୁ ଏପରି ପୂର୍ଣ୍ଣ ଭାବରେ ଓ ଏଭଳି ଏକ ଭାବରେ ଉତ୍ସର୍ଗ କରି ରଖିବ ଯେ ତାହା ସେହି ପରମ ଦିବ୍ୟତାଙ୍କ ଲାଗିହିଁ ଏକ ଉପଯୁକ୍ତ ଆଧାର ହୋଇ ରହିପାରିବ । ଏଇଟି କରିପାରିବା ଆଦୌ ସହଜ ନୁହେଁ; କାରଣ ଏହି ପୃଥିବୀରେ ଥିବା ପ୍ରତ୍ୟେକ ବସ୍ତୁ କେବଳ ଆପଣାର ଅଭ୍ୟସ୍ତ ସଂସ୍କାରଟିକୁହିଁ ଅନୁସରଣ କରିବାରେ ଲାଗିଛନ୍ତି, ତାହାହିଁ ତା' ଲାଗି ଏକ ବିଧାନରେ ପରିଣତ ହୋଇ ରହିଛନ୍ତି ଏବଂ ସେହି ବିଧାନଟି ଯେକୌଣସି ମୌଳିକ ପରିବର୍ତ୍ତନ ଲାଗି ବାଧା ହୋଇ ଠିଆହୋଇଛନ୍ତି । ଏବଂ ସମଗ୍ର ଯୋଗଟି ଦ୍ୱାରା ଯେଉଁ ରୂପୁଲ ଓ ସହଜ ପରିବର୍ତ୍ତନଟିର କଳ୍ପନା କରିଯାଇଛନ୍ତି, ଆଉ କୌଣସି ପରିବର୍ତ୍ତନକୁହିଁ ତା'ଠାରୁ ଅଧିକ ମୌଳିକ ବୋଲି କୁହାଯାଇ ପାରିବ ନାହିଁ । ପୂର୍ଣ୍ଣ ବା ସମଗ୍ର ଯୋଗ ଦ୍ୱାରା ଆମ ଭିତରେ ରହିଥିବା ପ୍ରତ୍ୟେକ ବସ୍ତୁକୁ ବାରବାର ସେହି କେନ୍ଦ୍ରସ୍ଥ ଦୃଷ୍ଟି, ଇଚ୍ଛାଶକ୍ତି ଏବଂ ବିଶ୍ୱାସଟି ପାଖକୁ ଆହ୍ୱାନ କରି ଆଣିବାକୁ ପଡ଼ିବ । "ଭଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦିଦମୁପାସତେ"—ଉପନିଷଦ୍‌ର ଭାଷାରେ ଉକ୍ତ ହୋଇଥିବା ଏହି ବାଣୀଟି ଦ୍ୱାରାହିଁ ପ୍ରତ୍ୟେକଟି ଜୀବନ ତଥା ପ୍ରତ୍ୟେକଟି ଆବେଗ ଅନୁପ୍ରିକ୍ତ ହୋଇ ରହିଥିବ । ଏପର୍ଯ୍ୟନ୍ତ ତାକୁ ତା'ର ଆପଣା ଜୀବନ ବୋଲି ପ୍ରତୀତ ହୋଇ ଆସିଥିବା ଏହି ସବୁକିଛିକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ିଆସିବା ଲାଗି ଆମ ପ୍ରାଣର ପ୍ରତ୍ୟେକଟି ଭିତ୍ତିକୁ ପ୍ରବର୍ତ୍ତାଇ ରଖିବାକୁ ପଡ଼ିବ । ମନ ଆଉ କେବଳ ଏକ ମନ ହୋଇ ରହିବ ନାହିଁ ଏବଂ ଆପଣାର ଅଙ୍ଗୀଭୂତ ହୋଇ ଅବସ୍ଥିତ ରହିଥିବା ଆଉ ଏକ ବସ୍ତୁର ଜ୍ୟୋତିରେ ଉଦ୍‌ଭାସିତ ହୋଇ ରହିବ । ଜୀବନ ଆପଣାକୁ ବ୍ୟାପ୍ତିଯୁକ୍ତ, ପ୍ରଶାନ୍ତ, ପ୍ରଗାଢ଼ ତଥା ଶକ୍ତିମନ୍ତ ଏକ ବସ୍ତୁରେ ପରିବର୍ତ୍ତିତ କରିଦେଇ ପାରିବ ଏବଂ ସେହି ବସ୍ତୁଟି ଆଉ ଆପଣାର ପୂର୍ବତନ ଅନ୍ଧ ଓ ଆତୁର ସଙ୍କୀର୍ଣ୍ଣ ଆତ୍ମସୃଷ୍ଟିକୁ ଅଥବା କ୍ଷୁଦ୍ର ଆବେଗ ଏବଂ ବାସନାମୟତାକୁ ଚଳିବା ଲାଗି ବ ସମର୍ଥ ହେବ ନାହିଁ । ଏପରିକ ଆମର ଏହି ଶସ୍ତ୍ରଟି ମଧ୍ୟ ନବୋତ୍ପାଦକ ଏକ ପରିବର୍ତ୍ତନ ପାଖରେ ଆପଣାକୁ ଆଣି ସମର୍ପଣ କରିଦେବ; ଏବଂ ବର୍ତ୍ତମାନ ତାହା ଯେଉଁଭଳି ଏକ କୋଲାହଳକାରୀ ପ୍ରାଣୀମାନ ହୋଇ ରହିଛନ୍ତି ବା କେବଳ ପ୍ରତିବନ୍ଧକ ପରି କାର୍ଯ୍ୟ କରୁଥିବା ଏକ ମାଟିପିଣ୍ଡୁଳା ହୋଇ ରହିଛନ୍ତି, ସେତେବେଳେ ତାହା ଆଦୌ ସେପରି ହୋଇ ରହିବ ନାହିଁ । ମାତ୍ର ଭତ୍‌ପରିବର୍ତ୍ତରେ ଶକ୍ତିର ଏକ ସଚେତନ ପରିକରରେହିଁ ପରିଣତ ହୋଇଯିବ, ଚିଦ୍‌ଗତତାର ଏକ ସ୍ପର୍ଶର ସାଧନ ତଥା ଜୀବନ୍ତ ରୂପାୟନ ହୋଇ ରହିବ ।

ଏହି କାର୍ଯ୍ୟଟି ଅତିଶୟ କଷ୍ଟକର ହୋଇଥିବାରୁହିଁ ତାହା ଅନେକଙ୍କୁ ସ୍ୱଭାବତଃ ଅପେକ୍ଷାକୃତ ଅଧିକ ସହଜ ଅଥବା ଅଧିକ ତାତ୍କ୍ଷଣିକ ସମାଧାନର ଆଶ୍ରୟ ନେବା ଲାଗି ପ୍ରବୃତ୍ତ କରିଆସିଛି । ଏହି ଜଗତସ୍ଥ ଜୀବନକୁ ଅନ୍ତର୍ଗତ ଜୀବନଠାରୁ ପୃଥକ୍ କରି ରଖିବା ପାଇଁ ତାହା ବହୁତ ଧର୍ମ ଓ ଯୋଗପଥଗୁଡ଼ିକରେ

'oaob.nitrkl.ac.in' images reprocessed

ଏକ ଅନୁରୂପ ପ୍ରବୃତ୍ତିକୁ ଜନ୍ମ ଦେଇଛୁ ଏବଂ ସେଇଟିକୁ ଅତ୍ୟନ୍ତ ଗଭୀର ଭାବରେ ଖୋଦିତ କରି ବସାଇ ଦେଇଛୁ । ଅନୁଭବ କରିଯାଇଛୁ ଯେ ଏହି ପୃଥିବୀର ଯାବତୀୟ ଶକ୍ତି ଏବଂ ସେଗୁଡ଼ିକର ବାସ୍ତବ ନିୟାମକତାଗୁଡ଼ିକର ପ୍ରକୃତରେ ଈଶ୍ୱରଙ୍କ ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ; ବା, କୌଣସି ଏକ ଅସ୍ପଷ୍ଟ ତଥା ପ୍ରହେଳିକାମୟ କାରଣରୁ ସେଗୁଡ଼ିକୁ ମାୟା ବୋଲି କୁହାଯାଇଛୁ ଅଥବା ସେହିପରି ଆଉ କୌଣସି କାରଣରୁ ସେଗୁଡ଼ିକ ପ୍ରକୃତରେ ସେହି ଦ୍ରବ୍ୟ ପରମ ସତ୍ୟଟିର ବିରୋଧ କରୁଛନ୍ତି ବୋଲି ଅନୁଭବ ବି କରିଯାଇଛୁ । ଏବଂ ଏଗୁଡ଼ିକର ଆପଣା ପାଖଟିକୁ ଛୁଡ଼ି ଅନ୍ୟ ପାଖରେ ପରମ ସତ୍ୟର ଯାବତୀୟ ଶକ୍ତି ଏବଂ ସେଗୁଡ଼ିକର ସକଳ ଆଦର୍ଶ ନିୟାମକତା ସମ୍ପୂର୍ଣ୍ଣ ଭିନ୍ନଧର୍ମୀ ଅନ୍ୟ ଏକ ଚେତନାର ଭୂମିରେ ଅବସ୍ଥିତ ରହିଛୁ; ଏହି ପୃଥିବୀର ଜୀବନଟି ପ୍ରତିଷ୍ଠିତ ହୋଇ ରହିଥିବା ଏହି ଅସ୍ପଷ୍ଟ, ଅଜ୍ଞାନମୟ ତଥା ଆପଣାର ଯାବତୀୟ ଆବେଗ ଓ ସାମର୍ଥ୍ୟରେ କେବଳ ବିକାରଗ୍ରସ୍ତ ହୋଇ ରହିଥିବା ଚେତନାଟିଠାରୁ ସେହି ଚେତନା ଏକାବେଳକେ ବିଲଗ ହୋଇ ରହିଛୁ । ଗୋଟିଏ ପାଖରେ ପରିପୂର୍ଣ୍ଣ ପରମେଶ୍ୱରଙ୍କର ଦୀପ୍ତ ଏବଂ ଶୁଦ୍ଧ ସୃଜ୍ୟତି ବିରାଜିତ ରହିଛୁ ଏବଂ ଅନ୍ୟ ପାଖରେ ଦାନବରହିଁ ଏକ ଅନ୍ଧକାରମୟ ଓ ଅଶୁଚିପୂର୍ଣ୍ଣ ସୃଜ୍ୟତି ଅବସ୍ଥିତ ରହିଛୁ;—ଏବଂ ଅନାଇଦେବା ମାତ୍ରକେ ଦୁହିଁଙ୍କ ମଧ୍ୟରେ ରହିଥିବା ପ୍ରବଳ ବିରୋଧଟିହିଁ ଆମ ଆଗରେ ସ୍ପଷ୍ଟ ଆବିର୍ଭୂତ ହୋଇଉଠୁଛୁ । ଏକ ଊର୍ଦ୍ଧ୍ୱସ୍ଥ ଆଧ୍ୟାତ୍ମିକ ଈଶ୍ୱର-ଚେତନା ସହିତ ଆମର ଏହି ଜୀବନଲକ୍ଷ୍ୟ ପାର୍ଥିବ ଜନ୍ମ ଓ ପୃଥିବୀଗତ ଜୀବନର ଏକାନ୍ତ ପରସ୍ପରବିରୋଧିତାହିଁ ତତ୍କ୍ଷଣାତ୍ ଅନୁଭୂତ ହେବାରେ ଲାଗୁଛୁ । ମାୟାର ଅଧୀନ ହୋଇ ରହିଥିବା ଏହି ଜୀବନ ଏବଂ ଶୁଦ୍ଧ ବ୍ରହ୍ମ ବର୍ତ୍ତିତ ମଧ୍ୟରେ ଆତ୍ମାର ଅଭିନିବିଷ୍ଟତା, —ଦୁଇଟି ମଧ୍ୟରେ ଯେ କଦାପି କୌଣସି ସଙ୍ଗତି ଅଥବା ସହାବସ୍ଥାନ ସମ୍ଭବ ହୋଇ ପାରିବ ନାହିଁ, ଏବିଷୟରେ ଆମର ସଙ୍ଗେସଙ୍ଗେ ଦୃଢ଼ବୋଧ ହୋଇଯାଉଛୁ । ତେଣୁ ଗୋଟିକର ଯାବତୀୟ ବିଷୟରୁ ଆପଣାକୁ ବାହାର କରିନେଇ ସମ୍ପୂର୍ଣ୍ଣ ଆଭିମୁଖ୍ୟନ ଭାବରେ ଅନ୍ୟଟି ମଧ୍ୟକୁ ଏକାବେଳକେ ସିଧା ଛୁଟିଯାଇ ସେଇଠି ପରମାଶ୍ରୟ ଲାଭ କରିବାକୁହିଁ ସଚେଅବା ସବୁଠାରୁ ସହଜ ପନ୍ଥା ବୋଲି ଦର୍ଶାଯାଉଛୁ । ଯୋଗର ବିଶେଷଜ୍ଞମାନଙ୍କ ମାର୍ଗଗୁଡ଼ିକରେ ଐକାନ୍ତିକ ଅଭିନିବେଶର ସେଇ ଭଙ୍ଗୀଟି ଏପରି ଏକ ପ୍ରଧାନ ଭୂମିକା ଗ୍ରହଣ କରିଛୁ, ଏହିପରି ଭାବରେହିଁ ସେହି ଭଙ୍ଗୀଟି ପ୍ରତି ଆମର ଆକର୍ଷଣ ଜାତ ହେଇଛୁ ଏବଂ ସେଇଟି ସଚେଅବା ଆବଶ୍ୟକ ବୋଲି ଲାଗୁଛୁ । କାରଣ, ସେହିଭଳି ଏକ ଅଭିନିବେଶ ଦ୍ୱାରାହିଁ ଆମେ ଏହି ଫସ୍ପାରକୁ ନିର୍ମମ ଭାବରେ ପରିତ୍ୟାଗ କରି ବାହାରିଆସି ପାରିବା ଏବଂ ସେହି ପରମ ଏକଙ୍କ ପାଖରେହିଁ ଆପଣାକୁ ପୂର୍ଣ୍ଣରୂପେ ନିବେଦନ କରିଦେଇ ପାରିବା ଓ ଭାଙ୍କରଠାରେହିଁ ଅଭିନିବିଷ୍ଟ ହୋଇ ରହିପାରିବା । ସେତେବେଳେ ଆମର ଏହି ନିମ୍ନତର ନିୟାମକତାଗୁଡ଼ିକୁ

'oaob.nitrkl.ac.in' images reprocessed

ଏକ ନୂତନ ଉଥା ଉଚ୍ଚତର ଆଧ୍ୟାତ୍ମିକ ସ୍ତର ଦ୍ୱାରା ଅନୁପ୍ରେରିତ ଜୀବନକୁ ସ୍ୱୀକାର କରିନେବାର କଷ୍ଟକର କାର୍ଯ୍ୟଟି ଲଗି ଆହୁ କୌଣସି ପ୍ରକାରେ ବାଧ କରିବାକୁ ପଡ଼ିବ ନାହିଁ କିମ୍ବା ସେଗୁଡ଼ିକୁ ଛାଡ଼ିବାର ପ୍ରତିନଧି ଅଥବା କାର୍ଯ୍ୟବାହକ ଶକ୍ତିରୂପେ ମଣ କରି ରଖିବାକୁ ବି ପଡ଼ିବ ନାହିଁ । ସେମାନଙ୍କୁ ଏକାବେଳକେ ଫିଙ୍ଗାର କରିଦେବା ବା ସେଗୁଡ଼ିକୁ ଶୀଘ୍ର କରି ରଖିବାହିଁ ଯଥେଷ୍ଟ ହେବ; ଏବଂ ଗୋଟିଏ ପାଖରେ ଶସ୍ତାରର ରକ୍ଷଣ ପାଇଁ ଏବଂ ଅନ୍ୟ ପାଖରେ ସେହି ପରମ ଉଦ୍ୟୋଗଟି ସହଜ ଫଯୋଗସୂଚି ସ୍ଥାପନ କରିବା ପାଇଁ ଖୁବ୍ ବେଶୀ ହେଲେ ଆବଶ୍ୟକ ଅଳ୍ପ କେତୋଟିମାତ୍ର ଶକ୍ତିକୁ ସୁରକ୍ଷିତ କରି ରଖିପାରିଲେହିଁ ଯଥେଷ୍ଟ ହୋଇଯିବ ।

ପୁଣ୍ଡୁଯୋଗ ଲଗି ଆମେ ଯେଉଁସବୁ ଲକ୍ଷ୍ୟର ନରୂପଣ କରି ରଖିଛୁ ଏବଂ ତାହାର ଯେଉଁଭଳି କଲ୍ପନା କରିଛୁ, ସେହି ଦୃଷ୍ଟିରୁ ବସ୍ତୁର କଲେ ଆମେ କଦାପି ଏହି ଅତ୍ୟସରଳ ଅଥଚ କଷ୍ଟସାଧ୍ୟ ଓ ଉଚ୍ଚନକ୍ଷିପ୍ତ ପ୍ରତିସୃଷ୍ଟିକୁ ଆପଣାର ପନ୍ଥାରୂପେ ଗ୍ରହଣ କରିପାରିବା ନାହିଁ । ଏକ ପୁଣ୍ଡୁ ରୂପାନ୍ତରକରଣ ଲଗି ଆମର ଯେଉଁ ଅଭୀପ୍ସା ଓ ଆଶା ରହିଛୁ, ସେହି କାରଣରୁହିଁ ଆମେ କଦାପି ଶୀଘ୍ର ଲକ୍ଷ୍ୟରେ ଯାଇ ପହଞ୍ଚି ଯିବାର ଏକ ଅଳ୍ପ-ସାର୍ଥ ପନ୍ଥା ଧରିବାକୁ ଯିବା ନାହିଁ ଅଥବା ସେହି ଦଉଡ଼ଟି ପାଇଁ ନଜକୁ ହାଲୁକା କରିଦେବାର ଅଭିପ୍ରାୟରେ ଆମ ବାଧାବିଘ୍ନଗୁଡ଼ାକୁ ଫୋପାଡ଼ି ଦେଇ ପାରିବା ନାହିଁ । କାରଣ ସେହି ପରମେଶ୍ୱରଙ୍କ ଲଗି ଆପଣାର ସମୁଦାୟ ଅସ୍ତିତ୍ୱଟି ଉପରେ ଉଥା ଏହି ପୃଥିବୀଟି ଉପରେ ବଜସ୍ୱ ଲଭ କରିବାକୁହିଁ ଆମେ ଏହି ଯାତ୍ରା-ପଥରେ ବାହାରିଛୁ । ଆମର ସମୂଚ ଉଥା ସତ୍ତା ଦୁଇଟିଯାକକୁହିଁ ଭାଙ୍ଗର ପାଖରେ ନେଇ ଦେଇଦେବା ଲଗି ଆମେ ବଦ୍ଧପରିକର ହୋଇଛୁ; ଏବଂ ଦୂରସ୍ଥ କୌଣସି ସ୍ୱର୍ଗରେ ଆପଣାକୁ ଅବସ୍ଥାପିତ କରି ରଖିଥିବା ଏକ ଅତିଦୂରବର୍ତ୍ତୀ ଏବଂ ରହସ୍ୟାବୃତ ପରମ ଉଦ୍ୟତା ପାଖରେ ଆମର ଶୁଦ୍ଧ ଉଥା ଜୀବସନ ଚିଦ୍‌ଗତଭାବଟିକୁ କେବଳ ଏକ ନୈବେଦ୍ୟରୂପେ ବାଢ଼ିଦେବା ଲଗି ଏବଂ ଆମର ଜୀବନ କହିଲେ ଯାହାକୁଛୁ ବୁଝାଉଛୁ, ତାହାକୁ ଏକ ଅଚଳ ଓ କୂଟସ୍ଥ ପରମ ଜନିର୍ବିଶେଷ ପାଖରେ ଗୋଟିଏ ଅର୍ପଣରେ ସ୍ୱାହା କରିଦେବା ଲଗି ଆମର ଆଦୌ କୌଣସି ଅଭିଲାଷ ନାହିଁ । ଆମେ ଯେଉଁ ପରମ ଉଦ୍ୟତାଙ୍କ ଲଗି ଅଭୀପ୍ସା ରଖିଛୁ, ସେ ଏକ ଦୂରବର୍ତ୍ତୀ ପରମସତ୍ତା ହୋଇ ଏହି ବଶ୍ୱଜଗତର ବାହାରେ ରହି ନାହାନ୍ତି; ସେ ଏଇଠି ଏହି ଜଗତ ମଧ୍ୟରେ ଆମର ଅତି ନକଟରେ ଏକ ଅର୍ଚ୍ଚାବୃତ ପରମ ଅଭିବ୍ୟକ୍ତିରୂପେ ବିଦ୍ୟମାନ ରହିଛନ୍ତି । ଆମେ ଏହି ଜୀବନକୁ ଆପଣାକୁ ଏପର୍ଯ୍ୟନ୍ତ ସମ୍ପୂର୍ତ୍ତି କରି ନଥିବା ଏକ ଉଦ୍ୟ ଆତ୍ମ-ପରପ୍ରକାଶରହିଁ କ୍ଷେତ୍ର ବୋଲ୍ ଜାଣିବା । ଏହିଠାରେ, ଏହି ଜୀବନ ମଧ୍ୟରେ, ଏହି ପୃଥିବୀ ଉପରେ ଓ ଶସ୍ତାରରୂପୀ ଏହି ଆଧାରଟିରେ,—ଏବଂ ଉପନପଦ୍‌ରେ ଯେପର ବାରବାର ଜୋର୍ ଦେଇ କୁହାଯାଇଛୁ,—ଇହୈବ ଆମକୁ ପରମେଶ୍ୱରଙ୍କୁ

'oaob.nitrkl.ac.in' images reprocessed

ଉଦ୍‌ଘାଟିତ କରଦେବାକୁ ହେବ । ଏହିଠାରେ ଆମକୁ ଚାଙ୍କର ମେରୁ ବରୋତ୍ତ୍ରୀର୍ଣ୍ଣ ବୃହସ୍ତ୍ର, ଆଲୋକ ଏବଂ ମାଧୁର୍ଯ୍ୟକୁ ଆମର ଚେତନାଟି ଲଗି ଏକ ସତ୍ତ୍ୟରେ ପରିଣତ କରବାକୁ ହେବ, ଏହିଠାରେହିଁ ଚାଙ୍କୁ ଅଧିକାର କର ରହିବାକୁ ହେବ ଏବଂ ଯଥାସମ୍ଭବ ଅଭିବ୍ୟକ୍ତ କରଦେବାକୁ ହେବ । ତେଣୁ, ଏହି ଜୀବନରେ ଏକ ସମ୍ପୂର୍ଣ୍ଣ ରୂପାନ୍ତର ଘଟାଇ ପାରିବା ଲଗି ଆମର ଯୋଗରେ ଆମକୁ ଏହାକୁ ଗ୍ରହଣ କରନେବାକୁ ପଡ଼ିବ । ଏହିଭଳି ଏକ ଲକ୍ଷ୍ୟକୁ ସ୍ୱୀକାର କରନେବା ଦ୍ୱାରା ଆମର ସାଧନାଟି ମଧ୍ୟରେ ଯେଉଁସବୁ ଅଧିକ କଷ୍ଟକରତା ଆସି ପହଞ୍ଚିବ, ସେଥିରୁ ନିସ୍ତ ହୋଇ ପଳାଇ ଯିବାକୁ ଆମ ପାଖରେ ଆଦୌ କୌଣସି ଅନୁମତି ନାହିଁ । ଏସବୁ ଅଧିକ କଷ୍ଟକରତା ଲଗି ଆମର ଏହି ଷ୍ଟଚ୍ଛୁରଣ ବା ପୁରସ୍କାରଟି ଅବଶ୍ୟ ରହିଛୁ ଯେ, ଆମର ଏହି ପଥଟି ଯେତେ ବନ୍ଧୁର ହୋଇଥିଲେ ମଧ୍ୟ, ଆମର ପ୍ରସ୍ତାବଟି ଯେତେ ଜଟିଳ ଏବଂ ଆମକୁ ପରାଭୂତ କରପକାଇଲା ଭଳି ଯେତେ ବିକଟ ହୋଇଥିଲେ ମଧ୍ୟ ତଥାପି ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟକୁ ପାର ହୋଇଯିବା ପରେ ଆମେ ଏକ ବିପୁଳ ଲାଭର ଅଧିକାରୀ ହୋଇପାରିବା । କାରଣ ଆମର ମନ ଥରେ ମେରୁ ସଙ୍କମୂଳ ଦୃଷ୍ଟିଭଙ୍ଗି ଉପରେ ସମୁଚ୍ଚିତ ଭାବରେ ସ୍ଥିର ହୋଇଗଲେ ଏବଂ ଆମର ଇଚ୍ଛା ସମସ୍ତ ଭାବରେ ମେରୁ ଗୋଟିଏ ଅନୁଧାବନ ଲଗିହିଁ ନମ୍ରୋକ୍ତିତ ହୋଇ ରହିପାରିଲେ, ସ୍ୱୟଂ ଜୀବନହିଁ ଆମର ସହାୟକ ହେଇ ବାହାରି ଆସିବ । ଏକନିଷ୍ଠ, ଜାଗରୂକ ଏବଂ ପୂର୍ଣ୍ଣଚ୍ଛଃ ସଚେତନ ରହି ସେଭେବେଳେ ଏହି ଜୀବନର ପ୍ରତ୍ୟେକଟି ବିଶଦ ରୂପାୟନ ତଥା ଏହାର ଗତିସ୍ପନ୍ଦନର ପ୍ରତ୍ୟେକଟି ଘଟଣାକୁ ଆମେ ଆମର ମଧ୍ୟରେ ଅବସ୍ଥିତ ମେରୁ ପରମ ସଜ୍ଜାରେ ସମିଧରୂପେ ଗ୍ରହଣ କରନେଇ ପାରିବା । ଏହି ସାଧନାରେ ବଳସ୍ୱୀ ହୋଇ ଆମେ ସ୍ୱୟଂ ପୃଥିବୀକୁ ମଧ୍ୟ ଆମର ପରିପୂର୍ଣ୍ଣତା ଲଗି ଏକ ସାଧନରୂପେ ବ୍ୟବହୃତ ହେବାକୁ ବାଧ କରପାରିବା ଏବଂ ବର୍ତ୍ତମାନ ଆମର ବରୋଧ କରୁଥିବା ଶକ୍ତିଗୁଡ଼ିକଠାରୁ ଛିନ୍ନ କର ଆଣିଥିବା ଧନଗୁଡ଼ିକ ଦ୍ୱାରା ଆମେ ଆମର ଉପଲବ୍ଧିକୁ ଅଧିକ ସମୃଦ୍ଧ ମଧ୍ୟ କରଦେଇ ପାରିବା ।

❋

ଏହାଛଡ଼ା ଆଉ ଗୋଟିଏ ଦିଗ ବି ରହିଛୁ, ଯେଉଁଥିରେ କି ଯୋଗର ପରମୋତ୍ତମ ସାଧନାଟି ଏକ ସାଦ୍ଭାସ୍ୟକାରୀ ମାନ ଜନଶଃ ଫଳପ୍ରଦ କର ଆଣୁଥିବା ପରିଲୀକରଣରେ ଆସି ଉପଗତ ହୋଇଥାଏ; ମାନ ସମ୍ପୂର୍ଣ୍ଣ ଲକ୍ଷ୍ୟଟିକୁ ନେଇ ଅଗ୍ରସର ହେଉଥିବା ସାଧକ ଲଗି ସେହି ଦିଗଟି ନିତିଦ୍ଧ ହୋଇ ରହିଥାଏ । ଯୋଗର ସାଧନା ଆମକୁ ଆମ ନିଜ ସତ୍ତ୍ୱାଟିର ଏହି ଅସାଧାରଣ ଜଟିଳତାଟିର ସମ୍ମୁଖୀନ

'oaob.nitrkl.ac.in' images reprocessed

କରୁଥାଏ, ଆମ ବ୍ୟକ୍ତିତ୍ୱର ନାନାସ୍ତରେ ଉତ୍ପ୍ରେରକ ଅଥଚ ଆମକୁ ନାନା ସଂଶୟ ଭିତରେ ଆଣି ପକାଇ ଦେଇଥିବା ଅନେକବାଧାର ବ ସମ୍ମୁଖୀନ କରୁଏ, ପ୍ରକୃତର ଏହି ବଭବଶାଳୀ ଅଶେଷ ଅଡ଼ୁଆଟିକୁ ଆଣି ଆମ ଆଗରେ ରଖିଦିଏ । ଆପଣାର କେବଳ ଏହି ଜାଗ୍ରତ ଉପଲବ୍ଧିଗଟିକୁ ଆଶ୍ରୟ କର ଜୀବନ ବଞ୍ଚିଥିବା ଓ ଆପଣା ଆତ୍ମାର ଗଭୀରତାଗୁଡ଼ିକ ବସ୍ତୁରେ ଏବଂ ଏହି ଆବରଣଟିର ପଛରେ ରହିଥିବା ବସ୍ତୁାରଗୁଡ଼ିକ ବସ୍ତୁରେ ସମ୍ପୃକ୍ତି ଅଳ୍ପ ହୋଇ ରହିଥିବା ଜଣେ ସାଧାରଣ ମନୁଷ୍ୟ ସକାଶେ ତା'ର ମନୋଗତ ଜୀବନଟି ସବଂଦା ବେଶ୍ ସହଜ ଓ ସରଳ ହୋଇ ରହିଥାଏ । କେତୋଟି ବାସନାର ଏକ କ୍ଷୁଦ୍ର ଅଥଚ କୋଳାହଳମୟ ସମଷ୍ଟି, ଅନବାର୍ଯ୍ୟ ବୋଲି ସ୍ୱୀକୃତ ହୋଇ ରହିଥିବା କେତୋଟି ବୁଦ୍ଧିଗତ ଏବଂ ସୌନ୍ଦର୍ଯ୍ୟ-ବୋଧଗତ ଆକାଙ୍କ୍ଷା, କେତୋଟି ବ୍ୟକ୍ତିଗତ ରୁଚି, ଅଳ୍ପଲଗ୍ନ ଅଥଚ ଅଯତ୍ନଲଗ୍ନ ଏବଂ ଅଧିକାଂଶତଃ ତାତ୍ପର୍ଯ୍ୟହୀନ ନାନା ଜୀବନାର ଏକ ବୃହତ୍ତ୍ୱ ସ୍ରୋତ ମଧ୍ୟରେ ନସ୍ୟାତ୍ମକ ବା ମୁଖ୍ୟ ହୋଇ ରହିଥିବା ଆପଣାର କେତେଟି ଜୀବନା ଓ ବସ୍ତୁର, ଅଳ୍ପ ବା ବହୁତ ପରମାଣରେ ଅନବାର୍ଯ୍ୟ ଓ ଅପରିହାର୍ଯ୍ୟ ହୋଇ ରହିଥିବା କେତୋଟି ପ୍ରାଣଗତ ଆବଶ୍ୟକତା, ଶାରୀରକ ସ୍ୱାସ୍ଥ୍ୟ ଏବଂ ଶାରୀରକ ଅସୁସ୍ଥତାର ଏକ ନସ୍ତତ ଅଦଳବଦଳ, ନାନା ଦର୍ପ ଓ ବସ୍ତୁତାର ଏକ ବିକ୍ଷିପ୍ତ ଓ ପରଶାସ୍ପଦ ପୁଞ୍ଜପରତା, ମନ ଅଥବା ଦେହର ଏବଂ ତାହାର ମଧ୍ୟରେ ସକଳ ପକୃତର ମୁହୁର୍ମୁହୁ ଘଟିତ ହେଉଥିବା ନାନା ବସ୍ତୁତ୍ତା ଏବଂ ଆନ୍ଦୋଳତତା ଏବଂ ଅବଧାକୃତ କୃତତ୍ତ୍ୱ ଘଟିଥିବା ପ୍ରବଳ ଅନ୍ତର୍ଲେଡ଼ନ ଏବଂ ଜ୍ୱର୍ବେଳନମାନ,—ଏହିଗୁଡ଼ିକହିଁ ସାଧାରତଃ ତା ଜୀବନର ଉପାଦାନ ହୋଇ ରହିଥାଏ । ଆଂଶିକ ଭାବରେ ତା'ର ଜୀବନା ଓ ଇଚ୍ଛାଶକ୍ତିର ସାହାଯ୍ୟରେ ଏବଂ ଆଂଶିକ ଭାବରେ ସେଗୁଡ଼ିକର ସାହାଯ୍ୟ ନେଇ କିଂବା ଏଗୁଡ଼ିକୁ ଅସ୍ୱୀକାର କରି ଏଗୁଡ଼ିକ ଘଟିତ ହୋଇଥାଏ; ମୋଟାମୋଟି କୌଣସି ବାସ୍ତବ କାର୍ଯ୍ୟସାଧକ ଗତିରେ ବା ବେଶ୍ ସହ୍ୟ କରନେଲ ଭଳ କୌଣସି ବଶୃଙ୍ଖଳାମୟ ଶୃଙ୍ଖଳା ସହିତ ଏହା ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଭିତରେ ସଜାଇ ରଖିବାର ଚେଷ୍ଟା କରୁଥାଏ । ତା'ର ଅନ୍ତର୍ଗତ ଜୀବନଟି ଦୃଷ୍ଟିରୁ ବସ୍ତୁର କଲେ ଜଣେ ସାଧାରତଃସ୍ପୃଷ୍ଟ ମନୁଷ୍ୟ ଆଜି ମଧ୍ୟ ଅତୀତର ସେହି ଆଦମ ମାନବ ଆପଣାର ଦାସ୍ୟ ଜୀବନରେ ଯେପରି ହୋଇ ରହିଥିଲା, ଠିକ୍ ସେହିପରି ଅଶୋଧିତ ଓ ଅବକଶିତ ହୋଇ ରହିଛି । ମାତ୍ର ଯେଉଁ ମୁହୂର୍ତ୍ତରେ ଆମେ ଆମର ଭିତରେ ଗଭୀର ଭାବରେ ପ୍ରବେଶ କରିବାକୁ- ସମର୍ଥ ହେଉ,—ଏବଂ ଯୋଗ କହିଲେ ଆତ୍ମାର ଏହି ଯାବତୀୟ ତଥା ଅନେକବାଧ ଗଭୀରତା ମଧ୍ୟକୁହିଁ ଏକ ପ୍ରବେଶକୁ ବୁଝାଇଥାଏ,—ସେହି ମୁହୂର୍ତ୍ତରେହିଁ ଆମେ ଆମର ଆଶସ୍ପଗତ ଭୂମିଟି ଉପରେ ଆପଣାକୁ ଏକ ଅନେକବର୍ତ୍ତୀ ସମଗ୍ର ଜଗତଟି ଦ୍ୱାରା ବେଷ୍ଟିତ ହୋଇ ରହିଥିବାର ଦେଖିବାକୁ ପାଇ, ଆମେ ସେହି

'oaob.nitrkl.ac.in' images reprocessed

ଜଗତଟିକୁ ଜାଣିବୁ ଏବଂ ତାହା ଉପରେ ବଳପୂର୍ବକ ଲଭ କରିବୁ ବୋଲି ତାହା ଆମ ଲାଗି ଅପେକ୍ଷା କରି ରହିଥାଏ । ଆପଣାର ଜନ୍ମବକାଶର ପଥରେ ଅଗ୍ରସର ହୋଇ ମନୁଷ୍ୟ ଆପଣାର ବସ୍ତୁଗତ ଭୂମିଟି ଉପରେ ଯେପରି ଆପଣାକୁ ଆବିଷ୍କାର କରି ପାରିଛନ୍ତି, ଆମେ ଆଶୟଗତ ଭୂମିଟି ଉପରେ ଠିକ୍ ସେହିପରି ଏହି ଆବିଷ୍କାରଟି କରିଥାଉ ।

ଆମ ଜୀବନର ପ୍ରତ୍ୟେକଟି ଅଂଶର, ଅର୍ଥାତ୍ ଆମର ବୁଦ୍ଧି, ଇଚ୍ଛାଶକ୍ତି, ଇନ୍ଦ୍ରିୟ-ମନ, ଆମର ସ୍ନାୟୁମଣ୍ଡଳଟି ଦ୍ୱାରା ନିୟନ୍ତ୍ରିତ ଆତ୍ମା ଅଥବା ବାସନା-ଆତ୍ମା, ହୃଦୟ ଏବଂ ଦେହ ପ୍ରତ୍ୟେକଟିର ସତ୍ତେ ଯେପରି ଏକ ସ୍ୱଜାତୀୟ ଅଭିନିବେଶ ବ୍ୟକ୍ତ-ପରିଚୟ ରହିଛନ୍ତି ଏବଂ ଅନ୍ୟ ସବୁଗୁଡ଼ିକଠାରୁ ସ୍ୱତନ୍ତ୍ର ହୋଇ ରହିଥିବା ଏକ ସ୍ୱାତନ୍ତ୍ରିକ ରୂପପ୍ରକାଶ ମଧ୍ୟ ରହିଛନ୍ତି, ଏହି ଆତ୍ମାବିଷ୍କାରଟିଦ୍ୱାରା ଆମକୁ ସବୁଠାରୁ ଅଧିକ ବସ୍ତୁନିଷ୍ଠ ଓ ଅସ୍ତିତ୍ୱାତ୍ମକ ବୋଧ ହୋଇଥାଏ । ପ୍ରତ୍ୟେକଟି ଅଙ୍ଗର ଆପଣା ସନ୍ତୁଳନ କୌଣସି ମେଳ କଥାଏ, ଅନ୍ୟମାନଙ୍କ ସନ୍ତୁଳନ କୌଣସି ମେଳ କଥାଏ ଅଥବା ପ୍ରତିଜନ୍ମରୂପ ସେହି ଅଙ୍ଗଟି ସନ୍ତୁଳନ ମଧ୍ୟ କୌଣସି ମେଳ କଥାଏ, ଯାହାକି ଆମର ଏହି ଉପଲବ୍ଧିଗତ ଅଙ୍କନଟି ଉପରେ କୌଣସି କେନ୍ଦ୍ରସ୍ଥ ଛଥା ସବୁକିଛିକୁ କେନ୍ଦ୍ର ଆଡ଼କୁ ସଂଯୁକ୍ତ କରି ଆଣିଥିବା ଆତ୍ମସତ୍ତା ଦ୍ୱାରା ନିପତିତ ହୋଇଥିବା ଏକ ଚୁମ୍ବାପରାହ୍ନି ଅବସ୍ଥାନ କରୁଥାଏ । ଆମେ କେବଳ ଗୋଟିଏ ମାନ ବ୍ୟକ୍ତିତ୍ୱ ନୁହେଁ, ମାନ ଏକାବେଳକେ ଅନେକ ବ୍ୟକ୍ତିତ୍ୱ ଦେଇ ଯେ ଗଢ଼ି ହୋଇ ରହିଛୁ ଏବଂ ପ୍ରତ୍ୟେକଟିର ଯେ ଆପଣା ଆପଣାର ସ୍ୱତନ୍ତ୍ର ଦାବିମାନ ରହିଛନ୍ତି ଏବଂ ସ୍ୱତନ୍ତ୍ର ପ୍ରକୃତି ମଧ୍ୟ ରହିଛନ୍ତି, ଆମେ ସେହି କଥାଟି ଦେଖିବାକୁ ପାଇଥାଉ । ଏହିପରି ଭାବରେ ଆମର ଏହି ସତ୍ତାଟି ବଡ଼ ସ୍ଥୂଳ ଭାବରେ ଗଢ଼ା ହୋଇଥିବା ଏକ ଅରାଜକତା ହୋଇ ରହିଥାଏ, ଯାହା ମଧ୍ୟରେ କି ଆମକୁ ଏକ ଦିବ୍ୟ ବ୍ୟବସ୍ଥାର ଜଡ଼ୁଟିକୁ ଆଣି ପ୍ରବିଷ୍ଟ କରାଇବାକୁ ହୁଏ । ପୁନଶ୍ଚ, ଆମେ ଏକଥାଟି ବି ଦେଖିବାକୁ ପାଉ ଯେ ଠିକ୍ ବହିଃସ୍ତର ପରି ଆମର ଅନ୍ତରସ୍ଥ କ୍ଷେତ୍ରଟିରେ ମଧ୍ୟ ଆମେ ଏହି ଜଗତରେ କଦାପି ଏକାକୀ ହୋଇ ରହି ନଥାଉ । ଆମ ଅହଂର ଦାସ୍ତ୍ୱ ବଚ୍ଛିନ୍ନତାଟି ଯେ ପ୍ରକୃତରେ ଆମ ଉପରେ ଶକ୍ତିଶାଳୀ ଭାବରେ ଲଦାହୋଇ ରହିଥିବା ଏକ ଭ୍ରମ ବ୍ୟତୀତ ଆଉ କିଛି ହୋଇ ନଥିଲା, ଆମେ ସେହି କଥାଟିକୁ ଜାଣିବାକୁ ଆରମ୍ଭ କରୁ । ଆମେ ପ୍ରକୃତରେ କେବଳ ଆପଣା ମଧ୍ୟରେହିଁ କଦାପି ସ୍ୱୟଂସମ୍ପୂର୍ଣ୍ଣ ହୋଇ ବାସ କରୁ ନାହିଁ, ଆମେ ବସ୍ତୁତଃ କୌଣସି ଅନ୍ତର୍ଗତ ବଜନତା ବା ନର୍ଜନତା ମଧ୍ୟରେ କଦାପି ଅଲଗା ହୋଇ ବାସ କରୁ ନଥାଉ । ଆମର ମନ ସବୁବେଳେ ଗ୍ରହଣ କରିବାର, ବକଶିତ କରାଇବାର ଏବଂ ପରିବର୍ତ୍ତନ ଘଟାଇବାର ଏପରି ଗୋଟିଏ ଯନ୍ତ୍ର ହୋଇ ରହିଥାଏ, ଯାହା ଭିତରେ କି ପ୍ରତ୍ୟେକ ମୁହୂର୍ତ୍ତରେ ବାହାରୁ ଏକ ଅବଚ୍ଛିନ୍ନ ପ୍ରବାହ

'oaob.nitrkl.ac.in' images reprocessed

ଆସି ପ୍ରବେଶ କରିବାରେ ଲାଗିଥାଏ; ଉପରୁ, ତଳୁ ଏବଂ ବାହାରୁ ନାନା ଉତ୍ସଜାତ କେତେକେତେ ଦ୍ରବ୍ୟର ଏକ ପ୍ରବହମାନ ପୁଞ୍ଜ ସତତ ଆସି ପ୍ରବେଶ କରିବାରେ ଲାଗିଥାଏ । ଆମର ଯାବତୀୟ ଜୀବନ ଏବଂ ଅନୁଭୂତିର ଅର୍ଦ୍ଧାଂଶରୁ ଅଧିକକୁ ଆମେ ଏହି ଅର୍ଥରେ ଆମ ନିଜର ନୁହେଁ ବୋଲି କହିପାରିବା ଯେ ସେଗୁଡ଼ିକ ଆମ ବାହାରୁଥିଁ ରୂପାୟିତ ହୋଇ ଆସନ୍ତି; ଏବଂ ଏଗୁଡ଼ିକ ମଧ୍ୟରୁ ପ୍ରକୃତରେ ବଡ଼ କୃତତ୍ୱ ଏପରି କିଛି ମିଳିବ, ଯାହାକୁ କି ମୂଳତଃ ପ୍ରକୃତରେ ଆମର ପ୍ରକୃତ ମଧ୍ୟରୁଥିଁ ଜନ୍ମଲାଭ କରିଛି ବୋଲି କୁହାଯାଇ ପାରିବ । ଏସବୁର ଏକ ଅଧିକ ଅଂଶ ଅନ୍ୟ-ମାନଙ୍କଠାରୁ ଅଥବା ପରିବେଶରୁଥିଁ ଆମ ପାଖକୁ ଆସିଥାଏ; କଞ୍ଚାମାଲ ରୂପରେ ହେଉ ଅଥବା ତିଆରି ହୋଇ ପାରିଥିବା ଜିନିଷରୂପେ ହେଉ, ସେଗୁଡ଼ିକ ସେହି ବାହାରୁଥିଁ ଆମ ପାଖକୁ ଆମଦାନୀ ହୋଇ ଆସିଥାଏ । ମାତ୍ର ଏହାଠାରୁ ମଧ୍ୟ ଅଧିକ ପରିମାଣରେ ସେଗୁଡ଼ିକ ଏଠାରେ ଥିବା ବିଶ୍ୱପ୍ରକୃତିଟି ମଧ୍ୟରୁ ଅଥବା ଅନ୍ୟ ଲୋକ ତଥା ଭୂମିରେ ଥିବା ପ୍ରକୃତିଟି ମଧ୍ୟରୁ ଆସିଥାଏ ଏବଂ ସେଗୁଡ଼ିକରେ ବାସ କରୁଥିବା ସତ୍ତ୍ୱା, ଶକ୍ତିମନ୍ତ୍ର ଓ ପ୍ରଭାବଗୁଡ଼ିକରୁ ଆସିଥାଏ । କାରଣ ଆମକୁ ଆବୋରି ଧରି ରହିଥିବା ପରି ଆମର ଉପରେ ଓ ଆମକୁ ପରିବେଷ୍ଟିତ କରି ତେତ୍ତନାର ଆହୁରି ଅନ୍ୟ ଭୂମିମାନ ରହିଛନ୍ତି; ପ୍ରାଣର ତଥା ସୂକ୍ଷ୍ମ ଜଡ଼ର ଭୂମିମାନ ରହିଛନ୍ତି ଯେଉଁଠାରୁ କି ଏଠାରେ ଥିବା ଆମର ଜୀବନ ତଥା ନିସ୍ୱାସ୍ପକତାଟି ଆପଣାର ଖୋରାକ ପାଇଛନ୍ତି, ଯାହାକୁ ଆପଣାର ଖୋରାକରୂପେ ବ୍ୟବହାର କରୁଛନ୍ତି; ଏଗୁଡ଼ିକ ଉପରେ ସେହି ଭୂମିଗୁଡ଼ିକର ଛାପ ଆସି ପଡ଼ୁଛି, କର୍ତ୍ତୃତ୍ୱ ଓ ପ୍ରଭାବ ପଡ଼ୁଛି ଏବଂ ସେମାନଙ୍କର ରୂପାୟନ ତଥା ସାମର୍ଥ୍ୟଗୁଡ଼ିକୁ ପ୍ରକାଶିତ କରିବାର ସାଧନରୂପେ ଏଗୁଡ଼ିକୁ ବ୍ୟବହାର କରିଯାଉଛନ୍ତି । ଏହି ଜଟିଳତା ତଥା ବିଶ୍ୱଜଗତରୁ ଆମ ଉତ୍ତରକୁ ପ୍ରବାହିତ ହୋଇ ଆସୁଥିବା କେତେକେତେ ଶକ୍ତି ଆଗରେ ଏକାଧିକ ସ୍ତରରେ ଆମର ଏହି ଉନ୍ମୁକ୍ତ ହୋଇ ରହିବା ଓ ସେଗୁଡ଼ିକର ଅଧୀନ ହୋଇ ରହିବା ହେତୁଥିଁ ଆମ ଲାଗି ସ୍ୱତନ୍ତ୍ର ଏବଂ ବିଚ୍ଛିନ୍ନ ସ୍ତରରେ ଏକ ମୁକ୍ତିର ସମ୍ଭାବନା ଆହୁରି ଅନେକ ଗୁଣରେ ଅଧିକ କଷ୍ଟକର ହୋଇପଡ଼ୁଛି । ଆମକୁ ଏହି ସବୁକିଛିକୁ ବସ୍ତୁରୂପେ ନେବାକୁ ହେବ, ସବୁଟିର ସମ୍ମୁଖୀନ ହେବାକୁ ପଡ଼ିବ, ଆମ ପ୍ରକୃତିଟିର ଫଗୁପ୍ତ ଉପାଦାନଟିକୁ ଜାଣିବାକୁ ପଡ଼ିବ, ଏହାର ଗଠନକାଣ୍ଡ ତଥା ପରିଣାମଭୁତ ଗତିଗୁଡ଼ିକୁ ମଧ୍ୟ ଜାଣିବାକୁ ହେବ ଏବଂ ଏହି ସବୁଟି ମଧ୍ୟରେ ଏକ ଦିବ୍ୟ କେନ୍ଦ୍ରର ସୃଷ୍ଟି କରିବାକୁ ହେବ, ଏକ ଯଥାର୍ଥ ସୌଷମ୍ୟ ଓ ଜ୍ୟୋତିର୍ମୟ ବ୍ୟବସ୍ଥାର ବି ସ୍ଥାପନା କରିବାକୁ ପଡ଼ିବ ।

ଯୋଗର ପାରମ୍ଭରିକ ମାର୍ଗଗୁଡ଼ିକରେ ଏହିସବୁ ପରସ୍ପରବରୋଧୀ ଉପାଦାନ-ଗୁଡ଼ିକର ସମ୍ମୁଖୀନ ହେବା ଲାଗି ଏକ ପ୍ରତ୍ୟକ୍ଷ ଓ ସରଳ ପଦ୍ଧତିର ସାହାଯ୍ୟ ନିଆ

'oaob.nitrkl.ac.in' images reprocessed

ଯାଇଥାଏ । ଆମ ଭିତରେ ପ୍ରଧାନତଃ ଯେଉଁଗୁଡ଼ିଏ ମନୋଗତ ଶକ୍ତି କାର୍ଯ୍ୟ କରୁଛନ୍ତି, ତା' ଭିତରୁ ଏଇଟିକୁ ବା ସେଇଟିକୁ ପରମ ଦିବ୍ୟସତ୍ତ୍ୱାରେ ଯାଇ ପହଞ୍ଚିବାର ଏକମାତ୍ର ସାଧନରୂପେ ନିର୍ବାଚିତ କର ନିଆଯାଏ; ଏବଂ ସେଇଟି ବ୍ୟତୀତ ଆଉ ଯାହାସବୁ ରହିଲା, ସେଗୁଡ଼ାକୁ ଏକ ଜଡ଼ତା ଭିତରେ ଶାନ୍ତ କର ରଖାଯାଏ ଅଥବା ଆପଣା ଆପଣା ସ୍ୱ ସ୍ୱ ତୃପ୍ତି ମଧ୍ୟରେ ସେଗୁଡ଼ାକୁ ଶୁଖି ମରିବାକୁ ଛାଡ଼ି ଦିଆଯାଏ । ସତ୍ତ୍ୱର ସଂବେଗଗତ ଶକ୍ତିଗୁଡ଼ାକୁ ଅବଲମ୍ବନ କର ତଥା ଦୃଢ଼ସତ୍ତ୍ୱର ପ୍ରଗାଢ଼ ଓ ସଘନ ନିସ୍ପୃହତାଗୁଡ଼ାକୁ ଆଦର ନେଇ ଭକ୍ତ ଏକାଗ୍ରଦୃଷ୍ଟି ହୋଇ ପରମେଶ୍ୱରଙ୍କର ପ୍ରେମଟି ଭିତରେହିଁ ନିବାସ କରିବାକୁ ଲାଗେ, ଆପଣାକୁ ସଚ୍ଚେତନ ଗୋଟିଏ ଏକାଗ୍ର ଅଗ୍ନିଶିଖାରୂପେ ସଂଗ୍ରହୀତ କର ଆଣିଥାଏ । ଜୀବନର ଯାବତୀୟ ନିସ୍ପୃହତା ଲଗି ସେ ଉଦାସୀନ ରହିଥାଏ, ବରେକ ତଥା ବୁଦ୍ଧିଗତ ବିସ୍ମରଣର ଯାବତୀୟ ଆବେଦନକୁ ସେ ପଛରେ ପକାଇ ଆସେ ଏବଂ ମନ ଭିତରେ ଜ୍ଞାନ ଲଗି ଯେଉଁ ପିପାସାଟି ରହିଛୁ, ସେଥିଲଗି ଆଦୌ କୌଣସି ଧ୍ୟାନ ଦିବ ନାହିଁ । ପରମ ଦିବ୍ୟସତ୍ତ୍ୱାଙ୍କ ସହିତ ମିଳିତ ହୋଇ ରହିଥିବାର ମୁହୂର୍ତ୍ତଟିରେ ଯେଉଁ ବିଶ୍ୱାସ ଏବଂ ପ୍ରେରଣା ତା'ର ଦୃଢ଼ସତ୍ତ୍ୱ ଭିତରୁ ଉଲ୍ଲସିତ ହୋଇ ଆସିବାରେ ଲଗିଥାନ୍ତି, ସେ ତାହାକୁହିଁ ଆପଣାର ଯାବତୀୟ ଆବଶ୍ୟକ ଜ୍ଞାନ ବୋଲି ବିଶ୍ୱାସ ନେଇଥାଏ । ଯେଉଁ କର୍ମେଚ୍ଛା ପରମ ପ୍ରେମାସ୍ପଦଙ୍କର ପ୍ରତ୍ୟକ୍ଷ ପୂଜା ଆଡ଼କୁ ଅଥବା ମନ୍ଦିରର ଉପାସନା ଆଡ଼କୁ ଆପଣାକୁ ଉଦ୍ଦିଷ୍ଟ କର ରଖେ ନାହିଁ, ସେଥିରେ ଆଉ ତା'ର କୌଣସି କାରଣ ବା ପ୍ରୟୋଜନ ନଥାଏ । ଠିକ୍ ସେହିପରି ଜ୍ଞାନକୁହିଁ ପଥରୂପେ ଗ୍ରହଣ କର ନେଇଥିବା ବ୍ୟକ୍ତି ସ୍ୱପ୍ରଣୋଦିତ ଭାବରେ ବରେକଶକ୍ତି ଓ ବିସ୍ମରର ନିସ୍ପୃହକତାଟି ଭିତରେ ଆପଣାକୁ କଲ ରଖିଥାଏ, ମନର ଅନ୍ତର୍ଗକର୍ଷିତ ପ୍ରସ୍ପାସଟିରେହିଁ ସେ ମୁକ୍ତିର ଆସ୍ୱାଦନ ଅନୁଭବ କରୁଥାଏ । ସେ ଆତ୍ମାର ଏକାଗ୍ର ଚିନ୍ତନରେ ନିମଗ୍ନ ହୋଇ ରହେ, ପ୍ରକୃତିର ଏହି ଯାବତୀୟ ଆବରଣକାରୀ ନିସ୍ପୃହା ମଧ୍ୟରୁ ଏକ ସ୍ପଷ୍ଟ ଅନ୍ତର୍ବିବେଚନାର ସାମର୍ଥ୍ୟ ଦ୍ୱାରା ସେ ଆତ୍ମାର ନିଶ୍ଚଳ ଓ ନୀରବ ଅବସ୍ଥିତିକୁ ବେଶ୍ ଠାବ୍ କରି ନେଇପାରେ ଏବଂ ଆପଣାର ବୁଦ୍ଧିଗତ ବୋଧଟି ଦ୍ୱାରା, ଅନୁପ୍ରେରିତ ଧାରଣାଟି ଦ୍ୱାରା ସେହି ମୂର୍ତ୍ତି ଆଧ୍ୟାତ୍ମିକ ଅନୁଭୂତିଟିରେ ଆସି ଉପଗତ ହୋଇଥାଏ । ଆମ ସଂବେଗ-ଗୁଡ଼ିକର ଯାବତୀୟ ଦୌଡ଼ା ପ୍ରତି ସେ ଉଦାସୀନ ରହିଥାଏ, ଆମ ଭିତରେ ଥିବା ଅତିବ୍ୟାକୁଳ ପ୍ରବଳ ବାସନାଗୁଡ଼ାକର ବୁଭୁକ୍ଷିତ ଆହ୍ୱାନଗୁଡ଼ାକୁ କାନ ବୁଜି ଦେଇଥାଏ, ଏବଂ ପ୍ରାଣର ଯାବତୀୟ ନିସ୍ପୃହକତା ଲଗି କବାଟ କଲ ରଖିଥାଏ; ସେଗୁଡ଼ାକ ଯେତେଶୀଘ୍ର ତା'ର ଜୀବନ ଉପରୁ ଚଲକୁ ଖସିପଡ଼ନ୍ତୁ ଓ ତାକୁ ସେସବୁର ବୋଝରୁ ମୁକ୍ତ କରିଦିଅନ୍ତୁ, ତାକୁ କେବଳ ଜଣେ ନିଶ୍ଚଳ ଓ ମୂକ ଶାଶ୍ୱତ ଅକର୍ତ୍ତାରୂପେ ଛାଡ଼ିଯାଆନ୍ତୁ, ସିଏ ଆପଣାକୁ ସେତିକ ଅଧିକ ଭଗ୍ୟବାନ୍ ବୋଲି ମନେ

'oaob.nitrkl.ac.in' images reprocessed

କରୁଥାଏ । ଶଙ୍କରଙ୍କୁ ସେ ଆପଣାର ପଥରେ ଏକ ବାଧା ବୋଲି ମଣେ, ପ୍ରାଣିକ ଜିଯ୍ୱାଗୁଡ଼ିକୁ ବଇଷ୍ଣ ବୋଲି ଗ୍ଭବୁଥାଏ; ସେମାନଙ୍କର ଦାବିଗୁଡ଼ିକୁ ସଙ୍କୁଚିତ ଓ ସଙ୍କୀର୍ଣ୍ଣ କରି ରଖାଯାଇ ପାରିଲେ ସେ ଛାଡ଼ାକୁ ଆପଣାର ପରମ ଗ୍ଭତ୍ୟ ବୋଲି ଜ୍ଞାନ କରେ । ଚତୁର୍ଦ୍ଦିଗର ପୃଥିବୀରୁ ଯେଉଁ ଅଗଣିତ ଅସୁବିଧା ଓ ପ୍ରତିକୂଳତାମାନ ମସ୍ତକ ଉତ୍ତୋଳନ କରିବାରେ ଲାଗିଥାନ୍ତି, ଜ୍ଞାନୀ ସେଗୁଡ଼ିକ ବିରୁଦ୍ଧରେ ବାହ୍ୟ ଭୌତିକ ତଥା ଅନ୍ତର୍ଗତ ଆଧ୍ୟାତ୍ମିକ ଏକାନ୍ତତାର ଏକ ଦୃଢ଼ ରକ୍ଷାପ୍ରାଚୀର ଠିଆକରି ରଖିଥିବ ଏବଂ ଏହିପରି ଉପାୟରେହିଁ ସେଗୁଡ଼ିକରୁ ନଷ୍ଟତି ଲାଭ କରେ । ଅନ୍ତର୍ଗତ ନୀରବତାର ଏକ ପ୍ରାଚୀର ପଛରେ ଆପଣାକୁ ନିରାପଦ ରଖି ସେ ଆପଣାକୁ ବେଶ୍ ଅନୁଭୂତିଶୂନ୍ୟ କରିନଏ ଏବଂ ଜଗତ ତଥା ଅନ୍ୟମାନଙ୍କର ସକଳପ୍ରକାର ସ୍ପର୍ଶରୁ ଆପଣାକୁ ମୁକ୍ତ କରିଥିବ । ଆପଣାକୁ ନେଇ ଏକୁଟିଆ ହୋଇ ରହିବା ବା ପରମ ଦିବ୍ୟସତ୍ତ୍ୱଙ୍କ ସହିତହିଁ ଏକାକୀ ହୋଇ ରହିବା, ପରମେଶ୍ୱର ତଥା ତାଙ୍କର ଭକ୍ତମାନଙ୍କ ସହିତ ଅଲଗା ହୋଇ ବିଚରଣ କରିବା ଏବଂ ଆପଣା ମନର ଏକ ଔଳାନ୍ତିକ ଆତ୍ମାଭିମୁଖୀ ପ୍ରସ୍ୱାସ ଭିତରେ ଅଥବା ଦୁର୍ଦ୍ଦମ୍ୟର ଏକ ଇଶ୍ୱରାଭିମୁଖୀ ବ୍ୟାକୁଳତା ମଧ୍ୟରେ ଆପଣାକୁ ଗୋଟାଇଲା କଳକର ରହିବା,—ଏହିସବୁ ଯୋଗମାର୍ଗରେ ଏହିଗୁଡ଼ିକହିଁ ସ୍ପତ ଓ ପ୍ରବୃତ୍ତି ହୋଇ ରହିଥାଏ । ସ୍ପନ୍ଦାତ୍ମକ କେବଳ ଗୋଟିଏମାତ୍ର ପ୍ରେରକଶକ୍ତିର ଅନୁଧାବନ କରୁଥିବା କେନ୍ଦ୍ରସ୍ଥ କେବଳ ଗୋଟିଏ ଅସୁବିଧାକୁ ବାଦ୍ ଦେଇ ଏହି କ୍ଷେତ୍ରରେ ଅନ୍ୟ ସକଳ ଗ୍ରନ୍ଥିକୁ କାଟି ଦିଆଯାଏ ଏବଂ ଛାଡ଼ାର ଦ୍ୱାରାହିଁ ସମସ୍ୟାଟିର ସମାଧାନ କରିଯାଏ । ଆମ ପ୍ରକୃତିର ନାନା ବିକ୍ଷିପ୍ତ ଓ ବିଭକ୍ତ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଧ୍ୟରେ ସବୁ ଗ୍ରୁଡ଼ି କେବଳ ଗୋଟିକ ଉପରେହିଁ ଅତ୍ୟନ୍ତବିଷ୍ଟ ହୋଇ ରହିବାର ପିତ୍ତାନ୍ତୃତିକୁହିଁ ସବୁଠାରୁ ନିର୍ଭରଯୋଗ୍ୟ ମଣି ଛାଡ଼ାର ଶରଣ ନେବାକୁ ହୁଏ ।

ମାନ ପୂର୍ଣ୍ଣଯୋଗର ସାଧକ ଲଗି ଏହି ଅନ୍ତରସ୍ଥ ଅଥବା ବାହ୍ୟ ଏକାନ୍ତତା ଓ ନୀରବତା ତା'ର ଆଧ୍ୟାତ୍ମିକ ପ୍ରଗତିରେ କେବଳ ଗୋଟିଏ ଗୋଟିଏ ବିଶେଷ ଘଟଣା ବା ପର୍ଯ୍ୟାୟ ହୋଇହିଁ ରହିପାରିବ । ପୂର୍ଣ୍ଣଯୋଗର ସାଧକ ଜୀବନକୁ ସ୍ୱୀକାର କରିନେବ; ଓ ସେହି କାରଣରୁହିଁ ତାକୁ କେବଳ ଆପଣାର ବୋଟ୍ଟିକୁ ବନ୍ଧନ କରିବାକୁ ପଡ଼ିବ ନାହିଁ, ମାନ ସଚେଷ୍ଟ ଭଗ୍ନ ହୋଇ ରହିଥିବା ତା'ର ଏହି ଆପଣା ବୋଟ୍ଟିର ସଙ୍ଗେସଙ୍ଗେ ତାକୁ ଏହି ଜଗତର ବୋଟ୍ଟର ମଧ୍ୟ ଏକ ବୃହତ୍ତର ଅଂଶକୁ ବନ୍ଧନ କରିବାକୁ ପଡ଼ିବ । ତେଣୁ ଅନ୍ୟମାନଙ୍କ ଯୋଗଟି ତୁଳନାରେ ତା'ର ଅନୁସୃତ ଯୋଗକୁ ଏକ ଅଧିକତର ଅର୍ଥରେ ଏକ ଫଗ୍ରାମ ବା ସମର ବୋଲି କୁହାଯାଇ ପାରିବ । ମାନ ଏହାକୁ ତା'ର ଏକ ବ୍ୟକ୍ତିଗତ ସମର ବୋଲି କୁହାଯିବ ନାହିଁ, ଏକ ପରିବ୍ୟାପ୍ତ ବୃହତ୍ତର କ୍ଷେତ୍ରରେ ଲାଗି ରହିଥିବା ସାମୂହିକ ସମର ବୋଲିହିଁ କୁହାଯିବ । କେବଳ ସେହି ଗୋଟିଏ ଆପଣା ଭିତରେ ଯେ ତାକୁ ଅହଂବଜଡ଼ିତ ମିଥ୍ୟା ଓ ବ୍ୟବସ୍ଥାସ୍ପନ୍ଦନତାର ଶତ୍ରୁଗୁଡ଼ିକ

'oaob.nitrkl.ac.in' images reprocessed

ଉପରେ ବଳସ୍ଥ ହାସଲ କରିବାକୁ ପଡ଼ିବ ତା' ନୁହେଁ, ମାତ୍ର ଏହି ଜଗତ ଭିତରେ ସତେଅବା ଅକ୍ଷସ୍ଥ ହୋଇ ରହିଥିବା ସେହି ପ୍ରତିକୂଳ ଶକ୍ତିଗୁଡ଼ିକର ପ୍ରତିନଧିରୂପେ ରହିଥିବା ଏହିଗୁଡ଼ିକ ଉପରେ ମଧ୍ୟ ବଳସ୍ଥ ହାସଲ କରିବାକୁ ପଡ଼ିବ । ଏଗୁଡ଼ିକର ଏହି ପ୍ରତିନଧିମୂଳକ ସ୍ୱଭାବଟିକୁ ଏଗୁଡ଼ିକୁ ପ୍ରତିରୋଧ କରିବାର ଅନେକ ବେଶୀ ଅନମନୀୟ ସାମର୍ଥ୍ୟ ଆଣି ଦେଇଯାଇଥାଏ, ଏପରିକ ବାରବାର ଆବିର୍ଭୂତ ହେବା ଲାଗି ଏଗୁଡ଼ିକୁ ପ୍ରାୟ ଅଶେଷ ଅଧିକାର ଦେଇଯାଇଥାଏ । ଅନେକ ସମୟରେ ସେ ଏକଥାଟି ମଧ୍ୟ ଆବିଷ୍କାର କରିବାକୁ ଲାଗେ ଯେ ସ୍ଥାୟୀ ଭାବରେ ଆପଣାର ସ୍ୱାଭାବିକ ବ୍ୟକ୍ତିଗତ ସମରଟିରେ ଜୟଲାଭ କରିସାରିବା ପରେ ସତେଅବା ଅଶେଷ ବୋଲ୍ ପ୍ରତିଭା ହେଇଥିବା ଏକ ଅବିଚ୍ଛିନ୍ନ ସମରରେ ତାକୁ ସେହି ଯୁଦ୍ଧଟିକୁ ବାରବାର ଜୟ କରିବାକୁ ପଡ଼ିବ; କାରଣ ତା'ର ଅନ୍ତର୍ଗତ ଅସ୍ତିତ୍ୱଟି ଇତ୍ୟବସରେ ଆପଣାର ବିସ୍ତାରରେ ପ୍ରକୃତିରେ ଏକ ଏଡ଼େ ବଡ଼ ଆକାର ଧାରଣ କରିଛି ଯେ, ସେଥି ଭିତରେ ଆପଣାର ପୁନର୍ଗଠିତ ଆବଶ୍ୟକତା ତଥା ଅନୁଭବଗୁଡ଼ିକ ସହିତ କେବଳ ତା'ର ନିଜ ସୃଷ୍ଟିଟି ଅନ୍ତର୍ଗତ ହୋଇ ରହିଛି ତା' ନୁହେଁ, ମାତ୍ର ସେଇଟି ସହିତ ଅନ୍ୟମାନଙ୍କର ସୃଷ୍ଟି ମଧ୍ୟ ଗୋଟିଏ ଗଣ୍ଠିରେ ଦୃଢ଼ ହୋଇ ବାନ୍ଧି ହୋଇଯାଇଛି, କାରଣ ତାହାର ଆପଣା ଭିତରେହିଁ ସେ ଏହି ବିଶ୍ୱଜଗତକୁ ଧାରଣ କରି ରହିଛି ।

ଆପଣାର ଅନ୍ତର୍ଗତ ଜୀବନାଙ୍ଗଗୁଡ଼ିକର ଦ୍ୱନ୍ଦ୍ୱଟିକୁ ମଧ୍ୟ ଅତିକ୍ରମ କରି ସ୍ୱେଚ୍ଛାକୃତ ଭାବରେ ସମାଧାନ କରିଦେବା ସକାଶେ ସମଗ୍ର ପରିପୂର୍ଣ୍ଣତାର ଅନ୍ୱେଷଣ କରୁଥିବା ସାଧକ ଲାଗି ଆଦୌ କୌଣସି ଅନୁମତି ନଥାଏ । ତାକୁ ସ୍ୱନିର୍ବାଚିତ ଜ୍ଞାନୋପାର୍ଜନ ସହିତ ସଂଶୟରହିତ ଶ୍ରଦ୍ଧାକୁ ମଧ୍ୟ ଏକତ୍ର ସମଞ୍ଜସଭାବରେ କରି ରଖିବାକୁ ହୁଏ, ପ୍ରେମାନୁସିକ୍ତ କୋମଳ ଆତ୍ମାଟିକୁ ଶକ୍ତିର ଅଦମ୍ୟ ପ୍ରୟୋଜନଟି ସହିତ ଏକାଠି ଗଆଁଠାଇ ରଖିବାକୁ ହୁଏ; ଏକ ବିଶ୍ୱାତୀତ ଶାନ୍ତସ୍ଥିତି ମଧ୍ୟରେ ପୂର୍ଣ୍ଣ ତୃପ୍ତିର ସହିତ ବାସ କରୁଥିବା ଆତ୍ମାର ନିଷ୍କ୍ରିୟତାଟିକୁ ଦିବ୍ୟ ସକ୍ରିୟତା ଏବଂ ଦିବ୍ୟ ସୌନ୍ଦର୍ଯ୍ୟର ସତତ ନିୟୋଗଶୀଳତାଟି ସହିତ ସମ୍ମିଳିତ ହୋଇଯିବାକୁ ହୁଏ । ଚିତ୍‌ଗତତାର ପ୍ରତ୍ୟେକ ଅନୁସନ୍ଧିତ୍ସୁଙ୍କ କ୍ଷେତ୍ରରେ ଯେପରି ହୋଇଥାଏ, ତା' ପାଖରେ ମଧ୍ୟ ବୁଦ୍ଧିଗତ ନାନା ବିରୋଧ, ଇନ୍ଦ୍ରିୟଗୁଡ଼ିକର ମୋହାତୁର ଅନ୍ଧକାର-ଇଚ୍ଛା, ହୃଦୟବୃତ୍ତିର ନାନା ବିକ୍ଷୋଭ, କାମନାତତ୍ତ୍ୱର ଗୋପନ ସୁଯୋଗପ୍ରତୀକ୍ଷା ତଥା ସ୍ଥୂଳ ଶରୀରର ସାବଧାନୀ ବାଧା ଆପଣାର ନାନା ସମାଧାନ ଲୋଡ଼ି ଉପସ୍ଥିତ ହେବାରେ ଲାଗିଥାନ୍ତି; ମାତ୍ର ତାକୁ ଏକ ଭିନ୍ନ ଉପାୟରେହିଁ ସେଗୁଡ଼ିକର ପାରିଷ୍କାର ତଥା ଅନ୍ତର୍ଗତ ଦ୍ୱନ୍ଦ୍ୱଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼େ; ତା'ର ଲକ୍ଷ୍ୟସାଧନପଥରେ ସେମାନେ ସେଉଁ ଅନ୍ତରାୟ ସୃଷ୍ଟି କରୁଥାନ୍ତି, ସେଇଟିର ସମ୍ମୁଖୀନ ହେବାକୁ ପଡ଼େ । କାରଣ ଏହିସବୁ ବିଦ୍ରୋହୀ ଉପାଦାନଗୁଡ଼ିକର ସମ୍ମୁଖୀନ ହେବା ଭିତରେହିଁ ତାକୁ ଅନୁଭବ

'oaob.nitrkl.ac.in' images reprocessed

ଜୀବରେ ଅନେକ କଷ୍ଟକର ହୋଇ ରହିଥିବା ଏକ ପରିସ୍ଥିତିରେ ଆସି ପହଞ୍ଚିବାକୁ ହୋଇଥାଏ । ସେଗୁଡ଼ିକୁ ସେହି ଦ୍ରବ୍ୟ ଉପଲବ୍ଧି ଏବଂ ଦ୍ରବ୍ୟ ଆତ୍ମପ୍ରକାଶ ଲାଗିହିଁ ଗୋଟିଏ ଗୋଟିଏ ସାଧନରୂପେ ଗ୍ରହଣ କରିନେଇ ତାକୁ ସେଗୁଡ଼ିକର କର୍କଶ ବସ୍ତୁସ୍ପର୍ଶଗୁଡ଼ିକୁ ଏକ ନୂତନ ସ୍ପର୍ଶଗତ ମଧ୍ୟରେ ବଦଳାଇ ଦେବାକୁ ହୁଏ, ସେଗୁଡ଼ିକର ଘନ ଅନ୍ଧକାରଗୁଡ଼ିକୁ ଆଲୋକିତ କରିନେବାକୁ ହୁଏ, ସେଗୁଡ଼ିକୁ ସ୍ୱତନ୍ତ୍ର ଜୀବରେ ଏବଂ ଏକତ୍ର ରୂପାନ୍ତରିତ କରିନେବାକୁ ହୁଏ ଏବଂ ସେଗୁଡ଼ିକର ଆପଣା ଭିତରେ ତଥା ସେଗୁଡ଼ିକର ପାରସ୍ପରିକ କ୍ଷେତ୍ରରେ ଏକ ସୌନ୍ଦର୍ଯ୍ୟର ସ୍ଥାପନା କରିବାକୁ ହୁଏ । ଏସବୁକୁ ତାକୁ ସମଗ୍ର ଜୀବରେ କରିବାକୁ ହୁଏ, କୌଣସି ଗୋଟିଏ କଣିକା, ଗୋଟିଏ ସ୍ପନ୍ଦନ ଅଥବା ଗୋଟିଏ ସ୍ପନ୍ଦନକୁ ମଧ୍ୟ ବାଦ୍ ଦେଲେ ଆଦୌ ଚଳେ ନାହିଁ; କୌଣସି ସ୍ଥାନରେ ମଧ୍ୟ ଲେଶମାତ୍ର ଅପୂର୍ଣ୍ଣତାକୁ ଛାଡ଼ି ଆସିବାକୁ ହୁଏ ନାହିଁ । କୌଣସି ଏକ ବିଶେଷ ସ୍ଥାନରେ ଆପଣାକୁ ଔକାନ୍ତିକ ଜୀବରେ ଅଭିନିବିଷ୍ଟ କରି ରଖିବା, ଏପରିକି ସେହିପରି ଜୀବରେ ଜଗନ୍ମୟରେ କେତୋଟି ସ୍ଥାନରେ ଅଭିନିବିଷ୍ଟ ହୋଇ ରହିବା,—ତା'ର ଜଟିଳ ସମଗ୍ରତିସ୍ୱାଟି ଭିତରେ ଏସବୁର ହୁଏତ ଏକ ସାମୟିକ ଉପଯୋଗିତା ଜନ୍ମିପାରେ; ମାତ୍ର ସେହି ଉପଯୋଗିତାଟିର ଅବସରଟି ଘୁଞ୍ଚିଯିବା ମାତ୍ରକେ ତାକୁ ଛାଡ଼ିବାକୁ ଛାଡ଼ି ଆସିବାକୁ ହୋଇଥାଏ । କାରଣ ଏକ ସର୍ବସମାବେଶକାତ୍ମ ଅଭିନିବିଷ୍ଟତାର ଅଧିକ କଠିନ ସାମର୍ଥ୍ୟଟିକୁହିଁ ସେ ଆପଣା ସାଧନାରେ ସର୍ବଦା ଧେୟ କରି ରଖିଥାଏ ।

*

ଅଭିନିବେଶ ହେଉଛି ବସ୍ତୁତଃ ଯେକୌଣସି ଯୋଗରେ ଏକ ସର୍ବପ୍ରଧାନ ଆବଶ୍ୟକତା, ମାତ୍ର ଏକ ସର୍ବଗ୍ରହଣକାତ୍ମ ଅଭିନିବେଶକୁହିଁ ଆମେ ପୂର୍ଣ୍ଣଯୋଗର ସ୍ୱପ୍ରକୃତ ବୋଲି କହିପାରିବା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପୂର୍ଣ୍ଣଯୋଗରେ ମଧ୍ୟ ଅନେକ ସମୟରେ ଜୀବନର ଏକ ସ୍ୱତନ୍ତ୍ର ଓ ଶକ୍ତିମତ୍ତ ଦୃଢ଼ସ୍ଥାପନ ଆବଶ୍ୟକ ହୋଇଥାଏ; କୌଣସି ଏକ ନିର୍ଦ୍ଦିଷ୍ଟ ଧାରଣା, ବସ୍ତୁ, ଅବସ୍ଥା ଅଥବା ଅନ୍ତର୍ଗତ ଚୈତ୍ୟସ୍ପନ୍ଦନ ବା ଭବ୍ତ ଉପରେ ଜୀବନକୁ, ଆମର ସଂବେଗଗୁଡ଼ିକୁ ଅଥବା ଇଚ୍ଛାଶକ୍ତିକୁ ଦୃଢ଼ସ୍ଥାପିତ କରି ରଖିବାକୁ ପଡ଼ିଥାଏ । ମାତ୍ର ଏହି କ୍ଷେତ୍ରରେ ତାହା କେବଳ ଏକ ଗୌଣ ଓ ସହାୟକ ପ୍ରକ୍ରିୟାମାତ୍ର ହୋଇରହେ । ପରମ ସତ୍ୟରୂପେ ଅବସ୍ଥିତ ରହିଥିବା ସେହି ପରମ ଅଦ୍ୱିତୀୟଙ୍କ ଭୂମିକି ମଧ୍ୟରେ ସମଗ୍ର ସୃଷ୍ଟିକୁ ବିସ୍ତାରଯୁକ୍ତ ଓ ବୃହତ୍ ଜୀବରେ ଉନ୍ମୋଚିତ କରିଦେବା ଏବଂ ଏହାର ସକଳ ଅଂଶରେ ତଥା ଏହାର ସକଳ ସାମର୍ଥ୍ୟ ଦେଇ ସମଗ୍ର ସୃଷ୍ଟିକୁ ତାଙ୍କର ମଧ୍ୟରେହିଁ ଅଭିନିବିଷ୍ଟ କରି ରଖିବା,—ଆମେ ଏହାକୁହିଁ ପୂର୍ଣ୍ଣଯୋଗର ବୃହତ୍ତର କ୍ରିୟା ବୋଲି ଜାଣି ରଖିବା ଏବଂ ଏଇଟି

'oaob.nitrkl.ac.in' images reprocessed

ବ୍ୟତୀତ ପୂର୍ଣ୍ଣଯୋଗ କଦାପି ଆପଣାର ଅପଲ ଲକ୍ଷ୍ୟଟିରେ ଉପନୀତ ହୋଇପାରିବ ନାହିଁ । କାରଣ ଯେଉଁ ଚେତନାଟି ସେହି ପରମ ଅଦ୍ୱିତୀୟଙ୍କ ମଧ୍ୟରେହିଁ ଅବସ୍ଥାନ କରୁଛୁ ଏବଂ କେବଳ ସେହି ପରମ ସଦ୍ଗତଙ୍କ ମଧ୍ୟରେହିଁ କାର୍ଯ୍ୟ କରିବାରେ ଲାଗିଛୁ, ଆମେ ଠିକ୍ ସେହି ଚେତନାଟି ଲାଗିହିଁ ଆନାଡ଼୍ଞା ରଖିଛୁ; ଆମ ପଶ୍ଚାର ପ୍ରତ୍ୟେକଟି ଉପାଦାନରେ ଏବଂ ଆମ ସ୍ୱଭାବର ପ୍ରତ୍ୟେକଟି ଗତିଶୀଳତାରେ ଆମେ କେବଳ ସେହି ଚେତନାଟିକୁହିଁ ଅଧିସ୍ଥିତ କରି ରଖିବାକୁ ଇଚ୍ଛା କରୁଛୁ । ଏହି ବିସ୍ତାରଯୁକ୍ତ ତଥା ଏକୀଭୂତ ସମଗ୍ରତାହିଁ ଆମ ସାଧନାଟିର ସଦ୍ମୂଳ ସ୍ୱରୂପ ହୋଇ ରହିଛୁ, ଏହି ସ୍ୱରୂପଟିହିଁ ସଦ୍ଦା ଏହାର ନିସ୍ପାଦଣ ଲୀଳାଟିକୁ ନିୟନ୍ତ୍ରିତ କରୁଥିବ ।

ମାନ ପରମ ଦିବ୍ୟସତ୍ତାଙ୍କ ଉପରେ ଆମର ସମୁଦାୟ ସତ୍ତାଟିକୁ ଅଭିନିବଷ୍ଟ କରି ରଖିବା ଏହି ଯୋଗସାଧନାର ବିଶେଷ ସ୍ୱରୂପ ହୋଇଥିଲେ ମଧ୍ୟ, ଆମକୁ ମନେ ରଖିବାକୁ ପଡ଼ିବ ଯେ ଆମର ଏହି ସତ୍ତାଟି ହେଉଛୁ ଏକ ଜଟିଳ ବହୁମିଶ୍ରିତ ବସ୍ତୁ, ଏବଂ ତାହାକୁ କଦାପି ସହଜ ସ୍ତରରେ ଓ ଏକାବେଳକେ ଆମ ପକ୍ଷରେ ଧରି ରଖିହେବ ନାହିଁ, ସତେଅବା ଆମର ଦୁଇହାତ ଦେଇ ଏହି ପୃଥିବୀଟିକୁ ଧରି ରଖିଥିଲ ପରି ଏହାକୁ କଦାପି ସମ୍ପୂର୍ଣ୍ଣ ସ୍ତରରେ ଏକ ନିର୍ଦ୍ଦିଷ୍ଟ ନିସ୍ପାଟି ମଧ୍ୟରେ ନିସ୍ପେଷିତ କରି ରଖିହେବ ନାହିଁ । ଆପଣାକୁ ଅତିକ୍ରମ କରିଯିବାର ସ୍ୱପ୍ରୟାସଟିରେ ମନୁଷ୍ୟକୁ ସାଧାରଣତଃ ଆପଣା ପ୍ରକୃତିର ଅତିଜଟିଳ ସଜ୍ଜଟିରେ କୌଣସି ଗୋଟିଏ ସହାୟକ ଅଥବା ଶକ୍ତିଶାଳୀ କାର୍ଯ୍ୟସାଧକ ଅଂଶକୁ ଆପଣା ହାତକୁ ନେବାକୁ ପଡ଼ିବ; ଅନ୍ୟ ଅଂଶଗୁଡ଼ିକ ଥାଇଥାଉ ସେ ଅଗ୍ରରୁଚିରୂପେ ଏହି ସହାୟକ ବା କାର୍ଯ୍ୟସାଧକ ଅଂଶଟିକୁ ହାତକୁ ନେବ ଏବଂ ତା'ର ଦୃଷ୍ଟି ସମକ୍ଷରେ ରହିଥିବା ଲକ୍ଷ୍ୟଟିର ସାଧନକଳ୍ପେ ସମସ୍ତ ଯନ୍ତ୍ରଟିକୁ ଗୁଳୁ କରିଦେବା ଲାଗି ସେ ତାହାକୁ କାର୍ଯ୍ୟରେ ଲଗାଇବ । ତା'ର ଏହି ନିର୍ବାଚନଟିରେ ସ୍ୱୟଂ ପ୍ରକୃତିହିଁ ସଦ୍ଦା ତା'ର ପଥପ୍ରଦର୍ଶକ ହୋଇ ରହିଥିବ । ମାତ୍ର ତା' ଭିତରେ ଆପଣାର ସଂକୁଚିତ ଇଚ୍ଛା ତଥା ସଂକୁଚିତ ବିସ୍ତାରର ଭୂମିରେ ରହିଥିବା ପ୍ରକୃତିହିଁ ଏହି ପଥପ୍ରଦର୍ଶକର କାର୍ଯ୍ୟ କରିବ, ଆପଣାର ନିମ୍ନତମ ସ୍ତରରେ ରହିଥିବା ଅଥବା କୌଣସି ସଙ୍କୁଚନକାଳୀ ଗତିଶୀଳତାଟି ମଧ୍ୟରେ ପଡ଼ି ରହିଥିବା ପ୍ରକୃତି ସେହି କାର୍ଯ୍ୟଟିକୁ କରିବ ନାହିଁ । ଆପଣାର ନିମ୍ନତର ପ୍ରାଣିକ ନିସ୍ପାପୂରକତା-ଗୁଡ଼ିକର କ୍ଷେତ୍ରରେ ପ୍ରକୃତି ବାସନାକୁହିଁ ଆପଣାର ସବୁଠାରୁ ଶକ୍ତିଶାଳୀ କାର୍ଯ୍ୟସାଧକ ରୂପେ ଗ୍ରହଣ କରିଥାଏ; ମାନ ମନୁଷ୍ୟ କେବଳ ଏକ ପ୍ରାଣିକ ଜୀବ ନୁହେଁ, ସିଏ ହେଉଛୁ ଗୋଟିଏ ମନୋମୟ ସତ୍ତା ଏବଂ ଏହାହିଁ ହେଉଛୁ ତା'ର ସ୍ୱତନ୍ତ୍ରବିଶିଷ୍ଟ ପରିଚୟ । ଆପଣାର ପ୍ରାଣଗତ ଆବେଗଗୁଡ଼ିକୁ ନିୟନ୍ତ୍ରଣରେ ରଖିବାକୁ ଏବଂ ସେଗୁଡ଼ିକରେ ଆବଶ୍ୟକ ପରିଶୋଧନ ଆଣି ପାରିବାକୁ ମନୁଷ୍ୟ ଯେପରି ଆପଣାର ମନନସମର୍ଥ ମନଟିକୁ ଓ ଇଚ୍ଛାଶକ୍ତିକୁ କାର୍ଯ୍ୟରେ ଲଗାଇଛୁ, ଠିକ୍ ସେହିପରି ସ୍ତରରେହିଁ ସେ ଆପଣା

'oaob.nitrkl.ac.in' images reprocessed

ଭିତରେ ରହିଥିବା ଗଭୀରତର ଆତ୍ମାଟିର ଅର୍ଥାତ୍ ଚା'ର ତୈତ୍ତିସତ୍ତ୍ୱଟିର ସାହାଯ୍ୟ ନେଇ ଆମ୍ଭର ଭିତରର ଏକ ସନ୍ଦୀପନଯୁକ୍ତ ମନୋଭୂମିକୁ ମଧ୍ୟ କାର୍ଯ୍ୟରେ ଲଗାଇ ପାରିବ ଏବଂ ଏହିସବୁ ବୃହତ୍ତର ଏବଂ ବଣ୍ଟୁଭତର ପ୍ରେରକଶକ୍ତି ଦ୍ୱାରା ଆମେ ଯାହାକୁ ଆମର ବାସନା ବୋଲି କହୁଛୁ, ସେହି ପ୍ରାଣିକ ତଥା ଇନ୍ଦ୍ରିୟବୋଧଜାତ ଶକ୍ତିର ପ୍ରାଦୁର୍ଭାବକୁ ଅତିକ୍ରମ କରାଇପାରିବ । ସେ ଏଇଟି ଉପରେ ଆପଣାର ସମ୍ପୂର୍ଣ୍ଣ ନସ୍ତ୍ୱତ୍ତ୍ୱ ଅର୍ଜନ କରିପାରିବ ବା ଏହାକୁ ଉପଯୁକ୍ତ ପ୍ରବର୍ତ୍ତନା ଦେଇ ରୂପାୟିତ କରିପାରିବ ଏବଂ ଆପଣାର ରୂପାନ୍ତର ଘଟାଇବା ସକାଶେ ସେଇଟିକୁ ନେଇ ତାହାର ଦିବ୍ୟ ପରମ ଅଧିକାରୀଙ୍କ ପାଖରେ ଅର୍ପଣ କରିଦେଇ ପାରିବ । ଏହି ଭିତରର ମନୋଭୂମି ଏବଂ ଏହି ଗଭୀରତର ଆତ୍ମା ଅର୍ଥାତ୍ ମଣିଷ ଭିତରେ ରହିଥିବା ଏହି ତୈତ୍ତି ଉପାଦାନ,—ଏହି ଦୁଇଟିଯାକକୁହିଁ ଅଙ୍କୁଶ ପରି ବ୍ୟବହାର କରି ପରମ ଦିବ୍ୟ ସତ୍ତ୍ୱା ମନୁଷ୍ୟର ପ୍ରକୃତିକୁ ଆପଣା ଅଧିକାର ମଧ୍ୟକୁ ଆଣିପାରିବ ।

ମନୁଷ୍ୟ ଭିତରେ ଯେଉଁ ଭିତରର ମନୋଭୂମିଟି ରହିଛୁ ବୋଲି କୁହାଯାଇଛୁ, ତାହା ସାଧାରଣ ବୁଦ୍ଧିରଣା ବା ନ୍ୟାସ୍ତ ଦ୍ୱାରା ପ୍ରେରିତ ବୁଦ୍ଧିଠାରୁ ଏକ ଭିନ୍ନ ପଦାର୍ଥ; ସେଇଟିଠାରୁ ଅଧିକ ଉତ୍ତୋଳିତ, ଅଧିକ ବିଶୋଧିତ, ଅଧିକ ବିସ୍ତୃତଯୁକ୍ତ ଓ ଅଧିକ ଶକ୍ତିସମ୍ପନ୍ନ । ଇତରପ୍ରାଣୀ ହେଉଛୁ ଏକ ପ୍ରାଣିକ ସତ୍ତ୍ୱା, ଆପଣାର ଇନ୍ଦ୍ରିୟବୋଧ ଦ୍ୱାରା ପରିଚାଳିତ ଯୋଟିଏ ସତ୍ତ୍ୱା; ମନୁଷ୍ୟକୁ ଇତରପ୍ରାଣୀଠାରୁ ସ୍ୱତନ୍ତ୍ର ବୋଲି କୁହାଯାଇଥାଏ, କାରଣ ମନୁଷ୍ୟର ବୁଦ୍ଧି ଅଛୁ, ବୁଦ୍ଧିଗତ ବୁଦ୍ଧିରଣା ମଧ୍ୟ ଅଛୁ । ମାତ୍ର ଏଠାରେ ଏହି ବ୍ୟାପାରଟିକୁ ଏକ ଅତିସଂକ୍ଷିପ୍ତ, ଅସମ୍ପୂର୍ଣ୍ଣ ଏବଂ ବିଭ୍ରମକାରୀ ଭାବରେ ବର୍ଣ୍ଣନା କରିଯାଇଛୁ । କାରଣ, ବୁଦ୍ଧି ହେଉଛୁ କେବଳ ଏକ ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ ପ୍ରୟୋଜନଗତ ଏବଂ ନିମିତ୍ତସମ୍ଭୂତ ଜିଯ୍ୟାତ୍ମକତା, ଏବଂ ଆପଣାଠାରୁ ଅନେକ ବୃହତ୍ତର ଆଉ ଏକ ଭତ୍ତିରୁ ଏହାର ଉଦ୍ଭବ ହୋଇଛୁ, ଅପେକ୍ଷାକୃତ ଅଧିକ ସନ୍ଦୀପିତ, ଅଧିକ ବ୍ୟାପ୍ତିଯୁକ୍ତ ଏବଂ ଅଧିକ ସୀମାତିକ୍ରମୀ ଏକ ସାମର୍ଥ୍ୟଟି ମଧ୍ୟରୁ ବୁଦ୍ଧି ଜନ୍ମଲାଭ କରିଛୁ । ଆମର ଏହି ଅବଲୋକନ କରୁଥିବା, ଭର୍କ ଦ୍ୱାରା ଭିତ୍ତିଲ ଦେଖୁଥିବା, ଅନୁସନ୍ଧାନ କରି ଦେଖୁଥିବା ଏବଂ ମୂଲ୍ୟ ନିର୍ଦ୍ଧାରଣ କରିଦେଉଥିବା ବୁଦ୍ଧିର ଏକ ତାତ୍କାଳିକ ଅଥବା ଅନ୍ତର୍ବର୍ତ୍ତୀକାଳୀନ ମହତ୍ତ୍ୱ ଅବଶ୍ୟ ରହିଛୁ ସତ୍ତ; ମାତ୍ର ତାହାର ଅସଲ୍ ଏବଂ ଚୂଡ଼ାନ୍ତ ମହତ୍ତ୍ୱଟି ହେଉଛୁ ଯେ ତାହା ମନୁଷ୍ୟକୁ ଇତରପ୍ରାଣୀର ପଥପ୍ରଦର୍ଶନ କରୁଛି ଥିବା ନିମ୍ନସ୍ଥ ଏହି ଅସ୍ପଷ୍ଟ ଆଲୋକଟିର ସ୍ଥାନରେ ଜମଶଃ ଏକ ସ୍ଥାନାପନ୍ନ ହେବା ଲଗି ଆଦଷ୍ଟ ହୋଇ ରହିଥିବା ଉର୍ଦ୍ଧ୍ୱସ୍ଥ ଏକ ପରମ ଆଲୋକର ଯଥାର୍ଥ ଗ୍ରହଣ ତଥା ଯଥାର୍ଥ ଜିଯ୍ୟାତ୍ମକତାଟି ଲଗିହିଁ ପ୍ରସ୍ତୁତ କରିବାରେ ଲଗିଛୁ । ଇତରପ୍ରାଣୀ ଭିତରେ ମଧ୍ୟ ପ୍ରାଥମିକ ସ୍ତରର ଏକ ବୁଦ୍ଧିରଣାତ୍ମକ ରହିଛୁ, ଏକ ପ୍ରକାର ଭାବନା ରହିଛୁ, ଏକ ଆତ୍ମା ରହିଛୁ, ଏକ ଇଚ୍ଛାଶକ୍ତି ଓ ଜୀବ ସଦୃଶ ରହିଛୁ । ମନୁଷ୍ୟ ତୁଳନାରେ

'oaob.nitrkl.ac.in' images reprocessed

ଅପେକ୍ଷାକୃତ କମ୍ ବିକଶିତ ହୋଇଥିଲେ ମଧ୍ୟ ଇତରପ୍ରାଣୀର ମନୋଗତ ଜିଘାଂସୃତ୍ତି ଆପଣାର ପ୍ରକାରରେ ମନୁଷ୍ୟର ମନୋଗତ ଜିଘାଂସୃତ୍ତିଙ୍କି ସହିତ ତଥାପି ସମାନ ହୋଇ ରହିଛି । ସାମ ଇତରପ୍ରାଣୀ ମଧ୍ୟରେ ରହିଥିବା ଏହିସବୁ ସାମର୍ଥ୍ୟ ଆପଣାକୁ ସଂରକ୍ଷଣ କରିବା ଗୋଟାଏ ଇଚ୍ଛାଶୂନ୍ୟ ଯନ୍ତ୍ର ପରି କାର୍ଯ୍ୟକାରୀ କରୁଛି, ବଡ଼ ଅଳ୍ପ ପରିମିତ କ୍ଷେତ୍ରରେ ତାହା ସୀମାବଦ୍ଧ ହୋଇ ରହିଛି, ଏପରକି ଜନ୍ମସ୍ଥ ସେହି ସ୍ନାୟୁଗତ ଗଠନସୃଷ୍ଟି ଦ୍ୱାରାହିଁ ପ୍ରାୟ ବାନ୍ଧହୋଇ ରହିଛି । ଇତରପ୍ରାଣୀର ସାବଧାନ୍ୟ ଅବବୋଧ, ବୋଧ ଏବଂ ଜିଘାଂସୃକତା କେବଳ ସ୍ନାୟୁଗତ ଏବଂ ପ୍ରାଣିକ ସହଜାତ ପ୍ରବୃତ୍ତି, ଆକାଙ୍କ୍ଷା, ପ୍ରତ୍ୟୋଜନ ତଥା ପରିତର୍ପଣ ଦ୍ୱାରାହିଁ ଶାସିତ ହେବାରେ ଲଗିଛି ଏବଂ ଏହିସବୁ ସାବଧାନ୍ୟ କ୍ଷେତ୍ରରେ ପ୍ରାଣଗତ ଆବେଗ ଓ ପ୍ରାଣିକ ବାସନାହିଁ ମୂଳ-ଗଣ୍ଠି ହୋଇ ରହିଛି । ମନୁଷ୍ୟ ମଧ୍ୟ ପ୍ରାଣବଶ ପ୍ରକୃତିର ଏହି ସାତ୍ତ୍ୱିକ ବିଧାନଟି ମଧ୍ୟରେ ବାନ୍ଧହୋଇ ରହିଛି, ସାମ ଇତରପ୍ରାଣୀର ତୁଳନାରେ ଅପେକ୍ଷାକୃତ କମ୍ ବାନ୍ଧହୋଇ ରହିଛି । ଆପଣା ଆତ୍ମବିକାଶର କଠିନ ଜିଘାଂସାଭିମିତି ଉପରେ ଏକ ସନ୍ଦୀପିତ ଇଚ୍ଛା-ଶକ୍ତି, ଏକ ସନ୍ଦୀପିତ ଭାବନା ଏବଂ ସନ୍ଦୀପିତ ନାନା ସଂବେଗର ସଞ୍ଚାର କରିପାରିବା ଲଗି ମନୁଷ୍ୟର ଏକ ସାମର୍ଥ୍ୟ ରହିଛି, ଆପଣା ବାସନାର ଜନ୍ମତର ଜିଘାଂସାଟିକୁ ସେ ଅଧିକରୁ ଅଧିକ ପରମାଣରେ ଏହି ଅଧିକ ଚେତନା ତଥା ଅଧିକ ମନନକ୍ଷମ ପଥ-ପ୍ରଦର୍ଶକମାନଙ୍କର ଅଧୀନ କରି ରଖିପାରୁଛି । ଆପଣାର ଜନ୍ମତର ସୃଷ୍ଟିକୁ ଏହିପରି ଭାବରେ ଆପଣାର ଜନ୍ମଲଗ୍ନକୁ ଆଣିପାରିବା ଏବଂ ସେଇଟିକୁ ସନ୍ଦୀପିତ କରିପାରିବା ସଙ୍ଗେସଙ୍ଗେ ସେ ସେହି ଅନୁପାତରେ ଜଣେ ମନୁଷ୍ୟ ହେବାରେ ଲଗିଛି ଓ ଆଉ ଇତରପ୍ରାଣୀ ହୋଇ ରହୁ ନାହିଁ । ଯେତେବେଳେ ସେ ଭାବନାର ବାସନାଟିର ସ୍ଥାନରେ ଆଉର ଅଧିକ ବୃହତ୍ତ୍ୱ ଏବଂ ସନ୍ଦୀପନଯୁକ୍ତ ଏକ ଭାବନା ଏବଂ ଇଚ୍ଛାର ପୂର୍ଣ୍ଣପ୍ରତିଷ୍ଠା କରିପାରିବ, ସେହି ପରମ ଅନନ୍ତଙ୍କର ସ୍ପର୍ଶ ଲାଭ କରି ରହିଥିବା, ସଚେତନ ଭାବରେ ତା'ର ଆପଣା ଇଚ୍ଛାଟିଠାରୁ ଦିବ୍ୟତର ହୋଇ ରହିଥିବା ଏକ ଇଚ୍ଛାଟିର ଅଧୀନ ହୋଇ ରହିଥିବା ଏବଂ ଅଧିକ ବିଶ୍ୱବ୍ୟାପ୍ତ ତଥା ବିଶ୍ୱାତୀତ ଏକ ଜ୍ଞାନ ସହିତ ସଂଯୁକ୍ତ ହୋଇ ରହିଥିବା ଏକ ଭାବନା ଏବଂ ଇଚ୍ଛାର ପୂର୍ଣ୍ଣପ୍ରତିଷ୍ଠା କରିପାରିବ, ସେତେବେଳେ ସେ ଅହମାନବତ୍ତ୍ୱର ଉପଲବ୍ଧି ଆଡ଼କୁ ଆପଣାର ଯାତ୍ରାଟି ଆରମ୍ଭ କରିଦେଲଣି ବୋଲି କୁହାଯାଇ ପାରିବ; ସେହି ପରମ ଦିବ୍ୟ ସତ୍ତ୍ୱାଙ୍କ ଆଡ଼କୁ ତା'ର ଊର୍ଦ୍ଧ୍ୱାୟନ-ଯାତ୍ରା ଆରମ୍ଭ ହେଲଣି ବୋଲି କହିବାକୁ ହେବ ।

ତେବେ ଭାବନା, ଆଲୋକ ତଥା ଇଚ୍ଛାର ଏହି ସବୋଚ୍ଚ ମନସ୍ତିରେ ଅଥବା ଆମ ଗଭୀରତମ ଅନୁଭୂତି ତଥା ସଂବେଗର ସେହି ଅନ୍ତର୍ସ୍ଥିତ ହୃଦସ୍ପନ୍ଦିରେହିଁ ଆମକୁ ସର୍ବପ୍ରଥମେ ଆମର ଚେତନାଟିକୁ ଅଭିନିବିଷ୍ଟ କରି ରଖିବାକୁ ହେବ; ଦୁଏଟ ଦୁଇଟି ମଧ୍ୟରୁ କୌଣସି ଗୋଟିକରେ ଅଥବା, ଆମର ସାମର୍ଥ୍ୟ ଥିଲେ ଏକାବେଳକେ ଦୁଇଟି

'oaob.nitrkl.ac.in' images reprocessed

ମଧ୍ୟରେ ଆମ ଚେତନାକୁ ଅଭିନିବିଷ୍ଟ କରି ରଖିବାକୁ ହେବ । ଏବଂ ତାହାକୁହିଁ ଆମର ଜ୍ଞାତ୍ରୋତ୍ସୋଳକରୂପେ ବ୍ୟବହାର କରି ଆପଣାର ସମୁଦାୟ ପ୍ରକୃତିକୁ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ଉତ୍ସୋଳିତ କରିନେବାକୁ ପଡ଼ିବ । ଏକ ସନ୍ଦୀପିତ ଜ୍ଞାନନା, ଇଚ୍ଛାଶକ୍ତି ଏବଂ ହୃଦୟର ଏହି ଅଭିନିବେଶ ଏକତ୍ର ସଂଯୁକ୍ତ ହୋଇ ଆମ ଜ୍ଞାନର ସେହି ଗୋଟିଏ ବ୍ୟାପ୍ତିଯୁକ୍ତ ଧେୟଦୃଷ୍ଟି ଆଡ଼କୁ ଉଦ୍ଦିଷ୍ଟ ହୋଇ ରହିଥିବ, ଆମ ଜିଯ୍ୟାର ସେହି ଗୋଟିଏ ସମାଲୋକିତ ଏବଂ ଅନନ୍ତ ଉପଲବ୍ଧିସ୍ଥଳ ଆଡ଼କୁ ଉଦ୍ଦିଷ୍ଟ ହୋଇ ରହିଥିବ ଓ ଆମ ସଂବେଗର ସେହି ଗୋଟିଏ ଅନ୍ତରାଣୀ ଆତ୍ମଦୃଷ୍ଟି ଆଡ଼କୁ ମଧ୍ୟ ଉଦ୍ଦିଷ୍ଟ ହୋଇ ରହିଥିବ; ଏବଂ ଏହାକୁହିଁ ଆମେ ଆମ ଯୋଗଗ୍ରହଣର ଆରମ୍ଭବିନ୍ଦୁ ବୋଲି ଜାଣିବା । ଏବଂ ଯେଉଁ ପରମ ଆଲୋକଟି ଆମ ଭିତରେ କ୍ରମଶଃ ବର୍ଦ୍ଧିତ ହୋଇ ଉଠିବାରେ ଲାଗିଛି, ଆମର ଜୀବନାଙ୍ଗଗୁଡ଼ିକୁ ଗ୍ରାସ କରିନେବା ଲାଗି ଆମେ ଯେଉଁ ପରମ ସାମର୍ଥ୍ୟଟିର ଆବାହନ କରିବାରେ ଲାଗିଛୁ, ସେହି ଆଲୋକ ଏବଂ ସେହି ସାମର୍ଥ୍ୟର ଉଦ୍‌ଗମସ୍ଥାନହିଁ ଆମ ଅନ୍ୱେଷଣର ଧେୟ ହୋଇ ରହିଥିବ । ଜ୍ଞାତରେ ହେଉ ଅବା ଅଜ୍ଞାତରେ ହେଉ, ଆମର ଏହି ପ୍ରଚ୍ଛନ୍ନ ପ୍ରକୃତିର ମଧ୍ୟରେ ଯେଉଁ ପରମ ଦିବ୍ୟତାଟି ଲୁଚିହିଁ କୌଣସି ଏକ ଉପାଦାନ ସଦୃଶ ଆକାଙ୍କ୍ଷିତ ହୋଇ ରହିଛି, କେବଳ ସେହି ଦିବ୍ୟତା ଆମର ଏକମାତ୍ର ଧେୟ ହୋଇ ରହିବ । ସେହି ଏକ ପରମ ଦିବ୍ୟତାର ଧାରଣା, ଅବବୋଧ, ଦୃଷ୍ଟି, ଜାଗ୍ରତକାଙ୍କ୍ଷା ସ୍ପର୍ଶ ଏବଂ ଆତ୍ମା ଦ୍ୱାରା ତାଙ୍କର ଉପଲବ୍ଧି ଉପରେହିଁ ଆମର ସକଳ ଜୀବନ ବ୍ୟାପକ, ବହୁମୁଖ ଅଥଚ ଏକନିଷ୍ଠ ହୋଇ ଅଭିନିବିଷ୍ଟ ହୋଇ ରହିବ । ଆମର ହୃଦୟ ସେହି ପରମ ସଦ୍‌ଗତ ଓ ପରମ ଶାଶ୍ୱତଙ୍କ ଆଡ଼କୁହିଁ ଆପଣାର ଅଭିନିବେଶରେ ପ୍ରଜ୍ୱଳିତ ହୋଇ ରହିବ; ଏବଂ ଥରେ ତାଙ୍କର ପରିଚୟ ଲାଭ କରିପାରିବା ପରେ, ସେହି ପରମ ସ୍ୱଂସୌନର୍ଯ୍ୟସମୁଦ୍ରର ଅଧିକୃତ ଏବଂ ପରମାଭିଭୂତ ମଧ୍ୟରେ ପ୍ରବିଷ୍ଟ ହୋଇ ନିମଜ୍ଜିତ ହୋଇ ରହିବ । ସେହି ପରମ ଦିବ୍ୟତାର ସକଳାଙ୍ଗ ସ୍ୱରୂପଟିର ପରିପୂର୍ଣ୍ଣ ଉପଲବ୍ଧି ଉପରେହିଁ ଆମର ଇଚ୍ଛାଶକ୍ତି ଦୃଢ଼ ଓ ଅବିଚଳିତ ଭାବରେ ଅଭିନିବିଷ୍ଟ ହୋଇ ରହିବ, ଏବଂ ସେ ଆମ ଭିତରେ ଯାହାକିଛୁ ଅଭିବ୍ୟକ୍ତ କରିଦେବେ ବୋଲି ବାସନା ରଖିଛନ୍ତି, ସେହି ସବୁଟି ଲାଗି ସେ ଆପଣାକୁ ମୁକ୍ତ ଏବଂ ସ୍ଥିତିସ୍ଥାପକ ଭାବରେ ଉନ୍ମୋଚିତ କରି ରଖିବ । ଯୋଗର ତିନିବିଧ ମାର୍ଗ କହିଲେ ଆମେ ଏହି କଥାଗୁଡ଼ିକୁହିଁ ବୁଝିବା ।

*

ମାତ୍ର ଯାହା ଆମ ଲାଗି ଏପର୍ଯ୍ୟନ୍ତ ଅବଜ୍ଞାତ ହୋଇ ରହିଛୁ, ଆମେ ତାହା ଉପରେ ଆପଣାକୁ କିପରି ଅଭିନିବେଶିତ କରି ରଖିପାରିବା ? ମାତ୍ର ତଥାପି ଏକଥା

'oaob.nitrkl.ac.in' images reprocessed

ମଧ୍ୟ ସତ୍ତ ଯେ, ତାଙ୍କର ଉପରେ ଆମ ସତ୍ତ୍ୱାକୁ ଅଭିନିବିଷ୍ଟ କର ନପାରିବା ପର୍ଯ୍ୟନ୍ତ ଆମେ ସେହି ପରମ ଦ୍ରବ୍ୟ ସତ୍ତ୍ୱାଙ୍କୁ କେବେହେଲେ ଜାଣିପାରିବା ନାହିଁ । ଯେଉଁ ଅଭିନିବେଶ ସେହି ପରମ ଅଦ୍ୱିତୀୟଙ୍କର ଏକ ଜୀବନମୟ ଉପଲବ୍ଧିରେ ଆପଣାର ପୂର୍ଣ୍ଣତା ଲାଭ କରେ ଏବଂ ଅପଣା ଭିତରେ ତଥା ଆମର ଗୋଚରଭୂମିରେ ଅବସ୍ଥିତ ସବୁକିଛି ମଧ୍ୟରେ କେବଳ ସେଇ ବର୍ତ୍ତମାନ ରହିଛନ୍ତି ବୋଲି ସତ୍ତତ ଅନୁଭବ କରିବାକୁ ସମର୍ଥ ହୁଏ, ଜ୍ଞାନଯୋଗ କହିଲେ ଆମେ ତାହାକୁହିଁ ବୁଝିଥାଉ, ଜ୍ଞାନ ଲଗି ସାଧନା କହିଲେ ଆମେ ତାହାକୁହିଁ ବୁଝିଥାଉ । କେବଳ ନାନା ଗ୍ରନ୍ଥର ଅଧ୍ୟୟନ ଦ୍ୱାରା କିଂବା ଦାର୍ଶନିକ ତର୍କବିତର୍କର ବଳ ଦ୍ୱାରା ସେହି ପରମ ଦ୍ରବ୍ୟତାକୁ ବୁଦ୍ଧି ଦେଇ ବୁଝିବାରେ ତତ୍ପର ହୋଇ ରହିଲେ ତାହା କଦାପି ଯଥେଷ୍ଟ ହେବ ନାହିଁ । କାରଣ ଆମର ଏହି ଦୀର୍ଘ ମାନସିକ ଶ୍ରମର ପଥଶେଷକୁ ଆସି ପରମ ଶାଶ୍ୱତଙ୍କ ବକ୍ଷସ୍ଥରେ ଯାହାକିଛି କୁହାଯାଇଛି, ଆମେ ତୁଏତ ସେଗୁଡ଼ାକୁ ବେଶ୍ ଜାଣିପାରିବା ଏବଂ ପରମ ଅନନ୍ତଙ୍କ ବକ୍ଷସ୍ଥରେ ଯାହାକିଛି କଳ୍ପନା କରିଯାଇ ପାରିବ, ଆମେ ତୁଏତ ସେହି ଭାବନାଗୁଡ଼ାକୁ ବେଶ୍ ଆସ୍ତତ୍ତ କରିପାରିବା ସତ୍ତ, ମାତ୍ର ତଥାପି ତୁଏତ ଏକଥା ହୋଇପାରେ ଯେ ଆମେ ତାଙ୍କୁ ଆଦୌ ଜାଣିପାର ନଥିବା । ଏକ ଶକ୍ତିଶାଳୀ ଯୋଗାନୁଶୀଳନର ପଥରେ ଏହିପର ଏକ ବୌଦ୍ଧିକ ପ୍ରସ୍ତୁତି ବସ୍ତୁତଃ ଆମର ସ୍ୱତଃପ୍ରଥମ ପର୍ଯ୍ୟାୟ ହୋଇପାରିବ ସତ୍ତ, ମାତ୍ର ଏହାକୁ କଦାପି ଅପରିହାର୍ଯ୍ୟ ବୋଲି କହିହେବ ନାହିଁ । ଏହା ଏପରି ଏକ ପର୍ଯ୍ୟାୟ ଅଥବା ସୋପାନ ନୁହେଁ, ଯାହା ଭିତର ଦେଇ ଯିବା ସମସ୍ତଙ୍କ ଲଗି ଆବଶ୍ୟକ ହେବ, ଅଥବା ଯାହା ମଧ୍ୟଦେଇ ଯିବା ପାଇଁ ସମସ୍ତଙ୍କୁ କୁହାଯାଇ ପାରିବ । ଧ୍ୟାନ ତଥା ଚିନ୍ତନର ସମର୍ଥ ବୁଦ୍ଧି ଜ୍ଞାନର ଯେଉଁ ବୌଦ୍ଧିକ ପ୍ରତିଭୂତିକୁ ସାଧ କରି ପାରୁଛୁ, ଯଦି ସେଇଟିକୁ ଯୋଗ ଲଗି ଏକ ଅପରିହାର୍ଯ୍ୟ ଆବଶ୍ୟକତା ଏବଂ ପ୍ରାରମ୍ଭିକ ଅବଶ୍ୟପ୍ତିଭି କର ରଖାଯାଏ, ତେବେ କେବଳ ମୁଷ୍ଟିମେୟ କେତେଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ଲଗି ଯୋଗ ପ୍ରକୃତରେ ଅସମ୍ଭବ ହୋଇ ରହିବ । ଆମ୍ଭାରୁ କେବଳ ଏକ ଯଥାର୍ଥ ଅନ୍ତ୍ରାନ ଆସିବ ଏବଂ ମନ ଭିତରେ ସେହି ଅନ୍ତ୍ରାନକୁ ଯଥେଷ୍ଟ ସମର୍ଥନ ମିଳୁଥିବ;—ଉର୍ଦ୍ଧ୍ୱସ୍ଥ ପରମ ଆଲୋକ ଆମଠାରୁ କେବଳ ଏତକରହିଁ ପ୍ରତ୍ୟାଶା କରିଥାଏ ଏବଂ ଏତକ ସମ୍ଭବ ହୋଇଗଲେ ତାହା ଆପଣାର କାର୍ଯ୍ୟଟିକୁ ଆରମ୍ଭ କରିଦିଏ । ଆମର ଭାବନା ଭିତରେ ପରମ ଦ୍ରବ୍ୟତାର ଧାରଣାଟିକୁ ଅବିଚଳ ଭାବରେ ଧରିରଖି ପାରିଲେ, ଆମ ଜୀବନର ଗତ୍ୟାତ୍ମକ ପ୍ରଦେଶଗୁଡ଼ାକରେ ଏକ ତତ୍ତ୍ୱ ଇଚ୍ଛା କାର୍ଯ୍ୟକାରୀ ହୋଇ ରହିପାରିଲେ ଏବଂ ହୃଦସ୍ଥ ଭିତରେ ଏକ ଆକାଙ୍କ୍ଷା, ଏକ ଶ୍ରଦ୍ଧା ଓ ଏକ ଆବଶ୍ୟକତା ଜାଗୃତ ହୋଇପାରିଲେ ତାହାର ଦ୍ୱାରାହିଁ ଉକ୍ତ ସମର୍ଥନ ପ୍ରାପ୍ତ ହୋଇଯିବ । ଏହି ସବୁଗୁଡ଼ାକ ଯଥାକ୍ତ ଅଥବା ସମଚ୍ଛନ୍ଦ ଭାବରେ ଅଗ୍ରସର ହୋଇ

'oaob.nitrkl.ac.in' images reprocessed

ନପାରଲେ ମଧ୍ୟ ଏଥିରୁ କୌଣସି ଗୋଟିଏ ଦୁଏନ୍ତ ବାଟ ଦେଖାଇନେବ ବା ସଂପ୍ରଧାନ ହୋଇ ରହିଥିବ । ଏହି ଧାରଣାଟି ପ୍ରଥମ ଅବସ୍ଥାରେ ଦୁଏନ୍ତ ଆଦୌ ଯଥେଷ୍ଟ ହେବ ନାହିଁ, ଦୁଏନ୍ତ ଅଯଥେଷ୍ଟ ହୋଇ ରହିବାକୁହିଁ ବାଧ୍ୟ ହେବ; ଆକାଙ୍କ୍ଷାଟି ଦୁଏନ୍ତ ଫଙ୍କାଖୁଣ୍ଟି ଓ ଅପୂର୍ଣ୍ଣବଳ ହୋଇ ରହିଥିବ; ଶ୍ରଦ୍ଧା କେବଳ କ୍ଷୀଣ ଭାବରେହିଁ ସଂଦୀପିତ ହୋଇଥିବ ବା ଏପଣକ, ଜ୍ଞାନର ଦୃଢ଼ଶିଳା ଉପରେ ସୁପ୍ରତିଷ୍ଠିତ ହୋଇ ରହି ନଥିବାରୁ, ଭାହା ବଡ଼ ସହଜରେ ଟଳି ଯାଇଥିବ, ଅନିଶ୍ଚିତ ହୋଇ ରହିଥିବ ଓ ହ୍ରାସ ହୋଇ ହି ଯାଇଥିବ । ଅନେକ ସମୟରେ ଦୁଏନ୍ତ ଭାହା ନଟାପିତ ହି ହୋଇଯିବ ଏବଂ ପ୍ରବଳ ବେଗରେ ପବନ ବହୁଥିବା କୌଣସି ଗିରିପଥରେ ହାଇରେ ଥିବା ବତ୍ତିଟି ପରି ଭାହାକୁ କେବଳ ଅଳ୍ପ କଷ୍ଟରେହିଁ ପୁଣି ପ୍ରଜ୍ୱଳିତ କରିଯାଇ ପାରୁଥିବ । ମାନ ଅନ୍ତରସ୍ଥ ଗହ୍ୱର ପ୍ରଦେଶରୁ ଥରେ ଏକ ପୂର୍ଣ୍ଣସଙ୍କଳ୍ପବଦ୍ଧ ଆତ୍ମୋତ୍ସର୍ଗ ସମ୍ଭବ ହୋଇପାରଲେ, ଆତ୍ମାର ଆହ୍ୱାନରେ ଥରେ ଜାଗ୍ରତ ହୋଇ ଉଠିପାରଲେ, ଏହି ଅଯଥେଷ୍ଟ ଓ ଅଳ୍ପଶକ୍ତ ସାଧନଗୁଡ଼ିକ ସେହି ଦିବ୍ୟ ଧେସୃଟିର ସାଧନ ଲାଗି ନଶ୍ଚୟ ଗୋଟିଏ ଗୋଟିଏ ଯଥେଷ୍ଟଶକ୍ତ ନମିତ୍ତରୂପେ ବ୍ୟବହୃତ ହୋଇପାରିବେ । ତେଣୁ ଜ୍ଞାନୀମାନେ ପରମେଶ୍ୱରଙ୍କ ଆଡ଼କୁ ମନୁଷ୍ୟର ପଥଗୁଡ଼ିକୁ କୌଣସି ପ୍ରକାରେ ସୀମାବଦ୍ଧ କରି ରଖିବା ଲାଗି ସବଦା ଅନିଚ୍ଛା ପ୍ରକାଶ କରି ଆସିଛନ୍ତି; ଏପରକି ଫଙ୍କାଖୁଣ୍ଟିମ ପ୍ରବେଶଦ୍ୱାରଟିକୁ ମଧ୍ୟ ସେମାନେ ଭା' ଲାଗି କଦାପି କଳ ରଖିବାକୁ ଗୃହ ନାହାନ୍ତି, ସବୁଠାରୁ ଭଲେ ଭଥା ସବୁଠାରୁ ଅଧିକ ଅନ୍ଧାର ଭିତରେ ରହିଥିବା ପଛକବାଟଟିକୁ ମଧ୍ୟ କଦାପି ବନ୍ଦ କରି ରଖି ନାହାନ୍ତି, ରୁଚ୍ଛତମ ବାଧିଶଭାଟଟିକୁ ମଧ୍ୟ କଦାପି କଳଦେଇ ନାହାନ୍ତି । ଯଦି ଆବଶ୍ୟକ ଆତ୍ମୋତ୍ସର୍ଗ ସହଜରୁ ରହିଛି, ଭେବେ ଯେକୌଣସି ନାମ, ଯେକୌଣସି ରୂପ, ଯେକୌଣସି ପ୍ରତୀକ ଭଥା ଯେକୌଣସି ଅର୍ଘ୍ୟକୁ ମଧ୍ୟ ଏହି କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥେଷ୍ଟ ବୋଲି ଘୋଷଣା କରିଯାଇଛି । କାରଣ ସାଧକର ହୃଦସ୍ଥ ଭିତରେହିଁ ଭଗବାନ୍ ଆପଣାକୁ ଚହ୍ନିନେଇ ପାରନ୍ତି ଓ ଯଜ୍ଞକୁ ସ୍ୱୀକାର କରନ୍ତଅନ୍ତି ।

ମାନ ଭଥାପି ଆତ୍ମୋତ୍ସର୍ଗର ପଛରେ ରହିଥିବା ସକଳ ବସ୍ତୁରଶକ୍ତିଟି ଯେଉଜ ଅଧିକ ବୃହତ୍ତ ଭଥା ପ୍ରଶସ୍ତ ହେବ, ଭାହା ସାଧକ ଲାଗି ସେଉଜ ଅଧିକ ଉପକାରକ ହୋଇପାରିବ, ଏବଂ ଭାହାର ସିଦ୍ଧିଟି ମଧ୍ୟ ସେଉଜ ଅଧିକ ପୂର୍ଣ୍ଣ ଏବଂ ବିପୁଳ ହେବାର ସମ୍ଭାବନା ରହିବ । ଆମକୁ ଯଦି ଏକ ପୂର୍ଣ୍ଣଯୋଗରହିଁ ସାଧନା କରିବାକୁ ହୁଏ, ଭେବେ ପରମ ଦିବ୍ୟସତ୍ତାର ଏହିପରି ଏକ ଧାରଣାରୁ ଆମକୁ ଏହି ସାଧନାଟିକୁ ଆରମ୍ଭ କରିବାକୁ ହେବ, ଯାହାକି ସ୍ୱୟଂ ଏକ ପୂର୍ଣ୍ଣ ଓ ସମଗ୍ର ଧାରଣା ହୋଇଥିବ । ଆମ ହୃଦସ୍ଥ ଭିତରେ ଉପଲବ୍ଧି ଲାଗି ଯେଉଁ ଆକାଙ୍କ୍ଷାଟି ରହିଥିବ, ସେଥିରେ କୌଣସି ପ୍ରକାର ସୀମାସଙ୍କୀର୍ଣ୍ଣତା ନଥିବ । ଆମକୁ ଯେ କେବଳ ଏକ ସମ୍ପ୍ରଦାୟ

'oaob.nitrkl.ac.in' images reprocessed

ଭିତରେ ବାନ୍ଧହୋଇ ରହିଥିବା ଧର୍ମଗତ ଦୃଷ୍ଟିକୋଣରୁ ଆପଣାକୁ ମୁକ୍ତ ରଖିବାକୁ ହେବ, ତାହା ନୁହେଁ, ମାତ୍ର କୌଣସି ନା କୌଣସି ସୀମାବଦ୍ଧକାସ୍ତ ମାନସିକ ସ୍ତର ଭିତରେ ସେହି ପରମ ଅନନ୍ତଚୈତନ୍ୟସ୍ୱରୂପଙ୍କୁ କଳ୍ପ ରଖିବାକୁ ଚେଷ୍ଟା କରୁଥିବା ଯାବତୀୟ ଏକାଙ୍ଗୀ ଓ ଏକଦେଶୀ ଦର୍ଶନକଳ୍ପନାରୁ ମଧ୍ୟ ବାହାରେ ରହିବାକୁ ପଡ଼ିବ । ଯେଉଁ ଗତିଶୀଳ ଭଗବତ୍‌କଳ୍ପନା ବା ପ୍ରେରକ ଭଗବଦ୍‌ବୋଧକୁ ଧରି ଆମର ଯୋଗ ସବୁଠାରୁ ଅଧିକ ପ୍ରକୃଷ୍ଟ ସ୍ତରରେ ଆପଣାର ସାଧନାଟିକୁ ଆରମ୍ଭ କରିପାରିବ, ତାହା ସ୍ୱଭାବତଃ ଏକ ଚେତନାମସ୍ୱ ସଂଗ୍ରାସ୍ତ ଅଥଚ ସଂଘାତଦମକାସ୍ତ ସେହି ପରମ ଅନନ୍ତଙ୍କରହିଁ ଏକ ଧାରଣା ବା ବୋଧ ହୋଇ ରହିଥିବ । ଊର୍ଦ୍ଧ୍ୱକୁ ଅନାଇ ଆମେ ଆପଣା ଦୃଷ୍ଟିସମକ୍ଷରେ ସେହି ମୁକ୍ତ, ସଂଶକ୍ତିଶାଳୀ, ପରିପୂର୍ଣ୍ଣ ତଥା ଆନନ୍ଦମସ୍ୱ ସେହି ପରମ ଏକ ଏବଂ ଏକତ୍ୱକୁହିଁ ଦେଖିବାକୁ ସମର୍ଥ ହେଉଥିବା, ଯାହାଙ୍କ ମଧ୍ୟରେ କି ସକଳ ସତ୍ତ୍ୱା ବିଚରଣ କରୁଛନ୍ତି ଓ ଜୀବନଧାରଣ କରି ରହିଛନ୍ତି ଏବଂ ଯାହାଙ୍କ ମଧ୍ୟଦେଇ ସମସ୍ତେ ପରସ୍ପର ସହିତ ମିଳିତ ହୋଇପାରିବେ ତଥା ଏକରୂପ ହୋଇଯାଇ ପାରିବେ । ଏହି ପରମ ଅନନ୍ତ ଆପଣାର ଆତ୍ମ-ଉଦ୍‌ଘାଟନରେ ଏକାଧାରରେ ବ୍ୟକ୍ତିତ୍ୱବାପନ୍ନ ତଥା ନୈର୍ବ୍ୟକ୍ତିକ ହୋଇ ପାରୁଥିବେ ଏବଂ ଆତ୍ମାକୁ ସ୍ପର୍ଶ ମଧ୍ୟ କରି ପାରୁଥିବେ । ସିଏ ହେଉଛନ୍ତି ବ୍ୟକ୍ତିତ୍ୱବାପନ୍ନ; କାରଣ ଆମେ ତାଙ୍କୁ ସେହି ଚେତନାମସ୍ୱ ପରମ ଦିବ୍ୟପୁରୁଷ ଏବଂ ପରମ ଅନନ୍ତବ୍ୟକ୍ତିରୂପେ ଜାଣିବା, ଯିଏକି ଏହି ବିଶ୍ୱଜଗତର ଅଗଣିତ ଦ୍ରବ୍ୟ ଓ ଅଦ୍ରବ୍ୟ ବ୍ୟକ୍ତିରୂପ ଉପରେ ଯେଉଁ ଶକ୍ତିତ ହେଲେ ମଧ୍ୟ ଆପଣାର କୌଣସି ନା କୌଣସି ପ୍ରତିଫଳନକୁ ଅବଶ୍ୟ ନିପତିତ କରି ରଖିଛନ୍ତି । ସିଏ ହେଉଛନ୍ତି ନୈର୍ବ୍ୟକ୍ତିକ; କାରଣ ଆମ ଆଖି ଆଗରେ ସେ ଅନନ୍ତ ସଚ୍ଚିଦାନନ୍ଦରୂପେ ପ୍ରତିଭାତ ହୋଇ ଛିଡ଼ିଛନ୍ତି, ଏବଂ କାରଣ ସେ ସକଳ ସତ୍ତ୍ୱା ଓ ସକଳ ଶକ୍ତିମତ୍ତାର ନିଦାନ ହୋଇ ରହିଛନ୍ତି, ଭୂମି ହୋଇ ରହିଛନ୍ତି ଏବଂ ଗଠନୋପାଦାନ ହୋଇ ରହିଛନ୍ତି । ଆମର ଏହି ସତ୍ତ୍ୱାର, ଅର୍ଥାତ୍ ଆମର ମନ, ପ୍ରାଣ ତଥା ଶରୀରର ଅର୍ଥାତ୍ ଆମର ଚିତ୍‌ଚେତନା ତଥା ଆମର ଜଡ଼ଚେତନା ଦୃଷ୍ଟିଯୋଜନାରହିଁ ଉପାଦାନ ହୋଇ ରହିଛନ୍ତି । ତାଙ୍କରଠାରେ ଆପଣାକୁ ଏକତ୍ରିତ ଓ ଏକନିବଦ୍ଧ କରି ରଖିଥିବା ଜୀବନ। ସିଏ ରହିଛନ୍ତି ବୋଲି କେବଳ ବୁଦ୍ଧିଗତ ଜୀବନରେହିଁ ବୃଦ୍ଧି ନାହିଁ, କିଂବା ତାଙ୍କୁ ଏକ ବସ୍ତୁବିଚ୍ଛିନ୍ନ ଅମୂର୍ତ୍ତିତା ବା ଏକ ତର୍କସିଦ୍ଧ ଅନିବାର୍ଯ୍ୟତା ବୋଲିହିଁ କଳ୍ପନା କରିବ ନାହିଁ; ମାତ୍ର ତା'ର ଜୀବନା ଯଥାର୍ଥରେ ଏକ ଦର୍ଶନସମର୍ଥ ଜୀବନା ହୋଇ ରହିବ, ଏଠାରେ ସକଳଟି ମଧ୍ୟରେ ତାହାଙ୍କୁହିଁ ପରମ ଅଧିବାସୀରୂପେ ପ୍ରତ୍ୟକ୍ଷ କରି ପାରୁଥିବ, ଆମର ନିଜ ଭିତରେହିଁ ତାଙ୍କୁ ଉପଲବ୍ଧି କରୁଥିବ, ତାଙ୍କର ଯାବତୀୟ ଶକ୍ତିମତ୍ତାର ଚାଳନକୁ ଅବଲୋକନ କରି ପାରୁଥିବ ଓ ତାହାର ଅଧିକାସ୍ତ ହୋଇ ପାରୁଥିବ । ସେହି ହେଉଛନ୍ତି କେବଳୈକ

'oaob.nitrkl.ac.in' images reprocessed

ପରମ ଅସ୍ତିତ୍ୱ, ସଂମୂଳ ତଥା ବଶ୍ୱବ୍ୟାପ୍ତ ପରମ ଆନନ୍ଦରୂପେ ସେ ସକଳ ବସ୍ତୁରେ ଅବସ୍ଥିତ ଅଛନ୍ତି ଏବଂ ଯୁଗପତ୍ ଭ୍ୱବରେ ସେଗୁଡ଼ିକୁ ଅତିକ୍ରମ ବ କର ରହିଛନ୍ତି । ସେହି ଏକମାତ୍ର ପରମଚେତନାରୂପେ ସେ ସକଳ ଚେତନାକୁ ରୂପ ଦେଇଛନ୍ତି ଓ ସେଗୁଡ଼ିକର ସକଳ ଗତିସ୍ପନ୍ଦନକୁ ପ୍ରେରତ କର ରଖିଛନ୍ତି । ତାହାଙ୍କଠାରେ ଆମେ ସେହି ଏକମାତ୍ର ଅମେସ୍ୱ ପରମ ସତ୍ତ୍ୱ ହୋଇ ଜୀଣିବା ଯିଏକ ସାବତ୍ତାସ୍ୱ ଜିସ୍ୱାସ୍ପକତା ଏବଂ ସାବତ୍ତାସ୍ୱ ଅନୁଭବକୁ ଧାରଣ କର ରଖିଛନ୍ତି, ତାଙ୍କର ଇଚ୍ଛାହିଁ ସକଳ ବସ୍ତୁର ବବର୍ତ୍ତନକୁ ସେଗୁଡ଼ିକର ଏପର୍ଯନ୍ତ ଅନୁପଲବ୍ଧ ଅଥଚ ଅବଶ୍ୟମ୍ଭାବୀ ହୋଇ ରହିଥିବା ଧେସ୍ୱ ତଥା ପରପୂର୍ତ୍ତତା ଆଡ଼କୁ ବାଟ ଦେଖାଇ ନେଇଯାଉଛି । ଆମର ହୃଦସ୍ୱ ତାହାଙ୍କ ପାଖରେହିଁ ଆପଣାକୁ ପୂର୍ତ୍ତଭ୍ୱବେ ଉତ୍ସର୍ଗ କରଦେଇ ପାରିବ, ତାଙ୍କୁ ପରମ ପ୍ରେମାସ୍ପଦ ଜାଣି ତାଙ୍କର ସମୀପବର୍ତ୍ତୀ ହୋଇପାରିବ, ସଚ୍ଚେଅବା ପରମ ପ୍ରେମର ଏକ ବଶ୍ୱମସ୍ୱ ମାଧୁର୍ଯ୍ୟରେ ଏବଂ ପରମ ଆନନ୍ଦର ଏକ ଜୀବନସ୍ପଚଳ ସମୁଦ୍ର ମଧ୍ୟରେ ତାଙ୍କର ମଧ୍ୟରେ ଆପଣାକୁ ସ୍ପନ୍ଦତ ଓ ସଞ୍ଜୀଲତ କର ରଖି ପାରିବ । କାରଣ ତାଙ୍କର ପ୍ରତ୍ଚନ୍ନ ଆନନ୍ଦହିଁ ଆମ୍ଭର ସାବତ୍ତାସ୍ୱ ଅନୁଭୂତର କ୍ଷେତ୍ରରେ ତାହାର ଅବଲମ୍ବନ ହୋଇ ରହିଛୁ ଏବଂ ସକଳ ଦୁଃଖ ଓ କଷ୍ଟଭୋଗର ଉପଶମ ହୋଇଯିବା ପର୍ଯନ୍ତ ନାନା ଭୁଲ୍ କରିବାରେ ଲଗିଥିବା ଆମର ଅହଂକୁ ମଧ୍ୟ ତା'ର ସାବତ୍ତାସ୍ୱ ପଶ୍ଚାତ୍ଭା ତଥା ସଂଗ୍ରାମରେ ଧାରଣ କର ରଖିଛୁ । ତାଙ୍କର ପ୍ରେମ ତଥା ଆନନ୍ଦ ସେହି ଅନନ୍ତ ଓ ଦିବ୍ୟ ପରମ ପ୍ରେମିକଙ୍କରହିଁ ପ୍ରେମ ଓ ଆନନ୍ଦରୂପେ ଏବସ୍ଥିତ ରହିଛୁ, ଯିଏକ ଶେଷରେ ତାଙ୍କର ସହିତ ସ୍ପର୍ଶସମାବିଷ୍ଟ ହୋଇ ରହିବା ଲଗି ସକଳ ବସ୍ତୁକୁ ସେଗୁଡ଼ିକର ଆପଣା ଆପଣା ପଥରେ ଆକର୍ଷିତ କରିବାରେ ଲଗିଛନ୍ତି । ଆମର ଇଚ୍ଛାଶକ୍ତି ଦୃଢ଼ଭାର ସହିତ କେବଳ ତାଙ୍କର ଉପରେହିଁ ଆପଣାକୁ ଅଭିନିବିଷ୍ଟ କର ରଖିପାରିବ, ତାହାଙ୍କଠାହିଁ ସେହି ଅଦୃଶ୍ୟ ପରମ ସାମର୍ଥ୍ୟରୂପେ ସ୍ୱୀକାର କରିନେଇ ପାରିବ, ଯିଏକ ତାକୁ ବାଟ ଦେଖାଇ ନେଉଛନ୍ତି, ତାକୁ ପରପୂର୍ତ୍ତ କରିଦେଇ ପାରୁଛନ୍ତି ଓ ତାହାର ସକଳ ବଳର ଉତ୍ସସ୍ୱରୂପ ହୋଇ ରହିଛନ୍ତି । ନୈବ୍ୟକ୍ତିକତାର ଭୂମିରେ ଏହି ପ୍ରେରକ ପରମବଳ ଏକ ଅସ୍ପୃଷ୍ଟସ୍ୱର ସାମର୍ଥ୍ୟରୂପେ ଅବସ୍ଥିତ ଅଛନ୍ତି, ଯିଏକ ସକଳ ପରିଣାମକୁ ଧାରଣ କର ରହିଛନ୍ତି ଓ ସେଗୁଡ଼ିକୁ ପୂର୍ତ୍ତିରୂପେ ସିଦ୍ଧ ନକରିଥିବା ପର୍ଯନ୍ତ ଅବିଚଳିତ ଭ୍ୱବରେ କାର୍ଯ୍ୟ କରିବାରେ ଲଗିଛନ୍ତି । ଏବଂ ବ୍ୟକ୍ତି-ଭ୍ୱାପନ୍ନତାର ଭୂମିରେ ସେ ଜଣେ ସଂଜ୍ଞାସମ୍ପନ୍ନ ଓ ସଂଶକ୍ତିମାନ୍ ଯୋଗେଶ୍ୱରରୂପେ ଅଧିଷ୍ଠିତ ରହିଛନ୍ତି, ଯାହାଙ୍କୁ କ କେହିହେଲେ ସେହି ଯୋଗକୁ ନେଇ ତାହାର ଅଭୀପ୍ସାସୃଷ୍ଟି ପାଖରେ ପହଞ୍ଚାଇ ଦେବାରୁ କଦାପି ନିବୃତ୍ତ କର ରଖିପାରିବ ନାହିଁ । ଏହିଭଳି ଏକ ବଶ୍ୱାସ ସହିତହିଁ ସାଧକ ଆପଣାର ସାଧନା ଓ ପ୍ରସ୍ପାସୃଷ୍ଟିକୁ ଆରମ୍ଭ କରିବ; କାରଣ ଏହି କ୍ଷେତରେ ତାହାର ସାବତ୍ତାସ୍ୱ ପ୍ରଚେଷ୍ଟାରେ, ଏବଂ ସର୍ବୋପରି

'oaob.nitrkl.ac.in' images reprocessed

ପରମ ଅଦୃଶ୍ୟଙ୍କ ପାଖରେ ଯାଇ ପହଞ୍ଚିବାର ପ୍ରତେଷ୍ଟାଟିରେ କେବଳ ବଶ୍ୱାସ ଏବଂ ଶ୍ରଦ୍ଧା ସହଯୁକ୍ତହିଁ ମନୋମସ୍ୱ ମନୁଷ୍ୟକୁ ଅଗ୍ରସର ହେବାକୁ ପଡ଼ିବ । ଏବଂ ଯେତେବେଳେ ଇପ୍ସିତ ସେହି ଇପଲବ୍ଧିରେ ଆସି ପହଞ୍ଚିବ, ସେତେବେଳେ ଦ୍ରବ୍ୟ ଚରିତାର୍ଥତା ତଥା ପରପୂର୍ଣ୍ଣତା ଲାଭ କରିଥିବା ତା'ର ସେହି ଶ୍ରଦ୍ଧା ଜ୍ଞାନର ଗୋଟିଏ ଚରନ୍ତନ ଶିଖାରୂପେ ରୂପାନ୍ତରିତ ହୋଇଯିବ ।

ଉର୍ଦ୍ଧ୍ୱାଭିମୁଖୀ ଆମର ଯାବତୀସ୍ୱ ପ୍ରସ୍ୱାସରେ ପ୍ରଥମ ଅବସ୍ଥାରେ ବାସନାରୂପୀ ସେହି ନମ୍ନତର ଉପାଦାନଟିହିଁ ଅତ୍ୟନ୍ତ ସ୍ୱାସ୍ଥ୍ୟକର ଭାବରେ ଆସି ପ୍ରବେଶ କରିବ । କାରଣ ସନ୍ଦୀପିତ ଇଚ୍ଛାଟି ଯେଉଁଟିକୁ ଆପଣାର କର୍ତ୍ତବ୍ୟ ବୋଲି ଦେଖିଥିବ ଏବଂ ଯେଉଁଟିକୁ ବଜସ୍ୱଲାଭ କରିବାର ଶିଖରରୂପେ ଜାଣି ତାହାର ଅନୁଧାବନ କରୁଥିବ, ହୃଦସ୍ୱ ଯାହାକୁ ଏକମାତ୍ର ଆନନ୍ଦଦାସ୍ୱକ ବସ୍ତୁ ବୋଲି ଜାଣି ଆବୋର ଧରିଥିବ, ଆମ ଭିତରେ ଯେଉଁଟି ଅପଣାକୁ ସୀମିତ ତଥା ବ୍ୟାହତ ବୋଲି ଅନୁଭବ କରୁଛୁ ଏବଂ ସୀମାବଦ୍ଧ ହୋଇ ରହିଥିବାରୁ ସବଦା ଆତୁର ଏବଂ ସଂଘର୍ଷରତ ହୋଇ ରହିଛୁ, ଆମ ଭିତରର ସେହି କାମନାମସ୍ୱ ପୁରୁଷ ଏକ ଅହଂଜର୍ଜର ବାସନାର ବଷ୍ଟୁକ୍ସ ଆକୁଳତା ନେଇ ଠିକ୍ ସେଇଟିକୁହିଁ ଅନ୍ୱେଷଣ କରି ବାହାରିବ । ଏହି ଆତୁର ପ୍ରାଣ-ଶକ୍ତି ବା ଆମ ଭିତରର ଏହି ବାସନା-ଆତ୍ମାଟିକୁ ପ୍ରଥମେ ସ୍ୱୀକାରିହିଁ କରିନେବାକୁ ପଡ଼ିବ; ମାତ୍ର ଯେପରି ଏଥିରେ ଏକ ରୂପାନ୍ତର ଘଟାଇବା ସମ୍ଭବ ହୋଇପାରିବ, କେବଳ ସେହି ଦୃଷ୍ଟିରୁହିଁ ତାହାକୁ ସ୍ୱୀକାର କରିନେବାକୁ ପଡ଼ିବ । ଏପରିକ ମୂଳରୁହିଁ ତାହା ଯେପରି ଅନ୍ୟ ଯାବତୀସ୍ୱ ବାସନାରୁ ମୁକ୍ତ ହୋଇ ରହେ ଏବଂ କେବଳ ପରମ ଦ୍ରବ୍ୟତାଙ୍କ ଲଗି ରହିଥିବା ଆପଣାର ବ୍ୟଗ୍ରତାଟିରେହିଁ ପ୍ରତିନିବଦ୍ଧ ହୋଇ ରହେ, ସେଥିଲଗି ତାକୁ ଅନୁରୂପ ଶିକ୍ଷା ଦେବାକୁ ପଡ଼ିବ । ଏହି ପ୍ରଧାନ କଥାଟି ହାସଲ ହୋଇଗଲେ, ତାହାକୁ ଯଥାର୍ଥ ବାସନାର ପୋଷଣ ଲଗି ମଧ୍ୟ ତାଲିମ ଦେବାକୁ ପଡ଼ିବ; ଆପଣାର କୌଣସି ସ୍ୱତନ୍ତ୍ର ସ୍ୱାର୍ଥସାଧନ ଲଗି ନୁହେଁ, ମାତ୍ର ବଶ୍ୱଜଗତସ୍ଥ ସେହି ପରମେଶ୍ୱରଙ୍କ ଲଗି ଏବଂ ଆମର ଭିତରେ ରହିଥିବା ପରମ ଦ୍ରବ୍ୟତାଟି ଲଗିହିଁ ବାସନା ରଖିବାକୁ ଶିଖାଇବାକୁ ପଡ଼ିବ । ସକଳ ସମ୍ଭାବ୍ୟ ଆଧ୍ୟାତ୍ମିକ ଲାଭ ବସସ୍ୱରେ ଆମେ ଏହି କ୍ଷେତ୍ରରେ ନଶ୍ଚିତ ହୋଇ ରହିଥିଲେ ମଧ୍ୟ, ତାହା କୌଣସି ବ୍ୟକ୍ତିଗତ ଅଧ୍ୟାତ୍ମଲାଭ ରୂପରେ ଆପଣାର ଦୃଷ୍ଟିକୁ ନବଦ୍ଧ କରି ରଖିବ ନାହିଁ; ମାତ୍ର ଆମ ଭିତରେ ତଥା ଅନ୍ୟମାନଙ୍କ ଭିତରେ ଯେଉଁ ବୃହତ୍ତର କାର୍ଯ୍ୟଟି ସମ୍ପନ୍ନ ହେବାକୁ ବାଙ୍କା ରହିଛୁ, ଯେଉଁ ଅଦ୍ଭୁତ ଜ୍ୱୀବ ଅଭିବ୍ୟକ୍ତିଟି ବଶ୍ୱ-ଜଗତରେ ସେହି ପରମ ଦ୍ରବ୍ୟତାକୁହିଁ ତାହାର ସକଳ ମହତ୍ତାରେ ପରପୂର୍ଣ୍ଣ

'oaob.nitrkl.ac.in' images reprocessed

କରଦେବାକୁ ଯାଉଛୁ, ଏବଂ ଯେଉଁ ପରମ ସତ୍ତ୍ୟରହିଁ ଅନ୍ୱେଷଣ କରବାକୁ ହେବ, ଯାହାର ମଧ୍ୟରେ ଜୀବନ ବଞ୍ଚିବାକୁ ହେବ ଏବଂ ଚରକାଳ ଲଗି ଯାହାକୁହିଁ ସିଂହାସନାରୂଢ଼ କର ରଖିବାକୁ ହେବ, ସେ ଆପଣାର ଦୃଷ୍ଟିକୁ ଚାହାଁ ଉପରେ ଜବଜ୍ଜ କର ରଖିବ । ମାତ୍ର ପରଶେଷରେ, ଯେଉଁ ଜଥାଟିକୁ କ ଚାହା ଲଗି ସବୁଠାରୁ ଅଧିକ କଷ୍ଟସାଧ୍ୟ ବୋଲ କୁହାଯିବ ଓ ଯଥାର୍ଥ ଧେସ୍ଟିକୁ ଆଗରେ ରଖି ଅଗ୍ରସର ହେବାଠାରୁ ଯାହାକୁ କ ଅଧିକ କଷ୍ଟସାଧ୍ୟ ବୋଲ କୁହାଯିବ, ଆମକୁ ଚାହାକୁ ଯଥାର୍ଥ ମାର୍ଗରେ ଅଗ୍ରସର ହେବା ଲଗି ଶିକ୍ଷା ଦେବାକୁ ପଡ଼ିବ । କାରଣ, ଆପଣାର ସ୍ୱଳ୍ପାସ୍ୱ ସେହ୍ନ ଅନ୍ତଂସନ୍ଧାପିତ ମାର୍ଗଟିରେ ନୁହେଁ, ମାତ୍ର ସେହ୍ନ ପରମ ଦ୍ୱବ୍ୟଚ୍ଚାର ମାର୍ଗଟରହିଁ ସେ ଆପଣାର ବାସନାଗୁଡ଼ିକର ପୋଷଣ କର ଶିଖିବ । ଆମର ବଳଶାଳୀ ଏହ୍ନ ଚଚ୍ଛିନ୍ନଚାଧର୍ମୀ ଇଚ୍ଛାଟି ଯେପର ସବଂଦା ଜଦ୍ ଜରବାରେ ଲଗିଥାଏ, ଚାହା ପଶ୍ଚପୁଣ୍ଡି ହେବାର କେବଲ ଆପଣା ମାର୍ଗଟି ଉପରେ, ଅଧିକାର ଜମାଇ ବସିବାର କେବଲ ଆପଣା ସ୍ରଷ୍ଟି ଉପରେ ଅଥବା ଯଥାର୍ଥ ଓ କାମ୍ୟ ବିଷୟରେ ରହିଥିବା କେବଲ ଆପଣା ଧାରଣାଟି ଉପରେହିଁ ଜଦ୍ ଧର ବସିବ ନାହିଁ । ମାତ୍ର ଚାହା ଏକ ବ୍ୟାପ୍ତଚର ଓ ବୃହତ୍ତର ପରମ ଇଚ୍ଛାକୁହିଁ ପଶ୍ଚପୁଣ୍ଡି କରବାର ଆକାଙ୍କ୍ଷା ରଖିଥିବ, ଏବଂ ଏକ କମ୍ ସ୍ୱାର୍ଥାସ୍ପକ୍ତ ଏବଂ କମ୍ ଅଜ୍ଞାନଗ୍ରସ୍ତ ପଥପ୍ରଦର୍ଶନ ସ୍ୱକାଶେ ଅପେକ୍ଷା କର ରହିବା ଲଗି ସମ୍ପୂର୍ଣ୍ଣ ବ ହୋଇ ପାରୁଥିବ । ଏହ୍ନପର ସ୍ତରରେ ପ୍ରଶିକ୍ଷିତ ହୋଇପାରଲେ, ମନୁଷ୍ୟର ସେହ୍ନ ଅଶାନ୍ତକାଙ୍କ୍ଷା ପ୍ରବଳ ଉତ୍ପୀଡ଼କ ଓ ସନ୍ତାପକ ହୋଇ ରହି ଆସିଥିବା ଏବଂ ଯାବତ୍ତୀୟ ପ୍ରକାରର ସ୍ଖଳନ ଓ ପତନ ଲଗି କାରଣ ହୋଇ ଆସିଥିବା ଆମର ଏହ୍ନ ବାସନା ଏକ ଦିବ୍ୟ ବାସନାରେ ରୂପାନ୍ତରିତ ହୋଇ ପାରବାର ଯୋଗ୍ୟ ହୋଇଯିବ । କାରଣ ବାସନା ଏବଂ କାମନାର ମଧ୍ୟ ଏକ ଦିବ୍ୟ ସ୍ତର ଓ ଦିବ୍ୟ ରୂପ ରହିଛୁ; ଆମ୍ଭାର ଆକାଙ୍କ୍ଷାରେ ଏକ ଶୁଦ୍ଧ ପରମ ଅଭିଭୁତର ସ୍ତର ମଧ୍ୟ ରହିଛୁ, ଯାହାକି ଯାବତ୍ତୀୟ ଆକୁଳତା ଓ ଦୁଃଖାତୁରତାର ଅତୀତ ହୋଇ ରହିଛୁ; ପରମ ଆନନ୍ଦର ଏକ ଇଚ୍ଛା ବା ଫଳତ୍ନ ମଧ୍ୟ ରହିଛୁ, ଯାହାକି ସେହ୍ନ ସବୋଚ୍ଚ ଆନନ୍ଦମସ୍ୱତାଗୁଡ଼ିକୁ ଅଧିକାର କର ମହ୍ନମମସ୍ୱ ହୋଇ ରହିଛୁ ।

ଯେତେବେଳେ ଆମ ଅଭିନବେଶର ବସ୍ତୁଟି ଆମର ଜୀବନ, ଆମର ହୃଦସ୍ୱ ତଥା ଆମର ଇଚ୍ଛା, ଏହ୍ନ ତନୋଟିଯାକ ମୁଖ୍ୟ ସାଧନକୁ ଥରେ ଅଧିକାର କରନେଇ ପାରବ ଓ ସେଗୁଡ଼ିକ ଦ୍ୱାରା ଆପେ ଅଧିକୃତ ହୋଇଯିବ,—ଏବଂ ଆମ ଭିତରେ ରହିଥିବା ବାସନା-ଆତ୍ମାଟି ସେହ୍ନ ଦିବ୍ୟ ପରମ ବିଧାନଟି ପାଖରେ ଆପଣାକୁ ଅଧୀନ କର ରଖିପାରଲେ ଯାଇ ଏହ୍ନ ଅନ୍ତିମ ଉପଲବ୍ଧିଟି ସମ୍ପୂର୍ଣ୍ଣରୂପେ ସମ୍ଭବ ହୋଇ ପାରବ,— ସେତେବେଳେ ଆମର ଏହ୍ନ ରୂପାନ୍ତରିତ ପ୍ରକୃତିର ଭୂମିଟି ଉପରେ ମନ,

'oaob.nitrkl.ac.in' images reprocessed

ପ୍ରାଣ ତଥା ଶରୀରର ପରିପୂର୍ଣ୍ଣତା ମଧ୍ୟ ପ୍ରକୃତରେ ସମ୍ଭବ ହୋଇପାରିବ । ଆମ ଅହଂର କୌଣସି ବ୍ୟକ୍ତିଗତ ସନ୍ତୋଷବିଧାନ ଲାଗି ଏକଥା ହେବ ନାହିଁ; ମାତ୍ର ସେପରି ସମଗ୍ର ସୃଷ୍ଟି ସେହି ପରମ ଦ୍ରବ୍ୟ ଉପସ୍ଥିତି ଲାଗି ଏକ ଯୋଗ୍ୟ ମନ୍ଦିର ହୋଇ ରହିପାରିବ ଏବଂ ଦ୍ରବ୍ୟ କର୍ମଶିରେ ସାଧନ ଲାଗି ସେପରି ଏକ ସକଳଯୋଗମୁକ୍ତ ସାଧନ ହୋଇ ରହିପାରିବ, ସେଇଥି ସକାଶେହିଁ ଏକଥା ହେବ । କାରଣ, ପୁର୍ଣ୍ଣୋତ୍ପୃଷ୍ଟ ହୋଇ ରହିଥିବା ଓ ଆପଣାକୁ ପରିପୂର୍ଣ୍ଣ ଭାବରେ ଉଆର କରି ରଖିଥିବା ଏହି ସାଧନଟି ଯେତେବେଳେ ଏକ ସ୍ୱାର୍ଥମୁକ୍ତ ଜିନ୍ୟା ଲାଗି ଉପଯୁକ୍ତ ଭାବରେ ବଳଶିତ ହୋଇଯାଇ ପାରିବ, କେବଳ ସେତିକିବେଳେ ଯାଇ ଉକ୍ତ ଜିନ୍ୟାଟି ଯଥାର୍ଥରେ ସମ୍ପନ୍ନ ହୋଇ ପାରିବ । ଏବଂ ତାହା ସମ୍ଭବ ହେବ, ଯେତେବେଳେ ବ୍ୟକ୍ତିକେନ୍ଦ୍ରିତ ସକଳ ବାସନା ତଥା ସକଳ ଅହଂଗତତା ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇଯିବ, ମାତ୍ର ବମୋଚତ ବ୍ୟକ୍ତି ସ୍ୱସ୍ୱଂ ବିଲୁପ୍ତ ହୋଇଯିବ ନାହିଁ । ଆମର ଏହି କ୍ଷୁଦ୍ର ଅହଂଟି ବିଲୁପ୍ତ ହୋଇଯିବା ପରେ ମଧ୍ୟ ପ୍ରକୃତରେ ଆଧ୍ୟାତ୍ମିକ ବ୍ୟକ୍ତିଟି ତଥାପି ଅବସ୍ଥିତ ରହିପାରିବ ଏବଂ ତାହାର ମଧ୍ୟରେ ଅବସ୍ଥିତ ପରମେଶ୍ୱରଙ୍କର ଇଚ୍ଛା, ପରମେଶ୍ୱରଙ୍କର ଜିନ୍ୟା ଏବଂ ପରମେଶ୍ୱରଙ୍କର ଆନନ୍ଦ ଏବଂ ତା'ର ଏହି ପରିପୂର୍ଣ୍ଣତା ଓ ପୂର୍ଣ୍ଣତାଭିମୁଖୀର ଆଧ୍ୟାତ୍ମିକ ଉପଯୋଗିତି ମଧ୍ୟ ତଥାପି ମହାନନ୍ଦ ହୋଇ ରହିପାରିବ । ସେତେବେଳେ ଆମର ସକଳ ଜିନ୍ୟା ଦ୍ରବ୍ୟ ଜିନ୍ୟାରେ ପରିଣତ ହୋଇଯିବ ଏବଂ ଦ୍ରବ୍ୟଭାବରେ ସମ୍ପନ୍ନ ହେବ; ସେହି ପରମ ଦ୍ରବ୍ୟତା ଲାଗି ସମର୍ପିତ ହୋଇ ରହିଥିବା ଆମର ମନ, ପ୍ରାଣ ଏବଂ ଇଚ୍ଛାଶକ୍ତି ଆମ ନିଜ ଭିତରେ ପ୍ରଥମେ ଯେଉଁଟିର ଉପଲବ୍ଧି ହୋଇପାରିଛୁ, ଅନ୍ୟମାନଙ୍କ ମଧ୍ୟରେ ଓ ବିଶ୍ୱଜଗତରେ ତାହାକୁହିଁ ପରିପୂର୍ଣ୍ଣ କରିଦେବାର ସହାୟକରୂପେହିଁ ବ୍ୟବହୃତ ହେବ । ଏହି ପୃଥିବୀପୃଷ୍ଠରେ ଆମ୍ଭର ସାହସଯାତ୍ରାଟି ସକାଶେ ଆଜ ଯାହା ପରମ ଧେୟ ହୋଇ ରହିଛୁ, ସେହି ମୂର୍ତ୍ତିମନ୍ତ ପରମ ଏକତ୍ୱ, ପରମ ପ୍ରେମ, ପରମ ସ୍ୱାଭଲ୍ୟ, ପରମ ବଳ, ପରମ ସାମର୍ଥ୍ୟ, ପରମ ମହତ୍ତ୍ୱ ତଥା ଅବନଶ୍ୱର ପରମ ଆନନ୍ଦଟି ମଧ୍ୟରୁ ଆମେ ଯେଉଁସବୁକୁ ଅଭିବ୍ୟକ୍ତ କରିଦେଇ ପାରିବା, ତାହାକୁହିଁ ଚରିତାର୍ଥ କରିଦେବାରେ ଆମର ମନ, ପ୍ରାଣ ତଥା ଇଚ୍ଛାଶକ୍ତି ବ୍ୟବହୃତ ହେବାକୁ ଲାଗିବ ।

ଏହି ସମଗ୍ର ଅଭିନିବେଶ ଆଡ଼କୁ ଏକ ପ୍ରସ୍ତାବରୁ ଅଥବା ଅନ୍ତତଃ ଆମର ଦୃଷ୍ଟିକୁ ସ୍ଥାପ୍ତୀ ଭାବରେ ତାହାର ଅଭିମୁଖୀ କରି ରଖିହିଁ ଆମର ଯୋଗ ଆରମ୍ଭ ହେବ । ଏଥିଲାଗି ଆମର ସମୁଦାୟ ସୃଷ୍ଟିକୁ ନେଇ ସେହି ସର୍ବୋଚ୍ଚ ପରମପଦରେ ଉତ୍ସର୍ଗ କରି ରଖିବାର ଏକ ସଚ୍ଚେତନ ଏବଂ ଅବିଚଳିତ ଇଚ୍ଛାର ଆବଶ୍ୟକତା ହେବ, ଆମର ଏହି ସମୁଦାୟ ସୃଷ୍ଟିକୁ ତଥା ଆମର ଅନେକପ୍ରକୋଷ୍ଠଯୁକ୍ତ ଏହି ପ୍ରକୃତିକୁ ସେହି ପରମ ଶାଶ୍ୱତ

'oaob.nitrkl.ac.in' images reprocessed

ଏବଂ ପରମ ସଦ୍ଗୁରୁଙ୍କ ପାଖରେ ନେଇ ନିବେଦନ କରିଦେବାକୁ ପଡ଼ିବ । ଅନ୍ୟ ସକଳ ବସ୍ତୁକୁ ପରିତ୍ୟାଗ କଲ ଅଳ୍ପାଧିକ କେବଳ ସେହି ଗୋଟିଏ ବସ୍ତୁ ଉପରେହିଁ ଆମର ଅଭିନିବେଶର ଫଳପ୍ରଦ ସମ୍ପୃକ୍ତିଟିରୁ ଆମର ଏକମାତ୍ର କାମ୍ୟ ହୋଇ ରହିଥିବା ସେହି ପରମ ଅଦ୍ୱିତୀୟଙ୍କ ପାଖରେ ଆମେ କେତେ ପରିମାଣରେ ଆତ୍ମନିବେଦନ କରିପାରୁଛୁ, ତାହାର ନିର୍ଦ୍ଧାରଣ କରିଯାଇ ପାରିବ । ମାତ୍ର ଏହି ବହିଷ୍କାରଧର୍ମୀ ଆତ୍ମଦୃଷ୍ଟି ପରିଶେଷରେ ଆପଣା ମଧ୍ୟରୁ ଜଗତ ବିଷୟରେ ରହିଥିବା ଆମର ଦୃଷ୍ଟିଭଙ୍ଗୀଗତ ମିଥ୍ୟା ଏବଂ ଆମ ଇଚ୍ଛାଶକ୍ତିର ଅଜ୍ଞାନତାଟି ବ୍ୟଗତ ଆଉ କିଛିଦେଲେ ବହିଷ୍କୃତ କରି ରଖିବ ନାହିଁ । କାରଣ ଯେତେବେଳେ ଆମେ ସତ୍ତତ କେବଳ ସେହି ପରମ ଦ୍ରବ୍ୟତାକୁହିଁ ତାଙ୍କର ସ୍ୱରୂପଟି ମଧ୍ୟରେ ତଥା ଆମ ନିଜ ମଧ୍ୟରେ ଦେଖିବା ସଙ୍ଗେସଙ୍ଗେ ସକଳ ବସ୍ତୁ, ସକଳ ଜୀବ ତଥା ସକଳ ଘଟଣା ମଧ୍ୟରେ ବି କେବଳ ସେଇଟିକୁହିଁ ଦେଖିବାକୁ ଆରମ୍ଭ କରିବା, ସେତେବେଳେ ଯାଇ ସେହି ପରମ ଶାଶ୍ୱତ ସତ୍ତା ଉପରେ ଆମ ମନର ଅଭିନିବେଶ ଆପଣାର ପୂର୍ଣ୍ଣ ତାତ୍ପର୍ଯ୍ୟତା ଲାଭ କରିବ । ଆମର ସକଳ ସଂବେଗ ଯେତେବେଳେ ସେହି ପରମ ଦ୍ରବ୍ୟତାର ପ୍ରେମଟି ଭିତରେ,—କେବଳ ସେହି ପରମ ଦ୍ରବ୍ୟତାର ସ୍ୱରୂପଟି ମଧ୍ୟରେ ଏବଂ ସେହି ସ୍ୱରୂପଟି ଲାଗି ନୁହେଁ, ମାତ୍ର ଏହି ବିଶ୍ୱରେ ରହିଥିବା ତାହାର ସକଳ ଜୀବ, ସକଳ ସାମର୍ଥ୍ୟ, ବ୍ୟକ୍ତିତ୍ୱ ତଥା ରୂପ ଭିତରେ,—ସମସ୍ତୀଭୂତ ହୋଇ ରହିପାରିବ, ସେତେବେଳେ ଯାଇ ଆମର ହୃଦସ୍ଥ ଭିତରେ ମଧ୍ୟ ତାହା ପୂର୍ଣ୍ଣତାତ୍ପର୍ଯ୍ୟ ହୋଇପାରିବ । ଆମେ ଯେତେବେଳେ ସତ୍ତତ ସେହି ଦ୍ରବ୍ୟ ଆବେଗଟିକୁହିଁ ଲାଭ କରିବାକୁ ଲାଗିବା ଏବଂ କେବଳ ତାହାକୁହିଁ ଆମର ପ୍ରେରକଶକ୍ତିରୂପେ ଗ୍ରହଣ କରିନେଇ ପାରିବା, ସେତେବେଳେ ଆମର ଇଚ୍ଛା ଭିତରେ ତାହା ସମ୍ପୃକ୍ତି ଜୀବରେ ତାତ୍ପର୍ଯ୍ୟ ହୋଇଯିବ । ମାତ୍ର ଏହାର ତାତ୍ପର୍ଯ୍ୟ ଏହାହିଁ ହେବ ଯେ ଆମ ଅହଂଗ୍ରସ୍ତ ପ୍ରକୃତିଟିର ନାନାଆଡ଼େ ଭ୍ରମି ବୁଲୁଥିବା ଆବେଗଗୁଡ଼ିକୁ ଆମେ ସଂଶୋଧ ବିରୋଧୀ ଊର୍ଦ୍ଧ୍ୱାର୍ଗଗାମୀଟି ସମେତ ସମୂଳ ଜୀବରେ ଫାଟାର କରିପାରିବୁ, ତଦ୍ଦ୍ୱାରା ଆପଣାକୁ ବିଶ୍ୱଗତ କରି ରଖିବୁ ଏବଂ ସକଳ ବସ୍ତୁରେ ରହି କାର୍ଯ୍ୟ କରୁଥିବା ସେହି ପରମ ଦ୍ରବ୍ୟତାକୁ ସତ୍ତତ ପ୍ରସନ୍ନ ଜୀବରେ ଗ୍ରହଣ କରିନେବାକୁ ସମର୍ଥ ମଧ୍ୟ ହୋଇପାରିବୁ । ଆମେ ଏହାକୁହିଁ ପୂର୍ଣ୍ଣଯୋଗର ପ୍ରଥମ ଆଧାରଭୂତ ସିଦ୍ଧି ବୋଲି ଜାଣିବା ।

ପରମ ଦ୍ରବ୍ୟତା ପାଖରେ ବ୍ୟକ୍ତି ଆପଣାକୁ ପରିପୂର୍ଣ୍ଣ ଜୀବରେ ନିବେଦିତ କରିଦେବ, ଏକଥା କହିବାବେଳେ ଆମେ ତାହାକୁ ଠିକ୍ ଏହି ଅର୍ଥରେହିଁ ବୁଝିଥାଉ । ମାତ୍ର, ଆମର ବାସନାଟିକୁ ରୂପାନ୍ତରିତ କରିଦେଇ ତାହାର ଅସ୍ତିତ୍ୱଟିକୁ ଲୋପ କରିଦେବାର ସେହି ଘୋର ଓ କଠିନ ପ୍ରକ୍ରିୟାଟି ଯେତେବେଳେ ନିଃଶେଷିତ ଜୀବରେ

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ହୋଇଯାଇ ପାରିବ, କେବଳ ସେତେବେଳେ ଯାଇ ଏହି ସମସ୍ତ ଓ ସମ୍ପୂର୍ଣ୍ଣ ଆତ୍ମୋତ୍ସର୍ଗ ସମ୍ଭବ ହେବ । ପରିପୂର୍ଣ୍ଣ ଆତ୍ମୋତ୍ସର୍ଗ ସଂଜ୍ଞା ପରିପୂର୍ଣ୍ଣ ଆତ୍ମନିବେଦନକୁହିଁ ବୁଝାଇବ ।

*

କାରଣ, ଏହି କ୍ଷେତ୍ରରେ ଏହି ଯୋଗର ଦୁଇଟି ଗତିଶୀଳତା ଅର୍ଥାତ୍ ଦୁଇଟି ପର୍ଯ୍ୟାୟ ଜଡ଼ିତ ହୋଇ ରହିଛନ୍ତି, ଏବଂ ଦୁହିଁଙ୍କ ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ସୋପାନ ମଧ୍ୟ ରହିଛନ୍ତି । ଗୋଟିଏ ପର୍ଯ୍ୟାୟ ହେଉଛନ୍ତି ଆପଣାକୁ ସମର୍ପଣ କରିଦେବାର ଏହି ପ୍ରକ୍ରିୟାଟିର ପର୍ଯ୍ୟାୟ ଏବଂ ଆଉ ଗୋଟିଏ ହେଉଛନ୍ତି ତାହାର ଶିଖର ତଥା ପରିଣାମଟିର ପର୍ଯ୍ୟାୟ । ପ୍ରଥମ ପର୍ଯ୍ୟାୟଟିରେ ବ୍ୟକ୍ତି ପରମ ଦିବ୍ୟତାକୁ ଆପଣାର ଜୀବନଭୂମି ମଧ୍ୟକୁ ଗ୍ରହଣ କରିନେବା ଲାଗି ପ୍ରସ୍ତୁତ ହେବାରେ ଲାଗିଥାଏ । ଏହି ସମସ୍ତ ପ୍ରଥମ ପର୍ଯ୍ୟାୟଟିରେ ତାକୁ ଆପଣା ଜନ୍ମଜାତ ପ୍ରକୃତିର ସାଧନଗୁଡ଼ିକୁ ନେଇ କାର୍ଯ୍ୟ କରିବାକୁ ହୋଇଥାଏ, ମାତ୍ର ଊର୍ଦ୍ଧ୍ୱରୁ ମଧ୍ୟ ତାକୁ ଅଧିକରୁ ଅଧିକ ସାହାଯ୍ୟ ମିଳିବାରେ ଲାଗିଥାଏ । ମାତ୍ର ଏହି ବିଜାଶଧାରାର ପରିବର୍ତ୍ତୀ ମଧ୍ୟପର୍ଯ୍ୟାୟଟିରେ ଆମର ବ୍ୟକ୍ତିଗତ ଓ ଜେଣୁ ଅଜ୍ଞାନାଚ୍ଛନ୍ନ ପ୍ରବୃତ୍ତିସବୁ କ୍ରମଶଃ ଅଧିକରୁ ଅଧିକ ପରିମାଣରେ ହ୍ରାସ ହୋଇ ଆସେ ଏବଂ ଏକ ଉଚ୍ଚତର ପ୍ରକୃତି କାର୍ଯ୍ୟ କରିବାକୁ ଲାଗେ; ମରଣଶୀଳତାର ଏହି ସୀମାଙ୍କିତ ଭୂମିରେ ଉପରେ ପରମା ଶକ୍ତିର ଅବତରଣ ହୁଏ ଏବଂ ତାହା ସେଇଟିକୁ ଅଧିକରୁ ଅଧିକ ପରିମାଣରେ ଆପଣାର ଅଧିକାରକୁ ନେଇଯାଏ ଏବଂ ରୂପାନ୍ତରିତ କରିଦେବାକୁ ଲାଗେ । ଦ୍ୱିତୀୟ ପର୍ଯ୍ୟାୟଟିରେ ଷ୍ଟ୍ରଚରଟି ସ୍ଥାନରେ ବୃହତ୍ତର ଗତିଶୀଳତାଟି ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇ-ଯାଏ, ପୂର୍ବରୁ ଅପରିହାର୍ଯ୍ୟ ହୋଇଥିବା ସେହି ପ୍ରଥମ କ୍ରିୟାଟି ଅପସୃତ ହୋଇଯାଏ ଓ ଦ୍ୱିତୀୟଟି କାର୍ଯ୍ୟ କରିବାରେ ଲାଗେ । ମାତ୍ର ଆମର ଆତ୍ମନିବେଦନଟି ପରିପୂର୍ଣ୍ଣ ହୋଇପାରିଲେ ଯାଇ ଏହି କାର୍ଯ୍ୟଟି ସମ୍ଭବ ହୁଏ । ଆମ ଭିତରେ ରହିଥିବା ଅହଂ-ପୁରୁଷଟି ଆପଣାର ନିଜ ଶକ୍ତି ଦ୍ୱାରା, ନିଜର ଇଚ୍ଛା ଦ୍ୱାରା, ନିଜର ଜ୍ଞାନ ଦ୍ୱାରା କିଂବା ଆପଣାର କୌଣସି ଗୁଣବଳରେ ଆପଣାକୁ କଦାପି ପରମ ଦିବ୍ୟତାର ପ୍ରକୃତିକୁ ରୂପାନ୍ତରିତ କରିଦେଇ ପାରିବ ନାହିଁ । ଅହଂ-ପୁରୁଷ ଆପଣାକୁ କେବଳ ସେହି ରୂପାନ୍ତର ଲାଗି ଉପଯୁକ୍ତହିଁ କରିପାରିବ ଏବଂ ସେ ପ୍ରକୃତିରେ ଯାହାଙ୍କ ରୂପରେ ପରିଣତ ହୋଇଯିବାକୁ ଇଚ୍ଛା କରୁଛି, ତାଙ୍କର ପାଖରେ ଆପଣାକୁ ଅଧିକରୁ ଅଧିକ ପରିମାଣରେ ସମର୍ପିତ କରିଦେଇ ପାରିବ । ଆମ ଭିତରେ ଯେତେ ଦିନଯାଏ ଅହଂ କାର୍ଯ୍ୟକାରୀ ହୋଇ ରହିଥିବ, ସେତେଦିନଯାଏ ଆମର ବ୍ୟକ୍ତିଗତ କ୍ରିୟାଟି ସ୍ୱପ୍ରକୃତିରେ ସଂଜ୍ଞା କେବଳ ଜୀବନର ସେହି ନିମ୍ନତର ସୋପାନଗୁଡ଼ିକରହିଁ

'oaob.nitrkl.ac.in' images reprocessed

ଏକ ଅଂଶ ହୋଇ ରହିଥିବ, ସେହିପରି ହୋଇ ରହିବାକୁ ବାଧ ହେଉଥିବ । ତାହା ଅସ୍ପଷ୍ଟ ଓ ଅର୍ଦ୍ଧାଲୋକିତ ହୋଇ ରହିଥିବ, ଆପଣାର କ୍ଷେତ୍ରଟିରେ ବଡ଼ ସୀମିତ ହୋଇ ରହିଥିବ, ଆପଣାର ସାମର୍ଥ୍ୟରେ ମଧ୍ୟ ବଡ଼ ଆଂଶିକ ଭାବରେ ଫଳଦାୟକ ହୋଇ ରହିଥିବ । ତେଣୁ, କେବଳ କଣ୍ଠିତ ଆଲୋକନକାରୀ ଏକ ଇଷତ୍ ପରିବର୍ତ୍ତନ ନୁହେଁ, ମାନ ଆମ ପ୍ରକୃତର ଭୂମିଟିରେ ଯଦି ଏକ ଆଧ୍ୟାତ୍ମିକ ରୂପାନ୍ତରହିଁ ଘଟାଇବାକୁ ହୁଏ, ତେବେ ବ୍ୟକ୍ତି ମଧ୍ୟରେ ଏହି ଅଲୌକିକ କାର୍ଯ୍ୟଟିକୁ ସମ୍ଭବ କରାଇବା ଲାଗି ଆମକୁ ଦିବ୍ୟ ଶକ୍ତିର ଆବାହନ କରି ଆଣିବାକୁ ପଡ଼ିବ; କାରଣ ସେହି ଶକ୍ତିଙ୍କ ମଧ୍ୟରେହିଁ ଆବଶ୍ୟକ ସାମର୍ଥ୍ୟଟି ରହିଛି, ତାଙ୍କର ମଧ୍ୟରେହିଁ ସେହି ମୀମାଂସକ, ସତ୍ୟପ୍ରଜ୍ଞାମୟ ଓ ଅମିତ ଶକ୍ତି ବିଦ୍ୟମାନ ରହିଛି । ମାନ ବର୍ତ୍ତମାନ ଯେଉଁ ମନୁଷ୍ୟର ଭୂମିରେ ବ୍ୟକ୍ତିଗତ ଜିଦ୍ୱାଟି କାର୍ଯ୍ୟ କରିବାରେ ଲାଗିଛି, ସେଠାରେ ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ଜିଦ୍ୱାଟିର ଆପଣା ଜିନିଷଗୁଡ଼ାକ କଦାପି ସଙ୍ଗେସଙ୍ଗେ ସମ୍ଭବ ହୋଇଯିବ ନାହିଁ । ନମ୍ନସ୍ତରୁ ପ୍ରାଦୁର୍ଭାବ ବନ୍ଦ କରି ରହିଥିବା ଏହି ଯେଉଁ ଯାବତୀୟ ହସ୍ତକ୍ଷେପ ସେହି ଊର୍ଦ୍ଧ୍ୱତର ଜିଦ୍ୱାର ସତ୍ୟଟିକୁ ମିଥ୍ୟା ବୋଲି ପ୍ରିଜ୍ଞ କରିଦେବାକୁ ମନ ବଳାଇ ରହିଛନ୍ତି, ପ୍ରଥମେ ସେଗୁଡ଼ାକୁ ନିପିଜ୍ଞ କରି ରଖିବାକୁ ପଡ଼ିବ ଅଥବା ସେଗୁଡ଼ାକୁ ଶକ୍ତିହୀନ କରିଦେବାକୁ ପଡ଼ିବ ଏବଂ ଏହି କାର୍ଯ୍ୟଟିକୁ ଆମ ନିଜର ଏକ ପୂର୍ଣ୍ଣାଙ୍ଗ ନିସ୍ପତ୍ତିରୂପେହିଁ କରିବାକୁ ପଡ଼ିବ । ଅର୍ଥାତ୍, ନମ୍ନତର ପ୍ରକୃତିର ସେହି ନାନା ଆବେଗ ତଥା ଅସତ୍ୟଗୁଡ଼ାକୁ ସ୍ୱୀକାର କରିବା ଲାଗି ଆମେ ସର୍ବଦା ଅବିଚ୍ଛିନ୍ନ ଭାବରେ ବାରମ୍ବାର ନାହିଁ କରିବାରେ ଲାଗିଥିବା ଏବଂ ଆମର ଜୀବନାଂଶଗୁଡ଼ାକରେ ପରମ ସତ୍ୟଟି ଆପଣାକୁ ଯେତକ ଯେତକ ଭକ୍ତାଇ ଆଣୁଥିବ, ଆମେ ଅବାରତ ଭାବରେ ତାହାକୁହିଁ ସମର୍ଥନ ଜଣାଇବାରେ ଲାଗିଥିବା । କାରଣ ଆମ ଭିତରକୁ ସଞ୍ଚାରତ ହୋଇ ଆସୁଥିବା ଏବଂ ଆମକୁ ଆପଣାର ପ୍ରେରଣା ଦ୍ୱାରା ପ୍ରେରତ କରିଦେଉଥିବା ସେହି ପରମ ଆଲୋକ, ପରମ ବିଶୁଦ୍ଧତା ଏବଂ ପରମ ସାମର୍ଥ୍ୟଟିକୁ ଆମର ପ୍ରକୃତ ମଧ୍ୟରେ ଉଦ୍ଧର୍ୱୋତ୍ତର ଭାବରେ ଦୃଢ଼ମୂଳ ଓ ସୁପ୍ରତିଷ୍ଠିତ କରି ରଖିବାକୁ ହେଲେ ଓ ପରଶେଷରେ ତାହାର ପରିପୂର୍ଣ୍ଣତାଟିକୁ ସମ୍ଭବ କରିବାକୁ ହେଲେ ଆମକୁ ମୁକ୍ତଭାବରେ ତାହାକୁ ଗ୍ରହଣ କରିନେବାକୁ ପଡ଼ିବ; ଏବଂ ଯାହାକିଛି ତାହାର ବିରୋଧୀ ତଥା ବିପରୀତଧର୍ମୀ ହୋଇ ରହିଛି, ତାହାଠାରୁ ନମ୍ନସ୍ତର ଓ ତାହା ସହିତ ଅମେଳ ହୋଇ ରହିଛି, ସେଗୁଡ଼ାକୁ ଦୃଢ଼ତାର ସହିତ ବର୍ଜନ କରି ଆସିବାକୁ ପଡ଼ିବ ।

ଆତ୍ମ-ପ୍ରସ୍ତୁତିର ଏହି ପ୍ରଥମ ଗତିସ୍ପନ୍ଦନଟିରେ ଅର୍ଥାତ୍ ବ୍ୟକ୍ତିଗତ ପ୍ରୟାସର ଏହି ପର୍ଯ୍ୟାୟରେ ଆମକୁ ଆମର ସମ୍ପୂର୍ଣ୍ଣ ସତ୍ତାଟିକୁ ନେଇ ତାହାର ଅଭିଲଷିତ ସେହି ପରମ ଦିବ୍ୟତା ମଧ୍ୟରେହିଁ ଅଭିନିବିଷ୍ଟ କରି ରଖିବାକୁ ପଡ଼ିବ, ଏବଂ ତାହାର

'oaob.nitrkl.ac.in' images reprocessed

ଆନୁପ୍ରଙ୍ଗିକ ଭାବରେ, ଯାହାକିଛୁ ପରମ ଦ୍ରବ୍ୟଟାର ଯଥାର୍ଥ ସତ୍ୟରୂପେ ଅବସ୍ଥିତ ହୋଇ ରହିବ ନାହିଁ, ତାହାର ସତତ ବର୍ଜନ କରିବାକୁ ହେବ, ତାକୁ ଆମ ଭିତରୁ ସତତ କାଢ଼ି ଫୋପାଡ଼ି ଦେବାକୁ ପଡ଼ିବ, ତାହାର ଅନୁକ୍ଷଣ ନିରେଚନ କରାଇବାକୁ ପଡ଼ିବ । ଏହା କ୍ଷେତ୍ରରେ ଏହାହିଁ ଆମର ସାଧନ ହୋଇ ରହିବ । ଏବଂ ଏହାଭଳି ଏକ ଅନିରତ ପ୍ରସ୍ୱାସ ଫଳରେ ଆମର ସାବତୀୟ ଭାବନା, ଅନୁଭୂତି ଏବଂ କାର୍ଯ୍ୟ, ତଥା ଆମ ଆପଣାର ସମ୍ବନ୍ଧ ପରିଚୟ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ ହୋଇ ରହି-ପାରିବ । ଏହା ଉତ୍ସର୍ଗ ବା ସମ୍ପର୍ଣ୍ଣ ଆପଣାକୁ ସେହି ପରମ ସମ୍ବୋଧି ଲଗିହିଁ ଏକ ସମଗ୍ର ଆତ୍ମନିବେଦନରେ ପରିଣତ କରିଦେବ; କାରଣ ଆମର ସମୁଦାୟ ପ୍ରକୃତିକି ଆପଣାକୁ ପରିପୂର୍ଣ୍ଣ ଏବଂ ସମ୍ପୂର୍ଣ୍ଣ ସମାବେଶକ ଭାବରେ ଆତ୍ମନିବେଦନ କରିଦେବା ଦ୍ୱାରାହିଁ ସେହି ଆତ୍ମୋତ୍ସର୍ଗ ଆପଣାର ଶିଖରରେ ଆସି ପହଞ୍ଚିବ ଏବଂ ତାହା ପରିପୂର୍ଣ୍ଣ ହେଲା ବୋଲି ସଙ୍କେତ ମଧ୍ୟ ମିଳିଯିବ । ମନୁଷ୍ୟ-ଜିବ୍ୟା ଏବଂ ଦିବ୍ୟ ଜିବ୍ୟା ମଧ୍ୟରେ ମଧ୍ୟବର୍ତ୍ତୀ ହୋଇ ରହିଥିବା ଯୋଗର ଦ୍ୱିତୀୟ ପର୍ଯ୍ୟାୟଟିରେ ଏକ କ୍ରମବର୍ଦ୍ଧମାନ ଶୁଦ୍ଧ ଓ ସଦାଜାଗରୂକ ନମନସମର୍ଥତା ସତେଅବା ଊର୍ଦ୍ଧ୍ୱରୁ ଆସି ପ୍ରତିଷ୍ଠିତ ହେବାକୁ ଲଗିବ, ପରମ ଦ୍ରବ୍ୟ ଶକ୍ତିଟି ଉଦ୍ଦେଶ୍ୟରେ ଅଧିକରୁ ଅଧିକ ପରିମାଣରେ ଆଲୋକପାତ ହେବାରେ ଲଗିଥିବା ଏକ ଦିବ୍ୟ ପ୍ରତିସ୍ପନ୍ଦନ ଜନ୍ମଲାଭ କରିବ; ତାହା କେବଳ ସେହି ପରମ ଦ୍ରବ୍ୟ ଶକ୍ତିଟି ବ୍ୟତୀତ ଆଉ କାହାରକୁ ଆପଣାର ପ୍ରତିସ୍ପନ୍ଦନ ଜଣାହିଁ ନଥିବ । ଏବଂ ଏହାଫଳରେ ଊର୍ଦ୍ଧ୍ୱ ସୋପାନରୁ ଏକ ମନ୍ତାନ୍ ଓ ଚେତନାମୟ ଅଲୌକିକ ଜିବ୍ୟାତ୍ମକତା ଅଧିକରୁ ଅଧିକ ପରିମାଣରେ ଆମ ଭିତରକୁ ପ୍ରବାହିତ ହୋଇ ଆସିବାକୁ ଲଗିବ । ଏବଂ ତା'ପରେ ସମ୍ପୂର୍ଣ୍ଣତେ ପର୍ଯ୍ୟାୟଟିରେ ଆଉ ପ୍ରକୃତିରେ କୌଣସି ଚେଷ୍ଟା କରିବାକୁ ପଡ଼ିବ ନାହିଁ, କୌଣସି ନିର୍ଦ୍ଦିଷ୍ଟ ପଦ୍ଧତି ବା ଧରାବନ୍ଧା ସାଧନା ମଧ୍ୟରେ ବାନ୍ଧିହୋଇ ରହିବାକୁ ପଡ଼ିବ ନାହିଁ । ବର୍ତ୍ତମାନ ଯେଉଁଠି ପ୍ରଚେଷ୍ଟା ଓ ତପସ୍ୟା ରହିଛି, ସେତେବେଳେ ତାହା ସ୍ଥାନରେ ବଡ଼ ସ୍ୱତ୍ତ୍ୱବପ୍ରେରିତ, ସହଜ, ଶକ୍ତିଶାଳୀ ତଥା ପୂର୍ଣ୍ଣକର ଭାବରେ ଆମର ପୂର୍ଣ୍ଣଶୁଦ୍ଧ ତଥା ପରିପୂର୍ଣ୍ଣ ପାର୍ଥିବ ପ୍ରକୃତିର ସ୍ତବକଟି ମଧ୍ୟରୁ ପରମ ଦ୍ରବ୍ୟତାର ଫୁଲଟି ପ୍ରସ୍ଫୁଟିତ ହୋଇଉଠିବ । ଯୋଗର ଜିବ୍ୟାଟିରେ ଏହାଭଳି ଭାବରେ ଏକ ସ୍ୱାତ୍ତ୍ୱବକ କ୍ରମ ବର୍ଦ୍ଧମାନ ରହିଥିବ ।

ଏହିସବୁ ରୂପାନ୍ତରଣ ସେ ସକଳ କ୍ଷେତ୍ରରେ ସମ୍ବଦା ବା ଅଟଳ ଭାବରେ ପରସ୍ପର ସହିତ ଏହିପରି ଏକ ଅନମନୀୟ ଅନୁକ୍ରମରେ ବାନ୍ଧିହୋଇ ରହିଥିବ, ସେକଥା ଆଦୌ ନୁହେଁ । ପ୍ରଥମ ପର୍ଯ୍ୟାୟଟି ପୂର୍ଣ୍ଣ ହୋଇସାରିବା ପୂର୍ବରୁ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟଟି ଅଂଶତଃ ଆରମ୍ଭ ହୋଇଯାଇଥିବ । ଦ୍ୱିତୀୟ ପର୍ଯ୍ୟାୟଟି ଦୋରସ୍ତ ହେବା ପର୍ଯନ୍ତ ପ୍ରଥମ ପର୍ଯ୍ୟାୟଟି ମଧ୍ୟ ଆଂଶିକ ଭାବରେ ଅବଚ୍ଛିନ୍ନ ରହିଥିବ । ତୃତୀୟ ପର୍ଯ୍ୟାୟର ଦ୍ରବ୍ୟ ଜିବ୍ୟାଟି ମଧ୍ୟ ଚୂଡ଼ାନ୍ତରୂପେ ସୁପ୍ରତିଷ୍ଠ ଓ ସ୍ୱତ୍ତ୍ୱବପ୍ରକୃତିକ ହୋଇ

'oaob.nitrkl.ac.in' images reprocessed

ପାରିବାର ଅନେକ ପୂର୍ବରୁ ଏକ ପ୍ରଚଣ୍ଡ ଭାବରେ ବାରବାର ଆପଣାର ପରିଚୟ ଦେଇଯାଉଥିବ । ବ୍ୟକ୍ତିର ଆପଣା ପ୍ରସ୍ଥାସ ତଥା ପ୍ରଚେଷ୍ଟାଟିର ପର୍ଯ୍ୟାୟରେ ମଧ୍ୟ ବ୍ୟକ୍ତିଠାରୁ ଉଚ୍ଚତର ତଥା ବୃହତ୍ତର ଏକ ଶକ୍ତି ସଂପର୍କୀ ତାକୁ ବାଟ କଢ଼ାଇ ନେଇଯାଉଥିବ । ସଚେତନତା ଅନ୍ତରାଳରେ ରହି ତାକୁ ବାଟ ଦେଖାଇ ନେଉଥିବା ଏହି ବୃହତ୍ତର ନିର୍ଦ୍ଦେଶନାଟି ବିଷୟରେ ଯିବ ଦ୍ରୁତ ଅନେକ ସମୟରେ ସଚେତନ ହୋଇପାରୁଥିବ, ବେଶ୍ କିଛି ସମୟ ସକାଶେ ଏହାଭିତ୍ତ ଏକ ସଚେତନତା ମଧ୍ୟରେ ଅବସ୍ଥାନ କରିପାରୁଥିବ, ସେବିଷୟରେ ପୂର୍ଣ୍ଣସଚେତନ ରହିପାରୁଥିବ ଏବଂ ଏପରିକ, ଆପଣା ସତ୍ତାଟିର କେତେକ ଅଂଶରେ ସେବିଷୟରେ ସ୍ଥାସ୍ୱୀ ଭାବରେ ମଧ୍ୟ ସଚେତନ ରହିପାରୁଥିବ । ଏବଂ ତା'ର ସମଗ୍ର ପ୍ରକୃତିଟି ଆପଣାର ସମୁଦାୟ ଅଂଶରେ ନମ୍ନତର ପର୍ଯ୍ୟେକ୍ଷ ନସ୍ୱତ୍ତାଟି ମଧ୍ୟରୁ ଶୁଦ୍ଧ ହୋଇ ବାହାରିଯିବାର ଅନେକ ପୂର୍ବରୁ ମଧ୍ୟ ଦ୍ରୁତ ସେକଥାଟି ସେଶ୍ ସମ୍ଭବ ହୋଇପାରିବ । ଏପରିକ, ଫଳପ୍ରସ୍ତୁ ଆରମ୍ଭରୁ ମଧ୍ୟ ସେ ଏହିଭଳି ସଚେତନ ରହିପାରିବ; ତା' ସତ୍ତାର ଅନ୍ୟ ଅଙ୍ଗଗୁଡ଼ିକ ନଢ଼େଲେ ମଧ୍ୟ ଅନ୍ତରତଃ ତା'ର ମନ ଓ ହୃଦୟ ଯୋଗର ଏକାବେଳକେ ପ୍ରାଥମିକ ଚରଣଗୁଡ଼ିକରୁ ସେହି ଉଚ୍ଚତର ଶକ୍ତିର ବଳଶାଳୀ ଓ ଅନ୍ତଃପ୍ରବେଶକ ନିର୍ଦ୍ଦେଶନାଟି ଲାଗି ଏକ ପ୍ରକାରର ପ୍ରଥମସ୍ତ୍ରାସ୍ୱ ଫଳପ୍ରସ୍ତୁତା ସହିତ ଆପଣାର ପ୍ରତିସ୍ପନ୍ଦନ ମଧ୍ୟ ଜଣାଇ ପାରୁଥିବ । ମାନ ମଧ୍ୟବର୍ତ୍ତୀ ପ୍ରସ୍ତୁତର ପର୍ଯ୍ୟାୟଟି ଯେତିକ ଯେତିକ ଅଗ୍ରସର ହୋଇଯାଉଥିବ ଓ ଆପଣାର ପୂର୍ଣ୍ଣ ସୀମାଟିର ନିକଟବର୍ତ୍ତୀ ହେଉଥିବ, ସେହି ବୃହତ୍ତ ପ୍ରତ୍ୟକ୍ଷ ନିର୍ଦ୍ଦେଶନା ଓ ନସ୍ୱତ୍ତାଟିର ସତତ, ଫଳପ୍ରସ୍ତୁ ଏବଂ ଅବିଚଳ ନିସ୍ୱାଟିକୁ ଅଧିକରୁ ଅଧିକ ପରମାଣରେ ଆପଣାକୁ ସ୍ୱଚ୍ଛନ୍ତ ଭାବରେ ପ୍ରକଟ କରିଦେଉଥିବ । କୌଣସି ପ୍ରକାରେ ଆମର ଏକ ବ୍ୟକ୍ତିଗତ ସାଧତା ହୋଇ ରହି ନଥିବା ଏକ ବୃହତ୍ତର ଭବ୍ୟ ପଥପ୍ରଦର୍ଶନର ଏହି ପ୍ରାଧାନ୍ୟ ଆମ ଭିତରେ ଏକ ସମଗ୍ର ଆଧ୍ୟାତ୍ମିକ ରୂପାନ୍ତର ଲାଗି ପ୍ରକୃତିର ଉର୍ଦ୍ଧ୍ୱାରୋହର ପରିପକ୍ୱତାରଟି ସୂଚନା ଦେଇଯାଉଥିବ । ଆମର ଆତ୍ମୋତ୍ସର୍ଗ ଯେ କେବଳ ସିଦ୍ଧାନ୍ତତଃ ସ୍ୱୀକୃତ ହୋଇପାରିଛୁ, ତା' ନୁହେଁ, ମାନ ନିସ୍ୱା ତଥା ସାମର୍ଥ୍ୟର କ୍ଷେତ୍ରରେ ମଧ୍ୟ ତାହା ଯେ ସିଦ୍ଧି ଅର୍ଜନ କରିପାରିଛୁ, ଏଇଥିରୁ ତାହାରଟି ଏକ ଅଭ୍ରାନ୍ତ ସୂଚନା ମିଳିଯିବ । ପରମ ସଙ୍କୋଚ ସତ୍ତା ଆପଣା ଅଲୌକିକ ପରମ ଆଲୋକ, ପରମ ସାମର୍ଥ୍ୟ ତଥା ପରମ ଆନନ୍ଦର ଏକ ସ୍ପନ୍ଦମାନତ୍ତ ମନୁଷ୍ୟ-ଆଧାର ଉପରେ ଯେ ଆପଣାର ସର୍ବାପିନ୍ତ ହସ୍ତଟିକୁ ଆଣି ରଖି ପାରିଲେଣି, ତାହାର ଏକ ପ୍ରମାଣ ଉପଲବ୍ଧି ହେବ ।

'oaob.nitrkl.ac.in' images reprocessed

ଚତୁର୍ଥ ପରିଚ୍ଛେଦ

କର୍ମରେ ଆତ୍ମସମର୍ପଣ—ଗୀତାର ମାର୍ଗ

ଜୀବନ, କୌଣସି ପୂରଣ୍ଣିତ ନୈଶବ୍ୟମୟ ବା ଉଚ୍ଚ-ଉଲ୍ଲେଖିତ ଅଭିଭୂତମୟ ଅଙ୍ଗତ ଆଉ କେଉଁ ଲେଳ ନୁହେଁ—ମାନ କେବଳ ଜୀବନ ଦେଉଛି ଆମ ଯୋଗର ଯଥାର୍ଥ କ୍ଷେତ୍ର । ତେଣୁ, ଆମର ଏହି ମନୁଷ୍ୟଭୂମିରେ ଯାବତୀୟ ଜ୍ଞାବନା, ଯାବତୀୟ ଦେଖିବା, ଅନୁଭବ କରିବା ଏବଂ ହେବାର ଏହି କେବଳ ଉପରଜ୍ଞାଗତ, ଫଳାଶ୍ରୁତି ଏବଂ ଖଣ୍ଡିତ ସ୍ୱାଭଟିକୁ ଏକ ଗଭୀର ଏବଂ ପ୍ରଶସ୍ତ ଅଧ୍ୟାତ୍ମଚେତନା ଏବଂ ଏକ ସମଗ୍ରୀକୃତ ଅନ୍ତର୍ଗତ ଭଥା ବହିଃସ୍ଥ ଜୀବନରୂପ, ଅର୍ଥାତ୍ ଆମର ଏହି ଜଟ୍ୟନୈମିତ୍ତିକ ମନୁଷ୍ୟଜୀବନକୁ ସେହି ଦିବ୍ୟ ଜୀବନ ସ୍ୱାଭରେ ରୂପାନ୍ତରିତ କରଦେବାହିଁ ଏହି ଯୋଗର ସର୍ବପ୍ରଧାନ ଧେସ୍ୟ ହୋଇ ରହିବ । ଏହି ସର୍ବୋଚ୍ଚ ଧେସ୍ୟଟିକୁ ଉପଲବ୍ଧି କରିବାର ସାଧନରୂପେ ଆମର ପ୍ରକୃତ ସେହି ପରମ ଦିବ୍ୟତା ପାଖରେହିଁ ଆପଣାକୁ ସମ୍ପୂର୍ଣ୍ଣଭାବରେ ନେଇ ନିବେଦନ କରିଦେବ । ଆମ ଭିତରେ ଯେଉଁ ପରମ ଦିବ୍ୟତା ବର୍ତ୍ତମାନ ରହିଛି, ସେହି ବିଶ୍ୱଗତ ପରମ ସକଳ ଭଥା ବିଶ୍ୱାତୀତ ପରମ ସର୍ବୋଚ୍ଚ ପାଖରେହିଁ ଆମର ସବୁକିଛିକୁ ନେଇ ସମର୍ପିତ କରିଦେବାକୁ ହେବ । ଆମର ଇଚ୍ଛା, ଆମର ହୃଦୟ ଭଥା ଆମର ଭାବନାକୁ ନେଇ ସେହି ଏକ ଭଥା ଅନେକାତ୍ମକ ପରମ ଦିବ୍ୟତା ପାଖରେ ସମ୍ପୂର୍ଣ୍ଣ ଭାବରେ ଅଭିନିବିଷ୍ଟ କରି ରଖିବାକୁ ପଡ଼ିବ, କେବଳ ସେହି ପରମ ଦିବ୍ୟତାଙ୍କ ଲାଗିହିଁ ଆମର ସମୁଦାୟ ସୃଷ୍ଟି ଆପଣାକୁ ଅକୁଣ୍ଠ ଭାବରେ ଉତ୍ସର୍ଗ କରି ରଖିବ,—ଏହି ଯୋଗର ମୌମାଂସକ ମାର୍ଗଟି କହିଲେ ଆମେ ସଦ୍ଦା କେବଳ ଏହି କଥାହିଁ ବୁଝିବା; ଯେଉଁ ପରମ ତତ୍ତ୍ୱସମ୍ପଦଟି ଆମର ଏହି ଅହଂଟି ତୁଳନାରେ ଅନନ୍ତାନ ଭାବରେ ବୃହତ୍ତର ହୋଇ ରହିଛି, ଅହଂକୁ ତାହାର ଆଡ଼କୁ ମୁହାଁଇ ରଖିବା, ତାହାର ପାଖରେ ନେଇ ନିବେଦନ କରି ରଖିବା ଏବଂ ସମର୍ପିତ କରିଦେବାକୁହିଁ ଏହାର ଅପରିହାର୍ଯ୍ୟ ମାର୍ଗ ବୋଲି କୁହାଯାଇ ପାରିବ ।

ଗୋଟିଏ ମନୁଷ୍ୟପ୍ରାଣୀ ଭାବରେ ଆମେ ସାଧାରଣତଃ ଯେଉଁ ଜୀବନଟିକୁ ଯାପନ କରିବାରେ ବ୍ୟସ୍ତ ହୋଇ ରହିଥାଉ, ତାହା ଅଜ୍ଞାନ ଅପୂର୍ଣ୍ଣ ଭାବରେ

'oaob.nitrkl.ac.in' images reprocessed

ଅନୁଶାସିତ କେତେକେତେ ଭାବନା, ଅବବୋଧ, ଇଚ୍ଛା ସୃଷ୍ଟାତ୍ମକତା, ଫଳବେଗ, ବାସନା ତଥା ସମ୍ଭୋଗର ଏକ ଅର୍ଦ୍ଧଦୃଢ଼ ଏବଂ ଅର୍ଦ୍ଧତରଳ ସମଷ୍ଟିପିଣ୍ଡ ଦ୍ୱାରାହିଁ ଗଢ଼ା ହୋଇ ରହିଥାଏ । ଏଇଟି ଭିତରେ ଜିପ୍ସା ବୋଲି ଯାହାସବୁ ରହିଥାଏ, ତାହା କେବଳ ମୁଖ୍ୟତଃ ସଂସ୍କାରଗତ ହୋଇ ରହିଥାଏ, ଆପଣାକୁ ପୁନଃପୁନଃ କରିବାରେ ଲଗିଥାଏ; କେବଳ ଆଂଶିକ ଭାବରେ ଗତିଶୀଳ ଏବଂ ଆତ୍ମବିକାଶସମର୍ଥ ହୋଇ ରହିଥାଏ ସତ, ମାତ୍ର ସବୁଯାକ ଖାଲି ସେହି ଉପରଭାଗସ୍ଥ ଏକ ଅଙ୍ଶକୁ କେନ୍ଦ୍ର କରିହିଁ ଠିକ ହୋଇ ରହିଥାଏ । ଏହିସବୁ ଗଠ୍ୟାତ୍ମକ ଜିପ୍ସାତ୍ମକତାର ସମଷ୍ଟିଟି ପରିଣାମରେ ଯେପରି ଏକ ଅନ୍ତର୍ଗତ ବିକାଶରୂପେ ପ୍ରକଟ ହୋଇଥାଏ, ସାଧାରଣ ଆଂଶିକ ଭାବରେ ଏହି ଜୀବନରେ ପ୍ରତ୍ୟକ୍ଷ ତଥା ଫଳପ୍ରଦ ହୋଇ ରହେ, ଏବଂ ଆଂଶିକ ଭାବରେ ପରବର୍ତ୍ତୀ ଅନେକ ଜୀବନରେ ପ୍ରଗତିର ସାଜ ହୋଇପାରିବା ଲାଗି ସଂରକ୍ଷିତ ହୋଇ ରହେ । ତେଭଳି ସତ୍ତାର ଏହି ବିକାଶ, ଏହି ସଂପ୍ରସାରଣ, ଏହି ବର୍ତ୍ତମାନ ଆତ୍ମପ୍ରକାଶ ଏବଂ ମନୁଷ୍ୟର ଜୀବନକୁ ଏକ ଗଠନରୂପ ଦେଇ ରଖିଥିବା ବିଭିନ୍ନ ଅଂଶଗୁଡ଼ିକର ଏକ ସମୋଦ୍ଭର ସମଞ୍ଜସତାସମ୍ପନ୍ନ ବିକାଶ,—ଏହାକୁହିଁ ଆମେ ମନୁଷ୍ୟଜୀବନର ସମୁଦାୟ ତାତ୍ପର୍ଯ୍ୟ ଏବଂ ସକଳ ସାର ବୋଲି ଜାଣିବା । ଭାବନା, ଇଚ୍ଛା, ସଂବେଗ, ବାସନା, ଜିପ୍ସାତ୍ମକତା ଏବଂ ଅନୁଭୂତି ଦ୍ୱାରାହିଁ ଆପଣା ଚେତନାଟିର ଏହି ଅର୍ଥବ୍ୟଞ୍ଜକ ବିକାଶଟି ଲଗି ଏବଂ ତାହାକୁ ପରିଶେଷରେ ଏକ ପରମ ଓ ଦିବ୍ୟ ଆତ୍ମ-ଆବିଷ୍କାରରେ ନେଇ ପହଞ୍ଚାଇବା ଲାଗିହିଁ ମନୁଷ୍ୟରୂପୀ ମନୋମୟ ସତ୍ତା ଆପଣାକୁ ଏହି ଭୌତିକ ଦେହାତ୍ମଭଳଟି ମଧ୍ୟରେ ପ୍ରବିଷ୍ଟ କରି ରଖିଛି । ଏହାଛଡ଼ା ଆଉ ଯାହାକିଛି ରହିଲା, ତାହାକୁ ଆମେ ଦୁଏଟ କେବଳ ସହାୟକ ଓ ଗୌଣ ବୋଲି କହିପାରିବା, ଅଥବା ଆକସ୍ମିକ ଓ ଅନାବଶ୍ୟକ ବୋଲିହିଁ କହିପାରିବା । ଯାହାକିଛି ମନୁଷ୍ୟପ୍ରକୃତିର ବାହନ ହୋଇ ରହିଛି, ତାହାର ଜନ୍ମବିକାଶରେ ସହାୟକ ହୋଇ ରହିଛି, ତଥା ତାହାର ଅଭିବୃଦ୍ଧି ବା ଅଧିକ ଯଥାର୍ଥ ଭାବରେ କହିଲେ ତା'ର ଆତ୍ମସତ୍ତା ଓ ଚତୁଃସତ୍ତାଟିର ଜନ୍ମୋନ୍ମୋଚନ ଏବଂ ଆବିଷ୍କାର ଲାଗିହିଁ ସହାୟକ ଓ ପୋଷକ ହୋଇ ରହିଛି, ଆମେ କେବଳ ତାହାକୁହିଁ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ସ୍ୱୀକାର କରିପାରିବା ।

ଆମର ଯୋଗ ଆମର ଇଚ୍ଛାଅସ୍ତିତ୍ୱର ଏହି ପରମ ଉଦ୍ଦେଶ୍ୟଟିର ସାଧନକୁହିଁ ତ୍ୱରାନ୍ୱିତ କରିଦେବ, ଏହାକୁହିଁ ଆମେ ଆମ ଯୋଗର ଲକ୍ଷ୍ୟ ବୋଲି ଜାଣିବା । ପ୍ରକୃତିର ସ୍ୱଭାବଧାରାରେ ଆମର ଏହି ସାଧାରଣ ଓ ଅଭିବଳମ୍ବିତ ଜୀବନରେ ଯେଉଁ ମନ୍ଥର ଏବଂ ଅସ୍ପଷ୍ଟ ବିବର୍ତ୍ତନଟି ହେବାରେ ଲଗିଛି, ଯୋଗର ପ୍ରକ୍ରିୟାଟି ତାହାକୁ କେତେ ପଛରେ ପକାଇ ଦେଇ ଅଗ୍ରସର ହୋଇଯିବାର ଅଭିଲାଷ ରଖିଛି । କାରଣ ଆପଣାର ଅନୁକୂଳତମ କ୍ଷେତ୍ରରେ ମଧ୍ୟ ପ୍ରକୃତିଗତ ବିବର୍ତ୍ତନଟି କେବଳ ଏକ ଅନିଶ୍ଚିତ

'oaob.nitrkl.ac.in' images reprocessed

ଅଭିବୃଦ୍ଧି ହୋଇ ରହିପାରୁଛୁ, କେବଳ ଆବରଣସ୍ଥ ହୋଇ ରହୁଛୁ; ଏଇଟି ଉପରେ ଆଂଶିକ ସ୍ତରରେ ପରିବେଶର ଚାପ ପଡ଼ୁଛୁ ଏବଂ ଆଂଶିକ ସ୍ତରରେ ଆପଣାର ପଥଟିକୁ ତଥାପି ଚଳିବା ନଥିବା ଏକ ଆତ୍ମଶିକ୍ଷଣ ଏବଂ ବଡ଼ ଅପୂର୍ଣ୍ଣ ସ୍ତରରେ ଆଲୋକ-ପ୍ରାପ୍ତ ଉଦ୍ଦେଶ୍ୟସମ୍ପନ୍ନ ପ୍ରଚେଷ୍ଟା ଦ୍ୱାରା ମଧ୍ୟ ଏହି ବିବର୍ତ୍ତନ ଫଳଲାଭ ହୋଇପାରୁଛୁ । ଉପଲବ୍ଧ ସୁଯୋଗଗୁଡ଼ିକର କେବଳ ଆଂଶିକ ସ୍ତରରେ ସନ୍ଧାନଯୁକ୍ତ ଏବଂ ଅର୍ଦ୍ଧ ଯାନ୍ତ୍ରିକ ବିନିଯୋଗ ହୋଇପାରୁଛୁ; ସେଥିରେ କେତେ ଭୁଲ୍ ହେବାରେ ଲଗିଛି, କେତେ ପତନ ଘଟୁଛୁ ଏବଂ କେତେଥର ପଛକୁ ଫେରିଯିବାକୁ ପଡ଼ୁଛୁ । ଏହାର ଅଧିକାଂଶ ସ୍ତରଟି ପ୍ରଧାନତଃ ଆପାତ ଆକସ୍ମିକତା, ପରିସ୍ଥିତି ତଥା ସ୍ୱଗ୍ୟବଶତା ଦ୍ୱାରାହିଁ ଗଠିତ ହୋଇ ରହିଛୁ; ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ ଏହାର ମଧ୍ୟରେ ଏକ ପ୍ରଚ୍ଛନ୍ନ ଦିବ୍ୟ ସହାୟକତା ଏବଂ ପଥପ୍ରଦର୍ଶନ ଗୁପ୍ତ ହୋଇ ରହିଛୁ । ଯୋଗସାଧନାରେ ଆମେ ଏହି ବଡ଼ ଅସ୍ପଷ୍ଟ ବନ୍ଧ କର୍କଟଗତିକୁ ପରିତ୍ୟାଗ କରି ତାହାର ସ୍ଥାନାପନ୍ନ ସ୍ତରରେ ଏକ ସଚ୍ଚେତନ, ଚେତନାଯୁକ୍ତ ଓ ଆତ୍ମନିର୍ଦ୍ଦେଶନାସମ୍ପନ୍ନ ବିବର୍ତ୍ତନର ନବପ୍ରତିଷ୍ଠା ସମ୍ଭବ କରିଇଥାଉ, ଯାହାକି ଆମକୁ ଏକ ସରଳରେଖାରେହିଁ ଆମ ଆଗରେ ନିବଦ୍ଧ ହୋଇ ରହିଥିବା ଲକ୍ଷ୍ୟଟି ଆଡ଼କୁ ବାଟ କଢ଼ାଇ ନେଇଯିବା ଲଗି ଅଭିପ୍ରେତ ହୋଇ ରହିଥାଏ । ଯେଉଁ ଉନ୍ନୋତ୍ତର ଅଗ୍ରସର ହେବାର ପଥରେ ଦୁଏନ୍ତ ଏକ ସ୍ୱତଃଶ୍ରେଷ୍ଠ ସିଦ୍ଧିବନ୍ଧୁ ବୋଲି ଆଦୌ କହିହେଲେ ନାହିଁ, ସେଥିରେ କୌଣସି ସ୍ଥାନରେ ପ୍ରକୃତରେ କୌଣସି ଲକ୍ଷ୍ୟଟିଏ ରହିଛୁ ବୋଲି କହିଲେ ଦୁଏନ୍ତ ତାହା ଏକ ଭ୍ରମାତ୍ମକତା ମଧ୍ୟ ହୋଇପାରେ । ତଥାପି ଏହି କ୍ଷେତ୍ରରେ ଆମେ ଏକ ତାତ୍ତ୍ୱିକ ଲକ୍ଷ୍ୟର ବେଶ୍ କଳ୍ପନା କରିପାରିବା; ଆମର ଉପସ୍ଥିତ ସିଦ୍ଧିବନ୍ଧୁଟିର ଆଡୁର ଆଗକୁ ରହିଥିବା ଏକ ପରବର୍ତ୍ତୀ ଲକ୍ଷ୍ୟର ଅବଶ୍ୟ କଳ୍ପନା କରିପାରିବା, ଯେଉଁଠାରେ ଉପନୀତ ହେବା ଲଗି ମନୁଷ୍ୟର ଆତ୍ମା ଆକାଙ୍କ୍ଷା ପୋଷଣ କରିପାରିବ । ଏହି କ୍ଷେତ୍ରରେ ତା' ସମ୍ମୁଖରେ ଏକ ନବଜନ୍ମଲାଭର ସମ୍ଭାବନା ଉନ୍ମୁକ୍ତ ହୋଇ ରହିଛୁ, ଏହି କ୍ଷେତ୍ରରେ ସଶ୍ରୀଗତ ଏକ ଉଚ୍ଚତର ଏବଂ ବ୍ୟାପ୍ତତର ଭୂମିକୁ ଆରୋହଣ କରିଯିବାର ଓ ତାହାର ଜୀବନାଂଶଗୁଡ଼ିକରେ ଏକ ରୂପାନ୍ତର ସାଧନ କରିଇବା ଲଗି ସେହି ଭୂମିଟି ଏଠାକୁ ଅବତୀର୍ଣ୍ଣ ହୋଇ ଆସିବାର ଏକ ସମ୍ଭାବନା ବେଶ୍ ନିହିତ ହୋଇ ରହିଛୁ । ଏଠାରେ ଏକ ବ୍ୟାପ୍ତିଯୁକ୍ତ ତଥା ସନ୍ଧାନିତ ଚେତନାର ଏକ ସମ୍ଭାବନା ରହିଛୁ, ଯାହାକି ମନୁଷ୍ୟକୁ ଏକ ପରମମୁକ୍ତ ଚିଦ୍‌ଗତତା ଏବଂ ପରିପୂର୍ଣ୍ଣ ସାମର୍ଥ୍ୟରେ ପରିଣତ କରିଦେଇପାରିବ; ଏବଂ ଯଦି ତାହା ବ୍ୟକ୍ତିଜୀବନର ଆସୁଛନ୍ତିକୁ ଡେଇଁ ଆହୁର ବ୍ୟାପ୍ତତର ହୋଇପାରିବ, ତାହା ଦୁଏନ୍ତ ଏକ ଦିବ୍ୟ ମାନବତାକୁ ମଧ୍ୟ ମୂର୍ତ୍ତ କରିଦେଇ ପାରିବ, କିଂବା ତା' ନହେଲେ, ଏକ ଅତିମାନସ ଏବଂ ଦିବ୍ୟ ଅତିମାନସୀୟ ମନୁଷ୍ୟଗୋଷ୍ଠୀର ପ୍ରତିଷ୍ଠା କରିଦେବ । ଏହି ନବଜନ୍ମଲାଭକୁହିଁ

'oaob.nitrkl.ac.in' images reprocessed

ଆମେ ଆମର ଲକ୍ଷ୍ୟରୂପେ ଗ୍ରହଣ କରିନେଇଛୁ; ଏକ ଦ୍ୱିବ୍ୟ ଚେତନା ମଧ୍ୟକୁ ବିକଶିତ ହୋଇଉଠିବାହିଁ ଆମ ଯୋଗର ସମଗ୍ର ତାତ୍ପର୍ଯ୍ୟ ହୋଇ ରହିଛୁ; କେବଳ ଆମର ଆତ୍ମାଭିକୁହିଁ ନୁହେଁ, ମାନ ସକଳାଙ୍ଗ ଜୀବରେ ଆମର ସମୁଦାୟ ପ୍ରକୃତିକୁହିଁ ସେହି ଦ୍ୱିବ୍ୟତା ଦ୍ୱାରା ସମଗ୍ର ଜୀବରେ ଦୀକ୍ଷିତ କରାଇ ପାରିବାହିଁ ଆମ ଯୋଗର ସମ୍ପୂର୍ଣ୍ଣ ଅର୍ଥ ହୋଇ ରହିଛୁ ।

*

ଏହି ସୀମାବଦ୍ଧ ବହିଃଦୃଷ୍ଟି ଅହଂକୁ ନିବାସିତ କର ତାହାର ସ୍ଥାନରେ ପରମେଶ୍ୱରଙ୍କୁହିଁ ଆମ ପ୍ରକୃତିର ନିୟାମକ ପରମ-ଅଧିବାସୀରୂପେ ସିଂହାସନସ୍ଥ କର ରଖିବା ହେଉଛୁ ଯୋଗମାର୍ଗରେ ଆମର ଉଦ୍ଦେଶ୍ୟ । ଅର୍ଥାତ୍, ଆମେ ବାସନାକୁ ତା'ର ସକଳ ଅଧିକାରରୁ ଚ୍ୟୁତ କରିଦେବା ଏବଂ ମନୁଷ୍ୟଜୀବନର ଏକ ବିଧାୟକ ଊର୍ଦ୍ଧ୍ୱ-ପ୍ରେରକ ହିସାବରେ ବାସନାର ଉତ୍ସୋଗକୁ ଆଉ କଦାପି କୌଣସି ସ୍ୱୀକୃତି ଦେବା ନାହିଁ । ଆମର ଆଧ୍ୟାତ୍ମିକ ଜୀବନଟି ସେତେବେଳେ ବାସନା ମଧ୍ୟରୁ ନୁହେଁ, ମାନ ସେହି ସର୍ମସ୍ଥ ଅସ୍ତିତ୍ୱର ଏକ ବିଶୁଦ୍ଧ ତଥା ସ୍ୱାର୍ଥମୁକ୍ତ ଆଧ୍ୟାତ୍ମିକ ଆନନ୍ଦରୁହିଁ ଆପଣାର ଜୀବନରସଟିକୁ ଆହରଣ କରିବାକୁ ଆରମ୍ଭ କରିବ । ଏବଂ ବାସନାକୁ ଆପଣାର ସନ୍ତୁଳନ କରି ଧରି ରଖିଥିବା ଆମ ଭିତରର କେବଳ ସେହି ପ୍ରାଣପ୍ରେରିତ ପ୍ରକୃତିଟି ନୁହେଁ, ମାନ ଆମର ମନୋଗତ ସୃଷ୍ଟିକୁ ମଧ୍ୟ ଏକ ନୂତନ ଜନ୍ମ ଏବଂ ରୂପାନ୍ତରକାରୀ ପରିବର୍ତ୍ତନର ମଧ୍ୟଦେଇ ଗତି କରିବାକୁ ପଡ଼ିବ । ଆମର ଏହି ବିଭକ୍ତ, ଅହଂଗ୍ରସ୍ତ, ସୀମାବଦ୍ଧ ତଥା ଅଜ୍ଞାନମୟ ଜୀବନ ତଥା ବୁଦ୍ଧିକୁ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ; ଏବଂ ତାହାର ସ୍ଥାନରେ ଏପରି ଏକ ଊର୍ଦ୍ଧ୍ୱାସ୍ଥାନ ଦ୍ୱିବ୍ୟ ଆଲୋକନର ଦ୍ୱାର ତଥା ସକଳଦୋଷମୁକ୍ତ ଜ୍ୟୋତିର୍ମୟତା ଆମ ଭିତରକୁ ପ୍ରବାହିତ ହୋଇ ଆସିବ, ଯାହାକି ପରିଶେଷରେ ଅନ୍ଧପ୍ରାୟ ବାହ୍ୟ ଖୋଜ ବୁଲୁଥିବା ଯାବତୀୟ ଅର୍ଦ୍ଧସତ୍ୟ ଏବଂ ଆମକୁ ଦ୍ୱନ୍ଦ୍ୱାଇ ପକାଇ ଦେବାରେ ଲଗିଥିବା ଯାବତୀୟ ଭ୍ରମପ୍ରମାଦରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ରହିଥିବା ଏକ ସ୍ୱାସ୍ଥ୍ୟବନ୍ତ ଓ ସ୍ୱସ୍ଥାପିତ ପରମ ଋତ-ଚିତ୍ତ ମଧ୍ୟରେ ଆପଣାର ପୂର୍ଣ୍ଣ ପରିଣତି ଲାଭ କରିବ । ସେତେବେଳେ ଆମର ଏହି ବିମୂଢ଼ ଓ ଅତିସନ୍ତପ୍ତ ଅହଂ-କେନ୍ଦ୍ରିତ କ୍ଷୁଦ୍ର ତାପ୍ରେରିତ ଇଚ୍ଛାଶକ୍ତି ଓ ନିସ୍ପାକୁ ପ୍ରଶମିତ ହୋଇଯିବାକୁ ପଡ଼ିବ ଏବଂ ଏକ ଦ୍ରୁତଗତି ଶକ୍ତିଶାଳୀ, ଜ୍ଞାନପୂର୍ଣ୍ଣ ଜୀବରେ ସ୍ୱସଂପ୍ରେରିତ ଏବଂ ଦ୍ୱିବ୍ୟତା ଦ୍ୱାରାହିଁ ଗ୍ଭଳିତ ତଥା ପରିଗ୍ଭଳିତ ପରମ ସାମର୍ଥ୍ୟସିକୁ ସମଗ୍ର ଜୀବରେ କାର୍ଯ୍ୟକାରୀ ହେବା ଲଗି ବାହ ଗ୍ଭଡ଼ାଦେଇ ଯିବ । ଆମର ଯାବତୀୟ ନିସ୍ପାରେ ଏକ ପରମ, ନୈର୍ବ୍ୟକ୍ତିକ, ଦୋଷଶୂନ୍ୟ ତଥା ଭ୍ରାନ୍ତିମୁକ୍ତ ସଂକଳ୍ପ ଅବରୋପିତ ଏବଂ ନିସ୍ପାଶୀଳ ହୋଇ ରହିବ ଏବଂ ତାହା ସ୍ୱତଃସ୍ଫୂର୍ତ୍ତ ତଥା ଶାନ୍ତ ଜୀବରେ ପରମ ଦ୍ୱିବ୍ୟତାର ସେହି ପରମ

'oaob.nitrkl.ac.in' images reprocessed

ସଂକଳ୍ପଟି ସହଜ ସଂଯୁକ୍ତ ହୋଇ ରହିଥିବ । ଆମକୁ କୌଣସି ପ୍ରକାରେ ଯଥାର୍ଥ ସନ୍ତୋଷ ଆଣିଦେଇ ପାରୁ ନଥିବା ଆମର ଏହି ଷୀଣଶକ୍ତି ଅହଂଜଡ଼ିତ ସଂବେଗ-ଗୁଡ଼ିକର ଉପରଭାଗସ୍ଥ ହାଡ଼ାଟି ସେତେବେଳେ ବହିଷ୍କୃତ ହୋଇ ରହିବ ଏବଂ ତାହାର ସ୍ଥାନରେ ଆମ ଭିତରେ ଏପରି ଏକ ପ୍ରଚ୍ଛନ୍ନ, ଗଭୀର ଏବଂ ବ୍ୟାପ୍ତିଯୁକ୍ତ ଚୈତ୍ୟ ହୃଦସ୍ଥ ଆପଣାକୁ ଉଦ୍‌ଘାଟିତ କରି ଆଣିବ, ଯାହାକି ସେଗୁଡ଼ିକର ପଛରେ ଆପଣାର ମୁହୂର୍ତ୍ତଟି ଲାଗି ଅପେକ୍ଷା କରି ରହିଥିବ; ପରମ ଦିବ୍ୟସତ୍ତାଙ୍କର ନିବାସସ୍ୱରୂପ ହୋଇ ରହିଥିବା ଏହି ଅନ୍ତର୍ଗତ ହୃଦସ୍ଥଟି ଦ୍ୱାରା ପ୍ରେରିତ ହୋଇ ଆମର ସକଳ ଅନୁଭୂତି ସେହି ଦିବ୍ୟ ପରମ ପ୍ରେମ ଏବଂ ଶିବନ ପରମ ଆନନ୍ଦର ଦୁଇଟିଯାକ ଆକୁଳତାର ପ୍ରଶାନ୍ତ ତଥା ପ୍ରଗାଢ଼ କେତେକେତେ ଗଭୀରତାରେ ରୂପାନ୍ତରିତ ହୋଇଯିବାକୁ ଲାଗିବେ । ଏକ ଦିବ୍ୟ ମାନବତ୍ୱ ଅର୍ଥାତ୍ ଏକ ଅତିମାନସ ମନୁଷ୍ୟଗୋଷ୍ଠୀ କହିଲେ ତାହାର ଏହିପରିହିଁ ଏକ ସଜ୍ଞା କରାଯାଇ ପାରିବ । ମନୁଷ୍ୟବୁଦ୍ଧି ତଥା ମନୁଷ୍ୟଜିହ୍ୱାର କୌଣସି ଅତିକ୍ରାନ୍ତି କିମ୍ବା ଏପରିକ କୌଣସି ଉଚ୍ଚ-ଅବଧାରଣ ସାମର୍ଥ୍ୟଯୁକ୍ତ ନୁହେଁ, ମାତ୍ର ଅତିମାନବର ଏହିପରି ଏକ ପ୍ରକାରର ବିବର୍ତ୍ତନ କରିବା ସକାଶେହିଁ ଆମର ଯୋଗ ଆମକୁ ଆହ୍ୱାନ ଦେଇ ଯାଇଥାଏ ।

ଆମର ଜଟିଳ ନୈମିତ୍ତିକ ଏହି ମନୁଷ୍ୟଜୀବନର ଭୂମିରେ ଏକ ବହିର୍ମୁଖୀ ନିମ୍ନାତ୍ମକତାହିଁ ଜୀବନର ପ୍ରାୟତଃ ତିନିଚତୁର୍ଥାଂଶ ବା ଏପରିକ ତା'ଠାରୁ ଅଧିକ ସ୍ଥାନ ମଧ୍ୟ ଅଧିକାର କରି ରହିଥାଏ । ଆମ ଭିତରେ କେବଳ ଯେଉଁ ମାତ୍ର କେତେଜଣ ବ୍ୟତିକ୍ରମ ରହିଥାନ୍ତି, ସେହି ସନ୍ଥ ଓ ଦ୍ରଷ୍ଟାମାନେ, ଅତି ବିରଳ ଦାର୍ଶନିକ, କଳାବିତ୍ତ ଏବଂ କବିମାନେହିଁ ଅପେକ୍ଷାକୃତ ଅଧିକ ପରିମାଣରେ ଆପଣା ମଧ୍ୟରେ ଜୀବନଟିକୁ ବଞ୍ଚିବା ଲାଗି ସମର୍ଥ ହୋଇଥାନ୍ତି । ବସ୍ତୁତଃ ଏମାନେହିଁ, ଅନ୍ତତଃ ସେମାନଙ୍କର ଆପଣା ପ୍ରକୃତିର ଅନ୍ତରଙ୍ଗତମ କ୍ଷେତ୍ରଗୁଡ଼ିକରେ ଆପଣାକୁ ବହିର୍ଗତ କିମ୍ବା ତୁଳନାରେ ଆପଣାର ଅନ୍ତର୍ଗତ ଭାବନା ଓ ଅନୁଭୂତିର କ୍ଷେତ୍ରରେହିଁ ଅଧିକତର ପରିମାଣରେ ଗଢ଼ିବାରେ ପ୍ରବୃତ୍ତ ହୋଇ ରହିଥାନ୍ତି । ମାତ୍ର ଜୀବନର ଏହି ଦୁଇଟିଯାକ ପାଖକୁ ପରସ୍ପରଠାରୁ ଅଲଗା କରି ରଖି ନୁହେଁ, ମାତ୍ର ଗୋଟିଏ ପୂର୍ଣ୍ଣତା ମଧ୍ୟରେହିଁ ପରସ୍ପର ସହଜ ଏକରୂପ ହୋଇ ରହିଥିବା ତଥା ସେମାନଙ୍କଠାରୁ ଅତୀତ ଆଉ ଏକ ବୃହତ୍ତର ସମ୍ପଦର ଏକ ଲୀଳାରୂପେ ରୂପାନ୍ତର ଲାଭ କରିଥିବା ଅନ୍ତର୍ଗତ ତଥା ବହିର୍ଗତ ଜୀବନର ଏକ ପୂର୍ଣ୍ଣସଙ୍ଗତିହିଁ ବରଂ ଏକ ପରିପୂର୍ଣ୍ଣ ଜୀବନର ରୂପାୟଣଟିକୁ ସମ୍ଭବ କରିଦେଇ ପାରିବ । ତେଣୁ ଆମ ଯାବତୀୟ କର୍ମର ଯୋଗ, ଅର୍ଥାତ୍, କେବଳ ଜ୍ଞାନରେ ନୁହେଁ ଓ ଭକ୍ତିରେ ନୁହେଁ, ମାତ୍ର ଆମର ସଂକଳ୍ପ ତଥା ସକଳ କର୍ମର କ୍ଷେତ୍ରରେ ମଧ୍ୟ ସେହି ପରମ ଦିବ୍ୟତାଙ୍କ ସହଜ ସଂଯୁକ୍ତ ହୋଇ ରହିବା,—ଏଇଟି ମଧ୍ୟ ଏକ ପୂର୍ଣ୍ଣଯୋଗର ଏକ ଅପରିହାର୍ଯ୍ୟ ଏବଂ ପ୍ରକାଶାତୀତ ଭାବରେ ମହତ୍ତ୍ୱପୂର୍ଣ୍ଣ

'oaob.nitrkl.ac.in' images reprocessed

ଉପାଦାନ ହୋଇ ଅବଶ୍ୟ ରହିବ । ଆମର ଯାବତୀୟ କର୍ମର ଅନ୍ତର୍ଭାବ ଏବଂ ବାହ୍ୟ ରୂପରେ ଏକ ତଦନୁରୂପ ରୂପାନ୍ତର ସମ୍ଭବ ନକଲ କେବଳ ଆମର ଜୀବନା ଓ ଅନୁଭୂତିର କ୍ଷେତ୍ରରେ ରୂପାନ୍ତର ଆଣିବାକୁ ବାହାରଲେ ତାହା କେବଳ ଏକ ଖଣ୍ଡିତ ସିଦ୍ଧି ହୋଇ ରହିବ ।

ମାନ ଆମର ରୂପାନ୍ତରରେ ଏହି ଅଭିଲଷିତ ପୂର୍ଣ୍ଣତା ଆଣିବାକୁ ଗଲେ, ଆମର ମନ ତଥା ହୃଦୟ ପର ଆମର ଯାବତୀୟ କର୍ମ ଏବଂ ବହିଃସ୍ଥ ଗତିସ୍ପନ୍ଦନଗୁଡ଼ିକୁ ମଧ୍ୟ କେବଳ ସେହି ପରମ ଦିବ୍ୟତାଟିର ଉଦ୍ଦେଶ୍ୟରେହିଁ ସମର୍ପିତ କରି ରଖିବାକୁ ପଡ଼ିବ । ଆମର ଅନ୍ତରାଳରେ ସଦାଧିସ୍ଥିତ ହୋଇ ରହିଥିବା ଏକ ବୃହତ୍ତର ପରମ ସାମର୍ଥ୍ୟର ହାତରେ ଆମର ସକଳ ନିଃସାସମୂହର ସାମର୍ଥ୍ୟକୁ ନେଇ ସମର୍ପଣ କରିଦେବାର ପ୍ରକ୍ରିୟାକୁ ସ୍ୱୀକାର କରିନେବାକୁ ପଡ଼ିବ ଏବଂ ଉତ୍ତରୋତ୍ତର ଭାବରେ ସେହି ପ୍ରକ୍ରିୟାକୁ କାର୍ଯ୍ୟରେ ମଧ୍ୟ ପରିଣତ କରିବାକୁ ପଡ଼ିବ; ଆମେ ଜନେ କିଛି କାର୍ଯ୍ୟ ବା କର୍ମ କରୁଛୁ ବୋଲି ଆମର ଧାରଣାଟିକୁ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ । ସମ୍ପୃକ୍ତାବସ୍ଥାପନ୍ନ ଏହିସବୁ ନାନା ପ୍ରତିଭାସ ଯେଉଁ ଦିବ୍ୟ ପରମ ଇଚ୍ଛାଟିକୁ ଲୁଚାଇ ରଖିଛନ୍ତି, ତାହାର ହାତରେହିଁ ସେଗୁଡ଼ିକର ଏକ ଅଧିକ ପ୍ରତ୍ୟକ୍ଷ ଜନଯୋଗ ଲଗି ସବୁକିଛିକୁ ସମର୍ପଣ କରିଦେବାକୁ ପଡ଼ିବ । କାରଣ ଯଥାର୍ଥରେ ସକଳ କର୍ମର ଅନୁମତି ଦେଇଥିବା ସେହି ପରମ ଫଳଲବ୍ଧିଟି ଦ୍ୱାରାହିଁ ଆମର ଯାବତୀୟ ନିଃସାସୂକତା ସମ୍ଭବ ହୋଇ ପାରିବ । ସେହି ପ୍ରଚ୍ଛନ୍ନ ପରମ ସାମର୍ଥ୍ୟହିଁ ଆମର ଯଥାର୍ଥ ପରମଭ୍ରାତା ହୋଇ ବିରାଜିତ ରହିଛନ୍ତି, ପରମ ଅବଲୋକନକାରୀରୂପେ ଆମର ଯାବତୀୟ କାର୍ଯ୍ୟର ନିୟମନ ଏବଂ ନିୟନ୍ତ୍ରଣ କରୁଛନ୍ତି ଏବଂ ଆମର ଅହଂ ଆଣି ଜମା କରି ଦେଇଥିବା ଯାବତୀୟ ଅଜ୍ଞାନ, ବିକାରଗ୍ରସ୍ତତା ତଥା ବିକୃତି ମଧ୍ୟରେ କେବଳ ସେହିଁ ସେଗୁଡ଼ିକର ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟ ଏବଂ ଚରମ ଲକ୍ଷ୍ୟଟିକୁ ଜାଣି ପାରୁଛନ୍ତି । ଆମର ଏହି ସୀମାବଦ୍ଧ ଓ ବିକୃତ ଅହଂଶାସ୍ପିତ ଜୀବନ ତଥା ତାହାର ଯାବତୀୟ ନିଃସାସୂକତାକୁ ଆମକୁ ବର୍ତ୍ତମାନ ପ୍ରଚ୍ଛନ୍ନ ଭାବରେ ଆମର ପ୍ରକୃତ· ଅବଲମ୍ବନ ହୋଇ ରହିଥିବା ଏକ ବୃହତ୍ତର ଦିବ୍ୟ ପରମ ଜୀବନ, ପରମ ଇଚ୍ଛା ଓ ପରମ ସାମର୍ଥ୍ୟର ସେହି ବୃହତ୍ତ୍ୱ ଏବଂ ପ୍ରତ୍ୟକ୍ଷ ପରିପ୍ଲାବନ ମଧ୍ୟକୁ ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ କରିଦେବାକୁ ପଡ଼ିବ । ଏହି ବୃହତ୍ତର ପରମେଚ୍ଛା ଓ ପରମ ସାମର୍ଥ୍ୟକୁହିଁ ଆମ ଭିତରେ ସଚେତନ କରି ରଖିବାକୁ ହେବ, ତାହାକୁହିଁ ଆମର ନିୟନ୍ତ୍ରଣ ଓ ନିୟମନ ଲଗି ବାଟ ଛାଡ଼ିଦେବାକୁ ପଡ଼ିବ; ବର୍ତ୍ତମାନ ସେ ଯେପରି କେବଳ ଏକ ଅଦ୍ଭତେତନ, ଧାରଣକାସ୍ପ ଏବଂ ଅନୁମତି ଦେଇଥିବା ଶକ୍ତି ହୋଇ ରହିଛି, ତାହା ସେତେବେଳେ ଆଉ ସେପରି ହୋଇ କଦାପି ରହିବ ନାହିଁ । ଯେଉଁ ସଚ୍ଚିତ୍ତା ପରମ ସାମର୍ଥ୍ୟ ଓ ସଚ୍ଚିତ୍ତମାନ୍ ପରମ ଜ୍ଞାନ ବର୍ତ୍ତମାନ ଆମ ଭିତରେ ଲୁକ୍କାସ୍ପିତ ହୋଇ ରହିଛି,

'oaob.nitrkl.ac.in' images reprocessed

ତାହାର ସ୍ୱତଃପ୍ରଜ୍ଞାମୟ ଅଇପ୍ସାସ୍ଥ ଏବଂ ପ୍ରତିସୃଷ୍ଟିକୁନ୍ଦି ଅବକୃତ ଭାବରେ ଆମ ଭିତରକୁ ସଞ୍ଚାରତ କରାଇ ଆଣିବାକୁ ଦେବ ଏବଂ ଆମର ରୂପାନ୍ତରତ ସମଗ୍ର ପ୍ରକୃତିଟିକୁ ତାହା ଆପଣାର ଏକ ପରଶୁଦ୍ଧ, ଅବାଧ, ପ୍ରସନ୍ନ ଭାବରେ ସମ୍ପତ ଏବଂ ଅଂଶଗ୍ରହଣକାଷ୍ଟ ପ୍ରବାହପଥରେ ପରିଣତ କରିଦେଇ ଯିବ । ଏହି ପରିପୂର୍ଣ୍ଣ ଆତ୍ମନିବେଦନ ତଥା ଆତ୍ମ-ସମର୍ପଣ, ଏବଂ ତାହାର ଫଳସ୍ୱରୂପ ଏହି ସମ୍ପୂର୍ଣ୍ଣ ରୂପାନ୍ତର ତଥା ମୁକ୍ତ ସଞ୍ଚରଣ,— ଏହିଗୁଡ଼ିକୁନ୍ଦି ଆମେ ଏକ ପୂର୍ଣ୍ଣ କର୍ମଯୋଗର ସମୁଦାୟ ଆଧାରଭୂତ ସାଧନ ଏବଂ ଚରମ ଉଦ୍ଦେଶ୍ୟ ବୋଲି ଜାଣିରଖିବା ।

ଆପଣାର ସ୍ୱତଃପ୍ରମ ସ୍ୱଭାବଗତ ପ୍ରବୃତ୍ତିଟି ଦ୍ୱାରା ପ୍ରେରତ ହୋଇ ଯେଉଁମାନେ ଆପଣାର ଚନ୍ତନାତ୍ମକ ମନ ଏବଂ ତାହାର ଜ୍ଞାନକୁ ନିବେଦତ ଏବଂ ସମର୍ପିତ କରି ଦେଇଥାନ୍ତି ଏବଂ ତାହାଫଳରେ ଆପଣା ମନ ଏବଂ ଜ୍ଞାନର କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ରୂପାନ୍ତର ଘଟାଇ ପାରିଥାନ୍ତି, ଅଥବା ଆପଣାର ହୃଦୟ ଏବଂ ହୃଦ୍‌ଗତ ଆବେଗଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ନିବେଦତ ଓ ସମର୍ପିତ କରି ରଖିଥାନ୍ତି ଏବଂ ସେଗୁଡ଼ିକରେ ରୂପାନ୍ତର ଆଣି ଦେଇଥାନ୍ତି, ସେମାନଙ୍କ ଲାଗି ମଧ୍ୟ ସେହି ପରିବର୍ତ୍ତନଟିରେ ସେମାନଙ୍କର ସାବତୀୟ କର୍ମକୁ ଠିକ୍ ସେହିପରି ଭାବରେ ଉତ୍ସର୍ଗ କରିଦେବାର ଏକ ସତତ ଆବଶ୍ୟକତା ରହିଛି । ତା' ନହେଲେ, ସେମାନେ ନିଜେ ଆପଣାର ଅନ୍ୟ-ଜୀବନରେ ପରମେଶ୍ୱରଙ୍କର ଦର୍ଶନ ଲାଭ କରିପାରିବେ, ମାତ୍ର ଆପଣାର ଜୀବନରେ ସେମାନେ କଦାପି ପରମ ଦିବ୍ୟତାକୁ ପରିପୂର୍ଣ୍ଣ କରିପାରିବେ ନାହିଁ ଏବଂ ସେମାନଙ୍କ ଲାଗି ଜୀବନ ସମସ୍ୟା ଏକ ସମ୍ପୂର୍ଣ୍ଣ ଅର୍ଥଘ୍ନନ ଓ ଅଦ୍ଭବ୍ୟ ଅଲୌକତାରେନ୍ଦି ପର୍ଯ୍ୟବସିତ ହୋଇ ରହିଥିବ । ଯେଉଁ ଯଥାର୍ଥ ବଳସ୍ଥିତିର ଅଧିକାଷ୍ଟ ହୋଇ ଆମେ ଆମର ଏହି ପାର୍ଥିବ ଜୀବନର ପ୍ରତ୍ନେଳକାତିର ରହସ୍ୟଭେଦ କରିପାରନ୍ତେ, ସେମାନଙ୍କ ଭାଗ୍ୟରେ ସେହି ବଳସ୍ଥ କଦାପି ସମ୍ଭବ ହେବ ନାହିଁ; ଯେଉଁ ପରମ ପ୍ରେମ ଆତ୍ମବଳସ୍ଥୀ ହେବାର ସାମର୍ଥ୍ୟ ରଖିଥାଏ, ସେମାନେ କଦାପି ସେହି ପ୍ରେମର ଅଧିକାଷ୍ଟ ହୋଇପାରିବେ ନାହିଁ, ସେମାନଙ୍କର ଜ୍ଞାନ କଦାପି ସେହି ସମଗ୍ର ଚେତନା ଏବଂ ସ୍ୱଂସମାବେଶକାଷ୍ଟ ଜ୍ଞାନରୂପେ ଉତ୍ତୀର୍ଣ୍ଣ ହୋଇପାରିବ ନାହିଁ । ଅବଶ୍ୟ ଏକଥା ସତ ଯେ ପ୍ରଥମେ କେବଳ ଜ୍ଞାନରୁ ଅଥବା କେବଳ ଈଶ୍ୱରଉନ୍ମୁଖୀ ଆବେଗରୁ ଅଥବା ଦୁଇଟିକୁ ଏକତ୍ର ଭାବରେ ନେଇ କର ସାଧନା ଆରମ୍ଭ କରାଯାଇପାରେ ଏବଂ କର୍ମକୁ ଯୋଗର ସ୍ୱଂଶେଷ ପର୍ଯ୍ୟାୟଟି ଲାଗି ବାଙ୍କା ରଖି ଦିଆଯାଇପାରେ । ମାତ୍ର ସେହି କ୍ଷେତ୍ରରେ ଏପରି ଗୋଟିଏ ଅସୁବିଧା ଆସି ପହଞ୍ଚିଥାଏ ଯେ ଏହାଦ୍ୱାରା ଆମେ ନିଜେ ଅତ୍ୟନ୍ତ ଆନୁକାନ୍ତିକ ବା ଏକାଙ୍ଗୀ ଭାବରେ ଆମର ଭିତରେ ରହି ଆପଣାର ଜୀବନଟିକୁ ବହିବାର ଏକ ପ୍ରବୃତ୍ତି ଦେଖାଇପାରୁ, ଆପଣାର ଆଶସ୍ଥଗତ ଅନୁଭୂତି ମଧ୍ୟରେ ଉତ୍ତୋଳିତ ହୋଇ ରହି-ଯାଇପାରୁ, ଆମର ବହିଃବିଚ୍ଛିନ୍ନ ଅନ୍ତର୍ପ୍ରଦେଶଗୁଡ଼ିକରେ ବନ୍ଦ ହୋଇ ରହିଯାଇପାରୁ;

'oaob.nitrkl.ac.in' images reprocessed

ସେଠାରେ ଆମେ ହୁଏତ ଆପଣାର ଆଧ୍ୟାତ୍ମିକ ଏକାନ୍ତବାସର ଅଭେଦ୍ୟ ଆବରଣଟି ଭଲେ ଆଚ୍ଛାଦିତ ହୋଇ ରହିଯାଇପାରୁ ଏବଂ ଏକ ପରବର୍ତ୍ତୀ ପର୍ଯ୍ୟାୟରେ, ଏହି ଉଚ୍ଚତର ପ୍ରକୃତିରେ ଅବସ୍ଥିତ ଦ୍ୱାରା ଆମର ଯେଉଁସବୁ ସମ୍ପଦ ଉପଲବ୍ଧି ହୋଇଛି, ସେଗୁଡ଼ିକୁ ଜୀବନରେ ପ୍ରଯୋଗ କରିପାରିବାରେ ଏବଂ ସ୍ୱଜସ୍ୱୀରୂପେ ଆପଣାକୁ ବାହ୍ୟ ଜୀବନରେ ପ୍ରବାହିତ କରିଦେଇ ପାରିବାରେ କଷ୍ଟକରତା ବା ଅନୁଭବ କରିପାରୁ । ଆପଣାର ଅନ୍ତର୍ଗତ ସ୍ୱଜସ୍ୱଗୁଡ଼ିକ ସହିତ ଏହି ବାହ୍ୟ ପ୍ରକୃତିକୁ ମଧ୍ୟ ସମ୍ମିଳିତ କରିନେବା ଲାଗି ଯେତେବେଳେ ଆମର ଏକ ପ୍ରବୃତ୍ତି ଜାତ ହେବ, ସେତେବେଳେ ଆମେ ଆପଣାକୁ କେବଳ ସମ୍ପୂର୍ଣ୍ଣ ଭାବରେ ଆଶସ୍ୱଗତ ଏକ ନିସ୍ପୃହତାରେହିଁ ଅତିରକ୍ତ ପରମାଣରେ ଜଡ଼ିତ ଓ ଅଭ୍ୟସ୍ତ ରହିଯାଇଥିଲ ପରି ଓ ଭେଣ୍ଡା ଏହି ଭୌତିକ ଭୂମିରେ ଆଦୌ କୌଣସି ପ୍ରକାରେ ଫଳପ୍ରଦ ହୋଇ ନପାରୁଥିଲ ପରି ଆବିଷ୍କାର କରିବାକୁ ଆରମ୍ଭ କରିବା । ଏହି ବହିଃସ୍ଥ ଜୀବନ ଓ ବହିଃସ୍ଥ ଦେହରେ କୌଣସି ରୂପାନ୍ତର ଘଟାଇବା ମଧ୍ୟ ଆମ ପକ୍ଷରେ ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ । ଅଥବା, ଆମର ଅନ୍ତର୍ଗତ ଆଲୋକଟି ସହିତ ଆମ କର୍ମର ପ୍ରକୃତିରେ କୌଣସି ସଙ୍ଗତି ବା ସାମଞ୍ଜସ୍ୟ ନାହିଁ ବୋଲି ମଧ୍ୟ ଆମେ ଆବିଷ୍କାର କରିବା; ଆମର କର୍ମ ତଥାପି ସେହି ପୁରାତନ ଭ୍ରାନ୍ତିଯୁକ୍ତ ପଥଗୁଡ଼ିକର ଅନୁସରଣ କରିବାରେ ଲାଗିଛି ଏବଂ ତଥାପି ସେହି ପୁରାତନ ଚଳଣିର ଅପୂର୍ଣ୍ଣ ପ୍ରଭାବଗୁଡ଼ିକର ବୋଲି ମାନ ଚଳୁଛି ବୋଲି ଆବିଷ୍କାର କରିବା । ଏକ ଯନ୍ତ୍ରଣାଦାୟକ ମଧ୍ୟବର୍ତ୍ତୀ ବ୍ୟବଧାନ ଦ୍ୱାରା ଆମ ଅନ୍ତରସ୍ଥ ପରମସତ୍ତାଟି ଆମ ବାହ୍ୟ ପ୍ରକୃତିର ଅଜ୍ଞାନାଚ୍ଛନ୍ନ ନିସ୍ପୃହିତାରୁ ତଥାପି ପୃଥକ୍ ହୋଇ ରହିଥିବ । ଏହାଭଳି ଏକ ଅନୁଭୂତିହିଁ ପ୍ରାୟ ଅନେକ ସମୟରେ ଉପଲବ୍ଧି ହେଇଥିବ; କାରଣ ଏହାଭଳି ଏକ ପ୍ରତିସ୍ପୃହା ଦ୍ୱାରା ପରମ ଆଲୋକ ତଥା ପରମ ସାମର୍ଥ୍ୟ ସତ୍ତେଅବା କେବଳ ଆପଣା ଭିତରେ ବଧିତ ହୋଇ ରହି ଯାଇଥିବେ ଏବଂ ଜୀବନର କ୍ଷେତ୍ରରେ ଆପଣାକୁ ପ୍ରକାଶିତ କରିଦେବା ଲାଗି କିଂବା ପୃଥିବୀ ତଥା ଏହାର ପ୍ରତିସ୍ପୃହାଗୁଡ଼ିକ ଲାଗି ନମ୍ରତ ହୋଇ ରହିଥିବା ଭୌତିକ ସାଧନଗୁଡ଼ିକୁ ପ୍ରଯୋଗ କରିବା ସକାଶେ ଏକାନ୍ତ ଅନଭ୍ୟସ୍ତ ହୋଇ ରହିଥିବେ । ଏହି କ୍ଷେତ୍ରରେ ଆମେ ସତ୍ତେଅବା ସମ୍ପୂର୍ଣ୍ଣ ଆଉ ଗୋଟିଏ ଭିନ୍ନ ପୃଥିବୀରେ, ଅର୍ଥାତ୍ ଆଉ ଏକ ବୃହତ୍ତର ଏବଂ ସୂକ୍ଷ୍ମତର ପୃଥିବୀରେହିଁ ବାସ କରିବାରେ ଲାଗିଥିବା, ଏବଂ ଭୌତିକ ତଥା ଏହି ପୃଥିବୀଟି ଉପରେ ଆମର ପ୍ରକୃତିରେ ଆଦୌ କୌଣସି ଦିବ୍ୟ ପ୍ରଭାବ ନଥିବ, ବା ହୁଏତ ଯେକୌଣସି ପ୍ରକାରର ପ୍ରଭାବ ସତ୍ତେଅବା ଆଦୌ ନଥିବା ପରି ହୋଇ ରହିଥିବ ।

ମାତ୍ର ତଥାପି ପ୍ରତ୍ୟେକ ବ୍ୟକ୍ତିକୁ କେବଳ ଆପଣା ପ୍ରକୃତିରହିଁ ଅନୁସରଣ କରିବାକୁ ପଡ଼ିବ; ଏବଂ ଆପଣାର ସ୍ୱଭାବଗତ ଯୋଗମାର୍ଗଟିରେ ଅବସ୍ଥିତ ରହି ଅଗ୍ରସର ହେବାକୁ ହେଲେ ଏପରି କେତେକ ଅସୁବିଧା ସଦାବା ରହିଥିବ, ଯେଉଁ-

'oaob.nitrkl.ac.in' images reprocessed

ଗୁଡ଼ିକୁ କ ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଅବଶ୍ୟ ସ୍ୱୀକାର କରିନେବାକୁ ପଡ଼ିବ । ଯୋଗ କହିଲେ ସର୍ବୋପରି ଆମର ଅନ୍ତର୍ଗତ ଚେତନା ଓ ଅନ୍ତର୍ଗତ ପ୍ରକୃତିରେ ଏକ ପରିବର୍ତ୍ତନ ଘଟାଇବାକୁହିଁ ବୁଝାଇଥାଏ; ଏବଂ ଆମ ଜୀବନର ବିଭିନ୍ନ ଅଙ୍ଗଗୁଡ଼ିକ ମଧ୍ୟରେ ରହିଥିବା ଜ୍ଞାରସାମ୍ୟଟି ଯଦି ପ୍ରକୃତିରେ ଏପରି ହୋଇ ରହିଥାଏ ଯେ ସେଥିଲାଗି ପ୍ରଥମେ କେବଳ ଗୋଟିଏ ଅଙ୍ଗକୁ ଗ୍ରହଣ କରିନେଇ ଅବଶିଷ୍ଟ ଅନ୍ୟ ଅଙ୍ଗଗୁଡ଼ିକୁ ଏକ ପରବର୍ତ୍ତୀ ପର୍ଯ୍ୟାୟ ଲାଗି ଛାଡ଼ିଦେଇ ରଖିବାକୁ ପଡ଼େ, ତେବେ ଏହି ପ୍ରକ୍ରିୟାଟିର ଏତାଦୃଶ ଆପାତ ଅପୂର୍ଣ୍ଣତାଟିକୁ ତଥାପି ସ୍ୱୀକାର କରିନେବାକୁ ପଡ଼େ । ତଥାପି ଆପଣାର ଆଦର୍ଶ ନିୟାମକ ସ୍ୱରୂପରେ ଏକ ପୂର୍ଣ୍ଣଯୋଗକୁ ସଦାପ୍ରଥମ ପର୍ଯ୍ୟାୟରୁ ମଧ୍ୟ ଆପଣା ପ୍ରକ୍ରିୟାର ଷ୍ଟେଜଟିରେ ଏକ ପୂର୍ଣ୍ଣ ମାର୍ଗଦର୍ଶୀ ହୋଇ ରହିବାକୁହିଁ ପଡ଼ିଥାଏ ଏବଂ ଆପଣାର ନମସରଣଟର ଷ୍ଟେଜରେ ସମ୍ପୂର୍ଣ୍ଣ ଓ ଅନେକ-ମୁଖୀ ହୋଇ ରହିବାକୁ ପଡ଼ିଥାଏ । ଏବଂ ସେକଥା ଯାହା ହେଉ ପଛକେ, ଆମେ ବର୍ତ୍ତମାନ ଏପରି ଏକ ଯୋଗମାର୍ଗର ନିରୂପଣ କରିବାକୁହିଁ ଆପଣାର ପ୍ରମୁଖ ବିଷୟରୂପେ ଧରିନେଇଛୁ, ଆପଣାର ଧେୟ ତଥା ସମ୍ପୂର୍ଣ୍ଣ ଗଢ଼ଣାଟିରେ ଯାହା ଏକ ପୂର୍ଣ୍ଣ ଓ ସମଗ୍ର ଯୋଗ ହୋଇ ରହିବ ସତ୍ତ, ମାତ୍ର ଯାହାକ କର୍ମରୁହିଁ ଆପଣାର ଘୂରଣା ଆରମ୍ଭ କରିବ, କର୍ମ ଦ୍ୱାରାହିଁ ଆପଣାର ପଥରେ ଅଗ୍ରସର ହେବ; ତଥାପି ତହିଁ ସଙ୍ଗେ ସଙ୍ଗେ ପ୍ରତ୍ୟେକ ସୋପାନରେହିଁ ଜୀବନ ଦ୍ୱାରା ଅନୁପ୍ରିକ୍ତ ଏକ ଦିବ୍ୟ ପ୍ରେମ ଦ୍ୱାରା ଅଧିକରୁ ଅଧିକ ପରମାଣରେ ପ୍ରେରିତ ହେବାରେ ଲାଗିଥିବ ଓ ଏକ ସହାତ୍ମକ ଦିବ୍ୟ ଜ୍ଞାନ ଦ୍ୱାରା ଅଧିକରୁ ଅଧିକ ପରମାଣରେ ଆଲୋକିତ ହୋଇ ରହିଥିବ ।

*

ମନୁଷ୍ୟସମାଜ ଲାଗି ଯଦି କେଉଁଠାରେ ଆଧ୍ୟାତ୍ମିକ କର୍ମର ଏକ ମହାନତମ ସନ୍ଦେଶ ଦିଆହୋଇଥାଏ ଏବଂ ଅତ୍ତତରେ ଯଦି ମନୁଷ୍ୟ କେବେହେଲେ କର୍ମଯୋଗର ଏକ ପରିପୂର୍ଣ୍ଣତମ ମାର୍ଗକୁ ଜାଣିବାର ସୁଯୋଗ ପାଇଥାଏ, ତେବେ ଭଗବଦ୍-ଗୀତାରେହିଁ ଆମେ ତାହାର ଦୃଷ୍ଟାନ୍ତଟିକୁ ଦେଖିବାକୁ ପାଇବା । ମହାଭାରତର ସେହି ପ୍ରସିଦ୍ଧ ଉପାଖ୍ୟାନଟିରେ କର୍ମଯୋଗର ସଂମୂଳ ସୂତ୍ରଗୁଡ଼ିକୁ ସଚ୍ଚେଅବା ଅଶେଷ କାଳ ନମିତ୍ତ ଏପରି ନୈପୁଣ୍ୟର ସହିତ ଲିପିବଦ୍ଧ କରି ଦିଆଯାଇଛି, ଯାହାର କ ପ୍ରକୃତିରେ କୌଣସି ତୁଳନା ନାହିଁ ଏବଂ ଯେଉଁଥିରୁ କ ଏକ ପୂର୍ଣ୍ଣନଶ୍ଚିତ ଅନୁଭୂତିର ସମ୍ପୂର୍ଣ୍ଣ ଭ୍ରାନ୍ତିଶୂନ୍ୟ ଦୃଷ୍ଟିରହିଁ ପ୍ରମାଣ ମିଳିଯାଇଛି । ଏକଥା ସତ୍ତ ଯେ, ପ୍ରାଚୀନ ପୁରୁଷମାନେ ସେହି ପଥଟିକୁ ଯେପରି ଭାବରେ ପ୍ରତ୍ୟକ୍ଷ କରିଥିଲେ, କେବଳ ସେଇଟିକୁହିଁ ପୂର୍ଣ୍ଣରୂପେ ବ୍ୟାଖ୍ୟା କରି ଦେଖାଇ ଦିଆଯାଇଛି; ମାତ୍ର ତାହାର ପରିପୂର୍ଣ୍ଣ ସିଦ୍ଧିଟିକୁ,

'oaob.nitrkl.ac.in' images reprocessed

ଅର୍ଥାତ୍ ସର୍ବୋଚ୍ଚ ରହସ୍ୟଟିକୁ ପୂର୍ଣ୍ଣରୂପେ ବ୍ୟାଖ୍ୟା ନକରି ତାହାକୁ କେବଳ ସୂଚିତହିଁ କରି ଦିଆଯାଇଛି । ଏଇଟିକୁ ଏକ ସର୍ବୋଚ୍ଚ ରହସ୍ୟସତ୍ତ୍ୟର ଏକ ଅବ୍ୟକ୍ତ ଅଂଶରୂପେ ପଛକୁ ରଖି ଦିଆଯାଇଛି । ଏଭଳି ମୌନାବଲମ୍ବନ ପଛରେ ଅତି ସ୍ପଷ୍ଟ କାରଣମାନ ମଧ୍ୟ ରହିଛି; କାରଣ ଏହି କ୍ଷେତ୍ରରେ ଯଥାର୍ଥ ସିଦ୍ଧିଟିକୁ କେବଳ ଅନୁଭୂତିରହିଁ ଏକ ବ୍ୟାପାର ବୋଲି ସ୍ୱୀକାର କରିନେବାକୁ ପଡ଼ିବ ଏବଂ କୌଣସି ପ୍ରକାର ଉପଦେଶ ଦ୍ୱାରା ସେଇଟିକୁ କଦାପି ପ୍ରକଟ କରିହେବ ନାହିଁ । ଯେଉଁ ମନ ପ୍ରକୃତିରେ ତାହାର ପ୍ରକାଶମୟ ଓ ରୂପାନ୍ତରକାରୀ ଅନୁଭବଟିକୁ ଲାଭ କରି ନାହିଁ, ସେ ବୁଦ୍ଧିଲ ପରି ଏକ ସ୍ତରରେ ତାହାକୁ କଦାପି ବର୍ଣ୍ଣନା କରିପାଇ ପାରିବ ନାହିଁ । ଏବଂ ଯେଉଁ ଆତ୍ମାଟି ସେହି ଦୀପ୍ତିମନ୍ତ ଚୋରଣଗୁଡ଼ିକୁ ଅତିକ୍ରମ କରିପାଇ ପାରିଛି ଏବଂ ଅନ୍ତର୍ଗତ ଆଲୋକର ପୂର୍ଣ୍ଣ ଦୀପ୍ତି ମଧ୍ୟରେ ଦଣ୍ଡାୟମାନ ହୋଇ ରହିଛି, ମନ ଏବଂ ଶବ୍ଦର ସାହାଯ୍ୟ ନେଇ ତାହାକୁ ଯେତେ ଯେପରି ବର୍ଣ୍ଣନା କରିବାକୁ ବସିଲେ ମଧ୍ୟ ସେହି ମନଟି ଲଗି ତାହା ଛଡାପି ବଡ଼ ଅଲପ ହୋଇ ଲଗିବ, ବଡ଼ ଅଗଭୀର, ଅପର୍ଯ୍ୟାପ୍ତ ହୋଇ ଲଗିବ, ଦୁଏତ ଗୋଟାଏ ଧୃଷ୍ଟତା ପରି ମନେହେବ । ତେଣୁ ଦିବ୍ୟ ସକଳ ତତ୍ତ୍ୱାର୍ଥତାର ବର୍ଣ୍ଣନା କଲାବେଳେ ଆମକୁ ବାଧ୍ୟ ହୋଇ ଏପରି ଏକ ଅପାରଙ୍ଗମ ଏବଂ ଭ୍ରମୋତ୍ପାଦକ ଶବ୍ଦାରହିଁ ସାହାଯ୍ୟ ନେବାକୁ ପଡ଼ିବ, ଯାହାକି ମନୋମୟ ମନୁଷ୍ୟର ଅଂଶ୍ଚାରଗତ ଅନୁଭବଗୁଡ଼ିକର ଉପଯୁକ୍ତ ହୋଇପାରିବାକୁହିଁ ଏକଦା ଆର ହୋଇଥିଲା । ଏହିପରି ଏକ ଶବ୍ଦାରେ ବ୍ୟକ୍ତ ହୋଇ ରହିଥିବା ହେତୁ, ଯେଉଁମାନେ ଆଗରୁ ଅନୁଭବ ଦ୍ୱାରା ତାହାକୁ ଜାଣିବାକୁ ସମର୍ଥ ହୋଇଛନ୍ତି, କେବଳ ସେହିମାନେହିଁ ସେଇଟିକୁ ଯଥାର୍ଥ ଭାବରେ ବୁଝିପାରିବେ; ଏବଂ ବୁଝିପାର ଏହିସବୁ ଅଳ୍ପଶବ୍ଦ ବାକ୍ୟ ଶବ୍ଦଗୁଡ଼ିକରେ ଏକ ପରିବର୍ତ୍ତିତ, ଅନ୍ତର୍ଗତ ତଥା ରୂପାନ୍ତରିତ ବ୍ୟଞ୍ଜନା ଆଣି ଉତ୍ତରଦେଇ ପାରିବେ । ଯେଉଁମାନେ ପୂର୍ବରୁହିଁ ପ୍ରଜ୍ଞାର ଅଧିକାରୀ ହୋଇପାରିଛନ୍ତି, କେବଳ ସେହିମାନଙ୍କ ପ୍ରକାଶେହିଁ ସର୍ବୋଚ୍ଚ ପ୍ରଜ୍ଞାର ଶବ୍ଦଗୁଡ଼ିକ ଆପଣାର ପୂର୍ଣ୍ଣ ଅର୍ଥଟିକୁ ପ୍ରକାଶ କରିଦେଇ ପାରିବ ବୋଲି ବୈଦିକ ଋଷିମାନେ ମୂଳରୁହିଁ ବାରବାର କହିଯାଇଛନ୍ତି । ଆପଣାର ଅସ୍ପଷ୍ଟତାଚ୍ଛନ୍ନ ଉପସଂହାରଟିରେ ଗୀତା ଯେପରି ଏକ ମୌନାବଲମ୍ବନ କରିଛି, ସେଥିରୁ ଦୁଏତ ଏଭଳି ବୋଧ ହୋଇପାରେ ଯେ ଆମେ ପ୍ରକୃତରେ ଯେଉଁ ସମାଧାନଟିର ଅନ୍ୱେଷଣ କରି ବାହାରିଛୁ, ଗୀତା ଦୁଏତ ସେହି ସମାଧାନଟି ଯାବ ଆଦୌ ପହଞ୍ଚି ପାରି ନାହିଁ । ଉଚ୍ଚତମ ଆଧ୍ୟାତ୍ମିକ ମନର ଠିକ୍ ସୀମା ପାଖକୁ ଆସି ଗୀତା ସତେଅବା ସେଠାରେହିଁ ଅଟକି ପାଇଛି ଏବଂ ଅତିମାନସ ପରମାଲୋକର ଉଜ୍ଜ୍ୱଳ ମହିମାଗୁଡ଼ିକ ଭିତରକୁ ଆଦୌ ପ୍ରବେଶ କରି ନାହିଁ । ମାତ୍ର, ଅନ୍ତର୍ଗତ ସେହି ପରମ ସାନ୍ନିଧ୍ୟଟି ସହିତ କେବଳ ଏକ ସ୍ଥିରଶୀଳ ଏକତା ବା ତଦାତ୍ମକତା ଅର୍ଜନ କରିବା ନୁହେଁ, ତାହା

'oaob.nitrkl.ac.in' images reprocessed

ସ୍ୱତନ୍ତ୍ର ଏକ ଗତିଶୀଳ ଉଦାସୀନତା ଅର୍ଜନ କରିବା ଲାଗି ମଧ୍ୟ ଗୀତାରେ ଯେଉଁ ରହସ୍ୟଷ୍ଟିକୁ ବତାଇ ଦିଆଯାଇଛୁ, ଆମ ପ୍ରକୃତିର ସେହି ଦିବ୍ୟ ପରମ ପଥପ୍ରଦର୍ଶକ, ପରମ ପ୍ରଭୁ ଓ ପରମଜ୍ଞାନୀଙ୍କ ପାଖରେ ଆପଣାକୁ ସଂପୂର୍ଣ୍ଣରୂପେ ସମର୍ପିତ କରି ରଖିବାର ଯେଉଁ ଉଚ୍ଚତମ ରହସ୍ୟଷ୍ଟିକୁ ଦର୍ଶାଇ ଦିଆଯାଇଛୁ, ତାହାକୁହିଁ ଆମେ ଗୀତାର ସର୍ବପ୍ରଧାନ ଅସଲ ରହସ୍ୟ ବୋଲି କହିପାରିବା । ଏହି ସମର୍ପଣକୁହିଁ ଆମେ ଅନ୍ତଃମାନସ ପରିବର୍ତ୍ତନର ସେହି ଅପରିହାର୍ଯ୍ୟ ସାଧନ ବୋଲି ଜାଣିରଖିବା; ଏବଂ ସେହି ଅନ୍ତଃମାନସ ପରିବର୍ତ୍ତନଟି ଦ୍ୱାରାହିଁ ଯେ ଆଲୋଚିତ ଗତିଶୀଳ ଉଦାସୀନତାକୁ ଅର୍ଜନ କରିହୁଏ, ଆମେ ସେକଥାଟି ମଧ୍ୟ ସ୍ମରଣ ରଖିବା ।

ତେବେ ଗୀତାରେ କର୍ମଯୋଗର କେଉଁ ମାର୍ଗସ୍ତମ୍ଭଗୁଡ଼ିକୁ ଅନୁବଦ୍ଧ କରି ରଖାଯାଇଛୁ ? ଗୀତାର ସଂପୂର୍ଣ୍ଣ ସିଦ୍ଧାନ୍ତଷ୍ଟିକୁ ଅର୍ଥାତ୍ ଏହାର ଆଧ୍ୟାତ୍ମିକ ପଦ୍ଧତିଷ୍ଟିକୁ ଆମେ ଗୋଟିଏ କଥାରେ ଏହିଭଳି ଭାବରେ ସଂକ୍ଷେପ କରି କହିପାରିବା ଯେ ଏଥିରେ ତେତନାଗତ ସାମର୍ଥ୍ୟଗୁଡ଼ିକର ଦୁଇଟି ବୃହତ୍ତମ ତଥା ଉଚ୍ଚତମ ସ୍ଥିତିର ମିଳନକୁହିଁ ସେହି ସିଦ୍ଧାନ୍ତ ବା ସେହି ପଦ୍ଧତି ବୋଲି ସୂଚିତ କରିଯାଇଛୁ, ଅର୍ଥାତ୍ ସମତା ଏବଂ ଏକତାର ମିଳନକୁହିଁ ସଂପୂର୍ଣ୍ଣ ବୋଲି ଦର୍ଶାଯାଇଛୁ । ଆମର ଅନ୍ତର୍ଗତ ଆତ୍ମକ୍ଷେତ୍ର ଏବଂ ଚତୁର୍ପାର୍ଶ୍ୱସ୍ଥ ମଧ୍ୟରେ ଆମେ ଯେଉଁ ସେହି ପରମ ଦିବ୍ୟତାକୁ ସ୍ୱୀକାର କରିନେଉଛୁ, ଠିକ ସେହିପରି ଅକୁଣ୍ଠ ଏବଂ ସଂପୂର୍ଣ୍ଣ ଭାବରେ ଆମ ଜୀବନର କ୍ଷେତ୍ରଷ୍ଟିରେ ମଧ୍ୟ ତାହାକୁ ସ୍ୱୀକାର କରିନେବା, ଏହାକୁ ଆମେ ଗୀତାର ଦର୍ଶିତ ପଦ୍ଧତିର ମର୍ମସାର ବୋଲି କହିପାରିବା । ଆମ ବ୍ୟକ୍ତି-ବାସନାଗୁଡ଼ିକର ଅନ୍ତର୍ଗତ ବର୍ଜନ ଆମକୁ ସମତା ଆଡ଼କୁ ପରିଚାଳିତ କରିନଏ, ଆମ ଲାଗି ସେହି ପରମ ଦିବ୍ୟତାଙ୍କ ପାଖରେ ଏକ ସମଗ୍ର ଆତ୍ମସମର୍ପଣର ଉପଲବ୍ଧି ଜଗିଏ ଏବଂ ଆମ ଲାଗି ଏପରି ଏକ ଅହଂମୁକ୍ତିରେ ସହାୟତା କରେ, ଯାହାକି ଆମକୁ ଏକତା ଆଣିଦିଏ । ମାତ୍ର ଏହି ଏକତା କେବଳ କୌଣସି ସ୍ଥାଣୁତାଧର୍ମୀ ଶାନ୍ତି ବା ନିଷ୍କ୍ରିୟ ଆନନ୍ଦାନୁଭୂତିର ଏକତାରୂପେ ଅନୁଭୂତ ହେଲେ ତାହା ଯଥେଷ୍ଟ ହୁଏ ନାହିଁ, ତାହାକୁ ଗତିଶୀଳ ସାମର୍ଥ୍ୟର କ୍ଷେତ୍ରରେ ମଧ୍ୟ ଏକ ଏକତାରୂପେ ଉପଲବ୍ଧି ହେବାକୁ ପଡ଼େ । ଆମର ଏହି ବହୁଜନକାନ୍ତି ତଥା ସୀମାବଦ୍ଧକାନ୍ତି ଅହଂଠାରୁ ଯାହା ଉଚ୍ଚତର ହୋଇ ଅବସ୍ଥିତ ରହିଛୁ, ତାହାର ପାଖରେ ଆପଣାର ସମଗ୍ର ସତ୍ତାଷ୍ଟିକୁ ନେଇ ସମର୍ପିତ କରି ରଖିବାର ସ୍ଥିତିକୁ ସ୍ୱୀକାର କରିନେଇ ପାରିଲେ ଗୀତା ଆମର ଆତ୍ମା ଲାଗି ଆମର ଯାବତୀୟ କର୍ମ ତଥା ପ୍ରକୃତିର ସମ୍ପୂର୍ଣ୍ଣବେଗମୟ ସକଳ ଶକ୍ତିମତ୍ତାର ଏହି ବନ୍ଧନ ଭିତରେ ହିଁ ବିମୋଚନ ଓ ବିମୁକ୍ତାର ପ୍ରତିଶ୍ରୁତି ଦେଇଯାଏ । ଗୀତା ଆମ ଲାଗି ଏପରି ଏକ ସମଗ୍ର ଓ ଗତିସଚଳ ନିସ୍ପୃହାଶୀଳତାର କର୍ମବ୍ରତକୁ ବାଢ଼ି ଦେଇଯାଏ, ଯାହାକି ଏକ ପ୍ରଶାନ୍ତ ନିସ୍ପୃହମୁକ୍ତତା ମଧ୍ୟରେ ପ୍ରତିଷ୍ଠିତ ହୋଇ ରହିଥାଏ; ଆମ ଲାଗି

'oaob.nitrkl.ac.in' images reprocessed

ସମ୍ଭାବ୍ୟ ଅଧିକତମ ଓ ବ୍ୟାପକତମ କର୍ମର ଏକ ବ୍ରହ୍ମଗ୍ରନ୍ଥ ବାଢ଼ି ଦେଇଯାଏ ଯାହାକି ଏକ ଅବିଚଳ ଶାନ୍ତିର ଆଧାର ଉପରେ ସୁଦୃଢ଼ ଭିତ୍ତିରେ ପ୍ରତିଷ୍ଠିତ ରହିଥାଏ; ଏକ ସଙ୍କୋଚ ଅନ୍ତର୍ମୁଖ ନସ୍ତବ୍ଧତା ମଧ୍ୟରୁ ଏକ ସମ୍ପୂର୍ଣ୍ଣମୁକ୍ତ ଅଭିବ୍ୟକ୍ତିଟି ତାହାର ରହସ୍ୟ ହୋଇ ରହିଥାଏ, ତାହାର ମର୍ମବ୍ୟଞ୍ଜନା ହୋଇ ରହିଥାଏ ।

ଏଠାରେ ବସ୍ତୁ ହୋଇ ଯାହାକିଛୁ ରହିଛି, ସେଗୁଡ଼ିକୁ ଆମେ ସେହି ଏକ ଅବିଭକ୍ତ ଶାଶ୍ୱତ ବିଶ୍ୱାତ୍ମାଙ୍କ ଭିତ୍ତି ବିଶ୍ୱବ୍ୟାପ୍ତ ପରମ ବ୍ରହ୍ମଙ୍କଠାରୁ ଅଭିନ୍ନ ହୋଇଥିବା ଜାଣିବା; ସେହି ବ୍ରହ୍ମଟି ଆପଣାର ପ୍ରତ୍ୟକ୍ଷ ରୂପରେ ବସ୍ତୁ ଭିତ୍ତି ପ୍ରାଣୀମାନଙ୍କ ଭିତରେ ବିଭକ୍ତ ହୋଇ ରହିଛନ୍ତି । ହଁ, କେବଳ ଆପଣାର ପ୍ରତ୍ୟକ୍ଷ ରୂପରେ, କାରଣ ଯଥାର୍ଥରେ ସେ ସଚ୍ଚିଦାତ୍ମା ଏକ ଓ ଅବିଭକ୍ତଟି ରହିଛନ୍ତି, ସକଳ ବସ୍ତୁ ଭିତ୍ତି ସକଳ ପ୍ରାଣୀଙ୍କ ମଧ୍ୟରେ ସମଗ୍ରତ୍ୱରେ ଅବସ୍ଥିତ ଅଛନ୍ତି; ଏବଂ ତାହାରୁ ଆମକୁ ଯାହା ବିଭକ୍ତଭାବରୁପେ ଦେଖାଯାଉଛୁ, ତାହା କେବଳ ଉପରତ୍ତ୍ୱଗତ ଏକ ପ୍ରତିତ୍ତ୍ୱସମାନ ହୋଇ ରହିଛୁ । ସେହି ଅଜ୍ଞାନମସ୍ତ ପ୍ରତାତଟିର ସୋପାନରେ ବାସ କରୁଥିବା ପର୍ଯ୍ୟନ୍ତ ଆମେ ଗୋଟିଏ ଗୋଟିଏ ଅହଂ ହୋଇ ରହିଥାଉ ଏବଂ ପ୍ରକୃତିର ସାବଯାସ୍ତ ଗୁଣ ଭିତ୍ତି ସ୍ୱଭାବର ଅଧୀନ ହୋଇ ରହିଥାଉ । କେବଳ ପ୍ରତିତ୍ତ୍ୱସଗୁଡ଼ାକରହିଁ ଦାସ ହୋଇ ରହି, ଦ୍ୱୈତଭାଗୁଡ଼ାକରେ ବାନ୍ଧ ହୋଇ ରହି ଏବଂ ଭଲ ଓ ମନ୍ଦ, ପାପ ଓ ପୁଣ୍ୟ, ବିଷାଦ ଓ ହର୍ଷ, ଦୁଃଖ ଓ ସୁଖ, ସୌଭାଗ୍ୟ ଓ ଦୁର୍ଭାଗ୍ୟ ଭିତ୍ତି ସଫଳତା ଓ ବିଫଳତା ମଧ୍ୟରେ ଦୁଇଆଡ଼କୁହିଁ ଆକର୍ଷିତ ହୋଇ ରହି ଆମେ ବଡ଼ ଅସହାସ୍ତ ଭାବରେ ମସ୍ତାରୂପୀ ଚକର ଗୋଟାସୁଦ୍ଧା ଲୁହା ଅଥବା ସୂନାମିଶା ଲୁହା ବେଡ଼ିର ଅନୁସରଣ କରିବାରେହିଁ ଲଗିଥାଉ । ଖୁବ୍ ବେଶୀହେଲେ ଆମ ପାଖରେ ସେହି ଅଳ୍ପବଳ ଆପେକ୍ଷିକ ସ୍ୱାଧୀନତାଟି ରହିଥାଏ, ଯାହାକୁ କି ଆମେ ବଡ଼ ଅଜ୍ଞାନବଶ ହୋଇ ଆମର ସ୍ୱାଧୀନ ଇଚ୍ଛା ବୋଲି କହିବାରେ ଲଗିଥାଉ । ମାତ୍ର ତାହା ମୂଳତଃ ଏକ ଭ୍ରମହିଁ ହୋଇ ରହିଥାଏ, କାରଣ ସେହି କ୍ଷେତ୍ରରେ ପ୍ରକୃତିର ସ୍ୱତ ଓ ଗୁଣଗୁଡ଼ାକହିଁ ଆମର ବ୍ୟକ୍ତିଗତ ଇଚ୍ଛାର ମଧ୍ୟଦେଇ ଆତ୍ମପ୍ରକାଶ କରିବାରେ ଲଗିଥାନ୍ତି; ସେଇ ପ୍ରକୃତିର ଶକ୍ତି ନସ୍ତତ୍ତ୍ୱଣକାସ୍ତ୍ର ହାତ ଆମକୁ ଜାବୁଡ଼ି ଧରିଥାଏ ମାତ୍ର ଆମ ବୋଧସୀମାର ସମ୍ପୂର୍ଣ୍ଣ ବହିର୍ଭୂତ ହୋଇ ରହିଥାଏ, ତାହାହିଁ, ଆମେ କଅଣ ଇଚ୍ଛା କରିବା ଓ ତାହାକୁ କିପରି ତ୍ତ୍ୱରେ ଇଚ୍ଛା କରିବା. ସେଗୁଡ଼ିକର ନିରୂପଣ କରି ଦେଉଥାଏ । ଆମର ଏହି ଅସ୍ତିତ୍ୱଧାରଣର ଯେକୌଣସି କ୍ଷଣରେ ଆମେ କେତେବେଳେ କେଉଁ ବସ୍ତୁଟିର ଅନ୍ୱେଷଣ କରିବାକୁ ପ୍ରବୃତ୍ତ ହେବା, ସେଇଟିକୁ ଯୁକ୍ତିସମର୍ପିତ ଇଚ୍ଛା କିଂବା ଚିନ୍ତନଶୂନ୍ୟ କେବଳ ଏକ ତାତ୍କାଳିକ ଆବେଗ ଦ୍ୱାରା ଅନ୍ୱେଷଣ କରିବା, ଆମ ଭିତରେ ଥିବା କୌଣସି ମୁକ୍ତ ବା ସ୍ୱାଧୀନ ଅହଂ ତାହାର କଦାପି ନିରୂପଣ ବା ନିର୍ଦ୍ଧାରଣ କରେ ନାହିଁ, ପ୍ରକୃତିହିଁ ତାହାର ନିର୍ଦ୍ଧାରଣ କରିଦେଇଥାଏ । ମାତ୍ର ଯହ

'oaob.nitrkl.ac.in' images reprocessed

ଅପର ପକ୍ଷରେ ଆମେ ପରମ ବ୍ରହ୍ମଙ୍କର ସେହି ଏକତାବଦ୍ଧକାରୀ ସତ୍ତ୍ୱଟି ମଧ୍ୟରେ ବାସ କରିବାକୁ ଆରମ୍ଭ କରୁ, ତେବେ ଆମେ ଅହଂର ସୀମାଟିକୁ ଅତ୍ୟନ୍ତ କର ଆହୁରି ଆଗକୁ ବାହାରଯାଉ ଏବଂ ପ୍ରକୃତିର ସୀମାସ୍ପର୍ଶନକୁ ମଧ୍ୟ ଡେଇଁ ଗଲଯାଉ । କାରଣ ଆମେ ସେତେବେଳେ ଆମର ଯଥାର୍ଥ ଆତ୍ମକ୍ଷେତ୍ରଟିକୁ ବାହୁଡ଼ି ଆସିପାରୁ ଏବଂ ଚିଦ୍‌ଗତଭାବରେହିଁ ପରିଣତ ହୋଇଯାଉ । ଚିଦ୍‌ଗତ ଭୂମିରେ ଅବସ୍ଥାନ କରି ଆମେ ପ୍ରକୃତିର ଯାବତୀୟ ଆବେଗବକ୍ଷୋଭର ଉପରେ ରହିବା ଲାଗି ସମର୍ଥ ହେଉ, ତା'ର ଯାବତୀୟ ସ୍ପର୍ଶ ଓ ଶବ୍ଦମାନ୍ତର ଊର୍ଦ୍ଧ୍ୱରେ ବାସ କରିପାରୁ । ଆତ୍ମା, ମନ ତଥା ହୃଦପୁର କ୍ଷେତ୍ରରେ ପରିପୂର୍ଣ୍ଣ ସମତାର ଉପଲବ୍ଧି କରି ଆମେ ଆମ ଭିତର ଏକତ୍ୱଧର୍ମୀ ଆତ୍ମାଟିକୁ ମଧ୍ୟ ଉପଲବ୍ଧି କରିବାର ସାମର୍ଥ୍ୟ ଲାଭ କରୁ; ଆମେ ସକଳ ସତ୍ତା ଓ ସକଳ ପ୍ରାଣୀଙ୍କ ସହିତ ଏକରୂପ ହୋଇ ରହିବୁ, ସେଗୁଡ଼ିକ ମଧ୍ୟରେ ଏବଂ ଆମେ ଦେଖୁଥିବା ତଥା ଅନୁଭବ କରୁଥିବା ଏହି ସବୁକିଛିଟି ମଧ୍ୟରେ ଯିଏ ଆପଣାକୁ ବ୍ୟକ୍ତ କରି ରହିଛି, ଆମେ ତାହା ସହିତ ମଧ୍ୟ ଏକ ହୋଇ ରହିବୁ । ଏକ ଦିବ୍ୟ ସତ୍ତା, ଦିବ୍ୟ ଚେତନା ତଥା ଦିବ୍ୟ କର୍ମର ଉପଲବ୍ଧି କରିବାକୁ ହେଲେ ସେଥିଲାଗି ଏହି ସମତା ଏବଂ ଏହି ଏକତାହିଁ ଏକାନ୍ତ ଅପରିହାର୍ଯ୍ୟ ଭିତ୍ତି ଓ ଆଧାର ହୋଇ ଅବଶ୍ୟ ରହିବ । ସମସ୍ତଙ୍କ ସହିତ ଅର୍ଥ ତୁ ସବୁଟି ସହିତ ଏକତା ଅର୍ଜନ ନକରିଥିବା ପର୍ଯ୍ୟନ୍ତ ଆମେ ଚିଦ୍‌ଗତ କ୍ଷେତ୍ରରେ କଦାପି ଦିବ୍ୟ ହୋଇ ରହିପାରିବା ନାହିଁ । ସକଳ ବସ୍ତୁ, ସକଳ ଘଟଣା ଓ ସକଳ ପ୍ରାଣୀଙ୍କ ସହିତ ସମାନ-ଆତ୍ମା ହୋଇ ନରହି ପାରିବା ପର୍ଯ୍ୟନ୍ତ ଆମେ ଅଧ୍ୟାତ୍ମର ଆଗିରେ କିଛିହେଲେ ଦେଖିପାରିବା ନାହିଁ, ଦିବ୍ୟ ଭାବରେ କିଛିହେଲେ ଜାଣିପାରିବା ନାହିଁ ଏବଂ ଅନ୍ୟମାନଙ୍କ ପ୍ରତି କୌଣସି ଦିବ୍ୟ ଅନୁଭୂତିର ସମର୍ଥ ହୋଇପାରିବା ନାହିଁ । ଯାହାଙ୍କୁ ଆମେ ସର୍ବୋଚ୍ଚ ସାମର୍ଥ୍ୟ ବୋଲି ଜାଣୁଛୁ ତଥା ଅଦ୍ୱିତୀୟ ପରମ ଶାଶ୍ୱତ ଏବଂ ପରମ ଅନନ୍ତ ବୋଲି ଜାଣୁଛୁ, ସେ ସକଳ ବସ୍ତୁ ତଥା ସକଳ ପ୍ରାଣୀଙ୍କ ଲାଗି କେବଳ ସମାନ ହୋଇ ଅବସ୍ଥାନ କରୁଛନ୍ତି; ଏବଂ ସମାନ ହୋଇ ଅବସ୍ଥାନ କରୁଥିବାରୁ ସେ ଆପଣାର ଏକ ପରମ ପ୍ରଜ୍ଞା ସହିତ କାର୍ଯ୍ୟ ବି କରି ପାରୁଛନ୍ତି; ଆପଣାର ଯାବତୀୟ କର୍ମ ତଥା ଆପଣା ସାମର୍ଥ୍ୟର ସତ୍ତ୍ୟଟି ଅନୁସାରେ ଏବଂ ପ୍ରତ୍ୟେକ ବସ୍ତୁ ତଥା ପ୍ରତ୍ୟେକ ପ୍ରାଣୀର ଅନ୍ତର୍ନିହିତ ସତ୍ତ୍ୟଟି ଅନୁସାରେ କାର୍ଯ୍ୟ କରିବାର ସମ୍ପୂର୍ଣ୍ଣ ସାମର୍ଥ୍ୟ ରଖିଛନ୍ତି ।

ଏହି ସ୍ୱାଧୀନତାଟିକୁହିଁ ଆମେ ମନୁଷ୍ୟ ଲାଗି ସମ୍ଭବ ଯଥାର୍ଥ ସ୍ୱାଧୀନତା ବୋଲି କହିପାରିବା ଆପଣା ମନୋଭୂମିର ବର୍ତ୍ତିଷ୍ଣୁତାଧର୍ମୀ ପ୍ରବୃତ୍ତିଟି ଭିତରୁ ବାହାର ନଯିବା ପର୍ଯ୍ୟନ୍ତ ଓ ପ୍ରକୃତି ଭିତରେ ଆପଣାକୁ ଏକ ଚେତନ ଆତ୍ମାରୂପେ ଅବସ୍ଥାପିତ କରି ନରଖିବା ପର୍ଯ୍ୟନ୍ତ ସେ କଦାପି ଏହି ସ୍ୱାଧୀନତାର ଅଧିକାରୀ ହୋଇପାରିବ ନାହିଁ । ଏହି ପୃଥିବୀରେ କେବଳ ଗୋଟିଏ ସ୍ୱାଧୀନ ଇଚ୍ଛାହିଁ କାର୍ଯ୍ୟ କରୁଛି, ସେଇଟି

'oaob.nitrkl.ac.in' images reprocessed

ହେଉଛୁ ସେହି ଅଦ୍ୱିତୀୟ ଦ୍ରବ୍ୟ ପରମ-ଇଚ୍ଛା ଏବଂ ପ୍ରକୃତ ସେହି ପରମ-ଇଚ୍ଛାଟିର କାର୍ଯ୍ୟନିର୍ବାହକାରିଣୀ ଶକ୍ତି ହୋଇ ରହିଛୁ । କାରଣ ପ୍ରକୃତିହିଁ ଅନ୍ୟ ସାବତୀୟ ଇଚ୍ଛାର ସ୍ୱାମିନୀ ଏବଂ ସ୍ରଷ୍ଟ୍ରୀରୂପେ ଅବସ୍ଥିତ ରହିଛୁ । ଗୋଟାଏ ଅର୍ଥରେ ବସ୍ତୁର କଳ ଦେଖିଲେ ମନୁଷ୍ୟର ସ୍ୱାଧୀନ ଇଚ୍ଛାକୁ ଏକ ବାସ୍ତବ ସତ୍ତ୍ୟ ବୋଲି ଅବଶ୍ୟ କୁହାଯାଇ ପାରିବ; ମାନ ପ୍ରକୃତିର ସ୍ୱାଭାବିକ ଦ୍ରାବ୍ୟ ନିର୍ମିତ ହୋଇ ରହିଥିବା ପ୍ରତ୍ୟେକ ବସ୍ତୁ ପକ୍ଷେ ଏହାକୁ ମଧ୍ୟ କେବଳ ଏକ ଆପେକ୍ଷିକ ଅର୍ଥରେହିଁ ସତ୍ତ୍ୟ ବୋଲି କୁହାଯିବ । ଆମର ଏହି ମନ ପ୍ରକୃତିର କେତେକେତେ ଶକ୍ତିର ଏକ ଜଲଭଅଁର ଉପରେ ଆରୂଢ଼ ହୋଇ ରହିଛୁ, କେତେକେତେ ସମ୍ଭାବନାର ଅନ୍ତଃବର୍ତ୍ତୀ କୌଣସି ଏକ ସ୍ଥାନରେ ଆପଣାକୁ ଥିର କର ରଖିବା ଲାଗି ନଚ୍ଛ ପ୍ରସ୍ପାସ କରିବାରେ ଲାଗିଛି, କେତେବେଳେ ଏପାଖକୁ ଢଳିପଡ଼ୁଛୁ ତ ଆଉ କେତେବେଳେ ସେପାଖକୁ ଢଳି-ପଡ଼ୁଛୁ; କେତେବେଳେ କେଉଁଠି ଟିକେ ସ୍ଥାସ୍ଥୀ ହୋଇ ବସିଯାଉଛୁ ଏବଂ ଆପଣାର ଇଚ୍ଛାରେହିଁ ସେ ଭାହା କଲ୍ପ ବୋଲି ଆପଣାକୁ ଏକ ପ୍ରତ୍ୟୟ ଦେବାରେ ଲାଗିଛୁ । ମାନ ସେ ପ୍ରକୃତରେ କଛୁହେଲେ ଦେଖି ନାହିଁ; ଏବଂ ଯେଉଁ ପରମ କର୍ତ୍ତୃଶକ୍ତିଟି ଭାହାର ପଛରେ ରହି ଭାହାର ଏହି କଥାକଥିତ ସ୍ୱାଧୀନ ନିବାଚନଟିକୁ ନିରୂପିତ କରିଦେଉଛୁ, ଏପରିକ ଅତ୍ୟନ୍ତ ଅସ୍ପଷ୍ଟ ଭାବରେ ମଧ୍ୟ ସେ ସେଇଟି ବିଷୟରେ ସଜ୍ଞାନ ହୋଇପାରୁ ନାହିଁ । ମନ ସେହି ଅସଲ ଶକ୍ତିଟିକୁ ଦେଖିପାରୁ ନାହିଁ; କାରଣ ସେହି ଶକ୍ତି ସ୍ୱୟମ୍ଭୁବରେ ଏକ ସମଗ୍ର ଶକ୍ତି ହୋଇ ରହିଛୁ ଏବଂ ତେଣୁ ଆମର ଅବଲୋକନ ଲାଗି ସମ୍ପୂର୍ଣ୍ଣ ଭାବରେ ଅନଦେଶ୍ୟ ହୋଇ ରହିଛୁ । ବିଶିଷ୍ଟ ନିର୍ଦ୍ଧାରଣ-ଗୁଡ଼ିକର ଯେଉଁ ବହୁସଂଖ୍ୟକ ବୈଚିତ୍ର୍ୟଟି ଦ୍ୱାରା ସେହି ପରମ ଶକ୍ତି ଆପଣାର ଅଗଣିତ ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଲାଗିଛୁ, ମନ ଖୁବ୍ ବେଶୀ ହେଲେ ସେଗୁଡ଼ିକ ମଧ୍ୟରୁ କେବଳ କେତୋଟିକୁହିଁ ମାନ କେତେକାଂଶରେ ଏକ ସ୍ପଷ୍ଟତା ଏବଂ ସୂକ୍ଷ୍ମତା ସହିତ ବସ୍ତୁର କରିବାକୁ ସମର୍ଥ ହୋଇପାରେ । ସ୍ୱୟଂ କେବଳ ଅଂଶମାନ ହୋଇ-ଥିବାରୁ, ମନ ସମଗ୍ର ସାଧନଯନ୍ତ୍ରଟିର କେବଳ ଗୋଟିଏ ଅଂଶରେହିଁ ଆପଣାକୁ ଆରୂଢ଼ କର ରଖିପାରେ; କାଳ ଏବଂ ପରିବେଶଟି ମଧ୍ୟରେ ସେହି ଯନ୍ତ୍ରର ଯେଉଁ ନବଦଶମାଂଶ ସ୍ଥୂଳକଣ୍ଟ କାର୍ଯ୍ୟକାରୀ ହୋଇ ରହିଥାଏ, ମନ ସେବଷୟରେ କଛୁହେଲେ ଜାଣି ନଥାଏ, ସେହି ଯନ୍ତ୍ରଟିର ପୂର୍ବଭନ ପ୍ରସ୍ତୁତ ଭଥା ଭବିଷ୍ୟତର ଗଭଧାରୀଟି ବିଷୟରେ ମଧ୍ୟ ଭାହାର ଆଦୌ କୌଣସି ଜ୍ଞାନ ନଥାଏ । ମାନ ସେହି ଯନ୍ତ୍ରଟି ଉପରେ ଆରୂଢ଼ ହୋଇ ରହିଥିବାରୁ ସେ ସଚେଭବା ସ୍ୱୟଂ ଯନ୍ତ୍ରଟିର ସ୍ଥୂଳନା କରୁଛୁ ବୋଲି କେଶ୍ ଭାବିବାରେ ଲାଗିଥାଏ । ଗୋଟିଏ ଦୃଷ୍ଟିରୁ ବସ୍ତୁର କଲେ ଏହାର ମଧ୍ୟ ମହତ୍ତ୍ୱ ରହିଥାଏ : କାରଣ ମନର ଯେଉଁ ସ୍ପଷ୍ଟ ପ୍ରବୃତ୍ତିଟିକୁ ଆମେ ଆମର ଇଚ୍ଛାଶକ୍ତି ବୋଲି କହିଥାଉ, ଯେଉଁ ପ୍ରବୃତ୍ତିଟି ଦୃଢ଼ଭାବରେ ପ୍ରତିଷ୍ଠାପିତ ହୋଇ

'oaob.nitrkl.ac.in' images reprocessed

ରହିପାରନ୍ତେ ତାହା ଆମକୁ ସଚ୍ଚେଅବା ଏକ ସ୍ୱେଚ୍ଛାକୃତ ନିର୍ବାଚନ ପରନ୍ତୁ ପ୍ରତୀତ ହେବାରେ ଲଗେ, ସେଇଟି ଯଥାର୍ଥରେ ପ୍ରକୃତିର ଏକ ଅନ୍ୟତମ ସଂଗାଧିକ-ଶକ୍ତିଶାଳୀ ନିର୍ଦ୍ଦାରକରୂପେ କାର୍ଯ୍ୟ କରୁଥାଏ; ମାତ୍ର ତାହା କେବେହେଲେ ସ୍ୱାଧୀନ ନଥାଏ କିଂବା ଏକମାତ୍ର ନିର୍ଦ୍ଦାରକ ହୋଇ ରହି ନଥାଏ । ମନୁଷ୍ୟ-ଇଚ୍ଛାର ଏହି ଅତିକ୍ଷୁଦ୍ର ନୈମିତ୍ତିକ ନିସ୍ପାତ୍ତିର ପଛରେ ଆହୁ ଗୋଟିଏ ଏପରି ବ୍ୟାପ୍ତିମସ୍ତ, ଶକ୍ତିଶାଳୀ ଏବଂ ଚିରନ୍ତନ ଜଡ଼ୁ ବଦ୍ୟମାନ ରହିଥାଏ ଯାହାକି ଉପରୁ ଥାଇ ଏହି ପ୍ରକୃତିଟିର ଦିକ୍‌ଗୁରଣାଟିକୁ ଅବଲୋକନ କରିବାରେ ଲଗିଥାଏ ଏବଂ ମନୁଷ୍ୟ-ଇଚ୍ଛାର ବିଭିନ୍ନ ଦିକ୍-ପରିବର୍ତ୍ତନକୁ ଆପଣାର ଘୂର୍ଣ୍ଣି ଦ୍ୱାରା ଫଳଜ ମଧ୍ୟ କରଦେଇଥାଏ । ଆମର ଯାବତୀୟ ରୁଚି ଓ ନିର୍ବାଚନରୁ ବୃହତ୍ତର ହୋଇ ଏହି ପ୍ରକୃତି ମଧ୍ୟରେ ଏକ ସମଗ୍ର ପରମସତ୍ତ୍ୟ ଅଧିସ୍ଥିତ ହୋଇ ରହିଛି । ଏବଂ ଏହି ସମସ୍ତ ସତ୍ତ୍ୟଟି ମଧ୍ୟରେ, ଏବଂ ଏପରିକ ଏହାର ଅତୀତ ହୋଇ ଏବଂ ଏହାର ଅନ୍ତରାଳରେ ଏପରି ଏକ ପରମସମ୍ପଦ ରହିଥାଏ, ଯାହାକି ଯାବତୀୟ ପରିଣାମକୁ ନିର୍ଦ୍ଦାରିତ କରଦେଇଥାଏ । ପ୍ରକୃତିର ଯାବତୀୟ ପ୍ରକ୍ରିୟାରେ ତାହାର ସାନ୍ନିଧ୍ୟ ତଥା ପ୍ରଚ୍ଛନ୍ନ ଜ୍ଞାନଟି ବଳବତ୍ତର ରହିଥାଏ, ଚତୁଶୀଳ ଜୀବରେ ଓ ପ୍ରାସ୍ୱ ସ୍ୱସ୍ପଂପ୍ରେରିତ ହେଲାପରି ତାହା ଯଥାର୍ଥ ସମ୍ବନ୍ଧଗୁଡ଼ିକର ଅବଧାରଣା କରଦେଇଥାଏ, ପରିବର୍ତ୍ତନଶୀଳ ତଥା ସ୍ଥିର ଆବଶ୍ୟକତାଗୁଡ଼ିକୁ ଏବଂ ଗତିସ୍ପନ୍ଦନଟିର ଅନିବାର୍ଯ୍ୟ ପଦକ୍ଷେପଗୁଡ଼ିକୁ ମଧ୍ୟ ନିର୍ଦ୍ଦାରିତ କରଦେଇଥାଏ । ଏକ ପରମ ପ୍ରଚ୍ଛନ୍ନ ଦିବ୍ୟ ପରମ ଇଚ୍ଛା ଶାଶ୍ୱତ, ଅନନ୍ତ, ସଂଜ୍ଞାତା ତଥା ସଂଶକ୍ତିମାନ୍ ଜୀବରେ ସଂଦା ବିଘ୍ନଜିତ ରହିଛି, ଯାହାକି ଆପଣାକୁ ପ୍ରାତିସ୍ୱିକ ଭୂମି ଉପରେ କାଲଗତ ଓ ଅନ୍ୟବିଶିଷ୍ଟ ବୋଲି ପ୍ରତୀତ ହେଉଥିବା ଅଚେତନ ତଥା ଅର୍ଦ୍ଧଚେତନ ଯାବତୀୟ ବସ୍ତୁର ବିଶ୍ୱବ୍ୟାପ୍ତତା ତଥା ବିଶିଷ୍ଟତା ମଧ୍ୟରେ ଅଭିବ୍ୟକ୍ତ କରଦେଇଛି । ସକଳ ଅସ୍ତିତ୍ୱର ଦୂଦସ୍ଥଦେଶରେ ଏପରି ଏକ ପରମପ୍ରଭୁ ବିଘ୍ନକତ ରହିଛନ୍ତି, ଯିଏକି ପ୍ରକୃତିର ମାସ୍ଥା ଦ୍ୱାରା ସକଳ ପ୍ରାଣୀଙ୍କୁ ସଚ୍ଚେଅବା ଯନ୍ତ୍ରାରୂଢ଼ ହୋଇ ରହିଥିବା ପରି ଘୂର୍ଣ୍ଣତ କରି ନେଉଛନ୍ତି;—ଗୀତା ଆପଣାର ଏହି ଉକ୍ତିଟି ଦ୍ୱାରା ଠିକ୍ ସେହି ପରମ ସାମର୍ଥ୍ୟ ଏବଂ ପରମ ସାନ୍ନିଧ୍ୟକୁହିଁ ବର୍ତ୍ତନା କରିବାର ଚେଷ୍ଟା କରିଛି ।

ଏହି ଦିବ୍ୟ ପରମ-ଇଚ୍ଛାଟିକୁ ଆମେ କୌଣସି ବିଜ୍ଞାପ୍ତସ୍ୱ ଓ ବହିଃସ୍ଥ ସାମର୍ଥ୍ୟ ଅଥବା ସାନ୍ନିଧ୍ୟ ବୋଲି କଦାପି ଜାଣିବା ନାହିଁ; ତାହା ଆମ ସ୍ୱତ୍ତର ଅତ୍ୟନ୍ତ ଅନ୍ତରଙ୍ଗ ହୋଇ ରହିଛି ଏବଂ ଆମେ ନିଜେ ମଧ୍ୟ ତାହାର ଗୋଟିଏ ଗୋଟିଏ ଅଂଶ ହୋଇ ରହିଛୁ । କାରଣ ଆମର ସବୋଚ୍ଚ ଆସ୍ପସ୍ୱରୂପଟିହିଁ ତାହାକୁ ଅଧିକାର କରି ରହିଛି, ତାହାର ଅବଲମ୍ବନ ହୋଇ ରହିଛି । କେବଳ ଏତିକ ଜାଣି ରଖିବାକୁ ହେବ ଯେ ତାହା ଆମର ସଚେତନ ଏହି ମନୋଗତ ଇଚ୍ଛାଟିରେ ପରିଣତ ହୋଇ ରହି ନାହିଁ; ଆମର ସଚେତନ ଇଚ୍ଛାଟି ଯାହାକୁ ସ୍ୱୀକାର କରୁଛି, ପ୍ରାସ୍ୱ ଅନେକ ସମସ୍ତରେ ଏହା

'oaob.nitrkl.ac.in' images reprocessed

ସେଇଟିକୁ ବର୍ଜନ କରିଦେଉଛୁ ଓ ଆମର ସଚେତନ ଇଚ୍ଛା ଯାହାକୁ ବର୍ଜନ କରୁଛୁ, ଏହା ଦୁଏତ ସେଇଟିକୁହିଁ ସ୍ୱୀକାର କରିନେଉଛୁ । କାରଣ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ପରମ ଅଦ୍ୱିତୀୟଙ୍କ ଲଗି ସବୁକିଛୁ ଓ ସକଳ ସମସ୍ତତା ଉଥା ସକଳ ଟିକନିଟି ପୂର୍ଣ୍ଣତୋଚର ହୋଇ ରହିଛୁ; ମାନ ଅପର ପକ୍ଷରେ ଆମର ଏହି ଉପରତ୍ତଗତ୍ତ ମନ ବସ୍ତୁଗୁଡ଼ିକର କେବଳ ଏକ ଅଲ୍ପାତ୍ମଚନ ଅଂଶକୁ ଜାଣିବାକୁହିଁ ସମର୍ଥ ହେଉଛୁ । ଆମର ଇଚ୍ଛା କେବଳ ଏହି ମନ ଭିତରେହିଁ ସଚେତନ ହୋଇ ରହିଛୁ; ଏବଂ ତାହା ଯାହାକିଛୁ ଜାଣୁଛୁ, କେବଳ ସ୍ୱବନା ଦ୍ୱାରାହିଁ ସେଇଟିକୁ ଜାଣୁଛୁ । ଦ୍ରବ୍ୟ ପରମ ଇଚ୍ଛାଟି ଆମ ଲଗି ଅଚେତନ ହୋଇ ରହିଛୁ; କାରଣ ଆପଣାର ମର୍ମଗତ ଭୂମିରେ ତାହା ଅଜ୍ଞମାନସ ହୋଇ ରହିଛୁ । ତାହା ସବୁଟିକୁ ଜାଣୁଛୁ, କାରଣ ତାହା ସବୁଟିଠାରୁ ଅଭିନ୍ନ ହୋଇ ରହିଛୁ । ଆମର ଯେଉଁ ସଚେତନ ଆତ୍ମଚେତନଟି ଏହି ବଶ୍ୱଗତ ପରମ ସାମର୍ଥ୍ୟଟିକୁ ଧାରଣ କରି ରହିଛୁ, ତାହା କଦାପି ଆମର ଏହି ଅହଂପ୍ରେରତ ଆତ୍ମସତ୍ତା ନୁହେଁ, ଆମର ଏହି ବ୍ୟକ୍ତ-ଆତ୍ମଚନ ପ୍ରକୃତିଟି ମଧ୍ୟ ନୁହେଁ । ଏହା ବଶ୍ୱାତୀତ, ଏଗୁଡ଼ିକର ଅତୀତ; ଏହା ବଶ୍ୱଜନୀନ,—ଏବଂ ଏହି ଯାବତ୍ତୀୟ କ୍ଷୁଦ୍ର ତର ବସ୍ତୁଗୁଡ଼ିକ ଏହାର ଉପରତ୍ତଗରେ ଆଉଯାଉ ହେଉଥିବା କେବଳ ଏକ ସ୍ପୋତର ଫେନ ଅଥବା ଉପରତ୍ତଗ ପର୍ । ଯଦି ଆମେ ଆପଣାର ଏହି ସଚେତନ ଇଚ୍ଛାଟିକୁ ସମର୍ପିତ କରିଦେଇ ପାରିବା ଏବଂ ତାହାକୁ ସେହି ପରମ ଶାଶ୍ୱତଙ୍କର ଇଚ୍ଛାଟି ସହିତ ଏକାତ୍ମ ହୋଇ ରହିବାକୁ ଛାଡ଼ିଦେବା, ତେବେଯାଇ ଏବଂ କେବଳ ସେତକବେଳେ ଯାଇ ଆମେ ଯଥାର୍ଥ ସ୍ୱାଧୀନତାର ଅଧିକାରୀ ହୋଇପାରିବା । ସେତେବେଳେ ସେହି ଦ୍ରବ୍ୟ ସ୍ୱାତନ୍ତ୍ର୍ୟ ମଧ୍ୟରେ ଜୀବନଟିକୁ ଘୁଲତ କରି ଆମେ ଆଉ ଏହି ଶୃଙ୍ଖଳବଦ୍ଧ ତଥାକଥିତ ସ୍ୱାଧୀନ ଇଚ୍ଛାଟିକୁ ଜାବୁତ ପଡ଼ିରହିବା ନାହିଁ; ଆପଣାର ସ୍ୱଳ୍ପାତ୍ମ ଅଲ୍ପାତ୍ମଚ ପ୍ରାଣଗତ କେତେଟା ଉତ୍ପ୍ରେରକ ଏବଂ ମନୋଗତ କେତେଟା ଚନ୍ଦରୁପର ଭ୍ରମଦଶତା ମଧ୍ୟରେ ବାନ୍ଧହୋଇ ରହିଥିବା ଅଜ୍ଞାନମୟ, ମାୟାଚ୍ଛନ୍ନ ତଥା ଆପେକ୍ଷିକ ଏହି କ୍ଷୁଦ୍ର ଜୀଡ଼ନକତୁଲ୍ୟ ସ୍ୱାଧୀନତାକୁ କଦାପି କାମୁଡ଼ି ଧରି ପଡ଼ିରହିବା ନାହିଁ ।

*

ଯନ୍ତ୍ରବତ୍ ଆପଣାକୁ ଘୁଲତ କରି ରଖିଥିବା ପ୍ରକୃତ ଏବଂ ପ୍ରକୃତର ପୂର୍ଣ୍ଣମୁକ୍ତ ଅଧୀଶ୍ୱରଙ୍କ ମଝରେ ଯେଉଁ ପ୍ରଧାନ ପାର୍ଥକ୍ୟଟି ରହିଛୁ, ଆମର ଚେତନା ମଧ୍ୟରେ ସେହି ପାର୍ଥକ୍ୟଟିକୁ ଦୃଢ଼ତ୍ୱରରେ ଅଙ୍କିତ କରି ରଖିବାକୁ ପଡ଼ିବ; ଗୋଟିଏ ପାଟରେ ପରମେଶ୍ୱର ଓ ସେହି ଏକମାନ ଜ୍ୟୋତିର୍ମୟ ଦ୍ରବ୍ୟ ଇଚ୍ଛା ଏବଂ ଅନ୍ୟ ପାଟରେ ଏହି ବଶ୍ୱଜଗତରେ କାର୍ଯ୍ୟକାରୀ ହୋଇ ରହିଥିବା ଅନେକ ଶକ୍ତି ତଥା ଅନେକ ସମର୍ଥତା ମଧ୍ୟରେ ରହିଥିବା ପାର୍ଥକ୍ୟଟି ସମ୍ବନ୍ଧରେ ଦୃଢ଼ତ୍ୱରରେ ସଚେତନ ରହିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ପ୍ରକୃତ,—ଏଠାରେ ତାହା ଆପଣାର ଦିବ୍ୟ ପରମସତ୍ତା ମଧ୍ୟରେ ସେପର ହୋଇ ରହିଛୁ, ପରମ ଶାଶ୍ୱତଙ୍କର ଚେତନାମସ୍ଥ ପରମ ଶକ୍ତିରୂପିଣୀ ସେହି ପ୍ରକୃତର କଥା କୁହାଯାଇ ନାହିଁ, ମାତ୍ର ଏହି ଅଜ୍ଞାନ ଭିତରେ ପ୍ରକୃତି ଆମକୁ ଯେଉଁଭଳି ଦେଖାଯାଉଛୁ, ତାହାର କଥାହିଁ କୁହାଯାଉଛୁ;—ହେଉଛୁ ଏକ କାର୍ଯ୍ୟକାରିଣୀ ଶକ୍ତି । ଆପଣାର ପଦକ୍ଷେପଗୁଡ଼ିକରେ ତାହା ସମ୍ଭବତ୍ ଗଢ଼ କରେ; ଏହି ପ୍ରକୃତିଟି ବସ୍ତୁଟରେ ଆମକୁ ଯେଉଁସବୁ ଅନୁଭବ ପ୍ରାପ୍ତ ହୋଇଥାଏ, ତଦନୁସାରେ ତାହା ସଚେତନ ଭାବରେ ଆଦୌ ବୁଦ୍ଧିଶାଳୀ ହୋଇ ରହିଥିଲା ପରି ଦେଖାଯାଏ ନାହିଁ; ଅବଶ୍ୟ ଏକଥା ସତ୍ତ ଯେ ପ୍ରକୃତର ଯାବତୀୟ କିୟାସୃଜକତା ଏକ ପରପୂର୍ଣ୍ଣ ବୁଦ୍ଧି ଦ୍ୱାରାହିଁ ସଦାବା ପ୍ରେରତ ହୋଇ ରହିଥାଏ । ପ୍ରକୃତ ଆପେ ଆପଣାର ପ୍ରଭୁ ହୋଇ ରହି ନଥାଏ ସତ୍ତ, ତାହା ସଦାବା ଏପରି ଏକ ଆତ୍ମସଚେତନ ପରମ ସାମର୍ଥ୍ୟ* ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ, ଯାହାକି ଅନନ୍ତ ପ୍ରଜ୍ଞତ୍ତର ଅଧିକାରୀ ହୋଇ ରହିଥାଏ, ଏବଂ ଏହି ପରମ ସାମର୍ଥ୍ୟହିଁ ସେହି ପ୍ରକୃତର ଗୁଳନା କରୁଥିବାରୁ ପ୍ରକୃତ ମଧ୍ୟ ସବୁକଛିକୁ ଆପଣାର ଶାସନ ଦ୍ୱାରା ଶାସିତ କରି ରଖିଥାଏ ଏବଂ ତାହାର ମଧ୍ୟଦେଇ ପରମେଶ୍ୱର ଯେଉଁ କର୍ମଟିକୁ କରବାର ଅଭିପ୍ରାୟ ରଖିଛନ୍ତି, ପ୍ରକୃତ ଠିକ୍ ସେହି କର୍ମଟିକୁହିଁ ପରପୂର୍ଣ୍ଣ କରି ଦେଇଥାଏ । ପ୍ରକୃତ ସ୍ୱସ୍ଥଂ ଭୋକ୍ତା ହୋଇ ରହି ନଥାଏ, ସ୍ୱସ୍ଥଂ ସକଳ ଭୋଗର ନିମିତ୍ତ ହୋଇ ରହିଥାଏ; ମାତ୍ର ଆପଣା ମଧ୍ୟରେହିଁ ସକଳ ଭୋଗ ତଥା ସମ୍ଭୋଗର ବୋଝଟିକୁ ବହନ କରି ରହିଥାଏ । ପ୍ରକୃତକୁ ଆମେ ଏକ ଜଳିବ କିୟାଶୀଳ ପରମ ସାମର୍ଥ୍ୟ ବୋଲିହିଁ ଜାଣିବା, କାରଣ ସେ ତା' ଆପଣା ଉପରେ ଆଣି ଲଦ ହଆଯାଇ-ଥିବା ଏକ ଗତଶ୍ଚନକୁହିଁ କାର୍ଯ୍ୟକାରୀ କରୁଛୁ; ମାତ୍ର ତଥାପି ତାହାର ଭିତରେହିଁ ସେହି ସଚେତନ ପରମ ଅଦ୍ୱିତୀୟ ମଧ୍ୟ ବିଦ୍ୟମାନ ରହିଛନ୍ତି । ତାହା ମଧ୍ୟରେ ଏପରି ଏକ ପରମ ଭବ୍ୟ ଅଧିସ୍ଥିତ ହୋଇ ରହିଛୁ, ଯିଏକ ପ୍ରକୃତର ଯାବତୀୟ ଗତ୍ୟାତ୍ମକତା ତଥା ପ୍ରକିୟାକୁ ସମ୍ପୂର୍ଣ୍ଣ ଜ୍ଞାନରେ ଜାଣିପାରୁଛୁ । ସେହି ପରମ ପୁରୁଷଙ୍କର, ଅର୍ଥାତ୍ ତାହାର ସହତ ସମ୍ବନ୍ଧତ ହୋଇ ରହିଥିବା ଓ ତାହାର ଭିତରେ ଆସୀନ ରହିଥିବା ପରମ ସଶ୍ୱର ଜ୍ଞାନ, କର୍ତ୍ତୃତ୍ୱ ତଥା ଆନନ୍ଦକୁ ଧାରଣ କରିହିଁ ପ୍ରକୃତ ଆପଣାର କାର୍ଯ୍ୟ କରୁଛୁ; ମାତ୍ର ଯେଉଁ ପରମତତ୍ତ୍ୱଟି ତାକୁ ପୂର୍ଣ୍ଣ କରି ରଖିଛୁ, କେବଳ ତାହାର ଅଧୀନ ହୋଇ ରହିପାରିଲେ ଏବଂ ତାହାକୁହିଁ ପ୍ରତଫଳତ କରିପାରିଲେ ସେହି ଜ୍ଞାନ, କର୍ତ୍ତୃତ୍ୱ ଏବଂ ଆନନ୍ଦରେ ମଧ୍ୟ ସ୍ୱସ୍ଥଂ ଅଂଶଗ୍ରହଣ କରିପାରିବାର ସାମର୍ଥ୍ୟ ରଖିଛୁ । ପୁରୁଷ ଜ୍ଞାତାରୂପେ ଅବସ୍ଥିତ ରହିଛୁ; ନଶ୍ଚଳ ହୋଇ ରହିଛୁ, ନିଷ୍କ୍ରିୟ ରହିଛୁ । ଆପଣାର

---

* ଏହି ପରମ ସାମର୍ଥ୍ୟ ହେଉଛୁ ପରମେଶ୍ୱରଙ୍କର ଦିବ୍ୟ ପରମା ଶକ୍ତି, ସେଇ ବଶ୍ୱାତୀତ ତଥା ବଶ୍ୱଗତ ପରମା ଜନନୀ ।

'oaob.nitrkl.ac.in' images reprocessed

ଚେତନା ଏବଂ ଜ୍ଞାନ ମଧ୍ୟରେ ସେ ପ୍ରକୃତର କର୍ମକୁ ଧାରଣ କର ରହିଛନ୍ତି, ସେହି କର୍ମର ଭୋକ୍ତା ହୋଇ ରହିଛନ୍ତି । ପ୍ରକୃତର ଯାବତୀୟ କାର୍ଯ୍ୟ ପଛରେ ସେହି ପୁରୁଷରହିଁ ସ୍ୱୀକୃତ ରହିଛନ୍ତି ଏବଂ ସେହି ପୁରୁଷରହିଁ ଆନନ୍ଦ ଲଗି ତା'ଠାରୁ କେବଳ ସେତକ କାର୍ଯ୍ୟ ଲଗି ସ୍ୱୀକୃତ ମିଳୁଛନ୍ତି, ପ୍ରକୃତ ସେତକ କାର୍ଯ୍ୟକୁ ସମ୍ପନ୍ନ କରବାରେ ଲଗିଛନ୍ତି । ପୁରୁଷ ନଜେ କୌଣସି କାର୍ଯ୍ୟ ସମ୍ପାଦନ କରୁ ନାହିଁ; ସେ ପ୍ରକୃତକୁ ତା'ର କାର୍ଯ୍ୟରେ ଆଶ୍ରସ୍ୱ ଦେଇ ରଖିଛନ୍ତି; ଏବଂ ଆପଣାର ଜ୍ଞାନରେ ସେ ଯାହାକିଛିର ଅବଧାରଣା କରବାରେ ଲଗିଛନ୍ତି, ତାହାକୁହିଁ ଶବ୍ଦମନ୍ତ୍ର, ପ୍ରକିୟା ଆଦା ରୂପାନ୍ତ୍ରିତ ପରଣାମରୂପେ ପ୍ରକାଶିତ କରଦେବା ଲଗି ପ୍ରକୃତକୁ ଆବଶ୍ୟକ ଅନୁମତି ପ୍ରଦାନ କରୁଛନ୍ତି । ସାଂଖ୍ୟରେ ଏହି ପାର୍ଥକ୍ୟଟିର ନରୂପଣ କରାଯାଇଛନ୍ତି; ଏବଂ ଏଇଟି କଦାପି ସମୁଦାସ୍ତ ଯଥାର୍ଥ ସତ୍ତ୍ୟ ନହୋଇଥିଲେ ମଧ୍ୟ କିଂବା ପୁରୁଷ ବା ପ୍ରକୃତ ସମ୍ବନ୍ଧରେ ସବୋଚ ସତ୍ତ୍ୟ ହୋଇ ନଥିଲେ ମଧ୍ୟ ତଥାପି ଜୀବନର ଏହି ନମ୍ନସ୍ତର ମଣ୍ଡଳଟିରେ ଏଇଟିକୁ ଏକ ଯଥାର୍ଥ ଏବଂ ଅପରିହାର୍ଯ୍ୟ ବ୍ୟାବହାରିକ ଜ୍ଞାନ ବୋଲି ସ୍ୱୀକାର କରନେବାକୁହିଁ ପଡ଼ିବ ।

ବ୍ୟକ୍ତ-ଆତ୍ମା ଅର୍ଥାତ୍ ଏକ ବିଶେଷ ରୂପ ଗ୍ରହଣ କରଥିବା ଚେତନ ସତ୍ତ୍ୱ ଆପଣାକୁ ଏହି ଅନୁଭବଗାତ୍ମା ପୁରୁଷଟି ସହିତ ଏକାତ୍ମ କର ରଖିପାରିବ ଅଥବା ଏହି ନିତ୍ୟାତ୍ମକ ପ୍ରକୃତ ସହିତ ମଧ୍ୟ ଏକାତ୍ମ କର ରଖିପାରିବ । ପ୍ରକୃତ ସହିତ ଏକାତ୍ମ ହେବାକୁ ଗଲେ ତାହା ଭକ୍ତି, ଭୋକ୍ତା ଅଥବା ଜ୍ଞାତା ହୋଇପାରିବ ନାହିଁ, ମାତ୍ର କେବଳ ପ୍ରକୃତର ସ୍ରଷ୍ଟା ତଥା ନିତ୍ୟାତ୍ମକତାଗୁଡ଼ିକରହିଁ ପ୍ରତିଫଳନ କରବାରେ ଲଗିଥିବ । ଆପଣାର ଏହି ଏକାତ୍ମକତାଟି ଦ୍ୱାରା ସେ ପ୍ରକୃତ-କ୍ଷେତ୍ରର ସ୍ୱଲକ୍ଷଣ ହୋଇ ରହିଥିବା ସେହି ଅଧୀନତା ମଧ୍ୟରେ ପ୍ରବିଷ୍ଟ ହୋଇ ରହିବାକୁ ବାଧ ହେବ, ସେହି ସଜ୍ଜବତ୍ତ ନିତ୍ୟାତ୍ମକତା ମଧ୍ୟରେ ବି ବାଧ୍ୟହୋଇ ରହିବ । ଏବଂ ଏପରିକ, ପ୍ରକୃତ ମଧ୍ୟରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ନମର୍ଜ୍ଜିତ କରଦେଇ ସେହି ଆତ୍ମା ଦୁଏନ୍ତ ନଶ୍ଚେତନ ଅଥବା ଅବଚେତନ ହୋଇପଡ଼ିବ, ଏବଂ ମାଟି ଆଦି ଧାତୁର କ୍ଷେତ୍ରରେ ଯେପରି ହୋଇଛନ୍ତି, ଆପଣାର ରୂପାସ୍ତ୍ରନଗୁଡ଼ିକ ମଧ୍ୟରେ ଏକାବେଳକେ ସୁପ୍ତ ହୋଇ ରହିବ; ଅଥବା ଜଦ୍ଜଦର ଜୀବନକ୍ଷେତ୍ରରେ ଯେପରି ହୋଇଛନ୍ତି, ପ୍ରାସ୍ୱ ସୁପ୍ତ ହୋଇ ରହିଯିବ । ସେହି ନଶ୍ଚେତନତା ମଧ୍ୟରେ ତାହା ତମଃ ଦ୍ୱାରା, ଅର୍ଥାତ୍ ଅଜ୍ଞସ୍ତତା ଏବଂ ଜଡ଼ତାରହିଁ ତତ୍ତ୍ୱ, ସାମର୍ଥ୍ୟ ଓ ଗୁଣାତ୍ମକ ସ୍ରଷ୍ଟତି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ କବଳିତ ହୋଇ ରହିବ । ସେହି କ୍ଷେତ୍ରରେ ସତ୍ତ୍ୱ ରହିଥିବ, ରଜଃ ମଧ୍ୟ ରହିଥିବ; ମାତ୍ର ତମଃର ଘନାବରଣ ମଧ୍ୟରେ ସେମାନେ ଏକାବେଳକେ ପ୍ରଚ୍ଛନ୍ନ ହୋଇ ରହିଥିବେ । ସେହି କ୍ଷେତ୍ରରେ ପ୍ରକୃତ ମଧ୍ୟରେ ତମୋଗୁଣରହିଁ ଅଭ୍ୟନ୍ତ ପ୍ରାଦୁର୍ଭାବ ତଥାପି ବର୍ତ୍ତମାନ ରହିଥିବାରୁ ତାହା ଏପର୍ଯ୍ୟନ୍ତ କଦାପି ଯଥାର୍ଥରେ ଚେତନାଶୀଳ ହୋଇପାରି ନଥିବ; ମାତ୍ର ଚେତନାର ଆପଣାର ସ୍ୱକୀୟ ଯଥୋଚିତ ପ୍ରକୃତଟି ମଧ୍ୟରେ ପ୍ରବିଷ୍ଟ ହୋଇ ଦେହସ୍ଥ

'oaob.nitrkl.ac.in' images reprocessed

ସତ୍ତ୍ୱ ଜନ୍ମେ ଅଧିକରୁ ଅଧିକ ପରମାଣରେ ରଜୋଗୁଣର ଅଧୀନ ହେବାକୁ ଲଗିବ, ଅର୍ଥାତ୍ ବାସନା ଏବଂ ସହଜାତ ପ୍ରବୃତ୍ତି ଦ୍ୱାରା ଯନ୍ତ୍ରେରଚ ସେହି ଚଞ୍ଚଳ, ସେହି ସାମର୍ଥ୍ୟ ଥିଆ ଜିୟା ଓ ଆବେଶମୟଭାର ସେହି ଗୁଣାତ୍ମକ ସୃଷ୍ଟିର ଅଧୀନ ହେବାକୁ ଲଗିବ । ସେହିଠାରେହିଁ ଇଚ୍ଛରପ୍ରାଣୀର ପ୍ରକୃତ ରୂପ ଗ୍ରହଣ କରିବ ଓ ବିକଶିତ ହୋଇ ଉଠିବ; ତାହାର ଚେତନାଗତ ପରସ୍ପରଟି ବଡ଼ ଫଙ୍କଣ୍ଡୁ ହୋଇ ରହିଥିବ, ବୁଦ୍ଧି ବଡ଼ ପ୍ରାଥମିକ ସ୍ତରର ହୋଇ ରହିଥିବ ଏବଂ ଫଟ୍କାର ଥିଆ ଆବେଗ ରଜଃ-ତାମସିକ ହୋଇ ରହିଥିବ । ସେହି ବିଘ୍ନଟି ପରମ ନିଶ୍ଚେତନାଟି ମଧ୍ୟରୁ ଏକ ଚିଦ୍‌ଗତ ସ୍ଥିତିର ଅଭ୍ୟୁଦୟରେ ଆତ୍ମର ଅଗ୍ରସର ହୋଇ ଦେହସ୍ଥ ସତ୍ତ୍ୱ ସତ୍ତ୍ୱକୁ, ଅର୍ଥାତ୍ ଆପଣାର ଆଲୋକଧର୍ମୀ ଗୁଣଟିକୁ ଉନ୍ମୋଚିତ କରିବ ଏବଂ ଏକ ଆପେକ୍ଷିକ ସ୍ୱାଭନ୍ତ୍ର୍ୟ, ସ୍ୱାମିତ୍ୱ ଥିଆ ଜ୍ଞାନର ଅଧିକାରୀ ହେବାକୁ ଲଗେ ଏବଂ ତାହା ସହିତ ଅନ୍ତର୍ଗତ ସନ୍ତୋଷ ଥିଆ ଅନ୍ତର୍ଗତ ପ୍ରସନ୍ନତାର ଏକ ପରଚ୍ଛନ୍ନ ଥିଆ ପ୍ରସୀମିତ ବୋଧ ମଧ୍ୟ ଅର୍ଜନ କରିଥାଏ । ଭୌତିକ ଦେହରେ ଏକ ମନୋଧର୍ମୀ ସତ୍ତ୍ୱରୂପେ ଅବସ୍ଥିତ ରହିଥିବା ଏହି ମନୁଷ୍ୟର ପ୍ରକୃତିରେ ଏହିପର ଏକ ପ୍ରକୃତର ସତ୍ତ୍ୱାଧାର ହୋଇ ରହିବା ଉଚିତ । ମାନ ଗୋଟିଏ ଗୋଟିଏ ଆତ୍ମାର ବାହକ ହୋଇ ରହିଥିବା ଅଗଣିତ ଶରୀରଗୁଡ଼ିକ ମଧ୍ୟରୁ ମାନ ଅଳ୍ପ କେତେକଙ୍କୁ ଛୁଇଁଦେଲେ ମନୁଷ୍ୟ ପ୍ରକୃତିରେ ଆଜି ମଧ୍ୟ ସେହି ପ୍ରକୃତର ଅଧିକାରୀ ହୋଇ ରହି ନାହିଁ । ସାଧାରଣତଃ ତା' ଭିତରେ ସେହି ଅସ୍ପଷ୍ଟତାଚ୍ଛନ୍ନ ମାନସିକତାର ଜାଡ଼ୟଧର୍ମିତା ଏବଂ ଏକ ସନ୍ତାପମସ୍ୱ ଅଜ୍ଞାନବଶ ପ୍ରାଣୀସୁଲଭ ପ୍ରାଣ-ଶକ୍ତିଟାହିଁ ବଡ଼ ଅଭଶକ୍ତ ପରମାଣରେ ଭରି ହୋଇ ରହିଛି ଏବଂ ସେଥିଲଗି ସେ ଆଲୋକ ଓ ଆନନ୍ଦର ଏକ ଆତ୍ମାରେ ପରିଣତ ହୋଇପାରୁ ନାହିଁ ବା ଏପରକ ସମଞ୍ଜସଭାଯୁକ୍ତ ଇଚ୍ଛା ଥିଆ ଜ୍ଞାନଯୁକ୍ତ ଏକ ମନର ବ ଅଧିକାରୀ ହୋଇପାରୁ ନାହିଁ । ଏଇଠି ଏହି ମନୁଷ୍ୟର ଭୂମିରେ ସେହି ମୁକ୍ତ, ପ୍ରଭୁ, ଜ୍ଞାତା ଏବଂ ଭୋକ୍ତାରୂପେ ପ୍ରତିଷ୍ଠିତ ପରମ ପୁରୁଷର ଯଥାର୍ଥ ପ୍ରକୃତିଟି ଆଡ଼କୁ ଏକ ଅସମ୍ପୂର୍ଣ୍ଣ ଓ ଥିଆପି ଅନେକ ବାଧା ଦ୍ୱାରା କ୍ଲିଷ୍ଟ ଓ ପରିବୃତ ହୋଇ ରହିଥିବା ଆରୋହଣ ସବଦା ଅବ୍ୟାହତ ରହିଛି । କାରଣ ମନୁଷ୍ୟର ଏହି ପାର୍ଥିବ ଅନୁଭୂତିର କ୍ଷେତ୍ରରେ ଏହି ଗୁଣଗୁଡ଼ିକ କେବଳ ଆପେକ୍ଷିକହିଁ ହୋଇ ରହିଛି ଏବଂ ସେଗୁଡ଼ିକ ମଧ୍ୟରୁ କୌଣସିଟି ଆପଣାର ଏକକ ଥିଆ ପରମ ପରିଣାମଟିକୁ ଆଦୌ ସମ୍ଭବ କରିପାରୁ ନାହିଁ । ସବୁଗୁଡ଼ିକ ପରସ୍ପର ସହିତ କେବଳ ଗୋଳଆମିଶା ହୋଇ ରହିଛି ଏବଂ କୌଣସିଠାରେହିଁ କୌଣସି ଗୋଟିକର ମଧ୍ୟ ଶୁଦ୍ଧ ଜିୟାଟି ଆଦୌ ପରିପୁଷ୍ଟ ହେଇ ନାହିଁ । ସେହିଗୁଡ଼ିକରହିଁ ବଡ଼ ଅସୁବିଧା ଥିଆ ଅନିଶ୍ଚିତ ପାରସ୍ପରିକ ଜିୟାଟି ପ୍ରକୃତିର ଏହି ଅସ୍ଥିର ପରମାପଦଣ୍ଡଟି ଉପରେ ଦୋଦୁଲ୍ୟମାନ ହେବାରେ ଲଗିଥିବା ଅହଂଗ୍ରସ୍ତ ମନୁଷ୍ୟ-ଚେତନାର ଅନୁଭୂତିଗୁଡ଼ିକୁ ନରୁପିତ କରିଦେବାରେ ଲଗିଛି ।

'oaob.nitrkl.ac.in' images reprocessed

ଆମର ଚେତନାଟି ଯେତେବେଳେ ଆମର ଅହଂଟି ଭିତରେହିଁ ସୀମାବଦ୍ଧ ହୋଇ ରହିଥାଏ, ସେତେବେଳେ ସେଇଥିରୁହିଁ ଦେହସ୍ଥ ଆତ୍ମାଟି କେବଳ ପ୍ରକୃତ ଭିତରେହିଁ ଗୋଟାସୁଦ୍ଧା ବୁଡ଼ିକରି ରହିଥିବାର ସୂଚନା ମିଳିଥାଏ । ଏହି ସୀମାବଦ୍ଧ ଚେତନାର ଏକ ଅତିସ୍ପଷ୍ଟ ନିଦର୍ଶନରୂପେ ମନ ଏବଂ ହୃଦୟ ମଧ୍ୟରେ ଏକ ସତତ ବିପ୍ଳବତା ଲାଗିରହିଥାଏ ଏବଂ ଅନୁଭବର ସମ୍ପର୍କଗୁଡ଼ିକ ଉଦ୍ଦେଶ୍ୟରେ ବ୍ୟକ୍ତ ହେଉଥିବା ସେଗୁଡ଼ିକର ନାନାବିଧ ପ୍ରତିକ୍ରିୟାଗୁଡ଼ିକରେ ଏକ ବିଭ୍ରମକାରୀ ଦ୍ୱନ୍ଦ୍ୱ ଓ ଅସମଞ୍ଜସତା ମଧ୍ୟ ଲାଗି ରହିଥାଏ । ମନୁଷ୍ୟର ଏହି ପ୍ରତିକ୍ରିୟାସବୁ ଆମର ଆତ୍ମା ପ୍ରକୃତିର ଅଧୀନ ହୋଇ ରହିବା ଦ୍ୱାରା ସୃଷ୍ଟ ହେଉଥିବା ନାନା ଦ୍ୱୈତତା ମଧ୍ୟରେ ଅନୁକ୍ଷଣ ଆନୋଳିତ ହେବାରେ ଲାଗିଥାଏ; ପ୍ରଭୁତ୍ୱଲାଭ ଏବଂ ସମ୍ଭୋଗ ଲାଗି ଆତ୍ମାର ଅନେକ ସମସ୍ୱରେ ସଘନ ଅଥଚ ଫଙ୍କାଖୁଣ୍ଟି ନାନା ଫଗ୍ରାମ ଦ୍ୱାରା ମଧ୍ୟ ସେହି ଦ୍ୱୈତତାର ସୃଷ୍ଟି ହୋଇଥାଏ ଏବଂ ସେହି ଫଗ୍ରାମ ମଧ୍ୟ ଅଧିକାଂଶତଃ ଜଟିଳ ହୋଇ ରହିଥାଏ । ଆତ୍ମା ପ୍ରକୃତିର ସେହି ପ୍ରଲେଭନକାରୀ ତଥା ସନ୍ତାପଦାୟୁକ ବିପଯ୍ୟସ୍ତସ୍ଥିତିଗୁଡ଼ିକର, ଅର୍ଥାତ୍ ସଫଳତା ଓ ବିଫଳତାର, ସୌଭାଗ୍ୟ ଓ ଦୁର୍ଭାଗ୍ୟର, ଭଲ ଓ ମନ୍ଦର, ପାପ ଓ ପୁଣ୍ୟର, ଦର୍ପ ଓ ବିଷାଦର ତଥା ଦୁଃଖ ଓ ସୁଖର ଏକ ଅଶେଷ ବୃତ୍ତ ଭିତରେ କେବଳ ବେଢ଼ା ବୁଲିବାରେହିଁ ଲାଗିଥାଏ । ପ୍ରକୃତ ଭିତରେ ଏହି ନମ୍ରଚ୍ଛିତ ହୋଇ ରହିବାର ଅବସ୍ଥାଟିରୁ ଜାଗୃତ ହୋଇ ଛଟି ଚାହିଁ ଯେତେବେଳେ ସେହି ପରମ ଅଦ୍ୱିତୀୟଙ୍କ ସହିତ ଆପଣାର ଏକତ୍ୱକୁ ତଥା ସମୁଦାୟ ଅସ୍ତିତ୍ୱଟି ସହିତ ମଧ୍ୟ ଆପଣାର ଅଭିନ୍ନତ୍ୱକୁ ଅନୁଭବ କରିବାକୁ ଲାଗେ, କେବଳ ସେତକବେଳେହିଁ ତାହା ଏହିସବୁ ବସ୍ତୁର ପାଶ ଭିତରୁ ମୁକ୍ତ ହୋଇ ବାହାରି ଆସିପାରେ ଏବଂ କାର୍ଯ୍ୟନଙ୍କାହିଁକି ଏହି ବିଶ୍ୱପ୍ରକୃତି ସହିତ ମଧ୍ୟ ଆପଣାର ଯଥାର୍ଥ ସମ୍ବନ୍ଧଟିକୁ ଆବିଷ୍କାର କରିବାକୁ ସମର୍ଥ ହୁଏ । ସେତେବେଳେ ସେ ପ୍ରକୃତିର ନମ୍ରତର ଗୁଣ ଓ ନିମ୍ନାଗୁଡ଼ିକ ପ୍ରତି ଉଦାସୀନ ରହିପାରେ, ପ୍ରକୃତିର ଦ୍ୱୈତତାଗୁଡ଼ିକ ଲାଗି ସମମନଯୁକ୍ତ ହୋଇ ରହେ ଏବଂ ପ୍ରଭୁତ୍ୱ ତଥା ସ୍ୱତନ୍ତ୍ର୍ୟର ଅଧିକାରୀ ହୁଏ । ସେହି ପ୍ରକୃତି ଉପରେ ତାହା ସେତେବେଳେ ଉଚ୍ଚାଧିସ୍ଥିତ ଜ୍ଞାତା ଏବଂ ସାକ୍ଷୀରୂପେ ଆସୀନ ହୋଇ ରହେ; ଆପଣାର ସ୍ୱକୀୟ ଶାଶ୍ୱତ ଅସ୍ତିତ୍ୱଟିର ପୁଣ୍ୟାନ୍ତ, ପ୍ରଗାଢ଼ ଏବଂ ଅବିମିଶ୍ରିତ ଆନନ୍ଦଟି ଦ୍ୱାରା ପରିପୂର୍ଣ୍ଣ ହୋଇ ରହେ । ଦେହସ୍ଥ ଚିତ୍‌ଗତତା ସେତେବେଳେ ମଧ୍ୟ କର୍ମର ମଧ୍ୟଦେଇ ଆପଣାର ସାମର୍ଥ୍ୟଗୁଡ଼ିକୁ ବ୍ୟକ୍ତ କରିବାରେ ଲାଗିଥାଏ, ମାତ୍ର ତାହା ଆଉ ସେତେବେଳେ ଅଜ୍ଞାନର ଫାଶରେ ଛନ୍ଦହୋଇ ରହି ନଥାଏ, ଆପଣାର ସାବଯ୍ତସ୍ୱ କର୍ମରେ ଆଉ ବାନ୍ଧ ହୋଇ ରହି ନଥାଏ । ତାହାର ଭିତରେ ତା'ର କାର୍ଯ୍ୟଗୁଡ଼ିକର ଆଉ କୌଣସି ପରିଣାମ ନଥାଏ, କେବଳ ତାହାର ବାହାରେ ପ୍ରକୃତି ମଧ୍ୟରେହିଁ ସେଗୁଡ଼ିକର ଯାହାକିଛୁ ପରିଣାମ ରହିଥାଏ । ପ୍ରକୃତିର ସାବଯ୍ତସ୍ୱ ଗତି ଓ ସ୍ପନ୍ଦନ

'oaob.nitrkl.ac.in' images reprocessed

ଛା'ର ଅନୁଭୂତ ଲଗି କେବଳ ଉପରୁକ୍ତଗୁଣ ତରଙ୍ଗର ବଢ଼ିଥାନ ଏବଂ ପତନ ପରିହୁଁ ହୋଇ ରହେ, ସେଗୁଡ଼ିକ ଦ୍ୱାରା ଛା'ର ଆପଣାର ଅଚଳ ପ୍ରଶାନ୍ତଟି ଲଗି ଆଦୌ କୌଣସି ପାର୍ଥକ୍ୟ ଅନୁଭୂତ ହୁଏ ନାହିଁ, ଛା'ର ବ୍ୟାପ୍ତିମତ୍ତା ଈଶ୍ୱରତତ୍ତ୍ୱ ସମତା ବା ତାହାର ଅସୀମ ଈଶ୍ୱରସ୍ଥିତିରେ ତାହା ପ୍ରକୃତରେ କୌଣସି ପାର୍ଥକ୍ୟ ଆଣିଦଏ ନାହିଁ ।*

ଏହିଗୁଡ଼ିକୁହିଁ ଆମେ ଆମ ପ୍ରସ୍ଥାସ୍ଥିର ଆବଶ୍ୟକ କେତୋଟି ସର୍ତ୍ତ ବୋଲି କହିବା, ଏବଂ ସେହିସବୁ ସର୍ତ୍ତ ଏପରି ଏକ ଆଦର୍ଶ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ତଥାପି ଯାହାକୁ କି ଆମେ ଏହିସବୁ ଅର୍ଥାତ୍ ଉଲ୍ଲିଖିତ ଶବ୍ଦଗୁଡ଼ିକ ସାହାଯ୍ୟରେ ବ୍ୟକ୍ତ କରିପାରିବା ।

ଆମେ ଆମ ଅହଂରେ ବାସ କରିବା ନାହିଁ, ଆମେ ପରମେଶ୍ୱରଙ୍କ ମଧ୍ୟରେହିଁ ବାସ କରିବା; ଆମର ଇଚ୍ଛା ପ୍ରଶସ୍ତ ଓ ପରିବ୍ୟାପ୍ତ ହୋଇ ରହିବ, ଏହି କ୍ଷୁଦ୍ର ଅହଂସର୍ବସ୍ୱ ଚେତନାରେ ଏହି ଇଚ୍ଛା ଅବସ୍ଥାପିତ ହୋଇ ରହିବ ନାହିଁ, ମାତ୍ର ସେହି ପରମ ସ୍ୱଂ-ଆତ୍ମା ଏବଂ ପରମ ସ୍ୱଂଶାନ୍ତଙ୍କ ଚେତନା ମଧ୍ୟରେହିଁ ତାହା ଅବସ୍ଥାପିତ ହୋଇ ରହିବ ।

ସକଳ ଘଟଣାରେ ଏବଂ ସକଳ ସତ୍ତ୍ୱା ପ୍ରତି ଆମେ ସମ୍ପତ୍ତି, ସମତାତ୍ମବାପନ୍ନ ହୋଇ ରହିବା, ସେଗୁଡ଼ିକୁ ଆମେ ଆପଣା ସହିତ ତଥା ପରମ ଦିବ୍ୟସତ୍ତ୍ୱାଙ୍କ ସହିତ ଏକ ବୋଲି ଦେଖିବା ଓ ଏକ ବୋଲି ଅନୁଭବ କରିବା; ସବୁକଛିକୁ ଆପଣା ଭିତରେ ଏବଂ ପରମେଶ୍ୱରଙ୍କ ଭିତରେ ଅନୁଭବ କରିବା; ସବୁଟି ଭିତରେ ସେହି ପରମେଶ୍ୱରଙ୍କୁ ଅନୁଭବ କରିବା, ସବୁର ଭିତରେ ଆପଣାର ସତ୍ତ୍ୱାଟିକୁ ଅନୁଭବ କରିବା ।

---

* ଗୀତାର ସମ୍ପୂର୍ଣ୍ଣ ଦର୍ଶନଟିକୁ ସମଗ୍ରତଃ ସ୍ୱୀକାର ବା ଗ୍ରହଣ କରିବେ। କର୍ମଯୋଗ ଲଗି ଆଦୌ ଅପରିହାର୍ଯ୍ୟ ନୁହେଁ । ଆମେ ଇଚ୍ଛାକଲେ ତାହାକୁ ଯୋଗର ଏକ ବ୍ୟାବହାରିକ ଭୂମିରୂପେ ଉପଯୋଗୀ ହୋଇ ରହିଥିବା ମନୋଗତ ଅନୁଭବର ଏକ ବର୍ତ୍ତନରୂପେ ମଧ୍ୟ ନେଇ ଗ୍ରହଣ କରିନେଇ ପାରିବା । ଏହି କ୍ଷେତ୍ରରେ ଏହାର ପରିପୂର୍ଣ୍ଣ ଯଥାର୍ଥତା ରହିଛି ଏବଂ ଏକ ଉଚ୍ଚ ଓ ବ୍ୟାପକ ଅନୁଭୂତି ସହିତ ମଧ୍ୟ ପୂର୍ଣ୍ଣ ସଙ୍ଗତତା ରହିଛି । ତେଣୁ ଏଠାରେ ମୁଁ ତାହାକୁ ଅଧୁନିକ ବଗ୍ଦର ଭାଷାରେହିଁ ଯଥାସମ୍ଭବ ପ୍ରକାଶ କରିବାକୁ ଉଚିତ ମନେକରିଛି; ମନୋଭୂମି ତୁଳନାରେ ଚତୁର୍ବର୍ଗର ଭୂମିଟି ସହିତ ଯାହାର ଅଧିକ ସମ୍ବନ୍ଧ ରହିଛି, ଏଠାରେ ମୁଁ ସେଗୁଡ଼ିକୁ ଅନ୍ୱେଚନାଟିରୁ ବାଦ୍ ଦେଇ ରଖିଛି ।

'oaob.nitrkl.ac.in' images reprocessed

ଆମେ ଈଶ୍ୱରସ୍ଥ ହୋଇ କାର୍ଯ୍ୟ କରିବା, ଅହଂଟି ଭିତରେ କଳହୋଇ ରହି କୌଣସି କାର୍ଯ୍ୟ କରିବା ନାହିଁ । ଏବଂ ଏହି କ୍ଷେତ୍ରରେ, ପ୍ରଥମତଃ ବ୍ୟକ୍ତିଗତ ଆବଶ୍ୟକତା ଓ ବ୍ୟକ୍ତିଗତ ମାନଗୁଡ଼ିକ ଦ୍ୱାରା ଆକୃଷ୍ଟ ହୋଇ ଆମେ ଆମର କର୍ମଟିର ନିର୍ବାଚନ କରିବା ନାହିଁ; ମାତ୍ର ଆମ ଉର୍ଦ୍ଧ୍ୱରେ ଅବସ୍ଥିତ ରହିଥିବା ସେହି ଜୀବନ-ପ୍ରେରକ ସର୍ବୋଚ୍ଚ ପରମସତ୍ତ୍ୟର ନିର୍ଦ୍ଦେଶ ମାନିନିଏ ଆମେ ସେହି କର୍ମର ନିର୍ବାଚନ କରିବା । ଦ୍ୱିତୀୟତଃ, ଯଥେଷ୍ଟ ପରିମାଣରେ ସେହି ଅଧ୍ୟାତ୍ମ ଚେତନାରେନିଏ ପ୍ରତିଷ୍ଠିତ ହୋଇପାରିବା ସଙ୍ଗେସଙ୍ଗେ ଆମେ ତା'ପରେ ଆଉ ଆମର ସ୍ୱତନ୍ତ୍ର ଓ ବିଚ୍ଛିନ୍ନ ଇଚ୍ଛା ଅଥବା ପ୍ରବୃତ୍ତି ଦ୍ୱାରା କୌଣସି କାର୍ଯ୍ୟ କରିବା ନାହିଁ, ମାତ୍ର ଅଧିକରୁ ଅଧିକ ପରିମାଣରେ ଆମର ଏହି ଆତ୍ମଚେତନଟିକୁ ଅତଃତମ କରି ରହିଥିବା ଏକ ଦିବ୍ୟ ପରମ ଇଚ୍ଛାର ଉର୍ଦ୍ଧ୍ୱପ୍ରେରଣା ତଥା ନିର୍ଦ୍ଦେଶନାରେନିଏ ଆମେ ଆମର ଯାବତୀୟ କାର୍ଯ୍ୟକୁ ଘଟିବାକୁ ଓ ବିକାଶଲାଭ କରିବାକୁ ଛାଡ଼ିଦେବା । ଏବଂ ଶେଷରେ, ଏହି ପରର ସର୍ବୋଚ୍ଚ ପରିମାଣସ୍ୱରୂପ, ଆମେ ସେହି ପରମ ଶକ୍ତି ସହିତ ଜ୍ଞାନରେ, ସାମର୍ଥ୍ୟରେ, ଚେତନାରେ, କର୍ମରେ ତଥା ଆନନ୍ଦରେ ଏକ ଏକାତ୍ମକତା ମଧ୍ୟକୁନିଏ ଆପଣାକୁ ଉତ୍ତୋଳିତ କରି ନେଇଯିବା; ଏବଂ ଆପଣା ଭିତରେ ଏପରି ଏକ ଉଚ୍ଚତୀତ ଶକ୍ତି-ପୁରୁଷର ଅନୁଭବ କରିପାରିବା, ଯାହାକି ମର ବାସନା, ପ୍ରାଣଗତ ସହଜାତ ପ୍ରବୃତ୍ତି ଓ ଆବେଗ କିଂବା ସେହି ଉତ୍ତୋତ୍ପାଦନକାରୀ ମନୋଗତ ସ୍ୱାଧୀନ ଇଚ୍ଛା ଦ୍ୱାରା କୌଣସି ପ୍ରକାରେ ପ୍ରେରିତ ହେଉ ନଥିବ, ମାତ୍ର ଏକ ଅବନାଶୀ ଆତ୍ମ-ଆନନ୍ଦ ଏବଂ ଏକ ଅନନ୍ତଘନ ଆତ୍ମଜ୍ଞାନ ମଧ୍ୟରେନିଏ ଯାହାର ଉଦ୍‌ଭବ ଓ ବିକାଶ ହେଉଥିବ । କାରଣ, ସଚେତନ ଭିତରେ ଆମର ଏହି ପ୍ରକୃତି-ଅଧୀନ ମନୁଷ୍ୟଟିକୁ ସେହି ଦିବ୍ୟ ପରମାତ୍ମା ଏବଂ ଶାଶ୍ୱତ ପରମ ଚିଦ୍‌ଗତିଭାର ଅଧୀନ କରି ରଖିବା ଦ୍ୱାରା ଏବଂ ତାହାର ମଧ୍ୟରେ ତାକୁ ଲୀନ କରିଦେବା ଦ୍ୱାରାନିଏ ଏହି କର୍ମ ନିର୍ମାଣ କରୁଥିବ । ସଙ୍କାଳରେ ଏହି ବିଶ୍ୱ-ପ୍ରକୃତିର ଅଙ୍ଗ ହୋଇ ରହିଥିବା ଓ ତାହାକୁ ପଥ କଢ଼ାଇ ନେଉଥିବା ସେହି ପରମ ଚିଦ୍‌ଗତିର ମଧ୍ୟରେ ସ୍ରାକୃତ ମନୁଷ୍ୟଟିକୁ ଲୀନ କରିଦେବାରୁନିଏ ଏହି କର୍ମ ପ୍ରେରିତ ହୋଇ ଆସୁଥିବ ।

*

ମାତ୍ର ଆତ୍ମସାଧନାର କେଉଁସବୁ ବ୍ୟାବହାରିକ ଉପାୟ ଦ୍ୱାରା ଆମେ ଏହି ପରମ ଉପଲବ୍ଧିରେ ଯାଇ ପହଞ୍ଚି ପାରିବା ?

ଆମର ଅଭିଲଷିତ ଏହି ପରମ ଉପଲବ୍ଧିକୁ ଲାଭ କରିବାର ସ୍ପଷ୍ଟ ପରମୋପାୟରୂପେ ଆମକୁ ଆପଣା ଜୀବନରେ ଅହଂପ୍ରେରିତ ଯାବତୀୟ ବିସ୍ମୃତିକୁ ବିଲୁପ୍ତ କରିଦେବାକୁ ପଡ଼ିବ, ତାହାର ଉତ୍ପତ୍ତିକୁ ମଧ୍ୟ ନଷ୍ଟ କରିଦେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ଏବଂ କର୍ମର ମାର୍ଗରେ ସେହି କର୍ମର ଗଣ୍ଠିଟିକୁହିଁ ପ୍ରଥମେ ଫିଟାଇବାର ଆବଶ୍ୟକତା ରହିଥିବାରୁ, ସେଉଁଠାରେ ଏହା ମୁଖ୍ୟତଃ ପଡ଼ିଛନ୍ତି ରହିଛି, ଅର୍ଥାତ୍ ସେହି ବାସନା ଓ ଅହଂର କ୍ଷେତ୍ରରେ ସେଇଟିକୁ ଫିଟାଇଦେବାର ଚେଷ୍ଟା କରିବାକୁ ହେବ । କାରଣ, ତା' ନହେଲେ ଆମେ କେବଳ ଏଠୁ ସେଠୁ ଏ ଦଉଡ଼ି ବା ସେ ଦଉଡ଼ିଟିକୁ କାଟିଦେବାରେ ଲଗିଥିବା ସିନା, ମାତ୍ର ଆମ ବନ୍ଧନର ଦୃଢ଼ଗଣ୍ଠିଟିକୁ କଦାପି କାଟିଦେଇ ପାରିବା ନାହିଁ । ବାସନା ଓ ଅହଂବୋଧ,—ଏହି ଦୁଇଟି ଗଣ୍ଠିହିଁ ଆମକୁ ଏହି ଅଜ୍ଞାନଜଡ଼ିତ ଓ ନାନାବନ୍ଧନଯୁକ୍ତ ପ୍ରକୃତିର ଅଧୀନ କରି ରଖିଥାନ୍ତି । ଏବଂ ଏହି ଦୁଇଟି ମଧ୍ୟରୁ ବାସନା ଆମର ଫଳେଗ, ଇନ୍ଦ୍ରିୟବୋଧ ତଥା ସହଜାତ ପ୍ରବୃତ୍ତିଗୁଡ଼ିକର କ୍ଷେତ୍ରରୁ ଜନ୍ମଲାଭ କରିଥାଏ, ସେଇଠି ଘର କରି ରହିଥାଏ ଏବଂ ସେଇଠାରୁ ଆଇ ଆମର ଭାବନା ଏବଂ କ୍ରିୟାଶକ୍ତିକୁ ଫଳାମିତ ହୋଇଆସେ; ଅହଂବୋଧ ମଧ୍ୟ ବସ୍ତୁତଃ ଏହିସବୁ ଗତିପ୍ରବନତାରେହିଁ ବାସ କରୁଥାଏ, ମାତ୍ର ତାହାର ଗଣ୍ଠିର ଚେରଗୁଡ଼ିକ ଆମର ଭାବନାସମର୍ଥ ମନ ଓ ତାହାର ଇଚ୍ଛାଶକ୍ତିର କ୍ଷେତ୍ରରେ ବ ମାଡ଼ି କରି ରହିଥାଏ ଏବଂ ପ୍ରକୃତିରେ ସେହିଠାରେହିଁ ତାହା ଫପୁର୍ଣ୍ଣଭାବରେ ଆତ୍ମସଚେତନ ହେବାକୁ ସମର୍ଥ ହୁଏ । ଆମ ଉପରେ ଘାର ହୋଇ ଓ ଆମକୁ କବଳିତ କରି ରହିଥିବା ଅବଦ୍ୟା ବା ଅଜ୍ଞାନର ଏହି ଦୁଇଟିଯାକ ଅନ୍ଧକାରଗର୍ଭ ଶକ୍ତି ଉପରେହିଁ ଆମକୁ ଆଲୋକନ ସମ୍ଭବ କରିବାକୁ ପଡ଼ିବ, ଆମକୁ ଏହିଗୁଡ଼ାକୁହିଁ ବଲୁପ୍ତ କରିଦେବାକୁ ପଡ଼ିବ ।

ବାସ୍ତବ କ୍ରିୟାର କ୍ଷେତ୍ରକୁ ଆସି ବାସନା ଅନେକ ରୂପ ଧାରଣ କରିଥାଏ ସତ, ମାତ୍ର ପ୍ରାଣିକ ଆତ୍ମାଟି ଭିତରେ ଆମର ଯାବତୀୟ କର୍ମର ଫଳ ଲଗି ଯେଉଁ ଆକାଙ୍କ୍ଷା ଓ ଲୋଭିବା ପ୍ରବଳ ହୋଇ ରହିଥାଏ, ଆମେ ତାହାକୁହିଁ ସେଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ଶକ୍ତିଶାଳୀ ବୋଲି କହିପାରିବା । ଆମେ କର୍ମ ଭିତରୁ ଯେଉଁ ଫଳଟିର ଆଶା କରି ବସିଥାଉ, ତାହା ଅନ୍ତର ଭିତରେ ଅନୁଭୂତ ଏକ ପୁଖର ରୂପରେ ଆସିପାରେ, ଆମେ ଅଧିକ ଜାମ୍ୟ ବୋଲି ମନେ କରୁଥିବା କୌଣସି ଏକ କଲ୍ପନାର ସିଦ୍ଧି, କୌଣସି ଏକ ପ୍ରିୟ ଫକଲ୍ପର ପୂର୍ତ୍ତି ବା ଅହଂପ୍ରେରିତ ଫବେଗଗୁଡ଼ିକର ସନ୍ତୋଷବିଧାନରୂପେ ମଧ୍ୟ ତାହା ଆସିପାରେ; କିଂବା ଏକ ବାହ୍ୟ ପୁରସ୍କାରରୂପେ ଅର୍ଥାତ୍ ଫପୁର୍ଣ୍ଣ ଭୌତିକ ଏକ ଲଭ ବା କ୍ଷତପୂରଣ ରୂପେ,— ଧନ, ପଦ, ସମ୍ମାନ, ବଜସ୍ୱ, ସୌଭାଗ୍ୟ କିଂବା ପ୍ରାଣିକ ବା ଭୌତିକ ବାସନାର ଅନ୍ୟ କୌଣସି ପରପୂରଣରୂପେ ମଧ୍ୟ ତାହା ପ୍ରାପ୍ତ ହୋଇପାରେ । ଏହିସବୁ ପରତର୍ପଣ ଆମକୁ ସବୁବେଳେହିଁ ଏକ ସ୍ୱାମିତ୍ୱବୋଧ ତଥା ସ୍ୱାତନ୍ତ୍ର୍ୟ-ଅନୁଭୂତିର ଭ୍ରମ ଭିତରେ ଭଣ୍ଡାଇଦେଇ ଯାଆନ୍ତି; ମାତ୍ର ପ୍ରକୃତ କ୍ଷେତ୍ରରେ ଆମେ ସେତେବେଳେ ଏହି ବଶ୍ୱକଗତକୁ ପ୍ରଧାବିତ କରି ରଖିଥିବା ସେହି ଅନ୍ଧ

'oaob.nitrkl.ac.in' images reprocessed

କାମନାର କୌଣସି ନା କୌଣସି ସ୍ଥୂଳ ଅଥବା ସୂକ୍ଷ୍ମ, ଉଚ୍ଚସ୍ତରସ୍ଥ ଅଥବା ନୀଚସ୍ତରସ୍ଥ ରୂପାନ୍ତନଟି ଦ୍ୱାରାହିଁ ବ୍ୟବହୃତ ଏବଂ ସ୍ଥଳତ ହେବାରେ ଲଗିଥାଇ, ତାହାକୁହିଁ ଆମ ପିଠି ଉପରେ ବସାଇ ରଖିଥାଇ, ତାହାର ଗୁରୁଭମାଡ଼ ଖାଇ ଆଗକୁ ଦଉଡ଼ିବାରେ ଲଗିଥାଇ । ତେଣୁ ଆମେ ଯାହାକରୁ କରିବା, ତାହାକୁ କେବଳ ନିଷ୍କାମ ହୋଇ କରିବା ବୋଲ୍ ଗୀତା ଆମ ଆଗରେ ଏକ ପ୍ରଥମ କର୍ମନିୟମ ବାଢ଼ି ରଖିଛି ।

ଦୃଢାଭ୍ୟାସ ଦେଖିଲ୍ ବେଳକୁ ନିସ୍ପୃହତା କେଡ଼େ ସରଳ ବୋଲ୍ ଲାଗୁଛି, ମାତ୍ର ଏକ ସଂପୂର୍ଣ୍ଣ ନିଷ୍କାପରତା ଏବଂ ନିର୍ମୋଚନକାରୀ ସଂପୂର୍ଣ୍ଣତା ଦ୍ୱାରା ପ୍ରେରିତ ହୋଇ ସେଇଟିକୁ କାର୍ଯ୍ୟରେ ପରିଣତ କରିପାରିବା ପ୍ରକୃତରେ କେଡ଼େ କଷ୍ଟକର ! ଆମ କର୍ମର ବୃହତ୍ତର କ୍ଷେତ୍ରାଂଶଟିରେ ଆମେ ସବୁ କେତେବେଳେ ଏହି ନୀତିଟିକୁ ଲାଗୁ କରି ରଖିଥାଉ, ତେବେ ଅତ୍ୟନ୍ତ ଅଳ୍ପ ପରିମାଣରେହିଁ ତାହାକୁ କାମରେ ଲଗାଉ; ଏବଂ ସେତେବେଳେ ମଧ୍ୟ ବାସନାର ସୂକ୍ଷ୍ମତାଚରିତ ନୀତିରେ ଏକପ୍ରକାର ସ୍ୱରସାମ୍ୟ ଆଣିବାକୁ ଏବଂ ସେହି ସ୍ପୈଗ୍ରସ୍ପ୍ସ ଆବେଗଟିର ଅତିଶୟତାଯୁକ୍ତ ନିସ୍ପାର ଝାଡ଼ଟାକୁ କଥଞ୍ଚିତ୍ ହ୍ରାସ କରି ରଖିବାକୁହିଁ ଆମେ ଅଧିକାଂଶତଃ ତାହାର ଉପଯୋଗ କରିଥାଉ । ଖୁବ୍ ବେଶୀ ହେଲେ, ଆମର ସଂସ୍କାରଗତ ନୈତିକ ବୋଧଟିକୁ ଖୁବ୍ବେଶୀ ଚକିତ ଓ ଶଙ୍କିତ କରି ନପକାଇଲ୍ ପରି ଏକ ଈଷତ୍ ପରିବର୍ତ୍ତିତ ଏବଂ ଶୃଙ୍ଖଳାତ୍ମକତ ଅନ୍ତଃଗତଭାରେ ଆସି ପହଞ୍ଚି ପାରିଲେହିଁ ଆମେ ବେଶ୍ ସନ୍ତୁଷ୍ଟ ହୋଇ ରହିଯାଉ, ଅନ୍ୟମାନଙ୍କୁ ଅତ ନୃଶଂସ ଭାବରେ ଆଘାତ ଦେଇ ନଥିବା ସେଥିପରି ଏକ ଅନ୍ତଃବାଦକୁ ସମ୍ଭବ କରିପାରିଲେ ଆମେ ବେଶ୍ ସନ୍ତୁଷ୍ଟ ହୋଇଯାଉ । ଏବଂ ଆମର ଏହି ଆଂଶିକ ଆତ୍ମ-ଶୃଙ୍ଖଳାବଦ୍ଧତାଟିକୁ ଆମେ ନାନା ପ୍ରକାର ନାମ ଓ ରୂପ ଦେଇ ରଖୁ; କେତେଭଳ ଅଭ୍ୟାସ ଦ୍ୱାରା ଆମେ କର୍ତ୍ତବ୍ୟବୋଧ, ନୀତି ପ୍ରତି ଦୃଢ଼ ନିଷ୍ଠା, ପ୍ରଚଣ୍ଡ ସଂଯମକ୍ଷମ ସହନଶକ୍ତିର ସାହସ, ବା ଏକ ଧାର୍ମିକ ବୈରାଗ୍ୟ ଏବଂ ପରମେଶ୍ୱରଙ୍କର ଇଚ୍ଛାଟି ପାଖରେହିଁ ଏକ ପରିଣାମ ଅଥବା ପୂଜାଭାବଭୁକ୍ତ ଆତ୍ମନିବେଦନ ପ୍ରଭୃତିରେ ଆପଣାକୁ ବେଶ୍ ଅଭ୍ୟସ୍ତ କରି ନେଇଥାଉ । ଏସବୁ ପଦାର୍ଥର ଆପଣା କ୍ଷେତ୍ରରେ ଏକ ପ୍ରୟୋଜନ ଅବଶ୍ୟ ରହିଛି ସତ, ମାତ୍ର ଗୀତାରେ କଦାପି ଏଗୁଡ଼ିକର କଥା କୁହାଯାଇ ନାହିଁ; ଗୀତାରେ ଏପରି ଏକ ସଂପୂର୍ଣ୍ଣ ଓ ଦୃଢ଼ସ୍ଥିର ଅବସ୍ଥାର କଥା କୁହାଯାଇଛି, ଯେଉଁଥିରେକି କୌଣସି ପାଇଣ୍ଟ୍ ଲଗି ଆଦୌ ସ୍ଥାନ ନାହିଁ; ସେଥିରେ ଏକ ଢଳ-ପରିବର୍ତ୍ତନର କଥା କୁହାଯାଇଛି, ଏପରି ଏକ ଦୃଷ୍ଟିର ଅବତାରଣା କରିଯାଇଛି ଯାହାକି ଆତ୍ମାର ସମୁଦାୟ ସ୍ଥିତିରେହିଁ ଏକ ପରିବର୍ତ୍ତନ ଆଣିଦେଇ ପାରିବ । ଆପଣାର ଧ୍ୟାନଟିରେ ଗୀତା ଆମର ପ୍ରାଣଗତ ଆବେଗଗୁଡ଼ିକୁ ମନ ଦ୍ୱାରା ନିୟନ୍ତ୍ରିତ କରି ରଖିବାର କଥା କହି

'oaob.nitrkl.ac.in' images reprocessed

ନାହିଁ, ମାତ୍ର ଏକ ଅବିନାଶୀ ଚିତ୍‌ଗତ ଜୀବନର ବଳିଷ୍ଠ ଅବିଚଳତାର କଥାହିଁ କହୁଛୁ ।

ଏଥିଲଗି ଗୀତାରେ ଯେଉଁ କଷ୍ଟିପ୍ତିକୁ ସୃଷ୍ଟି କରାଯାଇଛୁ, ତାହା ଅନୁସାରେ ସକଳପ୍ରକାର ପରିଣାମ, ପ୍ରତିକ୍ରିୟା ତଥା ଘଟଣା ସମକ୍ଷରେ ଆମର ମନ ତଥା ହୃଦୟ ସମ୍ପୂର୍ଣ୍ଣ ଭାବରେ ସମତାଯୁକ୍ତ ହୋଇ ରହିବେ ବୋଲି କୁହାଯାଇଛୁ । ସୌଭାଗ୍ୟ ହେଉ ଅଥବା ଦୁର୍ଭାଗ୍ୟ ହେଉ, ସମ୍ମାନ ହେଉ ବା ଅପମାନ ହେଉ, ସୁଖ୍ୟାତି ହେଉ କିଂବା ଅପଖ୍ୟାତି ହେଉ, ଜୟ ହେଉ ଅଥବା ପରାଜୟ ହେଉ ଏବଂ ସୁଖଦାୟକ ବା ଦୁଃଖଦାୟକ କୌଣସି ବି ଘଟଣା ହେଉ, ଯଦି ଏଗୁଡ଼ିକରେ ଆମେ ଯେ କେବଳ ଅବିଚଳ ହୋଇ ରହିବା ତାହା ନୁହେଁ, କିନ୍ତୁ ସେତେବେଳେ ଏଗୁଡ଼ିକ ଆମକୁ ଆଦୌ ସ୍ପର୍ଶହିଁ କରିପାରିବ ନାହିଁ, ଯଦି ସେତେବେଳେ ଆମେ ଆପଣାର ସଂବେଗଗୁଡ଼ିକର କ୍ଷେତ୍ରରେ, ସ୍ନାୟୁକାତ ପ୍ରତିକ୍ରିୟାଗୁଡ଼ିକର କ୍ଷେତ୍ରରେ ଏବଂ ମନୋଗତ ଅବଲୋକନଟିର କ୍ଷେତ୍ରରେ ତଥାପି ପୂର୍ଣ୍ଣଭାବରେ ମୁକ୍ତ ହୋଇ ରହିଥିବା, ପ୍ରକୃତର କୌଣସି ଥଳରେ ଏତେଟିକେ ବିକ୍ଷୋଭ ବା କମ୍ପନ ଉପସ୍ଥିତ ହେବା ମାତ୍ରକେ ଯଦି ଆମେ ତାହାର ପ୍ରତ୍ୟୁତ୍ତର ବା ପ୍ରତିସ୍ପନ୍ଦନ ଦେବା ଲଗି ଧାଇଁ ଯାଉ ନଥିବା, ତେବେସାଇ ଗୀତା ଆମକୁ ଦର୍ଶାଇ ଦେଉଥିବା ପରମ ବିମୁକ୍ତାବସ୍ଥାଟିକୁ ଆମେ ଉପଲବ୍ଧି କରିପାରିଛୁ ବୋଲି କହିବାକୁ ହେବ, ଏବଂ ଅନ୍ୟଥା କଦାପି ନୁହେଁ । ଆମର କ୍ଷୁଦ୍ରାତିକ୍ଷୁଦ୍ର ପ୍ରତିକ୍ରିୟା ମଧ୍ୟ ଆମର ସକଳ ଶୃଙ୍ଖଳା ତଥାପି ଅସମ୍ପୂର୍ଣ୍ଣ ହୋଇ ରହିଛୁ ଏବଂ ଆମ ଜୀବନର କେତେକ ଅଂଶ ତଥାପି ଅଜ୍ଞାନ ଏବଂ ଦାସତ୍ୱକୁ ସ୍ୱୀକାର କରିନେଇଛୁ ଏବଂ ତଥାପି ସେହି ପୁରୁଣା ପ୍ରକୃତିକୁ କାମୁଡ଼ି ରହିଛୁ ବୋଲି ଆମକୁ ସବୁବେଳେ ଏକ ପ୍ରମାଣ ଦେଇ ଯାଉଥିବ । ଆପଣା ଉପରେ ଆମର ବଳତ୍ୱ ସେତେବେଳେ କେବଳ ଆଂଶିକ ଭାବରେହିଁ ସାଧ୍ୟ ହୋଇ ପାରିଥିବ, ଆମ ପ୍ରକୃତର କ୍ଷେତ୍ରଟିରେ ରହିଥିବା କୌଣସି ଦୈର୍ଘ୍ୟ, ପ୍ରସ୍ଥ ଅଥବା ଏପରିକ କୌଣସି ଅତିକ୍ଷୁଦ୍ର ବିନ୍ଦୁଟିରେ ତଥାପି ଅସମ୍ପୂର୍ଣ୍ଣ ଓ ଅବାସ୍ତବ ହୋଇ ରହିଥିବ । ଏବଂ ଅସମ୍ପୂର୍ଣ୍ଣତାର ସେହି କ୍ଷୁଦ୍ର ଶିଲାଖଣ୍ଡଟି ଭିତରେ ମଧ୍ୟ ଯୋଗର ସମୁଦାୟ ସିଦ୍ଧିରୂପୀ ଅଟ୍ଟାଳିକାଟିକୁ ଭୂମିସାତ୍‌ କରାଇ ଦେବା ଲଗି ନଷ୍ଟର ସାମର୍ଥ୍ୟ ରହିଥିବ !

ସମସ୍ତବାପନ୍ନ ଏପରି କେତେକ ତଥାକଥିତ ସିଦ୍ଧିର ପ୍ରତୀୟମାନ ରହିଛୁ, ଯାହାକୁ କି ଆମେ ଭ୍ରମରେ ପଡ଼ି କଦାପି ଗୀତାରେ ଉକ୍ତ ହୋଇଥିବା ସେହି ଗମ୍ଭୀର ତଥା ବ୍ୟାପ୍ତିଯୁକ୍ତ ଆଧ୍ୟାତ୍ମିକ ସମତା ବୋଲି ଭାବିବାକୁ ଆଦୌ ପ୍ରସ୍ତାବ କରିବା ନାହିଁ । ଦୃଢାଶ ବୈରାଗ୍ୟ ବା ସାଉଣ୍ଡଭାର ଏକ ସମତା ମଧ୍ୟ ରହିଛୁ, ଗଦ୍ଦଳନତ ଏକ ସମତା ରହିଛୁ, ଚିତ୍ତକଠିନତା ଏବଂ ଉଦାସୀନତାରୁ ଜାତ ହେଇଥିବା ଗୋଟାଏ ପ୍ରକାର ସମତା ମଧ୍ୟ ରହିଛୁ; ଏଗୁଡ଼ିକ ସ୍ୱଭାବତଃ କେବଳ ଅହଂପ୍ରେରିତ ହୋଇହିଁ

'oaob.nitrkl.ac.in' images reprocessed

ରହିଥାନ୍ତୁ । ଅନବାର୍ଯ୍ୟରୂପେ ଏମାନେ ମଧ୍ୟ ସାଧନାର ମାର୍ଗରେ ଆସି ଉପସ୍ଥିତ ହୋଇଥାନ୍ତି; ମାତ୍ର ସେଗୁଡ଼ିକୁ ବର୍ଜନ କର ଆସିବାକୁ ହୁଏ ଅଥବା ପ୍ରକୃତ ଶାନ୍ତାବସ୍ଥାକୁ ସେଗୁଡ଼ିକୁ ରୂପାନ୍ତରିତ କର ଆଣିବାକୁ ହୁଏ । ଏବଂ ଏକ ଉତ୍ତରୋତ୍ତର ସ୍ତରରେ ଅନ୍ୟତମ ଦୃଷ୍ଟାନ୍ତଗୁଡ଼ିକରୂପେ ପ୍ରତିଷ୍ଠ ସମସମତ୍ତାର ସମତା ରହିଛୁ, ବୈରାଗ୍ୟ-ଭରର ସମତା ରହିଛୁ ଅଥବା ପ୍ରଜ୍ଞାମୟ ନିର୍ଲିପ୍ତତାରୁ ଜାତ ହେଉଥିବା ଏକ ସମତା ମଧ୍ୟ ରହିଛୁ; ପୁଣି, ଏହି ସମସ୍ତଠାରୁ ଅନାସକ୍ତ ହୋଇ ରହିଥିବା ଏବଂ ଏହାର ଯାବତୀୟ କ୍ରିୟାକଳାପ ପ୍ରତି ପୂର୍ଣ୍ଣ ଉଦାସୀନତ୍ୱର ରଖିଥିବା ଆତ୍ମାର ମଧ୍ୟ ଏକ ସମତା ରହିଛୁ । ଏଗୁଡ଼ିକୁ ମଧ୍ୟ ଆମେ ଅପୂର୍ଣ୍ଣ ଓ ଅସଥେଷ୍ଟ ବୋଲି କହିବା; ସେଗୁଡ଼ିକ ପ୍ରଥମ ପର୍ଯ୍ୟାୟରେ ହୁଏତ ଗୋଟିଏ ଗୋଟିଏ ଅବଲମ୍ବନ ହୋଇ ବେଶ୍ ରହିପାରନ୍ତି, ମାତ୍ର ଖୁବ୍ ବେଶୀ ହେଲେ ଆତ୍ମାର ଯାତ୍ରାପଥରେ ସେଗୁଡ଼ିକୁ ଆମେ କେବଳ କେତେଗୁଡ଼ିଏ ପ୍ରାଥମିକ କାଳ ବୋଲିହିଁ କାଣିରଖିବା, ତଦ୍ଦ୍ୱାରା ସେହି ଯଥାର୍ଥ ଓ ପରମ ସ୍ୱୟଂବନ୍ଧୀମାନ ଭଥା ବ୍ୟାପ୍ତିଶୀଳ ସମତାଯୁକ୍ତ ଏକତ୍ୱଟି ମଧ୍ୟରେ ପ୍ରବଷ୍ଟ ହେବା ସକାଶେ କେତୋଟି ଅତ୍ୟନ୍ତ ଅପୂର୍ଣ୍ଣ ମାନସିକ ପ୍ରସ୍ତୁତି ବୋଲିହିଁ କହିପାରିବା ।

କାରଣ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏଡ଼େ ବୃହତ୍ ଏବଂ ବିସ୍ତୃତ ଗୋଟିଏ ସିଦ୍ଧିକୁ ଆମେ କଦାପି ଇଚ୍ଛା କଲ୍ଲ ମାତ୍ରକେ ଏବଂ ଆଦୌ କୌଣସି ପୁଙ୍ଖାନୁପୁଙ୍ଖ ସୋପାନମାନ ଅତିକ୍ରମ କରି ଲାଭ କରିପାରିବା ନାହିଁ । ପ୍ରଥମେ ଆମକୁ ଆମ ସତ୍ତାର କେନ୍ଦ୍ରଟିରେ ସମ୍ପୂର୍ଣ୍ଣ ଅଟଳାମ୍ବିତ ଏବଂ ଅକ୍ଷୁଣ୍ଣ ରହି ଏହି ଜଗତ୍ତର ଯାବତୀୟ ଆଘାତକୁ ସହ୍ୟ କର ଶିଖିବାକୁ ହେବ; ଏପରିକ ଉପରକ୍ତଗୁଡ଼ିକ ମନ, ହୃଦୟ ଓ ଜୀବନ ଏଗୁଡ଼ିକ ଦ୍ୱାରା ଅତି ପ୍ରବଳ ବେଗରେ ଦୋହଲି ଯାଉଥିବା ସମୟରେ ମଧ୍ୟ ଭିତରେ ସେହି କେନ୍ଦ୍ରଟିରେ ଅବିଚଳ ଓ ଶାନ୍ତ ରହି ଶିଖିବାକୁ ହେବ । ଆମ ଜୀବନର ସେହି ଆଶ୍ରୟ-ଶିଳାଟି ଉପରେ ସମ୍ପୂର୍ଣ୍ଣ ଅବିଚଳିତ ରହି, ଆମକୁ ପଛରୁ ରହି ସବୁକିଛି ଉପରେ ଦୃଷ୍ଟିପାତ କରୁଥିବା ଅଥବା ଅନ୍ତରସ୍ଥ ଗଭୀର ତଳରେ ନଗ୍ନପଦ ହୋଇ ରହିଥିବା ଆତ୍ମାକିକୁ ଆମ ପ୍ରକୃତିର ଏହିସବୁ ବାହ୍ୟ କ୍ରିୟାସଙ୍କୁଳତା ମଧ୍ୟରୁ ଅଲଗା ବୋଲି ଅନୁଭବ କର ପାରିବାକୁ ହେବ । ତା'ପରେ ଭିତସ୍ଥ ଆତ୍ମାର ଏହି ପ୍ରଶାନ୍ତ ଓ ଅବିଚଳିତାକୁ ତାହାର ସାଧନଗୁଡ଼ିକର କ୍ଷେତ୍ରକୁ ସମ୍ପ୍ରସାରିତ କରିଦେଇ ଆମ ପକ୍ଷରେ ନମେ ଆମର ସେହି ଜ୍ୟୋତିର୍ମୟ କେନ୍ଦ୍ରଟି ମଧ୍ୟରୁ ଅଧିକ ଅନ୍ଧକାଚ୍ଛନ୍ନ ବହିଃପରିଧିଗୁଡ଼ିକ ଆଡ଼କୁ ମଧ୍ୟ ଶାନ୍ତିର ବଚ୍ଛନ୍ଦ ବିତରଣ କରିଦେବା ସମ୍ଭବ ହେବାକୁ ଲାଗିବ । ଏହି ପ୍ରକ୍ରିୟାଟିରେ ଆମେ ଇଚ୍ଛାକଲେ କେତେକେତେ ଅପ୍ରଧାନ ପର୍ଯ୍ୟାୟର ବ ସାମୟିକ ସାହାଯ୍ୟ ଗ୍ରହଣ କରିପାରିବା; ଏହିଠାରେ କେତେକ ପରିମାଣରେ ଏକ ଉତ୍ତଷାଦୃଷ୍ଟି, ଏକ ଶାନ୍ତ ଦର୍ଶନବୋଧ

'oaob.nitrkl.ac.in' images reprocessed

ବା ଏକ ଧର୍ମଗତ ଜ୍ଞାବୋଲ୍ଲେଲନ ଆମ ଲକ୍ଷ୍ୟଟି ଆଡ଼କୁ ଆମକୁ ଅଧିକ ନକଟବର୍ତ୍ତୀ କରାଇଦେବା ଲାଗି ଦୁଏଟ ବେଶ୍ ସାହାଯ୍ୟ କରପାରବ । ଅଥବା, ଆମେ ଏଠାରେ ଆମ ମନୋଗତ ପ୍ରକୃତର ଅପେକ୍ଷାକୃତ କମ୍ ଶକ୍ତସମ୍ପନ୍ନ ଏବଂ କମ୍ ଜ୍ଞାନୋଲନସମର୍ଥ ଅଥଚ ତଥାପି ଜ୍ଞାପଯୋଗୀ କେତେକ ସାମର୍ଥ୍ୟର ଅବଶ୍ୟ ସାହାଯ୍ୟ ନେଇପାରିବା । ମାତ୍ର ପରଶେଷରେ ସେଗୁଡ଼ିକୁ ସମସ୍ତଙ୍କୁହିଁ ଦୁଏଟ ଛାଡ଼ି ଆସିବାକୁ ପଡ଼ିବ ଅଥବା ସେଗୁଡ଼ିକରେ ଏକ ରୂପାନ୍ତର ଆଣିଦେବାକୁ ପଡ଼ିବ ଏବଂ ଚରମପରବର୍ତ୍ତିରେ ଆମ ଭିତରେ ଏକ ପରପୂର୍ଣ୍ଣ ସମତା, ପରପୂର୍ଣ୍ଣ ସ୍ୱୟଂବର୍ତ୍ତିମାନ ଶାନ୍ତସ୍ଥିତିରେ ଆସି ଜ୍ଞପନୀତ ହେବାକୁ ପଡ଼ିବ, ଏବଂ ସମ୍ଭବ ହେଲେ ଏପରକ ଆପଣାର ଯାବତୀୟ ଜୀବନାଙ୍ଗରେ ଏକ ଅଖଣ୍ଡ, ଅକ୍ଷୟ, ଆତ୍ମଫୁର୍ତ୍ତିତ ଏବଂ ସ୍ୱତଃସ୍ଫୁର୍ତ୍ତ ଆନନ୍ଦ ମଧ୍ୟରେ ଆସି ପ୍ରବସ୍ଥ ହେବାକୁ ପଡ଼ିବ ।

ମାତ୍ର ତା'ହେଲେ ସେହି ଅବସ୍ଥାରେ ଆମର ଯାବତୀୟ କର୍ମ କରିବା ମଧ୍ୟ କପରି ଅବ୍ୟାହତ ରହିପାରିବ ? କାରଣ ସାଧାରଣତଃ, ମନୁଷ୍ୟ ଭିତରେ କୌଣସି କାମନା ରହିଥାଏ ବୋଲି ଅଥବା କୌଣସି ମନୋଗତ, ପ୍ରାଣିକ ଅଥବା ଭୌତିକ ଅଭିବ କିଂବା ଆବଶ୍ୟକତାକୁ ଅନୁଭବ କରେ ବୋଲିହିଁ ସେ କୌଣସି କାର୍ଯ୍ୟରେ ପ୍ରବୃତ୍ତ ହୋଇଥାଏ । ଶସ୍ତ୍ରର ନାନା ଆବଶ୍ୟକତା ତାକୁ କର୍ମ ଆଡ଼େ ପ୍ରେରତ କରି ନେଇଯାଏ; ଧନ, ସନ୍ତାନ ବା ସୁନାମର ମୋହ ଅଥବା ମନ ବା ହୃଦସ୍ଥର କୌଣସି ବ୍ୟକ୍ତଗତ ପରତର୍ପଣର ଆକାଙ୍କ୍ଷା କିଂବା କ୍ଷମତା ଅଥବା ପୁରସ୍କାରର ଏକ ଲପ୍ସାହିଁ ତାକୁ କର୍ମରେ ପ୍ରବୃତ୍ତ କରିଥାଏ । ଅଥବା, ଆପଣା ମନର କୌଣସି ପ୍ରସ୍ତାବନାରେ ପଡ଼ି କିଂବା ଅନ୍ତଃ ଆପଣାର ଶିକ୍ଷା ଓ ଆପଣାର ଆଦର୍ଶଗୁଡ଼ିକୁ, ଆପଣାର ଇଚ୍ଛା, ଆପଣାର କୌଣସି ବଶେଷ ଦଳ ବା ଗୋଷ୍ଠୀକୁ କିଂବା ଆପଣାର ଦେଶକୁ ବା ଆପଣା ଦ୍ୱାରା ଜ୍ଞପାସିତ ଦେବତାମାନଙ୍କୁ ଏହି ଜଗତରେ ପ୍ରତ୍ତବଶାଳୀ ଓ ପ୍ରତଷ୍ଠିତ କରି ରଖିବା ଲାଗି କୌଣସି ଆବଶ୍ୟକତା ଅଥବା ବାସ୍ତନା ଦ୍ୱାରା ପ୍ରେରତ ବା ତାଡ଼ିତ ହୋଇ ସେ କର୍ମ କରିଥାଏ । ଯଦି ଏହିସବୁ ବା ଅନ୍ୟ କୌଣସି ବାସ୍ତନା ଆମ କର୍ମପ୍ରେରଣାର ଜ୍ଞସ୍ତ ହୋଇ ରହି ନଥାଏ, ତେବେ ସାଧାରଣତଃ ପ୍ରତ୍ୟାତ ହେବାକୁ ଲାଗେ, ସତେଯେପରି କର୍ମ ଲାଗି ସକଳ ପ୍ରବର୍ତ୍ତକ ଏବଂ ଜ୍ଞତ୍ପ୍ରେରକ କାରଣକୁ ଆମ ଭିତରୁ ଏକାବେଲକେ କାଢ଼ି ନଆଯାଇଛି ଏବଂ ଏହିପରି ଏକ ସ୍ଥିତିରେ ସତେଯେପରି ସ୍ୱୟଂ କର୍ମଟି ମଧ୍ୟ ପ୍ରସ୍ତୋଜନତଃ ଆପେ ଆପେ ଏକାବେଲକେ ବନ୍ଦ ହୋଇଯିବ । ଦ୍ରବ୍ୟ ଜୀବନ ସମ୍ବନ୍ଧରେ ଆପଣାର ଭ୍ରାନ୍ତସ୍ୱ ନଜର ସଭ୍ୟତାକୁ ବାଢ଼ିଦେଇ ଗୀତା ଆମକୁ ଏହି ଫଣସ୍ଫଟିର ଉତ୍ତର ଦେଇଥାଏ । ଆମର ଯାବତୀୟ କର୍ମକୁ ଆମକୁ ଅଧିକରୁ ଅଧିକ ପରମାଣରେ ଏକ ଈଶ୍ୱରଭିମୁଖୀ ଚେତନାରେ ଏବଂ ପରଶେଷରେ ଏକ ଈଶ୍ୱରାଧିକୃତ ଚେତନା ମଧ୍ୟରେ ରହିହିଁ କରିବାକୁ ହୁଏ ।

'oaob.nitrkl.ac.in' images reprocessed

ସେତେବେଳେ ଆମର ଯାବତୀୟ କର୍ମ ସେହି ପରମ ଚରମ ସତ୍ୟସ୍ୱରୂପଙ୍କ ଲାଗି କେବଳ ଏକ ଯଜ୍ଞ ହୋଇ ରହେ ଏବଂ ପରିଶେଷରେ ସେହି ପରମ ଅଦ୍ୱିତୀୟଙ୍କ ପାଖରେ ଆମର ସତ୍ତା, ଆମର ମନ, ଇଚ୍ଛା, ହୃଦୟ, ଇନ୍ଦ୍ରିୟବୋଧ, ପ୍ରାଣ ଓ ଦେହ ସବୁକିଛି ସମର୍ପିତ କରି ରଖିବା ଦ୍ୱାରା କେବଳ ଈଶ୍ୱରଙ୍କ ଲାଗି ପ୍ରେମ ଓ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସେବାହିଁ ଆମର ଏକମାତ୍ର ପ୍ରେରଣାଶକ୍ତି ହୋଇ ରହିବାକୁ ଆରମ୍ଭ କରେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରେରଣାଶକ୍ତିର ତଥା ଯାବତୀୟ କର୍ମର ସ୍ୱରୂପଟିର ମଧ୍ୟ ଏହି ରୂପାନ୍ତର ହେଉଛି ଗୀତାର ସର୍ବପ୍ରଧାନ ଉପଦେଶ; ଗୀତାରେ କର୍ମ, ଭକ୍ତି ତଥା ଜ୍ଞାନର ଯେଉଁ ଅପୂର୍ବ ସମନ୍ୱୟ କରାଯାଇଛି, ଏଇଟିକୁ ଆମେ ବସ୍ତୁତଃ ତାହାର ଭିତ୍ତି ବୋଲିହିଁ କହିବା । ତେଣୁ ସଂକ୍ଷେପରେ ଆମର ବାସନା ଆମକୁ ପରିତ୍ୟାଗ କରେ ନାହିଁ; ମାତ୍ର ପୁର୍ଣ୍ଣପରିଚ୍ଛିନ୍ନ ସ୍ତରରେ ଅନୁଭୂତ ହେଉଥିବା ପରମ ଶାଶ୍ୱତଙ୍କର ସେହି ଇଚ୍ଛାହିଁ ଆମ ସକଳ କର୍ମରେ ଏକମାତ୍ର ପ୍ରେରକ ଓ ସଞ୍ଚାଳକ ହୋଇ ରହେ, ସକଳ କର୍ମାରମ୍ଭର ଏକମାତ୍ର ଜନକ ହୋଇ ରହେ ।

ତେଣୁ, ସମସ୍ତା, ଆମ କର୍ମଜନିତ ଫଳଲାଭ ଲାଗି ରହିଥିବା ଯାବତୀୟ ଆକାଙ୍କ୍ଷାର ପରିହାର, ଏବଂ ଆମ ଆପଣା ପ୍ରକୃତି ତଥା ସକଳ ପ୍ରକୃତିର ସେହି ପରମ ପ୍ରଭୁ ଓ ଅଧୀଶ୍ୱରଙ୍କ ଲାଗି ଏକ ଯଜ୍ଞରୂପେ କରାଯାଉଥିବା ଆମର ସମୁଦାୟ କର୍ମ;—କର୍ମଯୋଗର ଗୀତାପ୍ରଦର୍ଶିତ ମାର୍ଗରେ ଆମେ ଏହିଗୁଡ଼ିକୁହିଁ ସର୍ବପ୍ରଥମ ତନୋଦ୍ଦି ଈଶ୍ୱରାଭିମୁଖୀ ସାଧନ ବା ସରଣି ବୋଲି କହିପାରିବା ।

'oaob.nitrkl.ac.in' images reprocessed

ଚତୁର୍ଥ ପରିଚ୍ଛେଦ

ଯଜ୍ଞ, ଜୈପଥ ଓ ଯଜ୍ଞର ଅଧୀଶ୍ୱର

ଯଜ୍ଞର ବିଧାନଟିକୁ ଆମେ ସେହି ସାଙ୍ଗଜମାନ ଦ୍ରବ୍ୟ କର୍ମ ବୋଲି କହିବା ଯାହାକି ସୃଷ୍ଟିର ଆଦିକାଲରେ ଲୋକସଂଗ୍ରହର ଏକ ପ୍ରତିକରୂପେହିଁ ଏହି ଫସ୍ତାରରେ ପ୍ରକଟ ହୋଇଥିଲା । ଏହି ବିଧାନଟିର ଆକର୍ଷଣ ବଳରେହିଁ ସବୁକଛିକୁ ଏକ ଦିବ୍ୟ ଖିବରେ ପ୍ରେରିତ କରିଦେଇ ପାରୁଥିବା ଏକ ପରିହାଣକାରୀ ସାମର୍ଥ୍ୟ ଏହି ଫସ୍ତାରର ଭୂମି ଉପରେ ଅବତୀର୍ଣ୍ଣ ହୋଇଆସେ, ଏବଂ ଏକ ଅହଂପୁରିତ ଓ ଆସୁରିଭକ୍ତ ସୃଷ୍ଟିର ଭ୍ରମ ତଥା ପ୍ରମାଦଗୁଡ଼ିକୁ ସୀମିତ କରି ରଖେ, ସେଗୁଡ଼ିକର ଏକ ସଂଶୋଧନ କରିବ ଏବଂ କ୍ରମଶଃ ସେଗୁଡ଼ିକୁ ବିଲୁପ୍ତ କରିଦିବ । ଶକ୍ତି ତଥା ଜଡ଼କୁ ପ୍ରେରିତ ତଥା ଆଲୋକିତ କରିପାରିବା ଲାଗି ଆପଣାକୁ ସେହିଗୁଡ଼ିକ ହାତରେ ଆଣି ସମର୍ପି ଦେଉଥିବା ସେହି ପୁରୁଷ ଅର୍ଥାତ୍ ପରମ ଦିବ୍ୟ ଆତ୍ମାର ଏହି ଅବତରଣ ଓ ଏହି ଯଜ୍ଞକୁହିଁ ଆମେ ନିଶ୍ଚେତନତା ଏବଂ ଅଜ୍ଞାନମୟ ଏହି ଜଗତର ପରିହାଣ ଓ ପାବନ ଲାଗି ପ୍ରକୃତ ବୀଜ ବୋଲି କହିପାରିବା । କାରଣ, ଗୀତାରେ "ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା । ପୁରୋବାଚ ପ୍ରଜାପତିଃ" ବୋଲି କୁହାଯାଇଛି, ଅର୍ଥାତ୍ "ଯଜ୍ଞକୁହିଁ ସେମାନଙ୍କର ସାଥୀ କରି ପ୍ରଜାପତି ଏହି ପ୍ରଜାମାନଙ୍କୁ ସୃଷ୍ଟି କଲେ" ବୋଲି କୁହାଯାଇଛି । ଅହଂ ଯେ ଏହି ଜଗତରେ ଏକାକ୍ଷି ନୁହେଁ କିମ୍ବା ଏହି ଜଗତର ମୁଖ୍ୟ ବିଚରଣକାରୀ ନୁହେଁ, ଯଜ୍ଞର ବିଧାନଟିକୁ ସ୍ୱୀକାର କରି ଅହଂ ବ୍ୟାବହାରିକ କ୍ଷେତ୍ରରେ ଏହି ସତ୍ୟଟିକୁ ସ୍ୱୀକାର କରି ନେଇଥାଏ । ଏହାଦ୍ୱାରା ଅହଂ ପ୍ରକୃତରେ ସ୍ୱୀକାର କରିଥାଏ ଯେ, ଏହି ଅତିଖଣ୍ଡିତ ଓ ଅତିବିଭକ୍ତ ବିଶ୍ୱଜଗତରେ ମଧ୍ୟ ତାହାର ସାବପ୍ତାସ୍ତ କ୍ଷେତ୍ରସୀମାକୁ ଅତିକ୍ରମ କରି ତାହାର ପଛରେ ସେଇ ଯିଏ ଅଧିସ୍ଥିତ ରହିଛି, ତାହାକୁ କଦାପି ତା'ର ଏହି ଅହଂପ୍ରେରିତ ବ୍ୟକ୍ତି-ଜୀବ ବୋଲି କୁହାଯାଇ ପାରିବ ନାହିଁ; ତାହା ହେଉଛି ଏହି ଅହଂ ତୁଳନାରେ ଅଧିକ ବୃହତ୍ତ ଏବଂ ଅଧିକ ପୂର୍ଣ୍ଣ; ଏକ ଦିବ୍ୟତର ପରମ ସ୍ୱଂରୂପ, ଯିଏକି ତା'ଠାରୁ ତାହାର ଅଧୀନତା ଏବଂ ସେବାର ଦାବି କରିବାରେ ଲାଗିଛି । ଏହି ଯଜ୍ଞକୁ ବସ୍ତୁତଃ ଜଗତ ଉପରେ ଲଦିହିଁ ଦିଆଯାଇଛି; ଏବଂ

'oaob.nitrkl.ac.in' images reprocessed

ଯେତେବେଳେ ଆବଶ୍ୟକ ହୋଇଛୁ, ବଶ୍ୱମସ୍ତ ପରମ ବଶ୍ୱ-ଶକ୍ତି ଏହି ଜଗତକୁ ଯଜ୍ଞ ଲଗି ବାଧ୍ୟ କରି ରଖିଛୁ; ଏପରକି ଯେଉଁମାନେ ସ୍ୱତେଜନ ଜ୍ଞବରେ ଯଜ୍ଞର ବଧାନଟିକୁ ସ୍ୱୀକାର କରିପାରି ନାହାନ୍ତି, ସେମାନଙ୍କଠାରୁ ମଧ୍ୟ ତାହା ଯଜ୍ଞର ଜ୍ଞଗଟିକୁ ଆଦାସ୍ କରିବାରେ ଲଗିଛୁ । ଏଥିରେ ଶିଳ୍ପ ଦେବାର କୌଣସି ଅବକାଶଟି ନାହିଁ, କାରଣ ବସ୍ତୁଗୁଡ଼ିକର ଅନ୍ତଃପ୍ରେରକ ସ୍ୱଭବରୂପେ ତାହାହିଁ ପ୍ରତିଷ୍ଠିତ ହୋଇ ରହିଛୁ । ସେଇଟି ବସ୍ତୁରେ ଆମେ ଅଜ୍ଞାନ ହୋଇ ରହିଛୁ ବୋଲି ଅଥବା ଜ୍ଞବନକୁ ଆମେ ଏକ ମିଥ୍ୟାପ୍ରେରତ ଅହଂଗତ ଦୃଷ୍ଟିରେ ଦେଖିବାରେ ଲଗିଛୁ ବୋଲି ଭଦ୍ୱାତ୍ ପ୍ରକୃତର ଏହି ଚରନ୍ତନ ଓ ଧାରସ୍ଥ ସତ୍ୟଟିରେ ଆଦୌ କୌଣସି ପାର୍ଥକ୍ୟ ହେଇ ନାହିଁ । କାରଣ ପ୍ରକୃତରେ ଠିକ୍ ଏହି ସତ୍ୟଟିହିଁ କାର୍ଯ୍ୟକାରୀ ହୋଇ ରହିଛୁ; ଏବଂ ଏହି ଯେଉଁ ଅହଂଟି ଆପଣାକୁ ଏକ ଭିନ୍ନ ଓ ସ୍ୱତନ୍ତ୍ର ସତ୍ତା ବୋଲି ଭାବୁଛୁ ଏବଂ କେବଲ ଆପଣା ଲଗିହିଁ ଆପଣାର ଜ୍ଞବନଟିକୁ ବଞ୍ଚିଛୁ ବୋଲି ଦାବି କରୁଛୁ, ତାହା ପ୍ରକୃତରେ ଭିନ୍ନ ନୁହେଁ ବା ସ୍ୱତନ୍ତ୍ର ମଧ୍ୟ ନୁହେଁ; ତାହା କଦାପି ଭିନ୍ନ ବା ସ୍ୱତନ୍ତ୍ର ହୋଇପାରିବ ନାହିଁ, ଆପେ ଯେତେ ଇଚ୍ଛାକଲେ ମଧ୍ୟ ତାହା କଦାପି କେବଲ ଆପଣା ଲଗିହିଁ ଆପଣାର ଜ୍ଞବନଟିକୁ ବଞ୍ଚିପାରିବ ନାହିଁ । ବରଂ ଅସଲ ସତ୍ୟଟି ହେଉଛୁ ଯେ ଏକ ପ୍ରଚ୍ଛନ୍ନ ପରମ ଏକତ୍ୱ ଦ୍ୱାରାହିଁ ସବୁକିଛୁ ପରସ୍ପର ସହିତ ଫସୁ କ୍ତ ହୋଇ ରହିଛୁ । ଏଠି ପ୍ରତ୍ୟେକ ସତ୍ତା ଅବଚ୍ଛିନ୍ନ ଜ୍ଞବରେ ଆପଣାର ସ୍ୱଭନ୍ତ୍ରାଇଟିରୁ କିଛୁ ନା କିଛୁ ଅବଶ୍ୟ ବଚ୍ଚରଣ କରି ଦେଇଛୁ; ଆପଣାର ମନୋଗତ ଭୂମିରେ ତାହା ପ୍ରକୃତଠାରୁ ଯାହାକିଛୁ ଲଭ କରିଛୁ ଅଥବା ତାହାର ପ୍ରାଣଗତ ଭୌତିକ ଭୂମିରେ ଫଗ୍ରହ, ସମ୍ପତ୍ତି ବା ଉପାର୍ଜନରୂପେ ଯାହାକିଛୁ ରହିଛୁ, ସେଥିରୁ ଏକ ସ୍ରୋତ ତାହାର ଚତୁର୍ଦ୍ଦିଗସ୍ଥ ସକଲଟି ମଧ୍ୟକୁ ଅବରତ ଗତି କରିବାରେ ଲଗିଛୁ । ଏବଂ ଏହିପରି ସ୍ରୋତାକୁଳ ଜ୍ଞବରେ ଅଥବା ବାଧ୍ୟ ହୋଇ ତାହା ଅନ୍ୟମାନଙ୍କୁ ଯାହାକିଛୁ ଦେଉଛୁ, ତାହାର ପ୍ରତିବଦଲରେ ସେ ଆପଣାର ପରିବେଶଟି ମଧ୍ୟରୁ ସବଦା କିଛୁ ନା କିଛୁ ଅବଶ୍ୟ ଗ୍ରହଣ କରି ଆଣୁଛୁ । କାରଣ, କେବଳ ଏହିପରି ଏକ ସମ୍ପଦାନ ଓ ଫଗ୍ରହଣ ଦ୍ୱାରାହିଁ ସେ ଆପଣାର ଅଭିବୃଦ୍ଧି ସମ୍ଭବ କରିପାରୁଛୁ ଏବଂ ଭହିଁ ସଙ୍ଗେସଙ୍ଗେ ବସ୍ତୁସମଷ୍ଟିର ଅଭିବୃଦ୍ଧିରେ ମଧ୍ୟ ସହାସ୍ୱତା କରିବାରେ ଲଗିଛୁ । ପ୍ରଥମ ଅବସ୍ଥାରେ ଯେତେ ମନ୍ଥର ଭଥା ଆଂଶିକ ଜ୍ଞବରେ ହେଲେ ମଧ୍ୟ, ଆମେ ପରିଶେଷରେ ପୂର୍ଣ୍ଣ ସଜ୍ଞାନ ହୋଇ ଯଜ୍ଞ କରି ଶିଖିଛୁ; ଏବଂ ସବଂଶେଷ ସୋପାନକୁ ଆସି ଆମେ ଆପଣାକୁ ଅଧିକରୁ ଅଧିକ ଦେଇ ପାରିବାରେହିଁ ଆନନ୍ଦ ଅନୁଭବ କରୁଛୁ; ଯାହାକୁ ଆମେ ଆମର ସମ୍ପତ୍ତି ବୋଲି ଦେଖୁଛୁ, ବର୍ତ୍ତମାନ ପାଇଁ ଆମଠାରୁ ଭିନ୍ନ ବୋଲି ପ୍ରତୀତ ହେଉଥିବା ଏବଂ ଜଟିତ ଜ୍ଞବରେ ଆମର ଏହି ସୀମାସ୍ୱତ୍ୱ ବ୍ୟକ୍ତିପରସ୍ପରଟିଠାରୁ ଭିନ୍ନ ହୋଇ ରହିଥିବା ଦେହ ପରମ ଭର୍ତ୍ତାଙ୍କ ପାଖରେହିଁ ଶ୍ରଦ୍ଧା ଓ ଭକ୍ତି ସହକାରେ ତାହାକୁ ସମର୍ପଣ କରିଦେଇ

'oaob.nitrkl.ac.in' images reprocessed

ପାରିବାରେ ଆନନ୍ଦ ଅନୁଭବ କରୁଛୁ । ଏହିପରି ଭାବରେ ଆମର ଯଜ୍ଞ ଏବଂ ଯଜ୍ଞଲବ୍ଧ ଦ୍ରବ୍ୟ ଫଳପ୍ରାପ୍ତିହିଁ ଆମର ସର୍ବଶେଷ ପରପୂର୍ତ୍ତିଭାଟି ସକାଶେ ଏକ ସଘର୍ଷସ୍ପୀକୃତ ସାଧନାରେ ପରିଣତ ହୋଇ ରହୁଛୁ; କାରଣ ଏହି ମାର୍ଗଟି ଦେଇ ଯେ ଆମର ଭିତରେ ଦ୍ରବ୍ୟ ଅଭିପ୍ରାସ୍ତ ଆପଣାକୁ ପରପୂର୍ତ୍ତି କରିଦେଇଛୁ, ଏହାଦ୍ୱାରା ସେହି କଥାଟିରହିଁ ସ୍ୱୀକୃତ ମିଳିଯାଉଛୁ ।

ମାନ ଅନେକ ସମୟରେ ଏହି ଯଜ୍ଞ ବଡ଼ ଅସହେତ ଭାବରେ କସ୍ତ ହୋଇଥାଏ, ବଡ଼ ଅହଂଗ୍ରସ୍ତ ଭାବରେ କସ୍ତହୋଇଥାଏ; ଏବଂ ଏହି ମହାନ୍ ବଶ୍ୱାନୁସ୍ଥାନଟିର ଯଥାର୍ଥ ତାତ୍ପର୍ଯ୍ୟକୁ ନଜାଣି ଅଥବା ତାହାକୁ ସ୍ୱୀକାର କରି ନନେଇ ମଧ୍ୟ ସେହି ଯଜ୍ଞ ଅନୁଷ୍ଠିତ ହୋଇଥାଏ । ପୃଥିବୀର ସବାଧିକ ପ୍ରାଣୀ ଠିକ୍ ଏହିପରି ଭାବରେହିଁ ଯଜ୍ଞ କରିଥାନ୍ତି, ଏବଂ ସେହି ଷ୍ଟେଜରେ ବ୍ୟକ୍ତ ଅତି ଯାନ୍ତ୍ରିକ ଭାବରେ ସେଥିରୁ କେବଳ ଏକ ନମ୍ନତମ ପ୍ରାକୃତିକ ଅବଶ୍ୟମ୍ଭାବୀ ଫଳଟିକୁହିଁ ଲଭ କରିବାକୁ ସମର୍ଥ ହୁଏ, ଆପଣା ଅହଂର କ୍ଷୁଦ୍ରତା ଓ ସୀମାବଦ୍ଧ ତଥା ସନ୍ତାପିତ ହୋଇ ରହି ସେ ଚଦ୍ୱାରା କେବଳ ଏକ ଅତି ମନ୍ଦ ଓ ଦୁଃଖସାଧ୍ୟ ଅଗ୍ରଗତିରହିଁ ଅଧିକାସ୍ତ ହୋଇଥାଏ । କେବଳ ଯେତିକବେଳେ ହୃଦସ୍ଥ, ଇଚ୍ଛାଶକ୍ତି ଏବଂ ଜ୍ଞାନସମ୍ପନ୍ନ ମନ ଆପଣାକୁ ଏହି ବଧାନଟି ସହିତ ଫବଦ୍ଧ କରି ରଖିଥାନ୍ତି ଏବଂ ଖୁସି ହୋଇ ସେହି ବଧାନଟିର ଅନୁବର୍ତ୍ତୀ ହୁଅନ୍ତି, ସେତିକବେଳେ ଯାଇ ଯଥାର୍ଥ ଦ୍ରବ୍ୟ ଯଜ୍ଞର ଗମ୍ଭୀର ଆନନ୍ଦ ତଥା ସୁଖଦାସ୍ପୀ ଫଳସମ୍ପନ୍ନତାଟି ଉପଲବ୍ଧ ହୋଇଥାଏ । ସେତେବେଳେ ମନ ସେହି ବଧାନଟିକୁ ସ୍ପଷ୍ଟଭାବରେ ଜାଣିଥାଏ ଏବଂ ହୃଦସ୍ଥ ସେହି ବଧାନଟି ଲଗି ସ୍ୱାଭାବିକ ଆନନ୍ଦ ଅନୁଭବ କରୁଥାଏ; ଏବଂ ଏହାଫଳରେ ଆମେ ଏହିପରି ଏକ ଅବବୋଧରେ ଆସି ପହଞ୍ଚି, ଯେ ଏହି ଯଜ୍ଞ ଦ୍ୱାରା ଆମେ ଯାହାକିଛି ଉତ୍ସର୍ଗ କରୁଛୁ; ତାହା କେବଳ ଆମର ଆପଣା ଆତ୍ମା ଓ ଚଦ୍‌ଗତତା ଲଗିହିଁ କରୁଛୁ, ସମସ୍ତଙ୍କ ମଧ୍ୟରେ ବସ୍ତୁଜ ରହିଥିବା ସେହି ଏକ ଆତ୍ମା ଏବଂ ଏକ ଚଦ୍‌ଗତତାର ଉଦ୍ଦେଶ୍ୟରେହିଁ ଆମେ ତାହା କରୁଛୁ । ଏବଂ ଯେତେବେଳେ ଆମେ ପ୍ରକୃତରେ ସେହି ସଙ୍କୋଚ ପରମସତ୍ତାଙ୍କ ଉଦ୍ଦେଶ୍ୟରେ କିଛି କରୁ ନାହୁଁ, ମାନ ଆମର ଯାବତୀସ୍ପ ଆତ୍ମ-ଦାନ କେବଳ ଆମର ସହଯୁସ୍ପ ଅନ୍ୟ ପ୍ରାଣୀଙ୍କ ଲଗି କିଂବା ନମ୍ନତର ନାନା ପରମ ସାମର୍ଥ୍ୟ ତଥା ପରମ ତତ୍ତ୍ୱ ଲଗି ଉଦ୍ଦିଷ୍ଟ ହୋଇ ରହିଛୁ, ସେତେବେଳେ ମଧ୍ୟ ଉକ୍ତ ଅବବୋଧଟି ଆମ ଲଗି ସତ୍ୟ ହୋଇ ରହିଛୁ । "ନ ବା ଅରେ ଜାସ୍ପ୍ୟେ କାମାସ୍ପ ଜାସ୍ପା ପ୍ରିସ୍ପା ଭବତି ଆତ୍ମନସ୍ତୁ କାମାସ୍ପ ଜାସ୍ପା ପ୍ରିସ୍ପା ଭବତି ।" ବୋଲି ଋଷି ଯାଜ୍ଞବଲ୍କ୍ୟ ଉପନିଷଦ୍‌ରେ କହିଛନ୍ତି । ଅର୍ଥାତ୍, "ପତ୍ନୀ ପତ୍ନୀ ଲଗି ନୁହେଁ, ମାନ ଆତ୍ମା ଲଗିହିଁ ଆମର ପ୍ରିସ୍ପ ବୋଲି ଅନୁଭୂତ ହୋଇଥାଏ ।" ବ୍ୟକ୍ତିଗତ ଅହଂର ଏକ ନମ୍ନତର ଅର୍ଥରେ ଏହି କଥାଟିର ବସ୍ତୁର କସ୍ତଗଲେ ମଧ୍ୟ ତଥାପି ଏହି ଅତିଳ

'oaob.nitrkl.ac.in' images reprocessed

ସତ୍ତ୍ୱେ ଦ୍ୱିଧା ଅହଂପ୍ରେରିତ ପ୍ରେମର ନାନାଭାବେ ରଞ୍ଜିତ ଓ ଆବେଶମୟ ସ୍ୱଜଳ ଦାବୀଟି ପଛରେ ପ୍ରତିଷ୍ଠିତ ହୋଇ ରହିଥାଏ । ମାତ୍ର ଏକ ଉଚ୍ଚତର ତାତ୍ପର୍ଯ୍ୟର ଭୂମିରେ, ଯେଉଁ ପ୍ରେମକୁ ଆଦୌ ଅହଂ ଦ୍ୱାରା ପ୍ରେରିତ ବୋଲି କଳ୍ପନା କେବଳ ଦିବ୍ୟ ପ୍ରେମ ବୋଲିହିଁ କହିବାକୁ ହେବ, ସେହି ପ୍ରେମର ଅନ୍ତର୍ଗତ ଯଥାର୍ଥ ବ୍ୟଞ୍ଜନାଟି ମଧ୍ୟ ଏହାର ଭିତରେ ନିହିତ ହୋଇ ରହିଥାଏ । ଆମର ଏହି ପ୍ରଥମ ପରସ୍ପରରେ ଯେଉଁ ଅହଂଗତତା ଓ ତାହାର ବିଚ୍ଛିନ୍ନତାଧର୍ମୀ ମିଥ୍ୟାଟି ଆସନ ମାଡ଼ି ରହିଛି, ଯଥାର୍ଥ ସକଳ ପ୍ରେମ ଓ ସକଳ ସଙ୍ଗର ମାଧ୍ୟମରେ ପ୍ରକୃତ ସମ୍ପର୍କଃ କେବଳ ତାହାର ଉଦ୍ଦେଶ୍ୟରେହିଁ ଆପଣାର ଵିରୋଧଟିକୁ ପ୍ରକଟ କରିଦେଇଛି । ଏହାଦ୍ୱାରା ପ୍ରକୃତ ଏକ ଆବଶ୍ୟକ ପ୍ରଥମସ୍ତମ୍ଭସ୍ୱ ଖଣ୍ଡିତତା ମଧ୍ୟରୁ ଏକ ପୁନରୁପଲବ୍ଧି ଏକତା ଉଦ୍ଦେଶ୍ୟରେ ଆପଣାର ଗତିପଥଟିକୁ ବଦଳାଇ ଦେବାରହିଁ ପ୍ରସ୍ତାସ କରିବାରେ ଲାଗିଛି । ପ୍ରାଣୀ ପ୍ରାଣୀ ମଧ୍ୟରେ ପ୍ରତିଷ୍ଠିତ ହେଉଥିବା ଯାବତୀୟ ଏକତ୍ୱକୁ ଆମେ ସମ୍ପର୍କଃ କେବଳ ଏକ ଆତ୍ମ-ଆବଷ୍କାର ବୋଲିହିଁ ଜାଣିବା; ଯାହାଠାରୁ ଆମେ ଏକଦା ବିଚ୍ଛିନ୍ନ ହୋଇ ଆସିଛୁ, ତାହାର ସହିତ ପୁନଃବାର ସମ୍ମିଳିତ ହେବା ବୋଲି ଜାଣିବା ଏବଂ ଅନ୍ୟମାନଙ୍କ ମଧ୍ୟରେ ଆପଣା ଆତ୍ମାର ଏକ ଆବଷ୍କାର ବୋଲି ଜାଣିବା ।

ପ୍ରେମ ଏବଂ ଏକତ୍ୱର ମାନସ୍ୱାସ୍ୱ ନାନା ରୂପାସ୍ୱନ ଆଳ ଅନ୍ଧକାର ଭିତରେ ଯେଉଁ ସମ୍ପଦଟିକୁ ପାଇବା ଲାଗି ହାତ ବଢ଼ାଇ ବୁଲୁଛୁ, କେବଳ ଏକ ଦିବ୍ୟ ପ୍ରେମ ଓ ଦିବ୍ୟ ଏକତ୍ୱହିଁ ସେହି ସମ୍ପଦଟିକୁ ଆଲୋକ ମଧ୍ୟରେ ଧାରଣ କରି ରହିପାରିବ । କେତେଟା ଜଡ଼ଗତ କୋଷ ଯେପରି ଭିତରେ ଏକତ୍ର ସମ୍ପୃକ୍ତୀଭୂତ ହୋଇ ରହିଥାନ୍ତି, କେତେଟା ସତ୍ତୁଣ ସ୍ପାର୍ଥକୁ ସମ୍ବଳ କରି ଗଠିତ ହୋଇଥିବା ଏକ ଙ୍ଗଦନ ଦ୍ୱାରା କୌଣସି ଏକାଠି ହେବା ବା ଏକତ୍ର ଠୁଳ ହୋଇ ରହିବା ସମ୍ଭବ ହେଲେ ତାହାକୁହିଁ କଦାପି ଯଥାର୍ଥ ଏକତା ବୋଲି କୁହାଯାଇ ପାରିବ ନାହିଁ । ସେହି ଯଥାର୍ଥ ଏକତାକୁ ଆମେ ଫଟେଗସ୍ତମ୍ଭସ୍ୱ ଏକ ବୁଝାମଣା ବୋଲି ବ କହିବା ନାହିଁ, ସହାନୁଭୂତି, ଫଘବଦ୍ଭତା ଅଥବା ପରସ୍ପର ଆଡ଼କୁ ଏକାଠି ଆକୃଷ୍ଟ ହୋଇ ଆସିବା ବୋଲି କହିପାରିବା ନାହିଁ । ଯେତେବେଳେ ଆମେ ସକଳ ବସ୍ତୁଜଜକୁ ସମୂଳେ କାଟିପକାଇ ଏବଂ ଯାହା ପୁଙ୍ଖରୁ ଆମଠାରୁ ଭିନ୍ନ ଏକ 'ଅନ୍ୟ' ବୋଲି ପ୍ରତୀତ ହେଉଥିଲା, ତାହାର ଭିତରେ ଆପଣାକୁ ଆବଷ୍କାର କରିବା ଲାଗି ସମର୍ଥ ହେଉ, ସେତକବେଳେ ଯାଇ ପ୍ରକୃତିର ନାନା ବସ୍ତୁଜନ ଦ୍ୱାରା ଆମଠାରୁ ଅଲଗା ହୋଇ ରହିଥିବା ଅନ୍ୟମାନଙ୍କ ସହିତ ଯଥାର୍ଥରେ ସମ୍ମିଳିତ ହୋଇପାରି । ଯେକୌଣସି ଫଗଠନରେ ଏକ ପ୍ରାଣିକ ଏବଂ ଭୌତିକ ଏକତା ଅବଶ୍ୟ ରହିଥାଏ, ପାରସ୍ପରିକ ସହାସ୍ୱକତା ଏବଂ ପାରସ୍ପରିକ ସୁଯୋଗଦାନ ସେଠାରେ ସଙ୍ଗର ସ୍ଥାନ ପୂରଣ କରିଥାଏ । ସନ୍ନିକର୍ଷତା, ସହାନୁଭୂତି ଓ ଫଘବଦ୍ଭତା ଦ୍ୱାରା ଏକ ମାନସିକ, ନୈତିକ ତଥା ଫଦ୍ରେଗଗତ ଏକତାସ୍ଥାପନ

'oaob.nitrkl.ac.in' images reprocessed

ମଧ୍ୟ ସମ୍ଭବ ହୁଏ; ଏସବୁ କ୍ଷେତ୍ରରେ ଯେଉଁ ଯଜ୍ଞର ଅନୁଷ୍ଠାନ ହୁଏ, ଆମେ ତାହାକୁ ପାରସ୍ପରିକ ସ୍ୱାହାଯ୍ୟଦାନ ଏବଂ ପାରସ୍ପରିକ ସନ୍ତୁଷ୍ଟିବଧାନରହିଁ ଯଜ୍ଞ ବୋଲି କହିବା । ମାନ ଅସଲ ଏକତା ହେଉଛି ଏକ ଆଧ୍ୟାତ୍ମିକ ଏକତା, ଏକ ଚିଦ୍‌ଗତ ଏକତା; ଏବଂ ଏହି କ୍ଷେତ୍ରରେ ଯଜ୍ଞ ହେଉଛି ପାରସ୍ପରିକ ଆତ୍ମ-ଦାନ, ଆମ ଅନ୍ତର୍ଗତ ଜୀପାଦାନଟିର ଏକ ପାରସ୍ପରିକ ଅନ୍ତଃସମ୍ମିଳନ । ପ୍ରକୃତିର ଗତିପଥ ଦେଇ ଅଗ୍ରସର ହେଉଥିବା ଯଜ୍ଞର ବିଧାନଟି ଏହି ଅପୂର୍ଣ୍ଣ ଓ ଅନୁପଶ ଆତ୍ମନିବେଦନର ସୋପାନରେ ପହଞ୍ଚିବା ଆପଣାକୁ ପୂର୍ଣ୍ଣରୂପରେ ଚରିତାର୍ଥ କରିଥାଏ; ଯଜ୍ଞକର୍ତ୍ତା ତଥା ଯଜ୍ଞର ଧେପ୍ୟରେ ଯେ ସେହି ଗୋଟିଏ ଅଭିନ୍ନ ଓ ସମାନ ଆତ୍ମା ଅଧିସ୍ଥିତ ହୋଇ ରହିଛନ୍ତି, ତାହା ସେହି ଚେତନାଟିକୁ ଜାଗ୍ରତ କରିଥାଏ । ଯଜ୍ଞର ଏହି ପରମ ଚରିତାର୍ଥତାକୁହିଁ ଆମେ ମନୁଷ୍ୟପ୍ରେମର ବା ସ୍ୱଂଶେଷ ଇଚ୍ଛା ବୋଲି କହିବା ଏବଂ ଆପଣାକୁ ଦିବ୍ୟ ଭାବରେ ପ୍ରେରିତ କରି ରଖିବାର ପ୍ରସ୍ତାବ କରୁଥିବା ଭକ୍ତର ମଧ୍ୟ ସ୍ୱଂଶେଷ ଇଚ୍ଛା ବୋଲି କହିବା । କାରଣ ସେଠାରେ ମଧ୍ୟ ପ୍ରେମର ଉଚ୍ଚତମ ଶୃଙ୍ଗଟି ପରପୂର୍ଣ୍ଣ ଓ ପାରସ୍ପରିକ ଆତ୍ମନିବେଦନର ଏକ ସ୍ୱର୍ଗ ମଧ୍ୟକୁହିଁ ଅଙ୍ଗୁଳିନର୍ଦ୍ଦେଶ କରିଦେଇଥାଏ ଏବଂ ଦୁଇଟି ଆତ୍ମାର ପରସ୍ପର ମଧ୍ୟରେ ସୋଲ୍ଲାସ ପୂର୍ଣ୍ଣସମ୍ମିଳନରେହିଁ ଏହାର ସର୍ବୋଚ୍ଚ ଶିଖରଟି ପ୍ରାପ୍ତ ହୋଇଥାଏ ।

କର୍ମ ବିଷୟରେ ଗୀତାରେ ଯେଉଁ ଉପଦେଶ ଦିଆଯାଇଛି, ତାହାର ହୃଦୟରେହିଁ ସେହି ସର୍ବାଙ୍ଗଗତ ବିଧାନର ଗାମ୍ଭୀରତ୍ୱର ବିସ୍ମୟକି ନିହିତ ହୋଇ ରହିଛି । ଯଜ୍ଞ ଦ୍ୱାରା ସେହି ପରମ ସର୍ବୋଚ୍ଚ ସମ୍ଭାଙ୍କ ସହିତ ଏକ ଚିଦ୍‌ଗତ ଅଭିନ୍ନତାହିଁ ଲାଭ କରିବା ଏବଂ ସେହି ପରମ ଶାଶ୍ୱତଙ୍କ ପାଖରେହିଁ ଅକୁଣ୍ଠ ଭାବରେ ଆପଣାର ସବୁକିଛିକୁ ସମର୍ପଣ କରିଦେବା,—ଏହାହିଁ ଗୀତା-ଉକ୍ତିର ସ୍ୱଂମୂଳ ଆବେଦନ ହୋଇ ରହିଛି । ଯଜ୍ଞ ବା ତ୍ୟାଗ ବିଷୟରେ ଯେଉଁ ଅଶୋଧିତ କଲ୍ପନାଟି ରହିଆସିଛି, ତଦ୍ଦ୍ୱାରା ତାହା ନାନା ଆତ୍ମାସ ଦ୍ୱାରା ପୂର୍ଣ୍ଣ ଆତ୍ମବଳିଦାନ, କଠୋର ଆତ୍ମପୀଡ଼ନ ଏବଂ ଏକ କଷ୍ଟସାଧ୍ୟ ଆତ୍ମ-ଉଚ୍ଛେଦନକୁହିଁ ବୁଝାଇଛି । ଅତିରଞ୍ଜିତ ହୋଇ ଏହି ଉତ୍ସର୍ଗୀକରଣ ଆପଣାର ଅଙ୍ଗରୁ କୌଣସି ଅଂଶକୁ କାଟି ପକାଇବା ଏବଂ ଆପଣାକୁ ନାନାପ୍ରକାରେ ଯନ୍ତ୍ରଣା ଦେବା ପର୍ଯ୍ୟନ୍ତ ବି ଯାଇପାରୁଛି । ଆପଣାର ପ୍ରାକୃତ ଆତ୍ମଭାବଟିକୁ ଉତ୍ତୀର୍ଣ୍ଣ ହୋଇଯିବା ଲାଗି ମନୁଷ୍ୟ ଯେଉଁ କଠିନ ଓ କଠୋର ଉଦ୍ୟମଟି କରିବାରେ ଲାଗିଛି, ସେଥିରେ ଏଗୁଡ଼ିକର ମଧ୍ୟ ଏକ ପ୍ରାମୟିକ ଆବଶ୍ୟକତା ଅବଶ୍ୟ ଥାଇପାରେ; ତା'ର ପ୍ରକୃତି ଭିତରେ ରହିଥିବା ଅହଂଶକ୍ତିଟି ଯଦି ପ୍ରକୃତିରେ ବଡ଼ ଉଗ୍ର ଓ ଅନମନୀୟ ହୋଇ ରହିଥାଏ, ତେବେ ତୁଳତ ସମୟ ସମୟରେ ଉତ୍କୃଷ୍ଟ ଏକ ଅତି ପ୍ରବଳ ଅବଦମନ ଓ ପ୍ରତିପ୍ରଶମକ ଔଷଧ ଦ୍ୱାରା ତାହାର ସମ୍ମୂର୍ଚ୍ଛିନ ହେବାକୁ ପଡ଼ିପାରେ । ମନ ଆପଣା ପ୍ରତି ଏହି ତୀବ୍ର ଦୁଃସ୍ତାଚରଣ ଯେପରି

'oaob.nitrkl.ac.in' images reprocessed

କଦାପି ଅଭିରକ୍ତ ହୋଇ ନଯାଏ, ସେଥିଲଗି ଗୀତା ଆମକୁ ସବୁବେଳେ ସତର୍କ କରଦେଇଛୁ । କାରଣ ଆମର ଭିତରେ ଯେଉଁ ଆସୁରଶ୍ରୃଷ୍ଟି ରହିଛୁ, ତାହା ଯଥାର୍ଥରେ ବଦଖିତ ଓ ପ୍ରକାଶିତ ହୋଇ ଆସୁଥିବା ସେହି ପରମେଶ୍ୱରଙ୍କ ବ୍ୟଞ୍ଜନା ଆଉ ଅନ୍ୟ କିଛୁ ନୁହେଁ; ସିଏ ହେଉଛୁ କୃଷ୍ଣ, ସେଇ ଆମର ଭିତରେ ରହିଥିବା ପରମ ଦ୍ରବ୍ୟରୂପ । ଇନ୍ଦ୍ରଫାରର ଅସୁରମାନେ ଯେପରି ତାହାକୁ ସନ୍ତାପିତ ଓ ପ୍ରପୀଡ଼ିତ କର ରଖିଛନ୍ତି, ଆମେ ତାହାକୁ କଦାପି ସେପରି ସ୍ତବରେ ସନ୍ତାପିତ କର ପକାଇବା ନାହିଁ, ତାହାକୁ କୌଣସି ପୀଡ଼ା ଦେବା ନାହିଁ; ଆମେ ତାହାକୁ ଉତ୍ତରୋତ୍ତର ଫବର୍ଦ୍ଧିତ କରଆଣିବା, ସେଇଟିର ସଯତ୍ନ ପୋଷଣ କରବା ଏବଂ ଏକ ଦ୍ରବ୍ୟ ପରମାତ୍ମୋକ ଓ ବଲ ଓ ପୁଲକ ଏବଂ ବ୍ୟାପ୍ତି ଭିତରକୁ ଆମେ ତାହାକୁ ଆଲୋକିତ ସ୍ତବରେ ଉନ୍ମୋଚିତ କର ଆଣିବା । ଆମ ଆପଣାର ଆସୃଷ୍ଟିକୁ ଆମେ କଦାପି ନରୁସ୍ତାହିତ କର ଯିବା ନାହିଁ; ମାନ ଆମ ଅଧ୍ୟାସ ବା ଛଦ୍ମଗତ ସତ୍ତ୍ୱର ଯେଉଁ ଅନ୍ତର୍ଗତ ଶତ୍ରୁମାନଙ୍କର ଦଳଟି ରହିଛୁ, ଆମେ ସେଇଟିକୁହିଁ ନରୁସ୍ତାହିତ କର ରଖିବା, ଆମ ଭିତରୁ ବହିଷ୍କୃତ କରଦେବା ଓ ଆଧ୍ୟାତ୍ମିକ ବଳାକାର ବେଦୀ ଉପରେ ସେମାନଙ୍କର ପ୍ରାଣହାର କରବା । ଏଗୁଡ଼ିକୁ ଆମେ ନର୍ମମ ସ୍ତବରେ କାଟିଦେଇ ପାରବା; ବାସନା, କ୍ରୋଧ, ଦ୍ୱପମତା, ଲୋଭ, ବାହ୍ୟ ସୁଖ ଓ ଦୁଃଖ ପ୍ରତି ମୋହ ବା ଆସକ୍ତ ପ୍ରଭୃତି ନାନା ନାମରେ ଅଭିହିତ ଆମ ଉପରେ ଆକ୍ରମଣ କର ଆମର ଯଥାର୍ଥ ଧନଗୁଡ଼ିକୁ ଅପହରଣ କରବାକୁ ଆସୁଥିବା ଏହି ଯେଉଁ ଘଷସ୍ୱବାହିନୀ ଆମ ଆତ୍ମାର ସାବଙ୍ଗୀୟ ପ୍ରମାଦ ତଥା କଷଣର କାରଣ ହୋଇ ରହିଛନ୍ତି, ଆମେ ତାହାକୁ ପୂର୍ଣ୍ଣ ନର୍ମମତାର ସହିତ ଛେଦନ କରଦେଇ ପାରବା । ଆମେ ଏଗୁଡ଼ିକୁ କଦାପି ଆମ ଆସୃକ୍ଷେତ୍ରର ଗୋଟିଏ ଗୋଟିଏ ଅଂଶ ହୋଇ ବସ୍ତୁରବା ନାହିଁ, ଆମ ଆସୃସ୍ତତ୍ତ୍ୱର ଯଥାର୍ଥ ଓ ଦ୍ରବ୍ୟତ୍ତର ପ୍ରକୃତତ୍ତିର କ୍ଷେତ୍ରରେ ବଲାତ୍କାରପ୍ରବେଶ କର ତାହାକୁ ବକୃତ କର ପକାଇଥିବା ଅନୁପ୍ରବେଶକାସ୍ତ୍ର ବୋଲିହିଁ ଜାଣିବା । ଶତ୍ରୁତିର କଠୋରତ୍ତର ଅର୍ଥରେହିଁ ଏମାନଙ୍କୁ ବର୍ଜନ କରବାକୁ ପଡ଼ବ; ଚଲାବେଳେ ସାଧକର ଚେତନା ଉପରେ ପ୍ରତଫଳନ ଦ୍ୱାରା ସେମାନେ ଯେତେ ଯାହା ଦୁଃଖସ୍ତବକୁ ଉତ୍କୃଷ୍ଟାଇ ଦେଉଥାନ୍ତୁ ନା କାହିଁକି, ସେଗୁଡ଼ିକୁ ଅବଶ୍ୟ ବର୍ଜନ କରବାକୁ ପଡ଼ବ ।

ମାନ ଆସୃ-ବଳଦାନହିଁ ଯଜ୍ଞର ପ୍ରକୃତ ସାରମର୍ମ ନୁହେଁ, ଆସ୍ପୋସ୍ପର୍ଗ ବା ଆସୃନବେଦନ ହେଉଛୁ ପ୍ରକୃତ ସାରମର୍ମ । ଆସୃ-ଉଚ୍ଛେଦନ ଏହାର ଉଦ୍ଦେଶ୍ୟ ନୁହେଁ, ଏହାର ଯଥାର୍ଥ ଉଦ୍ଦେଶ୍ୟ ହେଉଛୁ ଆସୃ-ପରପୂର୍ଣ୍ଣତାର ଉପଲବ୍ଧି । ଆସୃକୃଚ୍ଛ ଅଥବା ଆସୃପ୍ରପୀଡ଼ନ ଏହି ଯଜ୍ଞର ବଧି ନୁହେଁ, ବଧି ହେଉଛୁ ଏକ ବୃହତ୍ତର ଜୀବନ । ଆପଣାକୁ ଖଣ୍ଡ ଖଣ୍ଡ କର କାଟିପକାଇ ବଲୁପ୍ତ ହୋଇଯିବା ନୁହେଁ, ମାନ ଆମର ପ୍ରକୃତତ୍ତର ମାନବୀୟ ଭାବଗୁଡ଼ିକୁ ଦ୍ରବ୍ୟତା ଦ୍ୱାରା ପୂର୍ଣ୍ଣତନ୍ତ୍ରାମିତ ସ୍ତରରେ ରୂପାନ୍ତରିତ

'oaob.nitrkl.ac.in' images reprocessed

କରଦେବା । ଆପଣାକୁ ନାନା ଯନ୍ତ୍ରଣା ଦ୍ୱାରା ପୀଡ଼ିତ ଓ ସନ୍ତ୍ରସ୍ତ କର ରଖିବା ନୁହେଁ, ମାତ୍ର ଏକ ନମ୍ନତର ପରିବର୍ତ୍ତନର କ୍ଷେତ୍ରରୁ ସେହି ବୃହତ୍ତର ପରମାନନ୍ଦର ଭୂମିକୁ ଅଗ୍ରସର ହୋଇଯିବା । ଉପରୁକ୍ତଗତ ଆମ ପ୍ରକୃତିର ଏକ ଅଶୋଧିତ ଅବସ୍ଥା କଦମାକୁ ଅଂଶତଃକୁ ପ୍ରଥମ ଅବସ୍ଥାରେ କେବଳ ଗୋଟିଏ କଥାହିଁ ଯନ୍ତ୍ରଣାଦାୟକ ବୋଲି ଅନୁଭୂତ ହୋଇଥାଏ; ସେତେବେଳେ ତା'ଠାରୁ ଯେଉଁ ଅପରିହାର୍ଯ୍ୟ ଶୃଙ୍ଖଳା ତଥା ଅନୁଶାସନର ଦାବି କରିଯାଇଥାଏ, ଅତ୍ୟନ୍ତ ଅପୂର୍ଣ୍ଣ ହୋଇ ପଡ଼ିରହିଥିବା ଆମର ଅହଂସ୍ଥିକୁ ବଳିଦାନ କରଦେବାକୁ ଯେଉଁ ତ୍ୟାଗବୃତ୍ତିଟି ଆବଶ୍ୟକ ହୋଇଥାଏ, ସେ ତାହାକୁହିଁ ବଡ଼ ଯନ୍ତ୍ରଣାଦାୟକ ବୋଲି ଅନୁଭବ କରିଥାଏ । ମାତ୍ର ଯେତେବେଳେ ଅନ୍ୟମାନଙ୍କ ଭିତରେ, ସକଳ ବସ୍ତୁ ମଧ୍ୟରେ, ବିଶ୍ୱବ୍ୟାପ୍ତ ଏହି ଏକତ୍ୱସ୍ଥିତି ମଧ୍ୟରେ, ବିଶ୍ୱାତୀତ ପରମ ଆତ୍ମା ଓ ପରମ ଚିଦ୍‌ଗତଭାର ସ୍ୱାତନ୍ତ୍ର୍ୟ ମଧ୍ୟରେ ତଥା ସେହି ପରମ ଦିବ୍ୟସତ୍ତ୍ୱର ସଂସ୍ପର୍ଶ ଲାଭ କରିବାର ସେହି ପରମୋଚ୍ଛ୍ୱାସ ମଧ୍ୟରେ ଯଥାର୍ଥରେ ଏକ ବୃହତ୍ତର ଅର୍ଥାତ୍ ପରମ ପରିପୂର୍ଣ୍ଣତାର ଆବିଷ୍କାର ସମ୍ଭବ ହୋଇଯାଏ, ସେତେବେଳେ ସେହି ଯନ୍ତ୍ରଣାନୁଭବର ଏକ ସତ୍ତ୍ୱର ଏବଂ ବହୁଗୁଣିତ କ୍ଷତିପୂରଣ ନିଶ୍ଚୟ ମିଳିଯାଇ ପାରେ । ଆମର ଏହି ଯଜ୍ଞକୁ ଆମେ ଏପରି ଏକ ଦାନ ବୋଲି କଦାପି କହିବା ନାହିଁ ଯାହାର ପ୍ରତିଦାନସ୍ୱରୂପ ଆମକୁ କିଛିହେଲେ ମିଳେ ନାହିଁ ବା ଅନ୍ୟ ପକ୍ଷଟିରୁ ସଫଳ ଭାବରେ ଗ୍ରହଣ କରିବା ଲାଗି ଆମେ କିଛିହେଲେ ପାଉ ନାହିଁ । ଏହି କ୍ଷେତ୍ରରେ ଏକ ପାରସ୍ପରିକ ଆଦାନପ୍ରଦାନହିଁ ଘଟେ; ଆମର ଭିତରେ ରହିଥିବା ଏହି ଦେହସ୍ଥ ଆତ୍ମା ତଥା ଏହି ଚେତନ ପ୍ରକୃତି ଏବଂ ସେହି ଶାଶ୍ୱତ ପରମ ଚିଦ୍‌ଗତତା ମଧ୍ୟରେ ଏକ ପାରସ୍ପରିକ ଆଦାନପ୍ରଦାନହିଁ ସଂଘଟିତ ହୁଏ । କାରଣ, ପ୍ରକୃତରେ କୌଣସି ଲାଭ ବା ପ୍ରତିଦାନର ଦାବି କରିଯାଇ ନଥିଲେହେଁ ତଥାପି ଆମ ଭିତରେ ଅତ୍ୟନ୍ତ ଗଭୀରରେ ଏହିପରି ଏକ ଜ୍ଞାନ ଅବଶ୍ୟ ରହିଥାଏ ଯେ ଏକ ଅଭ୍ରାନ୍ତ ଓ ଅତି ଚମତ୍କାର ଫଳଲାଭହିଁ ଅନନ୍ତାର୍ଯ୍ୟ ଭାବରେ ଆମ ଲାଗି ଅପେକ୍ଷା କରି ରହିଛି । ଆତ୍ମା ଖୁବ୍ ଭଲ କରି ଜାଣିଥାଏ ଯେ କେବଳ ମିଛତାରେହିଁ ସେ ପରମେଶ୍ୱରଙ୍କ ପାଖରେ ଆପଣାକୁ ସମର୍ପଣ କରିଦେଇ ନାହିଁ । ସିଏ ପ୍ରକୃତରେ କିଛିହେଲେ ଦାବି କରେ ନାହିଁ, ମାତ୍ର ତଥାପି ସେହି ଦିବ୍ୟ ପରମ ସାମର୍ଥ୍ୟ ତଥା ପରମ ସାନ୍ନିଧ୍ୟର ଅନନ୍ତ କେତେକେତେ ଔଶ୍ୱର୍ଯ୍ୟର ଅଧିକାରୀ ହୋଇଥାଏ ।

ପରିଶେଷରେ, ଏଠାରେ ଯଜ୍ଞର ଗ୍ରହୀତାଙ୍କର ବିଷୟ କହିଯାଇ, ଯଜ୍ଞର ବିଧିଟି ଉପରେ ବିଷୟ କହିଯାଇ । ଏହି ଯଜ୍ଞର ନିବେଦନ ଅନ୍ୟମାନଙ୍କ ଲାଗି କହିଯାଇପାରେ, ବା ଦିବ୍ୟ ବୃହତ୍‌ଶକ୍ତିମାନଙ୍କ ଉଦ୍ଦେଶ୍ୟରେ ମଧ୍ୟ କହିଯାଇପାରେ । ବିଶ୍ୱ ଭରି ବ୍ୟାପ୍ତ ହୋଇ ରହିଥିବା ସେହି ପରମ ସକଳଙ୍କ ଲାଗି ନିବେଦିତ ହୋଇ ପାରେ ଅଥବା ବିଶ୍ୱାତୀତ ପରମ ସଦ୍ବୋଧିପୁରୁଷଙ୍କ ଲାଗି ମଧ୍ୟ ନିବେଦିତ ହୋଇପାରେ ।

'oaob.nitrkl.ac.in' images reprocessed

ଏବଂ ଯଜ୍ଞରୂପେ ଦ୍ରଆଯାଇଥିବା ପୂଜାଟି ମଧ୍ୟ ଯେକୌଣସି ଆକାରରେ କରଯାଇ ପାରେ; କେବଳ ଏକ ପତ୍ର ବା ପୁଷ୍ପର ଉତ୍ସର୍ଗ ଦ୍ୱାରା କରଯାଇପାରେ, ଗଣ୍ଡୁଷେ ଜଳ ଦ୍ୱାରା କରଯାଇପାରେ, ମୁଠାଏ ଚଣ୍ଡୁଳ ଓ ଟେଣ୍ଡିଏ ରୁଟି ଦ୍ୱାରା ବ କରଯାଇପାରେ; ଅଥବା, ଆମ ପାଖରେ ଯାହାକିଛୁ ରହିଛି, ତାହାକୁ ଉତ୍ସର୍ଗ କରଦେଇ କିଂବା ଆମେ ବୋଲି ଆମେ ଯାହାକିଛୁ ଭବୁଛୁ, ସେହି ସବୁଟିକୁ ସମର୍ପଣ କରଦେବା ଦ୍ୱାରା ମଧ୍ୟ ତାହା କରଯାଇପାରେ । ଏହି ଷେତ୍ରରେ ଗ୍ରହଣକର୍ତ୍ତା ଯିଏ ହୋଇଥାଉ କିଂବା ଯାହାକିଛୁ ଅର୍ପଣ କରଯାଇଥାଉ ପଛକଥା, ସକଳ ବସ୍ତୁ ମଧ୍ୟରେ ଅଧିଷ୍ଠିତ ସେଇ ପରମ ସଚ୍ଚୋଟ ଏବଂ ପରମ ଶାଶ୍ୱତଈଶ ତାହାକୁ ଲଭ କରନ୍ତୁ, ତାହାକୁ ଗ୍ରହଣ କରନ୍ତୁ । ଏପରକ ଆମର ଅଭିପ୍ରେତ ସେହି ତାତ୍କାଳକ ଗ୍ରହଣକର୍ତ୍ତା ମଧ୍ୟ ତାହାକୁ ଗ୍ରହଣ ନକଲେ ବା ତାହାର ଉପେକ୍ଷା କରୁଥିଲେ ମଧ୍ୟ ପରମ ସଚ୍ଚୋଟ ସତ୍ତା ତାହାକୁ ଅବଶ୍ୟ ଗ୍ରହଣ କରନଅନ୍ତୁ । କାରଣ ଯେଉଁ ସଚ୍ଚୋଟ ପରମସତ୍ତାଙ୍କୁ ଆମେ ବ୍ରହ୍ମୋତ୍ତୀର୍ଣ୍ଣ ବୋଲି କହୁଛୁ, ସେ ଏଠାରେ ମଧ୍ୟ ଅବସ୍ଥିତ ରହିଛନ୍ତି; ସେତେ ଆବରଣ ମଧ୍ୟରେ ରହିଥିଲେ ସୁଦ୍ଧା ସେ ଆମର ଭିତରେ, ଏହି ଜଗତ ମଧ୍ୟରେ ଓ ଜଗତର ଯାବତୀୟ ଘଟଣା ମଧ୍ୟରେ ଅବସ୍ଥିତ ଅଛନ୍ତି । ସେଠାରେ ସଚ୍ଚିଦାନନ୍ଦ ପରମସାକ୍ଷୀରୂପେ ଅବସ୍ଥିତ ରହି ସେ ଆମର ସବୁବଧ କାର୍ଯ୍ୟକୁ ଗ୍ରହଣ କରୁଛନ୍ତି ଏବଂ ସେସବୁର ପ୍ରଚ୍ଛନ୍ନ ପରମପ୍ରଭୁ ହୋଇ ଅଧିଷ୍ଠିତ ଅଛନ୍ତି । ଆମର ଯାବତୀୟ କାର୍ଯ୍ୟ, ଯାବତୀୟ ପ୍ରୟାସ, ଏପରକ ଆମର ଯାହାକିଛୁ ପାପ, ଯାହାକିଛୁ ବାଟ ଚୁଣ୍ଡିବା, ଦୁଃଖଭୋଗ ତଥା ଫଗ୍ରାମ ବସସ୍ୱରେ ଆମର ଅସ୍ପଷ୍ଟ ଅଥବା ସଚେତନ ଏକ ଜ୍ଞାନ ଅବଶ୍ୟ ରହିଛି, ସେସବୁ ଅବଶ୍ୟ ଆମର ଦୃଷ୍ଟିଗୋଚର ହେଉଛି; ଅଥବା ସେଗୁଡ଼ିକ ଆମ ଲଗି ଅଜ୍ଞାତ ହୋଇ ରହିଛି, ଛଦ୍ମ ହୋଇ ରହିଛି ଏବଂ ସେଗୁଡ଼ିକର ଚରମ ପରଣାମରେ ସେହି ପରମ ଅଦ୍ୱିତୀୟଙ୍କ ଦ୍ୱାରାହିଁ ନସ୍ୱତ୍ୱିତ ହେବାରେ ଲଗିଛି । ତାଙ୍କର ଅଗଣିତ ରୂପାସ୍ୱନରେ ସେଗୁଡ଼ିକ ତାଙ୍କର ଅଭିମୁଖୀ ହୋଇ ରହିଛି ଏବଂ ସେହିଗୁଡ଼ିକର ମାଧ୍ୟମରେ ସେହି ପରମ ଏକ ସଂଗତତା ଲଗି ସମର୍ପିତ ହେବାରେ ଲଗିଛି । ଯେକୌଣସି ରୂପାସ୍ୱନରେ ଏବଂ ଯେକୌଣସି ଭବରେ ଆମେ ତାଙ୍କର ନଜରବନ୍ଦୀ ହେବାକୁ ମନ କରୁଛୁ, ସେ ସେହି ରୂପରେ ଏବଂ ସେହି ଭବରେହିଁ ଆମର ଯଜ୍ଞକୁ ସ୍ୱୀକାର କର ନେଉଛନ୍ତି ।

ଏବଂ ଏହି କର୍ମଚସ୍ୱର ଯଜ୍ଞରୁ ଲବ୍ଧ ହେଉଥିବା ଫଳ ମଧ୍ୟ କର୍ମଟି ଅନୁସାରେ ଭିନ୍ନ ହୋଇ ରହିଛି; କର୍ମଟି ମଧ୍ୟରେ ଯେଉଁ ଅଭିପ୍ରାସ୍ୱ ରହିଛି ଓ ଅଭିପ୍ରାସ୍ୱଟି ପଛରେ ଅନ୍ତର୍ଗତ ଯେଉଁ ଭବଟି ରହିଛି, ତାହାର ଅନୁସାରେ ଭିନ୍ନ ଓ ନାନାବିଧ ହୋଇ ରହିଛି । ମାତ୍ର ଅନ୍ୟ ଯାବତୀୟ ଯଜ୍ଞକୁ ଆମେ କେବଳ ଆଂଶିକ, ଅହଂପ୍ରେରିତ, ମିଶ୍ରିତ, କାଳାଧୀନ ଏବଂ ଅସମ୍ପୂର୍ଣ୍ଣ ବୋଲିହିଁ କହିବା;—ଏପରକ ସଚ୍ଚୋଟ ପରମ

'oaob.nitrkl.ac.in' images reprocessed

ଶକ୍ତି ତଥା ଚକ୍ରଗୁଡ଼ିକ ଉଦ୍ଦେଶ୍ୟରେ କରାଯାଉଥିବା ଯଜ୍ଞଗୁଡ଼ିକୁ ମଧ୍ୟ ଆମେ ଠିକ୍ ଏହି ପ୍ରକୃତିର ବୋଲି ଜାଣିବା । ସେଗୁଡ଼ିକରୁ ଲବ୍ଧ ହେଉଥିବା ଫଳ ମଧ୍ୟ ସେହିପରି ଆଂଶିକ, ସୀମାବଦ୍ଧ, କାଳାଧୀନ ଏବଂ ଆପଣାର ପ୍ରତିନିଧିସ୍ଥାଗୁଡ଼ିକର କ୍ଷେତ୍ରରେ ଅନ୍ତତଃ ମିଶ୍ରିତ; ଏବଂ କେବଳ ଏକ ଗୌଣ ଅଥବା ମଧ୍ୟବର୍ତ୍ତୀ ଉଦ୍ଦେଶ୍ୟର ସିଦ୍ଧି ଲଗି ଏହିସବୁ ଫଳର ଏକ କାର୍ଯ୍ୟସାଧକତା ରହିଥାଏ । କେବଳ ଯେଉଁ ଯଜ୍ଞଟି ସମ୍ପୂର୍ଣ୍ଣ ଭାବରେ ଗୁହ୍ୟତ ହେବାର ଯୋଗ୍ୟତା ରଖିଥାଏ, ସେଥିରେ ଏକ ଅନ୍ତରଂ, ସର୍ବୋଚ୍ଚ ଏବଂ ପରିପୂର୍ଣ୍ଣତମ ଆତ୍ମନିବେଦନଟି ରହିଥାଏ । ସେହି ପରମ ଅଦ୍ୱିତୀୟଙ୍କ ଉଦ୍ଦେଶ୍ୟରେ ସତେଅବା ମୁହାଁମୁହିଁ ସେହି ନିବେଦନ ବା ସମର୍ପଣଟି କରାଯାଇଥାଏ; ଭକ୍ତି ଏବଂ ଜ୍ଞାନ ସହିତ, ମୁକ୍ତ ଓ ଅକୁଣ୍ଠ ଭାବରେ ଢାଳା କରାଯାଇଥାଏ । ସେହି ପରମ ଅଦ୍ୱିତୀୟ ଏକାଧାରରେ ଆମର ଭିତରେ ରହିଥିବା ସେହି ଅମିତ ଆତ୍ମସତ୍ତା ହୋଇ ମଧ୍ୟ ରହିଥାନ୍ତି, ପରମ ସକଳମୂର୍ତ୍ତି ହୋଇ ସେ ଆମକୁ ଆବେଷ୍ଟନ କରି ରହିଥାନ୍ତି, ଏହି ରୂପାନ୍ତରଟିର ଅଥବା ଯେକୌଣସି ରୂପାନ୍ତରର ଅତୀତ ହୋଇ ସେହି ସର୍ବୋଚ୍ଚ ପରମ ସତ୍ୟରୂପେ ଅଧିଷ୍ଠିତ ରହିଥାନ୍ତି; ଏବଂ ପ୍ରଚ୍ଛନ୍ନ ଭାବରେ, ଏହି ସବୁକିଛିର ଏକତ୍ର ଠିଳରୂପ ହୋଇ, ସବୁଥାନରେ ଗୋପ୍ୟ ହୋଇ ରହିଥାନ୍ତି ଏବଂ ଅନ୍ତର୍ନିହିତ ସେହି ପରମ ବଶ୍ୱାତ୍ମାତତ୍ତ୍ୱାରୂପେ ପ୍ରତିଭାତ ହେଉଥାନ୍ତି । କାରଣ, ଯେଉଁ ଆତ୍ମା ଆପଣାକୁ ତାଙ୍କର ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେଇପାରେ, ସେହି ପରମେଶ୍ୱର ମଧ୍ୟ ଆପଣାକୁ ତା' ପାଖରେ ସମ୍ପୂର୍ଣ୍ଣ ଭାବରେ ଆଣି ଦେଇଥାନ୍ତି । ଯିଏ ଆପଣାର ସମୁଦାୟ ପ୍ରକୃତିକୁ ନେଇ ସମର୍ପଣ କରିଥାଏ, କେବଳ ସେହି ଆପଣାର ଆତ୍ମାକୁ ଆବଷ୍କାର କରେ । ଯିଏ ଆପଣାର ସବୁକିଛି ଦେଇପାରେ, କେବଳ ସେଇ ସବୁଠାରେହିଁ ସେହି ଦିବ୍ୟ ପରମସତ୍ୟର ସାନ୍ନିଧ୍ୟ ଲାଭ କରେ । କେବଳ ଏକ ସର୍ବୋଚ୍ଚ ଆତ୍ମ-ଉତ୍ସର୍ଗରେହିଁ ସେହି ପରମ ସର୍ବୋଚ୍ଚଙ୍କ ସାଥ ପହଞ୍ଚିପାରେ । ଆମେ ବୋଲି ଆମର ସାହାଜିକ ପରିଚୟ ରହିଛି, ଯଜ୍ଞ ଦ୍ୱାରା ସେଗୁଡ଼ିକର ଉତ୍ତୋଳନ ସମ୍ଭବ କରିପାରିଲେହିଁ ଆମେ ସେହି ସର୍ବୋଚ୍ଚ ପରମଙ୍କୁ ଆମର ଏହି ଅସ୍ତିତ୍ୱଟି ମଧ୍ୟରେ ଧାରଣ କରିବାକୁ ସମର୍ଥ ହେଉ ଏବଂ ସେହି ବଶ୍ୱାତ୍ମାତତ ପରମ ଚିଦ୍‌ଗତତାଙ୍କର ଅନ୍ତଃସଞ୍ଚାରିତ ଚେତନାଟି ମଧ୍ୟରେ ଏଇଠି ଜୀବନ ଧରି ବିଚରଣ କରିପାରୁ ।

❋

ସଂକ୍ଷେପରେ କହିଲେ, ଆମେ ଯେପରି ଆପଣାର ଜୀବନକୁ ଏକ ଚେତନାମସ୍ୟ ଯଜ୍ଞରେ ପରିଣତ କରିଦେଇ ପାରିବା, ସେଇଥିଲାଗିହିଁ ଆମ ଉପରେ ଏହିସବୁ ଦାବି କରାଯାଇଥାଏ । ଆମ ସତ୍ତାର ପ୍ରତ୍ୟେକଟି ମୁହୂର୍ତ୍ତ ଏବଂ ପ୍ରତ୍ୟେକଟି ଗତିସ୍ପନ୍ଦନକୁ ସେହି

'oaob.nitrkl.ac.in' images reprocessed

ପରମ ଶାଶ୍ୱତଙ୍କର ଉଦ୍ଦେଶ୍ୟରେହିଁ ଏକ ଅବଗ୍ନମ ଓ ଏକ ଦୃଢ଼ନଷ୍ଠ ଆତ୍ମନବେଦନରେ ପଶଣତ କଣଦେବାକୁ ପଡ଼େ । ଆମର ଯାବତୀସ୍ୱ କର୍ମକୁ,—ଆମର ମହାନତମ ଓ ଅତ୍ୟନ୍ତ ବରଲ ଏବଂ ଶ୍ରେଷ୍ଠ କର୍ମଗୁଡ଼ିକ ପଣ ଆମର କ୍ଷୁଦ୍ରତମ, ଅତ୍ୟନ୍ତ ସାଧାରଣ, ନତ୍ୟନୈମିତ୍ତିକ ତଥା ନଗଣ୍ୟ କର୍ମଗୁଡ଼ିକୁ ମଧ୍ୟ,—ଉତ୍ସର୍ଗୀକୃତ ଗୋଟିଏ ଗୋଟିଏ କର୍ମ ପଣ ସମ୍ପନ୍ନ କଣବାକୁ ହୁଏ । ଆମର ଏହି ବ୍ୟକ୍ତିତ୍ୱବାପନ୍ନ ପ୍ରକୃତିକୁ ଅନ୍ତର୍ଗତ ତଥା ବାହ୍ୟ ଗତ୍ୟାତ୍ମକତାର ଏଭଳି ଏକ ଏକକ ଚେତନାଟି ମଧ୍ୟରେ ବାସ କଣବାକୁ ପଡ଼େ, ଯାହାଙ୍କ ଆମର ଅଷ୍ଟତ ହୋଇ ରହିଥିବା ଓ ଆମର ଅହଂଟିଠାରୁ ବୃହତ୍ତର ହୋଇ ରହିଥିବା ଏକ ପରମ ସମ୍ପଦଟି ଲଗି ସମର୍ପିତ ହୋଇ ରହିଥାଏ । ଆମେ କ'ଣ ଦେଉଛୁ ଓ ତାହାକୁ କାହାକୁ ଦେଉଛୁ, ସେଥିଲଗି କୌଣସି ଅପେକ୍ଷା ନରଖି, ଆମେ ଯେ ତାହାକୁ ସକଳ ସତ୍ତାଙ୍କ ମଧ୍ୟରେ ରହିଥିବା ସେହି ଏକ ଦିବ୍ୟ ପରମସତ୍ତାଙ୍କୁହିଁ ଦେବାରେ ଲଗିଛୁ,ଏହିପର ଏକ ଚେତନାକୁ ଧାରଣ କଣ ରହିବାକୁ ପଡ଼େ । ଆମର ସବୁଠାରୁ ଅଧିକ ନତ୍ୟନୈମିତ୍ତିକ ତଥା ସବୁଠାରୁ ସ୍ଥୂଳ ଜଡ଼ଭୂମିଗତ କର୍ମଗୁଡ଼ିକୁ ମଧ୍ୟ ଏହିପର ଏକ ଉତ୍ତୋଳିତ ଅନ୍ତର୍ଭାବ ଧାରଣା କଣ ରହିବାକୁ ପଡ଼େ । ଆମେ ଯେତେବେଳେ ଖାଦ୍ୟ ଗ୍ରହଣ କରୁ, ସେତେବେଳେ ଆମେ ସତ୍ତେଯେପର ଏହି ଖାଦ୍ୟକୁ ଆମ ଭିତରେ ରହିଥିବା ସେହି ପରମ ସାନ୍ନିଧ୍ୟ ଉଦ୍ଦେଶ୍ୟରେହିଁ ଅର୍ପଣ କରୁଛୁ, ଆମକୁ ସେହିଭଳି ସଚେତନ ହୋଇ ରହିବାକୁ ହୁଏ । ଏହି ଖାଦ୍ୟାର୍ପଣକୁ ସତ୍ତେଅବା ଏକ ମନ୍ଦିରରେ ସମାହିତ ହେଉଥିବା ଏକ ଅର୍ପଣ ପଣ ପବନ ହୋଇ ରହିବାକୁ ପଡ଼େ, ଏବଂ ଏହି ଷେତ୍ରରେ ଯେ ଆମର କେବଳ ଏକ ଭୌତିକ ପ୍ରୟୋଜନହିଁ ରହିଛୁ ଓ କେବଳ ଆପଣାରହିଁ ସନ୍ତୋଷବଧାନ ଲଗି ଯେ ଆମେ ଏହି କାର୍ଯଟି କରୁଛୁ, ଏହି ବୋଧ ବା ଜ୍ଞବନାଟିକୁ ଆପଣା ଭିତରୁ ଅପସୃତ କରିବାକୁ ହୁଏ । ଯେକୌଣସି ମହାନ୍ କର୍ମପ୍ରସ୍ତାସରେ, ଯେକୌଣସି ଉଚ୍ଚାଙ୍କ ସାଧନାରେ ଓ ଯେକୌଣସି କଷ୍ଟସାଧ୍ୟ ତଥା ଦୁଃସାହସିକ ଉଦ୍ୟମରେ, ଆମେ ତାହାକୁ ଆପଣା ସକାଶେ, ଅନ୍ୟମାନଙ୍କ ସକାଶେ ବା ଆମର ଜାତି ସକାଶେ କରୁଥାଉ ପଛକେ, କିନ୍ତୁ ଦୂର ଅଗ୍ରସର ହୋଇ କେବଳ ଆମ ଜାତିଟିର, ଆମର ଅଥବା ଅନ୍ୟମାନଙ୍କର ଜ୍ଞସ୍ତିଟି ପାଖରେ ଆସି ଅଟକିଯିବା ଆଉ ଆଦୌ ସମ୍ଭବ ହୁଏ ନାହିଁ । ଆମେ କରୁଥିବା କର୍ମଟିକୁ ସମ୍ପୂର୍ଣ୍ଣ ସଚେତନ ଭାବରେ କର୍ମରୂପୀ ଏକ ଯଜ୍ଞ ପର ନବେଦନ କରିଦେବାକୁ ପଡ଼େ; ସେଇଟିକୁ ଏହିସବୁ ତାତ୍କାଳିକ ଉଦ୍ଦେଶ୍ୟ ପାଖରେ ନୁହେଁ, ମାତ୍ର ସେଗୁଡ଼ିକର ମାଧ୍ୟମରେ ହେଉ ଅଥବା ପ୍ରତ୍ୟଷ ଭାବରେ ହେଉ ପଛକେ, କେବଳ ସେହି ଅଦ୍ୱିତୀସ୍ୱ ପରମେଶ୍ୱରଙ୍କ ପାଖରେ ନେଇ ନବେଦତ କରିଦେବାକୁ ପଡ଼େ । ଏହିସବୁ ଅନ୍ତଃଟ୍ଟୀ ରୂପାସ୍ତନ ମଧ୍ୟରେ ଯେଉଁ ପରମ ଦିବ୍ୟ ଅଧିବାସୀ ଗୁପ୍ତ ହୋଇ ରହିଥିଲେ, ତାଙ୍କୁ ଆଉ ସେହିପଣ ଗୁପ୍ତ କରି ରଖିବାକୁ

'oaob.nitrkl.ac.in' images reprocessed

ପଡ଼େ ନାହିଁ; ଆମର ଆତ୍ମା, ଆମର ମନ ତଥା ଆମର ବୋଧ ସମକ୍ଷରେ ତାଙ୍କୁ ନଚ୍ୟବତ୍ଜଜିତ ହୋଇ ରହିବାକୁ ପଡ଼େ । ଏହିପର ଏକ ଅନୁଭବ ସହିତ ଆମ କର୍ମଚସ୍ୱର ଯାବତୀସ୍ୱ ସମ୍ପାଦନ ଓ ଯାବତୀସ୍ୱ ପରିଣାମକୁ ସେହି ପରମ ଅଦ୍ୱିତୀସ୍ୱଙ୍କ ହାତରେହିଁ ସମର୍ପି ଦେବାକୁ ପଡ଼େ ଯେ, କେବଳ ସେହି ଅନନ୍ତ ଓ ସର୍ବୋଚ୍ଚ ପରମ ସାନ୍ନିଧ୍ୟଙ୍କ ସକାଶେହିଁ ଆମର ଯାବତୀସ୍ୱ ପ୍ରସ୍ୱାସ ତଥା ଯାବତୀସ୍ୱ ଆସ୍ପୃହା ସମ୍ଭବ ହୋଇ ପାରୁଛି । କାରଣ ତାଙ୍କର ସୃଷ୍ଟିରେ ମଧ୍ୟ ସବୁ ପରିଚ୍ଛିନ୍ନ; ତାଙ୍କର ସକାଶେହିଁ ଆମର ଯାବତୀସ୍ୱ ପ୍ରସ୍ୱାସ ତଥା ଯାବତୀସ୍ୱ ଆସ୍ପୃହାକୁ ଆମଠାରୁ ନେଇ ପ୍ରକୃତ ତାଙ୍କର ବେଦୀ ଉପରେ ନିବେଦନ କରିଦେଇ ପାରୁଛି । ଏପରିକ, ଯେଉଁସବୁ କ୍ଷେତ୍ରରେ ଅତ୍ୟନ୍ତ ସ୍ପଷ୍ଟଭାବରେ ସ୍ୱସ୍ଥଂ ପ୍ରକୃତିହିଁ କର୍ତ୍ତା ହୋଇ ରହିଛି ଏବଂ ଆମେ ତାହାର କାର୍ଯ୍ୟର କେବଳ ଗୋଟିଏ ଗୋଟିଏ ସାକ୍ଷୀ, ଆଧାର ଅଥବା ସହାସ୍ୱକମାତ୍ର ହୋଇ ରହିଛୁ, ସେହି କ୍ଷେତ୍ରରେ ମଧ୍ୟ ଆମର ଏକ କର୍ମ ଓ ତାହାର ଦ୍ରବ୍ୟ କର୍ତ୍ତାଙ୍କର ସତ୍ତତ ସ୍ମରଣ ତଥା ସ୍ଥିରନିବଦ୍ଧ ଚେତନା ରହିଥିବା ଆବଶ୍ୟକ । ଏପରିକ ଆମର ଶ୍ୱାସ ଓ ପ୍ରଶ୍ୱାସ ଏବଂ ଆମର ହୃତ୍ସ୍ପନ୍ଦନଗୁଡ଼ିକୁ ମଧ୍ୟ କେବଳ ସେହି ବିଶ୍ୱମସ୍ୱ ଯନ୍ତ୍ରର ଜୀବନମସ୍ୱ ଛନ୍ଦରୁପେହିଁ ଆମ ଭିତରେ ସଚେତନ ରଖାଯାଇପାରେ ଓ ସେଗୁଡ଼ିକୁ ଠିକ୍ ସେହିପର ସଚେତନ କର ରଖିବାକୁହିଁ ପଡ଼ିବ ।

ଏଠାରେ ଅତି ସ୍ପଷ୍ଟ ହୋଇଯାଉଛି ଯେ ଏପର ଏକ କଳ୍ପନା ଏବଂ ତାହାର ଫଳଦାସ୍ୱୀ ସାଧନାଟି ସତ୍ତତ ଅବଶ୍ୟ ତନୋଟି ପରିଣାମ ସବୁବେଳେ ରହିଥିବ, ଏବଂ ଆମର ଆଧ୍ୟାତ୍ମିକ ଆଦର୍ଶଟି ସକାଶେ ସେଗୁଡ଼ିକର ଅତ୍ୟନ୍ତ ମହତ୍ତ୍ୱ ରହିଛି । ପ୍ରଥମରେ, ଏହି କଥାଟି ସ୍ପଷ୍ଟ ହୋଇଯାଇଛି ଯେ ଯଥୋଚିତ ଏକନିଷ୍ଠତା ନଥାଇ କୌଣସି ସାଧନା ଆରମ୍ଭ କସ୍ୱାଇଥିଲେ ମଧ୍ୟ ତାହା ଆମକୁ ସିଦ୍ଧା ଅତ୍ୟନ୍ତ ଅନିବାର୍ଯ୍ୟ ଭାବରେ ଏହି କ୍ଷେତ୍ରରେ ସମ୍ଭାବ୍ୟ ସର୍ବାଧିକ ନିଷ୍ଠାଟି ଆଡ଼କୁ ଅବଶ୍ୟ ବହନ କରି ନେଇଯିବ; କାରଣ ଆପଣାର ଗତ୍ସ୍ୱରଭାରେ ବୃଦ୍ଧିଲାଭ କର ତାହା ସ୍ୱତ୍ସ୍ୱବତଃ ଆମେ କଳ୍ପନା କରି ପାରୁଥିବା ପରିପୂର୍ଣ୍ଣତମ ଉପାସନା ଓ ଗତ୍ସ୍ୱରତମ ଈଶ୍ୱରପ୍ରେମରୂପେ ବିକଶିତ ହୋଇଉଠିବ । ଏହା ସଙ୍ଗେ ସଙ୍ଗେ ଆମକୁ ସକଳ ବସ୍ତୁରେ ଅଧିକରୁ ଅଧିକ ପରିମାଣରେ ଭଗବାନଙ୍କର ଅନୁଭବ ବା ପ୍ରାପ୍ତ ହେବାକୁ ଲଗିବ, ଆମର ସକଳ ଜୀବନରେ, ଇଚ୍ଛାରେ ଓ କର୍ମରେ ତଥା ଆମ ଜୀବନର ସକଳ ମୁହୂର୍ତ୍ତରେ ଭଗବାନଙ୍କ ସହିତ ଏକ ଅଧିକରୁ ଅଧିକ ଗତ୍ସ୍ୱର ସମ୍ମିଳନ ଅନୁଭୂତ ହେବ, ଆମ ସତ୍ତାର ସମଗ୍ରତାଟି ତାଙ୍କର ପାଖରେ ଆପଣାକୁ ଉତ୍ସର୍ଗୀକୃତ କର ରଖିବା ଲଗି ଆପଣାକୁ ଅଧିକରୁ ଅଧିକ ଅଗ୍ରସର କସ୍ୱାଇ ନେଇଥିବ । ବର୍ତ୍ତମାନ କର୍ମଯୋଗର ଏହିସବୁ ନହିଭାର୍ଥକୁ ଆମେ ଏକ ପୂର୍ଣ୍ଣ ଓ ପରମ ଭକ୍ତର ମର୍ମସ୍ପାର ବୋଲ ମଧ୍ୟ ଦେଖି କହିପାରିବା । ଯେଉଁ ସାଧକ ଆପଣା ଜୀବନରେ ସେଗୁଡ଼ିକର ସାଧନା କରିବ,

'oaob.nitrkl.ac.in' images reprocessed

ସେ ଆପଣାକୁ ଅନବରତ ଜ୍ୱବରେ ସେହି ଆତ୍ମନସ୍ତାତ୍ତ୍ୱବର ଏକ ସ୍ୱଚ୍ଛ, ସବିସ୍ତୃ ଓ ସବଳ ପ୍ରତିମୂର୍ତ୍ତିରୂପେ ଗଢିଣ କରବାରେ ଲଗିଥିବ; ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହିଥିରୁହିଁ ତା'ର ଏହି ସକଳ ସେବାର ଅଧିଷ୍ଠାନ ସେହି ପରମ ସତ୍ତୋଚ ଭଗବାନଙ୍କ ଲଗି ସବୁଠାରୁ ଅଧିକ ମଗ୍ନ କରି ରଖିବା ଭଳ ପୂଜାଟି ମଧ୍ୟ ଜ୍ଞଦ୍‌ଭୁତ ହୋଇ ଆସିବ। ସେହି ଦ୍ରବ୍ୟ ପରମ ସାନ୍ନିଧ୍ୟଙ୍କ ଲଗିହିଁ ସେ ସଦ୍ୟତା ଏକ ଅତ୍ୟନ୍ତ ଅନ୍ତରଙ୍ଗ ନବଡ଼ତା ଅନୁଭବ କରବାରେ ଲଗିଥିବ, ଏବଂ ଆପଣାକୁ ଜ୍ଞସ୍ତର୍ଗ କରି ରଖିଥିବା ସେହି କର୍ମଯୋଗୀ ଭିତରେ ତାଙ୍କର ଲଗି ଏକ ନମସ୍କନକାତ୍ମ ପ୍ରେମ ମଧ୍ୟ ବକଶିତ ହୋଇ ଆସୁଥିବ। ଏବଂ ତାହାର ସହିତ ସେହି ପରମ ଦ୍ରବ୍ୟସତ୍ତାଙ୍କୁ ଘଟରୂପେ ଧାରଣ କରି ରଖିଥିବା ଏହି ସକଳ ସତ୍ତା, ଜୀବନଧାତ୍ମ ରୂପାସ୍ତନ ତଥା ପ୍ରାଣୀମାନଙ୍କ ଲଗି ଏକ ବଶ୍ୱଗତ ପ୍ରେମ ମଧ୍ୟ ଜନ୍ମଲାଭ କରିବ ବା ତାହା ତାହାର ଅନ୍ତର୍ଗତ ହୋଇ ରହିଥିବ। ସେତେବେଳେ ସେହି ପ୍ରେମ ଅସ୍ଥିର ଜ୍ଞବରେ କ୍ଷଣକ ଲଗି ଆସି ଆମକୁ ଜ୍ଞଣ୍ଟାଇ ଧରୁଥିବା କେତୋଟି ଫବେଗମାତ୍ର ହୋଇ ରହିବ ନାହିଁ; ମାତ୍ର ତାହା ଏକ ସ୍ଥାସ୍ୱୀ ଏବଂ ସ୍ୱାର୍ଥମୁକ୍ତ ପ୍ରେମ ହୋଇ ପ୍ରକୃତ ହେବ, ଯାହାକି ଏକତ୍ୱର ଏକ ଗଭୀର ଗତିସ୍ପନ୍ଦନ ଆଣି ଦେଉଥିବ। ସକଳ ସ୍ଥାନରେ ଓ ସକଳ ବସ୍ତୁରେ ସାଧକ ଆପଣା ଉପାସନା ଓ ଆପଣା ସେବାର କେବଳ ସେହି ପରମ ବସ୍ତୁଟିକୁହିଁ ଦେଖିବାକୁ ଆରମ୍ଭ କରିବ। ସମର୍ପଣର ଏହି ମାର୍ଗଟି ଧରି କର୍ମମାର୍ଗ ଭକ୍ତିର ମାର୍ଗଟି ସହିତ ମିଳିତ ହେବା ଲଗି ଆଗତ୍ତର ହୋଇ ଆସିବ। ହୃଦୟର ବାସନାଟି ଯେତେ ଅଧିକ ପରପୁଷ୍ଟ, ଅଧିକ ନମସ୍କନକାତ୍ମ ଓ ସମସ୍ତ ଏକ ଭକ୍ତିର ଯାତତ୍ତା କରିପାରିବ ବା ମନର ଜ୍ଞସ୍ତ୍ରୁକତା ଏଭଳି ସେଇ ଭକ୍ତିର କଳ୍ପନା କରିବା ଲଗି ସମର୍ଥ ହେବ, ଏହି କର୍ମ ମଧ୍ୟ ସ୍ୱୟଂ ସେହି ଭକ୍ତିରେ ପରିଣତ ହୋଇଯାଇ ପାରିବ।

ପୁନଶ୍ଚ, ଏହି ଯୋଗର ସାଧନା ସେହି ଏକ ଓ କେନ୍ଦ୍ରସ୍ଥ ବମୋତନକାତ୍ମ ଜ୍ଞାନର ଏକ ସ୍ୱଚ୍ଛ ଅନ୍ତଃସ୍ପରଣ ଲଗି ଅପେକ୍ଷା ରଖିଥାଏ; ଏବଂ ସେହି ସ୍ପରଣଟିକୁ ପ୍ରଗାଢ଼ କରି ରଖିବା ଲଗି କର୍ମର ମାଧ୍ୟମରେ ତାହାର ଏକ ସତତ ନିସ୍ତାଣୀଳ ବାହ୍ୟୀକରଣ ମଧ୍ୟ ଆବଶ୍ୟକ ହୋଇଥାଏ। ସକଳ ଭିତରେ ସେହି ଗୋଟିଏ ଆତ୍ମାହିଁ ବଘ୍ରଜତ ରହିଛନ୍ତି, ସେହି ଏକ ପରମ ଦ୍ରବ୍ୟତାହିଁ ସବଂରୂପରେ ବଘ୍ରଜତ ରହିଛନ୍ତି, ସବୁକିଛି ସେହି ପରମ ଦ୍ରବ୍ୟତାରେହିଁ ରହିଛନ୍ତି, ସବୁକିଛି ସେହି ପରମ ଦ୍ରବ୍ୟତାହିଁ ହୋଇ ରହିଛନ୍ତି ଏବଂ ସେଇଟି ବ୍ୟତୀତ ଏହି ଅଖିଳ ଜଗତରେ ଆଉ କେଉଁଠି କିଛିହେଲେ ନାହିଁ;—ସାଧନାର ସମସ୍ତ ପୃଷ୍ଠଭୂମିରେ ଏହି ଜ୍ଞବନା ବା ଏହି ବଶ୍ୱାସଟିହିଁ ପ୍ରତିଷ୍ଠିତ ହୋଇ ରହିଥିବ, ଏବଂ ତାହାହିଁ କ୍ରମଶଃ ପରିଶେଷରେ କର୍ମଯୋଗୀର ଚେତନା ଭିତରେ ସମୁଦାସ୍ତ ଉପାଦାନରେ ପରିଣତ ହୋଇଯିବ। ଏହିଭଳି ଏକ ସ୍ଫୁଟଣ ବା

'oaob.nitrkl.ac.in' images reprocessed

ଆତ୍ମ-ଗଠନସଞ୍ଚାରଶୀଳ ଧାନକୁହଁ ଅବଶେଷରେ ତାହାର ଏକ ଗଭୀର ଏବଂ ବାଧାମୁକ୍ତ ଦୃଷ୍ଟି ଏବଂ ଏକ ସ୍ପଷ୍ଟ ଏବଂ ସଂଗ୍ରାହୀ ଚେତନାରେ ପରିଣତ ହେବାକୁ ପଡ଼ିବ ବା ତାହା ସେହିଭଳି ଏକ ଦୃଷ୍ଟି ତଥା ଚେତନାରେ ପରିଣତ ହୋଇଯିବ, ଯାହାକୁ କି ଆମେ ବର୍ତ୍ତମାନ ଏପରି ଗଭୀରତା ସହିତ ସ୍ମରଣ କରୁଛୁ ଏବଂ ଯାହା ଉପରେ ଆମେ ବର୍ତ୍ତମାନ ଏପରି ଧ୍ରୁବରେ ଧ୍ୟାନାବସ୍ଥିତ ହୋଇ ରହୁଛୁ । କାରଣ ପ୍ରତ୍ୟେକ ମୁହୂର୍ତ୍ତରେ ତାହା ଆମକୁ ସତେଅବା ବାଧ୍ୟ କଲା ପରି ସକଳ ସଜ୍ଞା, ସକଳ ଫଳଶ୍ରୁତି ଏବଂ ସକଳ କ୍ରିୟାର ସେହି ପରମ ଉତ୍ସୃଷ୍ଟି ସହିତ ସତତ ସଂଲଗ୍ନ କରି ରଖିଥିବ ଏବଂ ସେହି କ୍ଷେତ୍ରରେ ଏକାଧାରରେ ଯାବତୀୟ ବିଶେଷ ରୂପାୟନ ଓ ପ୍ରତିଭାସ ସେଗୁଡ଼ିକୁ ସେଗୁଡ଼ିକର କାରଣରୂପେ ଧାରଣ କରି ରଖିଥିବା ସେହି ପରମ ତତ୍ତ୍ୱ ମଧ୍ୟରେହିଁ ସମାବିଷ୍ଟ ହୋଇ ରହୁଥିବେ ଓ ଆପଣାର ଯାବତୀୟ ସୀମାକୁ ଅତିକ୍ରମ କରି ଯାଉଥିବେ । ଆମେ ଆମର ଏହି ଭୌତିକ ଆଖିରେ ସଂସାରର ବସ୍ତୁଗୁଡ଼ିକୁ ଯେତିକ ସ୍ପଷ୍ଟ ଓ ପ୍ରାଣମୟ ଧ୍ରୁବରେ ଦେଖୁଛୁ, ସଂଜ୍ଞ ସେହି ବିଶ୍ୱମୟ ପରମ ଚିତ୍‌ଗଭୀରାଙ୍କର କାର୍ଯ୍ୟକୁ ମଧ୍ୟ ସେତିକ ସ୍ପଷ୍ଟ ତଥା ପ୍ରାଣମୟ କରି ଦେଖି ନପାରିବା ପର୍ଯ୍ୟନ୍ତ ଏହି ମାର୍ଗଟି କଦାପି ଆପଣାର ସଂଶେଷ ଲକ୍ଷ୍ୟବିନ୍ଦୁରେ ପହଞ୍ଚି ପାରିବ ନାହିଁ । ଆପଣାର ଶିଖରଗୁଡ଼ିକରେ ପହଞ୍ଚି ତାହା ସେହି ପରମ ଅତିମାନସ ବା ପରମ ବିଶ୍ୱାତୀତରହିଁ ସାନ୍ନିଧ୍ୟ ମଧ୍ୟରେ ସତତ ବାସ କରିବାକୁ ଲାଗେ, ତାହାର ସକଳ ଧ୍ରୁବନା ତଥା ଫଳଶ୍ରୁତିରେ ପ୍ରବୃତ୍ତ ହୋଇ ରହେ, ତାହାର ମଧ୍ୟରେହିଁ ଆପଣାର ସକଳ କାର୍ଯ୍ୟ କରିବାକୁ ଲାଗେ । ଆମେ ଯାହାଙ୍କର ଉପାସନା କରୁଛୁ ଓ ସେବକ ହୋଇ ଯାହାଙ୍କର କାର୍ଯ୍ୟ କରୁଛୁ, ଆମେ ଯାହାକୁଛୁ ଦେଖିବା ବା ଶୁଣିବା, ଯାହାକୁଛୁ ସ୍ପର୍ଶ କରିବା ବା ଯାହାକୁଛୁର ବୋଧ ଗ୍ରହଣ କରିବା ତଥା ଆମେ ଯାହାକୁଛୁ ବିଷୟରେ ସଚେତନ ହେବା, ସେଗୁଡ଼ିକୁ କେବଳ ଚାଙ୍କରରୂପେହିଁ ଜାଣିବା ଏବଂ ଅନୁଭବ କରିବା । ଆମେ ସବୁକୁଛିକୁ ସେହି ପରମ ଦ୍ରବ୍ୟତାର ଏକ ମୂର୍ତ୍ତିରେହିଁ ପରିଣତ କରିଦେବା, ସବୁକୁଛିକୁ କେବଳ ଚାଙ୍କର ଦେବତ୍ୱର ଏକ ନିବାସସ୍ଥାନ ହୋଇ ଦେଖିବାକୁ ସମର୍ଥ ହେବା, ସବୁକୁଛିକୁ କେବଳ ସେହି ଶାଶ୍ୱତ ପରମ ସଂଜ୍ଞତତା ଦ୍ୱାରାହିଁ ଆଚ୍ଛାଦିତ କରି ରଖିବା । ଏବଂ, ଖୁବ୍ ବେଶୀ ଆଗରୁ ନହେଲେ ମଧ୍ୟ, ଏହାର ପରିସମାପ୍ତିସ୍ତରରେ ଦ୍ରବ୍ୟ ପରମ ସାନ୍ନିଧ୍ୟ, ପରମ ଫଳଶ୍ରୁତି ତଥା ପରମ ସାମର୍ଥ୍ୟ ସହିତ ଅନ୍ତଃସଂଯୁକ୍ତ ହୋଇ କର୍ମର ଏହି ମାର୍ଗଟି ଏକ ପୂର୍ଣ୍ଣତ୍ତର ତଥା ସମସ୍ତତ୍ତର ଜ୍ଞାନର ମାର୍ଗରେ ରୂପାନ୍ତରିତ ହୋଇଯିବ; କେବଳ ଏହି ପ୍ରାଣୀସାମର୍ଥ୍ୟଯୁକ୍ତ ବୁଦ୍ଧି ଯେଉଁପ୍ରକାର ଜ୍ଞାନର ରଚନା କରିପାରୁଛି ବା ମସ୍ତିଷ୍କଶକ୍ତିର ସକଳ ଅନୁସନ୍ଧାନ ଯେଉଁଭଳି ଜ୍ଞାନର ଆବିଷ୍କାର କରିପାରୁଛି, ତାହାଠାରୁ ଅଧିକ ପରିପୂର୍ଣ୍ଣ ତଥା ସମଗ୍ର ଏକ ଜ୍ଞାନରେ ରୂପାନ୍ତରିତ ହୋଇଯିବ ।

'oaob.nitrkl.ac.in' images reprocessed

ଶେଷରେ, ଯଜ୍ଞରୂପୀ ଏହି ଯୋଗଷ୍ଟିର ସାଧନା ଆମକୁ ଅହଂପ୍ରେରଣାର ସକଳ ଅନ୍ତରସ୍ଥ ଅବଲମ୍ବନକୁ ପରିତ୍ୟାଗ କରି ଆସିବା ଲାଗି ବାଧ୍ୟ କରିଥାଏ, ସେଗୁଡ଼ିକୁ ଆମର ମନ, ଇଚ୍ଛା ଏବଂ କର୍ମଗୁଡ଼ିକ ମଧ୍ୟରୁ କାଢ଼ି ବାହାରକୁ ଫିଙ୍ଗିଦିଏ; ଅହଂପ୍ରେରଣାର ସକଳ ବୀଜ, ସକଳ ଉପସ୍ଥିତି ଓ ସକଳ ପ୍ରଚ୍ଛବକୁ ଆମର ପ୍ରକୃତି ମଧ୍ୟରୁ ଉତ୍ପାପିତ କରିଦିଏ । କିନ୍ତୁ ଏସବୁ ସାଧାରଣତଃ ହୁଏ, ତାହାକୁ କେବଳ ସେହି ପରମ ଦ୍ରବ୍ୟତା ଲାଗିହିଁ କରିବାକୁ ହୁଏ, ସେହି ପରମ ଦ୍ରବ୍ୟତା ଲାଗିହିଁ ଉଦ୍ଦିଷ୍ଟ କରି ରଖିବାକୁ ହୁଏ । ଆପଣାକୁ ସଚ୍ଚେଅବା ଗୋଟାଏ ସ୍ୱତନ୍ତ୍ର ସତ୍ତା ବୋଲି ଭ୍ରବ ଆମ ନିଜ ପାଇଁହିଁ କିଛିହେଲେ କରିବାକୁ ପଡ଼େ ନାହିଁ; ଅନ୍ୟମାନଙ୍କ ପକାଶେ, ଅର୍ଥାତ୍ ଆମର ପ୍ରତିବେଶୀ, ବନ୍ଧୁ, ପରିବାର, ଦେଶ, ମାନବଜାତି ତଥା ଅନ୍ୟ ପ୍ରାଣୀମାନଙ୍କ ପକାଶେ, ଆମ ବ୍ୟକ୍ତିଗତ ଜୀବନ, ବଗୁର ଓ ଭ୍ରବଟି ସହିତ ସେମାନଙ୍କର କୌଣସି ସମ୍ବନ୍ଧ ରହିଛି ଅଥବା ସେମାନଙ୍କର ହିତସାଧନରେ ଆମର ଅହଂ କୌଣସି ନା କୌଣସି ବିଶେଷ ଆଗ୍ରହ ରଖିଛି ବୋଲି ପ୍ରକୃତରେ କିଛି କରିବାକୁ ପଡ଼େ ନାହିଁ । କର୍ମ ତଥା ଅବଲୋକନର ଏହି ସ୍ୱତନ୍ତ୍ରିରେ ଆମର ସକଳ କାର୍ଯ୍ୟ ତଥା ସକଳ ଜୀବନ ତାଙ୍କ ନିଜର ଏହି ବିଶାଳ ବିଶ୍ୱ-ଅସ୍ତିତ୍ୱର ଆଦୌ କୌଣସି ବେଡ଼ା ନଥିବା ମନ୍ଦିରଟିରେ କେବଳ ସେହି ପରମ ଭଗବାନଙ୍କରହିଁ ଏକ ପ୍ରାତ୍ୟହିକ ଗତିଶୀଳ ଉପାସନାରେ ପରିଣତ ହୋଇଯାଏ । ଆମର ଜୀବନ ଅଧିକରୁ ଅଧିକ ପରମାଣରେ ସେହି ଶାଶ୍ୱତ ପରମ ବିଶ୍ୱାତ୍ମାଙ୍କ ମଧ୍ୟରେହିଁ ଆପଣାକୁ ସତତ ନିବେଦିତ କରି ରଖିଥିବା ବ୍ୟକ୍ତିର ଭୂମିଟି ଉପରେ ସେହି ସନାତନ ସତ୍ତାଙ୍କର ଏକ ଯଜ୍ଞରେ ପରିଣତ ହୋଇଯାଏ । ସେହି ସନାତନ ଓ ବିଶ୍ୱଗତ ପରମ ଚିତ୍‌ଗତତାଙ୍କର କ୍ଷେତ୍ରରେ ଅବସ୍ଥିତ ବିଶାଳ ଯଜ୍ଞଭୂମିରେହିଁ ସେହି ଯଜ୍ଞ ଅର୍ପିତ କରିଯାଏ, ଏବଂ ସେହି ଶାଶ୍ୱତ ପରମା ଶକ୍ତି ଅର୍ଥାତ୍ ସର୍ବତ୍ର ବିଦ୍ୟମାନ ରହିଥିବା ପରମା ଜନନୀହିଁ ସେହି ଯଜ୍ଞର ଅର୍ପଣ କରୁଥାନ୍ତି । ତେଣୁ ଏହି ମାର୍ଗଟିକୁ ଆମେ କର୍ମ ଦ୍ୱାରା ଆପଣାକୁ ମୁକ୍ତ ଓ ସମ୍ମିଳିତ କରି ରଖିବାର ଏକ ମାର୍ଗ ବୋଲି କହିବା, କର୍ମସ୍ଥ ଚିତ୍‌ଗତତା ଓ ଜ୍ଞାନ ଦ୍ୱାରା ଆପଣାକୁ ମୁକ୍ତ ଓ ସମ୍ମିଳିତ କରି ରଖିବାର ଏକ ମାର୍ଗ ବୋଲି କହିବା; ଆମର ଇଶ୍ୱରେନ୍ମୁଖ ଯେକୌଣସି ଫଳରୁ ଯେଉଁ ପୂର୍ଣ୍ଣତା ଓ ସମଗ୍ରତା ଲାଗି ଆଶା କରିପାରିବ ଓ ଆମ ଆତ୍ମାର ବଳ ଯେଉଁ ପୂର୍ଣ୍ଣତା ଓ ସମଗ୍ରତାକୁ କାର୍ଯ୍ୟତଃ ସମ୍ଭବ କରିପାରିବ, ଏହି ମାର୍ଗଟି ଆମକୁ ଠିକ୍ ସେହିଭଳ ଏକ ପୂର୍ଣ୍ଣତା ଓ ସମଗ୍ରତା ଆଣି ଦେଇଥାଏ ।

ଏକ ସମଗ୍ର ତଥା ପରମ କର୍ମମାର୍ଗର ସକଳ ଶକ୍ତିସତ୍ତ୍ୱ ଏଥିରେ ଅବଶ୍ୟ ନିହିତ ହୋଇ ରହିଛି; ମାତ୍ର ଏଥିରେ ସେହି ପରମ ଦ୍ରବ୍ୟ-ଆତ୍ମା ଓ ପରମ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଯଜ୍ଞ ଏବଂ ଆତ୍ମନିବେଦନର ଆପଣାର ରୋଚିଷ୍ଟ ବିଧାନ ରହିଥିବାରୁ,

'oaob.nitrkl.ac.in' images reprocessed

ଏହା ପ୍ରେମମାର୍ଗ ତଥା ଜ୍ଞାନମାର୍ଗ ଦୁଇଟିଯାକର ଶକ୍ତି ଦ୍ୱାରା ସମ୍ପନ୍ନ ହୋଇ ରହିଛୁ । ଏହାର ଅନ୍ତମ ସୋପାନକୁ ଆସି ଏହି ଉନୋଟିଯାକ ଦ୍ରବ୍ୟ ସାମର୍ଥ୍ୟ ପରସ୍ପର ସହିତ ସମ୍ମିଳିତ ହୋଇଯାଆନ୍ତି, ଏକତ୍ରବଦ୍ଧ ହୁଅନ୍ତି, ପରିପୂର୍ଣ୍ଣ ହୁଅନ୍ତି ଓ ସ୍ୱଂସାମର୍ଥ୍ୟଯୁକ୍ତ ହୁଅନ୍ତି ଏବଂ ଏକଜ କାର୍ଯ୍ୟ କରିବାକୁ ଆରମ୍ଭ କରନ୍ତି ।

*

ପରମ ଦ୍ରବ୍ୟ ଶାଶ୍ୱତସତ୍ତା ହେଉଛନ୍ତି ଆମର ସକଳ କର୍ମରୂପୀ ଯଜ୍ଞର ପରମ ପ୍ରଭୁ; ଏବଂ ଆମର ସକଳ ସତ୍ତା, ସକଳ ଚେତନା ତଥା ଏହାର ସାବଯୟ ପ୍ରକାଶସାଧନର ଭୂମିରେ ତାଙ୍କର ସହିତ ସଂଯୁକ୍ତ ଓ ସମ୍ମିଳିତ ହୋଇପାରିବା ହେଉଛୁ ଏହି ଯଜ୍ଞର ଗୋଟିଏ ଲକ୍ଷ୍ୟ । ତେଣୁ, ପ୍ରଥମତଃ, ଆମର ପ୍ରକୃତି ଭିତରେ ଯେଉଁ ପ୍ରକୃତି ବା ସାମର୍ଥ୍ୟଟି ଆମକୁ ସେହି ଦ୍ରବ୍ୟ ପରମପ୍ରକୃତିର ନକଟତର କରାଇ ଆଣିଥାଏ, ସେଇଟି ପ୍ରକୃତିରେ କେତେଦୂର ବୃଦ୍ଧିଲାଭ କରୁଛୁ, ଏବଂ ଦ୍ୱିତୀୟତଃ, ସେହି ପରମ ଦ୍ରବ୍ୟତା, ତାଙ୍କର ଉପସ୍ଥିତି, ଆମ ଆଗରେ ତାଙ୍କର ଅଭିବ୍ୟକ୍ତି ଏବଂ ସେହି ପରମ ସାନ୍ନିଧ୍ୟଟି ସହିତ ଆମର ନକଟତବର୍ତ୍ତିତା ଓ ଆମର ସମ୍ମିଳନ ବିଷୟରେ ଆମେ ପ୍ରକୃତିରେ କେତେଦୂର ଅନୁଭୂତି ଲାଭ କରିବାରେ ସମର୍ଥ ହେଉଛୁ, ଆମ କର୍ମରୂପୀ ଯଜ୍ଞର ପଦକ୍ଷେପଗୁଡ଼ିକୁ ଆମେ ତାହାର ମାଧ୍ୟମରେହିଁ ଚଳାବାର ଚେଷ୍ଟା କରିବା । ମାନି ମର୍ମତଃ ସେହି ପରମ ଦ୍ରବ୍ୟତା ସଦାବା ଅନ୍ତଃସ୍ଥାନ ହୋଇ ରହିଛନ୍ତି ଓ ତାଙ୍କର ଅଭିବ୍ୟକ୍ତି ମଧ୍ୟ ସେହିପରି ବହୁଳ ଭାବରେ ଅନନ୍ତ ହୋଇ ରହିଛୁ । ଏବଂ ଯଦି ତାହାହିଁ ହୋଇଥାଏ, ତେବେ କେବଳ ଗୋଟିଏ ପ୍ରକାରର ଉପଲବ୍ଧି ଦ୍ୱାରା ଆମ ସତ୍ତା ତଥା ପ୍ରକୃତିର ସମଗ୍ର ପରିପୂର୍ଣ୍ଣତା ପ୍ରକୃତିରେ ଆସିପାରିବ ବୋଲି ଆଦୌ ସମ୍ଭବ ଲାଗୁ ନାହିଁ । ତେଣୁ ଏହାକୁ ଭଗବତ୍-ଅନୁଭୂତିର ବିଭିନ୍ନ ରଙ୍ଗକୁ ଏକତ୍ର କଲ ରଖିବାକୁ ପଡ଼ିବ । ତଦାତ୍ମକ ହେବାର କେବଳ କୌଣସି ଗୋଟିଏ ଧାରାକୁ ତାହାର ପରମୋଚ୍ଚ ପର୍ଯ୍ୟାୟ ବା ସୋପାନଯାଏ ଉତ୍ତୀର୍ଣ୍ଣ କରି ନେଇଯିବା ପର୍ଯ୍ୟନ୍ତ ଏକାଙ୍ଗୀ ଭାବରେ ଅନୁସରଣ କଲେ ଯଥାର୍ଥ ଉପଲବ୍ଧି କଦାପି ସମ୍ଭବ ହେବ ନାହିଁ । ତେଣୁ ଏହାକୁ ପରମ ଅନନ୍ତଙ୍କର ଅନେକତ୍ୱର ବହୁତ୍ୱ ମଧ୍ୟରେ ଏକ ସମଞ୍ଜସତା ଆଣିବାକୁ ପଡ଼ିବ । ଆମର ଚେତନା ଏକ ସମଗ୍ର ଚେତନା ହୋଇ ବିକାଶଲାଭ କରିବ ଏବଂ ଆମର ଅନୁଭୂତି ଗତ୍ୟାତ୍ମକ ଭାବରେ ବହୁଧାତ୍ମକ ଓ ବହୁରୂପ ହୋଇ ରହିବ;—ଆମ ପ୍ରକୃତିର ପୂର୍ଣ୍ଣ ରୂପାନ୍ତର ଲାଗି ଆମେ ଏହାକୁହିଁ ଅତ୍ୟାବଶ୍ୟକ ବୋଲି ଜାଣିରଖିବା ।

ଏହି ପରମ ଅନନ୍ତଙ୍କର କୌଣସି ପ୍ରକାର ପୂର୍ଣ୍ଣ ସମଗ୍ର ଜ୍ଞାନ ଅଥବା ଅନେକମୁଖୀ ଅନୁଭୂତି ଲାଭ କରିବାକୁ ହେଲେ ଗୋଟିଏ ମୌଳିକ ଅନୁଭବକୁ ଆମେ ସଦାବା ମୌଳିକ ବୋଲି ଜାଣିବା । ଅର୍ଥାତ୍ ଆମେ ପରମ ଦ୍ରବ୍ୟତାକୁ ତାଙ୍କର

'oaob.nitrkl.ac.in' images reprocessed

ସାରଭୂତ ସତ୍ତ୍ୱ ଏବଂ ସତ୍ତ୍ୟର ଭୂମିରେ ଉପଲବ୍ଧି କରିବା, କୌଣସି ରୂପାପ୍ତନ ଅଥବା କୌଣସି ପ୍ରତ୍ତାସ ସେଉଁଥିରେ କ ଆଦୌ କୌଣସି ପ୍ରକାର ବକ୍ଷେପ କଂବା ପରିବର୍ତ୍ତନ ଆଣିଦେଉ ନଥିବେ । ତା' ନହେଲେ ପ୍ରତ୍ତାସର ଜାଲ ଭିତରେ ଆସି ପଡ଼ିଯିବାର ଆଶଙ୍କାଟି ସବଦା ବଦ୍ୟମାନ ରହିଥିବ ବା ବଣ୍ଣାତ୍ମକ ଅଥବା ବଶେଷାତ୍ମକ ନାନା ବତ୍ତ୍ୱରେ କେବଳ ଏକ ବଦ୍ରୁଳ ଗହନ ଭିତରେ ବମୂଢ଼ ହୋଇ ଭ୍ରମି ବୁଲିବାରହିଁ ଏକ ଆଶଙ୍କା ରହିଥିବ; ଏବଂ ସେହି କ୍ଷେତ୍ରରେ ଏହିପରି ବମୂଢ଼ ଜ୍ଞାନରେ ଛନ୍ଦ ହୋଇଯିବାକୁ ଏଡ଼ି ଗ୍ଲଇଯିବା ଲଗି ମନ ବଳାଇଲେ ସେଥିଲଗି ତା'ର ମୂଳ ସ୍ୱରୂପ ଆମକୁ ଦ୍ରୁଏତ କୌଣସି ଏକ ମାନସିକ ସୃଜ୍ଞକାଠିନ୍ୟ ଭିତରେ ବାନ୍ଧହୋଇ ରହିବାକୁ ପଡ଼ିବ ଅଥବା ଏକ ଅତର୍ଗୀମାବଦ୍ଧ ବ୍ୟକ୍ତିଗତ ଅନୁଭୂତି ଭିତରେ ଆପଣାକୁ କଳିକର ରଖିବାକୁ ପଡ଼ିବ । ଆମେ ଯାହାକୁ ଜୀବନ ନୋଲି କହୁଛୁ, ତାହା ହେଉଛି ଏକ ଅସ୍ପଷ୍ଟ ପରମାତ୍ମସତ୍ତ୍ୱା ତଥା ପରମ ଚିତ୍‌ଗତତାରହିଁ ଅଭିବ୍ୟକ୍ତି ମାତ୍ର; ଏବଂ ଏହି ପରମ ଚିତ୍‌ଗତତା ସହିତ ତାହାର ଆପଣାର ବସ୍ପଷ୍ଟ ସତ୍ତ୍ୱାଗୁଡ଼ିକର ଯଥାର୍ଥ ସମ୍ବନ୍ଧଟି ହେଉଛି ସେହି ଜୀବନର ରହସ୍ୟୋଦ୍‌ଘାଟନ କରିବା ଲଗି ଆମର ସବୁଠାରୁ ବଡ଼ ଗ୍ଭବକାଠି;—କେବଳ ଏହି ଗୋଟିଏ ଦୃଢ଼ମୂଳ ଏବଂ ସଂଘସମାବେଶ-କାରୀ ସତ୍ତ୍ୟହିଁ ବଶ୍ୱଜଗତର ପ୍ରକୃତ ମୂଳଭିତ୍ତି ହୋଇ ରହିଛି । ଏହି ସମୁଦାୟ ଜୀବନଟିର ପଛରେ ଏପରି ଏକ ଶାଶ୍ୱତ ପରମସତ୍ତ୍ୱାର ଅବଲୋକନ ପ୍ରତିଫଳିତ ହୋଇଛି, ଯାହାକି ତାହାର ମଧ୍ୟଦେଇ ଆପଣାର ଏହି ବଦ୍ଭୁତ ସମ୍ଭୂତଗୁଡ଼ିକ ଉପରେ ଦୃଷ୍ଟିପାତ କରିବାରେ ଲଗିଛି । ଏହି ଜୀବନର ତତ୍ତ୍ୱାଦିଗରେ ଏକ ଅବ୍ୟକ୍ତ ଓ କାଳାତୀତ ପରମସତ୍ତ୍ୱାର କାଳଗତ ଏକ ଅଭିବ୍ୟକ୍ତିରହିଁ ଆଚ୍ଛାଦନ ତଥା ଅନ୍ତଃଭେଦନଟି ସବଂଜ ବ୍ୟାପ୍ତ ହୋଇ ରହିଛି । ମାନ ଆମର ଆତତ୍ତ୍ୱ ଯୋଗଟି ଯଦି କେବଳ ଏକ ବୌଦ୍ଧିକ ତଥା ଚାତ୍ତ୍ୱିକ ଧାରଣାରହିଁ ଧାବନମାନ ହୋଇଥାଏ ଏବଂ ଯଦି ଏଥିରେ ଜୀବନ ଲଗି ଲେଶମାନ ସ୍ଥାନ ନଥାଏ ବା ଯାହାର କୌଣସି ଫଳହିଁ ଫଳୁ ନଥାଏ, ତେବେ ସେଥିରେ ଏହି ଜ୍ଞାନଟି ଲଗି ଆଦୌ କୌଣସି ମୂଲ୍ୟ ରହିବ ନାହିଁ । ଖାଲି ମନର ଭୂମିରେହିଁ କୌଣସି ଉପଲବ୍ଧି ସାଧକ ଲଗି କଦାପି ଯଥେଷ୍ଟ ହୋଇପାରିବ ନାହିଁ । ମାନ କେବଳ ଜ୍ଞବନାର ଅଥବା କେବଳ ମନର କୌଣସି ସତ୍ତ୍ୟର ଅନୁସନ୍ଧାନ କରିବାହିଁ ଯୋଗର ଧେସ୍ୟ ନୁହେଁ; ଆମର ଯୋଗ ଏକ ଜୀବନମସ୍ୟ ଏବଂ ଆପ୍ରୋନ୍ମୋତନସମର୍ଥ ଚିତ୍‌ଗତ ଅନୁଭବର ସେହି ଗଭୀରତଳ ସତ୍ତ୍ୟଟିରହିଁ ଅନୁସନ୍ଧାନ କରି ବାହାରିଛି । ଏବଂ ଏଥିଲଗି ଆମ ଭିତରେ ଏକ ସତ୍ତତ ଅନ୍ତରଧ୍ୟସ୍ଥିତ ଏବଂ ସବଂବ୍ୟାପକ ଚୈତନ୍ୟକୁହିଁ ଜାଗ୍ରତ କରି ଆଣିବାକୁ ପଡ଼ିବ; ଏକ ଜୀବନ୍ତ ବୋଧ, ଏକ ନିବିଡ଼ ଅନୁଭବ ଏବଂ ଅନ୍ତର୍ମିଳନ, ତଥା ସବୁସ୍ଥାନରେ ଓ ସବଂଦା ଏକ ସତ୍ତ୍ୟମସ୍ୟ ଏବଂ ଅନନ୍ତ ପରମ

'oaob.nitrkl.ac.in' images reprocessed

ସାନ୍ନିଧ୍ୟର ଏକ ମୂର୍ତ୍ତିମନ୍ତ ବୋଧ ଓ ମୂର୍ତ୍ତିମନ୍ତ ସ୍ପର୍ଶକୁ ଜାଗ୍ରତ କରି ଆଣିବାକୁ ପଡ଼ିବ । ସେହି ସାନ୍ନିଧ୍ୟକୁ ଆମ ଭିତରେ ସେହି ଜୀବନମସ୍ତ ଓ ସର୍ବଗତ ପରମ ସତ୍ତ୍ୟ ହୋଇ ଅବସ୍ଥିତ ରହିବାକୁ ପଡ଼ିବ, ଯାହା ଭିତରେ କି ଆମେ ଭଥା ସକଳ ବସ୍ତୁ ଅବସ୍ଥାନ କରୁଥିବେ, ବିଚରଣ କରୁଥିବେ ଏବଂ ସତ୍ତିସ୍ୱ ହୋଇ ରହିଥିବେ; ଏବଂ ଆମକୁ ମଧ୍ୟ ସେହି ସାନ୍ନିଧ୍ୟକୁ ସର୍ବଦା ଓ ସବୁଠାରେ ଅନୁଭବ କରିପାରିବାକୁ ହେବ; ତାହାକୁ ମୂର୍ତ୍ତିମନ୍ତ ଓ ଦୃଶ୍ୟମାନ ଜ୍ଞାନରେ ଏବଂ ସକଳ ବସ୍ତୁରେ ଅବସ୍ଥାନ କରୁଥିବା ପରି ଅନୁଭବ କରି ପାରିବାକୁ ହେବ । ସେହି ସାନ୍ନିଧ୍ୟଟି ଯେ ସକଳ ବସ୍ତୁର ଯଥାର୍ଥ ଆତ୍ମା ହୋଇ ରହିଛନ୍ତି, ତାହା ଆମକୁ ଜଳଜଳ ହୋଇ ଦିଶୁଥିବ; ସମସ୍ତଙ୍କର ଅନ୍ତଃସାରରୂପେ ତାହା ଆମକୁ ଆପଣାର ସ୍ପର୍ଶ ଦେଇଯାଇ ପାରୁଥିବ ଏବଂ ସେମାନଙ୍କର ଅନ୍ତରତମ ପରମ ଚିଦ୍‌ଗତତ୍ତାରୂପେ ଆମକୁ ତାହାର ନିବିଡ଼ ପରିଚୟ ଦେଇ ପାରୁଥିବ । ଅର୍ଥାତ୍ ତାହା, ସେହି ପରମ ଆତ୍ମା ଏବଂ ଚିଦ୍‌ଗତତ୍ତାକୁ ଆମେ କେବଳ ମନ ଦ୍ୱାରା ଧାରଣା ବା କଳ୍ପନାହିଁ କରିବା ନାହିଁ; ଆମେ ଏଇଠି ସକଳ ସତ୍ତା ଓ ସକଳ ଘଟଣାରେ ସଜଳପ୍ରକାରେ ତାହାକୁହିଁ ଦେଖିବା, ତାହାକୁହିଁ ଅନୁଭବ ତଥା ଗ୍ରହଣ କରିପାରିବା ଏବଂ ଠିକ୍ ସେହିପରି ଜୀବନ୍ତ ଜ୍ଞାନରେହିଁ ସକଳ ଅସ୍ତିତ୍ୱଗୁଡ଼ିକୁ ମଧ୍ୟ ଆମେ ଏହି ପରମ ଆତ୍ମା ଏବଂ ଚିଦ୍‌ଗତତ୍ତା ମଧ୍ୟରେ ଅନୁଭବ କରିବାକୁ ସମର୍ଥ ହେବା;—ଏହି ସର୍ବମୂଳ ଅନୁଭୂତିଟିହିଁ ଆପଣା ମଧ୍ୟରେ ଅନ୍ୟ ସକଳପ୍ରକାର ଜ୍ଞାନକୁ ସମ୍ଭାର ରଖିଥିବ ।

ବସ୍ତୁଗୁଡ଼ିକର ଏହି ଅନନ୍ତ ଏବଂ ଶାଶ୍ୱତ ପରମାତ୍ମସତ୍ତା ହେଉଛନ୍ତି ଏକ ସର୍ବଗତ ପରମ ସତ୍ତ୍ୟ; ତାହା ସର୍ବଦା କେବଳ ସେହି ଗୋଟିଏ ଅସ୍ତିତ୍ୱରୂପେହିଁ ବିଦ୍ୟମାନ ରହିଛନ୍ତି । ଗୋଟିଏ ସର୍ବବ୍ୟାପ୍ତ ସତ୍ତାରୂପେ ତାହା ସବୁଠାରେ ରହିଛନ୍ତି ଓ ସବୁକିଛିକୁ ଏକସୂତ୍ରବଦ୍ଧ କରି ରଖିଛନ୍ତି, ଭିନ୍ନଭିନ୍ନ ପ୍ରାଣୀଙ୍କ ମଧ୍ୟରେ ତାହା କଦାପି ଭିନ୍ନଭିନ୍ନ ହୋଇ ରହି ନାହିଁ । ଏହି ଜଗତରେ ପ୍ରତ୍ୟେକ ଆତ୍ମା ଓ ପ୍ରତ୍ୟେକ ରୂପାୟନରେ ଆମେ ତାହାକୁ ତାହାର ପରିପୂର୍ଣ୍ଣ ରୂପରେହିଁ ସାକ୍ଷାତ କରିପାରିବା, ଦେଖିପାରିବା ଓ ଅନୁଭବ କରିପାରିବା । କାରଣ ତାହାର ଅନନ୍ତତା ହେଉଛନ୍ତି ଏକ ଆଧ୍ୟାତ୍ମିକ ଏବଂ ମୂଳଭୂତ ଅନନ୍ତତା; ଆମେ ତାହାକୁ କଦାପି କେବଳ ଦେଶସ୍ଥ ଅଶେଷତା ବା କାଳସ୍ଥ ଏକ ଅସୀମତା ବୋଲି ଆଦୌ କହିପାରିବା ନାହିଁ । ପରମ ଅନନ୍ତତାକୁ ଆମେ ଯୁଗଯୁଗର ଏକ ଦୀର୍ଘ ଅବଧି ଅଥବା କେତେକେତେ ସୂର୍ଯ୍ୟ ମଣ୍ଡଳର ମଝିରେ ଥିବା ସେହି ଅତିବସ୍ତୃତ ବିଶାଳତା ମଧ୍ୟରେ ଯେପରି ଅନୁଭବ କରିପାରିବା, ଏକ କ୍ଷୁଦ୍ରାତିକ୍ଷୁଦ୍ର ପରମାଣୁ ଅଥବା ଗୋଟିଏ ମୁହୂର୍ତ୍ତର ଏକ କ୍ଷୁଦ୍ରାବଧି ମଧ୍ୟରେ ବି ଠିକ୍ ସେହିପରି ଜୀବନରେ ଅନୁଭବ କରିପାରିବା । ଯେକୌଣସି ସ୍ଥାନରେ ଆମେ ସେହି ଅନନ୍ତତାକୁ ଜାଣିବାକୁ ବା ଅନୁଭବ କରିବାକୁ ଆରମ୍ଭ କରିପାରିବା,

'oaob.nitrkl.ac.in' images reprocessed

ଏବଂ ଯେକୌଣସି ବସ୍ତୁର ମାଧ୍ୟମରେ ବ ତାହାର ସେହି ଜ୍ଞାନ ଓ ଅନୁଭୂତ ଆପଣାକୁ ଅବଶ୍ୟ ବ୍ୟକ୍ତ କରଦେଇ ପାରିବ । କାରଣ ପରମ ଦ୍ରବ୍ୟତା ସବୁର ଭିତରେ ରହିଛୁ ଏବଂ ସବୁକିଛୁ କେବଳ ସେହି ପରମ ଦ୍ରବ୍ୟତାରୁପେହିଁ ଅବସ୍ଥିତ ରହିଛୁ ।

ମାନ ଏହି ମୂଳଭୂତ ଅନୁଭବଟି ତଥାପି ଭିନ୍ନଭିନ୍ନ ପ୍ରକୃତ ଲଗି ଭିନ୍ନଭିନ୍ନ ସ୍ତରରେହିଁ ଆରମ୍ଭ ହେବ; ଏବଂ ଆପଣାର ସହସ୍ର ସ୍ତର ମଧ୍ୟରେ ତାହା ଯାହାକିଛୁ ପ୍ରଚ୍ଛନ୍ନ କରି ଧରିରଖିଛୁ, ସେହି ସକଳ ସତ୍ତ୍ୟକୁ ବକଶିତ କରି ଆଣିବା ଲଗି ତାହା ନଶ୍ଚୟ ଦୀର୍ଘ ସମୟ ନେବ । ସେହି ଶାଶ୍ୱତ ପରମ ସାନ୍ନିଧ୍ୟଟିକୁ ମୁଁ ମୋର ଭିତରେ ସଂପ୍ରତ୍ୟକ୍ଷ ହୁଏତ ଦେଖିବାକୁ ବା ଅନୁଭବ କରିବାକୁ ଆରମ୍ଭ କରିବ, ତାକୁ ମୋ ନଜରୁପେହିଁ ଦେଖିବ ଓ ଅନୁଭବ କରିବ ଏବଂ କେବଳ ତା'ପରେ ଯାଇ ମୋର ଏହି ବୃହତ୍ତର ଆତ୍ମଦୃଷ୍ଟି ତଥା ଆତ୍ମବୋଧଟିକୁ ସକଳ ପ୍ରାଣୀଙ୍କ ମଧ୍ୟକୁ ପ୍ରସାରିତ କରଦେଇ ପାରିବ । ସେତେବେଳେ ମୁଁ ଜଗତକୁ ମୋର ଭିତରେ ଦେଖିବ ବା ମୋର ସହିତ ଏକାତ୍ମକ-ରୂପେ ଦେଖିବ । ବଶ୍ୱଜଗତକୁ ମୋର ଆପଣା ସତ୍ତାଟି ମଧ୍ୟରେ ଏକ ଦୃଶ୍ୟପଟରୂପେ ଦେଖିବାକୁ ଲଗିବ, ତା'ର ଯାବତୀୟ ପ୍ରତିଯୋଗିତାର ଲୀଳାକୁ ମୋର ବଶ୍ୱାତ୍ମକ ଆତ୍ମଚେତନା ମଧ୍ୟରେ କେତେ ରୂପାୟନ, କେତେ ଆତ୍ମା ତଥା କେତେକେତେ ଶକ୍ତିମତ୍ତାର ଏକ ଗତିସଚଳତାରୂପେ ଦେଖିବ । ମୁଁ ଯୁଆଡ଼େ ଗିବ ବା ଯୁଆଡ଼େ ଅନାଇବ, କେବଳ ଆପଣାକୁହିଁ ଦେଖିବ ଏବଂ ଆହୁ ଅନ୍ୟ କାହାକୁ କଦାପି ଦେଖିବ ନାହିଁ । ଏଠାରେ ଖୁବ୍ ଭଲ କରି ସ୍ମରଣ ରଖିବାକୁ ପଡ଼ିବ ଯେ ସେତେବେଳେ ମୋ ଭିତରେ ସେହି ଅସୁର ବା ଦାନବର ଭ୍ରାନ୍ତି ଲଗି ଆଦୌ କୌଣସି ସ୍ଥାନ ନଥିବ, ଯିଏକି ସବୁବେଳେ କେବଳ ଆପଣାରହିଁ ଅନ୍ତରକ୍ତ ପରମାଣରେ ବସ୍ତାରିତ ହୋଇ ରହିଥିବା ସୃଷ୍ଟିଟି ମଧ୍ୟରେ ବାସ କରି ରହିଥାଏ, ଅହଂକୁ ଆତ୍ମା ବୋଲି ଭୁଲ୍ କରୁଥାଏ, ତାକୁ ଚିଦ୍‌ଗତତା ବୋଲି ଭାବୁଥାଏ ଏବଂ ଆପଣାର ସମଗ୍ର ପରିପାର୍ଶ୍ୱଟି ଉପରେ ଆପଣାର ଖଣ୍ଡଧର୍ମୀ ବ୍ୟକ୍ତିତ୍ୱଟାକୁହିଁ ଏକମାତ୍ର ସଂପ୍ରତ୍ୟକ୍ଷସମ୍ପନ୍ନ ସତ୍ତା ବୋଲି ଲଦି ରଖିବାର ଉଦ୍ୟମ କରିବାରେ ଲଗିଥାଏ । କାରଣ ଯଥାର୍ଥ ଜ୍ଞାନଟିର ଅଧିକାଶ୍ଚ ହୋଇ ମୋର ପୂଂରୁହିଁ ଏହି ସତ୍ତ୍ୟଟିର ଉପଲବ୍ଧି ହୋଇଯାଇଥାଏ ଯେ ମୋର ପ୍ରକୃତ ଆତ୍ମା କଦାପି ଅହଂ ନୁହେଁ, ତାହା ଅହଂଠାରୁ ଏକାନ୍ତ ଭିନ୍ନ; ତେଣୁ ମୋର ବୃହତ୍ତର ଆତ୍ମଭବଟିକୁ ମୁଁ ସବଦା ହୁଏତ ଏକ ନୈର୍ବ୍ୟକ୍ତିକ ପରମ ବ୍ୟାପ୍ତିଯୁକ୍ତତାରୂପେ ଅନୁଭବ କରୁଥାଏ, ଅଥବା ତାହାକୁ ଏପରି ଏକ ସାରଭୂତ ପରମ ବ୍ୟକ୍ତିତ୍ୱବାପନ୍ନତାରୂପେ ଅନୁଭବ କରୁଥାଏ, ଯାହାକି ତଥାପି ଆପଣାର ସୀମାଟି ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇଯାଇ ସକଳ ବ୍ୟକ୍ତିତ୍ୱକୁ ଆପଣାର ଅନ୍ତର୍ଭୁକ୍ତ କରି ରଖିଥାଏ ଅଥବା ସେହି ଦୁଇଟିଯାକକୁହିଁ ଏକତ୍ର ଧାରଣ କରି ରହିଥାଏ । ମାନ ଦୁଇଟିଯାକ

'oaob.nitrkl.ac.in' images reprocessed

କ୍ଷେତ୍ରରେ, ଅର୍ଥାତ୍ ଏକ ପରମ ନୈର୍ବ୍ୟକ୍ତିକଭାରୂପେ ହେଉ ଅଥବା ସେହି ଅମେସ୍ୱ ପରମ ବ୍ୟକ୍ତିରୂପ ଜ୍ଞାନରେ ହେଉ ବା ଏକତ ଦୁଇ ଜ୍ଞାନରେ ହେଉ, ଏହା ଅହଂର ସୀମାକୁ ଅତିକ୍ରମ କରି ଯାଇଥିବା ଏକ ପରମ ଅନନ୍ୟରୂପେହିଁ ଅବସ୍ଥିତ ରହିଥାଏ। ଯାହାକୁ ମୁଁ 'ମୁଁ ନଜେ' ବୋଲି କହୁଛି, ଯଦି ପ୍ରଥମେ ତାହାର ରୂପରେହିଁ ମୁଁ ତାହାର ଅନୁସନ୍ଧାନ କରି ବାହାରିଥାଏ ଏବଂ ତାହାର ଆବିଷ୍କାର କରିଥାଏ, ଏବଂ ଯଦି ମୁଁ ଅନ୍ୟମାନଙ୍କ ଭିତରେ ତାକୁ ଖୋଜି ନଥାଏ ବା ଦେଖି ନଥାଏ, ତେବେ ତାହାର କାରଣ ହେଉଛି ଯେ ମୋ ଆପଣା ଚେତନାଟି ମୋର ନିଜ ଭିତରେ ଆଶସ୍ୱରୂପେ ଅବସ୍ଥିତ ଥିବାରୁ, ସେହିଠାରେହିଁ ସେହି ପରମ ଆତ୍ମଦରକୁ ଆବିଷ୍କାର କରିବା, ତାକୁ ସଙ୍ଗେସଙ୍ଗେ ଜାଣିବା ଓ ତାହାର ଉପଲବ୍ଧି କରିବା ମୋ ଲାଗି ସବୁଠାରୁ ଅଧିକ ସହଜ। ମାନ ଏହି ପରମ ଆତ୍ମସ୍ୱରୂପଟିର ଦର୍ଶନ ମିଳିଯିବା ମାନକେ ଯଦି ଏହି ଅଭିଳାଷୀଟି ଓ ସାଧନମାନ ଆମର ଅହଂଟି ଆପଣାକୁ ତାହାର ଭିତରେ ବିଲୀନ କରିଦେବାକୁ ଆରମ୍ଭ ନକରେ, ଯଦି ଏହି କ୍ଷୁଦ୍ରତର, ବାହ୍ୟ ତଥା ମନ ଦ୍ୱାରା ରଚିତ 'ମୁଁ'ଟି ସେହି ବୃହତ୍ତର, ଚରନ୍ତନ, ଅବସ୍ୱସ୍ଥ ତଥା ଚିଦ୍‌ଗତ ପରମ 'ମୁଁ'ଟି ଭିତରେ ଅନ୍ତର୍ହିତ ହୋଇଯିବାକୁ ଅସମ୍ମତି ପ୍ରକାଶ କରେ, ତେବେ ଅବଶ୍ୟ କହିବାକୁ ପଡ଼ିବ ଯେ ମୋର ଉପଲବ୍ଧିଟି ଦୁଏତ ପ୍ରକୃତରେ ଏକ ଯଥାର୍ଥ ଉପଲବ୍ଧି ନୁହେଁ, ଅଥବା ଏହାର ମୂଳରେହିଁ କୌଣସି ଅପୂର୍ଣ୍ଣତା ତାହାକୁ ନିଷ୍ଫଳ ଅସମର୍ଥ କରି ରଖିଛି। ଅର୍ଥାତ୍, ମୋ ଭିତରେ କେଉଁଠି ନା କେଉଁଠି ଏକ ଅହଂଘନାତ୍ମିକ ପ୍ରତିବନ୍ଧକ ଅବଶ୍ୟ ରହିଛି; ମୋ ପ୍ରକୃତର କୌଣସି ନା କୌଣସି ଅଂଶ କେବଳ ଆପଣାକୁହିଁ ସବୁକିଛି ବୋଲି ଦେଖିଥିବା ଏବଂ କେବଳ ସେଇଟିକୁହିଁ ସଂସ୍ୱରୂପେ ଆଦୋର ରଖିଥିବା ଏକ ନଞ୍ଚେଧକୁ ପରମ ଚିଦ୍‌ଗତଭାର ସେହି ସ୍ୱଂ-ଗ୍ରହଣକାରୀ ସଚ୍ଚିତ୍ତିର ବରୁଦ୍ଧରେ ଠିଆକର ରଖିଦେଇଛି।

ଅନ୍ୟ ପକ୍ଷରେ,—ଏବଂ ଏଇଟିହିଁ କେତେକଙ୍କ ଏକ ସହଜତର ପଥ ବୋଲି ମନେ ହୋଇଥାଏ,—ମୁଁ ସେହି ପରମ ଦ୍ରବ୍ୟରୂପଙ୍କ ଦୁଏତ ପ୍ରଥମେ ମୋ ତାହାରେ ରହିଥିବା ଏହି ବଶ୍ୱକଗତରେହିଁ ପ୍ରତ୍ୟକ୍ଷ କରିବି; ଅର୍ଥାତ୍ ମୁଁ ତାଙ୍କୁ ମୋ ଭିତରେ ନଦେଖି ପ୍ରଥମେ ଅନ୍ୟମାନଙ୍କ ଭିତରେ ଦେଖିବି। ଆରମ୍ଭରୁହିଁ ମୁଁ ତାଙ୍କୁ ସେଠାରେ ଏପରି ଏକ ଅନ୍ତରଧିଷ୍ଠିତ ଓ ସ୍ୱଂତାର୍ଗଭକାରୀ ପରମ ଅନନ୍ୟତାରୂପେ ଦେଖିବି, ଯିଏକି ତାଙ୍କର ଏହିସବୁ ଉପଶକ୍ତିଗତ ଭେକରୂପେ ଅବସ୍ଥିତ ରହିଥିବା ଯାବତୀୟ ରୂପାସ୍ୱନ, ବସ୍ତୁସ୍ଥ ପ୍ରାଣୀ ତଥା ଶକ୍ତିମନ୍ତ ସହିତ ଆଦୌ କୌଣସିପ୍ରକାରେ ବାନ୍ଧ ହୋଇ ରହି ନାହାନ୍ତି। ଅଥବା, ତା'ନହେଲେ, ମୁଁ ତାଙ୍କୁ ଏପରି ଏକ ଶୁଦ୍ଧ ଓ ଏକକ ପରମାତ୍ମସତ୍ତା ଓ ପରମ ଚିଦ୍‌ଗତଭାରୂପେ ଦେଖିଥିବ ଓ ଅନୁଭବ କରୁଥିବ, ଯିଏକ ଆପଣା ଭିତରେ ଏହିସବୁ ଶକ୍ତିମନ୍ତ ଓ ଅସ୍ତିତ୍ୱକୁ ଧାରଣ କରି ରହିଛନ୍ତି; ଏବଂ ଏହିପରି ଜ୍ଞାନରେ ମୁଁ

'oaob.nitrkl.ac.in' images reprocessed

ମୋର ଚତୁର୍ଦ୍ଦିଗରେ ଅନୁଭୂତ ହେଉଥିବା ସେହି ନସ୍ତବ୍ଧ ଓ ପରମ ସଙ୍ଗଚ୍ଛତା ମଧ୍ୟରେ ମୋର ଅହଂବୋଧଟିକୁ ସମ୍ପୂର୍ଣ୍ଣ ଶ୍ରବରେ ହରାଇ ଦେଇ ପାରିବ । ଏବଂ ତା'ପରେ ଏଇଟିହିଁ ମୋର ନମିତ୍ତରୂପୀ ସଶ୍ରୁଷ୍ଟିରେ ବ୍ୟାପ୍ତ ହେବାକୁ ଓ ତାହା ଉପରେ ଅଧିକାର ଲାଭ କରିବାକୁ ଆରମ୍ଭ କରିବ ଏବଂ ତା' ମଧ୍ୟରୁ ମୋର କର୍ମଗତ ଯାବତୀୟ ଆବେଗ ମଧ୍ୟକୁ ଅଗ୍ରସର ହୋଇଯିବା ପରି ବୋଧ ହେବ, ମୋର ଶ୍ରବନା ଏବଂ ମୋ କଥାର ସକଲ ଆଲୋକ, ମୋ ଚେତନାର ଯାବତୀୟ ରୂପାୟନ ଏବଂ ଏହି ଗୋଟିଏ ବଶ୍ୱଜଗତ୍ତ ପରମ ଅସ୍ତିତ୍ୱର ଅନ୍ୟତମ ଆତ୍ମା-ରୂପ ଉପରେ ପଡ଼ୁଥିବା ସେହି ଚେତନାର ଯାବତୀୟ ପ୍ରଭବ ଓ ତା' ସହିତ ଯାବତୀୟ ସମ୍ବନ୍ଧ ମଧ୍ୟକୁ ସଞ୍ଚାରିତ ହୋଇଯିବା ପରି ବୋଧ ହେବ । ସେତେବେଳକୁ ମୁଁ ଆଉ କେବଳ ଏହି କ୍ଷୁଦ୍ର ବ୍ୟକ୍ତିଗତ ଆତ୍ମଚେତନଟି ହୋଇ କଦାପି ରହି ନଥିବ; ମୁଁ ସେହି ପରମ 'ଚତ୍ତି' ରୂପରେହିଁ ପରିଣତ ହୋଇ ଯାଇଥିବି, ଯାହାକି ଆପଣାର ଗୋଟିଏ ଅଂଶକୁ ସମ୍ପୂର୍ଣ୍ଣ ଶ୍ରଗକୁ ପ୍ରସାରିତ କରିଦେଇଛି, ଓ ସେହି ଅଂଶଟି ଏହି ବଶ୍ୱଜଗତ୍ତରେ ତାହାର ନିଯୁାର ଏକ ବିଶେଷ ରୂପକୁ ଧାରଣ କରି ରହିଛି ।

ଏହା ବ୍ୟତୀତ ଆଉ ଗୋଟିଏ ମୌଳିକ ଉପଲବ୍ଧି ମଧ୍ୟ ରହିଛି, ଯାହାକୁ କି ଆମେ ସବୁଠାରୁ ଚରମ ପ୍ରକାରର ଉପଲବ୍ଧି ବୋଲି କରିପାରିବା, ମାତ୍ର ତଥାପି ଯାହା ଅନେକ ସମସ୍ୟରେ ଯୋଗର ସେହି ସଙ୍ଗପ୍ରଥମ ମୌମାଂସକ ଉନ୍ମୋଚନରୂପେ ଅଥବା ଏକ ପ୍ରାଥମିକ ଉତ୍କର୍ଷବର୍ତ୍ତିନରୂପେ ଆସି ଉପସ୍ଥିତ ହୋଇଥାଏ । ଏହାଦ୍ୱାରା, ଯାହା ମୋ ନଜର ଏବଂ ମୁଁ ବିଚରଣ କରୁଥିବା ପରି ବୋଧ ହେଉଥିବା ଏହି ବଶ୍ୱଜଗତ୍ତଠାରୁ ଊର୍ଦ୍ଧ୍ୱ ହୋଇ ରହିଛି, ମୁଁ ସେହିପରି ଏକ ଅନନ୍ତଚଳନ୍ତ୍ୟ ଅଘୁଚ ବଶ୍ୱୋତ୍ତୀର୍ଣ୍ଣ ପରମ ଅଙ୍କେସ୍ଥଙ୍କ ମଧ୍ୟକୁ ଜାଗୃତ ହୋଇଉଠେ; ଏପରି ଏକ ଦେଶ-କାଳାତ୍ତୀତ ସ୍ଥିତି ବା ସତ୍ତା ମଧ୍ୟକୁ ଜାଗୃତ ହୋଇଉଠେ, ଯାହାକି, ମୋ ଭିତରେ ଥିବା ଏକ ସମଗ୍ରତ ଚେତନା ଲାଗି କେତେକ ପରମାଣରେ ପ୍ରବଳ ତଥା ଅସ୍ପନ୍ଦଗ୍ଧ ଶ୍ରବରେ ଏକାଧାରରେ ଏକ ଅନନ୍ୟ ଏବଂ ଦୁର୍ନିବାର ସତ୍ୟରୂପେ ପ୍ରତିଭାତ ହେଇଥାଏ । ଏହି ଅନୁଭୂତିଟି ସାଧାରଣତଃ ଏଠାରେ ଥିବା ଯାବତୀୟ ବସ୍ତୁକୁ ସତ୍ତେଥିବା ଏକ ସ୍ୱପ୍ନ ବା ଚ୍ଛାୟାଚ୍ଛନ୍ନ ମାୟା ବୋଲି ଦେଖୁଥିବା ଅଥବା ସେଗୁଡ଼ିକୁ କେବଳ ଅସ୍ଥାୟୀ ଓ ଅର୍ଦ୍ଧବାସ୍ତବ କେଉଁ ଅନ୍ୟ ସତ୍ତ୍ୟରୁ ନିମ୍ନନ୍ନ ହୋଇ ଆସିଥିବା ପରି ଦେଖୁଥିବା ଏକ ସମାନ ଶ୍ରବର ପ୍ରବଳ ବୋଧର ସହଗାମୀ ଶ୍ରବରେ ଆସିଥାଏ । ଅନ୍ତତଃ ଏକ ନିର୍ଦ୍ଦିଷ୍ଟ ସମସ୍ଥିତି ପାଇଁ ମୋର ଘ୍ରାଣପାଖରେ ରହିଥିବା ସବୁକିଛି ଦୁଏତ ତଳଚଞ୍ଚର କେତୋଟି ଚ୍ଛାୟାରୂପ ବା କେବଳ ଉପଲବ୍ଧିଗତରହିଁ କେତୋଟି ପ୍ରତିମୂର୍ତ୍ତି ହୋଇ ବିଚରଣ କରୁଥିବା ପରି ପ୍ରତୀତ ହୋଇପାରେ ଏବଂ ମୋର ଆପଣାର ନିଯୁାଟି ମଧ୍ୟ

'oaob.nitrkl.ac.in' images reprocessed

କୌଣସି ଚରଜ୍ୟୋତିର୍ମୟ ଆଲୋକର ଆବିଷ୍କାର ଘଟିତ ହେଇଥିବ, ଅବତେତନ ସ୍ତରର ଗଭୀରତମ ଗୁହାଗୃହକ ପର୍ଯ୍ୟନ୍ତ ନମ୍ରରେ ଅବସ୍ଥିତ ପ୍ରତ୍ୟେକଟି ସ୍ତରରେ ସଗୁପ୍ତ ହୋଇ ରହିଥିବା ସେହି ଆଲୋକଟିକୁ ସେହି ଅନୁପାତରେ ଉନ୍ମୋଚିତ କରି-ଦେବାକୁ ପଡ଼ିଥିବ । ଏବଂ ଆରୋହଣର ଏହି ଗତିପଥାବଳୀ ତଥା ରୂପାନ୍ତରର ପ୍ରସ୍ତାବିତ ସନାତନ ଏହି ଅବତରଣ ସଙ୍ଗଦା ଏକ ଅନବାପ୍ତି ଫଳାମ ହୋଇ ରହିବାକୁହିଁ ବାଧ୍ୟ ହେଇଥିବ; ଆମ ଆପଣା ସହିତ ଏବଂ ଆମର ଚତୁର୍ଦ୍ଦିଗରେ ରହିଥିବା ବରୋଧୀ ଶକ୍ତିଗୁଡ଼ିକ ସହିତ ଏକ ଦୀର୍ଘ ସମର ହୋଇ ରହିବାକୁ ବାଧ୍ୟ ହେବ, ଏବଂ ଏହି ସମରଟି ଲଗିରହିଥିବା ପର୍ଯ୍ୟନ୍ତ ତାହା ସତେଅବା ଏକ ଶେଷସ୍ପନ୍ଦନ ସମର ବୋଲି ବେଶ୍ ମନେ ହେଇଥିବ । କାରଣ ଆମର ସେହି ସାବଙ୍ଗୀୟ ପୁରାତନ ଅଜ୍ଞକାରସ୍ଥ ଅଜ୍ଞନାଚ୍ଛନ୍ନ ପ୍ରକୃତି ଅଦମ୍ୟ ଓ ଅନମନୀୟ ସ୍ୱଭାବରେ ସେହି ରୂପାନ୍ତରକାରୀ ପ୍ରଭାବଟି ସହିତ ଯୁଝିବାରେ ଲଗିଥିବ; ତାହାର ଏହି ପଶ୍ଚାଦ୍‌ଗାମୀ ଅନନ୍ତଚ୍ଛଳତା ଅଥବା ପ୍ରବଳ ପ୍ରତିରୋଧ ବଶ୍ୱସ୍ଥ ଚତୁଷ୍ପାର୍ଶ୍ୱସ୍ଥ ପ୍ରକୃତିର ଅଧିକାଂଶ ପ୍ରତିସ୍ଥିତ ଶକ୍ତିଗୁଡ଼ିକଠାରୁ ଏଥିରେ ସମର୍ଥନ ପାଇବାରେ ଲଗିଥିବେ; ଅଜ୍ଞାନର ସାମର୍ଥ୍ୟଗୁଡ଼ିକ, ତାହାର ଅଧିକୃତ କ୍ଷେତ୍ରଗୁଡ଼ିକ ତଥା ଶାସନକାରୀ ଅଧିପତିମାନେ ଆପଣା ଆପଣାର ସାମ୍ରାଜ୍ୟଟିକୁ କଦାପି ସହଜରେ ପ୍ରତ୍ୟର୍ପଣ କରିବେ ନାହିଁ ।

ଏକ ବୃହତ୍ତର ସତ୍ୟ ତଥା ଆଲୋକ ଉଦ୍ଦେଶ୍ୟରେ ଅଥବା ସେହି ପରମ ଦିବ୍ୟ ସାନ୍ନିଧ୍ୟ ଏବଂ ପ୍ରଭାବଟି ଉଦ୍ଦେଶ୍ୟରେ ଆପଣାର ଏକ ଉନ୍ମୋଚନ ସମ୍ଭବ କରିବା ଲଗି ଆମର ସମୁଦାୟ ସତ୍ତାଟି ପ୍ରସ୍ତୁତ ଏବଂ ଉପଯୁକ୍ତ ହୋଇଯିବା ପର୍ଯ୍ୟନ୍ତ ତାହାକୁ ଯଥାର୍ଥ ଭାବରେ ପ୍ରସ୍ତୁତ ତଥା ପରିଶୁଦ୍ଧ କରିବାର ଏକ ଦୀର୍ଘ, ଓ ଅନେକ ସମୟରେ ବଡ଼ ସନ୍ତାପଦାୟକ ଓ ଆସ୍ଫାଳକର ପର୍ଯ୍ୟାୟ ମଧ୍ୟଦେଇ ଦୁଏତ ପ୍ରଥମେ ଗତ କରିବାକୁହିଁ ପଡ଼ିବ । ଏପରିକ ଯେତେବେଳେ ତାହାକୁ ଅସଲ କେନ୍ଦ୍ରସ୍ଥ ସ୍ତରରେ ଫଳପ୍ରଦ କରି ଦିଆଯାଇ ପାରିବ, ପ୍ରସ୍ତୁତ ଓ ଉନ୍ମୁକ୍ତ ମଧ୍ୟ କରି ଦିଆଯାଇ ପାରିବ, ତଥାପି, ଆମ ମନ, ପ୍ରାଣ ଏବଂ ଦେହର ସକଳ ଗଠନ୍ତନ ତଥା ଆମ ବ୍ୟକ୍ତିତ୍ୱର ଏହି ଅନେକବଧ ଓ ପରସ୍ପରବିରୋଧୀ ସତ୍ତାପାକ ଅଙ୍ଗ ଓ ଉପାଦାନ ଅଭିଲଷିତ ରୂପାନ୍ତରଟିର କଷ୍ଟସାଧ୍ୟ ଏବଂ କଠିନ ପ୍ରକ୍ରିୟାଟି ଲଗି ଆପଣାର ସମ୍ମତି ଦେବା ଲଗି ବା ସମ୍ମତି ଦେଲା ପରେ ମଧ୍ୟ ତାହାକୁ ସହ୍ୟ କରିବା ଲଗି ଅନ୍ତତଃ ଅନେକ ସମୟ ଅବଶ୍ୟ ଲଗିବ । ଏବଂ ସବୁଠାରୁ ଅଧିକ କଷ୍ଟକର ବିଷୟଟି ହେଉଛି ଯେ, ଆମ ଭିତରେ ସମସ୍ତେ ଏଥିଲଗି ଇଚ୍ଛୁକ ଓ ସମ୍ମତ ହୋଇସାରିବା ପରେ ମଧ୍ୟ ଆମକୁ ବର୍ତ୍ତମାନର ଏହି ଅସ୍ଥିର ବସ୍ତୁସ୍ଥିତି ସହିତ ସଂଯୁକ୍ତ ହୋଇ ରହିଥିବା ବଶ୍ୱାସ୍ରକ ସାମର୍ଥ୍ୟଗୁଡ଼ିକ ସହିତ ମଧ୍ୟ ଏକ ସଂଗ୍ରାମ ଲଢ଼ିବାକୁ ପଡ଼ିବ ଏବଂ ସେଥିରେ ବଳସ୍ୱ ହାସଲ କରିବାକୁ ପଡ଼ିବ । ସେହି ସାମର୍ଥ୍ୟଗୁଡ଼ିକ ସତେଅବା ଗୁହାରି ମାରିକେ ଆମକୁ ଯେଉଁ ସମ୍ପଦଟି ଆଣି

'oaob.nitrkl.ac.in' images reprocessed

ଦେଇଥିବେ ଅର୍ଥାତ୍ କେତେକ ପରମାଣରେ ଆଲୋକଫଲତ ଏକ ଅଜ୍ଞାନମୟତା ଲଗି ଆମକୁ ବାଟ ଚୁଣ୍ଡିଦେବେ, କେବଳ ସେତକ ନୁହେଁ, ମାନ ଦ୍ରବ୍ୟ ପରମ ସତ୍ତ୍ୟ ଆପଣାର ସକଲ ବୈପୁଲ୍ୟରେ ଆମ ଭିତରେ ଯେପରି ପ୍ରତିଷ୍ଠିତ ହୋଇପାରିବ, ସେଇଥି ସକାଶେ ସେହି ସଂଗଶେଷ ଅତିମାନସ ରୂପାନ୍ତର ତଥା ଚେତନାର ଦ୍ରବ୍ ପରିବର୍ତ୍ତନ ଲଗି ଆମେ ବାଟ ଖୋଜ ବାହାରିବାବେଳେ ଆମକୁ ସେମାନଙ୍କ ସହିତ ସଂଗ୍ରାମ କରିବାକୁ ପଡ଼ିବ ଓ ସେଥିରେ ବିଜୟ ହାସଲ କରିବାକୁ ପଡ଼ିବ ।

ତେଣୁ, ଯେଉଁ ପରମ ଭତ୍ ଆମର ସୀମାନ୍ତତ ହୋଇ ଅବସ୍ଥିତ ରହିଛନ୍ତି, ଆମେ ତାଙ୍କର ପାଖରେ ଆପଣାକୁ ନେଇ ସମର୍ପଣ କରିଦେବା ଓ ତାଙ୍କର ଶରଣ ଯିବା । ଏହା ଏକାନ୍ତ ଅପରିହାର୍ଯ୍ୟ; କାରଣ ତଦ୍ଦ୍ୱାରା ତାଙ୍କର ଶକ୍ତି ଆମ ଭିତରେ ପୂର୍ଣ୍ଣ ତଥା ମୁକ୍ତ ଭାବରେ ଆପଣାର କ୍ରିୟାଟି କରିବା ଲଗି ସମର୍ଥ ହୋଇପାରିବ । ସେହି ଆତ୍ମନିବେଦନ ସମାଗ୍ରସର ହୋଇ ଯାଉଥିବା ସଙ୍ଗେସଙ୍ଗେ ଯନ୍ତ୍ରର କର୍ମଟି ଅଧିକରୁ ଅଧିକ ସହଜ ଓ ଅଧିକରୁ ଅଧିକ ଶକ୍ତିମନ୍ତ ହୋଇ ଯାଉଥିବ; ଏବଂ ବିରୋଧକାରୀ ଶକ୍ତିଗୁଡ଼ିକର ବାଧା ସମଭାବେ ଆପଣାର ବଳ, ଆବେଗ ତଥା ଉପାଦାନକୁ ଅନେକ ପରମାଣରେ ଦୂରାଇବାରେ ମଧ୍ୟ ଲଗିଥିବେ । ବର୍ତ୍ତମାନ ଯାହା ବଡ଼ କଷ୍ଟସାଧ୍ୟ ବା ବାସ୍ତବରେ ଅସମ୍ଭବ ବୋଲି ମନେହେଉଛୁ, ତାହାକୁ ସମ୍ଭବ ଓ ଏପରିକ ଏକାନ୍ତ ଭାବରେ ନିର୍ଦ୍ଦିଷ୍ଟ ଏକ ବସ୍ତୁରେ ପରିଣତ କରିପାରିବାକୁ ହେଲେ ଏହି କ୍ଷେତ୍ରରେ ଅନ୍ତର୍ଗତ ଦୁଇଟି ପରିବର୍ତ୍ତନ ଆମକୁ ସବୁଠାରୁ ଅଧିକ ସାହାଯ୍ୟ କରିପାରିବେ । ଆମ ମନର ସଦା-ଅସ୍ଥିର ନାନା କ୍ରିୟାଶୀଳତା ଦ୍ୱାରା, ଆମ ପ୍ରାଣଗତ ଆବେଗଗୁଡ଼ିକର ଆଦୋଳିତତା ଦ୍ୱାରା ଏବଂ ଭୌତିକ ଚେତନାର ଅସ୍ପଷ୍ଟତାଟି ଦ୍ୱାରା ଯେଉଁ ଉନୋଟିଆକ ସାମର୍ଥ୍ୟ ଲୁକ୍କାୟିତ ହୋଇ ରହିଥିଲେ ଓ ସେଗୁଡ଼ିକର ଏହି ଅଳ୍ପ ଆମଭିତ୍ତିଆ ଏକସାବସ୍ଥାରେ ଆମେ ଯାହାକୁ ଆମର ଆତ୍ମା ବୋଲି କହିଥିଲୁ, ସେହି ଅନ୍ତରସ୍ଥ ପ୍ରଚ୍ଛନ୍ନ ଆତ୍ମଜ୍ଞାନର କେତେକ ଉପାଦାନ ସମ୍ମୁଖଭାଗକୁ ଆସିବାକୁ ଆରମ୍ଭ କରିବେ । ଏହା ଫଳରେ ଅପେକ୍ଷାକୃତ କମ୍ ବ୍ୟାହତ ଭାବରେ ଆମର କେନ୍ଦ୍ରଟିରେ ଏକ ପରମ ଦ୍ରବ୍ୟ ସାନ୍ନିଧ୍ୟ ଆପଣାକୁ ପ୍ରକଟିତ କରି ଆଣିବ, ଆପଣାର ମୁକ୍ତିଦାସ୍ତୀ ଆଲୋକ ତଥା ଅମୋଘ ସାମର୍ଥ୍ୟଟି ସହଜ ଏହା ପ୍ରକଟିତ ହୋଇ ଆସିବ ଏବଂ ଆମ ପ୍ରକୃତିର ଚେତନ ତଥା ଅବଚେତନ ସକଳ ସ୍ତରରେ ତାହା ଆପଣାକୁ ଆଣି ବିକାଶିତ କରିଦେବ । ଏହି ଦୁଇଟିକୁହିଁ ଆମେ ଦୁଇଟି ସଙ୍କେତ ବୋଲି ଜାଣିରଖିବା; ଏଥିମଧ୍ୟରୁ ଗୋଟିଏ ସେହି ମହାନ୍ ଅନ୍ୱେଷଣଟି ଲଗି ଆମର ପରିପୂର୍ଣ୍ଣ ରୂପାନ୍ତର ଏବଂ ନବେଦନର ସୂଚକ ଅର୍ଥାତ୍ ନିଦର୍ଶନ ହୋଇ ରହିବ, ଏବଂ ପରମ ଦ୍ରବ୍ୟ ପୁରୁଷ ଯେ ଶେଷରେ ଆମର ଯଜ୍ଞଟିକୁ ଗ୍ରହଣ କରିନେଲେ, ଦିବ୍ୟଶକ୍ତି ଆମକୁ ତାହାର ସୂଚନା ଦେଇଥିବ ।

'oaob.nitrkl.ac.in' images reprocessed

ପଞ୍ଚମ ପରିଚ୍ଛେଦ

ଯଜ୍ଞର ଆରୋହଣ (୧)

ଜ୍ଞାନର କର୍ମ—ଚୈତ୍ୟ ପୁରୁଷ

ତେବେ ଏହିଗୁଡ଼ିକ ହେଉଛୁ ସେହି ପରମ ସନ୍ଦୋଚ ଓ ପରମ ଅଜନ୍ମଙ୍କର ପୂର୍ଣ୍ଣ ଜ୍ଞାନର ଭିତ୍ତି, ଯାହାଙ୍କ ପାଖରେ କ ଆମେ ଆମ ଯଜ୍ଞର ନବେଦନ କରିଥାଉ; ଏବଂ ଏହି ଯଜ୍ଞରେ ଯେଉଁ ତନୋଟି ବଶେଷ ମାର୍ଗ ରହିଛୁ, ଏହାହିଁ ହେଉଛୁ ତାହାର ପ୍ରକୃତ । ଏହି ତନୋଟି ଯଜ୍ଞ-ମାର୍ଗରୁ ଗୋଟିଏ ହେଲ କର୍ମର ଯଜ୍ଞ, ଗୋଟିଏ ହେଉଛୁ ପ୍ରେମ ଓ ଭକ୍ତର ଯଜ୍ଞ ଏବଂ ତୃତୀୟଟି ହେଉଛୁ ଜ୍ଞାନର ଯଜ୍ଞ । କାରଣ ଯେତେବେଳେ ଆମେ ଅଲଗା କର କର୍ମ ଦ୍ୱାରା ଯଜ୍ଞ କରିବା ବଷୟରେ କହୁଛୁ, ଯେତେବେଳେ ଭଦ୍ୱାରା ଆମେ କେବଳ ଆମ ବାହ୍ୟ ଯାବତୀୟ କିସ୍ମାର ଏକ ସମର୍ପଣକୁହିଁ ବୁଝୁଁ ନାହୁଁ; ମାନ ଆମ ଭିତରେ ଯାହାକିଛୁ ସହିସ୍ଥ ଓ ଉତ୍ତଶୀଳ ହୋଇ ରହିଛୁ, ସେହି ସବୁଗୁଡ଼ିକର ସମର୍ପଣକୁ ବୁଝୁଁଛୁ । କେବଳ ଆମର ବାହ୍ୟ କିସ୍ମାଗୁଡ଼ିକୁ ନୁହେଁ, ଆମ ଅନ୍ତରସ୍ଥ ଉତ୍ତଷ୍ପନ୍ଦନଗୁଡ଼ିକୁ ମଧ୍ୟ ସେହି ଗୋଟିଏ ବେଦୀ ଉପରେ ନେଇ ନବେଦିତ ବା ସମର୍ପିତ କରିଦେବାକୁ ହେବ । ଆମର ଯେତେଯେତେ କର୍ମ ଏକ ଯଜ୍ଞରେ ପରିଣତ ହୋଇଯାଇ ପାରିବ, ତାହାର ଅନ୍ତଃହୃଦସ୍ଥରେ ଆତ୍ମ-ସାଧନା ଏବଂ ଆତ୍ମ-ପରିପୂର୍ଣ୍ଣତାର ଏକ ପ୍ରସ୍ତାବ ଅବଶ୍ୟ ରହିଥିବ, ଯାହାଦ୍ୱାରା କ ଆମେ ଆମ ମନ, ହୃଦସ୍ଥ, ଇଚ୍ଛାଶକ୍ତି, ଇନ୍ଦ୍ରିସ୍ୱବୋଧ, ପ୍ରାଣ ତଥା ଶରୀରର ଯାବତୀୟ ଗଠନ୍ତନ ମଧ୍ୟକୁ ଉପରୁ ଅଳାଡ଼ି ହୋଇ ପଡ଼ିଥିବା ଏକ ପରମ ଆଲୋକରେହିଁ ଚେତନାମସ୍ଥ ତଥା ସମ୍ପାପିତ ହୋଇ ପାରିବାର ଅଭିଲାଷ ପୋଷଣ କରିପାରିବା । ଦବ୍ୟ ଚେତନାର ଏକ ନମନୀୟ ଆଲୋକ ଆମର ଅନ୍ତର୍ଗତତମ ସତ୍ତା ତଥା ତଦ୍‌ଗତ ଉପାଦାନରେ ଆମକୁ ବଶ୍ୱ-ଯଜ୍ଞର ସେହି ପରମ ଅଧୀଶ୍ୱରଙ୍କ ସହିତ ଆତ୍ମାର କ୍ଷେତ୍ରରେ ନବଡ଼ତ୍ତବେ ବାନ୍ଧି ରଖିବ ଏବଂ ତାଦାତ୍ମ୍ୟ ଦ୍ୱାରା ଅଭେଦ ଓ ଏକ କର ରଖିବ । ପ୍ରାଚୀନ ବେଦାନ୍ତ ଏହାକୁହିଁ ଜବନର ସନ୍ଦୋଚ ତଥା ସନ୍ଦୋଚମ ଧେସ୍ଥ

'oaob.nitrkl.ac.in' images reprocessed

ବୋଲ୍ ଘୋଷଣା କରଯାଇଛୁ । ଅଧିକନ୍ତୁ, ଆମେ ଏହାର ସାହାଯ୍ୟରେ ଆପଣାର ପ୍ରକୃତରେ ସେହି ଭଗବତ୍-ସାଧର୍ମ୍ୟର ଅଧିକାଶ୍ କୋଇ ଆପଣାର ସମ୍ଭୂତରେ ମଧ୍ୟ ଭାଙ୍ଗର ସହିତ ଏକତ୍ୱବଦ୍ଧ ହୋଇଯାଇ ପାରବା;—ଆପଣାର ଗୂଢ଼ ବ୍ୟଞ୍ଜନାମୟ ରୂପାରେ ବୈଦିକ ଋଷିମାନେ ଯଜ୍ଞରୂପୀ ପ୍ରତୀକଟିର ଏହି ନଗୂଢ଼ ଅର୍ଥଟିର ସୂଚନା ଦେଇ ଯାଇଥିଲେ ।

ମାନ, ଏକ ମନୋମୟ ସତ୍ତାରୁ ବବର୍ତ୍ତିତ ହୋଇ ଅତ ସତ୍ତର ଗଭରେ ଏକ ଚଦ୍‌ଗଭ ସତ୍ତାରେ ଯାଇ ରୂପନ୍ତର ହେବା ଲାଗି ପୂର୍ଣ୍ଣଯୋଗରେ ସବୁ ଠିକ୍ ଏହିପର ଏକ କଲ୍ପନା କରଯାଇଛୁ, ତେବେ ଏଠାରେ ଏପର ଏକ ପ୍ରଶ୍ନର ଉଦୟ ହେଉଛୁ, ଯାହା ଭିତରେ କ ଅନେକ ପ୍ରକାରର ଜଟିଳତା ଭରରହିଛୁ ସତ୍ତ, ମାନ ଯାହାର କ ଏକ ବଡ଼ ଗତିଶୀଳ ମହତ୍ତ୍ୱ ମଧ୍ୟ ରହିଛୁ । ଆମର ଜୀବନ ତଥା ଜୀବନସ୍ଥ ଯାବତୀୟ କର୍ମ ବର୍ତ୍ତମାନ ଯେଉଁଭଳି ହୋଇ ରହିଛୁ ଏବଂ ଏପର୍ଯନ୍ତ ଆଦୌ ବଦଳି ନଥିବା ଆମର ଏହି ମନୁଷ୍ୟପ୍ରକୃତିର ଯଥାନୁରୂପ ହୋଇ ଯେଉଁ ନାନାବିଧ ବିସ୍ଫାରକତା ରହିଛୁ, ଏହି କ୍ଷେତ୍ରରେ ଆମେ କପର ଭିତରେ ସେଗୁଡ଼ିକର ପଶ୍ଚାତ୍‌ଗାମୀ ହୋଇ-ପାରିବା ? ଏକ ଉଚ୍ଚତର ଚେତନା ଆଡ଼କୁ ଆରୋହଣ, ଏବଂ ଆମର ମନ, ପ୍ରାଣ ତଥା ଶରୀର ଉପରେ ସେହି ଉଚ୍ଚତର ଚେତନାର ସାମର୍ଥ୍ୟଗୁଡ଼ିକରହିଁ ଅଧିକାର ଲାଭ;—ଏହିଗୁଡ଼ିକୁହିଁ ଆମେ ଏହି ଯୋଗର ମୁଖ୍ୟ ଉଦ୍ଦେଶ୍ୟରୂପେ ଗ୍ରହଣ କରି-ନେଇଛୁ । ମାନ ଆଉ କୌଣସିଠାରେ ଅବସ୍ଥିତ ଅନ୍ୟ କୌଣସି ଜୀବନରେ ନୁହେଁ, ଏହିଠାରେ ଅବସ୍ଥିତ ଏହି ଜୀବନଟିକୁହିଁ ପରମ ଚଦ୍‌ଗତତାର ସେହି ଅତିପ୍ରେତ ବିସ୍ଫାରି ଲାଗି ବର୍ତ୍ତମାନ କ୍ଷେତ୍ରଟିରୂପେ ଗ୍ରହଣ କରଯାଇଛୁ । ଏବଂ ଏହି କ୍ଷେତ୍ରରେ ଏକ ରୂପାନ୍ତରର କଥାହିଁ କୁହାଯାଇଛୁ, ଆମର ଏହି ନମିତରୂପୀ ସତ୍ତା ତଥା ପ୍ରକୃତିର ଉଚ୍ଛେଦସାଧନ କରିବାକୁ ଆଦୌ କୁହାଯାଇ ନାହିଁ । ତେବେ ଆମ ସତ୍ତାର ବର୍ତ୍ତମାନ ବିସ୍ଫାଗୁଡ଼ିକ ବଷୟରେ ପ୍ରକୃତରେ କ'ଣ ହେବ ? ଜ୍ଞାନ ଲାଗି ଓ ଜ୍ଞାନକୁ ବ୍ୟକ୍ତ କରିବା ଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ଆମ ମନର ଯାବତୀୟ ବିସ୍ଫା, ଆମ ସଂବେଗଗତ ତଥା ଇନ୍ଦ୍ରିୟବୋଧଗତ ଜୀବନଗ୍ରଗୁଡ଼ିକର ଯାବତୀୟ ବିସ୍ଫା ତଥା ଅନ୍ୟ ମନୁଷ୍ୟ, ଏହି ଯାବତୀୟ ବସ୍ତୁ, ଜୀବନ, ଜଗତ ଏବଂ ପ୍ରକୃତିର ନାନା ସାମର୍ଥ୍ୟ ଉପରେ ବଜୟଲାଭ କରିବା ଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ଆମର ବାହ୍ୟ ଜୀବନାଚରଣ, ଯାବତୀୟ ବସ୍ତୁଜନ ଓ ଉତ୍ପାଦନ ଏବଂ ଆମ ଇଚ୍ଛାଶକ୍ତିର ଯାବତୀୟ ବିସ୍ଫାଗୁଡ଼ିକ ବଷୟରେ ପ୍ରକୃତରେ କ'ଣ ହେବ ? ସେଗୁଡ଼ିକୁ ଏକାବେଳକେ ପରତ୍ୟାଗ କରିଆସି ଆମକୁ ଜୀବନବଚରଣର ଆଉ କୌଣସି ଅନ୍ୟ ପଥ ଅବଲମ୍ବନ କରିବାକୁ ହେବ, ଯାହା ଭିତରେ କ କେବଳ ଆଧ୍ୟାତ୍ମିକ ଭାବ ଦ୍ୱାରା ଆପଣାକୁ ପ୍ରେରତ କରି ରଖିଥିବା ଏକ ଚେତନା ଆପଣାକୁ ଯଥାର୍ଥ ଭାବରେ

'oaob.nitrkl.ac.in' images reprocessed

ପ୍ରକାଶିତ ଓ ଅଭିମୁଖୀ କରଦେଇ ପାରିବ ? ଅଥବା, ବର୍ତ୍ତମାନ ଅବସ୍ଥାରେ ସେଗୁଡ଼ିକ ଯେଉଁଭଳି ରହିଛନ୍ତି, ଆପଣାର ବାହ୍ୟ ରୂପରେ ଠିକ୍ ସେହିଭଳି ହୋଇ ରହିଥିବେ, ମାତ୍ର କାର୍ଯ୍ୟାନ୍ୱିତ ହେବାର ଭୂମିରେ ଏକ ଅନ୍ତର୍ଗତ ଚଦ୍‌ଗଚ୍ଛତା ଦ୍ୱାରା ରୂପାନ୍ତରିତ ହୋଇଯିବେ ? ଅଥବା, ଆପଣାର ପରସ୍ପରରେ ଅଧିକ ପ୍ରସାରିତ ହୋଇ ରହିବେ ଏବଂ ଚେତନାର ଏକ ଉତ୍‌ପରିବର୍ତ୍ତିନ ଦ୍ୱାରା ନାନା ନୂତନ ରୂପରେ ମୁକ୍ତଲାଭ କରିବେ ? ଇତରପ୍ରାଣୀର ପ୍ରାଣଭୂମିଗତ କ୍ରିୟାସ୍ପନ୍ଦତାଗୁଡ଼ିକୁ ଉଦ୍ଧର୍ଗାଧିକାରରୂପେ ଗ୍ରହଣ କରି ମନୁଷ୍ୟ ଏକଦା ଯେପରି ହିବେକ, ମନନସମର୍ଥ ଇଚ୍ଛା, ଶୋଧିତ କେତେକେତେ ଫଳେଗ ଏବଂ ଏକ ଫଗଠିତ ବୁଦ୍ଧିଶକ୍ତି ଦ୍ୱାରା ସେଗୁଡ଼ିକୁ ମନୋମୟ କ୍ରିୟାସ୍ପନ୍ଦତାରେ ପରିଣତ କରଦେଇଛି, ସେଗୁଡ଼ିକୁ ସମ୍ପାଦିତ କରଦେଇ ସେଗୁଡ଼ିକୁ ଏକ ନୂତନ ରୂପ ଆଣିଦେଇଛି, ବର୍ତ୍ତମାନ କ'ଣ ଅନୁରୂପ ସେହିପରି କିଛି ଘଟିବାକୁ ଯାଉଛି ? ଅଥବା, ଆମକୁ ସେହି କ୍ରିୟାସ୍ପନ୍ଦତାର ଗୋଟିଏ ସ୍ତରକୁ ବର୍ଜନ କରିବାକୁ ପଡ଼ିବ; କେବଳ ଯେଉଁ ଅଂଶଗୁଡ଼ିକ ଏକ ଆଧାତ୍ମିକ ପରିବର୍ତ୍ତିନକୁ ସହ୍ୟ କରିପାରିବେ, ସେହିଗୁଡ଼ିକୁ ସାଇତି ରଖିବାକୁ ପଡ଼ିବ ଏବଂ ଅବଶିଷ୍ଟ ଅଂଶ-ଗୁଡ଼ିକରେ ଏପରି ଏକ ନୂତନ ଜୀବନର ସୃଷ୍ଟି କରିବାକୁ ହେବ, ଯାହାକି ସେହି ଉନ୍ମୋଚିତ ଚଦ୍‌ଗତତାର ଏକତ୍ୱ, ପ୍ରସାର, ପ୍ରଶାନ୍ତତା, ଦୃପ୍ତି ଏବଂ ସୌତ୍ରମ୍ୟକୁ ପ୍ରକାଶ କରଦେଇ ପାରୁଥିବ; ଆପଣାର ପ୍ରେରଣା ତଥା ପ୍ରେରକଶକ୍ତିର କ୍ଷେତ୍ରଟି ପରି ଆପଣାର ରୂପାୟନର କ୍ଷେତ୍ରରେ ମଧ୍ୟ ସେଗୁଡ଼ିକୁ ପ୍ରକାଶ କରଦେଇ ପାରୁଥିବ ? ଅନ୍ୟ ସାଦୃଶ୍ୟ ପ୍ରଶ୍ନର ତୁଳନାରେ ଏହି ପ୍ରଶ୍ନଟିହିଁ ସୋଗର ଦୀର୍ଘ ଯାତ୍ରାପଥରେ ମନୁଷ୍ୟର ସୋପାନଠାରୁ ଦିବ୍ୟ ପରମ ସୋପାନଟିଯାଏ ପଡ଼ିଥିବା ମାର୍ଗଗୁଡ଼ିକୁ ଖୋଜ ବାହାର କରିବାର ଚେଷ୍ଟା କରୁଥିବା ମଣିଷୀମାନଙ୍କୁ ସର୍ବାଧିକ ପରିମାଣରେ ଚଳାୟିତ କରି ରଖିଛି ।

ଏହି ପ୍ରଶ୍ନଟିର ସମାଧାନ ଖୋଜିବାକୁ ଯାଇ ବାସ୍ତବ କ୍ଷେତ୍ରରେ ସମ୍ଭବ ହୋଇ ପାରୁଥିବା ସାଦୃଶ୍ୟ କ୍ରିୟାସ୍ପନ୍ଦତା ତଥା ଜୀବନକୁ ସମ୍ପୂର୍ଣ୍ଣ ସ୍ତରରେ ବର୍ଜନ କରି ଆସିବାଠାରୁ ଆରମ୍ଭ କରି ଜୀବନ ଯେଉଁଭଳି ରହିଛି ତାହାକୁ ଠିକ୍ ସେହିପରି ସ୍ତରରେ ଗ୍ରହଣ କରିନେବା ସାଦୃ ତାହାର ଗଚ୍ଛସ୍ପନ୍ଦନଗୁଡ଼ିକୁ ପ୍ରାଣବନ୍ତ ତଥା ଉତ୍ତୋଳିତ କରଦେଇ ପାରୁଥିବା ଏକ ନୂତନ ସ୍ତରପ୍ରେରଣା ଦ୍ୱାରା ସଞ୍ଚାରିତ କରି ରଖିବା ପର୍ଯ୍ୟନ୍ତ, ଅର୍ଥାତ୍ ଏହି ଗଚ୍ଛସ୍ପନ୍ଦନଗୁଡ଼ିକ ଆଗରୁ ଯେଉଁଭଳି ରହିଥିଲା, ତାହାକୁ ବାହ୍ୟତଃ ଠିକ୍ ସେହିପରି ରଖି ସେଗୁଡ଼ିକ ପଛରେ ରହିଥିବା ଅନ୍ତର୍ଭାବଟିକୁ ଏବଂ ସେଗୁଡ଼ିକର ଅନ୍ତର୍ଗତ ତାତ୍ପର୍ଯ୍ୟରେ ଏକ ପରିବର୍ତ୍ତିନ ଆଣିବା ପର୍ଯ୍ୟନ୍ତ ପ୍ରାପ୍ତ ସାଦୃଶ୍ୟ ପ୍ରକାରର ସମାଧାନ ବାଢ଼ି ଦିଆଯାଇଛି । ପୃଥିବୀକୁ ଗ୍ରୁଡ଼ ଘୁଲିଯାଇଥିବା ବୈଦିକୀ ବା କେବଳ ଆପଣା ମଧ୍ୟକୁହିଁ ଆପଣାକୁ ସମ୍ପୂର୍ଣ୍ଣ ସ୍ତରରେ ମୁହାଁଇ ରଖି ଏକ ଦିବ୍ୟ

'oaob.nitrkl.ac.in' images reprocessed

ଅଭ୍ୟନ୍ତରରେ ବୃଦ୍ଧକଳ ରହିଥିବା ଓ ଛଦ୍ମାତ୍ମ ଆପଣାକୁ ଗୋଟାପୁରା ପାଖୋଟ ରଖିଥିବା ଛତ୍ତ୍ୱଦର୍ଶୀ ଯଉ ଅଷ୍ଟାବ ଗୁରୁତ୍ୱର ସହିତ ଯେଉଁ ଚରମମାର୍ଗୀ ସମାଧାନଟି ଆମ ଆଗରେ ଆଣି ଥୋଇଥାଏ, ଏକ ପୂର୍ଣ୍ଣଯୋଗର ପରପର ମଧ୍ୟରେ ସ୍ପଷ୍ଟତଃ ତାହାର ଆଦୌ କୌଣସି ସ୍ଥାନ ରହିବ ନାହିଁ । କାରଣ, ଯଦି ଆମକୁ ଏହି ଜଗତରେହିଁ ପରମ ଦିବ୍ୟସତ୍ତ୍ୱାଙ୍କର ଉପଲବ୍ଧି କରିବାକୁ ହୁଏ, ତେବେ ବଶ୍ୱଗତ ଏହି ଜିୟାଟିକୁ କିଂବା ଜିୟାମାନଙ୍କୁ ସମ୍ପୂର୍ଣ୍ଣ ସବୁକିଛିକୁ ତ୍ୟାଗ କଲଗଲେ ଏହା କଦାପି ସମ୍ଭବ ହେବ ନାହିଁ । ପ୍ରାଚୀନ କାଲର ଧର୍ମସବୁ ବୈରାଗ୍ୟୀ ବା ସଂସାରତ୍ୟାଗୀ ଛତ୍ତ୍ୱଦର୍ଶୀମାନଙ୍କ ପର ଏତେ ଚରମ ଦୂରକୁ କେବେହେଲେ ଯାଇ ନଥିଲେ ଏବଂ ପରାମର୍ଶ ଦେଇଥିଲେ ଯେ ଯେଉଁସବୁ କର୍ମ ସ୍ୱଭାବତଃ ଭଗବତ୍-ଅନ୍ୱେଷଣ, ଭଗବତ୍-ସେବା ବା ଭଗବତ୍-ଆରାଧନାର ଅଙ୍ଗ ହୋଇ ରହିଥିବ ତଥା ଅନ୍ୟ ଯେଉଁସବୁ କର୍ମ ଏଗୁଡ଼ିକ ସହିତ ସମ୍ବନ୍ଧତ ରହିଥିବ, ବା ତହିଁ ସଙ୍ଗେସଙ୍ଗେ, ଜୀବନର ନିତ୍ୟନୈମିତ୍ତିକ ବ୍ୟବସ୍ଥାଟି ଲଗି ଯେଉଁଗୁଡ଼ିକ ଅପରିହାର୍ଯ୍ୟ ହେଇଥିବ, ମାତ୍ର ଯେଉଁଗୁଡ଼ିକୁ ଏକ ଧର୍ମାତ୍ମକ ଭାବ ସହିତ ତଥା ପାରମ୍ପରିକ ଧର୍ମ ଏବଂ ଧର୍ମଶାସ୍ତ୍ରର ବିଧାନ ଏବଂ ଆଦେଶଗୁଡ଼ିକ ଅନୁସାରେ କରିଯାଇଥିବ, କେବଳ ସେହି କର୍ମଗୁଡ଼ିକର ଆଚରଣ କରିବାକୁ ହେବ । ମାତ୍ର ଏହିପରି ଏକ ବିଧାନ ବା ପରାମର୍ଶଟି ମଧ୍ୟରେ ବାହ୍ୟକତା ବା ଔପଚାରିକତା ଏତେବେଶୀ ଭରିଁ ହୋଇ ରହିଛୁ ଯେ ଏହାଦ୍ୱାରା ସ୍ୱାଧୀନ ଆତ୍ମା କର୍ମଚୟର ମଧ୍ୟଦେଇ ଆପଣାକୁ କଦାପି ଚରିତାର୍ଥ କରିପାରିବ ନାହିଁ । ଏବଂ ଏହି କ୍ଷେତ୍ରରେ, ଇହଜଗତର ଏହି ଜୀବନଟି ମଧ୍ୟରୁ ଇହାତୀତ ଅନ୍ୟ ଏକ ଜୀବନ ମଧ୍ୟକୁ ପ୍ରସ୍ଥାନ କରି ମୁକ୍ତିଯିବାଟିହିଁ ଏକମାତ୍ର ଚରମ ଧେୟ ହୋଇ ରହିଛୁ ଓ ଏହି ମଧ୍ୟବର୍ତ୍ତୀ ପଥଟିକୁ ପାର ହୋଇଯିବା ଲଗିହିଁ ଏକ ଅସ୍ଥାୟୀ ସମାଧାନରୂପେ ମଧ୍ୟ ଏଇଟିର ଘୋଷଣା କରିଯାଇଛୁ । ଯେଉଁ ସତ୍ୟସ୍ଥ ଆତ୍ମା ଆପଣାର ବିମୋଚନଟିକୁ ଲାଭ କରିପାରିଛୁ, ତାହାକୁ ମଧ୍ୟ ତଥାପି ଏହି ଜୀବନର ଯାବତୀୟ କର୍ମ କରିବାକୁ ପଡ଼ିବ; ଯେପରିକି ଏକ ପ୍ରଚ୍ଛନ୍ନ ଦିବ୍ୟ କେନ୍ଦ୍ରତ୍ୱ ଦ୍ୱାରା ପରିଚାଳିତ ହେଇଥିବା ଏହି ବିଶ୍ୱଗତ ବିବର୍ତ୍ତନର ସମସ୍ତ ଯୋଜନାଟି ଆଦୌ କୌଣସି ପ୍ରକାରେ ବ୍ୟାହତ କିଂବା କ୍ଷୁଣ୍ଣ ହୋଇ ପଡ଼ିବ ନାହିଁ ବୋଲି ଗୀତାରେ ଯେଉଁ ଉଦାର ନିର୍ଦ୍ଦେଶନାଟି ଦିଆଯାଇଛୁ, ଏକ ପୂର୍ଣ୍ଣଯୋଗ ବରଂ ତାହାକୁହିଁ ଅବଲମ୍ବନ କରି ରହିବ । ମାତ୍ର ଆମର ଯାବତୀୟ କର୍ମ ବର୍ତ୍ତମାନ ଯେପରି ଏହି ଅଜ୍ଞାନ ଭିତରେହିଁ ଅନୁଷ୍ଠିତ ହେବାରେ ଲଗିଛୁ, ଯଦି ସେଗୁଡ଼ିକୁ ସେହି ରୂପରେ ଓ ଠିକ୍ ସେହିସବୁ ଧାତ୍ୱରେ ସମ୍ପନ୍ନ କରିଯାଏ, ତେବେ ଆମର ସକଳ ଲାଭ କେବଳ ଏକ ଅନ୍ତର୍ଗତ ଲାଭ ହୋଇ ରହିଥିବ, ଏବଂ ଆମର ଜୀବନ ଏପରି ଏକ ସଙ୍କଟ୍ଧ ଏବଂ ଅସ୍ପଷ୍ଟ ସୃଷ୍ଟିରେ ପରିଣତ ହୋଇଯିବାର ଭୟ ସବୁବେଳେ ରହିଥିବ, ଯାହାଦ୍ୱାରା

'oaob.nitrkl.ac.in' images reprocessed

କ ଅନ୍ତରର ପରମ ଆଲୋକଟି ଏକ ବହିଃସ୍ଥ ଧୂସର ଆଲୋକର ଜାଫଁଗୁଡ଼ଲୁ କରବାରେ ଲଗିଥିବ ଏବଂ ପରପୁର୍ଣ୍ଣ ଚଦ୍‌ଗତତା ଆପଣାକୁ ଏପର ଏକ ଅପୁର୍ଣ୍ଣତାଦୁଷ୍ଟ ଆଧାରଟି ମଧ୍ୟଦେଇ ବ୍ୟକ୍ତ କରୁଥିବ, ଯାହାକ ତାହାର ସ୍ୱକାସ୍ୱ ଦ୍ରବ୍ୟ ପ୍ରକୃତତିଠାରୁ ଫପୁର୍ଣ୍ଣ ଅନ୍ୟଳାଷ୍ପ ହୋଇ ରହିଥିବ। ଯଦ୍ୟ କେତେ କାଳ ପର୍ଯନ୍ତ କେବଳ ଏତକଠାରୁ ଆହୁକଛୁ ଅଧିକ କରହେଉ ନଥିବ,—ଏବଂ ମଧ୍ୟବର୍ତ୍ତୀ ପର୍ଯ୍ୟାସ୍ୱରେ ଏକ ସୁଦୀର୍ଘ ଅବଧି ଲଗି ଏହପର କଛୁ ନା କଛୁ ଅବଶ୍ୟ ଘଟିବ,—ତେବେ ସବୁ କଥା ଉପଯୁକ୍ତ ଭାବରେ ପ୍ରସ୍ତୁତ ହୋଇପାରବା ପର୍ଯନ୍ତ ଏବଂ ଆମ ଶଙ୍ଖଗ୍ରନ୍ଥୀ ଏହ ଜୀବନଟି ଉପରେ ତଥା ଆମ ବାହାରେ ଅବସ୍ଥିତ ରହିଥିବା ଜଗତ ଉପରେ ମଧ୍ୟ ଆପଣାର ସ୍ୱକାସ୍ୱ ରୂପାସ୍ୱନଗୁଡ଼କ ପ୍ରତଷ୍ଠିତ କର ରଖିପାରବା ଲଗି ଅନ୍ତରସ୍ଥ ଆତ୍ମା ଯଥେଷ୍ଟ ପରମାଣରେ ଶକ୍ତସମ୍ପନ୍ନ ହୋଇଯିବା ପର୍ଯନ୍ତ ଏହାକୁ ଏହପର ହୋଇହିଁ ରହିବାକୁ ପଡ଼ବ। ମାତ୍ର ଆମେ ଏଇଟିକୁ କେବଳ ଯୋଟିଏ ମଧ୍ୟବର୍ତ୍ତୀ ପର୍ଯାସ୍ୱ ବୋଲହିଁ ଗ୍ରହଣ କରପାରବା; ଆମ ଆତ୍ମାର ଆଦର୍ଶରୂପେ କଂବା ଆମେ ଅତତମ କରୁଥିବା ପଥଟିର ଚରମ ଧେସ୍ୱରୂପେ କଦାପି ଗ୍ରହଣ କରପାରବା ନାହିଁ।

ଠିକ୍ ସେହ କାରଣଟି ସକାଶେ ମାତତାସ୍ତ୍ରର ସମାଧାନଟି ମଧ୍ୟ ଅଯଥେଷ୍ଟ ହୋଇ ରହିବ; କାରଣ ମାତତତ ବଧାନର କୌଣସି ନସ୍ୱମ ପ୍ରକୃତରୂପୀ ମଣ ହୋଇ ନଥିବା ଘୋଡ଼ାଙ୍କର ମୁହଁରେ କେବଳ ଲଗାମଟିଏ ନେଇ ଲଗାଇଦବ ଏବଂ ସେମାନଙ୍କ ଉପରେ ଏକ ଅତକଠିନ ଓ ଆଂଶିକ ନସ୍ୱନ୍ତ୍ରଣର ପ୍ରୟୋଗ କର ରଖିଥାଏ; ମାତ୍ର ଆମର ପ୍ରକୃତ ଯେପର ସ୍ୱାସ୍ଥୀସ୍ୱବରେ ମୁକ୍ତ ହୋଇ ଏକ ଦ୍ରବ୍ୟ ଆତ୍ମଜ୍ଞାନ ମଧ୍ୟରୁହିଁ ଫପ୍ରେରତ ହୋଇ ଆସୁଥିବା ଅନ୍ତଦୋଧଗୁଡ଼କୁ ତରତାର୍ଥ କରଦେବା ଲଗି ଅଗ୍ରସର ହୋଇଯାଇ ପାରବ, ସେଥଲଗି ପ୍ରକୃତ ମଧ୍ୟରେ ଏକ ଆବଶ୍ୟକ ରୂପାନ୍ତର ସମ୍ଭବ କରବା ଲଗି ସେହ ନସ୍ୱମର ଆଦୌ କୌଣସି ଶକ୍ତ ନଥାଏ। ଖୁବ୍ ବେଶୀଦ୍ରେଲେ ମାତତାସ୍ତ୍ରର ପ୍ରଣାଳୀଟି ଆବଶ୍ୟକ ସୀମାଗୁଡ଼କୁ ଅଙ୍କତ କରଦେଇଯାଏ, ଦୁରାତ୍ମା ଦାନବଟିକୁ ବାଧ କର ରଖେ ଏବଂ ଆମର ଚତୁର୍ଦିଗରେ ଏକ ଆପେକ୍ଷିକ ଓ ଅସ୍ତାବ ଫଶସ୍ତ୍ରପୂର୍ଣ୍ଣ ଏକ ନତ୍ୱପଲ୍ଲୀର ପ୍ରାଚୀରଟିଏ ଚଢ଼ି ଠିଆ କରଦବ। ଆମର ଏହ ସାଧାରଣ ଜୀବନଯାତ୍ରାର କ୍ଷେତ୍ରରେ ହେଉ କଂବା ଯୋଗସାଧନାରେ ହେଉ, ଆପଣାକୁ ସୁରକ୍ଷିତ କର ରଖିବାର ଏହ ବଧାନ ଅଥବା ତତ୍ତ୍ୱଲ ଯେକୌଣସି ବଧାନଟିର ଦୃଏତ କେତେକ ସମସ୍ତ ଲଗି ନଶ୍ଚସ୍ୱ ଏକ ପ୍ରୟୋଜନ ଥାଇପାରେ; ମାତ୍ର ଯୋଗସାଧନାର କ୍ଷେତ୍ରରେ ତାହା କେବଳ ଏହ ମଧ୍ୟବର୍ତ୍ତୀ ପଥଟିକୁହିଁ ସୂତତ କରଦେଇଥିବ। ଏକ ସମ୍ପୂର୍ଣ୍ଣ ରୂପାନ୍ତସ୍ୱକରଣ ଏବଂ ତଦ୍‌ଗତ ଜୀବନର ଏକ ପୂର୍ଣ୍ଣଶୁଦ୍ଧ ବସ୍ତାଇକୁହିଁ ଆମେ ଆମ ସମ୍ମୁଖରେ ଆପଣାର ଧେସ୍ୱ କର ରଖିଛୁ; ଏବଂ, ସେହ ଧେସ୍ୱରେ ଯାଇ ପହଞ୍ଚବାକୁ ହେଲେ ଆମକୁ

'oaob.nitrkl.ac.in' images reprocessed

ସ୍ୱଳ୍ପ ଅଧିକ ଗଭୀର ଏକ ସମାଧାନର ଆବିଷ୍କାର କରିବାକୁ ହେବ, ଏକ ଅଧିକ ନିଶ୍ଚିତ ଓ ଉର୍ଦ୍ଧ୍ୱତାଯୋଗ୍ୟ ଗତିଶୀଳ ନିୟାମକର ସନ୍ଧାନ ପାଇବାକୁ ହେବ ଯାହାକି ମାନସଶାସ୍ତ୍ରର ସୀମାଟି ଭିତରେ ଆଦୌ ଆବଦ୍ଧ ହୋଇ ରହି ନଥିବ । ଭିତରେ ଆପଣାର ଚିତ୍‌ଗତ ଭୂମିଟିରେ ଅବସ୍ଥିତ ରହି ବାହ୍ୟ ଜୀବନରେ ମାନସଶାସ୍ତ୍ରର ନିୟମ ମାନ ଚଳିବାକୁହିଁ ଧର୍ମ ସାଧାରଣତଃ ଏକ ସମାଧାନରୂପେ ବାଢ଼ିଥାଏ; ମାତ୍ର ଏଥିରେ କୌଣସି ସମାଧାନ ମିଳେ ନାହିଁ, କେବଳ ଏକ ସାଲିଶହିଁ ସମ୍ଭବ ହୁଏ । ଜୀବନ ଏବଂ ଆତ୍ମା ମଧ୍ୟରେ ସାଲିଶ୍‌ଟିଏ କର ରହିଯିବା ନୁହେଁ, ମାତ୍ର ଅନ୍ତରସ୍ଥ ସତ୍ତା ତଥା ବାହ୍ୟ ଜୀବନ ଦୁଇଟିଯାକକୁହିଁ ଚିତ୍‌ଗତତା ଦ୍ୱାରା ଅନୁପ୍ରେରିତ ଓ ଅନୁପ୍ରେରିତ କର ରଖିବାକୁହିଁ ଆମେ ଆମର ଲକ୍ଷ୍ୟରୂପେ ବାଛିନେଇଛୁ ଏବଂ ସେହି ଲକ୍ଷ୍ୟଟିର ପ୍ରାପ୍ତି ଲାଗି ଅଗ୍ରସର ହେଉଛୁ । ଅଥବା, ଆପଣାର ମୂଲ୍ୟବୋଧକୁ ବଡ଼ ଗୋଳଆମିଶା କରପକାଇ ମଣିଷ ଯେପରି ଚିତ୍‌ଗତ ଏବଂ ନୈତିକ ମଧ୍ୟରେ ରହିଥିବା ପ୍ରଭେଦଟିକୁ ଏକାବେଳକେ ଛାଡ଼ାଇ ଦେଇଥାଏ ଏବଂ ଏପରିକ ଆମର ନୈତିକ ଉପାଦାନଟିହିଁ ଆମ ପ୍ରକୃତିରେ ଏକମାତ୍ର ଯଥାର୍ଥ ଚିତ୍‌ଗତ ଓ ଆଧ୍ୟାତ୍ମିକ ଉପାଦାନ ବୋଲି ଦାବି କରିବାହାରିଥାଏ, ତଦ୍ଦ୍ୱାରା ମଧ୍ୟ ଆମର ଆଦୌ କୌଣସି ଲାଭ ହେବ ନାହିଁ । କାରଣ ଯାବତୀୟ ନୈତିକତାକୁ ଆମେ କେବଳ ଏହି ମନୋଭୂମିରହିଁ ଏକ ନିସ୍ପ୍ରାଣପ୍ରସ୍ୱାସ ବୋଲି କହିବା, ଏବଂ ଆମର ଏହି ଯେଉଁ ମନଟି ଏତେ ସୀମାବଦ୍ଧ ହୋଇ ରହିଛି ଏବଂ ଏତେଏତେ ଭୁଲ୍‌କୁ ସତ୍ତତ ଜନ୍ମ ଦିଏ ହୋଇ ରହିଛି, ତାହାକୁ ଆମେ କଦାପି ସେହି ମୁକ୍ତ ଓ ସଦାଲୋକିତ ଆତ୍ମା ବା ଚିତ୍‌ଗତତା ବୋଲି କହିପାରିବା ନାହିଁ, ସେହି ମନ କଦାପି ତାହା ହୋଇପାରିବ ନାହିଁ । ଯେଉଁ ସିଦ୍ଧାନ୍ତଟି ଏହି ଜୀବନଟିକୁହିଁ ଏକମାତ୍ର ଲକ୍ଷ୍ୟ ବୋଲି ଘୋଷଣା କରେ, ସେହି ଜୀବନର ଉପାଦାନଗୁଡ଼ିକ ଯେଉଁଭଳି ରହିଛନ୍ତି, ସେଗୁଡ଼ିକୁ ମୂଳତଃ ସେହିପରି ଗ୍ରହଣ କରିନେଇ ଏବଂ ଜୀବନ ଉପରେ ଆଲୋକର କଞ୍ଚିତ୍ ପୁଟ ଦେଇ ରଖିବାକୁ ଅଥବା ଜୀବନକୁ କେତେକ ପରିମାଣରେ ସୁନ୍ଦର କର ଦେଖାଇବାକୁ ଜୀବନ ଉପରକୁ ଏକ ଅର୍ଦ୍ଧ-ଚିତ୍‌ଗତ କିଂବା ମିଛ-ଚିତ୍‌ଗତ ଆଲୋକକୁ ଆମନ୍ତ୍ରିତ କର ଆଣିଥାଏ, ସେଇଟିକୁ ଗ୍ରହଣ କରିବା ମଧ୍ୟ ଆମ ଲାଗି ସମାନ ଭାବରେ ଅସମ୍ଭବ ହୋଇ ରହିବ । ପ୍ରାଣଗତ ଏବଂ ଚିତ୍‌ଗତ ଭୂମିଦୁଇଟି ମଧ୍ୟରେ ଅନେକ ସମୟରେ ଯେପରି ଏକ ଅପସଂଯୋଜନ ଆଣିବାର ଚେଷ୍ଟା କରାଯାଇଥାଏ, ଅର୍ଥାତ୍, ଭିତରେ ଏକ ଛଦ୍ମଦୃଷ୍ଟିଗତ ଅନୁଭୂତି ରହିଥାଏ ଓ ବାହାରେ ଯେପରି ଏକ ସୌନ୍ଦର୍ଯ୍ୟାଗ୍ରହୀ, ବୁଦ୍ଧିଗ୍ରାହ୍ୟଯୁକ୍ତ ଏବଂ ଇନ୍ଦ୍ରିୟନିର୍ଭର ପ୍ରକୃତିପୂଜାବାଦ ଅଥବା ଏକ ଉତ୍ସୋଲିତ ସ୍ତରର ସୁଖବାଦ ସେହି ଅନୁଭୂତିକୁ ଆଶ୍ରୟ କର ରହିଥାଏ ଏବଂ ଏକ ଚିତ୍‌ଗତ ସ୍ୱୀକୃତିର ବର୍ତ୍ତୋକ୍ଲ୍ୟଲତା ମଧ୍ୟରେ ଆପଣାକୁ ଦେଶ୍ ପରିତୃପ୍ତ କର ରଖିଥାଏ, ସେଇଟି ମଧ୍ୟ ଆମ ଲାଗି ଆଦୌ ଯଥେଷ୍ଟ ହେବ

'oaob.nitrkl.ac.in' images reprocessed

ନାହିଁ । କାରଣ ଏହି ସାଲ୍ଭଶ୍ଟି ମଧ୍ୟ ସଦ୍ଦା ଏକ ଅନିଶ୍ଚିତ ଏବଂ ଅସଫଳ ସାଲ୍ଭଶ୍ ହୋଇ ରହିଥିବ ଏବଂ ଅନ୍ୟ ପକ୍ଷରେ ଅଚଳାଚଳବାଦୀ ସେହି ବସ୍ତୁଟି ଚିରନ୍ତନ ଓ ଚିରସତ୍ୟ ପରମ ସତ୍ତ୍ୟ ଏବଂ ତାହାର ସମସ୍ତଭାଟିଠାରୁ ଯେତକ ଦୂରବର୍ତ୍ତୀ ହୋଇ ରହିଛୁ, ଏଇଟି ମଧ୍ୟ ତା'ଠାରୁ ଠିକ୍ ସେତକ ଦୂରବର୍ତ୍ତୀ ହୋଇ ରହିଥିବ । ଏଗୁଡ଼ିକୁ ଆମେ କେବଳ ଆମ ଭ୍ରାନ୍ତିଶୀଳ ମନର ନାନା ସ୍ଥଳନ ଦ୍ୱାରା ପୂର୍ଣ୍ଣ ହୋଇଥିବା ଗୋଟିଏ ଗୋଟିଏ ସମାଧାନ ବୋଲି କହିବା, ଆମଠାରୁ ଅନେକ ଉଚ୍ଚ ହୋଇ ରହିଥିବା ସେହି ଆଧ୍ୟାତ୍ମିକ ଶିଖରଗୁଡ଼ିକ ଏବଂ ଏହି ସାଧାରଣ ମନୋଗତ ତଥା ପ୍ରାଣଗତ ଅଭିପ୍ରାୟଗୁଡ଼ିକ ଦ୍ୱାରା ଫଳତ ଏହି ନିମ୍ନତର ସୋପାନଟି ମଧ୍ୟରେ କୌଣସି ନା କୌଣସି ପ୍ରକାରେ ଏକ ନିତ୍ୟଶୀଳ ସମ୍ବନ୍ଧର ସ୍ଥାପନ କରିବାକୁ ଏହିପରି ସମାଧାନ ସତେଅବା ଅନ୍ଧାର ଭିତରେ ବାଟ ଖୋଜି ବୁଲୁଛନ୍ତି ବୋଲି କହିପାରିବା । ସେଗୁଡ଼ିକର ପଛରେ ଯାହାକିଛୁ ପ୍ରଚ୍ଛନ୍ନ ସତ୍ତ୍ୟ ଲୁକ୍‌କାୟିତ ହୋଇ ରହିଥାଇ ପଛକେ, ସେହି ସତ୍ତ୍ୟଟିକୁ ଯେତେବେଳେ ଚିଦ୍‌ଗତ ସ୍ତରଟି ଯାଏ ଉନ୍ମୋଚିତ କରି ନଆଯାଇ ପାରିବ, ସେହି ସବୋଚ୍ଚ ପରମ ରୂତଚିତ୍ତର କକ୍ଷଟିରେ ପଗ୍ଧାଟା କରିଯାଇ ପାରିବ ଏବଂ ଅଜ୍ଞାନର ଏହି ଭୂମି ଓ ପ୍ରମାଦଟି ମଧ୍ୟରୁ ଛିନ୍ନ କରି ନଆଯାଇ ପାରିବ, କେବଳ ସେତକବେଳେ ଯାଇ ତାହା ଗ୍ରହଣଯୋଗ୍ୟ ହୋଇପାରିବ ।

ମୋଟ ଉପରେ, ଏକଥାଟି ସମ୍ପୂର୍ଣ୍ଣ ନିଃଶଙ୍କ ଭାବରେ କୁହାଯାଇ ପାରିବ ଯେ ଯେତେବେଳ ପର୍ଯ୍ୟନ୍ତ ଏପରି ଏକ ଅତିମାନସ ରୂତଚିତ୍ତର ଉପଲବ୍ଧି ହୋଇ ନଥିବ, ଯାହାଦ୍ୱାରା କ ବସ୍ତୁଗୁଡ଼ିକର ଯାବତୀୟ ପ୍ରତିଭାସ ସେଗୁଡ଼ିକର ଯଥାର୍ଥ ସ୍ଥାନରେ ଅବସ୍ଥାପିତ ହୋଇ ରହିପାରିବ, ସେଗୁଡ଼ିକର ଯଥାର୍ଥ ସମ୍ପର୍କସତ୍ତ୍ୟଟି ଉନ୍ମୋଚିତ ହୋଇ ଆସିବ ଏବଂ ଏହି ଆଧ୍ୟାତ୍ମିକ ସାରଭତ୍ତ୍ୱଟିରୁ ସିଧା ନିଷ୍ପନ୍ନ ହେଉଥିବା ସେଗୁଡ଼ିକର ଅନ୍ତରସ୍ଥ ଭତ୍ତ୍ୱଟି ମଧ୍ୟ ପ୍ରକଟ ହୋଇ ଆସିବ, ସେତେବେଳ ଯାଏ ପ୍ରସ୍ତାବିତ ଯାବତୀୟ ସମାଧାନ କେବଳ ଗୋଟିଏ ଗୋଟିଏ ଅସ୍ଥାୟୀ ସମାଧାନ ହୋଇହିଁ ରହିଥିବ । ସେପଫିଲ୍ଡ, ଆମର ଏକମାତ୍ର ନିରପଦ ପନ୍ଥା ହେଉଛୁ ଯେ ଆମେ ଆଧ୍ୟାତ୍ମିକ ଅନୁଭବର ଏକ ପଥପ୍ରଦର୍ଶନକ୍ଷମ ନସ୍ତମ ଖୋଜି ବାହାର କରିବା, —ଅଥବା, ତା' ନହେଲେ ଆପଣା ଭିତରେ ଆମେ ଏପରି ଗୋଟିଏ ଆଲୋକକୁ ବିମୋଚିତ କରିଦେବା, ଯାହାକି ଆମେ ସେହି ବୃହତ୍ତର ଓ ପ୍ରତ୍ୟକ୍ଷ ରୂତଚିତ୍ତରେ ଯାଇ ପହଞ୍ଚିବା ପର୍ଯ୍ୟନ୍ତ ବା ସେଇଟି ଆମ ଭିତରେ ଜନ୍ମଲାଭ କଲ୍ ପର୍ଯ୍ୟନ୍ତ, ଆମକୁ ଉଚ୍ଚତ ବାଟରେ ପରଚ୍ଳାଳିତ କରି ନେଇଯାଇ ପାରିବ । କାରଣ ସେଇଟି ବ୍ୟଞ୍ଜତ ଆମ ଭିତରେ ଆଉ ଯାହାକିଛୁ ରହିଛୁ, ତାହା ହେଉଛୁ କେବଳ ବାହ୍ୟ, ତାହାକୁ ଆମେ ଆଧ୍ୟାତ୍ମିକ ଦେଖିବା ବା ଆଧ୍ୟାତ୍ମିକ ଅନୁଭବ କରିବା ବୋଲି ଅଦୌ କହି ପାରିବା ନାହିଁ; ସେଗୁଡ଼ିକ ହେଉଛୁ କେବଳ ଆମ ବୁଦ୍ଧିର ବରଭନା, ବୁଦ୍ଧିର

'oaob.nitrkl.ac.in' images reprocessed

ଉପସ୍ଥାପନା ବା ସେହି ବୁଦ୍ଧିରହିଁ ସିଦ୍ଧାନ୍ତ, ଆମ ଭିତରେ କାର୍ଯ୍ୟ କରୁଥିବା ପ୍ରାଣଶକ୍ତିର କେତୋଟି ପ୍ରସ୍ତାବନା ଅଥବା ପ୍ରଚେଷ୍ଟନା ଏବଂ ଭୌତିକ ପଦାର୍ଥଗୁଡ଼ାକର କେତୋଟି ପୁର୍ତ୍ତିମୂଳକ ଆବଶ୍ୟକତା; ଅନେକ ସମୟରେ ଏଗୁଡ଼ାକ ଅର୍ଦ୍ଧାଲୋକ ହୋଇ ରହିଥାଏ, ପୁଣି ଅନେକ ସମୟରେ କେବଳ ଏକ ମିଥ୍ୟା ଆଲୋକ ହୋଇରହିଁ ରହିଥାଏ । ସେସବୁ ଖୁବ୍‌ବେଶୀ ହେଲେ ମାତ୍ର କେତେକ ସମୟ ଲଗିରହିଁ ଆମର ସହାୟକ ହୋଇଥାନ୍ତି, ବା ମାତ୍ର ଅଳ୍ପ କେତେକ ପରମାଣରେ ଆମକୁ ସାହାଯ୍ୟ କରିଥାନ୍ତି ଏବଂ ବାକୀ ସମୟଭିତକ ଆମକୁ କେବଳ ଅଟକାଇ ରଖନ୍ତି ବା ଆମକୁ ଗୋଲମାଲରେ ଆଣି ପକାଇ ଦିଅନ୍ତି । ମନୁଷ୍ୟର ଚେତନା ଆପଣାକୁ ସେହି ଦିବ୍ୟ ପରମ ଚେତନା ଲଗି ଉନ୍ମୁକ୍ତ କରିଦେଇ ପାରିଲେ ଯାଇ ଆମ ଲଗି ଅଧ୍ୟାତ୍ମ ଅନୁଭବର କୌଣସି ପଥପ୍ରଦର୍ଶକ ନସ୍ୱପ୍ନ ସମ୍ଭବ ହୋଇପାରିବ । ସେଥିଲଗି ଆମ ଭିତରେ ଦିବ୍ୟ ପରମାଶକ୍ତିର ନିୟାମକତା, ଆଜ୍ଞା ତଥା ଗତ୍ୟାତ୍ମକ ଉପଲବ୍ଧିକୁ ଗ୍ରହଣ କରିନେବା ଭଳି ଉପଯୁକ୍ତ ସାମର୍ଥ୍ୟ ରହିଥିବା ଦରକାର ଏବଂ ତାହାର ନସ୍ୱପ୍ନତା ପାଖରେ ଆପଣାକୁ ସମର୍ପଣ କରିଦେଇ ପାରିବା ଲଗି ମଧ୍ୟ ସାମର୍ଥ୍ୟ ରହିଥିବା ଦରକାର । ସେହି ସମର୍ପଣ ଓ ସେହି ନସ୍ୱପ୍ନତାହିଁ ଆମର ଅଭିଲଷିତ ପଥପ୍ରଦର୍ଶନକିକୁ ସମ୍ଭବ କରିଦେଇ ପାରିବ । ମାତ୍ର ଆମେ ଯେପର୍ଯ୍ୟନ୍ତ ଆମ ମନୋଗତ ରଚନାଗୁଡ଼ାକ ଦ୍ୱାରା, ଆମ ପ୍ରାଣଗତ ନାନା ଆବେଗ ତଥା ଅହଂଗତ ପ୍ରଚେଷ୍ଟାଗୁଡ଼ାକ ଦ୍ୱାରା କବଳିତ ହୋଇ ରହିଥିବା, ସେପର୍ଯ୍ୟନ୍ତ ସେହି ସମର୍ପଣର ସମ୍ଭାବନାକି ବସ୍ତୁରେ ଆଦୌ କୌଣସି ନଷ୍ଟସ୍ୱତ୍ତା ନଥିବ ବା ସେହି ପଥପ୍ରଦର୍ଶନକି ବସ୍ତୁରେ ମଧ୍ୟ କଦାପି ସମ୍ପୂର୍ଣ୍ଣ ନଷ୍ଟସ୍ୱତ୍ତା ନଥିବ; କାରଣ ସେଗୁଡ଼ାକ ଆମକୁ ବଣା କରି ଏକ ମିଥ୍ୟା ଅନୁଭବ ମଧ୍ୟରେ ନେଇ ପକାଇ ଦେବେ ବୋଲି ସବୁବେଳେ ଆଶଙ୍କା ରହିଥିବ । ଆମର ଯେଉଁ ଅନ୍ତରତମ ଆତ୍ମା ବା ଚୈତ୍ୟ ସତ୍ତାଟି ଆମ ଭିତରେ ପୂର୍ଣ୍ଣରୂପରହିଁ ଅବସ୍ଥିତ ରହିଛନ୍ତି, ମାତ୍ର ଏହାର ପ୍ରାସ୍ୱ ଦଶତ୍ୱଗରୁ ନଅତ୍ତର ପ୍ରଚ୍ଛନ୍ନ ହୋଇରହିଁ ରହିଛନ୍ତି ଏବଂ ସାଧାରଣତଃ ଆଦୌ ନିୟାଣୀଳ ହୋଇପାରି ନାହିଁ, ସେହି ଆତ୍ମାଟିର ଉନ୍ମୋଚନକୁ ସମ୍ଭବ କରିପାରିଲେ ଯାଇ ଉକ୍ତ ଆଶଙ୍କାଟିର ନଗ୍ୱକରଣ ହୋଇପାରିବ । ଆମକୁ ସେହି ଅନ୍ତରସ୍ଥ ଆଲୋକଟିକୁହିଁ ବିମୋଚିତ କରିଦେବାକୁ ପଡ଼ିବ; କାରଣ ଯେପର୍ଯ୍ୟନ୍ତ ଅଜ୍ଞାନ ଦ୍ୱାରା କବଳିତ ହୋଇ ଆମକୁ ବାଟ ଚୁଲିବାକୁ ପଡ଼ୁଛି ଏବଂ ଯେପର୍ଯ୍ୟନ୍ତ ସେହି ପରମ ରହସ୍ୟଟିହିଁ ଆମ ଇଣ୍ଟରେନ୍ଦ୍ରିୟ ପ୍ରସ୍ୱାସ୍ଥିର ପୂର୍ଣ୍ଣ ନସ୍ୱାମକରୂପେ ପ୍ରତିଷ୍ଠିତ ହୋଇ ନାହିଁ, ସେତେବେଳ ପର୍ଯ୍ୟନ୍ତ ଆମର ଏହି ଅନ୍ତରତମ ଆତ୍ମାର ଆଲୋକଟିହିଁ ଆମର ଏକମାତ୍ର ନର୍ଭରଯୋଗ୍ୟ ଆଲୋକନ ହୋଇ ରହିଥିବ । ଗୋଟିଏ ପାଖରେ ଆମର ଏହି ମଧ୍ୟବର୍ତ୍ତୀ ପଥସ୍ମରଣାର ସକଳ ପରିବେଶ ମଧ୍ୟରେ ଆମ ଭିତରେ ଯେଉଁ ଦିବ୍ୟ ପରମ ସାମର୍ଥ୍ୟଟି କାର୍ଯ୍ୟକାସ୍ତ୍ର ହୋଇ ରହିଥିବ ଏବଂ ଅନ୍ୟ ପାଖରେ ଆମ ଚୈତ୍ୟ ସତ୍ତାର

'oaob.nitrkl.ac.in' images reprocessed

ଯେଉଁ ଆଲୋକଟି ଆମକୁ ଅନୁକ୍ଷଣ ଏକ ଚେତନାମସ୍ୱ ଏବଂ ଦର୍ଶନକ୍ଷମ ଆନୁଗତ୍ୟ ଆଡ଼କୁ ମୁହାଁଇ ରଖି ସେହି ଉଚ୍ଚତର ପ୍ରେରଣାତ୍ମକତାର ଭୂମିକୁ ବହନ କରି ନେଇଥିବ ଏବଂ ଅଜ୍ଞାନର ଏହି ଯାବତୀୟ ସ୍ୱାମର୍ଥ୍ୟର ଦାବି ତଥା ପ୍ରଚୋଦନାଗୁଡ଼ିକ ମଧ୍ୟରୁ ଦୂରକୁ ନେଇ ଯାଇଥିବ, ଏହି ଦୁଇଟିଯାକ ଆପଣା ମଧ୍ୟରେ ରହିଥିବା ସଂଘର୍ଷଣକାଳଟିରେ ଆମ ଜିଦ୍ଖାଟିର ସ୍ୱତନ୍ତ ପ୍ରଗତିଶୀଳ ଏପଣ ଏକ ଅନ୍ତର୍ଗତ ବିଧାନକୁ ଗଢ଼ି କରିଦେବାରେ ଲଗିଥିବେ, ଯାହାକି ଆମ ପ୍ରକୃତି ମଧ୍ୟରେ ଆଧ୍ୟାତ୍ମିକ ଏବଂ ଅତିମାନସର ପ୍ରତିଷ୍ଠା ହୋଇଯିବା ପର୍ଯ୍ୟନ୍ତ ଆମ ଭିତରେ ଅବଚ୍ଛିନ୍ନ ହୋଇ ରହିଥିବ । ଏହି ପରିବର୍ତ୍ତନକାଳରେ ଦୁଏତ ଏପଣ ଏକ ଅବଧି ମଧ୍ୟ ଆସି ବେଶ୍ ଉପସ୍ଥିତ ହୋଇପାରିବ ଯେତେବେଳେ କି ଆମେ ଆମର ସକଳ ଜୀବନ ତଥା କର୍ମକୁ ନେଇ ତାହାକୁ ବଶୁଭ୍ର କରିଦେବା ଲଗି, ପରିବର୍ତ୍ତିତ କରିଦେବା ଲଗି ଏବଂ ସେଗୁଡ଼ିକ ମଧ୍ୟରେ ରହିଥିବା ସତ୍ୟଟିକୁ ବମୋଚତ କରିଦେବା ଲଗି ସେହି ପରମ ଦିବ୍ୟତାଟି ପାଖରେ ଅର୍ପଣ କରିଦେଇ ପାରିବା । ଏବଂ ତା'ପରେ ଦୁଏତ ଏପଣ ଆଉ ଏକ ଅବଧି ଆସି ପହଞ୍ଚିବ, ଯେତେବେଳେ କି ଆମେ ଦୁଏତ ପଛକୁ ଅପସରି ଆସିବା ଏବଂ ଆମର ଚତୁର୍ଦ୍ଦିଗରେ ଏକ ଚିଦ୍ଗତ ପ୍ରାଚୀର ବେଢ଼ାଇଦେଇ ରଖିବା; ଯେଉଁସବୁ ଜିଦ୍ସ୍ପନ୍ଦତା ଆମର ସ୍ୱୀକୃତ ସେହି ଆଧ୍ୟାତ୍ମିକ ରୂପାନ୍ତରର ବିଧାନଟିକୁ ମାନନେବାକୁ ସମ୍ମତ ହେଉଥିବେ, ସେତେବେଳେ ଆମେ ଏହି ପ୍ରାଚୀରଟିର ପ୍ରବେଶ-ଦ୍ୱାରଗୁଡ଼ିକର ମଧ୍ୟଦେଇ କେବଳ ସେହି ଜିଦ୍ସ୍ପନ୍ଦତାଗୁଡ଼ିକୁହିଁ ଭିତରକୁ ଆସିବାକୁ ଅନୁମତି ଦେବା । ତା'ପରେ ଏକ ଚିତ୍ତାସ୍ୱ ଅବଧି ବି ଆସିବ, ଯେତେବେଳେ କି ଏକ ମୁକ୍ତ ଏବଂ ସଂସ୍ପର୍ଶୀକାତ୍ମ ଜିଦ୍ସ୍ପା ପୁନଶ୍ଚାର ସମ୍ଭବ ହୋଇପାରିବ; ମାତ୍ର ଏହି ଜିଦ୍ସ୍ପାର ରୂପାସ୍ୱନଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ନୂତନ ହୋଇଥିବ, ଯାହାକି ପରମ ଚିଦ୍ଗତଭାର ସମ୍ପୂର୍ଣ୍ଣ ସତ୍ୟଟି ଲଗି ଉପଯୁକ୍ତ ହୋଇଥିବ । ଅବଶ୍ୟ ଏହିସବୁ ବିଷସ୍ପ କଦାପି ମନର କୌଣସି ନିୟମ ଦ୍ୱାରା ନିର୍ଦ୍ଧାରିତ ହେବ ନାହିଁ; ମାତ୍ର ଆମ ଭିତରେ ରହିଥିବା ଆତ୍ମାଟି ଦ୍ୱାରାହିଁ ତାହା ନିର୍ଦ୍ଧାରିତ ହେଉଥିବ, ସେହି ଦିବ୍ୟ ପରମ ସାମର୍ଥ୍ୟର ଆଦେଶକାତ୍ମ ଶବ୍ଦ ଏବଂ ନିମୋଦର ମାର୍ଗଦର୍ଶନ ଦ୍ୱାରାହିଁ ନିର୍ଦ୍ଧାରିତ ହେଉଥିବ । ସେହି ଦିବ୍ୟ ସାମର୍ଥ୍ୟ ପ୍ରଥମେ ପ୍ରଚ୍ଛନ୍ନ ଅଥବା ପ୍ରକାଶ୍ୟ ଭାବରେ ପ୍ରେରିତ କରିବାକୁ ଆସିବ, ଏବଂ ତା'ପରେ ଅତି ସ୍ପଷ୍ଟ ଭାବରେ ନିସ୍ପତ୍ତିର ରଙ୍ଗଟିକୁ ଆପଣା ହାତକୁ ନେଇଯିବ ଓ ଆଦେଶ ଦେବାକୁ ଆରମ୍ଭ କରିବ, ଏବଂ ସଂଶେଷରେ ଯୋଗର ସମ୍ପୂର୍ଣ୍ଣ ଭାରଟିକୁହିଁ ଆପଣା ହାତରେ ଗ୍ରହଣ କରିନେବ ।

ଯଜ୍ଞର ତ୍ରିବିଧ ସ୍ୱରୂପଟି ଅନୁସାରେ ଆମେ କର୍ମକୁ ମଧ୍ୟ ତିନୋଟି ଶ୍ରେଣୀରେ ବିଭକ୍ତ କରିପାରିବା,—ଅର୍ଥାତ୍ ତାହାକୁ ଆମେ ଜ୍ଞାନର କର୍ମ, ପ୍ରେମର କର୍ମ ଏବଂ ସ୍ୱାଭାବିକ ଇଚ୍ଛାଶକ୍ତିର କର୍ମରୂପେ ବିଭକ୍ତ କରିପାରିବା । ଅଧିକ ସ୍ଥିତିସ୍ଥାପକ ଏହି

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ଜୀବନଟି ଜଣେ ପ୍ରତ୍ୟେକଟି କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହୋଇପାରୁଛି ଏବଂ ଜୀବନର ପ୍ରକୃତରୁ ଉଚ୍ଚତର ପ୍ରକୃତିକି ଯାଏ ହେଉଥିବା ବବର୍ତ୍ତନଟିକୁ ଛାଡ଼ା ଜଣେ ସ୍ତରରେ ସମ୍ପନ୍ନ କରୁଛି, ଆମେ ସେକଥାଟି ମଧ୍ୟ ଆଲୋଚନା କରି ଦେଖିପାରିବା ।

ଜ୍ଞାନାନୁଧାବନର କ୍ଷେତ୍ରରେ ମନୁଷ୍ୟମନର ଯାବତୀୟ କ୍ରିୟାଶୀଳତାକୁ ଦୁଇ ପ୍ରକାରରେ ବର୍ଣ୍ଣନା କରି ରଖିବା ଯୋଗର ଦୃଷ୍ଟିକୋଣଟିରୁ ଅତ୍ୟନ୍ତ ସ୍ୱାଭାବିକ । ଗୋଟିଏ ହେଉଛି ସେହି ପରମ ବୁଦ୍ଧିର-ଅତୀତ ଜ୍ଞାନ, ଯାହାକି ଆପଣାର ସକଳ ଉଦ୍ୟମକୁ କେବଳ ସେହି ବଶ୍ୱାତୀତ ପରମ ଏକ ତଥା ପରମ ଅନନ୍ତଙ୍କର ଆବିଷ୍କାର କରିବାରେହିଁ ଅଭିନିବେଶିତ କରି ରଖିଥାଏ । ଅଥବା, ପ୍ରକୃତି-ପ୍ରତିଭାସର ପଛରେ ଯେଉଁସବୁ ସତ୍ୟ ଗୂଢ଼ନିହିତ ହୋଇ ରହିଛି, ସେଗୁଡ଼ିକୁ ଛାଡ଼ା ବୋଧି ଦ୍ୱାରା, ନିଦିଧ୍ୟାସନ ଦ୍ୱାରା ତଥା ପ୍ରତ୍ୟକ୍ଷ ଅନୁର୍ଗତ ସ୍ପର୍ଶ ଦ୍ୱାରା ଭେଦ କରିବାକୁ ଚେଷ୍ଟା କରିଥାଏ । ଏବଂ ଏହା ବ୍ୟତୀତ ଜ୍ଞାନର ଦ୍ୱିତୀୟ ପ୍ରକାରରୂପେ ସେହି ଜୀବନର ବିଜ୍ଞାନ ମଧ୍ୟ ରହିଛି, ପ୍ରତିଭାସଗୁଡ଼ିକର ବାହ୍ୟ ଜ୍ଞାନ ଲାଭ କରିବାରେହିଁ ଯାହା ଆପଣାକୁ ବିଚାରିତ କରି ରଖିଥାଏ; ଆମ ଚତୁର୍ଦ୍ଦିଗରେ ଅବସ୍ଥିତ ଏହି ବଶ୍ୱରୂପୀ ଅଭିବ୍ୟକ୍ତିର ଅପେକ୍ଷାକୃତ ଅଧିକ ବାହ୍ୟ ରୂପାତ୍ମନଗୁଡ଼ିକରେ ଏବଂ ସେହିଗୁଡ଼ିକର ମଧ୍ୟଦେଇ ସେହି ପରମ ଏକ ତଥା ଅନନ୍ତସତ୍ତାର ଛନ୍ଦରୂପଗୁଡ଼ିକ ଆମର ଆଖିକୁ ଯେଉଁପରି ସ୍ତରରେ ଦେଖାଯାଉଥାଏ, ସେହିଗୁଡ଼ିକର ଜ୍ଞାନ ଲାଭ କରିବାରେ ଆପଣାକୁ ନାନାସ୍ତରରେ ବିଦ୍ୟୁତ କରି ରଖିଥାଏ । ଏହି ଦୁଇଟି ପ୍ରକାର ମଧ୍ୟରୁ ଗୋଟିକୁ ଆମେ ଜ୍ଞାନର ଉପର ମଣ୍ଡଳ ବୋଲି କହିବା ଓ ଅନ୍ୟଟିକୁ ତଳ ମଣ୍ଡଳ ବୋଲି କହିବା; ମନର ଅଜ୍ଞାନଶାସିତ ସୀମାଗୁଡ଼ିକ ମଧ୍ୟରେହିଁ ମନୁଷ୍ୟମାନେ ସେଗୁଡ଼ିକୁ ଏହି ଦୁଇଟି ରୂପରେ ରଚନା ବା କଳ୍ପନା କରିଥାନ୍ତି ଏବଂ ଆପଣାର ବକାଶଧାରାରେ ସେହି ଗୋଟିଏ କ୍ଷେତ୍ରରେ ମଧ୍ୟ ଏହି ଦୁଇଟିଯାକ ପ୍ରକାର ଆପଣାକୁ ଅଲଙ୍ଘନୀୟ ଦୀବ୍ରତା ଓ ଦୀକ୍ଷଣତା ସହିତ ପରସ୍ପରଠାରୁ ଅଲଗା କରି ପକାଇଛନ୍ତି । ଚରମ ଓ ପରମ ସତ୍ୟର ସ୍ଥାନ-ଓ ମାନ-ନିର୍ଦ୍ଧାରଣକୁହିଁ ଦର୍ଶନ ସଦ୍ଦା ଆପଣାର କ୍ଷେତ୍ର ବୋଲି ଦାବି କରି ଆସିଛି । ଏହି ଦର୍ଶନ କେଉଁକେଉଁ ଆଧ୍ୟାତ୍ମିକ ହୋଇ ରହିଛି ବା ଅନ୍ତତଃ ବୋଧିକୁ ସାଧନ ବୋଲି ମାନିଛି, କେତେବେଳେ ଏକାବେଳକେ ବସ୍ତୁବିଚ୍ଛିନ୍ନ ରହି ବୌଦ୍ଧିକ ବା ବୁଦ୍ଧି-ଅବଲମ୍ବିତ ରହିବାକୁ ଚେଷ୍ଟା କରିଛି, ପୁଣି କେଉଁବେଳେ ଆଧ୍ୟାତ୍ମିକ ଅନୁଭୂତିକୁ ବୁଦ୍ଧି ଦେଇ କଳିବାର ବା କହିବାର ଆଗ୍ରହ ଦେଖାଇଛି ଅଥବା ଆଉ କେତେବେଳେ ନ୍ୟାୟସୂତ୍ରର ବିବେଚନଯନ୍ତ୍ର ନେଇ ଛନ୍ଦଗତ ଉଦ୍ଭାବନଗୁଡ଼ିକୁ ଆପଣାର ସମର୍ଥନ ଦେବାକୁ

'oaob.nitrkl.ac.in' images reprocessed

ଯାଇଛୁ । ମାନ ଯେତେବେଳେ ବୁଦ୍ଧିବାଦୀ ଦର୍ଶନ ଉତ୍ତୁଙ୍ଗଚନ୍ଦ୍ରାର ଅତି ସୂକ୍ଷ୍ମ ଶିଖରଗୁଡ଼ିକରେ ପହଞ୍ଚି ଆପଣାକୁ ବ୍ୟାବହାରିକ ଜଗତସମ୍ବନ୍ଧୀୟ ତଥା ବନାଶର୍ଶୀଳ ପଦାର୍ଥଗୁଡ଼ିକର ଅନୁଶୀଳନ କରୁଥିବା ଜ୍ଞାନଟିଠାରୁ ବଳରୁ ବ କରିଦେଇ ନାହିଁ, ସେତେବେଳେ ସଧ୍ୟ ଅମୂର୍ତ୍ତି ଓ ବସ୍ତୁବଚ୍ଛିନ୍ନ ବୌଦ୍ଧିକତାରେ ବଚଣ ରହିବାର ଆପଣାର ଅଭ୍ୟାସଟି ହେତୁ ତାହା କ୍ରମଚଃ ଜୀବନର ଏକ ଶକ୍ତସନ୍ତୁଳାରୂପେ କାର୍ଯ୍ୟ କରିପାରୁଛୁ । ଅନେକ ସମୟରେ ଅଧୁନ୍ତ କେତେକେତେ ଚନ୍ତନ ଲଗି ଏହା ଖୁବ୍ ଶକ୍ତିଶାଳୀ ହୋଇ ରହିଛୁ, ଆପଣା ଆସ୍ତଜନର ବାହାରେ ରହିଥିବା କୌଣସି ପ୍ରସ୍ତୋଜନ ଅଥବା ଉଦ୍ଦେଶ୍ୟକୁ ବାଦ୍ ଦେଇ ତାହା କେବଳ ଉତ୍ତପ୍ରେରିତ ଏକ ଆଗ୍ରହ ନେଇ ମାନସିକ ସତ୍ତ୍ୟର ଅନୁଧାବନ କରିଛୁ, କେତେବେଳେ ମାନସଶ୍ରେଣୀସ୍ଥ ଏକ ସୂକ୍ଷ୍ମ କସରତ୍ ମଧ୍ୟରେ ଆପଣାକୁ ବସ୍ତୁଲମ୍ବ ଜ୍ଞବରେ ଗୁଡ଼ାଇଦେଇ, ଶବ୍ଦ ଓ ଶବ୍ଦମଣ୍ଡିତ ବସ୍ତୁର ଏକ ଧୂସ୍ରୋତ୍କୃଳ ସେଘଲୋକରେ କେତେମନ୍ତ୍ରେ ଛଡ଼ିବୁଲୁଛୁ; ମାନ ଆମ ଜୀବନର ଅଧିକ ଗୋଚର ସତ୍ତ୍ୟଗୁଡ଼ିକରୁ ତାହା କେବଳ ଦୂରକୁହି ହୁଟିଯାଇଛୁ ଅଥବା ସେଗୁଡ଼ିକ ଉପରେ ଗୋଟାଏ ଡିଆଁ ମାର ସେଗୁଡ଼ିକୁ ଗୁଡ଼ ସ୍କନ୍ଧଯାଇଛୁ । ପ୍ରାଚୀନ ଇଉରୋପର ଦର୍ଶନ ଅପେକ୍ଷାକୃତ ଅଧିକ ପରମାଣରେ ରତଶୀଳ ଓ ରତଧର୍ମୀ ହୋଇ ରହିଥିଲା ସତ, ମାନ ତାହା ମୋଟେ ଅଲ୍ପ କେତେ ଜଣଙ୍କର ସମ୍ପତ୍ତି ହୋଇ ରହିଥିଲା । ଜ୍ଞରତବର୍ଷରେ, ଆପଣାର ଅପେକ୍ଷାକୃତ ଅଧିକ ଆଧାସ୍ପିକ ପରପ୍ରକାଶଗୁଡ଼ିକରେ, ତାହା ଜନସମୂହ ଉପରେ ଅତ୍ୟନ୍ତ ପ୍ରଭାବ ପକାଇ ପାରିଥିଲା ସତ, ମାନ ସମୂହର ଜୀବନରେ କୌଣସି ରୂପାନ୍ତର ଆଣିଦେଇ ନଥିଲା । ଦର୍ଶନ ପର ଧର୍ମ କେବେହେଲେ କେବଳ ଦୂର ଉଚ୍ଚରେ ରହି ଆପଣାକୁ ଅପହୃତ କରି ରଖିବାକୁ ଇଚ୍ଛା କରି ନାହିଁ । ମନୁଷ୍ୟର ମନୋମସ୍ତ ଜ୍ଞଗୁଡ଼ିକ ଅପେକ୍ଷା ତା'ର ପ୍ରାଣଗତ ବା ଜୀବନମସ୍ତ ଜ୍ଞଗୁଡ଼ିକୁ ବରଂ ଅଧିକ ପରମାଣରେ ଦାଭକୁ ନେଇ ସେଗୁଡ଼ିକୁ ଉଘବାନଙ୍କ ଆଡ଼କୁ ଆକର୍ଷିତ କରି ରଖିବାହିଁ ଧର୍ମର ଲକ୍ଷ୍ୟ ହୋଇ ରହିଥିଲା । ଧର୍ମ ଆଧାସ୍ପିକ ପରମସତ୍ତ୍ୟ ଏବଂ ମନୁଷ୍ୟର ପ୍ରାଣଗତ ତଥା ଭୌତିକ ଜୀବନଟି ମଧ୍ୟରେ ଏକ ସେତୁ ବାନ୍ଧି ରଖିବାକୁ ଘୋଷଣା କରିଥିଲା । ଆମ ଜୀବନ-ଭୂମିର ନିମ୍ନତର ଜ୍ଞଗତିକୁ ଉଚ୍ଚତର ଜ୍ଞଗତିର ଅଧୀନ କରି ରଖିବା ଲଗି ଏବଂ ଏହାପର ଜ୍ଞବରେ ଦୁହିଁଙ୍କୁ ପରସ୍ପର ସହିତ ଗଞ୍ଜାଇ ରଖିବାର ଚେଷ୍ଟା କରିଥିଲା; ଜୀବନକୁ ଉଘତ୍ତରସେବାର ଉପଯୁକ୍ତ କରି ରଖିବାର ଏବଂ ଔତ୍ତକକୁ ପାରମିକର ଅନୁଗତ କରି ରଖିବାର ଉଦ୍ୟମ କରିଥିଲା । ଏଠାରେ ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଅଧିକାଂଶ ସମୟରେ ଏହି ଆବଶ୍ୟକ ପ୍ରଚେଷ୍ଟାରୁ ଠିକ୍ ତା'ର ବପରୀତ ପରିଣାମହିଁ ଘଟିଲା, ଅର୍ଥାତ୍ ଇହଭୂମିର ବାସନାପରିତର୍ପଣ ଲଗି ପାରମିକ ଭୂମିକୁ ଏକ ସମର୍ଥକରୂପେ ପରିଣତ କରିଦିଆଗଲା । କାରଣ ଏକଥା ଏକାନ୍ତ ସତ୍ୟ ଯେ

'oaob.nitrkl.ac.in' images reprocessed

ମନୁଷ୍ୟ-ଅହଂର ଉପାସନା ତଥା ପରଚର୍ଯ୍ୟା ସଜାଣେନ୍ଦି ଧର୍ମର ବଗ୍ଧରଣିକୁ ବାରବାର ସଜେଅବା ଏକ ଅନୁମୋଦକରୂପେନ୍ଦି ବ୍ୟବହାର କଗ୍ଧୋଇଆସିଛୁ । ଆଧ୍ୟାତ୍ମିକ ଅନୁଭୂତିର ଆପଣାର ଷ୍ଟ୍ରାଟ୍ୟୁଟ୍ରନ ଛଙ୍କୁଳ ଅନ୍ତର୍ଗତ ବଭବଣିକୁ ଗ୍ରୁଡ଼ି ଧର୍ମ ଆପଣାକୁ ସଜଡ଼ ପେ ଜୀବନ ସଦ୍ଭୁତ କରବପୁଶ୍ୱବା କେତେକେତେ ଫଶସ୍ୱଜର୍ଜର ସାଲ୍ଗଣ୍ ମଧ୍ୟରେନ୍ଦି ଅଧିକରୁ ଅଧିକ ପରମାଣରେ ହୁଗ୍ଇ ଦେବାକୁ ଯାଇଛୁ; ମନନଶୀଳ ମନର ସନ୍ଯୋସ୍ତବଧାନ କରବାକୁ ଚେଷ୍ଟା କର ଡାହା ଡାକୁ ଅଧିକତର ଖୁବରେ ଓ ଅନେକ ପରମାଣରେ ଗୋଗ୍ରୁବ ଈଶ୍ୱରତତ୍ତ୍ୱମୂଳକ ଅନ୍ଧବଶ୍ୱାସ ମଧ୍ୟରେ ଆଣି ଏକାବେଳକେ ଦବାଇ ଦେଇଛୁ ବା ତା' ଗୋଡ଼ରେ ବେଡ଼ି ପକାଇ ରଖିଛୁ । ମନୁଷ୍ୟର ଦୁଦ୍ଧସ୍ୱକୁ ଆପଣାର ଫାଣଟି ଭିତରେ ଧରବାକୁ ଯାଇ ଏହା ସ୍ୱସ୍ୱଂ କେତେକେତେ ଧର୍ମାନୁଗ୍ରଗୀ ଖୁବପ୍ରବଣତା ଏବଂ ଇନ୍ଦ୍ରିୟାସକ୍ତିର ଗତ୍ତି ଭିତରେ ଯାଇ ପଡ଼ଯାଇଛୁ । ମନୁଷ୍ୟର ପ୍ରାଣଗତ ପ୍ରକୃତିକୁ ଆପଣାର ଅଧୀନ କର ରଖିବା ଲ୍ଗି ଡାହାକୁ ଆପଣା ସଦ୍ଭୁତ ଏକାଠି ଯୋଡ଼ି ରଖିବାକୁ ଯାଇ ଧର୍ମ ସ୍ୱସ୍ୱଂ ଆପଣାର ଶକ୍ତିକୁ ହୁଗ୍ଇ ବସିଛୁ ଏବଂ ପ୍ରାଣର ଅଧୀନ ହୋଇ ରହୁଥିବା ପ୍ରକୃତିଟି ପ୍ରାପ୍ତ ସ୍ୱଜ୍ଞବସିଦ୍ଧ ଖୁବରେ ଯେଉଁସବୁଟି ଲ୍ଗି ପ୍ରବଣତା ରଖିଥାଏ, ମନ ସ୍ୱସ୍ୱଂ ଠିକ୍ ସେହିସବୁର ସ୍ୱୀକାର ହୋଇପଡ଼ଲ; ଧର୍ମାନ୍ଧତାକୁ ପ୍ରଶ୍ରସ୍ୟ ଦେଲ, ନୋଧୋନ୍ମତ୍ତ ହୋଇ ମନୁଷ୍ୟର ହତ୍ୟା କଲ, ଅନ୍ୟ ଉପରେ ଅତ୍ୟାଗ୍ଚର କରବା ଲ୍ଗି ବନ୍ୟ, ବଙ୍ଗର ଓ ନର୍ମମ ହୋଇ ବାହାର ପାଶଲ, ଉଚ୍ଚତ ମିଥ୍ୟାର ପ୍ରଶ୍ରସ୍ୟ ନେଲ ଏବଂ ବଡ଼ ଅନମନୀୟ ଖୁବରେ ଅଜ୍ଞାନ ମଧ୍ୟରେ ଆସକ୍ତ ହୋଇ ରହୁଲ । ମନୁଷ୍ୟ ଭିତରେ ଯେଉଁ ଜଡ଼ୋପାଦାନଟି ରହୁଛୁ, ଧର୍ମ ଡାହାକୁ ପରମେଶ୍ୱରଙ୍କ ଆଡ଼କୁ ଆକର୍ଷିତ କର ରଖିବା ଲ୍ଗି କେତେ ଆଗ୍ରହ ଦେଖାଇଲ, ମାନ୍ ଆପଣାର ଏହି ବାସନାରେ ଭଦ୍ୱାର୍ ଆପଣାକୁ କେବଳ ଏକ ଧର୍ମାନୁଷ୍ଠାନିକ ଶାସନଯାନ୍ତ୍ରିକତା, ଶୂନ୍ୟଗର୍ଭ ନାନା ପୂଜା ଓ ଉପଗ୍ଚର ଏବଂ ଜୀବନଶୂନ କର୍ମକାଣ୍ଡ ମଧ୍ୟରେନ୍ଦି ବାନ୍ଧ ରଖିବା ପାର ହୋଇ ରହୁଲ । ଜୀବନଶକ୍ତିର ବଚନ ରସାସ୍ୱନପ୍ରକ୍ରିୟାଟି ଅନୁସାରେ ମନରୁ ଯେପର ଭଲ ଜାତ ଦୁଏ, ଠିକ୍ ସେହିପର ଭଲରୁ ମଧ୍ୟ ମନ୍ଦ ଜାତ ହୋଇଥାଏ; ଏବଂ ସେହି ପ୍ରକ୍ରିୟାଟି ଦ୍ୱାର୍ନ୍ଦି ଏହି କ୍ଷେତରେ ସବୋଲ୍ଗଷ୍ଟ ପଦାର୍ଥଗୁଡ଼ିକ ବଗ୍ଧିଡ଼ଯାଇ ସବୁଠାରୁ ନିକୃଷ୍ଟକୁ ମଧ୍ୟ ଜନ୍ମ ଦେବାକୁ ଲ୍ଗିଲ । ଏବଂ, ଯୁଗପନ୍ତ୍ ଖୁବରେ ଏହି ଅଧୋମୁଖୀ ଆକର୍ଷଣଟିରୁ ଆପଣାକୁ ବଞ୍ଚାଇ ରଖିବାର ବୃଥା ଚେଷ୍ଟାରେ ଧର୍ମ ସମସ୍ତ ଜୀବନଟାକୁନ୍ଦି ଦୁଇଖଣ୍ଡ କର କାଟିଦେଲ; ଜ୍ଞାନ, କର୍ମ, କଳାନୁଶୀଳନ ଏବଂ ଜୀବନକୁ ଡାହା ଆଧ୍ୟାତ୍ମିକ ଓ ଜୀହିକ, ଧର୍ମଗତ ଓ ଧର୍ମେତର ତଥା ପବନ୍ତ ଓ ଅପବନ୍ତ ଏହିପର ଦୁଇଟି ବପସ୍ପତ ପ୍ରକାରରେ ଦୁଇଭ୍ଗ କର-ପକାଇଲ । ମାନ୍ ଆପଣାକୁ ରକ୍ଷା କରବା ଲ୍ଗି ଧର୍ମର ଏହି ବଜ୍ଞଜନଟି ମଧ୍ୟ ଜମେ

'oaob.nitrkl.ac.in' images reprocessed

କେବଳ ଏକ ପରମ୍ପରା ଓ ଏକ କୃତ୍ରିମ ସ୍ୱତ୍ୱ ହୋଇ ରହିଲା ଏବଂ ସେଗଡ଼ିକୁ ଭଲ କରିବା ପରିବର୍ତ୍ତେ ସେଇଟିର ପ୍ରକୋପକୁ ଆହୁରି ବଢ଼ାଇଦେଲା । ଏବଂ ଅନ୍ୟ ପକ୍ଷରେ, ଯେଉଁ ବିଜ୍ଞାନ, କଳା ଏବଂ ଜୀବନସମ୍ପର୍କୀୟ ଅନ୍ୟ ଯାବତୀୟ ଜ୍ଞାନ ଆପଣାକୁ ପ୍ରଥମ ଅବସ୍ଥାରେ ଧର୍ମଦ୍ୱାରା ନିୟନ୍ତ୍ରିତ କରି ରଖିଥିଲେ ଓ ଧର୍ମରହିଁ କାର୍ଯ୍ୟରେ ଲାଗୁଥିଲେ, ସେମାନେ ପରିଶେଷରେ ଆପଣାକୁ ପାଶମୁକ୍ତ କରିଆଣିଲେ; ଭଉତିକଙ୍କୁ ଦର୍ଶନ ଏବଂ ଧର୍ମ ଯେଉଁସବୁକୁ ଆପଣାର ଆଗ୍ରହ ଏବଂ ଆକାଙ୍କ୍ଷାକ୍ଷେତ୍ର କରି ରଖିଥିଲେ, ସେଗୁଡ଼ିକ ଏମାନଙ୍କୁ ଜମେ ଛୁଞ୍ଚିଚାହାନ୍ତି, ଫଳଶୂନ୍ୟ ଓ ଅତ୍ୟନ୍ତ ସୂଦୂର ହୋଇ ମନେହେବାକୁ ଲାଗିଲା ଅଥବା କେବଳ କେତେଗୁଡ଼ାଏ ସାରହୀନ ଏବଂ ବିଭ୍ରମକାରୀ ଛଡ଼ାଛଡ଼ା ହୋଇହିଁ ମନେହେଲା । ଏମାନେ ସେଗୁଡ଼ିକୁ ଆପଣାର ସମ୍ପୃକ୍ତି ବିଜାତୀୟ ହୋଇ ଜ୍ଞାନିଲେ, ଆପଣାର ଶତ୍ରୁ ପରି ଜ୍ଞାନିଲେ ଓ ଚରମ ଉଦାସୀନତା, ଘୃଣା ବା ସନ୍ଦେହପଡ଼ା ସହିତ ସେଗୁଡ଼ିକର କ୍ଷେତ୍ରରୁ ବାହାର ଘୁଲିଆସିଲେ । ମନୁଷ୍ୟ-ମନର ଏକଦର୍ଶୀ ଅହଙ୍କୃତ୍ତା ଏହାକୁ ଟେକେଦୂର ଉତ୍କର୍ଷ ଓ ପୁଷ୍ଟି କରିପାରିଥାନ୍ତା, କିନ୍ତୁ ସମସ୍ତ ଲଗି ଏହା ବସ୍ତୁତନ୍ତ୍ରି ପ୍ରାପ୍ତ ସେତକ ପରିପୁଷ୍ଟି ଓ ଉତ୍କର୍ଷ ହୋଇ ଦେଖାଦେଇଛି ଏବଂ ଆପଣାର ଚରମ ଅଭିଶପ୍ତତାରେ ପହଞ୍ଚି କୌଣସି ପ୍ରକାର ଉତ୍ତର ଅଥବା ଅଧିକ ଆଧ୍ୟାତ୍ମିକ ଏକ ଜ୍ଞାନ ଲଗି ଯାବତୀୟ ପ୍ରସ୍ତାବକୁ ସମ୍ପୃକ୍ତି ସ୍ୱରରେ ନିନ୍ଦାପିତ ଓ ବିଲୁପ୍ତ କରି ରଖିଦେଇଛି । ମାତ୍ର ଆମର ଏହି ଇହମୁଖୀ ଜୀବନର କ୍ଷେତ୍ରଟିରେ ମଧ୍ୟ ବସ୍ତୁତଃ ଏକ ଉତ୍ତର ଜ୍ଞାନ ହେଉଛି ଏପରି ଏକ ପଦାର୍ଥ, ଯାହାର କି ଏକ ନିରନ୍ତର ଆବଶ୍ୟକତା ରହିଛି; ଏବଂ ଏଇଟିକୁ ବହିଷ୍କୃତ କରି ରଖି ଏତି ନିମ୍ନତର ସୋପାନଟିରେ ଯେତେଯାହା ବିଜ୍ଞାନ ତଥା ଅନୁଶୀଳନ କରିଯାଇଛି, ତାହା ଯେତେ ଅଧିକ ପରିମାଣରେ ଫଳପ୍ରସୂ, ଯେତେ ସମୃଦ୍ଧଶାଳୀ ଓ ସ୍ୱତନ୍ତ୍ର ହୋଇ ପାରୁଥିଲେ ମଧ୍ୟ ଏବଂ ଆପଣାର ସିଦ୍ଧିଗତ ବସ୍ତୁଲତାରେ ସେସବୁ ଆମକୁ ଯେତେବେଳି ଅଲୌକିକ ଓ ବସ୍ତୁତନ୍ତ୍ର ବୋଲି ମନେ ହେଉଥିଲେ ମଧ୍ୟ ତାହା କାର୍ଯ୍ୟତଃ ଏପରି ଏକ ଯନ୍ତ୍ରରେହିଁ ପରିଣତ ହୋଇଯାଉଛି, ଯେଉଁଥିରେ କି ଆଦୌ କୌଣସି ବଧି ନାହିଁ ଏବଂ କେବଳ ମିଚ୍ଛା-ଠାକୁରମାନଙ୍କର ଉଦ୍ଦେଶ୍ୟରେହିଁ ଯାହାର ଅନୁସ୍ଥାନ ହେବାରେ ଲଗିଛି । ସେହିସବୁ ଅନୁଧାବନ ମନୁଷ୍ୟର ଦୃଦସ୍ୱକୁ ପରିଶେଷରେ କେବଳ ଦୂଷିତ ଓ କର୍କଶହିଁ କରିପକାଇଛି, ତା' ମନର ଉତ୍ତଳସ୍ୱ-ଗୁଡ଼ିକୁ ସଙ୍କୁଚିତ କରି ଆଣିଛି; ସେହି ଉତ୍ତଳସ୍ୱଗୁଡ଼ିକୁ ଭୌତିକତାର ଏକ ପ୍ରସ୍ତର-କାରାଗାର ମଧ୍ୟରେ ବନ୍ଦ କରି ରଖିଦେଇଛି ଅଥବା ଶେଷରେ ଏକ ଘୋର ପରାଭବର ସଶସ୍ତ୍ରାତ୍ମନ୍ତତା ଏବଂ ମୋହଭଙ୍ଗ ଆଡ଼କୁ ଓଟାର ନେଇଯାଉଛି । ବର୍ତ୍ତମାନ ମଧ୍ୟ ସେହି ଅଜ୍ଞାନ ହୋଇ ରହିଥିବା ଏକ ଅର୍ଦ୍ଧଜ୍ଞାନର ଏହି ଉତ୍କ୍ରାନ୍ତ ଯାବତୀୟ ଟଳମଳ ଉପରେ କେବଳ ଏକ ନିଷ୍ଫଳ ଅଜ୍ଞେୟବାଦହିଁ ଆମ ଲଗି ଅପେକ୍ଷା କରି ରହିଛି ।

'oaob.nitrkl.ac.in' images reprocessed

ଯେଉଁ ଯୋଗ ସେହି ପରମ ସଙ୍ଗୋଭସଙ୍କର ସଂଗ୍ରାହ୍ୟ ଉପଲବ୍ଧି ଲଗିହିଁ ଆପଣାକୁ ଉଦ୍ଭିସ୍ଟ କର ରଖିଛୁ, ତାହା ଏହି ବଶ୍ୱସସ୍ଥ ପରମ ଚଦ୍‌ଗଭଚ୍ଚାର କୌଣସି କାର୍ଯ୍ୟ ବା କୌଣସି ସ୍ୱପ୍ନ,—ଯଦି ସେଗୁଡ଼ିକୁ ସ୍ୱପ୍ନ ବୋଲିହିଁ କୁହାଯାଏ,—ପ୍ରତି ଆଦୌ କୌଣସି ଶ୍ରଦ୍ଧା ପୋଷଣ କରିବ ନାହିଁ, କିଂବା ଏହି ମନୁଷ୍ୟପ୍ରାଣୀର ଜୀବନ ମଧ୍ୟଦେଇ ସେ ଆପଣା ଉପରେ ଯେଉଁ ଗୌରବମସ୍ଥ ପ୍ରସ୍ଥାସ ଏବଂ ଅନେକମୁଖୀ ବଳସ୍ଥିକୁ ନ୍ୟସ୍ତ କର ରଖିଛନ୍ତି, ସେହି ଯୋଗ ସେଥିରୁ କଦାପି ପଶ୍ଚାଦ୍‌ପଦ ହୋଇ ରହିବ ନାହିଁ । ମାତ୍ର ଏହାପଣ ଏକ ଉଦାର ଦୃଷ୍ଟିର ସଂପ୍ରଥମ ସର୍ତ୍ତ ହେଉଛୁ ଯେ ଏହି ପୃଥିବୀରେ ଆମେ ଯାହାକଛୁ କର୍ମ କରିବା, ସେଇଟି ମଧ୍ୟ ସେହି ପରମ ସଙ୍ଗୋଚଙ୍କ ଲଗି ସମର୍ପିତ ହୋଇ ରହିଥିବା ଯଜ୍ଞରହିଁ ଗୋଟିଏ ଅଂଶ ହୋଇ ରହିବ, ତାହା ଇତର କାହାର ଲଗି ଅର୍ପିତ ହୋଇ ରହିବ ନାହିଁ; କେବଳ ସେହି ଦିବ୍ୟ ପରମା ଶକ୍ତିଙ୍କ ଲଗି ସମର୍ପିତ ହୋଇ ରହିଥିବା ଗୋଟିଏ ଯଜ୍ଞ ହୋଇ ରହିବ ଓ ଅନ୍ୟ କୌଣସି ଶକ୍ତି ଲାଗି ଅର୍ପିତ ହେବ ନାହିଁ । ଏହି କର୍ମ ସମ୍ୟକ୍ ଜ୍ଞବଦୃଷ୍ଟି ସହିତ ଅନୁସ୍ଥିତ ହେବ, ସମ୍ୟକ୍ ଜ୍ଞାନ ସହିତ ଅନୁସ୍ଥିତ ହେବ; ମୁକ୍ତ ଆତ୍ମାହିଁ ଏହି କର୍ମର ଆଚରଣ କରିବ, ଏବଂ ଜଡ଼ପ୍ରକୃତିର ମୋହଗ୍ରସ୍ତ କୌଣସି ନୀଚଦାସ ତାହାର ଆଚରଣ କରୁ ନଥିବ । କର୍ମଗୁଡ଼ିକର କ୍ଷେତ୍ରରେ ଯଦି ଆଦୌ କୌଣସି ଶ୍ରେଣୀବଭାଗ କରିଯାଏ, ତେବେ କହିବାକୁ ହେବ ଯେ ଗୋଟିଏ ପ୍ରକାରର କର୍ମ ସେହି ପାବନଶିଖାର ଦୃଦସ୍ଥର ଜ୍ଞକଟ୍ଟମ ହୋଇ ରହିଥାଏ ଏବଂ ଦ୍ୱିତୀୟ ପ୍ରକାରର କର୍ମଗୁଡ଼ିକରେ ତାହାର ପ୍ରାସ୍ଥ ଆଦୌ କୌଣସି ସ୍ପର୍ଶ ବାଜ ନଥାଏ ବା ଆଲୋକସ୍ପର୍ଶରୁ ହୋଇ ନଥାଏ, କାରଣ ସେଗୁଡ଼ିକ ଅଧିକତର ଉଚ୍ଚରେ କେବଳ ଦୂରବର୍ତ୍ତୀ ହୋଇହିଁ ରହିଥାନ୍ତି । ଅଥବା, ଗୋଟିଏ ପ୍ରକାରର କର୍ମକୁ ଆମେ ଖୁବ୍ ଜୋରରେ ଏବଂ ଉତ୍କ୍ଲ ହୋଇ ଜଳୁଥିବା ସମିଧକାଷ୍ଠ ବୋଲି କହିପାରିବା ଏବଂ ଅନ୍ୟ କର୍ମଗୁଡ଼ିକୁ ଏଡ଼େ ଏଡ଼େ ଗଡ଼କାଠ ବୋଲି କହିବା, ଯାହାକୁ କି ଯଜ୍ଞବେଦୀ ଉପରେ ଏତେବଡ଼ ଗୋଟାଏ କୁଡ଼ ଜର ଉଦା କରିଦେଲେ ସେଗୁଡ଼ିକର ଆର୍ଦ୍ର, ସ୍ୱରସଯୁକ୍ତ ଏବଂ ବପ୍ପଶାଳୀ ଅଭରକ୍ତତା ଦ୍ୱାରା ଅଗ୍ନିର ଜ୍ୱଳନତେଜଟି ଧୁଏତ ବ୍ୟାହତ ହୋଇପଡ଼ିବାରହିଁ ଆଶଙ୍କା ସବୁବେଳେ ରହିଥାଏ । ମାତ୍ର କେବଳ ଏହି ବଭ୍ୱାଜନଟିକୁ ଗୁଡ଼ିଦେଲେ, ପରମ ସତ୍ତ୍ୟର ଅନୁସନ୍ଧାନ କରୁଥିବା ଏବଂ ସେହି ପରମ ସତ୍ତ୍ୟକୁହିଁ ଅଭିବ୍ୟକ୍ତ କରିଦେଉଥିବା ଜ୍ଞାନର ସମ୍ବନ୍ଧ କର୍ମସ୍ଥରୀକୁ ଆମେ ସମ୍ପୂର୍ଣ୍ଣ ଅସନ୍ଦିଗ୍ଧ ଭାବରେ ଏକ ପଶପୂର୍ଣ୍ଣ ସମର୍ପଣରହିଁ ଉପଯୁକ୍ତ ସାମଗ୍ରୀରୂପେ ଜନ୍ମସ୍ଥ ଗ୍ରହଣ କରିପାରିବା; ଏବଂ ଦିବ୍ୟ ଜୀବନର ସେହି ପ୍ରଶସ୍ତ ଆସ୍ଥଚଳନଟି ମଧ୍ୟରୁ ସେତେବେଳେ ଆଉ କୌଣସିଟିକୁ ବହିଷ୍କୃତ କର ରଖିବା ଲଗି ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ମାନସ ତଥା ଭୌତିକ ଯେଉଁ ବଜ୍ଞାନସବୁ ଜଡ଼ବସ୍ତୁଗୁଡ଼ିକର ବିଧାନ,

'oaob.nitrkl.ac.in' images reprocessed

ରୂପାୟନ ଓ ପ୍ରତିସ୍ୱାଗୁଡ଼ିକୁ ପରୀକ୍ଷା ଓ ନିରୀକ୍ଷା କରି ଦେଖନ୍ତୁ, ଯେଉଁଗୁଡ଼ିକ ମନୁଷ୍ୟ ତଥା ଇତରପ୍ରାଣୀର ଜୀବନସମ୍ବନ୍ଧୀୟ ଜଟିଳତାଗୁଡ଼ିକରେ ରତ ହୋଇ ରହିଥାନ୍ତି, ମନୁଷ୍ୟର ସାମାଜିକ, ରାଜନୈତିକ, ଧର୍ମାନୁଷ୍ଠାନିକ ଏବଂ ଅନ୍ୟ ଯେଉଁସବୁ ବିଜ୍ଞାନ ମନୁଷ୍ୟ ତା'ର ପୃଥିବୀକୁ ଓ ପରିବେଶଟିକୁ ଆପଣା ଅଧୀନରେ ଆଣି ତାକୁ ଆପଣା କାମରେ ଲଗାଇପାରିବାର ଯାବତୀୟ ପ୍ରସ୍ତାବ ଏବଂ ନିୟାମକତାକୁ ଜାଣିବାରେ ଏବଂ ନିୟନ୍ତ୍ରଣାଧୀନ କରି ରଖିବାରେ ଲାଗିଥାନ୍ତି, ଏବଂ ଯେଉଁ ଲଳିତ ଓ ସୁନ୍ଦର କଳାତ୍ମକ ଅନୁଶୀଳନଗୁଡ଼ିକ ଏକାଧାରରେ ଜ୍ଞାନ ତଥା କର୍ମର ଏକ ସଯୋଜିତ ରୂପ ହୋଇ ରହିଥାଏ,—କାରଣ, ସୁଗଠିତ ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରତ୍ୟେକ କବିତା, ଛବି, ମୂର୍ତ୍ତି ବା ଅଟ୍ଟାଳିକାକୁ ଆମେ ଅବଶ୍ୟ ସୃଜନାତ୍ମକ ଜ୍ଞାନରହିଁ ଏକ କାର୍ଯ୍ୟ ବୋଲି କହିବା, ଚେତନାର ଏକ ଜୀବନ୍ତ ଆବିଷ୍କାର ବୋଲି କହିବା, ସତ୍ୟରହିଁ ଏକ ମୂର୍ତ୍ତ ରୂପ ବୋଲି କହିବା ଏବଂ ମାନସ ତଥା ପ୍ରାଣିକ ଆତ୍ମ-ଅଭିବ୍ୟକ୍ତ ଅଥବା ବିଶ୍ୱ-ଅଭିବ୍ୟକ୍ତର ଏକ ଉତ୍ତୀର୍ଣ୍ଣ ରୂପାୟନ ବୋଲିହିଁ କହିବା;—ଏହି ସବୁଗୁଡ଼ିକ, ଯାହାକି କୌଣସି ନା କୌଣସି ସମ୍ପର୍କର ସନ୍ଧାନ କରି ବାହାରୁଛନ୍ତି, ଆବିଷ୍କାର କରୁଛନ୍ତି, ବାଣୀ ବା ଆକାର ପ୍ରଦାନ କରୁଛନ୍ତି, ସେଗୁଡ଼ିକ ସେହି ପରମ ଅନନ୍ତଙ୍କରହିଁ ଲୀଳାର କୌଣସି ନା କୌଣସିଟିର ଉପଲବ୍ଧି କରୁଛନ୍ତି; ଏବଂ ସେହି ପରମାଣରେ ସେଗୁଡ଼ିକୁ ଈଶ୍ୱରୋପଲବ୍ଧି ଅଥବା ଦିବ୍ୟ ଜୀବନର ଏକ ସାଧନରେ ଅବଶ୍ୟ ପରିଣତ କରିପାଇ ପାରିବ । ମାତ୍ର ଯୋଗୀ ସବୁବେଳେ କେବଳ ଏତିକ ଦେଖିଥିବ ଯେ ଏକ ଅଜ୍ଞାନାଚ୍ଛନ୍ନ ମନୋମୟ ଜୀବନର ଏକ ଅଂଶରୂପେ ସେ ଆଉ ଏସବୁ କାର୍ଯ୍ୟ କରୁ ନାହିଁ । କାର୍ଯ୍ୟଟି ମଧ୍ୟରେ ନହଉ ହୋଇ ରହିଥିବା ଫଳେଦନ, ସ୍ମରଣ ତଥା ସମର୍ପଣଟି ଦ୍ୱାରା ଯଦି ତାହାକୁ ଅଧ୍ୟାତ୍ମ ଚେତନାର ଏକ ଉତ୍ତୀର୍ଣ୍ଣତନରେ ପରିଣତ କରି ଦିଆଯାଇ ପାରିଥିବ ଏବଂ ଏହାର ସର୍ବଗ୍ରାସୀ ପ୍ରକାଶମୟ ଜ୍ଞାନର ବ୍ୟାପକ ବୋଧକ୍ଷେତ୍ରଟିରେ ତାହା ଏକ ଅଂଶ ହୋଇ ରହିପାରିଥିବ, ତେବେଯାଇ ଯୋଗୀ ସେଇଟିକୁ ଆପଣାର କର୍ମରୂପେ ଗ୍ରହଣ କରିନେଇ ପାରିବ ।

କାରଣ ଆମେ ଯାହାକିଛୁ କରିବା, ତାହାକୁ କେବଳ ଏକ ସଜ୍ଞାରୂପେହିଁ କରିବା, ସେହି ପରମ ଅଦ୍ୱୟ ଦିବ୍ୟତାହିଁ ଆମର ଯାବତୀୟ କର୍ମର ଧେୟ ହୋଇ ରହିଥିବ, ସେଗୁଡ଼ିକର ଯାବତୀୟ ତାତ୍ପର୍ଯ୍ୟର ହୃଦୟ ହୋଇ ରହିଥିବ । ଆମକୁ ନାନାବିଧ ଜ୍ଞାନରେ ନେଇ ପହଞ୍ଚାଇ ଦେଉଥିବା ବିଜ୍ଞାନଗୁଡ଼ିକର ଅନୁଶୀଳନ କ୍ଷେତ୍ରରେ ମନୁଷ୍ୟ, ସକଳ ପ୍ରାଣୀ, ସକଳ ବସ୍ତୁ ତଥା ସକଳ ଶବ୍ଦମଣ୍ଡଳରେ ସେହି ପରମ ଦିବ୍ୟ ଚେତନା-ଶକ୍ତିରହିଁ ନିୟାମକତାକୁ ଆବିଷ୍କାର କରିବା ଏବଂ ବୃଦ୍ଧିବାହିଁ ଯୋଗୀର ଲକ୍ଷ୍ୟ ହୋଇ ରହିବା ଉଚିତ; ସେହି ଶକ୍ତିର ସୃଷ୍ଟିଶୀଳ ଯାବତୀୟ ତାତ୍ପର୍ଯ୍ୟ, ଯାବତୀୟ ରହସ୍ୟକୁ ସେ ଯେପରି ଭିତରେ ତାର୍ଯ୍ୟକାରୀ କରୁଛି ଏବଂ ଯେଉଁସବୁ

'oaob.nitrkl.ac.in' images reprocessed

ପ୍ରଥମକ ଦ୍ୱାରା ସେ ଏହି ବିଶ୍ୱରୂପୀ ଅଭିବ୍ୟକ୍ତିର ବ୍ୟବସ୍ଥା କରିବାରେ ଲଗିଛି, ତାହାକୁ ଆବିଷ୍କାର କରିବା ଏବଂ ବୁଝିବାକୁ ଯୋଗୀର ଲକ୍ଷ୍ୟ ହୋଇ ରହିବା ଉଚିତ । ଏବଂ ବ୍ୟାବହାରିକ ବିଜ୍ଞାନଗୁଡ଼ିକର କ୍ଷେତ୍ରରେ, ତାହା ମାନସିକ, ଭୌତିକ, ଗୁପ୍ତବିଦ୍ୟାଗତ ଅଥବା ତୈତ୍ତିୟ— ଯେଉଁ ବିଜ୍ଞାନ ହୋଇଥାଉ ପଛକେ, ସେହି ପରମ ଦିବ୍ୟତାର ପଦ୍ଧତି ତଥା ପ୍ରକିୟାଗୁଡ଼ିକରେ ପ୍ରବେଶ କରିବାକୁ ଯୋଗୀର ଅବଶ୍ୟ ଲକ୍ଷ୍ୟ ହୋଇ ରହିବା ଉଚିତ; ଆମର ଲକ୍ଷ୍ୟ ଜ୍ଞାନକିକୁ ଆମେ ଯେପରି ଚିତ୍‌ଚିତ୍ତତା ବା ଆତ୍ମାର ପ୍ରଭୁତ୍ୱପ୍ରତିଷ୍ଠା, ଆନନ୍ଦ ଏବଂ ଆତ୍ମ-ତତ୍ତ୍ୱାର୍ଥତାର ଏକ ସଚେତନ ତଥା ଦୋଷମୁକ୍ତ ଅଭିବ୍ୟକ୍ତି ଲଗି କାର୍ଯ୍ୟରେ ଲଗାଇ ପାରିବା, ସେଇଥି ସକାଶେ ଆମକୁ ପ୍ରଦତ୍ତ ହୋଇ ରହିଥିବା କାର୍ଯ୍ୟକି ଲଗି ଆବଶ୍ୟକ ସାମଗ୍ରୀ ଓ ସାଧନଗୁଡ଼ିକୁ ଜାଣିବାକୁ ତାହାର ଲକ୍ଷ୍ୟ ହୋଇ ରହିବା ଉଚିତ । କଳାନୁଧାବନର କ୍ଷେତ୍ରରେ କେବଳ ଏକ ସୌନ୍ଦର୍ଯ୍ୟକାମୀ, ମନୋଗତ ଅଥବା ପ୍ରାଣିକ ପରିତୃପ୍ତିକୁ ଯୋଗୀର ଅଭିଳାଷ ହୋଇ ରହିବ ନାହିଁ; ମାତ୍ର ସବୁଠାରେ ସେହି ପରମ ଦିବ୍ୟତାକୁ ଦର୍ଶନ ଲଭ କର, ତାହାର ଏହି ଯାବତୀୟ କରଣୀର ସଥାର୍ଥ ତାତ୍ପର୍ଯ୍ୟକିର ଏକ ହୃଦ୍‌ଘାଟନ ସହିତକି ତାହାର ପୂଜା କର, ଦେବଗଣ, ମନୁଷ୍ୟ, ଇତରପ୍ରାଣୀ ଏବଂ ସକଳ ବସ୍ତୁ ମଧ୍ୟରେ ସେହି ଗୋଟିଏ ଦିବ୍ୟତାକୁ ଅଭିବ୍ୟକ୍ତ ଘଟାଇବା କଳାରେ ତାହାର ଅଭିଳାଷ ହୋଇ ରହିବ । ଯେଉଁ ସିଦ୍ଧାନ୍ତକି ଧର୍ମଗତ ଆକାଙ୍କ୍ଷା ଏବଂ ଯଥାର୍ଥତମ ଓ ମହାନତମ କଳା ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଥିବାର ଅନୁଭବ କରିଥାଏ, ସେହି ସିଦ୍ଧାନ୍ତକିକୁ ଆମେ ସମ୍ପୂର୍ଣ୍ଣତଃ ଠିକ୍ ବୋଲି କହିବା; ମାତ୍ର ଏହି କ୍ଷେତ୍ରରେ ଆମକୁ ଧର୍ମକ୍ଷେତ୍ରରେ ନାନାତ୍ୱବେ ମିଶ୍ରିତ ଏବଂ ଫଳସ୍ୱାଚ୍ଛନ୍ନ ଅଭିପ୍ରାପ୍ୟଗୁଡ଼ିକର ବଦଳରେ ଏକ ଆଧ୍ୟାତ୍ମିକ ଆକାଙ୍କ୍ଷା, ଆଧ୍ୟାତ୍ମିକ ଦୃଷ୍ଟି ତଥା ଅର୍ଥପ୍ରକାଶକ ଅନୁଭୂତିକୁହିଁ ସ୍ଥାନାପନ୍ନ ରୂପରେ ବ୍ୟବହାର କରିବାକୁ ପଡ଼ିବ । କାରଣ ଆମର ଦୃଷ୍ଟି ଯେତିକି ଅଧିକ ବ୍ୟାପକ ଓ ସମୃଦ୍ଧ ହେଉଥିବ, ତାହା ଆପଣା ଭିତରେ ମାନବତା ତଥା ସକଳ ବସ୍ତୁ ମଧ୍ୟରେ ପ୍ରଚ୍ଛନ୍ନ ରହିଥିବା ସେହି ପରମ ଦିବ୍ୟତାର ବୋଧଟିକୁ ଯେତିକି ଅଧିକ ପରିମାଣରେ ଅନ୍ତର୍ଭୁକ୍ତ କରି ରଖି ପାରୁଥିବ, ଏବଂ ଏକ ବହୁରଙ୍ଗ ଧର୍ମାଚରଣର ସୀମିତତାଗୁଡ଼ିକୁ ପାର ହୋଇ ଚିତ୍‌ଗତ ଜୀବନଟି ମଧ୍ୟକୁ ଯେତିକି ଉତ୍ତୀର୍ଣ୍ଣ ହୋଇ ଯାଇଥିବ, ଏହି ଉଚ୍ଚ ପ୍ରେରଣାଟିରୁ ଜନ୍ମଲଭ କରୁଥିବା କଳା ମଧ୍ୟ ସେତିକି ଅଧିକ ପରିମାଣରେ ଆଲୋକଯୁକ୍ତ, ସ୍ଥିତିସ୍ଥାପକ, ଗଭୀର ଏବଂ ଶକ୍ତିସମୃଦ୍ଧ ହେବାରେ ଲଗିଥିବ । ଅନ୍ୟ ମତିଷଙ୍କ ତୁଳନାରେ କଣେ ଯୋଗୀ ମଧ୍ୟରେ ସବୁଦା ଏହି ବୈଶିଷ୍ଟ୍ୟଟି ରହିଛି ଯେ ଯୋଗୀ ନରନ୍ତର ଏକ ଅଧିକ ଉଚ୍ଚ ଓ ଅଧିକ ବ୍ୟାପକ ଅଧ୍ୟାତ୍ମଚେତନା ମଧ୍ୟରେ ବାସ କରୁଥାଏ; ତେଣୁ ତାହାର ସବୁକିଛି ଜ୍ଞାନଗତ କର୍ମ ବା ସୃଜନ କେବଳ ସେହିଠାରୁହିଁ ଉଦ୍‌ଭୂତ ହୋଇ ଆସୁଥିବ, ମନର କଡ଼ାଇଟି ଭିତରେ ଢାଳ ତାହାକୁ

'oaob.nitrkl.ac.in' images reprocessed

କଦାପି ଉଆଶ କଶ୍ୟାଇ ନଥିବ । କାରଣ ମନୋଗତ ଓ ମନଃପ୍ରୀତ ମନୁଷ୍ୟର ସତ୍ତ୍ୟ ଓ ଦୃଷ୍ଟି ଭୁଲନାରେ ଭାକୁ ଏକ ବୃହତ୍ତର ସତ୍ତ୍ୟ ଭଥା ଦୃଷ୍ଟିକୁ ଅଭିବ୍ୟକ୍ତ କଶ ଆଣିବାକୁ ହେବ; ବରଂ ଅଧିକ ଯଥାର୍ଥ ଶ୍ୱବରେ ଦୁଏତ ଏପଶ କୃହାଯାଇ ପାଶବ ଯେ ସେହିଭଳି ଏକ ବୃହତ୍ତର ସତ୍ତ୍ୟ ଓ ଦୃଷ୍ଟିହିଁ ଭାହାଶ ମଧ୍ୟଦେଇ ଆପଣାକୁ ଅଭିବ୍ୟକ୍ତ କଶବା ଲୁଗି ଭା' ଉପରେ ଗ୍ରୁପ ଦେବାରେ ଲଗିଥିବ, ଭାହାର ଯାବଭୀୟ କର୍ମକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବାରେ ଲଗିଥିବ; ଭାହାର କୌଣସି ବ୍ୟକ୍ତିଗତ ସନ୍ତୁଷ୍ଟିବିଧାନ ଲୁଗି ନୁହେଁ, ମାତ୍ର ଏକ ଦିବ୍ୟ ଉଦ୍ଦେଶ୍ୟର ସାଧନ ଲୁଗିହିଁ ସେ ଭାହା କରିବାରେ ଲଗିଥିବ ।

ଏକଥାଟି ମଧ୍ୟ ସ୍ମରଣ ରଖିବାକୁ ପଡ଼ିବ ଯେ ପରମ ସଦ୍ଭୋଚ ସମ୍ଭୋଗର ପରିଚୟ ଲାଭ କଶିବା ଯୋଗୀ ଏହିସବୁ କର୍ମ ଭିତରେ କଦାପି କୌଣସି ପ୍ରକାର ପ୍ରତ୍ୟୋଜନୀୟତା କିଂବା ବାଧ୍ୟତା କଦାପି ଅନୁଭବ କରିବ ନାହିଁ । କାରଣ ଆପଣାର ଯାବତୀୟ କର୍ମ ଭା' ଲୁଗି କେବେହେଲେ ସଚେତନ ଯେକୌଣସି ପ୍ରକାରେ କରିବାକୁ ପଡ଼ୁଥିବା ଏକ କର୍ତ୍ତବ୍ୟ ବା ଭା'ର ମନ ଲୁଗି ଏକ ଆବଶ୍ୟକ ସମ୍ପତ୍ତିରଣା ବା ଇଚ୍ଛ ସ୍ତମ୍ଭୀୟ କୌଣସି କାଲବନୋଦନ ହୋଇ ରହି ନଥିବ, କିଂବା ଯେଉଁ ଇଚ୍ଛ ବା ଇଚ୍ଛଭମ ହେଲେ ମଧ୍ୟ ଭାହା ମାନସୀୟ କୌଣସି ଇଦ୍ଦେଶ୍ୟସାଧନର ଅଭିପ୍ରାୟ ଦ୍ୱାରା ଭା' ଉପରେ ଆସି ଲଦାହୋଇ ନଥିବ । ସେ କେବେହେଲେ ଆପଣାର କୌଣସି କର୍ମରେ ଜଡ଼ିତ ହୋଇପଡ଼େ ନାହିଁ, ବାନ୍ଧହୋଇ ରହେ ନାହିଁ ବା କଲହୋଇ ରହେ ନାହିଁ, ଭା'ର କର୍ମ ବ୍ୟକ୍ତିଗତ କୌଣସି ଖ୍ୟାତି, ବଡ଼ପଣ ବା ବ୍ୟକ୍ତିଗତ ତୃପ୍ତିର ଅଭିପ୍ରାୟ ଦ୍ୱାରା ପ୍ରେରିତ ହୋଇ ରହି ନଥିବ; ଭା' ଭିତରେ ଅଧିଷ୍ଠିତ ରହିଥିବା ପରମ ଦିବ୍ୟତା ଯେତେବେଳେ ଯେପଶ ଇଚ୍ଛା କରିବ, ସେ ସେହି ଅନୁସାରେ ଆପଣାର କର୍ମଗୁଡ଼ିକୁ ଗୁଡ଼ାଇଦେଇ ଆସିପାରିବ ବା ସେଗୁଡ଼ିକ ଲୁଗି ଆପଣାକୁ ଧାରିତ କରି ରଖିପାରିବ; ମାତ୍ର ଭିତର ପୂର୍ଣ୍ଣ ଜ୍ଞାନର ଅନ୍ୟେଷଣରେ ଅନ୍ୟ ଆଉ କୌଣସି କାରଣରୁ ଏଗୁଡ଼ିକୁ ପରିତ୍ୟାଗ କରିବା ଲୁଗି ଭା'ର ଆଦୌ କୌଣସି ଆବଶ୍ୟକତା ନଥିବ । ସଦ୍ଭୋଚ ପରମ ସାମର୍ଥ୍ୟ ଠିକ୍ ଯେଉଁ ପ୍ରେରଣା ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ ବା ସୃଜନ କରିଥାଏ, ସେ ମଧ୍ୟ ଭା'ର ଏସବୁ କର୍ମକୁ ଭାହାର ଦ୍ୱାରା ପ୍ରେରିତ ହୋଇହିଁ କରିବ; ଅର୍ଥାତ୍ ସୃଜନ ଓ ଅଭିବ୍ୟକ୍ତି ମଧ୍ୟରେ ଯେଉଁ ବିଶେଷ ଆଧ୍ୟାତ୍ମିକ ଆନନ୍ଦଟି ନିହିତ ହୋଇ ରହିଛି, ସେ ସେଇଟି ଲୁଗି କାର୍ଯ୍ୟ କରିବ, ଅଥବା ପରମେଶ୍ୱରଙ୍କର ନାନା ବିସ୍ମୟକରତାର ସମାହାରରୂପୀ ଏହି ସୃଷ୍ଟିଟିକୁ ଏକତ ଧାରଣ କରି ରଖିବାରେ, ଭାହାକୁ ସୁବନ୍ୟସ୍ତ କରି ରଖିବାରେ ବା ସୁପରିଚାଳିତ କରି ନେବାରେ ଏକ ସହାୟକ ସାଧନରୂପେହିଁ ସେ ଆପଣାର ସକଳ କାର୍ଯ୍ୟ କରିବ । ଗୀତାରେ କୃହାଯାଇଛି ଯେ, ଯେଉଁମାନେ ଏପର୍ଯ୍ୟନ୍ତ କୌଣସି ଅଧ୍ୟାତ୍ମିକ ଚେତନା ଲାଭ କରି

'oaob.nitrkl.ac.in' images reprocessed

ପାଶ୍ଚାତ୍ୟ ନାହାନ୍ତି, ଆପଣାର ଜୀବନ ଯାପନ କରିବାର ସୃଷ୍ଟିଟି ଦ୍ୱାରା ଜ୍ଞାନୀ ସେମାନଙ୍କ ମଧ୍ୟରେ ଯାବତୀୟ କର୍ମ ଲଗି ଶ୍ରଦ୍ଧା ଓ ଫଟ୍କାର ଆଣିଦେବ; ସେଉଁସବୁ କର୍ମକୁ ସେଗୁଡ଼ିକର ବଶେଷ ସ୍ୱଭାବ ଦୃଷ୍ଟିରୁ ପୁଣ୍ୟକାର୍ଯ୍ୟ, ଧର୍ମକାର୍ଯ୍ୟ ଅଥବା ବୈରାଗ୍ୟୋଚିତ କାର୍ଯ୍ୟ ବୋଲି କୁହାଯାଏ, କେବଳ ସେହି କର୍ମଗୁଡ଼ିକ ଲଗି ନୁହେଁ, ମାତ୍ର ସକଳ କର୍ମ ଲଗି ଶ୍ରଦ୍ଧା ତଥା ଫଟ୍କାର ଆଣିଦେବ । ଏବଂ ଆପଣାର ଦୃଷ୍ଟାନ୍ତଟି ଦ୍ୱାରା ସେ ଲୋକମାନଙ୍କୁ ଏହି ବଶ୍ୱଟିସ୍ୱାଟି ମଧ୍ୟରୁ ବାହାର କର ନେଇଯିବ ନାହିଁ । କାରଣ ଏହି ପୃଥିବୀକୁ ଆପଣାର ସେହି ମହାନ୍ ଉର୍ଦ୍ଧ୍ୱାୟନ ଅଗ୍ରଗତିର ପଥରେ ଅଗ୍ରସର ହୋଇଯିବାକୁହିଁ ପଡ଼ିବ; କିନ୍ତୁ ସ୍ୱତନ୍ତ୍ର ଏକ ଅଧିକ ଅଜ୍ଞାନମସ୍ୱ ଦୁର୍ଗତ ମଧ୍ୟରେ ପତିତ ହୋଇ ରହିବାକୁ କୌଣସି ବ୍ୟକ୍ତି ଅଥବା ଜାତିକୁ ଏପରିକ ଏକ ଅଜ୍ଞାନଗ୍ରସ୍ତ କର୍ମ ଭିତରୁ ମଧ୍ୟ କଦାପି ଟାଣିଆଣି ନଆସିବ ନାହିଁ । ଯେତେବେଳେ ତାମସିକ ଭଙ୍ଗୀଟିହିଁ ସବୁଠାରୁ ଅଧିକ ପ୍ରତିପତ୍ତି ବସ୍ତାର କର ରହିଥାଏ, ଅର୍ଥାତ୍ ଯେତେବେଳେ ଏକ ଅଜ୍ଞାନାଚ୍ଛନ୍ନ ବମୂଢ଼ତା ତଥା ପ୍ରମାଦ ତଥା କ୍ଲାନ୍ତି ଏବଂ ଗତିଶିଥିଳତାର ଭଙ୍ଗୀଟି ସବୁଆଡ଼େ ଘାର ରହିଥାଏ, ସେତେବେଳେ ମନୁଷ୍ୟଗୋଷ୍ଠୀ ଓ ମନୁଷ୍ୟର ସମାଜ-ଗୁଡ଼ିକ ଯେଉଁ ଶୋଚନୀୟ ବଘଟନ ତଥା ବଲୁପ୍ତ ହୋଇଯିବାର ପ୍ରବୃତ୍ତି ଦ୍ୱାରା ଆକ୍ରାନ୍ତ ହୋଇପଡ଼ନ୍ତି, ସେହିପରି ଏକ ଦୁର୍ଗତି ଭିତରେ ବୁଡ଼ି ରହିବା ଲଗି ସେମାନଙ୍କୁ ସେମାନଙ୍କର ବର୍ତ୍ତମାନର କର୍ମଭୂମିରୁ କଦାପି ବାହାର କର ନଆସିବ ନାହିଁ । ଗୀତାରେ ଭଗବାନ କହିଛନ୍ତି, "ମୋର ମଧ୍ୟ କର୍ମ କରିବା ଲଗି ଆଦୌ କୌଣସି ଆବଶ୍ୟକତା ନାହିଁ; କାରଣ ମୋର ଅଲବ୍ଧ ବା ଅପ୍ରାପ୍ୟ ହୋଇ କେଉଁଠି ହେଲେ କିଛି ନାହିଁ । ମାତ୍ର ତଥାପି ମୁଁ ଏହି ଜଗତ୍ତରେ କର୍ମ କରିବାରେ ଲଗିଛି; କାରଣ ଯଦି ମୁଁ କର୍ମ କରୁ ନଥାନ୍ତି, ତେବେ ଯାବତୀୟ ବଧାନ କେବଳ ଅସ୍ତବ୍ୟସ୍ତ ହୋଇପଡ଼ିବ, ଯାବତୀୟ ଲୋକ ଅବ୍ୟବସ୍ଥା ଓ ଅରାଜକତା ଭିତରେ ବୁଡ଼ି ରହିବେ ଏବଂ ମୁଁ ଏହି ପ୍ରଜାମାନଙ୍କର ସହାରକର୍ତ୍ତା ହୋଇ ରହିବି ।" ଆପଣାକୁ ଶୁଦ୍ଧ କର ରଖିବା ଲଗି ଆଧ୍ୟାତ୍ମିକ ଜୀବନକୁ କେବଳ ସେହି ପରମ ପ୍ରକାଶାପ୍ତିକୁ ବାଦ୍ ଦେଇ ସଂବଧ ବସ୍ତୁ ଲଗି ଆପଣାର ଆଗ୍ରହକୁ ଆଦୌ ନଷ୍ଟ କରିଦେବାକୁ ପଡ଼ିବ ନାହିଁ, ବା ଯାବତୀୟ ବଜ୍ଞାନ, କଳା ଅଥବା ଜୀବନରେ ଆଦୌ କୁଠାଗ୍ରଘାତ କରିବାକୁ ପଡ଼ିବ ନାହିଁ । ଯୁଏତ ଏକଥା ସମ୍ଭବ ଯେ ଏକ ପୁର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ ତଥା ନିସ୍ୱାସ୍ପକତାର ଏକ ଅନ୍ୟତମ ପରିଣାମରୂପେ ବଜ୍ଞାନ, କଳା ଓ ଜୀବନ ସେଗୁଡ଼ିକର ବର୍ତ୍ତମାନ ସୀମିତତାଟି ମଧ୍ୟରୁ ଉପରକୁ ଉଠିଆସି ପାରିବେ; ଆମର ମନ ବର୍ତ୍ତମାନ ସେଗୁଡ଼ିକରୁ ଯେଉଁ ଏକ ଅଜ୍ଞାନପୀଡ଼ିତ, ସୀମାବଦ୍ଧ, ମାଦ୍ୟଯୁକ୍ତ ଓ ବକ୍ଷୋଭିତ ସୁଖ ଆସ୍ୱାଦନ କରିବାରେ ଲଗିଛୁ, ସେତେବେଳେ ତାହା ବଦଳରେ ମୁକ୍ତ, ପ୍ରଗାଢ଼ ଓ ଉତ୍ତୋଳନ-କାସ୍ପ ଆନନ୍ଦାବେଗ ସମ୍ଭବ ହୋଇ ପାରିବ, ଏବଂ ତାହା ସୃଜନାତ୍ମକ ଛନ୍ଦଗତ ଶକ୍ତି

'oaob.nitrkl.ac.in' images reprocessed

ଏବଂ ଆଲୋକନର ଏପର ଏକ ନୂତନ ଉତ୍ସକୁ ଆଣି ଉପଲବ୍ଧ କରାଇଦେବ, ଯାହାକ ବଜ୍ଞାନ, କଳା ଓ ଜୀବନକୁ ଜ୍ଞାନସ୍ଥ ଆପଣାର ପରମ ଆଲୋକ ଆଡ଼କୁ ତଥା ଏପର୍ଯ୍ୟନ୍ତ ଅକଳ୍ପନୀୟ ହୋଇ ରହିଥିବା ନାନା ସମ୍ଭାବନା ଆଡ଼କୁ ଏବଂ ଅର୍ଥ, ରୂପ ତଥା ପ୍ରୟୋଗର ଏକ ଅତ୍ୟନ୍ତ ଗତିଶୀଳ ଶକ୍ତିମତ୍ତା ଆଡ଼କୁ ଅଧିକ ଦ୍ରୁତ ଏବଂ ଅଧିକ ଉଚ୍ଚୀର ସ୍ତରରେ ବହନ କରି ନେଇଯିବ । ସେହି ଏକମାତ୍ର ପରମାବଶ୍ୟକ ବସ୍ତୁଟିଉଁ ପ୍ରଥମେ ଓ ନିରନ୍ତର ଅନୁଧାବନ କରିବାକୁ ପଡ଼ିବ; ମାତ୍ର ତାହାର ପରିଣାମସ୍ୱରୂପ ଅନ୍ୟ ସକଳ ବସ୍ତୁ ମଧ୍ୟ ତାହାର ସ୍ୱତଃ ଅସି ଉପଲବ୍ଧ ହୋଇଯିବ । ସେଗୁଡ଼ିକୁ ଲାଭ କରି ଆମକୁ ପ୍ରକୃତରେ ଆମର ଭଣ୍ଡାରଟି ମଧ୍ୟରେ କିଛୁ ନୂଆ କରି ଆଣି ମିଶାଇବାକୁ ପଡ଼ିବ ନାହିଁ; ବରଂ ତାହାର ମଧ୍ୟରେହିଁ ସେଗୁଡ଼ିକର ପୁନରୁଦ୍ଧାର କରିନେବାକୁ ପଡ଼ିବ, ଆପଣାର ଆତ୍ମାଲୋକ ଦ୍ୱାରା ସେଗୁଡ଼ିକୁ ପୁନର୍ଗଠିତ କରିବାକୁ ପଡ଼ିବ ଏବଂ ଆପଣାର ଆତ୍ମପ୍ରକାଶଶୀଳ ସାମର୍ଥ୍ୟଟିର ବଳୟନ୍ନ ଅଂଶରୂପେ ସେଗୁଡ଼ିକୁ ପୁଣି ସମ୍ଭାର ନେବାକୁ ପଡ଼ିବ ।

❁

ତେବେ ଏହାହିଁ ହେଉଛି ଦିବ୍ୟ ଜ୍ଞାନ ଏବଂ ମନୁଷ୍ୟର ଜ୍ଞାନ ମଧ୍ୟରେ ରହିଥିବା ଯଥାର୍ଥ ସମ୍ବନ୍ଧ; ପରମ ଏବଂ ପାର୍ଥିବ ଏହିପର ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଦୁଇଟି କ୍ଷେତ୍ରରେ ଭିନ୍ନ ହୋଇ ରହିଥାହିଁ ସେମାନଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟଟିର ଅସଲ ତଥା ନୁହେଁ; ମାତ୍ର ଦୁଇଟିଯାକ ଜ୍ଞାନ ଦିସ୍ପା କରୁଥିବାର କ୍ଷେତ୍ରରେ ପୃଷ୍ଠଭୂମି ରୂପେ ସେଉଁ ଚେତନାଟି ଅବସ୍ଥିତ ରହିଛୁ, ସେଥିରେ ରହିଥିବା ପ୍ରକାରଗତ ପାର୍ଥକ୍ୟଟି ହେଉଛୁ ଅସଲ ପାର୍ଥକ୍ୟ । ବସ୍ତୁଗୁଡ଼ିକର ବାହ୍ୟ ଅର୍ଥାତ୍ ଉପରସ୍ଥ ସ୍ତରଗୁଡ଼ିକରେ, ପ୍ରତିସ୍ପାଟି ମଧ୍ୟରେ ଏବଂ ପ୍ରତୀତ୍ୟପରେହିଁ ଆପଣାକୁ ଜଡ଼ିତ କରି ରଖିଥିବା ସାଧାରଣ ଚେତନାଟିରୁ ଯାହା ଜନ୍ମନ୍ନ ହୁଏ, ତାହା ହେଉଛୁ ମନୁଷ୍ୟର ଜ୍ଞାନ । କେବଳ ସେହି-ଗୁଡ଼ିକ ଲଗିହିଁ ସେହି ଚେତନା ଆପଣାକୁ ସେଗୁଡ଼ିକ ମଧ୍ୟରେ ଜଡ଼ିତ କରି ରଖିଥାଏ; ଅଥବା ଉପରସ୍ତଗତ କୌଣସି ପ୍ରୟୋଜନ ସକାଶେ ବା ବାସନା ଅଥବା ବୁଦ୍ଧିର ମାନସିକ ଜଂବା ପ୍ରାଣିକ ପରିତର୍ପଣ ସକାଶେହିଁ ତାହା ଆପଣାକୁ ସେଗୁଡ଼ିକ ମଧ୍ୟରେ ଜଡ଼ିତ କରି ରଖିଥାଏ । ମାତ୍ର ଜ୍ଞାନର ସେହି ଦିସ୍ପାସ୍ପକତାଟି ଯେତେବେଳେ ଆପଣାର ସକଳ ବଚରଣ-ତଥା ପ୍ରବେଶ-ଭୂମିରେ କେବଳ ସେହି ପରମ କାଳାତୀତ ଶାଶ୍ୱତତାର ଉପସ୍ଥିତିକୁ ଏବଂ ପରମ କାଳ ମଧ୍ୟରେ ସେହି ପରମ ଶାଶ୍ୱତଙ୍କର ପ୍ରକାଶଶ୍ୱତଗୁଡ଼ିକର ଅନୁସନ୍ଧାନ ଓ ଆବିଷ୍କାର କରିବାରେହିଁ ତତ୍ପର ହୋଇ ରହିଥିବା ସେହି ଆଧ୍ୟାତ୍ମିକ ବା ଆଧ୍ୟାତ୍ମିକତାର ସଞ୍ଚାର କରିଦେଇଥିବା ଚେତନାରୁ ଜନ୍ମନ୍ନ ହେବାକୁ ଆରମ୍ଭ କରେ, ସେତେବେଳେ ତାହା ଯୋଗର ଏକ ଅଙ୍ଗରେ ପରିଣତ ହେବାକୁ ସମର୍ଥ ହୁଏ ।

'oaob.nitrkl.ac.in' images reprocessed

ଏକଥାଟି ସ୍ପଷ୍ଟ ହୋଇଯିବା ଉଚିତ ଯେ ଅଜ୍ଞାନ ମଧ୍ୟରୁ ବାହାର ଜ୍ଞାନରେ ପ୍ରବେଶ କରିବା ଲାଗି ଅପରିହାର୍ଯ୍ୟ ବୋଲି ଅନୁଭୂତ ହେଉଥିବା ଏକ ଏକନିଷ୍ଠତା ବା ଏକାଗ୍ରନିବେଶର ପ୍ରୟୋଜନରେ ପଡ଼ି ସାଧକ ଲାଗି ଆପଣାର ଯାବତୀୟ ଶକ୍ତିକୁ ଦୃଢ଼ଭାବେ ଏକତ୍ର ସଂଗୃହୀତ କରିଆଣି ଉଦ୍ଦିଷ୍ଟ ପରିବର୍ତ୍ତନଟି ଲାଗି ସହାୟକ ହେଉଥିବା ବସ୍ତୁଗୁଡ଼ିକ ଉପରେ ତାହାକୁ କେନ୍ଦ୍ରିତ କରି ରଖିବା ଆବଶ୍ୟକ ହୋଇପାରେ ଏବଂ ସେହି ପରିବର୍ତ୍ତନଟି ଆଡ଼କୁ ସିଧା ମୁହାଁ ହୋଇ ରହି ନଥିବା ଆଉ ଯାବତୀୟ ବସ୍ତୁକୁ ସେହି ସମୟଟି ସକାଶେ ଦୂରେଇ ଆଡ଼େଇ ଦେବାକୁ ଅଥବା ଗୌଣ କରି ରଖିବାକୁ ପଡ଼ିପାରେ । ସେ ଏକଥାଟିକୁ ମଧ୍ୟ ଆବଶ୍ୟକ କରିପାରେ ଯେ ଆପଣା ମନର ଏହି ଉପରିଲକ୍ଷିତ ସାମର୍ଥ୍ୟଟିକୁ କାମରେ ଲଗାଇ ସେ ମନୁଷ୍ୟ-ଜ୍ଞାନର ଏଇଟି ବା ସେଇଟି ଯେଉଁସବୁ ନାନା ଅନୁଧାବନରେ ଆପଣାକୁ ଅଭ୍ୟସ୍ତ କରି ରଖିଥିଲା, ଏହି ପ୍ରବୃତ୍ତି ବା ଅଭ୍ୟାସଟି ହେତୁ ତାହା ତାକୁ ଏପର୍ଯ୍ୟନ୍ତ ମଧ୍ୟ ତା'ର ଗଣ୍ଠିରତା-ଗୁଡ଼ିକ ମଧ୍ୟରୁ ଉପରିଲକ୍ଷିତକୁ ଅଥବା, ଯେଉଁସବୁ ଉଚ୍ଚତାରେ ସେ ଆରୋହଣ କରି ପାରିଲାଣି ବା ଯେଉଁଗୁଡ଼ିକର ସମ୍ମୀପବର୍ତ୍ତୀ ହୋଇ ଆସୁଛି, ସେଗୁଡ଼ିକରୁ ତାକୁ ଟପାଇ ଆଣି ନମ୍ନତର ସ୍ତରଗୁଡ଼ିକୁ ନେଇ ଆସିବାରେ ଲାଗିଛି । ତେଣୁ, ଏକ ଉଚ୍ଚତର ଚେତନାସ୍ତରରେ ଦୃଢ଼ପ୍ରତିଷ୍ଠ ହୋଇ ତାହାର ସାମର୍ଥ୍ୟଗୁଡ଼ିକୁ ମନୋଗତ ସକଳ କ୍ଷେତ୍ର ଆଡ଼କୁ ଉଦ୍ଦିଷ୍ଟ କରି ରଖିପାରିବା ପର୍ଯ୍ୟନ୍ତ ତାକୁ ଦୃଢ଼ଭାବେ ଏହିସବୁ କ୍ରିୟାସୂତ୍ରକତାକୁ କ୍ରମଶଃ ସକାଶେ ସ୍ଥଗିତ କରି ରଖିବାକୁ ବା ପରିହାର କରିବାକୁ ପଡ଼ିପାରେ । ସେତେବେଳେ, ଉଚ୍ଚତର ଚେତନାର ସେହି ଆଲୋକଟିର ଅଧୀନ ହୋଇ ରହି ବା ସେଇଟି ଦ୍ୱାରା ଗୃହୀତ ହୋଇ ସାଧକର ଚେତନାଗତ ରୂପାନ୍ତର ଦ୍ୱାରା ସେହି କ୍ରିୟାସୂତ୍ରକତାଗୁଡ଼ିକ ଏକ ଚିତ୍‌ଗତତା ତଥା ଦ୍ରବ୍ୟ କ୍ଷେତ୍ରରେ ପରିଣତ ହୋଇଯାଆନ୍ତି । ଯେଉଁସବୁ କ୍ରିୟାସୂତ୍ରକତା ଏହିପରି ସ୍ତରରେ ରୂପାନ୍ତରିତ ହୋଇ ନପାରେ ଅଥବା ଏକ ଦ୍ରବ୍ୟ ଚେତନାର ଅଙ୍ଗ ହୋଇ ରହିବାକୁ ଯାହାଳୁଛି ତଥାପି ଅସ୍ୱୀକାର କରୁଥାଏ, ସାଧକକୁ ସେଗୁଡ଼ିକୁ ଅକୁଣ୍ଠ ସ୍ତରରେ ବର୍ଜନ କରି ଆସିବାକୁ ହୁଏ; ମାତ୍ର ଏଗୁଡ଼ିକ କେବଳ ଶୂନ୍ୟଗର୍ଭ ବୋଲି ଆଗରୁ କୌଣସି ବସ୍ତୁର ଦ୍ୱାରା ପ୍ରତ୍ୟେଚିତ ହୋଇ କିଂବା ଅଭିଲକ୍ଷିତ ନୂତନ ଜୀବନଟିରେ ଏକ ଉପାଦାନ ହୋଇ ରହିବା ଲାଗି ସେଗୁଡ଼ିକର ଆଦୌ କୌଣସି ସମର୍ଥତା ନାହିଁ ବୋଲି ଆଗରୁ ସ୍ତର ସେ ସେଗୁଡ଼ିକୁ କଦାପି ବର୍ଜନ କରେ ନାହିଁ । ଏହିସବୁ ବ୍ୟାପାରରେ କେବେହେଲେ କୌଣସି ଧରାବନ୍ଧା ମାନସିକ ନୀତି କିଂବା ସିଦ୍ଧାନ୍ତ ରହିପାରିବ ନାହିଁ । ତେଣୁ ସେ ଏହି କ୍ଷେତ୍ରରେ ଆଦୌ କୌଣସି ଅପରିବର୍ତ୍ତିତ ନମ୍ନତର ଅନୁସରଣ କରିବ ନାହିଁ, ମାତ୍ର ଆପଣାର ଅନୁଭୂତି, ଅନ୍ତଃଦୃଷ୍ଟି ଓ ଅନୁଭବ ଦ୍ୱାରା ପ୍ରେରିତ ହୋଇହିଁ ସେ ମନର କୌଣସି କ୍ରିୟାସୂତ୍ରକତାକୁ ଗ୍ରହଣ ବା ବର୍ଜନ କରିବା ଲାଗି

'oaob.nitrkl.ac.in' images reprocessed

ନିଶ୍ଚିତ୍ତି କରୁଥିବ । ଏହିପରି ସ୍ତରରେ ପରଶେଷରେ ସେହି ବୃହତ୍ତର ପରମ ସାମର୍ଥ୍ୟ ଓ ପରମ ଆଲୋକଟିର ହୃଦସ୍ପନ୍ଦ ହୋଇ ଆସିବ; ଯାହାକିଛୁ ଭଲ ସ୍ତରରେ ରହିଛୁ, ସେତେବେଳେ ତାହାକୁ ସେଗୁଡ଼ିକର ନଭ୍ୱଳ ଗ୍ରହଣ ବା ବର୍ଜନ କରିବାକୁ ଆଇନ୍ତ କରିବ ଏବଂ ମନୁଷ୍ୟର ବିବର୍ତ୍ତନଟି ଦିବ୍ୟ ପ୍ରସ୍ପାସ୍ପଟି ସକାଶେ ଯାହାକିଛୁ ପ୍ରସ୍ତୁତ କରି ରଖିଛୁ, ସେଥିରୁ ଆପଣାର ଉପଯୋଗୀ ଉପାଦାନକୁ ବାଛୁନେବ ଓ ବାଙ୍କିଗୁଡ଼ିକୁ ଛାଡ଼ି ଦେଇଯିବ ।

ଠିକ୍ କେଉଁ ସ୍ତରରେ ବା କେଉଁ ନମଟି ଅନୁସାରେ ଏହି ରୂପାନ୍ତରଣ ଏବଂ ପରିବର୍ତ୍ତନଟି ପ୍ରକୃତରେ ଘଟିବ, ତାହା ବ୍ୟକ୍ତି-ସ୍ୱଭାବର ସ୍ୱରୂପ, ତାହାର ପ୍ରସ୍ତୋଜନ ଓ ତାହାର ସାମର୍ଥ୍ୟଗୁଡ଼ିକ ଉପରେହିଁ ନର୍ଭର କରିବାକୁ ବାଧ ହେବ । ଆଧାସ୍ପିକ କ୍ଷେତ୍ରରେ ମୂଳ ସାରଟି ସବ୍ଦଦା ଏକ ଓ ଅଭିନ୍ନ ହୋଇ ରହିଥାଏ ସତ, ମାନ ତଥାପି ଏକ ଅନ୍ତହ୍ନାନ ବିବଧତା ଅବଶ୍ୟ ରହିଥାଏ; ଏବଂ ଅନ୍ତତଃ ପୁର୍ଣ୍ଣଯୋଗର କ୍ଷେତ୍ରରେ ଏକ ଧସ୍ତ୍ୱବନ୍ଧୀ ମାନସିକ ନସ୍ୱମର କଠୋରତା କ୍ରମଶଃ ପ୍ରଯୁକ୍ତ ହୋଇଥାଏ । କାରଣ ଗୋଟିଏ ଲକ୍ଷ୍ୟ ଉପରେ ଆସି ରସି ଅଟକର ହେଉଥିଲେ ମଧ୍ୟ ଦୁଇଜଣ ମଣିଷଙ୍କର ପ୍ରକୃତ ପରସ୍ପରଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ସେହି ଗୋଟିଏ ଗୁଳା ଉପରେ କଦାପି ଯାଆନ୍ତି ନାହିଁ, ଗୋଟିକ ପରେ ଗୋଟିଏ କରି ସେହି ଏକା ପାହାଚଗୁଡ଼ିକୁ ଆଦୌ ଅତିକ୍ରମ କରନ୍ତି ନାହିଁ ଏବଂ ଆପଣାର ଅଗ୍ରଗତିରେ ସେହି ଅଭିନ୍ନ ସମାନ ପର୍ଯ୍ୟାସ୍ପଗୁଡ଼ିକ ଦେଇ କେତେହେଲେ ଗତି କରନ୍ତି ନାହିଁ । ତଥାପି ଏକଥାଟି ଅବଶ୍ୟ କୁହାଯାଇ ପାରିବ ଯେ ଏହି କ୍ଷେତ୍ରରେ ଅଗ୍ରସର ହେବାର ପର୍ଯ୍ୟାସ୍ପଗୁଡ଼ିକରେ ନ୍ୟାସ୍ପତଃ ଏହିଭଳି ଏକ ନମ ବେଶ୍ ପରିଲକ୍ଷିତ ହୋଇପାରିବ । ପ୍ରଥମେ ଏକ ବୃହତ୍ତର ଉତ୍ପରିବର୍ତ୍ତନର ଏକ ପର୍ଯ୍ୟାସ୍ପ ଆସିବ, ଯେଉଁଥିରେ କ ବ୍ୟକ୍ତିର ସ୍ୱଭାବୋପଯୁକ୍ତ ଯାବତ୍ତୀସ୍ପ ସ୍ୱାଭାବିକ ମନୋଗତ କିସ୍ପାସ୍ପକତା ଏକ ଉଚ୍ଚତର ଅବଲୋକନ ଦ୍ୱାରା ପରିଚାଳିତ ହେବ ଏବଂ ତାହାର ସମ୍ପତ ସମ୍ପର୍କତ ହୋଇ ରହିବ; ଆମ ଭିତରେ ଅବସ୍ଥିତ ରହିଥିବା ଆତ୍ମା, ଚୈତ୍ୟପୁରୁଷ ବା ଯଜ୍ଞର ପୁରୋଧା ସେଗୁଡ଼ିକୁ ଭଗବାନଙ୍କର ସେବାରେହିଁ ସମର୍ପିତ କରି ରଖିବ । ଦ୍ୱିତୀସ୍ପରେ ଆମର ସତ୍ତା ଏକ ଆନ୍ୱେଷଣ ଲଗି ପ୍ରସ୍ପାସ କରିବାକୁ ଆରମ୍ଭ କରିବ, ଏବଂ ଆପଣାର ଏହି ଉର୍ଦ୍ଧ୍ୱମୁଖ ପ୍ରସ୍ପାସ୍ପଟି ଦ୍ୱାରା ଲବ୍ଧ ଚେତନାର କୌଣସି ନୂତନ ସ୍ପିରରେ ଅବସ୍ଥିତ ଆଲୋକ ତଥା ଶକ୍ତିସତ୍ତାକୁ ଜ୍ଞାନର ସମୁଦାସ୍ପ ବିସ୍ପାକ୍ଷେତ୍ରକୁ ଅବତରଣ କରାଇ ଆଣିବା ଲଗି ମଧ୍ୟ ଏକ ପ୍ରସ୍ପାସ ଆରମ୍ଭ ହେବ । ଏଠାରେ ଚେତନାର ଅନ୍ତର୍ମୁଖୀ ଚେତସ୍ତ ପରିବର୍ତ୍ତନଟି ଉପରେହିଁ ଏକ ପ୍ରବଳ ଅଭିନିବେଶ ଘଟିଥାରେ ଏବଂ ସେହି କାରଣରୁ ବହିଃଧାବନଶୀଳ ମନୋଗତ ଜୀବନର ଏକ ବଡ଼ ଅଂଶଟିକୁ ଦୃଢ଼ତ ପରିତ୍ୟାଗ କରିବାକୁ ପଡ଼ିଥାରେ ଅଥବା ସେଇଟିକୁ ଏକ ଛିଦ୍ର ଏବଂ ଗୌଣ ସ୍ଥାନକୁ ଟାଇ

'oaob.nitrkl.ac.in' images reprocessed

ଦ୍ଧଆଯାଇ ପାରେ । ତା'ପରେ ବଉନ୍ନ ପର୍ଯ୍ୟାୟରେ ଏଇଟିକୁ କଂବା ଏହାର କେତୋଟି ଅଂଶକୁ ପୁଣି ମଣ୍ଟିରେ ମଣ୍ଟିରେ ଗ୍ରହଣ କର ନଆଯାଇ ପାରେ ଏବଂ ଏହାର ସାବଷ୍ଟାସ୍ଥ ଗଉସ୍ତନ୍ଦନର କ୍ଷେତ୍ରରେ ସେହ୍ନ ନୂଚନ ଅନ୍ତର୍ଗତ ଚୈତ୍ୟ ଏବଂ ଆଧାତ୍ମିକ ଚେଇନାର ସଂସ୍ଫରଣ କେତେଦୂର ସମ୍ଭବ ହେଇଛୁ, ସେକଥା ପଶ୍ଚାତ୍ଷା କର ଦେଖିବାକୁ ମନ ହୋଇପାରେ । ମାନ ଯେଉଁ ଅନ୍ତର୍ଭାବ ବା ପ୍ରକୃଚ୍ଚଟି ମନୁଷ୍ୟ ଭିତରେ ଏ ଜିନ୍ଦାଟିକୁ ଅଥବା ସେ ଜିନ୍ଦାଟିକୁ ଏକ ପ୍ରତ୍ୟୋଜନ ବୋଲ୍ ଅନୁଭୂତ କଗ୍ଇଥାଏ ଏବଂ ସେଇଟିକୁ ଆମ ଅତ୍ତିତ୍ୱର ସତ୍ତେଅବା ପ୍ରାପ୍ତ ଏକ ଅପରହାର୍ଯ୍ୟ ଅଙ୍ଗ ପର ପ୍ରତୀତ କଗ୍ଇ ରଖିବାକୁ ଇଚ୍ଛା କରୁଥାଏ, ଏହ୍ନ ପର୍ଯ୍ୟାସ୍ଥିକୁ ଆସି ସେହ୍ନ ପ୍ରକୃତର ସକଳପ୍ରକାର ବାଧ୍ୟବାଧକତା ନମେ ଅତ୍ତ୍ୟନ୍ତ ଷୀଣ ହୋଇ ଆସିବ ଏବଂ ପରଶେଷରେ ସେହ୍ନ ଜିନ୍ଦାଟିରେ ବା କୌଣସି ବଶେଷ ଜିନ୍ଦାରେ ଆଉ ଜଡ଼ିତ ହୋଇ ରହିବାକୁ ପଡ଼ିବ ନାହିଁ, ଜୀବନର କୌଣସି କ୍ଷେତ୍ରରେ କୌଣସି ନମ୍ନତ୍ତର ଗ୍ରୁପ କଂବା ନମ୍ନତ୍ତର ପ୍ରେରକଶକ୍ତି ଆଦୌ ଅନୁଭୂତ ହେବ ନାହିଁ । ସେତେବେଳେ କେବଳ ପରମ ଦ୍ରବ୍ୟତ୍ତାରହିଁ ମହତ୍ତ୍ୱ ରହିଥିବ, ସେହ୍ନ ଦ୍ରବ୍ୟତ୍ତାହିଁ ସମୁଦାସ୍ଥ ସତ୍ତ୍ୱସ୍ଥିର ଏକମାନ ପ୍ରତ୍ୟୋଜନ ହୋଇ ରହିବ; ଯଦ୍ଦ କୌଣସି ଏକ ବଶେଷ ଜିନ୍ଦା ବା ଜିନ୍ଦାସ୍ଥକତା ଲଗି କୌଣସି ଗ୍ରୁପ ଅନୁଭୂତ ହେଇଥାଏ, ତେବେ ସେହ୍ନ ଗ୍ରୁପ ଆମ ଭିତରେ ବାହାରୁ ଗ୍ରେପଣ କଗ୍ଯାଇଥିବା କୌଣସି ବାସନାର କଂବା ପ୍ରାକୃତ ଶକ୍ତିମତ୍ତାର ଗ୍ରୁପ କଦାପି ହେବ ନାହିଁ; ମାନ ତାହା ଆମ ଭିତରେ କାର୍ଯ୍ୟ କରୁଥିବା କୌଣସି ବୃହତ୍ତର ଚେତନା-ଶକ୍ତିର ଜ୍ୟୋତିର୍ମସ୍ଥ ପରପ୍ରେରଣା ହୋଇ ରହିଥିବ, ଯାହାକି ଅଧିକରୁ ଅଧିକ ପରମାଣରେ ଆମର ସମୁଦାସ୍ଥ ସତ୍ତ୍ୱସ୍ଥିର ଏକମାନ ପ୍ରେରକଶକ୍ତିରେ ପରଣତ ହେବାରେ ଲଗିଥିବ । ଅନ୍ୟ ପକ୍ଷରେ, ଅନ୍ତର୍ପଥରେ ଅଗ୍ରସର ହେବାର ଏହ୍ନ ଚଦ୍ଗତ ଧାଗ୍ସ୍ଥିର ଯେକୌଣସି ପର୍ଯ୍ୟାସ୍ଥରେ ଏକଥା ମଧ୍ୟ ବେଶ୍ ସମ୍ଭବ ହୋଇପାରେ ଯେ ଆମର ଜିନ୍ଦାସ୍ଥକତାଗୁଡ଼ିକ ନମଶଃ ସଙ୍କୁଚତ ହୋଇ ନଆସି ଅଧିକରୁ ଅଧିକ ସଂପ୍ରସାରତ ହୋଇଯାଉଥିବା ପର ଏକ ଅନୁଭୂତ ମିଳୁଥିବ । ମାନସିକ ସୃଜନର କେତେକେତେ ନୂତନ ସାମର୍ଥ୍ୟ ଦ୍ରୁତତ ଉନ୍ମୋଚତ ହୋଇଯାଉଥିବ ଏବଂ ଯୋଗ-ଶକ୍ତିର ସେହ୍ନ ଅଭ୍ୟୁତ ସଂସ୍ପର୍ଶରେ ଜ୍ଞାନର କେତେକେତେ ନୂତନ କ୍ଷେତ୍ର ମଧ୍ୟ ଉନ୍ମୁକ୍ତ ହୋଇଯାଉଥିବ । କୌଣସି ଗୋଟିଏ କ୍ଷେତ୍ରରେ ଅଥବା ଏକାବେଳକେ ଅନେକ କ୍ଷେତ୍ରରେ ଏକ ସୌନ୍ଦର୍ଯତେତନାମସ୍ଥ ଅନୁଭୂତ ଭଥା କଳାସ୍ଥକ ସୃଜନର ସାମର୍ଥ୍ୟ ଜାଗ୍ରତ ହୋଇ ଆସିବ, ସାନ୍ଦ୍ରତ୍ୟସ୍ଥିର ବୁଦ୍ଧିକୁଶଳତା ବା ପ୍ରତିଭା ସ୍ଫୁରତ ହେବ, ଦାର୍ଶନିକ ତତ୍ତ୍ୱଚନ୍ତାର ଏକ ବୃତ୍ତି ମୁକୁଳତ ହୋଇ ଆସିବ, କଂବା ଚକ୍ଷୁ, କର୍ଣ୍ଣ, ହସ୍ତ ଅଥବା ମନର କୌଣସି ନା କୌଣସି ଶକ୍ତି ଉନ୍ମେଷ ଲାଭ କରିବ; ଆଗରୁ ଏଗୁଡ଼ିକର କେବେହେଲେ କୌଣସି

'oaob.nitrkl.ac.in' images reprocessed

ପ୍ରକାଶ ବା ପ୍ରକଟନ ଘଟି ନଥିଲେ ମଧ୍ୟ ବର୍ତ୍ତମାନ ସେଗୁଡ଼ିକ ଜାଗୃତ ହୋଇ ଆସିବ । ଭିତରେ ବର୍ତ୍ତମାନ ରହିଥିବା ପରମ ଦ୍ରବ୍ୟତା ଏହିସବୁ ଅନ୍ତର୍ନିହିତ ଭାବକୁ ସେଗୁଡ଼ିକ ଲୁକ୍‌କାୟିତ ହୋଇ ରହିଥିବା ଭଣ୍ଡାରଟି ମଧ୍ୟରୁ ଭିତରୁ ବାହାର କଣ୍ଠ ନେଇଆସିବ; କିଂବା ଦୁଏତ ଊର୍ଦ୍ଧ୍ୱଦେଶରେ ଅବସ୍ଥିତ ଏକ ପରମ ସାମର୍ଥ୍ୟ ସାଧନ-ରୂପୀ ଏହି ପ୍ରକୃତିଟିକୁ ଯେଉଁ ନିସ୍ୱାସ୍ପକତା ଅଥବା ସୃଜନଟି ସକାଶେ ଏକ ପ୍ରବାହପଥ ବା ନର୍ମାଭାରୂପେ ବ୍ୟବହୃତ ହେବ ବୋଲି ତାହା ଉଦ୍ଦିଷ୍ଟ ହୋଇ ରହିଛି, ତାହାକୁ ସେହି ନିସ୍ୱାସ୍ପକତା ବା ସୃଜନଟି ସକାଶେ ଉପଯୁକ୍ତ ଭାବରେ ପ୍ରସ୍ତୁତ କରିଇ ପାରିବା ଲାଗି ଆପଣାର ସାମର୍ଥ୍ୟଗୁଡ଼ିକୁ ଆଣି ତା' ଉପରେ ଅଜାଡ଼ି ଦେଇଯିବ । ମାନ ଯୋଗର ପରମ ଅଧୀଶ୍ୱର ଆମ ଭିତରେ ବକାଶ ଓ ନମପରଣତିର ଯେଉଁ ବିଶେଷ ପ୍ରଣାଳୀ ଅଥବା ଗତିପଦ୍ଧତିକୁ ବାଛୁନେଇଥାନ୍ତୁ ପଛକେ, ଏହି ପର୍ଯ୍ୟାୟଟିର ଏକ ସାଧାରଣ ପରିସମାପ୍ତିରୂପେ କେବଳ ତାହାଙ୍କଠାରେ ଆମ ମନର ସାବଙ୍ଗସ୍ୱ ଗତିଶ୍ଚଳନ ଏବଂ ଜ୍ଞାନଗତ ସାବଙ୍ଗସ୍ୱ ନିସ୍ୱାର ସଞ୍ଚାଳକ, ନର୍ଣ୍ଣାୟକ ଭଳି ନର୍ମାଭାରୂପେ ଅନୁଭବ କରିବାର ଏକ ଚେତନାଟି ନମଶଃ ବୃଦ୍ଧି ପାଇବାରେ ଲାଗିଥିବ ।

ସାଧକର ଜ୍ଞାନଗତ ମନ ଏବଂ ଜ୍ଞାନଗତ ସାବଙ୍ଗସ୍ୱ କର୍ମ ଯେ ଅଜ୍ଞାନର ପ୍ରକିସ୍ୱାଟି ମଧ୍ୟରୁ ନମଶଃ ମୁକ୍ତ ହୋଇ ଆସି ସେହି ପରମ ଚିଦ୍‌ଗଭୀରତାର ଅନ୍ୱେଷଟି ମଧ୍ୟରେ ପ୍ରଥମେ ଆଂଶିକ ଭାବରେ ଓ ତା'ପରେ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟ କରୁଥିବା ଏକ ସମ୍ପୂର୍ଣ୍ଣତ୍ୱମୋଚକ ଚେତନାରେ ରୂପାନ୍ତରିତ ହୋଇଯାଉଛି, ତାହାର ଦୁଇଟି ସଙ୍କେତ ଦେଖିବାକୁ ମିଳିଥାଏ । ପ୍ରଥମେ ଚେତନା ମଧ୍ୟରେ ଏକ ଚୈତ୍ୟସ୍ୱ ପରିବର୍ତ୍ତନ ଘଟେ, ପରମ ସତ୍ୟୋଚ ସତ୍ତା ଭଳି ଚିତ୍ସ୍ୱରୂପ ଚିପସ୍ୱରେ ଏକ ନମବର୍ତ୍ତମାନ ପ୍ରତ୍ୟକ୍ଷ ଅନୁଭୂତି ଉପଲବ୍ଧି ହୁଏ, ପ୍ରତ୍ୟକ୍ଷ ଦୃଷ୍ଟି ମିଳେ ଓ ତାହାକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିହୁଏ; ସେହି ପରମ ଦ୍ରବ୍ୟସତ୍ତାଙ୍କ ତାଙ୍କର ପ୍ରକୃତ ସ୍ୱରୂପରେ ଏବଂ ସଦ୍ଭୂତ ରୂପରେ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିହୁଏ ଏବଂ ଦେଖିହୁଏ । ଏହି ସଦ୍‌ପ୍ରଥମ ଭଳି ସତ୍ୟୋଚ ଆସ୍ପଦଟିକୁ ନେଇହିଁ ମନ ଅଧିକରୁ ଅଧିକ ଅନୁସିକ୍ତ ହୋଇ ରହେ, ସେହି ମୂଳସ୍ଥ ପରମ ଜ୍ଞାନର ଅଭିବ୍ୟକ୍ତି ଲାଗି ଅଧିକରୁ ଅଧିକ ପରିମାଣରେ ଏକ ଆନ୍ୱେକତ ସାଧନରୂପେ ବ୍ୟବହୃତ ହେବା ଲାଗି ନମଶଃ ଉନ୍ମେଷତ ଓ ବ୍ୟାପ୍ତ ହୋଇ ଯାଇଥାଏ । ମାନ ଭେତରେ କେନ୍ଦ୍ରସ୍ଥ ସେହି ପରମ ଚେତନାଟି ମଧ୍ୟ ମନର ବାହ୍ୟ ନିସ୍ୱାସ୍ପକତାଗୁଡ଼ିକୁ ଅଧିକରୁ ଅଧିକ ପରିମାଣରେ ଆପଣା ଭିତରେ ଗ୍ରହଣ କରିନଏ, ସେଗୁଡ଼ିକୁ ଆପଣାର ଏକ ଅଂଶରେ ପରିଣତ କରିଦିଏ ବା ଏକ ସଯୋଜତ କ୍ଷେତ୍ରରେ ପରିଣତ କରି ରଖେ । ସେଗୁଡ଼ିକ ମଧ୍ୟକୁ ତାହା ଆପଣାର ଅଧିକ ଗ୍ରାମାଣିକ ଗତିଶ୍ଚଳନଟିକୁ ସଞ୍ଚାରିତ କରିଥାଏ ଏବଂ ଅଧିକରୁ ଅଧିକ ଭାବରେ ଚିଦ୍‌ଗଭୀରତା ଦ୍ୱାରା ପରିପ୍ରେକ୍ଷିତ ଏବଂ ସର୍ଜୀପିତ ହୋଇ ରହିଥିବା ମନକୁ ତାହା

'oaob.nitrkl.ac.in' images reprocessed

ଉପରତ୍ତ୍ୱଗସ୍ଥ ଏହି କ୍ଷେତ୍ରଗୁଡ଼ିକରେ, ଆପଣାର ବଳିଷ୍ଠ ଏହି ନୂତନ ଭୂମିଗୁଡ଼ିକରେ ତଥା ତାହାର ଆପଣାର ସ୍ୱକୀୟ ଚଦ୍‌ଗଢ ସାମ୍ରାଜ୍ୟଟିରେ ମଧ୍ୟ ଆପଣାର ସାଧନରୂପେ ବ୍ୟବହାର କରିବାକୁ ଲାଗେ । ଏବଂ ଏହାକୁହିଁ ଆମେ ଏକ ଦ୍ରିତୀୟ ସଙ୍କେତ ବୋଲି କହିବା, ଏକ ନିର୍ଦ୍ଦିଷ୍ଟ ସିଦ୍ଧି ଏବଂ ପୂର୍ଣ୍ଣତାର ସଙ୍କେତ ବୋଲି କହିବା; ସ୍ୱୟଂ ପରମ ଦିବ୍ୟ ସତ୍ତା ଯେ ଏହି କ୍ଷେତ୍ରରେ ଜ୍ଞାତାରୂପେ ପ୍ରତିଷ୍ଠିତ ହୋଇଛନ୍ତି, ଏକଦା ଯାହାସବୁ କେବଳ ମନୁଷ୍ୟତ୍ତ୍ୱସ୍ଥ ଏକ ମନୋଗତ କ୍ରିୟାହିଁ ହୋଇ ରହିଥିଲା, ସେଗୁଡ଼ିକ ସମେତ ଅନ୍ତରସ୍ଥ ଯାବତୀୟ ଗତିସ୍ପନ୍ଦନ ଯେ କେବଳ ତାଙ୍କର ଜ୍ଞାନ କ୍ଷେତ୍ରରେ ପରିଣତ ହୋଇ ରହିଛୁ, ଆମେ ଏଠାକୁ ଆସି ତାହାର ସଙ୍କେତ ଲାଭ କରିବା । ତେଣିକ ବ୍ୟକ୍ତିଗତ ଗ୍ରନ୍ଥିବର୍ଜନ ଓ ନିର୍ବାଚନ ଲାଗି ଅଧିକରୁ ଅଧିକ କମ୍ ପରସ୍ପର ରହିବ, ବ୍ୟକ୍ତିଗତ ମତ ତଥା ବ୍ୟକ୍ତିଗତ ରୁଚିଅରୁଚି ବା ଅଗ୍ରରୁଚି ଲାଗି କମ୍ ପରସ୍ପର ରହିବ; ସବୁକିଛିକୁ ନେଇ ବୌଦ୍ଧିକତାର ଗୁମ୍ଫ ଭିତରେ ପକାଇ ଦେବାର ପ୍ରବୃତ୍ତି ଉଣା ହୋଇ ଆସିବ, ମନର ଯାବତୀୟ କାଲ୍‌ବୁଣା ଉଣା ହୋଇ ଆସିବ, ମାରପ୍ୟାଚ ଓ ଅତିକଠିନ ଯାବତୀୟ ମସ୍ତିଷ୍କଶ୍ରମରେ ହ୍ରାସ ଘଟିବ । ଯାହାକିଛୁ ଦେଖିବାର କଥା, କେବଳ ଅନ୍ତରସ୍ଥ ଏକ ପରମ ଆଲୋକହିଁ ତାହା ଦେଖିଥିବ; ଯାହାକିଛୁ ଜାଣିବାର କଥା, ତାହାକୁ କେବଳ ସେଇ ଜାଣିବ, ସେହି ସବୁକିଛିର ବିକାଶ କରିଥିବ, ସବୁକିଛିର ସୃଷ୍ଟି କରୁଥିବ ଓ ସବୁକିଛିର ଗଠନ କରୁଥିବ । ଅନ୍ତରସ୍ଥ ସେହି ପରମଜ୍ଞାତାହିଁ ବ୍ୟକ୍ତିର ପରମୁକ୍ତ ଓ ବିଶ୍ୱାତ୍ମକ ମନଟି ଭିତରେ ଅବସ୍ଥିତ ରହି ଏକ ସ୍ୱଂସ୍ପର୍ଶୀ ଜ୍ଞାନର ଯାବତୀୟ କର୍ମକୁ ସମ୍ପନ୍ନ କରିବାରେ ଲାଗିଥିବ ।

ଏହି ଉଭୟ ପରିବର୍ତ୍ତନକୁ ଆମେ ସେହି ପ୍ରାରମ୍ଭିକ ସଫଳତାରହିଁ ଗୋଟିଏ ଗୋଟିଏ ଚିହ୍ନରୂପେ ଜାଣିରଖିବା, ଯାହାଫଳରେ କି ଆମ ମନୋମୟ ପ୍ରକୃତିର କ୍ରିୟାତ୍ମକତାଗୁଡ଼ିକ ଉନ୍ନୀତ ହୋଇଯାଏ, ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ସଞ୍ଚାରିତ ହୁଏ, ବ୍ୟାପ୍ତି ଓ ବିଶ୍ୱପ୍ରସାର ଲାଭ କରେ ଓ ବିମୁକ୍ତ ହୋଇଯାଏ; କାଳସ୍ଥ ଏହି ବିଶ୍ୱଜଗତରେ ଆପଣାର ଅଭିବ୍ୟକ୍ତିକୁ ସୃଷ୍ଟ ତଥା ବିକଶିତ କରି ଆଣିଥିବା ସେହି ପରମ ଦିବ୍ୟ ସତ୍ତାଙ୍କର ଏକ ନମିତରୂପେ ଅବସ୍ଥିତ ରହିବାରହିଁ ଆପଣାର ଯଥାର୍ଥ ଉଦ୍ଦେଶ୍ୟଟି ସମ୍ବନ୍ଧରେ ସଚେତନ ହେବାକୁ ଲାଗେ । ମାତ୍ର କେବଳ ଏତିକିକୁହିଁ ଆମେ କଦାପି ରୂପାନ୍ତରର ସମଗ୍ର ପରସର ବୋଲି କହିପାରିବା ନାହିଁ; କାରଣ କେବଳ ଏହି ସୀମାଗୁଡ଼ିକ ଯାଏ ଆସିହିଁ ପୂର୍ଣ୍ଣଯୋଗର ସାଧକ ଆପଣାର ଆରୋହଣରୁ କେବେହେଲେ ଛାଡ଼ି ହୋଇ ରହିଯିବ ନାହିଁ ବା ଆପଣା ପ୍ରକୃତିର ରୂପପ୍ରସାରଣକୁ ସେତିକିରେ ସୀମାବଦ୍ଧ କରି ରଖିବ ନାହିଁ । କାରଣ, ଏହାହିଁ ଯଦି ଉଦ୍ଦିଷ୍ଟ ହୋଇ ରହିଥାନ୍ତା, ତେବେ ଜ୍ଞାନ ତଥାପି ସେହି ମନରହିଁ ଏକ କ୍ରିୟା ହୋଇ ରହିଥାନ୍ତା; ସେହି ମନ ଏକ ମୁକ୍ତ ମନ, ବିଶ୍ୱାତ୍ମକ ଏବଂ ଚଦ୍‌ଗଢତାରେ ଅନୁପ୍ରାଣିତ ଏକ ମନ ହୋଇ

'oaob.nitrkl.ac.in' images reprocessed

ପାରିଥାନ୍ତା ସତ, ମାନ, ସକଳବ୍ଧ ମନ ଯାହା ହୋଇ ରହିବାକୁ ଅବଶ୍ୟ ବାଧ ହେବେ, ତାହା ଅପେକ୍ଷାକୃତ ବଡ଼ ସୀମାସଙ୍କୁଚତ ହୋଇ ରହିଥାନ୍ତା, ଆପଣା ଗତ୍ୟାତ୍ମକତାର ମର୍ମକ୍ଷେତ୍ରରେ ତାହା ବଡ଼ ଆପେକ୍ଷିକ ଏବଂ ଅପୂର୍ଣ୍ଣ ହୋଇ ରହିଥାନ୍ତା । ତାହା ଯଥେଷ୍ଟ ସନ୍ଦୀପିତତା ସହିତ ପରମ ସତ୍ୟର କେତେକେତେ ବୃହତ୍ତ୍ୱ ଫରଚନାକୁ ପ୍ରତଫଳିତ କରିଇ ଥାଆନ୍ତା ସତ, ମାନ ସେଉଁଠି ସେହି ପରମ ସତ୍ତାଦ୍ଦି ପ୍ରାମାଣ୍ୟଯୁକ୍ତ, ତ୍ରୁଟ୍ୟକ୍ଷ, ସାଙ୍ଗଭୌମ ଓ ସ୍ୱତ୍ତାବ-ବତ୍ସଳତ ହୋଇ ରହିଛି, ମନ ସେହି ଗତ୍ୟାଟିରେ ଆଦୌ ବତରଣ କରିପାରନ୍ତା ନାହିଁ । ତେଣୁ ଏହି ସୋପାନଟିକୁ ଆସି ତଥାପି ଆନ୍ତର ଏକ ଆମ୍ବେହ୍ଣ ସମ୍ଭବ କରିବାକୁ ପଡ଼ିବ, ଯାହାଦ୍ୱାରା କ ଅଧ୍ୟାତ୍ମତ୍ତାବ ଦ୍ୱାରା ଆପଣାକୁ ସମ୍ପାରତ କରି ରଖିଥିବା ମନ ତଥାପି ଆପଣାର ସୀମାଗୁଡ଼ିକୁ ଭଙ୍ଗୀର୍ଣ୍ଣ ହୋଇଯାଇ ପାରିବ ଏବଂ ଜ୍ଞାନର ଏକ ଅତ୍ତମାନସ ସାମର୍ଥ୍ୟରେ ରୂପାନ୍ତରତ ହୋଇଯିବ । ଆପଣାକୁ ପରିପୂର୍ଣ୍ଣ ତ୍ତାବରେ ଆଧ୍ୟାତ୍ମିକତା ବା ତଦ୍ଗତତା ଦ୍ୱାରା ପ୍ରେରତ କରି ରଖିବାର ପ୍ରବିସ୍ୱାଟିରେହିଁ ତାହା ମନୁଷ୍ୟସ୍ତତ୍ତ୍ୱସ୍ଥ ବୁଦ୍ଧିର ଆଡ଼ମ୍ବରସସ୍ଥ ଦାରଦ୍ୟଟିକୁ ଆଗରୁ ଅତିକ୍ରମ କରି ଘୂରିଯିବାକୁ ଆରମ୍ଭ କରିଥିବ; ତା'ପରେ ତାହା ଏକ ଉଚ୍ଚତର ମନର ଶୁଦ୍ଧ ଓ ପ୍ରଶସ୍ତ କ୍ଷେତ୍ରଗୁଡ଼ିକୁ ଉନ୍ମୀଳ ହୋଇଯିବ ଏବଂ ତା'ପରେ ଊର୍ଦ୍ଧ୍ୱଦେଶରୁ ପ୍ଲାବତ ହୋଇ ଆସୁଥିବା ଏକ ଆଲୋକ ଦ୍ୱାରା ଆଲୋକତ ଏକ ଆନ୍ତର ବୃହତ୍ତ୍ୱ ଓ ଆନ୍ତର ମୁକ୍ତ ବୁଦ୍ଧିସମ୍ପନ୍ନତାର ଜ୍ୟୋତାଦୀପ୍ତ ମଣ୍ଡଳଟି ମଧ୍ୟକୁ ବମଶଃ ଆମ୍ବେହ୍ଣ କରିଯିବ । ଏହି ସ୍ଥାନରେ ଉପନୀତ ହୋଇ ତାହା ଅପେକ୍ଷାକୃତ ଅଧିକ ମୁକ୍ତ ତ୍ତାବରେ ଏକ ପରମ ଅନ୍ତର୍ବୋଧର ପ୍ରାରମ୍ଭିକ ସିଦ୍ଧିଗୁଡ଼ିକୁ ଅନୁତବ କରିବାକୁ ଆରମ୍ଭ କରିବ ଏବଂ ଅପେକ୍ଷାକୃତ କମ୍ ମିଶ୍ରିତ ତ୍ତାବରେ ସେଇଟି ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଇବାକୁ ମଧ୍ୟ ସମର୍ଥ ହୋଇଯିବ । ଏହି ପରମ ଅନ୍ତର୍ବୋଧ ବା ଫରବୋଧଟି ଅନ୍ୟ ତାହାର ଦ୍ୱାରା ଆଲୋକତ ହୋଇ ନଥିବ, ମାନ ଆପେ ଆଲୋକତ ହୋଇ ରହିଥିବ; ଆପେ ସତ୍ୟମସ୍ତ ହୋଇ ରହିଥିବ । ସେଇଟି ଆଉ କଦାପି ମନଃପ୍ରତ୍ତାସ୍ତ ହୋଇ ରହି ନଥିବ, ଏବଂ ତେଣୁ କୌଣସି ଭ୍ରମ ବା ପ୍ରମାଦର ବସ୍ତୁଲ ଆକ୍ରମଣର ଅଧୀନ ହୋଇ ରହି ନଥିବ । ଏଠାକୁ ଆସି ମଧ୍ୟ ଯାହା ତଥାପି ସମାପ୍ତ ହୋଇଯିବ ନାହିଁ, କାରଣ ତାକୁ ଆନ୍ତର ଉପରକୁ ଉଠିବାକୁ ପଡ଼ିବ, ସେହି ଅବତ୍ତାଜତ ଓ ଅଭଗ୍ନ ଫରବୋଧର ଗତ୍ୟରେ ଯାଇ ପ୍ରବିଷ୍ଟ ହେବାକୁ ପଡ଼ିବ, ମର୍ମଗତ ପରମସ୍ୱତ୍ତାର ଆତ୍ମଫରତ୍ତସମ୍ପନ୍ନତା ମଧ୍ୟରୁ ଉଦ୍ଭୂତ ହୋଇ ଆସୁଥିବା ସେହି ପ୍ରତ୍ୟକ୍ଷ ପ୍ରଥମ ଆଲୋକଟିରେ ପ୍ରବେଶ କରିବାକୁ ପଡ଼ିବ, ଏବଂ ତା'ପରେ, ଯେଉଁଠାରୁ ଏହି ଆଲୋକଟି ସମାଗତ ହୋଇ ଅସୁଛି, ତାହାର ଉପଲବ୍ଧି କରିବାକୁ ପଡ଼ିବ । କାରଣ, ମନର ପଛକୁ ଏକ ଅଧିମନ ବ ରହିଛି, ଅଧିକ ମୂଳଭୂତ ଏବଂ ଗତ୍ୟାତ୍ମକ ଏକ ପରମ ସାମର୍ଥ୍ୟରୂପେ ସେହି ଅଧିମାନସହିଁ ମନର

'oaob.nitrkl.ac.in' images reprocessed

ଅବଲମ୍ବନ ହୋଇ ରହିଛୁ, ତାହାକୁ ଆପଣାଠାରୁ ଭିନ୍ନ ଏକ ସ୍ତ୍ରୁତର ବଳରଣ-ରୂପେ ପ୍ରତ୍ୟକ୍ଷ କରୁଛୁ, ଆପଣାକୁ ଜନ୍ମସ୍ଥିତ ଭୂମିଟି ଆଡ଼କୁ ସଞ୍ଚାରତ କରଦେବାର ଏକ ମଧ୍ୟମଣ୍ଡଳ ପର ସେ ତାହାକୁ କାମରେ ଲଗାଉଛୁ ବା ଅବଦ୍ୟାର କେତେ ବସ୍ତୁଜନରେ ତାହାକୁ ଏକ ସାଧନରୂପେ ମଧ୍ୟ ବ୍ୟବହାର କରୁଛୁ । ଆଗ୍ରେଷ୍ଣର ସଙ୍ଗଶେଷ ସୋପାନଟିରେ ଏହି ଅଧିମାନସ ମଧ୍ୟ ସ୍ୱସ୍ୱଂ ଅତିକ୍ରାନ୍ତ ହୋଇଯିବ ଅଥବା, ଅନ୍ୟ ଭାଷାରେ କହିଲେ, ସେଠାରେ ଅଧିମାନସ ଆପଣାର ଆଭୁର ବୃହତ୍ତର ସେହି ଜ୍ୟୋତିକୁହିଁ ବାହୁଡ଼ି ଆସିବ ଏବଂ ଦିବ୍ୟ ବଜ୍ଞାନମସ୍ତାର ଅତିମାନସ ଆଲୋକରେହିଁ ପରଣତ ହୋଇଯିବ । କାରଣ ସେହି ଅତିମାନସ ପରମ ଆଲୋକଟି ମଧ୍ୟରେହିଁ ଦିବ୍ୟ ପରମ ଋତ-ଚିତ୍ ଯଥାର୍ଥରେ ସମାସୀନ ହୋଇ ରହିଛୁ ଏବଂ ତାହାର ମଧ୍ୟରେହିଁ ସ୍ୱଭାବପ୍ରେରତ ଭାବରେ ବଶ୍ୱଗତ ପରମ ନଶ୍ଚେତନତା ତଥା ପରମ ଅଜ୍ଞାନର ଗ୍ରୁସ୍ଥିତି ଦ୍ୱାରା ଆନ୍ତ କୌଣସି ପ୍ରକାରେ କଳ୍ପିତ ହୋଇ ନପଡ଼ିଥିବା ଏକ ପରମ ସତ୍ୟର ଜିସ୍ୱାଗୁଡ଼ିକୁ ସଂଗଠିତ କରପାରିବାର ସାମର୍ଥ୍ୟ ଜନ୍ମିତ ହୋଇ ରହିଛୁ; ଏହାର ଜନ୍ମଭୂତସ୍ଥ ଅନ୍ୟ କୌଣସି ଚେତନା ଭିତରେ କଦାପି ଏହି ସାମର୍ଥ୍ୟଟି ନାହିଁ । ସେଇଠାରେ ଯାଇ ପହଞ୍ଚିବା ଏବଂ ଅଜ୍ଞାନକୁ ସମ୍ପୂର୍ଣ୍ଣଭାବେ ରୂପାନ୍ତରତ କରଦେଇ ପାରିବାର ସାମର୍ଥ୍ୟ ରଖିଥିବା ଏକ ଅତିମାନସ ଗତିଶୀଳତାକୁ ସେଠାରୁ ଏଠାକୁ ଅବତୀର୍ଣ୍ଣ କରାଇ ଆଣିବା,—ଏହାକୁହିଁ ଆମେ ପୂର୍ଣ୍ଣଯୋଗର ସେହି ସୁଦୂର ଅଥଚ ଅବଶ୍ୟମ୍ଭାବୀ ସର୍ବୋଚ୍ଚ ଲକ୍ଷ୍ୟ ବୋଲି ଜାଣିରଖିବା ।

ଏହିସବୁ ପ୍ରତ୍ୟେକଟି ଉଚ୍ଚତର ସାମର୍ଥ୍ୟର ଆଲୋକଟିକୁ ଯହିଁ ଯହିଁ ଜ୍ଞାନଗତ କର୍ମର ମାନସୀୟ ଭୂମିଟି ଉପରକୁ ମୁହାଁଇ ଦିଆଯାଇଥିବ, ସେଉଁକ ସେଉଁକ ଅଧିକ ପରମାଣରେ ପବନ ଓ ଅପବନ ଏବଂ ମାନବସ୍ତୁଟ୍ଟସ୍ୱ ଓ ଦିବ୍ୟ ମଧ୍ୟରେ ରହିଥିବା ପ୍ରଭେଦଟି ମଧ୍ୟ ମ୍ଳାନ ହୋଇ ଆସୁଥିବ; ଏବଂ ଶେଷରେ ସେଇଟି ଅନାବଶ୍ୟକରୂପେ ସମ୍ପୂର୍ଣ୍ଣ ଭାବରେ ବଲୁପ୍ତ ହୋଇଯିବ । କାରଣ ସେହି ଦିବ୍ୟ ପରମ ବଜ୍ଞାନ ଯାହାକୁ ସ୍ପର୍ଶ କରିବ ଓ ଯଥାର୍ଥ ପୂର୍ଣ୍ଣରୂପେ ଯାହା ଭିତରେ ପ୍ରବେଶ କରପାରିବ, ସେ ତାହାକୁ ଅବଶ୍ୟ ରୂପାନ୍ତରତ କରଦେବ ଏବଂ ପରଣାମରେ ତାହା ଏହାର ନଜ ପରମ ଆଲୋକ ତଥା ସାମର୍ଥ୍ୟଟିର ଏକ ଗତିସ୍ପନ୍ଦନରେହିଁ ପରଣତ ହୋଇଯିବ । ସେତେବେଳେ ତାହା ନମ୍ନତର ବୃତ୍ତିର କ୍ଷେତ୍ରଟିରେ ରହିଥିବା ସକଳ ମଳିନତା ଏବଂ ସୀମାବଦ୍ଧତାରୁ ମୁକ୍ତ ହୋଇଯିବ । ଏହି କ୍ଷେତ୍ରରେ କେତୋଟି ଜିସ୍ୱାତ୍ମକତାକୁ ଅବଶିଷ୍ଟ ଜିସ୍ୱାତ୍ମକତା-ଗୁଡ଼ିକରୁ କୌଣସିପ୍ରକାରେ ଅଲଗା କରି ଦିଆଯିବ ନାହିଁ, ମାତ୍ର ସେହି ପ୍ରେରଣାଶ୍ରିତ ତେତନାଟିର ପରବର୍ତ୍ତନ ଦ୍ୱାରାହିଁ ସବୁଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରତ କରି ଦିଆଯିବ;—ଏହାକୁହିଁ ଆମେ ମୁକ୍ତ ହେବାର ଯଥାର୍ଥ ସ୍ପତ୍ତି ବୋଲି ଜାଣିବା, ଏକ ବୃତ୍ତତ୍ତର ଏବଂ ସତ୍ତତ ବୃତ୍ତତ୍ତର ଆଲୋକ ଏବଂ ସାମର୍ଥ୍ୟ ମଧ୍ୟକୁ ଆମ ଜ୍ଞାନଯଜ୍ଞର

'oaob.nitrkl.ac.in' images reprocessed

ଏକ ଆବେଦନ ବୋଲି ଜାଣିବା । ତେଣୁ ଆମ ମନ ତଥା ବୁଦ୍ଧିର ସକଳ ନିସ୍ପୃହତାକୁ ପ୍ରଥମେ ଉତ୍ସେଳିତ କରିବାକୁ ପଡ଼ିବ, ସେଥିରେ ବ୍ୟାପ୍ତି ଆଣିଦେବାକୁ ପଡ଼ିବ, ତା'ପରେ ସେଗୁଡ଼ିକରେ ଏକ ସନ୍ଦୀପନ ଅଣାଯିବ, ସେଗୁଡ଼ିକୁ ଏକ ଉଚ୍ଚତର ବୁଦ୍ଧିଯୁକ୍ତତାର ସୋପାନକୁ ଉଠାଇ ନଆଯିବ, ତା'ପରେ ଏକ ବୃହତ୍ତର ମନର-ଅନ୍ତତ ପରମ ସଚେତାଧିର ନିସ୍ପୃହତାରେ ପରିଣତ କରି ନଆଯିବ ଏବଂ ତା'ପରେ ପୁଣି ସେହି ଅଧିମାନସ ଜ୍ୟୋତିର୍ମୟତାର ଗତ୍ୟାତ୍ମକ ବହିଃପ୍ରବାହରୂପେ ସେଗୁଡ଼ିକୁ ରୂପାନ୍ତରିତ କରି ନଆଯିବ; ଏବଂ ପରବର୍ତ୍ତୀ ଜନ୍ମଟିରେ ଏଗୁଡ଼ିକୁ ମଧ୍ୟ ଅତିମାନସ ପରମ ବଳ୍ଗନର ପୂର୍ଣ୍ଣ ଆଲୋକ ତଥା ସାଦ୍ଭୌମତା ମଧ୍ୟକୁ ରୂପାନ୍ତରିତ କରି ନଆଯିବ । ଏହି ବିଶ୍ୱଜଗତ ମଧ୍ୟରେ ଜନ୍ମବବର୍ତ୍ତିତ ହୋଇ ଯାଉଥିବା ଚେତନାଟିରେ ଏହାହିଁ ପୂର୍ବାଙ୍କିତ ହୋଇ ରହିଛି, ମାତ୍ର ସେଠାରେ ତାହା ସାଜରୂପେହିଁ ଅନୁନିହିତ ହୋଇ ରହିଛି ଏବଂ ତାହାର ପ୍ରତିସୃଷ୍ଟିର ଆତ୍ମାସମସ୍ତ ଅବରୁଦ୍ଧ ଅଭିପ୍ରାସୃଷ୍ଟି ମଧ୍ୟରେ ଲୁକ୍କାସ୍ୱିତ ହୋଇ ରହିଛି । ପରମ ତଦ୍ଗତତାର ବର୍ତ୍ତମାନର ଏହି ଅପୂର୍ଣ୍ଣତାଦ୍ୱାରା ଅସ୍ପଷ୍ଟତାଶକ୍ତି ସ୍ଥାନରେ ଏକ ପରିପୂର୍ଣ୍ଣ ଆତ୍ମପ୍ରକାଶ ସମ୍ଭବ କରିବା ଲଗି ଆବଶ୍ୟକ ସାଧନଗୁଡ଼ିକୁ ବିବର୍ତ୍ତିତ କରି ନଆଣିବା ପର୍ଯ୍ୟନ୍ତ ସେହି ପ୍ରକିୟା ବା ପରିଣତଜନ୍ମଟି କେବେହେଲେ ବନ୍ଦ ହୋଇଯିବ ନାହିଁ ।

❋

ଯଦି ଜ୍ଞାନକୁହିଁ ତେତନାର ପ୍ରଶସ୍ତତମ ସାମର୍ଥ୍ୟ ବୋଲି କୁହାଯାଏ ଏବଂ ବମୋଚିତ ତଥା ଆଲୋକିତ କରିଦେବାହିଁ ତାହାର କାର୍ଯ୍ୟ ହୋଇଥାଏ, ତେବେ ପ୍ରେମକୁହିଁ ତାହାର ଗଭୀରତମ ଏବଂ ପ୍ରଭାତତମ ଶବ୍ଦ ବୋଲିହିଁ କହିବାକୁ ହେବ, ଦିବ୍ୟ ପ୍ରେମ ରହସ୍ୟମୟତାର ସବୁଠାରୁ ଅଧିକ ଗଭୀର ଏବଂ ସବୁଠାରୁ ଅଧିକ ପ୍ରଚ୍ଛନ୍ନ ହୋଇ ରହିଥିବା ଭଣ୍ଡାରଗୁଡ଼ିକୁ ଉନ୍ମୋଚିତ କରିଦେଇ ପାରୁଥିବା ଆମର ଗୃହକାଠି ବୋଲି କୁହାଯାଇ ପାରିବ । ଏକ ମନୋମୟ ସତ୍ତା ହୋଇଥିବାରୁ ମନୁଷ୍ୟ ପ୍ରବୃତ୍ତିଗତ ସ୍ତରରେ ଆମର ଏହି ମନନସମର୍ଥ ମନ, ତାହାର ତର୍କବୁଦ୍ଧି, ତାହାର ଇଚ୍ଛାଶକ୍ତି ଏବଂ ପରମ ସତ୍ୟର ସମ୍ପର୍କବର୍ତ୍ତୀ ହେବା ଲଗି ଓ ତାହାକୁ କାର୍ଯ୍ୟାନ୍ୱିତ କରିବା ଲଗି ତାହାର ସୃଷ୍ଟିକୁ ମଧ୍ୟ ସର୍ବୋଚ୍ଚ ମହତ୍ତ୍ୱ ଦେବା ପାଇଁ ମନ ବଳାଇଥାଏ । ଏପରିକ, ଏହି ମନନସମର୍ଥ ମନଟିକୁ ଛାଡ଼ିଦେଲେ ଆଉ ଅନ୍ୟ କୌଣସି ଯନ୍ତ୍ର ନାହିଁ ବୋଲି ମଧ୍ୟ ସେ ବିଶ୍ୱାସ କରିବା ଲଗି ପ୍ରବୃତ୍ତ ହୋଇଥାଏ । ଅପାର କେତେକେତେ ସଂବେଗ ଏବଂ ଅତର୍ଜିତ ଉତ୍ତପ୍ତତନକୁ ଧାରଣ କରି ଅବସ୍ଥିତ ରହିଥିବା ହୃଦସ୍ପନ୍ଦୀ ମସ୍ତିଷ୍କର ବୁଦ୍ଧିକୁ କେବଳ ଏକ ଅସ୍ପଷ୍ଟତାଛନ୍ନ, ଅନଷ୍ଟିତ ଓ ଅନେକ ସମୟରେ କେତେକେତେ ବିନାଶ ଓ ବିଚ୍ୟୁତ ଭିତରେ ନେଇ ପକାଇ ଦେଇଥିବା ଏକ

'oaob.nitrkl.ac.in' images reprocessed

ସାମର୍ଥ୍ୟ ପଶ୍ଚାଦ୍ଭୂମିଶୁଥାଏ ଏବଂ ହୃଦୟର ସେହି ଶକ୍ତିଗୁଡ଼ିକୁ ତର୍କସାପେକ୍ଷ ବୁଦ୍ଧେକ, ମନୋଗତ ଫଳଲାଭଶକ୍ତି ଏବଂ ବୁଦ୍ଧି ଦ୍ୱାରା ନିୟନ୍ତ୍ରଣାଧୀନ କରି ରଖିବାକୁ ଚେଷ୍ଟା କୋଇ ସେ ବଳବର କରୁଥାଏ । ମାତ୍ର ତଥାପି ସେହି ହୃଦୟ ମଧ୍ୟରେ ଅଥବା ହୃଦୟର ପଛରେ ଏପରି ଏକ ଗଭୀରତର ଓ ଯଥାର୍ଥ ଦୃଷ୍ଟିକ୍ଷମ ଆଲୋକ ଅବସ୍ଥିତ ରହିଥାଏ, ଯାହାକି ଅପରୋକ୍ଷ ଭାବରେ ସେହି ପରମ ସତ୍ୟଟିକୁ ସ୍ପର୍ଶ କରି ରହିଥାଏ ଏବଂ ମନୁଷ୍ୟବୁଦ୍ଧିର ସାଧାରଣ ଜ୍ଞାନ ଭିତ୍ତାନ ସତ୍ତ୍ୱେ ତଥାପି ତାହାଠାରୁ ସେହି ପରମ ତତ୍ତ୍ୱାର ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ । ହୃଦୟର ଏହି ଆଲୋକଟି ହୃଏତ ଆମେ ଯାହାକୁ ସାଧାରଣତଃ ସବୋଧି ବୋଲି କହିଥାଉ, ପ୍ରକୃତରେ ତାହା ନହୋଇ ପାରେ; କାରଣ ସବୋଧି ମନୋମୟ ଏକ ବସ୍ତୁ ନହୋଇଥିଲେ ମଧ୍ୟ ମନର ମାର୍ଗ ଦେଇହିଁ ନିମ୍ନକୁ ଅବତରଣ କରିଥାଏ । ପ୍ରାଚୀନ ଶାସ୍ତ୍ରୋପଦେଶ ଅନୁସାରେ ଏହି ଦୃଷ୍ଟିକ୍ଷମ ଗୁହ୍ୟ ହୃଦୟ ମଧ୍ୟରେହିଁ ସେହି ଅନ୍ତର୍ନିହିତ ପରମ ତତ୍ତ୍ୱାସତ୍ତା ଅର୍ଥାତ୍ ପ୍ରଚ୍ଛନ୍ନ ପରମ ପୁରୁଷଙ୍କର ଆତ୍ମାନଟି ବିରାଜିତ ରହିଛନ୍ତି; ଉପନିଷଦ୍‌ରେ ତାହାକୁ "ହୃଦସ୍ୟେ ଗୁହାସ୍ଥାଂ" ବୋଲି କୁହାଯାଇଛନ୍ତି । ଏବଂ ଅନେକ ଯୋଗୀଙ୍କର ଲବ୍ଧ ଅନୁଭୂତିଟି ଅନୁସାରେ, ଏହି ହୃଦୟର ଗଭୀର ତଳଗୁଡ଼ିକରୁହିଁ ଅନ୍ତଃସ୍ଥିତ ଆତ୍ମ ପୁରୁଷଙ୍କର ବାଣୀ ବା ନିଃଶ୍ୱାସ ଧ୍ୱନିତ ହୋଇ ଆସିଥାଏ ।

ମନୁଷ୍ୟର ସବେଗମୟ ସତ୍ତ୍ୱାର ଦ୍ୱିବିଧ ସ୍ୱରୂପଟିରୁହିଁ ଏହି ଦ୍ୱିସଦ୍ଭଗ୍ଧତା ଅର୍ଥାତ୍ ଗଭୀରତା ଏବଂ ଅଳ୍ପତାର ଏହି ପରସ୍ପରବିରୋଧୀ ପ୍ରତୀତିଗୁଡ଼ିକର ସୃଷ୍ଟି ହୋଇଥାଏ । କାରଣ ମନୁଷ୍ୟ ଭିତରେ ତା'ର ସମ୍ପୂର୍ଣ୍ଣସତ୍ତାରେ ପ୍ରାଣଗତ ସବେଗରହିଁ ଏକ ହୃଦୟ ଅବସ୍ଥିତ ରହିଛନ୍ତି; ଇତରପ୍ରାଣୀ ମଧ୍ୟରେ ଯେଉଁଭଳି ରହିଛନ୍ତି, ଏହି ମନୁଷ୍ୟ ଭିତରେ ମଧ୍ୟ ସେହିଭଳି ରହିଛନ୍ତି । ଅବଶ୍ୟ ଏକଥା ସତ୍ତ ଯେ ଇତରପ୍ରାଣୀ ତୁଳନାରେ ମନୁଷ୍ୟର ସୋପାନଟିରେ ଏହା ଅଧିକ ବହୁମୁଖୀ ଓ ବିଚିତ୍ର ହୋଇ ବିକାଶଲାଭ କରିଛନ୍ତି । ଏହି କ୍ଷେତ୍ରରେ ମନୁଷ୍ୟର ସକଳ ସବେଗ ଅହଂକବଳିତ ଆବେଗ, ଅଳ୍ପ ସହଜାତ ପ୍ରବୃତ୍ତିଗତ ରାଗ-ଅନୁରାଗ ଏବଂ ପ୍ରାଣଗତ ସାବତ୍ତାସ୍ୱ ଆବେଶ ଦ୍ୱାରା ନିୟନ୍ତ୍ରିତ ଏବଂ ଶାସିତ ହେବାରେ ଲଗିଥାଏ; ପ୍ରାଣଗତ ଆବେଗ ଓ ଆବେଶଗୁଡ଼ିକ ସହଜ ସେଗୁଡ଼ିକର ସାବତ୍ତାସ୍ୱ ଅପୁଷ୍ଟତା, ବିକୃତି ଏବଂ ଅନେକ ସମୟରେ ନିକୃଷ୍ଟ ଅଧଃପତନଗୁଡ଼ିକ ମଧ୍ୟ ସେହି କ୍ଷେତ୍ରରେ ମହଜୁଦ ହୋଇ ରହିଥାଏ । ସେତେବେଳେ ହୃଦୟ ଏକ ଅନ୍ଧକାରାଚ୍ଛନ୍ନ ଓ ଅଧଃପତିତ ପ୍ରାଣସାମର୍ଥ୍ୟର କେତେକେତେ କାମନା-ବାସନା, ବାସନା, ଲୁବ୍ଧତା, ଅତ୍ୟନ୍ତ ଗର୍ବ ତଥା ଭୟଙ୍କର କେତେକେତେ ଦାବି, କେତେ କ୍ଷୁଦ୍ର ଲଲସା ଓ ଅଧମ କେତେ କ୍ଷୁଦ୍ରତା ଦ୍ୱାରା ଅବରୁଦ୍ଧ ଓ ପ୍ରପୀଡ଼ିତ ହୋଇ ରହିଥାଏ, ସେହିଗୁଡ଼ିକର ହାତରେହିଁ ସମର୍ପିତ ହୋଇ ରହିଥାଏ ଏବଂ ସେକୌଣସି ଆବେଗ ଓ ଇଚ୍ଛାମତାର ଦାସ ହୋଇ ରହିବା ଫଳରେ ବଡ଼

'oaob.nitrkl.ac.in' images reprocessed

ଜ୍ଞାନଦଶାଗ୍ରସ୍ତ ହୋଇ ରହିଥାଏ । ସବେଗୀ ହୃଦସ୍ଥ ଏବଂ ସବେଦନପ୍ରବଳ ପ୍ରାଣଗତ ଷ୍ଟ୍ରଧ୍ଭତ୍ତାର ଏହି ମିଶ୍ରଣଟି ମନୁଷ୍ୟ ମଧ୍ୟରେ ଏକ ମିଥ୍ୟା ଜାମନା-ଆତ୍ମାକୁ ଜନ୍ମ ଦେଇଯାଏ । ହୃଦସ୍ଥର ଏହି ଉପାଦାନଟିକୁହିଁ ଆମେ ଏକ ଅଶୋଧ୍ଭତ ଏବଂ ବପଚ୍ଛନକ ଉପାଦାନ ବୋଲ କଲ୍ପବା; ଆମର ବୁଦ୍ଧିଗତ ବସ୍ତୁରଣଡ୍ଡ ଯଥାର୍ଥ ଜ୍ଞବରେହିଁ ଏହି ଉପାଦାନଟିକୁ ଦନ୍ଦେଜ୍ଞତଷ୍ଟରେ ଦେଖିଥାଏ ଏବଂ ତାହାକୁ ନସ୍ତ୍ଭିତ କଣ ରଖିବା ଉଚତ ବୋଲ ଅନୁଭବ ମଧ୍ୟ କରିଥାଏ । ଅବଶ୍ୟ ଏକଥାଟି ଏକାନ୍ତ ସତ୍ୟ ଯେ ଆମର ଏହି ଅଶୋଧ୍ଭତ ଓ ପ୍ରବଳ ଆବ୍ରହ୍ମଯୁକ୍ତ ପ୍ରାଣପ୍ରକୃତଟି ଉପରେ ତାହା ଯେଉଁ ନସ୍ତ୍ଭଣ ପ୍ରତଷ୍ଠା କରିବାରେ, ବା, ଅଧିକ ଯଥାର୍ଥ ଜ୍ଞବରେ କହିଲେ, କଲ ପ୍ରଯୋଗ କର ତାହାଠାରୁ ଯେଉଁ ଆନୁଗତ୍ୟ ଆଦାସ୍ କର ପାରିବାରେ ସଫଳ ହୁଏ, ତାହା ସବଦା ଅତ୍ୟନ୍ତ ଅନଶ୍ଚିତ ଓ ପ୍ରବଞ୍ଚନାତ୍ମକ ହୋଇ ରହିଥାଏ । ମାନ ମନୁଷ୍ୟର ଅସ୍ତଳ ଆତ୍ମାଟି ସେଠାରେ ନଥାଏ; ଆମ ପ୍ରକୃତର କୌଣସି ଏକ ଜ୍ୟୋତର୍ମସ୍ୟ ଗୁହା ଭତରେହିଁ ପ୍ରକୃତ ଅଦ୍ଭୁଶ୍ୟ ହୃଦସ୍ଥଟିରେହିଁ ଆତ୍ମା ଅବସ୍ଥିତ ରହିଥାଏ । ସେଇଠାରେ ସେହି ଦବ୍ୟ ପରମାତ୍ମେଜର ଏକ ଅନ୍ତଃପ୍ରବଷ୍ଟତା ମଧ୍ୟରେହିଁ ଆମର ଆତ୍ମା ବଦ୍ୟମାନ ରହିଥାଏ, ତାହା ଏକ ମାରବ ଅନ୍ତରତମ ସତ୍ତ୍ୱରୂପେ ବଦ୍ୟମାନ ରହିଥାଏ, ଯାହା ବପସ୍ଥରେ କ ମାନ ଅତ ଅଳ୍ପ କେତେଜଣଙ୍କର କୌଣସି ସଜ୍ଞାନତା ରହିଥାଏ । କାରଣ ଯଦ ସମସ୍ତଙ୍କର ଏକ ଆତ୍ମା ରହିଛ ବୋଲ କୁହାଯାଏ, ତେବେ ଏକଥା ମନେ ରଖିବାକୁ ପଡ଼ିବ ଯେ ମାନ ଅଳ୍ପ କେତେଜଣହିଁ ଆପଣାର ଯଥାର୍ଥ ଆତ୍ମାଟି ବପସ୍ଥରେ ସଚେତନ ରହିଥାନ୍ତ ବା ତାହାର ଆବେଗଟିକୁ ପ୍ରତ୍ୟଷ ଜ୍ଞବରେ ଅନୁଭବ କରିଥାନ୍ତ । ସେଇଠି ସେହି ଆତ୍ମା ଜ୍ଞତରେହିଁ ପରମ ଦବ୍ୟତାର ସେହି ଷ୍ଟ୍ର ଅଗ୍ନିକଣାଟି ବାସ କରୁଥାଏ ଏବଂ ଆମ ପ୍ରକୃତର ଏହି ଅସ୍ପଷ୍ଟତାଚ୍ଛନ୍ନ ସମଗ୍ର ପିଣ୍ଡଟିକୁ ଧାରଣ କର ରହିଥାଏ । ତାହାକୁ କେନ୍ଦ୍ର କର ତାହାର ଚତୁଃପାଶ୍ୱରେ ଚୈତ୍ୟ ସତ୍ତ୍ୱଟିର ଅର୍ଥାତ୍ ମୂର୍ତ୍ତିମନ୍ତ ଆତ୍ମାର ଅର୍ଥାତ୍ ଆମ ଭତରେ ରହିଥିବା ଅସଲ ମନୁଷ୍ୟଟି ବକାଶଲାଭ କରିଥାଏ । ମନୁଷ୍ୟ ଭତରେ ଏହି ଚୈତ୍ୟସତ୍ତ୍ୱର ଅଭିବୃଦ୍ଧି ହେବା ସଙ୍ଗେସଙ୍ଗେ ଏବଂ ମନୁଷ୍ୟର ହୃଦସ୍ଥ ଆପଣାର ଗଭୀରତନଗୁଡ଼ିକ ଦ୍ୱାରା ତାହାର ଅନାଗତ ସ୍ୱରୂପ ତଥା ଅବେଗଗୁଡ଼ିକୁ ପ୍ରତବମ୍ବିତ କରିପାରିବା ସଙ୍ଗେସଙ୍ଗେହିଁ ମନୁଷ୍ୟ ଅଧିକରୁ ଅଧିକ ପରମାତ୍ମାରେ ଆପଣାର ଆତ୍ମା ବପସ୍ଥରେ ସଚେତନ ହୋଇଉଠେ, ତା'ପରେ ସେ ଆଉ କେବଳ ଏକ ଜ୍ଞତସ୍ତରର ଇତରପ୍ରାଣୀ ହୋଇ ରହେ ନାହିଁ ଏବଂ ଆପଣା ମଧ୍ୟରେ ରହିଥିବା ଦେବତ୍ୱଟିର ଆଲ୍ଭସ ଓ ଫୁଲ୍ଲକଗୁଡ଼ିକ ବପସ୍ଥରେ ସଜାଗ ହୋଇଉଠେ ଏବଂ ଅଧିକରୁ ଅଧିକ ପରମାତ୍ମାରେ ଏକ ଚତ୍ୱାରତର ଜୀବନ ତଥା ଚେତନା ଲାଭି ତାହାର ସୂଚନାଗୁଡ଼ିକୁ ସ୍ୱୀକାର କରିନଏ ଏବଂ ଦବ୍ୟ ବସ୍ତୁଗୁଡ଼ିକ ଲାଭି ଏକ ଅବେଗକୁ ମଧ୍ୟ ସ୍ୱୀକାର କରିନଏ । ଯେତେବେଳେ ଏହି

'oaob.nitrkl.ac.in' images reprocessed

ଚୈତ୍ୟପ୍ରବୃତ୍ତି ବମୋଚଚ ହୋଇଆସେ, ଆବରଣର ଅନ୍ତରାଳ ମଧ୍ୟରୁ ସମ୍ମୁଖ ଜଗତ୍‌କୁ ଆମଚ ହୋଇ ବାହାରଆସେ, ଏବଂ ଆପଣାର ଅନାଗଚ ସୂଚନା, ଦୃଷ୍ଟି ଚଥା ପ୍ରେରଣାଗୁଡ଼ିକର ପୂର୍ଣ୍ଣ ବନ୍ୟାପ୍ଲାବନଟିକୁ ମନୁଷ୍ୟର ମନ, ପ୍ରାଣ ଚଥା ଶରୀର ଉପରେ ଆଣି ଅକାଡ଼ି ଦେଇପାରେ ଏବଂ ଏହା ପାର୍ଥିବ ପ୍ରକୃତ୍ତି ଉପରେ ଦିବ୍ୟଚାର ନିର୍ମାଣ କରାଇବା ଲାଗି ଷେତ୍ର ପ୍ରସ୍ତୁତ କରିବାକୁ ଆରମ୍ଭ କରେ, ସେଚେବେଳେ ଆମେ ତାହାକୁହିଁ ପୂର୍ଣ୍ଣଯୋଗର ଏକ ଅନ୍ୟତମ ଅତ୍ତ ମୀମାଂସକ ମୁହୂର୍ତ୍ତ ବୋଲି ଅବଶ୍ୟ ଜାଣି ରଖିବା ।

ଜ୍ଞାନଗତ କର୍ମର ଷେତ୍ରଟି ପର ଦୃଦସ୍ତର ଯାବତୀୟ ନିୟାମକତାର ସମ୍ମୁଖୀନ ହେଲବେଳେ ଆମକୁ ଦୁଇ ପ୍ରକାର ଗତିସ୍ପନ୍ଦନ ମଧ୍ୟରେ ଏକ ପାର୍ଥକ୍ୟ ନିରୂପଣ କରି ରଖିବାକୁ ପଡ଼ିଥାଏ । ଗୋଟିଏ ପ୍ରକାରର ଗତିସ୍ପନ୍ଦନଗୁଡ଼ିକ ଆମ ଯଥାର୍ଥ ଆତ୍ମାଟି ଦ୍ୱାରାହିଁ ସଞ୍ଚାଳିତ ହେଉଥାନ୍ତି ଅଥବା ଏହାର ବମୋଚନ ଏବଂ ଆମ ପ୍ରକୃତର ଷେତ୍ରଟିରେ ଏହାର ଶାସନପ୍ରତିଷ୍ଠା ଦ୍ୱାରେ ସହାୟକରୂପେ କାର୍ଯ୍ୟ କରୁଥାନ୍ତି; ଏବଂ ଆଉ ଗୋଟିଏ ପ୍ରକାରର ଗତିସ୍ପନ୍ଦନଗୁଡ଼ିକ ଆମର ସେହି ଅଶୋଧିତ ପ୍ରାଣଗତ ପ୍ରକୃତ୍ତିର ପରିଚର୍ପଣ ଲାଗିହିଁ ଆପଣାକୁ ଉଦ୍ଦିଷ୍ଟ କରି ରଖିଥାନ୍ତି । ମାନ ଯୋଗର ଗଭୀର ଅର୍ଥାତ୍ ଆଧ୍ୟାତ୍ମିକ ଲକ୍ଷ୍ୟଟିର ଦୃଷ୍ଟିରୁ ବସ୍ତୁର କରି ଦେଖିଲେ ଏହି ଅର୍ଥରେ ନିର୍ଦ୍ଦିଷ୍ଟ କରି ଦିଆଯାଇଥିବା ପାର୍ଥକ୍ୟଗୁଡ଼ିକର ସାଧାରଣତଃ ପ୍ରାସ୍ତ କୌଣସି ପ୍ରଯୋଜନୀୟତା ନଥାଏ । ଏହିପରି ସ୍ତରରେ ଧର୍ମଗତ ଫଚେରା ଏବଂ ଲୌକିକ ବା ପାର୍ଥିବ ଅନୁଭବଗୁଡ଼ିକ ମଧ୍ୟରେ ଏକ ଭେଦନିରୂପଣ କରିଯାଇପାରେ, ଏବଂ ଆଧ୍ୟାତ୍ମିକ ଜୀବନର ଏକ ନିୟମରୂପେ ଏପରି ଘୋଷଣା କରିଯାଇପାରେ ଯେ ଆମକୁ କେବଳ ଧର୍ମଗତ ଫଚେରାଗୁଡ଼ିକରହିଁ ଅନୁଶୀଳନ କରିବାକୁ ପଡ଼ିବ ଏବଂ ଲୌକିକ ବା ପାର୍ଥିବ ସକଳ ଅନୁଭବ ଏବଂ ଆବେଗଗୁଡ଼ିକୁ ପରିବର୍ଜନ କରି ଆସିବାକୁ ପଡ଼ିବ ଓ ଆମ ଅନ୍ତିର୍ଦୃଷ୍ଟି ଉପରୁ ସେଗୁଡ଼ାକୁ ଝାଡ଼ି ଦେଇ ଚଳେ ପକାଇ ଆସିବାକୁ ପଡ଼ିବ । ଏବଂ ବାସ୍ତବ ଷେତ୍ରରେ ଏହା ଜଣେ ସନ୍ଥ ବା ଭକ୍ତର ଏପରି ଏକ ଜୀବନକୁହିଁ ବୁଝାଇବ, ଯିଏକ ଭଗବାନଙ୍କ ସହିତ କେବଳ ଏକୁଟିଆ ହୋଇ ବାସ କରୁଥିବ, ବା କେବଳ ଏକ ସାଦଜନାନ ଈଶ୍ୱରପ୍ରେମର ସ୍ପନ୍ଦରେ ଅନ୍ୟମାନଙ୍କ ସହିତ ଯୋଡ଼ା ହୋଇ ରହିଥିବ ବା ଖୁବ୍ ବେଶୀ ହେଲେ ବହିଃସ୍ଥ ବଶ୍ୱଜଗତ୍ଟି ଉପରେ ସେ ଏକ ପବିତ୍ର, ଧର୍ମସିକ୍ତ ଏବଂ ଧର୍ମପରିପୂର୍ଣ୍ଣ ପ୍ରେମର ସ୍ରୋତଗୁଡ଼ାକୁ ପ୍ରବାହିତ କରି ଦେଉଥିବ । ମାନ ସ୍ପଷ୍ଟ ଏହି ଧର୍ମଗତ ଫଚେରାଟି ମଧ୍ୟ ପ୍ରାଣମୟ ଗତିସ୍ପନ୍ଦନଗୁଡ଼ିକର ଉପଦ୍ରବ ଓ ଅଶୁଦ୍ଧତା ଦ୍ୱାରା ନିରନ୍ତର ଭୁଲରେ ଆହାନ୍ତ ହୋଇ ପଡ଼ିଥାଏ, ଏବଂ ତାହା ଅନେତ ସମୟରେ ବଡ଼ ଅଶୋଧିତ ଓ ସଙ୍କୀର୍ଣ୍ଣ ହୋଇ ରହିଥାଏ, ବଡ଼ ଉଗ୍ର ଏବଂ ଅନ୍ଧ ହୋଇ ପଡ଼େ ଏବଂ ଏପରି ନାନା ଅନ୍ୟ ଗତିସ୍ପନ୍ଦନ ସହିତ ମିଶ୍ରିତ ହୋଇ ରହିଥାଏ,

'oaob.nitrkl.ac.in' images reprocessed

ଯାହା ମଧ୍ୟରେ କ ଚଦ୍‌ଗତ ପୂର୍ଣ୍ଣତାର ଆଦୌ କୌଣସି ନଦର୍ଶନହିଁ ଦେଖିବାକୁ ମିଳେ ନାହିଁ । ପୁନଶ୍ଚ, ଏକଥାଟି ମଧ୍ୟ ବେଶ୍ ସ୍ପଷ୍ଟ ହୋଇଯାଇଛୁ ଯେ ପ୍ରମ୍ଦାସ୍ପଦ ସୋପାନଦାତା ଏକ ଦଉଡ଼ରେ କସି ହୋଇ ବନ୍ଧା ହୋଇଥିବା ସନ୍ତୁଲ୍ଲବର ଏକ ଖଣ୍ଡ ଦୃଷ୍ଟାନ୍ତ ଆପଣାର ସବୋଚ୍ଚମ ସୀମାରେ ଆସି ପହଞ୍ଚିଥିଲେ ମଧ୍ୟ ତାହା ତଥାପି ଏକ ପୂର୍ଣ୍ଣଯୋଗର ପ୍ରଶସ୍ତ ଆଦର୍ଶଠାରୁ ଏକାନ୍ତ ଭିନ୍ନ ହୋଇ ରହିବ । କାରଣ ପୂର୍ଣ୍ଣଯୋଗରେ ପରମେଶ୍ୱରଙ୍କ ସହିତ ତଥା ଜଗତ ସହିତ ଏକ ବୃହତ୍ତର ଚୈତ୍ୟ ଓ ସବେଗଗତ ସମ୍ବନ୍ଧ ରଖିବା ଅପରିହାର୍ଯ୍ୟ ହୋଇପଡ଼ିବ, ସେହି ସମ୍ବନ୍ଧ ମର୍ମତଃ ଅଧିକ ଗଭୀର ଓ ଅଧିକ ସ୍ଥିତିସ୍ଥାପକ ହେବାକୁ ବାଧ୍ୟ ହେବ, ଆପଣାର ଉତ୍ତୀର୍ଣ୍ଣକ କ୍ଷେତ୍ରରେ ଅଧିକ ବ୍ୟାପ୍ତିଯୁକ୍ତ ଓ ଅଧିକ ଗ୍ରହଣଧର୍ମୀ ହୋଇ ରହିବ ଏବଂ ଆପଣାର କ୍ଷେତ୍ରଟି ମଧ୍ୟରେ ତାହା ସମୁଦାୟ ଜୀବନଟିକୁ ଗ୍ରହଣ କରିନେବାର ସାମର୍ଥ୍ୟ ମଧ୍ୟ ଅବଶ୍ୟ ରଖିଥିବ ।

ମନୁଷ୍ୟର ଫସାଯା ମନ ଏହି କ୍ଷେତ୍ରରେ ଆମକୁ ଏକ ବ୍ୟାପକତର ସୂତ୍ର ଯୋଗାଇଦେଇ ପାରିଛୁ ଏବଂ ସେହି ସୂତ୍ରଟି ନୈତିକ ବୋଧଟିକୁ ଛାଡ଼ି କରି ଛିଡ଼ା ହୋଇ ରହିଛୁ । କାରଣ ସେହି ସୂତ୍ର ନୈତିକ ବୋଧଟି ଦ୍ୱାରା ସମର୍ପିତ ସବେଗଗୁଡ଼ିକୁ କେବଳ ଅହଂ ତଥା ସ୍ୱାର୍ଥ ଦ୍ୱାରା ପ୍ରେରିତ ଆମର ସାଧାରଣ ପୃଥିବୀଗତ ସବେଗଗୁଡ଼ିକରୁ ଅଲଗା କରି ଦେଖାଇ ଦେଇଛୁ । ଆମର ଆଦର୍ଶରୂପେ ତାହା ପରିପୂର୍ଣ୍ଣ, ପରୋପକାର, କରୁଣା, ଶୁଭେଚ୍ଛା, ମାନବହିତ ତଥା ସେବାତ୍ମକ ଦ୍ୱାରା ଅନୁପ୍ରାଣିତ କାର୍ଯ୍ୟକୁ ଏବଂ ମନୁଷ୍ୟ ତଥା ସକଳ ପ୍ରାଣୀଙ୍କର କଲ୍ୟାଣ ନମନ୍ତେ କରିଯାଇଥିବା ପ୍ରସ୍ତାବଟିକୁ ଅଙ୍ଗୁଳି-ନିର୍ଦ୍ଦେଶ କରିଦେଇଛୁ । ଅହଂଗତଭାବ ଏହି ଖୋଲଟିକୁ ଛାଡ଼ି ଦେଇ ଆମେ ଆତ୍ମ-ପରିହାରର ଏପରି ଏକ ଆତ୍ମାରୂପେ ବିକାଶଲାଭ କରିବା ଯାହାକି କେବଳ ବା ମୁଖ୍ୟତଃ ଅନ୍ୟମାନଙ୍କ ସକାଶେ, କିଂବା ସମସ୍ତତଃ ମନୁଷ୍ୟଜାତି ସକାଶେହିଁ ଜୀବନ ଯାପନ କରୁଥିବ;—ଏହି ସୂତ୍ରଟି ଏହାକୁହିଁ ମାନବୀୟ ଅନ୍ତର୍ବିବର୍ତ୍ତନର ମାର୍ଗ ବୋଲି ଦର୍ଶାଇ ଦେଇଛୁ । ଅଥବା, ମାନବହିତବାଦୀ ଏହି ସୂତ୍ରଟି ଏହି କ୍ଷେତ୍ରରେ ଏକ ଉତ୍ତୀରତର ଧର୍ମଗତ ତଥା ଆଧ୍ୟାତ୍ମିକ ଲକ୍ଷ୍ୟ ପ୍ରତି ଆଦୌ କୌଣସି ଧ୍ୟାନ ଦେଇ ନାହିଁ ବୋଲି ଯଦି ଏହାକୁ ଅତି ବେଶୀ ସାଂସାରିକ ଏବଂ ମାନସିକ ବୋଲି କୁହାଯାଏ ଏବଂ ତେଣୁ ଆମର ସମୁଦାୟ ସୃଷ୍ଟିର ସନ୍ତୋଷଜନକ ସମାଧାନ କରି ନପାରେ, ତେବେ ତାହା ଲାଗି ଆମେ ଏକ ଧର୍ମଗତ-ନୈତିକ ଭିତ୍ତି ମଧ୍ୟ ବେଶ୍ ଆଣି ଯୋଗାଇଦେଇ ପାରିବା; ଏବଂ ପ୍ରଥମେ ମୂଳତଃ ଏହିପରି ଭୋଟିଏ ଭିତ୍ତି ଉପରେହିଁ ତାହା ଠିଆହୋଇ ରହିଥିଲା । ଏବଂ, ହୃଦସ୍ଥର ଭକ୍ତି ଦ୍ୱାରା ଭଗବାନ ଅର୍ଥାତ୍ ପୁରୁଷୋତ୍ତମଙ୍କର ଅନ୍ତର୍ଗତ ଉପାସନାରେ ବା ପରମ ଜ୍ଞାନର ଅନୁସନ୍ଧାନ ଦ୍ୱାରା ସେହି ପରମ ଅନନ୍ତମଙ୍ଗଳଙ୍କର ଅନ୍ୱେଷଣରେ ଆମେ ପରିପୂର୍ଣ୍ଣପର ନାନା କାର୍ଯ୍ୟ ଦ୍ୱାରା ସେହି ପରମ ଦିବ୍ୟତାର

'oaob.nitrkl.ac.in' images reprocessed

ଉପାସନା ଅଥବା ମନୁଷ୍ୟଜାତ ଲଗି ବା ଆପଣାର ଚତୁର୍ଦ୍ଦିଗରେ ବାସ କରୁଥିବା ଲୋକମାନଙ୍କ ପ୍ରତି ପ୍ରେମ, ଶୁଭେଚ୍ଛା ଓ ଶୁଭେଚ୍ଛା ଦ୍ୱାରା ଅନୁପ୍ରେରିତ ଆପଣାକୁ ଜମପସ୍ତୁତ କରିବାର ଏକ ସ୍ପନ୍ଦକୁ ଆଣି ବେଶ୍ ଯୋଡ଼ିଦେଇ ପାରିବା । ଠିକ୍ ଏହିପରି ଏକ ଧର୍ମଗତ-ନୈତିକ ବୋଧ ଦ୍ୱାରାହିଁ ବଶ୍ୱହିତେଚ୍ଛା, ବଶ୍ୱକରୁଣା ବା ଆପଣାର ପ୍ରତିବେଶୀକୁ ଶ୍ରଦ୍ଧା କରିବା ଏବଂ ତାହାର ସେବା କରିବାର ବୈଦାନ୍ତିକ, ବୌଦ୍ଧ ଏବଂ ଖ୍ରୀଷ୍ଟୀୟ ଆଦର୍ଶଗୁଡ଼ିକର ସୃଷ୍ଟି ହୋଇଥିଲା । କେବଳ କୌଣସି ନା କୌଣସି ପ୍ରକାରର ସାଂସାରିକ ଶୀତଳୀକରଣ ଦ୍ୱାରାହିଁ ଆପଣା ଭିତରେ ରହିଥିବା ଧର୍ମୋପାଦାନର ଉତ୍ସକୁ ନିବାପିତ କରିଦେଇହିଁ ମନୁଷ୍ୟଦ୍ୱିତକାମୀ ଆଦର୍ଶଟି ଆପଣାକୁ ସକଳ ପାଶରୁ ମୁକ୍ତ କରି ଆଣିଥାଏ ଏବଂ ଏକ ମାନସିକ ତଥା ନୈତିକ ଆତ୍ମରଧର୍ମର ସାଂସାରିକ ମାର୍ଗର ଉଚ୍ଚତମ ସ୍ତରରେ ପରିଣତ ହୋଇ ପାରିଥାଏ । କାରଣ, ଧର୍ମର ମାର୍ଗଟିରେ କର୍ମାଚରଣର ବିଧାନଟିକୁ କେବଳ ଏକ ସାଧନରୂପେହିଁ ସ୍ୱୀକାର କରିଯାଇଛି ବା ଏକ ଗୌଣ ବସ୍ତୁ କରି ରଖାଯାଇଛି; ଏବଂ ଆପଣାର ଲକ୍ଷ୍ୟଟି ଉପଲବ୍ଧି ହୋଇଗଲେ ଏହି ସାଧନଟି ଲଗି ତଥାପି ତିଷ୍ଠି ରହିବାକୁ ଆଉ କୌଣସି କାରଣ ରହୁ ନାହିଁ । ଯେଉଁ ଧର୍ମମାର୍ଗଟି ଦ୍ୱାରା ମନୁଷ୍ୟ ପରମ ଦିବ୍ୟଭାର ଉପାସନା ବା ଅନ୍ୱେଷଣ କରୁଛି, ତାହା କେବଳ ତାହାରହିଁ ଏକ ଅଂଶ ହୋଇ ରହିଛି; ଅଥବା ନିର୍ବାଣର ମାର୍ଗରେ ଆତ୍ମାର ଉଚ୍ଛେଦସାଧନ କରିବାର ସଂକଳ୍ପେ ହୋପାନଟିର ପୂର୍ବବର୍ତ୍ତୀ ସୋପାନଟି ହୋଇ ରହିଛି । ମାନ ସାଂସାରିକ ଆଦର୍ଶଟିରେ କର୍ମର ଆଚରଣକୁ ଏକ ପୂର୍ଣ୍ଣ ଧେୟର ସ୍ଥାନକୁ ଉନ୍ନୀତ କରି ନଆଯାଇଛି; ତାହା ମନୁଷ୍ୟର ନୈତିକ ପରିପୂର୍ଣ୍ଣତାର ଏକ ନିଦର୍ଶନ ହୋଇ ରହିଛି । ଅଥବା ଏହି ପୃଥିବୀ ଉପରେ ମନୁଷ୍ୟର ଏକ ସୁଖକର ଜୀବନଯାପନ ଲଗି ତାହା ଏକ ସର୍ତ୍ତ ହୋଇ ରହିଛି, ଏକ ଉତ୍କୃଷ୍ଟତର ସମାଜର ନର୍ମାଣରେ ତଥା ମନୁଷ୍ୟସମୂହ ଲଗି ଏକ ଅଧିକ ଏକତ୍ୱବଦ୍ଧ ଜୀବନ ସମ୍ଭବ କରିବାରେ ସର୍ତ୍ତ ହୋଇ ରହିଛି । ମାନ ପୂର୍ଣ୍ଣଯୋଗ ଆମ ଆଗରେ ଆତ୍ମାର ଯେଉଁ ଦାବିଟିକୁ ଆଣି ଉପସ୍ଥାପିତ କରିଥାଏ, ଏଗୁଡ଼ିକ ମଧ୍ୟରୁ କୌଣସିଟି ସେହି ଦାବିଟିକୁ ଆଦୌ ପୂରଣ କରିପାରୁ ନାହିଁ ।

ପରମାର୍ଥ, ପରୋପକାର, ମାନବହିତ ଓ ସେବା,—ଆମେ ଏଗୁଡ଼ିକୁ କେବଳ ଆମ ମନୋମୟ ଚେତନାରୁହିଁ ବାଛିନିଆ ହୋଇ ଉଠିଥିବା ଗୋଟିଏ ଗୋଟିଏ ଫୁଲ ବୋଲି କହିପାରିବା; ଏବଂ ଖୁବ୍ ବେଶୀ ହେଲେ ଆମେ ଏଗୁଡ଼ିକୁ ବଶ୍ୱଗତ ଦିବ୍ୟ ପରମପ୍ରେମରୂପୀ ସେହି ଚିଦ୍‌ଗତ ଶିଖାର ମନୋଗତ ଏକ ଶୀତଳ ଓ ଦିବ୍ୟପ୍ରତିଚ୍ଛବି ବୋଲିହିଁ କହିପାରିବା । ଏସବୁ ଆମକୁ ଯଥାର୍ଥ ଭାବରେ ଅହଂଗତଚିତ୍ତାରୁ ମୁକ୍ତ କରିନେଇ ପାରନ୍ତି ନାହିଁ; ଖୁବ୍ ବେଶୀ ହେଲେ ସେଇଟିକୁ ଟିକେ ଅଧିକ ପ୍ରଶସ୍ତ ବା ପ୍ରସାରଯୁକ୍ତ କରିଦେଇ ପାରନ୍ତି ଏବଂ ତାହାକୁ ଏକ ଅଧିକ ବୃହତ୍ ତଥା

'oaob.nitrkl.ac.in' images reprocessed

ଅଧିକ ଭଲ ପରିଚୟ ଆଣି ଦେଇ ପାରନ୍ତି । ମାନ ଯେତେବେଳେ ମଣିଷର ପ୍ରାଣଗତ ଜୀବନ ଏବଂ ପ୍ରାଣଗତ ପ୍ରକୃତିରେ ପରିବର୍ତ୍ତନ ଘଟାଇବାର ପ୍ରଗତି ଅଟି ପହଞ୍ଚେ, ସେତେବେଳେ ସେଗୁଡ଼ିକ ଜାଗତିକ ଅସମର୍ଥ ଓ ଶକ୍ତିହୀନ ବୋଲି ପ୍ରମାଣିତ ହୁଅନ୍ତି; ଖୁବ୍ ବେଶୀ ହେଲେ ସେମାନେ ତା'ର ନିତ୍ୟାରେ ଏଠିସେଠି ଟିକିଏ ମଠାମଠି କରିଦଅନ୍ତି, ଘେରର ଆଘୋଗ୍ୟ ନଜର ତାହାର କଷ୍ଟକୁ ଉପଶମ କରିଦଅନ୍ତି ଏବଂ ତାହାର ଅପରିବର୍ତ୍ତିତ ଅନ୍ତଃଧର୍ମୀ ସାରଟି ଉପରେ କେବଳ ମାଟି ପୂଲାଏ ଆଣି ଲେପି ଦଅନ୍ତି । ଅଥବା, ଆମ ଇଚ୍ଛାଶକ୍ତିର ପରିପୂର୍ତ୍ତି ନିମ୍ନ ସହିତ ସହ ସେଗୁଡ଼ିକର ପ୍ରଗାଢ଼ ଅନୁଶୀଳନ କରିଯାଏ, ତେବେ ଆମ ପ୍ରକୃତିର କେବଳ ରୋଟିଏ ପାଖର ଆକାର ଓ ବିସ୍ତାରଟିକୁ ବଡ଼ ଅତିରଞ୍ଜିତ ଭାବରେ ବଢ଼ାଇ ଦିଆଯାଇପାରି ତାହା କରି ଯାଇଥାଏ । ଆମର ଏହି ବ୍ୟକ୍ତିରୂପ ସୃଷ୍ଟିର ଏହି ଏକାଧିକ ସାଧାରଣ ଦରଗୁଡ଼ିକ ଯେ କେତେ ସେହି ବିଶ୍ୱଗତ ଏବଂ ବିଶ୍ୱାତୀତ ପରମ ଶାଶ୍ୱତଙ୍କ ଆଡ଼କୁ ପରିପୂର୍ତ୍ତି, ପୂର୍ତ୍ତିପିତ ତଥା ଦିବ୍ୟ ଭାବରେ ବିବର୍ତ୍ତିତ ହୋଇଯାଇ ପାରିବ, ସେହି ଅତିରଞ୍ଜନ ଭିତରେ ତାହାର କୌଣସି ସୂଚନା ବା ସଙ୍କେତ ମଧ୍ୟ ନଥାଏ । ଏଣେ ଧର୍ମଗତ-ନୈତିକ ଆଦର୍ଶଟି ମଧ୍ୟ କଦାପି ସମ୍ପୂର୍ତ୍ତି ଭାବରେ ଆମର ପରିପ୍ରଦର୍ଶନ କରିପାରିବ ନାହିଁ; କାରଣ, ଘୋଟିଏ ପାଖରେ ଏକ ଧର୍ମଗତ ପ୍ରବୃତ୍ତି, ଯାହାକି ଆମର ଏହି ସାଧାରଣ ମନୁଷ୍ୟସ୍ୱଭାବର ଭିତ୍ତିଭୂର ଆବେଗଗୁଡ଼ିକୁ ଆପଣା ମଧ୍ୟକୁ ଗ୍ରହଣ କରିନେଇ ତଦ୍ଦ୍ୱାରା ଏହି ଜଗତ ଉପରେ ଆପଣାର ମୁଠାଟିକୁ ଟାଣ କରି ରଖିବାକୁ ଲେଉଥାଏ; ଏବଂ ଅନ୍ୟ ପାଖରେ ଏକ ଜାଗତିକ ପ୍ରବୃତ୍ତି, ଯାହାକି ଧର୍ମଗତ ଉଦ୍ଦ୍ୟୋଗର କୌଣସି ନା କୌଣସି ସ୍ପର୍ଶ ଦ୍ୱାରା ଆପଣାକୁ ଆପଣାର ସ୍ୱଳ୍ପସ୍ୱ ମନୋଗତ କଠିନତା ଏବଂ ଶୁଷ୍କତା ମଧ୍ୟରୁ ଉପରକୁ ଉଠାଇ ନେବାର ଆଶା ପୋଷଣ କରିଥାଏ;—ଧର୍ମଗତ-ନୈତିକ ଆଦର୍ଶଟିକୁ ଆମେ ସେହି ଦୁଇଟି ପ୍ରବୃତ୍ତି ମଧ୍ୟରେ ଏକ ସାରସ୍ପରିକ ସମର୍ପଣ ସମ୍ଭବ କରିବା ଲାଗି ସାରସ୍ପରିକ ବିଶେଷ ସୁବିଧା ଦେବାର ଏକ ସାଲିଶ୍ ବା ଚୁକ୍ତି ବୋଲି ବେଶ୍ କହିପାରିବା । ଏହିପରି ଘୋଟାଏ ଚୁକ୍ତି ଭିତରେ ପଶିଯାଇ ଧର୍ମ ଆପଣାକୁ ଏକ ମନୋମୟ ସ୍ତରକୁ ଟପାଇ ଆଣେ ଏବଂ ଫଳରେ ସଚେଅବା ଉଦ୍ଧର୍ଗଧ୍ୱକାର ସ୍ୱପ୍ନରେ ମନ ଭିତରେ ସବୁଦା ଅନ୍ତର୍ନିହିତ ରହିଥିବା ଅପୂର୍ତ୍ତିଭାଗୁଡ଼ାକୁହିଁ ମୁଣ୍ଡାଇବାକୁ ବାଧ ହୁଏ ଏବଂ ଠିକ୍ ମନ ପରି ଜାଗତିକରେ କୌଣସି ନୂତନ ଦୀକ୍ଷା ବା ରୂପାନ୍ତର ସମ୍ଭବ କରିବାକୁ ଏକାନ୍ତ ଅସମର୍ଥ ହୋଇ ରହେ । ମନର ଷେତ ହେଉଛି ଅଶେଷ ଦ୍ୱୈତଭାର ଏକ ଷେତ; କୌଣସି ପୂର୍ତ୍ତି ପରମସତ୍ୟରେ ଉପନୀତ ହେବା ମନ ଲାଗି ସବୁଦା ଅସମ୍ଭବ ହୋଇ ରହିଥାଏ । ମନ ଯେଉଁସବୁ ସତ୍ୟର ପରିଚୟ ପାଏ, ସେଗୁଡ଼ିକ ହେଉଛି କେବଳ ଆପେକ୍ଷିକ ସତ୍ୟ, ବା ସେଥିରେ ସବୁବେଳେ ନାନା ମିଥ୍ୟା ଓ ଭ୍ରାନ୍ତି ମଧ୍ୟ ମିଶ୍ରିତ ହୋଇ ରହିଥାଏ; ତେଣୁ ମନ କେବେହେଲେ କୌଣସି

'oaob.nitrkl.ac.in' images reprocessed

ପଣସୁର୍ଣ୍ଣ ଶୁଭ ବା ମଙ୍ଗଳରେ ଯାଇ ଉପନୀତ ହୋଇପାରେ ନାହିଁ । କାରଣ ନୈତିକ ଶୁଭ ବା ନୈତିକ ମଙ୍ଗଳ ସବୁବେଳେ କେବଳ ଅଶୁଭର ସଦ୍ଭାତ୍ମକ ବା ସଂଶୋଧକ ରୂପରେହିଁ ବର୍ତ୍ତମାନ ରହିଥାଏ, ଏହି ନୈତିକ ଶୁଭ ଅଶୁଭକୁ ସବଦା ଅପଣାର ଭୁଇ କରି ରଖିଥାଏ, ଅପଣାର ଅନୁପୂରକ କରି ରଖିଥାଏ, ଆପଣାର ଅସ୍ତିତ୍ୱ ଲଗି ପ୍ରାସ୍ୱ ଏକ ଔଚତ୍ୟ କରି ରଖିଥାଏ । ମାତ୍ର ଅଧ୍ୟାତ୍ମ ଚେତନା ମନୋଭୂମିର ଉର୍ଦ୍ଧ୍ୱରେ ହୋଇ ରହିଥାଏ ଏବଂ ସେଠାରେ କୌଣସିପ୍ରକାର ଦ୍ୱୈତଭାବ ଲଗି ଆଦୌ ସ୍ଥାନ ନଥାଏ । ଯେଉଁ ସତ୍ୟକୁ ମିଥ୍ୟାରେ ପରିଣତ କରି ରଖି ଏବଂ ତାହାକୁ ବଳପୂର୍ବକ ଆପଣାର କବଳ ଭିତରେ ରଖି ଅସତ୍ୟ ତାହା ଦ୍ୱାରା ବେଶ୍ ଲାଭ ଉଠାଇବାରେ ଲଗିଥିଲା, ଅସତ୍ୟ ଯେତେବେଳେ ସେହି ସତ୍ୟର ସମ୍ମୁଖୀନ ହୁଏ, ଏବଂ ଅଶୁଭ ଯେଉଁ ଶୁଭର ଏକ ବକୃତ ରୂପ ଏବଂ ବକଟ ବକଲ୍ପ ହୋଇ ରହିଥିଲା, ଅଶୁଭ ଯେତେବେଳେ ସେହି ଶୁଭର ସମ୍ମୁଖରେ ଆସି ଠିଆହୁଏ, ସେତେବେଳେ ସେହି ଅସତ୍ୟ ଓ ସେହି ଅଶୁଭ ଆପଣା ଲଗି ଆଉ କୌଣସି ପ୍ରକାର ଯୋସଣ ନମିଳିବାରୁ ବନଷ୍ଟ ହୋଇଯିବାକୁ ବାଧ୍ୟ ହୁଅନ୍ତି, ବଲୁପ୍ତ ହୋଇଯାଆନ୍ତି । ପୂର୍ଣ୍ଣଯୋଗର ସାଧନା ମାନସିକ ତଥା ନୈତିକ ଆଦର୍ଶର ସହଜଭଙ୍ଗୁର ଉପାଦାନଟି ଉପରେ ଆଦୌ ଆସ୍ଥା ରଖିପାରେ ନାହିଁ ଏବଂ ଏହି କ୍ଷେତ୍ରରେ ତାହା ଉନୋଟି କେନ୍ଦ୍ରସ୍ଥାନସ୍ୱ ଗତ୍ୟାସ୍ମକ ପ୍ରକିସ୍ୱା ଉପରେହିଁ ସମୁଦାସ୍ୱ ଗୁରୁତ୍ୱଟିକୁ ନ୍ୟସ୍ତ କରି ରଖିଥାଏ । ପ୍ରଥମତଃ ଆମ ଜୀସନାସସ୍ୱ ମିଥ୍ୟା-ଆସ୍ମାଟିର ସ୍ଥାନାପନ୍ନ ଭାବରେ ତାହା ଯଥାର୍ଥ ଆସ୍ମାକୁ ଅର୍ଥାତ୍ ଚୈତ୍ୟସତ୍ତ୍ୱାଟିକୁ ବକଶିତ କରାଇ ଆଣେ, ଦ୍ୱିତୀସତଃ ମନୁଷ୍ୟଭୂମିର ପ୍ରେମକୁ ତାହା ଦିବ୍ୟ ପ୍ରେମର ଭୂମିକୁ ଉତ୍ତୋଳିତ କରିନଏ; ଏବଂ ତୃତୀସତଃ ଚେତନାକୁ ମଧ୍ୟ ତାହା ମନର ଭୂମିରୁ ତାହାର ଆଧ୍ୟାତ୍ମିକ ତଥା ଅତିମାନସ ଭୂମିକୁ ଉତ୍ତୋଳିତ କରି ନେଇସାଏ । କେବଳ ସେହି ଅତିମାନସ ଶକ୍ତିହି ଦ୍ୱାରାହିଁ ଆମର ଆସ୍ମା ତଥା ପ୍ରାଣଶକ୍ତି ଅଜ୍ଞାନର ସାବତୀସ୍ୱ ଆବରଣ ଏବଂ ପ୍ରତାରଣାରୁ ସମ୍ପୂର୍ଣ୍ଣରୂପେ ମୁକ୍ତ ହୋଇ ଆସିବାର ସାମର୍ଥ୍ୟ ଲାଭ କରନ୍ତି ।

ସୂର୍ଯ୍ୟମୁଖୀ ଫୁଲ ସୂର୍ଯ୍ୟ ଆଡ଼କୁ ଆକୃଷ୍ଟ ହେଲା ପରି ଆପଣାର ସ୍ୱଭାବ ଦ୍ୱାରା ଆକର୍ଷିତ ହୋଇହିଁ ଚୈତ୍ୟସତ୍ତ୍ୱା ପରମ ଦିବ୍ୟସତ୍ତ୍ୟ ଆଡ଼କୁ ମନ ବଳାଇଥାଏ । ଯାହାକିଛୁ ଦିବ୍ୟ ହୋଇ ରହିଛୁ ଅଥବା ଦିବ୍ୟତା ଆଡ଼କୁ ଅନୁଧାବତ ହୋଇ ରହିଛୁ, ଚୈତ୍ୟସତ୍ତ୍ୱା ସେଗୁଡ଼ିକୁ ଗ୍ରହଣ କରିନଏ, ଆପଣାକୁ ତାହାର ସହଜହିଁ ସଂଯୁକ୍ତ କରି ରଖେ; ଏବଂ ଯାହାକିଛୁ ସେହି ପରମ ଦିବ୍ୟ ସତ୍ତ୍ୟଟିର ଖଣ୍ଡନ କରୁଛି ବା ଯାହାକିଛୁ ତାହାକୁ ବକୃତ କରିପକାଇଛୁ, ଯାହାକିଛୁ ଯେଉଁଠି ଅସତ୍ୟ ଓ ଅଦିବ୍ୟ ହୋଇ ରହିଛୁ, ଚୈତ୍ୟସତ୍ତ୍ୱା ସେଇଠିଠାରୁ ଆପଣାକୁ ପ୍ରତ୍ୟାହୃତ କରିଆଣେ । ମାତ୍ର

'oaob.nitrkl.ac.in' images reprocessed

ଆତ୍ମା ପ୍ରଥମ ଅବସ୍ଥାରେ କେବଳ ଏକ ଅଟ୍ଟାଳିକା ମାତ୍ର ହୋଇ ରହିଥାଏ, ଯେଉଁ ବିଶାଳ ଉତ୍ସୋତ୍ସବର ମଧ୍ୟରେ ଜଳୁଥିବା ଦେବତ୍ୱର ସ୍ଥାନ ଶିଖାଟିଏ ହୋଇ ରହିଥାଏ; ଏହା ଅଧିକାଂଶତଃ ଅପଣାର ଅନ୍ତଃସ୍ଥ ପବନ ଭୂମିଟିରେ ଅନ୍ତର୍ଲୀନ ଓ ଆବରଣଯୁକ୍ତ ହୋଇ ରହିଥାଏ । ଆପଣାର ଉଦ୍‌ଘାଟନ କରିବା ଲାଗି ତାହାକୁ ମନ, ପ୍ରାଣଶକ୍ତି ତଥା ଜଡ଼ସ୍ଥ ଚେତନାର ସହାୟତାଟି ଉପରେ ନର୍ଭର କରିବାକୁ ହୁଏ ଏବଂ ସେମାନଙ୍କର ଯଥାଶକ୍ତି ସେମାନେ ତାକୁ ପ୍ରକାଶିତ ବା ବ୍ୟକ୍ତ କରିବାକୁ ବୋଲ୍ ସେମାନଙ୍କୁ ପ୍ରବର୍ତ୍ତାଇବାକୁ ପଡ଼େ । ସାଧାରଣତଃ, ଖୁବ୍ ବେଶୀ ହେଲେ ତାହା ସେମାନଙ୍କର ବାହ୍ୟତାଟିକୁ ଆପଣାର ଅନ୍ତର୍ଯୋଜନାଟି ଦ୍ୱାରା ଭେଦାଇବାରେହିଁ ସଫଳତା ଲାଭ କରିଥାଏ, ଆପଣାର ବିଶୋଧନକାରୀ ସୃଷ୍ଟିତାଟି ଦ୍ୱାରା ସେମାନଙ୍କର ଅଶୁଦ୍ଧଚ୍ଛୋନ୍ନ ଅନ୍ଧକାର ବା ଅଶୋଧିତ ମିଶ୍ରଣଗୁଡ଼ିକୁ କଥିତ ମାତ୍ରାରେ ବଦଳାଇ ବ ଦେଇପାରେ । ଏପରକି ଯେଉଁଠାରେ ଚୈତ୍ୟସତ୍ତା ଏକ ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରିସାରିଥାଏ ଏବଂ ଦେହେଚ୍ଛ ପରମାଣରେ ଏକ ଅପରୋକ୍ଷତା ସହିତ ତାହା ଆପଣାକୁ ଜୀବନର ଭୂମିରେ ବ୍ୟକ୍ତ କରିଦେବା ଲାଗି ମଧ୍ୟ ଏକ ସାମର୍ଥ୍ୟ ଅର୍ଜନ କରିଥାଏ, ସେତେବେଳେ ମଧ୍ୟ କେବଳ ଅଳ୍ପ କେତୋଟି ବ୍ୟତନମକୁ ବାଦ୍ ଦେଇ ସମସ୍ତଙ୍କ ଭିତରେ ସତ୍ତାର କେବଳ ଏକ କ୍ଷୁଦ୍ରତର ଅଂଶ ହୋଇହିଁ ରହିଥାଏ । "ଦେହର ସମୁଦାୟ ପିଣ୍ଡଟି ମଧ୍ୟରେ ଏହା ହାତର ବୁଢ଼ାଆଙ୍ଗୁଠିଠାରୁ ମଧ୍ୟ ଆଦୌ ବଡ଼ ନୁହେଁ,"—ପ୍ରାଚୀନ ଋଷିମାନେ ଏହିପରି ଏକ ପ୍ରତିରୂପ ଦେଇ ତାହାର ବର୍ଣ୍ଣନା କରିଥିଲେ । ଏବଂ ଆମ ଜଡ଼ସ୍ଥ ଚେତନାଟି ମଧ୍ୟରେ ଯେଉଁ ଅଶୁଦ୍ଧତା ଏବଂ ଅଜ୍ଞାନମୟୀ କ୍ଷୁଦ୍ରତା ରହିଛୁ, ମନ ଭିତରେ ନଶ୍ଚିତତାର ଯେଉଁ ଅନୁଚ୍ଚତ ଦୃଷ୍ଟି ରହିଛୁ ଏବଂ ପ୍ରାଣପ୍ରକୃତିଠାରେ ଯେଉଁ ଉତ୍ସ ଚେତୋଦ୍ୱତ୍ତତା ରହିଛୁ, ସେଗୁଡ଼ିକ ଆଗରେ ଦୃଢ଼ ହୋଇ ଠିଆହୋଇ ପାରିବା ଲାଗି ମଧ୍ୟ ତାହା ସବୁବେଳେ ସମର୍ଥ ହୁଏ ନାହିଁ । ମନୁଷ୍ୟର ମନୋଗତ, ସବେରଗତ ଓ ଇନ୍ଦ୍ରିୟବୋଧଗତ ଜୀବନଟି ବର୍ତ୍ତମାନ ଯେଉଁଭଳି ସ୍ତରରେ ରହିଛୁ, ଏହାର ଯାବତୀୟ ସମ୍ବନ୍ଧ, କାର୍ଯ୍ୟକଳାପ ତଥା ପରିପୋଷିତ ରୂପ ଏବଂ ପ୍ରତିରୂପଗୁଡ଼ିକ ବର୍ତ୍ତମାନ ଯେପରି ରହିଛୁ, ଚୈତ୍ୟସତ୍ତା ତାହାକୁ ପ୍ରାପ୍ତ ସେହିଭଳି ସ୍ତରରେହିଁ ମାନ୍ନଜେବାକୁ ବାଧ ହୁଏ । ଏହିସବୁ ଯେଉଁ ଆପେକ୍ଷିକ ସତ୍ୟ ଭିତରେ ଅନୁକ୍ଷଣ ଅସ୍ତ୍ୟୋତ୍ପାଦକ କେତେକେତେ ଭାନ୍ତ ମିଶି କରି ରହିଛୁ, ଆମର ଏହି ଯେଉଁ ପ୍ରେମ ଆମ ପ୍ରାଣୀ-ଶଙ୍କରର ସମ୍ଭୋଗ ଏବଂ ପ୍ରାଣିକ ଅହଂର ପରିତର୍ପଣ ଲାଗି ଉଦ୍ଦିଷ୍ଟ ହୋଇ ରହିଛୁ, ଏକ ହାତ୍‌ହାଡ଼ ମନୁଷ୍ୟପଣର ଏହି ଯେଉଁ ଜୀବନଟି ଅତି ବରଲ ସ୍ତରରେ ପରମ ଦେବତ୍ୱର କେତେକ ଅନୁକୂଳ ଆତ୍ମସ୍ପ ବା ଝଲକ ପାଇପାରିଛୁ ସତ୍ତ, ମାତ୍ର ଅଧିକାଂଶତଃ ଆସୁରକତା ଏବଂ ପାଶବକତାରହିଁ ଅନ୍ଧକାରତର କେତେ

'oaob.nitrkl.ac.in' images reprocessed

ସ୍ୱପଣଟା ମଧ୍ୟରେ ଜର୍ଜର ହୋଇ ରହିଛୁ, ତୈତ୍ୟସତ୍ତ୍ୱା ସେହିଗୁଡ଼ିକ ମଧ୍ୟରେହିଁ ଦ୍ରବ୍ୟ ଉପାଦାନଟିକୁ ଫଗୁଳଡ ଓ ଅଣ୍ଡଟୁଙ୍କ କର ରଖିବା ଲଗି ଅବରତ କେତେ ଶ୍ରମ କରବାରେ ଲଗିଥାଏ । ଆପଣା ଇଚ୍ଛାଶକ୍ତିର ସର୍ମଗତ ସ୍ତରରେ କୌଣସି ଭ୍ରାନ୍ତ ଦ୍ୱାରା ସନ୍ତ୍ରସ୍ତ ହୋଇ ରହି ନଥିଲେ ମଧ୍ୟ, ଆପଣାର ଏହି ସାଧନଗୁଡ଼ିକ ଦ୍ୱାରାହିଁ ଅନେକ ସମସ୍ୱରେ ବାଧ ହୋଇ ତୈତ୍ୟସତ୍ତ୍ୱାକୁ କର୍ମଗତ କେତେ ଭୁଲ୍ ପାଟରେ ମୁଣ୍ଡ ନୁଆଁଇବାକୁ ପଡ଼େ, ଆପଣାର ଅନୁଭୂତିକୁ କେତେ ଭୁଲ୍ ଜାଗାରେ ନେଇ ଜଡ଼ତ କରାଇଦେବାକୁ ପଡ଼େ, କେତେ ଭୁଲ୍ ମଣିଷଙ୍କୁ ବାଛୁବାକୁ ପଡ଼େ ଏବଂ ଆପଣା ଫଳଲ୍ଭର ପ୍ରକୃତ ରୂପାୟନରେ ତଥା ସେହି ଦୋଷମୁକ୍ତ ଅନ୍ତର୍ଗତ ଆଦର୍ଶଟିକୁ ବ୍ୟକ୍ତ କରବାର ସ୍ପଙ୍ଗାସ୍ୱ ପ୍ରସ୍ୱାସର ପରବେଶଗୁଡ଼ିକରେ ମଧ୍ୟ କେତେ ଭୁଲ୍ ଜଦ୍ଦାଚନ କରିପକାଏ । ତଥାପି ତାହାର ଭିତରେ ଏକ ବୋଧଗାମର୍ଥ୍ୟ ବର୍ତ୍ତମାନ ରହିଛୁ, ଯାହାକି ଏହାକୁ ତର୍କବୁଦ୍ଧି ଅପେକ୍ଷା ଏବଂ ଏପରକି ଭିଇରୁ ଭିଇ ଯେକୌଣସି କାମନାଟି ଅପେକ୍ଷା ଏକ ଅଧିକ ନଶ୍ଚିତ ପଥପ୍ରଦର୍ଶକରେ ପରଣତ କରଦଏ; ଏବଂ ବାହ୍ୟ ମାନା ଭ୍ରାନ୍ତ ଏବଂ ସ୍ଖଳନ ମଧ୍ୟଦେଇ ଏହାର ବାଣୀହିଁ ସ୍ପଷ୍ଟ ବୁଦ୍ଧି ଏବଂ ବସ୍ତୁରଣା-ସମର୍ଥ ମନସିକ ଜର୍ଗୁସ୍ୱ ଅପେକ୍ଷା ତଥାପି ଅଧିକ ଭଲ ଗ୍ୱବରେ ମାର୍ଗଦର୍ଶନ କରବା ଲଗି ସମର୍ଥ ହୋଇଥାଏ । ଆମେ ସାଧାରଣତଃ ଯାହାକୁ ବବେକ ବୋଲ କହୁଥାଉ, ତାହାକୁହିଁ ଆତ୍ମାର ଏହି ବାଣୀ ବୋଲ ଭ୍ରମ କରବା ଆଦୌ ଉଚିତ ନୁହେଁ; କାରଣ ଆମର ବବେକ ହେଉଛୁ କେବଳ ଏକ ମନୋଗତ ଏବଂ ଅନେକ ସମସ୍ୱରେ ଏକ ପରମ୍ପରାଧୀନ ସ୍ଥାନାପନ୍ନ ମାତ୍ର, ଯାହା ଭୁଲ୍ ମଧ୍ୟ କରପାରେ ଓ ଭୁଲ୍ କରେ । ଆତ୍ମାର ବାଣୀ ଏକ ଗମ୍ଭୀରତର ସ୍ତରରୁ ଜନାଦ୍ଭତ ହୋଇ ଆସେ ଏବଂ ଅପେକ୍ଷାକୃତ ଅଧିକ କୃଚତ୍ତ୍ୱ ତାହାର ଅଭ୍ରାନ୍ତତି ଅସି ଆମ କାନରେ ବାଜିଥାଏ । ମାନ ଯେତେବେଳେ ତାହା କାନରେ ବାଜେ, ସେଇତିରହିଁ ଅନୁସରଣ କରବା ହେଉଛୁ ସବୁଠାରୁ ଅଧିକ ବଜ୍ଞୋଚତ୍ତ । ଏପରକି, ଆମର ତର୍କବୁଦ୍ଧି ଓ ବାହ୍ୟ କୈତ୍ତକତାରୂପୀ ଉପଦେଷ୍ଟାର ବୋଲ ମାନ ତଥା ପ୍ରତ୍ତାତ ସିଧାରାସ୍ତାରେ ଯିବା ଅପେକ୍ଷା ଆପଣା ଆତ୍ମାର ଆଭ୍ରାନତି ମାନ ହୁଏତ ଦେଢେଡେଢେ ଭ୍ରମିଜୁଲିବା ମଧ୍ୟ ସବୁବେଳେ ଅଧିକ ଶ୍ରେସ୍ୱସ୍କର । ମାନ କେବଳ ଯେତତଦେଳେ ଆମର ଜୀବନ ସେହି ପରମ ଦ୍ରବ୍ୟତ୍ତା ଆଡ଼କୁ ଆପଣାକୁ ମୁହାଁଇ ରଖିପାରିବ, ସେତତକବେଳେ ଯାଇ ଆତ୍ମା ଯଥାର୍ଥତଃ ପୁରୋତ୍ତାଗକୁ ବାହାର ଆସି ପାରିବ ଏବଂ ଆମ ଜୀବନର ବାହ୍ୟାଙ୍ଗଗୁଡ଼ିକ ଉପରେ ମଧ୍ୟ ଆପଣାର ଶକ୍ତିକୁ ଆଣି ଲାଦଦେଇ ପାରିବ । କାରଣ, ସ୍ୱୟଂ ସେହି ପରମ ଦ୍ରବ୍ୟତ୍ତାରହିଁ ଏକ ଅଗ୍ନିଜଣା ହୋଇ ରହିଥିବାରୁ, ଏକ ଶିଖାର ରୂପ ଧର ସେହି ପରମ ଦ୍ରବ୍ୟତ୍ତା ଆଡ଼କୁ ବକଶିତ ଓ ଫଳଫଳନ୍ତ ହୋଇ ଉଠବାକୁହିଁ ଆମେ ଆମ ଆତ୍ମାର ଯଥାର୍ଥ ଜୀବନ ଓ ଅସ୍ତିତ୍ୱର ପ୍ରକୃତ ଔଚତ୍ତ୍ୟ ବୋଲ ଜାଣିରଖିବା ।

'oaob.nitrkl.ac.in' images reprocessed

ଯୋଗର ଗୋଟିଏ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ, ଯେତେବେଳେ ମନ ସଂପୂର୍ଣ୍ଣ ପରମାଣରେ ଶାନ୍ତ ହୋଇଆସେ ଏବଂ ପ୍ରତ୍ୟେକ ପଦକ୍ଷେପରେ ସେ ଆଉ ଅପଣା ମନୋଗତ ଲକ୍ଷ୍ୟଗୁଡ଼ିକର ନିଶ୍ଚୟତାକୁ ଆପଣାର ସଂପୂର୍ଣ୍ଣ ବଳ ବୋଲି ଗ୍ରହଣ କରନେଇ ତାହାର ଉପରେହିଁ ଠିଆହୋଇ ରହିବା ଲାଗି କୌଣସି ପ୍ରୟାସ କରେ ନାହିଁ, ଯେତେବେଳେ ଆମର ପ୍ରାଣିକ ସୃଷ୍ଟି ସ୍ଥିର ଓ ବଶ ହୋଇଆସେ ଏବଂ ଆପଣାର ଅନ୍ୟ ଇଚ୍ଛା, ଦାବି ବା କାମନାଗୁଡ଼ିକୁ ନେଇ ଆଉ କୌଣସି କ୍ରିୟା କରି ବସେ ନାହିଁ, ଏବଂ ଯେତେବେଳେ ଆମର ଭୌତିକ ପ୍ରକୃତିରେ ସଂପୂର୍ଣ୍ଣ ପରିବର୍ତ୍ତନ ଆସିଯାଏ ଓ ତାହା ଆପଣାର ବାହ୍ୟତା, ଆଚ୍ଛନ୍ନତା ବା ମନ୍ଦତାର ଅତୀତାବସ୍ଥା ପ୍ରତି ଭିତରେ ଅନ୍ତରସ୍ଥ ସେହି ଅଗ୍ନିଶିଖାଟିକୁ ଏକାବେଳକେ ଫୋପଡ଼ା ପକାଇବାକୁ ଆଉ କୌଣସି ଅଭିପ୍ରାୟ ପୋଷଣ କରେ ନାହିଁ, ସେତେବେଳେ ସେହି ଭିତରେହିଁ ଲୁକ୍କାୟିତ ହୋଇ ରହିଥିବା ଏବଂ କେବଳ ଆପଣା ପ୍ରଜ୍ଞାବଳ ଜାତୀୟ କୋଟିକ ଅଭିବ୍ୟକ୍ତିର ଅବସରଗୁଡ଼ିକରେ ଅନୁଭୂତ ହେଉଥିବା ଏକ ଅନ୍ତରତମ ସତ୍ତା ପୃଥ୍ୱୀ-ସ୍ତରକୁ ଆସିବାକୁ ଏବଂ ସାଧନାରେ ନେତୃତ୍ୱ ଗ୍ରହଣ କରିବାକୁ ସମର୍ଥ ହୁଏ । ଏହା ସ୍ୱତଃ କେବଳ ସେହି ପରମ ଦିବ୍ୟତା ଅର୍ଥାତ୍ ପରମ ଇଚ୍ଛା ଆଡ଼କୁ ଏକାଇମୁଖୀ ହୋଇ ରହିଥାଏ; ତାହାର ଯାବତୀୟ କାର୍ଯ୍ୟ ତଥା ଗତିଶୀଳନ ଏକାଇମୁଖୀ ଅଥଚ ସ୍ଥିତିସ୍ଥାପକ ହୋଇ ରହିଥାଏ । ଏକଦର୍ଶୀ ଓ ଏକାଇମୁଖୀ ବୁଦ୍ଧି ପରେ ତାହା ଲକ୍ଷ୍ୟରତ କୌଣସି ଅନମନୀୟତାର ସୃଷ୍ଟି କରେ ନାହିଁ ଅଥବା ଏକାଇମୁଖୀ ପ୍ରାଣିକ ଶକ୍ତି ପରେ କୌଣସି ଆଧିପତ୍ୟକାଙ୍କ୍ଷୀ ଜିଦ୍ଦ ବା ଆବେଗର କଠୋର ଅପର-କ୍ତିମତ୍ୱତାକୁ କଦାପି ଜନ୍ମ ଦିଏ ନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ଓ ଏକ ନମନୀୟ ଫଳପ୍ରସୂ ଜିଜ୍ଞାସା ସହିତ ତାହା ଆମକୁ ପରବର୍ତ୍ତୀ ଅଭିମୁଖକୁ ପରିଚାଳିତ କରି ନେଇପିବାର ମାର୍ଗଟିକୁ ଦେଖାଇ ଦେଇଥାଏ, ଉଚ୍ଚତର ପଦକ୍ଷେପ ତଥା ଅନୁତର ପଦକ୍ଷେପ ମଧ୍ୟରେ ରହିଥିବା ପ୍ରଭେଦଟିକୁ ସଦ୍ଭେଦିବା ସ୍ପଷ୍ଟଭାବେ ହୋଇ ଦେଖାଇ ଦେଇପାରେ, ଦିବ୍ୟତା ତଥା ଦେବତ୍ୱକୁ ଅଦିବ୍ୟର ଦୁର୍ଦ୍ଦମ ମିଶ୍ରଣଟିରୁ ପୃଥକ୍ କରିଦିଏ । ସଦ୍ଭେଦିବା ଗୋଟିଏ ମଶାଲ ପରି ତାହାର ଜିଜ୍ଞାସି ପଥରେ ଯାହାକିଛୁ ପରିବର୍ତ୍ତନ କରିବାକୁ ହେବ, ତାହାକୁ ଆଲୋକପାତ କରି ଦେଖାଇ ଦେଇଥାଏ; ଏହା ମଧ୍ୟରେ ଫଳଲାଶରୁର ଏପରି ଏକ ଅର୍ଥ ରହିଥାଏ ଯାହା କି ପୂର୍ଣ୍ଣତାର ଉପଲବ୍ଧି ଲାଗି ଏବଂ ଅନ୍ତର ତଥା ବାହ୍ୟ ସମୁଦାୟ ଅସ୍ତିତ୍ୱର ଏକ ରୂପାନ୍ତରକାଙ୍କ୍ଷୀ ପରିବର୍ତ୍ତନ ନମନ୍ତେ ସଦାକାଙ୍କ୍ଷିତ ହୋଇ ରହିଥାଏ । ସୁତରାଂ ତାହା କେବଳ ସେହି ଦିବ୍ୟ ଅନ୍ତଃ-ସାରରହିଁ ପ୍ରତ୍ୟକ୍ଷ କରୁଥାଏ, ସମ୍ଭବ ଯେଉଁଠି ଦିବ୍ୟତା ନାମରେ କେବଳ ମୁଖାରହିଁ ଆପଣାକୁ ପ୍ରଦର୍ଶିତ କରି ରହିଥାଏ ଏବଂ କେବଳ ଗୋଟାଏ ଛଦ୍ମରୂପହିଁ ଅସଲ ରୂପଟିକୁ ଆଡ଼ୁଆଳ କରି ରହିଥାଏ, ତାହା ସେସବୁକୁ ଛେଦିକୁ ପରିତ୍ୟାଗ କରିଦିଏ ।

'oaob.nitrkl.ac.in' images reprocessed

ଚୈତ୍ୟ ଆତ୍ମା ପରମ ସତ୍ୟକୁହିଁ ଲେଉଟିଥାଏ, ସଙ୍କଳ୍ପ, ଶକ୍ତି ଏବଂ ସ୍ୱାମିତ୍ୱ ଲେଉଟିଥାଏ, ଆନନ୍ଦ ଲେଉଟିଥାଏ, ପ୍ରେମ ଲେଉଟିଥାଏ ଓ ସୌନ୍ଦର୍ଯ୍ୟ ଲେଉଟିଥାଏ; ମାତ୍ର ତାହା ଦୃଢ଼ସ୍ଥାସ୍ୱୀ ଜ୍ଞାନରହିଁ ସେହି ପରମସତ୍ୟକୁ ଲେଉଟିଥାଏ, ଯାହାକି ଅଜ୍ଞାନର କେବଳ ଏକ ବ୍ୟବହାରୋପଯୋଗୀ କ୍ଷଣିକ ସତ୍ୟର ଅନ୍ତତ ହୋଇ ରହିଥାଏ; ତାହା ଏକ ଅନ୍ତର୍ଗତ ଓ ଅନ୍ତରେନ୍ଦ୍ରିୟ ଆନନ୍ଦକୁ ଲେଉଟିଥାଏ ଏବଂ କେବଳ ପ୍ରାଣଗତ ଓ ପ୍ରାଣ-ପ୍ରେରତ ହୋଇ ରହିଥିବା କୌଣସି ସୁଖ ଲେଉଟି ନଥାଏ । କାରଣ ଆପଣାର ପତନ ଘଟାଇଥିବା ସାବତୀୟ ଭର୍ପଣ ଓ ତୃପ୍ତି ଅପେକ୍ଷା ତାହା ବରଂ ଏକ ବଶୁଷ୍କକାଷ୍ଠ କଷ୍ଟସହନ ଏବଂ ଦୁଃଖଭୋଗକୁହିଁ ଅଧିକ କାମ୍ୟ ବୋଲି ଗ୍ରହୁଥାଏ । ଡେଣା ମେଲି ଊର୍ଦ୍ଧ୍ୱ ଆଡ଼କୁ ଉଡ଼ୁଥିବା ପ୍ରେମକୁହିଁ ଲେଉଟିଥାଏ; ମାତ୍ର ଯେଉଁ ପ୍ରେମ ଅହଂଗ୍ରସ୍ତ କାମନାର ଖୁଣ୍ଟରେ ବାନ୍ଧିହୋଇ ପଡ଼ିଛି, ଯାହାର ପାଦ କାଦୁଅ ଭିତରେ ବୁଡ଼ିଜଳ ରହିଛି, ଚୈତ୍ୟ ଆତ୍ମା ସେହି ପ୍ରେମକୁ କଦାପି ଲେଉଟି ନଥାଏ । ପରମ ସନାତନକୁ ନରୂପଣ କରୁଥିବା ଆପଣାର ଯାଜନପଦରେ ପ୍ରତିଷ୍ଠିତ ସୌନ୍ଦର୍ଯ୍ୟକୁ ଲେଉଟିଥାଏ; ଏବଂ ଅହଂର ନୁହେଁ, ମାତ୍ର ସେହି ପରମ ଚିଦ୍‌ଗତିର ସାଧନରୂପେ କାମରେ ଲଗୁଥିବା ବଳ, ସଙ୍କଳ୍ପ ଏବଂ ସ୍ୱାମିତ୍ୱକୁ ଲେଉଟିଥାଏ । ଜୀବନକୁ ଏକ ଦିବ୍ୟ ଜୀବନରୂପେ ଗଢ଼ିବାକୁହିଁ ତାହାର ସଙ୍କଳ୍ପ ଉଦ୍ଦିଷ୍ଟ ହୋଇ ରହିଥାଏ, ଆପଣା ମଧ୍ୟଦେଇ ତାହା ଏକ ଉଚ୍ଚତର ସତ୍ୟକୁହିଁ ଅଭିବ୍ୟକ୍ତ କରିବାର ପ୍ରୟାସ କରୁଥାଏ; ଏବଂ କେବଳ ସେହି ପରମ ଦିବ୍ୟ ଓ ପରମ ଶାଶ୍ୱତଙ୍କ ପାଖରେହିଁ ତାହା ସମର୍ପିତ ହୋଇ ରହିଥାଏ ।

ମାତ୍ର, ଏକ ପବନ ପ୍ରେମ, ଆନନ୍ଦ ଏବଂ ଏକତ୍ୱର ମଧ୍ୟଦେଇ ଚୈତ୍ୟସତ୍ତା ଆମ ଉପରେ ପରମ ଦିବ୍ୟତା ଆଡ଼କୁ ଅନ୍ତସ୍ପର ହୋଇଯିବା ଲଗି ସବଦା ଯେଉଁ ଚାପ ପକାଇଥାଏ, ଆମେ ତାହାକୁହିଁ ତାହାର ଅନ୍ତରଙ୍ଗତମ ସ୍ୱତ୍ତ୍ୱ ବୋଲି କହିବା । ସେହି ଦିବ୍ୟ ପରମ ପ୍ରେମକୁହିଁ ତାହା ସବୁଠାରୁ ଅଧିକ ପରମାଣରେ ଲେଉଟିଥାଏ; ସେହି ପରମ ଦିବ୍ୟତା ଲଗି ପ୍ରେମହିଁ ତାହାର ଉର୍ଦ୍ଧ୍ୱପ୍ରେରକ ହୋଇ ରହିଥାଏ, ଧେସ୍ୟ ହୋଇ ରହିଥାଏ ଏବଂ ତାହାହିଁ ଆମର ଭିତରେ ନବଜାତକ ହୋଇ କରୁଥିବା ସେହି ନବୋଦତ ବା ତଥାପି ଅନ୍ଧକାରାବୃତ ହୋଇ ରହିଥିବା ଦେବଜନ୍ମିର ଦୋଳନିର କ୍ୟୋତର୍ମସ୍ୱ ଗୁହାଟି ଉପରେ ସତ୍ୟରହିଁ ଗୋଟିଏ ତାରା ହୋଇ ଜଳୁଥାଏ । ଆପଣା ବିକାଶ ତଥା ଅପରପକ୍ଷ ଅସ୍ତିତ୍ୱର ସେହି ଦୀର୍ଘ ପର୍ଯ୍ୟାୟଟିରେ ତାହା ପାର୍ଥିବ ପ୍ରେମ, ପାର୍ଥିବ ସ୍ନେହ, କୋମଳତା, ସ୍ୱଚ୍ଛତା, କରୁଣା ତଥା ଦ୍ୱତୈପିତା ଶିକ୍ଷା କରି ସାରିଥାଏ; ସକଳ ସୌନ୍ଦର୍ଯ୍ୟ, ସକଳ ମୃଦୁତା, ସୂକ୍ଷ୍ମତା, ଆଲୋକ, ବଳ ଓ ସାହସ ଶିକ୍ଷା କରି ସାରିଥାଏ । ମନୁଷ୍ୟପ୍ରକୃତିର ଏହି ସ୍ଥୂଳତା ଏବଂ ସଚରାଚରତାରେ ସୂକ୍ଷ୍ମତା ଏବଂ ପବନତା ଆଣିଦେବାକୁ ଯାହାକିଛୁ ସାହାଯ୍ୟ କରୁଥାଏ, ସେ ସେଗୁଡ଼ିକୁ ଆଗରୁ ଶିଖି ସାରିଥାଏ । ମାତ୍ର ଆପଣାର ଉତ୍କୃଷ୍ଟ ଅବସ୍ଥାରେ

'oaob.nitrkl.ac.in' images reprocessed

ମଧ୍ୟ ଏହିସବୁ ମାନବୀୟ ଗତିଶ୍ଚନ୍ଦନ ପ୍ରକୃତିରେ କେତେଦୂର ନାନାମିଶ୍ରିତ ହୋଇ ରହିଥାଏ ଓ ଆପଣାର ନିକୃଷ୍ଟତମ ଅବସ୍ଥାରେ ତାହା କେତେ ତଳକୁ ଟଣି ପଡ଼ିଥାଏ, ଅହଂ ତଥା ଆତ୍ମପ୍ରବଞ୍ଚନାପୂର୍ଣ୍ଣ ଜୀବପ୍ରବଣ ମିଥ୍ୟାମୟତାର ନାମାଙ୍କନଟିକୁ କପଟ ଆପଣା ଉପରେ ବନ୍ଧନ କରି ରହିଥାଏ ଏବଂ ଆତ୍ମାର ଗତିଶ୍ଚନ୍ଦନଟିକୁ ଅନୁକରଣ କରି ନମ୍ନତର ଆତ୍ମସୃଷ୍ଟି କପଟ ଲାଭବାନ୍ ହେବାରେ ଲାଗିଥାଏ, ଏହା ସେଇଟି ବିଷୟରେ ମଧ୍ୟ ସମ୍ପୂର୍ଣ୍ଣ ଅବଗତ ରହିଥାଏ। ତେଣୁ, ପ୍ରକାଶଲାଭ କରିବା ସଙ୍ଗେସଙ୍ଗେ ତାହା ଆପଣାର ଯାବତୀୟ ପୂର୍ବତନ ସମ୍ବନ୍ଧ ଏବଂ ଅସମ୍ପୂର୍ଣ୍ଣ ସବେଗତତ୍ତ ଯାବତୀୟ ନିୟାତ୍ମକତାକୁ ଡେଇଁଯିବା ଲାଗି ପ୍ରସ୍ତୁତ ହୋଇଯାଏ ଏବଂ ତ୍ୟଗ୍ର ହୋଇପଡ଼େ, ସେଗୁଡ଼ିକ ବଦଳରେ ପ୍ରେମ ଓ ଏକତ୍ୱର ଏକ ବୃହତ୍ତର ଆଧାତ୍ମିକ ସତ୍ୟର ପ୍ରତିଷ୍ଠା ଲାଗି ଆକୁଳ ହେବାକୁ ଲାଗେ। ଅବଶ୍ୟ ଏହା ତଥାପି ମାନବୀୟ ନାନା ରୂପାୟନ ଓ ଗତିଶ୍ଚନ୍ଦନକୁ ସ୍ୱୀକାର କରିପାରେ ସତ୍ତ, ମାତ୍ର ସେଗୁଡ଼ିକ ସମସ୍ତେ ଯେ କେବଳ ସେହି ପରମ ଏକ ଆଡ଼କୁଡ଼ିଁ ଇଙ୍ଗିତ ହୋଇ ରହିବେ, ଏହି ଗୋଟିଏ ସର୍ତ୍ତରେଡ଼ିଁ ତାହା ସେଗୁଡ଼ିକୁ ସ୍ୱୀକାର କରିପାରେ। ଯେଉଁସବୁ ସମ୍ବନ୍ଧ ତା'ର ସହାୟକରୂପେ କାର୍ଯ୍ୟ କରେ, ସେ କେବଳ ସେହିଗୁଡ଼ିକୁଡ଼ିଁ ସ୍ୱୀକାର କରେ; ଅର୍ଥାତ୍ ଅପଣା ଗୁରୁଙ୍କ ପ୍ରତି ତା' ଦୃଢସ୍ୱର ଶ୍ରଦ୍ଧାକୁ ସ୍ୱୀକାର କରିନଏ, ଈଶ୍ୱରନ୍ୱେଷୀ ସାଧକମାନଙ୍କର ସଙ୍ଘକୁ ସ୍ୱୀକାର କରିନଏ, ମନୁଷ୍ୟ ତଥା ଇତରପ୍ରାଣୀଙ୍କ ଦ୍ୱାରା ଅଧ୍ୟୁଷିତ ଏହି ଅଜ୍ଞାନମୟ ପୃଥିବୀ ଓ ତାହାର ଅଧିବାସୀମାନଙ୍କ ଲାଗି ଏକ ଆଧାତ୍ମିକ କରୁଣାଭାବକୁ ସ୍ୱୀକାର କରିନଏ; ଏବଂ ସଂଜ୍ଞ କେବଳ ସେହି ପରମ ଦିବ୍ୟତାର ଉପସ୍ଥିତିକୁଡ଼ିଁ ଅନୁଭବ କରିବାରୁ ସୌନର୍ଯ୍ୟଗତ ସେଇ ଆନନ୍ଦ, ପୁଲକ ଓ ପରିତୃପ୍ତି ଜନ୍ମଲାଭ କରିଥାଏ, ସେ ସେଇଟିକୁ ମଧ୍ୟ ସ୍ୱୀକାର କରିନଏ। ଆପଣାର ପ୍ରକୃତିକୁ ଆପଣାର ଅନ୍ତର୍ଦେଶରେ ପ୍ରବିଷ୍ଟ କରାଇ ସେ ଦୃଢସ୍ୱର ନିଗୂଢ଼ କେନ୍ଦ୍ରଟିରେ ଅନ୍ତର୍ନିହିତ ପରମ ଦିବ୍ୟସତ୍ତାଙ୍କ ସହିତ ସାକ୍ଷାତ ଲାଭ କରିବାକୁ ଅଗ୍ରସର ହୁଏ; ଏବଂ ସେହି ଅଦ୍ଭୁତାନଟି ବଳବତ୍ତର ରହିଥିବା ପର୍ଯ୍ୟନ୍ତ ଅହଂବାଦର କୌଣସି ଭର୍ତ୍ସନା ଅଥବା ପରାର୍ଥପରତା, କର୍ତ୍ତବ୍ୟ, ଲୋକହିତୈଷଣା ତଥା ସେବାର କୌଣସି ରୁଚ୍ଛା ବାହ୍ୟ ଡାକରା ତାହାକୁ କୌଣସି ପ୍ରକାରେ ପ୍ରତାରିତ କରିପାରେ ନାହିଁ, ତାହାର ପବନ ଅଳ୍ପପ୍ରାପ୍ତିରୁ ତାହାକୁ ବଚଳିତ ଓ ବଚ୍ୟୁତ କରିପାରେ ନାହିଁ ଏବଂ ଅନ୍ତରସ୍ଥ ପରମ ଦେବତ୍ୱର ଆକର୍ଷଣଟି ପ୍ରତି ରହିଥିବା ତା'ର ଆନୁଗତ୍ୟକୁ କୌଣସି ପ୍ରକାରେ ଚଞ୍ଚଳାଇ ଦେଇପାରେ ନାହିଁ। ଅମର ପଥିକକୁ ତାହା ଏକ ଈଶ୍ୱାଙ୍ଗତ ଦିବ୍ୟ ଅଭିଭୂତ ମଧ୍ୟକୁ ଉତ୍ତୋଳିତ କରିନଏ ଏବଂ ସେହି ସଂଘୋତ ପରମ ଅଦ୍ୱିତୀୟଙ୍କ ପାଖରେ ଯାଇ ପହଞ୍ଚିବାର ଆପଣାର ଆବ୍ୟେହ୍ନଣଯାତ୍ରାରେ ଆପଣାର ଡେଣାଗୁଡ଼ିକରୁ ଜଗତର ଯାବତୀୟ ନମ୍ନଗତ ଆକର୍ଷଣକୁ କାଢ଼ି ଫିଙ୍ଗି ଦେବା ଲାଗି

'oaob.nitrkl.ac.in' images reprocessed

ପ୍ରସ୍ତୁତ ହୋଇଯାଏ । ମାତ୍ର ତାହା ଏହି ବିଶ୍ୱାତ୍ମକ ପରମ ପ୍ରେମ ତଥା ପରମ ଆନନ୍ଦକୁ ମଧ୍ୟ ତଳକୁ ଏହି ଭୂମିକୁ ଆବାହନ କରି ନେଇଆସେ; ଆମର ଏହି ଜଗତସୃଷ୍ଟିକୁ ସକଳ ଦୁଃଖ, ଫଟାଚ, ବଦ୍ଧଜନ, ଅହଙ୍କାର ଏବଂ କୋଲାହଳରୂପ ଅଜ୍ଞାନତା ମଧ୍ୟରୁ ମୁକ୍ତ କରିଆଣି ତାହାକୁ ରୂପାନ୍ତରିତ କରିଦେବା ଲଗି ତାହା ସେହି ପରମ ପ୍ରେମ ଓ ଆନନ୍ଦକୁ ଏଠାକୁ ଆବାହନ କରିଆଣେ । ତାହା ଆପଣାକୁ ଏକ ବିଶ୍ୱଗତ ଦିବ୍ୟ ପରମ ପ୍ରେମ, ଏକ ବିଶାଳ କରୁଣା ତଥା ଏକ ପ୍ରଗାଢ଼ ଏବଂ ବିପୁଳ ସକଳତ୍ୱ ଆଡ଼କୁ ଉନ୍ମୋଚିତ କରିଦିଏ; ସମ୍ବଜନଙ୍କ କଲ୍ୟାଣ ଲଗି ତାହା ଆପଣାକୁ ଏହିପରି ହୃଦରେ ଉନ୍ମୁକ୍ତ କରିଦିଏ । ଯେଉଁ ବିଶ୍ୱଜନମା ତାଙ୍କର ସନ୍ତାନଟିଙ୍କୁ ଆପଣାର ବାହୁଭଲେ ଆବୃତ କରି ରଖିଛନ୍ତି ଓ ଆପଣାର ସ୍ତନପାଖରେ ସାଉଁଟି ଧରିଛନ୍ତି, ବିଶ୍ୱମସ୍ୱ ଅଜ୍ଞାନ ମଧ୍ୟରୁ ଏହି ଜଗତକୁ ମୁକ୍ତ କରି ଆଣିବା ଲଗି ଯେଉଁ ଦିବ୍ୟ ପରମ କରୁଣା ଗୁହିର ଗର୍ଭ ମଧ୍ୟକୁ ଲମ୍ଫପ୍ରଦାନ କରିଛି, ସେହି ବିଶ୍ୱଜନମାଙ୍କର ଏବଂ ସେହି ପରମ କରୁଣାର ଆଲିଙ୍ଗନ ଲଗିହିଁ ସେ ଆପଣାକୁ ଉନ୍ମୁକ୍ତ କରି ରଖେ । ମନୋଗତ କୌଣସି ଅନୁକୃତି ତାକୁ ଆଉ ଆକୃଷ୍ଟ କିମ୍ବା ପଥଚ୍ୟୁତ କରିପାରେ ନାହିଁ, ଗଭୀରସ୍ଥ ଏହିସବୁ ମହାନ୍ ସତ୍ତାଗତ ସତ୍ୟଗୁଡ଼ିକର କୌଣସି ପ୍ରାଣଷ୍ଟେନ୍ଦୀସ୍ଥ ଦୁରୁପଯୋଗ ମଧ୍ୟ ତାହାକୁ ଲୁବ୍ଧ ବା ପଥଭ୍ରଷ୍ଟ କରେ ନାହିଁ । ଆପଣାର ଆବିଷ୍କାରକାସ୍ତ୍ର ସନ୍ଧାନ-ଜ୍ୟୋତିଟି ଦ୍ୱାରା ସେ ସେଗୁଡ଼ିକୁ ଆଲୋକର ଭୂମିକୁ ନେଇଆସେ, ଏହିସବୁ ବକୃତଉତ୍ତସ୍ତ ରଚନାଗୁଡ଼ିକୁ ପୁନଃସୁସ୍ଥ କରିବା ଲଗି ଦିବ୍ୟ ପରମ ପ୍ରେମର ସମସ୍ତ ସତ୍ତ୍ୟଟିକୁ ଏଠାକୁ ଅବତରାଇ ନେଇଆସେ, ମନୋମସ୍ୱ, ପ୍ରାଣିକ ତଥା ଭୌତିକ ପ୍ରେମକୁ ସେଗୁଡ଼ିକର ଅପୂର୍ଣ୍ଣତା ଅଥବା ନାନା ବକୃତି ମଧ୍ୟରୁ ଉଦ୍ଧାର କରି ଆଣିବାକୁ ଏବଂ ସେଗୁଡ଼ିକ ସମ୍ମୁଖରେ ସେହି ଅନ୍ତରଙ୍ଗତା, ଏକତା, ଆତ୍ମେହ୍ୱଣକାସ୍ତ୍ର ଅଭିଭୂତ ତଥା ଅବତରଣକାସ୍ତ୍ର ଉଲ୍ଲାସମସ୍ୱତାରେ ରହିଥିବା ସେଗୁଡ଼ିକର ପରପୂର୍ଣ୍ଣ ସୃଷ୍ଟିକୁ ଉଦ୍‌ଘାଟିତ କରିଦେବାକୁହିଁ ସେ ସେହି ସମସ୍ତ ସତ୍ତ୍ୟଟିକୁ ଅବତୀର୍ଣ୍ଣ କରି ନେଇଆସେ ।

ଚୈତ୍ୟସତ୍ତା ପ୍ରେମର ତଥା ପ୍ରେମସମ୍ବନ୍ଧୀ କର୍ମର ସକଳ ଯଥାର୍ଥ ସତ୍ୟକୁ ସେଗୁଡ଼ିକର ଆପଣା ଆପଣାର ସ୍ୱକୀସ୍ୱ ସ୍ଥାନରେ ସ୍ୱୀକାର କରିନଏ; ମାତ୍ର ତାହାର ଶିଖାଟି ସତତ ଉର୍ଦ୍ଧ୍ୱଗାମୀ ହେବାରେ ଲଗିଥାଏ ଏବଂ ସତ୍ତ୍ୟର ଅପେକ୍ଷାକୃତ ନମ୍ନତର ସୋପାନଗୁଡ଼ିକରୁ ଅପେକ୍ଷାକୃତ ଉଚ୍ଚତର ସୋପାନଗୁଡ଼ିକୁ ଏହି ଆତ୍ମେହ୍ୱଣଟିକୁ ଧାବିତ କରାଇ ନେବାକୁ ତାହା ସବଦା ଉତ୍ସୁକ ହୋଇ ରହିଥାଏ; କାରଣ ତାହା ଭଲ କରି ଜାଣିଥାଏ ଯେ କେବଳ ଏକ ଉଚ୍ଚତମ ସତ୍ତ୍ୟକୁ ଆତ୍ମେହ୍ୱଣ କରିଥିବା ଦ୍ୱାରା ଏବଂ ସେହି ଉଚ୍ଚତମ ସତ୍ତ୍ୟର ଅବତୀର୍ଣ୍ଣ ହୋଇ ଆସିବା ଦ୍ୱାରାହିଁ ପ୍ରେମକୁ ଶୃଙ୍ଖଳରୁ ମୁକ୍ତ କରି ଦିଆଯାଇ ପାରିବ ଏବଂ ତାହାକୁ ସିଂହାସନରେ ଆରୂଢ଼ କରି

'oaob.nitrkl.ac.in' images reprocessed

ହଆଯାଇ ପାରିବ । କାରଣ ପ୍ରେମ ଯେ ଶୃଙ୍ଖଳରେ ଚଢ଼ି କରି ରହିଛୁ, ସେଇଥିରୁହିଁ ଦିବ୍ୟ ପରମ ଅବଚ୍ଛରଣଟି ବାଧାପ୍ରାପ୍ତ ହୋଇ ରହିଥିବାର ନଦର୍ଶନ ମିଳିଯାଇଛୁ । ସେହି ଅବଚ୍ଛଇଣଟି ଏପରି ଏକ ବଶ୍ୱମସ୍ତ ବକାରଗ୍ରସ୍ତତାର ଲାଂରେଖାଟି ଦ୍ୱାରା ପଥଟୁକ୍ତ ହୋଇ ରହିଛୁ, ଯାହାକି ଏହି ଜୀବନକୁ ଦୁଃଖଭୋଗ ଏବଂ ଦୁର୍ଭାଗ୍ୟରହିଁ ଏକ ଭୂମିରେ ପରିଣତ କରି ରଖିଛୁ । କେବଳ ସେହି ମୂଳଭୁତ ପରମସତ୍ତ୍ୟଟିକୁ ଆରୋହଣ କରିଯାଇ ପାରିଲେହିଁ ଏହି ବକାରଗ୍ରସ୍ତତାର ନଗ୍ନକରଣ ହୋଇପାରିବ; କେବଳ ତାହାର ଦ୍ୱାରାହିଁ ପ୍ରେମ, ଜ୍ଞାନ ତଥା ଜୀବନର ଯାବତୀୟ କର୍ମ ପୁନର୍ବାର ଏକ ଦିବ୍ୟ ତାତ୍ପର୍ଯ୍ୟ ଦ୍ୱାରା ମଣ୍ଡିତ ହୋଇ ରହିପାରିବ ଏବଂ ଏକ ସମଗ୍ର ଚିଦ୍‌ଘନ ଅସ୍ତିତ୍ୱର ଅଙ୍ଗରୂପେ ପ୍ରତିଷ୍ଠିତ ହେବ ।

'oaob.nitrkl.ac.in' images reprocessed

ଷଷ୍ଠ ପରିଚ୍ଛେଦ

ଯଜ୍ଞର ଆରୋହଣ (୨)

ପ୍ରେମର କର୍ମ—ପ୍ରାଣର କର୍ମ

ଭେଣ୍ଟ୍, ଚୈତ୍ୟସତ୍ତ୍ୱକୁ ଯଜ୍ଞର ନାୟକ ଏବଂ ଯାଜକରୂପେ ସ୍ୱୀକାର କରିନେଇ ପ୍ରେମର, କର୍ମର ତଥା ଜ୍ଞାନର ଯଜ୍ଞ ଦ୍ୱାରା ଆମର ଏହି ଜୀବନଟିକୁହିଁ ତାହାର ଆପଣାର ଯଥାର୍ଥ ଆଧ୍ୟାତ୍ମିକ ସ୍ୱରୂପରେ ଅବଶ୍ୟ ରୂପାନ୍ତରିତ କରି ଦଆଯାଇ ପାରିବ । ଯଦି, ସଚ୍ଚୋଟତ ଭାବରେ ଆଚରିତ ଜ୍ଞାନର ଯଜ୍ଞ ଆମେ ସେହି ପରମ ସତ୍ୟୋଟ ପୁରୁଷଙ୍କ ଲଗି ବହନ କରି ଆଣି ପାରୁଥିବା ଆମର ସହଜତମ, ବୃହତ୍ତମ ଏବଂ ଶୁଦ୍ଧତମ ନୈବେଦ୍ୟରେ ପରିଣତ ହୋଇ ପାରୁଥାଏ, ତେବେ ଆମର ଆଧ୍ୟାତ୍ମିକ ପରିପୂର୍ଣ୍ଣସିଦ୍ଧିରେ ପ୍ରେମଯଜ୍ଞ ଲଗି ମଧ୍ୟ ଏଥିରୁ ଆଦୌ କମ୍ ଆବଶ୍ୟକତା ରହି ନାହିଁ । ଆପଣାର ଏକକତାରେ ପ୍ରେମଯଜ୍ଞକୁ ପ୍ରକୃତିରେ ଆନ୍ତର ଅଧିକ ପ୍ରଗାଢ଼ ଏବଂ ବିଭିନ୍ନଶାଳୀ ହୋଇ କୁହାଯାଇ ପାରିବ, ଏବଂ ଏହାକୁ ମଧ୍ୟ ଜ୍ଞାନର ଯଜ୍ଞ ପରି ସମାନ ଭାବରେ ବ୍ୟାପ୍ତିଯୁକ୍ତ ଏବଂ ବିଶୁଦ୍ଧ କରିଯାଇ ପାରିବ । ଯେତେବେଳେ ଆମର ସାବଙ୍ଗୀୟ ନିସ୍ୱାର୍ଥକତାର କ୍ଷେତ୍ରରେ ଏକ ଦିବ୍ୟ ଅନ୍ତର୍ଜ୍ଞାନ ଆନନ୍ଦର ଭାବ ତଥା ସାମର୍ଥ୍ୟ ଅଳାଡ଼ି ହୋଇ ପଡ଼ିବାକୁ ଲଗିବ ଏବଂ ଆମ ଜୀବନର ସମଗ୍ର ପରିବେଶଟି ଯେତେବେଳେ ସେହି ପରମ ସତ୍ୟରୂପ ତଥା ସତ୍ୟୋଟରୂପ ପରମ ଅଦ୍ୱିତୀୟଙ୍କର ଅନନ୍ୟ ଭକ୍ତିରେହିଁ ପରିପ୍ଲୁତ ହୋଇ ରହିପାରିବ, ପ୍ରେମଯଜ୍ଞର ପ୍ରଗାଢ଼ତା ମଧ୍ୟରେ ସେତେବେଳେ ଯାଇ ଏହି ପବନ ବ୍ୟାପ୍ତିଯୁକ୍ତତା ସମ୍ଭବ ହୋଇପାରିବ । କାରଣ, ସେହି ପରମ ଓ ଦିବ୍ୟ ସତ୍ତାସମ୍ଭୂତାଙ୍କୁ ନବେଦ୍ୟତ ହେଉଥିବା ପ୍ରେମର ଯଜ୍ଞଟି ଯେତେବେଳେ ସମସ୍ତ, ଉଦାର ଏବଂ ସୀମାହୀନ ହୋଇପାରିବ, ଏବଂ ଯେତେବେଳେ ସେହି ପରମ ସତ୍ୟୋଟ ସତ୍ତା ଲଗି ଉତ୍ସୋଳିତ ହୋଇ ରହି ତାହା ଆଉ ଦୁର୍ବଳ ହୋଇ ରହିବ ନାହିଁ, ମନୁଷ୍ୟମାନେ ସାଧାରଣତଃ ସାହାକୁ ପ୍ରେମ ବୋଲି କହିଥାନ୍ତି, ତାହାପରି ବାହ୍ୟ ଏବଂ କ୍ଷଣିକ ହୋଇ ରହିବ ନାହିଁ ଏବଂ ଏକ ପବନ, ମହତ୍ତ୍ୱାନ୍ୱିତ,

'oaob.nitrkl.ac.in' images reprocessed

ଗଭୀର ଓ ସମ୍ମିଳନକାଙ୍କ୍ଷା ଆନନ୍ଦରେ୍ଦ୍ଧ ପରିତ ହୋଇଯିବ, ସେତେବେଳେ୍ଦ୍ଧ ତାହା ଆପଣାର ଚରମ ପରିପୂର୍ଣ୍ଣତା ଲାଭ କରି ପାରିବ ।

ଏକଥା ସତ ଯେ ସେହି ସଂକୋଚ ଏବଂ ବିଶ୍ୱବ୍ୟାପୀ ପରମ ଦ୍ରବ୍ୟତା ଲଗି ଏକ ଦ୍ରବ୍ୟ ପ୍ରେମ୍ଦ୍ଧି ଆମ ଚିତ୍ତଗତ ବା ଆଧ୍ୟାତ୍ମିକ ଜୀବନର ଫଗୁଲକ ବିଧାନ ହୋଇ ରହିବ; ମାତ୍ର ଏହାର ଅର୍ଥ ନୁହେଁ ଯେ ଏହା ମଧ୍ୟରୁ ବ୍ୟକ୍ତିଗତ ପ୍ରେମର ଯାବତୀୟ ପ୍ରେମ ବହିର୍ଭୂତ ହୋଇ ରହିବ ଅଥବା ଏହି ଅଭିବ୍ୟକ୍ତ ଜୀବନଟିର କ୍ଷେତ୍ରରେ ଯେଉଁସବୁ ବନ୍ଧନ ଆତ୍ମାକୁ ଆତ୍ମା ପାଖକୁ ବାନ୍ଧି ନେଇଆସେ, ସେସବୁ ମଧ୍ୟ ସେଥିରୁ ସଂପୂର୍ଣ୍ଣ ବର୍ଜିତ ହୋଇ ରହିବ । ଏହି କ୍ଷେତ୍ରରେ କେବଳ ଏକ ଚୈତ୍ୟ ପରିବର୍ତ୍ତନରେ୍ଦ୍ଧି ଦାବି କରିଯାଇଥାଏ, ଅଜ୍ଞାନର ଯାବତୀୟ ମୁଖାବରଣକୁ କାଢ଼ି ଫୋପାଡ଼ି ଦେବାକୁ ହୋଇଥାଏ ଏବଂ ଆଗର ସେହି ନମ୍ନତର ଚେତନାଟିକୁ ଅଧିକ କାଳ ଲଗି ସ୍ଥାୟୀ କରି ରଖିବାକୁ ଚେଷ୍ଟା କରୁଥିବା ଯାବତୀୟ ଅହଂପ୍ରେରିତ, ମନୋଗତ, ପ୍ରାଣିକ ତଥା ଭୌତିକ ଗଠନ୍ଦ୍ଧନକୁ ବିଶୁଦ୍ଧ କରିବା ଲଗିଦ୍ଧି କୁହାଯାଇଥାଏ; ଆଧ୍ୟାତ୍ମିକତା ଦ୍ୱାରା ଅନୁବ୍ୟଞ୍ଜିତ ହୋଇ ରହିଥିବା ପ୍ରେମର ପ୍ରତ୍ୟେକଟି ଗଠନ୍ଦ୍ଧନକୁ ଆଉ ମାନସିକ ରୁଚିଅଭିରୁଚି, ପ୍ରାଣଗତ ଆବେଗପ୍ରବୃତ୍ତି ବା ଦୈହିକ ଆକାଙ୍କ୍ଷା ଉପରେ ନର୍ଭର କରି ରହିବାକୁ ହୁଏ ନାହିଁ, ମାତ୍ର ପ୍ରେମ ଦ୍ୱାରା ପ୍ରେମକୁ ସ୍ୱୀକାର କରିନେବା ଉପରେଦ୍ଧି ନର୍ଭର କରିବାକୁ ପଡ଼େ । ସେତେବେଳେ ପ୍ରେମ ଆପଣାର ମୂଳଭୂତ ଚିତ୍ତଗତ ତଥା ଚୈତ୍ୟ ସାରଭୂମିଟିଦ୍ଧି ଉପରେଦ୍ଧି ପୁନରବସ୍ଥାପିତ ହୋଇ ରହେ; ମନ, ପ୍ରାଣେଶ୍ୱ ଏବଂ ଦେହସ୍ପଶ୍ୱି ଅଭିବ୍ୟକ୍ତିର ସାଧନ ହୋଇ ରହନ୍ତି, ସେହି ତ୍ରିତତ୍ତ୍ୱର ଏକତ୍ରିତଦ୍ଧି ଗୋଟିଏ ଗୋଟିଏ ଉପାଦାନ ହୋଇ ରହନ୍ତି । ଏହି ପରିବର୍ତ୍ତନଟି ଫଳରେ ବ୍ୟକ୍ତିର ପ୍ରେମ ମଧ୍ୟ ଏକ ନୂତନ ସ୍ତରରେ ଦୀକ୍ଷିତ ହୋଇଯାଏ, ସ୍ୱାଭାବିକ ସ୍ତରରେ ଉନ୍ମୋଳିତ ହୋଇ ତାହା ସକଳ ପ୍ରାଣୀଙ୍କ ଉପରେ କେବଳ ସେହି ପରମ ଅଦ୍ୱିତୀୟଙ୍କ ଦ୍ୱାରାଦ୍ଧି ଅଧିକୃତ ହୋଇ ରହିଥିବା ମନ, ଆତ୍ମା ତଥା ଦେହର ସେହି ସଦାଅନୁନିର୍ଦ୍ଦିଷ୍ଟ ଦ୍ରବ୍ୟ ପରମ ଅଧିବାସୀଙ୍କ ପ୍ରତି ଏକ ଦ୍ରବ୍ୟ ପ୍ରେମରେଦ୍ଧି ରୂପାନ୍ତରିତ ହୋଇଯାଏ ।

ଶ୍ରଦ୍ଧା ଓ ଆରାଧନାରୂପେ ବ୍ୟକ୍ତ ହେଉଥିବା ପ୍ରତ୍ୟେକ ପ୍ରକାର ପ୍ରେମର ପଛରେଦ୍ଧି ଏକ ଆଧ୍ୟାତ୍ମିକ ଶକ୍ତିମତ୍ତା ସବୁବେଳେ ରହିଥାଏ । ଏପରିକ ଯେତେବେଳେ ଅଜ୍ଞାନ ଭିତରେ ରହି କୌଣସି ଏକ ଅତୀନ୍ଦ୍ରିୟ ଆସ୍ପଦ ଲଗି ତାହା ଅର୍ପିତ ହେଉଥାଏ, ସେତେବେଳେ ମଧ୍ୟ ତାହାର ଯାବତୀୟ ଫଗୁାରେ୍ଦ୍ଧପଗୁରର ଦାରିଦ୍ର୍ୟ ତଥା ପରିଣାମଗତ ରୁଚ୍ଛତାଟିରୁ ସେହି ଆଧ୍ୟାତ୍ମିକ ଭିତର କିଛୁ ନା କିଛୁ ପ୍ରକଟ ହୋଇ ଆସିଥାଏ । କାରଣ ଆରାଧନାରୂପୀ ପ୍ରେମ ଏକାଧାରରେ ଏକ ଆକାଙ୍କ୍ଷା ଓ ପ୍ରସ୍ତୁତି ମଧ୍ୟ ହୋଇ ରହିଥାଏ : ଅଜ୍ଞାନସ୍ଥ ଆପଣାର କ୍ଷୁଦ୍ର ସୀମାଗୁଡ଼ିକ ମଧ୍ୟରେ

'oaob.nitrkl.ac.in' images reprocessed

ବ ତାହା ତଥାପି ଅଲ୍ପବହୁତ ପରମାଣରେ ଅନ୍ତ ଓ ଆଂଶିକ ହୋଇ ରହିଥିବା ଅଥଚ ବସ୍ତୁସ୍ୱ ସୃଷ୍ଟି କରୁଥିବା ଉପଲବ୍ଧି ର ଏକ ଝଲକ ଅବଶ୍ୟ ଆଣି ଦେଇପାରେ । କାରଣ ସେହିସବୁ ମୁହୂର୍ତ୍ତରେ ପ୍ରକୃତରେ ଆମେ ଭଲ ପାଉ ନଥାଉ ବା ଭଲ ପାଇବା ପାଉ ନଥାଉ; ସେତେବେଳେ ଆମର ଭିତରେ ସେହି ପରମ ଅଦ୍ୱିତୀୟଙ୍କୁ ଭଲ ପାଉଥାନ୍ତୁ ଓ ସାବସ୍ତୁସ୍ୱ ଭଲ ପାଇବାକୁ ଗ୍ରହଣ କରୁଥାନ୍ତୁ । ଏବଂ ଏହି ଅନନ୍ତ ପ୍ରେମ ଓ ଅନନ୍ତ ପ୍ରେମିକଙ୍କର ଏତେଟିକେ ଦୃଷ୍ଟି ପଡ଼ିବା ମାତ୍ରକେହିଁ ଆମ ମାନବସ୍ତୁତ୍ୱସ୍ୱ ସେକୌଣସି ଅନୁଗ୍ରହ ମଧ୍ୟ ଉତ୍ସୋଳିତ ଏବଂ ମହିମାନ୍ୱିତ ହୋଇ-ଯିବାର ସାମର୍ଥ୍ୟ ରଖିଥାଏ । ଠିକ୍ ଏହି କାରଣରୁହିଁ କୌଣସି ଦେବତା, କୌଣସି ମୂର୍ତ୍ତି ଅଥବା ମାନସସ୍ୱ କୌଣସି ଆକର୍ଷକ ବା ଆଦର୍ଶର ପୂଜାକୁ କଦାପି ତୁଚ୍ଛ ଦୃଷ୍ଟିରେ ଦେଖିବା ଆଦୌ ଉଚିତ ନୁହେଁ; କାରଣ ଏହିସବୁ ସୋପାନ ଦେଇହିଁ ମନୁଷ୍ୟଗୋଷ୍ଠୀ ସେହି ପରମ ଅନନ୍ତଙ୍କର ଆନନ୍ଦମସ୍ୱ ଆବେଗପୂର୍ଣ୍ଣତା ଏବଂ ଅଭିଭୂତ ଆଡ଼କୁ ଅଗ୍ରସର ହେବାରେ ଲାଗିଛନ୍ତି । ପ୍ରକୃତ ଆମ ଲାଗି ତଥାର କର ରଖିଥିବା ଏହି ନମ୍ନତର ପାତ୍ରାଚଗୁଡ଼ିକୁ ଆମକୁ ଯେପର୍ଯନ୍ତ ବ୍ୟବହାର କରିବାକୁ ହେଉଛି ଏବଂ ଆମ ଅନ୍ତରତର ବିଭିନ୍ନ ପର୍ଯାସ୍ତୁତ୍ୱଗୁଡ଼ିକୁ ସ୍ୱୀକାର କରିନେବାକୁ ପଡ଼ୁଛି, ସେପର୍ଯନ୍ତ, ସେହି ପରମ ଅନନ୍ତତାକୁ କେତେଭଳି ସୀମା ଦ୍ୱାରା ନାନାପ୍ରକାରେ ସଙ୍କୁଚିତ କରି ପକାଉଥିଲେ ମଧ୍ୟ ସେହି ଦେବତା, ମୂର୍ତ୍ତି ବା ଆଦର୍ଶଟିକୁ ଆମର ଏହି ଅପୂର୍ଣ୍ଣ ଦୃଷ୍ଟିଟିରହିଁ ପ୍ରତିନଧିତ୍ୱ କରିବାରେ ଲାଗିଛନ୍ତି । ଆମ ଫଟେଗସମ୍ପନ୍ନ ସମ୍ପ୍ରତିର ବିକାଶ ନମନ୍ତେ କେତୋଟି ପ୍ରକାରର ମୂର୍ତ୍ତିପୂଜା ଏକାନ୍ତ ଅପରିହାର୍ଯ; ଏବଂ ଯେଉଁମାନେ ପ୍ରକୃତ ସତ୍ତ୍ୟଟିକୁ ଜାଣିଛନ୍ତି, ମୂର୍ତ୍ତି ଯେଉଁ ପରମ ସତ୍ତ୍ୟଟିର ପ୍ରତିନଧିତ୍ୱ କରୁଛି, ତାହାକୁ ଆଣି ଉପାସକର ହୃଦସ୍ୱ ମଧ୍ୟରେ ପ୍ରତିଷ୍ଠିତ କରି ନପାରିବା ପର୍ଯନ୍ତ, ସେମାନେ କେବେହେଲେ ଭରତର ହୋଇ ସେହି ମୂର୍ତ୍ତିଟିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାଇବାକୁ ବାହାର ପଡ଼ିବେ ନାହିଁ । ଆମ ଫଟେଗମସ୍ୱ ସମ୍ପ୍ରତିର ବିକାଶସାଧନ କରିବାର ଶକ୍ତି ମଧ୍ୟ ସେହି ମୂର୍ତ୍ତିପୂଜାଗୁଡ଼ିକ ମଧ୍ୟରେ ରହିଛି, କାରଣ ସେଗୁଡ଼ିକ ମଧ୍ୟରେ ସଦ୍ଦା ଏପର କିଛି ଅବଶ୍ୟ ରହିଛି, ଯାହାକୁ କ ଆମେ ସେମାନଙ୍କର ବାହ୍ୟ ରୂପଗୁଡ଼ିକଠାରୁ ଅଧିକ ବୋଲି କହିବା; ଏବଂ ଆମେ ବାଟ ଚାଲି ଶେଷରେ ସେହି ସର୍ବୋଚ୍ଚ ପୂଜାଟିର ସ୍ତରରେ ଯାଇ ପହଞ୍ଚିଲେ ମଧ୍ୟ ସେହି ଗୁହ୍ୟ ଅଧିକ ସମ୍ପର୍କଟି ତଥାପି ସ୍ଥାସ୍ୱୀ ହୋଇ ରହିଛି ଏବଂ ତାହାର ଏକ ପ୍ରଲମ୍ବିତ ରୂପ ଧାରଣ କରୁଛି ଅଥବା ତାହାର ସଂସ୍ପର୍ଶୀକାସ୍ପ ସମସ୍ତତାଟିରେ ଗୋଟିଏ ଅଂଶ ହୋଇ ରହିଛି । ସକଳ ରୂପ ତଥା ସକଳ ଅଭିବ୍ୟକ୍ତିକୁ ଅତିକ୍ରମ କରି ରହିଥିବା ସେହି ପରମ ଚିତ୍ସ୍ୱରୂପଙ୍କର ପରିଚସ୍ୱ ଲାଭ କରି ମଧ୍ୟ ଯଦି ଆମେ ସେହି ପରମ ଦିବ୍ୟରୂପଙ୍କୁ ସକଳ ପ୍ରାଣୀ ଓ ସକଳ ବସ୍ତୁରେ, ମଣିଷ ଭିତରେ, ମଣିଷର ଜୀବରେ, ଇତରପ୍ରାଣୀରେ, ବୃକ୍ଷରେ,

'oaob.nitrkl.ac.in' images reprocessed

ଫୁଲ ଭିତରେ, ଆମର ଏହି ହାତ ଦ୍ୱାରା ସମ୍ଭବ ହୋଇଥିବା ସାବଧାନତା କୃତରେ ସ୍ୱୀକାର କରିନେଇ ପାରୁ ନଥିବା, ତେବେ କହିବାକୁ ହେବ ଯେ ଆମର ଜ୍ଞାନ ଆମ ଭିତରେ ତଥାପି ଅପୂର୍ଣ୍ଣ ହୋଇ ରହିଛି, ଆମର ପ୍ରେମ ମଧ୍ୟ ବଡ଼ ଅପୂର୍ଣ୍ଣ ହୋଇ ରହିଛି । ପରମ ଭଗବାନଙ୍କର ପରିତତ୍ତ୍ୱ ଲାଭ କରିପରେ ଏହି ପ୍ରକୃତ-ଶତ୍ରୁ ଆମ ଲାଗି ଆଉ କଦାପି ଏକ ଜଡ଼ାଧୀନ ସମ୍ଭରହିଁ ଅନ୍ଧ ନିସ୍ୱାମାନ ହୋଇ ରହି ନଥିବ, ସେତେବେଳେ ତାହା ସେହି ବଶ୍ୱାତ୍ମିକା ପରମଶକ୍ତିରହିଁ ଏକ ବହିଃସ୍ଥ ମୁଖ ଏବଂ ବଳସମ୍ପନ୍ନଭାବେ ପରିଣତ ହୋଇ ଯାଇଥିବ; ତେଣୁ ତାହା ମଧ୍ୟରେ ସେହି ପରମ ଦ୍ରବ୍ୟରୂପଙ୍କୁ ତଥାପି ସ୍ୱୀକାର କରିନେଇ ନପାରିଲେ ଆମର ଜ୍ଞାନ ଓ ପ୍ରେମକୁ ଅବଶ୍ୟ ଅପୂର୍ଣ୍ଣ ବୋଲି କହିବାକୁ ପଡ଼ିବ । କାରଣ ଏହିସବୁ ବସ୍ତୁରେ ମଧ୍ୟ ସେହି ପରମ ଅନନ୍ତ ଅବଶ୍ୟ ଉପସ୍ଥିତ ରହିଥିବେ ।

ପରମ ବଶ୍ୱାତୀତ, 'ପରଂ ଜ୍ଞବମ୍' ତଥା ପରମ ଅନ୍ତଃତମାସ୍ୱ ଆପଣାକୁ ଯେତେ ନାଗାରେ ଅଭିବ୍ୟକ୍ତ କରିଦେଇଛନ୍ତି ବା ଏପରିକି ସେ ଯେତେ ନାଗାରେ ଆପଣାର ଦେବତ୍ୱକୁ ଫଗୋପ୍ୟ କରି ରଖିଛନ୍ତି, ଅର୍ଥାତ୍ ଏହି ମନୁଷ୍ୟ ଭିତରେ (ମାନୁଷୀଂ ତନୁମାଶ୍ରିତମ୍), ବସ୍ତୁ ମଧ୍ୟରେ ତଥା ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ଆମେ ତାଙ୍କର ଉପାସନା କରି ନପାରୁଥିବା ପର୍ଯ୍ୟନ୍ତ ତାଙ୍କ ଲାଗି ନବେଦ୍ୟ ହେଉଥିବା ଆମର ସେହି ତରମ ଓ ପ୍ରକାଶାତୀତ ଆରାଧନା ଏବଂ ଉପାସନା ମଧ୍ୟ ତଥାପି କଦାପି ଏକ ସମ୍ପୂର୍ଣ୍ଣ ଉପାସନା ହୋଇପାରିବ ନାହିଁ । ଯାହା ଆମର ହୃଦସ୍ଥ ଗୁହାପାତ୍ରରେ ବାଡ଼ ଠିଆକରି ରଖିଛି, ତାହାର ଅନୁଭବଗୁଡ଼ିକରେ କେତେକେତେ ବକୃତତା ଆଣି ଭରିଦେଇଛି ଏବଂ ତାହାର ପୂଜାନିବେଦନର ଅସଲ ତାତ୍ପର୍ଯ୍ୟଟିକୁ ଅସ୍ପଷ୍ଟ କରି ରଖିଛି, ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ଭିତରେ ଏକ ଅଜ୍ଞାନ ଅବଶ୍ୟ ଅବସ୍ଥିତ ରହିଛି । ଆଂଶିକ ଯେତେଯେତେ ଉପାସନା ବା ଯେତେ ଧର୍ମ ଆମ ଆରରେ ଏକ ମାନସିକ ଅଥବା ଭୌତିକ ରୂପକୁ ଉପସ୍ଥାପିତ କରି ରଖିଛି, ତାହା ଅଜ୍ଞାନର ଗୋଟାଏ ପ୍ରକାର ଅଙ୍ଗାଭରଣ ସାହାଯ୍ୟରେ ଆପଣାର ସତ୍ୟଟିକୁ ଆପଣା ମଧ୍ୟରେ ଆଡ଼ୁଆଳ ଓ ଅଗୋଚର କରି ରଖିଦେବା ଲାଗି ଅନେକ ସମସ୍ତରେ ସ୍ୱର ପ୍ରଲୁବ୍ଧ ହୋଇପଡ଼ୁଛି ଏବଂ ଫଳରେ ସେହି ମୂର୍ତ୍ତିଟି ମଧ୍ୟରେହିଁ ଅସଲ ସତ୍ୟଟିକୁ ବଡ଼ ସହଜରେ ଦୃଗ୍ଭ ପକାଇଛି । ମାତ୍ର ଯେକୌଣସି ବହିଷ୍କାରଧର୍ମୀ ଔକାନ୍ତିକ ଜ୍ଞାନ ମଧ୍ୟ ଏକ ଅନ୍ତଗ୍ରସ୍ୱ ଓ ଏକ ପ୍ରତିବନ୍ଧକ ପରି କାର୍ଯ୍ୟ କରିଥାଏ । କାରଣ ବ୍ୟକ୍ତିର ପ୍ରେମଟି ପଛରେ ତାହାର ଅଙ୍ଗ ମାନୁଷୀ ରୂପଟି ଦ୍ୱାରା ଆବୃତ ହୋଇ ଏକ ରହସ୍ୟ ସବଦା ଫଗୁପ୍ତ ହୋଇ ରହିଥାଏ, ମନ କଦାପି ଯାହାର କଳନା କରିପାରେ ନାହିଁ; ସେହି ପରମ ଦିବ୍ୟଶକ୍ତିରର ଏକ ରହସ୍ୟ ପ୍ରଚ୍ଛନ୍ନ ହୋଇ ରହିଥାଏ ଓ ପରମ ଅନନ୍ତଙ୍କରହିଁ

'oaob.nitrkl.ac.in' images reprocessed

ଏକ ରହସ୍ୟମସ୍ୱ ରୂପାସ୍ୱନର ମର୍ମ ନଗୁଡ଼ ହୋଇ ରହିଥାଏ, କେବଳ ଆମ ହୃଦସ୍ୱର ପୁଲକାଭିଭୂତ ଦେଇ ଏବଂ ଶୁଦ୍ଧ ତଥା ଉନ୍ମେଳିତ ଫବେଦନର ପୂର୍ଣ୍ଣାବେଗ ମଧ୍ୟଦେଇହିଁ ଆମେ ଯାହାର ନକଟବର୍ତ୍ତୀ ହୋଇପାରିବା । ଏବଂ ଆମ ଲଗି ତାହାର ଆକର୍ଷଣ ହେଉଛୁ ସେହି ଦ୍ରବ୍ୟ ମୁରଲ୍ଲଧାସ୍ୱଙ୍କର ଆହ୍ୱାନ, ତାହା ହେଉଛୁ ସେହି ପରମସୌନ୍ଦର୍ଯମସ୍ୱ ସମ୍ମୋହନକାସ୍ୱ ସ୍ମେରଣା; କେବଳ ଏକ ଫଗୁପ୍ତ ପ୍ରେମ ତଥା ଆକାଙ୍କ୍ଷା ଦ୍ୱାରାହିଁ ଆମେ ତାହାର ସ୍ପର୍ଶ ଲାଭ କରପାରିବା ଓ ସେ ଆମକୁ ମଧ୍ୟ ଅଧିକାର କରପାରିବ । ସେହି ପ୍ରେମ ଓ ଆକାଙ୍କ୍ଷାହିଁ ଅବଶେଷରେ ପରମ ଆକାର ଏବଂ ପରମ ଆକାସ୍ୱାଚ୍ଛାଡାକୁ ଏକାକାର ଓ ଏକ କରିଦେଇ ପାରିବ, ଏବଂ ପରମ ଚିଦ୍ଗଚ୍ଛତାଠାରୁ ପରମ ବସ୍ତୁଗଚ୍ଛତାକୁ ଅଭିନ୍ନ କରି ରଖିଦେବ । ଅଜ୍ଞାନର ଏହି ଅନ୍ଧକାର ମଧ୍ୟରେ ଆଜି ପ୍ରେମର ଆତ୍ମା କେବଳ ତାହାର ଅନୁସନ୍ଧାନ କରିବାରେ ଲଗିଛୁ, ଏବଂ ଯେତେବେଳେ ବ୍ୟକ୍ତିରୂପ ମାନୁଷୀ ପ୍ରେମ ଏହି ଜଡ଼ଗତ ବିଶ୍ୱମସ୍ୱତାରେ ଅବଗାର୍ତ୍ତ ହୋଇ ରହିଥିବା ପରମ ଅନ୍ତର୍ନିହିତ ଦ୍ରବ୍ୟତାରେ ରୂପାନ୍ତରିତ ହୋଇଯାଇ ପାରୁଛୁ, ସେତେବେଳେ ତାହା କେବଳ ତାହାକୁହିଁ ଉପଲବ୍ଧି କରୁଛୁ, ତାହାରହିଁ ସାକ୍ଷାତଲାଭ କରୁଛୁ ।

ବ୍ୟକ୍ତପ୍ରେମର କ୍ଷେତ୍ରରେ ଯେପରି, ବିଶ୍ୱପ୍ରେମର କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି; ସହାନୁଭୂତି, ସଦିଚ୍ଛା, ସାଂଜଜ୍ଞାନ ଶୁଭ ଇଚ୍ଛା ଏବଂ ପରୋପକାର, ମନୁଷ୍ୟ-ଜାତି ପ୍ରତି ଶ୍ରଦ୍ଧା, ସକଳ ପ୍ରାଣୀଙ୍କ ପ୍ରତି ଶ୍ରଦ୍ଧା ଏବଂ ଆମର ଚତୁର୍ଦ୍ଦିଗରେ ରହିଥିବା ସମ୍ବନ୍ଧର ରୂପ ଏବଂ ଆକୃତିଗୁଡ଼ିକର ଆକର୍ଷଣ,—ଏହିସବୁ ଯେତେଯେତେ ମଧ୍ୟଦେଇ ଆମର ଆତ୍ମା ପ୍ରସାର ଲାଭ କରିଥାଏ ଏବଂ ଯାହା ସାହାଯ୍ୟରେ ଆପଣାର ମାନସ ତଥା ଫବେଗଗତ କ୍ଷେତ୍ରରେ ମନୁଷ୍ୟ ଆପଣା ଅହଂର ପ୍ରଥମ ସୀମାଗୁଡ଼ିକରୁ ମୁକ୍ତିଲାଭ କାହାରି ଯାଇପାରେ, ସେଗୁଡ଼ିକୁ ମଧ୍ୟ କେବଳ ସେହି ବିଶ୍ୱମସ୍ୱ ପରମ ଦ୍ରବ୍ୟ-ସ୍ୱରୂପଙ୍କ ଲଗି ରହିଥିବା ଏକ ଏକତ୍ୱବଧାସ୍ୱକ ଦ୍ରବ୍ୟ ପ୍ରେମ ମଧ୍ୟରେହିଁ ଗ୍ରହଣ କରି ନେବାକୁ ପଡ଼ିବ । ପ୍ରେମରେ, ଅର୍ଥାତ୍ ସେହି ପରମାନନ୍ଦସ୍ଥ ପ୍ରେମରେ ଯେଉଁ ଆତ୍ମଧନା ଆପଣାକୁ ପରପୂର୍ଣ୍ଣ କରିଦେଇଥିବ,—ସକଳ ଅତ୍ୟନ୍ତମ କରଯାଇଥିବା ସେହି ପ୍ରେମରେ, ଏହି ଭଗବଦ୍ଭକ୍ତର ମାର୍ଗଶେଷରେ ପରମ ବିଶ୍ୱାତ୍ମଙ୍କର ଯେଉଁ ବିଶ୍ୱାତ୍ମ ଆନନ୍ଦଟି ଆମକୁ ଅପେକ୍ଷା କରି ବସିଛୁ, ଆପଣାକୁ ଆପେ ପରବେଷ୍ଟିତ କରି ରଖିଥିବା ସେହି ଆନନ୍ଦର ଅଭିଭୂତ;—ତାହାର ପ୍ରଶସ୍ତତର ପରିଣାମରୂପେ ସକଳ ସତ୍ତା ଲଗି ଏକ ବିଶ୍ୱାତ୍ମକ ପ୍ରେମମସ୍ୱତା ଉପଲବ୍ଧି ହୋଇ ଆସିବ; ଏଠାରେ ଯାହାକିଛୁ ରହିଛୁ, ସବୁଟି ଲଗି ଏକ ଆନନ୍ଦ ଉପଲବ୍ଧି ହୋଇ ଆସିବ; ସେତେବେଳେ ଆମେ ପ୍ରତ୍ୟେକ ଆବରଣଟି ପଛରେ କେବଳ ସେହି ପରମ ଦ୍ରବ୍ୟରୂପଙ୍କୁହିଁ ଦେଖିବା, ସକଳ

'oaob.nitrkl.ac.in' images reprocessed

ରୂପାୟନରେ ଚଦ୍‌ଗତ ସ୍ତରରେ ସେହି ପରମ-ସୌନ୍ଦର୍ଯ୍ୟରୂପଙ୍କୁ ଆଲଙ୍ଗନ କରି ପାରିବା । ତାଙ୍କର ଅଶେଷ ଅଭିବ୍ୟକ୍ତିର ମଧ୍ୟଦେଇ ଏକ ବିଶ୍ୱମସ୍ତ ଆନନ୍ଦ ଆମର ଭିତରେ ପ୍ରବାହିତ ହୋଇ ଅସିବ; ଆପଣାର ସୋଚ୍ଚଟି ମଧ୍ୟରେ ତାହା ପ୍ରତ୍ୟେକଟି ରୂପାୟନ ଓ ପ୍ରତ୍ୟେକଟି ଗତିସ୍ପନ୍ଦନକୁ ଧାରଣ କରି ରହିଥିବ; ମାତ୍ର ତାହା କୌଣସି ନିର୍ଦ୍ଦିଷ୍ଟ ରୂପାୟନ ଅଥବା ଗତିସ୍ପନ୍ଦନ ଭିତରେ ବାନ୍ଧି ହୋଇ ଅଟକି ଯାଇ ନଥିବ ଏବଂ ସବଦା ଏକ ବୃହତ୍ତର ତଥା ପରିପୂର୍ଣ୍ଣତର ଅଭିବ୍ୟକ୍ତି ଆଡ଼କୁ ଅଗ୍ରସର ହୋଇ ଯାଉଥିବ । ଏହି ବିଶ୍ୱମସ୍ତ ପ୍ରେମ ଆମକୁ ବମୋଚିତ କରିଦେବ ଏବଂ ସେଥିରେ ରୂପାନ୍ତର ଘଟାଇବାର ଗତିଶୀଳ ସାମର୍ଥ୍ୟଟି ମଧ୍ୟ ରହିଥିବ । କାରଣ ଯେଉଁ ହୃଦସ୍ତ ଏହିସବୁ ରୂପାୟନ ଓ ପ୍ରତିଚ୍ଛବିର ପଛରେ ରହିଥିବା ଅଦ୍ୱିତୀୟ ପରମସତ୍ତ୍ୟଟିର ଅନୁଭୂତି ଲାଭ କରି ପାରିଛୁ ଏବଂ ସେଗୁଡ଼ିକର ଫାପୁଣ୍ଡି ଭାସପର୍ଶଟିକୁ ଅଧିଗମି ପାରିଛୁ, ସେହି ରୂପାୟନ ଏବଂ ପ୍ରତିଚ୍ଛବିର ବହଙ୍ଗଟି ଭାକୁ କଦାପି ବିଚଳିତ କରିପାରିବ ନାହିଁ । ଦ୍ରବ୍ୟପ୍ରେମର କୁହୁକ-ସ୍ପର୍ଶରେ ସ୍ପାର୍ଥମୁକ୍ତ କର୍ମୀ ଏବଂ ଜ୍ଞାନୀର ପକ୍ଷପାତସ୍ପାନ ଆତ୍ମିକ ସମତା ଏକ ସବଂଗାସ୍ପା ପ୍ରେମାନୁଭୂତି ଏବଂ ନସ୍ତୁତ-ରୂପଧାସ୍ପା ଆନନ୍ଦରେହିଁ ରୂପାନ୍ତରିତ ହୋଇଯିବ । ତାଙ୍କର ଏହି ଅନନ୍ତ ସୁଖସଦନରେ ସକଳ ବସ୍ତୁ ସେହି ଦ୍ରବ୍ୟ ପରମ ପ୍ରେମାସ୍ପଦଙ୍କର ଶଶ୍ୱତରେହିଁ ପରିଣତ ହୋଇ ରହିବ, ସକଳ ଗତିସ୍ପନ୍ଦନ କେବଳ ତାଙ୍କର ଲୀଳା ହୋଇ ରହିବ । ଏପରିକ ଦୁଃଖ ମଧ୍ୟ ଆଉ ଦୁଃଖ ହୋଇ ରହିବ ନାହିଁ, ଆପଣାର ପ୍ରତିବିମ୍ବାରେ ତଥା ମର୍ମୋପାଦାନରେ ଦୁଃଖଦାସ୍ପକ ବସ୍ତୁଗୁଡ଼ିକ ମଧ୍ୟ ଆଉ ଦୁଃଖଦାସ୍ପକ ହୋଇ ରହିବେ ନାହିଁ । ଦୁଃଖର ରୂପଗୁଡ଼ିକ ଖସିପଡ଼ିବ ଏବଂ ସେଗୁଡ଼ିକର ସ୍ଥାନରେ ଆନନ୍ଦର ରୂପସମୂହ ସୃଜିତ ହୋଇ ରହିବ ।

ଚେତନାର ଯେଉଁ ପରିବର୍ତ୍ତନ ସ୍ୱସ୍ୱଂ ଏହି ଅସ୍ତିତ୍ୱଟିକୁ ମଧ୍ୟ ପରମ ଦ୍ରବ୍ୟ ପ୍ରେମ ଏବଂ ଆନନ୍ଦର ଏକ ମହିମାନ୍ୱିତ କ୍ଷେତ୍ରରେ ପରିଣତ କରିଦେଇ ପାରିବ, ମର୍ମତଃ ଏହାକୁହିଁ ଆମେ ତାହାର ସ୍ୱତ୍ତ୍ୱବ ବୋଲି ଜାଣି ରଖିବା । ଯେତେବେଳେ ସାଧକ ଏହି ସାଧାରଣ ସ୍ତରଟିକୁ ଅତିକ୍ରମ କରି ଚଦ୍‌ଗତ ସ୍ତରରେ ପ୍ରତିଷ୍ଠିତ ହୋଇ-ଯାଏ ଏବଂ ଜ୍ୟୋତିର୍ମୟୀ ଦୃଷ୍ଟି ତଥା ଅନୁଭବସାମର୍ଥ୍ୟର ଏକ ନୂତନ ହୃଦସ୍ତ ଦେଇ ଏହି ବିଶ୍ୱଜଗତକୁ, ଆପଣାକୁ ତଥା ଅନ୍ୟମାନଙ୍କୁ ଅବଲୋକନ କରିବାକୁ ଆରମ୍ଭ କରେ, ମୂଳତଃ ସେତେବେଳେହିଁ ତା' ଭିତରେ ସେହି ପରିବର୍ତ୍ତନର ସୂଚନାପାତ ହୋଇଥାଏ । ଯେତେବେଳେ ଚଦ୍‌ଗତ ସ୍ତରଟି ଅତିମାନସ ସ୍ତରରେ ମଧ୍ୟ ପରିଣତ ହୋଇଯାଏ, ସେତେବେଳେ ତାହା ଆପଣାର ଉଚ୍ଚ ଶିଖରଟିରେ ଯାଇ ଉପନୀତ ହୁଏ; ଏବଂ ସେଠାରେ ସେହି ପରିବର୍ତ୍ତନଟିକୁ କେବଳ ଯେ ଏକ ମର୍ମଗତ ସତ୍ୟରୂପେ ଉପଲବ୍ଧି କରିବା ସମ୍ଭବ ହୁଏ ତା' ନୁହେଁ, ଆମର ଏହି ସମୁଦାସ୍ପ ଅନ୍ତର୍ଗତ

'oaob.nitrkl.ac.in' images reprocessed

ଜୀବନଟିକୁ ତଥା ବହ୍ୱାସ୍ତ୍ର ଅସ୍ତିତ୍ୱଟିକୁ ରୂପାନ୍ତରିତ କରିଦେବା ସକାଶେ ମଧ୍ୟ ତାହାକୁ ଗତିଶୀଳ ଭାବରେ ଏକ ସଯୋପଯୁକ୍ତ ଶକ୍ତିରୂପେ ଉପଲବ୍ଧି କରିବା ସମ୍ଭବ ହୋଇଯାଏ ।

ଏକ ବନ୍ଧୁମିଶ୍ର ଏବଂ ସୀମିତ ମନୁଷ୍ୟ-ସଂବେଗର ସ୍ଥିତିରୁ ଏକ ପରମ ତଥା ସଂଗ୍ରାସ୍ପା ଦ୍ରବ୍ୟ ଅନୁଗ୍ରହର ସୋପାନକୁ ପ୍ରେମର ଭାବ ତଥା ପ୍ରକୃତରେ ଏହା ଯେଉଁ ରୂପାନ୍ତରଟି ସଂଘଟିତ ହେଉଛୁ, ଆପଣାର ନାନା ପୃଥ୍ୱୀଗତ ବନ୍ଧନରେ ବାନ୍ଧିହୋଇ ରହିଥିବା ମନୁଷ୍ୟର ଇଚ୍ଛାଟି ଲଗି ସେଇଟିକୁ ଗ୍ରହଣ କରିବା ଦୁଏଟ କଷ୍ଟକର ହେଲେ ମଧ୍ୟ ଆମର ମନ ଲଗି ସେଇଟିର କଳ୍ପନା କରିବା ଆଦୌ ଏକାବେଳକେ କଦାପି କଷ୍ଟକର ହେବ ନାହିଁ । ମାନ ଆମେ ଯେତେବେଳେ ପ୍ରେମର କର୍ମଗୁଡ଼ିକ ପାଖରେ ଆସି ପହଞ୍ଚିବା, ଦୁଏଟ ସେତେବେଳେ ତୋଟିଏ ପ୍ରକାର ସମସ୍ୟା ଆସି ଆମ ଆଗରେ ଠିଆହେବାର ଏକ ସମ୍ଭାବନା ରହିଥିବ । ଜ୍ଞାନମାର୍ଗର ଏକ ଅତଶସ୍ଥ ଅନ୍ତରଞ୍ଜନର କ୍ଷେତ୍ରରେ ଯେପରି ହୋଇଥାଏ, ଏଠାରେ ମଧ୍ୟ ସମସ୍ୟାଟିର ଗଣ୍ଠିଟିକୁ ଏକା-ବେଳକେ କାଟି ପକାଇବାର ଏକ ଆଶଙ୍କା ସଂଘଟା ରହିଛୁ; ପରମ ପ୍ରେମର ଭାବଟିକୁ ବଶ୍-ନିସ୍ୱାର ଯାବତୀୟ ଅଫସ୍ଫୁଟ ରୂପ ସହିତ ଏକତ୍ରବଦ୍ଧ କରି ରଖିବାର ସମସ୍ୟାଟିକୁ ଏଡ଼ାଦେଇ ସେଇଟିରୁ ପଳାଇ ଯିବାର ମଧ୍ୟ ସବୁବେଳେ ଏକ ଆଶଙ୍କା ରହିଛୁ । ସମ୍ପୂର୍ଣ୍ଣ ଭାବରେ ବହ୍ୱାଭୂମିସ୍ଥ ଏହି ଜୀବନ ତଥା ନିସ୍ୱାସ୍ପକତା ମଧ୍ୟରୁ ଆପଣାକୁ ଅପସରାଇ ନେଇ ହୃଦସ୍ଥର ଜସ୍ତବ୍ୟ ଆକାଶଟି ଭଳେ ପରମ ଦ୍ରବ୍ୟତାଙ୍କର ଆରାଧନାରେ ଏକୁଟିଆଟି ବାସ କରିବାର ବାଟଟି ମଧ୍ୟ ଏଠାରେ ଆମ ଲଗି ଉନ୍ମୁକ୍ତ ହୋଇ ରହିଛୁ । ଯେଉଁ କର୍ମସବୁ ସ୍ୱସ୍ୱଭାବତଃ ସେହି ପରମ ଦ୍ରବ୍ୟସ୍ୱରୂପଙ୍କ ଲଗି ରହିଥିବା ଆମର ଶ୍ରଦ୍ଧାଟିକୁ ଅଭିବ୍ୟକ୍ତ କରିଦେଇ ପାରୁଛନ୍ତି, କେବଳ ସେହିଗୁଡ଼ିକୁହିଁ ସ୍ୱୀକାର କରି ଆଉ ସବୁଗୁଡ଼ିକୁ ବର୍ଜନ କରି ରଖିବାର ମଧ୍ୟ ଏକ ସମ୍ଭାବନା ରହିଛୁ; ଅର୍ଥାତ୍, ପ୍ରାର୍ଥନା, ସ୍ତୁତି ଏବଂ ପ୍ରତୀକାତ୍ମକ ପୂଜାପାରାସ୍ପରର ଅନୁଷ୍ଠାନଗୁଡ଼ିକୁ, ବା ଏଗୁଡ଼ିକ ସହିତ ସଂବନ୍ଧ ହୋଇ ରହିଥିବା ଏବଂ ଏଗୁଡ଼ିକର ଭାବରୁ କେତେକାଂଶକୁ ଗ୍ରହଣ କରି ପାରୁଥିବା ସେହିପରି କେତେକ ଗୌଣ କର୍ମକୁ ଗ୍ରହଣ କରି ଆଉ ସବୁକିଛିକୁ ପରିତ୍ୟାଗ କରି ଆସିବାର ମଧ୍ୟ ଏକ ସମ୍ଭାବନା ରହିଛୁ । ଏହିସବୁ କ୍ଷେତ୍ରରେ ଆମର ଆତ୍ମା ସଙ୍ଘ ତଥା ଭକ୍ତମାନଙ୍କର ଆତ୍ମସଙ୍ଘ ବା ପରମାର୍ଥ-ଜନବେଶିତ ଜୀବନ ମଧ୍ୟରେ ଆପଣାର ଅନ୍ତର୍ଗତ ଅଭିଳାଷଟିକୁ ପୂର୍ତ୍ତି କରିପାରିବା ଲଗି ସଂସାର-ପଥରୁ ବାହାର ଦୂରକୁ ଚାଲିଯାଇଥାଏ । ପୁନଶ୍ଚ, ଆପଣା ଜୀବନର ଦ୍ୱାରଗୁଡ଼ିକୁ ଆହୁରି ବେଶୀ ଖୋଲାକର ରଖି ଆମ ଚତୁର୍ଦ୍ଦିଗରେ ବାସ କରୁଥିବା ମନୁଷ୍ୟମାନଙ୍କ

'oaob.nitrkl.ac.in' images reprocessed

ପାଇଁ ତଥା ମନୁଷ୍ୟସମାଜ ପାଇଁ ପରମ ଦବ୍ୟ ପୁରୁଷଙ୍କ ଲଗି ରହିଥିବା ଆମର ପ୍ରେମକୁ ନାନା ସେବାକାର୍ଯ୍ୟରେ ବନିଯୁକ୍ତ କର ରଖିବାର ମଧ୍ୟ ଏକ ସମ୍ଭାବନା ରହିଛୁ; ଏହିପର ଜ୍ୱବରେ ପ୍ରେରିତ ହୋଇ ଜଣେ ଲୋକହିତୈଷିତାର କେତେ କାର୍ଯ୍ୟ କରପାରିବ, ପରହିତ ଓ ପରୋପକାର କରପାରିବ, ଦାନ ଓ ଦାତର ମଧ୍ୟ କାର୍ଯ୍ୟ କରପାରିବ; ମଣିଷ, ପଶୁ ଓ ପ୍ରତ୍ୟେକ ଜୀବ ଲଗି ସେ ଏପରି କରପାରିବ । ଏହିସବୁ କାର୍ଯ୍ୟକୁ ସେ ଏକପ୍ରକାର ଆଧ୍ୟାତ୍ମିକ ଆବେଗମଣ୍ଡିତା ଦ୍ୱାରା ରୂପାନ୍ତରିତ ବି କରିଦେଇ ପାରିବ ବା ଅନ୍ତତଃ ସେଗୁଡ଼ିକର କେବଳ ନୈତିକ ବାହ୍ୟରୂପଟିରେ ଏକ ଆଧ୍ୟାତ୍ମିକ ଉତ୍ପ୍ରେରଣାର ବୃହତ୍ତର ଶକ୍ତି ଆଣି ଦେଇପାରିବ । ଆମ ଯୁଗର ଧର୍ମପ୍ରାଣ ବ୍ୟକ୍ତିର ବସ୍ତୁତଃ ଏହିପରି ଏକ ସମାଧାନର ସ୍ୱତନ୍ତ୍ରତର ପୁଷ୍ଟପୋଷକତା କରୁଛନ୍ତି ଏବଂ ଯିଏ ଭଗବାନଙ୍କର ଅନ୍ୱେଷଣରେ ବାହାରିଛୁ ଅଥବା ଯେଉଁ ବ୍ୟକ୍ତିର ଜୀବନ ଦବ୍ୟ ପ୍ରେମ ତଥା ଦବ୍ୟ ଜ୍ଞାନ ଉପରେ ପ୍ରତିଷ୍ଠିତ ହୋଇ ରହିଛୁ, ତାହାର ଏକ ଉପଯୁକ୍ତ କର୍ମକ୍ଷେତ୍ର ଲଗି ବଡ଼ ବଶ୍ୱାସର ସହିତ ଖୋଜୁଥାଏ, ଏହି ସମାଧାନଟିକୁ ବାଢ଼ି ଉଆସାଇଥିବାର ବେଶ୍ ପରିତୃପ୍ତ ହେଉଛୁ । ମାତ୍ର ଯେଉଁ ପୂର୍ଣ୍ଣଯୋଗ ପରମ ଦବ୍ୟତାକୁ ଏହି ପୃଥ୍ୱୀଗତ ଜୀବନ ସହିତ ସମ୍ପୃକ୍ତ ଜ୍ୱବରେ ଫଳପ୍ରଦ କର ରଖିବ ବୋଲି ବାହାରିଛୁ, ତାହା କଦାପି ଏହି ଅଳ୍ପପରସର ଷେତ୍ରଟିରେ ଅଧାରୁ ଅଟକି ରହିବ ନାହିଁ ଅଥବା ଲୋକହିତୈଷିତା ତଥା ପରୋପକାରର ଏକ ନୈତିକ ଜସ୍ତମର ନମ୍ରତ୍ତର ସୀମାଗୁଡ଼ିକରେ ଏହି ସମ୍ମିଳନଟିକୁ କଦାପି ବାନ୍ଧି ରଖିବ ନାହିଁ । ଏଥିରେ ଆମର ସାବଙ୍ଗସ୍ପ କର୍ମକୁହିଁ ଭଗବତ୍-ଜୀବନର ଏକ ଅଙ୍ଗରେ ପରିଣତ କରି ରଖିବାକୁ ପଡ଼ିବ; କେବଳ ପ୍ରେମ ଏବଂ ପରୋପକାର୍ଯ୍ୟ ସେବାର କର୍ମଗୁଡ଼ିକୁହିଁ ନୁହେଁ, ମାତ୍ର ଜ୍ଞାନର କର୍ମଗୁଡ଼ିକୁ, ବଳ, ଦ୍ରବ୍ୟୋତ୍ପାଦନ ତଥା ସୃଜନର କର୍ମଗୁଡ଼ିକୁ, ପୁଲକ, ସୌନ୍ଦର୍ଯ୍ୟ ଏବଂ ଆତ୍ମାର ସୁଖଦାତ୍ମକ କର୍ମଗୁଡ଼ିକୁ ଏବଂ ଫଳଲ୍ପ, ପ୍ରତ୍ୟାସ ତଥା ସାମର୍ଥ୍ୟର କର୍ମଗୁଡ଼ିକୁ ମଧ୍ୟ ଭଗବତ୍-ଜୀବନର ଗୋଟିଏ ଗୋଟିଏ ଅଙ୍ଗରେ ପରିଣତ କରି ରଖିବାକୁ ହେବ । ପୂର୍ଣ୍ଣଯୋଗରେ ଏହିସବୁ କାର୍ଯ୍ୟ କରିବାର ସ୍ୱତନ୍ତ୍ରତି କଦାପି ବାହ୍ୟ ଏବଂ ମାନସିକ ହେବ ନାହିଁ, ତାହା ଅନ୍ତର୍ମୁଖୀ ହେବ ଏବଂ ଚିତ୍ତଗତ ହୋଇ ରହିବ; ଏବଂ ସେହି ଉଦ୍ଦେଶ୍ୟଟିର ସାଧନ ଲଗି ତାହା ଆପଣାର ସାବଙ୍ଗସ୍ପ ସକଳ କର୍ମ ମଧ୍ୟକୁ ଦବ୍ୟ ପ୍ରେମର ଜ୍ୱବଟିକୁ ସଞ୍ଚାରିତ କରି ଆଣିବ, ଉପାସନା ଏବଂ ପୂଜାର ଜ୍ୱବଟିକୁ ସଞ୍ଚାରିତ କରି ଆଣିବ, ସେହି ପରମ ଦବ୍ୟତା ମଧ୍ୟରେ ତଥା ପରମ ଦବ୍ୟତାର ସୌନ୍ଦର୍ଯ୍ୟ ମଧ୍ୟରେହିଁ ସୁଖ ଅନୁଭବ କରିବାର ଜ୍ୱବଟିକୁ ସଞ୍ଚାରିତ କରି ଆଣିବ, ଯେପରିକ ଆମର ସମସ୍ତ ଜୀବନ ସେହି ପରମ ଦବ୍ୟତା ଲଗି ରହିଥିବା ଆତ୍ମାର ପ୍ରେମର ଏକ କର୍ମମସ୍ପ ଯଜ୍ଞରେ ପରିଣତ ହୋଇଯାଇ ପାରିବ, ତାହାର ଦଶ୍ୱର ପ୍ରଭୁରୂପେ ପ୍ରତିଷ୍ଠିତ ସେହି ଇଶ୍ୱରଙ୍କରହିଁ ଏକ ପୂଜାରେ ପରିଣତ ହୋଇପିବ ।

'oaob.nitrkl.ac.in' images reprocessed

ଏହିପରି ଜୀବନରେ ଆପଣାର ସକଳ କର୍ମରେ ଅବସ୍ଥିତ ଚିତ୍‌ଗତ ଜୀବନ୍ତି ଦ୍ୱାରା ଆମେ ଆପଣାର ଜୀବନଟିକୁ ପରମ ପୁରୁଷଙ୍କ ପ୍ରତି ଶ୍ରଦ୍ଧା ଦ୍ୱାରା ଅନୁସିକ୍ତ ଏକ କର୍ମରେହ୍ନି ପରିଣତ କରିଦେଇ ପାରିବା । କାରଣ, ଗୀତାରେ କୁହାଯାଇଛୁ,— "ଯିଏ ମୋତେ ଭକ୍ତର ସହିତ ପତ୍ର ବା ଫୁଲ୍ ବା ଫଳଟିଏ ଓ ଏପରିକ ସୁଦ୍ଧାଏ ପାଣି ମଧ୍ୟ ଅର୍ପଣ କରେ, ମୁଁ ତାହାର ସେହି ଭକ୍ତର ନିବେଦନଟିକୁ ଅବଶ୍ୟ ସ୍ୱୀକାର କରିନଏ, ତାହାର ସେହି ପ୍ରେମକୁ ମୁଁ ଗ୍ରହଣ କରିନଏ ।" ଏବଂ ଏହିପରି ଜୀବରେ ସମର୍ପିତ କେବଳ କୌଣସି ବାହ୍ୟ ପଦାର୍ଥକୁହ୍ନି ଯେ ଭଗବାନଙ୍କ ପାଖରେ ଆଣି ନିବେଦନ କରିଯାଇ ପାରିବ ତା' ନୁହେଁ, ମାନ ଆମର ସକଳ ଜୀବନ, ସକଳ ଅନୁଭୂତି ତଥା ଫଳଦେଦନ, ଆମର ସମ୍ବନ୍ଧ ବାହ୍ୟ କର୍ମ ତଥା ସେଗୁଡ଼ିକର ସକଳ ପ୍ରକାର ଏବଂ ଉପସ୍ଥକୁ ମଧ୍ୟ ନିବେଦନ କରିଯାଇ ପାରିବ । ଏକଥା ସତ ଯେ ଏକ ବିଶେଷ କାର୍ଯ୍ୟର ଅଥବା କାର୍ଯ୍ୟର ଏକ ବିଶେଷ ରୂପର ଆପଣାର ସ୍ୱତନ୍ତ୍ରତା ମହତ୍ତ୍ୱ ଅବଶ୍ୟ ରହିଛୁ, ଏପରିକ ତାହାର ଏକ ବଡ଼ ମହତ୍ତ୍ୱ ରହିଛୁ; ମାନ ଅନ୍ତର୍ଗତ ସେଉଁ ଜୀବନ୍ତି ଦ୍ୱାରାହ୍ନି କାର୍ଯ୍ୟଟିକୁ କରିଯାଉଛୁ, ସେଇଟି ହେଉଛୁ ସବଂମୂଳ କଥା । ସେଉଁ ଅନ୍ତର୍ଗତ ଜୀବନାତିରହ୍ନି ଏହି କାର୍ଯ୍ୟ ପ୍ରତୀକସ୍ୱରୂପ ଅର୍ଥାତ୍ ବସ୍ତୁଭୂତ ଅଭିବ୍ୟକ୍ତ ହୋଇ ରହିଛୁ, ତାହାହ୍ନି ସେହି କାର୍ଯ୍ୟଟିରେ ତାହାର ସମୁଦାୟ ମୂଲ୍ୟଟିକୁ ଆଣିଦେଇଛୁ, ତାହାର ଔଚିତ୍ୟଟିକୁ ପ୍ରମାଣିତ କରୁଥିବା ତାତ୍ପର୍ଯ୍ୟଟିକୁ ଆଣିଦେଇଛୁ । ଅଥବା, ହୁଏତ ଏଭଳି ମଧ୍ୟ କୁହାଯାଇ ପାରିବ ଯେ ଦ୍ରବ୍ୟ ପ୍ରେମ ତଥା ଦ୍ରବ୍ୟ ଉପାସନାର ଯେକୌଣସି ପରିପୂର୍ଣ୍ଣ କାର୍ଯ୍ୟରେ ତିନୋଟି ଭିନ୍ନ ଭିନ୍ନ ଅଙ୍ଗ ରହିଛୁ, ଯାହାକି ଏକତ୍ର କେବଳ ଗୋଟିଏ ସମଗ୍ରତାକୁହ୍ନି ପ୍ରକାଶିତ କରିଦେଇଛୁ ସେହି କର୍ମଟି ମଧ୍ୟରେ ପରମ ଦ୍ରବ୍ୟରୂପଙ୍କର ଜିଦ୍ୟାତ୍ମକ ପୂଜା କରିଯାଉଛୁ, କର୍ମର ବାହ୍ୟ ରୂପଟିରେ କୌଣସି ଏକ ଦ୍ରବ୍ୟ ଦୃଷ୍ଟି ତଥା ଜିଜ୍ଞାସାକୁ ଅଥବା ପରମ ଦ୍ରବ୍ୟ ପୁରୁଷଙ୍କ ସହିତ ରହିଥିବା କୌଣସି ସମ୍ବନ୍ଧକୁ ପ୍ରକଟ କରିଦେଇଥିବା ଏକ ପୂଜା-ପ୍ରତୀକ ମଧ୍ୟ ସେହି କ୍ଷେତ୍ରରେ ଅବସ୍ଥିତ ରହିଛୁ; ଏବଂ ଭକ୍ତିସ୍ୱ କଥାଟି ହେଉଛୁ, ହୃଦସ୍ୱ, ଆତ୍ମା ତଥା ଚିତ୍‌ଗତତା ମଧ୍ୟରେ ଏକତ୍ୱ ଅଥବା ଏକତ୍ୱର ଅନୁଭୂତି ଲାଗି ଏକ ଅନ୍ତର୍ଗତ ଶ୍ରଦ୍ଧାନୁଭବ ଏବଂ ଆକାଙ୍କ୍ଷା ମଧ୍ୟ ରହିଛୁ । ଏହିପରି ଜୀବରେହ୍ନି ଆମେ ଆମର ଏହି ଜୀବନକୁ ଏକ ଉପାସନା ବା ପୂଜାରେ ରୂପାନ୍ତରିତ କରିଦେଇ ପାରିବା : ଏହି ଜୀବନଟିର ପୃଷ୍ଠଭୂମିରେ ଆମେ ଏକ ବିଶ୍ୱାତ୍ମିକ ତଥା ବିଶ୍ୱସମ୍ବ ପ୍ରେମର ଜୀବନାତିକୁ ପ୍ରତିଷ୍ଠାପିତ କରି ରଖିବା, ଏକତ୍ୱରହ୍ନି ଅନ୍ୱେଷଣ କରିବା, ଏବଂ ଏକତ୍ୱକୁହ୍ନି ଅନୁଭବ କରିବା । ଆମର ପ୍ରତ୍ୟେକ କର୍ମକୁ ଏକ ପ୍ରତୀକରେ ପରିଣତ କରିଦେବା, ସେହି ଈଶ୍ୱରୋନ୍ମୁଖ ଜୀବାକାଙ୍କ୍ଷାର ଏକ ଅଭିବ୍ୟକ୍ତିରେ ବା ସେହି ପରମ ଦ୍ରବ୍ୟରୂପଙ୍କ ସହିତ ରହିଥିବା ଏକ ସମ୍ବନ୍ଧରେହ୍ନି ପରିଣତ କରି ରଖିବା । ଏବଂ ଆମେ ଯାହାକିଛୁ

'oaob.nitrkl.ac.in' images reprocessed

କରୁଛୁ, ତାହାକୁ ଉପାସନାରହିଁ ଏକ କର୍ମରେ ପରିଣତ କରିଦେବା; ଆମ ଆତ୍ମାର ସମ୍ମିଳନର, ଆମ ମନର ପୂର୍ଣ୍ଣ ବୋଧର, ଆମ ପ୍ରାଣର ଆନୁଗତ୍ୟର ଏବଂ ଆମ ହୃଦସ୍ପନ୍ଦର ସମର୍ପଣରହିଁ ଏକ କର୍ମରେ ପରିଣତ କରି ରଖିବା ।

ଆପଣା ବିବର୍ତ୍ତନର ସୁଦୀର୍ଘ ଜୀବନଯାତ୍ରାଟିରେ ମନୁଷ୍ୟ କେବଳ ପ୍ରଥମ ଦୁଇଟି ମାନଦଣ୍ଡକୁ ନେଇ ବିଚାରଣା ଆରମ୍ଭ କରିଥାଏ, ସେହି ଦୁଇଟିରୁହିଁ ଆଲୋକ ପାଇଥାଏ, ନେତୃତ୍ୱ ବି ପାଇଥାଏ । କାରଣ ସେହି ଦୁଇଟି ଭିତରେ ତା'ର ପଶୁସତ୍ତା ତଥା ପ୍ରାଣସତ୍ତାର ନିୟମଟି ନିହିତ ହୋଇ ରହିଥାଏ ଏବଂ ଏହି ପ୍ରାଣ ତଥା ଭୌତିକତାର ଅଧୀନ ଏକ ପଶୁସୋପାନର ମନୁଷ୍ୟରୂପେହିଁ ସେ ଆଗକୁ ଯିବାକୁ ଆରମ୍ଭ କରିଥାଏ । ଆପଣାର ଏହି ମନୁଷ୍ୟପରିଚୟର ଚୁଞ୍ଚଟି ମଧ୍ୟରେ ଅଧିକରୁ ଅଧିକ ପରିମାଣରେ ସେହି ପରମ ଦିବ୍ୟତାକୁହିଁ ଅଭିବ୍ୟକ୍ତ କରିଦେବା ହେଉଛି ଏହି ଧର୍ତ୍ତାଲରେ ମନୁଷ୍ୟର ଅସଲ କାର୍ଯ୍ୟ; ଜାଣତରେ ହେଉ ଅଥବା ଅଜାଣତରେ ହେଉ, ଆପଣାର ଆନ୍ତର ତଥା ବାହ୍ୟ ସାବସ୍ତୁ ପ୍ରତିସ୍ପାର ଘଟାବରଣଟି ମଧ୍ୟରେ ଠିକ୍ ସେହି ଲକ୍ଷ୍ୟଟି ଆଡ଼କୁ ଅଗ୍ରସର ହୋଇ ଯିବାକୁହିଁ ପ୍ରକୃତ ମନୁଷ୍ୟ ଭିତରେ କାର୍ଯ୍ୟ କରିବାରେ ଲଗିଛି । ମାତ୍ର ଜଡ଼ସ୍ଥ ଅର୍ଥାତ୍ ପଶୁ ସ୍ତରର ମନୁଷ୍ୟ ଜୀବନର ସେହି ଅନ୍ତରସ୍ଥ ଉଦ୍ଦେଶ୍ୟଟି ବସ୍ତୁତଃ ସମ୍ପୂର୍ଣ୍ଣ ଅଜ୍ଞ ହୋଇ ରହିଛି । ସିଏ କେବଳ ଆପଣାର ପ୍ରସ୍ତୋଜନଗୁଡ଼ିକୁ ଜାଣିଛି, ଆପଣାର କାମନାଗୁଡ଼ାକୁହିଁ ଜାଣିଛି; ଏବଂ, ଆପଣାର ପ୍ରସ୍ତୋଜନ ବୋଲି ସେ ଯେଉଁକ ବା ଯାହାସବୁକୁ ଅନୁଭବ କରିପାରୁଛି ଏବଂ ତା'ର କାମନାଗୁଡ଼ାକ ତାକୁ କେବଳ ଯେଉଁକ ଲଗି ଆନୋଳିତ କରି ପାରୁଛନ୍ତି ଓ କେବଳ ଯେଉଁକ ଲଗି ଅଙ୍ଗୁଳିନିର୍ଦ୍ଦେଶ କରି ଦେଇଛନ୍ତି, ସେଉଁକ ବ୍ୟତୀତ ତା'ଠାରୁ ପ୍ରକୃତରେ କ'ଣସବୁ ଯେ ଦାବି ବା ପ୍ରତ୍ୟାଶା କରିଯାଇଛି, ତାକୁ ସେକଥା କହିଦେଇ ପାରିବା ଲଗି ତା' ପାଖରେ

'oaob.nitrkl.ac.in' images reprocessed

ସ୍ୱତନ୍ତ୍ରତା ଏପରି ଅନ୍ୟ ଦୌଣସି ମାର୍ଗଦର୍ଶକ ମତ୍ତତ୍ତ୍ୱଠାରୁ ବଳି ଉଚ୍ଚ ଜାତୀୟ । ତେଣୁ, ଆଜି ସ୍ୱତନ୍ତ୍ରତା ଦେବା ଆଜରୁ ତା'ର ଭୌତିକ ତଥା ପ୍ରାଣିକ ଦାବି ଓ ଆବଶ୍ୟକତାଗୁଡ଼ିକରହିଁ ପରିତର୍ପଣ କରିବା ଏବଂ ତା'ର ପରବର୍ତ୍ତୀ ପୋଘାନଟିରେ ତା' ଭିତରେ ଉଚ୍ଚତର ଦେହସ୍ପନ୍ଦନ ଯାବତ୍ପାସ୍ ଫଳେଫଳିତ ତଥା ମନୋଗତ ଆକାଙ୍କ୍ଷା ବା କଲ୍ପନା ବା ଗତ୍ୟାତ୍ମକ ନାନା ଧାରଣାଗୁଡ଼ିକର ପରିତର୍ପଣ କରିବାହିଁ ତା' ଆଚରଣର ସଂପ୍ରଥମ ଏବଂ ଅତ୍ୟନ୍ତଜଡ଼ିତ ବିଧାନ ହୋଇ ଉଠିବାକୁ ବାଧ୍ୟ ହେଉଛୁ । ତା'ର ପରିବାର, ଗୋଷ୍ଠୀ ବା ଜାତି, ଯୂଥ ବା ସମୂହ,—ଅର୍ଥାତ୍ ଯେଉଁପରି ଅନେକ ଭିତରେ ସେ 'ଏକ'ଟିଏ ହୋଇ ରହିଛୁ, ସେମାନଙ୍କର ବସ୍ତୁର, ଯାବତ୍ପାସ୍ ପ୍ରୟୋଜନ ଏବଂ ଯାବତ୍ପାସ୍ ଚାହିଦା ତା' ଉପରେ ଯେଉଁପରି ଭାବ କରିବାରେ ଲଗିଛୁ, ତେବଳ ସେହି ଗୋଟିଏ ଅଧିକ ଶକ୍ତିଶାଳୀ ଏବଂ ସ୍ୱରକ୍ଷାମୂଳ-ରକ୍ଷାକାରୀ ବିଧାନଟିହିଁ ତା'ର ଏହି ପ୍ରବଳ ପ୍ରକୃତିଗତ ଦାବିଟିକୁ କମ୍ପିତ କରିଲାଇ ଦେଇ ପାରୁଛୁ ବା ତାହାକୁ ଓଲଟାଇ ଦେଇ ପାରୁଛୁ ।

ମନୁଷ୍ୟ ଯଦି କେବଳ ଆପଣା ଲଗିହିଁ ଆପଣାର ଜୀବନଟିକୁ ବହିପାରନ୍ତା, —ଯଦି ବ୍ୟକ୍ତିର ବଳାଣହିଁ ଏହି ଜଗତରେ ଉଦ୍ଦେଶ୍ୟ ହୋଇ ରହିଥାନ୍ତା, ତେବେ କେବଳ ସେତକବେଳେ ଯାଏ ମଣିଷ ତାହା କରିପାରନ୍ତା,— ତେବେ ଏହି ଦ୍ୱିପାସ୍ ବିଧାନଟି ତାର୍ଜନାସ୍ ହେବା ଲଗି ଆଦୌ ଦୌଣସି ପ୍ରୟୋଜନ ଦେଖନ୍ତା ନାହିଁ । ମାନ, ସମଗ୍ରଟି ସହିତ ଅଂଶଗୁଡ଼ିକର ଯେଉଁ ପାରସ୍ପରିକ ନିସ୍ପା ଓ ପ୍ରତିନିସ୍ପା ଲଗି ରହିଛୁ, ଫଗଠିତ ବସ୍ତୁ ଓ ତାକୁ ଫଗଠିତ ଆକାର ଦେଇ ରଖିଥିବା ଅଂଶଗୁଡ଼ିକ ଯେଉଁ ପରସ୍ପରକୁ ଲେଡ଼ୁଛନ୍ତି ଏବଂ ପରସ୍ପର ଉପରେ ନିର୍ଭର କରି ରହିଛନ୍ତି ଏବଂ ଯେଉଁ ସମଷ୍ଟିରେ ସମସ୍ତି ଏବଂ ବ୍ୟଷ୍ଟି ମଧ୍ୟରେ ଯେଉଁ ପରସ୍ପର ନିର୍ଭରତା ରହିଛୁ, କେବଳ ତାହାର ଦ୍ୱାରାହିଁ ସକଳ ଅସ୍ତିତ୍ୱ ତଥା ସକଳ ଜୀବନ ଅନ୍ତସର ହୋଇପାରୁଛୁ । ସ୍ୱରଯାସ୍ ଦର୍ଶନର କ୍ଷମାରେ ବହିବାକୁ ଗଲେ ଜଗତାନ ଆପଣାକୁ ସଂଦା ଦୁଇଟି ରୂପରେ ଅର୍ଥାତ୍ ବହିର୍ନ୍ନ ବ୍ୟକ୍ତ-ସତ୍ତ୍ୱ ଏବଂ ସମସ୍ତ ସମଷ୍ଟି-ସତ୍ତ୍ୱରୂପେ ପ୍ରତାଶିତ କରିବାରେ ଲଗିଛନ୍ତି, ବ୍ୟଷ୍ଟି ତଥା ସମଷ୍ଟି ଉଭୟ ରୂପରେ ପ୍ରତିବଦ୍ଧ ହେଉଛନ୍ତି । ମନୁଷ୍ୟ ଆପଣାର ସମସ୍ତ ବଳ ଖଟାଇ ଆପଣାର ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଭିବୃଦ୍ଧି ତଥା ତାହାର ପୂର୍ଣ୍ଣତଜଡାର୍ଥତା ଏବଂ ସ୍ୱତନ୍ତ୍ରତାର ଅନୁଧାବନ କରୁଛୁ ସତ, ମାନ ଅନ୍ୟ ମନୁଷ୍ୟଙ୍କ ସହିତ ନାନା ପ୍ରସଙ୍ଗ ଓ ପ୍ରୟୋଜନରେ ମିଳିତ ନତ୍ରୋଇ ସେ ଆପଣାର ବ୍ୟକ୍ତିଗତ ଅବଶ୍ୟକତା ଓ ଚାହିଦାଗୁଡ଼ିକର ମଧ୍ୟ ପରିତର୍ପଣ କରିପାରୁ ନାହିଁ । ସେ ଆପଣା ଭିତରେ ଏକ ସମ୍ପୂର୍ଣ୍ଣ ସତ୍ତ୍ୱ ହୋଇ ରହିଛୁ ସତ, ମାନ ଅନ୍ୟମାନଙ୍କ ବ୍ୟତୀତ କେବଳ ଏକ ଅସମ୍ପୂର୍ଣ୍ଣ ସତ୍ତ୍ୱହିଁ ହୋଇ ରହିଛୁ । ଏହି ବାଧ୍ୟତା ତା'ର ବ୍ୟକ୍ତିଗତ ଆଚରଣର ବିଧାନଟିକୁ ଆଣି ଏକ ସାମୁଦାୟିକ ଗୋଷ୍ଠୀ-

'oaob.nitrkl.ac.in' images reprocessed

ନସ୍ୟମର ଅନ୍ତର୍ଗତ କର ରଖୁଛୁ; ଏହା ସ୍ଥାସ୍ଥୀ ଗୋଷ୍ଠୀ-ଅସ୍ତିତ୍ୱର ନମୀଣରୁହିଁ ଏହାସବୁ ଗୋଷ୍ଠୀ-ନସ୍ୟମର ଉତ୍ପତ୍ତି ହେଇଛୁ, ସେହି ଗୋଷ୍ଠୀର ଆପଣାର ଏକ ଗୋଷ୍ଠୀଗତ ମାନସ ଭଥା ଗୋଷ୍ଠୀଗତ ଜୀବନ ରହିଛୁ ଏବଂ ବ୍ୟକ୍ତିର ଆପଣା ଜୀବନରେ ମୁଖ୍ତି ହୋଇ ରହିଥିବା ଭା'ର ବ୍ୟକ୍ତି-ମନ ଏବଂ ବ୍ୟକ୍ତି-ଜୀବନ ଏକ ସାମଯ୍ୱିକ ଏକକରୁପେହିଁ ସେହି ଗୋଷ୍ଠୀମନ ଓ ଗୋଷ୍ଠୀଜୀବନର ଅଧୀନ ହୋଇ ରହିଛୁ । ମାନ ଭଥାପି ବ୍ୟକ୍ତି ଭିତରେ ଏକ ଅବନାଶୀ ଏବଂ ପୁର୍ଣ୍ଣସ୍ୱଭନ୍ତ୍ର ପଦାର୍ଥ ନହିତ ହୋଇ ରହିଛୁ, ସେଇଟି ଏହି ଗୋଷ୍ଠୀଗତ ଅସ୍ତିତ୍ୱ ସହିତ ଆଦୌ ବାନ୍ଧ ହୋଇ ରହି ନାହିଁ; ଗୋଷ୍ଠୀର ଅସ୍ତିତ୍ୱ ବ୍ୟକ୍ତିଜୀବନର ଅବଧିଟାରୁ ଅଧିକ କାଳ ସ୍ଥାସ୍ଥୀ ହୋଇ ରହିଛୁ ସତ୍ତ, ମାନ ବ୍ୟକ୍ତିର ଶାଶ୍ୱତ ଆତ୍ମାଟି ଚୁଲନାରେ ଭାହା ଆଦୌ ଅଧିକତର ସ୍ଥାସ୍ଥୀ ହୋଇ ରହିପାରିବ ନାହିଁ ବା ଆପଣାର ବଧାନଟି ଦ୍ୱାରା ଭାକୁ କୌଣସିପ୍ରକାର ଜଞ୍ଜିରରେ ବାନ୍ଧ ରଖିବାର ଦାବି କରିପାରିବ ନାହିଁ ।

ହଠାତ୍ ଦେଖିଲ୍ଲ ବେଳକୁ ଏହା ଯେଉଁ ବଧାନଟି ବୃହତ୍ତର ଏବଂ ସମସ୍ତଙ୍କର ଉପରେ ଅଧିକ ପରିନମଶାଳୀ ବୋଲ୍ ମନେହେଉଛୁ, ସେଇଟି ପ୍ରକୃତରେ ପ୍ରାଥମିକ ବ୍ୟଷ୍ଟି-ମନୁଷ୍ୟକୁ ସଞ୍ଚାଳିତ କରୁଥିବା ସେହି ପ୍ରାଣିକ ଭଥା ଜୀବଶକ୍ତିରଗତ ଭତ୍ତ୍ୱିର ଏକ ସମ୍ପ୍ରସାରଣ ବ୍ୟତୀତ ଆଉ କିଛୁ ନୁହେଁ । ଗୋଷ୍ଠୀର ନସ୍ୟମ ହେଉଛୁ ସମୁହର ନସ୍ୟମ, ପଲ୍ଲର ନସ୍ୟମ । ବ୍ୟକ୍ତି ଆପଣାର ଜୀବନଟିକୁ ଆଂଶିକ ଭାବରେ ଅନ୍ୟ କେତେଜଣ ବ୍ୟକ୍ତିଙ୍କର ଜୀବନ ସହିତ ଏକାତ୍ମକ କରି ରଖିଥାଏ, ଯେଉଁମାନଙ୍କ ସହିତ ସେ ଜନ୍ମ ଦ୍ୱାରା, ରୁଚି ବା ନିର୍ବାଚନ ଦ୍ୱାରା ବା ପରସ୍ଥିତି ଦ୍ୱାରା ସଂବଦ୍ଧ ହୋଇ ରହିଥାଏ । ଏବଂ, ବ୍ୟକ୍ତିର ଆପଣାର ଜୀବନଧାରଣ ଭଥା ଆବଶ୍ୟକତା-ଗୁଡ଼ିକର ପରିପୂରଣ ଲାଗି ଗୋଷ୍ଠୀର ଅସ୍ତିତ୍ୱ ଏକାନ୍ତ ଆବଶ୍ୟକ ହୋଇଥିବାରୁ, ଏକାବେଳକେ ପ୍ରଥମରୁହିଁ ନହେଲେ ମଧ୍ୟ କାଳକ୍ରମେ ସେହି ଗୋଷ୍ଠୀର ପୁରଷା, ଭା'ର ଆବଶ୍ୟକତାଗୁଡ଼ିକର ପରିପୂରଣ ଏବଂ ଏଦ୍ଦାର ସମୂହଗତ ବଳର, ବାସନା ଓ ଜୀବନନିର୍ବାହର ନାନା ଅଭ୍ୟାସଗୁଡ଼ିକର ପରିବର୍ତ୍ତନ ମଧ୍ୟ ଏକ ପ୍ରାଥମିକ ମହତ୍ତ୍ୱ ଗ୍ରହଣ କରିବାକୁ ଆରମ୍ଭ କରିବ; କାରଣ ଏଗୁଡ଼ିକ ବ୍ୟତୀତ କୌଣସି ଗୋଷ୍ଠୀ କଦାପି ଏକ ଗୋଷ୍ଠୀ ହୋଇ ରହିପାରିବ ନାହିଁ । କୌଣସି ମାନ୍ଡଗତ କିଂବା ପରମ୍ପରର ଉଦ୍ଦ୍ରାସ୍ତର ବଶବର୍ତ୍ତୀ ହୋଇ ନୁହେଁ, ମାନ ଏହି ବଶେଷ ପରସ୍ଥିତିର ପ୍ରଯୋଜନ ଦ୍ୱାରା ବାଧ୍ୟ ହୋଇହିଁ ବ୍ୟକ୍ତିଗତ ବଳର ଓ ବ୍ୟକ୍ତିଗତ ଅନୁଭବ, ବ୍ୟକ୍ତିଗତ ଆବଶ୍ୟକତା, ଇଚ୍ଛା, ପ୍ରବଣତା ଭଥା ଅଭ୍ୟସ୍ତତାର ସାବଧାସ୍ପ ପରିବର୍ତ୍ତନ କେବଳ ଏହି ବ୍ୟକ୍ତି ଅଥବା ସେହି ବ୍ୟକ୍ତି ବା କେତେଜଣ ବ୍ୟକ୍ତିଙ୍କର ନୁହେଁ, ମାନ ସମଗ୍ରରୂପେ ଏକ ସମାଜରହିଁ ବଳର ଭଥା ଅନୁଭବ, ଆବଶ୍ୟକତା, ଇଚ୍ଛା, ପ୍ରବଣତା ଭଥା ଅଭ୍ୟସ୍ତତାର ପରିବର୍ତ୍ତନ ପାଖରେ ସତତ ଅଧୀନ ହୋଇ ରହିବ ।

'oaob.nitrkl.ac.in' images reprocessed

ଏହି ସାମାଜିକ ଅବଶ୍ୟକତାହିଁ ସଦ୍ଗୁଣ ବ୍ୟକ୍ତି-ନୈତିକତାର ଠଆ ବ୍ୟକ୍ତ ମଧ୍ୟରେ ଚାର୍ଯ୍ୟ କରୁଥିବା ନୈତିକ ଆବେଗଟିର ଗୁପ୍ତ ଉତ୍ସ ହୋଇ ରହିଥିବ ।

କୌଣସି ଅଞ୍ଚଳ କିଂବା ଆହ୍ୱାନ ଯୁଗରେ ଯେ ମନୁଷ୍ୟ କେବେ ସମ୍ପୂର୍ଣ୍ଣ ଏକାଙ୍କୀ ଅଥବା କେବଳ ଆପଣାର ଜଣେ ସଙ୍ଗିମାନଙ୍କୁ ନେଇ କେତେକେତେ ଉତରପ୍ରାଣୀଙ୍କ ପଛ ପ୍ରକୃତରେ ବାସ କରୁଥିଲା, ସେତେବେଳି ବଷପୂରେ ଆମର ଆଦୌ କୌଣସି ଯଥାର୍ଥ ଜ୍ଞାନ ନାହିଁ । ମନୁଷ୍ୟ ବଷପୂରେ ପ୍ରାପ୍ତ ସକଳ ବୃତ୍ତାନ୍ତରୁ ଆମେ ଏତକ ଜାଣିବାକୁ ପାଉ ଯେ ମନୁଷ୍ୟ କେବେହେଲେ ଏକ ସ୍ୱତନ୍ତ୍ର ଶତ୍ରୁର ବା ଅସ୍ପା ହୋଇ ରହି ନଥିଲା, ସେ ସଦ୍ଗୁଣ ଏକ ସାମାଜିକ ପ୍ରାଣୀ ହୋଇହିଁ ରହିଥିଲା । ଗୋଷ୍ଠୀ ବା ସମୂହର ବଧାନଟିହିଁ ଆତ୍ମରକାଣ ଲଗି ରହିଥିବା ମନୁଷ୍ୟର ବ୍ୟକ୍ତିଗତ ବଧାନ ଉପରେ ପ୍ରଭାପତ୍ତି ବସ୍ତାର କରି ପଡାଇଛୁ; ମନୁଷ୍ୟବ୍ୟକ୍ତ ସଦ୍ଗୁଣ ସ୍ୱତେଅବା କେବଳ ଏକ ସମୂହ ଭିତରେହିଁ ଜନ୍ମଲଭ କରିଛୁ, ସମୂହ ଭିତରେ ଜୀବନଯାପନ କରିଛୁ ଏବଂ ସେହି ସମୂହରହିଁ ଏକ ଏଭଳରୂପେ ଗଢ଼ିହୋଇ ଆସିଛୁ । ସାଧ ମନୋଗତ ଦୃଷ୍ଟିକୋଣଟିରୁ ବସ୍ତୁର କରି ଦେଖିଲେ ନ୍ୟାସ୍ୱତଃ ଏବଂ ସ୍ୱଭାବତଃ ବ୍ୟକ୍ତିଗତ ପ୍ରସ୍ତୋଜନ ଏବଂ ବ୍ୟକ୍ତିଗତ ବାସ୍ତନାର ବଧାନଟିହିଁ ପ୍ରାଥମିକ ହୋଇ ରହିଛୁ, ଏବଂ ସାମାଜିକ ବଧାନଟି ଏହି କ୍ଷେତ୍ରରେ କେବଳ ଏକ ଗୌଣ ବଧାନ ରୂପେହିଁ ଆସି ପଡ଼ିଥାଛୁ, ବଳପୂବକ ଆପଣାର ଅଧିକାର ଜମାଇ ନେଇଥିବା ଏକ ଶତ୍ରୁରୂପେ ଆସି ପଡ଼ିଥାଛୁ । ମନୁଷ୍ୟ ମଧ୍ୟରେ ସଦ୍ଗୁଣ ଦୁଇଟି ପ୍ରଭୁତ୍ୱଶାଳୀ ଆବେଗ ଅତ୍ୟନ୍ତ ସ୍ପଷ୍ଟଭାବରେ ଚାର୍ଯ୍ୟ କରୁଛୁ; ଗୋଟିଏ ହେଉଛୁ ତା'ର ବ୍ୟକ୍ତିପ୍ରଧାନ ଆବେଗ ଓ ଅନ୍ୟଟି ହେଉଛୁ ଗୋଷ୍ଠୀପ୍ରଧାନ ଆବେଗ, ଗୋଟିଏ ତା'ର ବ୍ୟକ୍ତିଗତ ଜୀବନ ଓ ଅନ୍ୟଟି ତା'ର ସାମାଜିକ ଜୀବନ, ଗୋଟିଏ ତା'ର ଆତରଣଗତ ବ୍ୟକ୍ତିଗତ ପ୍ରେରଣା ଏବଂ ଆରଟି ସାମାଜିକ ପ୍ରେରଣା । ଏହି ଦୁଇଟିଯାକ ଆବେଗ ପରସ୍ପରର ବରେଧୀ ହୋଇ ରହିବାର ବା ଦୁଇଟି ମଧ୍ୟରେ ଏକ ସମୀକରଣ ଆଣିବା ଲଗି ଏକ ଚେଷ୍ଟା କରିବାର ଦେଖିଠି କେତେ ସମ୍ଭାବନା ରହିଛୁ, ତାହାହିଁ ମନୁଷ୍ୟ ସଭ୍ୟତାରେ ବାସ୍ତବ ମୂଲସ୍ୱରୂପ ହୋଇ ରହିଛୁ; ଏବଂ ମନୁଷ୍ୟ ଯେତେବେଳେ ତା'ର ପ୍ରାଣିକ-ଦେହଗତ ପ୍ରବୃତ୍ତିକୁ ଅତିକ୍ରମ କରି ଏକ ଅଧିକ ବ୍ୟକ୍ତିତ୍ୱବାପନ୍ନ ମାନସିକ ଭୂମି ଚଦ୍ଗତ ଅନ୍ତରାତରେ ପ୍ରବେଶ କରିବାକୁ ସମର୍ଥ ହେଉଛୁ, ସେତେବେଳେ ମଧ୍ୟ ସେହି ସମ୍ଭାବନା ଓ ସେହି ଚେଷ୍ଟା ଦୌଣସି ନା ଦୌଣସି ଅନ୍ୟ ରୂପରେ ଅବଶ୍ୟ ବର୍ତ୍ତମାନ ରହିଛୁ ।

ବ୍ୟକ୍ତିର ବାହାରେ ଏକ ସାମାଜିକ ଜଗତ୍ ଅବସ୍ଥିତ ମନୁଷ୍ୟ ଭିତରେ ବଦ୍ୟମାନ ବଚାର ବସ୍ତୁର ଆଣିବା ଲଗି ବଲ୍ଲ ସମସ୍ତରେ ଅନେକ ପରମାଣରେ ଅନୁକୂଳ ଅଥବା ପ୍ରତିକୂଳ ହୋଇଥାଏ । ମନୁଷ୍ୟ ଯେତେବେଳେ ଅଶୋଧିତ

'oaob.nitrkl.ac.in' images reprocessed

ଅବସ୍ଥାରେ ଥାଏ ଓ ଆତ୍ମ-ଶାସନ ତଥା ଆତ୍ମ-ଆବିଷ୍କାର ଲାଗି ଅସମର୍ଥ ହୋଇ ରହିଥାଏ, ସେତେବେଳେ ତାହା ଅନୁକୂଳ ଓ ସହାୟକ ପର କାମ ହୁଏ; କାରଣ ସେତେବେଳେ ତାହା ମନୁଷ୍ୟର ବ୍ୟକ୍ତିଗତ ଅହଂଷ୍ଟିଠାରୁ ଭିନ୍ନ ଏପରି ଏକ ଅନ୍ୟ ସାମର୍ଥ୍ୟଷ୍ଟିର ପ୍ରତିଷ୍ଠା କରେ, ଯାହା ସାହାଯ୍ୟରେ କି ତାହାର ସେହି ଅହଂପ୍ରମତ୍ତତା ଆପଣାର ବନ୍ଦର ଓ ଅଙ୍ଗଭୂତ ଦାବିଗୁଡ଼ିକୁ କଟ୍ଟୁତ୍ୱ ସଂଯତ କରି ରଖିବା ଲାଗି ପ୍ରବର୍ତ୍ତିତ ଅଥବା ବାଧ୍ୟ ହୋଇଥାଏ, ଆପଣାର ବୃଦ୍ଧିଗର୍ବିତ ଏବଂ ଅନେକ ସମୟରେ ଅଘୁଗ ଗତିସ୍ପନ୍ଦନଗୁଡ଼ିକରେ କଟ୍ଟୁତ୍ୱ ଶୃଙ୍ଖଳା ଆଣିବାକୁ ଏବଂ ଏପରିକ ବେଳେବେଳେ ଏକ ବୃହତ୍ତର ତଥା କମ୍ ବ୍ୟକ୍ତିସୀମାବଦ୍ଧ ଅହଂଗତତା ମଧ୍ୟରେ ଆପଣାକୁ ନେଇ ବିଲୀନ କରିଦେବାକୁ ମଧ୍ୟ ପ୍ରବର୍ତ୍ତିତ ଅଥବା ବାଧ୍ୟ ହୋଇଥାଏ । ମାନସିକ ସୋପାନ-ପ୍ରକୃତିର ସୀମାଷ୍ଟିକୁ ପାର ହୋଇ ଯିବାକୁ ପ୍ରସ୍ତୁତ ହୋଇ ରହିଥିବା ବସ୍ତୁଃପ୍ରାପ୍ତ ଆତ୍ମାଷ୍ଟି ଲାଗି ଏହା ଏକ ପ୍ରତିକୂଳତାର କାର୍ଯ୍ୟ କରିଥାଏ, କାରଣ ଏକ ବାହ୍ୟ ମାନଦଣ୍ଡରୂପେ ତାହା ବାହାରୁ ଥାଇ ଆପଣାକୁ ମନୁଷ୍ୟ ଉପରେ ନେଇ ଲଦିବାର ପାଞ୍ଚ କରେ; ମାନ ମନୁଷ୍ୟ ଯେ ତା'ର ଉପସ୍ଥିତ ପରିପୂର୍ତ୍ତତା ଲାଭ କରିବ, ତାହାର ସର୍ତ୍ତ ହେଉଛି ଯେ ସେ ଆପଣା ଭିତରୁନ୍ଦି ବିକଶିତ ହୋଇ ଉଠିବ, କ୍ରମବୃଦ୍ଧିଶୀଳ ସ୍ୱତନ୍ତ୍ରତା ମଧ୍ୟରେନ୍ଦି ଅଭିବୃଦ୍ଧି ଲାଭ କରିବ । ଆପଣାର ପୂର୍ତ୍ତତାପ୍ରାପ୍ତ ବ୍ୟକ୍ତିତ୍ୱଷ୍ଟିକୁ କୌଣସିପ୍ରକାରେ ଗୁପି ରଖି ନୁହେଁ, ମାନ ତାହାକୁ ଆତ୍ମର ଉର୍ଦ୍ଧ୍ୱକୁ ଉତ୍ତୋଳିତ କରିନେଇନ୍ଦି ସେ ସମୃଦ୍ଧି ଲାଭ କରିବ, ତା'ର ଜୀବନାଙ୍ଗଗୁଡ଼ିକୁ ବିଭିନ୍ନପ୍ରକାରେ ତାଲମ ଓ ମଣ କରି ରଖିଥିବା ଓ ତା' ଉପରେ ଆଣି ଲଦି ଦିଆଯାଇଥିବା କୌଣସି ବିଧାନ ଦ୍ୱାରା ସେ ଅଜି ପରିଚାଳିତ ହେବ ନାହିଁ, ମାନ ଭିତରେ ଥିବା ତା'ର ଆପଣା ଆତ୍ମାଷ୍ଟି ମଧ୍ୟରୁନ୍ଦି ବିକଶିତ ଓ କୁସୁମିତ ହୋଇ ଉଠିବ, ପୂର୍ବତନ ସକଳ ଗଢ଼ଣ ତଥା ସକଳ ଗଠନକୁ ଫଟାଇ ବାହାରିବ; ଆପଣା ଜୀବନାଙ୍ଗଗୁଡ଼ିକୁ ଆପଣା ଆଲୋକ ଦ୍ୱାରାନ୍ଦି ଅଧିକାର କରିନେବ ଏବଂ ସେଗୁଡ଼ିକୁ ରୂପାନ୍ତରିତ କରିଦେବ ।

❋

ସମାଜର ଦାବି ଏବଂ ବ୍ୟକ୍ତିର ଆବଶ୍ୟକତା ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱଷ୍ଟିର ସୃଷ୍ଟିପାତ ହୋଇଥାଏ, ସେଥିରେ ପରସ୍ପର ସମ୍ମୁଖୀନ ହେଲା ପର ଦୁଇଟି ଆଦର୍ଶ ତଥା ଚରମ ସମାଧାନ ପ୍ରସ୍ତାବିତ ହୋଇ ଆସିଥାନ୍ତି । ସମୂହ ଦାବି କରିବାରେ ଲାଗିଥାଏ ଯେ ବ୍ୟକ୍ତି ଆପଣାକୁ ନ୍ୟୂନାଧିକ ପୂର୍ତ୍ତତା ସହିତ ସମୂହର ଅଧୀନ କରି ରଖିବ, ବା ଏପରିକ ସେ ଆପଣାର ଯାବତୀୟ ସ୍ୱତନ୍ତ୍ର ଅସ୍ତିତ୍ୱକୁ ଗୋଷ୍ଠୀ ଭିତରେ ନେଇ ଡୁବାଇଦେବ; ଅର୍ଥାତ୍ ସମୂହରୂପୀ ବୃହତ୍ତର ଏକକଟି ପାଖରେ ଷ୍ଟୁ ଦ୍ରତର ଏକକଟି ସମର୍ପିତ ଏବଂ ଆତ୍ମ-ହରାସୃଷ୍ଟ ହୋଇ ରହିବ । ସମାଜର ଆବଶ୍ୟକତାକୁ ସେ ଆପଣାର ଆବଶ୍ୟକତା

'oaob.nitrkl.ac.in' images reprocessed

ଦୋଇ ଗ୍ରହଣ କରନ୍ତେବ, ସମାଜର ଆମନଦାକୁହିଁ ଆପଣାର ଆମନ୍ତା ଦୋଇ ଜାଣିତ; ସେ ଆପଣା ଲଗି ନବଥି ସମୁଦ୍ର ସଜାଣେ ବହ୍ନିବ, ଅର୍ଥାତ୍ ସେ ଜଣେ ସଦ୍ଭା ଦୋଇ ରହିଥିବା ଜା'ର ବଶ, ଗୋଷ୍ଠୀ ଅଥବା ଜାତ ଲଗି ଜୀବନ ବହ୍ନିବ । ବ୍ୟକ୍ତର ଦୃଷ୍ଟି-କୋଣରୁ ଅପର ପକ୍ଷରେ ଯେଉଁ ଆଦର୍ଶ ଭଥା ଚରମ ସମାଧାନଟି ଉଆଯାଇଥାଏ, ସେଇଟି ଅନୁସାରେ ସମାଜ ଆପଣା ଲଗିହିଁ ପ୍ରତିଷ୍ଠିତ ଦୋଇ ରହି ନଥାଏ, ଅର୍ଥାତ୍ ଆଉ ସବୁକଛିକୁ ଦଳି ଦେଇଥିବା ଆପଣାର ଏକ ସମୁଦ୍ରତ ଉଦ୍ଦେଶ୍ୟ ଲଗି ସମାଜ ଆତଯାତ ଦୋଇ ନଥାଏ; ମାନ ବ୍ୟକ୍ତର କଲ୍ୟାଣ ଏବଂ ବ୍ୟକ୍ତର ପୂର୍ଣ୍ଣତା ଲଗିହିଁ ସମାଜ ରହିଥାଏ; ସମାଜ ଭିତରେ ସଦ୍ୟ ଦୃଷ୍ଟାବରେ ଯେତେ ମଣିଷ ବାସ କରୁଥାନ୍ତୁ, ସେମାନଙ୍କର ଜୀବନରେ ଅଧିକ ପ୍ରସାର ଏବଂ ପୂର୍ଣ୍ଣତା ଆଣିଦେବାକୁ ସମାଜ ରହିଥାଏ । ବ୍ୟକ୍ତ ସମଷ୍ଟରେ ତା'ର ସମ୍ଭାବ୍ୟତମ ଶ୍ରେଷ୍ଠ ଅଭିବ୍ୟକ୍ତିକୁ ଯଥାସମ୍ଭବ ଉତ୍ତୋଳିତ କରି ଧରି ଏବଂ ସେହି ଅଭିବ୍ୟକ୍ତିର ଉପଲବ୍ଧି ଲଗି ତାକୁ ସାହାଯ୍ୟ କରିବା ସଙ୍ଗେସଙ୍ଗେ ସମାଜ ସମାଜରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତର ସ୍ୱତନ୍ତ୍ରତାକୁ ଯଥୋଚିତ ସମ୍ମାନ ଦେଖାଇବ; କୌଣସି ନଘ୍ନ ବା ବଳପ୍ରୟୋଗ ଦ୍ୱାରା ନୁହେଁ, ମାନ ସମାଜ ଭିତରେ ରହିଥିବା ପ୍ରତ୍ୟେକ ବ୍ୟକ୍ତଙ୍କର ମୁକ୍ତ ଏବଂ ସ୍ୱତଃସ୍ଫୋରିତ ସମ୍ମତି ଦ୍ୱାରାହିଁ ସମାଜ ଆପଣାକୁ ଗଠିତ କରି ରଖିବ । ଅନ୍ୟେତ ଏହି ଦୁଇଟିଘାତ ପ୍ରକାରର ସମାଜକୁ ଆମେ ଜଗତରେ ଦୋଇଠିହେଲେ ଦେଖିବାକୁ ପାଇବା ନାହିଁ; ସେପରି ସମାଜର ସୃଷ୍ଟି କରିବା ପ୍ରାସ୍ତ ଅସାଧ୍ୟ ଦୁଷ୍କରେ କଷ୍ଟକର ଦୋଇପଡ଼ିବ ଏବଂ ଆପଣା ଜୀବନର ସଂକଳ୍ପ ପ୍ରେରକ ଦୃଷ୍ଟାବରେ ବ୍ୟକ୍ତ ତା'ର ଅନ୍ତଃସ୍ଥିତି ମଧ୍ୟରେ ଲୁଚି ରହିଥିବା ପର୍ଯନ୍ତ ସେହିଭଳି ଏକ ସମାଜର ଅଳକ୍ଷିତ ଅଭିବ୍ୟକ୍ତିକୁ ବଜାୟ ରଖିବା ମଧ୍ୟ ତା'ଠାରୁ ଅନୁରୂ କଷ୍ଟକର ହେବ । ଏକାଦେଲକେ ପରମୁହୂର୍ତ୍ତ ଦୁଷ୍କରେ ନୁହେଁ, ମାନ ସାଧାରଣ ଦୁଷ୍କରେ ବ୍ୟକ୍ତ ଉପରେ ସମାଜହିଁ ଶାସକ ଓ ଜଗ୍ରାସକ ଦୋଇ ରହିବ;—ଏଇଟାହିଁ ଅଧିକ ସୁଗମ ଉପାସ୍ତ ପରି ପ୍ରତୀତ ଦୋଇଥାଏ; ଏବଂ ପ୍ରାସ୍ତ ସବୁଜାତ ପ୍ରବୃତ୍ତି ଦ୍ୱାରା ପରସ୍ପରହିଁ ଏହି ପ୍ରକାରଟିର ଆଚରଣ କରିଥାଏ ଏବଂ କଠିନ ନଘ୍ନସମ୍ପ୍ରଣତ୍ୱନ, ବାଧ୍ୟତାସ୍ତ କେତେ ଯୋଜାଘର ଓ ପରମ୍ପରା ଏବଂ ମନୁଷ୍ୟରୂପୀ ପ୍ରାଣୀର ଏପର୍ଯନ୍ତ ପରିବର୍ତ୍ତନ ଏବଂ ଅଲଙ୍ଘନୀୟ ଦୋଇ ରହିଥିବା ବୁଦ୍ଧିଟିକୁ ବଡ଼ ଘରର ସହଜ ଅପଣାର ଜାତରେ ଆଣି ପଜାଇବାକୁ ଚେଷ୍ଟାକରିହିଁ ତାହା ଏକ ସମଜାବସ୍ଥାକୁ ସମ୍ଭବ କରି ରଖିବା ଲଗି ଉଦ୍ୟମ କରୁଥାଏ ।

ଅଦ୍ୟମ ସମାଜଗୁଡ଼ିକରେ ବ୍ୟକ୍ତର ଜୀବନ ଏକ କଠିନ ଓ ଅଚଳ ଗୋଷ୍ଠୀଗତ ନାନା ଚଳଣି ଭଥା ବିଧାନର ଗୋଟାପୁରା ଅଧୀନ ଦୋଇ ରହିଥାଏ । ଯେଉଁ ମନୁଷ୍ୟସମୂହ ସ୍ୱଦ୍ଦା 'ଏଷ ଧର୍ମଃ ସନାତନଃ'ର ଛନ୍ଦୁଦେଶଟିକୁ ପରିଧାନ କରି

'oaob.nitrkl.ac.in' images reprocessed

ରହିବାର ଚେଷ୍ଟା କରୁଥାଏ, ଏଇଟି ସେହି ସମୂହରହିଁ ଭୁକ୍ତ ତଥା ଲବ୍ଧ ଶାଶ୍ୱତ ନସ୍ୟମ ହୋଇ ରହିଥାଏ । ଏବଂ ମନୁଷ୍ୟର ମନ ଭିତରେ ଏହି ଆଦର୍ଶଟି ଆଜି ମଧ୍ୟ ରହିଛୁ; ମନୁଷ୍ୟପ୍ରଗତିର ସର୍ବାଧୁନିକ ପ୍ରବୃତ୍ତିଟି ଏହି ସମୂହସମର୍ପିତ ପ୍ରାଚୀନ ଜୀବନଗତିର ଏହିପରି ଏକ ପରିବର୍ତ୍ତିତ ଓ ଜୀଶ୍ୱର୍ଯ୍ୟଶୋଭିତ ସଂସ୍କରଣଟିରେ ପ୍ରତିଷ୍ଠିତ କରି ରଖିବାକୁ ପ୍ରୟାସ କରୁଛୁ ଏବଂ ମନୁଷ୍ୟର ଆତ୍ମାକୁ ଗୋଟାପୁରା ଦାସ କରି ରଖିବାହିଁ ଏହାର ଆକାଙ୍କ୍ଷା ହୋଇ ରହିଛୁ । ଏହିଠାରେହିଁ ପୃଥିବୀପୃଷ୍ଠରେ ଏକ ବୃହତ୍ତର ସତ୍ତ୍ୟ ତଥା ବୃହତ୍ତର ଜୀବନର ପୁଣ୍ଟୁ ଓ ସମଗ୍ର ବିକାଶଟି ଲଗି ଏକ ଘୋର ବିପଦ ଜନ୍ମିତ ହୋଇ ରହିଛୁ । କାରଣ ବ୍ୟକ୍ତି-ମନୁଷ୍ୟର ବାସନା ଏବଂ ମୁକ୍ତ ସନ୍ଧାନ ଓ ଅନ୍ୱେଷଣଗୁଡ଼ିକ ଯେତେ ଅହଂଜର୍ଜର ଓ ଅହଂପ୍ରେରିତ ହୋଇ ରହିଥିଲେ ମଧ୍ୟ, ଆପଣାର ଭାଳାଳିକ ରୂପରେ ସେଗୁଡ଼ିକ ଯେତେ ମିଥ୍ୟାଦୁଷ୍ଟ ଓ ବିକୃତ ହୋଇଥିଲେ ମଧ୍ୟ, ସେଗୁଡ଼ିକର ଅସ୍ପଷ୍ଟ କୋଷଗୁଡ଼ିକରେ ସେମାନେ ଏପରି ଏକ ବିକାଶସ୍ପାଜକୁ ଧାରଣ କରି ରହିଛନ୍ତି, ସମୂହଟି ଲଗି ଯାହାର କି ଏକ ଅତ୍ୟାବଶ୍ୟକତା ସବୁବେଳେ ରହିଛୁ; ତା'ର ସାବଙ୍ଗସ୍ପ ପଥଖୋଜା ଏବଂ ସାବଙ୍ଗସ୍ପ ବାଟଚଲ୍ଣା ପଛରେ ଏପରି ଏକ ଶକ୍ତି ସବୁବେଳେ ରହିଛୁ, ଯାହାକୁ କି ଅବଶ୍ୟ ସୁରକ୍ଷିତ କରି ରଖିବାକୁ ପଡ଼ିବ ଏବଂ ଦିବ୍ୟ କଲ୍ପନାର ଏକ ସାକାର ରୂପରେ ରୂପାନ୍ତରିତ କରିଦେବାକୁ ପଡ଼ିବ । ସେହି ଶକ୍ତିକୁ ଆଲୋକ ମଧ୍ୟକୁ ଆଣିବାକୁ ପଡ଼ିବ, ତାହାକୁ ଉପଯୁକ୍ତ ସ୍ତରରେ ପ୍ରତିଷ୍ଠିତ କରିବାକୁ ପଡ଼ିବ; ତାହାକୁ ଦବାଇ ରଖିବାକୁ ହେବ ନାହିଁ କିମ୍ବା ସମାଜର ଅଭଙ୍ଗର ଶଗଡ଼ଟାକୁ ଚଲାଇବା ସକାଶେହିଁ କେବଳ ଘୋଡ଼ା ପରି ଯୋତ ରହି ହେବ ନାହିଁ । ଚୂଡ଼ାନ୍ତ ପରିପୂର୍ତ୍ତି ଲଗି ଗୋଷ୍ଠୀସ୍ତରୀୟ ବ୍ୟକ୍ତିର ପଛରେ ରହିଥିବା ଶକ୍ତିଟି ଯେଉଁକ ଦରକାର, ବ୍ୟକ୍ତିବାଦ ମଧ୍ୟ ଠିକ୍ ସେଉଁକ ଦରକାର; ବ୍ୟକ୍ତିର ଶ୍ୱାସରୋଧ କରିବାକୁ ଚେଷ୍ଟା କଲେ ଉଦ୍ଗାର ପରିଣାମରେ ଦୁଏତ ମନୁଷ୍ୟ ଭିତରେ ରହିଥିବା ଦେବଦୃଷ୍ଟିକୁ ମଧ୍ୟ ଶ୍ୱାସରୁଦ୍ଧ କରି ମାରି ଦିଆଯାଇ ପାରେ । ଏବଂ ମନୁଷ୍ୟସମାଜର ବର୍ତ୍ତମାନ ସ୍ଥିତିରେ ସ୍ତରସାମ୍ୟର ଦଣ୍ଡଟି ସ୍ତୂପୀକୃତରେ ଯେପରି ସ୍ତରରେ ରହିଛୁ, ସେଥିରେ ଯେ କେବେ ବ୍ୟକ୍ତିବାଦ ଅତର୍କିତ ହୋଇ ସମାଜର ଅଖଣ୍ଡ ସଙ୍ଗଠନକୁ ସ୍ତମ୍ଭି ଖଣ୍ଡଖଣ୍ଡ କରିଦେବ, ସେଭଳି କୌଣସି ବାସ୍ତବ ବିପଦ ବର୍ତ୍ତମାନ କ୍ୱଚିତ୍ ରହିଛୁ ବୋଲି କେହି କୁହାଯାଇ ପାରିବ । ଅପର ପକ୍ଷରେ ବର୍ତ୍ତମାନ ବରଂ ଏପରି ଏକ ସତତ ବିପଦ ରହିଛୁ ଯେ ଆପଣାର ତତ୍ତ୍ୱଜ୍ଞାନ ଓ ଅତୀତର ଯାନ୍ତ୍ରିକ ଓଜନଟି ଦ୍ୱାରା ସମାଜର ଅଭିକାସ୍ଥ ପିଣ୍ଡଟିହିଁ ଯେପରି ସ୍ତରରେ ଅତିରିକ୍ତ ଗୁପ ପକାଇବାରେ ଲଗିଛି, ସେଇଟି ଦୁଏତ ବ୍ୟକ୍ତି-ଆତ୍ମାର ମୁକ୍ତ ବିକାଶଟିକୁ ବ୍ୟାହତ କରି ରଖିପାରେ, ତାହାକୁ ଦବାଇ ଦେଇପାରେ ବା ଅନାବଶ୍ୟକ ସ୍ତରରେ ନରୁଦ୍ଧାହତ ବି କରିପାରେ । କାରଣ ବ୍ୟକ୍ତିଟି ଭିତରେ ଯେଉଁ ମନୁଷ୍ୟ ଅବସ୍ଥିତ ରହିଛୁ, ତାହାକୁ ଅପେକ୍ଷାକୃତ ଅଧିକ ସହଜରେ

'oaob.nitrkl.ac.in' images reprocessed

ସମ୍ଭାବନାଯୁକ୍ତ କରିଯାଇ ପାରେ, ସଚେତନ କରିଯାଇ ପାରେ ଏବଂ ସ୍ପଷ୍ଟ ପ୍ରଭେଦ-ଗୁଡ଼ିକ ଆଡ଼କୁ ଉନ୍ମୁକ୍ତ କରି ଦିଆଯାଇ ପାରେ; ମାତ୍ର ପଲ୍ ବା ସମୂହ ଉପରେ ରହିଥିବା ମନୁଷ୍ୟ ତଥାପି ଅନ୍ଧକାରଚ୍ଛନ୍ନ ହୋଇ ରହିଥାଏ, ଅର୍ଦ୍ଧଚେତନ ହୋଇ ରହିଥାଏ, ଏବଂ ଈଶ୍ୱରଙ୍କ ଏପରି ନାନା ଶବ୍ଦ ଦ୍ୱାରା ଅଦୋଳନ୍ତ ହୋଇ ରହିଥାଏ, ଯାହାକି ତାହାର ସକଳ ଅଧିକାରର ତଥା ଜୀବନଯଷ୍ଟିରୁ ବାହାର ହୋଇ ରହିଥାଏ ।

ଅବଦମିତ ଓ ଅଚଳ ହୋଇ ରହିଯିବାର ଏହି ବିପଦଟି ବିରୁଦ୍ଧରେ ବ୍ୟକ୍ତି ମଧ୍ୟରେ ରହିଥିବା ପ୍ରକୃତ ପ୍ରତିଦ୍ୱନ୍ଦ୍ୱିତା ଜଣାଏ, ପ୍ରତିବାଦ କରେ । ଏକ ଏକାଗ୍ର ପ୍ରତିବୋଧ ଦ୍ୱାରା ତାହା ଆପଣାର ସେହି ପ୍ରତିଦ୍ୱନ୍ଦ୍ୱିତାକୁ ବ୍ୟକ୍ତ କରିପାରେ; ଅପରିଧୀର ଅନ୍ତଃପ୍ରେରଣ ହିଂସ୍ର ବିଦ୍ରୋହପୋଷଣାଠାରୁ ଆରମ୍ଭ କରି ଏକାନ୍ତବାସୀ ଓ କେବଳବୈରାଗୀର ସମ୍ପୂର୍ଣ୍ଣ ନାସ୍ତିବାଚକତା ପର୍ଯ୍ୟନ୍ତ ନାନା ରୂପରେ ସେହି ପ୍ରତିଦ୍ୱନ୍ଦ୍ୱିତା ବ୍ୟକ୍ତ ହୋଇପାରେ । ସାମାଜିକ ବିପ୍ଳବରେ ଏକ ବ୍ୟକ୍ତିବାଦୀ ପ୍ରବୃତ୍ତିର ଫଳନ ଦ୍ୱାରା ଏହି ପ୍ରତିଦ୍ୱନ୍ଦ୍ୱିତା ପ୍ରକାଶ ପାଇପାରେ, ବ୍ୟକ୍ତିର ପ୍ରକୃତ ସମୂହ-ଚେତନାଟି ଉପରେ ଆପଣାକୁ ଦଳପୁଟକ ନେଇ ଲାଦି ଦେଇପାରେ ଏବଂ ବ୍ୟକ୍ତିର ଭାବ ତଥା ସମାଜର ଭାବ ମଧ୍ୟରେ ଏକ ସାଲ୍‌ଣ୍ ପ୍ରତିଷ୍ଠା କରିପାରେ । ମାତ୍ର କୌଣସି ସାଲ୍‌ଣ୍‌କୁ ଆମେ କଦାପି ଏକ ସମାଧାନ ବୋଲି କହିପାରିବା ନାହିଁ; ସାଲ୍‌ଣ୍ ଦ୍ୱାରା ପ୍ରକୃତ ଅସୁବିଧାଟିକୁ କେବଳ ଗଡ଼ାଇ ଦିଆଯାଇଥାଏ ଏବଂ ଫଳରେ ପରିଶେଷରେ ସମସ୍ୟାଟିର ଜଟିଳତା ଆହୁରି ବଢ଼ିଯାଏ ଏବଂ ବିବଦମାନ ବିଷୟଗୁଡ଼ିକ ବହୁଗୁଣିତ ହୋଇ ଯାଇଥାଏ । ତେଣୁ ଏହି କ୍ଷେତ୍ରରେ ଏକ ନୂତନ ଉତ୍ସାମକ ଭଙ୍ଗୀର ସହାୟତା ନେବାକୁ ପଡ଼େ; ବିବଦମାନ ଦୁଇଟିଯାକ ପ୍ରବୃତ୍ତିଠାରୁ ଉର୍ଦ୍ଧ୍ୱ ଓ ଉଚ୍ଚତର ହୋଇ ରହିଥିବା ଅଥଚ ସେଗୁଡ଼ିକରେ ଏକାଙ୍ଗିତାଗୁଡ଼ିକୁ ଲୋପ କରି ସେଗୁଡ଼ିକ ମଧ୍ୟରେ ଏକାଧାରରେ ଏକ ସମଞ୍ଜସତା ସ୍ଥାପନ କରି ପାରିବାର ସାମର୍ଥ୍ୟ ରଖିଥିବା ଏକ ନୂତନ ଭଙ୍ଗୀକୁ ଡାକି ଆଣିବାକୁ ପଡ଼େ । ଗୋଟିଏ ପାଖରେ ଆମର ସ୍ୱଚ୍ଛନ୍ଦଗତ ବ୍ୟକ୍ତିଜୀବନର ବିଧାନଟି ଆମ ଆଚରଣରେ ଏତାଦୃଶ ମାନଦଣ୍ଡରୂପେ କେବଳ ସେହି ବ୍ୟକ୍ତିରହିଁ ଆବଶ୍ୟକତା, ଅଭିରୁଚି ତଥା ବାସନାଗୁଡ଼ିକର ପରିତର୍ପଣକୁ ଉପସ୍ଥାପିତ କରି ଧରିଥାଏ; ଏବଂ ଅନ୍ୟ ପାଖଟିରେ ସ୍ୱଚ୍ଛନ୍ଦାଧୀନ ସମଷ୍ଟିଜୀବନର ବିଧାନଟି ମଧ୍ୟ ସମସ୍ତ ଜିନିଷରେ ଗୋଷ୍ଠୀ ବା ସମଷ୍ଟିରହିଁ ଆବଶ୍ୟକତା, ଅଭିରୁଚି ଏବଂ ବାସନାଗୁଡ଼ିକର ପରିତର୍ପଣକୁ ଏକ ଉଚ୍ଚତର ମାନଦଣ୍ଡରୂପେ ଉତ୍ତୋଳିତ କରି ରଖିଥାଏ । ଏହି ଦୁଇଟିଯାକ ଉପରେ ଏପରି ଏକ ଆଦର୍ଶ ଜୀବତତ୍ତ୍ୱ ବିଧାନର ବିସ୍ତାରକୁ ଆବର୍ତ୍ତିତ ହୋଇ ଆସିବାକୁ ହୁଏ, ଯାହାକି ଆବଶ୍ୟକତା ଓ ବାସନାର ପରିତର୍ପଣକୁ କଦାପି କାମ୍ୟ ବୋଲି କହେ ନାହିଁ, ମାତ୍ର ଏକ ଆଦର୍ଶ ବ୍ୟବସ୍ଥାର ଆପଣା ଲଭି ଆବଶ୍ୟକତା ଓ ବାସନାକୁ ଆପଣାର ଉଦ୍ଦେଶ୍ୟାଧୀନ କରି

'oaob.nitrkl.ac.in' images reprocessed

ରଖେ, ସେଗୁଡ଼ିକ ଉପରେ ଆପଣାର ବଳ ଖଟାଏ ବା ସେଗୁଡ଼ିକୁ ଏକାବେଳକେ ବନଷ୍ଟ କରିଦିଏ । ସେହି ବ୍ୟବସ୍ଥାଟିକୁ ଛାଡ଼ି କେବଳ ଏକ ପ୍ରାଣୀଜୀବନର ବ୍ୟବସ୍ଥା ବୋଲି ଅର୍ଥାତ୍ ପ୍ରାଣଗତ ତଥା ଭୌତିକ ବ୍ୟବସ୍ଥା ବୋଲି ଦେଖେ ନାହିଁ; ସେ ଛାଡ଼ାକୁ ଏକ ମନୋଗତ ବ୍ୟବସ୍ଥା ବୋଲି ଦେଖେ,—ମନ ଭିତରେ ଆଲୋକ, ଜ୍ଞାନ, ସମ୍ୟକ୍ ନସ୍ୱମ, ସମ୍ୟକ୍ ସ୍ମରଣ। ଏବଂ ଯଥାର୍ଥ ବ୍ୟବସ୍ଥାଟି ଲଗି ଯେଉଁ ଅନ୍ୱେଷଣଟି ଲଗି ରହିଥାଏ, ଛାଡ଼ାର ଏକ ବସ୍ତୁ ବୋଲି ଦେଖେ । ଏହି ବସ୍ମରଟି ମନୁଷ୍ୟ ଭିତରେ ଶକ୍ତିଶାଳୀ ହେବାକୁ ଆରମ୍ଭ କରିଲେହିଁ ସେ ଛାକୁ ସଉଦିବା ଗୋଟାପୁଛା ଜାବୁଡ଼ି ଧରିବାକୁ ଆସୁଥିବା ପ୍ରାଣଗତ ତଥା ଭୌତିକ ଜୀବନଟି ମଧ୍ୟରୁ ମନୋଗତ ଜୀବନ ମଧ୍ୟକୁ ବାହାର ଘୁଲିଯିବାକୁ ଆରମ୍ଭ କରେ; ପ୍ରକୃତିର ଜିପାବନ୍ଧ ଆଗ୍ରେହଣଦ୍ୱାରେ ସେ ପ୍ରଥମଟିରୁ ଦ୍ୱିତୀୟ ପାହାଚଟିକୁ ଉଠିଯାଏ । ତା'ପରେ ତା'ର ଆବଶ୍ୟକତା ଏବଂ ବାସନାଗୁଡ଼ିକ ମଧ୍ୟ ଆପଣା ପ୍ରୟୋଜନର ଏକ ଉଚ୍ଚତର ଆଲୋକର ସ୍ପର୍ଶଲାଭ କରନ୍ତି; ଏବଂ ସେତେବେଳେ ମାନସିକ ଆବଶ୍ୟକତା ଏବଂ ସୌନ୍ଦର୍ଯ୍ୟଗ୍ରାହ୍ୟ, ବୁଦ୍ଧିଗତ ତଥା ସଂବେଗଷ୍ଟୈର୍ଯ୍ୟ ବାସନା ଭୌତିକ ଏବଂ ପ୍ରାଣିକ ପ୍ରକୃତିର ଦାବିଟି ଉପରେ ପ୍ରଭୁତ୍ୱଶାଳୀ ହୋଇ ରହିବାକୁ ଆରମ୍ଭ କରନ୍ତି ।

❋

ଆଚରଣର ପ୍ରକୃତିପ୍ରେରିତ ବଧାନଟି ଶକ୍ତିମନ୍ତ୍ର, ଆବେଗ ତଥା ବାସନା-ଗୁଡ଼ିକର ଏକ ଦ୍ୱନ୍ଦ୍ୱମସ୍ୱ ସ୍ଥିତିରୁ ଏକ ସମତାବସ୍ଥା ଆଡ଼କୁ ଅଗ୍ରସର ହୋଇ ରହିଥାଏ । ଉଚ୍ଚତର ନୈତିକ ବଧାନଟି ଆମର ମାନସିକ ତଥା ନୈତିକ ପ୍ରକୃତିକୁ ଏକ ସୁନିଶ୍ଚିତ ଓ ସୁଦୃଢ଼ ଅନ୍ତରସ୍ଥ ମାନଦଣ୍ଡ ଅଥବା ଛା' ନହେଲେ ନ୍ୟାସ୍ୱ, ଧର୍ମପରସ୍ୱଣତା, ପ୍ରେମ, ସମ୍ୟକ୍ ବସ୍ମର, ସମ୍ୟକ୍ ଶକ୍ତିସମ୍ପନ୍ନତା, ସୌନ୍ଦର୍ଯ୍ୟ ଓ ଆଲୋକ ପ୍ରଭୃତି ଚରମ ଗୁଣକଲ୍ପନାଗୁଡ଼ିକର ଏକ ଆତ୍ମରଚିତ ଆଦର୍ଶ ଆଡ଼କୁ ବକର୍ଷିତ କରିଇ ନେବା ଦ୍ୱାରାହିଁ ଅଗ୍ରସର ହେବାରେ ଲଗିଥାଏ । ତେଣୁ ମୂଳତଃ ଛାଡ଼ା ଏକ ବ୍ୟକ୍ତିଗତ ମାନଦଣ୍ଡ ହୋଇ ରହିଥାଏ, କୌଣସି ଗଣ-ମନ ବା ସମୂହ-ମନ ଦ୍ୱାରା ଛାଡ଼ା ସୃଷ୍ଟ ହୋଇ ନଥାଏ । ବ୍ୟକ୍ତିହିଁ ମନନ କରେ ବା ବସ୍ମର କରେ; ଯାହାସବୁ ଅନ୍ୟଥା ଅଶସ୍ମସ୍ୱ ମାନବସମୂହ ଭିତରେ ଅବଚେତନ ହୋଇ ରହି ଯାଇଥାନ୍ତା, ବ୍ୟକ୍ତିହିଁ ଛାକୁ ବାହାରକୁ ବାହାର କରି ଆଣେ ଏବଂ ନାନାପ୍ରକାର ନର୍ଦ୍ଦିଷ୍ଟ ଆକାର ଦେଇଥାଏ । କେବଳ ବ୍ୟକ୍ତିହିଁ ଯେକୌଣସି ନୈତିକ ପ୍ରସ୍ୱାସ କରିବାକୁ ସମର୍ଥ ହୁଏ; କୌଣସି ବାହ୍ୟ ନସ୍ମର ବଶବର୍ତ୍ତୀ ହୋଇ ନୁହେଁ, ମାତ୍ର ଅନ୍ତର୍ଗତ ଏକ ଆଲୋକ ଦ୍ୱାରା ପ୍ରେରିତ ହୋଇ ଆସୁଥିବା ସକଳ ଆସ୍ପଙ୍ଗଳା ମଧ୍ୟ ମୂଳତଃ ବ୍ୟକ୍ତିର ଚେଷ୍ଟାରେହିଁ ସମ୍ଭବ ହୁଏ । ମାତ୍ର ଆପଣାର ବ୍ୟକ୍ତିଗତ

'oaob.nitrkl.ac.in' images reprocessed

ମାନଦଣ୍ଡଟିକୁ ଏକ ଚରମ ଓ ଅତାତ୍ତ୍ୱୀ ନୈତିକାଦର୍ଶର ପ୍ରତିରୂପ ଆକାରରେ ଥୋଇବାକୁ ଯାଇ ବସ୍ତୁତଃ ବ୍ୟକ୍ତି ତାହାକୁ କେବଳ ଆପଣା ଉପରେହିଁ ଲଦି ଦେଇଥାଏ ତାହା ନୁହେଁ, ମାତ୍ର ତାହାର ବସ୍ତୁଟି ଯେତେଯେତେ ବ୍ୟକ୍ତିଙ୍କ ଜୀବନ ପଦ୍ଧତିରେ ବା ଯେତେଯେତେ ବ୍ୟକ୍ତିଙ୍କ ଭେଦ କରେ, ସେମାନଙ୍କ ଉପରେ ମଧ୍ୟ ସେ ଆପଣାର ବସ୍ତୁଟିକୁ ଲଦି ଦେଇଥାଏ । ଏବଂ ତାତ୍ତ୍ୱିକତା ବଡ଼ ଅପୂର୍ଣ୍ଣ ସ୍ତରରେ ବା ସମ୍ପୂର୍ଣ୍ଣ ଅସ୍ତବାତ୍ମକ ସ୍ତରରେ ହେଲେ ମଧ୍ୟ ବହୁସଙ୍ଖ୍ୟକ ବ୍ୟକ୍ତି କେବଳ ଏକ ବସ୍ତୁର ଦୃଷ୍ଟାବରେ ସହିତ ସହିତ ଅଧିକରୁ ଅଧିକ ସ୍ୱୀକାର କରିବାକୁ ଆରମ୍ଭ କରନ୍ତି, ଜମେ ସମାଜ ମଧ୍ୟ ଏହି ନୂତନ ଉତ୍ପତିଟିକୁ ମାନିନେବାକୁ ବାଧ୍ୟ ହୋଇଥାଏ । ଏକ ବସ୍ତୁର ଦୃଷ୍ଟାବରେ ସେଇଟିର ଯେଉଁ ପ୍ରସ୍ତାବ ରହିଥାଏ, ସମାଜ ତାହାକୁ ଅନୁସରଣ କରିଥାଏ ଏବଂ ଏହିପରି ଦୃଢ଼ତର ଆଦର୍ଶର ଖୋଜା ଦେଇ ଆପଣାର ଅନୁଷ୍ଠାନଗୁଡ଼ିକୁ ମଧ୍ୟ ନୂଆ ରୂପରେ ଗଢ଼ିବାକୁ ବା ନୂଆ ଛାଞ୍ଚରେ ଅଣି ପକାଇବାକୁ ଚେଷ୍ଟା କରିଥାଏ; ଅବଶ୍ୟ ଏତଥା ସତ ଯେ ଏଥିରେ ଆଦୌ ତୌଣସି ଉଦ୍ଦେଶ୍ୟଯୋଗ୍ୟ ସଫଳତା କଦାପି ପ୍ରାପ୍ତ ହୁଏ ନାହିଁ । ମାତ୍ର ତା'ର ସହଜାତ ପ୍ରବୃତ୍ତିଟି ଏଗୁଡ଼ିକୁ ସଂତା ଯଥୋଚିତ ସ୍ତରରେ ବାନ୍ଧ ରଖିପାରିଲା ଭଳି ଏକ ନମ୍ୟ, ନିର୍ଦ୍ଦିଷ୍ଟ ତେତୋଟି ଛାଞ୍ଚର ରୂପାୟନ ଏବଂ ସବୁବେଳ ତେତୋଟି ରୂଢ଼ି ବା ସ୍ତରେହିଁ ଅଣି ପଦ୍ଧତିର କର ରଖେ, ଆପଣାର ଜୀବନ୍ତ ଏକକଗୁଡ଼ିକୁ ତାହା ଏକ ବାହ୍ୟ ସାମାଜିକ ବାଧ୍ୟତା ଭିତରେ ମଡ଼ାଇରଖେ ।

ତାରଣ, ବ୍ୟକ୍ତି ଆପଣାକୁ ଂଶତଃ ମୁକ୍ତ କରି ଅଣିବା ପରେ ମଧ୍ୟ, ତେତନ ତରାଶ ଲଗି ସମର୍ଥ ହେଉଥିବା ଏକ ନୈତିକ ଜୀବନରେ ପହଞ୍ଚିତ ହୋଇ ପାରିବାର ଅନେକ ପରେ ଯେତେବେଳେ ସେ ଏକ ଅନ୍ତର୍ଗତ ଜୀବନ ବିଷୟରେ ପୂର୍ଣ୍ଣ ସଜାଗତା ଲାଭ କରେ, ଆଧ୍ୟାତ୍ମିକ ପ୍ରଗତି ଲଗି ଉତ୍ସୁକ ହୋଇଉଠେ, ସମାଜ ଆପଣାର ସତ ଓ ପଦ୍ଧତିରେ ତଥାପି ସେହିପରି ବାଧ୍ୟ ହୋଇ ରହିଥାଏ, ଏକ ଦୌତିକ ଏବଂ ଅର୍ଥନୀତିଗତ ସଂଗଠନ ହୋଇ ରହିଥାଏ, ସତେଅବା ଗୋଟାଏ ଯନ୍ତ୍ର ପରି ଘୂରୁଥାଏ, ଅଭିବୃଦ୍ଧି ଏବଂ ଆତ୍ମ-ପରିପୂର୍ଣ୍ଣତା ଅପେକ୍ଷା ସ୍ୱ-ସ୍ଥିତି ଏବଂ ସ୍ୱ-ସଂରକ୍ଷଣ ଲଗି ଅଧିକତର ଆଗ୍ରହୀ ହୋଇ ରହିଥାଏ । ଆପଣାର ସ୍ତବନାପ୍ରେରିତ ଉନ୍ମୁକ୍ତ ଦ୍ୱାର ବ୍ୟକ୍ତି ସମାଜକୁ ମଧ୍ୟ ଚିରା କରି ଶିଖିବାକୁ ଯେପରି ବାଧ୍ୟ କରି ପାରୁଛୁ, ସାମାଜିକ ନ୍ୟାସ୍ ଓ ସତ୍ୟାଚରଣ, ସଂପ୍ରୀତି ସହାନୁଭୂତି ଏବଂ ପାରସ୍ପରିକ କରୁଣା ପ୍ରଭୃତି ଉତ୍ତମଗୁଡ଼ିକ ଆଡ଼କୁ ଆପଣାର ଦ୍ୱାରଟିକୁ ଖୋଲି ରଖିବା ଲଗି ବ୍ୟକ୍ତି ସମାଜକୁ ଯେପରି ବାଧ୍ୟ କରି ପାରୁଛୁ, ଆପଣାର ଅନୁଷ୍ଠାନଗୁଡ଼ିକର ଅସଲ କସ୍ତିରୂପେ ଅନ୍ତଃ ସ୍ୱାତ୍ମାଧୀନତା ଅପେକ୍ଷା ବୃଦ୍ଧିଗତ ବିବେକର ଶାସନ ଉପରେ ନିର୍ଭର କରି ପାରିବାକୁ ଏବଂ ଆପଣା ଭିତରେ ବାସ କରି ରହିଥିବା ବ୍ୟକ୍ତିମାନଙ୍କର ମାନସିକ ତଥା ନୈତିକ

'oaob.nitrkl.ac.in' images reprocessed

ସମ୍ପତ୍ତିକୁ ସମାଜିକ ବିଧାନଗୁଡ଼ିକର ଯାଥାର୍ଥ୍ୟକ୍ଷେତ୍ରରେ ଅନ୍ତତଃ ଗୋଟିଏ ମୁଖ୍ୟ ଉପାଦାନରୂପେ ବଜାୟ କରି ପାରିବାକୁ ସେ ସମାଜକୁ ଯେପରି ବାଧ୍ୟ କରି ପାରୁଛି, ଆମେ ତାହାକୁହିଁ ମୁଖ୍ୟତଃ ସହଜାତ ପ୍ରବୃତ୍ତିଗୁଡ଼ିକ ଦ୍ୱାରା ପ୍ରେରିତ ସ୍ଥିତିଧର୍ମୀ ସମାଜ ଉପରେ ବଜାୟରସମର୍ଥ ଏବଂ ପ୍ରଗତିମୁଖୀ ବ୍ୟକ୍ତିମନୁଷ୍ୟର ଏପ୍ରକାର ସଂଘବଦ୍ଧତା ବିଜୟ ବୋଲି କହିପାରିବା । ଅନ୍ତତଃ ଏକ ଆଦର୍ଶର ଭୂମିରୁ ବିଚାର କରି ଦେଖିଲେ, ବଳପ୍ରୟୋଗ ସ୍ଥାନରେ ଆଲୋଚନାକୁହିଁ ସମାଜର ଯାବତୀୟ ସ୍ୱୀକୃତିରେ ନିୟାମକ ବୋଲି ବିଚାର କରିବା, ଏପରିକି ଆପଣାର ଦଣ୍ଡବିଧାନକ୍ଷେତ୍ରଟିରେ ମଧ୍ୟ ପ୍ରତିଶୋଧ କିଂବା ଦମନକୁ ନୁହେଁ, ମାତ୍ର ନୈତିକ ବିଚାରକୁହିଁ ଧେର୍ଯ୍ୟରୂପେ ଗ୍ରହଣ କରିବା,—ଗୋସ୍ୱାମୀଜଙ୍କ ମନ ଲଗି ଜନେ ଏସବୁ ଏବେ ସମ୍ଭବ ହେବାକୁ ଆରମ୍ଭ କରୁଛି । ଯେତେବେଳେ ବିଚାରସମର୍ଥ ବ୍ୟକ୍ତି ବ୍ୟକ୍ତି-ମନୁଷ୍ୟ ତଥା ସାମୂହିକ ସମଷ୍ଟି ଉଭୟଙ୍କି ସେମାନଙ୍କର ଜୀବନଗତ ସମୃଦ୍ଧ, ତାହାର ଏକତା ତଥା ସ୍ଥାୟିତାକୁ ଏକ ପରମୁକ୍ତ ଏବଂ ସମଞ୍ଜସତାଯୁକ୍ତ ସହଜତ ଏବଂ ଆତ୍ମ-ଅନୁକୂଳନ ଉପରେ ଆଧାରିତ କରି ରଖିବା ଲଗି ଯଥେଷ୍ଟ ଭାବରେ ପ୍ରବର୍ତ୍ତାଇ ପାରିବ ଏବଂ ବାହ୍ୟ ରୂପ ଏବଂ ଗଠନତାର ଉତ୍ପୀଡ଼ନ ଦ୍ୱାରା ଅନ୍ତର୍ଗତ ଆତ୍ମାତ୍ମିକୁ ଦମନ କରି ନପକାଇ ବରଂ ସେହି ଅନ୍ତର୍ଗତ ସତ୍ୟଟି ଦ୍ୱାରାହିଁ ଏହି ବାହ୍ୟ ଭୂମିଟିକୁ ଗଢ଼ିବା ଲଗି ଓ ତାହାକୁ ପରଶ୍କୃତ କରିପାରିବା ଲଗି ବ୍ୟକ୍ତି ଓ ସମଷ୍ଟି ଦୁହିଁଙ୍କୁ ପ୍ରବର୍ତ୍ତାଇ ପାରିବ, ଭବିଷ୍ୟତରେ ସେତେବେଳେ ଯାଇ ତାହାକୁ ତାହାର ସଂଶ୍ରେଷ୍ଠ ବିଜୟ ପ୍ରାପ୍ତ ହୋଇ ପାରିବ ।

ମାତ୍ର ତଥାପି ସେ ଯେଉଁ ସଫଳତାଟି ହାସଲ କରିପାରୁଛି, ଆମେ ତାହାକୁ ଏକ ପ୍ରକୃତ ସିଦ୍ଧି ବୋଲି ନକହି ବରଂ ଏକ ଅନ୍ତଃସମ୍ଭାବନାମୟ ସଫଳତା ବୋଲିହିଁ କହିବା । ବ୍ୟକ୍ତି ଭିତରେ ଯେଉଁ ନୈତିକ ବିଧାନଟି କାର୍ଯ୍ୟ କରୁଛି ଏବଂ ଯେଉଁ ନିୟମଟି ଅନୁସାରେ ତା'ର ଯାବତୀୟ ଅସ୍ତିତ୍ୱବୋଧ ଏବଂ ବାସନା ପରଶ୍କୃତ ହେଉଛନ୍ତି, ଦୁହିଁଙ୍କ ମଧ୍ୟରେ ଅନବରତ ଏକ ବିସଙ୍ଗତି ଓ ବିଷମତା ଲଗି ରହିଛି । ସମାଜର ସମକ୍ଷରେ ପ୍ରସ୍ତୁତ କରି ରଖାଯାଇଥିବା ନୈତିକ ନିୟମ ଏବଂ ଜାତି, କୁଳ, ଧର୍ମଗୋଷ୍ଠୀ, ସମାଜ ତଥା ଜାତିର ଭୌତିକ ଏବଂ ପ୍ରାଣିକ ନାନା ଆବଶ୍ୟକତା, ବାସନା, ସ୍ୱପ୍ନ ଓ ରୂଢ଼ି, ଏକଦର୍ଶୀ ଧାରଣା ତଥା ସ୍ୱାର୍ଥ ଓ ଅତ୍ୟାଗ୍ରହଗୁଡ଼ିକ ମଧ୍ୟରେ ଏକ ବିସଙ୍ଗତି ଓ ବିଷମତା ଲଗି ରହିଛି । ମାତ୍ରବାଦୀ ଆପଣାର ବୃଥା ଜିଦ୍ଦାଜିଦ୍ଦିରେ ତା' ନିଜର ଗୋଟାଏ ଅକାଟ୍ୟ ନୈତିକ ମାନଦଣ୍ଡକୁ ଛିଡ଼ା କରାଇ ଥୋଇଦିଏ ଏବଂ ଭଙ୍ଗନିତ ପରିଣାମଗୁଡ଼ିକ ପ୍ରତି କୌଣସି ଧ୍ୟାନ ନଦେଇ ସମସ୍ତଙ୍କୁ ତାହାର ପ୍ରତି ନିଷ୍ଠାବାନ୍ ହୋଇ ରହିବାକୁ ଅଦ୍ଭୁତ ଜିଦ କରେ । ତା' ମତରେ ଯଦି ବ୍ୟକ୍ତିର ଆବଶ୍ୟକତା ଏବଂ ବାସନାଗୁଡ଼ିକର ତା'ର ସେହି ନୈତିକ ମାନଦଣ୍ଡଟି ସହିତ କୌଣସି ଦ୍ୱନ୍ଦ୍ୱ ବା ବିରୋଧ ରହିଥାଏ, ତେବେ ସେଗୁଡ଼ିକର ପ୍ରକୃତରେ ଆଦୌ କୌଣସି ମୂଲ୍ୟ

'oaob.nitrkl.ac.in' images reprocessed

ନଥାଏ । ଏବଂ ଯିଏ ଯାହାକୁ ଭଲ ବୋଲି କହୁଛି, ସମାଜର ବଧାନଟି ଯଦି ତାହାର ବରୋଧ କରୁଥାଏ ଏବଂ ତା'ର ବବେକ ଯଦି ତାହାକୁ ବଧାନ ବୋଲି ସ୍ୱୀକାର କରୁ ନଥାଏ, ତେବେ ତା' ଉପରେ ସେହି ସାମାଜିକ ବଧାନଟିର ମଧ୍ୟ ଆଦୌ କୌଣସି ଦାବି ବା ଅଧିକାର ନଥାଏ । ବ୍ୟକ୍ତି ଭିତ୍ତିକ ମାନବାଦୀ ଏହିପରି ଏକ ଆଦର୍ଶ ସମାଧାନ ବାଡ଼ି ରଖିଥାଏ ଯେ ସେ ପ୍ରେମ, ସତ୍ୟ ଏବଂ ନ୍ୟାସ୍ୱ ସ୍ୱରୂପ ସଙ୍ଗତ ରକ୍ଷା କରୁ ନଥିବା କୌଣସି ବାସନା ବା ଦାବିକୁ କେବେହେଲେ ଆପଣା ହୃଦୟରେ ପୋଷଣ କରିବ ନାହିଁ । ସୋଷ୍ଟ୍ରୀ ବା ନାଡ ପାଖରୁ ସେ ସବଦା ଏହା ଦାବିଟି କରିଥାଏ ଯେ ତାହା ସତ୍ୟ, ନ୍ୟାସ୍ୱ, ମାନବତା ଏବଂ ଜନଗଣର ଭଲତମ କଲ୍ୟାଣଟିର ଚୁଲନାରେ ଅନ୍ୟ ସକଳ ବସ୍ତୁକୁ, ଏପରକି ଆପଣାର ଜୀବନ ଏବଂ ଆପଣାର ଏକାନ୍ତ ଆବଶ୍ୟକ ସମ୍ପର୍ଗୁଡ଼ିକୁ ମଧ୍ୟ ତୁଚ୍ଛ ଓ ଅଲ୍ପମୂଲ୍ୟ ବୋଲି ବସ୍ତ୍ୱର କରୁଥିବ ।

କେବଳ କେତେକ ଅତି ମହତ୍ତ୍ୱପୂର୍ଣ୍ଣ ମୂହୁର୍ତ୍ତଗୁଡ଼ିକୁ ବାଦ୍ ଦେଲେ କୌଣସି ବ୍ୟକ୍ତି କଦାପି ଏତେ ଉଚ୍ଚ ସୀମାରେ ଯାଇପାରେ ନାହିଁ, ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇଥିବା କୌଣସି ସମାଜ ଏହି ଆଦର୍ଶଟିର ଆଦୌ ପୂରଣ କରିପାରି ନାହିଁ । ଏବଂ, ନୈତିକତା ତଥା ମନୁଷ୍ୟତ୍ୱର ବର୍ତ୍ତମାନ ସ୍ଥିତିକୁ ବସ୍ତ୍ୱର କର ଦେଖିଲେ କୌଣସି ବ୍ୟକ୍ତି ବା ସମାଜ ସମ୍ଭବତଃ ତାହାର ପୂରଣ କରିପାରିବ ବା କରିପାରିବା ଭଳି ବୋଲି କଦାପି ମନେହେବ ନାହିଁ । ପ୍ରକୃତ ମଧ୍ୟ ଏସଲଭି କଦାପି ବାଟ ଛାଡ଼ିଦେବ ନାହିଁ, ଏପରି ହେବା ଆଦୌ ଭଲ ନୁହେଁ ବୋଲି ମଧ୍ୟ ପ୍ରକୃତ ଭଲ କର ଜାଣିଛୁ । ଏହାର ପ୍ରଥମ କାରଣଟି ହେଉଛୁ ଯେ ଆମର ଜାତିଗତ ବସ୍ତ୍ୱଗୁଡ଼ିକ ସ୍ୱସ୍ୱଂ ଅଧିକାଂଶତଃ ଯଥୋଚିତ ସ୍ତରରେ ବକଶିତ ହୋଇ ନାହାନ୍ତି, ସେଗୁଡ଼ିକ ଅନେକ ପରମାଣରେ ଅଜ୍ଞାନଜନ୍ତିତ ଓ ସ୍ୱେଚ୍ଛାପ୍ରଣୋଦିତ ହୋଇ ରହିଛନ୍ତି; ତଦ୍ଦ୍ୱତ ଚରନ୍ତନ ସତ୍ୟଗୁଡ଼ିକର ଅନୁଲିପି ହୋଇ ରହିବା ପରବର୍ତ୍ତେ ବର ଦେବଳ କେତୋଟି ମାନସିକ ରଚନା ହୋଇହିଁ ରହିଛନ୍ତି । ସେଗୁଡ଼ିକ ଜଣ୍ଟିହ ଉପରେହିଁ ଅଧିକ ନର୍ଭର କରି ରହିଛନ୍ତି, କେତୋଟି ନିର୍ଦ୍ଦିଷ୍ଟ ପ୍ରତିକୁ ଅନ୍ତଦ୍ଦରେ ମାନନେବାକୁହିଁ ପ୍ରଗ୍ରେଚତ କରୁଛନ୍ତି; ଜନ୍ତୁତଃ କେତେକ ବଶେଷ ମାନଦଣ୍ଡକୁ ଅତାଟ୍ୟ ଓ ଚରମ ବୋଲି ଦାବ କରୁଛନ୍ତି, ମାତ୍ର କାର୍ଯ୍ୟତଃ ପ୍ରସ୍ତୋଭର କ୍ଷେତ୍ରକୁ ଆସି ବର୍ତ୍ତମାନ ରହିଥିବା ଆପ୍ତରଣୀସ୍ତର ପ୍ରତ୍ୟେକଟି ପଦ୍ଧତ ଦୁଏତ ନିଜାନ୍ତ ଅବ୍ୟବହାର୍ଯ୍ୟ ବୋଲି ପ୍ରମାଣିତ ହୋଇଯାଇଛୁ, ଅଥବା ବସ୍ତୁତଃ, ଯେଉଁ ଚରମ ମାନଦଣ୍ଡଟିକୁ ନାତିଗତ ଆଦର୍ଶଟି କାମ୍ୟ ବୋଲି ଛଳନା କରୁଛୁ, ତାହା ସବଦା ସେଇଟିର ଅନେକ ପଛରେ ପଡ଼ିରହୁଛୁ । ଆମର ଆପ୍ତରଣତ ପଦ୍ଧତଟି ଯଦି ପ୍ରକୃତରେ ଗୋଟିଏ ସାଲ୍ଭଶ୍ କଂବା ଜାମ ଚଳାଇ ନେଇଥିବା ଏକ ବସ୍ତୁମାତ୍ର ହୋଇଥାଏ, ତେବେ ସମାଜ ଏବଂ ବ୍ୟକ୍ତି

'oaob.nitrkl.ac.in' images reprocessed

କୌଣସି କାଳବ୍ରହ୍ମ ନକଲ ସେଇଟି ସହଜ କେବଳ ଅଷ୍ଟଲତା ଆଣି ଦେଇଥିବା ଆଡୁର କେତେକେତେ ସାଲଣ କରିବା ଲଗି ଧାଇଁ ଯାଇଛନ୍ତି ଏବଂ ସେହି ପଛରୁ ସଙ୍ଗେ ସଙ୍ଗେ ତାହାର ସମର୍ଥକ କେତେକେତେ ଯୁକ୍ତି ମଧ୍ୟ ଯାଇ ଯାଇଛନ୍ତି । ଏବଂ ଯଦି ତାହା ତଥାପି ଆଦୌ କୌଣସି ସାଲଣ୍ ନକର ସେହି ଅବମିଶ୍ର ପ୍ରେମ, ନ୍ୟାସ୍ୱ ଓ ସତ୍ୟ ଉପରେ ଅଟଳ ରହୁଛି, ତେବେ ତାହା ଭୁଲି ନଭୁଲି କେବଳ ମାନସ୍ୱାସ୍ୱ ସମ୍ଭାବନାର ମୁଣ୍ଡ ଉପରେହିଁ ଉଡ଼ୁରୁଲୁଛି; ବାକ୍-ପ୍ରଣତି ଦ୍ୱାରା ସେଇଟିର କୀର୍ତ୍ତନ କରିଯାଉଛି, ମାତ୍ର କାର୍ଯ୍ୟକ୍ଷେତ୍ରରେ ତାହା ଉପେକ୍ଷିତ ହୋଇ ରହୁଛି । ଏପରକ ଏକଥା ମଧ୍ୟ ଦୃଷ୍ଟିଗୋଚର ହେଉଛି ଯେ ସେହି ନୈତିକ ପଦ୍ଧତିଟି ମାନବଜୀବନସ୍ଥ ସେହି ଅନ୍ୟ ଉପାଦାନଗୁଡ଼ିକୁ ମଧ୍ୟ ଉପେକ୍ଷା କରିବାରେ ଲଗିଛି, ଯାହାକି ମନୁଷ୍ୟଜାତିର ବଞ୍ଚି ରହିବା ଉପରେ ସମାନ ଭାବରେ ଗୁରୁତ୍ୱ ଦେଇଛି ସତ, ମାତ୍ର ସେହି ଉଦ୍ଦିଷ୍ଟ ମାତଗତ ସୃଷ୍ଟିର ଅଧୀନ ହୋଇ ରହିବାକୁ ଅସମ୍ମତ ପ୍ରକାଶ କରୁଛି । କାରଣ, ବାସନାର ବ୍ୟକ୍ତିଗତ ନସ୍ୱମଟି ମଧ୍ୟରେ ଯେପରି ସେହି ଅଜନ୍ମା ସମଗ୍ରତାର କେତେକ ଏପରି ବହୁମୂଲ୍ୟ ଉପାଦାନ ରହିଛି ଯେଉଁଗୁଡ଼ିକୁ କି ଗ୍ରାସକାସ୍ୱ ସାମାଜିକ ବସ୍ତୁରର ଦୌରାତ୍ମ୍ୟ-ମୁଖରୁ ରକ୍ଷା କରି ରଖିବାକୁ ପଡ଼ିଛି, ଉଭୟ ବ୍ୟକ୍ତି-ମନୁଷ୍ୟ ଏବଂ ସମସ୍ତିସ୍ଥ ମନୁଷ୍ୟର ଅନ୍ତର୍ନିହିତ ଆବେଗଗୁଡ଼ିକ ମଧ୍ୟରେ ଏପରି କେତେକେତେ ବହୁମୂଲ୍ୟ ଉପାଦାନ ଅନ୍ତର୍ଗତ ହୋଇ ରହିଛି, ଯାହାକି ଅଦ୍ୟାବଧି ଆବଶ୍ୟକ ଦୌଣସି ଆତ୍ମରସ୍ପୃହର ସୀମାଗୁଡ଼ିକ ମଧ୍ୟରେ ଆଦୌ ଧରା ଦେଇ ନାହିଁ ଏବଂ ତଥାପି ଆସୁଥିବା ଏକ ଦିବ୍ୟ ପରସ୍ପୁର୍ତ୍ତିର ପୂର୍ବ୍ବୋପଲବ୍ଧି ଏବଂ ସୌଷମ୍ୟ ସକାଶେ ସେଗୁଡ଼ିକର କୌଣସି ନା କୌଣସି ଆବଶ୍ୟକତା ନଷ୍ଟସ୍ୱ ରହିଛି ।

ପୁନଶ୍ଚ, ଏହି ଚରମ ପ୍ରେମ, ଚରମ ନ୍ୟାସ୍ୱ, ଚରମ ସମ୍ୟକ୍ ବୁଦ୍ଧି ପ୍ରଭୃତିକୁ ବର୍ତ୍ତମାନ ଯେତେବେଳେ ଏକ ବସୁଦ୍ଧପ୍ରାସ୍ୱ ଏବଂ ଅପୂର୍ତ୍ତି ମନୁଷ୍ୟସମାଜ କାର୍ଯ୍ୟରେ ପ୍ରଯୋଗ କରି ଦେଖାଇବାକୁ ଯାଉଛି, ସେତେବେଳେ ତାହା ବଡ଼ ସହଜରେ ପରସ୍ପରବରୋଧୀ କେତୋଟି ଭତ୍ତୁରେ ପରଣତ ହୋଇଯାଉଛି । ଅନେକ ସମସ୍ୱରେ ନ୍ୟାସ୍ୱ ଯାହାକୁ ଦାବି କରୁଛି, ପ୍ରେମ ତାହାକୁ ଘୃଣା କରିବାରେ ଲଗିଛି । ଏକ ସଙ୍ଗୋପବ୍ଧାନକାସ୍ୱ ସାଧାରଣ ମାନ ବା ନସ୍ୱମ ଖୋଜ ବାହାର କରିବାକୁ ଯାଇ ସମ୍ୟକ୍ ବୁଦ୍ଧି ଯେତେବେଳେ ପ୍ରକୃତ ତଥା ମାନବସମ୍ବନ୍ଧର କ୍ଷେତ୍ରଗତ ନାନା ତଥ୍ୟର ବସ୍ତୁର କରି ବାହାରୁଛି, ସେତେବେଳେ ତାହା ଆଦୌ କୌଣସିପ୍ରକାର ପରବର୍ତ୍ତିନ ନକର ନଗ୍ନ ନ୍ୟାସ୍ୱ ବା ନଗ୍ନ ପ୍ରେମର କୌଣସି ଶାସନକୁ ଗ୍ରହଣ କରିନେବା ଲଗି ଅକ୍ଷମ ହୋଇପଡ଼ୁଛି । ଏବଂ ବସ୍ତୁତଃ ମନୁଷ୍ୟର କଲ୍ପିତ ଯାବତୀସ୍ୱ ନଗ୍ନ ନ୍ୟାସ୍ୱଭବନା ବଡ଼ ସହଜରେ ପ୍ରଯୋଗର କ୍ଷେତ୍ରକୁ ଆସି ଏକ ସାଙ୍ଘଭୌମ ଅନ୍ୟାସ୍ୱ ବୋଲିହିଁ ସିଦ୍ଧ ହୋଇଯାଉଛି; କାରଣ ଆପଣାର ଯାବତୀସ୍ୱ ବରଚନାରେ

'oaob.nitrkl.ac.in' images reprocessed

କେବଳ ଏତଦର୍ଥରେ ଓ ଅନନ୍ୟସାଧ୍ୟ ହୋଇ ରହିଥିବା ତା'ର ମତ କେବଳ ଏତ ଏତଦର୍ଥରେ ଆଂଶିକ ଓ ଚତୋରେ ଯୋଜନା ବା ପରିକଳ୍ପନାକୁ ନେଇ ସମସ୍ତଙ୍କ ଆଗରେ ବାଢ଼ିଦେଇଛୁ ଏବଂ ତାହାକୁହିଁ ଏତ ସମସ୍ତ ଏବଂ ଅତୀତ ଯୋଜନା ବା ପରିକଳ୍ପନା ବୋଲି ଦାବି କରୁଛୁ; ତାହାକୁ ଏପରି ସ୍ୱରରେ ପ୍ରସ୍ତୋବ କରିଥାଇ ବୋଲି ଜଦ୍ ଧରି ବସୁଛୁ, ଯାହାକି ବସ୍ତୁଗୁଡ଼ିକର ପୃଷ୍ଠ ପ୍ରତୀଟିକୁ ଏବଂ ଜୀବନର ନମସ୍କାରକୁ ଏତାବେଳକେ ଉପେକ୍ଷା କରି ପତାଇଛୁ । ତାର୍ଥରେ ପରିଣତ ହେବାକୁ ଉଲ୍ଲେଳେ ଆମର ସ୍ୱୀକୃତ ଯାବତୀୟ ମାନଦଣ୍ଡ ଦ୍ୱଏତ କେତେବେଳେ ସାଲ୍ଲଣ୍ ମଧ୍ୟରେ ଖାଲି ଏପାଟପୋପାଟ ହୋଇ ଡେଇଁବାରେ ଲଗିଛୁ ବା ଆପଣାର ଏହି ଆଂଶିକତା ଏବଂ ଅନନ୍ୟସାଧ୍ୟ ଫଗଠନଟି ହେରୁ ନାନା ପ୍ରମାଦ କରି ବସୁଛୁ । ମନୁଷ୍ୟସମାଜ ଗୋଟିଏ ଉପସ୍ଥିତରୁ ଆଉ ଗୋଟିଏ ଉପସ୍ଥିତକୁ ଦୋଦୂଲ୍ୟମାନ ହେବାରେ ଲଗିଛୁ, କେତେପ୍ରକାର ପରସ୍ପରବିରୁଦ୍ଧୀ ଦାବିଗୁଡ଼ିକ ଦ୍ୱାରା ଫଟ୍ଟଳତ ହୋଇ ମନୁଷ୍ୟଜାତି କେତେ ବଙ୍କାଚଙ୍କା ବାଟରେ ଚାଲତ ହୋଇ ଚଲିଛନ୍ତି; ଏବଂ ସମସ୍ତଙ୍କ, ପ୍ରକୃତ ଯେଉଁକ ଇଚ୍ଛା କରୁଛୁ, ସେତେଥରା ସହଜାତ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଚାଲିଥିବା ପରି କେବଳ ସେଉଁକ ଭାର୍ଗଭାସ୍ୱ କରିପାରୁଛୁ । ମାନ ଏଥିରେ କେତେତେତେ ଅସଙ୍ଗତି ସହିବାକୁ ପଡ଼ୁଛୁ, ଅନେକ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡ଼ୁଛୁ । ଯାହା ସିଏ ପ୍ରକୃତରେ ଚାହିଁବାକୁ ସୂଚୁଛୁ, ତା ଯାହାକୁ ସେ ଉଚ୍ଚତ ବୋଲି ବଶ୍ୱାସ କରୁଛୁ କିମ୍ବା ଉର୍ଦ୍ଧ୍ୱସ୍ଥ ଉଚ୍ଚତମ ଆଲୋକ ଏହି ଶରୀରସ୍ଥ ଆତ୍ମାଟିଠାରୁ ଯେଉଁଟିର ଦାବି କରୁଛୁ, ସେଉଁଟିକୁ ସେ ଦ୍ୱଏତ ଆଦୌ ସମ୍ପନ୍ନ କରିପାରୁ ନାହିଁ ।

❋

ପ୍ରକୃତ କଥା ହେଉଛୁ ଯେ ଆମେ ଯେତେବେଳେ ପରିପୂର୍ଣ୍ଣ ନୈତିକ ଗୁଣକଲ୍ପନାର ସିଦ୍ଧାନ୍ତଟିରେ ଯାଇ ପହଞ୍ଚି ଯାଉଛୁ ଏବଂ ଏକ ଆଦର୍ଶ ଜସ୍ମର ଅନନ୍ୟାଗ୍ରସ୍ୱୀ ଅନୁଶାସନକୁ ଠିଆକର ଉଷିଦେଉଛୁ, ସେତେବେଳେ ଆମେ କଦାପି ଆମ ଅନୁସନ୍ଧାନର ସଂଶେଷ ପୋପାନଟିରେ ଆସି ପହଞ୍ଚି ନାହିଁ ବା ପଥାର୍ଥରେ ବମୁକ୍ତାତ୍ମା ସତ୍ତାଟିର ପୂର୍ଣ୍ଣଟିକୁ ମଧ୍ୟ ଲଭ କରୁ ନାହିଁ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏଠାରେ ଏପରି ଏକ ବସ୍ତୁ ଅବଶ୍ୟ ରହିଛୁ ଯାହାକ ଆମକୁ ଆମ ଭିତରେ ରହିଥିବା ଭୌତିକ ଏବଂ ପ୍ରାଣଗତ ମନୁଷ୍ୟ ଆମ ଆଗରେ ଅଣି ଉଷି ଦେଇଥିବା ସୀମାଗୁଡ଼ିକୁ ଡେଇଁ ଆହୁରି ଉର୍ଦ୍ଧ୍ୱକୁ ଉଠିଯିବା ଲଗି ସତତ ସାହାଯ୍ୟ କରୁଛୁ; ଏପରି ଏକ ଅତତଳ ଫଳଲ୍ପ ରହିଛୁ ଯାହାକ ଆପଣାର ଜନ୍ମାଶସ୍ୱ ଏହି ଜଡ଼ରୂପୀ ଆବରଣ କର୍ଦ୍ଦମଟି ମଧ୍ୟରେ ତଥାପି ଛଉଛୋଇ ପଡ଼ିଥିବା ଏକ ମାନବସମୂହର ବ୍ୟତ୍ତତ ତଥା ସାମୂଦାୟିକ ସ୍ୱତନ୍ତ୍ର ଆବଶ୍ୟକତା ଏବଂ ତାତ୍ପର୍ଯ୍ୟର ସୀମାଟିକୁ ଅତକ୍ରମ

'oaob.nitrkl.ac.in' images reprocessed

କଣ୍ଠ ଆଗକୁ ଘୁଲିଯାଉଛୁ; ଏପରି ଏକ ଆକାଙ୍କ୍ଷା ରହୁଛୁ ଯାହାକି ଆମ ଭିତରର ମାନସିକ ଏବଂ ନୈତିକ ସତ୍ତ୍ୱାକୁ ବଳିଷ୍ଠ କରିଆଣି ବାରମ୍ବାର ସହାୟତା କରୁଛୁ । ତେଣୁ ଏହି ଉତ୍ସୋଳନକାରୀ ଉପାଦାନଟିକୁ ଆମେ ଆମର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅର୍ଜନ ବୋଲି ଅବଶ୍ୟ କହିବା; ଏଇଟି ଆମ ଭିତରେ କାର୍ଯ୍ୟକାରୀ ହୋଇ ରହିଥିବା ଦ୍ୱାରା ପାର୍ଥିବ ପ୍ରକୃତିର ଏହି ଆସ୍ଥାସମ୍ପୃକ୍ତ ଜୀବଚୈତନ୍ୟରେ ଏକ ବୃହତ୍ତର ଅନ୍ତଃପଦକ୍ଷେପ ପରିଲକ୍ଷିତ ହୋଇପାରୁଛୁ । ଏବଂ ଏହିସବୁ ମାନସିକ କାର୍ଯ୍ୟକାରୀତା ପଛରେ ମଧ୍ୟ ଏପରି କିଛି ଗୁପ୍ତ ଓ ପ୍ରଚ୍ଛନ୍ନ ହୋଇ ରହିଛୁ, ଯାହାକି ଏକ ସଙ୍କୋଚ ପରମ ସତ୍ତ୍ୟ ସହିତଇଁ ଯୁକ୍ତ ହୋଇ ରହିଛୁ । ଏଠାରେ ଏପରି ଏକ ଆଲୋକ ତଥା ସାମର୍ଥ୍ୟର ଆତ୍ମା ବିଦ୍ୟମାନ ରହିଛୁ ଯାହାକି ବର୍ତ୍ତମାନ ଅନୁପଲବ୍ଧି ହୋଇ ରହିଥିବା ଏକ ଦିବ୍ୟ ପ୍ରକୃତିରଇଁ ଏକ ଅଂଶ ହୋଇ ରହିଛୁ । ମାନ ଏସବୁ ବସ୍ତୁ ବିଷୟରେ ଆମେ ଯେଉଁ ମାନସିକ ଧାରଣାଟି କରିପାରୁଛୁ, ସେଇଟିକୁ ଆମେ ସେହି ଆଲୋକ ବୋଲି ଭ୍ରମ କରିବା ନାହିଁ; ବା ସେଗୁଡ଼ିକୁ ନେଇ ଆମେ ଯେପରି ନୈତିକ କେତେ ସ୍ତରରେ ବାନ୍ଧି ରଖିଛୁ, ସେଗୁଡ଼ିକୁ ମଧ୍ୟ ସେହି ସାମର୍ଥ୍ୟ ବୋଲି କଦାପି ଭ୍ରମ କରିବା ନାହିଁ । ଏଗୁଡ଼ିକ ହେଉଛନ୍ତି କେବଳ ଆମ ମନରହିଁ ପ୍ରତିଚ୍ଛବିବାଚକ ଗୋଟିଏ ଗୋଟିଏ ରଚନା ମାନ, ଏଗୁଡ଼ିକ କଦାପି ସେହି ଦିବ୍ୟ ଆତ୍ମାର ସଦନ ହୋଇ ପାରିବେ ନାହିଁ, ତେଣୁ ଆପଣାର ନାନା ଅକାର୍ଯ୍ୟ ସ୍ତରରେ ସେଗୁଡ଼ିକୁ ବନ୍ଧ କରି ରଖିବା ଲଗି ଚେଷ୍ଟା କରିବାରେହିଁ ଲଗିଥିବେ । ଆମ ଭିତରେ ଥିବା ଏହି ମନୋଗତ ଏବଂ ନୈତିକ ସତ୍ତ୍ୱାଟିର ସୀମାଚତନ୍ୟ କରି ଗୋଟିଏ ବୃହତ୍ତର ଦିବ୍ୟ ସତ୍ତ୍ୱା ଅବସ୍ଥିତ ରହିଛୁ, ଏକ ଆଧ୍ୟାତ୍ମିକ ଓ ଅତିମାନସ ସତ୍ତ୍ୱା ଅବସ୍ଥିତ ରହିଛୁ । କାରଣ, ଯେଉଁ ସ୍ଥାନକୁ ଆସି ମନଆଣ ସୀମାବଦ୍ଧ ସ୍ତର ଅପରେକ୍ଷ ଅଜ୍ଞାନଭୂମିର ଏକ ଶୁଭ୍ର ଜ୍ୟୋତିଟି ଭିତରେ ବିଲୀନ ହୋଇଯାଆନ୍ତି, କେବଳ ସେହି ବୃହତ୍ତ୍ୱ ଅଧ୍ୟାତ୍ମଭୂମିଟି ମଧ୍ୟଦେଇହିଁ ଆମେ ମନର ବାଡ଼କୁ ଅତିକ୍ରମ କରି ଆତ୍ମାର ସେପାଖକୁ ଘୁଲିଯାଇ ପାରିବା, ଏବଂ ଏହି ମନର ସୀମାବଦ୍ଧ ରଚନାଗତ୍ତନରୁ ଅତିମାନସ ସତ୍ତ୍ୟଗୁଡ଼ିକର ସେହି ବ୍ୟାପ୍ତତା ଏବଂ ମୁକ୍ତତା ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯାଇ ପାରିବା । ଯେଉଁ ଦିବ୍ୟ ସାମର୍ଥ୍ୟଗୁଡ଼ିକୁ ବଡ଼ ସୀନ ତଥା ମିଥ୍ୟାପୂରିତ ଭାବରେ ଆମର ମନ ସମକ୍ଷରେ ଉପସ୍ଥାପିତ କରିଯାଇଥାଏ ବା କୌଣସି ମାତ୍ରାଗତ ନସ୍ୱମନର ନାନାଦ୍ୱନ୍ଦ୍ୱପୂର୍ଣ୍ଣ ବା ଦୋଦୁଲ୍ୟମାନ ଉପାଦାନଗୁଡ଼ିକ ଦ୍ୱାରା ଆମ ଆଗରେ ଏକ ମିଥ୍ୟା ରୂପରେ ଚିତ୍ରିତ କରି ରଖା ଯାଇଥାଏ, କେବଳ ସେହିଠାରେ ପହଞ୍ଚି ପାରିଲେ ଯାଇ ଆମେ ସେହି ସାମର୍ଥ୍ୟଗୁଡ଼ିକର ସୌଷମ୍ୟଟିକୁ ସ୍ପର୍ଶ କରିପାରୁ । ଆମର ମନ, ପ୍ରାଣ ତଥା ଦେହର ଏକାଧାରରେ ଆଦ୍ୟ ଉତ୍ପତ୍ତିସ୍ଥାନ ତଥା ପରମ ଧେୟ ହୋଇ ରହିଥିବା ସେହି ଅତିମାନସ ଆତ୍ମାର ସୋପାନରେ ଉପନୀତ ହୋଇହିଁ ରୂପାନ୍ତରିତ ପ୍ରାଣିକ, ଭୌତିକ

'oaob.nitrkl.ac.in' images reprocessed

ଏବଂ ଶ୍ରେଣୀସ୍ତ ସମୋମସ୍ୱ ପରୁଷର ଏଙ୍କାଦରଣ ସମ୍ଭବ ହୋଇଥାଏ । କେବଳ ସେହିଠାରେହିଁ ଏକ ଅବମିଶ୍ର ଓ ପଣ୍ଡପୂର୍ଣ୍ଣ ନ୍ୟାସ୍, ପଣ୍ଡପୂର୍ଣ୍ଣ ପ୍ରେମ ଏବଂ ପଣ୍ଡପୂର୍ଣ୍ଣ ସତ୍ୟାଚରଣର ସମ୍ଭାବନା ରହିଥାଏ; ଏଗୁଡ଼ିକ ହସ୍ତସ୍ଥରେ ଆମେ ଏଇଠୁ ଆଉ ଯାହାସବୁ ଜଲ୍ପନା କରୁଛୁ, ତାହାଠାରୁ ଅତ୍ୟନ୍ତ ଭିନ୍ନ ହୋଇ ସେସବୁ ଅବସ୍ଥିତ ରହିଥାଏ । ଏକ ପରମ ଦିବ୍ୟ ଜ୍ଞାନର ଆଲୋକ ମଧ୍ୟରେ ସେଗୁଡ଼ିକ ପରସ୍ପର ସହିତ ଏକ ଓ ଅଭିନ୍ନ ହୋଇ ରହିଥାଏ । କେବଳ ସେହିଠାକୁ ଆସିହିଁ ଆମ ସତ୍ତାର ଏହି ଭିନ୍ନ ଭିନ୍ନ ଅଙ୍ଗଗୁଡ଼ିକ ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱଟିରେ ଏକ ଯଥାର୍ଥ ସମଞ୍ଜସତା ଓ ସମାଧାନ ସମ୍ଭବ ହୋଇପାରେ ।

ଅର୍ଥାତ୍, ସମାଜର ଏହି ଯାବତୀୟ ବାହ୍ୟ ନିୟମ ଏବଂ ମନୁଷ୍ୟକୃତ ଏହି ଯାବତୀୟ ନୈତିକ ନିୟମର ଉର୍ଦ୍ଧ୍ୱରେ ଓ ସେସବୁର ସୀମାତିକ୍ରମ କରି ଏକ ପରିବ୍ୟାପ୍ତ ସୀମାଜ୍ଞାନ ଚେତନାର ଏକ ବୃହତ୍ତର ସତ୍ତା ଅବସ୍ଥିତ ରହିଛି; ଏହି ନିୟମଗୁଡ଼ିକରେ ରହିଥିବା ଦୌଣସି ଏକ ବସ୍ତୁ ବଡ଼ ଶକ୍ତିମାନ ଏବଂ ଅଜ୍ଞାନବଶ ଜୀବରେ ସେହି ଚେତନାକୁହିଁ ଆପଣାର ଲକ୍ଷ୍ୟ କରି ଉଠିଛି ସତ, ମାତ୍ର ଏଗୁଡ଼ିକର ସୀମା ସେପାଖରେହିଁ ଏପରି ଏକ ଦିବ୍ୟ ନିୟମ ବା ବିଧାନ ଅବସ୍ଥିତ ରହିଛି, ଯାହା ଆଡ଼କୁ କି ଏହି ଦୁଇଟିଯାକ ଅଳ୍ପ ଭିନ୍ନା ସ୍ଥୂଳ ବ୍ୟବସ୍ଥା ଏଣେତେଣେ ଚେତେନ୍ତାର ପାଦ ପକାଇ ଓ ବଣା ହୋଇ ଭିନ୍ନାପି ନମାଉସର ହେବାରେ ଲଗିଛି ଏବଂ ଭଦ୍ୱାସ୍ ଚେତନ ସ୍ତ୍ରାଣୀସ୍ତ୍ରାସ୍ୱ ଏହି ପ୍ରକୃତିଅଧୀନ ନିୟମଟିର ଚେଡ଼ରୁ ବାହାରିଯାଇ ଏକ ଅଧିକ ଉଲ୍ଲେଖିତ ଆଲୋକ ବା ଉଣ୍ଣତ ବିଧାନର ଭୂମିରେ ଯାଇ ପହଞ୍ଚିବାର ପ୍ରସ୍ତାବ କରୁଛୁ । ଆମର ଭିତରେ ରହିଥିବା ଦେବତ୍ୱହିଁ ଆମର ଆତ୍ମାରୂପେ ତା' ନିଜର ସେହି ପ୍ରକୃତ ପୂର୍ଣ୍ଣତାବସ୍ଥାକି ଆଡ଼କୁ ଅଗ୍ରସର ହେବାରେ ଲଗିଛି; ତେଣୁ ସେହି ଦିବ୍ୟ ମାନଦଣ୍ଡକୁ ମଧ୍ୟ ଆମର ପ୍ରକୃତିରହିଁ ଏକ ସଚ୍ଚୋଟ ଆଧ୍ୟାତ୍ମିକ ବିଧାନ ଓ ଆଧ୍ୟାତ୍ମିକ ସତ୍ତା ହୋଇ ରହିବାକୁ ପଡ଼ିବ । ଏବଂ ପୁନଶ୍ଚ, ଆମେ ସମସ୍ତେ ଏହି ଜଗତ ମଧ୍ୟରେ ଏକ ସାଧାରଣ ଅସ୍ତିତ୍ୱ ଏବଂ ସାଧାରଣ ପ୍ରକୃତିକୁ ବହନ କରି ରହିଥିବା ଗୋଟିଏ ଗୋଟିଏ ଦେହଧାତ୍ମା ସତ୍ତା ହୋଇଥିବାରୁ ଏବଂ ଭିନ୍ନାପି ସେହି ପରମ ବଣ୍ଣାଉଉଙ୍କ ସହିତ ଏକ ଅପରୋକ୍ଷ ସ୍ପର୍ଶଲାଭ କରିପାରିବାର ସମର୍ଥ ଗୋଟିଏ ଗୋଟିଏ ବ୍ୟକ୍ତିତ୍ୱାପନ୍ନ ଆତ୍ମା ମଧ୍ୟ ହୋଇଥିବାରୁ ଆମ ଜୀବନର ଏହି ସଚ୍ଚୋଟ ସତ୍ୟଟିକୁ ମଧ୍ୟ ଦୃଷ୍ଟିରେ ରଖି ହୋଇ ରହିବାକୁ ପଡ଼ିବ । ତାହାକୁ ଯେପରି ଏକ ବିଧାନ ତଥା ସତ୍ୟ ହୋଇ ରହିବାକୁ ପଡ଼ିବ, ଯାହାକି ଏକ ବୃହତ୍ତର ଆଧ୍ୟାତ୍ମିକ ଜୀବନ ଦ୍ୱାରା ପ୍ରେରିତ ହୋଇ ରହିଥିବା ସାମୂହିକ ଜୀବନର ପରିପୂର୍ଣ୍ଣ ଉତ୍ତ୍ୟୋତ୍ତତା, ସୁଷମତା ଏବଂ ଛନ୍ଦୋମୟତାକୁ ଆବିଷ୍କାର କରି ପାରୁଥିବ ଏବଂ ପ୍ରକୃତିର ଏହି ଦୈତାଦ୍ୟମସ୍ୱ ଏତତାତ୍ମିର ଭୂମି ଉପରେ ପ୍ରତ୍ୟେକ ସତ୍ତା ଏବଂ ସକଳ ସତ୍ତା ସହିତ ଆମର ସମ୍ବନ୍ଧଗୁଡ଼ିକୁ ପରିପୂର୍ଣ୍ଣ

'oaob.nitrkl.ac.in' images reprocessed

ଶ୍ରବରେ ନର୍ଭାରତ କର ଦେଇଥିବ । ଏବଂ ଯୁଗପତ୍ ଶ୍ରବରେ ଏହାକୁ ଏପର ଏକ ବଧାନ ଏବଂ ସଜ୍ୟ ହୋଇ ବ ରହିବାକୁ ପଡ଼ିବ, ଯାହାକ ପ୍ରତ୍ୟେକ ମୁହୂର୍ତ୍ତରେ ଆମର ସମକ୍ଷରେ ବ୍ୟକ୍ତଜବର ଆତ୍ମା, ମନ, ପ୍ରାଣ ଓ ଶରୀର ମଧ୍ୟରେ ସେହି ପରମ ଦିବ୍ୟସ୍ୱରୂପଙ୍କର ଅପରୋକ୍ଷ ଅଭିବ୍ୟକ୍ତିର ଛନ ଭଥା ଯଥାର୍ଥ ଚରଣଯୋଡଗୁଡ଼ିକୁ ଆବଷ୍କାର କରଦେଇ ପାରୁଥିବ ।* ଏବଂ ଆପଣାର ଅନୁଭୂତିରୁ ଆମେ ଏକଥାଟି ଜାଣିପାରୁଛୁ ଯେ ଏହି ସବୋଚ ଆଲୋକ ଏବଂ ଜିସ୍ୱାସାମର୍ଥ୍ୟ ଯେତେବେଳେ ଆପଣାର ଉର୍ଦ୍ଧ୍ୱତମ ସୋପାନରେ ଅଭିବ୍ୟକ୍ତ ହୋଇ ରହିଥାଏ, ସେତେବେଳେ ତାହା ଏକାଧାରରେ ଏକ ଅନନ୍ୟାଶ୍ରସ୍ପୀ ବଧାନ ଏବଂ ପରମ ସ୍ୱାତନ୍ତ୍ୟରେ ମଧ୍ୟ ପରଣତ ହୋଇ ରହିଥାଏ । ଏହାକୁ ଆମେ ଏକ ଅନନ୍ୟାଶ୍ରସ୍ପୀ ବଧାନ ବୋଲି କହିବା, କାରଣ ତାହା ସେହି ଶାଶ୍ୱତ ପରମସତ୍ତାଙ୍କି ଦ୍ୱାରାହିଁ ଆମର ସକଳ ଅନ୍ତର୍ଗତ ଭଥା ବାହ୍ୟ ଗତିସ୍ପନ୍ଦନଙ୍କିକୁ ନସ୍ପନ୍ନିତ କରିବାରେ ଲଗିଥାଏ । ଏବଂ ତଥାପି ପ୍ରତ୍ୟେକ ମୁହୂର୍ତ୍ତରେ ଭଥା ପ୍ରତ୍ୟେକ ଗତିସ୍ପନ୍ଦନରେ ସେହି ସବୋଚ ସତ୍ତାଙ୍କର ପରମ ସ୍ୱାତନ୍ତ୍ୟହିଁ ଆମର ଚେତନ ଭଥା ବମୋଚତ ପ୍ରକୃତିର ସମ୍ପୂର୍ଣ୍ଣ ସ୍ଥିତସ୍ଥାପକତାଙ୍କିକୁ ମଧ୍ୟ କାର୍ଯ୍ୟରେ ଲଗାଇବାରେ ଲଗିଥାଏ ।

ଆତ୍ମାରକୁ ସଂପ୍ରଧାନ କର ଧରିଥିବା ଆଦର୍ଶବାଦୀ ଏହି ସବୋଚ ବଧାନଙ୍କିକୁ ଆପଣାର ନାତିଗତ ନାନା ଭଥ୍ୟଗୁଡ଼ିକରୁହିଁ ଆବଷ୍କାର କରିବାକୁ ଚେଷ୍ଟା କରିଥାଏ, ସେହି ମନୋଗତ ଭଥା ନୈତିକ ଆତ୍ମାରଗତ ସୃଷ୍ଟି ଭିତରେ ଆବଦ୍ଧ ହୋଇ ରହିଥିବା ସ୍ୱାନଭର ନାନା ସାମର୍ଥ୍ୟ ଏବଂ ବସ୍ତୁ ମଧ୍ୟରେହିଁ ତାକୁ ଆବଷ୍କାର କରିବା ଲଗି ସେ ପ୍ରସ୍ପାସ କରେ । ଏବଂ ସେଗୁଡ଼ିକୁ ଧାରଣ କର ରଖିବାକୁ ଓ ସେଗୁଡ଼ିକରେ ଏକ ସଗଠନ ଆଣିବାକୁ ସେ ଆଚରଣର ମୂଳଭଃ ଅପରପୂର୍ଣ୍ଣ ଏକ ଆଧାରଭୂତ ତତ୍ତ୍ୱକୁ ବାଛିନଏ; ବୁଦ୍ଧି, ପ୍ରସ୍ପୋଜନାସ୍ପତ୍ତା, ସୁଖବାଦ, ତର୍କବବେଚନା, ବୋଧ୍ୟଯୁକ୍ତ ବବେକ ଅଥବା ଆଉ କୌଣସି ସାଧାରଣଭବେ ଗୃହୀତ ମାନଦଣ୍ଡ ଦ୍ୱାରା ରଚତ ଏକ ଆତ୍ମାରତତ୍ତ୍ୱକୁ ବାଛିନଏ । ଏହିଭଳ କରିଯାଇଥିବା ତା'ର ଯାବତୀୟ ପ୍ରଚେଷ୍ଟା ଓ ପରଶ୍ରମ କେବଳ ବଫଳ ହେବା ଲଗିହିଁ ଉଦ୍ଦିଷ୍ଟ ହୋଇ ରହିଥାଏ । ଆମର ଅନ୍ତର ପ୍ରକୃତିଟି କେବଳ ସେହି ଶାଶ୍ୱତ ପରମ ଆତ୍ମାଙ୍କୁହିଁ ନମୋଦ୍ଧର ଶ୍ରବରେ ଅଭିବ୍ୟକ୍ତ କର ଦେଇଥାଏ ଏବଂ ତେଣୁ ତାହାର ଅନେକମୁର୍ଖୀ ଶକ୍ତିକୁ ଆପଣା ଦଉଡ଼ି-ଗୁଡ଼ିକରେ ବାନ୍ଧି ରଖିବାକୁ କୌଣସି ଗୋଟିଏ ପ୍ରଭୁତ୍ୱଶାଳୀ ମନୋଗତ ଅଥବା

---

* 'ଧର୍ମ' ଶବ୍ଦଟି ସବଦା କେବଳ ଧାର୍ମିକ ଅର୍ଥର ବା ନୈତତାଚାରକୁ ଅନେକ ଅଥିବ ବ୍ୟକ୍ତିକୁ ବୁଝାଇଥାଏ; ଏବଂ ସେଇଥିପାଇଁ ଗୀତାରେ ଏହି ଧର୍ମକୁ ଅମ ଅମୃ-ସତ୍ତାର ସାବଭୂତ ପ୍ରକୃତିଟି ଦ୍ୱାରା ନସ୍ପାଦିତ ହେଉଥିବା ଜିସ୍ୱାର୍ସେହିଁ ବ୍ୟାଖ୍ୟା କରସାଇଛନ୍ତ ।

'oaob.nitrkl.ac.in' images reprocessed

ନୈତିକ ଚଳଣୀର ଅଦୌ ନୈତିକ ସାମର୍ଥ୍ୟ ନଥାଏ । ଏହାର ପରିବର୍ତ୍ତନ ଏବଂ ପରସ୍ପରବିରୋଧୀ ଶିକ୍ଷାଗୁଡ଼ିକ ଅତରେ ସେମାନଙ୍କର ଯଥାର୍ଥ ତତ୍ତ୍ୱଟିକୁ ହୃଦ୍‌ଘାଟିତ କରିଦେବା ଲାଗି ଏବଂ ସେଗୁଡ଼ିକର ବିରୋଧମୂଳିତାରେ ଏକ ସାମଞ୍ଜସ୍ୟ ଆଣିଦେବା ଲାଗି କେବଳ ଅତଃମାନସ ଚେତନାହିଁ ସମର୍ଥ ହୋଇପାରେ ।

ପରବର୍ତ୍ତୀ କାଳର ଧର୍ମଗୁଡ଼ିକ ଆତ୍ମାରତ ଏକ ନିର୍ଦ୍ଦିଷ୍ଟ ପ୍ରକାରର ପ୍ରମ ସତ୍ୟକୁ ଲକ୍ଷିତ କରିଦେବାକୁ, ସେଥିରୁ ଏକ ବିଶିଷ୍ଟ ଆତ୍ମାରପରତର ସ୍ଥାପନା କରିବାକୁ ଅଥବା ଅତରାତ୍ମାର କଂଚା ପୈଗମ୍ବରଙ୍କର ମୁଖ ଦେଇ ଉପରୁ ବିଧାନର ଘୋଷଣା କରିବାକୁ ଏକ ଚେଷ୍ଟା କରି ଆସିଛନ୍ତି । ସେକୌଣସି ଶୁଷ୍କ ଆତ୍ମାରତ ବସ୍ତୁର ଚୁଲଚାରେ ଏହିସବୁ ପରଦ୍ଧ ଅଧିକ ଶକ୍ତିଶାଳୀ ଓ ଅଧିକ ଉପଯୋଗିତ ହୋଇଥିଲେ ମଧ୍ୟ ଆମେ ଅଧିକାଂଶତଃ ଏଗୁଡ଼ିକୁ ଧର୍ମଗତ ଘଟେତ ଦ୍ୱାରା ତଥା ତାହା ଏକ ଅତଃମାନତର ଜୀବନମସ୍ତୁଲରୁ ଜନ୍ମଲାଭ କରିଛୁ ବୋଲି ଗୋଟାଏ ଅନୁରୂପ ଚ୍ଛାପ ଦ୍ୱାରା ପରବର୍ତ୍ତୀକୃତ କେବଳ ସେହି ପୁରୁଣା ମାନତତତ୍ତା ବା ନୈତିକ ସିଦ୍ଧାନ୍ତଟିରହିଁ ଏକ ଆଦର୍ଶରଞ୍ଜିତ ଗୌରବମଣ୍ଡିତତା ବ୍ୟତୀତ ଅଦୌ ନୈତିକ ପ୍ରକାରେ ଲମ୍ବା ବୋଲି କହିପାରିବା ନାହିଁ । ଏଗୁଡ଼ିକ ମଧ୍ୟରୁ କେତେକ,—ଏବଂ ଖ୍ରୀଷ୍ଟଧର୍ମଟି ଏକ ଚରମାନ୍ତସ୍ତ ଆତ୍ମାରତକୁ ଆମେ ଏଠାରେ ଏକ ଦୃଷ୍ଟାନ୍ତରୂପେ ଗ୍ରହଣ କରିପାରିବା,—ପ୍ରକୃତ ଦ୍ୱାରାହିଁ ପ୍ରତ୍ୟାଖ୍ୟାତ ହୋଇ ଯାଇଥାଏ; କାରଣ ସେଗୁଡ଼ିକ ଏପରି ଏକ ଅବୀକାରାର୍ଥୀ ଅନମନୀୟ ଆତ୍ମାରବଧିକୁ ଜାରୀ କରି ଧରିଥାନ୍ତି ଯେ, ସେଇଟିକୁ କେବେହେଲେ କାର୍ଯ୍ୟରେ ପରିଣତ କରିହୁଏ ନାହିଁ । ଅନ୍ୟଗୁଡ଼ିକ କାଳକ୍ରମେ ଶେଷରେ ବିଲୁପ୍ତ ପ୍ରକାରର ଗୋଟିଏ ଗୋଟିଏ ସାଇଣ୍ ବୋଲିହିଁ ପ୍ରମାଣିତ ହୁଅନ୍ତି, ଏବଂ ତେଣୁ କାଳ ଅଗ୍ରସର ହୋଇଯିବା ସଙ୍ଗେସଙ୍ଗେ ଅନାବଶ୍ୟକ ହୋଇ ପଡ଼ିରହନ୍ତି । ମାତ୍ର ଯଥାର୍ଥ ଦିବ୍ୟ ବିଧାନଟି କଦାପି ଏପ୍ରକାର ମନୀଷାପ୍ରସୂତ ଅତଳନ୍ତ ମୁଦ୍ରାଗୁଡ଼ିକ ପରି ହେବ ନାହିଁ; ତାହା କଦାପି ଅନମନୀୟ ଆତ୍ମାରତ ଜ୍ୟାମିତରହିଁ କେବଳ ଏକ ପଦ୍ଧତି ହୋଇ ରହିବ ନାହିଁ, ସେଉଁମାନେ କ ଆମ ଜୀବନର ଯାବତୀୟ ଗତିଶୀଳତାକୁ ସଦାବା ସେମାନଙ୍କର ଲୁହାଗ୍ରାସଗୁଡ଼ାକ ଭିତରେ ଜବରଦସ୍ତି ମାଡ଼ ରଖିବାକୁ ଇଚ୍ଛା କରୁଥାନ୍ତି । ଦିବ୍ୟ ପରମ ବିଧାନଟି ହେଉଛୁ ଏକ ଜୀବନସତ୍ୟ, ତାହା ହେଉଛୁ ଏକ ଚିତ୍ତତ ସତ୍ୟ; ଏବଂ ଆମ କର୍ମର ପ୍ରତ୍ୟେକଟି ପଦକ୍ଷେପକୁ ତଥା ଆମ ଜୀବନପ୍ରଶ୍ନଗୁଡ଼ିକର ଯାବତୀୟ ଜଟିଳତା ତଥା ବହୁମୁଖି-ନତାକୁ ସେ ଅବଶ୍ୟ ଏକ ବନ୍ଧନମୁକ୍ତ ଓ ଜୀବନ୍ତ ନମନୀୟତା ସହିତହିଁ ଗ୍ରହଣ କରିବ, ଅଥଚ ଶାଶ୍ୱତ ଅଲ୍ଲେକର ପ୍ରତିଷ୍ଠା ସ୍ଥାପିତ ଦ୍ୱାରା ସେ ତାହାକୁ ଅବଶ୍ୟ ପ୍ରେରତ କରି ରଖିବ । ଏହା କଦାପି କେବଳ ଏକ ନମ୍ର ବା ସ୍ୱଳ୍ପ ପରି ଆଦୌ କାର୍ଯ୍ୟ କରିବ ନାହିଁ; ମାତ୍ର ଏପରି ଏକ ସଂଗଠନୀୟାଗୀ ଏବଂ ଅନ୍ତର୍ଯାମୀ ଚେତନ

'oaob.nitrkl.ac.in' images reprocessed

ସାନ୍ନିଧ୍ୟରୂପେ କାର୍ଯ୍ୟ କରିବ, ଯାହାକି ଆପଣାର ପ୍ରମାଦମୁକ୍ତ ସାମର୍ଥ୍ୟ ତଥା ଜ୍ଞାନଦୃଷ୍ଟି ଦ୍ୱାରା ଆମର ଯାବତୀୟ ଭାବନା, ଯାବତୀୟ ଜିଜ୍ଞାସୁକତା, ଅନୁଭୂତି ଏବଂ ଇଚ୍ଛାଗତ ଆବେଗକୁ ନିୟନ୍ତ୍ରିତ କରି ଦେଉଥିବ ।

ପ୍ରାଚୀନତର ଧର୍ମଗୁରୁକ ବଙ୍କ ମନୀଷୀମାନଙ୍କ ଦ୍ୱାରା ସୁନିବଦ୍ଧ ଆପଣା ଆପଣାର ଆତ୍ମରପଦ୍ଧତିର ଉପସ୍ଥାପନା କରିଥିଲେ; ମନୁ, କନଫୁସିଅସ୍ ଅଥବା ଏପରି ଏକ ଜଟିଳ ଶାସ୍ତ୍ରର ବଧିଗୁଡ଼ିକୁ ଆତ୍ମରରୂପେ ଘୋଷଣା କରିଥିଲେ, ଯେଉଁଥିରେ କି ସେମାନେ ସାମାଜିକ ଏବଂ ନୈତିକ ନିୟମ ସହିତ ଆମ ସର୍ବୋଚ୍ଚ ପ୍ରକୃତିଟିର କେତେକ ଚରନ୍ତନ ମୂଳସୂତ୍ରକୁ ପ୍ରକୃତରେ ଏକାଠି ଯୋଡ଼ିକରି ରଖିବାକୁ ଏକ ଚେଷ୍ଟା କରିଥିଲେ, ଅଥବା ସବୁକିଛିକୁ ଗୋଟାଏ ଘାଣ୍ଟ ପରି କରି ରଖିଥିବା ଏକ ମିଶ୍ରଣରେ ପରିଣତ କରି ରଖିବାକୁ ପ୍ରୟାସ କରିଥିଲେ । ଉତ୍ତୋଳିଯାକକୁ ଗୋଟିଏ ଭୂମି ଉପରେ ସମାନ ଭାବରେ କେବଳ ସେହି ସନାତନ ଧର୍ମରହିଁ ଅଭିବ୍ୟକ୍ତିରୂପେ ବର୍ତ୍ତିନା କରି ଯାଇଥିଲା । ମାନ ପ୍ରକୃତ କଥା ହେଉଛି ଯେ ଏହି ଉତ୍ତୋଳି ମଧ୍ୟରୁ ଦୁଇଟି ଉପାଦାନ କାଳର ଗତି ଅନୁସାରେ ବିବର୍ତ୍ତିତ ଓ ପରିବର୍ତ୍ତିତ ହୋଇ ଯାଇଥାନ୍ତି, ଅର୍ଥାତ୍ କେବଳ ଏକ ନିର୍ଦ୍ଦିଷ୍ଟ ସମୟ ଲାଗିହିଁ ଉପଯୋଗୀ ହୋଇ ରହିଥାନ୍ତି, ଏହି ମନ ଦ୍ୱାରାହିଁ ରଚିତ ହୋଇଥାନ୍ତି ଏବଂ ସେହି ପରମ ଶାଶ୍ୱତଙ୍କର ଇଚ୍ଛାର ଏକ ମନୁଷ୍ୟକୃତ ବ୍ୟାଖ୍ୟା ପରି ହୋଇ ରହିଥାନ୍ତି । ଏବଂ ଭଙ୍ଗାସୃଷ୍ଟି ସବୁଦା କେତେକ ସାମାଜିକ ଏବଂ ନୈତିକ ସ୍ୱୀକୃତି ଭିତରେହିଁ ଯୋଡ଼ା ହୋଇ ଅର୍ଥାତ୍ ସେଗୁଡ଼ିକ ଦ୍ୱାରା ଘୂର୍ଣ୍ଣିହୋଇ ରହିଥାଏ ଓ ତେଣୁ ଆପଣା ବାହ୍ୟରୂପଗୁଡ଼ିକର ଜଗତ୍ସୃଷ୍ଟି ସହିତ ବନ୍ଧା ହୋଇ ରହିବାକୁ ବାଧ୍ୟ ହୋଇଥାଏ । ଦୃଢ଼ଭାବେ ସ୍ୱୀକୃତ ଶାସ୍ତ୍ରଟି କାଳକ୍ରମେ ଅନୁପଯୋଗୀ ହୋଇପଡ଼େ ଏବଂ ତେଣୁ ତାହାକୁ କ୍ରମାଗତ ବଦଳାଇବାକୁ ପଡ଼ିଥାଏ ବା ପରଶେଷରେ ବର୍ଜନ ବି କରିବାକୁ ପଡ଼ିଥାଏ; ନତେତ୍ତ ତାହା ବ୍ୟକ୍ତି ତଥା ସମଷ୍ଟିର ଆତ୍ମବିକାଶରେ ଏକ କଠିନ ବାଧା ହୋଇ ଠିଆ ହେବାକୁ ଆରମ୍ଭ କରେ । ସ୍ୱୀକୃତ ଶାସ୍ତ୍ର ଗୋଟାଏ ସାମୂହିକ ଏବଂ ବାହ୍ୟ ମାନଦଣ୍ଡକୁ ଠିଆକରି ରଖିଥାଏ; ବ୍ୟକ୍ତିର ଅନ୍ତଃପ୍ରକୃତିଟିକୁ ତାହା ସମ୍ପୂର୍ଣ୍ଣରୂପେ ଉପେକ୍ଷା କରୁଥାଏ, ବ୍ୟକ୍ତି ମଧ୍ୟରେ ରହିଥିବା ଏକ ପ୍ରଚ୍ଛନ୍ନ ଚିଦ୍ଗତ ସାମର୍ଥ୍ୟର ସେହି ଅନ୍ତର୍ଦେଶ୍ୟ ଉପାଦାନଗୁଡ଼ିକୁ ଉପେକ୍ଷିତ କରି ରଖିଥାଏ । ମାନ ବ୍ୟକ୍ତିର ପ୍ରକୃତିଟିକୁ କଦାପି ଉପେକ୍ଷା କରିପାରିବ ନାହିଁ; ବ୍ୟକ୍ତିର ଦାବି ଏକ ଅଲଂଘ୍ୟ ଦାବି, ଏକ ଅଦମ୍ୟ ଦାବି । ଏକଥା ସତ ଯେ କୌଣସିପ୍ରକାର ଫଯମ ବା ବାଡ଼ ନରଖି ମନୁଷ୍ୟର ବାହ୍ୟ ଆବେଗଗୁଡ଼ାକୁ ଯଦି ପଦା ଫିଟାଇ ଛୁଡ଼ା ଦିଆଯାଏ, ତେବେ ତାହା କେବଳ ଏକ ଅରାଜକତା ଆଣିଦେବ, ଏକ ସମଷ୍ଟି ବିଘଟନହିଁ ଆଣିଦେବ; ମାନ କୌଣସି ଏକ ନିର୍ଦ୍ଦିଷ୍ଟ ଏବଂ ସନ୍ତୁଳିତ ନିୟମ ଦ୍ୱାରା ତା'ର ଆତ୍ମାର ସ୍ୱାଧୀନତାକୁ

'oaob.nitrkl.ac.in' images reprocessed

ଦବାଇ ବା ବାଧ୍ୟ କରି ଉଷିଲେ ମଧ୍ୟ ଚଦ୍ଭାବ୍ ଚା'ର ବଦାଶ ବନ୍ଦ ହୋଇ ରହିବ, ତାକୁ ଏକ ଅନ୍ତର୍ଗତ ମୁଖ୍ୟଙ୍କି ଛେଗିବାକୁ ପଡ଼ିବ । ତେଣୁ ବାହାରୁ ଏହୁଲଣ କୌଣସିପ୍ରକାର ବାଧ୍ୟବାଧକତା ଅଥବା କଠୋର ଜସ୍ୱରଣ ନୁହେଁ, ମାତ୍ର ତାକୁ ତା'ର ସ୍ୱଚ୍ଛୋଚ ଆସ୍ପାଟିର ଉଥା ଏକ ଶାଣ୍ଟତ ଗଉଷ୍ଟନର ସତ୍ୟଟିର ବଜ୍ଜନମୁକ୍ତ ଆବଷ୍କାରରୂପୀ ପରମ ବସ୍ତୁଟିକୁଦ୍ଦି ଖୋଜ ବାହାର କରିବାକୁ ପଡ଼ିବ ।

ମନୁଷ୍ୟଦ୍ୟକ୍ତ ଆପଣାର ମନ, ଫଲଲ୍ଗଶକ୍ତ ଏବଂ ଚୈତ୍ୟ ବୋଧ ମଧ୍ୟରେଦ୍ଦି ପ୍ରଥମେ ଏହି ଉତ୍ତର ନୈଉକ ବଧାନଟିକୁ ଆବଷ୍କାର କରିଥାଏ ଏବଂ ତା'ପରେ ତାହା ନାଡ଼ ବା ସମୁଦ୍ରର ଜୀବନଭୂମିକୁ ଫପ୍ରସାରିତ ହୋଇ ଯାଇଥାଏ । ବ୍ୟକ୍ତିକୁ ତା'ର ଚଦ୍ଗତ ସଜ୍ଜିଟି ଭିତରେ ମଧ୍ୟ ଏହି ପରମ ବଧାନଟିକୁ ଆବଷ୍କାର କରିବାକୁ ପଡ଼ିବ । ଏବଂ, କେବଳ ସେତିକିବେଳେ ଯାଇ, ମନୋଗତ ଧାରଣାଟି ଦ୍ୱାରା ନୁହେଁ, ମାତ୍ର ଏକ ଆଧ୍ୟାତ୍ମିକ ପ୍ରତ୍ତବ ମଧ୍ୟଦେଇଦ୍ଦି ତାହାକୁ ଅନ୍ୟମାନଙ୍କ ମଧ୍ୟକୁ ଫପ୍ରସାରିତ କରି ହୋଇପାରିବ । ଯେଉଁ ବ୍ୟକ୍ତିମାନେ ଏକ ଅନୁରୂପ ଚେତନାସ୍ତର ବା ଏକ ଅନୁରୂପ ମନୋଗତ, ଫଲଲ୍ଗତ ତଥା ଚୈତ୍ୟବୋଧଗତ ପୃଷ୍ଠଭୂମିର ଉପଲବ୍ଧି କରିପାରି ନାହାନ୍ତି ଏବଂ ତେଣୁ ସୌଣସି ଏକ ନୈଉକ ବଧାନ ସେମାନଙ୍କ ଭିତି ଏକ ବାସ୍ତବ ସତ୍ୟରେ ପରିଣତ ହୋଇ ନାହିଁ କିଂବା ଏକ ଜୀବନଦାତ୍ରୀ ଶକ୍ତ ଦ୍ୱାବରେ ସେମାନଙ୍କୁ ପ୍ରେରିତ କରିପାରି ନାହିଁ, ସେମାନଙ୍କ ଉପରେ ମଧ୍ୟ ଏକ ନସ୍ୱମ ବା ଏକ ଅଦର୍ଶ ଦ୍ୱାବରେ ସେହି ବଧାନଟିକୁ ବେଶ୍ ଲବ୍ଧ ହୋଇପାରି ପାରିବ । ସୌଣସିପ୍ରକାର ବାସ୍ତବ ପ୍ରସ୍ତୋଜନ ତାବ ନଉଣ ମଧ୍ୟ ଏକ ଅଦର୍ଶ ଦ୍ୱାବରେ ତାହା ସେମାନଙ୍କଠାରୁ ପୂର୍ଣ୍ଣ ସମ୍ମାନ ପାଇପାରିବ । ତାହାର ଅନ୍ତର୍ଗତ ବୋଧଟି ସମ୍ପୂର୍ଣ୍ଣ ଅପହ୍ନୁତ ବା ଅପଦ୍ଭୁତ ହୋଇ ରହିଥିଲେ ମଧ୍ୟ ତାହାର ନାନା ବାହ୍ୟକତାରେ ସେଇଟିର ଚମତ୍କାର ପାଳନ ସମ୍ଭବ ହୋଇପାରିବ । ମାତ୍ର ଅଉମାନସ ତଥା ଆଧ୍ୟାତ୍ମିକ ଜୀବନକୁ ଆମେ କଦାପି ଏଭଳି ଏକ ସାନ୍ତିକ ଧାତ୍ତରେ ନେଇ ପକାଇ ପାରିବା ନାହିଁ । ତାହାକୁ କେବଳ ସୋଃଟାଏ ମନୋଗତ ଆଦର୍ଶ ବା ସୋଃଟାଏ ବାହ୍ୟ ନସ୍ୱମରେ ପରିଣତ କରିଯାଇ ପାରିବ ନାହିଁ । ତା'ର ଅପଣାର ସଜ୍ଜସ୍ୱ ସନ୍ଧାନ୍ ପରିଣାମୁଡ଼ତ ଜଉନ୍ତର ସନ୍ତୁନ୍ତ ହୋଇ ରହିଛି; ମାତ୍ର ସେଗୁଡ଼ିକୁ ବାସ୍ତବ ସତ୍ୟରେଦ୍ଦି ପରିଣତ କରିବାକୁ ପଡ଼ିବ, ସେଗୁଡ଼ିକ ବ୍ୟକ୍ତିର ଚେତନା ମଧ୍ୟରେଦ୍ଦି ଅନୁଭୂତ ହେଉଥିବା ଏକ ସତିସ୍ୱ ପରମ ସାମର୍ଥ୍ୟର ନାନାବଧ ବିସ୍ୱାସ୍ପଦଭାବରେ ପରିଣତ ହୋଇ ରହିବ; ଏହି ମନ, ପ୍ରାଣ ଏବଂ ଦେହକୁ ରୂପାନ୍ତରିତ କରି ପାରିବାର ଶକ୍ତିକୁ ବହନ କରୁଥିବା ଏକ ତରନ୍ତନ ସତ୍ତାର ନାନାବଧ ଅନୁଭବିରେଦ୍ଦି ପରିଣତ ହୋଇ ରହିବ । ଏବଂ ଏହିପରି ଜୀବରେ ବାସ୍ତବ, ଫଲପ୍ରଦ ଓ ଅବଶ୍ୟମ୍ଭାବୀ ହୋଇ ପାରୁଥିବାରୁ ଅଉମାନସ ଚେତନା ତଥା ଆଧ୍ୟାତ୍ମିକ ଜୀବନକୁ

'oaob.nitrkl.ac.in' images reprocessed

ସାଙ୍ଗଭୌମ କର ରଖିବାକୁହିଁ ଆମେ ଏପର ଏକ ଶକ୍ତିମତ୍ତା ବୋଲ କହିପାରିବା, ଯାହାକ ଏହି ଧରଣର ସବୋଚ୍ଚ ସ୍ତରରେ ଅବସ୍ଥାନ କରୁଥିବା ପ୍ରାଣୀମାନଙ୍କର ବ୍ୟକ୍ତିଗତ ଏବଂ ସାମୂହିକ ପୂର୍ଣ୍ଣତାପ୍ରାପ୍ତିର ମାର୍ଗଟିକୁ ପ୍ରଶସ୍ତ କରିଦେଇ ପାରିବ । କେବଳ ସେହି ଦିବ୍ୟ ପରମଚେତନା ଏବଂ ତାହାର ନିର୍ବିଶେଷ ପରମସତ୍ତାଟିର ସତତ ସମ୍ପର୍କରେ ଆସିବା ଦ୍ୱାରାହିଁ ସେହି ଚେତନାମସ୍ୱ ପରମ ଦିବ୍ୟତା ଓ ସେହି ଗତିଶୀଳ ପରମ ନିର୍ବିଶେଷତାର କୌଣସି ନା କୌଣସି ରୂପ ଆମର ଏହି ପାର୍ଥିବ ସତ୍ତାଟିକୁ ଆପଣା ଭାବରେ ଗ୍ରହଣ କରିନେଇ ପାରିବ ଏବଂ ତାହାର ଯାବତୀୟ କନ୍ଦଳ, ସ୍ଖଳନ, ଦୁଃଖଭୋଗ ଏବଂ ମିଥ୍ୟାମସ୍ୱତାକୁ ସେହି ସବୋଚ୍ଚ ପରମ ଆଲୋକ, ସାମର୍ଥ୍ୟ ଏବଂ ଆନନ୍ଦରହିଁ ଏକ ପ୍ରତିରୂପରେ ରୂପାନ୍ତରିତ କରିଦେଇ ପାରିବ ।

ସବୋଚ୍ଚ ପରମସତ୍ତାଟି ସହିତ ଆତ୍ମାର ଏହି ସତତ ସ୍ପର୍ଶଜନିତ ପରିକାଶ୍ଚାରୂପେ ଏକ ଅସୀମ ବେଦନର ପର୍ଯ୍ୟାୟ ଆସି ପହଞ୍ଚିବ, ଯାହାକୁ କି ଆମେ ସେହି ଦିବ୍ୟ ପରମ ଇଚ୍ଛାଟି ପାଖରେ ଆପଣାକୁ ସମର୍ପିତ କରି ରଖିବା ବୋଲ କହିପାରିବା, ସର୍ବରୂପୀ ସେହି ପରମ ଅଦ୍ୱୟଙ୍କ ମଧ୍ୟରେ ଆମର ଏହି ବିଚ୍ଛିନ୍ନ ଅହଂଟି ନିମଜ୍ଜିତ ହୋଇଯିବା ବୋଲ କହିପାରିବା । ଆତ୍ମାର ଏକ ପ୍ରସାରଯୁକ୍ତ ବିଶ୍ୱାତ୍ମକତା ଏବଂ ସବୁର ସହିତ ଏକ ପ୍ରଗାଢ଼ ଏକତା;—ଆମେ ଏହାକୁହିଁ ଅନ୍ତିମ ସତ୍ୟ ବୋଲ କହିବା । କେବଳ ସେହି ବିଶ୍ୱାତ୍ମକତା ଓ ଏକତା ମଧ୍ୟରେହିଁ ଆମେ ଦେହସ୍ଥ ଆତ୍ମାର ଏହି ଜୀବନଟିରେ ଦିବ୍ୟ ଅଭିବ୍ୟକ୍ତି ସମ୍ଭବ ହେବାର ସେହି ପରମ ବିଧାନଟିକୁ ଆବିଷ୍କାର କରିନେଇ ପାରିବା; କେବଳ ତାହାର ମଧ୍ୟରେହିଁ ଆମେ ବ୍ୟକ୍ତି-ପ୍ରକୃତିର ସେହି ପରମ ଗତିଶୀଳତା ଏବଂ ସଥାର୍ଥ ଲୀଳାଟିକୁ ଖୋଜିନେଇ ପାରିବା । ଏବଂ କେବଳ ତାହାର ମଧ୍ୟରେହିଁ ନମ୍ରସ୍ତରରେ ରହିଥିବା ଏହିସବୁ ଯାବତୀୟ ବସ୍ତୁଙ୍କ ସଂପୂର୍ଣ୍ଣ ଭିତରେ ବଳିନ ହୋଇଯାଇ ପାରିବେ; ସେହି ଏକ ପରମ ଦେବତ୍ୱର ଭିନ୍ନ ଭିନ୍ନ ଅଂଶ ହୋଇ ରହିଥିବା ଏବଂ ସେହି ଏକ ବିଶ୍ୱପ୍ରଭୁଙ୍କରହିଁ ସନ୍ତାନରୂପେ ଏଠାରେ ବିଚରଣ କରୁଥିବା ଅଭିବ୍ୟକ୍ତ ଜୀବଚୟଙ୍କ ମଧ୍ୟରେ ଯାବତୀୟ ସଥାର୍ଥ ସମ୍ବନ୍ଧର ଏକ ବିଜୟମଣ୍ଡିତ ସୁଷମତା ଭିତରେହିଁ ସେହିସବୁ ବସ୍ତୁଙ୍କ କୁଆଡ଼େ ବଳିନ ହୋଇଯିବେ ।

*

ଯାବତୀୟ ଆଚରଣ ଏବଂ କିୟାକୁ ଆମେ ଆପଣାର ଉଦ୍‌ଗମ, ଗୂଢ଼ ତାତ୍ପର୍ଯ୍ୟ ତଥା ସଂକଳ୍ପର ଭୂମିରେ ଅନନ୍ତ ତଥା ଦିବ୍ୟ ହୋଇ ରହିଥିବା ଏକ ପରମ ସାମର୍ଥ୍ୟ ବା ପରମ ଶକ୍ତିମତ୍ତାର ଗତିସ୍ପନ୍ଦନରହିଁ ଗୋଟିଏ ଅଂଶ ବୋଲ ଜାଣିବା । ଅବଶ୍ୟ

'oaob.nitrkl.ac.in' images reprocessed

ଏକଥା ସତ ଯେ ଏହିସବୁ ଆଚରଣ ଓ ବିସ୍ୱାର ଯେଉଁ ରୂପଟି ଆମର ଦୃଷ୍ଟିଗୋଚର ହୋଇଥାଏ, ତାହା ଆମକୁ ବଡ଼ ଅସଙ୍ଗତ, ଅଜ୍ଞାନାତ୍ମକ, ଭୌତିକ, ସ୍ୱାର୍ଥପର, ମନୋଗତ ଓ ସୀମାବଦ୍ଧ ପରି ବୋଧ ହେଇଥାଏ। ଦୀକ୍ଷିତ ଏକଥା ସମସ୍ତଙ୍କର ପ୍ରକୃତି ମଧ୍ୟରେ ରହିଥିବା ଅସ୍ପଷ୍ଟତା ମଧ୍ୟରେ ସେହି ପରମ ସତ୍ୟତା ଏବଂ ଅନନ୍ତତାର ଛୁଆ ନା କୁଆ ଝଲକାଳକୁ ଜନ୍ମଜନ୍ମାନ୍ତରିତ କରି ଆଣିବାକୁ ସେହି ଶକ୍ତ ସତତ ଚାଲି ଚଳିବାରେ ଲଗିଛୁ। ଏହି ଶକ୍ତ ଆମକୁ ସେହି ପରମ ଆଲୋକିତ ଅଭିମୁଖରେ ଅଗ୍ରସର କରୁଛୁ ସତ, ମାତ୍ର ତଥାପି ଅଜ୍ଞାନର ମଧ୍ୟଦେଇହିଁ ଗତ କରୁଛୁ। ସ୍ୱଚ୍ଛନ୍ଦଗମେ ତାହା ମନୁଷ୍ୟକୁ ତା'ର ଘାରଙ୍ଗସ୍ୱ ଅଦଶ୍ୟତା ତଥା ବାସ୍ତବତା ମଧ୍ୟଦେଇ ଆଗକୁ ବାଟ ଚଢ଼ାଇ ନେଉଛୁ, ତା'ପରେ ଏକ ମାନସିକ ତଥା ନୈତିକ ଆଦର୍ଶଟି ଦ୍ୱାରା ପ୍ରକ୍ଷିପ୍ତ ଏବଂ ସଜ୍ଜୀପିତ ତା'ର ଅଧିକତର ପ୍ରସାରଯୁକ୍ତ ଆଦଶ୍ୟତା ତଥା ବାସ୍ତବତା ମଧ୍ୟଦେଇ ବାଟ ଦେଖାଇ ନେଉଛୁ। ଏହିସବୁ ବସ୍ତୁକୁ ଜଣାଶୁଣା ହୋଇ ଘାରଥିବା ଏବଂ ତଥାପି ସେଗୁଡ଼ିକର ଲବ ତଥା ପ୍ରସ୍ତୋଜନର ରୂପିରେ ବର୍ତ୍ତମାନ ଘାହାଣ୍ଡର ସତ୍ୟ ହୋଇ ରହିଛୁ, ସେହିଗୁଡ଼ିକ ମଧ୍ୟରେହିଁ ସେଗୁଡ଼ିକୁ ଘାରସ୍ତରର ଉନ୍ନତିରତା ଆଣିଦେବାକୁ ଘାରିଥିବା ଏକ ଆଧ୍ୟାତ୍ମିକ ଉପଲବ୍ଧି ଆଡ଼କୁହିଁ ମନୁଷ୍ୟକୁ ପରିଘାଳିତ କରିଦେବା ଲଗି ତାହା ବର୍ତ୍ତମାନ ଷେତ୍ର ପ୍ରସ୍ତୁତ କରିବାରେ ଲଗିଛୁ। ମନୁଷ୍ୟର ଅଦଶ୍ୟତା ଏବଂ ବାସ୍ତବାଗୁଡ଼ିକୁ ତାହା ଏକ ଉଚ୍ଚ ପରମ ଲକ୍ଷ୍ୟ ଏବଂ ପରମ ଆନନ୍ଦରେ ରୂପାନ୍ତରିତ କରିଦେଉଛୁ। ମନୁଷ୍ୟର ମାନସିକ ଏବଂ ନୈତିକ ଆକାଙ୍ଷାକୁ ତାହା ସେଗୁଡ଼ିକର ଅଙ୍ଗତ ହୋଇ ରହିଥିବା ପରମ ସତ୍ୟ ଓ ପରମ ପରିପୂର୍ଣ୍ଣତାର ଶକ୍ତିରେ ରୂପାନ୍ତରିତ କରିଦେଉଛୁ। ଯେଉଁଠି ଦୀକ୍ଷିତଙ୍କର ପ୍ରକୃତିର ଏକ ଖଣ୍ଡିତ ଅଂଶମାତ୍ର ରହିଥିବ, ଯେଉଁଠି ବହିର୍ମୁଖ ଅହଂର ଦେବଳ ଅତ୍ୟାଦେଶ ଏବଂ ଜଳଲଗୁଡ଼ାଏହିଁ ରହିଥିବ, ସେଗୁଡ଼ିକ ସ୍ଥାନରେ ତାହା ଆମ ଭିତରେ ରହିଥିବା ସେହି ବଶ୍ୱାପ୍ରକୃତ ପୁରୁଷ, ସେହି ଦେବସ୍ତ୍ରିତ ସତ୍ତ୍ୱ ଏବଂ ସେହି ପରମ ଆତ୍ମାରହିଁ ଏକ ଅଂଶ ହୋଇ ରହିଥିବା ଆତ୍ମାର ପ୍ରଶାନ୍ତ, ଉଜ୍ଜ୍ୱଳ, ସୌଖମ୍ୟପୂର୍ଣ୍ଣ ଏବଂ ସୁଖସ୍ୱମାବଷ୍ଟ ବଧାନଟିକୁ ଆଣି ପ୍ରତିଷ୍ଠିତ କରିଦେଉଛୁ। ଆମ ଭିତରେ ରହିଥିବା ସେହି ଯଥାର୍ଥ ପୁରୁଷଟି ବଶ୍ୱାପ୍ରକୃତ ହୋଇ ରହିଥିବାରୁ କଦାପି ବହିର୍ମୁଖ ଜୀବନରେ ଆପଣାର ଦୌଡ଼ଟି ପରିତର୍ପଣ ଜାମନା କରୁ ନାହିଁ, ମାତ୍ର ପ୍ରକୃତି ମଧ୍ୟରେ ଆପଣା ବାହ୍ୟ ଅବଦ୍ୟକ୍ତର ଷେତ୍ରଟିରେ ତାହା କେବଳ ଆପଣାର ଯଥାର୍ଥ ପ୍ରକୃତିଟିକୁ ସମ୍ମୁଖ ହୋଇ ଛଠିବାକୁ ଘୂର୍ତ୍ତୁଛୁ, ଆପଣା ଅନ୍ତରସ୍ଥ ଦତ୍ୟ ଆତ୍ମାଟିର ଅଭିବ୍ୟକ୍ତି ଜାମନା କରୁଛୁ; ଆପଣା ମଧ୍ୟରେ ରହିଥିବା ସେହି ବଶ୍ୱାଗତ ଚତ୍ତନ ଶାମର୍ଥ୍ୟ ଏବଂ ସାନ୍ଦ୍ରିଧରହିଁ ଅଭିବ୍ୟକ୍ତି ଜାମନା କରୁଛୁ, ଘାହାକ ସତ୍ତ୍ୱର ସହିତ ଏକ ହୋଇ ରହିଛୁ, ପ୍ରତ୍ୟେକ ବସ୍ତୁ ତଥା ସ୍ଥାଣୀ ସହିତ ସହାନୁଭୂତିବନ୍ତ ହୋଇ ରହିଛୁ, ବତ୍ୟ ଅତିକ୍ରମର ଘାବଶ୍ୟକ ସାମ୍ମୁଖିତ

'oaob.nitrkl.ac.in' images reprocessed

ବ୍ୟକ୍ତତ୍ୱ ତଥା ସାମର୍ଥ୍ୟଗୁଡ଼ିକ ସହିତ ସମରସ ହୋଇ ରହିଛୁ; ମାତ୍ର ତଥାପି ଏହା ସେଗୁଡ଼ିକର ସୀମାତିକ୍ରମ କରି ରହିଛୁ, କୌଣସି ପ୍ରାଣୀ ବା ସାମୂହିକତାର ଅହଂଭାବ ଦ୍ୱାରା ବଦ୍ଧ ହୋଇ ରହି ନାହିଁ ଅଥବା ସେମାନଙ୍କର ନମ୍ନତର ପ୍ରକୃତିଟିର ଅଜ୍ଞାନ-ପୀଡ଼ିତ ନସ୍ୱତ୍ୱଶକ୍ତି ଦ୍ୱାରା ଆଦୌ ସୀମିତ ହୋଇଯାଇ ନାହିଁ । ଆମର ସାବଜ୍ଞସ୍ୱ ଅନ୍ୱେଷଣ ଏବଂ ପ୍ରସ୍ୱାସ ଆଗରେ ଏହି ସମୁଚ୍ଚ ଉପଲବ୍ଧିଟିହିଁ ଲକ୍ଷ୍ୟ ହୋଇ ରହିଛୁ ଏବଂ ତାହା ଆମ ପ୍ରକୃତିର ସଂବଦ୍ଧ ଉପାଦାନଗୁଡ଼ିକ ଲଗି ଏକ ପରିପୂର୍ଣ୍ଣ ସୌଷମ୍ୟ-ବଦ୍ଧତା ଏବଂ ରୂପାନ୍ତରର ନିଶ୍ଚିତ ପ୍ରତିଶ୍ରୁତି ଦେଇଯାଉଛୁ । କେବଳ ସେହି ଉପଲବ୍ଧିକୁ ସମ୍ଭବ କରିପାରିଲେହିଁ ଏକ ଶୁଦ୍ଧ, ସମଗ୍ର ଏବଂ ନିର୍ଦ୍ଦୋଷ କର୍ମ ମଧ୍ୟ ସମ୍ଭବ ହୋଇପାରିବ, ଏବଂ ଆମେ ଆମର ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏହି ପରମ ଦିବ୍ୟତାଟିର ଶିଖରଦେଶରେ ମଧ୍ୟ ଉପନୀତ ହୋଇପିବା ।

ପୂର୍ଣ୍ଣ ଅତିମାନସ କର୍ମ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମାନ ବା ସୀମାବଦ୍ଧ ନସ୍ୱମର ଅନୁସରଣ କରିବ ନାହିଁ । ଏହା ଯେ ବ୍ୟକ୍ତିସ୍ୱଂସ୍ୱ, ଅହଂବାଦୀ ବା ସଂଘବଦ୍ଧ କୌଣସି ଗୋଷ୍ଠୀମନର କୌଣସି ମାନଦଣ୍ଡର ଅନୁରୂପ ହୋଇ ରହିବ, ତାହା ସମ୍ଭବ ତୋଲି ଆଦୌ ମନେହେଉ ନାହିଁ । ତାହା ଏହି ସଂସାରକୁହିଁ ସବୁକିଛୁ ବୋଲି ଗ୍ରହଣ କରି ନେଇଥିବା ଜଣେ ଖାଣ୍ଟି ବ୍ୟାବହାରିକ ମନୁଷ୍ୟର ଦାବିକୁ ମାନି ଚଲିବ ନାହିଁ, ଲୌକାୟତ୍ତ୍ୱରଧର୍ମୀ ମାନବବାଦୀ, ଦେଶଭକ୍ତ, ଜିତପ୍ରବଣ ଲୋକହିତକାମୀ କିଂବା ସବୁ କିଛୁକୁ ଆଦର୍ଶର ରଙ୍ଗ ମଧ୍ୟରେ ଗୁଡ଼ାଇ ରଖିବାକୁ ଚେଷ୍ଟା କରୁଥିବା ଦାର୍ଶନିକର ଦାବି ଅନୁସାରେ ବି ଆପଣାକୁ ପରିଚାଳିତ କରିବ ନାହିଁ । ଏକ ଆଲୋକଜଯୁକ୍ତ ଏବଂ ଉତ୍ତୋଳିତ ସଜ୍ଞା, ସଂକଳ୍ପ ତଥା ଜ୍ଞାନର ସମଗ୍ରତା ମଧ୍ୟରେ ଅବସ୍ଥିତ ରହି ତାହା ସେହି ଶିଖରଗୁଡ଼ିକରୁହିଁ ଏକ ସ୍ୱତଃସ୍ଫୂର୍ତ୍ତ ପ୍ରବାହ ଦ୍ୱାରା ଉଦ୍‌ଭୂତ ହୋଇ ଆସିବ ଏବଂ ଆମର ବୁଦ୍ଧିନିର୍ଭର ବିବେଚନଶକ୍ତି ବା ମାନଅଧୀନ ଇଚ୍ଛାଟି କେବଳ ଯେଉଁକ ମାନ ସମ୍ଭବ କରାଇ ପାରନ୍ତି, ତାହା ସେହି ନିର୍ବାଚିତ, ପରିମିତ ଏବଂ ନିର୍ଦ୍ଧାରିତ କର୍ମଟି ଦ୍ୱାରା କଦାପି ନିଷ୍ପନ୍ନ ହେଉ ନଥିବ । ଆମ ଭିତରେ ଦିବ୍ୟତାର ଅଭିବ୍ୟକ୍ତି ଘଟାଇବା, ସଂସାରକୁ ଏକତାସଂବଦ୍ଧ କରି ରଖିବା ଏବଂ ସେହି ଉର୍ଦ୍ଧ୍ୱ ପରମ ଅଭିବ୍ୟକ୍ତିଟି ଆଡ଼କୁ ସଂସାରର ଅଗ୍ରଗତିକୁ ଅବ୍ୟାହତ ରଖିବାହିଁ ତାହାର ଏକମାତ୍ର ଉଦ୍ଦେଶ୍ୟ ହୋଇ ରହିବ । ଏଇଟି ମଧ୍ୟ ପ୍ରକୃତରେ ଯେତେଦୂର ଏକ ସ୍ଥିରୀକୃତ ଲକ୍ଷ୍ୟ ବା ଉଦ୍ଦେଶ୍ୟ ହୋଇ ନରହିବ, ତା'ଠାରୁ ଅଧିକ ପରିମାଣରେ ବରଂ ସଜ୍ଞାର ଏକ ସ୍ୱତଃସ୍ଫୂର୍ତ୍ତ ବିଧାନ ହୋଇ ରହିବ ଏବଂ ଉର୍ଦ୍ଧ୍ୱ ପରମସତ୍ତାର ସେହି ଆଲୋକ ଏବଂ ତାହାର ସ୍ୱସଂଚାଳନଶୀଳ ପ୍ରଭାବ ଦ୍ୱାରା ସଂଘଟିତ ହେଉଥିବା କାର୍ଯ୍ୟରହିଁ ସଚେତ-ପ୍ରେରିତ ନିର୍ଦ୍ଧାରଣ ହୋଇ ରହିବ । ଠିକ୍ ପ୍ରକୃତିର ନିସ୍ପାତି ପରି ଏଇଟି ମଧ୍ୟ ତା' ପଛରେ ରହିଥିବା ଏକ ସମଗ୍ର ଇଚ୍ଛା ଏବଂ ଜ୍ଞାନରୁହିଁ ଉଦ୍‌ଭୂତ ହୋଇ ଆସିବ; ମାତ୍ର

'oaob.nitrkl.ac.in' images reprocessed

ସେହି ଇଚ୍ଛା ଓ ସେହି ଜ୍ଞାନ ଏକ ତେତନାଯୁକ୍ତ ପରମ ପ୍ରକୃତ ମଧ୍ୟରେ ସ୍ପନ୍ଦୀତ ହୋଇ ରହିଥିବ ଓ ତା'ର ଅଜ୍ଞାନଗ୍ରସ୍ତ ପ୍ରକୃତିଟି ମଧ୍ୟରେ ଆଉ ତଦାପି ତମସାବୃତ ହୋଇ ରହି ନଥିବ । ଏହି କର୍ମଟି ଦୌଣସିପ୍ରକାର ଦ୍ୱୈତତା ମଧ୍ୟରେ ବାନ୍ଧହୋଇ ରହି ନଥିବ ମାତ୍ର ଆତ୍ମାର ସଜ୍ଞାଗତ ଓ ପଶ୍ଚାତ୍ତତ ଆନନ୍ଦ ମଧ୍ୟରେହିଁ ପୂର୍ଣ୍ଣ ଏବଂ ପରିବ୍ୟାପ୍ତ ହୋଇ ରହିଥିବ । ଆଜ ସେଇଠାରେ କେବଳ ଏକ ଦୃଶ୍ୟଦ୍ରଷ୍ଟା ଓ ଅଜ୍ଞାନମସ୍ତ ଅହଂର ନାନା ବିମୂଢତା ଏବଂ ସ୍ଖଳନହିଁ ଲକ୍ଷି ରହିଛୁ, ତାହାର ସ୍ଥାନରେ ସେତେବେଳେ ଏକ ଉଦ୍ୟ ପରମ ସାମର୍ଥ୍ୟ ଓ ପରମ ପ୍ରଜ୍ଞାର ମଙ୍ଗଳଦାସ୍ତ ଏବଂ ପ୍ରେରଣାମସ୍ତ ଉତ୍ତରଣନହିଁ ଆମକୁ ବାଟ ଦେଖାଇ ନେଇଯିବ, ଆମକୁ ଧାବତ କରି ନେଇଯିବ ।

ଏଣୁସ୍ତସ୍ତ ଦୁସ୍ତକ୍ଷେପର ଦୌଣସି ଅଲୌକିକ ଘଟଣା ଦ୍ୱାରା ଯଦି ସମୁଦାସ୍ତ ମାନବଜାତିକୁ ଏବାବେଳକେ ଏହି ସୋପାନଟିକୁ ଜବାଇ ଜଆଯାଇ ପାରିବ, ତେବେ ପାରମ୍ପରିକ ବର୍ତ୍ତନାରେ ଯାହାକୁ ପୂବର୍ତ୍ତୀଯୁଗ ବୋଲି କୁହାଯାଇଛୁ, ଆମର ଏହି ପୃଥିବୀରେ ସେହିଭଳି ଦୌଣସି ଏକ ସତ୍ୟଯୁଗର ପ୍ରତିଷ୍ଠା ହୋଇଯିବ । କାରଣ ସତ୍ୟଯୁଗର ଗୋଟିଏ ଲକ୍ଷଣ ହେଉଛୁ ଯେ ସେତେବେଳେ ଉଦ୍ୟ ବଧାନଟି ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ସ୍ୱତଃସ୍ଫୂର୍ତ୍ତି ଏବଂ ତେତନାଦୀପ୍ତ ହୋଇ ରହିବ, ଏବଂ ଏକ ପରିପୂର୍ଣ୍ଣ ସମଞ୍ଜସତା ଏବଂ ବନ୍ଧନମୁକ୍ତତା ମଧ୍ୟରେ ଆପଣାର ସ୍ୱଜାସ୍ତ କାର୍ଯ୍ୟଗୁଡ଼ିକୁ ବହିଯାଇପାରିବ । ସେତେବେଳେ ଗୋଟିକୁ ଆଉ ଗୋଟିଏଠାରୁ ଅଲଗା କରି ଦେଇପାରିବା ଦୌଣସି ବସ୍ତୁଜନ ନୁହେଁ, ମାତ୍ର ଏକତା ଏବଂ ବିଶ୍ୱାତ୍ମାହିଁ ମାନବସମୂହର ତେତନାର ଏକମାତ୍ର ଭିତ୍ତି ହୋଇ ରହିବ । ପ୍ରେମର ପରିପୂର୍ଣ୍ଣ ପ୍ରତିଷ୍ଠା ହେବ, ସମସ୍ତାର ସୋପାନଗତତା ସମ୍ପୂର୍ଣ୍ଣ ପରିତ ରହିବ, ସକଳ ବହିର୍ଜଗତ ମଧ୍ୟରେ ବ ତାହା ସଙ୍ଗାଙ୍ଗପୂର୍ଣ୍ଣ ହୋଇ ରହିବ । ବସ୍ତୁଗୁଡ଼ିକରେ ଜଡ଼ତ ହୋଇ ରହିଥିବା ସତ୍ତ୍ୟ ଏବଂ ଆପଣା ଭିତରେ ତଥା ଅନ୍ୟମାନଙ୍କ ଭିତରେ ରହିଥିବା ସତ୍ତ୍ୟଟି ସମ୍ପୂର୍ଣ୍ଣ ସୌଷମ୍ୟବନ୍ତ ହୋଇ ରହିଥିବା ଏବଂ ତେଣୁ ଯଥାର୍ଥ ଏବଂ ସମୁଚିତ ପରିଣାମଟି ବସ୍ତୁରେ ଜନ୍ମିତ ହୋଇ ରହିଥିବା ଆମ ସଜ୍ଞାର ସ୍ୱତଃସ୍ଫୂର୍ତ୍ତି କିମ୍ବାହିଁ ଦ୍ୱାରା ପରିପୂର୍ଣ୍ଣ ନ୍ୟାସ୍ତ ଉପଲବ୍ଧି ହୋଇ ରହିବ । ସମ୍ୟକ୍ ବବେକ ସେତେବେଳେ ଆଉ ମନରୁ ଜନ୍ମନ୍ତ ହୋଇଥିବା ଏକ ବବେକ ନହୋଇ ଏକ ଅଭମାନସ ବବେକ ହୋଇ ରହିବ; କୃତିମ ନେତେଃ। ମାନଦଣ୍ଡକୁ ମାନ ଚଳିବା ଦ୍ୱାରା ତାହା ଆଦୌ ସନ୍ତୁଷ୍ଟ ହେବ ନାହିଁ, ମାତ୍ର ଯଥାର୍ଥ ସମ୍ବନ୍ଧଜ୍ଞତା ଏବଂ କର୍ମରେ ସେଗୁଡ଼ିକର ଅନ୍ତରାର୍ଥ ବାସ୍ତବ ପ୍ରସ୍ତୋଗର ବନ୍ଧନସ୍ପନ ଏକ ସ୍ୱସଂଗଠନଶୀଳ ଅବବୋଧ ଦ୍ୱାରାହିଁ ତାହା ଆପଣାର ସନ୍ତୋଷବଧାନ କରିପାରିବ । ବର୍ତ୍ତମାନ ବ୍ୟକ୍ତି ଏବଂ ସମାଜ ମଧ୍ୟରେ ଯେଉଁ ବବାଦ ରହିଯାଇଛୁ ଏବଂ ଗୋଟିଏ ଗୋଷ୍ଠୀ ଓ ଅନ୍ୟ ଗୋଟିଏ ଗୋଷ୍ଠୀ ମଧ୍ୟରେ ଯେଉଁ ଦ୍ୱାନ୍ଦବ

'oaob.nitrkl.ac.in' images reprocessed

ସଂଘର୍ଷମାନ ଚାଲୁଛୁ, ସେତେବେଳେ ସେସବୁ ଆଉ କିଛୁ ରହିବ ନାହିଁ । ଦେହଧାରୀ ଜୀବମାନଙ୍କ ମଧ୍ୟରେ ନହେଉ ହୋଇ ରହିଥିବା ବଣ୍ଟାପୂକ ଚେତନା ଏକତା ମଧ୍ୟରେହିଁ ଏକ ପୂର୍ଣ୍ଣସଞ୍ଜସ ବନ୍ଧନଭାର ନର୍ଭର ପ୍ରତିଶ୍ରୁତି ଦେଇ ରଖିଥିବ ।

ମାନବସମାଜ ବର୍ତ୍ତମାନ ଯେଉଁଭଳି ଏକ ସ୍ଥିତିରେ ରହିଛୁ, ସେଥିରେ ଆଗ ବ୍ୟକ୍ତିକୁହିଁ ଜଣେ ପୃଗ୍ରେଗାମୀ ତଥା ପ୍ରଥମଯାତ୍ରୀରୂପେ ଏହି ଶିଖରଦେଶକୁ ଆରୋହଣ କରିବାକୁ ପଡ଼ିବ । ତାହାର ଏହି ଏକାଙ୍କୀ ବାଟ ଗୁଲ୍ ବାହାଣ୍ଟବାକି ଅନବାର୍ଯ୍ୟତଃ ତାହାର ବାହ୍ୟ ଜିୟାତ୍ମକତାଗୁଡ଼ିକୁ ମଧ୍ୟ ଏପର ଏକ ଦଗଗ୍ଟରଣା ଏବଂ ନିର୍ଦ୍ଦିଷ୍ଟ ରୂପ ଆଣିଦେବ, ଯାହାକି ସଚେତନ ସ୍ତରରେ ଦବ୍ୟ ହୋଇ ରହିଥିବା ଯାବତ୍ସତ୍ୱ ସାମୂହିକ କର୍ମର ଦଗଗ୍ଟରଣା ଏବଂ ରୂପରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇ ରହିଥିବ । ଅନ୍ତର୍ଗତ ସ୍ଥିତିକି ଅର୍ଥାତ୍ ତାହାର ଯାବତ୍ସତ୍ୱ କର୍ମର ମୂଳଟି ଠିକ୍ ତାହାହିଁ ହେବ ସତ୍ତ, ମାତ୍ର ସମ୍ପୂର୍ଣ୍ଣ ସ୍ତରରେ ଅଜ୍ଞାନରୁ ମୁକ୍ତ ହୋଇ ଯାଇଥିବା ଏକ ପୃଥିବୀରେ ତାହାର କର୍ମଗୁଡ଼ିକ ଯେପର ହୁଅନ୍ତା, ଏହି ପୃଥିବୀରେ ସେଗୁଡ଼ିକ ତା'ଠାରୁ ସୁଏତ ଅତ୍ୟନ୍ତ ଭିନ୍ନ ହୋଇ ରହିବ । ମାତ୍ର ତଥାପି ତାହାର ଚେତନା ଓ ତା'ର ଜୀବନାଚରଣର ଦବ୍ୟ ଯନ୍ତ୍ରବ୍ୟବସ୍ଥାଟି,—ଏଭଳି ଏକ ପୂର୍ଣ୍ଣମୁକ୍ତ ବସ୍ତୁଟି ଲଗି ଯଦି ଆମେ ଏପର ଏକ ଶବ୍ଦ ବ୍ୟବହାର କରିପାରିବା,—ଠିକ୍ ଆମର ବର୍ତ୍ତମାନିରହିଁ ଅନୁରୂପ ହୋଇ ରହିଥିବ । ଅର୍ଥାତ୍ ପ୍ରାଣଗତ ସକଳ ଅଶୁଦ୍ଧତା, ବାସନା ଓ ଯାହାକୁ ଆମେ ପାପ ବୋଲି କହୁ, ସେହି ମିଥ୍ୟା ଆବେଗଟିର ସକଳ ଅଧୀନତାରୁ ତାହା ମୁକ୍ତ ହୋଇ ରହିବ; ଯେଉଁସବୁ ନିର୍ଦ୍ଦିଷ୍ଟ ମାନସିକ ସୂତ୍ରକୁ ଆମେ ପୁଣ୍ୟ ବୋଲି କହିଥାଉ, ସେଗୁଡ଼ିକର ଶାସନରେ ତାହା କୌଣସିପ୍ରକାରେ ବାନ୍ଧହୋଇ ରହିବ ନାହିଁ । ତାହା ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଜ୍ଞାନରେହିଁ ପୂର୍ଣ୍ଣତ ଓ ଶୁଦ୍ଧ ହୋଇ ରହିବ, ମନଠାରୁ ବୃହତ୍ତର ଏକ ଚେତନା ମଧ୍ୟରେ ତାହା ସର୍ବାଙ୍ଗପୂର୍ଣ୍ଣ ହୋଇ ରହିବ, ଆପଣାର ଯାବତ୍ସତ୍ୱ ପଦକ୍ଷେପରେ କେବଳ ସେହି ପରମ ଚଦ୍ଗଚତ୍ତାର ଆଲୋକ ଏବଂ ସତ୍ତ୍ୟଟି ଦ୍ୱାରାହିଁ ଶାସିତ ହୋଇ ରହିଥିବ । ମାତ୍ର ଯେଉଁମାନେ ଅତିମାନସ ପୂର୍ଣ୍ଣତାରେ ଯାଇ ଉପନୀତ ହୋଇ ପାରିଛନ୍ତି, ଯଦି ସେମାନଙ୍କୁ ନେଇ ଏକ ସମୂହ ବା ଗୋଷ୍ଠୀର ରଚନା କରିଯାଇ ପାରେ, ତେବେ ସୁଏତ ବସ୍ତୁତଃ କୌଣସି ଦବ୍ୟ ବସ୍ତୁଷ୍ଟି ଆକାର ଗ୍ରହଣ କରିପାରିବ । ସୁଏତ ଏପର ଏକ ନୂତନ ପୃଥିବୀ ଅବଶ୍ୟମ୍ଭୀ ହୋଇ ଆସିବ ଯାହାକି ଏକ ନୂତନ ସ୍ୱର୍ଗରୂପେ ଏଠାରେ ପ୍ରତିଷ୍ଠିତ ହୋଇ ରହିବ; ଅପରିହାର୍ଯ୍ୟ ଯାହାଥିବା ଏହି ପାର୍ଥିବ ଅଜ୍ଞାନର ଅନ୍ଧକାର ଭିତରେ ଏଇଠି ଅତିମାନସ ଆଲୋକର ଏକ ପୃଥିବୀ ସମ୍ଭବ ହୋଇ ପାରିବ ।

'oaob.nitrkl.ac.in' images reprocessed

ଅଷ୍ଟମ ପରିଚ୍ଛେଦ

ସର୍ବପରମ ଇଚ୍ଛା

ଯେଉଁ ଆତ୍ମା ପ୍ରଥମେ ଅଜ୍ଞାନ ଭିତରେ ବାନ୍ଧହୋଇ ରହିଥିବା ପରି ଜଣାଯାଏ ଏବଂ ତା'ପରେ ପରମ ଅନନ୍ତଙ୍କର ଶକ୍ତି ତଥା ପ୍ରଜ୍ଞା ମଧ୍ୟରେ ବମୋଚକ ହୋଇଯାଏ, ସେହି ଆତ୍ମାର ଏହି ବମୋକ୍ଷର ଅନ୍ତର୍ଦ୍ଦୃଷ୍ଟିର ଆଲୋକରେ ବସୁର ଜଣାଯିବେ 'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ' ଉକ୍ତିଟି ଦ୍ୱାରା ଗୀତାରେ ଜର୍ମଗୋରୀକୁ ଯେଉଁ ମହାନ୍ ଏବଂ ସ୍ପର୍ଦ୍ଧୋତ ଉପଦେଶଟି ଦିଆଯାଇଛୁ, ଆମେ ତାହାର ମର୍ମକୁ ଅଧିକ ଭଲ ଭାବରେ ବୁଝିବାକୁ ସମର୍ଥ ହେବା । ଆମର ଅହଂ ଯେତେବେଳେ ଜଡ଼ରୁ ଚିତ୍‌ଗତତା ପର୍ଯ୍ୟନ୍ତ ଆପଣାର ପଥଟିକୁ ଅତିକ୍ରମ କରି ଯାଇଥାଏ, ସେତେବେଳେ ସେତକକେଲର ଆବଶ୍ୟକତାଗୁଡ଼ିକ ଉପରେହିଁ ତେତୋଟି ଅସ୍ଥାସ୍ୱୀ ରତନାରୁପେ ଯାବତ୍ତାସ୍ୱ ମାନଦଣ୍ଡ ତଥା ନସ୍ୱମ ଆଧାରିତ ହୋଇ ରହିଥାଏ । ମଧ୍ୟବର୍ତ୍ତୀ ପଥର ବରୁନ୍ନ ପର୍ଯ୍ୟାସ୍ୱଗୁଡ଼ିକରେ ଆମେ ଯେପର୍ଯ୍ୟନ୍ତ ସନ୍ତୁଷ୍ଟ ହୋଇ ପଡ଼ି ରହିଥାଉ, ଅର୍ଥାତ୍ ଆମ ଜଡ଼ଗତ ଓ ପ୍ରାଣିକ ଜୀବନକୁ ନେଇ ସନ୍ତୁଷ୍ଟ ହୋଇ ରହିଥାଉ, ମନୋଗତ ଯାବତ୍ତାସ୍ୱ ଉତ୍ତ୍ୟାସ୍ୱକତା ମଧ୍ୟରେ ଜଡ଼ିତ ହୋଇ ରହିଥାଉ ବା ଏପରିକ ଆଧାତ୍ମିକ ଜୀବା ଜ୍ୟୋତିର ଜନ୍ମନ୍ତ ସ୍ପର୍ଶଲଭ କରୁଥିବା ମନୋରୁମିର ସେହି ପରମ୍ପରଗୁଡ଼ିକ ଭିତରେ ଲଗି ହୋଇ ରହିଥାଉ, ସେତକକେଲେହିଁ ଏସବୁ ସ୍ୱାମସ୍ୱିକ ଉପାସ୍ୱ-ଗୁଡ଼ିକର ଏକ ଅପେକ୍ଷିତ ଅନନ୍ତାର୍ଜିତା ଜନ୍ମସ୍ୱ ରହିଥାଏ । ମାତ୍ର ତା' ସେପାଖକୁ କେବଳ ଏକ ଅଭିମାନସ୍ୱ ଅନନ୍ତ ତେତନାର ପ୍ରାତୀରସ୍ପନ ପ୍ରଶସ୍ତତାହିଁ ବଦ୍ୟମାନ ଥାଏ ଏବଂ ସେହି ଭୂମିରେ ସ୍ୱାମସ୍ୱିକ ଓ ଅସ୍ଥାସ୍ୱୀ ଯାବତ୍ତାସ୍ୱ ରତନାର ଆଉ ତୌଣସି ଆବଶ୍ୟକତା ନଥାଏ । ସକଳ ବସ୍ତୁର ସେହି ପରମ ପ୍ରଭୁ ଏବଂ ସକଳ ପ୍ରାଣୀଙ୍କର ସେହି ପରମ ବନ୍ଧୁଙ୍କ ଦ୍ୱାରେହିଁ ଆପଣାକୁ ପୁର୍ଣ୍ଣତନ୍ୟସ୍ତ କରି ରଖିବାକୁ ଏବଂ ଆମର ମାନସିକ ସୀମା ଏବଂ ପଶୁମାପଜଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପଛରେ ପକାଇ ଦୂରଇଦିବାକୁ ଯଦି ଆମ ଭିତରେ ବଶ୍ୱାସ ନଥାଏ ବା ସାହସ ମଧ୍ୟ ନଥାଏ, ତେବେ ସେହି ପରମ ଶାଶ୍ୱତ ତଥା ପରମ ଅନନ୍ତଙ୍କର ଆଧାତ୍ମିକ ସତ୍ତାଟି ମଧ୍ୟରେ ସମ୍ପୂର୍ଣ୍ଣ

'oaob.nitrkl.ac.in' images reprocessed

ଜ୍ଞାନରେ ପ୍ରବେଶ କରିବା ଆଉ ସମ୍ଭବ ହୋଇପାରେ ନାହିଁ । ଗୋଟାଏ ମୁହୂର୍ତ୍ତ ଆସି ପହଞ୍ଚିବ, ଯେତେବେଳେ କ ଆମକୁ ଆଉ କୌଣସି କୁଣ୍ଠା, ଦ୍ୱିଧା, ଭସ୍ମ ଅଥବା ଫଣସ୍ୱ ନରଖି ସେହି ମୁକ୍ତାଙ୍କର, ସେହି ଅନନ୍ତାଙ୍କର ଏବଂ ସେହି ପରମ ନିର୍ବିଶେଷାଙ୍କରଙ୍କି ମହାସମୁଦ୍ରଟି ମଧ୍ୟକୁ ଡେଇଁ ପଡ଼ିବାକୁ ହେବ । ଜସ୍ମମବଦ୍ଧତାର ପର୍ଯ୍ୟାସ୍ୱ ପରେ ଏହିସବୁ ବନ୍ଧନରୁ ମୁକ୍ତ ହୋଇ ବାହାର ଆସିବାର ପର୍ଯ୍ୟାସ୍ୱ ଆସି ପହଞ୍ଚିବ; ଏହି ବ୍ୟକ୍ତିଗତ, ସାଂଜନ୍ମନ ବା ବଶ୍ୱାସ୍ପଦ ମାନଦଣ୍ଡଗୁଡ଼ିକ ପରେ ଏକ ବୃହତ୍ତର ବସ୍ତୁ ଆସି ପହଞ୍ଚିବ, ସକଳ ବ୍ୟକ୍ତିତ୍ୱଗତ ସଙ୍କୁଚିତତାର ସୋପାଟରେ ରହିଥିବା ଏକ ସ୍ଥିତିସ୍ଥାପକତା ବା ସାବଲ୍ଲାଲତା ଆସି ପହଞ୍ଚିବ, ଦତ୍ତ ସ୍ୱତନ୍ତ୍ରତା, ବଶ୍ୱାଙ୍ଗତ ସାମର୍ଥ୍ୟ ଏବଂ ସ୍ୱର୍ଗୀସ୍ୱ ଆବେଗର ପର୍ଯ୍ୟାସ୍ୱଟି ଆସି ପହଞ୍ଚିବ । ଆଗ୍ନେହ୍ନଣକାଳର ସିଧା ଢାଗ ବାଟଟି ଅତିକ୍ରମ କରିଗଲେ ପବତର ଶିଖରଦେଶରେ ସେହି ପୁରସ୍କୃତ ଅଧିତ୍ୟକା-ଗୁଡ଼ିକ ଉପଲବ୍ଧି ହୋଇଯିବ ।

ତେବେଯାଇ ଆମେ ଆପଣାର ଆଦର୍ଶଗୁଡ଼ିକର ଉଚ୍ଚରେ ଶବ୍ଦଟା ଜଣ୍ଡୁଡ଼ଶ, ଶୁଭ, ସୁନ୍ଦର ଏବଂ ସମ୍ପୂର୍ଣ୍ଣ-ଅଙ୍ଗ ହୋଇ ରହିଥିବା ସେହି ପରମ ତତ୍ୱ ସ୍ୱରୂପଙ୍କର ଉପାସନା କରିପାରିବା । ବସ୍ତୁତଃ ଏହି ଗୁରୁଗୁଡ଼ିକୁ ବଦଳିଯିବାକୁ ହେବ; ଆମେ ବୁଦ୍ଧିଟାକୁ ଉଦ୍ଭଣ ନକରି ତତ୍ୱ ସୌନ୍ଦର୍ଯ୍ୟକୁହିଁ ଉଦ୍ଭଣ କରିବା, ଅପୂର୍ଣ୍ଣତାକୁ ବଶ୍ରାମଟଳରୂପେ ଉଦ୍ଭଣ ନକରି ପୂର୍ଣ୍ଣତା ଲଭିହିଁ ସତତ ଉଦ୍ୟମ କରିବା; ଏବଂ ଅଶୁଭ ନୁହେଁ, ମାତ୍ର ପରମ ଶୁଭହିଁ ଚରିତ୍ରଗତର ଧେସ୍ୱ ଓ ଲକ୍ଷ୍ୟରୂପେ ଅବସ୍ଥାପିତ ହୋଇ ରହିବ । ମାତ୍ର ଆମେ ଯାହାକିଛୁ କରିବା, ତାହାକୁ ଏତ ଅଧ୍ୟାତ୍ମିକ ପୂର୍ଣ୍ଣବୋଧ ଏବଂ ଜ୍ଞାନ ସହଜହିଁ କରିବା; ଏବଂ ଏତ ତତ୍ୟ ଜ୍ଞାନ, ତତ୍ୟ ସୌନ୍ଦର୍ଯ୍ୟ, ତତ୍ୟ ପୂର୍ଣ୍ଣତା ଏବଂ ତତ୍ୟ ପୂଜାହିଁ ଆମର ଅନୁସରଣୀସ୍ୱ ହୋଇ ରହିବ, ଏହାପରି ବସ୍ତୁର ମାନଦାସ୍ ମାନଦଣ୍ଡଗୁଡ଼ିକହିଁ ତଦାପି ଅନୁସରଣୀସ୍ୱ ହୋଇ ରହିବ ନାହିଁ । ଇତ ଆମ ଭିତରେ ସମତାତ୍ତ୍ୱବ ନଥାଏ, ତେବେ ସେଇଥିପାଇଁ ଏତ ପ୍ରମାଣ ମିଳିଥିବ ଯେ ଅଜ୍ଞାନ ଏସର୍ଫନ୍ତୁ ମଧ୍ୟ ଆମର ଅନୁଧାବନ କରୁଛୁ, ଏସବ ପରିସ୍ଥିତିରେ ଆମେ ପ୍ରକୃତରେ କଣ୍ଟହେଲେ ବୁଝିବାକୁ ସମର୍ଥ ହେବା ନାହିଁ ଏବଂ ଅଧ୍ୟତର ଭିତରେ ଏସେ ଏତ ସମ୍ଭାବନା ମଧ୍ୟ ରହିଥିବ ଯେ ତେବଳ ଆଉ ଗୋଟିଏ ନୂଆ ଅପୂର୍ଣ୍ଣତାର ସୃଷ୍ଟି କରିବା ଲଗିହିଁ ଆମେ ପୁରୁଣା ଅପୂର୍ଣ୍ଣତାକିକୁ ବଜଷ୍ଟ କରି ଦାଢ଼ାଇଥିବା । ତାଉଣ ଏହି ଷ୍ଟେତ୍ରରେ ଆମେ ତତ୍ୟ ମୂଲ୍ୟବୋଧଗୁଡ଼ିକ ପ୍ରତାଶେ ଆମ ମାନବିକ ମନ ଏବଂ ଜୀବନୀ-ଅସ୍ତାର ତଳନା ଏବଂ ଅବଧାରଣାଗୁଡ଼ିକୁହିଁ ସ୍ଥାନାପନ୍ନ ଭାବରେ ବ୍ୟବହାର କରିବାରେ ଲଗିଥିବା ।

ସମତାତ୍ତ୍ୱବ କହିଲେ ଆମେ ତଦାପି ସୌନ୍ଦର୍ଯ୍ୟ ଏତ ନୂତନ ଅଜ୍ଞାନ ଅଥବା ଅନ୍ଧତାକୁ ବୁଝିବାକୁ ଯିବା ନାହିଁ । ସମତା ତଦାପି ସୌନ୍ଦର୍ଯ୍ୟ ଦୃଷ୍ଟିଭଙ୍ଗି ଧ୍ୟାନରତାକୁ ଆବାହନ କରି ଆଣିବ ନାହିଁ ଏବଂ ଯାବତ୍ତୀୟ ରଙ୍ଗକୁ ତଲୁପ୍ତ କରିଦେବା ସଙ୍ଗି ସୌନ୍ଦର୍ଯ୍ୟ ତନ୍ତାନ୍ତ ଆରମ୍ଭ କରିବ ନାହିଁ । ତତ୍ତ୍ୱତା ରହିବ, ଅତ୍ତ୍ୟତ୍ତରେ ଘାର୍ଥତ୍ୟ ଓ ନାନାତ୍ତ୍ୱଧତା ମଧ୍ୟ ଅବଶ୍ୟ ରହିବ; ଏବଂ ଏହି ତତ୍ତ୍ୱଧତାକୁ ଆମେ ଜ୍ଞାସ୍ତ୍ୱ ତା'ର ଯଥାର୍ଥ ମୂଲ୍ୟ ଦେଇ ଦେଖିବା । ଯେତେବେଳେ ଆମର ତତ୍ତ୍ୱ ଏତ ଅଂଶିତ ଓ ପ୍ରମାତତ୍ତ୍ୱ ପ୍ରେମ ଓ ଘୃଣା, ପ୍ରଶଂସା ଓ ଅବଜ୍ଞା, ସହାନୁଭୂତ ଓ ଉପେକ୍ଷା ଏବଂ ଆକର୍ଷଣ ଓ ନଗୁପ୍ସା ଦ୍ୱାରା ନେପାତ୍ତତ ହୋଇ ରହିଥିବ, ସେତେବେଳର ବୁଲନାରେ ବର୍ତ୍ତମାନ ଅନେକ ଅଧିକ ନ୍ୟାସ୍ୱପୂର୍ଣ୍ଣ ଏବଂ ଯଥାର୍ଥ ଭାବରେ ଆମେ ତାହା କରିବାକୁ ସମର୍ଥ ହେବା । ମାତ୍ର ତତ୍ତ୍ୱଧତାଟି ପଛରେ ଆମେ ସବଦା ଏହାର ମଧ୍ୟରେ ଅବସ୍ଥିତ ରହିଥିବା ପରମ ପୂର୍ଣ୍ଣରୂପ ଏବଂ ତତାରମ୍ଭୁତତ୍ତ୍ୱ ମଧ୍ୟ ଦେଖିବାକୁ ସମର୍ଥ ହେବା । ଏହି ବଶିଷ୍ଟରୂପ ଅତ୍ତ୍ୟତ୍ତ୍ୱଟି ମଧ୍ୟରେ ହେତି ପ୍ରଜ୍ଞାମସ୍ ଉଦ୍ଦେଶ୍ୟ ଏବଂ ତତ୍ୟ ପ୍ରସ୍ତୋଜନଟି ରହିଛୁ, ଆମେ ସେଇଟିକୁ ମଧ୍ୟ ଅନୁତବ କରିବାକୁ ଏବଂ

'oaob.nitrkl.ac.in' images reprocessed

ଜାଣିବାକୁ ସମର୍ଥ ହେବା, ଅଥବା, ଯଦି ସେଇଟି ଆମ ପାଖରୁ ପ୍ରଚ୍ଛନ୍ନ ହୋଇ ରହିଥାଏ, ତେବେ ତାହାର ଉପରେ ଅନ୍ଧଭାବ ବିଶ୍ୱାସ ସ୍ଥାପନ କରିପାରିବା । ଆମର ମନୁଷ୍ୟସୁଲଭ ମାନଦଣ୍ଡଗୁଡ଼ିକର ଆଖିରେ ତାହା ବୈଷମ୍ୟଯୁକ୍ତ ଏବଂ ପରିପୂର୍ଣ୍ଣ ଅଥବା ଅଶୋଧିତ ଏବଂ ଅସମାପ୍ତ ବା ଏପରିକ ମିଥ୍ୟାମୟ ଓ ଅଶୁଭ ବୋଲି ପ୍ରତୀତ ହେଉଥିଲେ ମଧ୍ୟ ଆମେ ଅନ୍ତଃତଃ ସେଉଡିକ କରିବାକୁ ସମର୍ଥ ହେବା ।

ଏବଂ ଏହାପରି ସ୍ତରରେ ମଧ୍ୟ ଆମେ ଦୁଃଖଦ ତଥା ସୁଖକର ସକଳ ଘଟଣା, ପରାଜୟ ଓ ସାଫଲ୍ୟ, ସମ୍ମାନ ଓ ସମ୍ମାନହାନି, ସୁନାମ ଓ ଦୁର୍ନାମ ତଥା ସୌଭାଗ୍ୟ ଏବଂ ଦୁର୍ଭାଗ୍ୟ ଯାବତୀୟ ବସ୍ତୁ ପ୍ରତି ଠିକ୍ ସେହିଭଳି ଏକ ସମଭାତ୍ୱର ଅର୍ଜନ କରିପାରିବା । କାରଣ ସକଳ ଘଟଣା ମଧ୍ୟରେ ଆମେ କେବଳ ସକଳ କର୍ମ ତଥା ପରିଣାମର ସେହି ପରମ ପ୍ରଭୁଙ୍କର ଇଚ୍ଛାଶକ୍ତିକୁହିଁ ଦେଖି ପାରୁଥିବା, ଏବଂ ସେହି ପରମ ଦିବ୍ୟସ୍ୱରୂପଙ୍କରହିଁ ଏହି ବିବର୍ତ୍ତନଶୀଳ ଅଭିବ୍ୟକ୍ତିଟି ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ସୋପାନର ଦର୍ଶନ ଲାଭ କରୁଥିବା । ଯେଉଁମାନଙ୍କ ମଧ୍ୟରେ ସେହି ଦୃଷ୍ଟିସମର୍ଥ ଅନ୍ତର୍ଗତ ଚକ୍ଷୁଟି ରହିଛନ୍ତି, ସେ ସେମାନଙ୍କର ଆଗରେ ଆପଣାକୁ ଆଣି ପ୍ରକାଶିତ କରିଦଅନ୍ତି; କେତେକେତେ ଶକ୍ତିମତ୍ତା ତଥା ସେଗୁଡ଼ିକର ଲୀଳା ତଥା ପରିଣାମ ମଧ୍ୟରେ ଏବଂ ଯାବତୀୟ ବସ୍ତୁ ଓ ପ୍ରାଣୀମାନଙ୍କ ମଧ୍ୟରେ ବି ସେ ସେମାନଙ୍କ ଆଗରେ ଆପଣାକୁ ଆଣି ଅଭିବ୍ୟକ୍ତ କରିଦଅନ୍ତି । ସକଳ ବସ୍ତୁ ଏକ ଦିବ୍ୟ ସଂଘଟନ ଅଡ଼ୁଆ ଅଗ୍ରସର ହୋଇ ଘୂରୁଛନ୍ତି; କେବଳ ଆମର ଆନନ୍ଦ ବା ପରିତୃପ୍ତି ନୁହେଁ, ଆମର ଦୁଃଖଭୋଗ ଏବଂ ଅଜ୍ଞାତ ପ୍ରଭୃତି ଯାବତୀୟ ଅନୁଭୂତ ବସ୍ତୁତଃ ଏକ ବିଶ୍ୱମୟ ଗଠନସ୍ପନ୍ଦନକୁହିଁ ଅବ୍ୟାହତ ରଖିବାରେ ଗୋଟିଏ ଗୋଟିଏ ଆବଶ୍ୟକ କଡ଼ା ହୋଇ ରହିଛନ୍ତି ଏବଂ ସେହି ଗଠନସ୍ପନ୍ଦନଟିକୁ ବୁଝି ସେଥିପ୍ରତି ଆପଣାର ସମର୍ପଣ ଜଣାଇବା ହେଉଛୁ ଆମର କର୍ତ୍ତବ୍ୟ । ବିଦ୍ରୋହ କରିବା, ଛାଡି ଚାଲି ରହିବା ଏବଂ ଚିତ୍କାର କରିଉଠିବା,—ଏସବୁ କେବଳ ଆମ ଅଶୋଧିତ ତଥା ଅଜ୍ଞାନଯୁକ୍ତ ସହଜାତ ପ୍ରବୃତ୍ତିରତ ଆବେଗଗୁଡ଼ିକରହିଁ ପରିଣତିସ୍ୱରୂପ ହୋଇ ରହିଥିବ । ସମଗ୍ର ଜୀଡ଼ାଟି ଭିତରେ ଆଉ ପ୍ରତ୍ୟେକ ବସ୍ତୁ ପରି ବିଦ୍ରୋହର ମଧ୍ୟ ସ୍ୱକୀୟ ଉପଯୋଗିତାମାନ ଅବଶ୍ୟ ରହିଛନ୍ତି, ଏପରିକି ଏହାକୁ ଆବଶ୍ୟକ ବୋଲି ମଧ୍ୟ କୁହାଯାଇ ପାରିବ, ସହାୟକ ବୋଲି କୁହାଯିବ, ଆପଣାର ସ୍ୱକୀୟ କାଳରେ ଏବଂ ପରିସ୍ଥିତିରେ ଦିବ୍ୟ ବିବର୍ତ୍ତନଟି ସକାଶେ ବିଦ୍ରୋହ ମଧ୍ୟ ଅଭିପ୍ରେତ ହୋଇ ରହିଛି ବୋଲି କୁହାଯାଇ ପାରିବ । ମାତ୍ର ଏକ ଅଜ୍ଞାନଗ୍ରସ୍ତ ବିଦ୍ରୋହର ଗଠନସ୍ପନ୍ଦନଟିକୁ ଆମେ ଆମ୍ଭର ଶୈଶବାବସ୍ଥାର ଅଥବା ତାହାର ଅଶୋଧିତ କୈଶୋରାବସ୍ଥାରହିଁ ଏକ ବିଷୟ ବୋଲି ଜାଣିବାକୁ ବାଧ୍ୟ ହେବା । ପରିପକ୍ୱ ଆତ୍ମା କଦାପି ନିଜ କରେ ନାହିଁ, ଜଳକୁ ପଳାଇବାର ନାହିଁ, ମାତ୍ର ତାହା ବୁଝିବାକୁ ଚେଷ୍ଟା କରେ, ଆପଣାର ଜୀବନକୁ

ଆଶିବାକୁ ଚେଷ୍ଟା କରେ; ତାହା ଏଡ଼େ ପାଟି କର ଚତ୍କାର କରେ ନାହିଁ, ମାତ୍ର ସ୍ୱୀକାର କରନେଏ ଏବଂ ଉନ୍ନତ ତଥା ପୂର୍ଣ୍ଣ କର ଗଢ଼ିବା ଲଗି ଉଦ୍ୟମ କରୁଥାଏ। ସେ ଅନ୍ତର୍ଗତ ଜ୍ଞବରେ କୌଣସି ବଦ୍ରୋହ କରେ ନାହିଁ, ମାତ୍ର ଆଦେଶ ପାଳନ କରିବା ଲଗି, ପରିପୂର୍ଣ୍ଣ ଏବଂ ରୂପାନ୍ତରିତ କରିଦେବା ଲଗି ଉଦ୍ୟମ କରୁଥାଏ। ତେଣୁ ସେହି ପରମପ୍ରଭୁଙ୍କର ହାତରୁ ଆମେ ଯାବତୀୟ ବସ୍ତୁକୁ ଏକ ସମତାଯୁକ୍ତ ଆତ୍ମା ସହିତ ଗ୍ରହଣ କରିବା। ସଫଳତା ପର ବିଫଳତାକୁ ମଧ୍ୟ ଆମେ ସ୍ଥିରଚିତ୍ତ ହୋଇ ଏକ ମଧ୍ୟବର୍ତ୍ତୀ ପଥରୂପେ ଗ୍ରହଣ କରିନେବା, ଭବ୍ୟ ବଳସ୍ୱର ସେହି ମୁହୂର୍ତ୍ତଟି ଆସି ଉପଗତ ହେବାଯାଏ ଆମେ ସେଗୁଡ଼ିକୁ ସେହିଭଳିହିଁ ଗ୍ରହଣ କରିନେବା। ଭବ୍ୟ ପରମବିଧାନଟିର ଏକ ଅଂଶରୂପେ ଆମ ପାଖକୁ ଆସୁଥିବା ଆମର ତୀବ୍ରତମ ଦୁଃଖ, କଷ୍ଟ ଏବଂ ଯନ୍ତ୍ରଣାରେ ମଧ୍ୟ ଆମେ ଆପଣାର ଆତ୍ମା, ମନ ଓ ଶରୀରକୁ ଅବିଚଳିତ ରଖିବା; ସର୍ବାଧିକତମ ଆନନ୍ଦ ଓ ହର୍ଷ ଦ୍ୱାରା ମଧ୍ୟ ଏଗୁଡ଼ିକ କଦାପି ଅଭିଭୂତ ହୋଇପଡ଼ିବେ ନାହିଁ। ଏହିପରି ସଂଚେତ ଜ୍ଞବରେ ଜ୍ଞରସାମ୍ୟଯୁକ୍ତ ହୋଇ ଆମେ ଅବିଚଳ ଜ୍ଞବରେ ଆମର ପଥଟିରେ ଅଗ୍ରସର ହୋଇ ଚାଲିଥିବା, ସକଳ ବସ୍ତୁକୁ ଏକ ସମତାଯୁକ୍ତ ଶାନ୍ତଜ୍ଞବ ସହିତ ଗ୍ରହଣ କର ନେଇଥିବା; ଏହିପରି ଜ୍ଞବରେ ପରିଶେଷରେ ଆମେ ଏକ ଅପେକ୍ଷାକୃତ ଅଧିକ ଉତ୍ତୋଳିତ ସୋପାନ ଲଗି ପ୍ରସ୍ତୁତ ହୋଇଯିବା ଏବଂ ସେତେବେଳେ ସେହି ପରମ ତଥା ବଶ୍ୱଗତ ଆନନ୍ଦ ମଧ୍ୟରେ ପ୍ରବିଷ୍ଟ ହୋଇପାରିବା।

ଏକ ଘୋର କଠୋର ପରୀକ୍ଷା ଏବଂ ଧୈର୍ଯ୍ୟଶୀଳ ଆତ୍ମ-ଶୃଙ୍ଖଳା ବିନା ଏହି ସମତାଜ୍ଞବର ଅର୍ଜନ କଦାପି ସମ୍ଭବ ହେବ ନାହିଁ। ଯେତେବେଳଯାଏ କାମନା ଶକ୍ତିଶାଳୀ ହୋଇ ରହିଛି, ସେତେବେଳଯାଏ କେବଳ ନସ୍ତବ୍ଧତା ଏବଂ କାମନା-ଜନିତ କ୍ଲାନ୍ତିର କେତୋଟି ସାମୟିକ ପର୍ଯ୍ୟାୟ ବ୍ୟତୀତ ସମତା କଦାପି ସମ୍ଭବ ହେବ ନାହିଁ; ଏବଂ ସେହି ପର୍ଯ୍ୟାୟଗୁଡ଼ିକରେ ମଧ୍ୟ ତାହା ଅଧିକତର ପରିମାଣରେ ଜଡ଼ତ ନର୍ଜୀବ ଉଦାସୀନତା ବା ଆପଣା ସହିତ ଧକ୍କା ଖାଇ କାମନାର ଆପଣା ପାଖରୁ ବାହୁଡ଼ି ଆସିବା ହୋଇ ରହିଥିବ, ସେହି କ୍ଷେତ୍ରରେ ଯଥାର୍ଥ ସ୍ଥିରତ୍ୱସ୍ଥା ଏବଂ କୌଣସି ଜ୍ଞବାତ୍ମକ ଚିତ୍ତଗତ ଏକତା ଲଗି ଜିଏତ ଆଦୌ କୌଣସି ସ୍ଥାନ ନଥିବ। ପୁନଶ୍ଚ, ଚିତ୍ତଗତ ସମତାର ଏହି ସାଧନା ବା ବକାଶ ଭିତରେ ଆପଣାର ଆବଶ୍ୟକ ପର୍ଯ୍ୟାୟ ଏବଂ ସୋପାନଗୁଡ଼ିକ ମଧ୍ୟ ସବୁବେଳେ ରହିଛି। ସାଧାରଣତଃ ଆମକୁ ଏହି କ୍ଷେତ୍ରରେ ସହନଶୀଳତାର ଏକ ପର୍ଯ୍ୟାୟରୁହିଁ ଯାତ୍ରା ଆରମ୍ଭ କରିବାକୁ ହୋଇଥାଏ; କାରଣ ଆମକୁ ସକଳ ସଂସ୍ପର୍ଶର ସମ୍ମୁଖୀନ ହେବାକୁ ପଡ଼େ, ସେଗୁଡ଼ିକୁ ସହ୍ୟ କରିବାକୁ

'oaob.nitrkl.ac.in' images reprocessed

ପଡ଼େ ଏବଂ ଆତ୍ମସ୍ଥରେ ପରିଣତ କରିବାକୁ ପଡ଼େ । ଯାହାକିଛୁ ସତ୍ତ୍ୱଣା ବା ଆଘାତ ଦେଉଛୁ, ଆମେ ଯେପରି ତାହା ପାଖରୁ ଗୁଟିସୁଟି ହୋଇ ଦଉଡ଼ି ପଳାଇବା ନାହିଁ, କିଂବା ଯାହା ପୁଖରର ବୋଲି ଲଗୁଛୁ ଏବଂ ଯାହା ଆମକୁ ତାହା ଆଡ଼କୁ ଆକୃଷ୍ଟ କରି ନେଉଛୁ, ଆମେ ଆରୁର ଭାବରେ ତାହାର ଆଡ଼କୁ ଦଉଡ଼ି ଯିବା ନାହିଁ, ସେଥିଲାଗି ଆମର ପ୍ରତ୍ୟେକଟି ଜନ୍ମକୁ ମଧ୍ୟ ଉପଯୁକ୍ତ ଶିକ୍ଷା ଦେଇ ରଖିବାକୁ ହେବ; ଅପର ପକ୍ଷରେ ଆମେ ଗ୍ରହଣ କରି ଶିଖିବା, ସମ୍ପୃକ୍ତୀନ ହୋଇ ଶିଖିବା, ସହ୍ୟ କରି ଶିଖିବା ଏବଂ ଜୟ କରି ଶିଖିବା । ଯାବତୀୟ ସ୍ପର୍ଶକୁ ସହ୍ୟ କରିବା ଲଗି ଆମେ ଯଥେଷ୍ଟ କାଣ ହୋଇଥିବା; କେବଳ ଆମର ସମୁଚ୍ଚତ ଏବଂ ବ୍ୟକ୍ତିଗତ ସ୍ପର୍ଶଗୁଡ଼ିକୁ ନୁହେଁ, ମାନ ଆମ ଚତୁର୍ଦ୍ଦିଗରେ, ଉର୍ଦ୍ଧ୍ୱରେ ବା ଜମ୍ବରେ ଅବସ୍ଥିତ ସକଳ ପୃଥିବୀ ଓ ସେସବୁର ଅଧିବାସୀଙ୍କ ସହିତ ଆମର ସହାନୁଭୂତି ଅଥବା ଆମର ଦ୍ୱନ୍ଦ୍ୱ ଭିତରୁ ଯେଉଁ ସ୍ପର୍ଶଗୁଡ଼ିକ ଜନ୍ମଲଭ କରିଛୁ, ସେଗୁଡ଼ିକୁ ସହିବା ଲଗି ମଧ୍ୟ ଆମେ ଯଥେଷ୍ଟ ଭାବରେ କାଣ ହୋଇଥିବା । ସକଳ ମନୁଷ୍ୟ, ସକଳ ବସ୍ତୁ ତଥା ସକଳ ଶକ୍ତିସମୂହ ଆମ ଉପରେ ଯାହାକିଛୁ କିୟା କରୁଥିବେ ଓ ଯାହାକିଛୁ ପ୍ରଭାବ ମଧ୍ୟ ପକାଉଥିବେ, ଦେବତାମାନେ ଯାହାକିଛୁ ଗ୍ରୁପ ଦେଉଥିବେ ଓ ଅସୁରମାନେ ଯାହାକିଛୁ ଆକ୍ରମଣ କରୁଥିବେ, ଆମେ ସେଗୁଡ଼ିକୁ ଶାନ୍ତ ଭାବରେ ସହ୍ୟ କରିଥିବା; ଆତ୍ମାର ଅନନ୍ତ ଅନୁଭୂତିପଥରେ ଆମ ପାଖରେ ଯାହାକିଛୁ ଆସି ପହଞ୍ଚିବାର ସମ୍ଭାବନା ରହିଥିବ, ଆମେ ସେଗୁଡ଼ିକର ସମ୍ମୁଖୀନ ହେବା ଏବଂ ଆମ ଚିତ୍ତଗତଭାର ଅନାକୁଳ ସାଗରଗୁଡ଼ିକରେ ସେଗୁଡ଼ିକୁ ନିକ୍ଷିପ୍ତ କରି ରଖିପାରିବା । ସମଜାର ପ୍ରସ୍ତୁତକ୍ରମରେ ଏହି ପର୍ଯ୍ୟାୟଟିକୁ ଆମେ ଚିତ୍ତଶିକାଳ ବା ଷ୍ଟଇକ୍‌ପର୍ଯ୍ୟାୟ ବୋଲି କହିପାରିବା; ଏଇଟି ହେଉଛୁ ଏହି କ୍ରମଟିରେ ସଂପ୍ରାଥମିକ ଭାଳ, ତଥାପି ଏକ ସାରତ୍ୱପୂର୍ଣ୍ଣ କାଳ । ମାନ ଦେହ, ହୃଦୟ ଏବଂ ମନର ଏହି ଅବରତ ସହନବୃତ୍ତିକୁ ଆପଣାର ଚିତ୍ତଗତ ଭୂମିରେ ଏକ ଉଚ୍ଚ ପରମ ଇଚ୍ଛା ପାଖରେ ଆପଣାକୁ ସମର୍ପିତ କରି ରଖିବାର ଏକ ଅବରତ ବୋଧ ଦ୍ୱାରା ପୁନଃଗଳତ କରି ମଧ୍ୟ ରଖିବାକୁ ପଡ଼ିବ । ଏହି ଜାଅନ୍ତା ମାଟିପିଣ୍ଡୁଳାଟିକୁ କେବଳ ଯେ ଏକ ଦୃଢ଼ ତଥା ସାହୁସିକ ସହ୍ୟସଡ଼ ସହିତଛି ନତସସ୍ତକ ହେବାକୁ ପଡ଼ିବ ତା' ନୁହେଁ, ତରମ ଦୁଃଖର ସହନବେଳେ ମଧ୍ୟ ତାହାର ପରିପୂର୍ଣ୍ଣତାଟିକୁ ପ୍ରସ୍ତୁତ କରି ଆଣୁଥିବା ସେହି ଉଚ୍ଚ ପରମ ଦାତାର ସ୍ପର୍ଶ ପାଖରେ ତାକୁ ଜ୍ଞାନ ଏବଂ ଉତ୍ସର୍ଗର ଭାବ ସହିତ ନତ ହୋଇ ରହିବାକୁ ପଡ଼ିବ । ଏହି କ୍ଷେତ୍ରରେ ଈଶ୍ୱରପ୍ରେମୀର ଜ୍ଞାନପୂର୍ଣ୍ଣ, ଭକ୍ତିପୂର୍ଣ୍ଣ ଓ ଏପରିକ ଏକ କରୁଣାପୂର୍ଣ୍ଣ ଚିତ୍ତଶା ମଧ୍ୟ ଅବଶ୍ୟ ସମ୍ଭବ ହୋଇପାରେ; ଏବଂ ଏହି ପ୍ରକାରର ଚିତ୍ତଶା ସେହି ଜଗତ ବଦ୍ଧର ଓ କେବଳ ସ୍ପର୍ଶନିର୍ଭର ସହିଷ୍ଣୁତାଠାରୁ ସଦ୍ଧା ଅଧିକ ଫଳକାସ୍ତ ହୋଇଥାଏ, ଯାହାକି ଈଶ୍ୱରଙ୍କର ଏହି ଗ୍ରହଣପାରିଟିକୁ ପ୍ରକୃତରେ

'oaob.nitrkl.ac.in' images reprocessed

ହୁଏତ ଅତ୍ୟନ୍ତ କଠିନ କଣ ହଆର ସଧ କରଦେଇ ପାରେ । କାରଣ ସେହ୍ନ ହତଷା ଏପର ଏକ ଶକ୍ତକୁ ପ୍ରସ୍ତୁତ କରଦଏ, ଯାହାକ ପ୍ରଜ୍ଞାର ସମର୍ଥ ହୋଇପାରେ, ପ୍ରେମର ସଧ ସମର୍ଥ ହୋଇପାରେ ଏବଂ ତାହାର ସ୍ଥିରତା ଏପର ରଶ୍ମୀର ଜ୍ୱବରେ ପ୍ରେରତ ଏକ ଶାନ୍ତ ହୋଇ ରହଥାଏ ଯାହାକ ଅତ୍ୟନ୍ତ ସହଜରେ ଆନନ୍ଦ ସଧକୁ ଅତନମ କରଯାଏ । ଇର୍ଗ୍ଗ ତଥା ହତଷାର ଏହ୍ନ ପର୍ଯାସ୍ଥିରୁ ଏହ୍ନ ଲଭଟି ଆମକୁ ମିଳଥାଏ ଯେ ଏହ୍ନା ଆମକୁ ସକଳ ଆଘାତ ତଥା ସଘର୍ଷର ସମ୍ମୁଖୀନ ହେବା ଲଗି ଯଥେଷ୍ଟ ବଳ ଆଣି ଦେଇଥାଏ ।

ଏହ୍ନ ପର୍ଯାସ୍ଥିର ପରେ ଉଦାସୀନ ନରପେକ୍ଷତା ଏବଂ ଉଦାସୀନତାର ଏକ ପର୍ଯାସ୍ଥି ଆସି ପହ୍ନଞ୍ଚେ, ଯେତେବେଳେ କ ଆତ୍ମା ଯାବତୀସ୍ଥି ପ୍ରକାରର ହର୍ଷ ତଥା ବଷାଦରୁ ମୁକ୍ତ ହୋଇଯାଏ ଏବଂ ସୁଖରେ ଆତୁର ହୋଇ ପଡ଼ବାର ତଥା ଦୁଃଖ ଓ କଷ୍ଟସହନରେ ଛଟପଟ ହେବାର ସକଳ ପାଶରୁ ନସ୍କୃତ ଲଭ କରେ । ସେତେବେଳେ ସକଳ ବସ୍ତୁ, ସକଳ ବ୍ୟକ୍ତ ଓ ସକଳ ଶକ୍ତମତ୍ତାକୁ, ଆପଣାର ହେଉ ଅଥବା ଅନ୍ୟମାନଙ୍କର ହୋଇଥାଉ ପଛକେ, ସକଳ ଜ୍ୱବନା, ଅନୁଭବ, ଇର୍ନ୍ଦ୍ରିସ୍ପନ୍ଦନ ଓ କର୍ମକୁ ଉପରୁ ଥାଇ ଏପର ଏକ ଜ୍ୱବରେ ଦୃଷ୍ଟିପାତ କରହୁଏ, ଯାହାକ ସ୍ୱଂ ଅନାନ୍ଦୋଳତ ଏବଂ ନର୍ବିକାର ହୋଇ ରହଥାଏ ଓ ଏହ୍ନସବୁ ବସ୍ତୁ ଦ୍ୱାସ୍ତ କୌଣସିପ୍ରକାରେ ବଚଳତ ବା ବ୍ୟାହତ ହୋଇପଡ଼େ ନାହ୍ନି । ସମସ୍ତାର ପ୍ରସ୍ତୁତନମରେ ଏହ୍ନ ପର୍ଯାସ୍ଥିକୁ ଆମେ ଦାର୍ଶନକ କାଳ ବା ଚନ୍ତାତ୍ମକ କାଳ ବୋଲ୍ କହପାରବା, ଏକ ବଶାଳ ତଥା ଅତମହାନ୍ ଚତସ୍ପନ୍ଦନ ବୋଲ୍ କହପାରବା । ମାନ ଜୀବନସ୍ଥାନଙ୍କ ପର ସକଳ କର୍ମ ଓ ଅନୁଭୂତକୁ ଚୁଡ଼ ବମୁଖ ହୋଇ ଗୁଲିଯିବାରେ ଏହ୍ନ ଉଦାସୀନତା ଆପଣାର କାର୍ଯ୍ୟଟିକୁ ଶେଷ କରଦେଇ କଦାପି ବସିଯିବ ନାହ୍ନି, କୌଣସି କ୍ଲାନ୍ତରୁ ଜନ୍ମଲଭ କରଥିବା ଏକ ଅଶ୍ରଦ୍ଧା ହୋଇ ରହବ ନାହ୍ନି, କୌଣସିପ୍ରକାର ବରକ୍ତ କଂବା ଅରୁଚରୁ ଜାତ ହୋଇଥିବା ଏକ ଘୃଣାରେ ପରଣତ ହୋଇପଡ଼ବ ନାହ୍ନି । ନଗ୍ନ ଅଥବା ପରରୁଷ୍ଟ କାମନା ପର ତାହା କଦାପି ପଛକୁ ଲେଉଟି ଯାଉ ନଥିବ ଅଥବା ଆପଣାର ଅତ୍ୟନୁତ୍ସଗମସ୍ଥ ଲକ୍ଷ୍ୟଗୁଡ଼ିକରୁ ବଲପୁଂଜକ ପଛକୁ ହଟାଇ ଦଆଯାଇଥିବା ଏକ ପସ୍ତହତ ଏବଂ ଅସନ୍ତୁଷ୍ଟ ଅହଂଗତଭାର ସଧ କୌଣସି ନଷ୍ଟି ସ୍ଥ ନୁବ୍ଧତା ହୋଇ ରହବ ନାହ୍ନି । ଆତ୍ମା ପରପକ୍ୱ ହୋଇ ନଥିଲେ ପଛକୁ ହଟିଯିବାର ଏହ୍ନସବୁ ଯାବତୀସ୍ଥ ପ୍ରଚେଷ୍ଟା ପ୍ରାସ୍ତ ଅନବାର୍ଯ୍ୟ ଜ୍ୱବରେ ଆସି ଉପସ୍ଥିତ ହୋଇଥାନ୍ତ ଏବଂ ଆମର ସେହ୍ନ ଉତ୍ସୃତ, କାମନା ଦ୍ୱାସ୍ତ ତାଡ଼ତ ପ୍ରାଣମସ୍ଥ ପ୍ରକୃତତିକୁ ନାନାଭାବେ ନରୁସାହତ କର ରଙ୍ଗି ସେମାନେ ହୁଏତ କୌଣସି ଏକ ପ୍ରକାରେ ଆମର ଅଗ୍ରଗତରେ ସହାସ୍ଥକ ସଧ ହୋଇପାରନ୍ତ, ମାନ ସେହ୍ନଭଳ ଏକ ପରପୂର୍ଣ୍ଣତା ଲଭ କରବାକୁହ୍ନି ଆମର ଏହ୍ନ ସାଧନା ଆଦୌ ଉଦ୍ଦିଷ୍ଟ ହୋଇ

'oaob.nitrkl.ac.in' images reprocessed

ରହି ନାହିଁ । ଆମକୁ ଯେଉଁ ଉପେକ୍ଷାଭାବ ଓ ଜରପେକ୍ଷତାର ଅନ୍ୱେଷଣ କରିବାକୁ ହେବ, ସେଇଟି ହେଉଛୁ ବସ୍ତୁଗତ ସକଳ ଘଟଣାର ଉର୍ଦ୍ଧ୍ୱରେ ଉଦାସୀନ ହୋଇ ରହିଥିବା ଆତ୍ମାର ଏକ ପ୍ରଶାନ୍ତ ଉଚ୍ଚତା; ଯାହାକି ସେଗୁଡ଼ିକୁ ଅବଲୋକନ କରିଥିବ, ଗ୍ରହଣ କରିଥିବ ବା ବର୍ଜନ ମଧ୍ୟ କରିଥିବ, ମାତ୍ର ସେହି ବର୍ଜନଟି ଦ୍ୱାରା କଦାପି ବଚଳିତ ହୋଇପଡ଼ି ନଥିବ କିଂବା ଗ୍ରହଣଟିର କୌଣସିପ୍ରକାରେ ଅଧୀନ ହୋଇ ରହି ନଥିବ । ଆପଣା ମଧ୍ୟରେ ଆପେ ଅବସ୍ଥିତ ରହିଥିବା ଓ ଆପେ ଧାରଣ କରିଥିବା ଓ ସମ୍ଭବ କରି ରଖିଥିବା ପ୍ରକୃତର ଯାବତୀୟ ନିସ୍ପୃହତା ମଧ୍ୟରୁ ଆପଣାକୁ ଅଲଗା କରି ରଖିଥିବା ଏକ ନିର୍ମଳ ପରମ ଆତ୍ମା ବା ପରମ ଚିଦ୍‌ଗତତାର ଏହା ଅଧିକରୁ ଅଧିକ ଜଳନ୍ତବର୍ତ୍ତୀ ହୋଇ ଆସିଥିବ, ତାହାର ସହିତ ଗଣ୍ଠି ହୋଇ ରହିଥିବା ଏବଂ ଏକତ୍ୱ ଲାଭ କରିଥିବା ପରି ସେ ଅନୁଭବ କରିବାକୁ ଆରମ୍ଭ କରିବ, ବିଶ୍ୱଜଗତର ଯାବତୀୟ ଗତି ତଥା ନିସ୍ପୃହତାକୁ ଅତିକ୍ରମ କରି ରହିଥିବା ସେହି ନିର୍ମଳ ଓ ଶାନ୍ତ ପରମସତ୍ତାରହିଁ ଏକ ଅଂଶ ବୋଲି ଅନୁଭବ କରିବାକୁ ଆରମ୍ଭ କରିବ, ତାହାର ଭିତରେ ନିମଜ୍ଜିତ ହୋଇଯାଇଥିବା ପରି ଅନୁଭବ କରିବାକୁ ଲାଗିବ । ଏହି ଉଚ୍ଚ ଅତିକ୍ରମଣର ପର୍ଯ୍ୟାୟଟିରେ ଆମର ଯେଉଁ ଲାଭ ହେବ, ସେଇଟି ହେଉଛୁ ସେ ଏହାଦ୍ୱାରା ଆତ୍ମାର ଶାନ୍ତତା ଅବିଚଳିତ ହୋଇ ରହିବ ଏବଂ ବିଶ୍ୱରୂପ ଗତିସ୍ପନ୍ଦନର ସୁଖପ୍ରସ୍ପାତମସ୍ତ ଭରଙ୍ଗହିଲ୍ଲୋଲ ବା ବକ୍ଷୋଭକାସ୍ପ ଉତ୍ତୁଙ୍ଗ ଉର୍ମିମାଳା ଓ ଲହରୀ ଦ୍ୱାରା ମଧ୍ୟ ତାହା କୌଣସିପ୍ରକାରେ ବ୍ୟାକୁଳ ହୋଇପଡ଼ିବ ନାହିଁ ।

ଅନ୍ତର୍ଗତ ପରିବର୍ତ୍ତନର ଏହି ଦୁଇଟିଯାକ ସୋପାନ ମଧ୍ୟରେ କୌଣସିପ୍ରକାର ବନ୍ଧ ବା ଅବରୁଦ୍ଧ ହୋଇ ନରହି ଯଦି ଆମେ ସେଗୁଡ଼ିକୁ ଅତିକ୍ରମ କରିଯାଇ ପାରିବା, ତେବେ ଆମେ ଏକ ବୃହତ୍ତର ଦିବ୍ୟ ସମତାବୋଧର ସ୍ଥିତି ଭିତରେ ପ୍ରବେଶଲାଭ କରିବା ଯାହାକି ଏକ ଆଧ୍ୟାତ୍ମିକ ଉତ୍ତୋଳନ ଏବଂ ଆନନ୍ଦର ଏକ ଶାନ୍ତ ଆବେଗମସ୍ତତା ଲାଗି ସମର୍ଥ ହେଉଥିବ; ତାହା ଏକ ପୂର୍ଣ୍ଣତାପ୍ରାପ୍ତ ଆତ୍ମାର ସେହି ସଂବୋଧଶୀଳ ଏବଂ ସଂଗାଧିକାସ୍ପ ଉଲ୍ଲାସମସ୍ତ ସମତା ଲାଗି ସମର୍ଥ ହେଉଥିବ, ସକଳ ବସ୍ତୁକୁ ଆପଣାର ବେଢ଼ ମଧ୍ୟରେ ଗ୍ରହଣ କରି ନେଇ ପାରୁଥିବା ଏକ ସଶ୍ରୀଗତ ପ୍ରଗାଢ଼ ତଥା ଅବନ୍ଧୁର ବିଶାଳତା ଏବଂ ପରିପୂର୍ଣ୍ଣତା ଲାଗି ସମର୍ଥ ହେଉଥିବ । ଏହି ପର୍ଯ୍ୟାୟଟି ହେଉଛୁ ପରମ ପର୍ଯ୍ୟାୟ, ଏବଂ ସେହି ପରମ ଦିବ୍ୟସ୍ୱରୂପ ଏବଂ ପରମା ବିଶ୍ୱଜନନୀଙ୍କ ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ନିବେଦନ କରିଦେବାର ଆନନ୍ଦ ମଧ୍ୟଦେଇହିଁ ସେଠିକୁ ଆମର ବାଟଟି ପଡ଼ିଛୁ । କାରଣ ସେତେବେଳେ ଆମର ବଳ ଏକ ସୁଖମସ୍ତ ଅଧିକାରଲାଭରେହିଁ ବିଜୟମଣ୍ଡିତ ହୋଇଥାଏ, ଶାନ୍ତି ଉଜ୍ଜ୍ୱଳ ହୋଇ ଆନନ୍ଦରେ ପରିଣତ ହୁଏ,-ଦିବ୍ୟ ପରମ ପ୍ରଶାନ୍ତିର ଅଧିକୃତ ଉର୍ଦ୍ଧ୍ୱକୁ ଉତ୍ତୋଳିତ ହୋଇଯାଏ ଏବଂ ଦିବ୍ୟ ଗତିସ୍ପନ୍ଦନଟିକୁ ଆପଣାର ଅଧିକାରକୁ ଆଣିବା ଲାଗି ଏକ ଉପିରୁପେ

'oaob.nitrkl.ac.in' images reprocessed

କାର୍ଯ୍ୟ କରୁଥାଏ । ମାତ୍ର ଏହି ଉଚ୍ଚତର ପୂର୍ଣ୍ଣତାଟିରେ ଆସି ପହଞ୍ଚିବାକୁ ହେଲେ, ଉର୍ଦ୍ଧ୍ୱରୁ ଥାଇ ଏହାସବୁ ଯାବତୀୟ ରୂପାୟନ, ବ୍ୟକ୍ତତ୍ୱ, ଗତିସ୍ପନ୍ଦନ ତଥା ଶକ୍ତିମଣ୍ଡଳର ସତତଧାବନଟି ଉପରେ ଅବଲୋକନ କରୁଥିବା ଆତ୍ମାର ଏହି ନରପେକ୍ଷ ଉଦାସୀନତାକୁ ପରବର୍ତ୍ତିତ ହେବାକୁ ପଡ଼ିବ ଏବଂ ବଳିଷ୍ଠ ତଥା ଶାନ୍ତ ଆତ୍ମବନସ୍ୱ ଏବଂ ଏକ ଶକ୍ତିଶାଳୀ ଓ ପ୍ରଗାଢ଼ ସମର୍ପଣର ଏକ ନୂତନ ବୋଧରେହିଁ ପରିଣତ ହୋଇଯିବାକୁ ପଡ଼ିବ । ଏହା ନଈଁ ଆସିବାକୁ ଆଉ ଏକ ନରାସକ୍ତ ମାନନେବା ବୋଲି କୁହାଯିବ ନାହିଁ, ଏହାକୁ ଏକ ସହର୍ଷ ଗ୍ରହଣ କରିବା ବୋଲିହିଁ କୁହାଯିବ; କାରଣ ଏହି କ୍ଷେତ୍ରରେ ଦୁଃଖଭୋଗ କରୁଥିବାର, କୌଣସି ବୋଝ ଅଥବା ମୃତ୍ୟୁଦଣ୍ଡ ବୋହୁଥିବାର ଆଦୌ କୌଣସି ଅନୁଭୂତି ନଥିବ, କେବଳ ପ୍ରେମ, ଆନନ୍ଦ ଏବଂ ଆତ୍ମ-ନିବେଦନର ପୁଲକହିଁ ତାହାର ସମ୍ପୃକ୍ତି ଆକୃତିକୁ ଆଲୋକଦୀପ୍ତ ଭାବରେ ବୃଦ୍ଧିକରି ରଖିଥିବ । ଯେଉଁ ଦିବ୍ୟ ପରମ ଇଚ୍ଛାର ଆମେ କେବଳ ଏକ ଅବବୋଧ କରିପାରୁଛୁ, ଏବଂ ତେଣୁ ତାହାକୁ ସ୍ୱୀକାର କରୁଛୁ ଏବଂ ତାହାର ନିର୍ଦ୍ଦେଶଗୁଡ଼ିକୁ ପାଳନ କରୁଛୁ, ଏହି ସମର୍ପଣ କେବଳ ତାହାର ପାଖରେହିଁ ଏକ ସମର୍ପଣ ହୋଇ ରହିବ ନାହିଁ, ମାତ୍ର ତାହା ସେହି ପରମ ଇଚ୍ଛାଟି ମଧ୍ୟରେ ରହିଥିବା ଏପରି ଏକ ଦିବ୍ୟ ପ୍ରଜ୍ଞାଟି ପାଖରେ ଏକ ସମର୍ପଣ ହୋଇ ରହିଥିବ, ଯାହାକୁ କି ଆମେ ଚହ୍ନିନେଇ ପାରୁଥିବା; ତାହାର ମଧ୍ୟରେ ରହିଥିବା ଏପରି ଏକ ଦିବ୍ୟ ପ୍ରେମ ପାଖରେ ଏକ ସମର୍ପଣ ହୋଇ ରହିବ, ଯାହାକୁ କି ଆମେ ଅନୁଭବ କରି ପାରୁଥିବା ଏବଂ ସହର୍ଷ ଆପଣାକୁ ତାହାର ଅଧୀନ କରି ରଖି ପାରୁଥିବା । ଆମ ନିଜର ଏବଂ ସମସ୍ତଙ୍କର ଏକ ପରମ ଚିତ୍‌ଗତତା ତଥା ଆତ୍ମାର ସେହି ପ୍ରଜ୍ଞା ଏବଂ ପ୍ରେମ ପାଖରେ ଏକ ସମର୍ପଣ ହୋଇ ରହିଥିବ, ଯାହା ସହିତ କି ଆମେ ଏକ ପୁଖରର ଓ ପରିପୂର୍ଣ୍ଣ ଏକତ୍ୱରେ ଆବଦ୍ଧ ହୋଇ ପାରୁଥିବା । ଏକ ଏକାଙ୍କୀ ଶକ୍ତିସମ୍ପନ୍ନତା, ଶାନ୍ତିତ୍ୱବ ଏବଂ ସ୍ଥିରତା; ଏହାହିଁ ହେଉଛି ଜ୍ଞାନର ଉପାର୍ଜିତ ଦାର୍ଶନିକ ସମତାତ୍ତ୍ୱବର ସଂକ୍ଷେପ କଥା; ମାତ୍ର ଆପଣାର ପୂର୍ଣ୍ଣ ଅନୁଭୂତିର ଭୂମିରେ ଆତ୍ମା ଆପଣାକୁ ଏହି ଆପଣା-ବିସୃଷ୍ଟ ସ୍ଥିତିଟି ମଧ୍ୟରୁ ମୁକ୍ତ କରି ବାହାର କରିନଏ ଏବଂ ସେହି ପରମ ଶାଶ୍ୱତଙ୍କର ଆଦ୍ୟଅନ୍ତଖାନ ଆନନ୍ଦମସ୍ତତାର ଏକ ସଂଭୋଗ୍ୟାଗୀ ପରମ ଅଭିଭୂତିର ସାଗରଟି ମଧ୍ୟରେ ଯାଇ ପ୍ରବେଶ କରେ । ସେତେବେଳେ ଯାଇ ଆମେ ଏକ ଆନନ୍ଦମସ୍ୱ ସମତା ସହିତ ସକଳ ପ୍ରକାର ସଂସ୍ପର୍ଶ ଲାଭ କରିବାକୁ ସମର୍ଥ ହେଉ, କାରଣ ସେଗୁଡ଼ିକ ମଧ୍ୟରେ ଆମେ ଏକ ଅବନାଶୀ ପ୍ରେମ ଓ ଆନନ୍ଦର ସ୍ପର୍ଶଟିକୁ ଅନୁଭବ କରୁଥାଉ, ବସ୍ତୁଗୁଡ଼ିକର ଦ୍ୱନ୍ଦସ୍ପ ମଧ୍ୟରେ ସଦାବା ଆତ୍ମଗୋପନ କରି ରହିଥିବା ଏକ ପରମ ସୁଖର ସ୍ପର୍ଶ ଅନୁଭବ କରୁ । ବଶ୍ୱଗତ ତଥା ସମତାଯୁକ୍ତ ଏହି ଉଦ୍ଧାସମସ୍ୱତା ପୂର୍ଣ୍ଣୀପଗତ ହେବାର ଲକ୍ଷସ୍ୱରୂପ ଆତ୍ମା ଆନନ୍ଦମସ୍ୱ ହୋଇଉଠେ, ସେହି ଅନନ୍ତ ପରମ ଆନନ୍ଦର ଦ୍ୱାରଗୁଡ଼ିକ

'oaob.nitrkl.ac.in' images reprocessed

ଉନ୍ମୋଚିତ ହୋଇଯାଏ ଏବଂ ସକଳ ବୋଧର ଅତୀତ ସେହି ବିପୁଳ ପୁରୁଷ ଉପଲବ୍ଧି ହୋଇଥାଏ ।

*

ବାସନାନାଶ ଏବଂ ଆତ୍ମାର ସମତାଷ୍ଟିକୁ ଲାଭ କରିବା ନିମନ୍ତେ ଆମର ଏହି ପ୍ରସ୍ତାବଟି ଆପଣାର ଚରମ ପୂର୍ଣ୍ଣତା ଏବଂ ଫଳଦାୟକତା ଦ୍ୱାରା କରିପାରିବା ପୂର୍ବରୁହିଁ ଆମେ ଆଧ୍ୟାତ୍ମିକ ଗୁରୁଣାର ସେହି ପର୍ଯ୍ୟାୟଟିକୁ ଅବଶ୍ୟ ସମ୍ପୂର୍ତ୍ତି କରି ଦେଇଥିବା, ଯାହାକି ଆମକୁ ଆମ ଅହଂବୋଧଟିର ବିନାଶ ଲାଗି ଆଗକୁ ବାଟ କଢ଼ାଇ ନେଇଥିବ । ସାଧ କର୍ମଯୋଗୀ ଲାଗି କର୍ମଗତ ଅହଂବୋଧଟିର ବିନାଶ ହେଉଛି ଏହି ପରିବର୍ତ୍ତନଟିରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଉପାଦାନ । କାରଣ ଯେତେବେଳେ ଆମେ ଯାବତୀୟ ଫଳ ତଥା ଫଳର ବାସନାକୁ ଯନ୍ତ୍ରର ପରମ ଅଧିଷ୍ଠାତାଙ୍କ ପାଖରେହିଁ ସମର୍ପଣ କରିଦେଇ ପାରିଥାଉ, ସେତେବେଳେ ମଧ୍ୟ ଆମେ କେବଳ ଗୌଣିକ ବାସନାଗତ ଅହଂବୋଧଟିକୁହିଁ ଛାଡ଼ି ପାରିଥାଉ ଏବଂ ତଥାପି ଆମେହିଁ କର୍ମଟିକୁ କରୁଛୁ ବୋଲି ଏକ ଅହଂବୋଧ ଆମ ଭିତରେ ବେଶ୍ ରହିଯାଇ ପାରିଥାଏ । ଆମେ ସ୍ୱୟଂ ହେଉଛୁ କାର୍ଯ୍ୟଟିର କର୍ତ୍ତା, ଏପରି ଏକ ବୋଧ ଆମ ଭିତରେ ତଥାପି ରହିଥାଏ, ଆମ ଜଜ୍ଞକୁହିଁ ଆମେ କର୍ମଟିର ଦ୍ରଷ୍ଟା ତଥା ତାହାର ଅନୁମନ୍ତା ବୋଲି ଜ୍ଞାତ ହେବାରେ ଲାଗିଥାଉ । ସେତେବେଳେ ସେହି 'ମୁଁ'ଟାହିଁ ନିର୍ଦ୍ଦାରଣ କରୁଥାଏ, 'ମୁଁ'ଟାହିଁ ଦାୟିତ୍ୱଗ୍ରହଣ କରୁଥାଏ ଏବଂ ସେହି କର୍ମର ଦ୍ୱାନ ଓ ଲାଭଟିକୁ ଅନୁଭବ କରୁଥାଏ । ବିଚ୍ଛିନ୍ନତାଧର୍ମୀ ଏହି ଅହଂବୋଧଟିର ସମୂଳ ଉତ୍ପାଟନ କରିଦେବାହିଁ ଆମ ଯୋଗର ସଂପୂର୍ଣ୍ଣ ଲକ୍ଷ୍ୟ ହୋଇ ରହିବ । ଯଦି କୌଣସିପ୍ରକାର ଅହଂକୁ ଆମ ଭିତରେ ସାମଷ୍ଟିକ ଜୀବରେ ନିରାକୃତ ରହିବାକୁହିଁ ଦିଏ, ତେବେ ତାହା ସେତେବେଳେ ତାହାର କେବଳ ସେହି ରୂପଟିହିଁ ହୋଇ ରହିବ, ଯାହା ଆପଣାକୁ କେବଳ ଏକ ରୂପ ବୋଲିହିଁ ଜାଣିଥିବ ଏବଂ ଆମ ଭିତରେ ତେତ୍ତନାର ଯଥାର୍ଥ କେନ୍ଦ୍ରଟି ପ୍ରକଟ ବା ଗଠିତ ହୋଇ ଆସିବା ସଙ୍ଗେସଙ୍ଗେ ତାହା ଅନ୍ତର୍ହିତ ହୋଇଯିବା ଲାଗି ଅବଶ୍ୟ ପ୍ରସ୍ତୁତ ହୋଇ ରହିଥିବ । ସେହି ଯଥାର୍ଥ କେନ୍ଦ୍ରଟିକୁ ଆମେ ସେହି ଅଦ୍ୱିତୀୟ ତେତ୍ତନାଟିରହିଁ ଏକ ଜ୍ୟୋତିର୍ମୟ ସ୍ୱୟଂରୂପ ବୋଲି ଜାଣିବା ଏବଂ ସେହି ଅଦ୍ୱିତୀୟ ପରମ ଅସ୍ତିତ୍ୱରହିଁ ଏକ ଶୁଦ୍ଧ ସଞ୍ଚାରଣପଥ ଏବଂ ସାଧନରୂପେ ଜାଣିବା । ବିଶ୍ୱଗତ ସାମର୍ଥ୍ୟର ବ୍ୟକ୍ତରୂପ ଅଭିବ୍ୟକ୍ତ ତଥା ନିସ୍ୱାର୍ଥତା ଲାଗି ଏକ ଆଶ୍ରୟରୂପେ ଅବସ୍ଥିତ ରହି ତାହା ଧୀରେଧୀରେ ଆପଣାର ଅନ୍ତରାଳରୁ ଆମ ଭିତରେ ରହିଥିବା ସେହି ଯଥାର୍ଥ ପରମ ପୁରୁଷଙ୍କୁହିଁ ଉଦ୍‌ଘାଟିତ କରିଆଣେ; ସେହି କେନ୍ଦ୍ରସ୍ଥ ଶାଶ୍ୱତ ସତ୍ତା, ସେହି ସଙ୍କୋଚ ପରମଙ୍କର ଏକ ଚିରନ୍ତନ ସତ୍ତା ତଥା

'oaob.nitrkl.ac.in' images reprocessed

ସେହି ବ୍ରହ୍ମାଣ୍ଡର ପରମ ଶକ୍ତିଙ୍କର ଏକ ସାମର୍ଥ୍ୟ ଏବଂ ଅଂଶକୁ ଉଦ୍‌ଘାଟିତ କରି ନେଇଥାଏ ।*

ଏହି କ୍ଷେତ୍ରରେ ମଧ୍ୟ, ଅର୍ଥାତ୍ ଆତ୍ମା କ୍ରମଶଃ ଆପଣା ଉପରୁ ଅହଂର ଅସ୍ତିତ୍ୱଭାଚ୍ଛନ୍ନ ବସନଗୁଡ଼ିକ ଖସାଇ ପକାଇବାର ଏହି ଗଭୀରତମ ସ୍ତରରେ ମଧ୍ୟ କେତୋଟି ଲକ୍ଷଣୀୟ ପଦ୍ଧତିରେ ଏକ କ୍ରମାଗ୍ରଗତି ଘଟିତ ହୋଇଥାଏ । କାରଣ ଯାବତୀୟ କର୍ମର ଫଳଟି ଯେ କେବଳ ସେହି ପରମପ୍ରଭୁଙ୍କର ହୋଇ ରହିଥାଏ ତା' ନୁହେଁ, ମାତ୍ର ଆମର ଯାବତୀୟ କର୍ମକୁ ମଧ୍ୟ କେବଳ ତାଙ୍କର ହୋଇ ରହିବାକୁ ହୁଏ । ସେ ଆମ କର୍ମଫଳଗୁଡ଼ିକର ଯେପରି ମାଲିକ, ସେହିପରି ଆମର ଯାବତୀୟ କର୍ମର ମଧ୍ୟ ମାଲିକ । ଏହି କଥାଟିକୁ ଆମେ କେବଳ ଆମ ମନରହିଁ ଆସିଟିକୁ ଦେଇ ଦେଖିବା ନାହିଁ, ଏଇଟିକୁ ଆମର ସମୁଦାୟ ଚେତନା ତଥା ସମୁଦାୟ ଇଚ୍ଛାଟି ପାଖରେ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସତ୍ୟ ହୋଇ ରହିବାକୁ ପଡ଼ିବ । ସାଧକ ଏକଥାଟିକୁ କେବଳ ଭାବିବ ନାହିଁ ବା ଜାଣିବ ନାହିଁ, ମାତ୍ର ଆପଣା ଜିୟାଶୀଳ ରହିବାର ମୁହୂର୍ତ୍ତଟିରେ, ଜିୟାର ଆରମ୍ଭରେ ତଥା ଜିୟାର ସମଗ୍ର ପ୍ରକ୍ରିୟାଟିରେ ମଧ୍ୟ ସେ ମୂର୍ତ୍ତ ଏବଂ ସଘନ ଭାବରେ ଏହି କଥାଟିକୁହିଁ ଅନୁଭବ କରୁଥିବ ଯେ ତା'ର ଯାବତୀୟ କର୍ମ ଆଦୌ ତା'ର ନୁହେଁ, ମାତ୍ର ସେଗୁଡ଼ିକ କେବଳ ତାହାର ମଧ୍ୟଦେଇ ସେହି ସର୍ବୋଚ୍ଚ ପରମ ଅତିଚୈତନ୍ୟଠାରୁ ଉଦ୍‌ଭୂତ ହୋଇ ଆସୁଛି । ସେ ଏପରି ଏକ ପରମ ସାମର୍ଥ୍ୟ, ପରମ ସାନ୍ନିଧ୍ୟ ଏବଂ ପରମ ଫଳଲାଭ ବିଷୟରେ ସତତ ସଚେତନ ହୋଇ ରହିଥିବ, ଯାହାକି ତାହାର ବ୍ୟକ୍ତିଗତ ପ୍ରକୃତିଟିର ମଧ୍ୟଦେଇ ସକଳ କାର୍ଯ୍ୟ କରିବାରେ ଲଗିଛି । ମାତ୍ର ଏପରି ଏକ ନୂତନ ଦୃଷ୍ଟିଭଙ୍ଗୀ ପଛରେ ଏହି ତଥ୍ୟଟି ମଧ୍ୟ ନିହିତ ହୋଇ ରହିଛି ଯେ ଏହି କ୍ଷେତ୍ରରେ ସାଧକ ହୁଏତ ତା'ର ଆପଣାର ଆବରଣସ୍ଥ ଏବଂ ଉତ୍କ୍ରୋଲନଯୁକ୍ତ ଅହଂଟାକୁ ଅଥବା ଏକ ନ୍ୟୂନତର ସାମର୍ଥ୍ୟକୁହିଁ ପରମପ୍ରଭୁ ବୋଲି ଭ୍ରମ କରି ପକାଇବ ଏବଂ ତାଙ୍କରି ସର୍ବୋଚ୍ଚ ପରମ ନିର୍ଦ୍ଦେଶଗୁଡ଼ିକର ସ୍ଥାନରେ ଆପଣାର ଦାବିଗୁଡ଼ିକୁହିଁ ଆଣି ଉପସ୍ଥାପିତ କରିଦେବ । ସେ ହୁଏତ ଏହି ନମ୍ନତର ପ୍ରକୃତିଟିର ଏକ ସାଧାରଣ କୌଶଳପେକ୍ଷ ଭିତରେ ଆସି ପଡ଼ିଯିବ ଏବଂ ଏକ ଉଚ୍ଚତର ପରମ ସାମର୍ଥ୍ୟ ପାଖରେ ଆପଣାର ଅଭିଲଷିତ ସମର୍ପଣଟିକୁ ସେ ହୁଏତ କେବଳ ଆପଣାରହିଁ ଆତ୍ମ-ଇଚ୍ଛା ଓ ଏପରିକ ଆପଣାର ବାସନା ଓ ଉତ୍ତରକାମନାଗୁଡ଼ିକର ଏକ ଅତିବ୍ୟାପ୍ତ ଏବଂ ଜଟିଳୀକୃତ ତୃପ୍ତିର ଏକ ଛଳନାରୂପେହିଁ ବିକୃତ କରି ପକାଇବ । ତେଣୁ ଏଠାରେ ଏକ ପରମ ନିଷ୍ଠାର ଆବଶ୍ୟକତା ରହିଛି; ଏବଂ କେବଳ ଆମର ସଚେତନ ମନଟି ଉପରେ

---

* ଅଂଶଃ ସନାତନଃ, ସଏବ ପ୍ରକୃତିଃ ଜୀବଭୂତା ।

'oaob.nitrkl.ac.in' images reprocessed

ଯେ ଏହି ଜଷ୍ଟାଟିକୁ ଆଣି ଲଦ୍‌ଦେବାକୁ ହେବ, ତା' ନୁହେଁ, ତା'ଠାରୁ ଆହୁରି ଅଧିକ ପରିମାଣରେ କେତେକେତେ ଲୁକ୍‌କାୟିତ ଚେତନ୍ୟରେ ଭରପୁର ହୋଇ ରହିଥିବା ଆମର ସେହି ଅନ୍ତଃଚେତନ ଅଂଶଟି ଉପରେ ମଧ୍ୟ ଲଦ୍‌ଦେବାକୁ ହେବ । କାରଣ ସେହି ପ୍ରଦେଶଟିରେ, ବିଶେଷତଃ ଆମର ଅନ୍ତଃଚେତନ ପ୍ରାଣିକ ପ୍ରକୃତିରେ ଏପରି ଜଣେ ଅପକୌଶଳୀ ଛିଦ୍ରାନ୍ୱେଷୀ ଓ ଅଭିଯୋକ୍ତା ବିଦ୍ୟମାନ ରହିଛନ୍ତି, ଯାହାର କି କେବେହେଲେ କୌଣସି ସୁଧାର ବା ସଂଶୋଧନ ହୋଇପାରିବ ନାହିଁ । ଆପଣାର ସକଳ କର୍ମର ବୋଝକୁ ସମ୍ପୂର୍ଣ୍ଣଭାବରେ ନେଇ ସେହି ପରମ ଦିବ୍ୟସ୍ୱରୂପଙ୍କ ପାଖରେ ସମର୍ପି ଦେଇ ପାରିବା ପୂର୍ବରୁ ବାସନାଲୋକର ମାର୍ଗରେ ସାଧକ ପ୍ରଥମେ ଅନେକ ଦୂର ଅଗ୍ରସର ହୋଇଯାଇଥିବ, ସକଳ ହିଂସ୍ର ଏବଂ ସକଳ ଘଟଣା ପ୍ରତି ଆତ୍ମାର ଏକ ଦୃଢ଼ ସମତାଭାବ ରଖିବା ଦ୍ୱାରରେ ମଧ୍ୟ ସେ ଅନେକ ବାଟ ଆଗେଇ ଯାଇଥିବ । ଆପଣାକୁ ସର୍ବଦା ପରମ ଆଲୋକ ତଥା ସତ୍ୟର ଏକମାତ୍ର ଉତ୍ସ ବୋଲି ଦେଖାଇ ହେଉଥିବା ଏବଂ ସାଧକର ଆତ୍ମାଟିକୁ ଆପଣାର ଆୟତ୍ତରେ ନେଇ ରଖିବାକୁ ଆପଣା ଉପରେ ଦିବ୍ୟ କେତେକେତେ ରୂପର ଏକ ଛାୟାଚ୍ଛଳନାକୁହିଁ ଆଭରଣ କରି ଲଗାଇଥିବା ସେହି ମାର୍ଗଭ୍ରଷ୍ଟକାରୀ ଅନ୍ଧକାରଶକ୍ତିଗୁଡ଼ିକର ସାବଧାନୀ କୌଶଳ ଏବଂ ଅହଂର ସାବଧାନୀ ଛଳ ଉପରେ ଏକ ଦୃଢ଼ସତର୍କ ଚକ୍ଷୁ ରଖିହିଁ ସାଧକକୁ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ଯିବାକୁ ପଡ଼ିଥିବ ।

ଏହି ସୋପାନଟିରେ ଆସି ପହଞ୍ଚିବା ସଙ୍ଗେ ସଙ୍ଗେ ସେ ଆପଣାକୁ କେବଳ ଜଣେ ସାକ୍ଷୀରୂପେ ଅବସ୍ଥାପିତ କରି ରଖିବାର ପରବର୍ତ୍ତୀ ସୋପାନକୁ ମଧ୍ୟ ଅତିକ୍ରମ କରିଥିବ । ଆପଣାକୁ ପ୍ରକୃତିଠାରୁ ଅଲଗା କରି ରଖି, ନୈର୍ବ୍ୟକ୍ତିକ ତଥା ସ୍ୱାତନ୍ତ୍ର୍ୟରେ ରହି ସେ ଆପଣା ଭିତରକୁ ଅନାଇ ହିଂସ୍ରାର୍ଣ୍ଣବ ପ୍ରକୃତିଶକ୍ତି ଆଡ଼କୁ ଅବଲୋକନ କରିବାକୁ ସମର୍ଥ ହେବ ଏବଂ ତାହାର କାର୍ଯ୍ୟଟିକୁ ଯଥାର୍ଥ ଭାବରେ ବୁଝିବ । ଆପଣାକୁ ଏହିପରି ଅଲଗା କରି ରଖି ସେ ପ୍ରକୃତିର ସାବଧାନୀ ବଶ୍ୱଗତ ଶକ୍ତିମାନଙ୍କୁ ମଧ୍ୟ ଚିହ୍ନି ଶିଖିବ, ସେହି ପ୍ରକୃତି ମଧ୍ୟରେ ରହିଥିବା ଇଚ୍ଛା ଏବଂ ଜ୍ଞାନ ତଥା ଦିବ୍ୟତା ଏବଂ ଅଦିବ୍ୟତାର ସମ୍ମିଶ୍ରଣଟିକୁ ଅଲଗା ଅଲଗା କରି ଦେଖିବାକୁ ସମର୍ଥ ହେବ ଓ ଅଜ୍ଞାନମୟ ମାନବପ୍ରାଣୀକୁ ଆପଣାର କାର୍ଯ୍ୟରେ ଲଗାଇଥିବା ସେହି ପ୍ରକୃତିର ଅପାରବଳ ଶକ୍ତି ଏବଂ ସଖ୍ୟଗୁଡ଼ିକୁ ମଧ୍ୟ ଠାବ କରିନେବାକୁ ହେବ । ଗୀତାର ଉକ୍ତି ଅନୁସାରେ ପ୍ରକୃତିର ତିନିବିଧ ଗୁଣ ମଧ୍ୟଦେଇ ବଶ୍ୱଶକ୍ତି ଆମ ଭିତରେ କାର୍ଯ୍ୟ କରୁଛି; ଗୋଟିଏ ହେଉଛି ଆଲୋକ ଏବଂ ସତ୍ତ୍ୱର ଗୁଣ, ଆଉ ଗୋଟିଏ ପ୍ରବଳ ଆବେଗ ଏବଂ କାମନାର ଗୁଣ, ଏବଂ ଶେଷଟି ହେଉଛି ଅଜ୍ଞତା ଏବଂ ଜଡ଼ତାର ଗୁଣ । ଏହିସବୁ ଗୁଣର ସମ୍ମିଳିତ ଏବଂ ଭିନ୍ନ ଭିନ୍ନ ହିଂସ୍ରାଗୁଡ଼ିକୁ ଅଲଗା ଅଲଗା କରି ଦେଖିବା ଲଗି ସାଧକକୁ ସମର୍ଥ ହେବାକୁ ପଡ଼ିବ, ତା' ପ୍ରକୃତିର ଏହି

'oaob.nitrkl.ac.in' images reprocessed

ଗ୍ରନ୍ଥିଟି ମଧ୍ୟରେ ସାନ୍ଦ୍ରୀଭୂତ ହେବାରେ ଲାଗିଛି, ତାହାର ଜଣେ ଜଷ୍ଟଷ ଏବଂ ବିବେଚନାସମର୍ଥ ସାକ୍ଷୀରୂପେ ସାଧକ ସେଗୁଡ଼ିକୁ ପରସ୍ପରଠାରୁ ଅଲଗା କରି ଦେଖି ପାରୁଥିବ । ତା' ଆପଣା ଭିତରେ ଲାଗି ରହିଥିବା ବଶ୍ୱଗତ ସାବଙ୍ଗସ୍ୱ ଶକ୍ତିର ଜିସ୍ୱାସ୍ପୃକଭାଗୁଡ଼ିକୁ ସେ ଅନୁଧାବନ କରି ପାରୁଥିବ, ସେଗୁଡ଼ିକର ସୂକ୍ଷ୍ମ ଓ ଅଦୃଶ୍ୟ ସକଳ ପ୍ରକିସ୍ୱା ତଥା ଛନ୍ଦୁକିସ୍ୱାର ସାନ୍ଦଙ୍ଗସ୍ୱ ଗହ୍ୱନପଥ ଦେଇ ସେ ସେଗୁଡ଼ିକର ଅନୁଗମନ କରି ପାରୁଥିବ ଏବଂ ସେହି ଗହ୍ୱନକ୍ରିର ସାବଙ୍ଗସ୍ୱ ଜଟିଳତାକୁ ମଧ୍ୟ ଜାଣିବାକୁ ସମର୍ଥ ହେଇଥିବ । ଏହି ଜ୍ଞାନସମ୍ପନ୍ନତାରେ ଅଗ୍ରସର ହୋଇ ସାଇସାଇ ସେ ଜମେ ସ୍ୱୟଂ ଅନୁସନ୍ଧା ହେବାର ଯୋଗ୍ୟତା ଅର୍ଜନ କରିପାରିବ ଏବଂ ଆଉ ପ୍ରକୃତ ହାତରେ କଦାପି ଏକ ଅଜ୍ଞାନଜନ୍ତ ସାଧନମାତ୍ର ହୋଇ ରହିବ ନାହିଁ । ପ୍ରଥମେ ସେ ପ୍ରକୃତ-ଶକ୍ତିକୁ ତା'ର ସାଧନଗୁଡ଼ିକ ଉପରେ ଆପଣାର ଜିସ୍ୱା କରୁଥିବାର କ୍ଷେତ୍ରରେ ଆପଣାର ଜନ୍ମତର ଦୁଇଟିଯାକ ଗୁଣକୁ ଆସ୍ତତ୍ତକୁ ଆଣିବା ଲାଗି ଏବଂ ସେଗୁଡ଼ିକୁ ପ୍ରକାଶ ତଥା ସତ୍ତର ଗୁଣଟିର ଅଧୀନ କରି ରଖିବା ଲାଗି ପ୍ରବର୍ତ୍ତାଇବାକୁ ଲାଗିବ; ଏବଂ ତା'ପରେ, ଯେପରିକ ତମୋଟିଯାକ ଗୁଣ ଏକ ଉଚ୍ଚତର ସାମର୍ଥ୍ୟ ଦ୍ୱାରା ଆପଣା ଆପଣାର ଦ୍ରବ୍ୟ ତତ୍ତ୍ୱଳ ରୂପଗୁଡ଼ିକୁ ରୂପାନ୍ତରିତ ହୋଇଯାଇ ପାରିବ, ଅର୍ଥାତ୍ ପରମ ଶମ ଓ ପରମ ଶାନ୍ତି, ଦ୍ରବ୍ୟ ଆଲୋକନ ତଥା ଆନନ୍ଦ ଏବଂ ସେହି ଚରନ୍ତନ ଦ୍ରବ୍ୟ ସତ୍ୟାସ୍ପକତା ବା ତପସ୍ତ୍ୱରୂପେ ରୂପାନ୍ତରିତ ହୋଇଯାଇ ପାରିବ, ସେଥିଲାଗି ଆପଣାକୁ ପ୍ରସ୍ତୁତ କରି ରଖିବା ଲାଗି ସେ ପ୍ରକୃତକୁ ପୂର୍ଣ୍ଣ ପ୍ରବର୍ତ୍ତାଇବାରେ ଲାଗିବ । ଆମ ଭିତରେ ରହିଥିବା ମନୋମସ୍ୱ ସତ୍ତାର ଇଚ୍ଛାଟି ଦ୍ୱାରା ଏହି ସାଧନା ତଥା ପରିବର୍ତ୍ତନର ପ୍ରଥମାଂଶଟି ତତ୍ତ୍ୱତଃ ଦୃଢ଼ତ୍ତ୍ୱରେ ସାଧିତ ହୋଇପାରିବ; ମାତ୍ର କେବଳ ଯେତେବେଳେ ଗତ୍ତାରତର ଚୈତ୍ୟ ଆସ୍ପାଟି ପ୍ରକୃତି ଉପରେ ଆପଣାର ପ୍ରଭୁତ୍ୱଟିକୁ ଅଧିକତର ଦୃଢ଼ କରିପାରିବ ଏବଂ ମନୋମସ୍ୱ ସତ୍ତାଟିର ସ୍ଥାନରେ ସ୍ୱୟଂ ଶାସନକର୍ତ୍ତାରୂପେ ପ୍ରତିସ୍ଥିତ ହୋଇପାରିବ, ସେତେବେଳେ ଯାଇ ଏଇଟି ସମ୍ପୃର୍ତ୍ତିରୂପେ କାର୍ଯ୍ୟକାସ୍ପ ହୋଇପାରିବ ଏବଂ ପରବର୍ତ୍ତୀ ରୂପାନ୍ତରଟି ମଧ୍ୟ ସମ୍ଭବ ହୋଇପାରିବ । ଏହି କଥାଟି ଘଟିସାରିବା ପରେ ସେ କେବଳ ଏକ ଆକାଙ୍କ୍ଷା ଓ ଅଭିପ୍ରାସ୍ପ ତଥା ଏକ ପ୍ରାରମ୍ଭିକ ଏବଂ କ୍ରମବୃଦ୍ଧିଶୀଳ ଆସ୍ପପରିହାର ଦ୍ୱାରାହିଁ ନୁହେଁ, ମାତ୍ର ଗଭୀରତମ ଆସ୍ପ-ନିବେଦନର ପ୍ରଗାଢ଼ତମ ଯଥାର୍ଥତା ସହିତ ମଧ୍ୟ ଆପଣାର ସକଳ କର୍ମକୁ ସେହି ସଂପରମ ଇଚ୍ଛାଟି ହାତରେ ନେଇ ପୂର୍ତ୍ତିତଃ ସମର୍ପଣ କରିଦେବା ଲାଗି ପ୍ରସ୍ତୁତ ହୋଇଯାଇ ପାରିବ । ଅଳ୍ପ ଅଳ୍ପ କରି ଏକ ଅପୂର୍ତ୍ତି ମନୁଷ୍ୟବୁଦ୍ଧି ଦ୍ୱାରା ସବଳିତ ତା'ର ମନ ଏକ ଚଦ୍ଗତ ତଥା ଆଲୋକନଯୁକ୍ତ ମନଟି ଲାଗି ସ୍ଥାନ ଛାଡ଼ିଦେବ ଏବଂ ସେଇଟି ମଧ୍ୟ ଶେଷରେ ସେହି ଅତିମାନସ ପରମ ସତ୍ୟ-ଆଲୋକ ମଧ୍ୟରେ ପ୍ରବିଷ୍ଟ ହୋଇଯାଇ ପାରିବ । ସେତେବେଳେ ସେ

'oaob.nitrkl.ac.in' images reprocessed

ଆଉ ତା'ର ଏହି ଅଶୁଦ୍ଧ ଓ ଅପୂର୍ଣ୍ଣ ନିୟାମ୍ୟତାର ଉତ୍ତୋଳିତ ସ୍ୱାଭାବିକତାକୁ ଅଜ୍ଞାନପ୍ରସୂତ ପ୍ରକୃତି ଦ୍ୱାରା ପ୍ରେରିତ ହୋଇ କୌଣସି କାର୍ଯ୍ୟ କରିବ ନାହିଁ, ମାତ୍ର ଆଧ୍ୟାତ୍ମିକ ପ୍ରଶାନ୍ତି, ଆଧ୍ୟାତ୍ମିକ ଆଲୋକ, ସାମର୍ଥ୍ୟ ତଥା ଆନନ୍ଦର ଏକ ଦିବ୍ୟତର ପ୍ରକୃତି ଦ୍ୱାରା ପ୍ରେରିତ ହୋଇହିଁ ସେ ସବୁକିଛି କରିବ । ଏକ ଅଜ୍ଞାନାଚ୍ଛନ୍ନ ମନ ଏବଂ ଇଚ୍ଛାର ଏକ ନାନାମିଶ୍ରଣ ମଧ୍ୟରେ ରହି ଏବଂ ଆହୁରି ଅଜ୍ଞାନାଚ୍ଛନ୍ନ ହୋଇ ରହିଥିବା ସଂବେଗତାଡ଼ିତ ହୃଦୟ, ପ୍ରାଣସମ୍ଭୂତ ବାସନା ଏବଂ ଦେହଗତତାର ପ୍ରବଳ ଆବେଶ ତଥା ଅନ୍ଧପ୍ରବୃତ୍ତିର ତାଡ଼ନା ଦ୍ୱାରା ଘୁଲନ୍ତ ହୋଇ ସେ କୌଣସି କର୍ମ କରିବ ନାହିଁ; ମାତ୍ର ପ୍ରଥମେ ଅଧ୍ୟାତ୍ମସ୍ତରରେ ସଞ୍ଚାରିତ ହୋଇ ରହିଥିବା ଏକ ଆତ୍ମସତ୍ତ୍ୱା ଓ ପ୍ରକୃତି ଏବଂ ଶେଷରେ ଏକ ଅହମାନସ ଋତ-ଚିତ୍ତ ଏବଂ ତାହାର ପର୍ବ ପ୍ରକୃତିର ଦିବ୍ୟ ଶକ୍ତିଟି ଦ୍ୱାରା ପ୍ରେରିତ ହୋଇହିଁ ସେ ସକଳ କର୍ମ କରିବ ।

ଏହିପରି ସ୍ତରେହିଁ ସେହି ସଂଗଠିତ ସୋପାନଗୁଡ଼ିକ ସମ୍ଭବ ହୋଇ ଆସିବ, ଯେତେବେଳେ କି ପ୍ରକୃତିର ଆବରଣଟି ଗୋଟାପୁରା ଅପସୃତ ହିବ ଏବଂ ସାଧକ ତା'ର ପରମପ୍ରଭୁଙ୍କର ଠିକ୍ ମୁହାଁମୁହିଁ ହୋଇ ଆସି ଠିଆହେବ । ଏବଂ ତା'ର ସାବଘାସ୍ୱ କର୍ମାଚରଣ ମଧ୍ୟ ସେତେବେଳେ ଏକ ପରମ ଶକ୍ତିମତ୍ତାର ଶୁଦ୍ଧ, ସତ୍ୟମୟ, ପରିପୂର୍ଣ୍ଣ ଓ ସଦାନନ୍ଦମୟ ନିୟାନ୍ତି ମଧ୍ୟରେ ସଂଯୁକ୍ତ ହୋଇ ରହିବ । ଠିକ୍ ଏହିପରି ସ୍ତରେହିଁ ସେ ଆପଣାର ସକଳ କର୍ମ ତଥା କର୍ମଜନିତ ଫଳକୁ ସେହି ଅହମାନସ ଶକ୍ତିଟି ପାଖରେ ସମ୍ପୂର୍ଣ୍ଣରୂପେ ସମର୍ପଣ କରିଦେଇ ପାରିବ ଏବଂ ସେହି ଶାଶ୍ୱତ କର୍ମକର୍ତ୍ତାଙ୍କର କେବଳ ଏକ ଚେତନାଯୁକ୍ତ ନମ୍ରିଭୂତପେହିଁ ଆପଣାର କର୍ମ କରିପାରିବ । ତାକୁ ଆଉ କୌଣସିଥିରେ କୌଣସି ସ୍ୱୀକୃତି ବା ଅନୁମତି ଦେବାକୁ ପଡ଼ିବ ନାହିଁ, ବରଂ ପରମ ପ୍ରଭୁଙ୍କର ଆଦେଶଟିକୁ ଆପଣାର ସାଧନଗୁଡ଼ିକରେ ଗ୍ରହଣ କରିନେଇ ଏବଂ ସେହି ଅହମାନସ ଶକ୍ତିର ହାତରେ ଗୋଟିଏ ଯନ୍ତ୍ର ହୋଇ ରହି ସେ ସେହି ଆଦେଶଟିର ପାଳନ କରୁଥିବ । ତାକୁ ଆଉ କୌଣସି କର୍ମ କରିବାକୁ ପଡ଼ିବ ନାହିଁ; ମାତ୍ର ଯଦ୍ୟପି ନିର୍ଦ୍ଦିଷ୍ଟ ହୋଇପଡ଼ୁ ନଥିବା ପ୍ରକୃତିର ସେହି ଶକ୍ତିଟି ଦ୍ୱାରା ପ୍ରେରିତ ହୋଇ ସେ ଆପଣାର ମାଧ୍ୟମରେ ସେଗୁଡ଼ିକର ସମ୍ପାଦନକୁହିଁ ଗ୍ରହଣ କରିନେବ । ଏଣିକି ସେ ଆଉ ଆପଣାର ମନୋଗତ ବିରତଜାଗୁଡ଼ିକର ଚରିତାର୍ଥତା ଇଚ୍ଛା କରିବ ନାହିଁ କିମ୍ବା ନିଜର ସଂବେଗପ୍ରେରିତ ବାସନାଗୁଡ଼ିକର ପରିତୃପ୍ତି ମଧ୍ୟ ଇଚ୍ଛା କରିବ ନାହିଁ । ମାତ୍ର ସେ କେବଳ ଏପରି ଏକ ସଂଚଳିତମାନ୍ ପରମ ଇଚ୍ଛାରହିଁ ଆଜ୍ଞାପାଳନ କରୁଥିବ ଓ ତାଙ୍କର କାର୍ଯ୍ୟରେହିଁ ସହଯୁକ୍ତ ହୋଇ ରହିଥିବ, ଯିଏକି ଏକ ସଂଚଳିତା ପରମଜ୍ଞାନ ମଧ୍ୟ ହୋଇ ରହିଛନ୍ତି, ଏକ ଅନନ୍ତରହସ୍ୟପୂର୍ଣ୍ଣ, ନାନା ଚମତ୍କାରତା ଦ୍ୱାରା ପରିପୂର୍ଣ୍ଣ ଏକ ଅପାର ପରମପ୍ରେମ ହୋଇ ରହିଛନ୍ତି ଏବଂ ସର୍ବତ୍ର ସେହି ପରମ ଓ ଶାଶ୍ୱତ ଆନନ୍ଦର ଏକ ପରିବ୍ୟାପ୍ତ ଅତଳ ସମୁଦ୍ର ହୋଇ ମଧ୍ୟ ରହିଛନ୍ତି ।

'oaob.nitrkl.ac.in' images reprocessed

ଦଶମ ପରିଚ୍ଛେଦ

ପ୍ରକୃତିର ତିନ ଗୁଣ

ଆପଣାର ଆତ୍ମସତ୍ତାରେ ପୂର୍ଣ୍ଣମୁକ୍ତ ଏବଂ ଆପଣାର ଯାବତୀୟ ଜନ୍ମରେ ମଧ୍ୟ ପୂର୍ଣ୍ଣମୁକ୍ତ ହୋଇ ପାରିବାକୁ ହେଲେ ଜନ୍ମତର ପ୍ରକୃତିର ସ୍ୱତ୍ତ୍ୱବଗତ ନିସ୍ପତ୍ତିକୁ ଅତିକ୍ରମ କରିବା ଆତ୍ମା ଲଗି ଏକାନ୍ତ ଅପରିହାର୍ଯ୍ୟ । ଏହି ବାସ୍ତବ ବଶ୍ୱମସ୍ୟ ପ୍ରକୃତିଟି ସହଜ ସୁସମଞ୍ଜସ୍ୟତା ସ୍ଥାପନ କରି ଆପଣାକୁ ତାହାର ଅନୁଗତ କରି ରଖିବା ଏବଂ ଆମର ଏହି ପ୍ରକୃତି ଦ୍ୱାରା ପ୍ରେରିତ ଯନ୍ତ୍ରସାଧନଗୁଡ଼ିକ ସ୍ୱଭାଗେ ଉତ୍ତମ ତଥା ସୁପରିପୂର୍ଣ୍ଣ କାର୍ଯ୍ୟର ଏକ ପରିବେଶ ସୃଷ୍ଟି କରି ରଖିବା,—ଏହାକୁହିଁ ଆମେ ଆତ୍ମା ଲଗି କଦାପି ଏକ ଆଦର୍ଶ ବୋଲି କହିପାରିବା ନାହିଁ । ଆତ୍ମାର ତ ଯଥାର୍ଥ ଆଦର୍ଶଟି ହେଉଛି ସ୍ୱୟଂହିଁ ଆପଣା ପ୍ରକୃତିର ପ୍ରଭୁ ହୋଇ ରହିବା ଏବଂ ଆପଣାକୁ ପରମେଶ୍ୱର ତଥା ପରମା ଶକ୍ତିଙ୍କର ଅନୁଗତ କରି ରଖିବା । ସେହି ସ୍ୱକପରମ ଇଚ୍ଛାର ଏକ ପ୍ରତିନଧି ବା ପ୍ରବାହମାର୍ଗ ହିସାବରେ କେବଳ ଆପଣାରହିଁ ଦୃଷ୍ଟିସାମର୍ଥ୍ୟ, ସମ୍ମତି ଅଥବା ଅସମ୍ମତି ଅନୁସାରେ ପ୍ରକୃତିଗତ ଏହି ସାଧନଗୁଡ଼ିକର ଅର୍ଥାତ୍ ଆମର ମନ, ପ୍ରାଣ ତଥା ଦେହର ଯାବତୀୟ ଚେଷ୍ଟାନୁଶୀଳନ ଲଗି ସେହି ପ୍ରକୃତିଦତ୍ତ ଶକ୍ତିଭଣ୍ଡାର, ପାରିପାର୍ଶ୍ୱିକ ନାନା ଅବସ୍ଥା ଏବଂ ସମ୍ମିଳିତ ଗଠନସ୍ପନ୍ଦନଟିର ଇତୋମଧ୍ୟତାକୁ ନେଇ କେତେବେଳେ କଭଳ କାର୍ଯ୍ୟରେ ଲଗାଇବାକୁ ହେବ, ଆତ୍ମାକୁହିଁ ସେହି କଥାଟିର ନର୍ଦ୍ଧାରଣ କରିବାକୁ ପଡ଼ିବ । ମାତ୍ର ଜନ୍ମତର ଏହି ପ୍ରକୃତିଟିକୁ କେବଳ ଅତିକ୍ରମ କରିଯାଇ ସେହି ଊର୍ଦ୍ଧ୍ୱରୁହିଁ କାର୍ଯ୍ୟରେ ଲଗାଇ ପାରିଲେ ଯାଇ ଏହାକୁ ଆପଣାର କର୍ତ୍ତୃତ୍ୱାଧିକାରକୁ ଅଣାଯାଇ ପାରିବ । ଏବଂ ଏଇଟି କରିପାରିବାକୁ ହେଲେ ଆମକୁ ସେହି ପ୍ରକୃତିର ଯାବତୀୟ ସାମର୍ଥ୍ୟ, ଯାବତୀୟ ଗୁଣ ଏବଂ ଯାବତୀୟ ନିସ୍ପାଦିତକୁ ଅତିକ୍ରମ କରିଯିବାକୁ ପଡ଼ିବ; ତା' ନହେଲେ ଆମେ କେବଳ ତାହାର ପରିବେଶ-ବାଡ଼ଗୁଡ଼ିକ ମଧ୍ୟରେ ଆବଦ୍ଧ ଏବଂ ଅଧୀନ ହୋଇ ରହିଥିବା, ବଡ଼ ଅସହାୟ ଭାବରେ ତାହାର ପ୍ରାଦୁର୍ଭାବଗୁଡ଼ାକୁ ଭୋଗ କରୁଥିବା ଏବଂ ଆପଣାର ଚତୁର୍ଦ୍ଦିଗ ଭୂମିରେ କଦାପି ମୁକ୍ତ ହୋଇପାରିବା ନାହିଁ ।

'oaob.nitrkl.ac.in' images reprocessed

ପ୍ରକୃତର ତିନୋଟି ମୌଳିକ ଗୁଣ ରହିଛି ବୋଲି ଏହି ବସ୍ତୁରଟି ପ୍ରାଚୀନ ଭାରତୀୟ ମନୀଷୀମାନଙ୍କ ଦ୍ୱାରା ସୃଷ୍ଟ ହୋଇଛି; ଏବଂ ଏକ ଦୀର୍ଘକାଳବ୍ୟାପୀ ମନସ୍ତତ୍ତ୍ୱଗତ ପ୍ରୟୋଗ ଓ ଗଭୀର ଅନୁଭୂତିରୁହିଁ ଏହି ବସ୍ତୁରଟି ଜନ୍ମଲାଭ କରିଥିବାରୁ ଏହି ସତ୍ୟଟି ହଠାତ୍ ଆମକୁ ଏତେ ସ୍ପଷ୍ଟ ଓ ଯଥାର୍ଥ ବୋଲି ଆଦୌ ମନେହୋଇ ନଥାଏ । ତେଣୁ ଆପଣାର ଏକ ଦୀର୍ଘକାଳବ୍ୟାପୀ ଅନୁଭୂତି ନଥାଇ, ପ୍ରକୃତି-ଶକ୍ତିଗୁଡ଼ିକର ଅନ୍ତର୍ଗତ ଆତ୍ମଜିଜ୍ଞାସା ଏବଂ ସବୋଧିପ୍ରେରିତ ଅବଧାରଣା ବ୍ୟତୀତ ଏହି ସତ୍ୟଟିକୁ ଯଥାର୍ଥ ଭାବରେ ବୁଝିପାରିବା ବା ଦୃଢ଼ଭାବରେ ସେଇଟିକୁ କାମରେ ଲଗାଇ ପାରିବା ଆମ ପକ୍ଷରେ ବଡ଼ କଷ୍ଟକର ହୋଇ ରହିଥାଏ । ତଥାପି ଏହି ବିଷୟରେ କେତେକ ସାଧାରଣ ସୂଚନା ଅବଶ୍ୟ ଦିଆଯାଇ ପାରେ ଯାହାକି କର୍ମମାର୍ଗର ଜଣେ ସାଧକକୁ ଆପଣା ପ୍ରକୃତିର ସମ୍ମିଶ୍ରଣଗୁଡ଼ିକୁ ବୁଝିବା ପକ୍ଷରେ, ବଶ୍ଳେଷଣ କରି ଦେଖିବା ପକ୍ଷରେ ଏବଂ ଆପଣାର ସମ୍ପନ୍ନ ଅଥବା ଅସମ୍ପନ୍ନ ଦ୍ୱାରା ସେଗୁଡ଼ିକ ଉପରେ ଏକ ନିୟନ୍ତ୍ରଣ ସମ୍ଭବ କରି ରଖିବା ପକ୍ଷରେ ନିଶ୍ଚୟ ଅନେକ ପରିମାଣରେ ସାହାଯ୍ୟ କରିପାରେ । ଏହି ତିନୋଟିଯାକକୁ ଭାରତୀୟ ଶାସ୍ତ୍ରରେ ଗୁଣ ବୋଲି କୁହାଯାଇଛି ଓ ସେଗୁଡ଼ିକୁ ସତ୍ତ୍ୱ, ରଜଃ ଏବଂ ତମଃ ଏହିପରି ତିନୋଟି ନାମ ଦିଆଯାଇଛି । ସତ୍ତ୍ୱଗୁଣକୁ ଆମେ ସମତାବସ୍ଥାର ସାମର୍ଥ୍ୟ ବୋଲି କହିବା ଏବଂ ଗୋଟିଏ ଗୁଣ ଦୃଷ୍ଟାବରେ ଏହାକୁ ସତ୍ତ୍ୱ, ସମଜ୍ଞସତା, ପୂର୍ଣ୍ଣ ଏବଂ ଆଲୋକ ବୋଲି କୁହାଯାଇଥାଏ । ରଜୋଗୁଣ ହେଉଛି ଗତିଶୀଳତାର ଏକ ସାମର୍ଥ୍ୟ ଏବଂ ଏକ ଗୁଣ ଦୃଷ୍ଟାବରେ ତାହାକୁ ଫଗ୍ରାମ ଓ ପ୍ରସ୍ଥାସ୍ଥ, ଜିସ୍ଥାସ୍ଥକ ଆବେଗ ଏବଂ କର୍ମାନୁସୁଖତା ବୋଲି କୁହାଯାଇଥାଏ । ତମୋଗୁଣ ହେଉଛି ଜଣ୍ଟେତନାର ସାମର୍ଥ୍ୟ ଏବଂ ଜଡ଼ତାର ସାମର୍ଥ୍ୟ; ଏବଂ ଏକ ଗୁଣ ଦୃଷ୍ଟାବରେ ଏହାକୁ ଅଜ୍ଞତା, ଅକ୍ଷମତା ଓ ନିଷ୍କ୍ରିୟତା ବୋଲି କୁହାଯାଇଥାଏ । ସାଧାରଣତଃ ମନୋବିଦ୍ୟାଗତ ଆତ୍ମବଶ୍ଳେଷଣରେ ଏଗୁଡ଼ିକର ବ୍ୟବହାର କରାଯାଇଥିଲେ ମଧ୍ୟ ଭୌତିକ ପ୍ରକୃତିର କ୍ଷେତ୍ରରେ ମଧ୍ୟ ଏହି ତିନିଗୁଣଭେଦର ଜଣ୍ଟସ୍ଥ ଏକ ଯଥାର୍ଥତା ରହିଛି । ଏହି ତମ୍ଭତର ପ୍ରକୃତିର ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ସତ୍ତାରେ ସେହି ଗୁଣଗୁଡ଼ିକ ରହିଛି ଏବଂ ଏହି ଗୁଣାତ୍ମକ ତିନୋଟି ସାମର୍ଥ୍ୟର ପାରସ୍ପରିକ ତିସ୍ଥାର ଏକ ପରିଣାମରୂପେହିଁ ପ୍ରକୃତିର ପ୍ରତିସ୍ଥାଟି ଗତିଶୀଳ ରୂପଟି ସମ୍ଭବ ହୋଇ ପାରୁଛି ।

ତେଜନ ହେଉ ଅଥବା ଅତେଜନ ହେଉ, ବସ୍ତୁଗୁଡ଼ିକର ସାବସ୍ଥାସ୍ଥ ରୂପକୁ ଆମେ ଗତିଶୀଳ ପ୍ରାକୃତିକ ଶକ୍ତିଗୁଡ଼ିକର ସତତସୁରକ୍ଷିତ ଗୋଟିଏ ଗୋଟିଏ ସମତାବସ୍ଥା ବୋଲି କହିପାରିବା ଏବଂ ସେଗୁଡ଼ିକ ସେଗୁଡ଼ିକର ଚତୁର୍ଦ୍ଦିଗରେ ବେଢ଼ି ରହିଥିବା ଅନ୍ୟ ଅନେକ ଶକ୍ତିସୋତର ଏକ ଅଶେଷ ସହାସ୍ଥକ, ବାଧକ ଅଥବା ବଘଟକ ତେତେତେତେ ଫଣ୍ଟର୍ଣ୍ଣର ଅଧୀନ ହୋଇ ରହିଛନ୍ତି ବୋଲି ମଧ୍ୟ

'oaob.nitrkl.ac.in' images reprocessed

କହିପାରିବା । ଆମର ଏହି ମନୋଗତ, ପ୍ରାଣଗତ ତଥା ଦେହଗତ ସ୍ପନ୍ଦନକୁ ସୃଷ୍ଟି ମଧ୍ୟ ଏହିପରି ଏକ ସତ୍ତଗଠନଶୀଳ ସଂଯୋଗ ଏବଂ ସମତାଗୁଡ଼ିକ ବ୍ୟଷ୍ଟାନ୍ତ ପ୍ରକୃତରେ ଆଉ ଅନ୍ୟ କିଛୁ ନୁହେଁ । ପରବେଶରୁ ଆଗତ ସଂସ୍ପର୍ଶଗୁଡ଼ିକୁ ଗ୍ରହଣ କରିବାର ଏବଂ ସେଗୁଡ଼ିକ ପ୍ରତି ଆପଣାର ପ୍ରତିକ୍ରିୟା ଜଣାଇବାର ମଧ୍ୟଦେଇଥିବା ତନୋଟିଯାକ ଗୁଣ ଗ୍ରହଣକର୍ତ୍ତାର ବଶେଷ ସ୍ୱଭାବଟିକୁ ନର୍ଦ୍ଦାରିତ କରି ଦେଇଥାନ୍ତି, ପ୍ରତିସ୍ପନ୍ଦନର ତଶେଷ ରୂପଟିକୁ ମଧ୍ୟ ନର୍ଦ୍ଦାରିତ କରିଥାଅନ୍ତି । ଜଡ଼ ତଥା ଅକୁଶଳ ଭାବରେ ସିଏ ସେହି ସଂସ୍ପର୍ଶଗୁଡ଼ିକ ପ୍ରତି ପ୍ରତିସ୍ପନ୍ଦନମୂଳକ ଅଦୌ କୌଣସି ପ୍ରତିକ୍ରିୟା ନଦେଖାଇ ସେଗୁଡ଼ିକୁ ବେଶ୍ ସହନ କରି ନେଇପାରେ, ଆପଣା ସୁରକ୍ଷା ବଷୟରେ କୌଣସି ପ୍ରକାର ସଚିନ୍ତା ବା ସେଗୁଡ଼ିକୁ ନଜସ୍ୱ କରିନେବା ଲାଗି ବା ଆପଣାର ଅନୁକୂଳତ କରି ରଖିବା ଲାଗି କୌଣସି ସମର୍ଥତା ନଦେଖାଇ ସେ ସେଗୁଡ଼ିକୁ କେବଳ ଆଦର ନେଇପାରେ । ଏଇଟି ହେଉଛି ତମୋଗୁଣ, ଜଡ଼ତାର ଗୁଣ । ଅନ୍ଧତା, ଅସମର୍ଥତା, ଅଚେତନତା ଏବଂ ଜଡ଼ତା, ମନ୍ଦତା, ଆଳସ୍ୟ, ନିଷ୍କ୍ରିୟତା, ସାମ୍ବିକ ପୁନରାବର୍ତ୍ତନ, ମନର ଜଡ଼ତା, ପ୍ରାଣର ନିନ୍ଦା ଏବଂ ଆତ୍ମାର ସୁପ୍ତାବସ୍ଥା,—ଏଗୁଡ଼ିକ ହେଉଛି ତମୋଗୁଣର ଲକ୍ଷଣ । ଅନ୍ୟ ଉପାଦାନଗୁଡ଼ିକ ଦ୍ୱାରା କୌଣସିପ୍ରକାରେ ସଂଶୋଧିତ ନହୋଇ ପାରୁଥିବା ପର୍ଯନ୍ତ ଏହି ତମୋଗୁଣର ଫଳଟି କେବଳ ରୂପଟିର ବା ପ୍ରକୃତର ସେହି ସମତାବସ୍ଥାର ବଘଟନରୁପେହିଁ ଫଳିବାରେ ଲାଗିଥିବ ଏବଂ ସେହି କ୍ଷେତ୍ରରେ ଗତିଶୀଳ ପ୍ରଗତିର କୌଣସି ନୂତନ ସାମର୍ଥ୍ୟ, ନୂତନ ସୃଷ୍ଟି କିମ୍ବା ନୂତନ ସମତାବସ୍ଥା ମଧ୍ୟ ସମ୍ଭବ ହେଉ ନଥିବ । ଏହି ତେତନାହୀନ ଅସମର୍ଥତାର ମୂଳ ହୃଦସ୍ପନ୍ଦନରେ ଅଜ୍ଞାନର ସ୍ପନ୍ଦନଟିହିଁ ବଳବତ୍ତର ହୋଇ ରହିଥିବ, ତାହାରୁ ନାନାଭାବେ ନାନା ଉତ୍ତେଜନା ବନ୍ଧନ କରି ଆମ ଉପରେ ପ୍ରାୟ ଆକ୍ରମଣ କରିବାରେ ଲାଗିଥିବା ସଂସ୍ପର୍ଶଟିକୁ ବୁଝିବା ଲାଗି, ଧରପାରିବା ଲାଗି ଓ ସେଗୁଡ଼ିକର ଯଥାର୍ଥ ଭାବରେ ସମ୍ମୁଖୀନ ହେବା ଲାଗି ଏକ ଅକ୍ଷମତା ବା ଆଳସ୍ୟମୟ ଅନଚ୍ଛୁକତାହିଁ ବଳବତ୍ତର ରହିଥିବ; ପାରିପାର୍ଶ୍ୱିକ ନାନା ଶକ୍ତି ଆମକୁ ଯେଉଁସବୁ ଇଙ୍ଗିତ ଦେଇ ଯାଇଥିବେ କିମ୍ବା ନୂତନ ଅନୁଭୂତିମାନ ଲାଭ କରିବା ଲାଗି ଆମକୁ ଯେପରି ବଳୀୟାନ୍ ପ୍ରେରଣାମାନ ଆଣି ଦେଇଥିବେ, ସେଗୁଡ଼ିକୁ ବୁଝିବା ଲାଗି, ଧରପାରିବା ଲାଗି ଏବଂ ଯଥାର୍ଥ ଭାବରେ ସେଗୁଡ଼ିକର ଉପଯୋଗ କରିବା ଲାଗି ଏକ ଅଶକ୍ତତା ଏବଂ ଆଳସ୍ୟପରିପୂର୍ଣ ଅନଚ୍ଛୁକତାହିଁ ଏହି କ୍ଷେତ୍ରରେ ସବୁକିଛିର ମୀମାଂସା କରୁଥିବ ।

ଅନ୍ୟ ପକ୍ଷରେ, ପ୍ରାକୃତିକ ସଂସ୍ପର୍ଶଗୁଡ଼ିକର ଗ୍ରହଣକର୍ତ୍ତା ଯେତେବେଳେ ପ୍ରକୃତଗତ ନାନା ସାମର୍ଥ୍ୟକୁ ସ୍ପର୍ଶ କରୁଥିବ, ସେଗୁଡ଼ିକ ଦ୍ୱାରା ଉତ୍ତେଜିତ ହେଉଥିବ, ପ୍ରତ୍ୟେତିତ ଅଥବା ଆହ୍ୱାନ ହେଉଥିବ, ସେତେବେଳେ ସେ ସେହି ରୂପଟି ପ୍ରତି ଅଥବା ତାହାର ବରୁଦ୍ଧରେ ନିଜସ୍ୱ ଆପଣାର ଏକ ପ୍ରତିକ୍ରିୟା ଜଣାଉଥିବ । ପ୍ରକୃତି

'oaob.nitrkl.ac.in' images reprocessed

ତାକୁ ଉଦ୍ୟମ କରିବାକୁ, ପ୍ରତିରୋଧ ଓ ପ୍ରସ୍ଥାପ କରିବାକୁ, ଆପଣାର ପରିବେଶଟିକୁ ଆପଣାର ପ୍ରତ୍ୟବରେଦ୍ଧି ରଖିବାକୁ ବା ଆପଣାର ଏକାଧିକାର ମଧ୍ୟକୁ ଆଣିବାକୁ, ଆପଣାର ଇଚ୍ଛାଟିର ପ୍ରତିଷ୍ଠା କରିବାକୁ, ଯୁଦ୍ଧ କରିବାକୁ, ସୃଷ୍ଟି କରିବାକୁ ଏବଂ ବଜସ୍ୱଲ୍ଲଭ କରିବାକୁ ବାଟ ଛାଡ଼ି ଦେଉଥିବ, ଉତ୍ସାହ ଦେଉଥିବ ଏବଂ ବାଧ ବ କରୁଥିବ । ଏଇଟି ହେଉଛୁ ରଜୋଗୁଣ, ଆବେଗମସ୍ୱତା ଓ କର୍ମୋତ୍ସାହର ଗୁଣ, ବାସନାଭୃଷ୍ଣାର ଗୁଣ । ସଂଗ୍ରାମ ଓ ପରିବର୍ତ୍ତନ, ନୂତନ ସୃଷ୍ଟି, ଜସ୍ୱ-ପରାଜସ୍ୱ ଓ ସୁଖଦୁଃଖ ତଥା ଆଶା ଓ ନୈରାଶ୍ୟ,—ଆମେ ଏଗୁଡ଼ିକୁ ରଜୋଗୁଣର ସନ୍ତାନ ବୋଲି କହିବା; ଏମାନେ ଏକତ୍ର ମିଳ ସେଉଁ ଅନେକବର୍ଣ୍ଣୀ ଜୀବନ-ସୌଧଟିକୁ ନର୍ମାଣ କରି ରଖିଥାନ୍ତି, ତାହାର ଭିତରେ ସେ ଆପଣାର ନାନା ଉପଭୋଗରେ ମଗ୍ନ ହୋଇ ରହିଥାଏ । ମାତ୍ର ତାହାର ଜ୍ଞାନଟି ସବଦା ଏକ ଅପୂର୍ଣ୍ଣ ଏବଂ ମିଥ୍ୟା ଜ୍ଞାନ ହୋଇ ରହିଥାଏ ଏବଂ ଆପଣା ସହିତ ସେହି ଜ୍ଞାନ କେତେକେତେ ଅଜ୍ଞାନମସ୍ୱ ପ୍ରସ୍ୱାସ, ପ୍ରମାଦ, ସତତ ଭ୍ରାନ୍ତି କେତେକେତେ ଅନୁକୂଳନ, ଆସକ୍ତ ହୋଇ ରହିବା ଜନିତ ଦୁଃଖ, ବ୍ୟର୍ଥମନୋରଥ ବାସନା ତଥା କ୍ଷତ ଏବଂ ଅସାଫଲ୍ୟଜନିତ ଦୁଃଖକୁ ବହନ କରିବାରେ ଲଗିଥାଏ । ରଜୋଗୁଣ ଆମକୁ ଗତିଶୀଳ ଶକ୍ତି ଆଣିଦିଏ, ସାମର୍ଥ୍ୟ ଓ ନିସ୍ୱାସୂଜତା ଆଣିଦିଏ, ସୃଷ୍ଟି କରିବାର, କର୍ମ କରିବାର ଏବଂ ବଜସ୍ୱ କରିବାର କ୍ଷମତା ଆଣିଦିଏ । ମାତ୍ର ତାହା ସବଦା ସେହି ଅଜ୍ଞାନରୁ ମିଥ୍ୟାଲୋକ ଅଥବା ଅର୍ଦ୍ଧାଲୋକଗୁଡ଼ିକ ଦ୍ୱାରା ଅଗ୍ରସର ହେଉଥାଏ ଏବଂ ଅସୁର, ରାକ୍ଷସ ଏବଂ ପିଶାଚର ସ୍ପର୍ଶ ଦ୍ୱାରା ବକୃତ ମଧ୍ୟ ହୋଇଯାଏ । ମନୁଷ୍ୟମନରେ ସେହି ଔଦ୍ଧତ୍ୟପୂର୍ଣ୍ଣ ଅଜ୍ଞାନ-ମସ୍ୱତା ଏବଂ ତାହାର ଆସୂରଭାବ ନାନା ବକୃତ ଏବଂ ଅତିଧୃଷ୍ଟ ନାନା ଭାନ୍ତି, ଗର୍ବ, ବୃଥାଦମ୍ଭ ଏବଂ ଅତ୍ୟାକାଙ୍କ୍ଷା, ନୃଶଂସତା, ଉତ୍ପୀଡ଼କତା, ପଶୁବୃତ୍ତି ସ୍ରୋତ ଏବଂ ହିଂସ୍ରତା, ସ୍ୱାର୍ଥପରତା, କ୍ଷୁଦ୍ରତା, କପଟତା, ପ୍ରବଞ୍ଚନା ଏବଂ ନିକୃଷ୍ଟ ମାତତା, କାମୁକତା, ଲୋଲୁପତା ଏବଂ ଲମ୍ପଟତା ତଥା ଏହି ପୃଥିବୀପ୍ରକୃତିକୁ ନାନାପ୍ରକାରେ ବକୃତ କରି ରଖିଥିବା ଈର୍ଷା, ଦ୍ୱେଷ ଏବଂ ସୀମାହୀନ କୃତଘ୍ନତା;—ଆମେ ଏହିଗୁଡ଼ିକୁହିଁ ପ୍ରକୃତର ଏହି ଅପରାର୍ଦ୍ଧାଂଶ ଅଥଚ ଅତିଶକ୍ତିଶାଳୀ ଏବଂ ବପଜ୍ଜନକ ବଶେଷ ଗୁଣଟିର ସ୍ୱତ୍ତ୍ୱବଜ ସନ୍ତାନ ବୋଲି କହିପାରିବା ।

ମାତ୍ର ଦେହସ୍ଥ ସତ୍ତ୍ୱ ପ୍ରକୃତର କେବଳ ଏହି ଦୁଇଟିମାତ୍ର ଗୁଣର ନିସ୍ୱା ମଧ୍ୟରେ ସୀମାବଦ୍ଧ ହୋଇ ରହି ନଥାଏ; ଏହି ଦୁଇଟି ବ୍ୟତୀତ ଆହୁର ଗୋଟିଏ ଉତ୍କୃଷ୍ଟତର ଏବଂ ଅଧିକ ଆଲୋକତ ସ୍ପତ ବ ରହିଛୁ, ଯାହାଦ୍ୱାରା କ ସେ ପରିବେଷ୍ଟନକାରୀ ସ୍ୱତ୍ତ୍ୱବଗୁଡ଼ିକର ଓ ବଶ୍ୱସାମର୍ଥ୍ୟରୂପୀ ପ୍ରବାହଟିର ସମ୍ପୂର୍ଣ୍ଣୀନ ହୋଇପାରେ । ତା'ର ଜୀବନରେ ଏପରି ଏକ ଗ୍ରହଣ ଓ ପ୍ରତିନିସ୍ୱାଜ୍ଞାପନ ସମ୍ଭବ ହୁଏ ଯାହା ମଧ୍ୟରେ କି ଏକ ସ୍ପଷ୍ଟ ବୋଧ ରହିଥାଏ, ସମତାଯୁକ୍ତତା ଏବଂ ସ୍ୱରସାମ୍ୟ

'oaob.nitrkl.ac.in' images reprocessed

ମଧ୍ୟ ରହିଥାଏ । ପ୍ରାକୃତ ସତ୍ତ୍ୱର ଏହି ସ୍ୱଭାବଟି ବୁଝିବାକୁ ଓ ସହାନୁଭୂତି ରଖିବାକୁ ସମର୍ଥ ହୁଏ; ଏବଂ ତେଣୁ ତାହା ପ୍ରକୃତିର ଆବେଗ ତଥା ମାର୍ଗଗୁଡ଼ିକର ଚଳ୍ପାରକୁ ଯାଇପାରେ, ସେଗୁଡ଼ିକୁ ନିୟନ୍ତ୍ରଣକୁ ଆଣିପାରେ ଏବଂ ସେଗୁଡ଼ିକର ବିକାଶସାଧନ କରିପାରେ । ଏଇଟି ଭିତରେ ଏପରି ଏକ ବୁଦ୍ଧିମତ୍ତା ରହିଥାଏ, ଯାହାକି ପ୍ରକୃତିର ପ୍ରକ୍ରିୟା ଏବଂ ତାତ୍ପର୍ଯ୍ୟଗୁଡ଼ିକୁ ଭେଦ କରିପାରେ, ସେଗୁଡ଼ିକୁ ନିଜସ୍ୱ କରିପାରେ ଓ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇପାରେ; ଏଇଟି ମଧ୍ୟରେ ପ୍ରତିଷ୍ଠନ ଜଣାଇବାର ଏପରି ଏକ ସ୍ପଷ୍ଟ ସାମର୍ଥ୍ୟ ରହିଥାଏ ଯାହା କଦାପି ଅନ୍ୟ କାହାର ଦ୍ୱାରା ପରିବର୍ତ୍ତିତ ହୁଏ ନାହିଁ, ଯାହା ସକଳ ବସ୍ତୁରେ ରହିଥିବା ସଂଶ୍ରେସ୍ତ ଉପାଦାନଗୁଡ଼ିକୁ ଅନୁକୂଳତ କରି ରଖିପାରେ, ସଂଶୋଧିତ କରି ଦେଇପାରେ, ସୌଷମ୍ୟବଦ୍ଧ କରିପାରେ ଏବଂ ଆକର୍ଷିତ କରି ଆଣିପାରେ । ଏଇଟି ହେଉଛି ସତ୍ତ୍ୱର ଗୁଣ; ପ୍ରକୃତିର ସେହି ଗୁଣ, ଯାହାକି ଆଲୋକ ତଥା ସମତା ଦ୍ୱାରା ପରିପୂର୍ଣ୍ଣ ରହିଥାଏ, ସତ୍ତ୍ୱ ଲଗି, ଜ୍ଞାନ ଲଗି, ଆନନ୍ଦ ଓ ସୌନ୍ଦର୍ଯ୍ୟ ଲଗି, ସୁଖ, ସମ୍ୟକ୍ ବୋଧ, ସମ୍ୟକ୍ ସମତାବସ୍ଥା ଏବଂ ସମ୍ୟକ୍ ବ୍ୟବସ୍ଥାଟି ଲଗି ନିର୍ଦ୍ଦେଶିତ ହୋଇ ରହିଥାଏ । ଜ୍ଞାନଗତ ଏକ ଉଜ୍ଜ୍ୱଳ ବିଶଦତାର ବିଭବ ତଥା ସହାନୁଭୂତି ଏବଂ ଅନ୍ତରଙ୍ଗତାର ସାମ୍ପ୍ରମନ୍ତ୍ର ଉଷ୍ମତାହିଁ ଏହାର ସ୍ୱଭାବ ହୋଇ ରହିଥାଏ । ଏକ ସୂକ୍ଷ୍ମତା ଏବଂ ଜ୍ଞାନାଲୋକନ, ଏକ ପୂର୍ଣ୍ଣଶାସ୍ତ୍ରିତ ଶକ୍ତିମତ୍ତା ଏବଂ ସମୁଦାୟ ସତ୍ତ୍ୱସ୍ଥିର ଏକ ଉପଲବ୍ଧି ସମଞ୍ଜସତା ଏବଂ ସମତାବସ୍ଥା,—ସାତ୍ତ୍ୱିକ ପ୍ରକୃତିର ସର୍ବୋଚ୍ଚ ସିଦ୍ଧିରୂପେ ଆମକୁ ଏହିସବୁହିଁ ପ୍ରାପ୍ତ ହୋଇଥାଏ ।

ବଶ୍ୱ-ସାମର୍ଥ୍ୟର ଏହି ତିନୋଟି ଭିତରୁ କୌଣସି ଗୋଟିଏମାତ୍ର ଗୁଣ ଦ୍ୱାରା କୌଣସି ସତ୍ତ୍ୱା ସମ୍ପୂର୍ଣ୍ଣ ସ୍ୱଭାବରେ ଚଳାହୋଇ ରହି ନଥାଏ; ମାତ୍ର ପ୍ରତ୍ୟେକ ସତ୍ତ୍ୱା ମଧ୍ୟରେ ସଂଜ୍ଞ ତିନୋଟିଯାକ ଗୁଣହିଁ ମହଜୁଦ ହୋଇ ରହିଥାନ୍ତି । ସତତ ପରିବର୍ତ୍ତିତ ହେଉଥିବା ସେଗୁଡ଼ିକର ପାରସ୍ପରିକ ସମ୍ବନ୍ଧରେ ଓ ପରସ୍ପରର ଅନ୍ତଃଭେଦ କରି ରହିଥିବା ସେଗୁଡ଼ିକର ପ୍ରଭାବରେ ସଦାବା କେତେକେତେ ସଂଯୋଜନ ଏବଂ ବିଯୋଜନ ହେବାରେ ଲଗିଥାଏ; ଅନେକ ସମୟରେ ଏକ ଦ୍ୱନ୍ଦ୍ୱ ଉପସ୍ଥିତ ହୋଇଯାଏ, କେତେକେତେ ଶକ୍ତି ମଧ୍ୟରେ ସତେଅବା ଏକ ମଲ୍ଲଯୁଦ୍ଧ ଲଗିଯାଏ, ପ୍ରତ୍ୟେକେ ଅପରକୁ କବଳଗତ କରି ରଖିବା ଲଗି ସଂଗ୍ରାମ କରିବାରେ ଲଗିଥାନ୍ତି । ଅଧିକ ଅଥବା ଅତ୍ୟଳ୍ପ ପରିମାଣରେ ଓ ମାତ୍ରାରେ ହେଉ ପଛକେ, ଏବଂ ଏପରିକ ପ୍ରାସ୍ଥ ଏକ ଅଲକ୍ଷ୍ୟ ନ୍ୟୂନତମ ମାତ୍ରାରେ ହେଲେ ମଧ୍ୟ, ସାବସ୍ତୁସ୍ଥ ସତ୍ତ୍ୱା ମଧ୍ୟରେ ଆପଣା ଆପଣାର ସାତ୍ତ୍ୱିକ ସ୍ଥିତିଗୁଡ଼ିକ ଅବଶ୍ୟ ରହିଥାଏ, ଅର୍ଥାତ୍ ଆଲୋକ, ସ୍ୱଚ୍ଛତା, ସୁଖମସ୍ତତା, ପରିବେଶଟି ସହିତ ତମକ୍ଷାର ଅନୁକୂଳନ ଏବଂ ସହାନୁଭୂତିବଦ୍ଧତା, ବୁଦ୍ଧିମତ୍ତା, ସମତାବସ୍ଥା, ସମ୍ୟକ୍ ମନ, ସମ୍ୟକ୍ ଫଳଲ୍ପ ତଥା ଅନୁଭୂତି, ସମ୍ୟକ୍ ଆବେଗ, ସଦ୍‌ଗୁଣ ତଥା ନିୟମବଦ୍ଧର ସ୍ପଷ୍ଟ ସରଣୀ ଅଥବା ଅବଲମ୍ବିତ ପ୍ରବୃତ୍ତିଗୁଡ଼ିକ

'oaob.nitrkl.ac.in' images reprocessed

ବଦ୍ୟମାନ ଥାଏ । ପ୍ରତ୍ୟେକଟି ମଧ୍ୟରେ ଆପଣା ଆପଣାର ରଜୋଗୁଣ ଓ ଛଦ୍ମ ଆବେଗଗୁଡ଼ିକ ମଧ୍ୟ ରହିଥାଏ; ବାସନା, ଅତ୍ୟାବେଶ, ଘର୍ଷଣ, ବିକାର, ମିଥ୍ୟା ଓ ପ୍ରମାଦ, କୌଣସି ଭ୍ରାନ୍ତସାମ୍ୟ ନଥିବା ସୁଖ ଓ ଦୁଃଖ, କର୍ମବୃତ୍ତିର ଆନ୍ତମଣକାରୀ ପ୍ରେରଣା, ଅଧ୍ୟାତ୍ମାହିତାଭିତ ସୃଜନ ଏବଂ ପରିବେଶଟିରୁ ଆସି ପଡ଼ୁଥିବା ଗୃହସ୍ଥି ପ୍ରତି ଏବଂ ଜୀବନର ଯାବତୀୟ ଆନ୍ତମଣ ତଥା ଉପସ୍ଥାପନଗୁଡ଼ିକ ପ୍ରତି ପ୍ରବଳ, ସାହସପୂର୍ଣ୍ଣ ଏବଂ ପ୍ରଚଣ୍ଡ ପ୍ରତିକ୍ରିୟାଜ୍ଞାପନର କର୍ଦ୍ଦମାକ୍ତ ଅଙ୍ଗଗୁଡ଼ିକ ମଧ୍ୟ ରହିଥାଏ । ପ୍ରତ୍ୟେକଟି ମଧ୍ୟରେ ଆପଣା ଆପଣାର ତମୋଗୁଣ ଏବଂ ସତତ ତମସାଚ୍ଛନ୍ନ ହୋଇ ରହିଥିବା ଅଂଶଗୁଡ଼ିକ ଉପସ୍ଥିତ ଥାଏ; ସେଗୁଡ଼ିକର ଅଚେତନାର ମୁହୂର୍ତ୍ତି ବା ବନ୍ଦୁଗୁଡ଼ିକ ଉପସ୍ଥିତ ଥାଏ, ଅଣଉପ୍ରେରତ ଉପେକ୍ଷା ଏବଂ ନଙ୍ଗୋଧ ନାନା ସ୍ୱକୃତରୂପୀ ସେଗୁଡ଼ିକର ପାର୍ଦ୍ଦ ଅଭ୍ୟସ୍ତତା ବା ସାମସ୍ତିକ ରୁଚିଗୁଡ଼ିକ ଉପସ୍ଥିତ ଥାଏ, ସେଗୁଡ଼ିକର ଗଠନଗତ ଦୁର୍ବଳତା ଓ କ୍ଲାନ୍ତ, ଅବହେଳା ତଥା ଆଳସ୍ୟର ଗତିଶୀଳମାନ ଉପସ୍ଥିତ ଥାଏ, ଅଜ୍ଞାନ ଏବଂ ଅସମର୍ଥତା ମଧ୍ୟରେ ସେଗୁଡ଼ିକର ସାବତୀୟ ପତନ, ବିଷାଦ, ଭସ୍ମ, ପରିବେଶ ପାଖରୁ ଜୀରୁପ୍ରାସ୍ତ ପ୍ରତ୍ୟାବର୍ତ୍ତିନ ଅଥବା ଆତ୍ମସମର୍ପଣ ଅଥବା ମନୁଷ୍ୟ, ଘଟଣା ତଥା କେତେକେତେ ଶତ୍ରୁମନ୍ତ୍ରର ଗ୍ରୁପ ପାଖରୁ କାତର ପ୍ରତ୍ୟାବର୍ତ୍ତିନ ବା ସେଗୁଡ଼ିକର ସମ୍ମୁଖରେ ଅସହାସ୍ତ ଆତ୍ମସମର୍ପଣ ମଧ୍ୟ ଉପସ୍ଥିତ ରହିଥାଏ । ପ୍ରକୃତ-ଶତ୍ରୁର କୌଣସି ନା କୌଣସି ସଞ୍ଚରଣପଥରେ ବା ଆପଣାର ମନ ତଥା ଚରିତ୍ରର କୌଣସି ନା କୌଣସି ସ୍ତରରେ ଆମେ ପ୍ରତ୍ୟେକେ ସାତ୍ତ୍ୱିକ ହୋଇ ରହିଥାଉ, ଆଉ ଅନ୍ୟ କେତୋଟି ପଥ ବା ସ୍ତରରେ ରଜସିକ ହୋଇ ରହିଥାଉ ଏବଂ ଅନ୍ୟଗୁଡ଼ିକରେ ତାମସିକ ହୋଇ ରହିଥାଉ । ଏ ଗୁଣଟି ଅଥବା ସେ ଗୁଣଟି ସାଧାରଣତଃ ଯେପରି ଜୀବରେ କୌଣସି ବ୍ୟକ୍ତିର ସାଧାରଣ ଜୀବଦୃଷ୍ଟି, ମନୋଗତ ପ୍ରକାର ଏବଂ କର୍ମର ଧାରୁଟିରେ ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇ ରହିଥାଏ, ସେହି ଅନୁସାରେ ତାହାକୁ ଜଣେ ସାତ୍ତ୍ୱିକ, ରଜସିକ ଅଥବା ତାମସିକ ମନୁଷ୍ୟ ବୋଲି କୁହାଯାଏ । ମାନ ଖୁବ୍ କମ୍ ଲୋକ କେବଳ ଗୋଟିଏ ଗୁଣ ବା ଗୋଟିଏ ପ୍ରକୃତିର ହୋଇ ରହିଥାଆନ୍ତି ଏବଂ କେହି ଜଣେ ହେଲେ ଆପଣା ଗୁଣର ପ୍ରକାରଟିରେ କଦାପି ସମ୍ପୂର୍ଣ୍ଣ ବିଶୁଦ୍ଧ ହୋଇ ରହି ନଥାନ୍ତି । ପ୍ରଜ୍ଞାଶୀଳମାନେ ସବୁବେଳେ କିମ୍ବା ସମ୍ପୂର୍ଣ୍ଣ ଜୀବରେ କଦାପି ପ୍ରଜ୍ଞାଶୀଳ ହୋଇ ନଥାନ୍ତି; ବୁଦ୍ଧିମାନ୍‌ମାନେ ଆପଣା ସମୁଦାୟ କ୍ଷେତ୍ରଟିର କେବଳ କେତୋଟି ଖଣ୍ଡରେହିଁ ବୁଦ୍ଧିମାନ୍ ହୋଇ ରହିଥାନ୍ତି । ସନ୍ଥ ଆପଣା ଭିତରେ କେତେକେତେ ଅସଙ୍କୋଚତ ପ୍ରବୃତ୍ତିକୁ ଗୃପି କରି ରଖିଥାଏ ଏବଂ ଦୁଷ୍ଟ କେବେହେଲେ କେବଳ ରୁଚ୍ଛା ଦୁଷ୍ଟ ଓ ମନ୍ଦ ହୋଇ ରହି ନଥାଏ । ନଙ୍ଗୋଧତମ ବ୍ୟକ୍ତି ଭିତରେ ମଧ୍ୟ ତାହାର ଅନଭିବ୍ୟକ୍ତ ବା ଅବ୍ୟବହୃତ ଏବଂ ଅବକଶିତ ସାମର୍ଥ୍ୟଗୁଡ଼ିକ ସହଜାତ ରହିଥାଏ; ଅତ୍ୟନ୍ତ ଜୀରୁ ଏବଂ ଗ୍ଲାନିଗ୍ରସ୍ତ ଭିତରେ

'oaob.nitrkl.ac.in' images reprocessed

ମଧ୍ୟ ତା'ର ସ୍ୱାଭାବିକତାର ଆପଣା ମୁହୂର୍ତ୍ତି ତଥା ସ୍ୱାତନ୍ତ୍ରି ନଷ୍ଟ ହୋଇ ଥାଏ, ଅତ୍ୟନ୍ତ ଅସହାୟ ଏବଂ ଦୁର୍ବଳ ଭିତରେ ବି ତା'ର ଆପଣା ପ୍ରକୃତ ମଧ୍ୟରେ ବଳିଷ୍ଠତାର ଏକ ଅନ୍ତର୍ନିହିତ ଭାବ ମହଜୁଦ ରହିଥାଏ । ସତ୍ତ୍ୱ ପ୍ରଭୃତ ପ୍ରଧାନ ଗୁଣଗୁଡ଼ିକ ଦେହଧାରୀ ଜୀବର ମୂଳ ଆତ୍ମିକ ପ୍ରତିରୂପ ହୋଇ କଦାପି ରହି ନଥାନ୍ତି; ମାତ୍ର, ଆପଣାର ଜୀବନଟି ଲଗି ବା ତା'ର ଏହି ବର୍ତ୍ତମାନ ଅସ୍ତିତ୍ୱଟିର ଅବଧି ମଧ୍ୟରେ ଓ ତା'ର କାଳସ୍ଥ ବବର୍ତ୍ତିନଙ୍କର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତିରେ ସେ ଯେଉଁ ରୂପାୟନଟିର ନମାଣ କରି ରଖିଛି, ସେହି ଗୁଣଗୁଡ଼ିକ କେବଳ ତାହାରଇ ଦର୍ପଣ ବା ସୂଚକମାତ୍ର ହୋଇ ରହିଥାନ୍ତି ।

ଯେତେବେଳେ ସାଧକ ଥରେ ତା' ମଧ୍ୟରେ ତଥା ତା' ଉପରେ ଗୁଳିଥିବା ପ୍ରକୃତିର ନିୟାନ୍ତି ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇ ଠିଆହେବାକୁ ସମର୍ଥ ହୋଇଯାଏ, ସେଥିରେ କୌଣସିପ୍ରକାର ହସ୍ତକ୍ଷେପ କରେ ନାହିଁ, କୌଣସିପ୍ରକାର ସଂଶୋଧନ ଆଣିବାକୁ ଚେଷ୍ଟା କରେ ନାହିଁ, କୌଣସିପ୍ରକାରେ ବାଧା ଦିଏ ନାହିଁ, କାହୁ ବାଛିଅବାଛି କରେ ନାହିଁ ବା କାହୁ ଜନ୍ମନ୍ତି କରେ ନାହିଁ, ପ୍ରକୃତିର ସାବଙ୍ଗାସ୍ୱ କ୍ରୀଡ଼ାକୁ ପୂର୍ଣ୍ଣ ଅନୁମତି ଦେଇଦିଏ, ତାହାର ପ୍ରକିୟାଟିକୁ ବଶ୍ଳେଷଣ ଓ ପର୍ଯ୍ୟବେକ୍ଷଣ କରୁଥାଏ, ସେତେବେଳେ ସେ ଅନ୍ତରେ ଏକଥାଟି ବେଶ୍ ଆତ୍ମବିଶ୍ୱାର କରିନିଏ ଯେ ପ୍ରକୃତିର ଗୁଣଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱବରେ ସ୍ୱ-ଆଶ୍ରିତ ହୋଇ ରହିଛନ୍ତି ଓ କୌଣସି ସନ୍ଧିକୁ ଥରେ ଗୁଲି କରିଦେଲେ ତାହା ସେପରି ଗୁଲି ରହିଥାଏ, ସେହିପରି ସେହି ଗୁଣଗୁଡ଼ିକ ମଧ୍ୟ ଆପଣାର ସଂରଚନା ଏବଂ ସଞ୍ଚାଳକ ଶକ୍ତିଗୁଡ଼ିକ ଦ୍ୱାରାହିଁ କାର୍ଯ୍ୟ କରିବାରେ ଲଗିଛନ୍ତି । ଶକ୍ତି ଏବଂ ସଞ୍ଚାଳନର ସମର୍ଥତାଟି ପ୍ରକୃତ ମଧ୍ୟରୁହିଁ ଆସୁଛି, ପ୍ରାଣୀଠାରୁ କଦାପି ଆସୁ ନାହିଁ । ତା'ର ମନ ତା'ର ସାବଙ୍ଗାସ୍ୱ କର୍ମଗୁଡ଼ିକୁ କରୁଛି ବୋଲି ସେ ଆଗରୁ ଯେଉଁ ଅନୁମାନ କରିବାରେ ଲଗିଥିଲା, ସେଇଟି ଯେ କେଡ଼େ ଭୁଲ ଅନୁମାନ ଥିଲା, ବର୍ତ୍ତମାନ ସାଇ ସେ ତାହା ଉପଲବ୍ଧି କରେ; ସେ ବୁଝିବାକୁ ସମର୍ଥ ହୁଏ ଯେ ତା'ର ମନ ତା'ର ସମୁଦାୟ ସତ୍ତାଟିର କେବଳ ଏକ କ୍ଷୁଦ୍ର ଅଂଶଟିଏ ହୋଇ ରହିଥିଲା, ସେହି ପ୍ରକୃତିରହିଁ ଏକ ବସ୍ତୁକଳ ଓ ଏକ ଇଞ୍ଜିନ୍ ହୋଇ ରହିଥିଲା । ଆପଣା ନିଗୁଣାତ୍ମକତାର ଭୂମିରେ ପ୍ରକୃତିହିଁ ଅନୁକ୍ଷଣ ସମସ୍ତ କର୍ମ କରୁଥିଲା, କୌଣସି ଜିଅ ଆପଣାର କଶ୍ଚେଇଗୁଡ଼ିକୁ ନେଇ ଖେଳିବା ପଣ ପ୍ରକୃତ ସେହି ଉନୋଟି ସାଧାରଣ ଗୁଣଗୁଡ଼ିକୁ ସଞ୍ଚାଳିତ କରିବାରେ ଲଗିଥିଲା । ତାହାର ଅହଂ ସବଦା ଏକ ଯନ୍ତ୍ର ତଥା କ୍ରୀଡ଼ାସାଧନ ହୋଇହିଁ ରହିଥିଲା; ତା'ର ଚରିତ୍ର ଓ ବୃତ୍ତି, ତା'ର ନୈତିକ ଗୁଣ ତଥା ମାନସିକ ସାମର୍ଥ୍ୟ, ତା'ର ସାବଙ୍ଗାସ୍ୱ ବସ୍ତୁଷ୍ଟି, କର୍ମ ଏବଂ ପରିଣତି, ତା'ର ବୋଧ ଏବଂ

'oaob.nitrkl.ac.in' images reprocessed

ସହନଶୀଳତା, ତା'ର ନମ୍ରମତା ଓ ଦୟା, ତା'ର ଭଲ ପାଇବା ଓ ଘୃଣା, ତା'ର ପାପ ଏବଂ ପୁଣ୍ୟ, ତା'ର ଆଲୋକ ଏବଂ ଅନ୍ଧାର ତଥା ତା'ର ହର୍ଷଜନିତ ଆବେଗ ଓ ଦୁଃଖଜନିତ ମନୋଯନ୍ତ୍ରଣା,—ଏଗୁଡ଼ିକ ସବୁଯାକ କେବଳ ସେହି ପ୍ରକୃତିରହିଁ ନାନାବିଧ ଲୀଳା ହୋଇ ରହିଥିଲା ଏବଂ ସେହି ପ୍ରକୃତି ଦ୍ୱାରାହିଁ ଆକର୍ଷିତ, ବଳିତ ଏବଂ ଅର୍ଧୀନସ୍ଥ ହୋଇ ରହିଥିବା ଆତ୍ମାଟି ସେଗୁଡ଼ାକ ପ୍ରତି ଅତି ନିଷ୍ଠାପର ଭାବରେ ଆପଣାର ସମର୍ଥନ ଜ୍ଞାପନ କରୁଥିଲା । ମାନ ତଥାପି ଏହି ପ୍ରକୃତି ଅର୍ଥାତ୍ ଶକ୍ତିର ନର୍ତ୍ତାରଣ ଓ ନରୂପଣଟିକୁହିଁ କଦାପି ସବୁକଛି ବୋଲି କୁହାଯାଇ ପାରିବ ନାହିଁ; ଆତ୍ମାର ମଧ୍ୟ ଏହି କ୍ଷେତ୍ରରେ ସବୁବେଳେ ଅବଶ୍ୟ କିଛି ନା କିଛି କହିବାକୁ ରହିଛି । ମାନ ଆତ୍ମା କହିଲେ ଏଠାରେ କେବଳ ସେହି ପ୍ରଚ୍ଛନ୍ନ ଆତ୍ମା ଅର୍ଥାତ୍ ପୁରୁଷଙ୍କୁହିଁ ବୁଝାଉଛି, ଆମର ମନ କିଂବା ଅହଂକାକୁ କଦାପି ବୁଝାଉ ନାହିଁ; କାରଣ ମନ ଆଉ ଅହଂ କଦାପି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ତତ୍ତ୍ୱ ନୁହନ୍ତି, ସେମାନେ ହେଉଛନ୍ତି ସେହି ପ୍ରକୃତିରହିଁ ଗୋଟିଏ ଗୋଟିଏ ଅଂଶ । କାରଣ ଏହି ଲୀଳାଟି ଲଗି ମଧ୍ୟ ଆତ୍ମାର ସ୍ୱୀକୃତିଜ୍ଞାପନ ଅବଶ୍ୟ ଆବଶ୍ୟକ ହେଉଛି ଏବଂ ଅଧିଷ୍ଠାତା ପ୍ରଭୁ ତଥା ସ୍ୱୀକୃତିଦାତା ରୂପେ ଆପଣାର ଏକ ଅନ୍ତର୍ଗତ ମାରବ ଇଚ୍ଛାଟି ଦ୍ୱାରା ସେହି ଆତ୍ମା ଲୀଳାର ମୂଳ ନସ୍ପନ୍ଦିକୁ ନରୂପିତ କରିଦେଇ ପାରୁଛି, ଆପଣାର ଯାବତୀୟ ତିଗୁଣଯୋଗରେ ମଧ୍ୟ ହସ୍ତକ୍ଷେପ କରିପାରୁଛି; ଅବଶ୍ୟ ଏକଥା ସତ ଯେ ଭାବନା, ଇଚ୍ଛା, କର୍ମ ଏବଂ ଆବେଗରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ତଥାପି ପ୍ରକୃତିରହିଁ କାର୍ଯ୍ୟ ତଥା ବଶେଷାଧିକାର ହୋଇ ରହିଛି । କୌଣସି ଏକ ସୌପମ୍ୟକୁ କାର୍ଯ୍ୟକାରୀ କରିବା ଲଗି ପୁରୁଷ ପ୍ରକୃତିକୁ ଅବଶ୍ୟ ଆଦେଶ ଦେଇ ପାରିବ; ମାନ, ପ୍ରକୃତିର ତିନ୍ଧାଗୁଡ଼ିକରେ କୌଣସିପ୍ରକାର ହସ୍ତକ୍ଷେପ କରି ନୁହେଁ, ପ୍ରକୃତି ଉପରେ ଏକ ସଚେତନ ଦୃଷ୍ଟିକ୍ଷେପଣ ଦ୍ୱାରାହିଁ ସେ ଏହା କରିପାରେ; ଏବଂ ତତ୍ତ୍ୱକ୍ଷଣାତ୍ ହେଉ ଅଥବା ଅତ୍ୟନ୍ତ ଆତ୍ମାସ ସହକାରେ ହେଉ, ପ୍ରକୃତି ତାହାକୁ ଏକ ପ୍ରତିଫଳନକାରୀ ବଗ୍ଧର, ଗତିଶୀଳ ପ୍ରେରଣା ଏବଂ ତାପୂର୍ଯ୍ୟମସ୍ୱ ମୂର୍ତ୍ତି ରୂପରେ ରୂପାନ୍ତରିତ କରିଦେବାରେ ଲଗିଥାଏ ।

ଆମର ବର୍ତ୍ତମାନ ପ୍ରକୃତିକୁ ଦିବ୍ୟଚେତନାର ଏକ ସାମର୍ଥ୍ୟ ଏବଂ ରୂପରେ ରୂପାନ୍ତରିତ କରି ପାରିବାକୁ ହେଲେ ଏବଂ ତାହାକୁ ତାହାର ନାନା ଶକ୍ତିସମୂହର ଏକ ସାଧନରୂପେ ବ୍ୟବହାର କରି ପାରିବାକୁ ହେଲେ ଆମକୁ ଯେ ଅପରିହାର୍ଯ୍ୟତଃ ନମ୍ନତର ଦୁଇଟିଯାକ ଗୁଣର ବେଡ଼ ଉଡ଼ରୁ ବାହାର ଗଲି ଆସିବାକୁ ହେବ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । ତମୋଗୁଣ ଦିବ୍ୟ ଜ୍ଞାନର ଆଲୋକଟିକୁ ଆଚ୍ଛନ୍ନ କରି ରଖିଥାଏ ଏବଂ ଆମ ପ୍ରକୃତିର ଅନ୍ଧକାରମସ୍ୱ ଏବଂ ଜଡ଼ୀୟ ଜ୍ଞାନର କଣଗୁଡ଼ିକରେ ତାହାକୁ ଆଦୌ ପ୍ରବେଶ କରିବାକୁ ଦିଏ ନାହିଁ । ତମୋଗୁଣ ଆମକୁ ବଡ଼ ଅସମର୍ଥ କରିପକାଏ

'oaob.nitrkl.ac.in' images reprocessed

ଏବଂ ଦ୍ରବ୍ୟ ପ୍ରେରଣାବେଗଟିକୁ ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରିବାର ଶକ୍ତିକୁ ଆମଠାରୁ କାଢ଼ି ନେଇଯାଏ; ଆପଣାର ପରିବର୍ତ୍ତନ ଘଟାଇ ପାରିବାର ଶକ୍ତି ଏବଂ ଆଗକୁ ଯାଇ ପାରିବାର ଇଚ୍ଛାଟିକୁ ଆମଠାରୁ ହରଣ କରିନେଏ, ଏକ ବୃହତ୍ତର ଶକ୍ତି ସମକ୍ଷରେ ଆପଣାକୁ ନମନୀୟ କରି ରଖିବାର ଇଚ୍ଛା ଓ ଶକ୍ତିକୁ ଆମଠାରୁ କାଢ଼ି ନେଇଯାଏ । ରଜୋଗୁଣ ଜ୍ଞାନକୁ ବିକୃତ କରିପକାଏ, ଆମର ବିବେକଶକ୍ତିକୁ ମିଥ୍ୟାର ସନ୍ଦେହର କରି ରଖେ, ଭାବିକୁ ଯାବତୀୟ ଅଶୁଭ ପ୍ରସ୍ତାବରେ ଉତ୍ତେଜିତ କରି ରଖେ, ଆମର ପ୍ରାଣଶକ୍ତି ଓ ଭାବିର ଆବେଗଗୁଡ଼ିକୁ ଚଞ୍ଚଳାଇ ଦିଏ ତଥା ଶରୀରର ଭାରସାମ୍ୟ ଏବଂ ସ୍ୱାସ୍ଥ୍ୟକୁ ଏକାବେଳକେ ଓଲଟାଇ ପକାଏ । ଉଚ୍ଚତର ସୋପାନଗୁଡ଼ିକରୁ କାଢ଼ ଯାବତୀୟ ବସ୍ତୁର ଏବଂ ଉଚ୍ଚସ୍ତ ଯାବତୀୟ ଗତିସ୍ପନ୍ଦନକୁ ରଜୋଗୁଣ ଆପଣାର କାବୁ କରିନେଏ, ଏବଂ ସେଗୁଡ଼ିକୁ ଏକ ମିଥ୍ୟାପ୍ରଣୋଦିତ ଏବଂ ଅହଂପ୍ରେରିତ ଉପଯୋଗ ଲଗି ବାଧ୍ୟ କରି ରଖେ । ଏପରିକ ଦ୍ରବ୍ୟ ପରମସତ୍ତ୍ୟ ତଥା ଦ୍ରବ୍ୟ ପ୍ରତ୍ୟୟଗୁଡ଼ିକ ଏହି ପାର୍ଥିବ ଭୂମିରି ଉପରକୁ ଅବତରଣ କରିଆସି ଏହି ଦୁରୁପଯୋଗ ଏବଂ ବଳାଧିକାରରୁ ଆଦୌ ରକ୍ଷା ପାଇ ପାରନ୍ତି ନାହିଁ । ତେଣୁ ତମୋଗୁଣକୁ ଆଲୋକନଯୁକ୍ତ ତଥା ରଜୋଗୁଣକୁ ନବଦୀକ୍ଷିତ କରି ନଜେବା ପର୍ଯ୍ୟନ୍ତ କୌଣସିପ୍ରକାର ଦ୍ରବ୍ୟ ପରିବର୍ତ୍ତନ ଅଥବା ଦ୍ରବ୍ୟ ଜୀବନ କଦାପି ସମ୍ଭବ ହୁଏ ନାହିଁ

ତେଣୁ ହୁଏତ ଏପରି ମନେ ହୋଇପାରେ ଯେ ସବୁ ଛାଡ଼ ଜେବଳ ସତ୍ତ୍ୱକୁହିଁ ଅବଲମ୍ବନ କରି ରହିଲେ ଆମକୁ ଏହି ଉଦ୍ଧାରଟି ମିଳିଯାଇ ପାରିବ; ମାତ୍ର ଏହି ବାଟରେ ଗୋଟିଏ ଅସୁବିଧା ରହିଛି ଯେ ତିନୋଟି ମଧ୍ୟରୁ କେବଳ କୌଣସି ଗୋଟିଏ ଗୁଣ ଆପଣାର ଅବଶିଷ୍ଟ ଦୁଇ ସନ୍ତୁଳନ ତଥା ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୁଦ୍ଧରେ କଦାପି ଛିଡ଼ି ରହି ପାରିବ ନାହିଁ । ଆମ ବାସନା ତଥା ବ୍ୟଗ୍ର କାମନାଗୁଡ଼ିକର ବିଶେଷ ଗୁଣଟିକୁହିଁ ଆମର ଯାବତୀୟ ବ୍ୟାଘାତ, କଷ୍ଟଭୋଗ, ପାପ ତଥା ଦୁଃଖର କାରଣ ବୋଲି ଜାଣି ଯଦି ଆମେ ସେହି ଗୁଣଟିକୁ ଶାନ୍ତ ତଥା ବଶୀଭୂତ କରି ରଖିବାର ଶ୍ରମସ୍ୱୀକାର କରିବାକୁ ବାହାରିବା, ତେବେ ରଜୋଗୁଣ ଦବିଯିବ, ମାତ୍ର ତମୋଗୁଣ ଆହୁରି ସ୍ଥୂଳ ହୋଇ ଉଠିବ । କାରଣ ଯେତେବେଳେ କ୍ରିୟାଶୀଳ ହୋଇ ରହିବାର ଚେଷ୍ଟାଟି ମାତ୍ର ହୋଇ ଆସିବ, ସେତେବେଳେ ଜଡ଼ତା ଆସି ତାହାର ସ୍ଥାନ ଅଧିକାର କରିବ ଆଲୋକର ଚେଷ୍ଟାଟି ଦ୍ୱାରା ତୁମେ ଏକ ସ୍ଥିର ଶାନ୍ତତା, ସୁଖ, ଜ୍ଞାନ, ପ୍ରେମ ଓ ଯଥାର୍ଥ ସ୍ୱତନ୍ତ୍ରତା ପ୍ରାପ୍ତ ହୋଇଯିବ, ମାତ୍ର ଏହି କ୍ଷେତ୍ରରେ ଯଦି ରଜୋଗୁଣଟି ଅନୁପସ୍ଥିତ ଥାଏ ଅଥବା ତାହାକୁ ଯଦି ପୂର୍ଣ୍ଣରୂପେ ଦମିତ କରି ରଖାଯାଏ, ତେବେ ଆତ୍ମାରେ ପ୍ରତିଷ୍ଠିତ ହୋଇଥିବା ଶାନ୍ତ ଭାବେ ନିଷ୍କ୍ରିୟତାରହିଁ ଏକ ଶାନ୍ତ ଅବସ୍ଥାରେ ପରିଣତ ହୋଇଯିବାର ପ୍ରବୃତ୍ତି ଦେଖାଇବ, ଏବଂ ତା'ପରେ ତାହା ଆଉ ଏକ ଗତିଶୀଳ ପରିବର୍ତ୍ତନ ନିମନ୍ତେ ଆବଶ୍ୟକ ଦୃଢ଼ ଆଧାରଟି ହୋଇ ରହିପାରିବ ନାହିଁ । ସମ୍ପୂର୍ଣ୍ଣ ଜୀବନ ଜୀବ ଜୀବନେ

ଅବସ୍ଥିତ ରହି ଯଥାର୍ଥ ଈଶ୍ୱର ଭଳି ଯଥାର୍ଥ କର୍ମ କରି ପାରୁଥିବା ସତ୍ତ୍ୱ, ରୋଜଲ ଏବଂ ଅବନ୍ଧୁର ପ୍ରକୃତିଟି ଆପଣାର ଗଠନଶୀଳ ଅଂଶଗୁଡ଼ିକରେ ଦୁଏତ ସାତ୍ତ୍ୱିକ-ତାମସିକ ହୋଇପଡ଼ିବ, ନଷ୍ଟଷ୍ଟ, ପାଣ୍ଡୁରବର୍ଣ୍ଣ ଓ ସୃଜନ-ଅସମର୍ଥ ହୋଇପଡ଼ିବ ଏବଂ ସକଳ ଶକ୍ତିସମ୍ପନ୍ନତାରୁ ଶୂନ୍ୟ ହୋଇ ରହିବ । ଅବଶ୍ୟ ସେତେବେଳେ କୌଣସିପ୍ରକାର ମନୋଗତ ଅଥବା ନୈତିକ ଅସ୍ପଷ୍ଟତା ଦୁଏତ ଆଦୌ ନଥିବ ସତ, ମାତ୍ର ଠିକ୍ ସେହିପରି କର୍ମର ସଘନ ଉତ୍ସଗୁଡ଼ିକ ମଧ୍ୟ ଶୁଷ୍କ ହୋଇଯିବ; ଏବଂ ଏହାକୁ ଏକ ବାଧାସୃଷ୍ଟିକାରୀ ସୀମାବଦ୍ଧତା ବୋଲି କହିବାକୁ ହେବ, ଏବଂ ଆଉ ଏକ ପ୍ରକାରର ଅସମର୍ଥତା ବୋଲି ମଧ୍ୟ କହିବାକୁ ହେବ । କାରଣ ତମୋଗୁଣର ତତ୍ତ୍ୱଟି ମଧ୍ୟରେ ଏକ ଦ୍ୱିବିଧ କାର୍ଯ୍ୟକାରିତା ନିହିତ ହୋଇ ରହିଛୁ; ତମୋଗୁଣ ଆପଣାର ଜଡ଼ତା ଦ୍ୱାରା ରଜୋଗୁଣର ବିରୋଧିତା କରେ ଏବଂ ଆପଣାର ସ୍ତବ୍ଧାତ୍ମତା, ତମସାଚ୍ଛନ୍ନତା ଏବଂ ଅଜ୍ଞାନ ଦ୍ୱାରା ତାହା ସତ୍ତ୍ୱଗୁଣର ମଧ୍ୟ ବିରୁଦ୍ଧାଚରଣ କରିଥାଏ । ଏବଂ ଯଦି ସତ୍ତ୍ୱ ଓ ରଜଃ ଦୁଇଟିଯାକରୁ କୌଣସି ଗୋଟିଏ ଅବସନ୍ନ ହୋଇପଡ଼ନ୍ତି, ସେତେବେଳେ ତମୋଗୁଣଟି ସେଇଟିର ସ୍ଥାନ ଅଧିକାର କରିନେବାକୁ ସତେଅବା ଅଜାଡ଼ ହୋଇ ପଡ଼ିବାକୁ ଲାଗେ ।

ଯଦି ଆମେ ଏହି ଭୁଲ୍‌ଟିକୁ ସଂଶୋଧନ କରିବା ଲାଗି ପୁନର୍ବାର ରଜୋଗୁଣକୁ ଆବାହନ କରିଆଣୁ ଏବଂ ତାହାକୁ ସତ୍ତ୍ୱ ସହିତ ଗଆଁଠାଇ ହୋଇ ରହିବାକୁ ଦେଇ, ଏବଂ ଦୁଇଟିଯାକର ସମ୍ମିଳିତ ପ୍ରଚେଷ୍ଟାଟି ଦ୍ୱାରା ତମୋଗୁଣର କବଳରୁ ରକ୍ଷା ପାଇବାକୁ ଚେଷ୍ଟା କରୁ, ତେବେ ଆମେ ଦେଖିବାକୁ ଲାଗୁ ଯେ ଏହାଦ୍ୱାରା ଆମେ ଆମ ଜିନ୍ଦାଟିର ସ୍ତରକୁ କଥଞ୍ଚିତ ଉନ୍ନୀତ କରିନେଇ ପାରିଛୁ ସତ, ମାତ୍ର ଏହି କ୍ଷେତ୍ରରେ ସେହି ରଜସିକ ପ୍ରବଳାଗ୍ରହ, ଆବେଗ, ନୈରାଶ୍ୟ, ଦୁଃଖାନୁଭବ ଏବଂ କ୍ରୋଧ ଆଦିର ଅଧୀନ ହୋଇ ରହିବା ପୁନର୍ବାର ଦେଖାଦେବାକୁ ଆରମ୍ଭ କରିଛୁ । ଏହିସବୁ ଗଠନ୍ଦନ ଆପଣାର ବ୍ୟାପ୍ତି, ଗଭୀରତା ଏବଂ ଜିନ୍ଦାରେ ପୂର୍ବାପେକ୍ଷା ଦୁଏତ ଅଧିକ ଉତ୍ତୋଳିତ ହୋଇଯାଇ ପାରନ୍ତି; ମାତ୍ର ଆମେ ସେଉଁଠି ଯାଇ ଉପନୀତ ହେବା ଲାଗି ଆକାଙ୍କ୍ଷିତ ହୋଇ ରହିଛୁ, ସେଗୁଡ଼ିକୁ ସେହି ଶାନ୍ତି, ସ୍ୱଚ୍ଛତା, ସମର୍ଥତା କିମ୍ବା ଆତ୍ମପ୍ରତ୍ୟୁତ୍ପନ୍ନତା ବୋଲି କଦାପି କୁହାଯାଇ ପାରିବ ନାହିଁ । ଯେଉଁଠାରେ କାମନା ରହିଥାଏ ଓ ଅହଂ ରହିଥାଏ, ସେଠାରେ ସେମାନଙ୍କର ସଙ୍ଗୀରୂପେ ଅଭ୍ୟାବେଗ ମଧ୍ୟ ରହିଥାଏ, ବିକ୍ଷୋଭ ମଧ୍ୟ ରହିଥାଏ ଏବଂ ସେଗୁଡ଼ିକର ଜୀବନରେ ଆପଣାର ତୃପ୍ତିକୁ ମାଡ଼ି ବସିଥାଏ । ଏବଂ ଯଦି ତିନୋଟିଯାକ ଗୁଣରେ ଆମେ ଏକପ୍ରକାର ସାଲିଶ୍ ସମ୍ଭବ କରିବାର ଚେଷ୍ଟା କରିବସୁ ଅର୍ଥାତ୍ ସତ୍ତ୍ୱକୁ ପଥପ୍ରଦର୍ଶକରୂପେ ରଖି ଅନ୍ୟ ଦୁଇଟିକୁ ତାହାର ଅଧୀନ କରି ରଖୁ, ତେବେ ତଦ୍ଦ୍ୱାରା ତଥାପି ପ୍ରକୃତି ଦ୍ୱାରା ଆତରଜ ସେହି ପୁରାତନ ଜିନ୍ଦାଟିର କେବଳ ଏକ ଅଧିକ ସଯତ ଓ ଶୃଙ୍ଖଳାଯୁକ୍ତ ଜିନ୍ଦାରେ

'oaob.nitrkl.ac.in' images reprocessed

ଆସି ପହଞ୍ଚିବାକୁ ସାର ହୋଇଥାଏ । ଏକ ନୂଚନ ସମଚାସ୍ଥିତ ଉପଲବ୍ଧି ହୋଇଥାଏ ସତ୍ତ, ମାନ ଆଗକୁ ଅନାଇ କୌଣସି ଚଦ୍‌ଗତ ସ୍ୱାଚନ୍ତ୍ୟ ଏବଂ ପ୍ରଭୁତ୍ୱଲାଭ ଆଦୌ ଦୃଷ୍ଟିଗୋଚର ହେଉ ନଥାଏ, କଂବା ତା' ନହେଲେ ଏକ ସମ୍ଭାବନା ଦୂସାବରେ ଆମଠାରୁ ଚଥାପି ବହୁଦୂରବର୍ତ୍ତୀ ହୋଇ ରହିଥାଏ ।

ମୂଳଚଃ ଏକ ସଂପୂର୍ଣ୍ଣ ଅନ୍ୟ ଗଚଞ୍ଜନ ଆମକୁ ଏହିସବୁ ଗୁଣ ଭିଚରୁ ବାହାର କରି ନେଇ ଆସିବାକୁ ଏବଂ ସେଗୁଡ଼ିକରୁ ଉପରକୁ ଉଠାଇ ନେବାକୁ ସମର୍ଥ ହେବା ଉଚିତ । ଯେଉଁ ଭ୍ରାନ୍ତିର ବଶବର୍ତ୍ତୀ ହୋଇ ଆମେ ପ୍ରକୃତିର ଏହିସବୁ ଗୁଣଗତ ଜିସ୍ୱାଟିକୁ ସ୍ୱୀକାର କରି ନେଇଥାଉ, ସେଇ ଭ୍ରାନ୍ତିକୁ ନିଜେ ଏକାବେଳକେ ନବାପିତ ହୋଇଯିବାକୁ ପଡ଼ିବ । କାରଣ ଯେପର୍ଯ୍ୟନ୍ତ ଆମେ ସେହି ଜିସ୍ୱାଟିକୁ ସ୍ୱୀକାର କରି ନେଉଥିବା, ସେଚେବେଳ ପର୍ଯ୍ୟନ୍ତ ଆତ୍ମା ମଧ୍ୟ ପ୍ରେମାନଙ୍କର ଯାବତୀୟ ଜିସ୍ୱାସ୍ପକତା ଭିତରେ ଛନ୍ଦହୋଇ ପଡ଼ିଥିବ ଏବଂ ସେଗୁଡ଼ିକର ନସ୍ୟମର ଅଧୀନ ହୋଇ ରହିଥିବ । ତେଣୁ ସତ୍ତ୍ୱକୁ ଯେପରି ଏହି ସୀମାଟିକୁ ଡେଇଁ ଉପରକୁ ଉଠି ଯିବାକୁ ପଡ଼ିବ, ରଜଃ ଓ ତମଃକୁ ମଧ୍ୟ ଠିକ୍ ସେହିପରି ଏହି ସୀମାଟିକୁ ଡେଇଁ ଉପରକୁ ଉଠିଯିବାକୁ ପଡ଼ିବ; ସୀସାର ଶିକୁଳିଗୁଡ଼ିକୁ ଯେପରି ଭାଙ୍ଗିବାକୁ ପଡ଼ିବ, ଏକ ମିଶ୍ରଧାତୁର ଦାସତ୍ୱବଧାତ୍ମକ ଆଭରଣ ଓ ଅଳଙ୍କାରଗୁଡ଼ିକୁ ଯେପରି କାଢ଼ି ଦେବାକୁ ପଡ଼ିବ, ସୁନାର ଜଞ୍ଜିରଟିକୁ ମଧ୍ୟ ଠିକ୍ ସେହିପରି ଛିଡ଼ାଇ ଦେବାକୁ ପଡ଼ିବ । ଏହି ଲକ୍ଷ୍ୟଟିର ସାଧନ ଲଗି ଗୀତାରେ ଆତ୍ମ-ସାଧନାର ଏକ ନୂଚନ ମାର୍ଗର ବନ୍ଧ ବତାଇ ଦିଆଯାଇଛି । ଆମେ ଆମର ଭିତରେ ଗ୍ଭଲିଥିବା ଏହି ଗୁଣଗୁଡ଼ିକର ଜିସ୍ୱା ମଧ୍ୟରୁ ଅପସର ଯାଇ ପାରିବା ଏବଂ ପ୍ରକୃତିଶକ୍ତିର ଏହି ତରଙ୍ଗାକୁଳତାର ଉପରେ ଅବସ୍ଥିତ ରହି କେବଳ ସାକ୍ଷୀରୂପେହିଁ ଏହି ଅସ୍ଥିର ଯାବତୀୟ ଧାବନକୁ ଅବଲୋକନ କରିବା ଲଗି ସମର୍ଥ ହେବା । ସାକ୍ଷୀ ସବୁକିଛି ଦେଖିଥାଏ, ମାନ ନିଶ୍ଚଳ ଏବଂ ଉଦାସୀନ ହୋଇ ରହିଥାଏ, ସେଗୁଡ଼ିକର ଆପଣା ସ୍ତରରେ ସେଗୁଡ଼ିକଠାରୁ ଅଲଗା ହୋଇ ରହିଥାଏ ଏବଂ ଆପଣାର ସ୍ୱସ୍ଥିତିରେ ସେଗୁଡ଼ିକଠାରୁ ଅନେକ ଉର୍ଦ୍ଧ୍ୱରେ ରହିଥାଏ । ସେଗୁଡ଼ିକ ଆପଣାର ଉର୍ମିମାଳା ଉପରେ ଆନୋଳିତ ହୋଇ ଉଠିବାରେ ଓ ପଡ଼ିବାରେ ଲଗିଥାନ୍ତୁ; ମାନ ସାକ୍ଷୀ କେବଳ ଅନାଇ ରହିଥାଏ, କେବଳ ନସ୍ପକ୍ଷଣ କରୁଥାଏ, ମାନ ସେଗୁଡ଼ିକୁ ଆଦୌ ସ୍ୱୀକାର କରେ ନାହିଁ ବା ସେଗୁଡ଼ିକର ଗତିରେ କ୍ଷଣକ ଲଗି ମଧ୍ୟ କୌଣସି ହସ୍ତକ୍ଷେପ କରେ ନାହିଁ । ପ୍ରଥମେ ନିରପେକ୍ଷ ଓ ଚଟସ୍ଥ ସାକ୍ଷୀର ଏହି ସ୍ୱାଧୀନତାଟି ଉପଲବ୍ଧି ହେବା ଉଚିତ, ତେବେ ଯାଇ ତା'ପରେ ସେହି ପରମ ପ୍ରଭୁ ଅର୍ଥାତ୍ ଈଶ୍ୱରଙ୍କର ନସ୍ତବ୍ଧତାକୁ ସ୍ଥାପିତ କରିବା ସମ୍ଭବ ହୋଇ ପାରିବ ।

'oaob.nitrkl.ac.in' images reprocessed

ଅନାସକ୍ତର ଏହି ପ୍ରକ୍ରିୟାଟିରେ ଏପରି ଏକ ପ୍ରାରମ୍ଭିକ ଲାଭ ରହିଛି ଯେ ଏଥିରେ ସାଧକ ତା' ଆପଣା ପ୍ରକୃତିକୁ ତଥା ସକଳ ପ୍ରକୃତିକୁ ଯଥାର୍ଥ ଭାବରେ ବୁଝିବାକୁ ଆରମ୍ଭ କରିପାରୁଛି । ଜଜର ଅହଂଗତଭାଟି ଦ୍ୱାରା ଆଦୌ କୌଣସି ପ୍ରକାରେ ଅନ୍ଧ ନହୋଇ ତଟସ୍ଥ ଅନାସକ୍ତ ସାକ୍ଷୀରୂପେ ସେ ପ୍ରକୃତର ଏହି ଅଜ୍ଞାନସ୍ଥ ଗୁଣଗୁଡ଼ିକର ଜୀଡ଼ାଟିକୁ ସମ୍ପୂର୍ଣ୍ଣରୂପେ ଅବଲୋକନ କରିବାକୁ ସମର୍ଥ ହେଉଛି, ତାହାର ସାବଯ୍ତୀୟ ଶାଖାପ୍ରଶାଖା, ଆବରଣ ତଥା ସୂକ୍ଷ୍ମତା ଯାଏ ସେହି ଜୀଡ଼ାଟିର ଅନୁଧାବନ କରିପାରୁଛି । କାରଣ ସେହି ଜୀଡ଼ା ପ୍ରକୃତିରେ ନାନା ଛଳନାମୟତା, ଛଦ୍ମାବରଣ, ଜାଲପାଶ, ବଶ୍ୱାସଘାତକତା ଏବଂ କୂଟକୌଶଳ ଦ୍ୱାରା ପୂର୍ଣ୍ଣ ହୋଇ ରହିଛି । ସାଧକର ପାର୍ଶ୍ୱଜୀବନର ଅନୁଭୂତ ତାକୁ ଯଥାର୍ଥ ଭାବରେ ଶିକ୍ଷା ଦେଇ ରଖିଛି, ସକଳ ଜିୟା ତଥା ସକଳ ଅବସ୍ଥାକୁ ସେ କେବଳ ସେହି ଗୁଣତ୍ରୟର ପାରସ୍ପରିକ ଜିୟା ଏବଂ ପ୍ରତିଜିୟା ବୋଲି ଜାଣିଛି, ସେଗୁଡ଼ିକର ନାନା ପ୍ରତିୟା ବଷୟରେ ସେ ଅଭିଜ୍ଞ ରହିଛି; ତେଣୁ ସେ ଆଉ ସେଗୁଡ଼ିକର ଆକ୍ରମଣ ଦ୍ୱାରା କଦାପି ପର୍ଯ୍ୟୁଦସ୍ତ ହୋଇପଡ଼ୁ ନାହିଁ, ଅଜାଣତରେ ଏକାବେଳକେ ଆସି ସେମାନଙ୍କର ଜାଲ ଭିତରେ ପଡ଼ିଯାଉ ନାହିଁ କିଂବା ସେମାନଙ୍କର ଛଦ୍ମଚଳନା ଦ୍ୱାରା କୌଣସିପ୍ରକାରେ ପ୍ରତାରିତ ହେଉ ନାହିଁ । ତହିଁ ସଙ୍ଗେ ସଙ୍ଗେ ସେ ଅହଂକୁ ମଧ୍ୟ କେବଳ ଏକ ବଶେଷ କୌଶଳ ବୋଲିହିଁ ଜାଣିବାକୁ ପାଉଛି, ସେହି ଗୁଣଗୁଡ଼ିକର ପାରସ୍ପରିକ କିୟାପ୍ରତିକିୟା ଦ୍ୱାରା ଆପାତସ୍ଥାୟୀ ହୋଇ ପଡ଼ି ରହିଥିବା ଗୋଟାଏ ଗଣ୍ଠି ବ୍ୟତୀତ ଯେ ଏହି ଅହଂ ଆଉ କିଛି ନୁହେଁ, ସେ ସେକଥା ଆବଷ୍କାର କରିପାରୁଛି ଏବଂ ଏହି ଆବଷ୍କାରଟି ଦ୍ୱାରା ସେ ଜନ୍ମତର ଅହଂଗ୍ରସ୍ତ ପ୍ରକୃତର ଭ୍ରାନ୍ତିଟି ମଧ୍ୟରୁ ମୁକ୍ତ ହୋଇଯାଉଛି । ପର୍ଯ୍ୟବେକ୍ଷାର୍ମା, ସଜ୍ଜ ତଥା ଦାର୍ଶନିକର ସାତ୍ତ୍ୱିକ ଅହଂଗତତାରୁ ତାହାର ଗୁଲିଆସି ପାରୁଛି, ଆତ୍ମ-ଅନ୍ୱେଷୀ ସ୍ୱାର୍ଥପର ବ୍ୟକ୍ତିର ରଜସିକ ଅହଂଗତତା ତା'ର ପ୍ରାଣଗତ ଆବେଗଗୁଡ଼ିକ ଉପରେ ଯେଉଁ ନିୟନ୍ତ୍ରଣଟି ରଖି ଆସିଥିଲା, ସେ ସେଇଟିକୁ କାଟିଦେଇ ତାହାର ଆସୁଛି ଏବଂ ସେହି କାରଣରୁ ତାକୁ ଆଉ କେବଳ ଆତ୍ମ-ସ୍ୱାର୍ଥରହିଁ ଶ୍ରମସମ୍ପୃକ୍ତ ପୋଷଣକାର୍ଯ୍ୟ ତଥା ବହୁକାମନା ଦ୍ୱାରା ଘାଲତ ବଦ୍ଧୀ ଅଥବା ସଦାବ୍ୟସ୍ତ ଅତଘ୍ନାନ ଦାସ ହୋଇ ଆଦୌ ରହିବାକୁ ପଡ଼ୁ ନାହିଁ । ଯେକୌଣସି ଅଜ୍ଞାନଗ୍ରସ୍ତ ଏବଂ ନିଷ୍ଟିୟ ସଜ୍ଞ ମନୁଷ୍ୟଜୀବନର ଏହି ନିତ୍ୟନୈମିତ୍ତିକ କର୍ମଚକ୍ରଟି ମଧ୍ୟରେ ଧନ୍ଧହୋଇ ବଡ଼ ଜଡ଼ପ୍ରାୟ ହୋଇ ପଡ଼ିଛି ଏବଂ ଆପଣାର ବୁଦ୍ଧିକୁ ଦୁଗୁଇ ବସିଛି, ତାହାର ତାମସିକ ଅହଂଗ୍ରସ୍ତତାକୁ ସେ ଆପଣାର ଜ୍ଞାନାଲୋକ ଦ୍ୱାରା ଫିକା କରିଦେଇ ପାରୁଛି । ଅହଂବୋଧର ମୌଳିକ ଦୋଷଟିକୁ ଏହିପରି ଭାବରେ ଆମର ଯାବତୀୟ ବ୍ୟକ୍ତିଗତ କର୍ମର ଭୂମିରେ ହୃଦୟଙ୍ଗମ କରି ଓ ସେଗୁଡ଼ିକ ବଷୟରେ ସଚେତନ ହୋଇ ସେ ଆଉ କେବଳ ରଜସିକ ଅଥବା ସାତ୍ତ୍ୱିକ ଅହଂଟି ମଧ୍ୟରେହିଁ କଦାପି ଆତ୍ମ-ସଂଶୋଧନ ତଥା ଆତ୍ମ-ବମୋଚନର

'oaob.nitrkl.ac.in' images reprocessed

କୌଣସି ବାଟ ଖୋଜିବାକୁ ଯାଏ ନାହିଁ; ମାତ୍ର ଉର୍ଦ୍ଧ୍ୱ ଆଡ଼କୁ ଅନାଇ ଦେଖେ, ପ୍ରକୃତିର ଏହି ଯାବତୀୟ ସାଧନ ଉପା ନିସ୍ପାଦକତାକୁ ଅତିକ୍ରମ କରି ରହିଥିବା କେବଳ ସକଳ କର୍ମର ସେହି ପରମ ଅଧୀଶ୍ୱରଙ୍କ ଆଡ଼କୁହିଁ ଦୃଷ୍ଟି ଫେରିଏ, ତାଙ୍କର ପରମା ଶକ୍ତି ଅର୍ଥାତ୍ ପରାପ୍ରକୃତି ଆଡ଼କୁ ଦୃଷ୍ଟି ଫେରିଏ। କେବଳ ସେହି ଭୂମିରେହିଁ ସମୁଦାୟ ସୃଷ୍ଟି ଶୁଦ୍ଧ ଓ ମୁକ୍ତ ଭାବରେ ରହିଥାଏ ଏବଂ ଦିବ୍ୟ ପରମସତ୍ତାର ଶାସନ କେବଳ ସେହିଠାରେହିଁ ସମ୍ଭବ ହୋଇପାରେ।

ଏହିପରି ଅଗ୍ରସର ହେବାର ପ୍ରଥମ ପଦକ୍ଷେପସ୍ୱରୂପ ଏକପ୍ରକାର ନିର୍ଲିପ୍ତତା ଅବଲମ୍ବନ କରି ପ୍ରକୃତିର ତିନୋଟିଯାକ ଗୁଣର ଊର୍ଦ୍ଧ୍ୱସ୍ଥ ହୋଇ ରହିବାକୁ ପଡ଼େ। ଆତ୍ମା ସେତେବେଳେ ଅନ୍ତର୍ଗତ ସ୍ତରରେ ନିମ୍ନତର ପ୍ରକୃତିଟି ମଧ୍ୟରୁ ବାଲଗ ଓ ସ୍ୱତନ୍ତ୍ର ହୋଇ ରହେ, ତାହାର ଘେରଗୁଡ଼ିକ ମଧ୍ୟରେ ବନ୍ଦ ହୋଇ ପଡ଼େ ନାହିଁ ଏବଂ ତାହାର ଊର୍ଦ୍ଧ୍ୱସ୍ଥ ହୋଇ ତଦାସ୍ୱ ତଥା ପ୍ରସନ୍ନ ହୋଇ ରହେ। ପ୍ରକୃତ ସେତେବେଳେ ମଧ୍ୟ ଆପଣା ପୂର୍ବତନ ଅଭ୍ୟସ୍ତତାଗୁଡ଼ିକର ନିତ୍ୟ ଭିତରେ ରହି କିମ୍ବା କରିବାରେ ଲାଗିଥାଏ; ବାସନା, ଦୁଃଖ ଏବଂ ହରଷ କେତେପ୍ରକାରେ ଆମର ଦୁର୍ଦ୍ଦସ୍ତିକୁ ଆହାନ୍ତ କରି ରଖିଥାନ୍ତି, ସାଧନଗୁଡ଼ିକ କେତେବେଳେ ନଷ୍ଟ ହୁଏ, ଅସ୍ପଷ୍ଟତାଚ୍ଛନ୍ନ ଏବଂ ଅବସନ୍ନ ହୋଇ ପଡ଼ିଥାନ୍ତି, ଏବଂ ପୁଣି କେତେବେଳେ ଆଲୋକ ଏବଂ ଶାନ୍ତି ଦୁର୍ଦ୍ଦସ୍ତ, ମନ ତଥା ଶରୀର ମଧ୍ୟକୁ ଲେହିଁ ଆସୁଥାନ୍ତି। ମାତ୍ର ଏହି ସକଳ ଅବସ୍ଥାରେ ମଧ୍ୟ ଆତ୍ମା ଅବିଚଳିତ ହୋଇ ଠିଆ ହୋଇଥାଏ, ତାକୁ ଏପରି କୌଣସି ପରିବର୍ତ୍ତନ ଆଦୌ ସ୍ପର୍ଶ କରୁ ନଥାଏ। ନିମ୍ନତର ଜୀବନାଙ୍ଗଗୁଡ଼ିକର ଯାବତୀୟ ଦୁଃଖାତୁରତା ଓ କାମନାକୁ ଆତ୍ମା ବେଶ୍ ନିସ୍ପୃହତା ସହିତ ଲକ୍ଷଣ କରୁଥାଏ, ମାତ୍ର ସେଗୁଡ଼ିକ ଦ୍ୱାରା ଆଦୌ ବିଚଳିତ ହୋଇପଡ଼ୁ ନଥାଏ, ସେମାନଙ୍କର ଯାବତୀୟ ଆନନ୍ଦ ଓ ପ୍ରସ୍ଫାସଜ୍ଞେଣରେ ଯୋଗଦେଇ ହସୁଥାଏ, ଭାବନାର ଯାବତୀୟ ବିଫଳତା ଏବଂ ଅନ୍ଧକାର ତଥା ଦୁର୍ଦ୍ଦସ୍ତ ଓ ସ୍ନାୟୁଗୁଡ଼ିକର ଯାବତୀୟ ପ୍ରଚଣ୍ଡତା ଅଥବା ଦୁର୍ବଳତାକୁ ଆତ୍ମା ବେଶ୍ ଦେଖି ପାରୁଥାଏ ସତ୍ତ, ମାତ୍ର ସେଗୁଡ଼ିକ ଦ୍ୱାରା କଦାପି ପରାଭୂତ ହୋଇପଡ଼ୁ ନଥାଏ, ମନର ଯାବତୀୟ ଆଲୋକନ, ଏବଂ ଆଲୋକ ଓ ଆନନ୍ଦ ଲେହିଁ ଆସିଲବେଳେ ତାହାର ଆଶ୍ୱସ୍ତତା, ସ୍ୱତିବୋଧ ବା କ୍ଷମତାବୋଧ ଦ୍ୱାରା ତାହା କୌଣସିପ୍ରକାରେ ବାଧ ହେଉ ନଥାଏ କିମ୍ବା ବାନ୍ଧହୋଇ ପଡ଼ୁ ନଥାଏ; ଆତ୍ମା ଆପଣାକୁ ଏହିସବୁ କୌଣସିଟି ଜାଲ ଭିତରେ ଆଣି କଦାପି ପକାଇଦିଏ ନାହିଁ, ମାତ୍ର ପୂର୍ଣ୍ଣ ଅବିଚଳ ଭାବରେ ଏକ ଉଚ୍ଚତର ଇଚ୍ଛାର ନିର୍ଦ୍ଦେଶ ଏବଂ ଏକ ବୃହତ୍ତର ଜ୍ୟୋତିର୍ମୟ ଜ୍ଞାନର ଅନ୍ତଃଦ୍ୟୋତନା ଲାଗି ଅପେକ୍ଷା କରି ରହିଥାଏ। ସଙ୍ଗଦା ଏହିପରି ଅନୁଶୀଳନ କରି ତାହା ପରିଶେଷରେ ଆପଣାର ଗତ୍ୟାତ୍ମକ ପ୍ରଦେଶଗୁଡ଼ିକରେ ମଧ୍ୟ ତିନୋଟିଯାକ ଗୁଣର ଯାବତୀୟ କବଳ ଭିତରୁ ମୁକ୍ତ ହୋଇ ବାହାରିଆସେ, ସେଗୁଡ଼ିକର ଅପରିପୂର୍ଣ୍ଣ ମୂଲ୍ୟ ତଥା ଅବରୋଧକ

'oaob.nitrkl.ac.in' images reprocessed

ସୀମାଗୁଡ଼ିକ ମଧ୍ୟରୁ ମୁକ୍ତ ହୋଇ ଆସେ । ତାହାର ବର୍ତ୍ତମାନ ସୋପାନକୁ ଆସି ଏହି ନମ୍ବର ପ୍ରକୃତ ଅଧିକରୁ ଅଧିକ ଜ୍ୱରରେ ଏକ ଉଚ୍ଚତର ଶକ୍ତି ଦ୍ୱାରା ପ୍ରେରିତ ହୋଇ ଯାଉଥିଲା ପରି ଅନୁଭବ କରିବାକୁ ଲାଗେ । ତାହା ଆଗରୁ ଯେଉଁସବୁ ପୁରାତନ ଅଭ୍ୟସ୍ତତା ମଧ୍ୟରେ ଲାଗି ରହୁଥିଲା, ସେଗୁଡ଼ିକ ଏଣିକି ସତେଅବା ଆଉ କୌଣସି ସ୍ୱୀକୃତି ପାଇପାରୁନି ନାହିଁ ଏବଂ ନମାଗତ ଜ୍ୱରରେ ଆପଣାର ବଦ୍ଧୁଳତା ଏବଂ ପୁନରାବର୍ତ୍ତନକୁ ହରାଇ ବସିବାରେ ଲାଗନ୍ତି । ଏଥର ଯେ ଏକ ଉଚ୍ଚତର ଜିନ୍ସ ଏବଂ ଏକ ଶ୍ରେଷ୍ଠତର ସ୍ଥିତର ଆବିର୍ଭାନ ଆସି ପହଞ୍ଚିଲଣି, ପଶ୍ଚାଶପରେ ନମ୍ବର ପ୍ରକୃତ ତାହା ବୁଝିବାକୁ ଆରମ୍ଭ କରେ; ଏବଂ ଯେତେ ମନ୍ଥର ଜ୍ୱରରେ ଓ ଯେତେବେଶୀ କୁଣ୍ଠା ସହିତ ହେଲେ ମଧ୍ୟ, ପ୍ରାରମ୍ଭକାଳୀନ ଅଥବା ପ୍ରଲମ୍ବିତ ଯେତେବେଶୀ ଅସତ୍-ଇଚ୍ଛା ଏବଂ ସ୍ଖଳନକାଷ୍ଠ ଅଜ୍ଞାନ ସହିତ ହେଲେ ମଧ୍ୟ, ତାହା ପରବର୍ତ୍ତୀ ପରିବର୍ତ୍ତନଟି ଲାଗି ସମ୍ଭବ ହୋଇଯାଏ, ତାହାର ଆଡ଼କୁ ମୁହଁ ବୁଲାଏ ଓ ସେଥିଲାଗି ଆପଣାକୁ ପ୍ରସ୍ତୁତ କରିବାରେ ଲାଗେ ।

ବର୍ତ୍ତମାନ ଆମର ଆତ୍ମା କେବଳ ସାକ୍ଷୀ ଅଥବା ଜ୍ଞାତା ହୋଇ ଅବସ୍ଥିତ ରହେ ନାହିଁ, ତାହାର ସ୍ଥିତଧର୍ମୀ ସ୍ୱତନ୍ତ୍ରତାଟି ପ୍ରକୃତର ଏକ ଗତିଧର୍ମୀ ରୂପାନ୍ତର ଦ୍ୱାରା ନୂତନ ଉତ୍କର୍ଷ ଲାଭ କରେ । ଆମର ତନୋଟିଯାକ ସାଧନର ଭୂମିରେ ପରସ୍ପର ଉପରେ କାର୍ଯ୍ୟ କରୁଥିବା ଗୁଣତ୍ରୟର ସତତ ମିଶ୍ରଣ ଏବଂ ବିଷମତାପୂର୍ଣ୍ଣ ଜିନ୍ସାଣିଲତା ଆଉ ଆପଣାର ଅଭ୍ୟସ୍ତ ଅବ୍ୟବସ୍ଥିତ, ବିକ୍ଷୁବ୍ଧ ଓ ଅସମ୍ଭୂତ ଜିନ୍ସା ଏବଂ ଗତିସ୍ପନ୍ଦନକୁ ନେଇ ପଡ଼ିରହେ ନାହିଁ । ଏଠାରେ ଏକ ଅନ୍ୟପ୍ରକାର ଜିନ୍ସା ସମ୍ଭବ ହୁଏ, ଆରବ୍ଧ ହୋଇଯାଏ, ଅଭିବୃଦ୍ଧି ଲାଭ କରେ ଓ ଆପଣାକୁ ଚରିତାର୍ଥ କରେ; ଏକ ଯଥାର୍ଥତର ଜ୍ୱରରେ ଶୁଦ୍ଧ, ଅଧିକ ଆଲୋକଯୁକ୍ତ, ଏବଂ ପୁରୁଷ ତଥା ପ୍ରକୃତର ସେହି ଉତ୍ତମତର ଦ୍ୱନ୍ଦ୍ୱ ପରସ୍ପରଜାତି ଲାଗି ଅଧିକ ସ୍ୱାଭାବିକ ଏବଂ ସହଜ ହୋଇ ରହୁଥିବା ଜିନ୍ସାସମୂହତା ସମ୍ଭବ ହୋଇଆସେ; ଅବଶ୍ୟ ଏକଥା ସତ ଯେ ତାହା ଆମର ବର୍ତ୍ତମାନର ଏହି ଅତିଅପୂର୍ଣ୍ଣ ପ୍ରକୃତିଟି ଲାଗି ଅସାଧାରଣ ଏବଂ ଅଲୌକିକ ହୋଇ ରହିଥାଏ । ଭୌତିକ ମନଟିକୁ ପ୍ରସାମିତ କରି ରଖିଥିବା ଆମର ଶାସ୍ତ୍ର ସେତେବେଳେ ଆଉ ସଦ୍ଦା କେବଳ ସେହି ଏକ ଅଜ୍ଞାନମସ୍ତ ଗତିସ୍ପନ୍ଦନଟିର ପୁନରାବୃତ୍ତି କରିବାରେ ଲାଗିଥିବା ଏକ ତାମସିକ ଜଡ଼ତାଟିକୁ ଜାବୁଡ଼ି ଧରି ରହେ ନାହିଁ; ତାହା ଆପଣାକୁ ଏକ ବୃହତ୍ତର ସାମର୍ଥ୍ୟ ତଥା ଆଲୋକର ଏକ ପୂର୍ଣ୍ଣତରସମ୍ଭବ କ୍ଷେତ୍ର ଏବଂ ସାଧନରେ ପରିଣତ କରିଥାଏ, ଚତୁର୍ଗତତାର ପ୍ରତ୍ୟେକଟି ଦାବିରେ ଆପଣାର ପ୍ରତିସ୍ପନ୍ଦନ ଜଣାଏ, ନୂତନ ଦ୍ୱନ୍ଦ୍ୱ ଅନୁଭୂତିର ପ୍ରତ୍ୟେକ ପ୍ରକାର ଓ ପ୍ରତ୍ୟେକ ସ୍ପନ୍ଦନତାକୁ ଆଶ୍ରସ୍ତ ଦେଇ ରଖେ । ଆମର ଗତିଶୀଳ ତଥା ସନିସ୍ତ ପ୍ରାଣିକ ଅଙ୍ଗଗୁଡ଼ିକ ଏବଂ ଆମର ସ୍ନାୟୁଗତ, ଫଟେଗମସ୍ତ, ସାଂବେଦନିକ

'oaob.nitrkl.ac.in' images reprocessed

ତଥା ଫଳଲାଭକ ସୃଷ୍ଟି ମଧ୍ୟ ଆପଣାର ସାମର୍ଥ୍ୟରେ ସଂପ୍ରସାରିତ ହୋଇଯାନ୍ତୁ, ଏକ ଅବରତ କର୍ମମୟତାକୁ ସ୍ୱୀକାର କରନ୍ତୁଅନ୍ତୁ, ଅନୁଭୂତର ଏକ ଆନନ୍ଦମୟ ଉପଭୋଗକୁ ମଧ୍ୟ ସ୍ୱୀକାର କରନ୍ତୁଅନ୍ତୁ; ମାତ୍ର ଯୁଗପତ୍ ଭାବରେ ପ୍ରଶସ୍ତତାପୂର୍ଣ୍ଣ, ଆତ୍ମ-ଅଧିକୃତ ଓ ଆତ୍ମସନ୍ତୁଳିତ ଏକ ଆଧାରଶିଳା ଉପରେ ଠିଆହୋଇ ମଧ୍ୟ ଶିଖନ୍ତୁ, ଆପଣାର ଶକ୍ତିମନ୍ତ୍ରରେ ଉଦାତ୍ତ ହୋଇ ରହନ୍ତୁ, ବିଶ୍ରାନ୍ତ ଅବସ୍ଥାରେ ଉଦ୍ୟତ ହୋଇ ରହନ୍ତୁ, ପୁଲକରେ ଅଭିଭୂତ ହୋଇପଡ଼ନ୍ତୁ ନାହିଁ ବା ଉତ୍ତେଜିତ ହୋଇପଡ଼ନ୍ତୁ ନାହିଁ, ଦୁଃଖ ଓ ଯନ୍ତ୍ରଣା ଦ୍ୱାରା କୌଣସିପ୍ରକାରେ ଉତ୍ପୀଡ଼ିତ ହୁଅନ୍ତୁ ନାହିଁ, ବାସନା କଂବା ଦୁର୍ବାର ଆବେଗଗୁଡ଼ିକ ଦ୍ୱାରା ଜର୍ଜର ବା ସନ୍ତ୍ରସ୍ତ ହୁଅନ୍ତୁ ନାହିଁ ଅଥବା କୌଣସିପ୍ରକାର ଅସମର୍ଥତା ବା ଆଳସ୍ୟ ଦ୍ୱାରା ନିରୁତ୍ସାହିତ ହୋଇପଡ଼ନ୍ତୁ ନାହିଁ । ଆମର ବୁଦ୍ଧି, ଅର୍ଥାତ୍ ଭାବନା, ବୋଧ ଏବଂ ମନନସମର୍ଥ ମନ ଆପଣାର ସାତ୍ତ୍ୱିକ ସୀମାବଦ୍ଧତାଗୁଡ଼ିକୁ ବର୍ଜନ କରଆସେ ଏବଂ ଆପଣାକୁ ଏକ ସାରଭୂତ ଆଲୋକ ଏବଂ ଶାନ୍ତିମୟତା ଆଡ଼କୁ ଉନ୍ମୋଚିତ କରଦିଏ । ଏକ ଅନନ୍ତସ୍ପର୍ଶ ଜ୍ଞାନ ଆମ ଲାଗି ଆପଣାର କେତେକେତେ ସମୃଦ୍ଧ କ୍ଷେତ୍ରକୁ ଉନ୍ମୁକ୍ତ କରି ଦେଇଯାଏ; ଏହି ଜ୍ଞାନ କେବଳ ମାନସିକ କେତୋଟି ରଚନା ଦ୍ୱାରା ଆପଣାକୁ ଗଠିତ କରି ରଖି ନଥାଏ, କେବଳ କେତୋଟି ମତ ବା ଧାରଣା ଭିତରେ ବାନ୍ଧହୋଇ ରହି ନଥାଏ ବା ଏକ ଅସ୍ଥିରପାଦ ଅନଷ୍ଟିତ ନ୍ୟାସ୍ୱବୁଦ୍ଧି ଏବଂ କ୍ଷୁଦ୍ରାୟତନ ଇନ୍ଦ୍ରିୟଗତ କେତୋଟି ସମର୍ଥନ ଉପରେ ନିର୍ଭର କରୁ ନଥାଏ; ତାହା ସ୍ୱୟଂ-ନିଷ୍ଟିତ ହୋଇ ରହିଥାଏ, ପ୍ରାମାଣ୍ୟପୂର୍ଣ୍ଣ ହୋଇ ରହିଥାଏ, ସକଲପ୍ରସାସ୍ପ ଓ ସର୍ବଗ୍ରାସ୍ପ ହୋଇ ରହିଥାଏ, ଏକ ଅନନ୍ତସ୍ପର୍ଶ ଆନନ୍ଦ ଓ ଶାନ୍ତିମୟତା ହୋଇ ରହିଥାଏ । ସୃଜନଶୀଳ ଶକ୍ତି ଓ ଗତ୍ୟାତ୍ମକ ନିସ୍ପାଶୀଳତାର ନାନାପ୍ରକାରେ ବ୍ୟାହତ ପ୍ରସ୍ୱାସସନ୍ତାପରୁ ମୁକ୍ତ ହୋଇ ଆସିବା ଲାଗି ଆଦୌ ଅପେକ୍ଷା କରି ରହି ନଥାଏ କଂବା କେତୋଟି ମାତ୍ର ସୀମାବଦ୍ଧ ପୁଖାନୁପୁଖ ଦ୍ୱାରାନ୍ଧି ଗଠିତ ହୋଇ ନଥାଏ; ମାତ୍ର ତାହା ସ୍ୱୟଂଭବ ହୋଇ ରହିଥାଏ, ଆପଣା ମଧ୍ୟରେ ସବୁକଛିକୁ ଅନ୍ତର୍ଭୁକ୍ତ କରି ରଖିଥାଏ । ଏଗୁଡ଼ିକ ସମସ୍ତେ ଆମର ପ୍ରକୃତିକୁ ଅଧିକାର କରିନେବା ଲାଗି ଆମ ସତ୍ତାର ଉତ୍ତରୋତ୍ତର ଅଧିକ ବ୍ୟାପ୍ତିପୂର୍ଣ୍ଣ ଭୂମିକୁ ଅଜାଡ଼ି ହୋଇ ଆସନ୍ତୁ, ଉତ୍ତରୋତ୍ତର ଅଧିକ ପ୍ରଶସ୍ତ ହେବାରେ ଲାଗିଥିବା ଅଧିକାଧିକ ମାର୍ଗରେ ସେମାନେ ଅଜାଡ଼ି ହୋଇ ଆସନ୍ତୁ । ଆମର ଏହି ମନ, ପ୍ରାଣ ତଥା ଦେହର ସୀମାବଦ୍ଧ ହୋଇ ରହିଥିବା ଏକ ଉଚ୍ଚତର ଶକ୍ତିମତ୍ତା, ଆନନ୍ଦ ଏବଂ ଜ୍ଞାନ ସେହି ଭୂମିଗୁଡ଼ିକୁ ଏକ ଦିବ୍ୟତର ଛାଞ୍ଚରେ ନୂତନ କରି ଗଢ଼ିବା ଲାଗି ସେଗୁଡ଼ାକୁ ଅଧିକାର କରନ୍ତୁଅନ୍ତୁ ।

ଏଠାରେ ଆମ ନମ୍ନତର ଅସ୍ତିତ୍ୱର ନିଗୃଢ଼ଗତ ବିଷମତାଗୁଡ଼ିକ ଅତିକ୍ରାନ୍ତ ହୋଇଯାଆନ୍ତୁ ଏବଂ ଏକ ଦିବ୍ୟତର ପ୍ରକୃତିର ଏକ ବୃତ୍ତତର ନିଗୁଣନିୟା ଆରମ୍ଭ

'oaob.nitrkl.ac.in' images reprocessed

ହୋଇଯାଏ । ସେଠାରେ ତମୋଗୁଣ କିଂବା ଜଡ଼ତାର କୌଣସି ଅସ୍ତିତ୍ୱ ନଥାଏ; ତମୋଗୁଣର ସ୍ଥାନରେ ଏପର ଏକ ଦିବ୍ୟ ଶାନ୍ତି ଓ ଶାନ୍ତିମୟ ଶାଶ୍ୱତ ସ୍ଥିତି ସମ୍ଭବ ହୁଏ, ଯାହା ମଧ୍ୟରୁ କ ଶାନ୍ତି ଅଜ୍ଞାନବସ୍ତୁତାର ପରମ ଗର୍ଭରୁ ଆବର୍ଭୂତ ହେଲା ପର କର୍ମ ଏବଂ ଜ୍ଞାନର ଲୀଳାଦି ଉନ୍ମୋଚିତ ହୋଇଥାଏ । ଏହି କ୍ଷେତ୍ରରେ ରାଜସିକ ଗତିବକ୍ଷୁବ୍ଧତାର କୌଣସି ସ୍ଥାନ ନଥାଏ, ବାସନା ନଥାଏ, କର୍ମଗତ କୌଣସି ପ୍ରଲୁବ୍ଧମସ୍ତ ଅଥବା ଦୁଃଖାନୁସିକ୍ତ ଉଦ୍ୟମ ମଧ୍ୟ ନଥାଏ, ସୃଜନ କିଂବା ଅଧିକାରଲବ୍ଧର ମଧ୍ୟ କୌଣସି ପୃଖଦୁଃଖମସ୍ତ ଉଦ୍ୟମ ନଥାଏ; ବକ୍ଷୁବ୍ଧ ଆବେଗର କୌଣସି ଫଳସମ୍ପନ୍ନ ଅଗ୍ରଜତା ନଥାଏ । ଉଜୋଗୁଣଟିର ସ୍ଥାନରେ ଶକ୍ତିମତ୍ତାର ଏକ ଆତ୍ମ-ଅଧିକାରଯୁକ୍ତ ବଳ ଏବଂ ଅମାପ କର୍ମର ପ୍ରତିଷ୍ଠା ହୁଏ, ଯାହାକ ଆପଣାର ଶାବ୍ରତ୍ତମ ସଘନତାର ଅବସ୍ଥାରେ ମଧ୍ୟ ଆତ୍ମାର ଅବଚଳ ସ୍ଥିତିଟିକୁ କଦାପି ଦୋହଲାଇ ଦେଇପାରେ ନାହିଁ କିଂବା ତାହାର ଶାନ୍ତିମସ୍ତତାର ବ୍ୟାପ୍ତ ତଥା ଗଭୀର ସ୍ୱର୍ଗଲୋକଗୁଡ଼ିକୁ ଏବଂ ଦୀପ୍ତିମସ୍ତ ଗର୍ଭଗୁଡ଼ିକୁ ଆଦୌ କଳୁଷିତ କରିଥାଏ ନାହିଁ । ଏହି ସ୍ଥଳରେ ମନ ଦ୍ୱାରା ବରଚତ କୌଣସି ଆଲୋକ ପରମ ସତ୍ତାସ୍ଥିକୁ କରଗତ ଏବଂ ଅବରୁଦ୍ଧ କର ରଖିବାକୁ ଆପଣାକୁ ଆଦୌ ଏଣେତେଣେ ନକ୍ଷିପ୍ତ କରିବାରେ ଲଗି ନଥାଏ, ଚଞ୍ଚଳ ଅଥବା ନଶ୍ଚେଷ୍ଟ ବିଶ୍ରାମ ଲଗି ମଧ୍ୟ ଏଠାରେ କୌଣସି ସ୍ଥାନ ନଥାଏ । ସତ୍ତ୍ୱର ସ୍ଥାନରେ ଏପର ଏକ ଆଲୋକନ ଏବଂ ଆଧ୍ୟାତ୍ମିକ ଆନନ୍ଦର ପ୍ରତିଷ୍ଠା ହୁଏ, ଯାହାକ ଆତ୍ମାର ଗଭୀରତା ତଥା ଅନ୍ତଃସ୍ଥାନ ଅସ୍ତିତ୍ୱସ୍ଥିତି ସହିତ ଏକାତ୍ମକ ହୋଇ ରହିଥାଏ; ଏବଂ ଏପର ଏକ ଅପରୋକ୍ଷ ଏବଂ ପ୍ରାମାଣ୍ୟଯୁକ୍ତ ଜ୍ଞାନ ଦ୍ୱାରା ଅନୁପ୍ରାଣିତ ହୋଇ ରହିଥାଏ, ଯାହାକ ସେହି ପ୍ରଚ୍ଛନ୍ନ ପରମ ସଂଜ୍ଞାନର ଆବରଣସ୍ଥ କେତେକେତେ ମହତ୍ତାରୁ ସିଧା ଉଦ୍‌ଭୂତ ହୋଇ ଆସୁଥାଏ । ଆମର ନମ୍ନତର ଚେତନାସ୍ଥିକୁ ଏହି ବୃହତ୍ତର ଚେତନାରେହିଁ ରୂପାନ୍ତରିତ ହୋଇଯିବାକୁ ପଡ଼ିବ; ଆପଣାର ଅଶାନ୍ତ ଖଣ୍ଡପାମ୍ୟଜ୍ଞାନ ନିଗୃଣନିସ୍ତାପୂର୍ଣ୍ଣ ଅଜ୍ଞାନମସ୍ତ ଏହି ପ୍ରକୃତସ୍ଥିକୁ ଏହି ବୃହତ୍ତର ଓ ଜ୍ୟୋତିର୍ମସ୍ତ ପର ପ୍ରକୃତରେ ପରିବର୍ତ୍ତିତ ହୋଇଯିବାକୁ ପଡ଼ିବ । ସଂପ୍ରଥମେ ଆମେ ତନୋଟିଯାକ ଗୁଣରୁ ମୁକ୍ତ ହୋଇଯିବା; ଅଲିପ୍ତ, ଅକ୍ଷୁବ୍ଧ ଏବଂ 'ନସ୍ତ୍ରୈଗୁଣ୍ୟ' ହୋଇ ରହିବା । ମାନ ଯଥାର୍ଥରେ ଦେଖିଲେ ତ ଏହି କ୍ଷେତ୍ରରେ ଆମେ କେବଳ ସେହି ଆତ୍ମା, ଆତ୍ମସତ୍ତା ଏବଂ ଚିଦ୍‌ଗତତାର ସଂମୂଳ ସ୍ଥିତିଟିକୁହିଁ ପୁନର୍ବାର ଫେରପାଇବା, ଯାହାକ ପୂର୍ଣ୍ଣମୁକ୍ତ ଭବରେ ଆପଣାର ନଶ୍ଚଳତ ଶାନ୍ତିର ଆସ୍ଥାନସ୍ଥିରେ ଅବସ୍ଥିତ ରହି ପ୍ରକୃତର ବେଗମସ୍ତତାକୁ ସେହି ପ୍ରକୃତରହିଁ ଅଜ୍ଞାନଗତ ସାମର୍ଥ୍ୟସ୍ଥି ମଧ୍ୟରେ ଅବଲୋକନ କରିବାରେ ଲଗିଛୁ । ଯଦି ଏହି ଭିତ୍ତିଟି ଉପରେ ସ୍ୱୟଂ ପ୍ରକୃତ ଅର୍ଥାତ୍ ପ୍ରକୃତର ଗତିସ୍ଥିକୁ ମଧ୍ୟ ମୁକ୍ତିଲଭ କରିବାକୁ ହୁଏ, ତେବେ କେବଳ ଏପର ଏକ ଜ୍ୟୋତିର୍ମସ୍ତ ଶାନ୍ତି ଏବଂ ନୀରବତା ମଧ୍ୟରେହିଁ ସକଳ

'oaob.nitrkl.ac.in' images reprocessed

କର୍ମକୁ ଶାନ୍ତ ଏବଂ ସ୍ଥିର କଣ ରଖିବାକୁ ପଡ଼ିବ, ସେଉଁଠାରେ କ ସକଳ ଆବଶ୍ୟକ ଗତିସ୍ପନ୍ଦନ ଅବ୍ୟାହତ ରହିଥିବ ସତ, ମାନ ମନ ବା ପ୍ରାଣସତ୍ତ୍ୱ ସତେଜନ ସ୍ତରରେ ତାହା ଉଦ୍ଦେଶ୍ୟରେ କୌଣସି ପ୍ରତିକ୍ରିୟା ଜଣାଇ ପାରୁ ନଥିବେ, ସେଥିରେ କୌଣସି ସ୍ୱଗ ନେଇପାରୁ ନଥିବେ ଅଥବା କର୍ମର କୌଣସି ନୂତନସଞ୍ଚାରଣ କରିପାରୁ ନଥିବେ; ସେହି କ୍ଷେତ୍ରରେ ସ୍ୱତନାର କୌଣସି ତରଙ୍ଗ ଅନୁଭୂତ ହେଉ ନଥିବ କିଂବା ପ୍ରାଣିକ ସ୍ୱଗଗୁଡ଼ିକର କୌଣସି ଲହଡ଼ି ଉଠୁ ନଥିବ । ସକଳ ଗତିସ୍ପନ୍ଦନ କେବଳ ଏକ ନୈର୍ବ୍ୟକ୍ତିକ ବିଶ୍ୱଗତ ବା ବିଶ୍ୱାତୀତ ଶକ୍ତିସମ୍ପନ୍ନତାର ପ୍ରେରଣା, ପ୍ରବର୍ତ୍ତନା ତଥା କ୍ରିୟା ଦ୍ୱାରାହିଁ ସମ୍ଭବ ହେଉଥିବ । ଏକ ବିଶ୍ୱ-ମନ, ବିଶ୍ୱ-ପ୍ରାଣ ତଥା ବିଶ୍ୱ-ଉପାଦାନକୁହିଁ କାର୍ଯ୍ୟ କରିବାକୁ ହେବ, ଅର୍ଥାତ୍ ଆମର ଏହି ବ୍ୟକ୍ତିସତ୍ତ୍ୱ ଏବଂ ପ୍ରକୃତିଗତ ତାହାର ଏହି ଗଠନଟିଠାରୁ ଭିନ୍ନ ଏକ ଶୁଦ୍ଧ ବିଶ୍ୱାତୀତ ପରମ ଆତ୍ମ-ସାମର୍ଥ୍ୟ ଏବଂ ଆନନ୍ଦହିଁ ସକଳ କାର୍ଯ୍ୟ କରୁଥିବ । ମୁକ୍ତର ଏହି ଅବସ୍ଥାଟି କର୍ମଯୋଗରେ ଅହଂ ତଥା ବାସନାର ପରିତ୍ୟାଗ ଦ୍ୱାରା ଆସିବ, ବ୍ୟକ୍ତିସଙ୍କଳ୍ପ ଉଦ୍ୟମର ତ୍ୟାଗ ଦ୍ୱାରା ସମ୍ଭବ ହେବ, ଆମର ସତ୍ତ୍ୱାଟିକୁ ସେହି ବିଶ୍ୱଗତ ପରମାତ୍ମସତ୍ତ୍ୱ ଅଥବା ବିଶ୍ୱମୟୀ ପରମା ଶକ୍ତିଙ୍କ ପାଖରେ ନେଇ ସମର୍ପିତ କର ରଖିଲେ ଯାଇ ସମ୍ଭବ ହେବ । ଜ୍ଞାନଯୋଗରେ ତାହା ସ୍ୱତନାର ବିଲୁପ୍ତି ଦ୍ୱାରା ଆସିବ, ମନର ନୀରବ ହୋଇଯିବା ଦ୍ୱାରା ଆସିବ ଏବଂ ଆମର ସମୁଦାୟ ସତ୍ତ୍ୱାଟିକୁ ସେହି ବିଶ୍ୱଗତ ପରମଚେତନା, ବିଶ୍ୱମୟ ପରମାତ୍ମସତ୍ତ୍ୱା, ବିଶ୍ୱମୟୀ ଶକ୍ତି ଅଥବା ସେହି ସର୍ବୋଚ୍ଚ ପରମସତ୍ତ୍ୟଟି ପାଖରେ ଉନ୍ମୋଚିତ କରିଦେଇ ପାରିଲେ ତାହା ସମ୍ଭବ ହେବ । ଆମର ହୃଦୟ ଏବଂ ସମୁଦାୟ ପ୍ରକୃତିଟିକୁ ଆମ ଅତ୍ରିତ୍ୱଟିର ସେହି ପ୍ରେମାସ୍ପଦ ପରମ ପ୍ରଭୁସ୍ୱରୂପ ପରମ ସଚ୍ଚିଦାନନ୍ଦମୟଙ୍କ ହାତରେ ନେଇ ସମର୍ପି ଦେଇ ପାରିଲେ ଭକ୍ତିଯୋଗରେ ସେହି ମୁକ୍ତି ସମ୍ଭବ ହେବ । ମାନ ଆତ୍ମାର ଅଧିକ ସ୍ୱାଭାବିକ ଏବଂ ଗତିଶୀଳ ବିଶ୍ୱୋତ୍ତୀର୍ଣ୍ଣତା ଦ୍ୱାରାହିଁ ପରିପୂର୍ଣ୍ଣ ଚରିତାର୍ଥତା ଆଣି ଦେଉଥିବା ଅସଲ ପରିବର୍ତ୍ତନଟି ଉପଲବ୍ଧି ହେବ; ଏହି କ୍ଷେତ୍ରରେ ପ୍ରକୃତି ଏକ ଊର୍ଦ୍ଧ୍ୱତର ଅଧ୍ୟାତ୍ମସ୍ଥିତିକୁ ଉତ୍ତୋଳିତ ବା ରୂପାନ୍ତରିତ ହୋଇଯିବ, ଅର୍ଥାତ୍ ତିଗୁଣାତୀତ ହୋଇଯିବ, ଯେଉଁ ସୋପାନରେ ଉପନୀତ ହୋଇ ଆମେ ଏକ ବୃହତ୍ତର ଆଧ୍ୟାତ୍ମିକ ଚେତ୍ୟାତ୍ମକତାରେ ଅଂଶଗ୍ରହଣ କରିବାକୁ ସମର୍ଥ ହେବା । କାରଣ ସେତେବେଳେ ଜନ୍ମତର ସ୍ତରର ଅସମ ତିନୋଟିଯାକ ଗୁଣ ଶାଶ୍ୱତ ପ୍ରଶାନ୍ତି, ଆଲୋକ ଏବଂ ଶକ୍ତିମତ୍ତାର ସମତାଯୁକ୍ତ ଦିବ୍ୟ-ଗୁଣକୁ ଅତିକ୍ରାନ୍ତ ହୋଇଯିବେ, ଦିବ୍ୟ ପରମପ୍ରକୃତିର ବିଶ୍ରାନ୍ତି, ଗତି ତଥା ସୃଷ୍ଟିର ଦୈଗୁଣ୍ୟ ମଧ୍ୟକୁ ଅତିକ୍ରମ କରିଯିବେ ।

ଆମର ଏହି ଅହଂପ୍ରେରିତ ଇଚ୍ଛା, ଅହଂପ୍ରେରିତ ରୁଚି-ଅରୁଚି ଓ ଅହଂପ୍ରେରିତ କର୍ମ ସମ୍ପୂର୍ଣ୍ଣ ସ୍ୱତନାରେ ବିଲୁପ୍ତ ହୋଇ ନଗଲେ ଏବଂ ଆମର ଏହି

'oaob.nitrkl.ac.in' images reprocessed

ନାନାତ୍ୱରେ ସୀମିତ ବୁଦ୍ଧି ମାରବ ହୋଇ ନଗଲେ ଏହି ପରମ ସୌଖ୍ୟାବସ୍ଥାଟି କଦାପି ସମ୍ଭବ ହେବ ନାହିଁ । ବ୍ୟକ୍ତର ଅହଂ ଆଉ କୌଣସି ଚେଷ୍ଟା କରିବ ନାହିଁ, ମନ ମାରବ ହୋଇ ପଛରହିବ ଏବଂ କାମନାପ୍ରେରିତ ଇଚ୍ଛାଟି କୌଣସିପ୍ରକାର କର୍ମାରମ୍ଭ ଲଗି ଉଦ୍ୟତ ନହୋଇ ଶିଥିବ । ଆମର ଏହି ବ୍ୟକ୍ତତ୍ୱବଟି ଆପଣାର ଯଥାର୍ଥ ଉତ୍ସମୂଳ ସହିତ ସଂଯୁକ୍ତ ହୋଇଯିବ ଏବଂ କେବଳ ସେହି ଉର୍ଦ୍ଧ୍ୱରୁହିଁ ଆମର ଯାବତ୍ତୀୟ ଗତିବିଧି ଓ ଜୀବନ ତଥା ଉଦ୍ୟମର ଉନ୍ମେଷ ହେବ । ଆମର ଯାବତ୍ତୀୟ ନିସ୍ତ୍ରୈଗୁଣ୍ୟକାର ପ୍ରଚ୍ଛନ୍ନ ପରମପ୍ରଭୁ ଆମ ଆଗରେ କ୍ରମଶଃ ଉନ୍ମୋଚିତ ହୋଇ ଯାଉଥିବେ ଏବଂ ପରମ ସଫଳତ୍ୱ ତଥା ପରମ ଜ୍ଞାନସ୍ଥ ଭାଙ୍କର ସେହି ଦୃଢ଼ ଆତ୍ମାନଟିରୁ ଦିବ୍ୟ ଶକ୍ତିକୁହିଁ ଆବଶ୍ୟକ ସ୍ୱୀକୃତିଟି ଦେବାରେ ଲଗିଥିବେ । ସେହି ଦିବ୍ୟ ଶକ୍ତିହିଁ ଆମର ଭିତରେ ଏକ ବଶୁଦ୍ଧୀକୃତ ଓ ଉତ୍ତୋଳିତ ପ୍ରକୃତିକୁ ଆପଣାର ସାଧନରୂପେ ଗ୍ରହଣ କରିନେଇ ସକଳ କାର୍ଯ୍ୟ କରୁଥିବ । ବ୍ୟକ୍ତତ୍ୱରୂପୀ ବ୍ୟକ୍ତଗତ କେନ୍ଦ୍ରଟି ଏହି ଭୂମି ଉପରେ କେବଳ ସେହି ପ୍ରକୃତର ନିସ୍ତ୍ରୈଗୁଣ୍ୟକୁହିଁ ଧାରଣ କରି ରଖିଥିବ, ଗ୍ରହଣପାତ୍ର ଓ ସଞ୍ଚାରଣପଥ ହୋଇ ରହିଥିବ, ସେହି ପ୍ରକୃତର ସାମର୍ଥ୍ୟଟିକୁହିଁ ଏଠାରେ ପ୍ରତିଫଳିତ କରି ଦେଉଥିବ ଓ ତାହାର ଆଲୋକ, ଆନନ୍ଦ ଏବଂ ଶକ୍ତିମଣ୍ଡଳରେ ଜ୍ଞାନଦୀପ୍ତ ହୋଇ ଅଂଶଗ୍ରହଣ କରୁଥିବ । ନିସ୍ତ୍ରୈ କର୍ମ ସବୁ ତଥାପି କୌଣସି ନିସ୍ତ୍ରୈ କରୁ ନଥିବ ଏବଂ ନିମ୍ନତର ପ୍ରକୃତର କୌଣସି ପ୍ରତିନିସ୍ତ୍ରୈ ତାହାକୁ ସ୍ପର୍ଶହିଁ କରିପାରୁ ନଥିବ । ତେଣୁ, ପ୍ରକୃତର ତିନୋଟିଯାକ ଗୁଣକୁ ଏହି ସୀମାଟିରୁ ଉର୍ଦ୍ଧ୍ୱକୁ ଉତ୍ତୋଳିତ କରି ନେଇଯିବା ହେଉଛି ପ୍ରଥମ ସୋପାନ; ଏବଂ ସେଗୁଡ଼ିକର ରୂପାନ୍ତର ଘଟାଇବା ହେଉଛି ଏହି ପରିବର୍ତ୍ତନର ସଂଜ୍ଞାସଂପର୍କିତ ସୋପାନ । ଏହି ପରିବର୍ତ୍ତନଟି ଦ୍ୱାରାହିଁ କର୍ମର ମାର୍ଗଟି ଆମର ଏହି ଅନ୍ଧକାରମୟ ମନୁଷ୍ୟପ୍ରକୃତର ଫାଙ୍କାଖୁଣ୍ଟି ଛଦ୍ମରଟି ମଧ୍ୟରୁ ଆମର ଉର୍ଦ୍ଧ୍ୱରେ ଅବସ୍ଥିତ ସେହି ପରମ ସତ୍ୟ ଏବଂ ପରମ ଆଲୋକର ପ୍ରାଚୀରହୀନ ପରିବ୍ୟାପ୍ତତା ମଧ୍ୟକୁ ଆରୋହଣ କରି ଚାଲିଯାଇ ପାରିବ ।

'oaob.nitrkl.ac.in' images reprocessed

ଏକାଦଶ ପରିଚ୍ଛେଦ

କର୍ମର ଅଧୀଶ୍ୱର

ସେହି ପରମ ଏକ ଓ ଅଦ୍ୱିତୀୟ, ସେହି ପରମ ବିଶ୍ୱଗତ ଏବଂ ସର୍ବୋଚ୍ଚ ତଥା ପରମ ଶାଶ୍ୱତ ଓ ପରମ ଅନନ୍ତ ହେଉଛନ୍ତି ଆମର ଯାବତୀୟ କର୍ମର ଅଧୀଶ୍ୱର, ଯାବତୀୟ କର୍ମର ପ୍ରେରକ । ସିଏ ବିଶ୍ୱାତୀତ, ଅବିଜ୍ଞାତ ତଥା ଅବଜ୍ଞେୟ ପରମ ନିର୍ବିଶେଷ, ଆମର ଊର୍ଦ୍ଧ୍ୱରେ ଅବସ୍ଥିତ ରହିଥିବା ପରମ ଅପ୍ରକଟ ଏବଂ ଅବ୍ୟକ୍ତ ଅନନ୍ତଚେତନାସ୍ୱ ପରମ ସତ୍ତା । ମାତ୍ର ସିଏ ସକଳ ସତ୍ତା ଓ ସକଳ ଜୀବଙ୍କର ଆତ୍ମାରୂପେ ମଧ୍ୟ ବିଶ୍ୱଜଡ଼ ରହିଛନ୍ତି, ସକଳ ଭୁବନର ଅଧୀଶ୍ୱର ହୋଇ ରହିଛନ୍ତି ଏବଂ ସକଳ ଭୁବନକୁ ଅତିକ୍ରମ କରି ରହିଛନ୍ତି । ସେଇ ପରମ ଆଲୋକ ଓ ପରମ ପଥପ୍ରଦର୍ଶକ, ସର୍ବ-ସୌନ୍ଦର୍ଯ୍ୟମସ୍ୱ ଓ ସର୍ବ-ଆନନ୍ଦମସ୍ୱ, ପରମ ପ୍ରେମାସ୍ପଦ ଓ ପରମ ପ୍ରେମିକ । ସେଇ ବିଶ୍ୱମସ୍ୱ ପରମ ଆତ୍ମା, ଏବଂ ଆମର ଚତୁର୍ଦ୍ଦିଗରେ ରହିଥିବା ଏହି ବିଶ୍ୱାତ୍ମିକା ଶକ୍ତି ମଧ୍ୟ କେବଳ ତାଙ୍କର ବ୍ୟାପ୍ତିର ଆଉ କିଛି ନୁହେଁ; ଆମର ପରମ ଅନ୍ତର୍ନିହିତ ସତ୍ତ୍ୟରୂପେ ଯେ ଆମର ହୃଦୟରେ ବିଶ୍ୱଜଡ଼ ରହିଛନ୍ତି । ଏଠି ଯାହାକିଛି ରହିଛି, ସେସବୁ କେବଳ ତାଙ୍କର ରୂପ; ଏବଂ ଯାହାକିଛି ଯେଉଁଠି ଅଛି, ସିଏ ହେଉଛନ୍ତି ତାହାଠାରୁ ଅଧିକ । ଆମେ ଏକଥାଟିକୁ ଜାଣିପାରୁ ନାହୁଁ ସତ୍ତ, ମାତ୍ର ଆମେ ନିଜେ ମଧ୍ୟ କେବଳ ତାଙ୍କର ସତ୍ତାର ସତ୍ତା, ତାଙ୍କର ଶକ୍ତିର ଶକ୍ତି, ତାଙ୍କର ଚେତନାରୁ ଜନ୍ମିତ ଏକ ଚେତନା ଦ୍ୱାରାହିଁ ଆମେ ସମସ୍ତେ ସଚେତନ ହୋଇ ରହିଛୁ । ଏପରିକି ଆମର ଏହି ବିନାଶଶୀଳ ସତ୍ତାଟି ମଧ୍ୟ କେବଳ ତାଙ୍କର ଉପାଦାନ ଦେଇ ଗଢ଼ାହୋଇଛି; ଏବଂ ଆମ ଭିତରେ ଏପରି ଏକ ଅବିନଶ୍ୱର ସତ୍ତା ମଧ୍ୟ ରହିଛି, ଯାହାକି ଏକ ଶାଶ୍ୱତ ପରମ ଆଲୋକ ତଥା ପରମ ଆନନ୍ଦରହିଁ ଏକ ସ୍ଫୁଲିଙ୍ଗରୂପେ ସଦାବିଦ୍ୟମାନ ହୋଇ ରହିଛି । ଜ୍ଞାନ ଦ୍ୱାରା ହେଉ, କର୍ମ ଦ୍ୱାରା ହେଉ କିମ୍ବା ପ୍ରେମ ଅଥବା ଆଉ ଯେକୌଣସି ସାଧନା ଦ୍ୱାରା ହେଉ ପଛକେ, ଆମ ସତ୍ତାର ଏହି ସତ୍ତ୍ୟଟି ବିଷୟରେ ସଜ୍ଞାନ ହୋଇ ଉଠିବା, ସେହି ସତ୍ତ୍ୟଟିକୁ ଉପଲବ୍ଧି କରିବା ଏବଂ ଏଠାରେ ହେଉ ଅଥବା ଆଉ ଅନ୍ୟ କେଉଁଠି ହେଉ, ସେଇଟିକୁ କାର୍ଯ୍ୟକାରୀ ମଧ୍ୟ କରିପାରିବା,—ତାହାହିଁ ହେଉଛି ସାବତୀୟ ଯୋଗର ଲକ୍ଷ୍ୟ ।

*

'oaob.nitrkl.ac.in' images reprocessed

ମାନ, ଯଥାର୍ଥ ଭାବରେ ଦେଖି ପାରୁଥିବା ଆଖିରେ ତାଙ୍କୁ ଅବଲୋକନ କରିପାରିବା ପୂର୍ବରୁ ଆମକୁ ଦୀର୍ଘ ପଥ ଅତିକ୍ରମ କରିବାକୁ ହେବ ଏବଂ କଠୋର ପ୍ରସ୍ୱାସ ମଧ୍ୟଦେଇ ଗତ କରିବାକୁ ହେବ । ଏବଂ ତାଙ୍କର ଏକ ଯଥାର୍ଥ ପ୍ରତିକୃତିରୂପେ ଆପଣାକୁ ନୂତନ କର ଗଠନ କରିବା ଲଗି ବାହାରିଲେ ଆମର ଏହି ପଥଟି ଆହୁରି ଦୀର୍ଘ ହୋଇଯିବ, ଉଦ୍ୟମ ବା ସାଧନାଟିକୁ ମଧ୍ୟ ଆହୁରି କଠୋର ହେବାକୁ ପଡ଼ିବ । କର୍ମର ଅଧୀଶ୍ୱର ଗୃହିଣୀ ମାନଙ୍କୁହିଁ ସାଧକ ଆଗରେ ଆପଣାକୁ କଦାପି ଉନ୍ମୋଚିତ କରିଦିଅନ୍ତି ନାହିଁ । ଆବରଣଟି ପଛରେ ତାଙ୍କର ପରମ ସାମର୍ଥ୍ୟହିଁ ସଦାବା କାର୍ଯ୍ୟ କରୁଥାଏ ସତ, ମାନ ଆମେ ଯେତେବେଳେ ଆମେ ସବୁ କାର୍ଯ୍ୟ କରୁଛୁ ବୋଲି ହେଉଥିବା ଅହଙ୍କାରଟିକୁ ପରିତ୍ୟାଗ କରିପାରୁ, କେବଳ ସେତିକବେଳେ ଯାଇ ସେ ଆମ ସମ୍ମୁଖରେ ବ୍ୟକ୍ତ ହୋଇ ଆସନ୍ତି । ଆମର ବସ୍ତୁତ୍ୟାଗ ଓ ବାସନାତ୍ୟାଗ ଯେତିକ ମୂର୍ତ୍ତି ହେବାରେ ଲାଗିଥାଏ, ସେହି ପରମ ସାମର୍ଥ୍ୟର ଅପରୋକ୍ଷ ଚିତ୍ସ୍ପନ୍ଦନଟି ମଧ୍ୟ ଠିକ୍ ସେହି ଅନୁପାତରେ ବୃଦ୍ଧିପ୍ରାପ୍ତ ହେଉଥାଏ । ତାଙ୍କର ଦିବ୍ୟ ପରମଶକ୍ତିଟି ପାଖରେ ଆମର ସମର୍ପଣ ଯେତେବେଳେ ପରିପୂର୍ଣ୍ଣ ହୋଇଯାଏ, କେବଳ ସେତିକ-ବେଳେ ଯାଇ ଆମେ ତାଙ୍କର ପରିପୂର୍ଣ୍ଣ ପରମ ସାନ୍ନିଧ୍ୟଟି ମଧ୍ୟରେ ବାସ କରିବାର ଅଧିକାର ଲାଭ କରିଥାଉ । ଏବଂ କେବଳ ସେତିକବେଳେ ଯାଇ ଆମର ଯାବତୀୟ କର୍ମ ସ୍ୱାଭାବିକ ଭାବରେ, ସମ୍ପୂର୍ଣ୍ଣ ଭାବରେ ଏବଂ ସହଜ ଭାବରେ ସେହି ଦିବ୍ୟ ପରମ ଇଚ୍ଛାର ଶ୍ରୃଙ୍ଖଟି ମଧ୍ୟକୁ ଆପଣାକୁ ନିକ୍ଷିପ୍ତ କରିଦେବାକୁ ସମର୍ଥ ହୁଏ ।

ତେଣୁ ଏହି ପରିପୂର୍ଣ୍ଣତାର ଅଳକ୍ଷବର୍ତ୍ତୀ ହେବାର ଆମର ଏହି ମାର୍ଗଟିରେ କେତେକ ପର୍ଯ୍ୟାୟ ଓ ସୋପାନ ଅବଶ୍ୟ ରହିବ; ପ୍ରକୃତିର ଅନ୍ୟ ଯାବତୀୟ ଭୂମିରେ ଅନ୍ୟ ଯାବତୀୟ ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେବାର ମାର୍ଗରେ ଯେପରି ପର୍ଯ୍ୟାୟ ଓ ସୋପାନମାନ ରହିଛନ୍ତି, ଠିକ୍ ସେହିପରି । ସେଠି ଯାଇ ପହଞ୍ଚିବା ପୂର୍ବରୁ ମଧ୍ୟ ସେହି ପରିପୂର୍ଣ୍ଣ ମହାମାନ୍ତି ପ୍ରକୃତିରେ ଆମର ଦୃଷ୍ଟିଗୋଚର ବି ହୋଇପାରେ; ହଠାତ୍ ଆସିପାରେ ବା ଶନୈଃଶନୈଃ ଆସିପାରେ, ଥରକ ଲାଗି ଆସିପାରେ ଅଥବା ମୁହୁର୍ମୁହୁଃ ମଧ୍ୟ ଆସିପାରେ; ମାନ ମୂଳଦୁଆଟି ସମ୍ପୂର୍ଣ୍ଣ ଭାବରେ ପଡ଼ି ନସାରିଥିବା ପର୍ଯ୍ୟନ୍ତ ଏଭଳି କେବଳ ଏକ ଅଲୌକାଳକ ଏବଂ ଅତିକେନ୍ଦ୍ରିତ ଅନୁଭୂତି ହୋଇ ରହିଥିବ, କଦାପି ଏକ ସ୍ଥାୟୀ ଏବଂ ସଂଗଠୋବ୍ୟାପୀ ଅନୁଭୂତି ହୋଇପାରିବ ନାହିଁ, ଶାଶ୍ୱତ ଭାବରେ ଉପସ୍ଥିତ ରହିପାରିବ ନାହିଁ । ଦିବ୍ୟ ପରମୋନ୍ମୋଚନର ବଳାଳତା ତଥା ଅନୁସ୍ଥାନ ବିଭବଗୁଡ଼ିକ ଅନେକ ପରେ ଆସି ଉପଲବ୍ଧି ହୋଇଥାଏ ଓ ଆପଣାର ବଳ ତଥା ତାତ୍ପର୍ଯ୍ୟଟିକୁ କେବଳ ନମଣାଟିହିଁ ଅନାବୃତ କରି ଦେଇଥାଏ । ଅଥବା, ଏପରି ବି ହୋଇ ପାରେ ଯେ ସ୍ଥାୟୀ ଦୃଷ୍ଟିସାମର୍ଥ୍ୟଟି ହୁଏତ ଆମ ପ୍ରକୃତିର କେବଳ ସେହି ଶୀର୍ଷଦେଶରେ ଯାଇ ରହିଥାଏ, ମାନ ନମ୍ନତର ଜୀବନାଙ୍ଗଗୁଡ଼ିକ କେବଳ ଏକ ନମସାଧାରେହିଁ

'oaob.nitrkl.ac.in' images reprocessed

ପରିପୂର୍ଣ୍ଣ ଭାବରେ ସେଇଟି ଲଗି ପ୍ରତିଶ୍ରୁତି ଜଣାଇବାକୁ ସମର୍ଥ ହୁଅନ୍ତୁ । ସାଧନାସ୍ୱ ଯୋଗମାର୍ଗରେ ବିଶ୍ୱାସ ଏବଂ ଧୈର୍ଯ୍ୟ ହେଉଛୁ ସଂପ୍ରଥମ ଆବଶ୍ୟକତା । ଦୃଢସ୍ଥିତି ଯେଉଁ ଅଘୁଆଡ଼ ଏବଂ ବ୍ୟଗ୍ର ଇଚ୍ଛାଶକ୍ତିର ଯେଉଁସବୁ ଖାତ୍ରତା ସ୍ୱର୍ଗର ସାମ୍ରାଜ୍ୟଟିକୁ ସଉଅବା ତୋଫାନ ପରି ଆଣି ଛଡ଼ାଇ ନେଇଯିବାକୁ ମନ କରୁଥାନ୍ତି, ସେଗୁଡ଼ିକ ଯଦ୍ଦ ଏହି ଅଧିକ ବମାତ ଏବଂ ଶାନ୍ତ ସହାସ୍ୱକଗୁଡ଼ିକୁ ଆପଣା ପ୍ରବଳତାର ଆଧାର କରି ରଖିବାକୁ ଘୃଣା ପ୍ରକାଶ କରନ୍ତୁ, ତେବେ ଇଦ୍ଦାସ୍ୱ ଅନେକ ଦୁଃଖଦାସ୍ୱକ ପ୍ରତିନିସ୍ୱା ଜନ୍ମଲଭ କରିବାର ଅବସର ଆସି ପହଞ୍ଚିପାରେ । ଏବଂ ପୂର୍ଣ୍ଣଯୋଗର ଦୀର୍ଘ ଏବଂ କଠୋର ସାଧନାପଥରେ ଆମର ବିଶ୍ୱାସଟି ମଧ୍ୟ ସବଂଦା ପୂର୍ଣ୍ଣ ହୋଇ ରହିବା ଉଚିତ ଏବଂ ଧୈର୍ଯ୍ୟ ଅବିଚଳ ହୋଇ ରହିବା ଉଚିତ ।

ଆମର ହୃଦସ୍ୱ ଓ ମନ ସାଧାରଣତଃ ଯେପରି ଅଧୀର ହୋଇ ରହିଥାନ୍ତି ଏବଂ ଆମର ପ୍ରକୃତିର ଫଳରୁ ଯେପରି ସଚ୍ଚିତ ବ୍ୟଗ୍ର ହୋଇ ରହିଥାଏ ଅଥଚ ସଚ୍ଚିତ ଭୁଲ୍ କରିବାରେ ଲଗିଥାଏ, ସେହି ଦୃଷ୍ଟିରୁ ଯୋଗର ବନ୍ଧୁର ତଥା ଫାଙ୍କାଷ୍ଟି ପଥଟି ଉପରେ ଏହି ବିଶ୍ୱାସ ଏବଂ ଅଟଳତାର ଅନୁଶୀଳନ କରିବା ବା ଅର୍ଜନ କରିବା ପ୍ରକୃତରେ ବଡ଼ କଷ୍ଟକର ହୋଇପଡ଼େ । ମନୁଷ୍ୟର ପ୍ରାଣିକ ପ୍ରକୃତି ଆପଣା ଶ୍ରମ ଓ ଉଦ୍ୟମର ଚଳାଲ-ଫଳଟି ଭୋଗ କରିବା ପାଇଁ ସବଂଦା କ୍ଷୁଧାର୍ତ୍ତ ହୋଇ ରହିଥାଏ; ଏବଂ ସେହି ଫଳଟି ମିଳିବ ନାହିଁ କିଂବା ମିଳିବାରେ ବିଳମ୍ବ ହେବ ବୋଲି ଯଦ୍ଦ ପ୍ରତୀତ ହେବାକୁ ଲଗେ, ତେବେ ତାହା ଆଦର୍ଶଟି ଉପରୁ ଆପଣାର ବିଶ୍ୱାସ ହରାଇବସେ ଏବଂ ମାର୍ଗଦର୍ଶନଟିକୁ ମଧ୍ୟ ଅବିଶ୍ୱାସ କରିବାକୁ ଲଗେ । କାରଣ ସାଧନାସ୍ୱ ବସ୍ତୁର ବାହ୍ୟ ପ୍ରତୀତିରୁହିଁ ତାହାର ମନ ସବଂଦା ସବୁ କଥାର ବିଚାର କରୁଥାଏ; କାରଣ ସେ ଯେଉଁ ବୁଦ୍ଧିପ୍ରେରିତ ବିବେଚନାଶକ୍ତିଟି ଉପରେ ଏତେବେଶୀ ବିଶ୍ୱାସ ରଖିଥାଏ, ସେଇଟିହିଁ ସେହି ବିବେଚନାଶକ୍ତିର ପ୍ରଥମ ବଦ୍ଧମୂଳ ଅଭ୍ୟାସ ହୋଇ ରହିଥାଏ । ଯେତେବେଳେ ଆମେ ଦୀର୍ଘକାଳ ଧରି ସାଢନା ଭୋଗ କରୁଥାଉ କିଂବା ଅନ୍ଧାର ଭିତରେ ଟୁଣ୍ଟି କରି ପଡ଼ି ସାଉଥାଉ, ସେତେବେଳେ ଆପଣାର ହୃଦସ୍ୱ ଭିତରେ ଭଗବାନଙ୍କୁ ସେଥିଲାଗି ଦୋଷୀ ବୋଲି କହିବାଠାରୁ ଆମ ଲଗି ଅଧିକ ସହଜ ଆଉ କିଛି ଦେଖାଯାଏ ନାହିଁ; ଅଥବା, ଆମ ଆଗରେ ଆମେ ଯେଉଁ ଆଦର୍ଶଟିକୁ ରଖି ବାଟ ଚୁଲି ଆସିଥିଲୁ, ସେଇଟିକୁ ବର୍ଜନ କରିଦେବା ମଧ୍ୟ ସେତେବେଳେ ବଡ଼ ସହଜ ମନେହୁଏ । କାରଣ, ସେତେବେଳେ ଆମେ କହିବାକୁ ଲଗୁ, "ମୁଁ ସେହି ସଙ୍କୋଚ ପରମେଶ୍ୱରଙ୍କ ଉପରେ ଏତେ ବିଶ୍ୱାସ ରଖିଲି ଏବଂ ଶେଷକୁ ସେ ମୋତେ ବିଶ୍ୱାସଘାତକ ପରି ଏତେ କଷ୍ଟରେ, ଏତେ ଯାପରେ ଓ ଏତେ ପ୍ରମାଦରେ ଅଣି ପକାଇଦେଇ ଗଲେ !" ଅଥବା, ତା' ନହେଲେ, "ମୁଁ ଖାଲ ଗୋଟାଏ କଳ୍ପନା ପଛରେ ଗୋଡ଼ାଇ ମୋର ସାରା ଜୀବନଟାକୁ ବାଜି

'oaob.nitrkl.ac.in' images reprocessed

ଲଗାଇଦେଲ, ଏବଂ ବାସ୍ତବ ଅଭିଜ୍ଞତାର କଠୋର ସତ୍ୟଗୁଡ଼ିକ ଠିକ୍ ତା'ର ବିପଷ୍ଟ କଥାଟିକୁହିଁ ଅସଲ କଥା ବୋଲି ଦେଖାଇଦେଲେ ଓ ମୋତେ ନରୁସ୍ତାହତ କରିଗଲେ ! ଅନ୍ୟ ଯେଉଁମାନେ ଆପଣାର ସୀମାଗୁଡ଼ିକୁ ସ୍ୱୀକାର କରିନଅନ୍ତୁ ଏବଂ ବାସ୍ତବ ଓ ନିତ୍ୟନୈମିତ୍ତିକ ଅନୁଭବର ନିଦା ଭୁଇଁଟି ଉପରେ ବାଟ ଗୁଲନ୍ତୁ, ଠିକ୍ ସେହିମାନଙ୍କ ପରି ହୋଇ ପାରିଥିଲେ ମୋ ପକ୍ଷରେ ଦୁଏତ ଅଧିକ ଭଲ ହୋଇଥାନ୍ତା !" ଏହିଭଳି ମୁହୂର୍ତ୍ତଗୁଡ଼ିକରେ,—ଏବଂ ଏହିସବୁ ମୁହୂର୍ତ୍ତ ଅନେକ ସମୟରେ ବାରବାର ଆସି ପହଞ୍ଚନ୍ତି ଓ ଦୀର୍ଘକାଳ ସ୍ଥାୟୀ ହୋଇ ରହନ୍ତି,—ଉଚ୍ଚତର ସକଳ ଅନୁଭୂତି କୁଆଡ଼େ ପାପୋର ହୋଇ ରହେ ଏବଂ ଦୁଇସ୍ୱ ମଧ୍ୟ ଆପଣାର ଏହି କଟୁତାଟି ମଧ୍ୟରେ ଗୋଟାପୁଦ୍ଧା ବୁଡ଼ିଜରି ରହିଥାଏ । ଏବଂ ଏହିସବୁ ଅନ୍ଧକାରମୟ ପଥଗୁଡ଼ିକ ଦେଇ ଗତି କଲ୍ଲବେଳେ ଚିରକାଳ ଲଗି ଚଳେ ପଡ଼ିଯିବା କଂବା ଦ୍ରବ୍ୟ ପ୍ରସ୍ପାସ୍ଟିରୁ ବମ୍ଫୁଖ ହୋଇ ବାହୁଡ଼ି ଆସିବା ମଧ୍ୟ ବେଶ୍ ସମ୍ଭବ ହୋଇଯାଏ ।

ମାନ ଯଦି କୌଣସି ବ୍ୟକ୍ତି ଏହି ପଥଟି ଉପରେ ଦୀର୍ଘକାଳ ଧରି ଓ ଅବିଚଳ ଭାବରେ ଗତି କରି ସାରିଥାଏ, ତେବେ ଉତ୍ତରୁ ଉତ୍ତତମ ବିପଷ୍ଟତ ଓ ବିବୋଧ ଗ୍ରୁପ ସତ୍ତ୍ୱେ ବି ତା' ହୃଦସ୍ଥର ବିଶ୍ୱାସ ଓ ଶ୍ରଦ୍ଧା ତଥାପି ଅଟଳ ରହିବ; ଏପରିକ ତାହା ପ୍ରଚ୍ଛନ୍ନ ଅଥବା ଆପାତତଃ ବର୍ଣୀଭୂତ ହୋଇ ରହିଗଲେ ମଧ୍ୟ, ପ୍ରଥମ ସୁଯୋଗ ପାଇବା ମାନକେହିଁ ପୁଣି ଉପରକୁ ଫୁଟି ବାହାର ଆସିବ । କାରଣ ଘୋରତମ ଯାବତୀୟ ସ୍ଖଳନ ସତ୍ତ୍ୱେ ଏବଂ ସବୁଠାରୁ ଦୀର୍ଘକାଳସ୍ଥାୟୀ ବିଫଳତା ମଧ୍ୟରେ ବି ହୃଦସ୍ଥ ତଥା ବୁଦ୍ଧି ଉଭୟଠାରୁ ଅଧିକ ଉଚ୍ଚ ଆଉ ଏକ ଶକ୍ତି ସେହି ବିଶ୍ୱାସକୁ ଧାରଣ କରି ରହିଥିବ । ମାନ ତଥାପି ଜଣେ ଅଭିଜ୍ଞ ସାଧକ ଲଗି ମଧ୍ୟ ଏହିସବୁ ପ୍ରମାଦ ବା ଆଚ୍ଛନ୍ନତାଗୁଡ଼ିକ ତା'ର ପ୍ରଗତିପଥରେ ପ୍ରତିବନ୍ଧକ ହୋଇ ଠିଆହୋଇ ପାରିବ; ଏବଂ ନୂତନ ସାଧକ ଲଗି ସେଗୁଡ଼ିକ ପ୍ରକୃତରେ ବଡ଼ ବିପଜ୍ଜନକ ସାବ୍ୟସ୍ତ ହୋଇ ପାରିବେ । ତେଣୁ ପ୍ରଥମରୁହିଁ ଏହି ପଥରେ ରହିଥିବା ବିକଟ କଠିନତାଗୁଡ଼ିକୁ ଭଲ କରି ବୁଝି ରଖିବା ଏବାନ୍ତି ଆବଶ୍ୟକ, ସେଗୁଡ଼ିକୁ ସ୍ୱୀକାର କରିନେବା ବି ଏବାନ୍ତି ଆବଶ୍ୟକ, ଏବଂ ଏପରି ଏକ ବିଶ୍ୱାସ ବା ଶ୍ରଦ୍ଧାର ପ୍ରତ୍ୟୋଜନକୁ ଅନୁଭବ କରିପାରିବା ଉଚିତ, ଯାହାକି ବୁଦ୍ଧି ଲଗି ଦୁଏତ ଏକ ଅନ୍ଧ ଶ୍ରଦ୍ଧା ବୋଲି ମନେହେବ, ମାନ ତଥାପି ଆମର ଏହି ତର୍କପ୍ରପାଣ ବୁଦ୍ଧିମଣ୍ଡଳଠାରୁ ଅଧିକ ବିଜ୍ଞତାର ପରିଚୟ ଦେଇ ପାରିବ । କାରଣ ଏହି ଶ୍ରଦ୍ଧା ଊର୍ଦ୍ଧ୍ୱରୁହିଁ ଆମକୁ ଏକ ଭରସା ଆଣି ଧରିଇଦିଏ; ଯେଉଁ ପ୍ରଚ୍ଛନ୍ନ ଆଲୋକ ଆମର ବୁଦ୍ଧି ଓ ତାହାର ଯାବତୀୟ ତଥ୍ୟଭଣ୍ଡାରଠାରୁ ଅଙ୍ଗତ ହୋଇ ରହିଛି, ଏହି ଶ୍ରଦ୍ଧା ସେହି ଆଲୋକରହିଁ ଏକ ଉଜ୍ଜ୍ୱଳ ଛୁଟା ହୋଇ ଆସି ଆମ ଉପରେ ପଡ଼ିବାରେ ଲଗିଛି । ଯେଉଁ ପ୍ରଚ୍ଛନ୍ନ ଜ୍ଞାନଟି ତାହାଳିକ ଯାବତୀୟ ପ୍ରତିଭାସର କୌଣସିପ୍ରକାରେ ବଶବର୍ତ୍ତୀ ହୋଇ ରହି ନାହିଁ, ଏହି ଶ୍ରଦ୍ଧା ସେହି ଜ୍ଞାନର ହୃଦସ୍ୱରୂପେ ବିଦ୍ୟମାନ

'oaob.nitrkl.ac.in' images reprocessed

ରହୁଛୁ । ଆପଣାକୁ ଅବଚଳିତ କର ରଖିଥିଲେ ଆମର ଏହି ଶ୍ରଦ୍ଧା ଓ ବିଶ୍ୱାସ ଆପଣାର ନିସ୍ୱାର୍ଥଶୀଳତାର ଭୂମିରେହିଁ ଆପଣାର ଔଚ୍ଚତ୍ୟଟିକୁ ପ୍ରମାଣିତ କରିଦେବ ଏବଂ ପରଶେଷରେ ଏକ ଦିବ୍ୟ ଜ୍ଞାନର ଆତ୍ମ-ଉନ୍ମୋଚନ ମଧ୍ୟକୁ ଉତ୍ଥେଳିତ ହୋଇଯିବ, ରୂପାନ୍ତରିତ ହୋଇଯିବ । "ଜନ୍ମଶା ଏବଂ ଅବସାଦରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ରହିଥିବା ଏକ ଦୃଢ଼ସ୍ଥିର ସହଜ ଯୋଗର ଜୀବନର ଅଭ୍ୟାସ କରିବା ଉଚିତ,"—ଆମକୁ ସଂଘଦା ଚୀତାର ଏହି ନିର୍ଦ୍ଦେଶଟିର ଦୃଢ଼ ଅନୁସରଣ କରିବାକୁ ପଡ଼ିବ । "ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ,"—"ମୁଁ ତୋତେ ସକଳ ପାପ ଓ ଅନର୍ଥ ମଧ୍ୟରୁ ନିମୋଚିତ କରି ଆଣିବି, ତେଣୁ ତୋର କୌଣସି ଶୋଚନା କରିବା ଉଚିତ ନୁହେଁ,"—ଯଶସ୍ୱୀ ବୁଦ୍ଧି ପାଖରେ ଆମେ ସବୁବେଳେ ପରମ ପ୍ରଭୁଙ୍କର ଏହି ଅଭୟ ପ୍ରତିଶ୍ରୁତିର ପୁନରାବୃତ୍ତି କରିବାରେ ଲାଗିଥିବା । ଏବଂ ସଂଘଶେଷରେ ଏକ ପରମ ମୁହୂର୍ତ୍ତରେ ଶ୍ରଦ୍ଧାର ସମସ୍ତ ଚଞ୍ଚଳତା ଦୂରୀଭୂତ ହୋଇଯିବ; କାରଣ ସେତେବେଳେ ଆମେ ତାଙ୍କର ମୁଖଟିକୁ ଦେଖିବାକୁ ପାଇବା ଓ ସଂଘଦା ସେହି ଦିବ୍ୟ ପରମ ସାନ୍ନିଧ୍ୟଟିକୁହିଁ ଅନୁଭବ କରିବାକୁ ଲାଗିବା ।

*

ଆମ ପ୍ରକୃତିକୁ ରୂପାନ୍ତରିତ କର ଦେଇଥିବା ବେଳେ ମଧ୍ୟ ଆମ କର୍ମର ପରମ ଅଧୀଶ୍ୱର ତାହାକୁ ତାହାର ସମ୍ମାନ ଅବଶ୍ୟ ଦିଅନ୍ତୁ । ସେ ସଂଘଦା ସେହି ପ୍ରକୃତିର ମାଧ୍ୟମରେହିଁ ସବୁ କରନ୍ତୁ, କୌଣସିପ୍ରକାର ମନମୁଖୀ ଝିଅାଲ ଦ୍ୱାରା କଦାପି କିଛି କରନ୍ତୁ ନାହିଁ । ଆମର ଏହି ଅଖଣ୍ଡପୂର୍ଣ୍ଣ ପ୍ରକୃତିଟି ମଧ୍ୟରେହିଁ ଆମ ପରିପୂର୍ଣ୍ଣତାର ଉପାଦାନସବୁ ନିହିତ ହୋଇ ରହିଥାଏ; ଅବଶ୍ୟ ଏକଥା ସତ ଯେ ସେଗୁଡ଼ିକ ବଡ଼ ପ୍ରାରମ୍ଭିକ ଅବସ୍ଥାରେ ଥାଏ, ବିକୃତ ଓ ଅଜ୍ଞାନ ହୋଇ ରହିଥାଏ, କୌଣସି ଶୃଙ୍ଖଳା ନଥାଇ ଏକାଠି ଫୋପଡ଼ା ହୋଇ ରହିଥାଏ ବା ଏକ ଅତି ଦୈନ୍ୟଜର୍ଜର ଅପୂର୍ଣ୍ଣତାମସ୍ତ ଶୃଙ୍ଖଳା ଭିତରେ ପଡ଼ି ରହିଥାଏ । ଏହି ଉପାଦାନଗୁଡ଼ିକୁ ବଡ଼ ଧୈର୍ଯ୍ୟର ସହିତ ପରିପୂର୍ଣ୍ଣ କର ଆଣିବାକୁ ହୁଏ, ଶୁଦ୍ଧ ଓ ପୁନଃସଂଗଠିତ କର ଆଣିବାକୁ ହୁଏ, ସେଗୁଡ଼ିକୁ ଏକ ନୂଆ ଛାଞ୍ଚରେ ପକାଇ ରୂପାନ୍ତରିତ କରିବାକୁ ହୁଏ । ଅର୍ଥାତ୍ ହାଣ୍ଡିକାନ୍ଥି ଆକାରକୁ ଆଣିବାକୁ ହୁଏ ନାହିଁ, ସେଗୁଡ଼ିକର ପ୍ରାଣନାଶ କରିବାକୁ ପଡ଼େ ନାହିଁ କିମ୍ବା କୌଣସି ଗୋଟିଏ ଅବସ୍ଥାକୁ କାଟି ଫିଙ୍ଗିଦେବାକୁ ପଡ଼େ ନାହିଁ, ସ୍ପିଧା ବଳପ୍ରୟୋଗ ଏବଂ ବର୍ଜନ ଦ୍ୱାରା ସେଗୁଡ଼ିକରୁ ନଷ୍ଟ ହୋଇବାକୁ ମଧ୍ୟ ହୁଏ ନାହିଁ । ଏହି ଫସଲର ହେଉଛୁ ତାଙ୍କର ସୃଷ୍ଟି, ଏବଂ ଏହି ଫସଲରେ ବାସ କରୁଥିବା ଆମେ ସମସ୍ତେ ମଧ୍ୟ କେବଳ ତାଙ୍କର ସୃଷ୍ଟି ଓ ଅଭିବ୍ୟକ୍ତି; ଏବଂ ସେ ଏହି ଫସଲର ସହିତ ଓ ଆମ ସହିତ ସଂଘଦା ଏପରି ଭାବରେ କାରବାର କରୁଥାନ୍ତି, ଆମର ଏହି ଅଜ୍ଞପରିସର ଏବଂ

'oaob.nitrkl.ac.in' images reprocessed

ଅଜ୍ଞାନାଚ୍ଛନ୍ନ ମନ ଯାହାର କ କୌଣସି ଅନ୍ତ ପାଏ ନାହିଁ; କେବଳ ଯେତେବେଳେ ସେ ଗୌରବ ହୋଇଯାଏ ଏବଂ ଏକ ଦିବ୍ୟ ଜ୍ଞାନ ପ୍ରକାଶେ ଉନ୍ମୋଚିତ ହୋଇଯାଏ, କେବଳ ସେତେବେଳେ ଯାଇ ସେ ଭାଙ୍ଗର ନିସ୍ପାଦିକୁ ବୁଝିବା ଲଗି ସମର୍ଥ ହୁଏ । ଆମର ଯାବତୀୟ ଭ୍ରାନ୍ତି ଓ ପ୍ରମାଦ ମଧ୍ୟରେ ଏପର ଏକ ସତ୍ୟର ଉପାଦାନଟିଏ ନିହିତ ହୋଇ ରହିଥାଏ, ଯାହାକ ଆମ ବୁଦ୍ଧିର ପଟ୍ଟଟି ଉପରେ ଆପଣାର ଯଥାର୍ଥ ତାତ୍ପର୍ଯ୍ୟଟିକୁ ପ୍ରକଟ କରିଦେବା ଲଗି ଅନବରତ ପ୍ରସ୍ପାସ କରିବାରେ ଲଗିଥାଏ । ମନୁଷ୍ୟ-ବୁଦ୍ଧି ଏହି ଭ୍ରାନ୍ତି ବା ପ୍ରମାଦଟିକୁ ଆପଣାର ପ୍ରକୃତିରୁ କାଟି ଫୋପାଡ଼ି ଦେବାକୁ ବାହାରେ, ଏହାଦ୍ୱାରା ସେ ସତ୍ୟଟିକୁ ମଧ୍ୟ କାଟି ଫୋପାଡ଼ି ହିଏ ଏବଂ ତାହା ଜାଗାରେ ଆହୁ ଗୋଟିଏ ଅର୍ଦ୍ଧ-ସତ୍ୟ ଅର୍ଦ୍ଧ-ଭ୍ରାନ୍ତିକୁ ଆଣି ଯୋଡ଼ିଦିଏ । ମାନ, ଆମର ଏହି ପ୍ରତ୍ୟେକଟି ମିଥ୍ୟାବରଣ ଭଲେ ପ୍ରଚ୍ଛନ୍ନ ଓ ସରକ୍ଷିତ ହୋଇ ରହିଥିବା ସତ୍ୟଟିରେ ଆସି ପହଞ୍ଚିବା ସକାଶେ ଆମେ ସମର୍ଥ ହେବାଯାଏ ଦିବ୍ୟ ପରମପ୍ରଜ୍ଞା ଆମର ସେହି ଭ୍ରାନ୍ତିଗୁଡ଼ିକୁ ଅବଚ୍ଛିନ୍ନ ହୋଇ ରହିବା ଲଗି ପୁଣ୍ଡି ଅନୁମତି ଦେଇ ରଖିଥାଏ । ଆମେ ଯାହାକୁ ପାପ ବୋଲି କହୁ, ସେଗୁଡ଼ିକୁ ଆମେ କେବଳ ଅନ୍ୱେଷଣକାରୀ ଏକ ପରମ ସାମର୍ଥ୍ୟର ଗୋଟିଏ ଗୋଟିଏ ଭ୍ରାନ୍ତି ପଦକ୍ଷେପ ବୋଲିହିଁ କହିବା, ସିଏକ ପାପକୁ ନୁହେଁ, ମାନ ପରିପୁଣ୍ଡିଭାକୁହିଁ ଆପଣାର ଧେସ୍ୱ କରି ରଖିଥାଏ; ଯାହାକୁ ଆମେ ଦୁଏତ ଏକ ଦିବ୍ୟ ଗୁଣସମ୍ପନ୍ନତା ବୋଲି କହିପାରିବା, ସେହିପରି ଗୋଟିଏ ବସ୍ତୁକୁହିଁ ଧେସ୍ୱ କରି ରଖିଥାଏ । ସେହି ପାପଗୁଡ଼ିକ ଅନେକ ସମସ୍ତରେ ଏପର ଏକ ଗୁଣର ନାନା ଆବରଣ ପରି ହୋଇ ରହିଥାଏ, ଯାହାକୁ କ ରୂପାନ୍ତରିତ କରିଦେବାକୁ ହେବ ଓ ଯାହାକୁ ତା'ର ଏହି କୁତ୍ରିତ ଛଦ୍ମବେଶଟି ମଧ୍ୟରୁ ବାହାର କରି ନେଇ ଆସିବାକୁ ପଡ଼ିବ । ସହି ତାହାହିଁ ବିଧାନ ହୋଇ ନଥାନ୍ତା, ତେବେ ବସ୍ତୁଗୁଡ଼ିକର ପରିପୁଣ୍ଡି ବିଧାନ ମଧ୍ୟରେ ସେଗୁଡ଼ିକୁ ନଷ୍ଟନ୍ନ ହେବାକୁ ବା ଉତ୍ପି ରହିବାକୁ କଦାପି ଦିଆଯାଇ ନଥାନ୍ତା । ଆମ ଯାବତୀୟ କର୍ମର ପରମ ଅଧୀଶ୍ୱର କଦାପି କୌଣସି ଭୁଲ କରି ବସନ୍ତି ନାହିଁ, କେବଳ କଣେ ଉଦାସୀନ ସାକ୍ଷୀରୁପେହିଁ ଅନାଇ ରହନ୍ତି ନାହିଁ ଅଥବା ଅନାବଶ୍ୟକ ଅନର୍ଥକତାଗୁଡ଼ାକୁ ନେଇ କଦାପି କାଳକ୍ଷେପଣ କିଂବା ମନୋରଞ୍ଜନ କରିବାର ବିଳାସ କରନ୍ତି ନାହିଁ । ସିଏ ଆମର ଏହି ବୁଦ୍ଧିଠାରୁ ସଦାସର୍ବଦା ଅଧିକ ପ୍ରଜ୍ଞାଶୀଳ ହୋଇ ରହିଥାନ୍ତି, ଆମର ଯାବତୀୟ ପୁଣ୍ୟଗୁଣଠାରୁ ଅଧିକ ପ୍ରଜ୍ଞାଶୀଳ ହୋଇ ରହିଥାନ୍ତି ।

ଆମର ପ୍ରକୃତି କେବଳ ଯେ ଆପଣାର ସକଲ୍ପକ୍ଷେତ୍ରରେ ପ୍ରମାଦଗ୍ରସ୍ତ ହୋଇ ରହିଥାଏ ଅଥବା ଜ୍ଞାନର କ୍ଷେତ୍ରରେ ଅଜ୍ଞାନ ମଧ୍ୟରେ ଜଡ଼ିତ ହୋଇ ରହିଥାଏ ତା' ନୁହେଁ, ଆମ ପ୍ରକୃତି ଆପଣା ସାମର୍ଥ୍ୟରେ ମଧ୍ୟ ବଡ଼ ଦୁର୍ବଳ ହୋଇ ରହିଥାଏ । ମାନ ସେହି ଦିବ୍ୟ ପରମସାମର୍ଥ୍ୟ ଏହି ଜଗତରେ ସଦାବିଦ୍ୟମାନ ହୋଇ ରହିଥାନ୍ତି

'oaob.nitrkl.ac.in' images reprocessed

ଏବଂ ଯଦି ଆମେ ଚାଙ୍କର ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିପାରିବା ଏବଂ କେବଳ ସେହି ଦିବ୍ୟ ଉଦ୍ଦେଶ୍ୟଟିର ପରିପୂରଣ ଲାଗିହିଁ ଆମର ଯାବତୀୟ ଅସାମର୍ଥ୍ୟ ତଥା ସାମର୍ଥ୍ୟକୁ କାମରେ ଲଗାଇ ପାରିବା, ତେବେ ସେଇ ଆମକୁ ବାଟ ଦେଖାଇ ଆଗକୁ ନେଇଯିବେ । ଆମର ଏହି ଚାକ୍ଚାଲକ ଭୂମିକି ଉପରେ ଆମେ ସେହି ଉଦ୍ଦେଶ୍ୟର ସାଧନ କରିବାରେ ବିଫଳ ହୋଇପଡୁଛୁ, ତାହାର କାରଣ ହେଉଛି ଯେ ଏହି ବିଫଳତାଟି ମଧ୍ୟ ସେଇ ଚାଙ୍କର ଦ୍ୱାରା ଅଭିପ୍ରେତ ହୋଇ ରହିଛି । ଅନେକ ସମୟରେ ଏପରି ବି ହୁଏ ଯେ କୌଣସି ଚାକ୍ଚାଲକ ଏବଂ ପୂର୍ଣ୍ଣ ସାଫଲ୍ୟ ଆମର ସମ୍ମୁଖରେ ସେଉଁ ଫଳଟିକୁ ଆଣି ପହଞ୍ଚାଇ ଦେଇଥାଏ, ଆମର ବିଫଳତା ବା ଦୁଷ୍ପରିଣାମ ହୁଏତ ତା'ଠାରୁ କୌଣସି ଏକ ଯଥାର୍ଥତର ଫଳର ପ୍ରାପ୍ତି ଲାଗି ଆମର ମାର୍ଗରୂପେ କାର୍ଯ୍ୟ କରୁଥାଏ । ଆମକୁ ଯେ ଯାତନା ଓ ଦୁଃଖ ଭୋଗ କରିବାକୁ ହୁଏ, ତାହାର କାରଣ ହେଉଛି ଯେ ସେତେବେଳେ ଆନନ୍ଦର ଏକ ବୃହତ୍ତର ସମ୍ଭାବନା ସକାଶେ ଆମ ଭିତରେ କୌଣସି ଏକ ଜିନିଷକୁ ଉଚ୍ଚତର ସ୍ତରରେ ପ୍ରସ୍ତୁତ ହେବା ଲାଗି ଏକ ପ୍ରସ୍ତୋଳନହିଁ ରହିଥାଏ । ଯଦି ବାଟ ଗୁଣିବାବେଳେ ଆମକୁ ବାରବାର ଦୃଷ୍ଟି ପଡ଼ିବାକୁ ହୋଇଥାଏ, ତେବେ ପରିଶେଷରେ ଏକ ପରିପୂର୍ଣ୍ଣତର ପଥଗୁରିଣାର ରହସ୍ୟଟିକୁ ଆମକୁ ଶିଖାଇ ଦେବା ଲାଗିହିଁ ସେପରି ହୁଏ । ଏପରିକ ଶାନ୍ତି, ଶୁଦ୍ଧତା ଏବଂ ପରିପୂର୍ଣ୍ଣତା ଅର୍ଜନ କରିବାକୁ ମଧ୍ୟ ଆମେ କଦାପି ଅତ ସାଂଘାତିକ ସ୍ତରରେ ଚରଚର ହୋଇପଡ଼ିବା ନାହିଁ । ଶାନ୍ତି ଦିନେ ନା ଦିନେ ଅବଶ୍ୟ ଉପଲବ୍ଧି ହେବ ସତ, ମାତ୍ର ତାହା କଦାପି ଏକ ଶୂନ୍ୟ ବା ଧ୍ୱସ୍ତବିଧ୍ୱସ୍ତ ପ୍ରକୃତିର ଶାନ୍ତିରୂପେ ଉପଲବ୍ଧି ହେବ ନାହିଁ, ସକଳପ୍ରକାର ଚେଷ୍ଟା ବା ଉଦ୍ୟମ କରିବାକୁ ଅସମର୍ଥ ହୋଇ ପଡ଼ିଥିବା ନିଦ୍ରିତ ଅଥବା ଖଣ୍ଡବିଖଣ୍ଡିତ ସାମର୍ଥ୍ୟଗୁଡ଼ିକର ଶାନ୍ତିରୂପେ ତାହା କଦାପି ଉପଲବ୍ଧି ହେବ ନାହିଁ; ଆମେ ସେଗୁଡ଼ିକୁ ଗିବ୍ରତା, ଅଗ୍ନିମନ୍ଥା ଏବଂ ଶକ୍ତିମନ୍ଥା ଲାଗି ଅସମର୍ଥ କରି ପକାଇଛୁ ବୋଲି ସେହି ଶାନ୍ତି କଦାପି ଏହିଗୁଡ଼ିକର ଶାନ୍ତି ହୋଇହିଁ ଆସିବ ନାହିଁ । ଶୁଦ୍ଧତା ଅର୍ଜନ କରିବା ଆମର ଲକ୍ଷ୍ୟ ହୋଇ ରହିବ ସତ, ମାତ୍ର ତାହା କେବଳ ଏକ ଶୂନ୍ୟରହିଁ ଶୁଦ୍ଧତା ବା ଶୀତଳ ଓ କଠିନ ଉଦାସୀନତାରହିଁ ଶୁଦ୍ଧତା କଦାପି ହେବ ନାହିଁ । ଆମଠାରୁ ପରିପୂର୍ଣ୍ଣତାର ଦାବି କରିଯାଇଛନ୍ତି ସତ, ମାତ୍ର ସେଉଁ ପରିପୂର୍ଣ୍ଣତା ଆପଣାର ପରିସରଟିକୁ କେବଳ କେତେଗୁଡ଼ିଏ ଫଙ୍କାପୁଣ୍ଡି ସୀମା ମଧ୍ୟରେ ଆବଦ୍ଧ କରି ରଖିହିଁ ତୃପ୍ତି ରହିପାରିବ ଅଥବା ଆପଣାକୁ ଆପେ ସତଜ ବନ୍ଧାଣତ କରି ଦେଇଥିବା ସେହି ପରମ ଅନନ୍ତଙ୍କର ଫରୁଟରେ ମନଇଚ୍ଛା କେଉଁଠି ପୂର୍ଣ୍ଣଚ୍ଛେଦ ଟାଣିଦେଇହିଁ ତୃପ୍ତି ରହି ପାରୁଥିବ, ଆମଠାରୁ ସେପରି ଏକ ପରିପୂର୍ଣ୍ଣତା କଦାପି ଦାବି କରିଯାଇ ନାହିଁ । ସେହି ଦିବ୍ୟ ପ୍ରକୃତି ମଧ୍ୟକୁ ପରିବର୍ତ୍ତିତ ହୋଇଯିବାହିଁ ଆମର ଲକ୍ଷ୍ୟ ସତ, ମାତ୍ର ଏହି ଦିବ୍ୟ ପ୍ରକୃତି ଆଦୌ କୌଣସି ମନୋଗତ ଅଥବା

'oaob.nitrkl.ac.in' images reprocessed

ନୈତିକ ପରିବେଶମାନ ନୁହେଁ, ତାହା ହେଉଛି ଏକ ଆଧ୍ୟାତ୍ମିକ ଓ ଚିରନ୍ତନ ସ୍ଥିତି; ଏହାର ଉପଲବ୍ଧି କରିବା ଆମର ବୁଦ୍ଧି ଲଗି ବଡ଼ କଷ୍ଟକର, ଏପରିକ ଏହାର କଳ୍ପନା କରିବା ମଧ୍ୟ ବଡ଼ କଷ୍ଟକର । ଏହି କ୍ଷେତ୍ରରେ ଯାହାକିଛି କରିବାକୁ ରହିଛି, ଆମର କର୍ମ ତଥା ଆମ ଯୋଗର ଅଧୀଶ୍ୱରଙ୍କୁ ସେକଥାଟି ଭଲ କରି ଜଣାଅଛ ଏବଂ ତାଙ୍କର ଆପଣା ସାଧନ ଲଗାଇ ଓ ତାଙ୍କର ଆପଣା ସ୍ୱତନ୍ତ୍ରରେ ସେ ଆମ ଭିତରେ ଯେପରି ସେଇଟିକୁ ସମ୍ପନ୍ନ କରିପାରିବେ, ସେଥିଲଗି ତାଙ୍କୁ ବାଟ ଛାଡ଼ିଦେବାକୁହିଁ ପଡ଼ିବ ।

ଅଜ୍ଞାନର ଗଠନ୍ତନଟି ଆପଣାର ମଜ୍ଜି ଭିତରେ ମଧ୍ୟ ଅହଂପ୍ରତ୍ୟୟିତ ହୋଇ ରହିଛି; ଏବଂ ଆମ ଭିତରେ ଏକ ବ୍ୟକ୍ତିତ୍ୱକୁ ସ୍ୱୀକାର କରିଥିଲ ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣତା ଲାଭ କରି ନଥିବା ଆମର ଏହି ପ୍ରକୃତିର ଅର୍ଦ୍ଧ-ଆଲୋକ ତଥା ଅର୍ଦ୍ଧ-ସାମର୍ଥ୍ୟ ମଧ୍ୟରେ ଆଚରିତ ହେଉଥିବା କର୍ମଟିକୁ ତଥାପି ଜାରୁଡ଼ି ଧରିଥିବା ପର୍ଯ୍ୟନ୍ତ ଏହି ଅହଂଗତଭାବ କବଳରୁ ମୁକ୍ତିଲାଭ କରିବା ଆମ ଲଗି ଆହୁରି କଷ୍ଟକର ହୋଇ ରହିଥିବ । ଅହଂର ଯାବତୀୟ କର୍ମାବେଗରୁ ଅହଂକୁ ବହୁତ କରି ରଖିବା କିମ୍ବା ବ୍ୟକ୍ତିତ୍ୱାପନ୍ନଭାବର ଯାବତୀୟ ଗଠନ୍ତନକୁ ଆମଠାରୁ କାଟିପକାଇ ଅହଂର ବିନାଶ ଘଟାଇବା ଅପେକ୍ଷାକୃତ ଅଧିକ ସହଜ । କୌଣସି ଏକ ଆତ୍ମବସ୍ତୁରଣ ମଧ୍ୟକୁ ତାହାକୁ ଉତ୍ତୋଳିତ କରିନେଇ ଶାନ୍ତିଭାର କୌଣସି ଅଭିଭୂତ ଅବସ୍ଥା ଅଥବା ଦିବ୍ୟ ପ୍ରେମର କୌଣସି ପରମ ପୁଲକମସ୍ତତା ମଧ୍ୟରେ ବୁଡ଼ାଇ ରଖିବା ମଧ୍ୟ ଅପେକ୍ଷାକୃତ ଅଧିକ ସହଜ । ମାନ ସମସ୍ୟାଟି ଏହାଠାରୁ ଅଧିକ କଷ୍ଟସାଧ୍ୟ; ଆମକୁ ଆମର ଭିତରୁହିଁ ଯଥାର୍ଥ ପୁରୁଷପ୍ରକୃତିକୁ ମୁକ୍ତ କରି ଆଣିବାକୁ ପଡ଼ିବ, ଏବଂ ଏପରି ଏକ ଦିବ୍ୟ ମାନବତ୍ୱ ଲାଭ କରିବାକୁ ହେବ, ଯାହାକି ଏକ ଦିବ୍ୟ ସାମର୍ଥ୍ୟର ବିଶୁଦ୍ଧ ଗ୍ରହଣ-ପାତ୍ରଟିଏ ହୋଇ ରହିପାରିବ, ଦିବ୍ୟ କର୍ମର ଏକ ପୂର୍ଣ୍ଣସାମର୍ଥ୍ୟଯୁକ୍ତ ସାଧନରେ ପରିଣତ ହୋଇଯାଇ ପାରିବ । ଏହି ପଥରେ ଅତ୍ୟନ୍ତ ଦୃଢ଼ତାର ସହିତ ଗୋଟିଏ ପାଦ ପରେ ଆଉ ଗୋଟିଏ ପାଦ ପକାଇବାକୁ ପଡ଼ିବ; ଗୋଟିଏ ପରେ ଗୋଟିଏ ଅସୁବିଧା ବା ବାଧାକୁ ଫମ୍ପୁର୍ଣ୍ଣ ଭାବରେ ଅଙ୍ଗେ ନଖିଇବାକୁ ପଡ଼ିବ ଓ ସେଗୁଡ଼ିକ ଉପରେ ଫମ୍ପୁର୍ଣ୍ଣ ନିସ୍ତରଣ ଆଣିବାକୁ ପଡ଼ିବ । ଆମ ଲଗି ଏହି କଥାଟିକୁ କେବଳ ସେହି ଦିବ୍ୟ ପରମ ପ୍ରଜ୍ଞା ଓ ପରମ ସାମର୍ଥ୍ୟହିଁ କରିପାରିବ; ଏବଂ ଯଦି ଏକ ପରିପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସ ସହିତ ଆମେ ତାହାର ହାତରେ ଆପଣାକୁ ସମର୍ପି ଦେଇ ପାରିବା ଏବଂ ଏକ ଅବିଚଳ ସାହସ ତଥା ଧୈର୍ଯ୍ୟର ସହିତ ତାହାର ଯାବତୀୟ ନିର୍ଦ୍ଦେଶର ଅନୁଗମନ କରିପାରିବା ଓ ସେଥିରେ ଆପଣାର ପୂର୍ଣ୍ଣ ସମ୍ମତି ଦେଇପାରିବା, ତେବେ ସେଇ ଆମ ଲଗି ସବୁକିଛି ସମ୍ପନ୍ନ କରି ଦେଇଥିବ ।

'oaob.nitrkl.ac.in' images reprocessed

ଆମର ଭିତରେ ତଥା ଏହି ଜଗତ ମଧ୍ୟରେ ବର୍ତ୍ତମାନ ରହିଥିବା ସେହି ପରମ ଦ୍ରବ୍ୟସ୍ୱରୂପଙ୍କ ପାଖରେହିଁ ଆମର ଯାବତୀୟ କର୍ମକୁ ଏକ ଯଜ୍ଞରୂପେ ଆଣି ନିବେଦନ କରିଦେବା ହେଉଛି ଏହି ଦୀର୍ଘ ଯାତ୍ରାପଥର ସର୍ବପ୍ରଥମ ପଦକ୍ଷେପ । ଏହି ନିବେଦନକୁ ଆମେ ମନ ଏବଂ ହୃଦୟର ଏକ ବିଶେଷ ଭାବଦୃଷ୍ଟି ବୋଲି କହିବା; ଏଇଟି ମଧ୍ୟରେ ପ୍ରଥମ ପ୍ରବେଶ କରିବା ଆଦୌ କଷ୍ଟକର ନୁହେଁ, ମାତ୍ର ଏଇଟିକୁ ସମ୍ପୂର୍ଣ୍ଣଭାବେ ଓ ସର୍ବବ୍ୟାପକ କରି ରଖିବା ପ୍ରକୃତରେ ଭାରି କଷ୍ଟକର । ଆମର ଯାବତୀୟ କର୍ମଜନିତ ଫଳ ପ୍ରତି ସକଳ ଆସକ୍ତିକୁ ତ୍ୟାଗ କରିବା ହେଉଛି ଦ୍ୱିତୀୟ ପଦକ୍ଷେପ; କାରଣ ଏହି କ୍ଷେତ୍ରରେ ଆମ ଭିତରେ ଅବସ୍ଥିତ ରହିଥିବା ସେହି ଦ୍ରବ୍ୟ ପରମ ସାନ୍ନିଧ୍ୟ, ଦ୍ରବ୍ୟ ପରମ ଚେତନା ଏବଂ ଦ୍ରବ୍ୟ ପରମ ଶକ୍ତିମତ୍ତାହିଁ ହେଉଛି ଏକମାତ୍ର ଯଥାର୍ଥ, ଅନିବାର୍ଯ୍ୟ ତଥା କାମ୍ୟତମ ଯଜ୍ଞଫଳ, ଏକମାତ୍ର ଆବଶ୍ୟକ ଫଳ; ଏବଂ ଏତକ ଉପଲବ୍ଧି ହୋଇଗଲେ ଆଉ ସବୁକିଛି ଆପେ ଆପେ ପ୍ରାପ୍ତ ହୋଇଯିବ । ଏଥିଲାଗି ଆମକୁ ଆମର ପ୍ରାଣମୟ ସତ୍ତା, ବାସନା-ଆତ୍ମା ଏବଂ ବାସନାମୟ ପ୍ରକୃତିର କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅହଂଗତ ଇଚ୍ଛାଶକ୍ତିରହିଁ ରୂପାନ୍ତର ସାଧନ କରିବାକୁ ପଡ଼ିବ; ଏବଂ ଅନ୍ୟଟି ତୁଳନାରେ ଏଇଟି ହେଉଛି ଆହୁରି ଅଧିକ କଷ୍ଟକର । କେନ୍ଦ୍ରରେ ରହିଥିବା ସେହି ଅହଂବୋଧଟିରୁ ଏବଂ ଏପରକ କର୍ମ କରୁଥିବା ବ୍ୟକ୍ତିର ଅହଂବୋଧଟିରୁ ମଧ୍ୟ ମୁକ୍ତ ହୋଇ ଆସିବା ହେଉଛି ଆମର ତୃତୀୟ ପଦକ୍ଷେପ । ଏଇଟି ହେଉଛି ସବୁଠାରୁ ଅଧିକ କଷ୍ଟକର, ଏବଂ ପ୍ରଥମ ଦୁଇଟିଯାକ ପଦକ୍ଷେପକୁ ସଫଳତ୍ୱରେ ଚରିତ୍ରାର୍ଥ କରିପାରି ନଥିବା ପର୍ଯ୍ୟନ୍ତ ଏଇଟିକୁ କଦାପି ପରିପୂର୍ଣ୍ଣ ଭାବରେ ସମ୍ପନ୍ନ କରିଯାଇ ପାରିବ ନାହିଁ । ମାତ୍ର ଏହି ତୃତୀୟ ଚରଣଟି ସମଗ୍ର ଗତିଛନ୍ଦଟିରେ ଯଥାର୍ଥ ନିତ୍ୟାମକରୂପେ ସଞ୍ଚାରିତ ହୋଇ ନଥିବା ପର୍ଯ୍ୟନ୍ତ ଏବଂ ଅହଂତ୍ତ୍ୱର ନିବାପନ ଘଟାଇ ବାସନାର ଅସଲ ମୂଳଟିକୁ ଉତ୍ପାଟିତ କରି ନଦେବା ପର୍ଯ୍ୟନ୍ତ ପ୍ରଥମ ଦୁଇଟିଯାକ ସୋପାନ ମଧ୍ୟ କଦାପି ସମ୍ପୂର୍ଣ୍ଣ ହୋଇପାରିବେ ନାହିଁ । ଯେତେବେଳେ ଆମ ପ୍ରକୃତି ମଧ୍ୟରୁ ସେହି କ୍ଷୁଦ୍ର ଅହଂଗତ ପ୍ରକୃତିଟିକୁ ଉପାଡ଼ି ଫିଙ୍ଗି ଦିଆଯାଇ ପାରିବ, ସାଧକ ସେତେବେଳେ ଯାଇ ପରମ ଦ୍ରବ୍ୟସ୍ୱରୂପଙ୍କରହିଁ ଏକ ଅଂଶ ତଥା ସାମର୍ଥ୍ୟରୂପେ ଊର୍ଦ୍ଧ୍ୱରେ ଠିଆ ହୋଇ ରହିଥିବା ଆପଣାର ଅସଲ ବ୍ୟକ୍ତିପରିଚୟଟିକୁ ଜାଣିବା ଲାଗି ସମର୍ଥ ହେବ ଏବଂ କେବଳ ସେହି ଦ୍ରବ୍ୟ ପରମଶକ୍ତିର ଇଚ୍ଛାଶକ୍ତି ବ୍ୟତୀତ ଆଉ ଯାବତୀୟ ଅନ୍ୟ ପ୍ରେରଣା ଓ ଅନ୍ୟ ଶକ୍ତିକୁ ଛାଡ଼ି ଘୁଞ୍ଚିଆସି ପାରିବ ।

*

ସମଗ୍ର ସିଦ୍ଧି ପ୍ରଦାନ କରୁଥିବା ଏହି ସର୍ବଶେଷ ଗତିଛନ୍ଦଟିରେ କେତେଗୁଡ଼ିଏ ସୋପାନ ରହିଛି; କାରଣ ଏହି ସିଦ୍ଧିଟିକୁ କଦାପି ହଠାତ୍ ଉପଲବ୍ଧି କରିଯାଇ

'oaob.nitrkl.ac.in' images reprocessed

ପାଇବ ନାହିଁ ବା ଲକ୍ଷ୍ୟଟିକୁ ଅଧିକରୁ ଅଧିକ ଜଳଚଞ୍ଚଳୀ କରୁଇ ଆଣିଥିବା ଏବଂ ଶେଷରେ ଏହାକୁ ଛପଲକ୍ଷ୍ୟ କରାଇ ଦେଇଥିବା ସାର୍ଥ କେତୋଟି ଗତିପର୍ଯ୍ୟାୟ ବ୍ୟତୀତ ଏହା କଦାପି ସମ୍ଭବ ହେବ ନାହିଁ । ପ୍ରଥମେ ଯେଉଁ ଦୃଷ୍ଟିକୋଣଟିକୁ ଗ୍ରହଣ କରିବାକୁ ହେବ, ସେଥିରେ ଆପଣାକୁହିଁ କର୍ମକର୍ତ୍ତା ବୋଲ୍ ବରଣ କରିବାର ଭାବଟିକୁ ପରିତ୍ୟାଗ କରିବାକୁ ପଡ଼ିବ ଏବଂ ଦୃଢ଼ତାର ସହିତ ଉପଲବ୍ଧି କରିବାକୁ ହେବ ଯେ ବଶ୍ୱଗତ ପରମ ସାମର୍ଥ୍ୟର ହାତରେ ଆମେ କେବଳ ଗୋଟିଏ ନମିତ୍ତମାତ୍ର । ପ୍ରଥମେ ବଶ୍ୱ-ସାମର୍ଥ୍ୟକୁ ଗୋଟିଏ ସାମର୍ଥ୍ୟ ବୋଲ୍ ଦୃଢ଼ତର ବୋଧ ହେବ ନାହିଁ, ଏକାବେଳକେ ସତେଅବା ବଶ୍ୱଗତ ଅନେକ ସାମର୍ଥ୍ୟ ଆମକୁ ପରିଘ୍ୱଳିତ କରି ନେଇଥିବା ପରି ବୋଧ ହେବ । ମାତ୍ର ଏଗୁଡ଼ିକୁ ସେହି ଅହଂରହିଁ ନାନା ଅନୁପୋଷକରେ ପରିଣତ କରି ବେଶ୍ ରଖିଦେଇ ହେବ; ଏବଂ ଏହି ଦୃଷ୍ଟିକୋଣଟି ମନକୁ ମୁକ୍ତ ଆଣିଦେବ ସତ୍ତ, ମାତ୍ର ଆମ ପ୍ରକୃତିର ଅବଶିଷ୍ଟ ଅଂଶକୁ ତାହା ମୁକ୍ତ କରିପାରିବ ନାହିଁ । ଏପରିକ ଯେତେବେଳେ ଆମେ ଏହି ସୃଷ୍ଟିକୁ କେବଳ ସେହି ଗୋଟିଏ ବଶ୍ୱଗତ ପରମ ସାମର୍ଥ୍ୟ ଏବଂ ତା' ପଛରେ ରହିଥିବା ସେହି ପରମ ଦିବ୍ୟସ୍ୱରୂପଙ୍କରହିଁ କୃତ ବୋଲ୍ ସତେଭନ ହେବାକୁ ଲଗିବା, ତଦ୍ଦ୍ୱାରା ଯେ ଅଭିଲଷିତ ମୁକ୍ତିଟି ଜଣ୍ଟସ୍ୱ ଆସିଯିବ, ସେକଥା ମଧ୍ୟ କଦାପି କୁହାଯାଇ ପାରିବ ନାହିଁ । କାରଣ, କର୍ମ କରୁଥିବା ବ୍ୟକ୍ତିର ଅହଂସଚେତନତା ଅନୁର୍ହିତ ହୋଇଗଲେ ହେଁ ଏତ କର୍ମରେ ନମିତ୍ତ ହୋଇ ପାରିବାର ଏକ ଅହଂସଚେତନତା ତାହାର ସ୍ଥାନ ଅଧିକାର କରିବାକୁ ଆସିବ ଅଥବା ପ୍ରଥମଟିକୁ ଆଉ ଅନ୍ୟ ଏକ ଛଦ୍ମରୂପରେ ପ୍ରତିମ୍ପର୍ଦ୍ଧିତ କରି ରଖିବ । ଏହି ଜଗତର ଜୀବନ-ଇତିହାସରେ ଏହି ପ୍ରକାର ଅହଂସଚେତନତାଟିର କେତେକେତେ ଦୃଷ୍ଟାନ୍ତ ପୂର୍ଣ୍ଣ ହୋଇ ରହିଛି ଏବଂ ଯେକୌଣସି ଅନ୍ୟପ୍ରକାର ଅହଂସଚେତନତାଠାରୁ ଏଇଟି ବଡ଼ ଚମତ୍କାର ଭାବରେ ଅଧିକ ଗ୍ରାସକାରୀ ଓ ଅଧିକ ବଘ୍ନଟ ଏକ ଅହଂସଚେତନତା ବେଶ୍ ହୋଇପାରିବ । ଯୋଗର ପଥରେ ମଧ୍ୟ ଠିକ୍ ଏହି ବିପଦଟି ନମିତ୍ତ ହୋଇ ରହିଛି । ଜଣେ ବ୍ୟକ୍ତି ଅନେକ ବ୍ୟକ୍ତିଙ୍କର ଏକ ନେତାରୂପେ ପରିଗଣିତ ହେବାକୁ ଲଗେ ବା କୌଣସି ଗୋଟିଏ ବୃହତ୍ ଅଥବା କ୍ଷୁଦ୍ରତର ଗୋଷ୍ଠୀରେ ଜଣେ ପ୍ରଧାନ ବ୍ୟକ୍ତିରୂପେ ପ୍ରତିଷ୍ଠିତ ହୁଏ ଏବଂ ତା'ପରେ ଆପଣାକୁ ଏପରି ଏକ ସାମର୍ଥ୍ୟ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବା ପରି ଅନୁଭବ କରେ, ଯାହାକୁ ସେ ଆପଣାର ଅହଂ-ସାମର୍ଥ୍ୟଟିର ଅଖାତ ବୋଲ୍ ବେଶ୍ ଜାଣିଥାଏ । ତାହାର ମଧ୍ୟଦେଇ ଯେ ଏକ ଜସ୍ୱତ କାର୍ଯ୍ୟ କରିବାରେ ଲଗିଛି, ଏକ ରହସ୍ୟପୂର୍ଣ୍ଣ ଓ ଅଭଲସ୍ପର୍ଶୀ ଇଚ୍ଛାଶକ୍ତି ବା ତା' ଭିତରେ ଯେ ଅଜ୍ଞାତ ଉତ୍କ୍ରାନ୍ତିଲତାମସ୍ୱ ଏକ ଆଲୋକ କାର୍ଯ୍ୟ କରିବାରେ ଲଗିଛି, ସେ ଏହି ବିଷୟରେ ଏକ ସଚେତନତା ଲାଭ କରିପାରେ । ତାହାର ଜୀବନରୁ, ତା'ର କର୍ମରୁ ଏବଂ ସୃଜନଶୀଳ ପ୍ରତିଭାରୁ କେତେକେତେ ଅସାଧାରଣ ଫଳ ଫଳିବାକୁ

'oaob.nitrkl.ac.in' images reprocessed

ଆରମ୍ଭ କରେ । ସେ ଏପରି କୌଣସି ବୃହତ୍ ରଚନାକୁ କାର୍ଯ୍ୟକାରୀ କରେ, ଯାହାକି ମନୁଷ୍ୟସମୂହର ବାହ୍ୟଦୃଷ୍ଟିକୁ ପରିଷ୍କାର କରିଦିଏ; ଅଥବା ଏପରି କୌଣସି ବୃହତ୍ ରଚନାକୁ ମଧ୍ୟ ସମ୍ଭବ କରେ, ଯାହାକି ମନୁଷ୍ୟସମାଜ ଲାଗି ଏକ ସାମଗ୍ରିକ ବିଶ୍ରାମସ୍ଥଳ ବୋଲି ପ୍ରତିପାଦିତ ହୁଏ । ସିଏ ଜଗତରେ ହୁଏତ ଏକ ଆଦର୍ଶ ହୋଇ ରହେ, ଅଥବା ଜଣେ ଆଲୋକଦାତାକ ବା ଆରୋଗ୍ୟର କାରଣ ହୋଇ ରହିଥାଏ, ସୌନ୍ଦର୍ଯ୍ୟର ସ୍ରଷ୍ଟା ବା ଜ୍ଞାନର ପ୍ରଦେଶଦାତାକ ହୋଇ ରହେ । ଅଥବା, ତାହାର ସାବଧାସ୍ଥ କାର୍ଯ୍ୟ ଓ ତାହାର ପରିଣାମ ସବୁ ଏକ ଷ୍ଟ୍ରଦ୍ଦର ପରସ୍ପର ଭିତରେ ରହିଥାଏ ଓ ଏକ ସୀମାବଦ୍ଧ କ୍ଷେତ୍ରରେ କାର୍ଯ୍ୟ କରୁଥାଏ, ତଥାପି ସେଗୁଡ଼ିକ ମଧ୍ୟରେ ଏହିପରି ଏକ ବଳୀସ୍ଥାନ୍ ବୋଧ ଅବଶ୍ୟ ରହିଥାଏ ଯେ ସେ ପ୍ରକୃତରେ କୌଣସି ଏକ ବୃହତ୍ତର ଲକ୍ଷ୍ୟର ସାଧନ ଲାଗି ଏକ ମହତ୍ତ୍ୱପୂର୍ଣ୍ଣ ନିମିତ୍ତରୂପେ ବ୍ୟବହୃତ ହେଉଛନ୍ତି, ତା'ର ଆପଣାର କାର୍ଯ୍ୟଟି ତଥା ପ୍ରସ୍ୱାସଟି ଲାଗି ପ୍ରକୃତରେ ନଦାଚତ ହୋଇ ଆସିନୁ । ଯେଉଁ ବ୍ୟକ୍ତମାନଙ୍କଠାରେ ଏହି ନମ୍ରତାବୋଧ ଏବଂ ଏହିସବୁ ସାମର୍ଥ୍ୟ ରହିଥାଏ, ସେମାନେ ଅତ୍ୟନ୍ତ ସହଜରେ ପରମେଶ୍ୱର ବା ପରମ ନମ୍ରତା ଦ୍ୱାରରେ ଆପଣାକୁ କେବଳ ଗୋଟିଏ ଗୋଟିଏ ନମିତ୍ତ ବୋଲି ବିଶ୍ୱାସ କରିବାକୁ ଆରମ୍ଭ କରନ୍ତି ଓ ଠିକ୍ ସେହିପରି ଭାବରେ ଘୋଷଣା ମଧ୍ୟ କରି ବାହାରନ୍ତି । ମାତ୍ର ସେହି ଘୋଷଣାଟିରେ ମଧ୍ୟ ଆମେ ବେଶ୍ ଦେଖିବାକୁ ପାଇ ପାରିବା ଯେ ସାଧାରଣ ବ୍ୟକ୍ତିମାନେ ଯେଉଁପରି ଏକ ଅହଂର ପ୍ରତିଷ୍ଠା ବା ଦାବି କରିବାକୁ ସାହସୀ ହୋଇଥାନ୍ତି ବା ଯେଉଁଭଳି ଏକ ଅହଂକୁ ଆପଣା ଭିତରେ ସ୍ଥାନ ଦେଇ ରଖିବାକୁ ସେମାନଙ୍କ ଭିତରେ ପ୍ରକୃତରେ ବଳ ରହିଥାଏ, ଏହିସବୁ କ୍ଷେତ୍ରରେ ତା'ଠାରୁ ଅଧିକ ଗାଢ଼ ଏବଂ ଅଧିକ ଅନ୍ତରଙ୍ଗିତ ଅହଂପ୍ରତେଚନତା ବେଶ୍ ପ୍ରବେଶ କରି ଆସିପାରେ ଅଥବା ଆଶ୍ରୟ ଗ୍ରହଣ କରିପାରେ । ଏବଂ ଅନେକ ସମୟରେ ଯେତେବେଳେ ଏହି ପ୍ରକାରର ମନୁଷ୍ୟମାନେ ଈଶ୍ୱରଙ୍କ ବିଷୟରେ କଥା କହିବାକୁ ଆରମ୍ଭ କରନ୍ତି, ସେତେବେଳେ ସେମାନେ ଚିତ୍ତାତ୍ମା କେବଳ ଏପରି ଏକ ଈଶ୍ୱର-କଳ୍ପନାର ପ୍ରତିରୂପ ଗଢ଼ି ଥୋଇଦେବାକୁ ବାହାରନ୍ତି, ଯାହାକୁ କି ଆମେ କେବଳ ସେଇମାନଙ୍କ ନଜର ବା ସେମାନଙ୍କର ନିଜ ପ୍ରକୃତିଟିର ଏକ ପ୍ରକାଣ୍ଡାକାର ଛାୟା ବ୍ୟତୀତ ଆଉ କିଛି ହେଲେ କହିପାରିବା ନାହିଁ; ସେମାନେ କେବଳ ଆପଣା ଇଚ୍ଛା, ଭାବନା, ଗୁଣ ଏବଂ ସାମର୍ଥ୍ୟର ସ୍ୱଳ୍ପାତ୍ମ ପ୍ରକାରଟିକୁ ନେଇ ଏକ ସ୍ଥାସ୍ନୀ ବଡ଼ଁ ଚଢ଼ି ଠିଆ କରିଦଅନ୍ତି । ଆପଣା ଅହଂର ଏହି ଅତିପରିବର୍ଦ୍ଧିତ ଆକାରଟିକୁହିଁ ସେମାନେ ଆପଣାର ଈଶ୍ୱର ବୋଲି ସ୍ୱୀକାର କରିନେଇ ତାହାର ପରିଚର୍ଯ୍ୟା କରୁଥାନ୍ତି । ଆପଣାର ମହତ୍ତ୍ୱାକାଙ୍କ୍ଷା, ଗଙ୍ଗ ବା ବଡ଼ ହେବାର ବାସନାକୁ ଆପଣାର ଆଧ୍ୟାତ୍ମିକ ଅନ୍ୱେଷଣର କ୍ଷେତ୍ରଟି ମଧ୍ୟରେ ପ୍ରବେଶ କରିବାକୁ ଦେଇ ଓ ତଦ୍ଦ୍ୱାରା ସେହି ଅନ୍ୱେଷଣଟିର

'oaob.nitrkl.ac.in' images reprocessed

ଅଣ୍ଡପ୍ରାସ୍ପଟିକ୍ସ ଜଳୁପିତ କରଦେଇ ଯେତେବେଳେ ଅତିବଳିଷ୍ଠ ଅଥଚ ଅଶୋଧିତ ପ୍ରାଣପ୍ରଧାନ ପ୍ରକୃତି ବା ମନସ୍ତତ୍ତ୍ୱ ଅତ୍ୟନ୍ତ ସହଜରେ ଉପରକୁ ଉଡ଼ିଯିବାକୁ ବସନ୍ତି, ସେତେବେଳେ ଯୋଗର କ୍ଷେତ୍ରରେ ଏକଥାଟି ପ୍ରାସ୍ପଶଃ ଘଟିଥାଏ । ସେଠାରେ ଏକ ପରିବର୍ତ୍ତିତ ଅହଂଟି ସେମାନଙ୍କ ମଧ୍ୟରେ ଭଥା ସେମାନଙ୍କର ସତ୍ତ୍ୱଟି ମଧ୍ୟରେ ଅନୁଗ୍ରସ୍ତ ହୋଇ ଠିଆ ହୋଇଥାଏ, ଆପଣାର ବ୍ୟକ୍ତିଗତ ଉଦ୍ଦେଶ୍ୟଟିର ପୂରଣ ଲଗିଟି ଦତ୍ତ ବା ଅଦତ୍ତ ଏକ ବୃହତ୍ତର ଅଦୃଶ୍ୟ ଶକ୍ତିଠାରୁ ବଳ ଆହରଣ କରୁଥାଏ; ସେହି ବୃହତ୍ତର ଶକ୍ତିଟି ସେହିମାନଙ୍କ ମଧ୍ୟଦେଇ କାର୍ଯ୍ୟ କରୁଥାଏ ଏବଂ ସେମାନେ ମଧ୍ୟ ସେଇଟି ବିଷୟରେ ଅସ୍ପଷ୍ଟ ଅଥବା ସଘନ ରୂପରେ ସଚେତନ ହୋଇ ରହିଥାନ୍ତି । ଆମର ନିଜ ସାମର୍ଥ୍ୟଟି ଅପେକ୍ଷା ଆହୁରି ଗୋଟିଏ ବୃହତ୍ତର ସାମର୍ଥ୍ୟ ରହିଛି ଏବଂ ଆମେ ସେଇଟି ଦ୍ୱାରାହିଁ ପରିଚାଳିତ ହେବାରେ ଲଗିଛୁ, କେବଳ ବୁଦ୍ଧିଗତ ଅଥବା ପ୍ରାଣଗତ ବୋଧ ଦେଇ ଏଭଳି ବିଷୟରେ ସଚେତନ ହେବାହିଁ ଅହଂର କବଳରୁ ମୁକ୍ତ ହୋଇପାରିବା ଲଗି କଦାପି ଯଥେଷ୍ଟ ନୁହେଁ ।

ଆମର ଭିତରେ ଅଥବା ଊର୍ଦ୍ଧ୍ୱରେ ରହି ଏକ ବୃହତ୍ତର ସାମର୍ଥ୍ୟ ଯେ ଆମକୁ ପରିଚାଳିତ କରି ନେଉଛି, ଏହି କଳ୍ପନା ବା ଏହି ବୋଧକୁ ଆମେ କଦାପି ଏକ ବିଭ୍ରମ ଅଥବା କେବଳ ବଡ଼ ବଡ଼ କଥାର କଳ୍ପନା କରୁଥିବା ଗୋଟାଏ ମତ୍ତିଷ୍କର ଆସ୍ପୃହୀତ ବୋଲି ଆଦୌ କହିପାରିବା ନାହିଁ । ଯେଉଁମାନେ ଏଭଳି ଅନୁଭବ କରିଥାନ୍ତି ଅଥବା ଦେଖିଥାନ୍ତି, ସେମାନଙ୍କର ସାଧାରଣ ବ୍ୟକ୍ତିମାନଙ୍କ ତୁଳନାରେ ଏକ ବୃହତ୍ତର ଦୃଷ୍ଟିସାମର୍ଥ୍ୟ ରହିଥାଏ, ଆମର ସୀମାବଦ୍ଧ ଜଡ଼ତ୍ତ୍ୱାସ୍ପ୍ରୟ ବୁଦ୍ଧିଟିଠାରୁ ସେମାନେ ଆହୁ ଯାଦେ ଅଗ୍ରସର ହୋଇ ଯାଇଥାନ୍ତି; ମାତ୍ର ସେମାନଙ୍କର ଏହି ଦୃଷ୍ଟି ଭଥା ଅନୁଭୂତିକୁ ଆମେ କଦାପି ଏକ ସମ୍ପୂର୍ଣ୍ଣ ଦୃଷ୍ଟି ବା ଅପଗ୍ରେଷ ଅନୁଭୂତି ବୋଲି ଆଦୌ କହିପାରିବା ନାହିଁ । କାରଣ, ଆପଣାର ମନୋଭୂମିରେ ସେମାନେ ଆଦୌ ସ୍ପଷ୍ଟ ହୋଇପାରି ନଥାନ୍ତି, ଆତ୍ମାର ଭୂମିରେ ଯଥାର୍ଥରେ ସଜ୍ଜାନ ହୋଇ ନଥାନ୍ତି, ପରମାତ୍ମସତ୍ତ୍ୱାଙ୍କର ଚିଦ୍‌ଗତ ଉପାଦାନଗୁଡ଼ିକ ମଧ୍ୟକୁ ଜାଗରୁକ ହେବା ପରିବର୍ତ୍ତେ ସେମାନଙ୍କର ଜାଗରଣ ମୁଖ୍ୟତଃ ପ୍ରାଣିକ କ୍ଷେତ୍ରଗୁଡ଼ିକରେହିଁ ସୀମାବଦ୍ଧ ହୋଇ ରହିଥାଏ; ଏବଂ ସେଥିଲଗି ସେମାନେ କଦାପି ପରମ ଦିବ୍ୟସ୍ୱରୂପଙ୍କର ଚେତନାଯୁକ୍ତ ସାଧନରୂପେ ବ୍ୟବହୃତ ହୋଇପାରନ୍ତି ନାହିଁ ବା ପରମ ପ୍ରଭୁଙ୍କର ମୁହାଁମୁହିଁ ହୋଇ ଆସିପାରନ୍ତି ନାହିଁ, ମାତ୍ର କେବଳ ଆପଣାର ନାନା ଦୋଷଯୁକ୍ତ ଓ ଅପୂର୍ଣ୍ଣତାଗ୍ରସ୍ତ ପ୍ରକୃତିର ମଧ୍ୟଦେଇହିଁ ବ୍ୟକ୍ତୀକୃତ ହେବାରେ ଲଗିଥାନ୍ତି । ପରମ ଦିବ୍ୟସ୍ୱରୂପଙ୍କୁ ସେମାନେ ଖୁବ୍ ବେଶୀହେଲେ ଗୋଟାଏ ପରମ ନିସ୍ତରୂପେ ବା ବିଶ୍ୱଗତ ସାମର୍ଥ୍ୟ ରୂପେହିଁ ଦେଖିଥାନ୍ତି; ଅଥବା କୌଣସି ଏକ ସୀମିତ ଶକ୍ତିବିଶିଷ୍ଟ ଦେବତାରୂପେହିଁ ସେମାନେ ତାଙ୍କର ନାମଟି ଦେଇ ଡାକିଥାନ୍ତି, ଅଥବା, ଆହୁରି ଭଲରୁ ଖସିଯାଇ

'oaob.nitrkl.ac.in' images reprocessed

ତାହାଙ୍କୁ ଆବରଣ ତଳେ ଲୁଚାଇ ରଖିଥିବା ଏକ ଦାନବୀ କଂବା ରାକ୍ଷସୀ ଶକ୍ତରୁହିଁ ପରମ ଦ୍ରବ୍ୟସ୍ୱରୂପ ବୋଲି ଭ୍ରମ କରିଥାନ୍ତି । ଏପରିକ କେତେକେତେ ଧର୍ମର ପ୍ରତିଷ୍ଠାତାମାନେ ମଧ୍ୟ ପରମ ଦ୍ରବ୍ୟସ୍ୱରୂପ ବୋଲି କହି ଭେଦଳ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଈଶ୍ୱରପ୍ରତିମୂର୍ତ୍ତିକୁ ଆଣି ବସାଇ ଦେଇଛନ୍ତି, ଏକ ସୃଷ୍ଟିସ୍ଥ ବା ଜାଗତିକ ଈଶ୍ୱରଙ୍କର ସ୍ଥାପନା କରିଛନ୍ତି, ଆଜ୍ଞଙ୍କ ଏବଂ ଦଣ୍ଡଧାନର ଏକ ଈଶ୍ୱରକୁ ଆଣି ଠିଆ କରାଇ ଦେଇଛନ୍ତି ବା ସାର୍ବିକ ପ୍ରେମ, କରୁଣା ତଥା ପୁଣ୍ୟର ଏକ ଦେବତାର ପ୍ରତିଷ୍ଠା କରିଛନ୍ତି ଏବଂ ତେଣେ ସତେଅବା ପରମ ଅଦ୍ୱୟ ଏବଂ ଶାଶ୍ୱତଙ୍କର ଆଦୌ କୌଣସି ଦର୍ଶନଲାଭ ନକରିଥିଲ ପରି ବୋଧ ହେଇଛନ୍ତି । ସେମାନେ ପରମେଶ୍ୱରଙ୍କର ଯେଉଁପରି କଳ୍ପନା କରୁଛନ୍ତି, ପରମେଶ୍ୱର ସେଇଟିକୁହିଁ ସ୍ୱୀକାର କରନେଉଛନ୍ତି ଏବଂ ସେହି ମାଧ୍ୟମଟି ଦେଇହିଁ ସେ ସେମାନଙ୍କ ମଧ୍ୟରେ କାର୍ଯ୍ୟ କରୁଛନ୍ତି; ମାତ୍ର, ସେହି ଗୋଷ୍ଠିର ଶକ୍ତିମନ୍ତ୍ରୀହିଁ ସେମାନଙ୍କର ଅପରିପକ୍ୱ ପ୍ରକୃତିଟି ମଧ୍ୟରେ ଅନୁଭୂତ ହେଉଥିବାରୁ ଏବଂ କାର୍ଯ୍ୟ କରୁଥିବାରୁ କଣ୍ଠୁ ତଥାପି ଅନ୍ୟମାନଙ୍କ ତୁଳନାରେ ଅଧିକ ସଘନ ଭାବରେ ଅନୁଭୂତ ହେଉଥିବାରୁ ଏବଂ କାର୍ଯ୍ୟ କରୁଥିବାରୁ, ଅହଂଭାବର ପ୍ରେରକ ଭବ୍ତିଟି ମଧ୍ୟ ଅନ୍ୟମାନଙ୍କ ତୁଳନାରେ ସେହିମାନଙ୍କ ମଧ୍ୟରେହିଁ ଅଧିକ ସଘନ ହୋଇ ପାରୁଛି । ଏକ ଊର୍ଦ୍ଧ୍ୱାସ୍ଥିତ ବ୍ୟକ୍ତିତ ବା ସାର୍ବିକ ଅହଂ ସେମାନଙ୍କୁ ତଥାପି ଆପଣାର ଅଧୀନ କରି ରଖିଛି ଏବଂ ସେମାନଙ୍କ ମଧ୍ୟରେ ତଥା ସମଗ୍ର ପରମସତ୍ତାଟି ମଧ୍ୟରେ ଅନ୍ତର୍ଗତ ହୋଇ ଠିଆହୋଇଛି । ଯଥାର୍ଥ ଏବଂ ପୂର୍ଣ୍ଣ ଅନୁଭୂତିଠାରୁ ଅନେକ ଦୂରରେ ରହିଥିଲେ ମଧ୍ୟ ତଥାପି ଏହାକୁ ମଧ୍ୟ ଅବଶ୍ୟ କିଛି ନା କିଛି ବୋଲି କୁହାଯିବ, ଏକ ଆରମ୍ଭ ବୋଲି କୁହାଯିବ । ଯେଉଁମାନେ ମାନବଜୀବନର କୌଣସି ନା କୌଣସି ବନ୍ଧନକୁ ଖୋଜିଦିଅନ୍ତି, ମାତ୍ର ଯେଉଁମାନଙ୍କ ଭିତରେ ଆବଶ୍ୟକ ଶୁଦ୍ଧତା ନଥାଏ କଂବା ଜ୍ଞାନ ବି ନଥାଏ, ସେମାନଙ୍କୁ ତ ଆହୁରି ଅଧିକ ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ିଥାଏ; କାରଣ ସେମାନେ ମଧ୍ୟ ନମିତ୍ତରୂପେ ବ୍ୟବହୃତ ହୋଇପାରନ୍ତି, ମାତ୍ର ପରମେଶ୍ୱରଙ୍କର ନମିତ୍ତ ହୋଇପାରନ୍ତି ନାହିଁ । ମାତ୍ର ଅନେକ ସମୟରେ ସେମାନେ ମଧ୍ୟ ତାଙ୍କର ନାମଟିକୁ ବ୍ୟବହାର କରନ୍ତି, ଅତ୍ୟନ୍ତ ଅସତେଜ ଭାବରେ ତାଙ୍କର ମୁଖାଗୁଡ଼ାକରିହିଁ ସେବା ଖଟିବାରେ ଲାଗିଥାନ୍ତି, ତାଙ୍କର ଜାଲମ ବିପଞ୍ଜଗୁଡ଼ିକର ଅର୍ଥାତ୍ ଅନ୍ଧକାରଶକ୍ତିଗୁଡ଼ିକରହିଁ ପରିଚର୍ଯ୍ୟା କରୁଥାନ୍ତି ।

ଆମର ପ୍ରକୃତ ସେହି ବିଶ୍ୱଗତ ସାମର୍ଥ୍ୟ ଲାଗି ଏକ ସ୍ପନ୍ଦନ ହୋଇ ରହିବ ସତ୍ତ, ମାତ୍ର ଆପଣାର ନମ୍ନତର ବିଭାବଟିରେ ସେ କଦାପି ତାହା ଲାଗି ଆସ୍ଥାନ କରି ରଖିବ ନାହିଁ, ଆପଣାର ସ୍ୱଜନିକ ଅଥବା ସାର୍ବିକ ଗତିସ୍ପନ୍ଦନ ମଧ୍ୟରେ ତାକୁ ବାଧ କରି ରଖିବ ନାହିଁ । ତାହାକୁ କେବଳ ସେହି ବିଶ୍ୱଗତ ପରମ ଇଚ୍ଛାରହିଁ ପରିଚର୍ଯ୍ୟା କରିବାକୁ ହେବ, ମାତ୍ର ଏକ ବୃହତ୍ତର ବିମୋଚକ ଜ୍ଞାନର ଆଲୋକରେହିଁ ସେ ସେହି

'oaob.nitrkl.ac.in' images reprocessed

ପରିଚର୍ଯ୍ୟା କରିବ । ନମିତ ହୋଇ ରହିବାର ଜୀବନଦୃଷ୍ଟିଟି ମଧ୍ୟରେ କୌଣସିପ୍ରକାରର ଅହଂଭାବ ଲଗି କୌଣସି ସ୍ଥାନ ରହିବ ନାହିଁ; ଏପରିକ ଆମେ ଆମ ଭିତରେ ଥିବା ସେହି ପରମ ସାମର୍ଥ୍ୟଟିର ବୃହତ୍ତ୍ୱ ବିଷୟରେ ପୂର୍ଣ୍ଣଭାବରେ ସଚେତନ ହୋଇ ରହିଥିବା ସମୟରେ ମଧ୍ୟ ତଥାପି ଅହଂଭାବ ଲଗି ଆଦୌ କୌଣସି ସ୍ଥାନ ରହିବ ନାହିଁ । ଜାଣତରେ ହେଉ ଅଥବା ଅଜାଣତରେ ହେଉ, ପ୍ରତ୍ୟେକ ମନୁଷ୍ୟ ସେହି ଏକ ବିଶ୍ୱଗତ ସାମର୍ଥ୍ୟରହିଁ ଗୋଟିଏ ସାଧନ ହୋଇ ରହିଥାଏ; ଏବଂ କୌଣସି ଗୋଟିଏ ତଥା ଅନ୍ୟ କାର୍ଯ୍ୟ ମଧ୍ୟରେ ଏବଂ କୌଣସି ଗୋଟିଏ ତଥା ଅନ୍ୟ ପ୍ରକାରର ସାଧନ ମଧ୍ୟରେ କେବଳ ଅନ୍ତରସ୍ଥ ସାନ୍ନିଧ୍ୟଟିକୁ ଛାଡ଼ିଦେଲେ ଆଉ ଏପରି କୌଣସି ମୌଳିକ ପାର୍ଥକ୍ୟ ନଥାଏ, ଯାହାକି ଅହଂଗତ ଅଭିମାନର ନିବୋଧତାଟିକୁ ଉଚିତ ବୋଲି ଦେଖାଇ ଦେଇ ପାରିବ । ଜ୍ଞାନ ତଥା ଅଜ୍ଞାନ ମଧ୍ୟରେ କେବଳ ଏକ ଭଗବତ୍ କୃପାରହିଁ ପାର୍ଥକ୍ୟ ରହିଥାଏ । ଭଗବତ ସାମର୍ଥ୍ୟର ନିଶ୍ୱାସବାୟୁ ଯାହାକୁ ଆଧାର ରୂପେ ବାଛିନିଏ, ତାହା ସେହିଠାରେହିଁ ବହିବାରେ ଲାଗେ; ଏବଂ ଆଜି ଜଣକୁ ତଥା କାଲି ଆଉଜଣକୁ ଆପଣାର ବାଣୀ ଓ ବଳ ଦ୍ୱାରା ପରିପୂର୍ଣ୍ଣ କରିଦିଏ । ଯଦି କୁମ୍ଭକାର ଗୋଟିଏ ପାତ୍ରକୁ ଆଉ ଗୋଟିଏ ପାତ୍ରଠାରୁ ଅଧିକ ପୂର୍ଣ୍ଣତା ଦେଇ ଗଢ଼େ, ତେବେ ତାହାର ଶ୍ରେଷ୍ଠତ୍ୱ ପାତ୍ରକୁ ନଯିଳି କେବଳ ସେହି କୁମ୍ଭକାରକୁହିଁ ମିଳିବ । "ଏଇଟି ହେଉଛି ମୋର କର୍ତ୍ତାମତ," ବା "ଈଶ୍ୱରଙ୍କର କର୍ତ୍ତାମତକୁ ମୋ ଭିତରେ ଅନାଇ ଦେଖ,"—ଆମ ମନରେ ଜଗିପି ଏପରି ଏକ ଦୃଷ୍ଟିଭଙ୍ଗୀ ରହିବା ଉଚିତ ନୁହେଁ । ମାନ, ତା' ବଦଳରେ, "ଏକ ଦିବ୍ୟ ସାମର୍ଥ୍ୟହିଁ ଏହି ମନ ତଥା ଶରୀର ଭିତରେ କାର୍ଯ୍ୟ କରୁଛି, ଏବଂ ଠିକ୍ ତାହାହିଁ ସବୁ ମନୁଷ୍ୟ ତଥା ଇତରପ୍ରାଣୀଙ୍କ ମଧ୍ୟରେ କାର୍ଯ୍ୟ କରୁଛି, ଉଦ୍ଭିଦ ଓ ଧାତୁ ମଧ୍ୟରେ କାର୍ଯ୍ୟ କରୁଛି, ସଚେତନ ଓ ଜୀବନଧାତ୍ରୀ ବସ୍ତୁ-ଗୁଡ଼ିକ ମଧ୍ୟରେ ତଥା ଜଣ୍ଟେତନ ଓ ଜୀବନହୀନ ପରି ପ୍ରତୀତ ହେଉଥିବା ବସ୍ତୁଗୁଡ଼ିକ ଭିତରେ ମଧ୍ୟ କାର୍ଯ୍ୟ କରିବାରେ ଲାଗିଛି"—ମନର ଦୃଷ୍ଟି ଏହିପରି ହେବା ଉଚିତ । ସେହି ପରମ ଅଦ୍ୱିତୀୟହିଁ ସମସ୍ତଙ୍କ ଭିତରେ କାର୍ଯ୍ୟ କରୁଛନ୍ତି ଏବଂ ସମଗ୍ର ବିଶ୍ୱଜଗତ ଏକ ଦିବ୍ୟ ନିଶ୍ୱାସକ୍ରିୟା ଏବଂ ନମିକ ଆତ୍ମ-ଅଭିବ୍ୟକ୍ତିର ସମାନ ଭିତରେ ଏକ ନମିତରୂପେ ଅବସ୍ଥିତ ରହିଛି;—ଏହି ବୃହତ୍ତର ଦୃଷ୍ଟିଟି ଯଦି ଆମର ସମ୍ପୂର୍ଣ୍ଣ ଅନୁଭୂତି ହୋଇ ରହିପାରେ, ତେବେ ତାହାହିଁ ଆମ ଭିତରୁ ସ୍ୱାଜସିକ ସକଳ ଅହଂଭାବକୁ କାଢ଼ି ଫୋପାଡ଼ି ଦେବାରେ ସହାୟକ ହୋଇ ରହିବ ଏବଂ ଏପରିକ ଆମର ସାତ୍ତ୍ୱିକ ଅହଂବୋଧଟି ମଧ୍ୟ ଆମ ପ୍ରକୃତି ମଧ୍ୟରୁ ନମଶଃ ଅପସରି ଯିବାକୁ ଆରମ୍ଭ କରିବ ।

ଅହଂର ଏହି ରୂପଟି ଦୂରୀକୃତ ହୋଇଗଲେ ତାହା ଆମକୁ ସିଧା ସେହି ନମିତ୍ତବାଚୀ କାର୍ଯ୍ୟଟି ଆଡ଼କୁ ବାଟ ଦେଖାଇ ନେଇଯିବ, ଆମେ ତାହାକୁହିଁ ଏକ

'oaob.nitrkl.ac.in' images reprocessed

ପୂର୍ଣ୍ଣ କର୍ମଯୋଗର ସଂକ୍ଷିପ୍ତ କଥା ବୋଲି ଜାଣିବା । ତାରଣ ଯେତେବେଳେ ଆମେ ଏକ ନମିତ୍ତରୂପେ ବ୍ୟବହୃତ ହେଉଛୁ ବୋଲି ଆପଣାର ଅହଙ୍କାରଟିକୁ ପୋଷଣ ଦେଇ ରଖିଥିବା, ସେତେବେଳେ ଆମେ ଆପଣା ପାଖରେ ରୁଏତ ଆପଣାକୁ ପରମ ଦ୍ରବ୍ୟସ୍ୱରୂପଙ୍କର ଚେତନାଯୁକ୍ତ ନମିତ୍ତ ବୋଲି ବସ୍ତୁର କଣ ଏକ ଛଳନା ବି କରି ବାହାରିବା । ମାତ୍ର ବସ୍ତୁତଃ ଆମେ ସେତେବେଳେ ଦ୍ରବ୍ୟ ପରମଶକ୍ତିକୁହିଁ ଆମ ନଜ ବାସନାର ତଥା ଆମର ଅହଂପ୍ରେରିତ ଉଦ୍ଦେଶ୍ୟଟିର ଏକ ଯନ୍ତ୍ର ବା ନମିତ୍ତ କରି ରଖିବାକୁ ଚେଷ୍ଟା କରୁଥିବା । ଏବଂ ଏପରିକ ଯେତେବେଳେ ଅହଂ ଆତ୍ମତ୍ୱକୁ ଅତି ସାରିଥିବ ମାତ୍ର ବିଲୁପ୍ତ ହୋଇ ନଥିବ, ସେତେବେଳେ ଆମେ ଦ୍ରବ୍ୟ କର୍ମରେ ଗୋଟିଏ ଗୋଟିଏ ଇଞ୍ଜିନ୍ ପରି କେଶ୍ ଭାମ କରିପାରିବା ସତ, ମାତ୍ର ତଥାପି ବଡ଼ ଅପୂର୍ଣ୍ଣଣତ୍ତ ଗୋଟିଏ ଗୋଟିଏ ସାଧନ ହୋଇ ରହିଥିବା ଏବଂ ସେହି କର୍ମଟିକୁ ଆପଣାର ମନୋଗତ ଭାନ୍ତି, ଆପଣାର ପ୍ରାଣପ୍ରେରିତ ବିକୃତ ବା ଆମର ଏହି ଜଡ଼ସ୍ଥ ପ୍ରକୃତିର ଅନମନୀୟ ଅସାମର୍ଥ୍ୟଗୁଡ଼ିକ ଦ୍ୱାରା ପଥଚ୍ୟୁତ ଏବଂ ବିପନ୍ନ କରିଦେବାରେ ଲଗିଥିବା । ଯଦି ଏହି ଅହଂଟି ସମ୍ପୂର୍ଣ୍ଣ ଭାବରେହିଁ ଅନ୍ତର୍ହିତ ହୋଇଯାଏ, ତେବେ ଆମେ ଯଥାର୍ଥ ଭାବରେ ଯେ ଗୋଟିଏ ଗୋଟିଏ ଶୁଦ୍ଧ ନମିତ୍ତରୂପେ ଆମକୁ ପରିଚାଳିତ କରି ନେଉଥିବା ସେହି ଦ୍ରବ୍ୟ ପରମ ହସ୍ତର ପ୍ରତ୍ୟେକ ନିର୍ଦ୍ଦେଶରେହିଁ ସମ୍ମତି ଦେବାରେ ଲଗିଥିବା ତା' ନୁହେଁ, ମାତ୍ର ଆମେ ଆମର ଯଥାର୍ଥ ପ୍ରକୃତିଟି ବିଷୟରେ ସନ୍ଧ ସଜ୍ଞାନ ହୋଇ ଉଠିବା, ସେହି ପରମା ଶକ୍ତି ଦ୍ୱାରା ତାହାର କାର୍ଯ୍ୟସାଧନ ସକାଶେ ତାହାର ମଧ୍ୟରେ ପ୍ରସାରିତ ହୋଇ ରହିଥିବା ସେହି ଏକ ପରମ ଶାଶ୍ୱତ ଏବଂ ପରମ ଅନନ୍ତଙ୍କର ଗୋଟିଏ ଗୋଟିଏ ସଚେତନ ଅଂଶରେହିଁ ପରିଣତ ହୋଇଯିବା ।

ଆମର ନମିତ୍ତରୂପୀ ଅହଂଟିକୁ ଦ୍ରବ୍ୟା ପରମଶକ୍ତିଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେଇ ସାରିବା ପରେ ଆମକୁ ଆଉରି ଏକ ବୃହତ୍ତର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ । ସେହି ଗୋଟିଏ ବିଶ୍ୱବ୍ୟାପ୍ତ ସାମର୍ଥ୍ୟହିଁ ଆମକୁ ତଥା ସକଳ ପ୍ରାଣୀଙ୍କୁ ମନ, ପ୍ରାଣ ଏବଂ ଜଡ଼ର ଭୂମିଗୁଡ଼ିକରେ ପରିପ୍ରେରିତ କରି ରଖିଛୁ, ପରମା ଶକ୍ତିଙ୍କ ବିଷୟରେ କେବଳ ଏତିକ ଜାଣିଲେହିଁ ତାହା କଦାପି ଯଥେଷ୍ଟ ହେବ ନାହିଁ । କାରଣ ଏଇଟି ହେଉଛୁ ପ୍ରକୃତିର ନିମ୍ନତର ଭୂମି, ଏବଂ ଦ୍ରବ୍ୟ ପରମ ଜ୍ଞାନ, ପରମ ଆଲୋକ ତଥା ପରମ ସାମର୍ଥ୍ୟ ସେଠାରେ ପ୍ରଚ୍ଛନ୍ନ ହୋଇ ରହିଥିଲେହେଁ ଓ ଅଜ୍ଞାନ ମଧ୍ୟରେ ନିହିତ କରୁଥିଲେହେଁ, ସେଗୁଡ଼ିକ ଯେ ସେହି ପ୍ରକୃତିର ଆବରଣଟିକୁ ଆଂଶିକ ଭାବରେ ଭାଙ୍ଗିଦେଇ ପାରିବେ ଏବଂ ସେଗୁଡ଼ିକର ଯଥାର୍ଥ ସ୍ୱରୂପଟିର କିୟଦଂଶକୁ ପ୍ରକଟ କରିଦେଇ ପାରିବେ, ଊର୍ଦ୍ଧ୍ୱଦେଶରୁ ଅବତୀର୍ଣ୍ଣ ହୋଇ ଆସି

'oaob.nitrkl.ac.in' images reprocessed

ନମ୍ରତର ସ୍ତରର ଏହି ଯାବତୀୟ ନିସ୍ୱାସ୍ପକତାକୁ ଉତ୍ତୋଳିତ କରିନେଇ ପାରିବେ, ଏପରି ଏକ ସମ୍ଭାବନା ସବୁବେଳେ ରହିଥିଲେହେଁ, ତଥାପି, ଅଧ୍ୟାତ୍ମଭାବ ଦ୍ୱାରା ସଞ୍ଜୀବିତ ଏକ ମନ, ଏକ ପ୍ରାଣିକ ଗତିସ୍ପନ୍ଦନ ତଥା ଦେହଗତ ଚେତନା ମଧ୍ୟରେ ଆମେ ସେହି ପରମ ଅଦ୍ୱୟସ୍ୱରୂପଙ୍କୁ ଉପଲବ୍ଧି କରି ପାରୁଥିଲେ ମଧ୍ୟ, ପରିଣତିଶୀଳ ଅଂଶଗୁଡ଼ିକରେ ଏକ ଅପୂର୍ଣ୍ଣତା ରହିବାହିଁ ରହିବ । ସର୍ବୋଚ୍ଚ ପରମ ସାମର୍ଥ୍ୟଟିଏ ପ୍ରତ୍ୟେକ ବ୍ୟକ୍ତି କରିପାରିଥିବା ପ୍ରତିସ୍ପନ୍ଦନଟିରେ ଏକ ସ୍ଖଳନ ରହିଥିବ, ଦିବ୍ୟ ପରମସ୍ୱରୂପଙ୍କର ମୁଖକୁ ଲୁଚାଇ ରଖିଥିବା ଏକ ଆବରଣ ରହିଥିବ ଏବଂ ଅଜ୍ଞାନଟିହିଁ ସବୁ କ୍ଷେତ୍ରରେ ଅନେକ ପ୍ରକାରେ ମିଶ୍ରିତ ହୋଇ ରହିଥିବ । ଏହି ନମ୍ରତର ପ୍ରକୃତିକୁ ଅତିକ୍ରମ କରି ରହିଥିବା ତାହାର ସାମର୍ଥ୍ୟଗତ ସତ୍ତ୍ୟର ଭୂମିଟିରେହିଁ ଆମେ ଯେତେବେଳେ ସେହି ପରମା ଦିବ୍ୟଶକ୍ତିଙ୍କ ଉଦ୍ଦେଶ୍ୟରେ ଆପଣାକୁ ଉନ୍ମୋଚିତ କରିଦେଇ ପାରିବା, ସେତେବେଳେ ଯାଇ ଆମେ ତାଙ୍କର ସାମର୍ଥ୍ୟ ତଥା ଜ୍ଞାନର କ୍ଷେତ୍ରରେ ପୂର୍ଣ୍ଣ ପରିଣତ ସାଧନରୂପେ ବ୍ୟବହୃତ ହୋଇପାରିବା ।

କେବଳ ମୁକ୍ତଲଭହିଁ ନୁହେଁ, ମାତ୍ର ପରିପୂର୍ଣ୍ଣତା ମଧ୍ୟ କର୍ମଯୋଗରେ ଆମର ଲକ୍ଷ୍ୟ ହୋଇ ରହିବ । ପରମ ଦିବ୍ୟତା ଆମର ପ୍ରକୃତି ମଧ୍ୟଦେଇ କାର୍ଯ୍ୟ କରିବାରେ ଲଗିଛି, ଆମର ପ୍ରକୃତି ଅନୁସାରେହିଁ କାର୍ଯ୍ୟ କରୁଛି । ଯଦି ଆମର ପ୍ରକୃତିରେ ଅପୂର୍ଣ୍ଣତା ଥାଏ, ତେବେ ସେହି କର୍ମଟି ମଧ୍ୟ ଅପୂର୍ଣ୍ଣ ହୋଇ ରହିବ, ନାନାମିଶ୍ରିତ ଓ ଅସଂପେକ୍ଷ ହୋଇ ରହିବ । ଏପରିକ ତାହା ସ୍ଥୂଳ ନାନା ଭ୍ରାନ୍ତି, ମିଥ୍ୟା, ନୈତିକ ଦୁର୍ବଳତା ଓ ବିଚ୍ୟୁତକାଣ୍ଡ କେତେକେତେ ପ୍ରଭାବ ଦ୍ୱାରା ବ୍ୟାହତ ମଧ୍ୟ ହୋଇ ରହିବ । ସେତେବେଳେ ମଧ୍ୟ ଆମ ଭିତରେ ପରମ ଦିବ୍ୟତାର କର୍ମଟି ତଥାପି ସମାହିତ ହେବାରେ ଲାଗିଥିବ, ମାତ୍ର ତାହା ଆମର ଦୁର୍ବଳତାଟି ଅନୁସାରେ ସମାହିତ ହେଉଥିବ, ତାହାର ଛନ୍ଦମୂଳରେ ଥିବା ଶବ୍ଦମଞ୍ଜି ଏବଂ ଶୁଦ୍ଧତାଟି ଦ୍ୱାରା ସମାହିତ ହୋଇପାରୁ ନଥିବ । ଯଦି ଆମର ଯୋଗ ଏକ ପୂର୍ଣ୍ଣଯୋଗ ହୋଇ ନଥାନ୍ତା, ଯଦି ଆମେ ଆମର ଭିତରେ କେବଳ ଏହି ଆତ୍ମସମ୍ପତ୍ତିରହିଁ ମୂଳ ଲଗି ଅଭିଳାଷ ରଖିଥାନ୍ତେ ବା ପ୍ରକୃତିଠାରୁ ଅଲଗା ହୋଇ ରହିଥିବା ପୁରୁଷର ସେହି ଗତିସ୍ପନ୍ଦନଖାନ ଅତିକ୍ରମ ଲଗିହିଁ ଇଚ୍ଛା କରୁଥାନ୍ତେ, ତେବେ ଉତ୍ତ୍ୟାତ୍ମକତାର କ୍ଷେତ୍ରରେ ରହିଥିବା ଅପୂର୍ଣ୍ଣତା ଦ୍ୱାରା ଦୁଏତ ଆମର ସେତେ ବେଶୀ କୌଣସି କ୍ଷତି ହୁଅନ୍ତା ନାହିଁ । ସ୍ଥିର ଓ ଶାନ୍ତ ରହି, ବଶ୍ୟତ୍ୱ ନହୋଇ, ନୈଷ୍କର୍ମ୍ୟ ତଥା ଆନନ୍ଦରୁ ମୁକ୍ତ ରହି, କୌଣସିପ୍ରକାର ପୂର୍ଣ୍ଣତା ବା ଅପୂର୍ଣ୍ଣତା, ଦୋଷ ବା ଗୁଣ, କିଂବା ପାପ ବା ପୁଣ୍ୟକୁ ଆମର ବୋଲି ଗ୍ରହଣ କରିବାକୁ ଅସ୍ୱୀକାର କରି, ପ୍ରକୃତିର ଗୁଣଗୁଡ଼ିକହିଁ ସେହି ଗୁଣଗୁଡ଼ିକର କ୍ଷେତ୍ରରେ କାର୍ଯ୍ୟକାରୀ ହୋଇ ରହି ଏହି ନାନାମିଶ୍ରିତତାର ଲୀଳା କରୁଛନ୍ତି ବୋଲି ଜାଣି, ଆମେ ସେତେବେଳେ ଚିଦ୍ଗତତାର ନୀରବ ସ୍ଥିତିଟି ମଧ୍ୟକୁ ଆପଣାକୁ ବେଶୀ

'oaob.nitrkl.ac.in' images reprocessed

ଅପସ୍ୱଗ୍ଇ ନେଇଯାଆନ୍ତେ ଏବଂ ଶୁଦ୍ଧ ତଥା ନିର୍ଲିପ୍ତ ରହ୍ ବେବଳ ସାକ୍ଷୀରୂପେହିଁ ପ୍ରକୃତ୍ତର ସାବତ୍ତାସ୍ୱ ନିସ୍ୱା ଉପରେ ଅବଲ୍ଲେକନ କରପାର୍ନ୍ତେ । ମାନ ପୁଣ୍ଣୋପଲବ୍ଧିର ଏକ ସାଧନାରେ ଏଇଟିକୁ ସମ୍ପୂର୍ଣ୍ଣ ପଥରେ କେବଳ ଗୋଟିଏ ପଦକ୍ଷେପ ଦୋଲହିଁ କୁହାଯିବ, ଆମର ସବଂଶ୍ରେଷ୍ଠ ବଶ୍ରାନ୍ତସ୍ଥଳ ବୋଲ୍ କଦାପି କୁହାଯିବ ନାହିଁ । କାରଣ ପୂର୍ଣ୍ଣଯୋଗରେ କେବଳ ପରମ ଚଦ୍ଗଚ୍ଚତ୍ତାର ନଶ୍ଚଳତାର କ୍ଷେତ୍ରଟିରେହିଁ ଯେ ଏକ ଦ୍ରବ୍ୟ ଉପଲବ୍ଧି ଆମର ଧେସ୍ୱ ହୋଇ ରହ୍ଥାଏ ତା' ନୁହେଁ, ପ୍ରକୃତ୍ତର ସାବତ୍ତାସ୍ୱ ଗତଶ୍ଚଳନରେ ମଧ୍ୟ ଏକ ଦ୍ରବ୍ୟ ଉପଲବ୍ଧି ଆମର ଧେସ୍ୱ ହୋଇ ରହ୍ଥାଏ । ଏବଂ, ଆମ କର୍ମର ପ୍ରତ୍ୟେକ ପଦକ୍ଷେପରେ, ପ୍ରତ୍ୟେକ ଗତି ତଥା ଆକୃତ୍ତରେ, ଆମ ଫଳଲ୍ଭର ପ୍ରତ୍ୟେକଟି ପ୍ରବୃତ୍ତିରେ, ଆମର ପ୍ରତ୍ୟେକ ଜ୍ୱବନାରେ, ଅନୁଭୂତ୍ତରେ ତଥା ଆବେଗରେ ଆମେ ଯେପର୍ଯନ୍ତ ସେହ୍ ପରମ ଦ୍ରବ୍ୟସ୍ୱରୂପଙ୍କର ଉପସ୍ଥିତ ଏବଂ ଶକ୍ତିକୁ ଅନୁଭବ କରପାଶ ନଥାଉ, ସେତେବେଳ ଯାଏ ଆମର ସେହ୍ ଧେସ୍ୱଟି କଦାପି ସମ୍ପୂର୍ଣ୍ଣ ଜ୍ୱବରେ ସିଦ୍ଧ ହୋଇପାରେ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଗୋଟିଏ ଅର୍ଥରେ ଦେଖିଲେ ଅଜ୍ଞାନର ପ୍ରକୃତ୍ତଟି ଭିତ୍ତରେ ମଧ୍ୟ ଆମେ ସେଇଟିକୁ ଅବଶ୍ୟ ଅନୁଭବ କରପାରୁ, ମାନ ସେତେବେଳେ ଆମେ ଦ୍ରବ୍ୟ ପରମ ଶକ୍ତିମନ୍ତ୍ର ଏବଂ ପରମ ଉପସ୍ଥିତର କେବଳ ଛଦ୍ମବେଶଟାକୁହିଁ ଦେଖିବାକୁ ପାଉ, ତାହାର ଏକ ଖଣ୍ଡାକୃତ୍ତ ଫସ୍ଫରଣକୁହିଁ ଦେଖୁ, ଏକ ନମ୍ନତ୍ତର ପ୍ରତିରୂପହିଁ ଦେଖୁ । ମାନ ଆମେ ଏହାଠାରୁ ଅନେକ ଅଧିକ ଦାବି କର ବାହାଣଛୁ; ଆମେ ଦାବ କରୁଛୁ ଯେ ଆମର ପ୍ରକୃତ୍ତ ସେହ୍ ପରମ ଦ୍ରବ୍ୟତ୍ତାରହିଁ ଏକ ସାମର୍ଥ୍ୟ ହୋଇ ରହ୍ବ, ସେହ୍ ପରମ ଦ୍ରବ୍ୟତ୍ତାରହିଁ ସତ୍ତ୍ୟରେ, ଆଲେକରେ, ସେହ୍ ଶାଶ୍ୱତ ଆତ୍ମଚେତ୍ତନ ପରମ ଇଚ୍ଛାର ସାମର୍ଥ୍ୟଟିରେ ଏବଂ ପୂର୍ଣ୍ଣପରପୂର୍ଣ୍ଣ ଜ୍ଞାନର ସେହ୍ ପ୍ରଶସ୍ତ ବ୍ୟାପ୍ତିଟି ମଧ୍ୟରେହିଁ ତାହା ସେହ୍ ପରମ ଦ୍ରବ୍ୟତ୍ତାର ଏକ ବଭୂତ୍ତ ହୋଇ ରହ୍ବ ।

ଅହଂର ଆବରଣଟି ଅପସର ଯିବା ପରେ, ପ୍ରକୃତ୍ତର ଆବରଣଟି ମଧ୍ୟ ଦୂରଯିବ ତଥା ଆମର ମନ, ପ୍ରାଣ ଓ ଦେହ୍ ଉପରେ ଶାସନ କରୁଥିବା ସେହ୍ ପ୍ରକୃତ୍ତର ନମ୍ନସ୍ଥ ଗୁଣଚସ୍ୱର ଆବରଣଟି ମଧ୍ୟ ଅପସର ଯିବ । ଅହଂର ସାବତ୍ତାସ୍ୱ ସୀମା ନମଶଃ ଲୁପ୍ତ ହୋଇଯିବାକୁ ଆରମ୍ଭ କରବା ସଙ୍ଗେସଙ୍ଗେ ଆମେ ସେହ୍ ଆବରଣଟିର ନମ୍ନାଂଶ ପ୍ରକୃତ୍ତରେ କପର ଜ୍ୱବରେ ହୋଇଛୁ, ସେକଥା ଦେଖିବାକୁ ପାଇବା, ଆମ ଭିତ୍ତରେ ବଶ୍ୱପ୍ରକୃତ୍ତର ନିସ୍ୱାଟିକୁ ଆବଷ୍କାର କରପାରବା; ଏବଂ ସେହ୍ ବଶ୍ୱପ୍ରକୃତ୍ତଟି ମଧ୍ୟରେ ବା ତାହାର ପୃଷ୍ଠଭୂମିରେ ଆମେ ସେହ୍ ପରମ ବଶ୍ୱାତ୍ମସତ୍ତା ତଥା ବଶ୍ୱବ୍ୟାପ୍ତ ଈଶ୍ୱରଙ୍କର ସକଳ ଗତ୍ୟାତ୍ମକତାର ଉପସ୍ଥିତିଟିକୁ ମଧ୍ୟ ଅନୁଭବ କରବାକୁ ଆରମ୍ଭ କରବା । ନମ୍ନିଭୂମିର ପରମ ପ୍ରଭୁ ଏହ୍ ସବୁକଛୁ ନିସ୍ୱାତ୍ମକତାର ପଛରେ ଠିଆହୋଇ ରହ୍ଥାନ୍ତି, ଏବଂ ଏପରକ ସେହ୍ ନିସ୍ୱାତ୍ମକତାଟି ଭିତ୍ତରେ ମଧ୍ୟ ତାଙ୍କର ସ୍ପର୍ଶଟି ନହ୍ଡ

'oaob.nitrkl.ac.in' images reprocessed

ହୋଇ ରହିଥାଏ, ପଥପ୍ରଦର୍ଶନ ବା ସ୍ତବଗାନ କରୁଥିବା ଏକ ବୃନ୍ଦର ପରମ ପ୍ରଭୁଙ୍କର ପରିକ୍ରମା ମଧ୍ୟ ନଜର ହୋଇ ରହିଥାଏ । ସେତେବେଳେ ଆମେ ଆଉ କୌଣସି ଅଙ୍ଗ ଅଥବା ଅଙ୍ଗଶକ୍ତିର ପରିଚର୍ଯ୍ୟା କରୁ ନାହିଁ; ଆମେ ସେତେବେଳେ କେବଳ ସେହି ନଖିଲ-ପ୍ରପ୍ତାଙ୍କରହିଁ ଆଦେଶପାଳନ କରୁଥାଉ, ତାଙ୍କର ସ୍ତବଗାନରତ ଆବେଗଟିର ବୋଲ ମାନୁଥାଉ । 'ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ ଯଥା ନିଯୁକ୍ତୋଽସ୍ମି ତଥା କରୋମି,'—ସେତେବେଳେ ଆମେ ପ୍ରତ୍ୟେକ ପଦରେ ଏହି ସଂସ୍କୃତ ଶ୍ଲୋକଟିର ଭାଷାରେ ଆପଣାର ସବୁ କଥା କହୁଥାଉ । ମାନ ତଥାପି ଏହି ନିସ୍ପତ୍ତି ମଧ୍ୟ ଦୁଇଟି ଭିନ୍ନ ଭିନ୍ନ ପ୍ରକାରର ହୋଇପାରେ; ଗୋଟିଏ କେବଳ ଆଲୋକନଯୁକ୍ତ ହୋଇ ରହିଥାଏ ଏବଂ ଅନ୍ୟଟି ରୂପାନ୍ତରିତ ହୋଇ ଏକ ବୃହତ୍ତର ପଦ୍ଧତିକୁ ମଧ୍ୟକୁ ଉତ୍ସୋଳିତ ହୋଇ ଯାଇଥାଏ । କାରଣ, ଆମେ ଆପଣା ପ୍ରକୃତିଟି ଦ୍ୱାରା ବଧିତ ତଥା ଅନୁଧାବିତ ହୋଇ ନଜର କର୍ମମାର୍ଗଟିରେ ବେଶ୍ ଘୂରି ଯାଇଥାଇ ପାରୁ ଏବଂ ଯେଉଁଠି ପ୍ରଥମେ ଆମେ ପ୍ରକୃତ ତଥା ଚାହାର ଅଙ୍ଗଗତଚାରୁପୀ ଭ୍ରାନ୍ତିଟି ଦ୍ୱାରା କେବଳ 'ଯନ୍ତ୍ରାରୂଢ଼ ପରି ଘୂରିତ ହେବାରେ ଲଗିଥିଲୁ,' ବର୍ତ୍ତମାନ ସେହି କ୍ଷେତ୍ରରେ ଏହି ଯନ୍ତ୍ରଟିର ନିସ୍ପାର ପ୍ରକୃତ ସ୍ୱରୂପ କ'ଣ ଏବଂ ଏହି ନିସ୍ପାଟିର ପଛରେ ଆମେ ଯାହାଙ୍କୁ ଅନୁଭବ କରିପାରୁଛୁ, ସେହି ଯାବତୀୟ ନିସ୍ପାର ସ୍ୱାମୀ ଆପଣାର ଜାଗତିକ ପ୍ରସ୍ପୋଜନଟି ଲଗି ସେହି ନିସ୍ପାଟିକୁ କପଣ ଭାବରେ ଜାମରେ ଲଗାଇଛନ୍ତି, ସେକଥାଟିକୁ ମଧ୍ୟ ଆମେ ପୁଣି ଭାବରେ ରୁଟିବା ଲଗି ସମର୍ଥ ହେଉ । ଆଧାତ୍ମିକ ଭାବ ଦ୍ୱାରା ଅନୁପ୍ରେରିତ ମନର ସ୍ତରରେ ବସ୍ତୁତଃ ମହା ମହା ଅନେକ ଯୋଗୀ ଏହି ସୋପାନଟି ଯାଏ ପହଞ୍ଚି ପାରିଛନ୍ତି । ମାନ ସବୁବେଳେ ଯେ କେବଳ ଏହିଯାଏ ଆସିବାହିଁ ସମ୍ଭବ ହେବ, ସେ କଥା କଦାପି ନୁହେଁ; କାରଣ ଏହାଠାରୁ ଆହୁରି ବୃହତ୍ତର ଏକ ଆଧାତ୍ମିକ ସମ୍ଭାବନା ମଧ୍ୟ ଅବଶ୍ୟ ରହିଛି, ଏହି ଅଧ୍ୟାତ୍ମଭାବ-ପ୍ରେରିତ ମନଟିର ଆହୁରି ସେପାଖକୁ ଆରୋହଣ କରି ଯାଇପାରିବା ମଧ୍ୟ ଅବଶ୍ୟ ସମ୍ଭବ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସେହି ପରମା ଜନନୀଙ୍କର ଆଧାରଭୂତ ଦିବ୍ୟ ସତ୍ତ୍ୟ-ସାମର୍ଥ୍ୟଟିର ଜୀବନ୍ତ ଉପସ୍ଥିତିରେ ଆପଣାର ଯାବତୀୟ କର୍ମ କରିବା ମଧ୍ୟ ଅବଶ୍ୟ ସମ୍ଭବ ହୋଇପାରେ । ସେତେବେଳେ ଆମର ସବୁକିଛି ଚତ୍ୟାତ୍ମକତା ସେହି ଜନନୀଙ୍କର ଏକାତ୍ମକତାଟି ସହିତ ଏକରୂପ ହୋଇଯାଏ, ତାହାର ମଧ୍ୟରେ ଲୀନ ହୋଇଯାଏ, ଆମର ଇଚ୍ଛା ତାହାର ଇଚ୍ଛା ସହିତ ଏକ ହୋଇଯାଏ, ଆମର ସକଳ ଶକ୍ତିସମୂହ ତାହାର ଶକ୍ତିସମୂହରେ ବିଲୀନ ହୋଇଯାଏ; ସେତେବେଳେ ଆମେ ତାହାକୁ ଏକ ପରମା ପ୍ରଜ୍ଞାଶକ୍ତିରୂପେ ଅଭିବ୍ୟକ୍ତ ହୋଇଥିବା ସେହି ପରମ ଦିବ୍ୟସ୍ୱରୂପରୂପେହିଁ ଆମର ମଧ୍ୟଦେଇ କାର୍ଯ୍ୟ କରୁଥିବାର ଅନୁଭବ କରିବାକୁ ଲଗୁ । ସେତେବେଳେ ଆମେ ଆମର ରୂପାନ୍ତରିତ ମନ, ପ୍ରାଣ ଓ ଦେହ ବିଷୟରେ ସଜ୍ଞାନ ହୋଇଯାଉ,

'oaob.nitrkl.ac.in' images reprocessed

ସେମାନଙ୍କର ଅଙ୍ଗୀଭୂତ ହୋଇ ରହିଥିବା ଏକ ପରମ ଆଲୋକ ଏବଂ ପରମ ଶକ୍ତିମତ୍ତାର ସଞ୍ଚରଣପଥରୂପେ ସେଗୁଡ଼ିକୁ ଅନୁଭବ କରୁ; ସେହି ପରମ ଆଲୋକ ତଥା ଶକ୍ତିମତ୍ତା ଆପଣାର ଜ୍ଞାନଭୂମିରେ ବଶ୍ୱାଙ୍ଗୀଭୂତ ଏବଂ ସମ୍ପୃକ୍ତ ହୋଇ ରହିଥାଏ, ତେଣୁ ଆପଣାର ପଦକ୍ଷେପଗୁଡ଼ିକରେ ପ୍ରମାଦରହିତ ହୋଇ ରହିଥାଏ । ସେତେବେଳେ ଆମେ ଏହି ଆଲୋକ ଏବଂ ସାମର୍ଥ୍ୟ ଲଗି କେବଳ ଗୋଟିଏ ଗୋଟିଏ ଗ୍ରହଣପାତ୍ର, ସଞ୍ଚାରପଥ ଅଥବା ସାଧନମାତ୍ର ହୋଇ ରହିବା ନାହିଁ; ମାତ୍ର ଏକ ପରମ ଓ ଉତ୍କୃଷ୍ଟତ ସ୍ଥାସ୍ୱୀ ଅନୁଭବର ଭୂମିରେ ଆମେ ତାହାର ଏକ ଅଂଶରେହିଁ ପରିଣତ ହୋଇଯିବା ।

ଏହି ସଂଶ୍ଳେଷ ପରିପୂର୍ତ୍ତିରେ ଆସି ପହଞ୍ଚିବାର ପୂର୍ବରୁ ମଧ୍ୟ ଆପଣାର ସାବଘାସ୍ୱ କର୍ମରେ ସେହି ପରମ ଦିବ୍ୟସ୍ୱରୂପଙ୍କ ସ୍ୱହସ୍ତ ନିଶ୍ଚୟ ସମ୍ମିଳିତ ହୋଇ ରହିପାରୁ; ତାଙ୍କର ସାପ୍ତତ୍ତମ ଜ୍ଞାନଭାଗୁଡ଼ିକର ଦେଶରେ ନହେଲେ ମଧ୍ୟ ତାଙ୍କର ଜରତିଶସ୍ୱ ବସ୍ତାରଗୁଡ଼ିକରେ ତାଙ୍କ ସ୍ୱହସ୍ତ ସଂଯୁକ୍ତ ହୋଇ ରହିପାରୁ । କାରଣ, ସେତେବେଳେ ଆମେ କେବଳ ପ୍ରକୃତିକୁ ଦେଖୁ ନାହିଁ କିମ୍ବା କେବଳ ତାହାର ଗୁଣଗୁଡ଼ିକୁହିଁ ଦେଖୁ ନାହିଁ; ମାତ୍ର, ଆମର ଦେହଗତ ସକଳ ଗତିସ୍ପନ୍ଦନରେ, ଆମର ସ୍ନାୟୁଗତ ଏବଂ ସ୍ରାଣିକ ସକଳ ପ୍ରତିକ୍ରିୟାରେ ଓ ଆମର ମନୋଗତ ସାବଘାସ୍ୱ କ୍ରିୟାରେ ଆମେ ଦେହ, ମନ ତଥା ପ୍ରାଣଠାରୁ ବୃତ୍ତତ୍ତର ଏପଣ୍ଡ ଗୋଟିଏ ପରମ ସାମର୍ଥ୍ୟ ବସ୍ତୁରେ ସଚେତନ ହୋଇଉଠୁ, ସାହାକି ଆମର ଏହି ସୀମିତଶକ୍ତି ସାଧନଗୁଡ଼ିକୁ ଆପଣା ହାତରେ ନେଇ ସେଗୁଡ଼ିକର ସାବଘାସ୍ୱ ଗତିକୁ ପରିଶୁଦ୍ଧତ କରିବାରେ ଲଗିଥାନ୍ତି । ସେତେବେଳେ ଆମେ ନିଜେ ଆଉ କୌଣସିପ୍ରକାରେ ଗତି କରୁଛୁ, ଘୁରୁଛୁ କିମ୍ବା ଅନୁଭବ କରୁଛୁ ବୋଲି ଜାଣୁ ନାହିଁ; ଆମ ଭିତରେ ରହି କେବଳ ସେଇ ସବୁଆଡ଼େ ବିଚରଣ କରୁଛନ୍ତି, ଘୁରୁଛନ୍ତି ତଥା ଅନୁଭବ କରୁଛନ୍ତି ବୋଲି ଜାଣିଥାଉ । ଆମେ ଅନୁଭବ କରୁଥିବା ଏହି ସାମର୍ଥ୍ୟଟି ହେଉଛି ସେହି ପରମ ଦିବ୍ୟସ୍ୱରୂପଙ୍କରହିଁ ବଶ୍ୱଗତ ସାମର୍ଥ୍ୟ; ଆବରଣ ତଳେ ରହିଥାଉ କିମ୍ବା ଆବରଣମୁକ୍ତ ହୋଇ ରହିଥାଉ, ଅପରୋକ୍ଷ ଭାବରେ କାର୍ଯ୍ୟ କରୁଥାଉ ଅଥବା ବଶ୍ୱଜଗତସ୍ଥ ସତ୍ତାଗୁଡ଼ିକୁ ଆପଣାର ସାବଘାସ୍ୱ ସାମର୍ଥ୍ୟକୁ ବ୍ୟବହାର କରିବା ଲଗି ଅନୁମତି ଦେଇ ରଖିଥାଉ ପଛକେ, କେବଳ ସେହି ଗୋଟିଏ ପରମ ସାମର୍ଥ୍ୟ ବା ଶକ୍ତିମତ୍ତାହିଁ ସବୁଠାରେ ଅବସ୍ଥିତ ରହିଛନ୍ତି ଏବଂ ତାହାହିଁ ବଶ୍ୱଗତ ତଥା ବ୍ୟକ୍ତିଗତ ସାବଘାସ୍ୱ କ୍ରିୟାକୁ ସମ୍ଭବ କରିପାରୁଛନ୍ତି । କାରଣ ଏହି ଶକ୍ତିଟିକୁ ଆମେ ଆପଣା ବ୍ରହ୍ମର ରୂପରେ ସ୍ୱୟଂ ସେହି ପରମ ଦିବ୍ୟସ୍ୱରୂପ ବୋଲିହିଁ ଜାଣିବା; ସବୁକିଛି କେବଳ ସେହି ଶକ୍ତି, କର୍ମର ଶକ୍ତି, ଭାବନା ଓ ଜ୍ଞାନର ଶକ୍ତି, ଅଧିକାରଲଭର ଶକ୍ତି, ଭୋଗର ଶକ୍ତି ତଥା ପ୍ରେମର ଶକ୍ତି । ଆମେ ସଦ୍ଦା ଓ ସକଳ ବସ୍ତୁରେ ଚେତନାଯୁକ୍ତ ହୋଇ ରହିବା, ଆମ ନିଜ ଭିତରେ ତଥା ଅନ୍ୟମାନଙ୍କ ମଧ୍ୟରେ ଚେତନାଯୁକ୍ତ ହୋଇ ରହିବା,

'oaob.nitrkl.ac.in' images reprocessed

ଆପଣାଠାରୁ ଅଭିନ୍ନ ଏହି ପରମ ସାମର୍ଥ୍ୟଟି ମଧ୍ୟରେ ଅଧିକାଶ୍ଚ ହୋଇ ରହିଥିବା, ବାସ କରୁଥିବା ଏବଂ ଉପଭୋଗ କରୁଥିବା ସକଳ କର୍ମର ପରମ ଅଧୀଶ୍ୱରଙ୍କ ବିଷୟରେହିଁ ଆମେ ଚେତନାଯୁକ୍ତ ହୋଇ ରହିବା ଏବଂ ସେହି ପରମ ସାମର୍ଥ୍ୟଟିର ମଧ୍ୟଦେଇ ସକଳ ସତ୍ତା ଏବଂ ସକଳ ଘଟଣାରେ ପରିଣତ ହୋଇ ରହିଥିବା ତାଙ୍କର ବିଷୟରେ ଚେତନାଯୁକ୍ତ ହୋଇ ରହିବା; ଏବଂ ତାହା ଫଳରେହିଁ ଆମେ କର୍ମର ପଥ ଦେଇ ସେହି ଦିବ୍ୟ ସମ୍ମିଳନରେ ଆସି ପହଞ୍ଚିବା ଏବଂ ଅନ୍ୟମାନେ ସମସ୍ତେ ଅନନ୍ୟା ଭକ୍ତି ଏବଂ ଶୁଦ୍ଧ ଜ୍ଞାନର ପଥ ଦେଇ ଯାହାକିଛୁ ପ୍ରାପ୍ତ ହୋଇଛନ୍ତି, କର୍ମର ମଧ୍ୟଦେଇ ଆମେ ଠିକ୍ ସେହିପରି ପରିପୂର୍ଣ୍ଣତାର ଅଧିକାଶ୍ଚ ହୋଇପାରିବା । ମାତ୍ର ସେଠାରେ ଆହୁରି ଏକ ପଦକ୍ଷେପ ଆମକୁ ତଥାପି ଆହ୍ୱାନ କରିବାରେ ଲଗିଥିବ, ଏହି ବିଶ୍ୱଗତ ଏକାତ୍ମକତାରୁ ପରବର୍ତ୍ତୀ ଦିବ୍ୟ ପରମ ବିଶ୍ୱାତୀତତାର ଏକାତ୍ମକତା ମଧ୍ୟକୁ ଆରୋହଣ କରିଯିବା ଲଗି ଆମକୁ ଆହ୍ୱାନ କରିବାରେ ଲଗିଥିବ । ଆମ କର୍ମର ତଥା ଆମ ଜୀବନର ପରମ ଅଧୀଶ୍ୱର କେବଳ ଏଇଠି ଆମର ଭିତରେ ରହିଥିବା ଏକ ପରମ ଦେବମୂର୍ତ୍ତି ନୁହନ୍ତି; ସେ କେବଳ ଏକ ବିଶ୍ୱମୟ ପରମ ଚିଦ୍‌ରୂପତା ନୁହନ୍ତି କିମ୍ବା କୌଣସି ଗୋଟାଏ ପ୍ରକାରର ବିଶ୍ୱବ୍ୟାପ୍ତ ପରମ ସାମର୍ଥ୍ୟ ମଧ୍ୟ ନୁହନ୍ତି । ସକଳ ବସ୍ତୁରେ ଈଶ୍ୱରଙ୍କର କଳ୍ପନା କରୁଥିବା ଏକପ୍ରକାର ଭାବନା ସାଧାରଣତଃ ଯେଉଁଲି ବିଶ୍ୱାସ କରିବାକୁ ପ୍ରବୃତ୍ତ ହୋଇଥାଏ, ବିଶ୍ୱଜଗତ ଏବଂ ପରମ ଦିବ୍ୟତା ଗୋଟିଏ ଅଭିନ୍ନ ବସ୍ତୁ ବା ଏକା ଜିନିଷ କଦାପି ନୁହନ୍ତି । ବିଶ୍ୱଜଗତ ହେଉଛି ଏକ ଜିନିଷ ହୋଇଥିବା ବସ୍ତୁ, ତାହା ଆଉ ଗୋଟିଏ ଏପରି ବସ୍ତୁ ଉପରେ ନିର୍ଭର କରି ରହିଛି ଯାହାକି ସେହି ବିଶ୍ୱଜଗତ ମଧ୍ୟରେ ଆପଣାକୁ ପ୍ରକଟ କରି ରଖିଛି, ଅଥଚ ତାହା ଦ୍ୱାରା କୌଣସିପ୍ରକାରେ ସୀମିତ ହୋଇପଡ଼ୁ ନାହିଁ । ପରମ ଦିବ୍ୟତା କେବଳ ଏହିଠାରେହିଁ ନାହାନ୍ତି; ଏସବୁର ଅତୀତ ହୋଇ ମଧ୍ୟ ଏକ ଭୂମି ରହିଛି, ଏକ ଅବସ୍ଥିତି ରହିଛି, ଏକ ଶାଶ୍ୱତ ବିଶ୍ୱାତୀତତା ରହିଛି । ବ୍ୟକ୍ତିସତ୍ତାଟି ମଧ୍ୟ ଆପଣାର ଚିଦ୍‌ଗତ ଅଂଶଟିରେ କେବଳ ସେହି ବିଶ୍ୱଗତ ଅସ୍ତିତ୍ୱ ମଧ୍ୟରେହିଁ ରୂପାୟିତ ହୋଇ ରହି ନାହିଁ, ଆମର ଅହଂ, ଆମର ମନ, ଆମର ପ୍ରାଣ ଏବଂ ଆମର ଶରୀର ଠିକ୍ ସେହିପରି ଗୋଟିଏ ଗୋଟିଏ ରୂପାୟନ ହୋଇ ରହିଛନ୍ତି । ମାତ୍ର ଆମ ଭିତରେ ଅବସ୍ଥିତ ପରିବର୍ତ୍ତିନରହିତ ଚିନ୍ମୟ ଭାଗଟି ଅର୍ଥାତ୍ ଏହି ଅନନ୍ୟାଣୀ ଆତ୍ମାଟି କେବଳ ପରମ ବିଶ୍ୱାତୀତତା ମଧ୍ୟରୁହିଁ ଉଦ୍‌ଭୂତ ହୋଇ ଆସିଛି ।

*

ସେହି ପରମ ବିଶ୍ୱାତୀତ, ଯିଏକି ସକଳ ଜଗତ ଏବଂ ସକଳ ପ୍ରକୃତିକୁ ଅତିକ୍ରମ କରି ଅବସ୍ଥିତ ରହିଛି ଏବଂ ତଥାପି ଜଗତ ତଥା ତାହାର ପ୍ରକୃତିର

'oaob.nitrkl.ac.in' images reprocessed

ଅଧିକାଶ୍ୱ ହୋଇ ରହିଛୁ, ଆପଣାର କସ୍ୱଦଂଶକୁ ସାଙ୍ଗରେ ଧର ଯିଏ ଜଗତ ଓ ପ୍ରକୃତ ମଧ୍ୟକୁ ଅବଗାର୍ତ୍ତ ହୋଇ ଆସିଛୁ ଏବଂ ଛାଡ଼ା ଏପର୍ଯ୍ୟନ୍ତ ଯାହା ହୋଇପାର ନାହିଁ, ତାହାକୁ ସେହିପର ଏକ ଆକାର ଦେଇ ଗଢ଼ୁଛୁ, ସେଇ ହେଉଛୁ ଆମ ଜୀବନର ପରମ ଜଦାନ, ଆମର ଯାବତୀସ୍ୱ କର୍ମର ମଧ୍ୟ ପରମ ଜଦାନ ଏବଂ ସେସବୁର ପରମ ଅଧୀଶ୍ୱର । ମାନ ସେହି ବଶ୍ୱାତୀତ ପରମ ଚେତନା ଆମ ଊର୍ଦ୍ଧ୍ୱରେ ଦବ୍ୟ ପରମାତ୍ମିଦ୍ୱର ଏକ ପରମସ୍ଥିତ ମଧ୍ୟରେହିଁ ବର୍ତ୍ତମାନ ରହିଛୁ, ଏବଂ ଠିକ୍ ସେହି ସ୍ଥାନରେ ପରମ ଶକ୍ତିମନ୍ତ୍ର, ପରମ ସତ୍ତ୍ୟ ତଥା ଶାଶ୍ୱତଙ୍କର ପରମ ଆନନ୍ଦଟି ମଧ୍ୟ ଅବସ୍ଥିତ ରହିଛୁ । ସେଇଟି ବସ୍ତୁରେ ଆମର ମନ ଆଦୌ କୌଣସି କଳ୍ପନା କରପାରୁ ନାହିଁ, ଆମର ବୃହତ୍ତ୍ୱମ ଆଧ୍ୟାତ୍ମିକ ଅନୁଭୁତିଟି ମଧ୍ୟ ଆମର ଏହି ଅଧ୍ୟାତ୍ମଭବ ଦ୍ୱାର୍ ସଞ୍ଚାରିତ ମନ ତଥା ହୃଦସ୍ୱରେ ତାହାର ଏକ ଶବ୍ଦାତୁତ ପ୍ରତିଫଳନ ମାନ କରପାରୁଛୁ, ଏକ କ୍ଷୀଣ ଚ୍ଛାୟାମାନ ପକାଇ ପାରୁଛୁ, ଏକ ସରୁଆ ଶାଖାଟି ପର ହୋଇଛୁ । ତଥାପି, ଏଇଥିରୁ ଉଦ୍‌ଭୁତ ହୋଇଥିବା ଜ୍ୟୋତି, ଶକ୍ତି, ଆନନ୍ଦ ତଥା ସତ୍ତ୍ୟର ଗୋଟିଏ ପ୍ରକାରର ଏକ ସ୍ପର୍ଶବର୍ତ୍ତି ପ୍ରଜ୍ଞମଣ୍ଡଳ ମଧ୍ୟ ବଦ୍ୟମାନ ରହିଛୁ, ଯାହାକୁ କ ପ୍ରାଚୀନ ଭବ୍ତୁଦ୍ରଷ୍ଟାମାନେ ଏକ ଦବ୍ୟ ପରମ ଋତ-ଚିତ୍, ଏକ ଅତିମାନସ ବା ବଜ୍ଞାନ ବୋଲି କହି ଯାଇଛନ୍ତି । ଅଜ୍ଞାନରୁ ଉଦ୍‌ଭୁତ ହୋଇ ଆସୁଥିବା ଏକ ନମ୍ନତର ଚେତନାର ଏହି ଜଗତଟି ସହିତ ସେହି ବଜ୍ଞାନର ପ୍ରଚ୍ଛନ୍ନ ସମ୍ପର୍କ ରହିଛୁ, ସେହି ବଜ୍ଞାନହିଁ ଏହି ଜଗତଟିକୁ ଧାରଣ କରି ରହିଛୁ ଏବଂ ଏକ ବଘଟନମସ୍ୱ ଅଗ୍ରଜକତା ମଧ୍ୟରେ ଆସି ପଡିତ ହେବାରୁ ତାହାକୁ ବଞ୍ଚାଇ ରଖିଛୁ । ଯେଉଁସବୁ ଶକ୍ତିକୁ ଆମେ ବଜ୍ଞାନ, ସଂବୋଧି ବା ଆଲୋକନ ବୋଲି କହି ବର୍ତ୍ତମାନ ସନ୍ଧାନ କରୁଛୁ, ସେଗୁଡ଼ିକୁ ସେଗୁଡ଼ିକର ପରିପୂର୍ତ୍ତି ତଥା ପ୍ରକୃଳ ଉତ୍ସରୂପେ ଅବସ୍ଥିତ ରହିଥିବା ବୃହତ୍ତ୍ତର ଆଲୋକଟିର କେବଳ କେତେକ କ୍ଷୀଣତର ପ୍ରକାଶ ବୋଲି କୁହାଯାଇ ପାରବ; ଏବଂ ସଂବୋଚ ମନୁଷ୍ୟବୁଦ୍ଧି ତଥା ଏଇଟି ଭିତରେ ଆତ୍ମେହଧର୍ମୀ ଚେତନାର ଏକାଧିକ ସ୍ତର ଅବସ୍ଥିତ ରହିଛୁ, ସଂବୋଚ ମନୋଗତ ତଥା ଅଧିମାନସ ଏପର ଅନେକ ସୋପାନ ରହିଛୁ, ସେଠାରେ ଯାଇ ପହିଞ୍ଚିବା ପୁଂରୁ ଅର୍ଥାତ୍ ଏହି ଭୂମିଟିକୁ ଏହାର ବୃହତ୍ତ୍ତା ଏବଂ ମହିମାକୁ ଅବଗାର୍ତ୍ତ କରି ଆଣିବା ପୁଂରୁ ଯେଉଁଗୁଡ଼ିକ ଉପରେ ଆମକୁ ବଜଶ୍ୱଲତ କରିବାକୁ ପଡ଼ିବ । ତଥାପି, ଯେତେ କଷ୍ଟସାପେକ୍ଷ ହେଲେହେଁ, ସେହି ଆତ୍ମେହଣ ଏବଂ ସେହି ବଜସ୍ୱଲତକୁହିଁ ଆମେ ମନୁଷ୍ୟ-ଆତ୍ମାର ଯଥାର୍ଥ ଜସ୍ୱତ ବୋଲି ଜାଣି ରଖିବା; ଏବଂ ସେହି ଆଲୋକମସ୍ୱ ଅବତରଣକୁ, ଅର୍ଥାତ୍ ସେହି ଦବ୍ୟ ପରମ ସତ୍ତ୍ୟକୁ ଏଠାକୁ ଅବଗାର୍ତ୍ତ କରି ନେଇ ଆସିବାକୁହିଁ ଏହି ପୃଥ୍ୱୀପ୍ରକୃତିର ନାନା କୁଚ୍ଛ୍ର ଦ୍ୱାର୍ ଆଲୋଡ଼ିତ ହୋଇ ରହିଥିବା ବବର୍ତ୍ତନଟିର ଅବଶ୍ୟମ୍ଭାବୀ ଅବସ୍ଥା ବୋଲି କହିବା । ସେହି ଅଭିପ୍ରେତ ପୁର୍ତ୍ତିଚରିତାର୍ଥତା ଦ୍ୱାରହିଁ

'oaob.nitrkl.ac.in' images reprocessed

ଏହି ବବର୍ତ୍ତନଟିର ଔଚ୍ଚ୍ୟଟି ସାର୍ଥକ ହୋଇପାରିବ, ଆମକୁ ଆମର ସଙ୍କୋଚ ଅବସ୍ଥାଟି ପ୍ରାପ୍ତ ହେବ ଏବଂ ତାହା ଆମ ପାର୍ଥିବ ଜୀବନର ତାତ୍ପର୍ଯ୍ୟଟିକୁ ପ୍ରତିପାଦିତ କରିଦେବ । କାରଣ, ଆମ ରହସ୍ୟମୟତାର ହୃଦୟଗହନରେ ସେହି ବଶ୍ୱାତୀତ ପରମ ଦିବ୍ୟସତ୍ତ୍ୟ ଆଗରୁହିଁ ପୁରୁଷୋତ୍ତମରୂପେ ଅବସ୍ଥିତ ରହିଥିଲେହେଁ ସେ ତାଙ୍କର କୁହୁକବତ୍ତ ଏହି ବଶ୍ୱବ୍ୟାପୀ ଯୋଗମାୟାଟିର କେତେକେତେ ଆବରଣ ତଥା ଛଦ୍ମମୁଖ ଦ୍ୱାରା ଆବୃତ ହୋଇ ରହିଛନ୍ତି । ଏହି ଶବ୍ଦର ମଧ୍ୟରେ ଏହି ଭୂମିରେହିଁ ଆତ୍ମାର ଆତ୍ମେହଣ ଏବଂ ବଜସ୍ୱପ୍ରାପ୍ତି ଦ୍ୱାରାହିଁ ସେହି ଛଦ୍ମାବରଣଗୁଡ଼ିକ ଖସି ପଡ଼ିଯିବ ଏବଂ ସୃଷ୍ଟିରୂପୀ ଭ୍ରମରେ ପରିଣତ ହୋଇ ଯାଇଥିବା ନାନା ଅର୍ଦ୍ଧସତ୍ୟର ଏହି ଭରଣୀସ୍ତମ୍ଭର ଅଡ଼ୁଆଟିର ସ୍ଥାନରେ ସେହି ସଙ୍କୋଚ ପରମ ସତ୍ୟର ଗତ୍ୟାତ୍ମକତାକୁ ଆଣି ପ୍ରତିଷ୍ଠିତ କରିଦେବ; ଏବଂ ହୃଦ୍‌ଭୁକ୍ତ ହୋଇ ଆସୁଥିବା ଏହି ଯେଉଁ ଜ୍ଞାନ ଜଡ଼ର ନଶ୍ଚେତନା ମଧ୍ୟକୁ ଡେଇଁପଡ଼ି ଧୀରେ ଧୀରେ ଓ ଅଳ୍ପ ଅଳ୍ପ କରି ଆପଣା ଆଡ଼କୁ ଲେଉଟି ଆସୁଥିବା ଏକ ପ୍ରବଳ ଅଜ୍ଞାନରେ ପରିଣତ ହୋଇଯାଏ, ସେଇଟି ସ୍ଥାନରେ ମଧ୍ୟ ସେଇ ପରମ ସତ୍ତ୍ୟର ଗତ୍ୟାତ୍ମକତାଟି ପ୍ରତିଷ୍ଠିତ ହେବାକୁ ଲାଗିବ ।

କାରଣ, ସକଳ ଅସ୍ତିତ୍ୱର ପଛରେ ଏହି ଜଗତରେ ବଜ୍ଞାନହିଁ ପ୍ରଚ୍ଛନ୍ନ ହୋଇ ଅବସ୍ଥିତ ରହିଥିଲେ ମଧ୍ୟ, ଏଠାରେ ପ୍ରକୃତରେ ସେହି ବଜ୍ଞାନ ନିସ୍ୱା କରୁ ନାହିଁ, ମାତ୍ର ଜ୍ଞାନ-ଅଜ୍ଞାନର ଏକ କୁହୁକହିଁ ନିସ୍ୱା କରିବାରେ ଲାଗିଛି, ଏକ ଅପରମେସ୍ୱ ଅଥଚ ଆପାତତଃ ସଜ୍ଜଡ଼ତ୍ୱ ଗ୍ଲାନ୍ତ ହୋଇ ରହିଥିବା ଏକ ଅଧିମାନସ ମାସ୍ୱା କାର୍ଯ୍ୟକାସ୍ତ ହୋଇ ରହିଛି । ଗୋଟିଏ ଦୃଷ୍ଟିରେ ଅନାଇ ଦେଖିଲ୍‌ବେଳେ ପରମ ତତ୍ତ୍ୟତା ଆମକୁ ଏକ ସମନ୍ତାତ୍ମିତ, ନିସ୍ତ୍ରିପ୍ତ ଏବଂ ନୈବ୍ୟକ୍ତିକ ପରମ ସାକ୍ଷୀ-ଆତ୍ମାରୂପେହିଁ ଦେଖାଯାଇଥାଏ, ସ୍ୱୟଂ ଅବ୍ୟବଚାଳିତ ରହି ସେହି ପୁରୁଷ ସକଳ କାର୍ଯ୍ୟରେ କେବଳ ସମ୍ମତିହିଁ ଦେଇଥାଏ ଏବଂ କୌଣସି ଗୁଣ, ବା ଦେଶ ଅଥବା କାଳ ମଧ୍ୟରେ ବାନ୍ଧହୋଇ ରହି ନାହିଁ । ତା'ର ସମର୍ଥନ ବା ଅନୁମତିଟି ପୂର୍ଣ୍ଣ ନିରପେକ୍ଷ ଭାବରେ ପରମ ବଶ୍ୱାତୀତ ଇଚ୍ଛା ଏହି ବଶ୍ୱଜଗତରେ ଆପଣାକୁ ପରିପୂର୍ଣ୍ଣ କରିବା ସକାଶେ ଥରେ ଅନୁମତି ବା କଞ୍ଚିତ୍ତ ଦେଇ ସାରିଥିବା ଯାବତୀୟ ନିସ୍ୱାର ଲୀଳାଟି ଲାଗି ପ୍ରଦତ୍ତ ହୋଇ ରହିଛି । ଏହି ସାକ୍ଷୀରୂପ ପରମ ଚିଦ୍‌ଗତତା, ବସ୍ତୁଗୁଡ଼ିକ ମଧ୍ୟରେ ଅବସ୍ଥିତ ଏହି ନଶ୍ଚଳ ଆତ୍ମସତ୍ତ୍ୱାଟି ସତେଅବା ଆପେ କୌଣସି ଇଚ୍ଛା କରୁଥିବା ପରି ବା କରୁହେଲେ ନିର୍ଦ୍ଧାରଣ କରୁଥିବା ପରି ଆଦୌ ମନେହେଉ ନାହିଁ; ମାତ୍ର ତଥାପି ଆମେ ବେଶ୍ ସଜ୍ଞାନ ହେବାକୁ ସମର୍ଥ ହେଉଛୁ ଯେ ତାହାର ଏହି ନିସ୍ତ୍ରିପ୍ତତା ଏବଂ ନୀରବ ଅବସ୍ଥିତିହିଁ ଯାବତୀୟ ବସ୍ତୁକୁ ଆପଣାର ଅଜ୍ଞାନ ଭିତରେ ମଧ୍ୟ ଏକ ଦିବ୍ୟ ଉଦ୍ଦେଶ୍ୟସାଧନ ଅଭିମୁଖରେ ଗତି କରିବା ଲାଗି ବାଧ୍ୟ କରି ରଖିଛି, ନାନା

'oaob.nitrkl.ac.in' images reprocessed

ବସ୍ତୁଜନ ମଧ୍ୟଦେଇ ସକଳ ବସ୍ତୁକୁ ଚାହିଁ ଏପର୍ଯ୍ୟନ୍ତ ତଥାପି ଅନୁପଲବ୍ଧ ହୋଇ ରହିଥିବା ଏକ ଅଭେଦ ଆଡ଼କୁ ଆକର୍ଷିତ କରି ଆଣିବାରେ ଲଗିଛୁ । କିନ୍ତୁ ଏହି କ୍ଷେତ୍ରରେ କୌଣସି ପରମ ଓ ଅଭାନ୍ତ ଦ୍ରବ୍ୟ ଇଚ୍ଛା ଅବସ୍ଥିତ ରହିଥିବା ପରି ଆଦୌ ମନେହେଉ ନାହିଁ, କେବଳ ବସ୍ତୁଲଚାର ସହିତ ବସ୍ତୁତ ହୋଇ ରହିଥିବା ଏକ ବଶ୍ୱଶକ୍ତି ଅଥବା ଏକ ଯାନ୍ତ୍ରିକ କାର୍ଯ୍ୟକାରୀ ପ୍ରକ୍ରିୟା ବା ପ୍ରକୃତିର ଶକ୍ତିହିଁ ଅବସ୍ଥିତ ରହିଛୁ । ଏଇଟି ହେଲ୍ଲ ବଶ୍ୱାତ୍ମାର ଗୋଟିଏ ଦିଗ; ଆର ଦିଗଟି ଆପଣାକୁ ଏକ ବଶ୍ୱମସ୍ୟ ଦ୍ରବ୍ୟଚାରୂପେ ଉପସ୍ଥାପିତ କରି ରଖିଛୁ, ସଗ୍ଗର ଭୂମିରେ ଏକ ହୋଇ ରହିଛୁ, ବ୍ୟକ୍ତିତ୍ୱବାପନ୍ନତା ଏବଂ ସୀମର୍ଥ୍ୟର ଭୂମିରେ ଅନେକ ହୋଇ ରହିଛୁ; ଏବଂ ଆମେ ଚାହାର ବଶ୍ୱଗତ ଯାବତୀୟ ସୀମର୍ଥ୍ୟର ଚେତନାଟି ମଧ୍ୟରେ ପ୍ରବେଶ କରିପାରିଲେ ଚାହାଁ ଆମ ଲଗି ଅନନ୍ତ ଗୁଣ, ଅନନ୍ତ ଇଚ୍ଛା, ଅନନ୍ତ କର୍ମ ଏବଂ ଏକ ବଶ୍ୱବ୍ୟାପୀ ଜ୍ଞାନ ତଥା ଏକ ଅଦ୍ୱୟ ଅଥଚ ଅଗଣିତ ଆନନ୍ଦର ଏକ ବୋଧକୁ ବହନ କରି ଆଣିବ । କାରଣ, ଚାହାର ମାଧ୍ୟମରେ ଆମେ ସକଳ ଅସ୍ତିତ୍ୱ ସହିତ କେବଳ ଯେ ସେମାନଙ୍କର ମର୍ମସାରଗତ ଭୂମିରେହିଁ ଏକାତ୍ମ ହୋଇପାରିବା ତା' ନୁହେଁ, ସେମାନଙ୍କ ସମୁଦାୟ ଜିୟାଲ୍ଲାଳିର ଭୂମିରେ ମଧ୍ୟ ଆମେ ସେଗୁଡ଼ିକ ସହିତ ଏକାତ୍ମତା ଅର୍ଜନ କରିପାରିବା, ଆମ ନଜକୁ ସବୁର ଭିତରେ ତଥା ସବୁଟିକୁ ଆମ ନଜ ଭିତରେ ଦେଖିବାକୁ ପାଇବା, ସକଳ ଜ୍ଞାନ, ସକଳ ଭାବନା ଏବଂ ସକଳ ଅନୁଭୂତିକୁ ସେହି ଏକ ପରମ ମନ ଏବଂ ପରମ ଦୃଦୟରହିଁ ନାନା ଗତ୍ୟାତ୍ମକତା ରୂପେ ଅନୁଭବ କରିବା, ସକଳ ଶକ୍ତିମତ୍ତା ଏବଂ ଜିୟାକୁ ସୀମର୍ଥ୍ୟଯୁକ୍ତ ଗୋଟିଏ ପରମ ଇଚ୍ଛାରହିଁ ଗତିଶୀଳତା ବୋଲି ଅନୁଭବ କରିବା, ସକଳ ଜଡ଼ତ୍ୱ ଓ ସକଳ ରୂପକୁ ସେହି ଏକ ପରମ ଶଶ୍ୱରଭାବଚାର କଣାରୂପେ ଦେଖିବା, ସକଳ ବ୍ୟକ୍ତିତ୍ୱକୁ ସେହି ଗୋଟିଏ ପରମ ପୁରୁଷଙ୍କରହିଁ ପ୍ରକ୍ଷେପଣ ବୋଲି ଜାଣିବା ଏବଂ ସକଳ ଅହଂକୁ ଅସ୍ତିତ୍ୱରେ ଅବସ୍ଥିତ ରହିଥିବା ସେହି ଗୋଟିଏ ମାତ୍ର ପ୍ରକୃତ 'ମୁଁ'ର ନାନା ବିକୃତ ବୋଲି ଜାଣିବାକୁ ପାଇବା । ଚାଙ୍କ ଭିତରେ ଆମେ ଆଉ ବିଚ୍ଛିନ୍ନ ଭାବରେ ଠିଆହୋଇ ରହିବା ନାହିଁ, ମାତ୍ର ବଶ୍ୱମସ୍ୟ ଗତ୍ୟାତ୍ମକତାଟି ମଧ୍ୟରେ ଆମର ଜିୟାଶୀଳ ଅହଂଟିକୁ ନେଇ ଲୀନ କରିଦେବା; ସେପର ସେହି ନର୍ତ୍ତୁଣ, ନଭ୍ୟନର୍ଲିପ୍ତ ଏବଂ ଅପାଶବଦ୍ଧ ପରମସାକ୍ଷୀଙ୍କ ଦ୍ୱାରା ଆମର ସ୍ଥିତଧର୍ମୀ ଅହଂଟି ବଶ୍ୱବ୍ୟାପ୍ତ ଶାନ୍ତିଟି ମଧ୍ୟରେ ଲୀନ ହୋଇଯାଏ, ଠିକ୍ ସେହିପର ।

ମାତ୍ର ତଥାପି ଏହି ଦୁଇଟିଯାକ ସ୍ଥିତି ମଧ୍ୟରେ ଏକ ପରସ୍ପରବରୋଧିତା ରହିଯାଏ, ଉଚ୍ଚସ୍ଥ ଦ୍ରବ୍ୟ ପରମ ନଶ୍ଚଳତା ଏବଂ ସଂଗ୍ରାତ୍ମ ଦ୍ରବ୍ୟ ଜିୟାତ୍ମକତାର ଦୁଇ ଅବସ୍ଥା ଭିତରେ ତଥାପି ଏକ ବରୋଧ ରହିଯାଏ । ଆମ ନଜ ଭିତରେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ଏବଂ ନିର୍ଦ୍ଦିଷ୍ଟ ପରମାଣରେ ଆମେ ଦୁଏତ ଏହି ବରୋଧଟିର ନଶ୍ଚକରଣ କରିପାରିବା,

'oaob.nitrkl.ac.in' images reprocessed

ଯାହାକି ଆମକୁ ଏକ ପରିପୂର୍ଣ୍ଣ ସମାଧାନ ଦେଇ ନଥାଏ, ମାତ୍ର ତଥାପି କଦାପି ପରିପୂର୍ଣ୍ଣ ହୋଇପାରିବ ନାହିଁ, କାରଣ ପରିପୂର୍ଣ୍ଣ ରୂପାନ୍ତର ତଥା ପରିପୂର୍ଣ୍ଣ ବିଜୟଲାଭ ଲାଗି ତାହା ମଧ୍ୟରେ ଆଦୌ କୌଣସି ସାମର୍ଥ୍ୟ ନଥିବ । ଏକ ବିଶ୍ୱମସ୍ତ ଶାନ୍ତି, ଆଲୋକ, ସାମର୍ଥ୍ୟ ଓ ଆନନ୍ଦ ଆମ ଲାଗି ଉପଲବ୍ଧି ହୋଇଥିବ ସତ, ମାତ୍ର ତାହାର ବାସ୍ତବ ଅଭିବ୍ୟକ୍ତି କଦାପି ସେହି ପରମ ଋତ-ଚିତ୍ ଅଥବା ବିଜ୍ଞାନର ଅଭିବ୍ୟକ୍ତି ହୋଇପାରିବ ନାହିଁ; ମାତ୍ର ତଥାପି, ଅତ୍ୟନ୍ତ ଚମତ୍କାର ଭିତରେ ବିମୋଚିତ, ଉତ୍ଥୋଳିତ ଏବଂ ଆଲୋକିତ ହୋଇ ରହିଥିଲେ ମଧ୍ୟ ତାହା ବିଶ୍ୱାତ୍ମକ ଚିତ୍‌ଗତଭାର କେବଳ ଏହି ବର୍ତ୍ତମାନ ଆତ୍ମ-ପ୍ରକାଶଶକ୍ତିକୁହିଁ ଧାରଣ କରି ରହିଥିବ । ଏକ ଯଥାର୍ଥ ବିଶ୍ୱାତୀତ ଅବତରଣ ପରି ତାହା କୌଣସି ରୂପାନ୍ତର ସମ୍ଭବ କରିବ ନାହିଁ, ଅଜ୍ଞାନସ୍ଥ ଏକ ଜଗତର ପ୍ରତ୍ନୋଲକାମସ୍ତ ପ୍ରତୀକଗୁଡ଼ିକରେ ଏବଂ ଆବରଣଯୁକ୍ତ ରହସ୍ୟଗୁଡ଼ିକରେ ତାହା ଆଦୌ କୌଣସି ରୂପାନ୍ତର ଘଟାଇ ପାରିବ ନାହିଁ । ଆମେ ନିଜେ ମୁକ୍ତ ହୋଇଥିବା ସତ, ମାତ୍ର ଜାଗତିକ ଚେତନା ପାଶବଦ୍ଧ ହୋଇ ରହିଥିବ; ଏବଂ କେବଳ ଆଡୁର ଏକ ବିଶ୍ୱାତୀତ ଆରୋହଣ ତଥା ଅବତରଣ ଏହି ବିରୋଧିକୁ ପୂର୍ଣ୍ଣ ଭିତରେ ନଗ୍ନକୃତ କରିଦେଇ ପାରିବ, ଯଥାର୍ଥ ରୂପାନ୍ତର ଏବଂ ଯଥାର୍ଥ ବିମୋଚନ ଆଣି ଦେଇଥିବ ।

କାରଣ, କର୍ମର ଅଧୀଶ୍ୱରଙ୍କ ମଧ୍ୟରେ ଆଡୁର ଏକ ତୃପ୍ତିସ୍ତ ଅତ୍ୟନ୍ତ ନିବିଡ଼ ଏବଂ ବ୍ୟକ୍ତିଗତ ବିଭିବ ବା ରୂପ ମଧ୍ୟ ରହିଛୁ, ଯାହାକି ଆମ ଲାଗି ତାଙ୍କର ସେହି ଉଦାତ୍ତତମ ପ୍ରଚ୍ଛନ୍ନ ରହସ୍ୟ ତଥା ଦିବ୍ୟ ପୁଲକଟି ମଧ୍ୟକୁ ଦ୍ୱାରଟିର ଉନ୍ମୋଚନ ଘଟାଇ ଦେଇପାରେ; କାରଣ, ସେହି ପ୍ରଚ୍ଛନ୍ନ ବିଶ୍ୱାତୀତତାର ରହସ୍ୟ ଏବଂ ବିଶ୍ୱଗତ ଗତିସ୍ପନ୍ଦନର ସେହି ରହସ୍ୟମସ୍ତ ଲୀଳାଟି ମଧ୍ୟରୁ ସେ ସେହି ଦିବ୍ୟତାର ଏପରି ଏକ ବ୍ୟକ୍ତିଗତ ସାମର୍ଥ୍ୟକୁ ପ୍ରତିମୁକ୍ତ କରିଦିଅନ୍ତି, ଯାହାକି ଏହି ଦୁଇଟିଯାକ ଭୂମି ମଧ୍ୟରେ ଏକ ସୁନିସ୍ଥାପନ କରିପାରେ ଏବଂ ଗୋଟିକରୁ ଆରଟିଯାଏ ପଡ଼ିଥିବା ଆମର ପଥଟି ଉପରେ ଏକ ସେତୁ ବାନ୍ଧିଦିଏ । ଏହି ବିଭିବଟିରେ ପରମ ଦିବ୍ୟତାର ବିଶ୍ୱାତୀତ ଏବଂ ବିଶ୍ୱଗତ ବ୍ୟକ୍ତିସୃଷ୍ଟି ଆମ ବ୍ୟଷ୍ଟିଜୀବାପନ୍ନ ବ୍ୟକ୍ତିସୃଷ୍ଟିର ଅନୁରୂପ ହୋଇ ରହିଥାଏ ଏବଂ ଆମ ସହିତ ଏକ ବ୍ୟକ୍ତିଗତ ସମ୍ବନ୍ଧସ୍ଥାପନକୁ ତାହା ସ୍ୱୀକାର କରିନିଏ; ଏକାଧାରରେ ଆମ ସହିତ ଆମର ସଙ୍ଗୋଚ ଆତ୍ମସତ୍ତ୍ୱରୂପେ ଏକାତ୍ମକ ହୋଇ ରହିଥାଏ ଏବଂ ତଥାପି ଆମର ପ୍ରଭୁ, ବନ୍ଧୁ, ପ୍ରେମିକ, ଶିକ୍ଷାଦାତା, ଆମର ଜନକ ଓ ଆମର ଜନନୀରୂପେ ଆମର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥାଏ, ଅଥଚ ଆମଠାରୁ ସ୍ୱତନ୍ତ୍ର ହୋଇ ରହିଥାଏ; ଏହି ବୃହତ୍ତ ବିଶ୍ୱ-ଲୀଳାରେ ଆମର ଲୀଳାସହଚର ହୋଇ ରହିଥାଏ ଓ ସମୁଦାୟ ଲୀଳାଟିରେ ଆମର ବନ୍ଧୁ ଓ ଶତ୍ରୁ, ସହାୟକ ଓ ପରପନ୍ଥୀର ଛଦ୍ମବେଶ ପିନ୍ଧି ରହିଥାଏ । ଆମକୁ ସ୍ପର୍ଶ ଓ ପ୍ରତ୍ୟାହତ କରୁଥିବା ସକଳ ସମ୍ବନ୍ଧ ତଥା

'oaob.nitrkl.ac.in' images reprocessed

ସକଳ ନିସ୍ୱାସ୍ଥକତାରେ ଉପସ୍ଥିତ ରହି ଆସିଥାଏ, ଆମର ପୂର୍ଣ୍ଣତାପ୍ରାପ୍ତି ଏବଂ ଆମର ବମୋଚନ ଉଦ୍ଦେଶ୍ୟରେ ଆମର ପଦକ୍ଷେପଗୁଡ଼ିକୁ ପରିଚାଳିତ କରି ଆସିଥାଏ । ଅଧିକ ବ୍ୟକ୍ତିଗତ ଏହି ଅଭିବ୍ୟକ୍ତି ମଧ୍ୟଦେଇ ଆମେ ସେହି ପୂର୍ଣ୍ଣ ବଶ୍ୱାପାତ ଅନୁଭୂତିର କୌଣସି ନା କୌଣସି ସମ୍ଭାବନା ମଧ୍ୟକୁ ପ୍ରବେଶାଧିକାର ଲାଭ କରୁ, କାରଣ ସେହି ବ୍ୟକ୍ତିରୂପଟି ମଧ୍ୟରେ ଆମେ କେବଳ ସେ ଏକ ବମୋଚିତ ସ୍ଥିତିବସ୍ଥା ଓ ଶାନ୍ତତା ରୂପରେ ସେହି ପରମ ଅଦ୍ୱୟଙ୍କର ସାକ୍ଷାତ ଲାଭ କରୁ ତାହା ନୁହେଁ, ଆମର ଯାବତୀୟ କର୍ମର ଭୂମିରେ ନିର୍ଦ୍ଦିଷ୍ଟ ଅଥବା ନିସ୍ୱାର୍ଣାଳ ଭିତରେ କେବଳ ଆପଣାର ନିବେଦନ କରିଦେଇ ବା ଆମକୁ ପରିପୂର୍ଣ୍ଣ କରି ଦେଉଥିବା ଓ ବାଟ ଦେଖାଇ ନେଉଥିବା ଏକ ପରମ ଜ୍ଞାନ ବା ପରମ ଶକ୍ତିମତ୍ତା ସହିତ ସମ୍ମିଳିତ ହୋଇ ରହିବାର ରହସ୍ୟଟି ମଧ୍ୟଦେଇ ଯେ ସେହି ସାକ୍ଷାତ ପାଇ ତା' ନୁହେଁ, ମାନ ମାରିବ ସାଷ୍ଟିଦୃଷ୍ଟିକୁ ତଥା ନିସ୍ୱାର୍ଣାଳ ବଶ୍ୱସାମର୍ଥ୍ୟକୁ ଅତିକ୍ରମ କରି ଛୁଟି ଯାଇଥିବା ଓ ଏକ ବୃହତ୍ତର ଆନନ୍ଦମୟ ରହସ୍ୟର ଏକ ଘ୍ରାଣାତ୍ମକ ପୂର୍ବେଦୃଷ୍ଟି ଲାଭ କରି ପାରୁଥିବା ସେହି ଦିବ୍ୟ ପରମ ପ୍ରେମ ତଥା ଦିବ୍ୟ ପରମ ଆନନ୍ଦର ଏକ ପରମୋଲ୍ଲାସ ଦ୍ୱାରା ମଧ୍ୟ ଆମେ ସେହି ତାଙ୍କର ସାକ୍ଷାତ ଲାଭ କରିବାକୁ ସମର୍ଥ ହେଉ ।

ମାନ ପରମ ଦିବ୍ୟସ୍ୱରୂପଙ୍କ ସହିତ ବ୍ୟକ୍ତିଗତ ସମ୍ବନ୍ଧର ପ୍ରତିଷ୍ଠା ହୋଇଯିବା ସଙ୍ଗେସଙ୍ଗେ ସଦ୍ଦା ବା ଆରମ୍ଭରୁହିଁ ଏକ ବ୍ୟାପ୍ତତମ ଉତ୍ତାରଲାଭ ଅଥବା ଏକ ଉଚ୍ଚତମ ଆତ୍ମ-ଅତିକ୍ରମଣ କାର୍ଯ୍ୟକାତ୍ମ ହୋଇଯାଏ ନାହିଁ । ପ୍ରଥମେ ଆମର ସମ୍ମୁଖର ଅତି ନିକଟବର୍ତ୍ତୀ ହୋଇ ରହିଥିବା ବା ଆମର ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ଏହି ଦେବତ୍ୱଟିକୁ କେବଳ ଆମର ବ୍ୟକ୍ତିଗତ ପ୍ରକୃତି ଏବଂ ଅନୁଭୂତିର ପରସ୍ପର ମଧ୍ୟରେହିଁ ସମ୍ପୂର୍ଣ୍ଣ ଭାବରେ ଅନୁଭବ କରିନୁଏ; ତାଙ୍କୁ ଆମର ଜଣେ ନାସ୍ତିକ ଓ ପ୍ରଭୁ ବୋଲି ଅନୁଭବ କରିନୁଏ, ପଥପ୍ରଦର୍ଶକ ଏବଂ ଶିକ୍ଷକ ବୋଲି ଅନୁଭବ କରିନୁଏ, ଜଣେ ପରମ ସଖା ଓ ପରମ ପ୍ରେମିକ ବୋଲି ଅନୁଭବ କରିନୁଏ, ଅଥବା ତା' ନହେଲେ ଏକ ପରମ ଚିଦ୍‌ଗତତ୍ତା, ପରମ ସାମର୍ଥ୍ୟ ବା ସାନ୍ନିଧ୍ୟ ବୋଲି ଅନୁଭବ କରିନୁଏ; ଆମର ଊର୍ଦ୍ଧ୍ୱାଭିମୁଖ ତଥା ଜମପ୍ରସାରଶୀଳ ଚିତ୍ତସ୍ପନ୍ଦନଟିକୁ ନିୟନ୍ତ୍ରଣ କରି ସେ ସେଇଟିକୁ ହୃଦସ୍ଥ ତାଙ୍କର ଅନ୍ତରଙ୍ଗ ସତ୍ତାଟିର ବଳରେ ଉତ୍ତୋଳିତ କରି ନେଉଥାନ୍ତି ଅଥବା ଏପରକି ଆମର ଉଚ୍ଚତମ ବୃତ୍ତିଟିର ଉପରୁ ମଧ୍ୟ ଆମ ପ୍ରକୃତିକୁ ଶାସନ କରିବାରେ ଲାଗିଥାନ୍ତି । ଆମର ବ୍ୟକ୍ତିଗତ ବିବର୍ତ୍ତନଟିହିଁ ତାଙ୍କର ଏକମାତ୍ର ଧନ୍ଦା ହୋଇ ରହିଥାଏ, ଏକ ବ୍ୟକ୍ତିଗତ ସମ୍ବନ୍ଧସ୍ଥାପନହିଁ ଆମର ଆନନ୍ଦ ଓ ପୂର୍ଣ୍ଣ ଚରିତାର୍ଥତା ହୋଇ ରହିଥାଏ, ଏବଂ ଆମ ପ୍ରକୃତିକୁ ତାଙ୍କର ଦିବ୍ୟ ପ୍ରତିରୂପଟି ମଧ୍ୟକୁ ନିୟନ୍ତ୍ରଣ କରିନେବା ଆମର ଆତ୍ମ-ଆବଷ୍କାର ଓ ପରିପୂର୍ଣ୍ଣତା ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ବାହାରର ଜଗତଟିଏ ସେତେଅବା କେବଳ ଏହି ଅଭିବୃଦ୍ଧିର ଏକ କ୍ଷେତ୍ରରୂପେ ଚିନ୍ତି ରହିଥିବା ପରି ବୋଧ ହେଉଥାଏ; ଏହି ଅଭିବୃଦ୍ଧି ସକାଶେ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବା ଲଗି ବା ତାହାର ନମାନୁଦଣ୍ଡୀ ପର୍ଯ୍ୟାପ୍ତଗୁଡ଼ିକ ଲଗି ସହାୟକ ଅଥବା ବରୋଧକାଗ୍ନ ନାନା ସାମର୍ଥ୍ୟକୁ ଆଣି ଯୋଗାଇ ଦେବାକୁ ଚିନ୍ତି ରହିଥିଲା ପରି ବୋଧ ହେଉଥାଏ । ସେହି ପୃଥିବୀରେ କଗ୍ ହେଉଥିବା ଯାବତୀୟ କାର୍ଯ୍ୟ ବସ୍ତୁତଃ ତାଙ୍କର କାର୍ଯ୍ୟ ହୋଇ ରହିଥାଏ ସତ, ମାତ୍ର ଏପରିକ ଯେତେବେଳେ ସେହିସବୁ କାର୍ଯ୍ୟ କୌଣସି ନା କୌଣସି ସାମଷ୍ଟିକ ବଶ୍ୱଗତ ଉଦ୍ଦେଶ୍ୟର ସାଧନ ହ କରୁଥାନ୍ତି, ସେତେବେଳେ ମଧ୍ୟ ଏହି ଅନ୍ତର୍ନିହିତ ପରମ ଦିବ୍ୟତାଟି ସହିତ ରହିଥିବା ଆମର ସମ୍ବନ୍ଧଗୁଡ଼ିକୁ ବାହ୍ୟତଃ ଗଭୀର ଭରି ରଖିବା ବା ସେଗୁଡ଼ିକୁ ଅନ୍ତର୍ଗତ ଶକ୍ତି ଯୋଗାଇ ଦେବାହିଁ ଆମ ଲଗି ତାହାର ସ୍ୱଂପ୍ରଧାନ ଉଦ୍ଦେଶ୍ୟ ହୋଇ ରହିଥାଏ । ଅନେକ ସାଧକ ଏଉକଠାରୁ ଆଉକିଛି ଅଧିକ ଗୃହାନ୍ତି ନାହିଁ ଏବଂ ଏହି ପୃଥିବୀର ବାହାରେ ରହିଥିବା କେବଳ ଅନ୍ୟ କେତେକେତେ ସ୍ୱର୍ଗରେହିଁ ସେମାନେ ଏହି ଆଧାତ୍ମିକ କୁସୁମପଙ୍ଖଟିର ଅବଚ୍ଛିନ୍ନତା ତଥା ପରିପୂର୍ଣ୍ଣତାକୁ ବଜାୟ ରଖିବାକୁ ଗୃହିଥାନ୍ତି ଓ ସେହିପରି ଅନୁଭବ ମଧ୍ୟ କରୁଥାନ୍ତି । ତାଙ୍କର ପରିପୂର୍ଣ୍ଣତା, ଆନନ୍ଦ ତଥା ସୌନ୍ଦର୍ଯ୍ୟର ଏକ ଶାଶ୍ୱତ ଅବସ୍ଥିତି-ସ୍ଥଳରେ ସେମାନଙ୍କର ଜଗତ୍ ସମ୍ମିଳନ ଉପଲବ୍ଧି ହୋଇଯାଏ ଏବଂ ଶାଶ୍ୱତ ସ୍ତରରେ ପ୍ରତିଷ୍ଠିତ ହୁଏ । ମାତ୍ର ପୂର୍ଣ୍ଣଯୋଗୀ ସକାଶେ ଏଉକ ଆଦୌ ଯଥେଷ୍ଟ ନୁହେଁ; ଯେଉଁ ପ୍ରଗାଢ଼ କିମ୍ବା ଯେତେ ସୁନ୍ଦରତା-ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏକ ବ୍ୟକ୍ତିଗତ ବିଚ୍ଛିନ୍ନ ସିଦ୍ଧି କଦାପି ତାହାର ସମୁଦାୟ ଲକ୍ଷ୍ୟ ହୋଇ ରହିପାରିବ ନାହିଁ ବା ତା'ର ସମଗ୍ର ଜୀବନରେ ପରିଣତ ହୋଇପାରିବ ନାହିଁ । ତେଣୁ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚିବ, ଯେତେବେଳେ କି ବ୍ୟକ୍ତିଗତ ବଶ୍ୱଗତ ମଧ୍ୟକୁ ଉନ୍ମୋଚିତ ହୋଇଯିବ; ଆମର ଏହି ଚିଦ୍ଗତ, ମାନସିକ, ପ୍ରାଣିକ ଏବଂ ଏପରିକ ଭୌତିକ ବ୍ୟକ୍ତିଜୀବନଟି ସେତେବେଳେ ବଶ୍ୱମୟ ହୋଇଯିବାକୁ ଲଗିବ, ସେଇଟିକୁ ତାଙ୍କର ବଶ୍ୱଗତ ସାମର୍ଥ୍ୟ ଏବଂ ବଶ୍ୱାତ୍ମକ ଚିଦ୍ଗତିର ଏକ ଶକ୍ତିପ୍ରକାଶ ବୋଲି ଦେଖାଯିବ । ଅଥବା, ତାହା ସେହିଭଳି ଏକ ଅନନ୍ତଚମାତ୍ମ ପରିବ୍ୟାପ୍ତତା ମଧ୍ୟରେ ସମସ୍ତ ଜଗତଟିକୁ ଧାରଣ କରି ରହିଥିବ, ଯାହାକି, ଯେତେବେଳେ ବ୍ୟକ୍ତ ଆପଣାର ସକଳ ବାଡ଼ ଓ ବନ୍ଧନକୁ ଭିଙ୍ଗିଦେଇ ଉର୍ଦ୍ଧ୍ୱସ୍ଥ ସେହି ପରମ ବଶ୍ୱାତ୍ମତଙ୍କ ଆଡ଼କୁ ଏବଂ ସକଳ ଦିଗରୁ ସେହି ପରମ ଅନନ୍ତଙ୍କ ମଧ୍ୟକୁ ପ୍ରବାହିତ ହେବାକୁ ଲଗେ, ସେତକବେଳେ ବ୍ୟକ୍ତର ତେତନାଟି ମଧ୍ୟରେ ଆସି ପ୍ରବିଷ୍ଟ ତଥା ଅନୁଭୂତ ହୋଇଥାଏ ।

*

'oaob.nitrkl.ac.in' images reprocessed

କେବଳ ଅଧ୍ୟାତ୍ମଭାବ ଦ୍ୱାରା ସଞ୍ଚାରିତ ମନଃଶକ୍ତିର ଆତ୍ମଚାଳନ ଉପରେହିଁ ଯେଉଁ ଯୋଗର ଅନୁଶୀଳନ କରାଯାଏ, ସେଥିରେ ଭଗବାନଙ୍କର ଏହି ତିନୋଟିଯାକ ମୂଳଭାବ,—ବ୍ୟକ୍ତିଭାବାପନ୍ନ ବା ଅନ୍ତର୍ନିହିତ, ବିଶ୍ୱଗତ ଏବଂ ବିଶ୍ୱାତୀତ,—ଯେ ଭିନ୍ନ ଭିନ୍ନ ତିନୋଟି ଉପଲବ୍ଧିରୂପେ ପ୍ରତ୍ୟକ୍ଷ ହେବାକୁ ଲାଗିବେ, ଏକଥା ବେଶ୍ ସମ୍ଭବ ହୋଇପାରେ ଏବଂ ସାଧାରଣତଃ ଏହି କ୍ଷେତ୍ରରେ ଠିକ୍ ଏହିପରିହିଁ ଘଟିବ । ତେଣୁ ତିନୋଟିଯାକ ଉପଲବ୍ଧିରୁ ପ୍ରତ୍ୟେକଟି ସାଧକର ଆକାଙ୍କ୍ଷାକୁ ତୃପ୍ତ କରିବା ଲାଗି ସତେଅବା ସ୍ୱୟଂସମ୍ପୂର୍ଣ୍ଣ ଅଥବା ଯଥେଷ୍ଟ ବୋଲି ଦେଖା ଯାଇଥିବ । ବ୍ୟକ୍ତିରୂପେ ଉପଲବ୍ଧି ସେହି ପରମ ଦିବ୍ୟସ୍ୱରୂପଙ୍କୁ ଆପଣା ଅନ୍ତଃହୃଦୟର ସେହି ଆଲୋକିତ ଗୁପ୍ତ ପ୍ରକୋଷ୍ଠଟି ମଧ୍ୟରେ ଆପଣାର କରି ରଖିଲେ କେବଳ ତାଙ୍କର ଦ୍ୱାରାହିଁ ସେ ଅପଣାର ଜୀବନଟିକୁ ପରମ ପ୍ରେମାସ୍ପଦଙ୍କର ପ୍ରତିରୂପରୂପେ ଗଢ଼ିନେଇ ପାରିବ ଏବଂ ଏହି ପରିତ ପ୍ରକୃତିର କ୍ଷେତ୍ରଟିରୁ ଉପରକୁ ଆରୋହଣ କରିଯାଇ ସେ ତାଙ୍କର ସହିତ ପରମ ଚିଦ୍‌ଗତିର କୌଣସି ନା କୌଣସି ସ୍ୱର୍ଗ ମଧ୍ୟରେ ଯାଇ ବେଶ୍ ବାସ କରି ରହିପାରିବ । ଅଥବା, ସେ ଆପଣାକୁ ବିଶ୍ୱମୟ ପରିବ୍ୟାପ୍ତିଟି ମଧ୍ୟରେ ମଜ୍ଜନ କରିଦେଇ ପାରିବ, ଅହଂ ଭିତରୁ ମୁକ୍ତ ହୋଇ ବାହାରିଯିବ ଏବଂ ତାହାର ବ୍ୟକ୍ତିହି ସେହି ବିଶ୍ୱମୟ ପରମ ସାମର୍ଥ୍ୟର ନିସ୍ପାନ୍ଦକତାରେ କେବଳ ଗୋଟିଏ ବିନ୍ଦୁ ବା କେନ୍ଦ୍ରମାତ୍ର ହୋଇ ରହିଥିବ; ସେ ସ୍ୱୟଂ ସ୍ଥିର ଓ ନିସ୍ପୋଚତ ହୋଇ ଯାଇଥିବ, ବିଶ୍ୱମୟତାରେ ଅମର ହୋଇ ରହିଥିବ, ଅଶେଷ ପରିଧିପୂର୍ଣ୍ଣ ଦେଶ ଏବଂ କାଳ ମଧ୍ୟରେ ଆପଣାକୁ ଅନନ୍ତ ଭାବରେ ବିସ୍ତୃତ କରି ରଖିଥିଲେ ମଧ୍ୟ ସେ ତଥାପି ଆପଣାର ସାକ୍ଷୀ-ଆତ୍ମାର କ୍ଷେତ୍ରରେ ପୂର୍ଣ୍ଣସ୍ଥିର ହୋଇ ରହିଥିବ;—ସିଏ ମଧ୍ୟ ଏହି ଜଗତ ମଧ୍ୟରେ ରହି କାଳାତୀତ ମୁକ୍ତିର ଆସ୍ୱାଦନ ଏବଂ ଉପଭୋଗ କରିପାରିବ । କିଂବା, କୌଣସି ଅନଳଂଚନାତ୍ମକ ବିଶ୍ୱାତୀତତା ଲାଗି ଏକାନ୍ତ ଓ ଏକାଗ୍ର ରହି, ଆପଣା ବ୍ୟକ୍ତିତ୍ୱବତ୍ତିକୁ ସମ୍ପୂର୍ଣ୍ଣରୂପେ ବିସର୍ଜନ ଦେଇ, ଆପଣା ଉପରୁ ବିଶ୍ୱଗତ ଯାବତୀୟ ଗତ୍ୟାତ୍ମକତାର ଶ୍ରମ ତଥା ସନ୍ନ୍ୟାସଟିକୁ ସମ୍ପୂର୍ଣ୍ଣ ଭାବରେ ଓହାଇ ପକାଇ ସିଏ ବେଶ୍ ଏକ ପ୍ରକାଶାତୀତ ନୀରବତାସ୍ଥିତି ମଧ୍ୟକୁ ଖସିଯାଇ ତାହାର ମଧ୍ୟରେ ଆଶ୍ରୟ ଗ୍ରହଣ କରିପାରିବ, ଉତ୍କ୍ରାନ୍ତ ହୋଇଯିବାର ଏକ ଅସ୍ପୃହାଶୂନ୍ୟ ପରମୋତ୍ତାହରେ ସେହି ପରମ ଓ ଅପରିଜ୍ଞ ସମ୍ଭାବାତୀତଙ୍କ ମଧ୍ୟକୁ ଉଡ଼ିଯାଇ ସେ ସକଳ ବସ୍ତୁର ବନ୍ଧନକୁ ବେଶ୍ ଏକାବେଳକେ କାଟିଦେଇ ପାରିବ ।

ମାତ୍ର ସିଏ ଏକ ପୂର୍ଣ୍ଣଯୋଗର ସେହି ପ୍ରଶସ୍ତ ପୂର୍ଣ୍ଣତାଟିକୁ ଲେଉଡ଼ି ବାହାରିଛି, ତା' ଲାଗି ଏଗୁଡ଼ିକ ମଧ୍ୟରୁ କୌଣସିଟି ସିଦ୍ଧି କଦାପି ଯଥେଷ୍ଟ ବୋଲି ପ୍ରତିପାଦିତ ହୋଇପାରିବ ନାହିଁ । ଏକ ବ୍ୟକ୍ତିଗତ ମୁକ୍ତିଲାଭ ତା' ଲାଗି କଦାପି ପର୍ଯ୍ୟାପ୍ତ ହେବ ନାହିଁ; କାରଣ ଆପଣାକୁ ସେ ଏପରି ଏକ ବିଶ୍ୱମୟ ଚେତନା ମଧ୍ୟକୁ ଉନ୍ମୋଚିତ

'oaob.nitrkl.ac.in' images reprocessed

ହୋଇ ଯାଇଥିବା ପଣ ଅନୁଭବ କରିବ, ଯାହାକି ଆପଣାର ପ୍ରସ୍ଥ ଏବଂ ବ୍ୟାପ୍ତିରେ ଏକ ଅତ୍ୟନ୍ତ ସୀମାବଦ୍ଧ ବ୍ୟକ୍ତିଗତ ଚରିତାର୍ଥତାର ସଙ୍କୀର୍ଣ୍ଣତର ସଘନତା ବା ପ୍ରଗାଢ଼ତାକ୍ଟିକୁ ଯୋଜନ ଯୋଜନ ଅତିକ୍ରମ କରି ପଛରେ ପକାଇ ଘୂର୍ଣ୍ଣ ଯାଇଥିବ, ଏବଂ ସେହି ବିଶ୍ୱଗତ ଚେତନାର ଆହ୍ୱାନକୁ ସେ କଦାପି ଏଡ଼ିଦେଇ ପାରିବ ନାହିଁ । ସେହି ବିପୁଳ ଅଲଂଘନୀୟ ଆହ୍ୱାନଟି ଦ୍ୱାରା ସଞ୍ଚାଳିତ ହୋଇ ତାହାକୁ ଏହି ବିଚ୍ଛିନ୍ନତାଧର୍ମୀ ସକଳ ସୀମା ଓ ବାଡ଼କୁ ଭାଙ୍ଗିବାକୁ ପଡ଼ିବ, ଆପଣାକୁ ବିଶ୍ୱ-ପ୍ରକୃତି ମଧ୍ୟରେ ପ୍ରସାରିତ କରିଦେବାକୁ ପଡ଼ିବ ଏବଂ ଆପଣା ମଧ୍ୟରେହିଁ ବିଶ୍ୱଜଗତକୁ ଧାରଣ କରି ରଖିବାକୁ ପଡ଼ିବ । ତା'ର ଊର୍ଦ୍ଧ୍ୱ ଦେଶରୁ ମଧ୍ୟ ଏହି ପ୍ରାଣୀଜଗତ ଉପରେ ଆପଣାର ଗୃପ୍ତିକୁ ପକାଇବାରେ ଲଗିଥିବା ସେହି ପରମ ସଙ୍କୋଚ ସହାୟର ଧାମରୁ ଏକ ଗତିଶୀଳ ଉପଲବ୍ଧି ତା' ଉପରେ ଅତି ପ୍ରବଳ ଭାବରେ ଅନୁଭୂତ ହେଇଥିବ; ଏବଂ କେବଳ ସେହି ବିଶ୍ୱଚେତନାକୁ କୌଣସି ନା କୌଣସି ପରିମାଣରେ ଆପଣା ମଧ୍ୟରେ ପରିବ୍ୟାପ୍ତ କରିଦେଇ ତାହାକୁ ପୂର୍ଣ୍ଣ ଅତିକ୍ରମ କରି ଯାଇପାରିଲେହିଁ ତାହା ଏଠାରେ ତଥାପି ଅନବଚ୍ଛିନ୍ନ ହୋଇ ରହିଥିବା ସେହି ଐଶ୍ୱର୍ଯ୍ୟଟିକୁ ଅଭିବ୍ୟକ୍ତ ଓ ପ୍ରକାଶିତ କରିଦେଇ ପାରିବ । ମାତ୍ର ବିଶ୍ୱଚେତନା ମଧ୍ୟ କଦାପି ଯଥେଷ୍ଟ ନୁହେଁ, କାରଣ ବିଶ୍ୱଚେତନାହିଁ କଦାପି ଦିବ୍ୟ ପରମସତ୍ୟର ସମୁଦାୟ ବିସ୍ତାର ନୁହେଁ, ତାହା କଦାପି ଏକ ସମଗ୍ର ଚେତନା ନୁହେଁ । ବ୍ୟକ୍ତିତ୍ୱବର ପଛରେ ଅନନ୍ତଘନ ହୋଇ ରହିଥିବା ଏକ ଦିବ୍ୟ ନଗ୍ନତ୍ୱ ରହିଥିବାକୁ ମଧ୍ୟ ସାଧକକୁ ଅବଶ୍ୟ ଆବିଷ୍କାର କରିବାକୁ ପଡ଼ିବ; ଏବଂ ସେଠାରେ ସେହି ଊର୍ଦ୍ଧ୍ୱ ଦେଶରେ ପରମ ବିଶ୍ୱାତୀତତାର ମୂର୍ତ୍ତିମନ୍ତ ହୋଇ ଛିଡ଼ାହିବାର ସମ୍ଭାବ୍ୟ ରହିଥିବାଟି ମଧ୍ୟ ଆମ ଲଗି ଅପେକ୍ଷା କରି ରହିଛି, ଏଇଠି କାଳସ୍ଥିତି ମଧ୍ୟରେ ଆପଣାକୁ ପ୍ରକାଶିତ କରିଦେବା ସକାଶେ ତାହା ଅପେକ୍ଷା କରି ରହିଛି । ବିଶ୍ୱଚେତନା ମଧ୍ୟରେ ବି ପରିଶେଷରେ ଗୋଟାଏ ପ୍ରକାର ଏକ ଶୂନ୍ୟସ୍ଥାନ ରହିଯାଇଛି; ଏକ ଉଚ୍ଚତମ ଜ୍ଞାନର ଏକ ସାମର୍ଥ୍ୟ ସହିତ ଅସମ ସମୀକରଣର ଏକ ସମସ୍ୟା ରହିଯାଇଛି । ସେହି ଉଚ୍ଚତମ ଜ୍ଞାନ ମୁକ୍ତ କରିଦେଇ ପାରୁଛି ସତ, ମାତ୍ର କରୁଣାକୁ କାର୍ଯ୍ୟାନ୍ୱିତ କରିପାରୁ ନାହିଁ; ଏବଂ ସେହି ସାମର୍ଥ୍ୟ ଏକ ସୀମାବଦ୍ଧ ଜ୍ଞାନକୁହିଁ କାମରେ ଲଗାଇଥିବା ପରି ବୋଧ ହେଉଛି, ଅଥଚ ଉପରଭାଗସ୍ଥ ଏପରି ଏକ ଅଜ୍ଞାନର ମୁଖାବରଣ ଚିତ୍ରିତକରି ରହିଛି, ଯାହାକି ସୃଷ୍ଟି କରିପାରୁଛି ସତ, ମାତ୍ର କେବଳ ଅପୂର୍ଣ୍ଣତାରହିଁ ସୃଷ୍ଟି କରିପାରୁଛି, ଅଥଚ ଏକ ସାମଗ୍ରିକ ପୂର୍ଣ୍ଣତାର ସୃଷ୍ଟି କରୁଛି, ଯାହାକି ବଡ଼ ସୀମାବଦ୍ଧ ରହିଛି, କେତେକେତେ ଶୃଙ୍ଖଳରେ ବାନ୍ଧିହୋଇ ରହିଛି । ଗୋଟିଏ ପାଖରେ ଜଣେ ମୁକ୍ତ ଅଥଚ ଗଭିରହିତ ପରମ ସାକ୍ଷୀ ବିଦ୍ୟମାନ ରହିଛନ୍ତି ଏବଂ ଅନ୍ୟ ପାଖରେ ଯାବତୀୟ କର୍ମର ଜଣେ କର୍ତ୍ତା ରହିଛନ୍ତି, ଯିଏକି ଆବଦ୍ଧ ହୋଇ ରହିଛନ୍ତି, ଏବଂ ଯାହାଙ୍କ ହାତରେ କର୍ମର

'oaob.nitrkl.ac.in' images reprocessed

ସକଳ ସାଧନ ଆଦୌ ପ୍ରଦତ୍ତ ହୋଇ ନାହିଁ । ଏବଂ ଏହି ଦୁଇ ସହ୍ୟତର ଅଥଚ ଦୁଇ ପ୍ରତିପକ୍ଷ ମଧ୍ୟରେ ଏକ ସମଞ୍ଜସ୍ୟଭାବଧାନକୁ ତଥାପି ଆମ ପହ୍ୟର ଅଙ୍ଗତ ହୋଇ ରହିଥିବା ଏକ ପରମ ଅବ୍ୟକ୍ତଙ୍କ ମଧ୍ୟରେହିଁ ବନ୍ଦ କର, ସ୍ଥଗିତ କର ଓ ନିରୁଦ୍ଧ କର ରଖି ଦିଆଯାଇଛୁ । ମାନ, ଚେତେ, କୌଣସି ଏକ ନିର୍ବିଶେଷ ବିଶ୍ୱାତ୍ମଚେତନା ମଧ୍ୟକୁ କେବଳ ପଳାଇଯିବା ଦ୍ୱାରାହିଁ ବ୍ୟକ୍ତତ୍ୱ ଅନୁପଲବ୍ଧ ଓ ଅପରିପୁଷ୍ଟ ହୋଇ ରହିଛୁ, ବିଶ୍ୱଗତ ନିସ୍ପୃହକତାକି ଅଚଡ଼ାନ୍ତ ହୋଇ ରହିଯାଇଛୁ ଏବଂ ଚେତ୍ୟ ପୁଷ୍ଟିଯୋଗର ପଥକୁ କଦାପି ସନ୍ତୋଷ ଦେଇପାରୁ ନାହିଁ । ସିଏ ଅନୁଭବ କରୁଛୁ ଯେ ଶାଶ୍ୱତ ପରମସତ୍ତ୍ୟ ହେଉଛୁ ଏପରି ଏକ ସାମର୍ଥ୍ୟ, ଯାହାକି ସୃଷ୍ଟି କରିପାରୁଛୁ ଏବଂ ତହିଁ ସଙ୍ଗେସଙ୍ଗେ ଏକ ଅବନାଶୀ ସତ୍ତା ମଧ୍ୟ ହୋଇ ରହିଛୁ; ତାହା କେବଳ ଏକ ମାୟାମସ୍ତ ଅର୍ଥାତ୍ ଅଜ୍ଞାନମସ୍ତ ଅଭିବ୍ୟକ୍ତର ସାମର୍ଥ୍ୟ ହୋଇ କେବେହେଲେ ରହି ନାହିଁ । ଶାଶ୍ୱତ ପରମସତ୍ତ୍ୟ ଆପଣାର ସତ୍ୟଗୁଡ଼ିକୁ କାଳର ଭୂମି ଉପରେ ବ୍ୟକ୍ତ କରିଦେଇ ପାରୁଛୁ; ତାହା ଜ୍ଞାନର ଭୂମି ଉପରେ ମଧ୍ୟ ସୃଷ୍ଟି କରିପାରୁଛୁ, କେବଳ ଯେ ନଶ୍ଚେତନା ଓ ଅଜ୍ଞାନ ମଧ୍ୟରେହିଁ ଯାହାକିଛୁ ସୃଷ୍ଟି କରୁଛୁ, ତାହା କଦାପି ନୁହେଁ । ଏକ ଦିବ୍ୟ ଅବତରଣ ଯେପରି ସମ୍ଭବ, ପରମ ଦିବ୍ୟତା ମଧ୍ୟକୁ ଏକ ଆରୋହଣ ମଧ୍ୟ ଠିକ୍ ସେହିପରି ସମ୍ଭବ; ଭବିଷ୍ୟତ ଲାଗି ଏକ ପୂର୍ଣ୍ଣତା ତଥା ବର୍ତ୍ତମାନ ଲାଗି ଏକ ଯଥାର୍ଥ ରୂପାନ୍ତରକୁ ଉପରୁ ଏହି ଭୂମିକୁ ବହନ କରି ନେଇଆସିବାର ମଧ୍ୟ ଏକ ସମ୍ଭାବନା ଅବଶ୍ୟ ରହିଛୁ । ସାଧକର ଜ୍ଞାନ ଯେତିକ ଅଧିକ ପ୍ରଶସ୍ତ ହେବାରେ ଲାଗିଛୁ, ଏକଥାଟି ତା' ଲାଗି ସେତିକ ଅଧିକରୁ ଅଧିକ ପରିମାଣରେ ସ୍ପଷ୍ଟ ହୋଇ ଯାଉଛୁ ଯେ ଖାସ୍ ଏଇଥି ସକାଶେହିଁ ସକଳ କର୍ମର ପରମ ଅଧୀଶ୍ୱର ଏଠି ତା' ମଧ୍ୟରେ ଏକ ଆତ୍ମାର ପ୍ରତିଷ୍ଠା କରି ରଖିଛନ୍ତି; ସେହି ଆତ୍ମାକିକୁ ସେ ଆପଣା ଅଗ୍ନିର ଗୋଟିଏ ସ୍ଫୁଲିଙ୍ଗରୂପେ ଏହି ଅନ୍ଧକାର ମଧ୍ୟକୁ ନିକ୍ଷିପ୍ତ କରି ରଖିଛନ୍ତି, ଯେପରିକି ତାହା ବିକଶିତ ହୋଇ ସେଠାରେ ଏକ ଶାଶ୍ୱତ ଆଲୋକକେନ୍ଦ୍ରରୂପେ ପ୍ରଜ୍ୱଳିତ ହୋଇ ଉଠିପାରିବ ।

ବିଶ୍ୱାତ୍ମତତ୍ତା, ବିଶ୍ୱବ୍ୟାପ୍ତତା ଏବଂ ବ୍ୟକ୍ତତ୍ୱବାପନ୍ନତା,—ଏହି ତିନୋଟିଯାକ ବିଭବ ସମୁଦାୟ ଅଭିବ୍ୟକ୍ତର ଭୂମିଟି ଉପରେ ଆବେଷ୍ଟକ ହୋଇ ରହିଛନ୍ତି, ତାହାର ଆଧାରରେ ନିହିତ ହୋଇ ରହିଛନ୍ତି ଏବଂ ସେଇଟିର ମର୍ମ ଭେଦ କରି ରହିଛନ୍ତି । ବିକଲ୍ପନା ମଧ୍ୟରେ ଆମେ ଏଇଟିକୁ ସ୍ୱତଃପ୍ରଥମ ବୋଲି କହିପାରିବା । ଚେତନାର ଉନ୍ମୋଚନ ବା ପ୍ରସ୍ଫୁରଣର କ୍ଷେତ୍ରରେ ମଧ୍ୟ ଏହି ତିନୋଟିଯାକ ତିନୋଟି ମୌଳିକ ଭୂମି ହୋଇ ରହିଛନ୍ତି; ଏବଂ ଯଦି ଆମକୁ ଜୀବନର ସମଗ୍ର ସତ୍ୟର ଅନୁଭୂତିକିକୁ ଲାଭ କରିବାକୁ ହୁଏ, ତେବେ ଆମେ ଏଥି ତିତରୁ କୌଣସିଟିକୁ ଅବହେଳା କରିପାରିବା ନାହିଁ । ଏକ ବ୍ୟକ୍ତଚେତନାର ଆତ୍ମତିକରୁହିଁ ଆମେ ସମସ୍ତେ

'oaob.nitrkl.ac.in' images reprocessed

ଏକ ବ୍ୟାପ୍ତତର ଏବଂ ମୁକ୍ତତର ବଶ୍ୱଚେତନା ମଧ୍ୟକୁ ଜାଗୃତ ହୋଇଉଠ୍ । ମାତ୍ର, ଆପଣାର ଅନେକ ରୂପ ତଥା ଅନେକ ସାମର୍ଥ୍ୟବଶିଷ୍ଟ ସେହି ବଶ୍ୱଚେତନାର ଆସ୍ୱତନଟିରୁ ମଧ୍ୟ ଆମକୁ ଏକ ତଥାପି ବୃହତ୍ତର ଆତ୍ମ-ଅତିକ୍ରମଣ ଦ୍ୱାରା କେବଳ ସେହି ପରମ ନିର୍ବିଶେଷଙ୍କ ମଧ୍ୟରେହିଁ ପ୍ରତିଷ୍ଠିତ ହୋଇ ରହିଥିବା ଏକ ସୀମାତୀତ ଚେତନା ମଧ୍ୟକୁ ଅଭ୍ୟୁଦତ ହୋଇଯିବାକୁ ପଡ଼ିବ । ମାତ୍ର ଏହି ଆରୋହଣଟି ସମସ୍ତଙ୍କରେ ଆମେ ଏଠାରେ ଯାହାକୁ ଛୁଡ଼ା ଗଲ୍ଲ ଯାଉଥିବା ପଶୁ ପ୍ରଜାତି ହେଉଛୁ, ସେଇଟିକୁ ପ୍ରକୃତରେ କୌଣସିପ୍ରକାରେ ବଲୁପ୍ତ କରିଦେଉ ନାହିଁ; ସେଇଟିକୁ ଆମେ ଆପଣା ସହିତ ଗ୍ରହଣ କରି ନେଉ ଏବଂ ରୂପାନ୍ତରିତ କରିଦେଉ । କାରଣ ଏପରି ଏକ ଶୀର୍ଷଦେଶ ଅବଶ୍ୟ ରହିଛୁ, ଯେଉଁଠାରେ କି ତିନୋଟିଯାକ ଚରନ୍ତନ ସ୍ତରରେ ପରସ୍ପର ମଧ୍ୟରେହିଁ ଅବସ୍ଥାନ କରୁଛନ୍ତି; ସେହି ଶିଖରଭୂମିରେ ସେଗୁଡ଼ିକ ଆପଣାର ସୁସମଞ୍ଜସତାଯୁକ୍ତ ଏକତ୍ୱସ୍ରଷ୍ଟିରେ ପରସ୍ପର ସହିତ ସୁଖସମାବିଷ୍ଟ ହୋଇ ରହିଛନ୍ତି । ମାତ୍ର ସେହି ଶିଖରଦେଶଟି ଆମର କଳ୍ପିତ ଯାବତୀୟ ଉତ୍ତମ ତଥା ବୃହତ୍ତମ ଅଧ୍ୟାତ୍ମଭାବଯୁକ୍ତ ମନୋଭୂମିର ଆହୁରି ଉପରକୁ ରହିଛୁ; ଅବଶ୍ୟ ଏକଥା ସତ ଯେ ଏହିଭଳି ଏକ ମନୋଭୂମିରେ ଥାଇ ମଧ୍ୟ ଆମେ ସେହି ଉତ୍ତୋତ୍ତରି କୌଣସି ନା କୌଣସି ଗୁପ୍ତାକୁ ଜଣପ୍ତ ଅନୁଭବ କରିବାକୁ ସମର୍ଥ ହେବା । ମାତ୍ର ଏହି ମନଟିକୁ ଯଦି ସେହି ସିଦ୍ଧିଟିର ଉପଯୁକ୍ତ ହେବାକୁ ହୁଏ, ଯଦି ତାହାକୁ ସେଠାରେ ଯାଇ ଅବସ୍ଥାନ କରିବାକୁ ହୁଏ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସେଥିଲଗି ତାହାକୁ ଆପଣାର ବାଡ଼ଟିକୁ ଅତିକ୍ରମ କରି ଘୁଲିଯିବାକୁ ହେବ, ଆପଣାକୁ ଅତିମାନସ ବଜ୍ଞାନରହିଁ ଏକ ଆଲୋକ, ସାମର୍ଥ୍ୟ ତଥା ଉପାଦାନରୂପେ ରୂପାନ୍ତରିତ କରିଦେବାକୁ ପଡ଼ିବ । ବସ୍ତୁତଃ ଆମର ଏହି ନମ୍ନତର ଓ କ୍ଷୀଣସାମର୍ଥ୍ୟ ଚେତନାରେ ମଧ୍ୟ ଏକ ସମଞ୍ଜସତାସ୍ଥାପନ ଲଗି ଅବଶ୍ୟ ପ୍ରସ୍ତାସ କରିଯାଇ ପାରିବ; ମାତ୍ର ତାହା ସଦ୍ଦା ସେହି ଅପୂର୍ଣ୍ଣ ହୋଇହିଁ ରହିଥିବ । ଏଠାରେ ମଧ୍ୟ ଏକ ପାରସ୍ପରିକ ସଙ୍ଗତିବିଧାନ ଅବଶ୍ୟ ସମ୍ଭବ ହେବ, ମାତ୍ର ତଦ୍ଦ୍ୱାରା କୌଣସି ପୁରାପରି ଏବଂ ଏକାଭୂତ ପରିପୂର୍ଣ୍ଣତା ଆଦୌ ଆସିବ ନାହିଁ । ତେଣୁ ବୃହତ୍ତର ଯେକୌଣସି ଉପଲବ୍ଧି ସକାଶେ ଏହି ମନର ବାଡ଼ଟିକୁ କାଟି ଉପରକୁ ଆରୋହଣ କରିଯିବା ଏକାନ୍ତ ଆବଶ୍ୟକ, ଅପରିହାର୍ଯ୍ୟ । ଅଥବା, ତା' ନହେଲେ, ସେହି ଆରୋହଣଟି ସହିତ ବା ତାହାର ଫଳସ୍ୱରୂପ ସେହି ସ୍ୱୟଂ-ବର୍ତ୍ତମାନ ପରମସତ୍ୟଟିର ଏକ ଗତିଶୀଳ ଅବତରଣ ମଧ୍ୟ ଏକାନ୍ତ ଆବଶ୍ୟକ ଓ ଅପରିହାର୍ଯ୍ୟ; ସେହି ପରମସତ୍ୟଟିର ଅବତରଣ ଏକାନ୍ତ ଅପରିହାର୍ଯ୍ୟ, ଯିଏକ ପ୍ରାଣ ତଥା ଜଡ଼ତତ୍ତ୍ୱ ଅଭିବ୍ୟକ୍ତିର ପୁଂଭନ ତଥା ଶାଶ୍ୱତ ହୋଇ ରହିଛୁ ଏବଂ ମନର ଊର୍ଦ୍ଧ୍ୱରେ ସଦ୍ଦା ଆପଣାରହିଁ ଆଲୋକଟି ମଧ୍ୟରେ ଉଦ୍ଭାସିତ ହୋଇ ଅବସ୍ଥିତ ରହିଛୁ ।

'oaob.nitrkl.ac.in' images reprocessed

କାରଣ ମନ ହେଉଛି ମାୟା, ମନ ସତ୍-ଅସତ୍; ଏପରି ଯୋଟିଏ କ୍ଷେତ୍ର ରହିଛି, ଯେଉଁଠାରେ କ ସତ୍ୟ ଏବଂ ମିଥ୍ୟା, ସତ୍ ଓ ଅସତ୍ ପରସ୍ପରକୁ ଆଲଙ୍ଗନ କରି ରହିଥାନ୍ତି, ଏବଂ ସେହି ଦ୍ୱିଧାଗ୍ରସ୍ତ କ୍ଷେତ୍ରଟିରେହିଁ ମନ ଘୂଳତ୍ୱ କରି ରହିଥିବା ପରି ବୋଧ ହେଉଥାଏ । ମାନ ଆପଣାର ଏହି ସ୍ୱରୂଳତ୍ୱ ଓ ସ୍ୱଶାସନରେ ମଧ୍ୟ ମନ ତଥାପି ଏକ କ୍ଷୀଣସାମର୍ଥ୍ୟ ଚେତନା ହୋଇ ରହିଥାଏ, ପରମ ସନାତନଙ୍କର ସେହି ମୂଳଭୂତ ଏବଂ ପରମଜନକ ସାମର୍ଥ୍ୟଟିର ଏକ ଅଂଶ ହୋଇ କଦାପି ରହି ନଥାଏ । ଏପରିକ, ଆପଣାର ଉପାଦାନଟି ମଧ୍ୟରେ ସମସ୍ତ ପରମସତ୍ୟର କୌଣସି ନା କୌଣସି ପ୍ରତିରୂପକୁ ମନ ପ୍ରତିଫଳିତ କରିଇବାରେ ସମର୍ଥ ହେଉଥିଲେ ମଧ୍ୟ ତଥାପି ସେହି ପରମସତ୍ୟର ଚତ୍ୟାତ୍ମକ ଶକ୍ତି ଏବଂ ଜିସ୍ୱା ମନର ଭୂମିରେ ସ୍ୱଦ୍ଧା ଭଗ୍ନ ଓ ବକ୍ରାକୃତ ହୋଇ ଦୃଷ୍ଟିଗୋଚର ହୋଇଥାଏ । ମନ ସେହି ଅଂଶ ବା ଖଣ୍ଡଗୁଡ଼ିକୁ ପରସ୍ପର ସହିତ ଯୁଏତ ଏକତ୍ର କରି ଯୋଡ଼ି ଦେଇପାରେ ବା ଏକତ୍ରର ଏକ ଅନୁମାନମାତ୍ରହିଁ କରିପାରେ । ମନୋରତ ଅର୍ଥାତ୍ ମନ ଦ୍ୱାରା ଲବ୍ଧ ଯାବତୀୟ ସତ୍ୟ କେବଳ ଏକ ଅର୍ଦ୍ଧ-ସତ୍ୟ ହୋଇ ରହିଥାଏ, ଏକ ପ୍ରତ୍ୟେଲକାରହିଁ ଏକ ଅଂଶ ହୋଇ ରହିଥାଏ । ମନୋଲବ୍ଧ ଜ୍ଞାନ ସ୍ୱଦ୍ଧା ଏକ ଆପେକ୍ଷିକ ଜ୍ଞାନ, ଆଂଶିକ ଜ୍ଞାନ, ଓ ଏଥିରୁ ଆମକୁ କଦାପି କୌଣସି ଚୂଡ଼ାନ୍ତ ସମାଧାନ ମିଳେ ନାହିଁ; ମନରୁ ଉଦ୍ଭୂତ ଯାବତୀୟ ଜିସ୍ୱା ଏବଂ ଯାବତୀୟ ବସ୍ତୁଜନ ଆପଣାର ପଦକ୍ଷେପଗୁଡ଼ିକରେ ମଧ୍ୟ ଆହୁରି ଅଧିକ ପରମାଣରେ ଗୋଲମାଳିଆ ହୋଇପଡ଼ନ୍ତି, ଅଥବା, କେବଳ ଅଳ୍ପପରସର କେତୋଟି ସୀମା ମଧ୍ୟରେହିଁ ଯଥାର୍ଥ ହୋଇ ରହିଥାନ୍ତି, ନାନା ଖଣ୍ଡକୁ ବଡ଼ ଅପୂର୍ଣ୍ଣ ଭାବରେ ଏକତ୍ର ଗୁନ୍ଥି ରଖିବାରେହିଁ ଯଥାର୍ଥ ହୋଇ ରହିଥାନ୍ତି । ମାନ କ୍ଷୀଣସାମର୍ଥ୍ୟ ଚେତନାର ଏହି ମନୋଭୂମିଟିରେ ମଧ୍ୟ ପରମ ଦ୍ରବ୍ୟସତ୍ତ୍ୱ ଏକ ଚଦ୍‌ଗତଚ୍ଛାରୂପେହିଁ ଆପଣାକୁ ବ୍ୟକ୍ତ କରିଥାଏ; ପ୍ରାଣର ଭୂମିରେ ଛାହ୍ୱା ଯେପରି ଏକ ଚଦ୍‌ଗତଚ୍ଛାରୂପେ ସଞ୍ଚାରତ ହୋଇ ରହିଥାଏ ବା ଜଡ଼ ମଧ୍ୟରେ ଯେପରି ତଥାପି ଆହୁରି ଅସ୍ପଷ୍ଟ ଭାବରେ ଛାହ୍ୱା ସେଇ ଚଦ୍‌ଗତଚ୍ଛାରୂପେହିଁ ବଦ୍ୟମାନ ଥାଏ, ଠିକ୍ ସେହିପରି । ମାନ ଏଠାରେ ଛାହ୍ୱାର ସେହି ପରିପୂର୍ଣ୍ଣ ଓ ଗତିଶୀଳ ଆତ୍ମ-ଉନ୍ମୋଚନଟି କଦାପି ସମ୍ଭବ ହୁଏ ନାହିଁ, ପରମ ଶାଶ୍ୱତଙ୍କର ପୂର୍ଣ୍ଣ ଛାଦାତ୍ମ୍ୟଗୁଡ଼ିକ ମଧ୍ୟ ଏଠାରେ କଦାପି ସମ୍ଭବ ହୁଏ ନାହିଁ । ଯେତେବେଳେ ଆମେ ସୀମାଟିକୁ ପାର ହୋଇ ସେହି ଦ୍ରବ୍ୟ ପରମସତ୍ତ୍ୟ ସତ୍ତେଅବା ଜଣେ ବଦେଶୀ ବହ୍ୱାଗତ ଭାବରେ ନୁହେଁ, ମାନ ପ୍ରକୃତରେ ଆପଣାର ନଜ ଧାମରେହିଁ ରହିଥିବା ଏକ ବୃହତ୍ତର ଜ୍ୟୋତିର୍ମୟ ଚେତନା ତଥା ଆତ୍ମଚେତନ ଉପାଦାନ ମଧ୍ୟରେ ପ୍ରବିଷ୍ଟ ହୋଇପାରୁ, ସେତିକି-ବେଳେ ଯାଇ ଆମ ଜୀବନଟିର ପରମପ୍ରଭୁ ଆପଣା ସତ୍ତ୍ୱା, ସାମର୍ଥ୍ୟ ତଥା ଯାବତୀୟ ଜିସ୍ୱାମୂଳକତାର ଅବାନାଶୀ ସମସ୍ତ ସତ୍ୟରୂପରେ ଆମ ଆଗରେ ପ୍ରକାଶିତ ହୋଇ

'oaob.nitrkl.ac.in' images reprocessed

ହୁଅନ୍ତୁ । କେବଳ ସେହିଠାରେହିଁ ଆମର ଭିତରେ ଫଟିଚିତ ହୋଇଥିବା ତାଙ୍କର ଯାବତୀୟ ନିସ୍ୱା ତାଙ୍କର ସେହି ଅବ୍ୟର୍ଥ ଅତିମାନସ ଅଭିପ୍ରାୟସୃଷ୍ଟିର ବୈକଲ୍ୟଶୂନ୍ୟ ଗତିସ୍ପନ୍ଦନରେ ପରିଣତ ହେବାକୁ ସମର୍ଥ ହୋଇପାରିବ ।

*

ମାତ୍ର ଏକ ଦୀର୍ଘ ତଥା କଠିନ ଯାତ୍ରାପଥର ଶେଷରେ ଯାଇ ସେହି ଫଳଟି ଉପଲବ୍ଧି ହୋଇଥାଏ, ଏବଂ ଯାବତୀୟ କର୍ମର ପରମ ଅଧୀଶ୍ୱର ସାଧକ ସହିତ ତା'ର ଯୋଗପଥଟି ଉପରେ ଆସି ସାକ୍ଷାତ କରିବା ଲାଗି ଏବଂ ଆପଣାର ଗୁପ୍ତ ବା ଅର୍ଦ୍ଧ-ପ୍ରଦର୍ଶିତ ହୃଷ୍ଟିକୁ ତା' ଉପରେ ଏବଂ ତା'ର ଅନ୍ତର୍ଗତ ଜୀବନ ଓ ସମ୍ବନ୍ଧିତ କର୍ମ ଉପରେ ଆଣି ରଖିବା ଲାଗି ସେପର୍ଯ୍ୟନ୍ତ କାଳାପି ଅପେକ୍ଷା କରି ରହିନ୍ତୁ ନାହିଁ । ଏହି ନିଶ୍ଚେତନତାର ବହୁଳ ଆବରଣଗୁଡ଼ାକର ପଛରେ ଏବଂ ପ୍ରାଣଗତ ସାମର୍ଥ୍ୟର ଛଦ୍ମବେଶରେ ମଧ୍ୟ ସେ ଏହି ପୃଥିବୀ ମଧ୍ୟରେ ଯାବତୀୟ କର୍ମର ପରମ ଉନ୍ମେଷକର୍ତ୍ତା ଏବଂ ଗ୍ରନ୍ଥିତାରୂପେ ଆଗରୁହିଁ ଉପସ୍ଥିତ ରହି ଆସିଥାନ୍ତି ଏବଂ ଏହି ମନ ଲାଗି କେବଳ ପ୍ରତ୍ୟକ୍ଷ ନାନା ଦେବତା ଏବଂ ପ୍ରତିମାର ମାଧ୍ୟମରେ ଦୃଷ୍ଟିଗୋଚର ହେଉଥାନ୍ତି । ଏବଂ ଏକଥା ମଧ୍ୟ ସମ୍ଭବ ହୋଇପାରେ ସେ ଏହି ଛଦ୍ମବେଶଗୁଡ଼ାକରେହିଁ ସେ ପୂର୍ଣ୍ଣଯୋଗର ପଥଟି ଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ଆତ୍ମାକୁ ଆସି ଦେଖା ବି ଦେଇଥାନ୍ତି । ଅଥବା, ଅଧିକ ଅସ୍ପଷ୍ଟ ଆଡ଼ର କେତେକେତେ ମୁଖା ଲଗାଇ ସେ ଆମ ଦ୍ୱାରା ଏକ ଉଚ୍ଚ ଆଦର୍ଶରୂପେ ମଧ୍ୟ ବେଶ୍ କଲ୍ପିତ ହୋଇପାରନ୍ତି ଅଥବା ମନର ଭୂମି ଉପରେ ପ୍ରେମ, ଶିବ, ସୌନ୍ଦର୍ଯ୍ୟ ବା ଜ୍ଞାନର ଏକ ଅମୂର୍ତ୍ତ ପରମସାମର୍ଥ୍ୟ ରୂପେ ଠିଆ ହୋଇ ଉକୁଟି ଉଠି ପାରନ୍ତି । କିଂବା ଆମେ ମାର୍ଗଟି ଆଡ଼କୁ ପହଞ୍ଚି ବଢ଼ାଇବା ସଙ୍ଗେସଙ୍ଗେ, ସେ ଆଉ ଏକ ଆବରଣ ପିନ୍ଧି ମାନବଭାର ଅଜ୍ଞାନରୂପେ ଆମ ଆଗରେ ଆସି ଉପସ୍ଥିତ ହୋଇପାରନ୍ତି ବା ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ଏପର ଏକ ଫକଲ୍ପରୂପେ ଆସି ପହଞ୍ଚିପାରନ୍ତି, ଯାହାକି ଏହି ପୃଥିବୀକୁ ଅଜ୍ଞାନର ସେହି ପ୍ରଧାନ ଚତୁଷ୍ପଦ, ଅର୍ଥାତ୍ ଅନ୍ଧକାର, ମିଥ୍ୟା, ମୃତ୍ୟୁ ଏବଂ ଦୁଃଖର କବଳରୁ ଉଦ୍ଧାର କରି ଅଣିବା ଦିଗରେ ଆପଣାକୁ ସଜ୍ଜାଳିତ କରି ରଖିଥାଏ । ତାପରେ, ଆମେ ମାର୍ଗଟି ଉପରେ ଆସି ପ୍ରତିଷ୍ଠା ହୋଇଯିବା ପରେ, ସେ ଆମକୁ ତାଙ୍କର ବିଶାଳ ତଥା ବଳୀୟାନ୍ ଉମୋଚନକାରୀ ନୈଃଶବ୍ଦ୍ୟକତାଟି ଦ୍ୱାରା ଆବେଷ୍ଟିତ ଅଥବା ଆଚ୍ଛାଦିତ କରିନଅନ୍ତି, ବା ଏକ ବ୍ୟକ୍ତରୂପଧାରୀ ଦେବତାର ମୁଖ କିଂବା ଆକୃତି ଗ୍ରହଣ କରି ଆମର ନିକଟବର୍ତ୍ତୀ ହେବାକୁ ଲାଗନ୍ତି । ସେତେବେଳେ ଆମ ନିଜ ଭିତରେ ତଥା ଆମ ଚତୁର୍ଦ୍ଦିଗରେ ଆମେ ଏପର ଏକ ଶକ୍ତିର ସାନ୍ନିଧ୍ୟକୁ ଅନୁଭବ କରୁ, ଯିଏକି ଆମକୁ ଧାରଣ କରି ରହିଥାଏ, ଆମର ରକ୍ଷା କରୁଥାଏ, ଆଦରରେ

'oaob.nitrkl.ac.in' images reprocessed

ଆମର ପାଳନ-ପୋଷଣ କରିବାରେ ଲାଗିଥାଏ । ଆମେ ଏପରି ଏକ କଣ୍ଠସ୍ୱର ଶୁଣିବାକୁ ଲାଗୁ, ଯାହାକି ଆମକୁ ବାଟ ଦେଖାଇ ନେଇଥାଏ; ଆମର ଆପଣା ଫକଲ୍ଟିଠାରୁ ବୃହତ୍ତର ଏକ ଚେତନାମସ୍ୱ ଫକଲ୍ଟି ଆମର ପରିଚାଳନା କରୁଥାଏ, ଏକ ଅନନ୍ୟାଶ୍ରୟୀ ସାମର୍ଥ୍ୟ ଆମର ଜୀବନକୁ, ଆମର ସକଲ କର୍ମକୁ ଓ ଏପରିକି ଆମର ଏହି ଶରୀରକୁ ମଧ୍ୟ ପରିଚାଳିତ କରିବାରେ ଲାଗିଥାଏ । ଅଧିକରୁ ଅଧିକ ପରିମାଣରେ ବ୍ୟାପ୍ତ ହୋଇ ଯାଇଥିବା ଏକ ଚେତନା ଆମର ଚେତନାଟିକୁ ଆପଣା ଭିତରେ ଗ୍ରହଣ କରିନଏ, ଜ୍ଞାନର ଏକ ଜୀବନମସ୍ୱ ଆଲୋକ ଆମ ଭିତରେ ସଞ୍ଚେଇବା ସକୁକିଛୁକୁ ଆଲୋକିତ କରିଦେଇ ଯାଏ; ଅଥବା ଏକ ପରମ ଆନନ୍ଦର ଅଭିଭୂତ ଆସି ଆମକୁ ଆତ୍ମମଣ କରେ । ଊର୍ଦ୍ଧ୍ୱରୁ ଏକ ମୂର୍ତ୍ତି, ବୃହତ୍ତ୍ୱ ଏବଂ ଅତୁଳ ଶକ୍ତିମତ୍ତା ଆମ ଉପରେ ଗୁପ ପକାଇବାକୁ ଲାଗେ ଏବଂ ଆମ ପ୍ରକୃତିର ଏହି ଉପାଦାନଟିର ମଧ୍ୟକୁ ଭେଦ କରିଆସେ, ଆପଣାକୁ ସଞ୍ଚେଇବା ଭାବର ଭିତରେ ଅଜାଡ଼ି ଦେଇଯାଏ । ସେଠାରେ ଏକ ପରମ ଶାନ୍ତିର ଅଧିଷ୍ଠାନ ହୁଏ, ଏକ ଆଲୋକ, ଏକ ଆନନ୍ଦ, ଏକ ବଳବତ୍ତା ଓ ବୃହତ୍ତ୍ୱର ଅଧିଷ୍ଠାନ ହୁଏ । ବା, ନାନା ସମୃଦ୍ଧ ବା ସମ୍ଭବ ହୁଏ, ଠିକ୍ ଏହି ଜୀବନର ନାନା ସମୃଦ୍ଧ ପରି କେତେକେତେ ବ୍ୟକ୍ତଗତ ଓ ଅନ୍ତରଙ୍ଗ ସମୃଦ୍ଧ ସମ୍ଭବ ହୁଏ; ପ୍ରେମ ପରି ମଧୁର, ଆକାଶ ପରି ସ୍ୱତଃସ୍ଫୂର୍ତ୍ତ ଏବଂ ଅଗାଧ ସାଗର ପରି ଗଭୀର କେତେକେତେ ସମୃଦ୍ଧ ସମ୍ଭବ ହୁଏ । ଆମର କଡ଼େ କଡ଼େ ଜଣେ ସଖା ବା ବନ୍ଧୁ ଆମର ସହ୍ୱତ ବାଟ ଘୁଲୁଥିବା ପରି ଲାଗେ, ଆମ ହୃଦସ୍ଥର ଜଲ୍ପିତ ଜଳସ୍ଥରେ ଜଣେ ପ୍ରେମିକ ଆମର ସହ୍ୱତ ଆସୀନ ହୋଇ ରହିଥିବା ପରି ଲାଗେ । ଆମର ସକଲ କର୍ମ ଓ ସକଲ କଠିନ ପରୀକ୍ଷାର ପରମ ସ୍ୱାମୀ ଆମକୁ ବାଟ ଦେଖାଇ ନେଇଥାନ୍ତି, ବସ୍ତୁଗୁଡ଼ିକର ଜଣେ ପରମ ସ୍ରଷ୍ଟା ଆମକୁ ତାଙ୍କର ଏକ ନିମିତ୍ତରୂପେ ବ୍ୟବହାର କରନ୍ତି, ଆମେ ସଞ୍ଚେଇବା ସେହି ଶାଶ୍ୱତ ପରମଜନନୀଙ୍କର ବାହୁପାଶବଦ୍ଧ ହୋଇ ତାଙ୍କର କୋଳରେ ଯାଇ ବସିଥାଉ । ଏହିସବୁ ଯେଉଁ ଅପେକ୍ଷାକୃତ ଅଧିକ ବୃହତ୍ତ୍ୱସମ୍ଭବ ବିଭବ ମଧ୍ୟରେ ପରମ ଅନନ୍ତଚେତନାସ୍ୱ ଆମକୁ ଭେଟିବା ଲାଗି ଆସନ୍ତି, ଏଗୁଡ଼ିକୁ ଆମେ କେବଳ କେତେଗୁଡ଼ିଏ ସହାସ୍ୱକ ପ୍ରତୀକ ବୋଲିହିଁ କହିବା ନାହିଁ ବା ଉପଯୋଗୀ କେତୋଟି କଳ୍ପନାରୂପେ ସେଗୁଡ଼ିକୁ ଗ୍ରହଣ କରିବା ନାହିଁ; ସେଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ସତ୍ୟ ବୋଲି ଜାଣିବା । ମାନ, ଆପଣାର ପଥରେ ଆଗକୁ ଯାଇଥିବା ସଙ୍ଗେସଙ୍ଗେ ଆମର ଅନୁଭୂତି ମଧ୍ୟରେ ସେଗୁଡ଼ିକର ଏହି ପ୍ରଥମ ଓ ଅପୂର୍ଣ୍ଣ ରୂପଗୁଡ଼ିକ ଜମେ ସେଗୁଡ଼ିକର ଅନ୍ତରାଳରେ ବିଦ୍ୟମାନ ରହିଥିବା ସେହି ଏକମେବ ପରମ ସତ୍ୟଟିର ଏକ ବୃହତ୍ତର ଦୃଷ୍ଟିଲାଭ ଆଡ଼କୁ ବାଟ ଛାଡ଼ିଦେବ । ପ୍ରତ୍ୟେକଟି ପଦକ୍ଷେପରେ ସେଗୁଡ଼ିକ ଦେହରୁ କେବଳ ମନୋମସ୍ୱ ମୁଖାବରଣଗୁଡ଼ିକ ଖସି ପଡ଼ିବାରେ ଲାଗିଥିବ ଏବଂ ସେଗୁଡ଼ିକ ଏକ ବୃହତ୍ତର, ଗଭୀରତର ତଥା ଅଧିକ

'oaob.nitrkl.ac.in' images reprocessed

ଅନ୍ତରଙ୍ଗ ଭାପୂର୍ଣ୍ଣ ଗ୍ରହଣ କରିବାରେ ଲାଗିଥିବେ । ଏହିପରି ସ୍ୱଦରେ ଯେତେବେଳେ ଅଭମାନସର ସୀମାଗୁଡ଼ିକ ଆସି ଉପଗତ ହୋଇଯିବ, ସେତେବେଳେ ଏହିସବୁ ଦେବତା ଆପଣା ଆପଣାର ପବନ ରୂପଗୁଡ଼ିକୁ ଏକନ ସମ୍ମିଳିତ କରି ଆଣିବେ, ଏବଂ ସେମାନଙ୍କ ମଧ୍ୟରୁ କେହି ସ୍ୱ-ଅସ୍ତିତ୍ୱର କ୍ଷେତ୍ରରେ କୌଣସିପ୍ରକାରେ ବଲୁପ୍ତ ହୋଇ ନଯାଇ ମଧ୍ୟ ଏକରୂପାୟିତ ହୋଇ ଆସିବେ । ପରବର୍ତ୍ତୀ ଏକ ଅବସ୍ଥାରେ କେବଲ ପରତ୍ୟକ୍ତ ହୋଇ ରହିବାକୁହିଁ ଏହି ପଥରେ ଦବ୍ୟ ଯାବତ୍ତୀୟ ବସ୍ତୁର କଦାପି ଆପଣାକୁ ପ୍ରକାଶିତ କରି ନଥିବେ; ସେଗୁଡ଼ିକ କଦାପି କୌଣସି ସାମୟିକ ଚଦ୍‌ଗତ ସହାୟକ, ସୁବଧା ବା ସାଲଶ୍‌ରୂପେହିଁ ଅବସ୍ଥାପିତ ହୋଇ ନଥିବେ ଏବଂ ସେମାନଙ୍କର ମାଧ୍ୟମରେ ପରମ ନର୍ବିଶେଷଙ୍କର ସେହି ଦୂରପଗାମିତ ଅପହ୍ନ ଅଭଚେତନା ଦ୍ୱାରା ଆମ ଉପରେ କଦାପି ଏକ ମାୟାମୟ ଚେତନା ବା କେତୋଟି ସ୍ୱପ୍ନ-ମୂର୍ତ୍ତିରୂପେ ନକ୍ଷିପ୍ତ ହୋଇ ରହି ନଥିବେ । ବରଂ ଅନ୍ୟ ପକ୍ଷରେ, ସେଗୁଡ଼ିକ ସେଗୁଡ଼ିକର ଆତ୍ତ ଉଦ୍‌ଗମସ୍ଥଳ ସେହି ପରମସତ୍ୟର ସେଉଳ ନକଟବର୍ତ୍ତୀ ହୋଇ ଆସୁଥିବେ, ସେଗୁଡ଼ିକର ଶକ୍ତିମନ୍ତ୍ର ମଧ୍ୟ ସେଉଳ ବୁଝି ପାଇବାରେ ଲାଗିଥିବ ଏବଂ ସେଗୁଡ଼ିକର ପରପୁଷ୍ଟିତା ମଧ୍ୟ ଆପଣାକୁ ସେଉଳ ଅଧିକ ଉନ୍ମୋଚିତ କରି ଦେଇଥିବ ।

କାରଣ, ବର୍ତ୍ତମାନ ଅଭଚେତନ ହୋଇ ରହିଥିବା ସେହି ପରମ ବଣ୍ଟାପ୍ତତତା କେବଳ ଏକ ଶକ୍ତିମନ୍ତ୍ର ନୁହେଁ, ତାହାକୁ ଆମେ ଏକ ସତ୍ତା ବୋଲି ମଧ୍ୟ ଜାଣିବା । ଅଭମାନସ ବଣ୍ଟାପ୍ତତତା କେବେହେଲେ ଏକ ଶୂନ୍ୟଗର୍ଭ ମହାବସ୍ତୁ ନୁହେଁ, ମାତ୍ର ତାହାକୁ ଆମେ ସେହି ପ୍ରକାଶାପ୍ତତ ଭତ୍ତ୍ୱ ବୋଲି ଜାଣିବା ଯାହାକ ତାହାର ମଧ୍ୟରୁ ଜନ୍ମ ଲଭ କରିଥିବା ମୂଳଭୂତ ଯାବତ୍ତୀୟ ବସ୍ତୁକୁ ସଂକାଳ ଲଗି ଆପଣା ମଧ୍ୟରେ ଅନ୍ତର୍ଭୁକ୍ତ କରି ଧରି ରଖିଛି; ଏହା ସେଗୁଡ଼ିକୁ ସେମାନଙ୍କର ପରମ ଅବନଶ୍ୱର ସତ୍ତାରେ ଭଥା ସେମାନଙ୍କର ସ୍ୱକାୟ ସ୍ୱତ୍ତ୍ୱବଗତ ପରପୁଷ୍ଟି ରୂପରେ ଧାରଣ କରି ରଖିଛି । ସେଉଁସବୁ ହ୍ରସ୍ୱତା, ବଉକ୍ତତା ଏବଂ ଅଧଃପତନ ଏଠାରେ ଏକ ଅସନ୍ତୋଷଜନକ ଗୋଲକଧନ୍ଦା ବା ମାୟାମୟ ରହସ୍ୟର ସୃଷ୍ଟି କରି ରଖିଛନ୍ତି, ଆମର ଆଗ୍ରେହଣ ସଙ୍ଗେସଙ୍ଗେ ସ୍ୱପ୍ନଂ ସେହିଗୁଡ଼ିକହିଁ ହ୍ରସ୍ୱ ହୋଇ ଯାଉଛନ୍ତି ଓ ଆମ ଉପରୁ ଖସି ପଡ଼ୁଛନ୍ତି ଏବଂ ତା'ପରେ ଦବ୍ୟ ପରମସାମର୍ଥ୍ୟଗୁଡ଼ିକ ଆପଣାର ପ୍ରକୃତ ରୂପଗୁଡ଼ିକର ପରଗ୍ରହଣ କରୁଛନ୍ତି ଏବଂ ଅଧିକରୁ ଅଧିକ ପରମାଣରେ ଏଠାରେ ଉପଲବ୍ଧି ହେବାର ପ୍ରତିସ୍ପାଦି ମଧ୍ୟଦେଇ ଗତ କରୁଥିବା ଏକ ପରମସତ୍ୟର ନାନା ସ୍ଥିତ ଓ ଭୂମିରୂପେ ପ୍ରତତ୍ତ୍ୱତ ହୋଇ ଉଠୁଛନ୍ତି । ଏହି କ୍ଷେତ୍ରରେ ପରମ ଦବ୍ୟତାର ଏକ ଆତ୍ମା ଜଡ଼ଗତ ନଶ୍ଚେତନା ମଧ୍ୟରେ ରହିଥିବା ଆପଣାର ସତ୍ତତ ଏବଂ ସଗୁପ୍ତି ମଧ୍ୟରୁ ଧୀରେଧୀରେ ଜାତ୍ରତ ହୋଇ ଆସୁଛି । ଆମ କର୍ମଗୁଡ଼ିକର ଅଧୀଶ୍ୱର ପ୍ରକୃତରେ କେତେଗୁଡ଼ାଏ ମାୟା ବା ଭ୍ରାନ୍ତର ଅଧୀଶ୍ୱର ନୁହନ୍ତି, ମାତ୍ର ଏକ ସଙ୍କୋଚ ପରମସତ୍ୟରୂପେ ସେ ଆପଣାର

'oaob.nitrkl.ac.in' images reprocessed

ଆତ୍ମ-ଅଭିବ୍ୟକ୍ତିକାଳୀନ ସତ୍ତ୍ୟଗୁଡ଼ିକୁହିଁ କାର୍ଯ୍ୟକାଳୀନ କରିବାରେ ଲଗିଛନ୍ତି; ଏକ ବିବର୍ତ୍ତନଧର୍ମୀ ଅଭିବ୍ୟକ୍ତିର ଉଦ୍ଦେଶ୍ୟସାଧନ ପାଇଁ ସେହି ସତ୍ତ୍ୟଗୁଡ଼ିକ ଅଜ୍ଞାତର ସେହି ଖୋପାଗୁଡ଼ିକ ମଧ୍ୟରେ କସ୍ମିତ୍‌କାଳ ସକାଶେ ନିଦ୍ରାମଗ୍ନ ହୋଇ ରହିବାକୁ ଗୁଡ଼ି ବାନ୍ଧିହୋଇଥିଲେ, ସେ ସେଗୁଡ଼ିକୁ ଧୀରେଧୀରେ ସେଗୁଡ଼ିକ ମଧ୍ୟରୁ ମୁକ୍ତ କରି ଆଣୁଛନ୍ତି । କାରଣ ଯାହାକୁ ଆମେ ସେହି ଅଜ୍ଞାନସ୍ୱ ବିଶ୍ୱାତ୍ମଚେତନା ବୋଲି ଜାଣୁଛୁ, ତାହା କଦାପି ଆମର ଏହି ବର୍ତ୍ତମାନର ସମ୍ପୂର୍ଣ୍ଣତାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଏବଂ ଅସଲଗ୍ନ ହୋଇ ରହିଥିବା ଏକ ବସ୍ତୁ ନୁହେଁ । ତାହା ହେଉଛି ଏକ ବୃହତ୍ତର ଆଲୋକ ଯାହା ମଧ୍ୟରୁ କି ଏହି ସବୁକିଛି ସମ୍ଭୂତ ହୋଇ ଆସିଛନ୍ତି; ଆତ୍ମାର ଦୁଃସାହସଯାତ୍ରା ଲଗିଛି ଏହି ସବୁକିଛି ତାହା ମଧ୍ୟରୁ ସମ୍ଭୂତ ହୋଇଛନ୍ତି, ଜଣ୍ଟେତନ ଉଚ୍ଚରେ ପତିତ ହୋଇ ପୁଣି ତାହାର ମଧ୍ୟରୁ ମୁକ୍ତ ହୋଇ ଆସୁଛନ୍ତି; ଏବଂ ଏହି ଦୁଃସାହସିକ ଯାତ୍ରାଟି ଅବାରିତ ରହିଥିଲାବେଳେ ତାହା ଆମ ମନର ଊର୍ଦ୍ଧ୍ୱଦେଶରେ ପ୍ରତୀକ୍ଷା କରି ରହିଛି, ପରିଶେଷରେ ଆମର ମଧ୍ୟରେହିଁ ସଚେତନ ହୋଇପାରିବା ଲାଗି ପ୍ରତୀକ୍ଷା କରି ରହିଛି । ଆତ୍ମର ଆଗକୁ ଯାଇ ତାହା ଆପଣାକୁ ଅବଶ୍ୟ ଅନାବୃତ ଓ ଉଦ୍‌ଘାଟିତ କରିଦେବ, ଏବଂ ସେହି ଅନାବରଣଟି ଦ୍ୱାରା ଆମ ଆଗରେ ଆମର ଆପଣା ସତ୍ତ୍ୱା ତଥା ଆମର ଯାବତୀୟ କର୍ମର ସକଳ ତାତ୍ପର୍ଯ୍ୟଟିକୁ ଉନ୍ମୋଚିତ କରିଦେଇ ଯିବ । କାରଣ ତାହା ସେହି ପରମ ଦିବ୍ୟସ୍ୱରୂପଙ୍କୁହିଁ ଉଦ୍‌ଘାଟିତ କରି ଦେଖାଇଦେବ, ଏହି ଜଗତରେ ଯାହାଙ୍କର ପୂର୍ଣ୍ଣତର ପ୍ରକାଶ ଘଟିବା ଦ୍ୱାରାହିଁ ସେହି ଲୁକ୍‌କାୟିତ ପରମ ତାତ୍ପର୍ଯ୍ୟଟି ମଧ୍ୟ ପ୍ରକାଶିତ ହୋଇ ଆସିବ, ଚରିତାର୍ଥ ହୋଇପାରିବ ।

ସେହି ଅନାବରଣ ତଥା ଉଦ୍‌ଘାଟନଟି ଦ୍ୱାରା ବିଶ୍ୱାତ୍ମତତ୍ତ୍ୱ ପରମ ଦିବ୍ୟତା ଅଧିକରୁ ଅଧିକ ପରମାଣରେ ଆମ ସମକ୍ଷରେ ଆମ ସମସ୍ତଙ୍କର ଯଥାର୍ଥ ସ୍ୱରୂପ ସେହି ସର୍ବୋଚ୍ଚ ପରମ ସତ୍ତ୍ୱା ଏବଂ ପରିପୂର୍ଣ୍ଣ ଉଦ୍‌ଗମସ୍ଥାନ ବୋଲି ପରିଜ୍ଞାତ ହେବାକୁ ଲଗିବେ । ମାତ୍ର ଠିକ୍ ସେହିପରି କ୍ଷଣରେ ଆମେ ତାତ୍ତ୍ୱିକ ଯାବତୀୟ କର୍ମ ଓ ସକଳ ସୃଜନର ଜଣେ ଅଧୀଶ୍ୱରରୂପେ ମଧ୍ୟ ଦେଖିବାକୁ ପାଇବା, ଆପଣାର ଅଭିବ୍ୟକ୍ତି-କ୍ଷେତ୍ରଟିରେ ଆପଣାକୁ ଅଧିକରୁ ଅଧିକ କରି ଅଜାଡ଼ି ଦେବା ଲାଗି ପ୍ରସ୍ତୁତ ହୋଇ ରହିଥିବା ଜଣେ ଅଧୀଶ୍ୱରରୂପେ ଦେଖିବାକୁ ପାଇବା । ସେତେବେଳେ ବିଶ୍ୱଗତ ଚେତନା ତଥା ତାହାର କାର୍ଯ୍ୟଗୁଡ଼ିକ ଆମକୁ ଆଉ ଏକ ବିଶାଳ ଓ ଜସ୍ୱଦ୍ଧଣଯୁକ୍ତ ଆକସ୍ମିକତା ପର କଦାପି ପ୍ରତୀତ ହେବ ନାହିଁ, ସେଇଟି ସେହି ଅଭିବ୍ୟକ୍ତିରହିଁ ଏକ କ୍ଷେତ୍ରରୂପେ ଅନୁଭୂତ ହେବ । ସେହି କ୍ଷେତ୍ରରେ ପରମ ଦିବ୍ୟସତ୍ତ୍ୱା ଏପରି ଏକ ଅଧିସ୍ଥାତା ତଥା ସର୍ବବ୍ୟାପୀ ବିଶ୍ୱାତ୍ମାରୂପେ ପରିଦୃଷ୍ଟ ହେବାକୁ ଲଗିବେ, ଯାହାକି ସେହି ପରମ ବିଶ୍ୱାତ୍ମତତ୍ତ୍ୱା ମଧ୍ୟରୁହିଁ ସବୁକିଛିକୁ ଗ୍ରହଣ କରିନେଉଛି; ଏବଂ ଏହିପରି

'oaob.nitrkl.ac.in' images reprocessed

ଜ୍ଞବରେ ଯାହାକଛ ଅବଶ୍ଥିତ ହୋଇ ଆସୁଛ, ସେଗୁଡ଼ିକୁ ତାହା ଏପର ଗୋଟିଏ ଗୋଟିଏ ରୂପରେ ବ୍ୟକ୍ତିତ କର ଆଣୁଛ, ଯାହାକ ବର୍ତ୍ତମାନ କେବଳ ଏକ ଅସ୍ପଷ୍ଟ ଛନ୍ଦରୂପ ଅଥବା ବାଧାସୃଷ୍ଟିକାସ୍ତ୍ର ଅର୍ଦ୍ଧ-ଛନ୍ଦରୂପ ହୋଇ ଅବସ୍ଥିତ ରହିଛୁ ସତ୍ତ, ମାନ ଆତ୍ମର ଆଗକୁ ଯାଇ ଯାହାକ ଗୋଟିଏ ଗୋଟିଏ ସ୍ପଷ୍ଟ ଆସ୍ତପ୍ରକାଶ ବା ଅଭିବ୍ୟକ୍ତିରେ ଅବଶ୍ୟ ପରିଣତ ହୋଇଯିବ । ସେତେବେଳେ ବ୍ୟକ୍ତିର ଚେତନା ଆପଣାର ଯଥାର୍ଥ ତାତ୍ପର୍ଯ୍ୟ ଛଥା କର୍ମଟିକୁ ଅବଶ୍ୟ ଫେର ପାଇବ; କାରଣ ଏହା ଯଥାର୍ଥରେ ସେହି ପରମ ସଦ୍ଦୋଚଙ୍କଠାରୁ ପ୍ରେରିତ ହୋଇ ଆସିଥିବା ଏକ ଆତ୍ମାରହିଁ ରୂପ ହୋଇ ରହିଛୁ; ଏବଂ ଏଠାରେ ଘଟିଥିବା ତାହାର ଯାତ୍ରାସ୍ଥ ପ୍ରଚ୍ଛତ୍ସ ସତ୍ତ୍ୱେ ତାହା ଏପର ଏକ କେନ୍ଦ୍ର ଅଥବା ମାଧ୍ୟାକର୍ଷା ହୋଇ ରହିଛୁ, ଯାହାର ମଧ୍ୟରେ କ ଦ୍ରବ୍ୟ। ଜନମ-ଶକ୍ତି କାଳ ଓ ଜଡ଼ର ଭୂମି ଉପରେ ସେହି କାଲାତୀତ ଏବଂ ରୂପାତୀତ ପରମ ଦ୍ରବ୍ୟତାଙ୍କି ବଳସ୍ପମଣ୍ଡିତ ଜ୍ଞବରେ ମୂର୍ତ୍ତିମନ୍ତ କରିଦେବାକୁହିଁ ତାର୍ଯ୍ୟ କରିବାରେ ଲଗିଛନ୍ତ । ଜମେ ଏହାହିଁ ଆମର ଦୃଷ୍ଟି ଛଥା ଅନୁଭବର ସମ୍ମୁଖରେ ସକଳ କର୍ମର ସେହି ପରମ ଅଧୀଶ୍ୱରଙ୍କର ଇଚ୍ଛାରୂପେ ଏବଂ ସେଗୁଡ଼ିକର ସ୍ୱକାସ୍ୟ ତରମ ତାତ୍ପର୍ଯ୍ୟ ରୂପେ ଆପଣାକୁ ପ୍ରକାଶିତ କରି ଆଣିବ; ଏବଂ କେବଳ ତାହାହିଁ ଏହି ବିଶ୍ୱ-ସୃଷ୍ଟିକୁ ଛଥା ଜଗତ ମଧ୍ୟରେ ଆମର ଆପଣାର କର୍ମଟିକୁ ଏକ ଆଲୋକ ଆଣିଦେବ, ଏକ ସାର୍ଥକତା ଆଣି ଦେଇଯିବ । ସେଇଟିକୁ ସ୍ୱୀକାର କରିନେବା ଏବଂ ସେଇଟିକୁ କାର୍ଯ୍ୟରେ ପରିଣତ କରିବା ଲଗି ଅବରତ ହୃଦ୍ୟମ କରିବା;—ପୂର୍ତ୍ତଯୋଗରେ ଆମେ ଏହାକୁହିଁ ଦ୍ରବ୍ୟ କର୍ମର ମାର୍ଗଟିର ସମ୍ପୂର୍ଣ୍ଣ ସାରସ୍ୱତ୍ସ ବୋଲି ଜାଣି ରଖିବା ।

'oaob.nitrkl.ac.in' images reprocessed

ଦ୍ୱାଦଶ ପରିଚ୍ଛେଦ

ଦ୍ରବ୍ୟ କର୍ମ

କର୍ମର ଶ୍ରଥଦେଇ ଅଗ୍ରସର ହେଉଥିବା ସାଧକର ସାଧନା ଯେତେବେଳେ ଆପଣାର ସ୍ୱାଗ୍ରହିକ ପ୍ରାଜ୍ଞାବଦୃଷ୍ଟିରେ ଆସି ପହଞ୍ଚୁଛୁ ବା ପହଞ୍ଚିଲ ପର ମନେହେଉଛୁ, ସେତେବେଳେ ତା' ଆଗରେ ଆଉ ଗୋଟିଏ ପ୍ରଶ୍ନ ତଥାପି ରହିଯାଉଛୁ । ସେହି ପ୍ରଶ୍ନଟି ହେଉଛୁ, ମୁକ୍ତିଲାଭ ପରେ ଆତ୍ମା ଲଗି ଆଉ କୌଣସି କର୍ମ କରିବା ବାଙ୍କା ରହୁଛୁ କ, ଏବଂ ଯଦି ରହୁଛୁ, ତେବେ କେଉଁ କର୍ମଟି ରହୁଛୁ ଏବଂ କେଉଁ ଉଦ୍ଦେଶ୍ୟର ପୂରଣ ଲଗି ତାହା ରହୁଛୁ ? ସେତେବେଳେ ପ୍ରକୃତିର କ୍ଷେତ୍ରଟିରେ ସମତାତ୍ତ୍ୱ ଆସୀନ ହୋଇ ରହୁଛୁ, ବା ସମୁଦାୟ ପ୍ରକୃତିକୁ ସେହି ସମତାଦ୍ୱାରା ପରିଚାଳିତ କରୁଛୁ; ଅହଂ-ଧାରଣାଟିରୁ ଏକ ମୂଳଭୂତ ମୁକ୍ତି ଉପଲବ୍ଧି ହୋଇଛୁ, ଆଗରୁ ବ୍ୟାପ୍ତ ହୋଇ ରହିଥିବା ଅହଂ-ବୋଧରୁ ମୁକ୍ତି ମିଳିଛୁ, ଅହଂର ସମ୍ବନ୍ଧ ଅନୁଭୂତି ତଥା ଆବେଗରୁ ତଥା ତାହାର ଆତ୍ମପ୍ରତ୍ୟୋଦିତ ଇଚ୍ଛା ଏବଂ ବାସନାର ଦାଉରୁ ନିସ୍ତୃତି ମଧ୍ୟ ମିଳିଛୁ । କେବଳ ଜୀବନାରେ ନୁହେଁ ବା ଦୃଦ୍‌ଗତ କ୍ଷେତ୍ରଟିରେ ନୁହେଁ, ମାନ ସଜ୍ଞାର ଯାବତୀୟ ଜଟିଳ ଜୀଗୁଡ଼ାକରେ ମଧ୍ୟ ପୂର୍ଣ୍ଣ ଆତ୍ମ-ନିବେଦନ ସମ୍ଭବ ହୋଇଛୁ । ପୂର୍ଣ୍ଣ ସମଞ୍ଜସତା ସହିତ ଉନୋଟି ଯାକ ଗୁଣର କ୍ଷେତ୍ରରେ ଏକ ପରିପୂର୍ଣ୍ଣ ଶୁଦ୍ଧତା ଅର୍ଥାତ୍ ଅଉନମଣ ପ୍ରତିଷ୍ଠିତ ହୋଇପାରିଛୁ । ଆତ୍ମାଦ୍ୱାରା ଆପଣାର ଯାବତୀୟ କର୍ମର ଅଧୀଶ୍ୱରରୂପେ ପ୍ରତିଷ୍ଠିତ ହୋଇଛୁ ଓ ତାଙ୍କର ସାନ୍ନିଧ୍ୟରେଦ୍ୱାରା ଜୀବନ ଯାପନ କରୁଛୁ ଅଥବା ସଚେତନ ଜୀବରେ ତାଙ୍କର ସଜ୍ଞାର ଅନ୍ତର୍ଗତ ହୋଇ ରହୁଛୁ, ତାଙ୍କର ସହିତ ଏକତ୍ୱବଦ୍ଧ ହୋଇଛୁ ବା ତାଙ୍କୁ ଆପଣାର ହୃଦୟ ମଧ୍ୟରେ ବା ଆପଣାର ଉର୍ଦ୍ଧ୍ୱରେ ଅନୁଭବ କରୁଛୁ ଓ ତାଙ୍କର ନର୍ଦ୍ଦେଶଟିକୁ ପାଳନ କରୁଛୁ । ସେ ଆପଣାର ଯଥାର୍ଥ ସତ୍ତାଟିକୁ ଜାଣିବାକୁ ପାଇଛୁ ଏବଂ ଅଜ୍ଞାନର ଆବରଣଟିକୁ ଆପଣା ଉପରୁ କାଢ଼ି ଫିଙ୍ଗିଦେଇ ପାରିଛୁ । ତେବେ ମନୁଷ୍ୟ ମଧ୍ୟରେ ରହିଥିବା କର୍ମଯୋଗୀ ଲଗି ପୁଣି ଆଉ କେଉଁ କର୍ମ କରିବାକୁ ବାଙ୍କା ରହୁଛୁ ?—ଏବଂ ଯଦି ରହୁଛୁ, ତେବେ ସେ ଠିକ୍ କେଉଁ ଅଭିପ୍ରାୟଟି ନେଇ କେଉଁ ଉଦ୍ଦେଶ୍ୟର ସାଧନ ଲଗି ଓ କିପରି ଜୀବନା ସହିତ ସେହି କାର୍ଯ୍ୟରେ ପ୍ରବୃତ୍ତ ହେବ ?

*

'oaob.nitrkl.ac.in' images reprocessed

ଏହି ପ୍ରଶ୍ନର ଏପରି ଗୋଟିଏ ଉତ୍ତର ରହିଛି, ଯାହା ସହିତ କି ଆମେ ଭାରତବର୍ଷରେ ବେଶ୍ ପୁପରଚିତ ହୋଇ ରହିଛୁ । ଆଉ କଟ୍ଟହେଲେ କରିବାକୁ ନାହିଁ, କାରଣ ଏହାପରେ କେବଳ ନଶ୍ଚଳତାହିଁ ଅବଶେଷ ରହିଛି । ଆତ୍ମା ଯେତେବେଳେ ସବୋଚ୍ଚ ସତ୍ତାଙ୍କର ଶାଶ୍ୱତ ସାନ୍ନିଧ୍ୟ ମଧ୍ୟରେ ଅବସ୍ଥାନ କରିପାରୁଛି, ଅର୍ଥାତ୍ ଯେତେ-ବେଳେ ତାହା ପରମ ନିର୍ବିଶେପଙ୍କ ସହିତ ଏକତ୍ୱବଦ୍ଧ ହୋଇ ରହିଛି, ତେବେ ସେତେବେଳେ ଆମର ଏହି ଜାଗତିକ ଅସ୍ତିତ୍ୱର ଉଦ୍ଦେଶ୍ୟଟି,—ଯଦି ଏହାର ଆଦୌ ଏକ ଉଦ୍ଦେଶ୍ୟ ରହିଛି ବୋଲି କୁହାଯାଏ,—ତତ୍କ୍ଷଣାତ୍ ପରିସମାପ୍ତି ଲାଭକରିଛି । ଆତ୍ମ-ବିଭକ୍ତତା ଏବଂ ଅଜ୍ଞାନର ଅଭିଶାପ ମଧ୍ୟରୁ ମୁକ୍ତ ହୋଇ ଆସି ମନୁଷ୍ୟ ସେହି ଅନ୍ୟ ବ୍ୟାଧିଟିର କବଳରୁ, ଅର୍ଥାତ୍ କର୍ମରୂପୀ ଅଭିଶାପଟିର କବଳ ଭିତରୁ ମଧ୍ୟ ମୁକ୍ତ ହୋଇ ଆସୁଛି । ତେଣୁ ସେତେବେଳେ ପୁଣି କୌଣସି କର୍ମ କରିବାକୁ ପ୍ରବୃତ୍ତ ହେବାର ଅର୍ଥ ହେଉଛି ଉପଲବ୍ଧି ସେହି ସବୋଚ୍ଚ ଅବସ୍ଥାଟିରୁ ପୁଣି ତଳକୁ ଖସିଆସିବା ଏବଂ ପୁନର୍ବାର ସେହି ଅଜ୍ଞାନ ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରିବା । ଜୀବନସମ୍ପର୍କୀ ଏହି ମନୋବୃତ୍ତିଟିର ସପକ୍ଷରେ ଯେଉଁ ଯୁକ୍ତିଟି ବାଢ଼ି ଦିଆଯାଇଥାଏ, ତାହା ସବଦା ପ୍ରାଣିକ ପ୍ରକୃତିର ଗୋଟିଏ ଭ୍ରାନ୍ତ ଉପରେହିଁ ଆଧାରିତ ରହିଥାଏ । କାରଣ, ପ୍ରାଣିକ ପ୍ରକୃତି ଆବଶ୍ୟକତା, ଅସ୍ଥିର ସହଜାତ ପ୍ରବୃତ୍ତି ଓ ଆବେଗ ଅର୍ଥାତ୍ ବାସନା,—ଏହି ତିନୋଟି ନିମ୍ନସ୍ତରର ପ୍ରେରଣା ମଧ୍ୟରୁ କୌଣସି ଗୋଟିକରୁ ଅଥବା ତିନୋଟିଯାକରୁ ଆସିଥାର ଯାବତୀୟ କର୍ମ ଲାଗି ପ୍ରେରଣା ପାଇଥାଏ । ତେଣୁ ସେହି ସହଜାତ ପ୍ରବୃତ୍ତି ବା ଆବେଗଟି ଯେତେବେଳେ ଶାନ୍ତ ହୋଇଯାଏ, ଯେତେବେଳେ ବାସନାର ନିବାପନ ଘଟେ, ତେବେ ସେହି ସ୍ଥିତିରେ କର୍ମ କରିବା ଲାଗି ପୁଣି ଆଉ କି ଆବଶ୍ୟକତା ରହିଁବ ରହିବ ? ଖୁବ୍ ବେଶୀହେଲେ ଏଠାରେ ହୁଏତ କେବଳ ଏକ ଯନ୍ତ୍ରଗତ ପ୍ରୟୋଜନହିଁ ରହିଥିବ, ମାନ ଆଉ କଦାପି କୌଣସି ପ୍ରୟୋଜନ ନଥିବ; ଏବଂ ଶଙ୍ଖରଟି ନାଶ ହୋଇଯିବା ସଙ୍ଗେସଙ୍ଗେ ସେଇଟି ମଧ୍ୟ ଚିରକାଳ ଲାଗି ବନ୍ଦ ହୋଇଯିବ । ମାନ, ଏହି ସବୁକଟ୍ଟକୁ ଠିକ୍ ବୋଲି ସ୍ୱୀକାର କରିନେଲେ ମଧ୍ୟ, ଯେତେବେଳ ଯାଏ ଜୀବନ ରହିଛି, ସେପର୍ଯନ୍ତ କର୍ମ ମଧ୍ୟ ଅନିବାର୍ଯ୍ୟ ହୋଇ ରହିଥିବ । କେବଳ ଜୀବନା, ଅଥବା ଜୀବନାର ଅଜ୍ଞାତରେ, କେବଳ ଜୀବନଟିକୁ ବଞ୍ଚିବାକୁ ମଧ୍ୟ ସବୁବେଳେ ଏକ କର୍ମ ବୋଲି କୁହାଯିବ ଏବଂ ଏକାଧିକ ପରିଣାମର ଏକ କାରଣ ବୋଲି କୁହାଯିବ । ଏହି ଜଗତରେ ଅସ୍ତିତ୍ୱ ବୋଲି ଯାହାକିଛି ରହିଛି, ତାହାକୁ ଆମେ ଅବଶ୍ୟ କର୍ମ ବୋଲି କହିବା, ଶବ୍ଦର ଗୁଣଜ ବା ସାମର୍ଥ୍ୟ ବୋଲିହିଁ କହିବା; କେବଳ ଆପଣାର ଉପସ୍ଥିତି ହେତୁହିଁ ସମଗ୍ର କ୍ଷେତ୍ରରେ ତାହାର ଏକ ଗତିଶୀଳ ପରିଣାମ ରହିଛି; ଏପରିକ ଚେଲ୍ଲାଏ ମାଟିର ଜଡ଼ତା ଭିତରେ, ନିଦ୍ରାଣର ପ୍ରାନ୍ତଦେଶରେ ସମୁପସ୍ଥିତ ହୋଇଥିବା ନିଶ୍ଚଳ ବୁଦ୍ଧଙ୍କର ଶାନ୍ତ ମାଉଦତା ଭିତରେ

'oaob.nitrkl.ac.in' images reprocessed

ମଧ୍ୟ ଏକ ଗତିଶୀଳ ପରିଣାମ ଅନ୍ତର୍ନିହିତ ହୋଇ ରହିଛୁ । ତେଣୁ ଏହି କ୍ଷେତ୍ରରେ କେବଳ କର୍ମର ବିଶେଷ ପ୍ରକାରଟିର, ସେଥିରେ ବ୍ୟବହୃତ ହେଉଥିବା ବା ଆପଣାଗୁଣଏଁ କାର୍ଯ୍ୟ କରୁଥିବା ସାଧନଗୁଡ଼ିକର ଏବଂ ଉହିଁ ସଙ୍ଗେ ସଙ୍ଗେ କର୍ମ କରିବାବାଲ୍ଭର ଭାବ ତଥା ଜ୍ଞାନରହିଁ ଏକ ପ୍ରଶ୍ନ ରହିଛୁ । କାରଣ ବସ୍ତୁତଃ କୌଣସି ମନୁଷ୍ୟ ଆଦୌ କୌଣସି କାର୍ଯ୍ୟ କରୁ ନାହିଁ, ତା' ମଧ୍ୟଦେଇ ପ୍ରକୃତିହିଁ କାର୍ଯ୍ୟ କରିବାରେ ଲଗିଛୁ; ପରମ ଆନନ୍ତ୍ୟ ମଧ୍ୟରୁ ଉଦ୍‌ଭୂତ ହୋଇ ଆସିଥିବା ଅନ୍ତରସ୍ଥ ଏକ ପରମ ସାମର୍ଥ୍ୟର ଆତ୍ମ-ଅଭିବ୍ୟକ୍ତି ଲଗିହିଁ ପ୍ରକୃତି ଯାବତୀୟ କର୍ମ କରୁଛୁ । ସେହି ସତ୍ୟଟିକୁ ଜାଣି ପ୍ରକୃତିର ପରମ ନିୟନ୍ତାଙ୍କର ସାନ୍ନିଧ୍ୟରେ ଏବଂ ତାଙ୍କର ସତ୍ତା ମଧ୍ୟରେ ବାସ କରିବା, ସକଳ ବାସନାରୁ ମୁକ୍ତ ହୋଇ ଏବଂ ବ୍ୟକ୍ତିଗତ ଆବେଗମୟତାର ଭ୍ରାନ୍ତିଟି ମଧ୍ୟରୁ ମୁକ୍ତ ହୋଇ ତାଙ୍କର ମଧ୍ୟରେ ବାସ କରିବା,—ସେତେବେଳେ ଏହାହିଁ ଏକମାତ୍ର ଆବଶ୍ୟକତା ହୋଇ ରହିବ । ଶବ୍ଦର ଦ୍ୱାରା କର୍ମର ତ୍ୟାଗକୁ ଯଥାର୍ଥ ମୁକ୍ତି ବୋଲି ନକହି ଆମେ ଏହାକୁହିଁ ଯଥାର୍ଥ ମୁକ୍ତି ବୋଲି କହିବା; କାରଣ କର୍ମର ବନ୍ଧନ ତ ତୁରନ୍ତ ସମାପ୍ତ ହୋଇଯାଏ । ଜଣେ ମନୁଷ୍ୟ ହୁଏତ ସ୍ଥିର ଓ ନିଶ୍ଚଳ ହୋଇ ଚିରକାଳ ଲଗି ବସି ରହିପାରେ ଏବଂ ତଥାପି ଠିକ୍ ସେକୌଣସି ଇତରପ୍ରାଣୀ ବା ପତଙ୍ଗ ଭଳି ଅଜ୍ଞାନ ମଧ୍ୟରେ ଆବଦ୍ଧ ହୋଇ ରହିପାରେ । ମାତ୍ର ଯଦି ସେ ଆପଣା ଭିତରେ ଏହି ବୃହତ୍ତର ଚେତନାଟିକୁ ଗତିଶୀଳ କରିପାରେ, ତେବେ ସକଳ ଜଗତର ସକଳ କର୍ମ ତା'ର ମଧ୍ୟଦେଇ ଅତିକ୍ରମ କରି ଯାଉଥିଲେ ମଧ୍ୟ ସେ ତଥାପି ନିଶ୍ଚଳ ରହିପାରେ; ସମ୍ପୂର୍ଣ୍ଣ ଭାବରେ ସ୍ଥିର ଓ ଶାନ୍ତ ହୋଇ ରହିପାରେ, ସକଳ ବନ୍ଧନରୁ ମୁକ୍ତ ହୋଇ ରହିପାରେ । ପ୍ରଥମତଃ ଆମର ଆତ୍ମ-ବିକାଶ ଏବଂ ଆତ୍ମ-ସୁସ୍ତିତା ପାଇଁ ଏକ ସାଧନରୂପେହିଁ ଏହି ଫଳାରରେ ଆମକୁ କର୍ମର ପ୍ରତ୍ୟାନ କରା ହୋଇଥାଏ; ମାତ୍ର ଯଦି ଆମେ ସମ୍ଭାବ୍ୟ ସର୍ବଶେଷ ଦିବ୍ୟ ଆତ୍ମ-ପରିପୂର୍ତ୍ତିତାର ଉପଲବ୍ଧି କରିବାରେ ସଫଳ ହୋଇଯିବା, ତେବେ ମଧ୍ୟ ତାହା ଏହି ଜଗତରେ ଭାଗବତ ଅଭିପ୍ରାୟର ପରିପୂରଣ ଲଗି ଏକ ସାଧନ ହୋଇ ରହିବ; ପ୍ରତ୍ୟେକ ସତ୍ତା ଯେଉଁ ବିଶ୍ୱଗତ ଆତ୍ମସତ୍ତାର ଗୋଟିଏ ଗୋଟିଏ ଅଂଶରୂପେ ଅବସ୍ଥିତ ରହିଛୁ, ଅର୍ଥାତ୍ ଯେଉଁ ବିଶ୍ୱାତ୍ମାର ଅଂଶଟି ତା' ସହିତ ସେହି ବିଶ୍ୱାତ୍ମଭାବରୁହିଁ ଏଠାକୁ ଅବତରଣ କରି ଆସିଛୁ, ସେହି ବୃହତ୍ତର ବିଶ୍ୱଗତ ଆତ୍ମସତ୍ତାର ଚରିତାର୍ଥତା ଲଗି ତାହା ତଥାପି ଏକ ସାଧନ ହୋଇ ରହିବ ।

ଗୋଟିଏ ଅର୍ଥରେ ବିଚାର କରି ଦେଖିଲେ, ଯେତେବେଳେ ଯୋଗ ଏକ ନିର୍ଦ୍ଦିଷ୍ଟ ସ୍ତିତିରେ ଆସି ପହଞ୍ଚିଯାଏ, ସେତେବେଳେ ମନୁଷ୍ୟର କର୍ମ ମଧ୍ୟ ଶେଷ ହୋଇଯାଏ । କାରଣ, କର୍ମ କରିବା ଲଗି ତା'ର ଆଉ କୌଣସି ବ୍ୟକ୍ତିଗତ ପ୍ରୟୋଜନ ନଥାଏ, ସେ ନିଜେ ପ୍ରକୃତିରେ କୌଣସି କର୍ମ କରୁଛୁ ବୋଲି ତା'ର କୌଣସି ବୋଧ ମଧ୍ୟ ନଥାଏ; ମାତ୍ର ସେହି କ୍ଷେତ୍ରରେ କର୍ମରୁ ପଳାୟନ କରିବା ଏବଂ

'oaob.nitrkl.ac.in' images reprocessed

କୌଣସି ଆନନ୍ଦମୟ ଜଡ଼ତା ଓ ନିଷ୍କ୍ରିୟତା ମଧ୍ୟରେ ଆଶ୍ରୟ ନେବା ସକାଶେ ମଧ୍ୟ କୌଣସି ପ୍ରୟୋଜନ ନଥାଏ । କାରଣ ତା'ର ବର୍ତ୍ତମାନ ସ୍ଥିତରେ ସେ ଦ୍ରବ୍ୟ ପରମସତ୍ତାଙ୍କ ସଦୃଶହିଁ ସକଳ କର୍ମ କରୁଥାଏ, ଅର୍ଥାତ୍ ତାକୁ ତା' କର୍ମରେ ବାଛ ରଖିବା ଭଳ କୌଣସି ପ୍ରୟୋଜନସତ୍ତା ନଥାଏ ବା କୌଣସି ଅଜ୍ଞାନ ମଧ୍ୟ ତାକୁ କୌଣସିପ୍ରକାରେ ବାଧ କରିବା ଲଗି କେବେହେଲେ ଆସେ ନାହିଁ । ଏପରିକ ଯାବତ୍ପାସ୍ତ କର୍ମ କରୁଥିଲେ ସୁଦ୍ଧା ସେ ଆଦୌ କଛୁହେଲେ କରେ ନାହିଁ । ସେ ଆପେ କୌଣସି କର୍ମର ପ୍ରଥମୋଦ୍ୟମ କରେ ନାହିଁ । ତା'ର ପ୍ରକୃତିର ମଧ୍ୟଦେଇ ଦ୍ରବ୍ୟ ଶକ୍ତିହିଁ ତା' ମଧ୍ୟରେ କର୍ମ କରିବାରେ ଲଗିଥାନ୍ତି; ଏକ ସଙ୍କୋଚ ପରମ ସାମର୍ଥ୍ୟର ସ୍ୱତଃସ୍ଫୂର୍ତ୍ତତା ମଧ୍ୟଦେଇହିଁ ତାହାର କର୍ମ ବିକାଶଲାଭ କରେ ଏବଂ ତା'ର ସକଳ ସାଧନ ସେହି ପରମ ସାମର୍ଥ୍ୟରହିଁ ଅଧୀନ ହୋଇ ରହିଥାନ୍ତି । ଯିଏ ନଜେ ସେହି ସାମର୍ଥ୍ୟର ଗୋଟିଏ ଅଂଶ ହୋଇ ରହିଥାଏ, ସେହି ପରମ ସାମର୍ଥ୍ୟର ଇଚ୍ଛାଟି ସହିତ ତାହାର ସକଳ ଇଚ୍ଛା ତଦାତ୍ମକ ହୋଇ ରହିଥାଏ, ତାହାର ଆପଣା ଶକ୍ତିଟି ମଧ୍ୟ କେବଳ ତାହାର ଶକ୍ତ ହୋଇ ରହିଥାଏ । ତା' ଭିତରର ଆତ୍ମା ବା ତଦ୍ଗତତାହିଁ ତା'ର ଯାବତ୍ପାସ୍ତ କର୍ମକୁ ଆପଣାର ଅନ୍ତର୍ଗତ କରି ରଖିଥାଏ, ତାହାକୁ ଧାରଣ କରିଥାଏ ଓ ତାହା ଉପରେ ଦୃଷ୍ଟି ରଖିଥାଏ । ସେହି ଆତ୍ମାହିଁ ଜ୍ଞାନର ଭୂମିରେ ତାହାର ଅଧିଷ୍ଠାତା ହୋଇ ରହିଥାଏ, ମାତ୍ର କୌଣସି ଆସକ୍ତି ଅଥବା ଆବଶ୍ୟକତା ହେତୁ ତାହା ସେଇଟି ସହିତ ଲିପ୍ତ ହୋଇଯାଏ ନାହିଁ, ତାହା ସହିତ ବାନ୍ଧ ହୋଇଯାଏ ନାହିଁ; କର୍ମର ଫଳବାସନାଟି ଦ୍ୱାରା ବି ବାନ୍ଧ ହୋଇ ରହେ ନାହିଁ, କୌଣସିପ୍ରକାର ଗତିସ୍ପନ୍ଦନ ଅଥବା ଆବେଗ ପାଖରେ କଦାପି ବାସ ହୋଇପଡ଼େ ନାହିଁ ।

ବାସନା ନଥାଇ ଯେ କର୍ମ କଦାପି ସମ୍ଭବ ହେବ ନାହିଁ ବା ଅନ୍ତତଃ କେବଳ ନିରର୍ଥକ କର୍ମହିଁ ହୋଇ ରହିବ, ଏହାଭଳ ଅନୁମାନ କରିବାକୁ ଆମେ କେବଳ ଏକ ସାଧାରଣ ଭୁଲ୍ ବୋଲ କହିବା । ଆମକୁ ବୁଝା ଯାଇଥାଏ ଯେ, ବାସନା ଘୁଞ୍ଚିଗଲେ କର୍ମ ମଧ୍ୟ ଅବଶ୍ୟ ବନ୍ଦ ହୋଇଯିବ । ମାତ୍ର ଅତି ସରଳ ଭାବରେ ଗୁଡ଼ାଏ ଆବୋର ପକାଇଥିବା ଅନ୍ୟ ଯାବତ୍ପାସ୍ତ ସିଦ୍ଧାନ୍ତ ପରି ଏହି ସିଦ୍ଧାନ୍ତଟିକୁ ମଧ୍ୟ ଆମେ ଯେତେଦୂର ଯଥାର୍ଥ ବୋଲ ନଜାଣିବା, ତା'ଠାରୁ ଅଧିକ ପରିମାଣରେ ସବୁକଛୁକୁ ଖଣ୍ଡ ଖଣ୍ଡ କରି କାଟି ପକାଇ ସବୁକଛୁର ସଜ୍ଞା ନିରୂପଣ କରି ଦେଇଥିବା ଆମ ମନଟି ଲଗିହିଁ ଏକ ଆକର୍ଷକ ସିଦ୍ଧାନ୍ତ ବୋଲ କହିବା । ବିଶ୍ୱଜଗତରେ ଯେତେଯେତେ କର୍ମ ସମ୍ପାଦିତ ହେଉଛୁ, ତାହାର ଏକ ପ୍ରଧାନ ଅଂଶହିଁ ବାସନାର ଆଦୌ କୌଣସି ହସ୍ତକ୍ଷେପ ବ୍ୟତୀତହିଁ ସମ୍ପାଦିତ ହେଉଛୁ । ତାହା ପ୍ରକୃତିର ସ୍ଥିର ପ୍ରୟୋଜନସତ୍ତା ଏବଂ ସ୍ୱତଃସ୍ଫୂର୍ତ୍ତ ବିଧାନ ଦ୍ୱାରାହିଁ ପ୍ରେରିତ ହୋଇ ସମ୍ପାଦିତ ହେଉଛୁ ।

'oaob.nitrkl.ac.in' images reprocessed

ଏପରକି ସ୍ୱୟଂ ମନୁଷ୍ୟ ମଧ୍ୟ ଏକ ସ୍ୱତଃସ୍ଫୂର୍ତ୍ତ ଆବେଗ, ଅନ୍ତର୍ବୋଧ ତଥା ସହଜାତ ପ୍ରବୃତ୍ତି ଦ୍ୱାରାହିଁ ସତତ ନାନାବିଧ କେତେକେତେ କାର୍ଯ୍ୟ କରିବାରେ ଲାଗିଛୁ; ଅଥବା, ତା'ର ମନ ଭିତରେ କୌଣସି ଯୋଜନା ନକର କଂବା ଏକ ସଚେତନ ପ୍ରାଣିକ ଇଚ୍ଛା ବା ସଂବେଗଘୃଣ୍ଣିତ କାମନାର ଆଦୌ କୌଣସି ପ୍ରେରଣା ନଥାଇ ଶକ୍ତିଗୁଡ଼ିକର ସ୍ୱାଭାବିକ ଆବଶ୍ୟକତା ଏବଂ ନିସର୍ଗର ବୋଲ୍ ମାନିହିଁ ସେ କର୍ମ କରିଯାଉଛୁ । ଏକାଧିକ କେତେକେତେ ଅବସରରେ ତାହାର କାର୍ଯ୍ୟ ତା'ର ଅଭିପ୍ରାୟ ଓ ତା'ର ବାସନାର ବିପରୀତ ହୋଇ ବ ଯାଉଛୁ, କୌଣସି ଆବଶ୍ୟକତା ଅଥବା ଦୁବାର ଗୃପ ଦ୍ୱାରା ବାଧ୍ୟ ହୋଇ, କୌଣସି ଏକ ଆବେଗର ଅଧୀନ ହୋଇ, ଅମ୍ପୃ-ଅଭିବ୍ୟକ୍ତ ଲାଗି ଯେକୌଣସି ପ୍ରକାରେ ଏକ ଦ୍ୱାର ଛିନ୍ନ କରିଦେବାକୁ ଗୃଢ଼ୁଥିବା ତା' ଭିତରର ଏକ ଶକ୍ତିମନ୍ତ୍ରର ବୋଲ୍ ମାନ ଅଥବା କୌଣସି ଭିତରର ଆଦର୍ଶର ସଚେତନ ଅନୁଧାବନ ଦ୍ୱାରା ପ୍ରବୃତ୍ତ ହୋଇ ତାହାର କର୍ମ ତା' ମଧ୍ୟରୁ ପ୍ରେରିତ ହୋଇ ଆସୁଛୁ । ବାସନା ବା କାମନାକୁ ଆମେ ଏକ ଅତିରିକ୍ତ ପ୍ରତ୍ଯେଭନ ବୋଲି କହିବା, ଯାହାକୁ କି ପ୍ରକୃତ ଆପଣାର ନାନାବିଧ ଅନ୍ତଃବର୍ତ୍ତୀ ଉଦ୍ଦେଶ୍ୟର ସାଧନ ଲାଗି ଆବଶ୍ୟକ ହେଉଥିବା ଗୋଟାଏ ପ୍ରକାରର ସ୍ୱଳପିକ କର୍ମକୁ ସମ୍ଭବ କରିବା ସକାଶେ ଚେତନାଯୁକ୍ତ ସତ୍ତ୍ୱମାନଙ୍କର ଜୀବନରେ ଏକ ବୃହତ୍ ସ୍ଥାନ ଦେଇ ରଖିଛୁ । ମାତ୍ର ବାସନାକୁ ଆମେ କଦାପି ପ୍ରକୃତିର ଏକମାତ୍ର ବା ଏପରକି ତାହାର ସ୍ୱଂପ୍ରଧାନ ଇଞ୍ଜିନ୍ ବୋଲି କହିବା ନାହିଁ । ଯେତେବେଳ ଯାଏ ବାସନା ରହିଥାଏ, ସେତେବେଳ ଯାଏ ତାହାର ଏକ ବଡ଼ ଉପଯୋଗିତା ମଧ୍ୟ ରହିଥାଏ; ତାହା ଆମକୁ ଜଡ଼ତାକୁ ଗୁଡ଼ି ବାହାର ଆସିବାରେ ସାହାଯ୍ୟ କରେ; ତାହା କେତେକେତେ ତାମସିକ ଶକ୍ତିର ବରୋଧ ମଧ୍ୟ କରୁଥାଏ, ଯେଉଁଗୁଡ଼ିକ କି ଅନ୍ୟଥା କର୍ମକୁ ବାଟ ଉଗାଳି ରଖି ଦେଉଥାନ୍ତେ । ମାତ୍ର ଯେଉଁ ସାଧକ କର୍ମର ମାର୍ଗରେ ଅନେକ ଦୂର ଅଗ୍ରସର ହୋଇ ସାରିଲଣି, ସିଏ କାମନା ଏକ ସହାୟକ ଇଞ୍ଜିନ୍ ପରି କାମ ଦେଉଥିବା ଏହି ଅନ୍ତଃବର୍ତ୍ତୀ ପଦ୍ଧତିକୁ ମଧ୍ୟ ପାର ହୋଇ ସାରିଲଣି । ତା'ର କର୍ମ ଲାଗି ସେଇ ଇଞ୍ଜିନର ଠେଲବାଟା ଆଉ ଆଦୌ ଅପରିହାର୍ଯ୍ୟ ହୋଇ ରହି ନାହିଁ; ବରଂ ତାହା ଏକ ଭସ୍ମଙ୍କର ବାଧା ହୋଇ ରହିଛୁ; ସ୍ଖଳନ, ଅଯୋଗ୍ୟତା ତଥା ବିଫଳତାରହିଁ ଏକ କାରଣ ହୋଇ ରହିଛୁ । ଅନ୍ୟମାନେ ସିନା ଆପଣାର ଏକ ବ୍ୟକ୍ତିଗତ ରୁଚିଅରୁଚି ଅଥବା ଅଭିପ୍ରାୟକୁ ମାନିବା ଲାଗି ବାଧ୍ୟ ହେଉଛନ୍ତି, ମାତ୍ର ତାକୁ ଏକ ବ୍ୟକ୍ତିଇଚ୍ଛାମୁକ୍ତ ବା ବିଶୁଦ୍ଧୋଗତ ମନ ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରି ଶିଖିବାକୁ ପଡ଼ିବ, ବା ଏକ ଅନନ୍ତ ପରମବ୍ୟକ୍ତିଙ୍କର ଏକ ଅଂଶ ବା ନିମିତ୍ତ ରୂପେ କର୍ମ କରି ଶିଖିବାକୁ ପଡ଼ିବ । ଏକ ଅତଞ୍ଚଳ ଅନାସକ୍ତିଭାବ, ଏକ ପ୍ରସନ୍ନଚିତ୍ତ ନିସ୍ପୃହତା ଏବଂ ତାହାର ନିର୍ଦ୍ଦେଶ ଯାହା ହେଉ ପଛକେ, ଏକ ଦିବ୍ୟ ପରମସାମର୍ଥ୍ୟ

'oaob.nitrkl.ac.in' images reprocessed

ଲଗି ଏକ ଆନନ୍ଦମସ୍ୱ ପ୍ରତିଷ୍ପନ୍ଦନଶ୍ଚାପନ;—ଏହୁଗୁଡ଼କହିଁ ତା'ର ଯେକୌଣସି ପ୍ରଶ୍ନବଯୁକ୍ତ କର୍ମ କରିବାର ବା ଯେକୌଣସି ଉପଯୁକ୍ତ ବା ଆବଶ୍ୟକ କର୍ମର ଫଳ ଗ୍ରହଣ କରିବାର ସର୍ତ୍ତସ୍ୱରୂପ ହୋଇ ରହିଥିବ। କୌଣସି ବାସନା ବା କୌଣସି ଆସକ୍ତି ତାହାକୁ କର୍ମରେ ପ୍ରେରିତ କରିବ ନାହିଁ; ମାତ୍ର ଯେଉଁ ଫଳଲାଭ ଏକ ଦ୍ରବ୍ୟ ଶାନ୍ତମସ୍ୱତା ଭିତରେ ସ୍ପନ୍ଦିତ ହେବାରେ ଲଗିଛି, ଯେଉଁ ଜ୍ଞାନ ସେହି ବିଶ୍ୱାତୀତ ଆଲୋକଧାମରୁ ଖସିତ ହୋଇ ଆସୁଛି ଏବଂ ଯେଉଁ ପ୍ରସନ୍ନ ଆବେଗଟି ସେହି ସର୍ବୋଚ୍ଚ ପରମ ଆନନ୍ଦରୁହିଁ ଉଦ୍‌ଭୂତ ହୋଇ ଆସିଥିବା ଏକ ଶକ୍ତିମତ୍ତା ହୋଇ ରହିଛି, ସେହିଭଳି ଏକ ଫଳଲାଭ, ଏକ ଜ୍ଞାନ ତଥା ଏକ ଆବେଗହିଁ ତାହାକୁ ପରିଚାଳିତ କରି ନେଇଥିବ।

*

ଯୋଗର ଏକ ଉଚ୍ଚତର ଅବସ୍ଥାରେ, ସାଧକ କେଉଁସବୁ କର୍ମ କରିବ ଓ କେଉଁସବୁ କର୍ମ ନକରିବ, କୌଣସିପ୍ରକାର ବ୍ୟକ୍ତିଗତ ରୁଚି-ଅରୁଚିର ଦୃଷ୍ଟିରୁ ବିଚାର କଲେ, ତା' ଲଗି ତାହାର ଆଦୌ କୌଣସି ମହତ୍ତ୍ୱ ରହିବ ନାହିଁ, ସେବିଷୟରେ ସେ ସମ୍ପୂର୍ଣ୍ଣ ଉଦାସୀନ ହୋଇଯିବ; ଏପରିକ, ସେ ଆଦୌ କୌଣସି କର୍ମ କରିବ କି ନାହିଁ, ସେକଥାଟି ମଧ୍ୟ ତା'ର ବ୍ୟକ୍ତିଗତ ରୁଚି କିମ୍ବା ଖୁସି ଅନୁସାରେ ଆଦୌ ମୀମାଂସିତ ହେବ ନାହିଁ। ଯାହାକିଛୁ ସେହି ପରମସତ୍ୟଟି ସହିତ ସଙ୍ଗତି ରଖିଥିବ ଅଥବା ପରମ ଦ୍ରବ୍ୟସ୍ୱରୂପ ତା'ର ପ୍ରକୃତିଟି ମଧ୍ୟଦେଇ ତା'ଠାରୁ ଯେତେବେଳେ ଯାହାକିଛୁ ଦାବି କରୁଥିବେ, ସେ ସବୁଦା ତାହାହିଁ କରିବା ଲଗି ପ୍ରସ୍ତୁତ ହେଉଥିବ। ବେଳେବେଳେ ଏପରି ଗୋଟିଏ ଭ୍ରମାତ୍ମକ ସିଦ୍ଧାନ୍ତ ଜନ୍ମ ଯାଇଥାଏ ଯେ ଅଧ୍ୟାତ୍ମମାର୍ଗର ଜଣେ ମନୁଷ୍ୟ ଅଦୃଷ୍ଟ, ଭଗବାନ ବା ତା'ର ପୁଂ କର୍ମଟି ତାକୁ ଯେଉଁ ସ୍ଥାନରେ ଆଣି ଥୋଇଦେଇଛୁ, ସେ ସେଇଟିକୁହିଁ ଆଦର ନେବ; ତା'ର ଜନ୍ମ ଏବଂ ପରିସ୍ଥିତି ହେତୁ ସେ ଆପଣାର ପ୍ରକୃତିକୁ ଅର୍ଥାତ୍ ତା'ର ଆପଣାର ପରିବାର, ବଂଶ, ବର୍ଣ୍ଣ, ଜାତି ଏବଂ ଧନ୍ଦା ପ୍ରଭୃତି ଯାବତୀୟ ଗୁଣକୁ ସେ ଶିରୋଧାର୍ଯ୍ୟ କରିନେବ ଏବଂ ତାହାର ମଧ୍ୟରେ ରହି ଆପଣାର ସକଳ କାର୍ଯ୍ୟ କରିହିଁ ସନ୍ତୁଷ୍ଟ ହୋଇ ରହିବ, ସେଗୁଡ଼ିକର ସୀମାତିକ୍ରମ କରିବା ଲଗି ବା କୌଣସି ବୃହତ୍ତର ପାର୍ଥିବ ଲକ୍ଷ୍ୟର ଅନୁସରଣ କରିବା ଲଗି ସେ ଆଦୌ କୌଣସି ପ୍ରୟାସ କରିବ ନାହିଁ ଏବଂ ଏପରିକ ଏଭଳି କୌଣସି ପ୍ରୟାସ କରିବା ତା' ପକ୍ଷରେ ଉଚିତ ମଧ୍ୟ ହେବ ନାହିଁ। ଯେହେତୁ ତା'ର ପ୍ରକୃତିରେ କୌଣସି କାର୍ଯ୍ୟ କରିବାକୁ ନାହିଁ, ଯେପର୍ଯ୍ୟନ୍ତ ସେ ଏହି ଦେହ ଭିତରେ ରହିଛି, ପରମ ମୁକ୍ତିରେ ଯାଇ ପହଞ୍ଚିବା ସକାଶେହିଁ ଯେହେତୁ ଯେକୌଣସି କାର୍ଯ୍ୟ ହେଉଥିଛକେ, ତାକୁ କେବଳ ସେହି କାର୍ଯ୍ୟଟିକୁ ଏକ ସାଧନ ପରି ବ୍ୟବହାର

'oaob.nitrkl.ac.in' images reprocessed

କରବାକୁ ପଡ଼ିବ, ବା, ସେହି ପରମ ମୁକ୍ତର ସ୍ଥଳରେ ଆସି ପହଞ୍ଚିବା ପରେ ତାକୁ ଯେହେତୁ କେବଳ ସେହି ସଙ୍କୋଚ ପରମ ଇଚ୍ଛାରହିଁ ନର୍ଦ୍ଦେଶଟିକୁ ମାନିବାକୁ ପଡ଼ିବ ଓ ତାହାର ନର୍ଦ୍ଦେଶ ଅନୁସାରେହିଁ ଯାହାକିଛି କରିବାକୁ ପଡ଼ିବ, ତେଣୁ ତାକୁ ଯେଉଁ ପ୍ରକୃତ କ୍ଷେତ୍ରଟି ପ୍ରଦତ୍ତ ହୋଇ ରହିଛି, ସେଇଟିହିଁ ସେହି ଉଦ୍ଦେଶ୍ୟର ସାଧନ ଲଗି ନଶ୍ଚୟ ଯଥେଷ୍ଟ ହେବ । ଥରେ ଆପଣାର ମୁକ୍ତ ହାସଲ କରିପାରିଲେ, ନସ୍ତତ ଏବଂ ପରିସ୍ଥିତି ତା' ସକାଶେ ଯେଉଁ କ୍ଷେତ୍ରଟିକୁ ଧାର୍ଯ୍ୟ କରିଦେଇଛି, ତାକୁ କେବଳ ସେହି କ୍ଷେତ୍ରଟିରେ ରହିହିଁ ଆପଣାର କାର୍ଯ୍ୟ କରିବାକୁ ହେବ ଏବଂ ଅବଶେଷରେ ସେହି ଅପେକ୍ଷିତ ମହାନ୍ ମୁହୂର୍ତ୍ତଟି ଆସି ପହଞ୍ଚିବା କ୍ଷଣି ସେ ସବୁ ସାର ସେହି ପରମ ଅନନ୍ତତା ମଧ୍ୟରେହିଁ ଅନ୍ତର୍ହିତ ହୋଇଯାଇ ପାରିବ । ତେଣୁ କୌଣସି ଏକ ନର୍ଦ୍ଦିଷ୍ଟ ଲକ୍ଷ୍ୟ ବା ଉଦ୍ଦେଶ୍ୟସାଧନ ଉପରେ ବିଶେଷ ଜୋର୍ ଦେବା କଂବା କୌଣସି ବୃହତ୍ ପାର୍ଥିବ ଲକ୍ଷ୍ୟସାଧନ ସକାଶେ କାର୍ଯ୍ୟ କରିବା ଦ୍ୱାରା କେବଳ କର୍ମର ମାସ୍ଥାଜାଲ୍ ଭିତରେ ପଡ଼ିଯିବାହିଁ ସାର ହେବ; ଏହାଦ୍ୱାରା ସେହି ଭ୍ରମଟିକୁହିଁ ପ୍ରଶ୍ରୟ ଦିଆଯିବ ଯେ ଏହି ପାର୍ଥିବ ଜୀବନର ପ୍ରକୃତିରେ ଏକ ବୋଧଗମ୍ୟ ଅଭିପ୍ରାୟ ରହିଛି ଏବଂ ଏଥିରେ ଅନୁସରଣ ଉଚିତ ଅନୁଶୀଳନର ଯୋଗ୍ୟ ଲକ୍ଷ୍ୟମାନ ବି ରହିଛି । ମାସ୍ଥାବାଦର ଯେଉଁ ବସ୍ତୁଟି ସିଦ୍ଧାନ୍ତଟି ବସ୍ତୁତଃ ପରମେଶ୍ୱରଙ୍କର ଉପସ୍ଥିତିକୁ ସ୍ୱୀକାର କରୁଥିଲେ ମଧ୍ୟ କାର୍ଯ୍ୟତଃ ଏହି ପୃଥିବୀ ମଧ୍ୟରେ ସେହି ଦିବ୍ୟ ପୁରୁଷ ବିଦ୍ୟମାନ ରହିଛନ୍ତି ବୋଲି ଅସ୍ୱୀକାରହିଁ କରିଥାଏ, ଏହି କ୍ଷେତ୍ରଟିରେ ତାହାହିଁ ଆସି ଆମ ସମ୍ମୁଖରେ ଉପସ୍ଥିତ ହୋଇଯାଏ । ମାନ ଯଥାର୍ଥ ସତ୍ତ୍ୟଟି ହେଉଛି ଯେ ପରମ ଦିବ୍ୟ ସତ୍ତା ଏଇଠି ଏହି ଫସାର ଭିତରେ ରହିଛନ୍ତି; କେବଳ ସ୍ଥିତିଶୀଳ ରୂପରେ ନୁହେଁ, ଗତିଶୀଳ ରୂପରେ ମଧ୍ୟ ସେ ଏଠାରେ ବିଦ୍ୟମାନ ଅଛନ୍ତି; କେବଳ ଏକ ଚିଦ୍‌ଗତ ଆତ୍ମସତ୍ତା ଅଥବା ଉପସ୍ଥିତରୂପେ ନାହାନ୍ତି, ମାନ ଶକ୍ତି, ବଳ ଓ ସାମର୍ଥ୍ୟରୂପେ ମଧ୍ୟ ରହିଛନ୍ତି । ଏବଂ ତେଣୁ ଏହି ଫସାରରେ ଏକ ଦିବ୍ୟ କର୍ମ ନଶ୍ଚୟ ସମ୍ଭବ ।

କର୍ମଯୋଗୀ ଉପରେ କୌଣସି ଫଙ୍କାର୍ଣ୍ଣ ସିଦ୍ଧାନ୍ତ ବା ପାଚେରଦ୍ଧଆ କର୍ମର କୌଣସି ନର୍ଦ୍ଦିଷ୍ଟ କ୍ଷେତ୍ରକୁ ତାହାର ନସ୍ୟମ କଂବା ଚରଣକ୍ଷେତ୍ର ବୋଲି ଲଦି ଦିଆଯାଇ ପାରିବ ନାହିଁ । ଏଭଳି କଥାକୁ ଆମେ ଅବଶ୍ୟ ସତ୍ତ୍ୟ ବୋଲି ଜାଣିବା ଯେ ଆମର କଳ୍ପନାକୁ ଚ୍ଛୋଟ ହେଉ କି ବଡ଼ ହେଉ ଓ ଆପଣାର ବ୍ୟାପ୍ତିରେ କ୍ଷୁଦ୍ର ହେଉ କି ପ୍ରଶସ୍ତ ହେଉ, ସକଳପ୍ରକାର କାର୍ଯ୍ୟକୁ ମୁକ୍ତ ଆଡ଼କୁ ଅଗ୍ରସର ହୋଇଯିବାର ପଥରେ ଅଥବା ଆତ୍ମ-ସାଧନା ସକାଶେ ସମାନ ଭାବରେ ବ୍ୟବହାର କରିଯାଇ ପାରିବ । ପୁଣି ଏକଥାକୁ ମଧ୍ୟ ଆମେ ସତ୍ତ୍ୟ ବୋଲି ଅବଶ୍ୟ ଜାଣିରଖିବା ଯେ ମୋକ୍ଷଲଭ ପରେ ମନୁଷ୍ୟ ଜୀବନର ଯେକୌଣସି କ୍ଷେତ୍ରରେ ରହିପାରିବ, ଯେକୌଣସି କର୍ମ କରିପାରିବ ଏବଂ ସେଠାରେହିଁ ପରମ ଦିବ୍ୟତା ମଧ୍ୟରେ ରହିଥିବା

'oaob.nitrkl.ac.in' images reprocessed

ଆପଣାର ଅସ୍ତିତ୍ୱଟିରେ ପୂର୍ଣ୍ଣ ଚରିତାର୍ଥତା ଆଣି ଦେଇପାରିବ । ପରମ ଚିଦ୍‌ଗତତା ତାକୁ ସେଇପରି ଜୀବରେ ପରିସ୍ଫଳିତ କରି ନେଇଥିବ, ସେହି ଅନୁସାରେ ସେ ଦୁଏତ ଜନ୍ମ ଓ ପରିସ୍ଥିତି ତା' ଲଗି ଧାର୍ଯ୍ୟ କରି ଦେଇଥିବା ଷେତ୍ରଟିରେ ରହିପାରିବ ଅଥବା ସେହି ଆତ୍ମଚେତନଟିକୁ ଛାଡିଦେଇ ଏପରି ଏକ ବନ୍ଧନମୁକ୍ତ କର୍ମ ଭିତରକୁ ଆପଣାକୁ ଘୂଳାଇ କରି ନେଇଯିବ, ଯାହାକି ତା'ର ବୃହତ୍ତର ଚେତନା ଏବଂ ଉଚ୍ଚତର ଜ୍ଞାନଟି ଲଗି ଅନୁରୂପ ଓ ଉପଯୁକ୍ତ ଏକ ଶସ୍ତ୍ରରୂପେ ଆପଣାକୁ ପ୍ରତିପାଦିତ କରିଦେବ । ଲୋକମାନଙ୍କର ବାହ୍ୟ ଚକ୍ଷୁକୁ ଏହି ଅନ୍ତର୍ଗତ ବିମୋଚନଟି ତା'ର ବାହ୍ୟ କର୍ମଗୁଡ଼ିକରେ ଆଦୌ କୌଣସିପ୍ରକାରେ ପୃଥକ୍ ବୋଲି ଦେଖାଯିବ ନାହିଁ । ଅଥବା, ଅନ୍ୟ ପକ୍ଷରେ, ଅନ୍ତରଲବ୍ଧ ସେହି ସ୍ୱତନ୍ତ୍ରତା ଏବଂ ଅନନ୍ୟତା ଆପଣାକୁ ଦୁଏତ ଏତେ ବୃହତ୍ତ୍ୱ ଓ ଏତେ ନୂତନ ଏକ ଗତିଶୀଳ ବାହ୍ୟ ନିୟାମକତାରେ ପରିଣତ କରିଦେବ ଯେ ଏହି ଅଭୂତପୂର୍ବ ଶକ୍ତିମତ୍ତାଟି ଆଡ଼କୁ ସକଳ ଚକ୍ଷୁ ବଳେ ଆକର୍ଷିତ ହୋଇ ଆସିବ । ଯଦି ତା' ଭିତରେ ଅବସ୍ଥାନ କରୁଥିବା ପଦୋନ୍ନତ ପରମସତ୍ତାଙ୍କର ଇଚ୍ଛା ତାହାହିଁ ହୋଇଥାଏ, ତେବେ ବିମୋଚନ ଲାଭ କରିଥିବା ଆତ୍ମା ଆପଣାର ସେହି ପୂର୍ବତନ ମାନବୀୟ ପରିପାର୍ଶ୍ୱଟି ମଧ୍ୟରେ କେବଳ ଏକ ସୂକ୍ଷ୍ମ ଓ ସୀମାବଦ୍ଧ କର୍ମରେହିଁ ବେଶ୍ ପରିତୃପ୍ତ ହୋଇ ରହିପାରେ ଏବଂ ତାହାର ସେହି କର୍ମ ସେହି ପରିପାର୍ଶ୍ୱଗୁଡ଼ିକର ବାହ୍ୟ ସ୍ଥିତିଗୁଡ଼ିକରେ କୌଣସି ପରିବର୍ତ୍ତନ ଆଣିବାକୁ ମଧ୍ୟ ଆଦୌ ଚେଷ୍ଟା ନକରିପାରେ । ମାତ୍ର ତାହା ଏପରି ଏକ କର୍ମ ଲଗି ମଧ୍ୟ ଡାକିପାଇପାରେ, ଯାହାକି କେବଳ ତାହାର ଭିତରହିଁ ବହିଃଜୀବନଟିର ନାନାବିଧ ରୂପାୟନ ତଥା ଷେତ୍ରକୁ ଯେ ପରିବର୍ତ୍ତନ କରିଦିବ ତା' ନୁହେଁ, ମାତ୍ର ସେ ଆପଣା ଚତୁର୍ଦ୍ଦିଗରେ କଟୁହେଲେ ସେହିପରି ଅପରିବର୍ତ୍ତିତ ଏବଂ ଅନାହାତ ରହି ମଧ୍ୟ ଛାଡ଼ିଯାଏ ନାହିଁ; ସେ ଏକ ନୂତନ ଜଗତର ନିର୍ମାଣ କରେ, ବା ଏକ ନୂତନ ବ୍ୟବସ୍ଥାକୁହିଁ ଜନ୍ମ ଦିଏ ।

*

ଫସାରରୂପୀ ଏହି ନଶ୍ୱର ଜୀବନଟିର ଭୂମିରେ ବ୍ୟକ୍ତର ଆତ୍ମା ଲଗି ଶାଶ୍ୱତିକ ପୁନର୍ଜନ୍ମର ବନ୍ଧନରୁ ନିସ୍ତାର ଲାଭ କରିବାହିଁ ଯେ ଆମ ମୁକ୍ତିର ଏକମାତ୍ର ଲକ୍ଷ୍ୟ, ଏକ ପ୍ରଚଳିତ ଧାରଣା ଆମ ମନରେ ଏପରି ଗୋଟିଏ ପ୍ରତ୍ୟୟ ସୃଷ୍ଟି କରିବାକୁ ମଧ୍ୟ ଚେଷ୍ଟା କରିପାରେ । ଯଦି ଏହି ନିସ୍ତାରଟି ଆମ ପାଇଁ ଉପଲବ୍ଧି ହୋଇଯାଏ, ତେବେ ଏଠାରେ ବା ଅନ୍ୟ କେଉଁଠାରେ ଆତ୍ମା ଲଗି ଆଉ ଆଦୌ କଟୁହେଲେ କରିବାକୁ ନଥାଏ; ବା ଶସ୍ତ୍ରରଃ ତଥାପି ବହୁ ରହିଥିବା ପର୍ଯ୍ୟନ୍ତ ଯେଉଁକ କରିବାକୁ ପଡ଼େ ଅଥବା ପୁଣି ଜନ୍ମଗୁଡ଼ିକର ଅଭୁକ୍ତ ଫଳଗୁଡ଼ିକ ଯେଉଁକ ଆବଶ୍ୟକ କରେ, କେବଳ ସେଉଁକ

'oaob.nitrkl.ac.in' images reprocessed

କାର୍ଯ୍ୟ କରିବାକୁ ହୋଇଥାଏ । ଏବଂ ବିମୁକ୍ତ ଆତ୍ମାଟି ଶୂନ୍ୟର ଗୁଡ଼ ଗୁଣ୍ଡେଇବା ସଙ୍ଗେସଙ୍ଗେ ସତ୍ତ୍ୱର ଗଣ୍ଡରେ ଲୟପ୍ରାପ୍ତ ହୋଇ ଯାଉଥିବା ବା ଯୋଗର ଅଗ୍ନି ଦ୍ୱାରା ଦଗ୍ଧ ହେବାରେ ଲାଗିଥିବା ଏହି ସତ୍ତ୍ୱକଣ୍ଟିକ କର୍ମ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟାପିତ ହୋଇ-ଯାଏ । ପୁନର୍ଜନ୍ମରୁ ପରିତାଣ ଲାଭ କରିବାର ଏହି ଧେସ୍ୱଟି ଜ୍ଞାନଯୁକ୍ତ ମନ ଉପରେ ଆତ୍ମାର ସଚ୍ଚୋଟ ଧେସ୍ୱରୁପେହିଁ ଅନେକ କାଳ ଧରି ବଦ୍ଧମୂଳ ହୋଇ ରହିଆସିଛି ଏବଂ ଜ୍ଞାନର ଏକାଧିକ ଧର୍ମମତ ଆପଣା ଆପଣାର ଗୋଟିଏ ଗୋଟିଏ ଦୈବୀ ପ୍ରଲୋଭନ ରୂପରେ ପାରଲୌକିକ ସ୍ୱର୍ଗର ଯେଉଁ ସୁଖଭୋଗକୁ ଭକ୍ତମାନଙ୍କର ମନରେ ପ୍ରତିଷ୍ଠିତ କରି ରଖିଥିଲେ, ଏଇଟି ତାହାର ସ୍ଥାନ ଅଧିକାର କରିନେଇଛି । ବୈଦିକ ସ୍ତୋତ୍ରଗୁଡ଼ିକର ସ୍ଥୂଳ ଓ ବାହ୍ୟାର୍ଥକ ବ୍ୟାଖ୍ୟା ଯେତେବେଳେ ଜ୍ଞାନବର୍ଦ୍ଧରେ ସର୍ବପ୍ରଧାନ ମତ ହୋଇ ରହିଥିଲା, ସେତେବେଳେ ମଧ୍ୟ ଜ୍ଞାନବର୍ଦ୍ଧର ଧର୍ମ ସେହି ପ୍ରାଚୀନତର ତଥା ନମସ୍ତସ୍ପଦ୍ୟ ଆହ୍ୱାନଟିକୁହିଁ ସ୍ୱୀକାର କରି ନେଇଥିଲା; ଏବଂ, ପରବର୍ତ୍ତୀ କାଳରେ ଜ୍ଞାନର ଦ୍ୱୈତବାଦୀମାନେ ମଧ୍ୟ ତାହାକୁହିଁ ଆପଣାର ସଚ୍ଚୋଟ ଆଧ୍ୟାତ୍ମିକ ପ୍ରେରଣାରେ ଏକ ଅଂଶରୂପେ ପ୍ରତିଷ୍ଠିତ କରି ରଖିଲେ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ମନ ତଥା ଦେହର ଏହି ଯାବତୀୟ ବାଧା ମଧ୍ୟରୁ ମୁକୁଳିଯାଇ ପରମ ଚିଦ୍‌ଗତତାର ଏକ ଚିରନ୍ତନ ଶାନ୍ତି, ବିଶ୍ରାମ ତଥା ଗୌରବତା ମଧ୍ୟରେ ପ୍ରବିଷ୍ଟ ହୋଇ ରହିବାର ଆକାଙ୍କ୍ଷାଟି ଲାଗି କେବଳ ମାନସିକ କେତେକ ଆନନ୍ଦ ବା ଚିରସ୍ଥାୟୀ କେତେଟା ଭୌତିକ ସୁଖବଶିଷ୍ଟ ଏକ ସ୍ୱର୍ଗର ପ୍ରତିଶ୍ରୁତି ଅପେକ୍ଷା ସଦା ସର୍ବଦା ଏକ ଉଚ୍ଚତର ଆବେଦନ ନିତ୍ୟ ରହିଥାଏ; ମାନ ତଥାପି ଏଇଟିକୁ ମଧ୍ୟ ଆମେ କେବଳ ଏକ ପ୍ରଲୋଭନ ବୋଲି କହିବା । କାରଣ ମନର ଅସାଧାରଣତ୍ୱ ଅବସ୍ଥାତା ଉପରେ ତଥା ପ୍ରାଣ-ସତ୍ତ୍ୱର ଜନ୍ମଗ୍ରହଣ କରିବାର ଦୁଃସାହସିକତାଟିରୁ ଆପଣାକୁ ସଙ୍କୁଚିତ ଓ ବିମୁଖ କରିବା ଉପରେ ତାହା ସତ୍ତ୍ୱବେଳେ ଯେଉଁ ଗୁରୁତ୍ୱ ଆରୋପ କରିଥାଏ, ତାହା ତଦ୍ଦ୍ୱାରା କେବଳ ଏକ ଦୁର୍ବଳତାକୁହିଁ ଧ୍ୱନିତ କରିବାରେ ଲାଗିଥାଏ ଏବଂ ତେଣୁ ତାହାକୁ ଆମର ସଚ୍ଚୋଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି କଦାପି ଗ୍ରହଣ କରିଯାଇ ପାରିବ ନାହିଁ । ବ୍ୟକ୍ତିଗତ ମୁକ୍ତିଲାଭର ବାସନା, ଆପଣାର ରୂପ ବା ଆକାରଟିରେ ଯେଉଁ ଛାଡ଼ ହୋଇଥାଉ ପଛକେ, ତାହାକୁ କେବଳ ଅହଂରହିଁ ଏକ ପରିଣାମ ବୋଲି କହିବାକୁ ପଡ଼ିବ । ଆମର ବ୍ୟକ୍ତିପରିଚତ୍ୱଟିର ବିଷତ୍ୱରେ ଆମର ଯେଉଁ ଧାରଣାଟି ରହିଥାଏ, ଅର୍ଥାତ୍ ଜଣେ ବ୍ୟକ୍ତି ହିସାବରେ ଆପଣାର ବ୍ୟକ୍ତିଗତ ଭଲ ଓ ହିତଟି ଲାଗି ଯେଉଁ ବାସନା ଥାଏ, ଦୁଃଖ ଭିତରୁ ମୁକ୍ତ ହୋଇଯିବା ପାଇଁ ଯେଉଁ ଆକାଙ୍କ୍ଷା ରହିଥାଏ ଏବଂ ସମ୍ପୂର୍ତ୍ତ ହେବାର ସନ୍ତାପଟିକୁ ଏକାବେଳକେ ଦୂର କରିଦେବା ଲାଗି ତାହା ଯେପରି ଆର୍ତ୍ତିନାଦ କରିବାରେ ଲାଗିଥାଏ, ବ୍ୟକ୍ତିଗତ ମୁକ୍ତିର ବାସନାଟି ସେଇଥିରୁହିଁ ନିଷ୍ପନ୍ନ ହୋଇଥାଏ ଏବଂ ସେ ତାହାକୁହିଁ ଆମ ଜୀବନର

'oaob.nitrkl.ac.in' images reprocessed

ସବୋଚ୍ଚ ଧେସ୍ୟ ବୋଲ ଘୋଷଣା କଣ୍ଡଦଏ । ଅହଂର ଏହ୍ ଭୁମିଟିକୁ ସମ୍ପୂର୍ଣ୍ଣ ଭ୍ୱରେ ପଣ୍ଡହାର କଣପାର୍ବା ଲୁଗି ବ୍ୟକ୍ତଗତ ମୁକ୍ତର ବାସ୍ତନାଟିକୁ ଅତ୍ତମ କଣ ଆତ୍ମର ଉପରକୁ ଯାଇ ପାର୍ବା ଆବଶ୍ୟକ । ଯତ ଆମେ ପ୍ରକୃତରେ ଭଗବାନଙ୍କୁହିଁ ଲେଡ଼ୁଥାଉ, ତେବେ ସେହ୍ ଲେଡ଼ିବା କେବଲ ସେହ୍ ଭଗବାନଙ୍କ ସକାଶେହିଁ ହେବା ଉଚତ, ଭଗବାନଙ୍କ ବ୍ୟତୀତ ଆଉ କୌଣସି କଛୁ ସକାଶେ ହେବା ଉଚତ ନୁହେଁ, କାରଣ ସେଇ ହେଉଛନ୍ତ ଆମ ସତ୍ତାର ସବୋଚ୍ଚ ଓ ସବପରମ ଆତ୍ମାନ, ଆତ୍ମାର ଗତ୍ତୀରତମ ସତ୍ୟ । ମୁକ୍ତର ଆକାଙ୍କ୍ଷା ଓ ଅନୁଶୀଳନ, ଆତ୍ମାର ସ୍ୱତନ୍ତ୍ରତାର ଅନୁଶୀଳନ, ଆମ ସଥାର୍ଥ ଉଥା ସବୋଚ୍ଚ ଆତ୍ମସତ୍ତାର ଉପଲବ୍ଧି ଲୁଗି ଆମର ଆକାଙ୍କ୍ଷା ଓ ପ୍ରସ୍ତାସ ଏବଂ ପରମ ଦବ୍ୟସତ୍ତାଟି ସହ୍ତ ଏକତ୍ୱବଦ୍ଧ ହେବା ଲୁଗି ମଧ୍ୟ ଆମର ସକଳ ପ୍ରସ୍ତାସ;—ଏସବୁ ପଛରେ କେବଳ ଏହ୍ ଗୋଟିଏ ଔଚତ୍ୟ ରହ୍ତୁଛ ଯେ ଏହା ହେଉଛୁ ଆମ ପ୍ରକୃତର ସବୋଚ୍ଚ ବଧାନ, କାରଣ ଏହା ହେଉଛୁ ଆମ ଭତରେ ରହ୍ତଥିବା ଯାବତ୍ତୀସ୍ୱ ଜନ୍ମତର ବସ୍ତୁ ଓ ତତ୍ତ୍ୱର ସେହ୍ ଉଚତମ ତତ୍ତ୍ୱଟି ଲୁଗି ଆକର୍ଷଣ, କାରଣ ଏହାହିଁ ହେଉଛୁ ଆମ ଭତରେ ଥିବା ସେହ୍ ପରମ ଦବ୍ୟତାରହିଁ ଇଚ୍ଛା । ତାହାହିଁ ଏହାର ଯଥେଷ୍ଟ ଔଚତ୍ୟ ଏବଂ ଏହାର ଏକମାତ୍ର ଯଥାର୍ଥତମ କାରଣ; ସେଇଟି ବ୍ୟତୀତ ଅନ୍ୟ ସକଳ ଉଦ୍ଦେଶ୍ୟକୁ କେବଳ ନାନାବଧ ଅତରକ୍ତତା ବୋଲହିଁ କୁହାଯିବ, କେବଳ ଗୌଣ ଅଥବା ଆନୁଷଙ୍ଗିକ ନାନା ସତ୍ୟ ବୋଲ କୁହାଯିବ, ବା ଏଉଲ ନାନା କାର୍ଯ୍ୟସାଧକ ବା ଉପଯୋଗୀ ପ୍ରଲେଭନ ବୋଲ କୁହାଯିବ, ଯାହାକୁ କ ଆତ୍ମା ଅବଶ୍ୟ ବର୍ଜନ କଣ୍ଡବ । ଯେଉଁ ମୁହ୍ତ୍ତିରେହିଁ ସେଗୁଡ଼ିକର ଆଉ କୌଣସି ପ୍ରସ୍ତୋଜନ ନଥିବ ଏବଂ ସବୋଚ୍ଚ ସତ୍ତାଙ୍କ ସହ୍ତ ଉଥା ସକଳ ସତ୍ତାଟି ସହ୍ତ ଆମର ଏକତ୍ୱବଦ୍ଧତାହିଁ ଯେତେବେଳେ ଆମର ସ୍ୱାତ୍ତବକ ଚେତନାରେ ପରଣତ ହୋଇଯିବ ଏବଂ ସେହ୍ ସ୍ଥିତରେ ଅବସ୍ଥାନ କରବାର ଆନନ୍ଦଟି ଆମର ଚତ୍ତଗତ ପରବେଶରେହିଁ ପରଣତ ହୋଇଯାଇ ପାରବ, ସେତେବେଳେ ଆତ୍ମାକୁ ସେଇଟିକୁ ବର୍ଜନ କର ଗୁଲ ଆସିବାକୁ ପଡ଼ବ ।

ଅନେକ ସମସ୍ତରେ ଆଉ ଏକ ଆକର୍ଷଣ ବ୍ୟକ୍ତଗତ ମୁକ୍ତ ଲଭ୍ କରବାର ଏହ୍ ବାସ୍ତନାଟିକୁ ଅଧିକାର କର ନେଇଥିବାର ଦୃଷ୍ଟିଗୋଚର ହୋଇଥାଏ; ଏହ୍ ଆକର୍ଷଣଟି ମଧ୍ୟ ଆମ ପ୍ରକୃତର ଏକ ଉଚତର ପ୍ରବୃତ୍ତି ସହ୍ତ ସମ୍ପର୍କ ରଖିଥାଏ, ଏବଂ ଏକ ବମୋଚତ ଆତ୍ମା ପ୍ରକୃତରେ ଯେଉଁଭଳି କର୍ମର ଆଚରଣ କରବ, ଏହ୍ ଆକର୍ଷଣଟି ତା'ର ମର୍ମସ୍ତ୍ୱତଟିକୁ ମଧ୍ୟ ସ୍ପଚତ କର ଦେଇଥାଏ । ଏହ୍ ଆକର୍ଷଣଟି ଅମିତାଭ ବୁଦ୍ଧଙ୍କ ବପସ୍ତ୍ୱରେ ରହ୍ତଥିବା ସେହ୍ ମହାନ୍ କାହାଣୀଟିରେ ଏକ ଆତ୍ମସରୂପେ ନହ୍ତ ହୋଇ ରହ୍ତଛୁ । ଯେତେବେଳେ ଅମିତାଭ ବୁଦ୍ଧଙ୍କର ଆତ୍ମା ନବାଣର ଦ୍ୱାରଦେଶରେ ଯାଇ ଉପନୀତ ହୋଇଥିଲ, ସେତେବେଳେ ଅମିତାଭ

'oaob.nitrkl.ac.in' images reprocessed

ବୁଦ୍ଧ ସେହିଠାରୁ ଲେଉଟି ଆସିଥିଲେ ଓ ସଂସାରର ଗୋଟିଏ ପୁରା ଜୀବ ଯେପରିକି ଦୁଃଖ ଓ ଅଜ୍ଞାନ ମଧ୍ୟରେ ରହୁଛୁ, ସେପରିକି କଦାପି ସେହି ଦ୍ୱାରଟିକୁ ଡେଇଁ ସେପାଖକୁ ଯିବେ ନାହିଁ ବୋଲି ପ୍ରତିଜ୍ଞାବଦ୍ଧ ହୋଇଥିଲେ । ଭଗବଦ୍ଗୀତାର ଏହି ଉଦାତ୍ତ ପଦଟିର ମୂଳରେ ମଧ୍ୟ ଠିକ୍ ସେହି ଅର୍ପଟି ଅନ୍ତର୍ନିହିତ ହୋଇ ରହିଛୁ : "ମୁଁ ଅସ୍ମଦିଚ୍ଛିତଯୁକ୍ତ ସେହି ପରମ ଅବସ୍ଥାର କାମନା କରୁ ନାହିଁ, ପୁନର୍ଜନ୍ମରୁ ନିଷ୍କୃତି ପାଇବାକୁ ମଧ୍ୟ ମୁଁ କାମନା କରୁ ନାହିଁ । ଯେଉଁ ପ୍ରାଣୀମାନେ ଦୁଃଖ ଭିତରେ ଜର୍ଜର ହୋଇ ରହିଛନ୍ତି, ମୁଁ ସେହିମାନଙ୍କର ଦୁଃଖକୁ ଆପଣା ଉପରକୁ ବହନ କରିନେବାକୁ ଗୁହେଁ; ସେମାନେ ଯେପରି ସେହି ଦୁଃଖରୁ ମୁକ୍ତ ହୋଇପାଇ ପାରିବେ, ସେଥିଲାଗି ମୁଁ ସେମାନଙ୍କ ମଧ୍ୟରେ ପ୍ରବିଷ୍ଟ ହୋଇ ପାରିବାକୁ ଗୁହେଁ ।" ଏହାର ଦ୍ୱାଦଶ ପ୍ରେରଣ ହୋଇଛି ସ୍ୱାମୀ ବିବେକାନନ୍ଦଙ୍କର ଏକ ପତ୍ରରେ ଏକ ପ୍ରସିଦ୍ଧ ସନ୍ଦର୍ଭ ଆପଣାକୁ ଜନ୍ମଲବ୍ଧିତ ଭାବରେ ବ୍ୟକ୍ତ କରିଦେଇଛନ୍ତି; ସେହି ମହାନ୍ ବେଦାନ୍ତୀ ଆପଣାର ପତ୍ରଟିରେ ଲେଖିଛନ୍ତି : "ମୋ ନିଜ ମୁକ୍ତି ଲାଗି ମୋର ଆଉ ଆଦୌ କୌଣସି ଅଭିଲାଷ ନାହିଁ; ମୁଁ ଏହି ସଂସାରରେ ବାରବାର ଜନ୍ମଗ୍ରହଣ କରିବାକୁ ଗୁହେଁ ଓ ସହସ୍ର ଦୁଃଖର ବରଣ କରିବାକୁ ଗୁହେଁ, ଯେପରିକି ମୁଁ ଅନ୍ତିମଧାଡ଼ିର ସେହି ଏକମାତ୍ର ଭଗବାନଙ୍କର ଉପାସନା କରିପାରିବି; ଯେଉଁ ଏକମାତ୍ର ଭଗବାନଙ୍କୁ ମୁଁ ବିଶ୍ୱାସ କରେ ଅର୍ଥାତ୍ ସକଳ ଆତ୍ମାର ସେହି ସମଷ୍ଟିରୂପ ଭଗବାନଙ୍କର ଉପାସନା କରିପାରିବି;—ଏବଂ ସବୁଠାରୁ ଦୁଷ୍ଟ ତଥା ଦୁଃଖୀଜନମାନଙ୍କ ମଧ୍ୟରେ ରହିଥିବା ମୋର ଭଗବାନ ଓ ସକଳ ନୀଚ ତଥା ସକଳ ଜୀବଶ୍ରେଣୀ ମଧ୍ୟରେ ବାସ କରୁଥିବା ଧ୍ୟାନ ଓ ଦୁଃଖୀରୂପୀ ମୋର ଭଗବାନ,—ସେହିମାନେ ହେଉଛନ୍ତି ମୋ ଉପାସନାର ବିଶେଷ ବସ୍ତୁ । ସେହି ଭଗବାନ, ଯିଏକି ଭଲ ଓ ମନ୍ଦ, ସୁନ୍ଦର ଓ ପାପୀ ଏବଂ ଦେବତା ଓ ଜୀବ ସମସ୍ତଙ୍କ ଭିତରେ ରହିଛନ୍ତି, ତୁମେ ତାହାଙ୍କୁହିଁ ଉପାସନା କର; ସେହି ଦୃଶ୍ୟମାନ, ଜ୍ଞେୟ, ବାସ୍ତବ ଏବଂ ସର୍ବବ୍ୟାପୀ ଈଶ୍ୱରଙ୍କରହିଁ ଉପାସନା କର । ଆଉ ଯେତେ-ସାହା ପିତୁଳା ବା ମୂର୍ତ୍ତି ରହିଛନ୍ତି, ସବୁଯାକ ଭୁଲିଯାଅ । ଯାହାଙ୍କର କୌଣସି ଅତୀତ ଜୀବନ ନାହିଁ କି ଭବିଷ୍ୟତରେ କୌଣସି ପୁନର୍ଜନ୍ମ ନାହିଁ, ମୃତ୍ୟୁ ନାହିଁ, ଯିବା ନାହିଁ କି ଆସିବା ନାହିଁ, ଯାହାଙ୍କ ଭିତରେ ଆମେ ଚିରକାଳ ଏକ ହୋଇ ରହିଆସିଛୁ ଏବଂ ଚିରକାଳ ସେହି ଏକ ହୋଇ ରହିବୁ, କେବଳ ତାଙ୍କର ଉପାସନା କର; ଆଉସବୁ ମୂର୍ତ୍ତିକୁ ଭୁଲିଯାଅ !"

ଶେଷ ଦୁଇଟି ବାକ୍ୟରେ ବସ୍ତୁତଃ ସମ୍ପୃଷ୍ଟି ବିଷୟଟିର ସାରାଂଶ ନିହିତ ହୋଇ ରହିଛୁ । ପାର୍ଥିବ ଜୀବନର ବର୍ଜନ ଦ୍ୱାରା ଅଥବା ଏକ ଆଧ୍ୟାତ୍ମିକ ଆତ୍ମ-ସଂହାର ଘଟାଇ ବ୍ୟକ୍ତିର ଏହି ଜୀବନରୁ ପଲାୟନ ଦ୍ୱାରା ଯଥାର୍ଥ ମୁକ୍ତି ସମ୍ଭବ ହେବ ନାହିଁ ବା ବାରବାର ଜନ୍ମଗ୍ରହଣ କରିବାର ବନ୍ଧନଟି ଭିତରୁ ଯଥାର୍ଥ ନିସ୍ତାର ମିଳିବ ନାହିଁ ।

'oaob.nitrkl.ac.in' images reprocessed

ଯେପରି କେବଳ ଏକ ଭୌତିକ ଅର୍ଥରେ ପରିବାର ତଥା ସମାଜକୁ ଛାଡ଼ି ଅନ୍ୟତ୍ର ଗଲ୍‌ଲେ ତଦ୍ଦ୍ୱାରା ଯଥାର୍ଥ ସଂସାରତ୍ୟାଗ ଆଦୌ ସମ୍ଭବ ହେବ ନାହିଁ, ଠିକ୍ ସେହିପରି । ଯେଉଁ ପରମ ଦିବ୍ୟତା ମଧ୍ୟରେ ଅଖଣ୍ଡ ଜୀବନ ଅଥବା ଉର୍ଦ୍ଧ୍ୱସ୍ଥିତ ଜନ୍ମଗ୍ରହଣର ଆଦୌ କୌଣସି ବନ୍ଧନ ନାହିଁ, ମାନ ଅନ୍ୟ ପକ୍ଷରେ ଯାହାଙ୍କ ମଧ୍ୟରେ ଅଜ ଓ ଅମର ଆତ୍ମା ନିତ୍ୟବଦ୍ଧମାନ ରହିଛନ୍ତି, ଅପଣାର ଅନ୍ତର ଭିତରେ ତାଙ୍କର ସହଜ ତଦାତ୍ମକ ହୋଇ ରହିବାରେହିଁ ଯଥାର୍ଥ ମୁକ୍ତି ଓ ଯଥାର୍ଥ ପରିଣତି ରହିଛି । ଗୀତାର କହିବା ଅନୁସାରେ, ଯିଏ ଅନ୍ତର୍ଗତ ଭାବରେ ସବୁବେଳେ ମୁକ୍ତ ରହିଛି, ସେ ଯାବତ୍ପାପ୍ତ କର୍ମରେ ତତ୍ପର ହୋଇ ରହିଥିଲେ ମଧ୍ୟ ପ୍ରକୃତରେ କିଛୁହେଲେ କରୁ ନାହିଁ; କାରଣ ତା' ଭିତରେ ରହିଥିବା ପ୍ରକୃତିହିଁ ସବୁ କରୁଛି, ପ୍ରକୃତିର ପରମ ନିୟନ୍ତାଙ୍କର ନିୟନ୍ତ୍ରଣ ଭିତରେ ରହି ପ୍ରକୃତିହିଁ ସବୁ କରୁଛି । ଠିକ୍ ସେହିପରି ତାକୁ ଏକଶତ ବାର ଶସ୍ତ୍ରର ଗ୍ରହଣ କରିବାକୁ ପଡ଼ିଥିଲେ ମଧ୍ୟ ସେ ଜନ୍ମର ଜଞ୍ଜିରଟି ଭିତରୁ ଅର୍ଥାତ୍ ଏହି ଅତିତୁର ପଦାର୍ଥର ଚକ୍ରଟି ମଧ୍ୟରୁ ସବଂଦା ମୁକ୍ତ ହୋଇ ରହିଛି; କାରଣ ସେ ସବଂଦା ସେହି ଜନ୍ମମରଣର ଅଖଣ୍ଡ ଚଦ୍‌ଗତତା ମଧ୍ୟରେହିଁ ଜୀବନଧାରଣ କରି ରହିଛି, ସେ ଏହି ଶସ୍ତ୍ରଗତ ଜୀବନଟି ଭିତରେ ଆଦୌ ରହି ନାହିଁ । ତେଣୁ ପୁନର୍ବାର ଜନ୍ମଗ୍ରହଣ କରିବାର ଦୁର୍ଗତିରୁ ଉଦ୍ଧାର ପାଇବା ସକାଶେ ଆମର ଯେଉଁ ଆସକ୍ତିଟି ରହିଛି, ଆମେ ସେଇଟିକୁ ମଧ୍ୟ ଆମର ନାନା ପିରୁଲା ମଧ୍ୟରୁ ଗୋଟିଏ ବୋଲ କହିବା; ଏବଂ ଆଉ ଯିଏ କେହି ସେଇଟିକୁ ଆବୋରି ଧରିଥାଉ ପଛକେ, ପୂର୍ଣ୍ଣଯୋଗର ସାଧକକୁ ସେହି ପିରୁଲାଟିକୁ ଖସିଦେବାକୁ ପଡ଼ିବ ଏବଂ ଆପଣାଠାରୁ କାଢ଼ି ଫିଙ୍ଗିଦେବାକୁହିଁ ପଡ଼ିବ । କାରଣ, ତା'ର ଯୋଗ ସକଳ ଜଗତର ବାହାରେ ଅବସ୍ଥିତ ସେହି ପରମ ବିଶ୍ୱାତୀତଙ୍କର ବ୍ୟକ୍ତ-ଆତ୍ମା ଦ୍ୱାରା ଉପଲବ୍ଧି ମଧ୍ୟରେ କଦାପି ସୀମିତ ହୋଇ ରହି ନାହିଁ; ପୂର୍ଣ୍ଣଯୋଗ ମଧ୍ୟରେ ପରମ ବିଶ୍ୱଗତତା ଅର୍ଥାତ୍ "ସକଳ ଆତ୍ମାର ସେହି ସମଷ୍ଟିରୂପ"ର ଉପଲବ୍ଧିଟି ମଧ୍ୟ ଅନ୍ତର୍ଗତ ହୋଇ ରହିଛି । ତେଣୁ ସେହି ଯୋଗକୁ ଆମେ କଦାପି ଏକ ବ୍ୟକ୍ତିଗତ ପରିଣତି ତଥା ପାଶମୁକ୍ତର ଗତିସ୍ପନ୍ଦନ ଭିତରେ ବାଡ଼ ଦେଇ ଛିଡାପାରିବା ନାହିଁ । ବିଶ୍ୱଗତ ଯାବତ୍ପାପ୍ତ ସୀମାକୁ ଅତିକ୍ରମ କରି ଯାଇଥିବା ବେଳେ ମଧ୍ୟ ପୂର୍ଣ୍ଣଯୋଗର ସାଧକ ତଥାପି ସେହି ପରମ ଭଗବାନଙ୍କ ମଧ୍ୟରେହିଁ ସବୁଦା ସହଜ ଏକ ହୋଇ ରହିଥିବ; ତେଣୁ ତା' ଲାଗି ଏହି ବିଶ୍ୱ-ଜଗତରେ ଦିବ୍ୟ କର୍ମ କରିବାର ଷ୍ଟେଜଟି ସବୁବେଳେ ମହଜୁଦ ହୋଇ ରହିଥିବ ।

*

ମାନ ସେହି କର୍ମଟିକୁ ମନ ଦ୍ୱାରା ତଥାର ଦୌଣସି ନିମ୍ନ କିମ୍ବା ମାନସୀୟ ମାନଦଣ୍ଡ ଦ୍ୱାରା ନିର୍ଦ୍ଧାରିତ କରି ତଥାଇବାକୁ ପାରିବ ନାହିଁ; କାରଣ ତାହାର ତେତନା

'oaob.nitrkl.ac.in' images reprocessed

ମାନସୀସ୍ଥ ସାବଣ୍ଡାସ୍ଥ ଜସ୍ୱମ ଏବଂ ସୀମାଙ୍କନ ପାଖରୁ କେତେକେତେ ଦୂରକୁ ବାହାର ଗ୍ଲଲ ଯାଇଥିବ ଅର୍ଥାତ୍ ସେହି ଦ୍ରବ୍ୟ ସ୍ୱତନ୍ତ୍ରତା ମଧ୍ୟକୁ ଅନ୍ତର୍ଭୁକ୍ତି ଯାଇଥିବ; ବାହ୍ୟ ଭଥା କ୍ଷଣିକର ଯାବଣ୍ଡାସ୍ଥ ଶାସ୍ୱନ ଭିତରୁ ବାହାର ଭାହା ଅନ୍ତର୍ଗତ ଏବଂ ଶାଶ୍ୱତର ଆତ୍ମ-ଶାସ୍ୱନ ମଧ୍ୟରେ ପ୍ରବଷ୍ଟ ହୋଇଥିବ; ଏହି ସାନ୍ତତାର ନାନା ଆବଚ୍ଛକାସ୍ଥ ରୂପାସ୍ୱନଗୁଡ଼ିକ ଭିତରୁ ବାହାରଯାଇ ଭାହା ସେହି ପରମ ଅନନ୍ତତାର ପଶ୍ଚାତ୍ମୁକ୍ତ ଆତ୍ମ-ନର୍ଦ୍ଧାରଣ ଭିତରେ ଯାଇ ପ୍ରବଷ୍ଟ ହୋଇ ରହିଥିବ । "ସେ ଯେପଣ ଜ୍ଞବରେ ରହିଥାଡ଼ି ଅଥବା ଯାହାକିଛି କାର୍ଯ୍ୟ କରୁଥାଡ଼ି ପଛକେ, ସେ ସଦ୍ଦା ମୋର ଭିତରେ ରହିଥାଏ ଓ ମୋର ଭିତରେହିଁ କାର୍ଯ୍ୟ କରୁଥାଏ ।"—ଏକଥା ଗୀତାରେ କୁହାଯାଇଛି । ମନୁଷ୍ୟମାନଙ୍କର ବୁଦ୍ଧିରୁ ଯେଉଁସବୁ ଜସ୍ୱମ ଗଢ଼ାହୋଇ ରହିଛି, ସେଗୁଡ଼ିକୁ ଆମେ ମୁକ୍ତ ଆତ୍ମାର ଷ୍ଟେଜରେ ପ୍ରସ୍ୟୋଗ କରିପାରିବା ନାହିଁ; ସେମାନଙ୍କର ମନଃପ୍ରସୂତ ସଂସ୍କାର ଏବଂ ପୂଂଜନର୍ଣ୍ଡସ୍ୱଗୁଡ଼ିକ ଯେଉଁସବୁ ବାହ୍ୟ ମାନଦଣ୍ଡ ଏବଂ ମାପକଗୁଡ଼ିକ ବାନ୍ଧି ଦେଇଛନ୍ତି, ସେହିଗୁଡ଼ିକ ଦେଇ ଆମେ ଏକ ମୁକ୍ତ ଆତ୍ମାର ବସ୍ତୁର କରିପାରିବା ନାହିଁ । ଏହିସବୁ ଭ୍ରାନ୍ତିମସ୍ଥ ନ୍ୟାସ୍ଥାଲସ୍ଥର ସଙ୍କୀର୍ଣ୍ଣ ଅଧିକାରଷ୍ଟେସ୍ଟି ଭିତରୁ ସେ ସଦ୍ଦା ବାହାରେହିଁ ରହିଛି । ସେ ସନ୍ନ୍ୟାସୀର ବଶେଷ ପରିଧାନଟିକୁ ଧାରଣ କରିଛି ବା ଗୃହସ୍ଥର ପୁର୍ଣ୍ଣ ଜୀବନଟିକୁ ଯାପନ କରୁଛି, ସେଥିରେ ଆଦୌ କୌଣସି ମହତ୍ତ୍ୱ ନାହିଁ; ସାଧାରଣତଃ ଲୋକେ ଯାହାକୁ ପୂଣ୍ୟ ଓ ପବିତ୍ର କାମ ବୋଲି କହନ୍ତି, ସେ ସେହିସବୁ କର୍ମ ଭିତରେ ବଡରଡ କର ରଖିଛି, ସେଥିରେ ମଧ୍ୟ ଆଦୌ କୌଣସି ମହତ୍ତ୍ୱ ନାହିଁ । ବୁଦ୍ଧ, ଖ୍ରୀଷ୍ଟ ଭଥା ଶଙ୍କରଙ୍କ ପରି ମନୁଷ୍ୟମାନଙ୍କୁ ସିଧା ଆଲୋକ ମଧ୍ୟକୁ ବାଟ ଦେଖାଇ ନେଇଯିବାରେ ସେ ଆପଣାକୁ ସମର୍ପିତ କରି ରଖିଛି ଅଥବା ଜନକଙ୍କ ପରି ରାଜ୍ୟଶାସନ କରୁଛି ଅଥବା ଶ୍ରୀକୃଷ୍ଣଙ୍କ ପରି ଜଣେ ସୈନ୍ୟାଧିକ୍ଷ ବା ସେନାନାସ୍ଥକରୂପେ ଲୋକଙ୍କ ଆଗରେ ଯାଇ ଦଣ୍ଡାସ୍ଥମାନ ହୋଇଛି, ସେଥିରେ ବି ଆଦୌ କୌଣସି ପାର୍ଥକ୍ୟ ନାହିଁ । ସିଏ କ'ଣ ଆହାର କରୁଛି ବା ପାନ କରୁଛି, ଭା'ର ଅଭ୍ୟାସ ଓ ଅନୁଧାବନମାନ ମୁଖ୍ୟତଃ କ'ଣ ହୋଇ ରହିଛି, ସେ ଆପଣାର କାର୍ଯ୍ୟରେ ସଫଳ ହେଉଛି ନା ବିଫଳ ହେଉଛି, ଭା'ର କାର୍ଯ୍ୟଟି ପ୍ରକୃତରେ କିଛି ଗଢ଼ୁଛି ନା ସବୁ ଭାଙ୍ଗିଦେଉଛି, ସିଏ କୌଣସି ଏକ ପୁରାତନ ବ୍ୟବସ୍ଥାକୁ ସମର୍ଥନ କରୁଛି ବା ଭାହାର ପୁନଃପ୍ରତିଷ୍ଠା କରୁଛି ଅଥବା ଭାହା ବଦଲରେ ଏକ ନୂତନ ବ୍ୟବସ୍ଥାର ପ୍ରବର୍ତ୍ତିନ କରିବା ଲାଗି ଉଦ୍ୟମ କରୁଛି, ଭାହାର ସଙ୍ଗୀ ଓ ସହଚରମାନଙ୍କୁ ସମ୍ମାନ ଦେଖାଇବାରେ ଲୋକମାନେ ଆନନ୍ଦ ଅନୁଭବ କରୁଛନ୍ତି ଅଥବା ସେମାନେ ଏଭଳି ଲୋକ ହୋଇ ରହିଛନ୍ତି ଯେଉଁମାନଙ୍କୁ କି ସେମାନଙ୍କର ଉଚ୍ଚତର ଧର୍ମଜ୍ଞତାର ବୋଧ ଲୋକମାନଙ୍କଠାରୁ ନିମ୍ନାସିତ ଏବଂ ତିରସ୍କୃତ କରି ରଖିଛି, ଭା'ର ଜୀବନ

'oaob.nitrkl.ac.in' images reprocessed

ତଥା କର୍ମଗୁଡ଼ିକୁ ତା'ର ସମସ୍ତାମସ୍ତିକ ବ୍ୟକ୍ତମାନେ ଅନୁମୋଦନ କରୁଛନ୍ତି, ଅଥବା ମନୁଷ୍ୟମାନଙ୍କୁ ସେ ଭୁଲ ବାଟରେ ପରଗ୍ଭଳତ କର ନେଉଛୁ ବୋଲ ସେମାନେ ତା'ର ନନ୍ଦାହିଁ କରୁଛନ୍ତି ଓ ଧର୍ମଗତ, ଜାତଗତ ତଥା ସାମାଜକ ନାନା ଦୋହତାକୁ ସେ ହସ୍ତାହ ଦେଉଛୁ ବା କୁଦୁଲାଇବାରେ ଲଗିଛୁ ବୋଲ ଲୋକେ ତାକୁ ଅପବାଦ ଦେବାରେ ଲଗିଛନ୍ତି,—ଏହ ଯାବତୀସ୍ୱ କଥାର ଆଦୌ କୌଣସି ମହତ୍ତ୍ୱ ନାହିଁ । ଅପର ମନୁଷ୍ୟମାନଙ୍କର କ୍ତର ଅଥବା ଅଜ୍ଞାନଗ୍ରସ୍ତ ବ୍ୟକ୍ତମାନେ ଠିକ୍ କର ଦେଇଥିବା କୌଣସି ନସ୍ୱମ ଦ୍ୱାର୍ସ ସେ ଆଦୌ ପରଗ୍ଭଳତ ହେଉ ନାହିଁ । ସେ ଆପଣାର ଏକ ଅନ୍ତର୍ଗତ ନର୍ଦ୍ଦେଶକୁହିଁ ମାନୁଛୁ, ଏକ ଅଦୃଶ୍ୟ ପରମଶକ୍ତ ଦ୍ୱାର୍ସହିଁ ପରଗ୍ଭଳତ ହେଉଛୁ । ତା'ର ଅସଲ ଜୀବନଭୂମିଟି ତା' ଭତରେହିଁ ରହୁଛୁ; ଏବଂ ସେହ ଜୀବନଭୂମିର ଏକ ବର୍ଣ୍ଣନା ଦେବାକୁ ଯାଇ ଏହ କଥା କୁହାଯାଇ ପାରବ ଯେ ସେ ପରମେଶ୍ୱରଙ୍କ ମଧ୍ୟରେ, ପରମ ଦ୍ରବ୍ୟସ୍ତ୍ତାଙ୍କ ମଧ୍ୟରେ ଅର୍ଥାତ୍ ସେହ ପରମ ଅନନ୍ତ ମଧ୍ୟରେହିଁ ଜୀବନଧାରଣ କର ରହୁଛୁ, ସେଇଠି ବଚରଣ କରୁଛୁ ଓ ସେଇଠି ଆପଣାର ଯାବତୀସ୍ୱ କର୍ମ କରୁଛୁ ।

ମାନ ଯଦ୍ ତା'ର କର୍ମଟି କୌଣସି ବାହ୍ୟ ନସ୍ୱମ ଦ୍ୱାର୍ସ କୌଣସିପ୍ରକାରେ ଶାସିତ ନହୁଏ, ତେବେ ତାହା କେବଳ ସୋଟିଏ ମାନ ନସ୍ୱମକୁ ମାନ ଚଳବ, ଯାହାକ ଆଦୌ କୌଣସି ବାହ୍ୟ ନସ୍ୱମ ନୁହେଁ; ବ୍ୟକ୍ତଗତ କୌଣସି ବାସନା ବା ଉଦ୍ଦେଶ୍ୟ ତା'ର କର୍ମକୁ ଦୋଲ ମନାଇ ନେବ ନାହିଁ; ମାନ ସେହ କର୍ମ ଏହ ବିଶ୍ୱଜଗତ ମଧ୍ୟରେ ରହୁଥିବା ଏକ ଚେତନାଯୁକ୍ତ ଏବଂ ଆତ୍ମଶାସିତ ଓ ଭେଣ୍ଡୁ ପୁଣାସିତ ଦ୍ରବ୍ୟ କିସ୍ୱାତ୍ମକତାରହିଁ ଏକ ଅଂଶ ହୋଇ ରହିବ । ଗୀତାରେ ଘୋଷଣା କର୍ସାଇଛୁ ଯେ ବନ୍ଧନମୁକ୍ତ ବ୍ୟକ୍ତର କର୍ମ କଦାପି କୌଣସି ବାସନା ଦ୍ୱାର୍ସ ପରଗ୍ଭଳତ ହେବ ନାହିଁ; ମାନ ଜଗତ୍ପ୍ରସ୍ପାରକୁ ଏକନ ଧାରଣ କର ରଖିବା ଦଗରେହିଁ ତାହା ପ୍ରେରତ ହୋଇ ରହିବ, ଜଗତର ଶାସନ, ମାର୍ଗଦର୍ଶନ ଏବଂ ପ୍ରଗ୍ଭଳନ ଦଗରେ ତଥା ତାହାକୁ ତା'ର ନର୍ଦ୍ଦେଶିତ ପଥଟିରେ ପ୍ରତଷ୍ଠିତ କର ରଖିବା ଦଗରେହିଁ ତାହା ପ୍ରେରତ ହୋଇ ରହିବ । ଏହ ଅନୁଜ୍ଞାଟିର ଏପର ଏକ ଅର୍ଥରେ ବ୍ୟାଖ୍ୟା କର୍ସାଇଛୁ ଯେ ଯେହେତୁ ସଂସାର ହେଉଛୁ ଏକ ଭ୍ରମ ଏବଂ ଅଧିକାଂଶ ମନୁଷ୍ୟଙ୍କୁ ଏହାର ମଧ୍ୟରେହିଁ ରହିବାକୁ ପଡ଼ିବ, କାରଣ ସେମାନେ ଏଥିରୁ ମୁକ୍ତ ହୋଇପିବା ଲଗି ଉପଯୁକ୍ତ ହୋଇପାର ନାହାନ୍ତି, ପାଶମୁକ୍ତ ମନୁଷ୍ୟକୁ ଏଠାରେ ବାହ୍ୟ ଭୂମିରେ ଏପର କାର୍ଯ୍ୟ କରବାକୁ ପଡ଼ିବ ଯେ ସମାଜର ନସ୍ୱମ ସେମାନଙ୍କ ସକାଶେ ଯେଉଁସବୁ କର୍ମର ନର୍ଦ୍ଧାରଣ କରଦେଇଛୁ, ତଦ୍ଦ୍ୱାର୍ସ ସେମାନେ ସେହସବୁ ଆତ୍ମରଗତ କର୍ମରେ ସ୍ଥିରନଷ୍ଠ ହୋଇ ରହିବା ଲଗି ସବଦା ପ୍ରୋତ୍ସାହନ ପାଇଥିବେ । ଯଦ୍ ତାହାହିଁ ହୋଇଥାଏ, ତେବେ ଏହାକୁ କେବଳ ଏକ ଦୈନ୍ୟଗ୍ରସ୍ତ ସ୍ଥାନ ନସ୍ୱମ ବୋଲହିଁ

'oaob.nitrkl.ac.in' images reprocessed

କହିବାକୁ ପଡ଼ିବ ଏବଂ ପ୍ରତ୍ୟେକ ଶାଲୀନହୃଦସ୍ୱ ବ୍ୟକ୍ତ ଏଇଟିକୁ ବର୍ଜନ କରିବ ବରଂ ଅମିତାଭ ବୁଦ୍ଧଙ୍କର ସେହି ଦବ୍ୟ ନ୍ରତିଟିକୁ, ଖ୍ରୀଷ୍ଟଙ୍କର ସେହି ଈଦାଉ ପ୍ରାର୍ଥନାଟିକୁ ତଥା ବିବେକାନନ୍ଦଙ୍କର ସେହି ଆବେଗପୂର୍ଣ୍ଣ ଆକାଙ୍କ୍ଷାଟିକୁହିଁ ଅନୁସରଣ କରିବାକୁ ଇଚ୍ଛା କରିବେ । ମାନ, ଯଦି ଆମେ ବରଂ ଏହି ବସ୍ତୁର ବା ଦୃଷ୍ଟିକୋଣଟିକୁ ଗ୍ରହଣ କରିନେବା ଯେ ଫସାର ହେଉଛି ଏପରି ଏକ ଚନ୍ଦନ, ଯାହାକି ଏକ ଦବ୍ୟ ସ୍ୱତନ୍ତ୍ରରେହିଁ ପରସ୍ଫୁଲିତ ହେବାରେ ଲଗିଛି, ଯାହା ମନୁଷ୍ୟ ମଧ୍ୟରେ ଇଶ୍ୱରଙ୍କ ଆଡ଼କୁହିଁ ଗତି କରିଯାଉଛି; ଏବଂ, ତାଙ୍କ ଲଗି ଏପର୍ଯନ୍ତ ପ୍ରାପ୍ତ କରିବାକୁ ବାଙ୍କା ରହିଥିବା ତାଙ୍କ ନଜର ପ୍ରକୃତରେ ଆଦୌ କୌଣସି ଅପ୍ରାପ୍ତ ବସ୍ତୁ ନଥିଲେ ମଧ୍ୟ, ଚାଁଚାର ଭଗବାନ ଏହିପରି ଏକ କର୍ମରେ ସଦାରତ ହୋଇ ରହିଛନ୍ତି ବୋଲି କହିଛନ୍ତି, ତେବେ ଆମ ଲଗି ଏହି ମହାନ୍ ନର୍ଦ୍ଦେଶଟିର ଏକ ଗଭୀର ଏବଂ ଯଥାର୍ଥ ତାତ୍ପର୍ଯ୍ୟ ଆମ ସମ୍ମୁଖରେ ପ୍ରକଟ ହୋଇ ଛଡିବ । ସେହି ଦବ୍ୟ କର୍ମରେ ସ୍ୱସ୍ୱଂ ଅଂଶଗ୍ରହଣ କରିବା, ଏବଂ ଫସାର ଭିତରେ ପରମେଶ୍ୱରଙ୍କ ଲଗି ଜୀବନ ଅତିବାହିତ କରିବାହିଁ ସେତେବେଳେ କର୍ମଯୋଗୀର ନସ୍ୟମ ହୋଇ ରହିବ; ଫସାର ଭିତରେ ପରମେଶ୍ୱରଙ୍କ ଲଗିହିଁ ଜୀବନ ବଞ୍ଚିବା ଏବଂ ଭେଣ୍ଡୁ, ଯେପରିକ ପରମ ଦବ୍ୟତା ଆପଣାକୁ ଏଠାରେ ଅଧିକରୁ ଅଧିକ ପରମାଣରେ ବ୍ୟକ୍ତ କରିଦେଇ ପାରିବ, ଆପଣାର ଏହି ଅଜ୍ଞାତ ତଥା ପ୍ରଚ୍ଛନ୍ନ ଯାନାରେ ସେକୌଣସି ମାର୍ଗ ଦ୍ୱାରା ହେଉ ପଛକେ, ପୃଥିବୀ ଯେପରି ଉତ୍ତରୋତ୍ତର ଅଗ୍ରସର ହୋଇ ଯାଇପାରିବ ଏବଂ ସେହି ଦବ୍ୟ ଆଦର୍ଶଟିର ଅଧିକରୁ ଅଧିକ ନକଟବର୍ତ୍ତୀ ହୋଇପାରିବ, ଠିକ୍ ସେହିଭଳି ଭାବରେହିଁ ଆପଣାର ଯାବତୀୟ କର୍ମ କରିଯିବା,—ଏହାହିଁ କର୍ମଯୋଗୀର ନସ୍ୟମ ହୋଇ ରହିବ ।

ସେ ଆପଣାର ଏହି କର୍ମକୁ କପର କରିବ, କେଉଁ ବଶେଷ ସ୍ୱଭାବରେ କରିବ, ସେଇଟିକୁ କୌଣସି ସାଧାରଣ ନସ୍ୟମ ଦ୍ୱାରା ନରୂପିତ କରାଯାଇ ପାରିବ ନାହିଁ । ଏହି ନସ୍ୟମଟି ଭିତରୁ ବକଶିତ ଏବଂ ନରୂପିତ ହେବ; ଏହାର ନରୂପଣ କରିବା ହେଉଛି ପରମେଶ୍ୱର ଏବଂ ଆମ ନଜ ଆତ୍ମାଟି ଭିତରେ ଏକ ପ୍ରସଙ୍ଗ, ସେହି ସଙ୍ଗୋଚ ପରମାତ୍ମସତ୍ତା ଏବଂ ତାଙ୍କର କର୍ମରେ ନମିତ୍ତ ହୋଇ ରହିଥିବା ଏହି ବ୍ୟକ୍ତଆତ୍ମା ମଧ୍ୟରେ ରହିଥିବା ଏକ ପ୍ରସଙ୍ଗ । ଏପରିକ ପ୍ରକୃତ ପାଶମୁକ୍ତର ମୁହୂର୍ତ୍ତଟି ଆସି ପହଞ୍ଚିବା ପୂର୍ବରୁ ମଧ୍ୟ, ଆମେ ସେମିତି ଅନ୍ତର୍ଗତ ଆତ୍ମସତ୍ତାଟି ସମ୍ବନ୍ଧରେ ସଚେତନ ହେବାକୁ ଲାଗିବା, ସେତେବେଳେ ସେହି ଅନ୍ତର୍ଗତ ଆତ୍ମସତ୍ତାରୁହିଁ ଯଥାର୍ଥ ଅନୁମତିର ଉନ୍ମେଷ ହେବାକୁ ଆରମ୍ଭ କରେ, ଚଦ୍ଗତ ଭାବରେ ନରୂପିତ ହୋଇଥିବା ନର୍ଣ୍ଣୟଟି ଆସି ଆମ ପାଟରେ ପହଞ୍ଚିଯାଏ । ଆମକୁ ଯେଉଁ କର୍ମଟି କରିବାକୁ ହେବ, ତାହାର ଜ୍ଞାନଟିକୁ ସମ୍ପୂର୍ଣ୍ଣ ଭାବରେ ସେହି ଭିତରୁହିଁ ଆସିବାକୁ ପଡ଼ିବ । କୌଣସି ବଶେଷ କର୍ମ, କର୍ମର କୌଣସି ନସ୍ୟମ, ରୂପ ବା ବାହାରୁ ନର୍ଦ୍ଦିଷ୍ଟ କରି ଦଆଯାଇଥିବା

'oaob.nitrkl.ac.in' images reprocessed

କୌଣସି ଅପରିବର୍ତ୍ତନୀୟ ସ୍ୱାଭାବିକ ମଧ୍ୟ କେହି ମୁକ୍ତ ସତ୍ତ୍ୱା ଲାଗି ଉଦ୍ଦିଷ୍ଟ କର୍ମ ବୋଲି କଦାପି କହିପାରିବ ନାହିଁ । କ'ଣ କରିବାକୁ ହେବ, ସେହି କର୍ମଟିକୁ ଅର୍ଥାତ୍ ଆମର କର୍ତ୍ତବ୍ୟକୁ ବୁଝାଇ କହିବା ଲାଗି ଗୀତାରେ ଯେଉଁ କଥାଟିର ବ୍ୟବହାର କରାଯାଇଛି, ସେଥିରେ ତାହା ବସ୍ତୁତଃ ଏହି ଅର୍ଥରେ ବ୍ୟାଖ୍ୟା କରି ବୁଝାଯାଇଛି ଯେ ଫଳ ଲାଗି କୌଣସି ଦୃଷ୍ଟି ନରଖି ଆମେ ଆମର ସକଳ କର୍ମ କରିଯିବା । ମାତ୍ର ଏଇ ହେଉଛି ଏପରି ଗୋଟିଏ ବସ୍ତୁର, ଯାହାକି ଇଚ୍ଛାପ୍ରୀତ୍ୟ ଫଟ୍ଟୁରୁ ଜନ୍ମଲାଭ କରିଛି; ଏବଂ ଇଚ୍ଛାପ୍ରୀତ୍ୟ ବସ୍ତୁରର କଲ୍ପନାଗୁଡ଼ିକୁ ଆମେ ଆଧ୍ୟାତ୍ମିକ ଅପେକ୍ଷା ଅଧିକ ପରିମାଣରେ ନୈତିକତା ଦ୍ୱାରା ପ୍ରେରିତ ବୋଲି କହିପାରିବା, ଅନ୍ତର୍ଗତ ଗଭୀରତା ଅପେକ୍ଷା ସେଗୁଡ଼ିକରେ ବାହ୍ୟତାହିଁ ଅଧିକତର ଭାବରେ ରହିଛି । 'କର୍ତ୍ତବ୍ୟ' ବୋଲି ଏପରି କୌଣସି ସାଧାରଣ ବା ସଂପୂର୍ଣ୍ଣ ବସ୍ତୁ କେଉଁଠିହେଲେ ନାହିଁ । ଆମ ସମସ୍ତଙ୍କର କେବଳ ନାନା କର୍ତ୍ତବ୍ୟ ରହିଛି, ସେଗୁଡ଼ିକ ଅଧିକାଂଶ ସମୟରେ ପରସ୍ପରବିରୋଧୀ ହୋଇ ରହିଛନ୍ତି; ଏବଂ ଏଗୁଡ଼ିକ ଆମର ପରିବେଶଟି ଦ୍ୱାରା, ଆମର ସାମାଜିକ ନାନାବିଧ ସମ୍ବନ୍ଧ ଦ୍ୱାରା ତଥା ଜୀବନରେ ଆମର ବାହ୍ୟ ଅବସ୍ଥିତି ଦ୍ୱାରାହିଁ ନିର୍ଣ୍ଣୀତ ହୋଇଥାଏ । ଅପରପକ୍ଷ ନୈତିକ ପ୍ରକୃତିଟିକୁ ଭାଲମ କର ଆଣିବାରେ ଏବଂ ସ୍ୱାର୍ଥ-ପ୍ରେରିତ ବାସନାର କର୍ମଗୁଡ଼ିକୁ ନିରୁତ୍ସାହିତ କରୁଥିବା ଏକ ମାନଦଣ୍ଡକୁ ପ୍ରତିଷ୍ଠିତ କରି ରଖିବାରେ ଏଗୁଡ଼ିକର ଅନେକ ମୂଲ୍ୟ ରହିଛି । ଏକଥାଟି ଆଗରୁ କୁହାଯାଇଛି ଯେ ଯେପର୍ଯ୍ୟନ୍ତ ସାଧକ ଅନ୍ତର୍ଗତ ଆଲୋକ ବୋଲି କୌଣସି ବସ୍ତୁର ଉପଲବ୍ଧି ନକରିଛି, ସେପର୍ଯ୍ୟନ୍ତ ତା' ପାଖରେ ସର୍ବୋତ୍ତମ ଆଲୋକ ବୋଲି ଯାହାକିଛି ରହିଛି, ସେ ତାହାର ଦ୍ୱାରାହିଁ ଆପଣାକୁ ପରିଚାଳିତ କରିଥିବ; ଏବଂ ସେତେବେଳେହିଁ ସେ ଆପଣା ଲାଗି କର୍ତ୍ତବ୍ୟ, ସିଦ୍ଧାନ୍ତ ତଥା ଧେୟ ପ୍ରଭୃତି କେତେକ ମାନଦଣ୍ଡର ନିର୍ଦ୍ଧାରଣ କରିବ ଓ ତାହାକୁହିଁ ପାଳନ କରିଥିବ । ମାତ୍ର ତାହା ଯାହା ହୋଇଥାଉ ପଛକେ, କର୍ତ୍ତବ୍ୟ ହେଉଛି ଏକ ବାହ୍ୟ ବସ୍ତୁ; ଏଗୁଡ଼ିକ ଆମ ଆତ୍ମାର ଉପାଦାନ ନୁହନ୍ତି ଏବଂ ସେଗୁଡ଼ିକ କଦାପି ଏହି ପଥରେ କର୍ମର ଚରମ ମାନଦଣ୍ଡରୂପେ ସ୍ୱୀକୃତ ହୋଇ ପାରିବେ ନାହିଁ । ଯେତେବେଳେ ଆଦେଶ ଆସିବ, ସେତେବେଳେ ଯୁଦ୍ଧ କରିବା ହେଉଛି ସୈନିକର କର୍ତ୍ତବ୍ୟ; ଏପରିକ ତା'ର ନିଜ ଜ୍ଞାତ କୁଟୁମ୍ବଙ୍କ ଉପରେ ଗୁଳି ଚଲାଇବା ମଧ୍ୟ ତା'ର କର୍ତ୍ତବ୍ୟ; ମାତ୍ର ଏହିପରି ଏକ ମାନଦଣ୍ଡକୁ ଅଥବା ଏହାର ଭିତ୍ତିଭୂମି କୌଣସି ମାନଦଣ୍ଡକୁ ମୁକ୍ତ ମନୁଷ୍ୟ ଉପରେ କଦାପି ଲଦି ଦିଆଯାଇ ପାରିବ ନାହିଁ । ଅନ୍ୟ ପକ୍ଷରେ, ଭଲ ପାଇବା, ସମବେଦନା ଅନୁଭବ କରିବା, ଆମ ସତ୍ତ୍ୱାର ସର୍ବୋଚ୍ଚ ସତ୍ୟଟିର ବୋଲି ମାନିବା, ପରମ ଦିବ୍ୟସତ୍ତ୍ୱାଙ୍କର ନିର୍ଦ୍ଦେଶକୁ ପାଳନ କରିବା,—ଏଗୁଡ଼ିକ କର୍ତ୍ତବ୍ୟ ନୁହେଁ, ପ୍ରକୃତ ଭଗବାନଙ୍କ ଆଡ଼କୁ ଆରୋହଣ କରି ପାରିଥିବା ସଙ্গେସଙ্গে ଏଗୁଡ଼ିକ ପ୍ରକୃତିର ଗୋଟିଏ ଗୋଟିଏ ବିଧାନ ବା ଧର୍ମରେ

'oaob.nitrkl.ac.in' images reprocessed

ପରଶକ୍ତ ହୋଇ ଯାଉଥାଏ; ଆତ୍ମାର ଏକ ସ୍ଥିତିରୁହିଁ ଏହା ଏକ କର୍ମରୂପେ ପ୍ରବାହିତ ହୋଇ ଆସେ, ଚିଦ୍‌ଗତତାର ଏକ ଛାଞ୍ଚ ସତ୍ୟ ହୋଇ ରହିଥାଏ । ପାଶମୁକ୍ତ ହୋଇ କର୍ମ କରୁଥିବା ବ୍ୟକ୍ତିର କର୍ମ ଠିକ୍ ଏହିପରି ଭାବରେ ଆତ୍ମାରୁହିଁ ପ୍ରବାହିତ ହୋଇ ଆସିବ; ପରମ ଦିବ୍ୟତା ସହିତ ତା'ର ଆଧ୍ୟାତ୍ମିକ ମିଳନର ଏକ ସ୍ୱାଭାବିକ ପରିଣାମରୂପେହିଁ ଏହି କର୍ମ ତାହା ପାଖକୁ ଆସିବ ଓ ତା' ମଧ୍ୟରୁ ପ୍ରେରିତ ହୋଇ ଆସିବ, ମାନସିକ ଭାବନା ଓ ମାନସିକ ଫଳରୁ, ବ୍ୟାବହାରିକ ବୁଦ୍ଧି ବା ସାମାଜିକ ବୋଧର କୌଣସି ଇନ୍ଦ୍ରିୟନକାଙ୍କ୍ଷା ରଚନା ଦ୍ୱାରା ତାହା କଦାପି ଉଆରି ହୋଇ ନଥିବ । ସାଧାରଣ ଜୀବନରେ ଏକ ବ୍ୟକ୍ତିଗତ, ସାମାଜିକ ବା ପରମ୍ପରାଗତ ନିୟମ, ମାନଦଣ୍ଡ ଅଥବା ଆଦର୍ଶ ପଥପ୍ରଦର୍ଶକ ହୋଇ ରହିବ; ମାନ ଥରେ ଅଧ୍ୟାତ୍ମପଥରେ ଆମର ଯାତ୍ରା ଆରମ୍ଭ ହୋଇଗଲେ ଏଇଟି ବଦଳରେ ଆମର ଆତ୍ମ-ଶୃଙ୍ଖଳା, ମୁକ୍ତି ତଥା ପୂର୍ଣ୍ଣତାପ୍ରାପ୍ତି ଲଗି ଆବଶ୍ୟକ ଏକ ଅନ୍ତର୍ଗତ ତଥା ବାହ୍ୟ ନିୟମ ଅର୍ଥାତ୍ ଜୀବନସ୍ଫୁରଣାର ଗତିକୁ ଗ୍ରହଣ କରିନେବାକୁ ପଡ଼ିବ; ଏପରି ଏକ ଜୀବନପ୍ରଣାଳୀ ଗ୍ରହଣ କରିନେବାକୁ ପଡ଼ିବ, ଯାହାକି ଆମ ଅନୁସୃତ ପଥର ଉପଯୁକ୍ତ ହୋଇଥିବ, ଅଥବା ଆଧ୍ୟାତ୍ମିକ ମାର୍ଗଦର୍ଶକ ତଥା ଶିକ୍ଷକ, ଅର୍ଥାତ୍ ଗୁରୁଙ୍କ ଦ୍ୱାରା ଆଦିଷ୍ଟ ହୋଇଥିବ ବା ଆମ ଅନ୍ତରସ୍ଥ ପଥପ୍ରଦର୍ଶକଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହେଉଥିବ । ମାନ ଆତ୍ମିକ ଅନନ୍ୟତା ଏବଂ ସ୍ୱତନ୍ତ୍ରତାର ସଂଶ୍ଳେଷ ସ୍ଥିତିରେ ବାହ୍ୟ ଯାବତୀୟ ମାନଦଣ୍ଡକୁ ବାହାର କରିଦେବାକୁ ପଡ଼ିବ ବା ଅପସୃଷ୍ଟି ନେବାକୁ ପଡ଼ିବ ଏବଂ ସେତେବେଳେ ଆମେ ଯୁକ୍ତ ହୋଇ ରହିଥିବା କେବଳ ସେହି ପରମ ଦିବ୍ୟସ୍ୱରୂପଙ୍କର ଆଦେଶକୁହିଁ ସ୍ୱତଃସ୍ଫୂର୍ତ୍ତ ତଥା ପୂର୍ଣ୍ଣ ଭାବରେ ପାଳନ କରିବାହିଁ ବାକୀ ରହିଯିବ; ଆମର ସତ୍ତା ତଥା ପ୍ରକୃତିର ସମସ୍ତ ଆଧ୍ୟାତ୍ମିକ ସତ୍ୟଟିକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ତତ୍ତାର୍ଥ କରି ଦେଇଥିବା ଏକ କର୍ମ କରିବାହିଁ ବାକୀ ରହିଯିବ ।

*

ସ୍ପନ୍ଦନ ଦ୍ୱାରା ନିରୂପିତ ତଥା ଅନୁଶାସିତ କର୍ମହିଁ ଆମର କର୍ମଗତ ବିଧାନ ହୋଇ ରହିବା ଉଚିତ, ଗୀତାର ଏହି ବଚନଟିକୁ ଆମେ ଏହିଭଳି ଏକ ଉତ୍ତରତର ଅର୍ଥରେ ଗ୍ରହଣ କରିବା । ଏଠାରେ ସ୍ପନ୍ଦନ କହିଲେ ସ୍ପଷ୍ଟତଃ ଆମର କୌଣସି ଅଗତ୍ୟର ସ୍ଥୂଳ ସ୍ପନ୍ଦନ, ଚରମ କିମ୍ବା ଅତ୍ୟାସଗତ ଆବେଗକୁ ଆଦୌ ବୁଝାଉ ନାହିଁ, ମାନ ଫସ୍ପୃତ ଭାସାରେ ଥିବା ଶବ୍ଦଟିର ଆକ୍ଷରିକ ଅର୍ଥରେ ତାହା ଆମର ସ୍ୱ-ଭାବକୁ ବୁଝାଉଛନ୍ତି; ଆମର ସମସ୍ତ ପ୍ରକୃତିକୁ ବୁଝାଉଛନ୍ତି, ଆମ ଆତ୍ମାର ଦିବ୍ୟ ଉପାଦାନଟିକୁ ବୁଝାଉଛନ୍ତି । ଏହି ମୂଳଭୂମିଟିରୁ ଯାହାକିଛିର ଉନ୍ମେଷ ଘଟୁଛି ବା ଏହି ଉପାଦାନଗୁଡ଼ିକରୁ

'oaob.nitrkl.ac.in' images reprocessed

ଯାହାକୁ ପ୍ରବାହିତ ହୋଇ ଆସୁନ୍ତୁ, ତାହାର ସଦ୍ଦା ଏକ ଗତ୍ୟାତ୍ମକତା ରହିଛୁ, ସମ୍ପର୍କତା ରହିଛୁ ଏବଂ ଯଥାର୍ଥତା ମଧ୍ୟ ରହିଛୁ । ଏବଂ ଏଭଳକୁ ଗୁଡ଼ିଦେଲେ ଆଉ ସବୁକିଛୁ—ଆମର ଯାବତୀୟ ମତ, ଆବେଗ, ଫଗ୍ଗାର ଭଳା ବାସ୍ତବ,—କୁ ଆମେ ଦୁଏଟ କେବଳ ଉପରୁକ୍ତଗଟାରହିଁ କେତେଟା ରଚନା ବୋଲି କହିବା ବା ସତ୍ତ୍ୱର ଆକସ୍ମିକ ଝିଅଲ ବୋଲି କହିବା ଅଥବା କେତୋଟି ବାହ୍ୟ ଅଧ୍ୟାତ୍ମେପ ବୋଲି ମଧ୍ୟ କହିପାରିବା । ସେଗୁଡ଼ାକ କେତେପ୍ରକାରେ କୁଆଡ଼େ ଖସିଯିବାରେ ଲଗିଥାନ୍ତୁ, କେତେଦ୍ରବେ ପରିବର୍ତ୍ତିତ ହୋଇଯାଆନ୍ତୁ, ମାତ୍ର ଆରଟି ଅର୍ଥାତ୍ ଏଇଟି ସଦାସ୍ଥିର ଓ ସତତ ହୋଇ ରହିଥାଏ । ଆମର ଅସଲ ପରିଚୟ କହିଲେ ପ୍ରକୃତ ଆମ ଭିତରେ ବର୍ତ୍ତମ ସମସ୍ତରେ ଗ୍ରହଣ କରୁଥିବା କାର୍ଯ୍ୟନବାହକ ରୂପାୟନଗୁଡ଼ିକୁ ବୁଝାଇବ ନାହିଁ, ସେଗୁଡ଼ିକୁ ଆମର ସ୍ଥାସ୍ଥୀତ୍ୱକରେ ସତତ ଏବଂ ଯଥାର୍ଥ ଅଭିବ୍ୟକ୍ତକାଙ୍କ୍ଷ ଆକୃତିଟି ବୋଲି ଆଦୌ କୁହାଯିବ ନାହିଁ; ମାତ୍ର ଆମ ଭିତରେ ରହିଥିବା ଆଧାତ୍ମିକ ବା ଚିତ୍ରଗତ ସତ୍ତ୍ୱାଟିକୁହିଁ ଆମର ଅସଲ ସଜ୍ଜା ବୋଲି କୁହାଯିବ ଏବଂ ସେହି ଚିତ୍ରଗତ ସତ୍ତ୍ୱାହିଁ ଏହି ବଶ୍ୱଜଗତରେ କାଳର ଭୂମି ଉପରେ ଅତଳ ତଥା ଅଟଳ ହୋଇ ରହିଥାଏ । ଏଠାରେ ଚିତ୍ରଗତ ସତ୍ତ୍ୱା କହିଲେ ତା' ମଧ୍ୟରେ ତାହାର ଆତ୍ମିକ ସମ୍ଭୂତିଟି ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିଛୁ ।

ଅବଶ୍ୟ ଏକଥା ସତ୍ତ ଯେ ଆମେ ଆମ ସତ୍ତ୍ୱାର ଏହି ଯଥାର୍ଥ ଅନ୍ତର୍ଗତ ବ୍ୟକ୍ତିକୁ ସମ୍ପୂର୍ଣ୍ଣରେ ଅନ୍ୟ ବ୍ୟକ୍ତିମାନଙ୍କଠାରୁ ଅଲଗା କରି ଚିହ୍ନି ନେଇ ପାରିବା ନାହିଁ; ଆମର ଦୃଷ୍ଟି ଏବଂ ବୁଦ୍ଧି ଯେପର୍ଯ୍ୟନ୍ତ ସେହି ଅନ୍ତଃଟି ଭିତରେହିଁ ଅଶୁଦ୍ଧ ହୋଇ ପଡ଼ି ରହିଥିବ, ସେପର୍ଯ୍ୟନ୍ତ ଏହି ଅନ୍ତର୍ଗତ ବ୍ୟକ୍ତିଟି ଆମଠାରୁ ଅନ୍ତରାଳ ଓ ଆଡ଼ୁଆଳ ହୋଇ ରହିଥିବ । ଯେତେବେଳ ପର୍ଯ୍ୟନ୍ତ ଆମେ କେବଳ ପରିବେଶାଗତ ଉପରୁକ୍ତଗୀସ୍ୱ ଓ ଅସ୍ଥାସ୍ୱୀ ନାନା ଧାରଣା, ଆବେଗ, ବାସ୍ତବ, ପ୍ରବର୍ତ୍ତିନା ଏବଂ ଅଧ୍ୟାତ୍ମେପରହିଁ ଅନୁସରଣ କରିବାରେ ଲଗିଥିବା ବା ଆମର ଏହି ସାମସ୍ଥିକ ମାନସିକ, ପ୍ରାଣିକ ତଥା ଭୌତିକ ବ୍ୟକ୍ତିତ୍ୱର ରୂପାୟନଗୁଡ଼ିକରହିଁ ବରତନା କରିବାରେ ଲଗିଥିବା; ଅର୍ଥାତ୍ ଆମର ସତ୍ତ୍ୱା ଏବଂ ଏକ ନିମ୍ନତର ବଶ୍ୱପ୍ରକୃତିର ଗ୍ରୁପ ମଧ୍ୟରେ ହେଉଥିବା ଏକ ପ୍ରତିନିସ୍ୱା ଦ୍ୱାରା ଆମ ଲଗି ତଥାର ହୋଇଥିବା ଆମର ସେହି ନଶ୍ୱର, ପଶ୍ଚାକ୍ଷଣାତ୍ମକ ଏବଂ ଗଠନାତ୍ମକ ଆତ୍ମସତ୍ତ୍ୱାରହିଁ ନାନା ବରତନା କରିବାରେ ଲଗିଥିବା । ଯେତିକ ଅନୁପାତରେ ଆମେ ନିଜକୁ ଶୁଦ୍ଧ କରି ଆଣୁଥିବା, ଆମ ଭିତରେ ରହିଥିବା ଯଥାର୍ଥ ସତ୍ତ୍ୱାଟି ମଧ୍ୟ ଆପଣାକୁ ସେତିକ ସ୍ପଷ୍ଟତ୍ୱରେ ଘୋଷିତ କରି ଦେଉଥିବ; ବାହାରୁ ଆସୁଥିବା ପ୍ରବର୍ତ୍ତିନାଗୁଡ଼ିକ ମଧ୍ୟରେ ଆମର ଇଚ୍ଛାଶକ୍ତିଟି ସେତେ କମ୍ ପରିମାଣରେ ବନ୍ଦ ହୋଇ ରହିଥିବ ବା

'oaob.nitrkl.ac.in' images reprocessed

ଆମର ସ୍ଥୂଳ ମନୋରଚନାଗୁଡ଼ିକରେ ସେଉକ କମ୍ କଲ୍ଲହୋଇ ରହୁଥିବ । ଯେତେବେଳେ ଅହଂଗତତା ଗ୍ଲଲଯିବ ଓ ପ୍ରକୃତ ଶୁଦ୍ଧ ହୋଇଯିବ, ସେତେବେଳେ ଆମର ସକଳ କର୍ମ କେବଳ ଆତ୍ମାର ନର୍ଦ୍ଦେଶରୁହିଁ ଜନ୍ମଲଭ କରିବାକୁ ଆରମ୍ଭ କରିବ, ଚଦ୍ଗତତାର ଗଙ୍ଗାର ଭଲ ଅଥବା ଉଚ୍ଚ ଶିଂରଗୁଡ଼ିକରୁ ଆବର୍ଭୂତ ହୋଇ ଆସିବ; ଅଥବା ତାହା ପ୍ରତ୍ୟକ୍ଷ ହୃଦରେ ସେହି ପରମପ୍ରଭୁଙ୍କ ଦ୍ୱାରାହିଁ ପ୍ରଣାସିତ ହୋଇ ରହିବ, ସିଏକ ସବୁବେଳେ ଆମ ହୃଦସ୍ଥର ଜଭୂତ ଗଙ୍ଗାର ମଧ୍ୟରେ ଆସୀନ ହୋଇ ରହିଥିଲେ । ଯୋଗୀ ବଶ୍ୱାସ ଏବଂ କର୍ମର ଯାବତୀସ୍ୱ ପରମଂରୁଗତ ନସ୍ୱମ ବା ସ୍ୱନଗୁଡ଼ିକୁ ଗ୍ଲଡ଼ ଗ୍ଲଲଆସିବ, ଆଗରୁ ସ୍ଥିତ୍ୱିକୃତ ହୋଇ ରହିଥିବା ସକଳ ବାହ୍ୟାଚରଣଗତ ବଧାନକୁ ଗ୍ଲଡ଼ିଆସିବ, ବାହ୍ୟ ସ୍ଥୂଳ ପ୍ରକୃତିର ସକଳ ସଂରଚନାକୁ ଗ୍ଲଡ଼ିଆସିବ, ସକଳ ଧର୍ମକୁ ଗ୍ଲଡ଼ିଆସିବ ଏବଂ କେବଳ ପରମ ଦିବ୍ୟପୁରୁସଙ୍କ ମଧ୍ୟରେହିଁ ଆଶ୍ରସ୍ୱ ଗ୍ରହଣ କରିବ,—ଗୀତାରେ ଯୋଗୀ ଲ୍ଲଗି ଏହି ସଙ୍କୋଚ ତଥା ଚୂଡ଼ାନ୍ତ କଥାଟି ଉକ୍ତ ହୋଇ ରହିଛି । ସେ ସକଳ ବାସନା ଏବଂ ସକଳ ବାଛବେବାରୁ ମୁକ୍ତ ହୋଇ ରହିଥିବ, ସକଳ ଜୀବଙ୍କ ସହିତ ଏକାଭୂତ ହୋଇ ରହିଥିବ, ସେହି ଅନନ୍ତ ପରମସତ୍ତ୍ୟ ତଥା ପରପୁର୍ଣ୍ଣ ଶୁଦ୍ଧତା ମଧ୍ୟରେହିଁ ଜୀବନଧାରଣ କରୁଥିବ ଏବଂ ଆପଣା ଅନ୍ତର୍ଗତ ଚେତନାର ଗଙ୍ଗାରତମ ଭଲରୁହିଁ ସେ ସକଳ କାର୍ଯ୍ୟ ଲ୍ଲଗି ପ୍ରେରତ ହେଉଥିବ, ସେ ଆପଣାର ବନାଶସ୍ୱନ, ଦିବ୍ୟ ଏବଂ ସର୍ବୋଚ୍ଚ ଆତ୍ମସତ୍ତ୍ୱା ଦ୍ୱାରାହିଁ ଅନୁଶାସିତ ହେଉଥିବ; ତେବେ ତାହାର ଯାବତୀସ୍ୱ କର୍ମ ମଧ୍ୟ ଅନ୍ତରସ୍ଥ ପରମ ସାମର୍ଥ୍ୟଟି ଦ୍ୱାରା ସେହି ଯଥାର୍ଥ ଚଦ୍ଗତତା ଏବଂ ଯଥାର୍ଥ ପ୍ରକୃତିର ମଧ୍ୟଦେଇ ପରଗ୍ଲଲତ ହେବାରେ ଲ୍ଲଗିଥିବ, ଯାହାକି ଯାବତୀସ୍ୱ ଜ୍ଞାନୋପାର୍ଜନ, ଯାବତୀସ୍ୱ ସଂଗ୍ରାମ, କର୍ମାଚରଣ, ପ୍ରେମ ତଥା ସେବା-ପରଚର୍ଯ୍ୟା ଭିତରେ ରହିଥିଲେ ମଧ୍ୟ ତଥାପି ସଂବଦ୍ଧ। ଦିବ୍ୟ ହୋଇ ରହିଥିବ ଏବଂ ସେହି କର୍ମ ଏହି ଜଗତରେ ପରମେଶ୍ୱରଙ୍କ ପରପୂର୍ଣ୍ଣ କରଦେବା ଲ୍ଲଗି ଅର୍ଥାତ୍ କାଳ ମଧ୍ୟରେ କାଲାତୀତଙ୍କରହିଁ ଏକ ଅଭିବ୍ୟକ୍ତି ଲ୍ଲଗି ପରଗ୍ଲଲତ ହୋଇ ଯାଉଥିବ ।

ଏକ ଦିବ୍ୟ କର୍ମ,—ଯାହାକି ସ୍ୱତଃସ୍ଫୂର୍ତ୍ତ, ମୁକ୍ତ ତଥା ପ୍ରମାଦଶୂନ୍ୟ ଭିତରେ ପରମ ଦିବ୍ୟସ୍ୱରୂପଙ୍କ ସହିତ ସମ୍ମିଳିତ ହୋଇ ରହିଥିବା ଆମ ଚଦ୍ଗତ ଆତ୍ମସତ୍ତ୍ୱାରି ଆଲୋକ ଏବଂ ସାମର୍ଥ୍ୟ ମଧ୍ୟରୁ ଉଦ୍ଭୂତ ହୋଇ ଆସୁଥିବ, ଆମେ ତାହାକୁହିଁ ଏହି ପୂର୍ଣ୍ଣ କର୍ମଯୋଗର ସର୍ବଶେଷ ସ୍ଥିତି ବୋଲି ଜାଣିବା । ବ୍ୟକ୍ତିଗତ ଭିତରେ ଆମେ ଏହି ସଂସାରମସ୍ୱ ଦୁଃଖରୁ ନଷ୍କୃତି ଲଭ କରିବା,—ଏହାକୁହିଁ ଆମେ କଦାପି ଆମ ମୁକ୍ତି-ଅନ୍ୱେଷଣର ଯଥାର୍ଥତମ କାରଣ ବୋଲି କହିବା ନାହିଁ; ଅବଶ୍ୟ ଏକଥା ସତ ଯେ ମୁକ୍ତିର ଉପଲବ୍ଧି ସହିତ ସେହି ନଷ୍କୃତି ମଧ୍ୟ ଉପଲବ୍ଧି ହୋଇଯାଇ

'oaob.nitrkl.ac.in' images reprocessed

ପାରିବ; ମାତ୍ର ଆମେ ପରମ ଦିବ୍ୟସ୍ୱରୂପଙ୍କ ସହିତ ଏକାତ୍ମତା ଲାଭ କରିବା, ଅର୍ଥାତ୍ ସେହି ସର୍ବୋଚ୍ଚ ଓ ଶାଶ୍ୱତ ପରମ ସତ୍ତାଙ୍କଠାରୁ ଅବିଚ୍ଛିନ୍ନ ଓ ଅଭିନ୍ନ ହୋଇ ରହିବା,—ଏହାକୁହିଁ ସେହି ମୁକ୍ତ-ଅନ୍ୱେଷଣର ଯଥାର୍ଥତମ କାରଣ ବୋଲି କୁହାଯିବ। ବ୍ୟକ୍ତିଗତ ଜୀବରେ ଯେ ଆମେ ଦିବ୍ୟ ପରମ ପ୍ରକୃତିର ଉପଲବ୍ଧିର କରିପାରିବା ଏବଂ ଏପରିକ ଦେବତାମାନଙ୍କ ପରି ହୋଇଯାଇ ପାରିବା, ଏହାହିଁ ଆମ ପରିପୂର୍ଣ୍ଣତାସନ୍ଧାନ ଅର୍ଥାତ୍ ଏକ ସର୍ବୋଚ୍ଚ ସ୍ଥିତି, ଶୁଦ୍ଧତା, ଜ୍ଞାନ, ବଳ, ପ୍ରେମ ତଥା ସାମର୍ଥ୍ୟସନ୍ଧାନର ଆଦୌ ଯଥାର୍ଥତମ କାରଣ ନୁହେଁ; ଅବଶ୍ୟ ଏକଥା ସତ ଯେ ଏହି ସନ୍ଧାନରେ ସଫଳତା ଲାଭ କଲେ ସେହି ଉପଲବ୍ଧିଗତି ମଧ୍ୟ ଆମ ଲାଗି ନିଶ୍ଚିତ ଉପଲବ୍ଧି ହୋଇପାରିବ; ମାତ୍ର ଏହି ବିମୋଚନ ଓ ପରିପୂର୍ଣ୍ଣତାଲାଭ ଯେ ଆମ ଭିତରେ ସେହି ଦିବ୍ୟ ପରମ ଇଚ୍ଛାଶକ୍ତିରୂପେ ଅବସ୍ଥାପିତ ହୋଇ ରହିଛନ୍ତି, ଏହି ପ୍ରକୃତି ମଧ୍ୟରେ ଆମ ଆତ୍ମସତ୍ତାର ସର୍ବୋଚ୍ଚ ସତ୍ୟ ହୋଇ ରହିଛନ୍ତି, ଏବଂ ଏହି ବିଶ୍ୱଜଗତରେ ଏକ ନିମନ୍ତବୃଦ୍ଧିଶୀଳ ଅଭିବ୍ୟକ୍ତି ଲାଗି ସଦାଦା ଅଭିପ୍ରେତ ଉଦ୍ଦେଶ୍ୟଟି ହୋଇ ରହିଛନ୍ତି, ଏହାହିଁ ହେଉଛି ଆମ ପୂର୍ଣ୍ଣତାସନ୍ଧାନର ସଂଯଥାର୍ଥ କାରଣ। ମୁକ୍ତି, ପରିପୂର୍ଣ୍ଣତି ଏବଂ ଆନନ୍ଦମୟୀ ଦିବ୍ୟ ପ୍ରକୃତିକୁ ଏହି ବ୍ୟକ୍ତି ଭିତରେ ମଧ୍ୟ ଅଭିବ୍ୟକ୍ତ ହେବାକୁ ପଡ଼ିବ, ଯେପରିକ ତାହା ବିଶ୍ୱଜଗତରେ ଆପଣାକୁ ଅଭିବ୍ୟକ୍ତ କରିଦେଇ ପାରିବ। ଏପରିକ ଆପଣାର ଅଜ୍ଞାନସ୍ଥିତିରେ ମଧ୍ୟ ବ୍ୟକ୍ତି ପ୍ରକୃତିରେ ଏକ ବିଶ୍ୱଗତ ଷେନରେହିଁ ବିଚରଣ ଓ ଜୀବନଯାପନ କରୁଥାଏ, ବିଶ୍ୱଗତ ପରମ ଲକ୍ଷ୍ୟସିଦ୍ଧିର ସାଧନ ଲାଗିହିଁ ଜୀବନ ବହନ କରୁଥାଏ; କାରଣ ଆପଣା ଅହଂର ସୀମାବଦ୍ଧ ଉଦ୍ଦେଶ୍ୟ ଏବଂ କାମନାର ସନ୍ତୁଷ୍ଟି ଅନୁଧାବନଷେନସିଦ୍ଧିରେ ସେ ଆପଣାର ଅହଂପ୍ରଣୋଦିତ କର୍ମ ଦ୍ୱାରା ଏହି ବିଶ୍ୱଗୁଡ଼ିକରେ ପ୍ରକୃତିରହିଁ କର୍ମ ତଥା ଉଦ୍ଦେଶ୍ୟ ସାଧନ ଲାଗି ଆପଣାର ଅବଦାନଟି ଦେବାକୁହିଁ ସେହି ପ୍ରକୃତି ଦ୍ୱାରା ବାଧ୍ୟ ହେବାରେ ଲାଗିଥାଏ। ମାତ୍ର ଏଥିରେ କୌଣସି ସତ୍ତେଜନ ଅନୁପ୍ରାପ୍ତ ନଥାଏ, ଏହା ବଡ଼ ଅପୂର୍ଣ୍ଣ ଜ୍ଞାନରେହିଁ ସମାହିତ ହେଇଥାଏ; ଏବଂ ପ୍ରକୃତିର ଏକ ଅର୍ଦ୍ଧ-ବିକଶିତ ତଥା ଅର୍ଦ୍ଧ-ଚେତନାଯୁକ୍ତ, ଅପୂର୍ଣ୍ଣ ତଥା ଅଶୋଧିତ ଗତିସ୍ପନ୍ଦନ ଲାଗିହିଁ ବ୍ୟକ୍ତି ଆପଣାର ଅବଦାନଟିକୁ ଦେବାରେ ଲାଗିଥାଏ। ଯେତେବେଳେ ସେ ଆପଣାର ଅହଂପାଶଟିରୁ ମୁକ୍ତ ହୋଇଯାଏ ଏବଂ ପରମ ଦିବ୍ୟସ୍ୱରୂପଙ୍କ ସହିତ ଏକତ୍ୱବଦ୍ଧ ହୋଇଯାଏ, ସେତେବେଳେ ତାହାର ବ୍ୟକ୍ତିପରିବୃତ୍ତି ମଧ୍ୟ ଯୁଗପତ୍ ଜୀବରେ ମୁକ୍ତ ହୋଇଯାଏ ଓ ଆପଣାର ପରିପୂର୍ଣ୍ଣତା ଲାଭ କରେ। ଏହିପରି ଜୀବରେ ମୁକ୍ତ, ଶୁଦ୍ଧ ଏବଂ ପରିପୂର୍ଣ୍ଣ ହୋଇ ବ୍ୟକ୍ତ ଅର୍ଥାତ୍ ଦିବ୍ୟ ଆତ୍ମା, ଯାହା ତାହା ଲାଗି ମୂଳରୁହିଁ ଅଭିପ୍ରେତ ହୋଇ ରହିଥିଲା, ସଚେତନ ତଥା ପ୍ରମୃଣ୍ଣ ଜୀବରେ କେବଳ ସେହି ବିଶ୍ୱଗତ ତଥା ବିଶ୍ୱାତୀତ ପରମ ଦିବ୍ୟସ୍ୱରୂପଙ୍କ ମଧ୍ୟରେ ଏବଂ ତାଙ୍କର ଲାଗିହିଁ ବାସ କରିବାକୁ ଲକ୍ଷେ, ଏହି

'oaob.nitrkl.ac.in' images reprocessed

ବିଶ୍ୱଜଗତରେ କେବଳ ତାଙ୍କର ପରମ ଇଚ୍ଛାର ପୂରଣ ଲଗି ବାସ କରିବାକୁ ଲଗେ ।

ଜ୍ଞାନର ମାର୍ଗରେ ଆମେ ଦୁଏତ ଏପର ଏକ ସ୍ଥାନରେ ଆସି ପହଞ୍ଚିଯାଇ ପାରିବା, ସେଠାରେ କ ଆମେ ଇଚ୍ଛାକଲେ ବ୍ୟକ୍ତିତ୍ୱର ତଳା ବିଶ୍ୱଜଗତ ଉପରେ ସତେଅବା ଲମ୍ଫପ୍ରଦାନ କର ଏକାବେଳକେ ସେପାଖକୁ ବାହାରିଯାଇ ପାରିବା; ସକଳ ଜୀବନ, ଇଚ୍ଛା, କର୍ମ ତଥା ପ୍ରକୃତର ଯାବତୀୟ ପ୍ରତିସ୍ପର୍ଦ୍ଧା ମଧ୍ୟରୁ ବାହାର ଘୋଲିଯାଇ ପାରିବା ଏବଂ ସେହି ପରମ ଶାଶ୍ୱତତା ମଧ୍ୟରେ ନିମଗ୍ନ ହୋଇ ରହି ଓ ତାହାର ମଧ୍ୟରେ ଗୃହୀତ ହୋଇଯାଇ ପରମ ବିଶ୍ୱାତୀତତା ମଧ୍ୟରେ ପ୍ରବିଷ୍ଟ ହୋଇଯାଇ ପାରିବା । ଏପର ଏକ ଗତ ଈଶ୍ୱର-ଜ୍ଞାନ ଲଗି କଦାପି ବାଧତାମୂଳକ ନତ୍ରେଲେହେଁ ତଥାପି ଆତ୍ମା ଏପର ଏକ ନିଶ୍ଚିତି ଦୁଏତ ବେଶ୍ ଗ୍ରହଣ କରିପାରେ ଏବଂ ଆମ ଭିତରେ ରହିଥିବା ଆତ୍ମସଷ୍ଟି ଠିକ୍ ଏହି ବିଶେଷ ଭୂମିକାଟିକୁ ସ୍ୱୀକାର କର ନେଇପାରେ । ଭକ୍ତର ମାର୍ଗରେ ମଧ୍ୟ ଆମେ ଶ୍ରଦ୍ଧାନୁରକ୍ତ ଏବଂ ଇଚ୍ଛାସମସ୍ୱିତାର ଏକ ପ୍ରଗାଢ଼ତାର ମଧ୍ୟଦେଇ ଦୁଏତ ସେହି ସଦ୍ୱୋଧ ପରମ ସଦ୍ପ୍ରେମାସ୍ପଦଙ୍କ ସହିତ ଯାଇ ସମ୍ମିଳିତ ହୋଇ ରହିପାରୁ ଏବଂ ସେଇଠି ତାଙ୍କର ଉପସ୍ଥିତର ଦିବ୍ୟାଭିଭୂତିଟି ଭିତରେ ଚିରକାଳ ଲଗି ରହି ଯାଇପାରୁ; କେବଳ ତାଙ୍କର ମଧ୍ୟରେହିଁ ନିମଜ୍ଜିତ ରହିପାରୁ, ତାଙ୍କର ସହିତ ଏକ ଆନନ୍ଦଲୋକରେହିଁ ନିବଡ଼ ଜୀବରେ ଛନ୍ଦୋଇ ରହିପାରୁ; ସେତେବେଳେ ତାହାହିଁ ଆମ ସତ୍ତାର ବିଶେଷ ଆବେଗ ହୋଇ ରହିପାରେ, ଆଧ୍ୟାତ୍ମିକ ସିଦ୍ଧିର ଭୂମିରେ ସେ ଏଇଟିକୁହିଁ ଆପଣା ଲଗି ବେଶ୍ ବାଛି ନେଇପାରେ । ମାନ୍ଦ କର୍ମର ମାର୍ଗରେ ଆମ ସମକ୍ଷରେ ଏକ ସମ୍ପୂର୍ଣ୍ଣ ଭିନ୍ନ ସମ୍ଭାବନା ଉନ୍ମୋଚିତ ହୋଇଯାଏ । କାରଣ ସେହି ମାର୍ଗଟିରେ ଅଗ୍ରସର ହୋଇ ଆମେ ପ୍ରକୃତର ବିଧାନ ତଥା ସାମର୍ଥ୍ୟର କ୍ଷେତ୍ରରେ ପରମ ଶାଶ୍ୱତ ସତ୍ତାଙ୍କ ସହିତ ଏକରୂପ ହୋଇଯାଇ ମୁକ୍ତି ତଥା ପରିପୂର୍ଣ୍ଣତା ଲାଭ କରିପାରୁ; ଆମର ଆଧ୍ୟାତ୍ମିକ ସ୍ଥିତିଭୂମିଟି ପର ଆମର ଇଚ୍ଛା ତଥା ଗତ୍ୟାତ୍ମକ ଆତ୍ମସତ୍ତାର ଭୂମିରେ ମଧ୍ୟ ଆମେ ସେତେବେଳେ ତାଙ୍କ ସହିତ ଏକାତ୍ମ ହୋଇଯାଇ । ଏହି ସମ୍ମିଳନର ସ୍ୱାଭାବିକ ଫଳସ୍ୱରୂପ କର୍ମ କରିବାର ଏକ ଦିବ୍ୟ ଶକ୍ତି ଉପଲବ୍ଧି ହୋଇଯାଏ, ଏହି ଆତ୍ମ-ଅଭିବ୍ୟକ୍ତିର ମୂର୍ତ୍ତି ରୂପଟି ଜୀବରେ ଏକ ଆଧ୍ୟାତ୍ମିକ ସ୍ୱତନ୍ତ୍ରତା ଦ୍ୱାରା ସଂପ୍ରେରିତ ହୋଇ ରହିଥିବା ଦିବ୍ୟ ଜୀବନଗଠନ ସମ୍ଭବ ହୁଏ । ପୂର୍ଣ୍ଣଯୋଗରେ ଏହି ତିନୋଟିଯାକ ମାର୍ଗଗତ ଆପଣା ଆପଣାର ବିଶ୍ୱାରଧର୍ମୀ ନିସିଦ୍ଧତାଗୁଡ଼ିକ ପରିତ୍ୟାଗ କରନ୍ତି, ପରସ୍ପର ସହିତ ମିଳିତ ହୋଇଯାଆନ୍ତି ବା ଅନ୍ୟତ୍ରରେ କହିଲେ, ପରସ୍ପର ମଧ୍ୟରୁ ଉଦ୍‌ଭୂତ ହୋଇ ଆସନ୍ତି । ଆତ୍ମାକୁ ଘୋଡ଼ାଇ ରହିଥିବା ମନର ପରଦାଟି ଭିତରୁ ବାହାରିଆସି ଆମେ ସେତେବେଳେ ପରମ ବିଶ୍ୱାତୀତଙ୍କ ମଧ୍ୟରେହିଁ ନିବାସ କରିବାକୁ ଲଗୁ, ଦୁଇସ୍ତର

'oaob.nitrkl.ac.in' images reprocessed

ଶ୍ରଦ୍ଧାକଳରେ ଏକ ପରମ ପ୍ରେମ ତଥା ଆନନ୍ଦର ଏକତ୍ରବଦ୍ଧତା ମଧ୍ୟରେ ପ୍ରକଷ୍ଟ ହେଉ ଏବଂ ଆମର ସତ୍ତ୍ୱଗତ ଯାବତୀୟ ସାମର୍ଥ୍ୟ କେବଳ ସେହି ଏକ ପରମ ସାମର୍ଥ୍ୟଙ୍କର ଭୂମିକୃଦ୍ଧି ଉଦ୍ଦେଶ୍ୟରେ ହୋଇଯାଆନ୍ତୁ; ଆମର ଇଚ୍ଛା ତଥା ସଦ୍ଭବଧ କର୍ମ ସେହି ଚୋଟିଏ ପରମ ଇଚ୍ଛା ଓ ସାମର୍ଥ୍ୟ ମଧ୍ୟରେଦ୍ଧି ସମର୍ପିତ ହୋଇ ରହେ ଏବଂ ସେହି ହୃଦ୍ୟ ପ୍ରକୃତିର ଗଠନଶୀଳ ପରିପୂର୍ତ୍ତିଭାଟିକୁ ଲାଭ କରିବାକୁ ସମର୍ଥ ହୁଏ ।

'oaob.nitrkl.ac.in' images reprocessed

ନବୋଦଶ ପରିଚ୍ଛେଦ*

ଅନ୍ତଃମାନସ ଓ କର୍ମଯୋଗ

ଆପଣାର ସମସ୍ତ ତଥା ଚରମ ଲକ୍ଷ୍ୟଟିରେ ଏକ ମହତ୍ତ୍ୱପୂର୍ଣ୍ଣ ଏବଂ ଅପରହାର୍ଯ୍ୟ ଉପାଦାନରୂପେ ପୂର୍ଣ୍ଣଯୋଗ ଏକ ଉଚ୍ଚତର ଆଧ୍ୟାତ୍ମିକ ଚେତନା ଏବଂ ଏକ ବୃହତ୍ତର ଦିବ୍ୟ ଅସ୍ତିତ୍ୱ ମଧ୍ୟକୁହିଁ ସମୁଦାୟ ସୃଷ୍ଟିର ବାଞ୍ଛିତ ହୋଇଯିବାକୁ ଆପଣାର ଅନ୍ତର୍ଭୁକ୍ତ କରି ରଖିଥାଏ । ଆମ ସକଳସ୍ତ ତଥା କର୍ମଗତ ଜୀବନର ଯାବତୀୟ ଅଂଶଗୁଡ଼ିକ, ଆମ ଜ୍ଞାନ, ଆମର ମନନାତ୍ମକ ସୃଷ୍ଟି, ସଂବେଗଗତ ସୃଷ୍ଟି ତଥା ପ୍ରାଣମୟ ସୃଷ୍ଟିର ସ୍ତରଗୁଡ଼ିକ ଅର୍ଥାତ୍ ଆମର ସମୁଦାୟ ଆତ୍ମସତ୍ତା ତଥା ପ୍ରକୃତିକୁ କେବଳ ସେହି ପରମ ଦିବ୍ୟ-ସ୍ୱରୂପଙ୍କରହିଁ ଅନ୍ୱେଷଣ କରିବାକୁ ହେବ, ସେହି ପରମ ଅନନ୍ତତା ମଧ୍ୟରେ ପ୍ରବେଶ କରିବାକୁ ହେବ, ସେହି ପରମ ଶାଶ୍ୱତ ସହିତ ଏକତ୍ୱବଦ୍ଧ ହୋଇଯିବାକୁ ପଡ଼ିବ । ମାତ୍ର ମନୁଷ୍ୟର ବର୍ତ୍ତମାନ ପ୍ରକୃତିଟି ବଡ଼ ସୀମାବଦ୍ଧ ହୋଇ ରହିଛୁ, କେବଳ ବିଭକ୍ତ ଏବଂ ଅସମ ହୋଇ ରହିଛୁ । ତେଣୁ କେବଳ ସ୍ୱ-ସତ୍ତାର ସବୁଠାରୁ ଅଧିକ ଶକ୍ତିଶାଳୀ ସୃଷ୍ଟିରେ ଆପଣାକୁ ଅଭିନିବିଷ୍ଟ କରି ରଖିବା ଏବଂ ସ୍ୱ-ପ୍ରକୃତିର ଅନୁରୂପ ଏକ ନିର୍ଦ୍ଦିଷ୍ଟ ବିକାଶଧାରାର ଅନୁସରଣ କରିବାହିଁ ତା' ଲାଗି ସବୁଠାରୁ ଅଧିକ ସହଜ ହୋଇ ରହିଛୁ । ଦିବ୍ୟ ପରମ ଅନନ୍ତତାର ସାଗରଟି ମଧ୍ୟକୁ ଏକାବେଳକେ ସିଧା ଏକ ବୃହତ୍ତର ଲମ୍ଫ ଦେଇପାରିବା ଲାଗି କେବଳ କ୍ୱଚିତ୍ ମାତ୍ର କେତେଜଣ ବ୍ୟକ୍ତିଙ୍କରହିଁ ଶକ୍ତି ରହିଛୁ । ତେଣୁ, କେତେକଙ୍କୁ ଆପଣାର ଜୀବନ, ମନନ ତଥା ମାନସିକ ଏକାଗ୍ରତା ମଧ୍ୟରେ ପରମାତ୍ମସତ୍ତାର ଶାଶ୍ୱତ ସତ୍ୟଟିକୁ ଆବିଷ୍କାର କରିପାରିବା ଲାଗି ସେଇଗୁଡ଼ିକରେ ଆପଣାକୁ ଅଭିନିବିଷ୍ଟ କରି ରଖିବାରୁହିଁ ଏହି ଗୁରୁଣାଟିକୁ ଆରମ୍ଭ କରିବାକୁ ପଡ଼ିଛୁ । ଅନ୍ୟମାନେ ହୃଦୟ ମଧ୍ୟରେ ପରମ ଶାଶ୍ୱତ ଦିବ୍ୟସ୍ୱରୂପଙ୍କର

---

* ଏହି ଗ୍ରନ୍ଥଟିକୁ ଅଭିନିବିଷ୍ଟ କରିବା ଲାଗି ଲେଖକଙ୍କର ଇଚ୍ଛାର ଉତ୍ସ ରହିଥିଲା, ମାତ୍ର ଏହି କାର୍ଯ୍ୟଟି ଅପୂର୍ଣ୍ଣ ହୋଇ ରହିଗଲା । ପ୍ରସ୍ତୁତ ପରିଚ୍ଛେଦଟି ସେହି ପରିକଳ୍ପନାର ଗୋଟିଏ ଅଂଶ ।

'oaob.nitrkl.ac.in' images reprocessed

ସାକ୍ଷାତ ଲାଭ କରିବା ଲଗି ସେହି ଦୁଦସ୍ୱ ମଧ୍ୟକୁହିଁ ପ୍ରତ୍ୟାବୃତ ହୋଇ ଘୂଲଯିବାକୁ ଅଧିକ ସହଜ ମଣୁଛନ୍ତି । ତଥାପି ଆହୁର ଅନ୍ୟମାନେ ଅଛନ୍ତି, ଯେଉଁମାନଙ୍କୁ କ ଆମେ ମୁଖ୍ୟତଃ ଗତଧର୍ମୀ ଓ ସନିସ୍ୱ ସ୍ୱତ୍ତ୍ୱବର ବୋଲ କହିପାରିବା; ଏମାନଙ୍କ ଲଗି ଆପଣାକୁ ଆପଣାର ଇଚ୍ଛାଶକ୍ତି ବା ଫଳଲବ୍ଧି ମଧ୍ୟରେହିଁ ବେନ୍ଦ୍ରିତ କରି ରଖିବା ସବୋତ୍ତମ ପ୍ରତପାଦତ ହେଉଛୁ, ବନ୍ଧ କର୍ମ ମଧ୍ୟଦେଇ ଆପଣାର ସତ୍ତ୍ୱାଟିରେ ପ୍ରସାର ସମ୍ଭବ କରିବାହିଁ ସବୁଠାରୁ ଅଧିକ ପ୍ରଶସ୍ତ ମନେହେଉଛୁ । ଆପଣାର ଇଚ୍ଛାଟିକୁ ତାହାର ଅନନ୍ତତା ମଧ୍ୟରେ ସମର୍ପିତ କରିଦେଇ ସେମାନେ ପରମାତ୍ମସତ୍ତା ତଥା ସକଳ ବସ୍ତୁର ଉତ୍ସଟି ସହିତ ସମ୍ମିଳିତ ହୋଇ ରହୁଛନ୍ତି, ଅନ୍ତର ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ପରମ ଦିବ୍ୟତାଟି ଦ୍ୱାରାହିଁ ସେମାନେ ଆପଣାର ଯାବତୀୟ କର୍ମରେ ଆପଣାକୁ ପରିଘ୍ଟଳିତ କରି ରଖୁଛନ୍ତି ଅଥବା ଆପଣାର ଜୀବନ, ଅନୁଭୂତି ଏବଂ କର୍ମର ଯାବତୀୟ ଶକ୍ତିସମର୍ଥତାର ପ୍ରଭୁ ଏବଂ ପ୍ରେରକରୂପେ ସେମାନେ ବଶ୍ୱତ ସକଳ ଜିନ୍ୟାର ସେହି ପରମ ଅଧୀଶ୍ୱରଙ୍କ ଯାଖରେହିଁ ନିଜକୁ ସମର୍ପିତ କରି ଦେଉଛନ୍ତି; ସତ୍ତାର ଏହି ସମ୍ପ୍ରସାରଣଟି ଦ୍ୱାରା ସେମାନେ ସ୍ୱାର୍ଥମୁକ୍ତ ହୋଇ ପାରୁଛନ୍ତି, ବୃହତ୍ତର ବଶ୍ୱଟି ସହିତ ଯୁକ୍ତ ହୋଇ ରହି ପାରୁଛନ୍ତି ଏବଂ ପରିଣାମତଃ ଆପଣାର କର୍ମଗୁଡ଼ିକ ଦେଇ ଏକ ଅଧ୍ୟାତ୍ମସ୍ଥିତର କେତେକ ପରମାଣରେ ଏକ ପ୍ରଥମ ପୂର୍ଣ୍ଣତାରେ ଯାଇ ଉପନୀତ ହୋଇ ପାରୁଛନ୍ତି । ମାତ୍ର ଆରମ୍ଭବନ୍ଦୁଟି ଯାହା ହୋଇଥିଲେ ମଧ୍ୟ ଏହି ମାର୍ଗଟିକୁ ଆପଣାର ଫାଙ୍କାପ୍ରଣ୍ଠି ପରିଧିଟିକୁ ପାର ହୋଇ ଏକ ବୃହତ୍ତର ପ୍ରଦେଶ ମଧ୍ୟରେ ଯାଇ ଅବଶ୍ୟ ପହଞ୍ଚିବାକୁ ପଡ଼ିବ, ଏବଂ ଅବଶେଷରେ ଏକ ପୁସମନ୍ୱିତ ଜ୍ଞାନ, ସବେଦ, ଗତିଶୀଳ କର୍ମର ଫଳଲବ୍ଧ ତଥା ସତ୍ତା ଏବଂ ସମ୍ପୃଣ୍ଠି ପ୍ରକୃତର ଏକ ସମଗ୍ରତା ମଧ୍ୟଦେଇହିଁ ଅଗ୍ରସର ହେବାକୁ ପଡ଼ିବ । ଅଭମାନସ ତେଭନାରେ ପ୍ରବିଷ୍ଟ ହୋଇ, ଅର୍ଥାତ୍ ଅଭମାନସ ଜୀବନର ସ୍ତରକୁ ଆରୋହଣ କରିଯାଇ ଏହି ସମନ୍ୱୟ ଓ ସମନ୍ୱିତତା ପୂର୍ଣ୍ଣ ତତ୍ତାର୍ଥତା ଲାଭ କରିବ; ସେହି ଭୂମିଟିକୁ ଉତ୍ତୀର୍ଣ୍ଣ ହୋଇ ଜ୍ଞାନ, ଫଳଲବ୍ଧ ତଥା ଆତ୍ମସତ୍ତା ଓ ଗତିଶୀଳ ପ୍ରକୃତର ପରିପୂର୍ଣ୍ଣତାଲାଭ ପ୍ରତ୍ୟେକଟି ଆପଣା ଆପଣାର ପରମ କ୍ଷେତ୍ରଟିକୁ ଉନ୍ମୀତ ହୋଇଯିବେ; ସେଗୁଡ଼ିକ ସମସ୍ତେ ଆପଣାର ପରିପୂର୍ଣ୍ଣ ସୌଷମ୍ୟ ମଧ୍ୟକୁ ଉନ୍ମୀତ ହୋଇଯିବେ ଏବଂ ପରସ୍ପର ଭିତରେ ବିଲୀନ ହୋଇଯିବେ, ଏକ ଦିବ୍ୟ ସମଗ୍ରତା ଓ ଦିବ୍ୟ ପରିପୂର୍ଣ୍ଣତା ମଧ୍ୟକୁ ଉଠି ଘୂଲଯିବେ । କାରଣ ଅଭମାନସକୁ ଆମେ ଏକ ପରମ ଋତ-ଚିତ୍ ବୋଲ ଜାଣିବା, ଯାହା ମଧ୍ୟରେ କ ପରିପୂର୍ଣ୍ଣ ରୂପରେ ଆପଣାକୁ ଅଭିବ୍ୟକ୍ତ କରି ଦେଇଥିବା ପରମ ଦିବ୍ୟସତ୍ତାଟି ଆଉ ଅଜ୍ଞାନରହିଁ ସାଧନ ଓ ସଘଗଠନଟି ମଧ୍ୟରେ କାର୍ଯ୍ୟ କରିବାକୁ ବାଧ୍ୟ ହୁଏ ନାହିଁ; ସତ୍ତାର ଏକ ପରମ ସତ୍ୟସ୍ଥିତ ଏହି କ୍ଷେତ୍ରରେ ସତ୍ତାଗତ ଏପରି ଏକ ଶକ୍ତିମତ୍ତା ଏବଂ ନିସ୍ୱାସ୍ଥକତା ମଧ୍ୟରେ ଗତିଶୀଳ ହୋଇଉଠେ, ଯାହାକ ସଦାସର୍ବଦା ସ୍ୱୟଂ-ବର୍ତ୍ତମାନ ଏବଂ ପରିପୂର୍ଣ୍ଣ

'oaob.nitrkl.ac.in' images reprocessed

ହୋଇ ରହିଥାଏ । ସେଠାରେ ଯାବତୀୟ ଗତିସ୍ପନ୍ଦନ କେବଳ ସେହି ଦିବ୍ୟ ପରମ-ସତ୍ତାଙ୍କରହିଁ ଆତ୍ମଜ୍ଞାନୋଦ୍ଭାସିତ ସତ୍ତାଟିର ଏକ ଗତିସ୍ପନ୍ଦନ ହୋଇ ରହିଥାଏ ଏବଂ ଯାବତୀୟ ଅଂଶ ସମୁଦାୟଟି ସହିତ ସମ୍ପୃକ୍ତି ଭିତରେ ସୌଷମ୍ୟବଦ୍ଧ ହୋଇ ମଧ୍ୟ ରହିଥାଏ । ଏପରକି ସବୁଠାରୁ ଅଧିକ ସ୍ୱାନ୍ତ ତଥା ସୀମାବଦ୍ଧ କର୍ମଟି ମଧ୍ୟ ଏହି ପରମ ଋତ-ଚତିର ଭୂମିରେ ପ୍ରବେଶ କରି କେବଳ ସେହି ପରମ ଶାଶ୍ୱତ ଏବଂ ପରମ ଅନନ୍ତାଙ୍କରହିଁ ଏକ ଗତିସ୍ପନ୍ଦନରେ ପରିଣତ ହୋଇଯାଏ ଏବଂ ସେହି ପରମ ଶାଶ୍ୱତ ଏବଂ ପରମ ଅନନ୍ତାଙ୍କର ଅନ୍ତର୍ନିହିତ ନିର୍ବିଶେଷତା ଏବଂ ପରିପୂର୍ଣ୍ଣତା ମଧ୍ୟରେ ଅଂଶ ଗ୍ରହଣ କରିବାକୁ ଲାଗେ । ଅନ୍ତିମାନସ ପରମସତ୍ତାଟି ମଧ୍ୟକୁ ଏକ ଆରୋହଣ ଆମର ଆଧ୍ୟାତ୍ମିକ ତଥା ସାରଭୂତ ଚେତନାଟିକୁ କେବଳ ଯେ ସେହି ଶିଖରଦେଶକୁ ବହନ କରି ନେଇଯାଏ ତାʼ ନୁହେଁ, ମାତ୍ର ଏହି ପରମ ଆଲୋକ ତଥା ପରମ ସତ୍ତାକୁ ତାହା ଏହି ସମୁଦାୟ ସତ୍ତା ଏବଂ ପ୍ରକୃତିର ସକଳ ଅଂଶକୁ ମଧ୍ୟ ଅବତୀର୍ଣ୍ଣ କରି ନେଇ ଆସେ । ସେତେବେଳେ ସବୁକିଛି କେବଳ ସେହି ଦିବ୍ୟ ପରମସତ୍ତାର ଅଂଶରେହିଁ ପରିଣତ ହୋଇଯାଏ, ସେହି ସର୍ବୋଚ୍ଚ ମିଳନ ଏବଂ ଏକତ୍ୱବଦ୍ଧତାର ଏକ ଉପାଦାନ ଓ ସାଧନରେ ପରିଣତ ହୋଇଯାଏ; ତେଣୁ ଏହି ଆରୋହଣ ତଥା ଅବରୋହଣହିଁ ଏହି ଯୋଗର ଏକ ଅନ୍ତିମ ଲକ୍ଷ୍ୟ ହୋଇ ରହିବା ଉଚିତ ।

ଆମ ସତ୍ତାର ତଥା ସକଳ ସତ୍ତାର ସେହି ଦିବ୍ୟ ପରମସତ୍ତା ସହିତ ସମ୍ମିଳିତ ହୋଇଯିବା ହେଉଛି ଯୋଗର ଏକମାତ୍ର ପ୍ରକୃତ ଲକ୍ଷ୍ୟ । ଏଇ କଥାଟିକୁ ମନରେ ରଖିବା ଏକାନ୍ତ ଆବଶ୍ୟକ; ଆମକୁ ମନେ ରଖିବାକୁ ହେବ ଯେ ତାହା ଅନ୍ତିମାନସ ଉପରେ ଅଧିକାରଲାଭ କରିବା ଲାଗି ଆମେ ଯୋଗର ସାଧନା କରୁ ନାହୁଁ, ମାତ୍ର ସେହି ପରମ ଦିବ୍ୟସ୍ୱରୂପଙ୍କ ସକାଶେହିଁ ଆମେ ତାହା କରୁଛୁ । ଏହାର ଆପଣା ଆନନ୍ଦ ତଥା ମହାନତା ସକାଶେହିଁ ଆମେ ଅନ୍ତିମାନସକୁ ଖୋଜ ତାହାର ନାହୁଁ, ମାତ୍ର ଆମର ମିଳନଟିକୁ ନିର୍ବିଶେଷ ତଥା ସମ୍ପୃକ୍ତି କରି ପାରିବାକୁ, ଏହାକୁ ଅନୁଭବ କରିବାକୁ, ଏହାର ଅଧିକାରୀ ହେବାକୁ ଏବଂ ଆମ ସତ୍ତାର ସମ୍ଭାବ୍ୟ ପ୍ରତ୍ୟେକ ରୂପରେ ଅର୍ଥାତ୍ ଏହାର ସର୍ବୋଚ୍ଚ ପ୍ରଗାଢ଼ତାଗୁଡ଼ିକରେ ତଥା ପ୍ରଶସ୍ତତମ ପ୍ରସାରଗୁଡ଼ିକରେ, ଓ ଆମ ପ୍ରକୃତିର ପ୍ରତ୍ୟେକ କ୍ଷେତ୍ରରେ, ତାହାର ପ୍ରତ୍ୟେକ କୋଣ, କୋଣ ଓ ପ୍ରଦେଶରେ ଏହାକୁ ଗତିଶୀଳ କରିପାରିବାକୁହିଁ ଆମେ ଅନ୍ତିମାନସର ଅନ୍ୱେଷଣ କରୁଛୁ । ଅନେକେ ସେହିଭଳି ଜୀବିବାର ପ୍ରବୃତ୍ତି ଦେଖାଇଥାନ୍ତି ସତ, ମାତ୍ର ଏପରି ଜୀବିବାକୁ ସର୍ବଦା ଏକ ଭୁଲ ବୋଲି କୁହାଯିବ ଯେ ଅନ୍ତିମାନବତାର ଏକ ପ୍ରଭୁତ ଶକ୍ତିଶାଳୀ ବିଭବ, ଏକ ଦିବ୍ୟ ଶକ୍ତିସମ୍ପନ୍ନତା ଏବଂ ମହାନତା ତଥା ଏକ ଜ୍ୟୋତିଯୁକ୍ତ ଏକକ ବ୍ୟକ୍ତିତ୍ୱର ଆତ୍ମ-ପରିପୂର୍ଣ୍ଣତା ହାସଲ କରିବା ହେଉଛି ଅନ୍ତିମାନସ ଯୋଗର ଉଦ୍ଦେଶ୍ୟ । ଏହି କଳ୍ପନାଟି ଏକ ମିଥ୍ୟା କଳ୍ପନା, ଏକ ବିନାଶକାରୀ କଳ୍ପନା;

'oaob.nitrkl.ac.in' images reprocessed

ଏହାକୁ ବଳାଶକାଙ୍କ୍ଷା ବୋଲି କୁହାଯାଇଛନ୍ତି, କାରଣ ଏହା ଆମ ଭିତରେ ସ୍ଥିତ ସମ୍ଭବତଃ ସେହି ପ୍ରାଜସିକ ପ୍ରାଣପ୍ରଧାନ ମନଃଟିର ଗଙ୍ଗ, ଦମ୍ଭ ଏବଂ ମହତ୍ତ୍ୱାକାଙ୍କ୍ଷାମାନଙ୍କୁ ଉତ୍ତେଜିତ କର ଆଣିବ; ଏବଂ ଯଦି ସେହି ଅହଙ୍କାରକୁ ଘାର ହୋଇଯାଇ ତାହା ଉପରେ ବଳସ୍ଥ ଦ୍ୱାପନ କରି ନଯାଏ, ତେବେ ତାହା ପୁନଶ୍ଚିତ ସ୍ତରରେ ଆମକୁ ଆଧ୍ୟାତ୍ମିକ ପତନ ଆଡ଼କୁ ମୁହାଁଇ ନେଇଥିବ । ଏହାକୁ ମିଥ୍ୟା ବୋଲି କୁହାଯାଇଛନ୍ତି, କାରଣ ଏହି କଳ୍ପନାଟି ହେଉଛି କେବଳ ଅହଂ ଦ୍ୱାରାହିଁ ପ୍ରେରିତ ହୋଇ ରହିଥିବା ଏକ କଳ୍ପନା; ଏବଂ ଅହଂର କବଳରୁ ମୁକ୍ତଲାଭ କରିବା ହେଉଛି ଅଭିମାନସ ପରିବର୍ତ୍ତନର ସର୍ବପ୍ରଥମ ସର୍ତ୍ତ । ଫଳପ୍ରଧାନ ତଥା କର୍ମପ୍ରଧାନ ମନୁଷ୍ୟର ନିସ୍ପାନ୍ଦିତ ଏବଂ ଗତିଶୀଳ ପ୍ରକୃତିଟି ଲଗି ଏଇଟି ହେଉଛି ସବୁଠାରୁ ଅଧିକ ବିପଜ୍ଜନକ; କାରଣ କ୍ଷମତାର ଅନୁଧାବନ ଦ୍ୱାରା ଏହି ପ୍ରକୃତିକୁ ଅତି ସହଜରେ ପଥଭ୍ରଷ୍ଟ କରି ନଆଯାଇ ପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅଭିମାନସ ପରିବର୍ତ୍ତନ ଫଳରେ କ୍ଷମତା ଅବଶ୍ୟ ଆସିବ ଏବଂ ଏକ ପରିପୂର୍ଣ୍ଣ ନିସ୍ପାଣୀଳତାକୁ ସମ୍ଭବ କରିବା ଲଗି ଏହାର ଆବଶ୍ୟକତା ଅବଶ୍ୟ ରହିଛି । ମାତ୍ର ଏହି କ୍ଷେତ୍ରରେ କେବଳ ସେହି ଦିବ୍ୟ ପରମଶକ୍ତିହିଁ ଆବିର୍ଭୂତ ହୋଇ ଆସିବ ଓ ପ୍ରକୃତ ତଥା ଜୀବନକୁ ଆପଣାର ହାତରେ ଗ୍ରହଣ କରିନେବ, କେବଳ ସେହି ପରମ ଅଦ୍ୱୟଙ୍କର ସାମର୍ଥ୍ୟଟିହିଁ ଆଧ୍ୟାତ୍ମିକ ବ୍ୟକ୍ତିର ମଧ୍ୟଦେଇ କାର୍ଯ୍ୟ କରୁଥିବ । ତେଣୁ ଏଥିରେ ବ୍ୟକ୍ତିର ସାମର୍ଥ୍ୟ ବା ଶକ୍ତିରେ ପ୍ରକୃତରେ କୌଣସି ସ୍ଥୀତି ବା ବୃଦ୍ଧି ଘଟିବ ନାହିଁ, ଏହାକୁ ଆମେ ବିଚ୍ଛିନ୍ନ ହୋଇ ରହିଥିବା ସେହି ମନୋମସ୍ ଅଥବା ପ୍ରାଣିକ ଅହଂର କୌଣସି ସଂଶୋଧ ବା ସଂଶୋଭ ପରିପୂର୍ଣ୍ଣତା ବୋଲି କହିପାରିବା ନାହିଁ । ଆତ୍ମ-ପରିପୂର୍ଣ୍ଣତା ହେଉଛି ଯୋଗର ଗୋଟିଏ ପରିଣାମ, ମାତ୍ର ବ୍ୟକ୍ତିକୁହିଁ ମହାନ୍ ଓ ସଂଶକ୍ତିଶାଳୀ କରି ଗଢ଼ିବା କଦାପି ଯୋଗର ଲକ୍ଷ୍ୟ ନୁହେଁ । ଏକ ଆଧ୍ୟାତ୍ମିକ ପରିପୂର୍ଣ୍ଣତାର ଉପଲବ୍ଧି, ଯଥାର୍ଥ ଆତ୍ମସତ୍ତ୍ୱର ଆବିଷ୍କାର ଏବଂ ଦିବ୍ୟ ଚେତନା ତଥା ଦିବ୍ୟ ପ୍ରକୃତିକୁ ଗ୍ରହଣ କରିନେଇ ସେହି ପରମ ଦିବ୍ୟପୁରୁଷଙ୍କ ସହିତ ସମ୍ମିଳିତ ହେବା ଅର୍ଥାତ୍ ସାଧର୍ମ୍ୟ ମୁକ୍ତି ଲାଭ କରିବା,— ଏହାହିଁ ହେଉଛି ଯୋଗର ସମୁଦାୟ ଲକ୍ଷ୍ୟ, ଏକମାତ୍ର ଲକ୍ଷ୍ୟ । ଏହା ବ୍ୟତୀତ ଆଉ ଯାହାକିଛୁ ରହିଲା, ଆମେ ତାହାକୁ ସେଇ ଲକ୍ଷ୍ୟଟିକୁ ଘଠନରୂପ ଦେଇ ରଖିଥିବା ନାନା ଟିକନଟି ଏବଂ ସହଯୋଗୀ ବାଧ୍ୟ ଅବସ୍ଥା ବୋଲି କହିପାରିବା । ଅହଂକେନ୍ଦ୍ରିତ ଯାବତୀୟ ଆବେଗ, ମହତ୍ତ୍ୱାକାଙ୍କ୍ଷା, କ୍ଷମତାର ବାସନା ଓ ବଡ଼ ହେବାର ବାସନା ତଥା ଆପଣାକୁ ପ୍ରତିଷ୍ଠିତ କରି ରଖିବା ଲଗି ଯାବତୀୟ ଅଭିପ୍ରାୟ,—ଏଗୁଡ଼ିକୁ ଆମେ ସେହି ବୃହତ୍ତର ଚେତନା ଲଗି କେବଳ ବଳାତ୍ମାସ୍ ବସ୍ତୁ ବୋଲି କହିବା; ଏବଂ ଅଭିମାନସ ପରିବର୍ତ୍ତନ ଆଡ଼କୁ ଆମକୁ ନେଇ ଯାଉଥିବା ଏପରିକ ଏକ ଦୂରତମ ସମ୍ଭାବନା ସକାଶେ ମଧ୍ୟ ତାହାକୁ ଆମେ ଗୋଟିଏ ଅଲଂଘନୀୟ ବାଧା ବୋଲି ଜାଣି

'oaob.nitrkl.ac.in' images reprocessed

ରଖିବା । ସେହି ବୃହତ୍ତର ଆତ୍ମସଚ୍ଚେତନତାକୁ ଲାଭ କରିବାକୁ ହେଲେ ଆମକୁ ଆମର ଏହି କ୍ଷୁଦ୍ର ଓ ଜନ୍ମଜାତ ଆତ୍ମସଚ୍ଚେତନତାକୁ ହରାଇ ଦେବାକୁ ପଡ଼ିବ । ପରମ ଦିବ୍ୟସ୍ୱରୂପଙ୍କ ସହିତ ସମ୍ମିଳିତ ହେବାହିଁ ସର୍ବମୀମାଂସକ ଅଭିପ୍ରାୟ ହୋଇ ରହିବ; ଏବଂ ଏପରକି, ଆପଣା ସତ୍ତାର ତଥା ସକଳ ସତ୍ତାର ଅନ୍ତର୍ନିହିତ ସତ୍ୟତାର ଆବିଷ୍କାର, ସେହି ସତ୍ୟରେ ତଥା ଏହାର ବୃହତ୍ତର ଚେତନାଟି ମଧ୍ୟରେ ଜୀବନଯାପନ ଏବଂ ପ୍ରକୃତିର ପରିପୂର୍ଣ୍ଣତା-ପ୍ରାପ୍ତି,—ଏଗୁଡ଼ିକୁ ଆମେ କେବଳ ସେହି ସର୍ବମୂଳ ଘୂରଣାଟିରହିଁ ସ୍ୱାଭାବିକ ପରିଣାମ ବୋଲି ଜାଣିବା । ଏହାର ସମ୍ପୂର୍ଣ୍ଣ ତତ୍ତ୍ୱାର୍ଥତା ଲାଗି ଗୋଟିଏ ଗୋଟିଏ ଅପରିହାର୍ଯ୍ୟ ସର୍ତ୍ତରୂପେ ସେଗୁଡ଼ିକୁ ଆମେ ସେହି ସର୍ବମୂଳ ଲକ୍ଷ୍ୟସାଧନର କେବଳ ଗୋଟିଏ ଗୋଟିଏ ଅଂଶ ବୋଲିହିଁ କହିବା, କାରଣ ସେଗୁଡ଼ିକ ସର୍ବଦା ବିକାଶର ଏକ ଆବଶ୍ୟକ ଅବସ୍ଥା ତଥା ମୁଖ୍ୟ ପରିଣାମର ଭୂମିକା ଗ୍ରହଣ କରିଥାନ୍ତି ।

ଏକଥାଟିକୁ ମଧ୍ୟ ମନେ ରଖିବାକୁ ହେବ ଯେ ଅଭିମାନସ ହେଉଛି ଏକ କର୍ତ୍ତୃସାଧ୍ୟ ଓ ଦୂରବର୍ତ୍ତୀ ଲକ୍ଷ୍ୟ, ଏକ ଅନ୍ତିମ ସୋପାନ । ଏହାକୁ ଏକ ସୁଦୂରବର୍ତ୍ତୀ ଦୃଶ୍ୟବସ୍ତୁରୂପେ ଶେଷଭାଗ ପର୍ଯ୍ୟନ୍ତ ବର୍ଣ୍ଣନ କରିବାକୁ ହେବ । ଏହାକୁ ଏକ ପ୍ରଥମ ଲକ୍ଷ୍ୟରେ ପରିଣତ କରିଯାଇ ପାରିବ ନାହିଁ ଓ କୌଣସି ପରିସ୍ଥିତିରେ ଏପରି କରିବା ଉଚିତ ମଧ୍ୟ ହେବ ନାହିଁ; ଏହାକୁ ସତତ ଆମ ଦୃଷ୍ଟି ଭିତରେ ରହିଥିବା ଏକ ଲକ୍ଷ୍ୟ କିମ୍ବା ଅବ୍ୟବହିତ ଉଦ୍ଦେଶ୍ୟରେ ପରିଣତ କରିଦେଇ ହେବ ନାହିଁ । କାରଣ କେତେକେତେ ସାଧନାଲବ୍ଧ ଆତ୍ମବିକାଶ ତଥା ଆତ୍ମ-ଅତିକ୍ରମଣ ପରେ, ପ୍ରକୃତିର ଏକ କର୍ତ୍ତାସ୍ୱରୂପ ଆତ୍ମ-ବିବର୍ତ୍ତନର କେତେକେତେ ଦୀର୍ଘ ଏବଂ ଆତ୍ମାସକର ପର୍ଯ୍ୟାୟର ଶେଷରେ ଯାଇ ସମ୍ଭାବନାର ଦୃଷ୍ଟିଭୂମିଟି ଭିତରେ ତାହାର ଉଦୟ ହୋଇପାରିବ । ପ୍ରଥମେ ଏକ ଅନ୍ତର୍ଗତ ଯୋଗ-ଚେତନା ଲାଭ କରିବାକୁ ପଡ଼ିବ ଏବଂ ବସ୍ତୁଗୁଡ଼ିକ ସମ୍ବନ୍ଧରେ ଆମର ଜଡ଼ୀୟନୈମିତ୍ତିକ ଦୃଷ୍ଟି, ପ୍ରକୃତିଗତ ଯାବତୀୟ ଘୂରଣା ଏବଂ ଜୀବନଗତ ଅଭିପ୍ରାୟଗୁଡ଼ିକ ବଦଳରେ ତାହାକୁହିଁ ସ୍ଥାନାପନ୍ନ କରି ରଖିବାକୁ ପଡ଼ିବ; ଆମ ସତ୍ତାର ବର୍ତ୍ତମାନ ସମୁଦାୟ ଗଠନଟିରେ ଜାନ୍ତବକାଷ୍ଠ ପରିବର୍ତ୍ତନ ଆଣିବାକୁ ପଡ଼ିବ । ତା'ପରେ, ଆମକୁ ଆନ୍ତର ସତ୍ତାରକୁ ଘିରିବାକୁ ହେବ, ଆବରଣ ଭଳେ ରହିଥିବା ଆମର ଚୈତ୍ୟ ସତ୍ତାଟିକୁ ଆବିଷ୍କାର କରିବାକୁ ପଡ଼ିବ; ଏବଂ ତାହାର ଆଲୋକ ତଥା ପ୍ରଣାଳୀ ଦ୍ୱାରା ଆମର ଅନ୍ତର୍ଗତ ତଥା ବାହ୍ୟ ଯାବତୀୟ ତତ୍ତ୍ୱଗୁଡ଼ିକୁ ଚୈତ୍ୟଚେତନାମୟ କରିଦେବାକୁ ପଡ଼ିବ; ଆମର ମନଃ-ପ୍ରକୃତି, ପ୍ରାଣ-ପ୍ରକୃତି, ଦେହ-ପ୍ରକୃତି ତଥା ଆମର ଯାବତୀୟ ମନୋଗତ, ପ୍ରାଣିକ ଏବଂ ଭୌତିକ କ୍ରିୟା, ସ୍ଥିତି ଏବଂ ଘୂରଣାଗୁଡ଼ିକୁ ଆତ୍ମାରହିଁ ଏକ ସଚେତନ ଜନିତ୍ରରେ ପରିଣତ କରିବାକୁ ହେବ । ପରେ ଅଥବା ତାହାର ସହିତ, ଏକ ଦିବ୍ୟ ପରମ ଆଲୋକ, ପରମ ସାମର୍ଥ୍ୟ, ପରମ ଶୁଦ୍ଧତା, ପରମ ଜ୍ଞାନ, ସ୍ୱାତନ୍ତ୍ର୍ୟ ତଥା ପ୍ରସାରର ଅବତରଣ କରାଇ ଆମକୁ

'oaob.nitrkl.ac.in' images reprocessed

ଆମର ସମ୍ପୂର୍ଣ୍ଣ ସୃଷ୍ଟିକୁ ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ଫଳାବନ୍ତ କରଦେବାକୁ ପଡ଼ିବ । ଏଥଲଗି ବ୍ୟକ୍ତ-ମନ, ବ୍ୟକ୍ତ-ପ୍ରାଣ ଏବଂ ବ୍ୟକ୍ତସତ୍ତ୍ୱ ଦେହସ୍ଥଭାର ସକଳ ସୀମା ଓ ଆସ୍ୱଭନବଦ୍ଧତାକୁ ଭାଙ୍ଗିଦେବାକୁ ପଡ଼ିବ, ଅହଂର ବଲେପ ଆବଶ୍ୟକ ହେବ, ବଶ୍ୱଗତ ଚେତନା ମଧ୍ୟରେ ପ୍ରବେଶ କରବାକୁ ପଡ଼ିବ, ଆତ୍ମାର ଉପଲବ୍ଧି କରବାକୁ ହେବ ଏବଂ ଆଧ୍ୟାତ୍ମିକତା ତଥା ବଶ୍ୱଗତତା ଦ୍ୱାରା ସ୍ୱଦାନୁପ୍ରେରତ ମନ ତଥା ହୃଦସ୍ଥ, ପ୍ରାଣ-ଶକ୍ତି ତଥା ଭୌତକ ଚେତନା ଅର୍ଜନ କରବାକୁ ପଡ଼ିବ । ତେବେ ଯାଇ ଅଭମାନସ ଚେତନା ମଧ୍ୟକୁ ବାଟ ପାଇବା ସମ୍ଭବ ହେବାକୁ ଆରମ୍ଭ କରବ; ଏବଂ ସେତେବେଳେ ମଧ୍ୟ ତଥାପି ଆହୁର ଗୋଟିଏ କଷ୍ଟକର ଆରୋହଣ ସମ୍ଭବ କରବା ବାଙ୍କା ରହସ୍ୟବ ଏବଂ ତାହାର ପ୍ରତ୍ୟେକଟି ପର୍ଯ୍ୟାୟକୁ ଗୋଟିଏ ଗୋଟିଏ ଦୁଃସାଧ୍ୟ ସୋପାନରୂପେ ସ୍ୱତନ୍ତ୍ର ଭାବରେ ଜୟୀଶ୍ରୁ ହେବାକୁ ପଡ଼ିବ । ଆମେ ଯୋଗକୁ ସତ୍ତ୍ୱର ଏକ ସତ୍ତ୍ୱର ତଥା ଏକାଗ୍ରନବଷ୍ଟ ସଚେତନ ବବର୍ତ୍ତନ ବୋଲ୍ କହିପାରବା ସତ୍ତ, ମାତ୍ର ତାହା ଯେତେ ସତ୍ତ୍ୱର ହେଉ ପଛକେ, ଏବଂ ସାଧନରୂପୀ ପ୍ରକୃତ ଯାହାକୁ ସମ୍ଭବ କରବା ଲଗି ଦୁଏତ କେତେ ଶତାବ୍ଦୀ, କେତେ ଅସ୍ଥୁତବର୍ଷ ବା କେତେ ଶତଶତ ଜନ୍ମ ଲଗାଇ ଦେଇଥାନ୍ତା, ତାହା ତାକୁ କେବଳ ଗୋଟିଏ ଜନ୍ମର ଅବଧି ଭିତରେ ଦୁଏତ ସମ୍ଭବ କର ପାରୁଥାନ୍ତ ପଛକେ, ତଥାପି ଯାବତୀୟ ବବର୍ତ୍ତନକୁ କେବଳ ସୋପାନ ସୋପାନ ହୋଇହିଁ ଗତ କରବାକୁ ପଡ଼ିବ । ଏପରକ ଏହି ସତ୍ତ୍ୱରତା ଓ ଅଭନବେଶ ପ୍ରଖରତମ ହେଲେ ମଧ୍ୟ, ତାହା କଦାପି ସକଳ ସୋପାନଗୁଡ଼ିକୁ ଡିଲଦେଇ ପାରବ ନାହିଁ, ପ୍ରକୃତର ପ୍ରକ୍ରିୟାଟିକୁ ଓଲଟାଇ ଦେଇ ପାରବ ନାହିଁ ବା ଶେଷଟିକୁ ଆରମ୍ଭର ଜକଟବର୍ତ୍ତୀ କରଇ ଆଣି ପାରବ ନାହିଁ । ତରତର ଅଙ୍ଗ ମନ ତଥା ଅତ ଉସ୍ତୁକ ଶକ୍ତ ଉଭୟେ ଏହି ଆବଶ୍ୟକତାଟିକୁ ସହଜରେ ଭୁଲଯାଆନ୍ତ; ଅଭମାନସକୁହିଁ ଏକ ତାତ୍କାଳକ ଲକ୍ଷ୍ୟ ବା ଲଭ୍ୟରେ ପରଣତ କରବାକୁ ସେମାନେ କେଡ଼େ ତ୍ୱରରେ ଆଗକୁ ଧାଇଁଥାନ୍ତ ଏବଂ ସତେଅବା ଅଙ୍ଗୁଶା ବଢ଼ାଇ ଅଭମାନସକୁ ପରମ ଅନନ୍ତତା ମଧ୍ୟରେ ରହସ୍ୟବା ତାହାର ଉଚ୍ଚତମ ଶିଖରଗୁଡ଼ିକରୁ ଜଳକୁ ଟାଣି ନେଇଆସିବେ ବୋଲ୍ ଆଶା ଜଲାଇଥାନ୍ତ । ଏହାକୁ ଯେ କେବଳ ଗୋଟାଏ ଅସମ୍ଭବ ଆଶା ବୋଲ୍ କୁହାଯିବ ତା' ନୁହେଁ, ଏହାକୁ ବଡ଼ ବପଦସଙ୍କୁଳ ବୋଲ୍ ମଧ୍ୟ କୁହାଯିବ । କାରଣ ଆମର ପ୍ରାଣିକ ବାସନାଟି ମଧ୍ୟ ଅନ୍ଧକାରଚ୍ଛନ୍ନ ବା ଉଗ୍ର ନାନା ଶକ୍ତିର ଏକ ବିସ୍ତାକୁ ଏହି କ୍ଷେତ୍ରରେ ବେଶ୍ ପ୍ରବର୍ତ୍ତିତ କର ଆଣିପାରେ ଏବଂ ଏହି ଶକ୍ତିଗୁଡ଼ିକହିଁ ସେହି ବାସନାର ସମ୍ମୁଖରେ ତା'ର ସେହି ଅସମ୍ଭବ ପ୍ରତ୍ୟାଶା ଓ ଲଲସାଟିକୁ ସଙ୍ଗେସଙ୍ଗେ ପରପୂର୍ଣ୍ଣ କରଇଦେବେ ବୋଲ୍ ଏକ ପ୍ରତଶ୍ରୁତ ବା ମିଛ ଭରସାକୁ ବେଶ୍ ଉତ୍ସେଜିତ କର ରଖିପାରନ୍ତ । ଏହାର ଫଳସ୍ୱରୂପ ଆମେ ଦୁଏତ ଆଶି

'oaob.nitrkl.ac.in' images reprocessed

ବୁଝିଲ ପର କେତେପ୍ରକାରର କେତେ ଆତ୍ମ-ପ୍ରତାରଣା ମଧ୍ୟକୁ ତେଇଁ ପଡ଼ିପାରୁ, ଅନ୍ଧକାରର ଶଙ୍କୁଗୁଡ଼ିକ ମଧ୍ୟରେ ରହିଥିବା ମିଥ୍ୟାଗୁଡ଼ାକ ପାଖରେ ଯାଇ ମୁଣ୍ଡ ନୁଆଁଇ ଦେଇପାରୁ, ତା'ର ପ୍ରଲେଭନଗୁଡ଼ାକର ବ ବଶ ହୋଇ ରହିପାରୁ, ଅଡୁପ୍ତାକୁଡିକ କେତେ ଶଙ୍କ ପଛରେ ସତେଅବା ଆକୁଳ ହୋଇ ଧାଇଁପାରୁ, ଦିବ୍ୟ ପ୍ରକୃତିକୁ ଗୁଡ଼ି ଆସୁର ପ୍ରକୃତିର ଶରଣ ପଶିପାରୁ ଏବଂ ଏକ ମାନବଜାତା ଆତ୍ମସ୍ଥୀତ ଦ୍ୱାରା ଅହଂଟାକୁ ଏକ ବଡ଼ ଅସ୍ୱାସ୍ଥ୍ୟକର ଅମାନୁସିକ ଏବଂ ଅଦିବ୍ୟ ଅଡକାସ୍ଥତାରେ ଫୁଲାଇ ଦେଇ ରଖିପାରୁ । ଯଦି ସଙ୍ଖ୍ୟ ଷ୍ଟ୍ର ଦ୍ର ହୋଇଥାଏ, ପ୍ରକୃତି ଦୁବଳ ବା ଅସମର୍ଥ ହୋଇଥାଏ, ତେବେ ଏପର କୌଣସି ବୃହତ୍ତ ଦୁର୍ଘଟାକ ଘଟିବାର ସେଭଳ ଆଶଙ୍କା ନଥାଏ, ମାନ ତଥାପି ଏହାର ନାନା ପ୍ରତିକୂଳ ପରଣାମସ୍ୱରୂପ ଜ୍ଞାନସାମ୍ୟ ନଷ୍ଟ ହୋଇ ଯାଇପାରେ, ମନ କେନ୍ଦ୍ରଚ୍ୟୁତ ହୋଇ ବୁଦ୍ଧିହୀନତା ମଧ୍ୟରେ ଯାଇ ପଡିତ ହୋଇପାରେ, ଅଥବା ପ୍ରାଣ ମଧ୍ୟ କେନ୍ଦ୍ରଚ୍ୟୁତ ହୋଇ ତାହା ଫଳରେ ନୈତିକ ବଭ୍ରମ ବା ପ୍ରକୃତିର କୌଣସିପ୍ରକାର ବ୍ୟାଧିତ ବକୃତାବସ୍ଥା ମଧ୍ୟରେ ଯାଇ ପଡ଼ିଯିବାର ବଚ୍ୟୁତ ମଧ୍ୟ ଘଟିପାରେ । ଏହା ଏପର ଏକ ଯୋଗ ନୁହେଁ ଯେ ଏଥିରେ ଯେକୌଣସି ପ୍ରକାର ବକୃତ ଏବଂ ଅସ୍ୱାସ୍ଥ୍ୟକତା, ଏପରକ ତାହା ଯେତେ ଉଚ୍ଚକୁ ଉତ୍ଥେଳିତ କରି ଦଆଯାଇଥିବା ଏକ ବକୃତ ହୋଇଥାଉ ପଛକେ, ଆତ୍ମ-ପରପୂର୍ଣ୍ଣତା ବା ଆଧ୍ୟାତ୍ମିକ ଉପଲବ୍ଧିର ଏକ ମାର୍ଗ ବା ସ୍ୱତରୂପେ ଆସି ପ୍ରବେଶ କରିପାରିବ । ଏପରକ ଯେତେବେଳେ କେତ୍ର ଲୋକୋତ୍ତର ତଥା ବୁଦ୍ଧିର ଅତୀତ ଅନୁଭବ ଉତ୍ତରେ ପ୍ରବିଷ୍ଟ ହୋଇ ଯାଇଥିବ, ସେତେବେଳେ ମଧ୍ୟ ସମତାବସ୍ଥାରେ କୌଣସି ବ୍ୟାଘାତ ଘଟିବା ଆଦୌ ଉଚିତ ହେବ ନାହିଁ ଏବଂ ସେତେବେଳେ ମଧ୍ୟ ଆମର ସମତାବସ୍ଥାଟି ଚେତନାର ଶିଖରଠାରୁ ତା'ର ଭୂମି ପର୍ଯନ୍ତ ସେତ୍ରପର ସ୍ଥିର ହୋଇ ରହିଥିବ; ଅର୍ଥାତ୍ ଅନୁଭୂତ ଲାଭ କରୁଥିବା ଚେତନାକୁ ଆପଣାର ଅବଲେକନରେ ଏକ ସ୍ଥିର ଜ୍ଞାନସାମ୍ୟକୁ ଅବିଚଳ କରି ରଖିବାକୁ ହେବ, ଏକ ଅବ୍ୟର୍ଥ ସ୍ପଷ୍ଟଦର୍ଶିତା ଏବଂ ଶୃଙ୍ଖଳା ମଧ୍ୟ ରଖିବାକୁ ହେବ; ଏକପ୍ରକାର ଉତ୍ଥେଳିତ ସାଧାରଣବୁଦ୍ଧି, ଆତ୍ମ-ସମର୍ପିତର ଏକ ଅବ୍ୟର୍ଥ ସାମର୍ଥ୍ୟ, ଏବଂ ବସ୍ତୁଗୁଡ଼ିକ ବଷୟରେ ସମ୍ୟକ୍ ବବେକ, ସମନ୍ୱବୋଧ ଏବଂ ଦୃଢ଼ ଦୃଷ୍ଟିସମର୍ଥତା ମଧ୍ୟ ରଖିବାକୁ ପଡ଼ିବ; ଏହି କ୍ଷେତ୍ରରେ ବାସ୍ତବ ସତ୍ୟଗୁଡ଼ିକ ବଷୟରେ ମଧ୍ୟ ଏକ ସୁସ୍ଥ ବୋଧ ଅବଶ୍ୟ ରହିଥିବ, ଏକ ଉଚ୍ଚ ଓ ଅଧ୍ୟାତ୍ମଉତ୍ସସ୍ଥ ଜ୍ଞାତାସୂକତା ମଧ୍ୟ ରହିଥିବ । ଆପଣାକୁ ଏକ ଅତୌକ୍ତିକ ଅଥବା ଅତତୌକ୍ତିକ ସ୍ତରକୁ ନେଇ ଆସିଲେ କେତ୍ର କଦାପି ଏହି ସାଧାରଣ ପ୍ରକୃତିର ବାଡ଼ଗୁଡ଼ାକୁ ପାର ହୋଇ ପର ପ୍ରକୃତି ମଧ୍ୟରେ ପ୍ରବେଶ କରିପାରିବ ନାହିଁ; ସେଥିଲଗି ଆମକୁ ବୁଦ୍ଧି ଓ ବବେକର ମାର୍ଗଟି ଦେଇ ପର ବୁଦ୍ଧିର ଏକ ବୃହତ୍ତର ଆଲେକଟି ମଧ୍ୟକୁ ଅତିକ୍ରମ କରିଯିବାକୁ ହେବ । ଏହି ପର ବୁଦ୍ଧିହିଁ ବୁଦ୍ଧିର କ୍ଷେତ୍ରକୁ ଅତିକ୍ରାନ୍ତ ହୋଇଥାଏ ଏବଂ

'oaob.nitrkl.ac.in' images reprocessed

ତାହାର ସାବଓସ୍ଥ ସୀମାଗୁଡ଼ିକୁ ଭଙ୍ଗି ପକାଇବା ସଙ୍ଗେସଙ୍ଗେ ତାହାକୁ ଉଚ୍ଚତର ସୋପାନଗୁଡ଼ିକ ମଧ୍ୟକୁ ଉତ୍ତୋଳିତ କରି ନେଇଯାଏ । ଅର୍ଥାତ୍ ବୁଦ୍ଧି ବଲୁପ୍ତ ଅଥବା ଅପଦ୍ଭୁତ ହୋଇ ରହେ ନାହିଁ ଏବଂ ଆପଣାର ସେହି ଯଥାର୍ଥ ଓ ସୀମାସ୍ଥନ ଆତ୍ମରୂପରେହିଁ ପରିଣତ ହୋଇଯାଏ, ପଗ୍ ପ୍ରକୃତିର ଏକ ସମନ୍ୱୟକାରୀ ଏବଂ ଅନ୍ତଃସମ୍ବନ୍ଧଚଳକାରୀ ସାମର୍ଥ୍ୟରେ ପରିଣତ ହୋଇଯାଏ ।

ଆମକୁ ଆଉ ଗୋଟିଏ ଭ୍ରାନ୍ତି ବିଷୟରେ ମଧ୍ୟ ସତର୍କ ରହିବାକୁ ପଡ଼ିବ ଏବଂ ଆମର ମନ ବଡ଼ ସହଜରେ ଏଇଟିର ଫାନ୍ଦରେ ମଧ୍ୟ ଯାଇ ପଡ଼ି ଯାଇଥାଏ । ଏହି ଭ୍ରମଟିରେ ପଡ଼ି ଆମେ ଅନେକ ସମୟରେ କୌଣସି ଅନ୍ତଃବର୍ତ୍ତୀ ଉଚ୍ଚତର ଚେତନା କିଂବା ଏପରିକ ଯେକୌଣସି ପ୍ରକାରର ଲୋକୋତ୍ତର ଚେତନାକୁ ମଧ୍ୟ ଅଭମାନସ ବୋଲି ଭୁଲ କରି ପକାଇଥାଉ । ଅଭମାନସରେ ଉପନୀତ ହେବାକୁ ହେଲେ ଆମର ଏହି ମାନବୀୟ ମନର ନିତ୍ୟନୈମିତ୍ତିକ ଗୁରଣାଗୁଡ଼ିକରୁ ଉପରକୁ ଉଠିଯିବାହିଁ ଆଦୌ ଯଥେଷ୍ଟ ନୁହଁ; ଏକ ବୃହତ୍ତର ଆଲୋକ, ବୃହତ୍ତର ସାମର୍ଥ୍ୟ ଓ ବୃହତ୍ତର ଦୃଷ୍ଟାନୁଭୂତ ଲାଭ କରିବା ଯଥେଷ୍ଟ ନୁହେଁ ନାହିଁ, ବା ମାନୁଷୀ ସତ୍ତ୍ୱର ଏହି ସାଧାରଣ ବ୍ୟାପ୍ତିଭୂମିଟିଠାରୁ ଅଧିକ ବିସ୍ତୃତ ସ୍ତରରେ ବିଚରଣ କରି ପାରୁଥିବା ଜ୍ଞାନ, ଦୃଷ୍ଟି ତଥା ପ୍ରଜ୍ଞାବଶାଳୀ ଇଚ୍ଛାର ନାନା ସାମର୍ଥ୍ୟର ବିକାଶ କରିବା ମଧ୍ୟ ଯଥେଷ୍ଟ ନୁହଁ । ଯେକୌଣସି ଆଲୋକକୁ କଦାପି ଆତ୍ମାର ଆଲୋକ ବୋଲି କୁହାଯିବ ନାହିଁ, ଯେକୌଣସି ଆଲୋକକୁ ଅଭମାନସର ଆଲୋକ ବୋଲି କହିବା ତ ଆହୁରି ଦୂରର କଥା । ଆମର ମନ, ଆମର ପ୍ରାଣ ତଥା ଭୌତିକ ସତ୍ତ୍ୱର ମଧ୍ୟ ଆପଣା ଆପଣାର ସ୍ୱକୀୟ ଆଲୋକମାନ ରହିଛି; ସେଗୁଡ଼ିକ ଏପର୍ଯ୍ୟନ୍ତ ପ୍ରଚ୍ଛନ୍ନ ରହିଛି, ଏବଂ ପ୍ରକାଶିତ ହୋଇପାରିଲେ ସେଗୁଡ଼ିକ ମଧ୍ୟ ଅତ୍ୟନ୍ତ ପ୍ରେରଣାଦାୟକ ହୋଇପାରିବ, ଉତ୍ତୋଳନ କରି ନେଇପାରିବ, ଆମକୁ କେତେ ଆଡ଼ର କେତେ ସତ୍ୟ ଆଣି ଦେଇପାରିବ, ଏବଂ ଅତ୍ୟନ୍ତ ଶକ୍ତିଶାଳୀ ସ୍ତରରେ କାର୍ଯ୍ୟ କରିପାରିବ । ଆପଣାର ପ୍ରାଚୀରଗୁଡ଼ିକୁ ଭଙ୍ଗିଦେଇ ବିଶ୍ୱାତ୍ମକ ଚେତନାଟି ମଧ୍ୟରେ ପ୍ରବେଶ କରିପାରିଲେ ମଧ୍ୟ ଆମର ଚେତନା ଓ ସାମର୍ଥ୍ୟ ଏହିପରି ଅନେକଗୁଡ଼ିଏ ହୋଇ ଯାଇପାରିବ । ଆପଣାକୁ ଅନ୍ତର୍ମନ, ଅନ୍ତଃପ୍ରାଣ, ଅନ୍ତଃଭୌତିକତା ଅଥବା ଅନ୍ତଃପ୍ରଚ୍ଛନ୍ନ ଚେତନାର ଯେକୌଣସି ଭୂମିଟି ମଧ୍ୟକୁ ଉନ୍ମୋଚିତ କରିଦେଇ ପାରିଲେ ତଦ୍ଦ୍ୱାରା ଜ୍ଞାନ, ନିସ୍ୱା ତଥା ଅନୁଭୂତିର କେତେ କେତେ ଅସାଧାରଣ ଏବଂ ସାଧାରଣାତୀତ ଶକ୍ତିର ଏକ ନିସ୍ୱାସ୍ପଦତା ମଧ୍ୟ ଉନ୍ମୁକ୍ତ ହୋଇ ଆସିପାରିବ ଏବଂ ଆମର ଅପ୍ରଶିକ୍ଷିତ ମନ ତାହାକୁହିଁ ଦୁଏତ ବଡ଼ ସହଜରେ ଆଧ୍ୟାତ୍ମିକ ଉନ୍ମୋଚନ, ଅନ୍ତଃସ୍ଫୁରଣ ଏବଂ ଅନ୍ତର୍ବୋଧ ବୋଲି ଭୁଲ କରି ବସିବ । ଉଚ୍ଚତର ମନଃସତ୍ତ୍ୱର ସେହି ବୃହତ୍ତର ଭୂମିଗୁଡ଼ିକ ମଧ୍ୟକୁ ଆପଣାକୁ ଉନ୍ମୁଖ ଏବଂ ଉତ୍ତୋଳିତ କରି ବସିପାରିଲେହିଁ ସେଇଟି ଦ୍ୱାରା ମଧ୍ୟ କେତେ ଆଲୋକ ଓ ଶକ୍ତିମତ୍ତ୍ୱ

'oaob.nitrkl.ac.in' images reprocessed

ଅବଗାଢ଼ ହୋଇ ଆସିବ ଏବଂ ସଂବୃଦ୍ଧ ମନ ତଥା ସଂବୃଦ୍ଧ ପ୍ରାଣ-ଶକ୍ତିର ଏକ ପ୍ରଗାଢ଼ ନିସ୍ପୃହକତା ମଧ୍ୟ ସୃଷ୍ଟି କରିଦେଇ ପାରିବ; ଅଥବା, ଏହିସବୁ ଭୂମିଗୁଡ଼ିକ ମଧ୍ୟକୁ ଆରୋହଣ କରି ଯାଇପାରିଲେ ମଧ୍ୟ ତଦ୍ଦ୍ୱାରା ଏକ ଯଥାର୍ଥ ଅଥଚ ଅସମ୍ପୂର୍ଣ୍ଣ ଆଲୋକ ଜନ୍ମସ୍ୱ ସମ୍ଭବ ହୋଇପାରିବ । ସେହି ଆଲୋକଟି ନାନାଭାବେ ମିଶ୍ରିତ ହୋଇଯିବାର ଅନେକ ଆଶଙ୍କା ରହିଥିବ; ତାହା ଆପଣାର ଉପଯୁକ୍ତସ୍ଥାନରେ ଆଧ୍ୟାତ୍ମିକ ହୋଇ ରହିଥିବ ସତ୍ତ, ମାତ୍ର ଯେତେବେଳେ ନମ୍ନ ପ୍ରକୃତିର ସ୍ତରକୁ ଓଦ୍ଲାଇ ଆସୁଥିବ, ସେତେବେଳେ ଆପଣାର ନିସ୍ପୃହକ ରୂପରେ ତାହା କଦାପି ସବୁବେଳେ ଆଧ୍ୟାତ୍ମିକ ହୋଇ ରହିପାରୁ ନଥିବ । ମାତ୍ର ଏଗୁଡ଼ିକରୁ କୌଣସିଟିକୁ ଆମେ ଅତିମାନସ ଆଲୋକ ଅଥବା ଅତିମାନସ ସାମର୍ଥ୍ୟ ବୋଲି କହିପାରିବା ନାହିଁ; ଯେତେବେଳେ ଆମେ ମନୋମୟ ସତ୍ତ୍ୱର ଶିଖରଗୁଡ଼ିକ ଉପରେ ଯାଇ ପହଞ୍ଚି ସାରିଥିବା, ଅଧିମାନସ ଭିତରେ ପ୍ରବିଷ୍ଟ ହୋଇଥିବା ଏବଂ ତା'ପରେ ଯାଇ ଆଧ୍ୟାତ୍ମିକ ଅସ୍ତିତ୍ୱର ଊର୍ଦ୍ଧ୍ୱତର ତଥା ବୃହତ୍ତର ଗୋଲାର୍ଦ୍ଧର ଧାରରେ ଯାଇ ଠିଆ ହୋଇଥିବା, ସେତିକବେଳେ ଯାଇ ଅତିମାନସର ଦର୍ଶନ ମିଳିବ, ସେତିକବେଳେ ଯାଇ ତାହାର ଜ୍ଞାନ ଆମକୁ ଉପଲବ୍ଧି ହୋଇପାରିବ । ସେଠାରେ ଅଜ୍ଞାନର ସମ୍ପୂର୍ଣ୍ଣ ଜଗତ୍କରଣ ଘଟିବ, ଜଡ଼ଚେତନା ବିଲୁପ୍ତ ହୋଇଯିବ; ଏକ ଅର୍ଦ୍ଧ-ଜ୍ଞାନ ଆଡ଼କୁ ଧୀରେଧୀରେ ଜାଗରିତ ହୋଇ ଆସୁଥିବା ସେହି ଆଦ୍ୟସ୍ଥ ଘନକାଳମ ପରମ ନିର୍ଜ୍ଞାନଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ବିନଷ୍ଟ ହୋଇଯିବ । ଜଡ଼ଗତ ପ୍ରକୃତିର ଆଧାର ହୋଇ ରହିଥିବା ତଥା ଆମର ମନୋଗତ ଓ ପ୍ରାଣିକ ଯାବତୀୟ ସାମର୍ଥ୍ୟକୁ ଘେରି ରହିଥିବା, ତାହାକୁ ଭେଦ କରି ରହିଥିବା ଏବଂ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ସେଗୁଡ଼ିକୁ ସୀମିତ କରି ରଖିଥିବା ସେଇ ତିନୋଟିଯାକ ଶତ୍ରୁରହିଁ ବିନାଶ ଘଟିବ । କାରଣ, ସେହି କ୍ଷେତ୍ରରେ ଏକ ଅମିଶ୍ର ଓ ଅପରିବର୍ତ୍ତିତ ପରମ ଋତ-ଚିତ୍ ସମୁଦାୟ ସତ୍ତ୍ୱସୃଷ୍ଟିର ଉପାଦାନ ହୋଇ ରହିଥିବ, ଏହାର ଶୁଦ୍ଧ ଆଧ୍ୟାତ୍ମିକ ଗଠନତନ୍ତ୍ର ହୋଇ ରହିଥିବ । ଆମେ ଯେଉଁ ଅଜ୍ଞାନଟି ମଧ୍ୟରେ ବର୍ତ୍ତମାନ ବିଚରଣ କରିବାରେ ଲଗିଛୁ, ସେଇଟି ଯେତେ ବୃଦ୍ଧିପ୍ରାପ୍ତ ହୋଇଥାଉ ବା ତାହା ଉପରେ ଯେତେ ଯାହା ଆଲୋକ ଆସି ପଡ଼ିଥାଉ ପଛକେ, ତଥାପି ତାହାର ମଧ୍ୟରେହିଁ ପଡ଼ି ରହିଥିବା ପର୍ଯ୍ୟନ୍ତ ଆମେ ଅତିମାନସର ଅବସ୍ଥାରେ ଆସି ପହଞ୍ଚି ଗଲୁଣି ବୋଲି କଲ୍ପନା କରି ବସିବା ଦ୍ୱାରା ଆମେ ଦୁଇଟି ଅତି ସଙ୍କଟରେ ଏକ ଫଳତଃପୂର୍ଣ୍ଣ ଅନ୍ୟପଥରେ ବଣା ହୋଇ ଘୂରିଯିବା ଲଗି ଆପଣାକୁ ଉନ୍ମୁକ୍ତ କରି ରଖିବା ଅଥବା ଆମ ସତ୍ତ୍ୱର ଉଦ୍ଦିଷ୍ଟ ଭବିଷ୍ୟତକୁହିଁ ବ୍ୟାହତ କରି ପକାଇବା । କାରଣ, ଯଦି ଏହିପରି ଭାବରେ ଆମେ କୌଣସି ନିମ୍ନତର ସ୍ଥିତି ବା ଅବସ୍ଥାକୁହିଁ ଅତିମାନସ ବୋଲି ଭ୍ରମ କରି ଗ୍ରହଣ କରିନେବା, ତେବେ, ପ୍ରତିଲଭ କରିବାର ଆମର ଦାବିଟିରେ ଅତ୍ୟନ୍ତ ଧୃଷ୍ଟତାପୂର୍ଣ୍ଣ ଏବଂ ଅହଙ୍କାରମୟ ଅଯଥାର୍ଥତାର

'oaob.nitrkl.ac.in' images reprocessed

ପରିଣାମସ୍ୱରୂପ ଯେଉଁସବୁ ବିପଦ ଆସି ଉପସ୍ଥିତ ହୋଇଥାଏ ବୋଲି ଆମେ ଆଗରୁ ଆଲୋଚନା କରି ଦେଖିସାରିଛୁ, ଏହି କ୍ଷେତ୍ରରେ ମଧ୍ୟ ଆମ ପାଇଁ ସେହି ସକଳ ବିପଦର ଦ୍ୱାର ଉନ୍ମୁକ୍ତ ହୋଇଯିବ । ଯଦି କୌଣସି ଏକ ଉଚ୍ଚତର ସ୍ଥିତିକୁ ଆମେ ଉଚ୍ଚତମ ସ୍ଥିତି ବୋଲି ଭ୍ରମ କରି ବସୁ, ତେବେ, ଆମେ ସିଦ୍ଧିର ମାର୍ଗରେ ଯେତେଯାଏ। ଲାଭ କଲେ ମଧ୍ୟ, ଆମ ସମ୍ମୁଖରେ ସେହି ବୃହତ୍ତର ଏବଂ ଅଧିକ ପରିପୂର୍ଣ୍ଣ ଲକ୍ଷ୍ୟସ୍ଥିତାରୁ ଦୂରତ୍ୱ ଛଡାପି ଅନେକ ପଛରେ ପଡ଼ି ରହିପାରୁ । କାରଣ, ସେପରି କରି ଆମେ ଆମ ସ୍ୱଳ୍ପଶେଷ ଲକ୍ଷ୍ୟସ୍ଥିର ଜଳକବର୍ତ୍ତୀ କୌଣସି ଅନ୍ୟ ଲକ୍ଷ୍ୟରେହିଁ ବେଶ୍ ସନ୍ତୁଷ୍ଟ ହୋଇ ରହିଯିବା ଏବଂ ତାହା ଫଳରେ ଅଭିଲଷିତ ସେହି ସର୍ବୋଚ୍ଚ ରୂପାନ୍ତରସ୍ଥି ଆମର ହାତଛଡ଼ା ହୋଇ ରହିଯିବ । ଏକ ପରିପୂର୍ଣ୍ଣ ଅନ୍ତଃବମୋଚନ ଏବଂ ଏକ ସମୁଚ୍ଚ ଆଧ୍ୟାତ୍ମିକ ଚେତନାର ଉପଲବ୍ଧି କୁ ମଧ୍ୟ ଆମେ କଦାପି ସେହି ସର୍ବୋଚ୍ଚ ରୂପାନ୍ତର ବୋଲି କହିପାରିବା ନାହିଁ । କାରଣ ଆମେ ହୁଏତ ସେହି ସିଦ୍ଧି ବା ଉପଲବ୍ଧିକୁ ବେଶ୍ ଲାଭ କରିପାରୁ, ଆମ ଉପଲବ୍ଧିର ସେହି ସ୍ଥିତି ସମ୍ପୂର୍ଣ୍ଣତଃ ବେଶ୍ ସ୍ୱତଃପୂର୍ଣ୍ଣ ହୋଇ ରହିପାରେ; ମାତ୍ର ତଥାପି ଆମ ଜୀବନର ଗଠନଶୀଳ ଅଙ୍ଗଗୁଡ଼ିକ ଆପଣାର ନମିତ୍ତାତ୍ମକ ଭୂମିରେ କେବଳ ଏକ ଆଲୋକିତ ଅଧ୍ୟାତ୍ମମନରହିଁ ସମ୍ପଦମାତ୍ର ହୋଇ ରହିଯାଇ ପାରନ୍ତି, ଏବଂ ଯାବତ୍ପାସ୍ତ ମନ ପରି ପରିଣାମତଃ ଆପଣାର ବୃହତ୍ତର ସାମର୍ଥ୍ୟ ତଥା ଜ୍ଞାନର କ୍ଷେତ୍ରରେ ମଧ୍ୟ ନାନାପ୍ରକାରେ ଦୋଷଯୁକ୍ତ ହୋଇ ରହିପାରନ୍ତି, ଏକ ମୂଳଭୂତ ଓ ପରିପୂର୍ଣ୍ଣ ଜଳ୍ପିନ ଦ୍ୱାରା ଆଂଶିକ ଅଥବା ସ୍ଥାନସ୍ଥ ଭାବରେ ଏକ ତମସାଚ୍ଛନ୍ନତା ବା ସୀମାବଦ୍ଧତାର ତଥାପି ଅଧୀନ ହୋଇ ରହିପାରନ୍ତି ।

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

ଦ୍ୱିତୀୟ ଖଣ୍ଡ

ପୂର୍ଣ୍ଣ ଜ୍ଞାନଯୋଗ

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

ପ୍ରଥମ ପରିଚ୍ଛେଦ

ଜ୍ଞାନର ଆସ୍ପଦ

ଆଧ୍ୟାତ୍ମିକ ଯାବତୀୟ ଅନୁସନ୍ଧିତ୍ସା ଜ୍ଞାନର ଏପରି ଏକ ଆସ୍ପଦ ଆଡ଼କୁ ଅଗ୍ରସର ହୋଇଥାଏ, ଯାହା ଆଡ଼କୁ କି ମନୁଷ୍ୟମାନେ ସେମାନଙ୍କର ମାନସ ଚକ୍ଷୁଟିକୁ ସାଧାରଣତଃ କେବେହେଲେ ନିର୍ଦ୍ଦେଶିତ କରି ରଖି ନଥାନ୍ତି; ଏହି ଆସ୍ପଦଟିକୁ ଆମେ ପରମ ଶାଶ୍ୱତ, ପରମ ଅନନ୍ତ ଓ ପରମ ନିର୍ବିଶେଷ କୌଣସି ଏକ ବସ୍ତୁସମଷ୍ଟି ଅଥବା କୌଣସି ଜଣେ ପୁରୁଷ ବୋଲି କହିବା । ଏହି ଆସ୍ପଦ କହିଲେ ଆମର ଇନ୍ଦ୍ରିୟ-ଗୋଚର ହେଉଥିବା କୌଣସି ପାର୍ଥିବ ବସ୍ତୁ କିମ୍ବା ପାର୍ଥିବ ଶବ୍ଦକୁ ଜଡାପି ବୁଝାଏ ନାହିଁ; ଅବଶ୍ୟ ଏକଥା ସତ୍ତ ଯେ ସେହି ପୁରୁଷ ଅଥବା ବସ୍ତୁ ସେହି ଯାବତୀୟ ବସ୍ତୁ ଓ ଶବ୍ଦ ମଧ୍ୟରେ ବର୍ତ୍ତମାନ ଥାଆନ୍ତି, ସେଗୁଡ଼ିକର ପଛରେ ଅବସ୍ଥିତ ରହିଥାନ୍ତି, ଅର୍ଥାତ୍ ସେଗୁଡ଼ିକର ଦ୍ରଷ୍ଟା ଅଥବା ସ୍ରଷ୍ଟା ହୋଇ ଅବସ୍ଥାନ କରୁଥାନ୍ତି । ଆମର ଆଧ୍ୟାତ୍ମିକ ଅନ୍ୱେଷଣ ଏପରି ଏକ ଜ୍ଞାନସ୍ଥିତର ଆକାଙ୍କ୍ଷା ରଖିଥାଏ ଯାହାଦ୍ୱାରା କି ଆମେ ଏହି ପରମ ଶାଶ୍ୱତ, ପରମ ଅନନ୍ତ ଓ ପରମ ନିର୍ବିଶେଷର ସ୍ପର୍ଶଲାଭ କରିପାରିବା, ତାହା ମଧ୍ୟରେ ପ୍ରବିଷ୍ଟ ହୋଇ ପାରିବା ଓ ତାଦାତ୍ମ୍ୟ ଦ୍ୱାରା ତାହାର ଜ୍ଞାନକୁ ଲାଭ କରିପାରିବା । ତାହା ଏପରି ଏକ ତେତନା ଲଭି ଆକାଙ୍କ୍ଷା ରଖିଥାଏ ଯାହାକି ଧାରଣା, ରୂପ ତଥା ବସ୍ତୁଗୁଡ଼ିକ ବହିସ୍ତରେ ରହିବା ଆମର ଏହି ସାଧାରଣ ତେତନାଟିଠାରୁ ଏତାନ୍ତ ଭିନ୍ନ; ଏପରି ଏକ ଜ୍ଞାନର ଆକାଙ୍କ୍ଷା ରଖିଥାଏ ଯାହାକି ଆମେ ଯାହାକୁ ସାଧାରଣତଃ ଜ୍ଞାନ ବୋଲି କହିଥାଉ ତାହାଠାରୁ ଏତାନ୍ତ ଭିନ୍ନ;—ଏହି ଜ୍ଞାନ ଏକ ଆପେ-କର୍ତ୍ତୃମାନ ଜ୍ଞାନ, ଏକ ଚିରକାଳସ୍ଥାୟୀ ଜ୍ଞାନ, ଏକ ଅନନ୍ତ ଜ୍ଞାନ । ମନୁଷ୍ୟ ହେଉଛି ଏକ ସନ୍ଦୋମସ୍ୟ ଭୂମିର ପ୍ରାଣୀ, ତେଣୁ ପ୍ରଥମ ପର୍ଯ୍ୟାୟରେ ଜ୍ଞାନଗତ ଆମର ଏହି ସାଧାରଣ ସାଧନଗୁଡ଼ିକ ସହିତହିଁ ଏହି ଆକାଙ୍କ୍ଷା ଦୃଢତ ଆପଣାର ସାଜି ଆରମ୍ଭ କରିପାରେ ଏବଂ ଏପରିକ ପ୍ରୟୋଜନବଶ ସ୍ୱତଃରେ ତାହାହିଁ କରିବାକୁ ବାଧ୍ୟ ହୋଇଥାଏ; ମାତ୍ର ତଥାପି ତାହାକୁ ଠିକ୍ ସେହିପରି ପ୍ରୟୋଜନବଶ ସ୍ୱତଃରେ ଏମେ ସେଗୁଡ଼ିକର କୀଡ଼

'oaob.nitrkl.ac.in' images reprocessed

ଡେଇଁ ଯିବାକୁ ହୁଏ ଓ ଅଷ୍ଟାଦ୍ରସ୍ଥ ତଥା ଅଭିମାନସ୍ଥ ନାନା ସାଧନ ଓ ସାମର୍ଥ୍ୟର ଉପଯୋଗ କରିବାକୁ ପଡ଼ିଥାଏ । କାରଣ ତାହା ଏପରି ଏକ ଅସ୍ପଷ୍ଟର ଅନ୍ୱେଷଣରେ ବାହାରିଥାଏ ଯାହାକୁ କି ଆମେ ସର୍ବଦା ସ୍ପଷ୍ଟ ଅଷ୍ଟାଦ୍ରସ୍ଥ ଓ ଅଭିମାନସ୍ଥ ବୋଲି କହିବା । ଆମର ମନ ଓ ଆମର ଇନ୍ଦ୍ରିୟ ସେହି ଅସ୍ପଷ୍ଟକୁ କେବେହେଲେ ଧରିପାରିବ ନାହିଁ; ଅବଶ୍ୟ ଏକଥା ସତ ଯେ ମନ ତଥା ଇନ୍ଦ୍ରିୟର ସାହାଯ୍ୟରେ ତାହାର କେବଳ ଏକ ପ୍ରଥମ ଆତ୍ମସ୍ପର୍ଶ ଉପଲବ୍ଧି ହୋଇପାରିବ, କିମ୍ବା କେବଳ ଏକ ରୂପୟିତ ପ୍ରତିବିମ୍ବ ମାତ୍ର ମିଳିପାରିବ ।

ସାଧନାର ପାରମ୍ଭରକ ମାର୍ଗଗୁଡ଼ିକ ମଧ୍ୟରେ ପାରସ୍ପରିକ ଆଛି ଯେତେଯାହା ପାର୍ଥକ୍ୟ ରହିଥାଉ ପଛକେ, ସେମାନେ ପ୍ରତ୍ୟେକେ ଏହିପରି ଏକ ବିଶ୍ୱାସ ବା ବୋଧଭୂମିରୁ ଆପଣାର ବଳର ଆରମ୍ଭ କରିଥାନ୍ତି ଯେ ପରମ ଶାଶ୍ୱତ ଓ ପରମ ନିର୍ବିଶେଷଙ୍କର ସ୍ଥିତି ହେଉଛି ବିଶ୍ୱାତିରକ୍ତ ଅସ୍ତିତ୍ୱର ଅଥବା ଏକ ଅନସ୍ତିତ୍ୱର କେବଳ ଏକ ପରମଶୂନ୍ୟ ଶୁଷ୍ପସ୍ଥ ସ୍ଥିତି, ବା ଅନ୍ତତଃ କେବଳ ସେହିଭଳି ଏକ ସ୍ଥିତିରେହିଁ ତାଙ୍କର ଆବାସ ସମ୍ଭବ ହୋଇପାରିବ । ବିଶ୍ୱାତିତ ସକଳ ଅସ୍ତିତ୍ୱ ଅର୍ଥାତ୍ ଏଠି ଯାହାକିଛୁକୁ ଆମେ ଅସ୍ତିତ୍ୱ ବୋଲି କହୁଛୁ, ତାହାର ସ୍ଥିତି ହେଉଛି ଏକ ଅଜ୍ଞାନରହିଁ ସ୍ଥିତି । ଏପରିକ ଆପଣା ପରିପୂର୍ଣ୍ଣତାର ପଥରେ ଅଗ୍ରସର ହୋଇ କୌଣସି ବ୍ୟକ୍ତି ଯେଉଁ ପରୋକ୍ଷ ସମ୍ଭାବନାର ଅଧିକାରୀ ହୋଇପାରିବ, ଏପରିକ ଏକ ଆନନ୍ଦମୟ ବିଶ୍ୱାନୁଭବର ଅବସ୍ଥାକୁ ମଧ୍ୟ ଆମେ କେବଳ ଏକ ପରମ ଅଜ୍ଞାନ ବ୍ୟତୀତ କୌଣସି ଗୁଣରେ ଅଧିକ ବୋଲି କଦାପି କହିପାରିବା ନାହିଁ । ଯିଏ ନିର୍ବିକଳ୍ପ ଓ ନିର୍ବିଶେଷ ପରମ ସତ୍ୟର ଅନ୍ୱେଷଣରେ ବାହାରିଛନ୍ତି, ତାକୁ ଯଥୋଚିତ ଦୃଢ଼ତା ଏବଂ ମୋହମୁକ୍ତତା ସହିତ ବ୍ୟକ୍ତିଗତ ଓ ବିଶ୍ୱାନ୍ତର୍ଗତ ଯାବତୀୟ ସକଳ ବିଷୟକୁ ବର୍ଜନ କରି ବାହାରି ଯିବାକୁ ପଡ଼ିବ । କାରଣ କେବଳ ସେହି ପରମ ନିଶ୍ଚଳ ଓ ନିସ୍ପାରିତ ଆତ୍ମା ଅର୍ଥାତ୍ ଅନ୍ୟ ଭାଷାରେ କହିଲେ ସେହି ପରମ ଶୂନ୍ୟତାହିଁ ଏକମାତ୍ର ସତ୍ୟ, ଯାବତୀୟ ଆଧ୍ୟାତ୍ମିକ ଜ୍ଞାନାନ୍ୱେଷଣର ଏକମାତ୍ର ଆସ୍ପଦ । ଏହି ପାର୍ଥିବ ଚେତନାଟିକୁ ପରିତ୍ୟାଗ କରି ଆମେ ଯେଉଁ ଅନ୍ୟ ଚେତନା ବା ଜ୍ଞାନସ୍ଥିତିରେ ଯାଇ ଉପନୀତ ହେବା, ସେଇଟି ହେଉଛି ନିର୍ବାଣର ସ୍ଥିତି; ସେଠାରେ ଅହଂର ପୂର୍ଣ୍ଣ ନିର୍ବାପନ ହୋଇଯିବ ଏବଂ ମନ, ପ୍ରାଣ ତଥା ଦେହସ୍ତରର ଯାବତୀୟ ନିସ୍ପାସ୍ପକତାର ପୂର୍ଣ୍ଣ ଅବସାନ ଘଟିବ, ବସ୍ତୁତଃ ଯାବତୀୟ ସକଳପ୍ରକାର ନିସ୍ପା ଓ ନିସ୍ପାସ୍ପକତାର ଅବସାନ ଘଟିବ । କେବଳ ଏକ ପରମ ଓ ଆଲୋକମୟ ନିସ୍ପାରହିତତା ବିରାଜମାନ ରହିଥିବ, ସମ୍ପୂର୍ଣ୍ଣ ନୈଃଶବ୍ଦ୍ୟକ ଏକ ଆସ୍ପସମାହିତ ଓ ଅନଡ଼ୋଲମୟ ପ୍ରଶାନ୍ତିମୟତାର ଶୁଦ୍ଧ ଆନନ୍ଦହିଁ ଅବସ୍ଥାନ କରୁଥିବ । ଏହି ଉପଲବ୍ଧିର ମାର୍ଗସ୍ୱରୂପ ଧ୍ୟାନସ୍ଥ ହୋଇ ରହିବାକୁ ପଡ଼ିବ, ଅନ୍ୟ ସକଳ ବିଷୟକୁ ବହିଷ୍କୃତ କରି ରଖି କେବଳ ଏକାଭିନିବିଷ୍ଟ

'oaob.nitrkl.ac.in' images reprocessed

ହେବାକୁ ପଡ଼ିବ, ଆପଣାର ଧ୍ୟାନବସ୍ତୁଟି ମଧ୍ୟରେ ମନ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ହଜାଇ ଦେଇ ପାରୁଥିବ । ଅନ୍ୟପକ୍ଷରେ କେବଳ ପ୍ରଥମକାଳୀନ ପର୍ଯ୍ୟାୟଗୁଡ଼ିକରେ କର୍ମ ଲଗି ଏକ ଅବକାଶ ରହିଥିବ, ଯେପରକି ଚଞ୍ଚଳ ସାଧକ ଶୁଦ୍ଧତା ଅର୍ଜନ କରିପାରିବ ଏବଂ ନୈତିକ ତଥା ଭାବଦୃଷ୍ଟିଗତ ଭୂମିରେ ଉପସିତ ଜ୍ଞାନ ଲଗି ଏକ ଯଥୋପଯୁକ୍ତ ପାତ୍ରରୂପେ ପ୍ରସ୍ତୁତ ହୋଇ ରହିପାରିବ । ଏବଂ ଏହି ବିସ୍ୱାଟି ମଧ୍ୟ ପୂଜା ଓ ଉପାସନାର ବିଭିନ୍ନ ସଂସ୍କାର ଓ ବିଧିର ଅନୁଗୁରଣ। ମଧ୍ୟରେ ସୀମାବଦ୍ଧ ହୋଇ ରହିଥିବ; ହିନ୍ଦୁ ଶାସ୍ତ୍ରର ଧର୍ମଗତ ବିଧାନ ଅନୁସାରେ ଯେଉଁମାନେ କର୍ମଗୁରର ଆଦେଶ ଓ ପଥ୍ରମର୍ଶ ଉଆଯାଇଛନ୍ତି, କେବଳ ସେହିଗୁଡ଼ିକ ମଧ୍ୟରେହିଁ ସୀମାବଦ୍ଧ ରହିଥିବ । ଅଥବା ବୌଦ୍ଧ ଧର୍ମଶୃଙ୍ଖଳା ମଧ୍ୟରେ ଯେପରି ଦେଖିବାକୁ ମିଳଥାଏ, ଅଷ୍ଟବିଧ ମାର୍ଗର ବିଧାନ ଦ୍ୱାରା ପରଗୁଳିତ ହୋଇ ସେହି କର୍ମ କରୁଣାପ୍ରେରିତ କର୍ମଚରଣର ପରମ ଅନୁଶୀଳନରେ ଆପଣାକୁ ପରିଣତ କରିଦେଇ ପାରୁଥିବ ଏବଂ ସେହି କର୍ମାଚରଣ ଅନ୍ୟମାନଙ୍କର କଲ୍ୟାଣ ଉଦ୍ଦେଶ୍ୟରେ ଆପଣାକୁ ଆପଣାର ବ୍ୟାବହାରିକ ଜୀବନରେ ସମ୍ପୂର୍ଣ୍ଣ ଭାବରେ ନିଜାଡିତ ଓ ବିଲୁପ୍ତ କରି ଦେଖିବା ଦ୍ୱାରରେ ଆମକୁ ବାଟ ଦେଖାଇ ନେଇଯାଇ ପାରୁଥିବ । ଏବଂ ଯେକୌଣସି କଠୋର ଏବଂ ପୂର୍ଣ୍ଣାଙ୍ଗ ଜ୍ଞାନଯୋଗର ପରିଣତ ପର୍ଯ୍ୟାୟକୁ ଆସି ଏକ ସମ୍ପୂର୍ଣ୍ଣ କର୍ମରହିତତା ମଧ୍ୟରେ ସକଳ କର୍ମ ବର୍ଜିତ ହୋଇ ରହିବ । କର୍ମ ଆମର ମୁକ୍ତି ଲଗି ଆବଶ୍ୟକ ସେପଟିକୁ ପ୍ରସ୍ତୁତ କରିଦେବ ସିନା, କିନ୍ତୁ ମୁକ୍ତି ଦେଇପାରିବ ନାହିଁ । ତେଣୁ ଅବଚ୍ଛିନ୍ନ ଭାବରେ କର୍ମ ମଧ୍ୟରେ ଯାବତୀୟ ପ୍ରକାରେ ଆବଦ୍ଧ ହୋଇ ରହିବାକୁ ଆମର ସଙ୍କୋଚ ହିଁ ଲଗି ଆମେ କେବଳ ଅସଙ୍ଗତ ବୋଲିହିଁ କହିବା; ଆମର ଆଧ୍ୟାତ୍ମିକ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବାର ପଥରେ ଏହା ଆପଣାକୁ ଏକ ଦୁର୍ଲଂଘ୍ୟ ପ୍ରତିବନ୍ଧକରୂପେହିଁ ଦୃଢ଼ତ ସ୍ୱୀକୃତ କରି ବସିବ । କର୍ମରହିତତାର ସଙ୍କୋଚ ସ୍ଥିତି ବା ସିଦ୍ଧିକୁ ଆମେ କର୍ମର ବିପଶ୍ଚାତ ସ୍ଥିତି ବୋଲିହିଁ କହିବା, ଏବଂ ତେଣୁ କର୍ମକୁ ଛାଡ଼ି ନପାରୁଥିବା ବ୍ୟକ୍ତମାନେ କଦାପି ତାହାର ଅଧିକାରୀ ହୋଇପାରିବେ ନାହିଁ । ଏବଂ ଏପରିକ ଭକ୍ତି, ଶ୍ରଦ୍ଧା ଓ ପୂଜୋପାସନାକୁ ମଧ୍ୟ ଆମେ କେବଳ ସେହି ଅପରପକ୍ଷ ଓ ଅସିଦ୍ଧ ଆତ୍ମାର କୋଟିଏ କୋଟିଏ ଶୃଙ୍ଖଳା ବୋଲିହିଁ କହିବା ଏବଂ ଖୁବ୍ ବେଶୀ ହେଲେ ସେଗୁଡ଼ିକୁ କେବଳ ସେହି ଅଜ୍ଞାନରହିଁ କୋଟିଏ କୋଟିଏ ପ୍ରକୃଷ୍ଟ ସାଧନ ବୋଲି କହିପାରିବା । କାରଣ ଆମଠାରୁ ଅଧିକ ଉଚ୍ଚ ଓ ଅଧିକ ବୃହତ୍ତର କୌଣସି ଏକ ଅନ୍ୟ ଅଧିଷ୍ଠାନ ଉଦ୍ଦେଶ୍ୟରେହିଁ ସେଗୁଡ଼ିକର ନିବେଦନ କରିଯାଇଥାଏ । ମାତ୍ର ପରମ ଜ୍ଞାନସିଦ୍ଧିର ସୋପାନରେ ସେପରି କୌଣସି ଅଧିଷ୍ଠାନ ଲଗି ଆଦୌ କୌଣସି ଅବକାଶହିଁ ରହି ନପାରେ; କାରଣ ସେହି କ୍ଷେତ୍ରରେ ଦୃଶ୍ୟତ କେବଳ ଏକ ଅଦ୍ୱିତୀୟ ଆତ୍ମାହିଁ ବିରାଜମାନ କରୁଥାଏ, ଅଥବା ଆଦୌ କୌଣସି ଆତ୍ମା ନଥାଏ; ଏବଂ ତେଣୁ

'oaob.nitrkl.ac.in' images reprocessed

ସେତେବେଳେ ପୂଜା କରିବାକୁ କେହି ରହେ ନାହିଁ, ଉକ୍ତ ବା ଶ୍ରୁତାର ନିବେଦନ କରିବାକୁ କେହି ରହେ ନାହିଁ କିମ୍ବା ତାହାକୁ ଗ୍ରହଣ କରିବା ପ୍ରକାଶେ ମଧ୍ୟ କେହି ରହେ ନାହିଁ । ପରମ ଚିଦାତ୍ମ୍ୟ ଅଥବା ପରମ ଶୂନ୍ୟତାର ସେହି ଏକାନ୍ତ ଚେତନାରେ ଜ୍ଞିବନାଗତ ଯାବତ୍ତୀୟ ନିସ୍ପାସ୍ପକତାକୁ ମଧ୍ୟ ଅନ୍ତର୍ହିତ ହୋଇଯିବାକୁ ହୁଏ ଏବଂ ଆପଣାର କର୍ମରହିତତା ଦ୍ୱାରା ସମସ୍ତ ପ୍ରକୃତିଟିକୁ ମଧ୍ୟ ସକଳ କର୍ମରୁ ବ୍ୟବଚ୍ଛିନ୍ନ କର ରଖେ । ସେତେବେଳେ କେବଳ ସେହି ପରମ ସାମ୍ୟତାହିଁ ଅବଶେଷ ରହିଯାଏ, ଅଥବା ସେହି ଶାଶ୍ୱତ ପରମ ଶୂନ୍ୟହିଁ ଅବଶେଷ ରହିଯାଏ ।

ବୁଦ୍ଧିର ସାମର୍ଥ୍ୟ ଦ୍ୱାରାହିଁ ଏହି ବଣୁକ୍ତ ଜ୍ଞାନଯୋଗର ଉପଲବ୍ଧି ହୁଏ; ଅବଶ୍ୟ ଏକଥା ଠିକ୍ ଯେ ଏହାର ସଂଗଠେଷ ପରିଣତସ୍ୱରୂପ ବୁଦ୍ଧିକୁ ଅତିକ୍ରମ କର ଘୁଲିଯିବାକୁ ହୁଏ, ବୁଦ୍ଧିଗତ ଯାବତ୍ତୀୟ କର୍ମାନୁସ୍ପକୁ କାଟି ଘୁଲିଯିବାକୁ ହୁଏ । ଆମର ଭିତରର ଜ୍ଞାନ ଆପଣାକୁ ଆମର ପ୍ରାତିଭାସିକ ଅବଶିଷ୍ଟ ସକଳ ସଙ୍ଗ ଓ ପରିଚସ୍ପରୁ ବିଚ୍ଛିନ୍ନ କର ରଖେ, ଦୃଦସ୍ପକୁ ବର୍ଜନ କରେ, ଜୀବନ ତଥା ଇନ୍ଦ୍ରିସ୍ୱିବଚରଣର ଷେତ୍ରରୁ ଆପଣାକୁ ପ୍ରତ୍ୟାହୃତ କର ଆଣେ, ଏବଂ ଆପଣାକୁ ଶସ୍ପରଠାରୁ ମଧ୍ୟ ଅଲଗା କର ରଖେ ଯେପରକ ସେ ତା'ର ଆପଣାର ଓ ଆପଣାର ସକଳ ନିସ୍ପାସ୍ପକତାର ବ ଅତୀତ ହୋଇ ରହିଥିବା ସେହି ଆସ୍ପତଟି ମଧ୍ୟରେ ଆପଣାକୁ ଏକାନ୍ତ ଜ୍ଞିବରେ ନେଇ ପରିପୂର୍ଣ୍ଣ କର ଦେଇପାରେ, ସେହି ଏକାନ୍ତ ସିଦ୍ଧିଟିରେ ଯା'ଇ ଉପନୀତ ହୋଇପାରେ । ଏହି ମନୋଦୃଷ୍ଟିଟିର ଔଚତ୍ୟଟିକୁ ପ୍ରମାଣ କର ଦେଇଥିବା ପର ମନେ ହେଉଥିବା ଯେପର ଏକ ଅନୁଭୂତି ଅବଶ୍ୟ ରହିଛି, ଏହି ମନୋଦୃଷ୍ଟିଟି ପଛରେ ସେହିପର ଏକ ସତ୍ତ୍ୟ ମଧ୍ୟ ଅନ୍ତର୍ନିହିତ ହୋଇ ରହିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପର ଏକ ପରମ ଅନ୍ତିସ୍ପ ରହିଛି, ତାହାର ସ୍ୱଭାବ ଅନୁସାରେ ଯାହାକୁ କ ଆମେ ଏକ କର୍ମରହିତତା ବୋଲି କହିପାରିବା; ପରମ ସତ୍ତା ମଧ୍ୟରେ ପରମ ନିସ୍ପନ୍ଦତାର ଏପର ଏକ ପରମ ସ୍ଥିତି ରହିଛି, ଯାହାକ ସ୍ପର୍ଶାସ୍ପ ଯାବତ୍ତୀୟ ବିକଳ୍ପିତତା ଓ ରୂପାସ୍ପିତାର ଅତୀତ ହୋଇ ରହିଛି । ତାହା ଅପରିବର୍ତ୍ତନୀସ୍ପ ହୋଇ ରହିଛି, ଓ ତେଣୁ ଆପଣାର ଯାବତ୍ତୀୟ ନିସ୍ପାସ୍ପକତାର ଉର୍ଦ୍ଧ୍ୱେ ହୋଇ ରହିଛି, ଶବ୍ଦ ଦେଶୀ ହେଲେ ସେଗୁଡ଼ିକର ଏକ ସାକ୍ଷୀହିଁ ହୋଇ ରହିଛି । ଏବଂ ଆମର ମନୋଭୂମିଗତ ନିସ୍ପାଗୁଡ଼ିକର ସୋପାନକ୍ରମରେ ଉତ୍ତର କଲେ ଜ୍ଞାନ ବା ଜ୍ଞିବନା ଏକ ବିଶେଷ ଅର୍ଥରେ ଏହି ପରମ ଆସ୍ପସ୍ଥିତିର ନିକଟତମ ହୋଇ ରହିଛି; ତାହା ଅନ୍ତତଃ ସେହି ଆତ୍ମାର ସଙ୍ଗଚେତନ ଜ୍ଞାତାରୂପୀ ସେହି ବସ୍ତୁବତ୍ତିର ନିକଟତମ ହୋଇ ରହିଛି, ଯାହାକ ଯାବତ୍ତୀୟ ନିସ୍ପାସ୍ପକତାକୁ ଅବଲୋକନ କରିପାରୁଛି, ମାନ ସେହିସବୁ ସକଳ ଷେତ୍ରରୁ ଆପଣାକୁ ଅପସରଣ କେଇପାରୁଛି । ଆମ ଭିତରେ ଅବସ୍ଥିତ ରହିଥିବା ଦୃଦସ୍ପ, ଇଚ୍ଛାଶକ୍ତି ତଥା ଅନ୍ୟ

'oaob.nitrkl.ac.in' images reprocessed

ନାନା ସାମର୍ଥ୍ୟ ମୂଳତଃ ସହିସ୍ନୁ ହୋଇ ରହିଛନ୍ତି, ସ୍ୱଭାବତଃ କର୍ମ ଆଡ଼କୁ ଧାଇଁ ରହିଛନ୍ତି ଏବଂ ସେହି କର୍ମର ମାଧ୍ୟମରେହିଁ ଆପଣାକୁ ପରିପୂର୍ଣ୍ଣ କରି ପାରୁଛନ୍ତି । ଅବଶ୍ୟ ଏକଥା ସତ ଯେ ଆପଣା ଆପଣାର ନିସ୍ୱାର୍ଥଭାବରେ ପରିପୂର୍ଣ୍ଣ ତର୍ପଣ ଲାଭ କରିପାରିବା ପାରେ ସ୍ୱତଃ ଏକ ନିର୍ଦ୍ଦିଷ୍ଟ ପ୍ରକାରର ନିସ୍ୱାରହିତଭାବରେ ଆସି ପହଞ୍ଚିବାକୁ ମଧ୍ୟ ସେଗୁଡ଼ିକର ସାମର୍ଥ୍ୟ ରହିଛି; ଅଥବା ନମାଗତ ଅବିଚ୍ଛିନ୍ନ ଜୀବରେ ବ୍ୟର୍ଥମନୋରଥ ଓ ଅପରିତୃପ୍ତ ହୋଇ ରହିବା ଦ୍ୱାରା ନଃଶେଷିତ ଓ ଶ୍ରାନ୍ତ ହୋଇ ପଡ଼ିବାର ଏକ ଉପଯୁକ୍ତ ପ୍ରତିକ୍ରିୟା ଦ୍ୱାରା ମଧ୍ୟ ସେହିଭଳି ଏକ ନିସ୍ୱାରହିତଭାବରେ ଆସି ପହଞ୍ଚିବା ଲାଗି ସେଗୁଡ଼ିକର ସାମର୍ଥ୍ୟ ରହିଛି । ଦୁଇସ୍ୱ ବା ଇଚ୍ଛାଶକ୍ତି ପରି ଜୀବନାକୁ ମଧ୍ୟ ଏକ ସହିସ୍ନୁ ସାମର୍ଥ୍ୟ ବୋଲି କୁହାଯିବ, ମାତ୍ର ଆପଣାର ତେତନ ନିର୍ବାଚନ ଓ ଇଚ୍ଛା ଦ୍ୱାରାହିଁ ଏହି ନିସ୍ୱାରହିତଭାର ସ୍ଥିତିରେ ଆସି ପହଞ୍ଚି ପାରିବା ଲାଗି ଜୀବନାର ଅଧିକ ଶକ୍ତି ରହିଛି । ଆମର ସାବଧାସ୍ୱ ନିସ୍ୱାର୍ଥକତାକୁ ଅତିକ୍ରମ କରି ଊର୍ଦ୍ଧ୍ୱରେ ଅବସ୍ଥିତ ରହିଥିବା ଏହି ନିଶ୍ଚଳ ପରମସାର୍ଥୀରୂପ ଆତ୍ମାର ଏକ ଉଦ୍‌ଭାସିତ ଓ ବୁଦ୍ଧିପ୍ରେରିତ ଅବବୋଧରେ ଜୀବନା ସାଧାରଣତଃ ଅପେକ୍ଷାକୃତ ଅଧିକ ସହଜରେ ପରିତୃପ୍ତ ହୋଇ ରହିଯାଏ; ଏବଂ ଯେଉଁ ସେହି ନିଶ୍ଚଳ ପରମ ଚନ୍ଦ୍ରସ୍ୱାର ଦର୍ଶନଲାଭ ହୋଇଗଲେ ଜୀବନା ଆପଣାର ସତ୍ୟାବିଷ୍କାରର ସାମାନ୍ୟି ସଚେଅବା ଆପଣାର ଉତ୍ପତ୍ତିତ ଲକ୍ଷ୍ୟ ପାଖରେ ଆସି ପହଞ୍ଚିଗଲା ବୋଲି ସମ୍ମତି ଦାଲୁ ଲାଗେ, ବିଶ୍ରାମଗ୍ରହଣ ଲାଗି ପ୍ରସ୍ତୁତ ହୋଇଯାଏ, ଆପେ ଏକାବେଳକେ ନିଶ୍ଚଳ ହୋଇଯିବା ଲାଗି ପ୍ରସ୍ତୁତ ହୋଇଯାଏ । କାରଣ ଆପଣାର ସ୍ୱାତ୍ତ୍ୱିକତମ ଗତିସ୍ପନ୍ଦନରେ ଜୀବନା ଭିତରେ ଅଧିକତର ପରମାଣରେ ପ୍ରଧାନତଃ ଏକ ସାର୍ଥୀ, ବସ୍ତୁରକ ଓ ବସ୍ତୁଗୁଡ଼ିକର ପର୍ଯ୍ୟବେକ୍ଷକ ହେବାରହିଁ ଏକ ପ୍ରବୃତ୍ତି ବଳବତ୍ତର ରହିଥାଏ; ଯେକୌଣସି କର୍ମରେ ଏକ ଉତ୍ସୁକ ଅଂଶଗ୍ରାସ୍ୱା ଓ ଉତ୍ସାହପ୍ରତୋଦିତ କର୍ମୀରୂପେ ପ୍ରେରିତ ହେବା ଅପେକ୍ଷା ଜୀବନା ଅଧିକ ପରମାଣରେ ବସ୍ତୁସ୍ୱଗୁଡ଼ିକର ପର୍ଯ୍ୟବେକ୍ଷକ ଓ ବସ୍ତୁରକ ହୋଇ ରହେ ଏବଂ ଅତି ସହଜରେ ଓ ଇଚ୍ଛୁକ ଜୀବରେ ଏକ ଆଧ୍ୟାତ୍ମିକ ଅଥବା ଦାର୍ଶନିକ ଶାନ୍ତାବସ୍ଥା ଓ ନିସ୍ପନ୍ଦତା ବଚ୍ଛିନ୍ନଭାବରେ ଆସି ବେଶ୍ ଉପଲବ୍ଧ ହୋଇପାରେ । ଏବଂ ମନୁଷ୍ୟମାନେ ଗୋଟିଏ ଗୋଟିଏ ମନୋମସ୍ୱ ସଷ୍ଟି ହୋଇଥିବାରୁ, ଯଥାର୍ଥତଃ ସେମାନଙ୍କର ସତ୍ତୋତ୍ତମ ଓ ସତ୍ତୋଚ୍ଚ ସାଧନ ନହୋଇ ପାରିଲେହେଁ ଏହି ଜୀବନାହିଁ ସେମାନଙ୍କର ଅଜ୍ଞାନକୁ ଆଲୋକିତ କରିପାରିବା ଲାଗି ସେମାନଙ୍କର ଅନ୍ତତଃ ସବୁଠାରୁ ଅଧିକ ସଚ୍ଚିତ, ଅଧିକ ସ୍ୱାତ୍ତ୍ୱିକ ଓ ସବୁଠାରୁ ଅଧିକ ଫଳଦାସ୍ୱକ ସାଧନରୂପେ ବ୍ୟବହୃତ ହୋଇଥାଏ । ଶ୍ରବଣ, ମନନ ଓ ନିଦ୍ଧାସନରୂପୀ ଆପଣାର ବୃତ୍ତିଗୁଡ଼ିକ ଦ୍ୱାରା ସୃସ୍ପର୍କିତ ହୋଇ ସେହି ଜୀବନା ଆମେ ଅନୁଧାବନ କରୁଥିବା ଲକ୍ଷ୍ୟଟିର ଉପଲବ୍ଧି ରେ ଏକ ଅପରିହାର୍ଯ୍ୟ ସହାସ୍ୱକରୂପେ ଆମର ପାଦୁଆରକୁ

'oaob.nitrkl.ac.in' images reprocessed

ହୋଇ ରହିଥାଏ । ଏବଂ ତାହା ଯେ ଆମ ଯାତ୍ରାପଥର ନାୟକ ହୋଇ ରହିବା ଲଗି, ଉପଲବ୍ଧି ଏକମାତ୍ର ମାର୍ଗଦର୍ଶକ ହୋଇ ରହିବା ଲଗି ଅଥବା ଅନ୍ତତଃ ମଦ୍ଦଷ୍ଟିର ସିଧା ଓ ସବୁଠାରୁ ଅଧିକ ଭିତରେ ରହିଥିବା ଦୁଆରଟି ହୋଇ ରହିବା ଲଗି ଦାବ କରିଥାଏ, ସେଥିରେ ଆଉ ଆଶ୍ଚର୍ଯ୍ୟ ହେବାର କ'ଣ ରହିଲା ?

ବସ୍ତୁତଃ ଜୀବନ ହେଉଛି ଏକ ପଥଚର ଓ ଏକ ପ୍ରଗତିଗାମୀ; ଏହା ବାଟ ବତାଇଦେଇ ପାରିବ, ମାତ୍ର ନାୟକ ହୋଇପାରିବ ନାହିଁ କିମ୍ବା କାର୍ଯ୍ୟସାଧନ କରିପାରିବ ନାହିଁ । ପ୍ରକୃତରେ ଆମର ଇଚ୍ଛା ହେଉଛି ଆମ ଯାତ୍ରାର ନାୟକ ଓ ଗୁରୁ, ଆମ ଯଜ୍ଞର ସଂପ୍ରଥମ ଓ ସଂପୁଗ୍ଭଜନ ଯାଜକ । ଦୁର୍ଦସ୍ୱର ଅଭିଲାଷକୁ ଅଥବା ମନର କୌଣସି ଦାବି କିମ୍ବା ଆଗ୍ରହକୁ ଆମେ ଅନେକ ସମୟରେ ଇଚ୍ଛା ବୋଲି ଅଭିହିତ କରିଥାଉ ସତ, ମାତ୍ର ଇଚ୍ଛା କହିଲେ ସେଗୁଡ଼ିକରୁ କୌଣସିଟିକୁ ବୁଝାଏ ନାହିଁ । ଇଚ୍ଛା କହିଲେ ଆମେ ଆମ ସତ୍ତାର ତଥା ସକଳ ସତ୍ତାର ସେହି ଅନ୍ତର୍ଗଢ଼ତମ, ସର୍ବାଧିକ ପ୍ରଭାବଶାଳୀ ଓ ଅନେକ ସମୟରେ ଏକ ଆବରଣ ତଳେ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ଚେତନ ସାମର୍ଥ୍ୟଟିକୁହିଁ ବୁଝିବା, ସେହି ତପଃ, ଶକ୍ତି ଓ ଶ୍ରଦ୍ଧାକୁହିଁ ବୁଝିବା, ଯାହାକି ସାର୍ବଭୌମ ଜୀବରେ ଆମ ଜୀବନର ଗଭୀରତମକୁ ନିରୂପଣ କରି ଦେଇଥାଏ, ଅଳ୍ପ ବା ବହୁତ ପରମାଣରେ ଆମର ବୁଦ୍ଧି ଓ ହୃଦସ୍ୱ ଯାହାର ସତେଅବା ଗୋଟିଏ ଗୋଟିଏ ଅନ୍ଧ ଓ ସ୍ୱସଂଗ୍ଭଳିତ ଭୃତ୍ୟ ଓ ନମିତ୍ତ ହୋଇ ରହିଥାନ୍ତି । ବିଶ୍ରାମ ଭଜିଥିବା ନଶ୍ଚଳ ଆତ୍ମାକୁ ଅର୍ଥାତ୍ ଯାବତ୍ତାସ୍ୱ ବସ୍ତୁସ୍ୱ ତଥା ଯାବତ୍ତାସ୍ୱ ଘଟଣାରୁ ଆପଣାକୁ ବଲଗ କରି ରଖିଥିବା ଆତ୍ମାଟିକୁ ଆମେ ଅସ୍ତିତ୍ୱର ଏକ ଆଶ୍ରସ୍ୱପ୍ରାଚୀର ଓ ପୃଷ୍ଠଭୂମି ବୋଲି କହିପାରିବା, କୌଣସି ଏକ ପରମ ତଥା ସର୍ବୋତ୍ତମ ସମ୍ପଦର ଏକ ନିଃଶବ୍ଦ ପ୍ରବାହପଥ ଅଥବା ଏକ ଅନ୍ତାର୍ଗଣସ୍ଥଗତ ଉପାଦାନ ବୋଲି ମଧ୍ୟ କହିପାରିବା । ମାତ୍ର ତାହାକୁ ଆମେ ସେହି ଅଦ୍ୱିତାସ୍ୱ ଯଥାର୍ଥ ଅସ୍ତିତ୍ୱର ସମତୁଲ ବୋଲି କଦାପି କହିବା ନାହିଁ, ତାହାକୁହିଁ ସେହି ପରମ ଓ ସର୍ବୋଚ୍ଚ ସମ୍ପଦ ବୋଲି କଦାପି କହିବା ନାହିଁ । ପରମ ଶାଶ୍ୱତ ଓ ସର୍ବୋଚ୍ଚ ସତ୍ତା ହେଉଛନ୍ତି ସେହି ପରମ ପ୍ରଭୁ ଓ ପରମ ଚନ୍ଦସ୍ୱତ୍ତା, ଯାହା ମଧ୍ୟରୁ କି ଏହି ସବୁକିଛି ନଶ୍ଚନ୍ନ ହୋଇ ଆସିଛି । ତାହା ଏହି ଯାବତ୍ତାସ୍ୱ କିସ୍ୱାଶୀଳତାର ଉର୍ଦ୍ଧ୍ୱରେ ରହିଛି ଏବଂ ସେଗୁଡ଼ିକରୁ କୌଣସିଟି ଦ୍ୱାରା ଆଦୌ ବାନ୍ଧହୋଇ ରହି ନାହିଁ, ତାହା ସକଳ କିସ୍ୱାଶୀଳତାର ଉପୃତ୍ତିସ୍ଥାନ ହୋଇ ରହିଛି, ତାହାର ଆଦେଶରେହିଁ ଯାବତ୍ତାସ୍ୱ କିସ୍ୱାଶୀଳତା ସମ୍ଭବ ହେଉଛି, ଯାବତ୍ତାସ୍ୱ କିସ୍ୱାଶୀଳତା ଲଗି କେବଳ ସେଇ ଉପାଦାନ, କାର୍ଯ୍ୟସାଧକ ସାମର୍ଥ୍ୟ ତଥା ନସ୍ୱାମକ ପ୍ରଭୁ ହୋଇ ରହିଛି । ଯାବତ୍ତାସ୍ୱ କିସ୍ୱାସୂତ୍ରତା ତାହାର ମଧ୍ୟରୁହିଁ ନଶ୍ଚନ୍ନ ହୋଇ ଆସିଛି, ସେହି ସଂପରମ ଆତ୍ମାଟି ଦ୍ୱାରାହିଁ ନରୂପିତ ଓ ରୂପାୟିତ ହେବାରେ ଲଗିଛି ।

'oaob.nitrkl.ac.in' images reprocessed

ସକଳ ଜିଜ୍ଞାସୁଜଗତକୁ ଆମେ କେବଳ ଏହାର ଜିଜ୍ଞାସା ବୋଲିହିଁ କହିବା, ଏହାର ଆପଣାର ସତେଜନ ସାମର୍ଥ୍ୟର ନାନା ପ୍ରକିୟା ବୋଲି କହିବା । ସଂପରମ ଆତ୍ମାଠାରୁ ଇନ୍ଦ୍ର ଏଗୁଡ଼ିକ କଦାପି ଆଉ କଛୁ ନୁହନ୍ତି, ଏହି ପରମ ଚନ୍ଦ୍ରସ୍ୱଭାଠାରୁ ଇନ୍ଦ୍ର ଆଉ କଛୁ ଅନ୍ୟ ସାମର୍ଥ୍ୟ ନୁହନ୍ତି । ଅଶେଷ ଓ ଅନେକବିଧ ମାର୍ଗରେ ଆପଣାକୁ ବ୍ୟକ୍ତ କରିଦେବା ଲଗି ପ୍ରବୃତ୍ତ ହୋଇଥିବା ସେହି ପରମ ଚିଦ୍‌ଗତଭାର ଶକ୍ତିର ଇଚ୍ଛାଶକ୍ତିହିଁ ଏହିସବୁ ଜିଜ୍ଞାସୁଗୁଡ଼ିକ ମଧ୍ୟରେ ପ୍ରକାଶିତ ହେବାରେ ଲଗିଛି । ସେହି ପରମ ଇଚ୍ଛା ବା ପରମ ସାମର୍ଥ୍ୟକୁ ଆମେ କଦାପି ଏକ ଅଜ୍ଞାନମସ୍ୱ ଇଚ୍ଛା ବୋଲି କହିପାରିବା ନାହିଁ; ଆପଣାର ସ୍ୱଜ୍ଞାସ୍ୱ ଆତ୍ମଜ୍ଞାନଟି ସହିତ ଏବଂ ଆପେ ଅଭିବ୍ୟକ୍ତ କରି ଦେଉଥିବା ଏହି ସକଳ କଛୁର ଜ୍ଞାନ ସହିତ ତାହା ସଂଜ୍ଞା ଏକାତ୍ମ ହୋଇ ରହିଛି । ଏବଂ ଆମ ଭିତରେ ପ୍ରଚ୍ଛନ୍ନରୂପେ ଅବସ୍ଥିତ ରହି ଯେଉଁ ଅଧ୍ୟାତ୍ମ ଇଚ୍ଛା ଓ ଆତ୍ମାଗତ ବଶ୍ୱାତ୍ମ ଭାଫି କରିବାରେ ଲଗିଛି, ଯେଉଁ ପ୍ରଚ୍ଛନ୍ନ ସାମର୍ଥ୍ୟଟି ଆମ ସ୍ୱଭାବଟି ମଧ୍ୟରେ ସଂଜ୍ଞାଧିକ ପ୍ରଭାବଶାଳୀ ସାମର୍ଥ୍ୟ ହୋଇ ରହିଛି, ତାହା କେବଳ ସେହି ପରମ ସାମର୍ଥ୍ୟଟିରହିଁ ଏକ ବ୍ୟକ୍ତୋନ୍ମୁଖୀସ୍ୱ ସାଧନରୂପେ ଭାଫି କରୁଛି; ତାହା ଅଧିକ ଜଜଟବର୍ତ୍ତୀ ଭାବରେ ପରମ ସତ୍ତ୍ୱଟି ସହିତ ସମ୍ବନ୍ଧଯୁକ୍ତ ହୋଇ ରହିଛି ଏବଂ ତାହାର ପାଖରେ ଯାଇ ପହଞ୍ଚି ପାରିଲେ ଏବଂ ତାହାକୁ ଧାରଣ କରି ରହିପାରିଲେ ତାହାହିଁ ଅଧିକ ନିଶ୍ଚିତ ଭାବରେ ଆମକୁ ବାଟ ଦେଖାଇ ନେଇଯାଇ ପାରୁଛି ଓ ଆମର ଜୀବନଷେଡ଼ଟିକୁ ଆଲୋକିତ ବି କରିଦେଇ ପାରୁଛି । କାରଣ ଆମ ଭାବନାଗତ ଯାବତୀୟ ସାମର୍ଥ୍ୟର ଏହି ଉପରିଭାସ୍ଥ ଜିଜ୍ଞାସୀଳତାଗୁଡ଼ିକର ତୁଳନାରେ ତାହା ଅଧିକ ଗଭୀର ହୋଇ ରହିଛି, ଅଧିକ ଅନ୍ତରଙ୍ଗ ଭାବରେ ସେହି ପରମ ଚିଦାତ୍ମକତା ତଥା ପରମ ନିର୍ବିଶେଷତାର ଜଜଟବର୍ତ୍ତୀ ହୋଇ ରହିଛି । ଆମର ଭିତରେ ଅବସ୍ଥିତ ସେହି ଇଚ୍ଛାଟିର ପରିଚୟ ଲାଭ କରିବା ଓ ଏହାର ଦିବ୍ୟ ଅନ୍ତିମ ପରିଣତିଗୁଡ଼ିକ ପ୍ରକୃତରେ ଯାହା ହୋଇଥାଉ ପଛକେ, ସେହିଗୁଡ଼ିକ ସାଏ ତାହାର ଅନୁସରଣ କରିପାରିବା;—ଅତ ନିଶ୍ଚିତ ଭାବରେ ଆମେ ଏହାକୁହିଁ ଆମର ସଚ୍ଚୋଟ ମାର୍ଗଟିରୂପେ ଜାଣିବା, ସକଳ କର୍ମ ଭଲ ସକଳ ଜ୍ଞାନର ମଧ୍ୟ ଯଥାର୍ଥତମ ପରିପୂର୍ତ୍ତି ବୋଲି ଜାଣିରଖିବା, ଜୀବନସ୍ଥ ସାଧକ ତଥା ଯୋଗସ୍ଥ ସାଧକ ଉଭୟଙ୍କରହିଁ ଯଥାର୍ଥ ଅଳ୍ପାଷ୍ଟଳ ବୋଲି ଜାଣିବା ।

ଭାବନାକୁ କଦାପି ଆମ ସ୍ୱଭାବର ସଚ୍ଚୋଟ ତଥା ସଂଜ୍ଞାବଳିଷ୍ଠ ଅଂଶ ବୋଲି ବୁଝାଯାଇ ପାରିବ ନାହିଁ, ତାହାକୁହିଁ ପରମସତ୍ୟର ଏକମାତ୍ର କଂଚା ରଶ୍ମିରଭମ ନିର୍ଦ୍ଦେଶକ ବୋଲି ମଧ୍ୟ କଦାପି କୁହାଯିବ ନାହିଁ; ଏବଂ ସେହି କାରଣରୁହିଁ ଭାବନା ପକ୍ଷରେ କେବଳ ଆପଣା ପରିଭର୍ପଣଟାର ଯୌକାନ୍ତିକ ଅନୁସରଣ କରିବା କଦାପି ଉଚିତ ହେବ ନାହିଁ ଅଥବା ସେଇଟାକୁହିଁ ଆପଣାର ପରମ ଜ୍ଞାନସିଦ୍ଧିର ସଙ୍କେତ

'oaob.nitrkl.ac.in' images reprocessed

ବୋଲି ଗ୍ରହଣ କରିବା ମଧ୍ୟ ଆଦୌ ସମୀଚୀନ ହେବ ନାହିଁ । ଜୀବନ ଏତି କେବଳ କେତେକ ଦୂର ଯାଏ ଦୃଶ୍ୟ, ଘ୍ରାଣ ତଥା ଅନ୍ୟ ଜୀବନାଙ୍ଗଗୁଡ଼ିକ ଲଗି ମାର୍ଗଦର୍ଶକ ହୋଇ ରହିବ ସତ୍ତ, ମାତ୍ର ସେଗୁଡ଼ିକର ସ୍ଥାନାପନ୍ନରୂପେ କେବେହେଲେ କାର୍ଯ୍ୟ କରିପାରିବ ନାହିଁ । କେବଳ ଆପଣାର ପରମ ପରିତୃପ୍ତିର ପଣତସ୍ୱ ଲାଭ କରିବା ଜୀବନର କାର୍ଯ୍ୟ ହୋଇ ରହିବ ନାହିଁ; ମାତ୍ର ଏହାସହ ଅନ୍ୟ ଜୀବନାଙ୍ଗଗୁଡ଼ିକ ଲଗି ମଧ୍ୟ ପ୍ରକୃତରେ ଏକ ପରମ ପରିତୃପ୍ତି ଅଭିପ୍ରେତ ହୋଇ ରହିଛି କ ନାହିଁ, ଜୀବନାକୁ ସେଇଟିର ବି ପଣତସ୍ୱ ଲାଭ କରିବାକୁ ପଡ଼ିବ । କେବଳ କେତୋଟି ମିଥ୍ୟା ଧାରଣା ଏବଂ ମିଥ୍ୟା ଇନ୍ଦ୍ରିୟବୋଧର ସାହାଯ୍ୟରେ ଆମର ଦୃଷ୍ଟିକୁ ଅନ୍ଧ ଓ ଆବଦ୍ଧ କରି ରଖିଥିବା ଏକ ସାଧନ ତଥା କାଗ୍ରତ୍ଷକର ଭୂମିକା ଗ୍ରହଣ କରି ଆମର ମନ ଏଠାରେ ଯେଉଁ ଅଜ୍ଞାନକୁ କାର୍ଯ୍ୟକାରୀ କରି ରଖିଛି, କେବଳ ତାହାର ମଧ୍ୟକୁ ଅତତରଣ କରି ଆସିବା ବ୍ୟତୀତ ଏବଂ କେବଳ ଏକ ଭ୍ରମରହିତ ଜୀବନାକୁହିଁ ଆଲୋକନକାରୀ ସାଧନ ଓ ପରିଜ୍ଞାଣକର୍ତ୍ତାରୂପେ ଗ୍ରହଣ କରି ଠିକ୍ ସେହି ମନ ଦ୍ୱାରାହିଁ କାର୍ଯ୍ୟକାରୀ ହୋଇ ରହିଥିବା ଏକ ଜ୍ଞାନର ନଶ୍ୱରତା ମଧ୍ୟକୁ ଆରୋହଣ କରି ଘୁଲିଯିବା ବ୍ୟତୀତ ଯଦି ଏହି ବଶ୍ୱରେ ସେହି ସର୍ବୋଚ୍ଚ ପରମ ଇଚ୍ଛାର ପ୍ରକୃତରେ ଅନ୍ୟ କୌଣସି ଉଦ୍ଦେଶ୍ୟହିଁ ନଥାନ୍ତା, ତେବେ ଦୃଶ୍ୟତ ବସ୍ତୁବଚ୍ଛିନ୍ନ ଜୀବନାର ଏକ ଐକାନ୍ତିକ କେବଳମାର୍ଗ ଲଗି ନଶ୍ୱର କୌଣସି ନା କୌଣସି ଔଚତ୍ୟ ମଧ୍ୟ ରହିଥାନ୍ତା । ମାତ୍ର ଏକ ଅଧିକତର ସମ୍ଭାବନାରୂପେ ଆମର ଯେପରି ବୋଧ ହେଉଛି, ଏହି ବଶ୍ୱଜଗତରେ ତାହାଠାରୁ କମ୍ ଉଭତ ଓ କମ୍ ଉଦ୍ଦେଶ୍ୟସାଧନ ଏକ ଉଦ୍ଦେଶ୍ୟ କାର୍ଯ୍ୟ କରିବାରେ ଲଗିଛି, ପରମ ନିର୍ବିଶେଷ ଲଗି ତାହାଠାରୁ କମ୍ ମାରସ ଓ କମ୍ ବସ୍ତୁବଚ୍ଛିନ୍ନ ଏକ ଆବେଗ ଏଠି କାର୍ଯ୍ୟ କରୁଛି, ତାହାଠାରୁ ଅଧିକ ବୃହତ୍ତ୍ୱ ତଥା ଅଧିକ ବହୁତ୍ୱଗଭିଶିଷ୍ଟ ଏକ ବଶ୍ୱସତ୍ତ୍ୟ କାର୍ଯ୍ୟକାରୀ ହୋଇ ରହିଛି, ସେହି ପରମ ଅନନ୍ତଙ୍କର ଏକ ଅଧିକ ଔଶ୍ୱର୍ଯ୍ୟଶାଳୀ ଓ ଅନ୍ୱେଷଣ ଉଚ୍ଚତା ଏଠାରେ ବର୍ତ୍ତମାନ ରହିଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏକ ବସ୍ତୁବଚ୍ଛିନ୍ନ ନ୍ୟାସ୍ୱବୁଦ୍ଧି ଦ୍ୱାରା ପ୍ରେରିତ ହେବାରେ ଲଗିଥିବା ପର୍ଯନ୍ତ ତାହାର ଫଳସ୍ୱରୂପ ସଂବଦ୍ଧା କେବଳ ଏକ ଅନ୍ୱେଷଣ ଓ ଶୂନ୍ୟଗର୍ଭ ପରମ ନାସ୍ତିରେ ଯାଇ ପହଞ୍ଚିବାକୁହିଁ ପଡ଼ିବ ଅଥବା ଏକ ଅନ୍ୱେଷଣ ଓ ସମାନତ୍ତ୍ୱରେ ଶୂନ୍ୟଗର୍ଭ ଏକ ପରମ ଅସ୍ତିରେ ମଧ୍ୟ ପହଞ୍ଚିବାକୁ ପଡ଼ିବ; କାରଣ ବସ୍ତୁବଚ୍ଛିନ୍ନ ହୋଇ ରହିବାକୁ ଆପଣାର ଧର୍ମ କରି ରହିଥିଲ ପର୍ଯନ୍ତ ଏକ ପରମ ବସ୍ତୁବଚ୍ଛିନ୍ନ ସ୍ଥିତିରେ ଯାଇ ଉପନୀତ ହେବାହିଁ ତାହାର ଉଦ୍ଦେଶ୍ୟ ହୋଇ ରହିଥିବ ଏବଂ ପରମ ନାସ୍ତି ଓ ପରମ ଅସ୍ତିକୁହିଁ ଆମେ ଏହି ଷେତ୍ରରେ ସମ୍ଭାବ୍ୟ ଦୁଇଟିମାତ୍ର ଚରମତ୍ତ୍ୱରେ ପରମ ବସ୍ତୁବଚ୍ଛିନ୍ନ ସ୍ଥିତିରୂପେ କଲ୍ପନା କରିପାରିବା । ପ୍ରାଚୀନ ଦର୍ଶନମତଗୁଡ଼ିକ ଠିକ୍ ସେହିଭଳି ଏକ ଦଶାରେ ଯାଇ ଉପନୀତ ହୋଇଛନ୍ତି । ମାତ୍ର ଆପଣା

'oaob.nitrkl.ac.in' images reprocessed

ବଚରଣରେ ବଡ଼ ସଙ୍କୀର୍ଣ୍ଣ ଓ ବଡ଼ ଅପାରତ ଏହି ମନୁଷ୍ୟମନର ବଣ୍ଟାସ୍ପଦନ୍ତୀ ବସ୍ତୁବଚ୍ଛିନ୍ନ ନ୍ୟାସ୍ୱବୃତ୍ତିକୁ ନୁହେଁ, ଅନୁସ୍ଥାନ ଅନୁଭୂତ ତଥା ଉପଲବ୍ଧି ର ଅଧିକରୁ ଅଧିକ ସମ୍ପଦ ଲଭି ଆକାଙ୍କ୍ଷିତ ହୋଇ ରହିଥିବା ଏକ ବସ୍ତୁସତ୍ୟସିଦ୍ଧ ଏବଂ ଗଙ୍ଗାରରୁ ନମଶଃ ଅଧିକ ଉଚ୍ଚର ହେବାରେ ଲଭିଥିବା ପ୍ରଜ୍ଞାକୁହିଁ ଆମେ ଅଧିକ ଉଚ୍ଚତ ସ୍ତବରେ ଏକ ଦ୍ରବ୍ୟ ଅଭମାନଙ୍କାସ୍ଥ ଜ୍ଞାନର ଗ୍ରବକାଠି ବୋଲ୍ କହିପାରିବା । ଆମର ସ୍ତବନା ପର ଆମର ହୃଦସ୍ଥ, ଇଚ୍ଛାଶକ୍ତ ଏବଂ ଏପରକ ଆମର ଶଙ୍କରକୁ ମଧ୍ୟ ଆମେ ଏକ ଦ୍ରବ୍ୟ ପରମ ଚୈତନ୍ୟ-ସତ୍ତାର ବଭନ୍ନ ରୂପାସ୍ଥନ ବୋଲ୍ ଜାଣିବା, ଆମେ ସେଗୁଡ଼ିକୁ ମହାନ୍ ଓ ବୃହତ୍ କେତେକେତେ ଭାପୂର୍ଣ୍ଣପୁର୍ଣ୍ଣ ସମ୍ଭାବନାର ସଙ୍କେତ ବୋଲ୍ ଜାଣିବା । ଏଗୁଡ଼ିକ ଭିତରେ ମଧ୍ୟ ଏଭଳି ସ୍ତାମର୍ଥ୍ୟମାନ ରହିଛନ୍ତି, ଯାହାଦ୍ୱାରା କ ଆତ୍ମା ଆପଣାର ପୁର୍ଣ୍ଣ ଆତ୍ମସମ୍ବିତ୍ତଳଭ ପାଖକୁ ପୁନଢାର ଫେର ଆସି ପାରିବ; ଅର୍ଥାତ୍ ଏଗୁଡ଼ିକ ମଧ୍ୟରେ ଏଭଳି ସ୍ତାଧନମାନ ମହଜୁଦ ରହିଛନ୍ତି, ଯାହାଦ୍ୱାରା କ ଆତ୍ମା ସେହି ଆତ୍ମସମ୍ବିତ୍ତକୁ ଉପଲବ୍ଧେଗ କରପାରିବ । ଏପର ଏକ ପରିପୁର୍ଣ୍ଣତାର ଉପଲବ୍ଧି ହିଏତ ସେହି ସଦ୍ୋଚ ପରମ ଇଚ୍ଛାର ମଧ୍ୟ ଲକ୍ଷ୍ୟ ହୋଇ ରହିଛନ୍ତି, ସେଠିଠାରେ ପହଞ୍ଚି ଆମର ଏହି ସମୁଦାସ୍ଥ ସତ୍ତାଟି ଆପଣାର ଦ୍ରବ୍ୟ ପରିତର୍ପଣ ଲଭ କରପାରିବ, ସକଳ ଗତ୍ୟବତାକୁ ଆଲେକ ଦ୍ୱାରା ଉଦ୍ଭସିତ କରଦେଇ ପାରୁଥିବା ଶିଖରଗୁଡ଼ିକରେ ଯାଇ ପହଞ୍ଚିପାରିବ; ସେହିଠାରେ ପହଞ୍ଚି ସେହି ସଦ୍ୋଚ ପରମ ଅଭଭେଦନର ସ୍ପର୍ଶ ଦ୍ୱାରା ଏହି ଜଡ଼ମସ୍ଥ ପରମ ଜ୍ଞେତନ ଯେ ପରମ ଦ୍ରବ୍ୟତାରୂପେ ଆପଣା ସମକ୍ଷରେ ଉଦ୍ଘାଟିତ ହୋଇପାରିବ, ହିଏତ ତାହାହିଁ ଅଭପ୍ରେତ ହୋଇ ରହିଛନ୍ତି ।

ପରମଂଗ୍ରତତ ଜ୍ଞାନମାର୍ଗଟି ଗୋଟିକ ପରେ ଗୋଟିଏକୁ ପରତ୍ୟାଗ ବା ବର୍ଜନ କରିବାର ଏକ ମାର୍ଗରେହିଁ ଅଗ୍ରସର ହୋଇଥାଏ ଏବଂ ସ୍ୱାତ୍ମାନ୍ତକ ପର୍ଯାସ୍ୱରେ ଉପନୀତ ହୋଇ ସ୍ପନ୍ଦନରହିତ ପରମ ଆତ୍ମଗତତା ଅର୍ଥାତ୍ ପରମ ଶୂନ୍ୟତା ବା ଅନର୍ଦିଷ୍ଟ ପରମ ନିର୍ବିଶେସତା ମଧ୍ୟରେ ପୁର୍ଣ୍ଣରୂପେ ଲୀନ ହୋଇଯିବା ଲଗି ତାହା ଶଙ୍କର, ପ୍ରାଣ, ଇନ୍ଦ୍ରିସ୍ଥଗତ ଜ୍ଞବନ, ହୃଦସ୍ଥ ଓ ଏପରକ ସ୍ତବନାକୁ ମଧ୍ୟ ଗୋଟିଗୋଟି କରି ବର୍ଜନ କରି ଯାଇଥାଏ । ଏକ ସମସ୍ତ ଆତ୍ମ-ପରିପୁର୍ଣ୍ଣତାରେହିଁ ଯାଇ ଉପନୀତ ହେବା ଲଗି ଯେ ଆମେ ସମସ୍ତେ ଅଭପ୍ରେତ ହୋଇ ଆସିଛୁ ଏବଂ ଏହି ଅଭପ୍ରାସ୍ଥିର ସାଧନ ନମନ୍ତେ କେବଳ ଆମର ଅତେତନତା ଅର୍ଥାତ୍ କେବଳ ଯେ ସେହି ପରମ ଅଜ୍ଞାନ ଏବଂ ତତ୍ଜନିତ ପରିଣାମଗୁଡ଼ିକୁହିଁ ଯେ ବର୍ଜନ କରିବାକୁ ପଡ଼ିବ, ସମସ୍ତ ଜ୍ଞାନର ମାର୍ଗଟିରେ କେବଳ ଏତକ ଆବଶ୍ୟକତାହିଁ ନିହିତ ହୋଇ ରହିଥାଏ । ଅହଂରୂପେ ନିଜକୁ ପ୍ରକଟ କରି ରଖିଥିବା ସତ୍ତାଗତ ମିଥ୍ୟାତ୍ୱିକୁହିଁ ଆମେ ବର୍ଜନ କରି ଆସିବା ଏବଂ ତେବେଯାଇ ଆମର ଯଥାର୍ଥ ସତ୍ତାଟି ଆମର ଭିତରେ ଆପଣାକୁ ଅଭବ୍ୟକ୍ତ କରଦେଇ ପାରିବ । ପ୍ରାଣଗତ ଯେଉଁ ମିଥ୍ୟାତ୍ୱି ଏଠି କେବଳ ଏକ ପ୍ରାଣସଂସ୍ପର୍ଶ ଅକୁଳ

'oaob.nitrkl.ac.in' images reprocessed

ପ୍ରସ୍ୱାସ ଏବଂ ଆମ ଦେହଗତ ଅସ୍ତିତ୍ୱର ଯନ୍ତ୍ରବତ୍ ଏକ ଆଚରଣବୃତ୍ତରୂପେ ପ୍ରକଟ ହୋଇ ରହିଛୁ, ଆମେ ସେହି ମିଥ୍ୟାଟିକୁହିଁ ଆପଣା ଭିତରୁ କାଢ଼ି ବାହାର କରଦେବା ଏବଂ ତାହାହେଲେ ପରମେଶ୍ୱରଙ୍କର ଶକ୍ତିମଣ୍ଡି ଏବଂ ପରମ ଅନନ୍ତଙ୍କର ଆନନ୍ଦ ମଧ୍ୟରେ ଅବସ୍ଥିତ ରହିଥିବା ଆମର ଜୀବନଟି ଆବିର୍ଭୂତ ହୋଇ ଆସିବ । ଆମ ଇନ୍ଦ୍ରିୟଚେତନାର ଯେଉଁ ମିଥ୍ୟା କେବଳ ଜଡ଼ଗତ ବସ୍ତୁସମୂହର ଓ ପରସ୍ପରବିରୋଧୀ ନାନା ପ୍ରତିଦ୍ୱନ୍ଦ୍ୱୀର ଜାଲ ଭିତରେ ଛନ୍ଦ ହୋଇ ରହିଛୁ, ଆମେ ସେହି ମିଥ୍ୟାଟିକୁ ବର୍ଜନ କର ଆସିବା ଏବଂ ତଦ୍ଦ୍ୱାରା ଆମ ଭିତରେ ନିହିତ ହୋଇ ରହିଥିବା ଏକ ବୃହତ୍ତର ବୋଧଶକ୍ତି ଏଗୁଡ଼ିକର ଆବରଣ ଫଟାଇ ବାହାରକୁ ଉନ୍ମୋଚିତ ହୋଇ ଆସିବ, ସକଳ ବସ୍ତୁରେ ପ୍ରଚ୍ଛନ୍ନ ସେହି ପରମ ଦିବ୍ୟତା ଲଗି ଆପଣାକୁ ଉଦ୍‌ଘାଟିତ କରଦେଇ ପାରିବ ଏବଂ ଦିବ୍ୟ ଭାବରେ ସେଇଟି ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ମଧ୍ୟ ଜଣାଇ ପାରିବ । ଯାବତୀୟ କାମନା ଓ ବାସନାର ପଙ୍କିଳତା ଏବଂ ନାନା ପରସ୍ପରବିରୋଧୀ ସଂବେଗମୟତା ଦ୍ୱାରା ଗ୍ରସ୍ତ ହୋଇ ରହିଥିବା ଆମର ଏହି ଦୁଃସ୍ଥ ମିଥ୍ୟାଟିକୁ ଆମେ ଆପଣା ଭିତରୁ ଦୂର କରଦେବା; ଏବଂ ତଦ୍ଦ୍ୱାରା ଆମ ଭିତରେ ଏକ ଉତ୍ତରତର ଦୃଢ଼ସ୍ଥ ଉନ୍ମୋଚିତ ହୋଇ ଆସିବ, ସେହି ଦୃଢ଼ସ୍ଥ ସକଳ ପ୍ରାଣୀ ଲଗି ଏକ ଦିବ୍ୟ ଶ୍ରଦ୍ଧାର ସମର୍ଥ ହୋଇପାରିବ ଏବଂ ପରମ ଅନନ୍ତଙ୍କର ପ୍ରତିସ୍ପନ୍ଦନଗୁଡ଼ିକ ଲଗି ଆପଣାର ଅନୁସ୍ପନ୍ଦନ ଆକାଙ୍କ୍ଷା ଓ ଆକୁଳତା ପ୍ରକଟ କରିପାରିବ । ଆମ ଭିତରୁ ଯେଉଁ ମିଥ୍ୟାଟି ଆପଣାର କେତେକେତେ ଅସୁସ୍ଥ ମନୋଗତ ରଚନା, ଆପଣାର କେତେକେତେ ଔଚିତ୍ୟପ୍ରେରିତ ସ୍ୱୀକୃତି ତଥା ଅସ୍ୱୀକୃତି ଏବଂ ଆପଣାର କେତେ କେତେ ଅତୀତୀମାବଦ୍ଧ ଓ ବହିସ୍କାରଧର୍ମୀ ଅଭିନିବେଶଗୁଡ଼ିକ ମଧ୍ୟରେ ଉତ୍ପନ୍ନ ହୋଇ ରହିଛୁ, ସେହି ମିଥ୍ୟାକୁ ଆମେ ଆପଣା ଭିତରୁ କାଢ଼ି ବାହାର କରଦେବା; ଏବଂ ତା'ପରେ ତାହାର ପଛରେ ଅବସ୍ଥିତ ରହିଥିବା ଏକ ବୃହତ୍ତର ଜ୍ଞାନସାମର୍ଥ୍ୟ ପରମେଶ୍ୱରଙ୍କର ଯଥାର୍ଥ ସତ୍ତ୍ୟଟି ସମକ୍ଷରେ ଆପଣାକୁ ଉନ୍ମୁକ୍ତ କରଦେଇ ପାରିବ; ଆତ୍ମା, ପ୍ରକୃତି ତଥା ବିଶ୍ୱଜଗତର ଯଥାର୍ଥ ସତ୍ତ୍ୟଟି ସମକ୍ଷରେ ଆପଣାକୁ ଉନ୍ମୁକ୍ତ କରଦେଇ ପାରିବ । ଏକ ସମଗ୍ର ଆତ୍ମପରିପୂର୍ଣ୍ଣତା ମଧ୍ୟରେହିଁ ଆମ ଦୃଢ଼ସ୍ଥର ଯାବତୀୟ ଅନୁଭୂତି ଆପଣାର ପରମ ଓ ପୂର୍ଣ୍ଣ ଉପଲବ୍ଧି ଲାଭ କରିବେ; ଦୃଢ଼ସ୍ଥ ମଧ୍ୟରେ ପ୍ରେମ, ଆନନ୍ଦ, ଭକ୍ତି ଓ ଉପାସନା ଲଗି ଯେଉଁ ଆଧାରଗତ ବୃତ୍ତିଟି ରହିଛୁ, ତାହା ଆପଣାର ପରମ ଓ ପୂର୍ଣ୍ଣ ଉପଲବ୍ଧି ଲାଭ କରିବ । ସେହି ସମଗ୍ର ଆତ୍ମପରିପୂର୍ଣ୍ଣତା ମଧ୍ୟରେ ଆମ ଇନ୍ଦ୍ରିୟସ୍ଥ ମଧ୍ୟ ପରମ ଓ ପୂର୍ଣ୍ଣ ଚରିତାର୍ଥତା ଲାଭ କରିବେ; ଦିବ୍ୟ ସୌନ୍ଦର୍ଯ୍ୟ ତଥା ଦିବ୍ୟ କଲ୍ୟାଣର ଅନୁଧାବନରେ ଏବଂ ବସ୍ତୁଗତ ରୂପାୟନଗୁଡ଼ିକରେ ଲାଭ କରୁଥିବା ଆନନ୍ଦରେହିଁ ସେମାନେ ପରମ ଓ ପୂର୍ଣ୍ଣ ଚରିତାର୍ଥତା ଲାଭ କରିବେ । ସେତେବେଳେ ପ୍ରାଣ ମଧ୍ୟ ପରମ ପୁଷ୍ଟୋପଲବ୍ଧି ଲାଭ କରିବ; ଆପଣାର ଯାବତୀୟ କର୍ମାନୁଧାବନରେ

'oaob.nitrkl.ac.in' images reprocessed

ତଥା ଦ୍ରବ୍ୟ ଶକ୍ତିମଣ୍ଡ, ପ୍ରଭୁତ୍ୱ ଓ ପରିପୂର୍ଣ୍ଣତାର ଅନୁଧାବନରେ ମଧ୍ୟ ତାହା ପୂର୍ଣ୍ଣ ଉପଲବ୍ଧି ଲାଭ କରିବ । ସେତେବେଳେ ଆମର ଚେତନା ମଧ୍ୟ ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରିପିବ ଏବଂ ଏକ ପରମ ଓ ପୂର୍ଣ୍ଣ ଉପଲବ୍ଧି ଲାଗି ସମର୍ଥ ହେବ; ଏହି ଚେତନା ଭିତରେ ସତ୍ୟ, ଆଲୋକ, ଦ୍ରବ୍ୟ ଆନନ୍ଦ ତଥା ଦ୍ରବ୍ୟ ଜ୍ଞାନ ଲାଗି ଯେଉଁ କ୍ଷୁଧା ରହିଛି, ସେଇଟି ମଧ୍ୟ ପରମ ଓ ପୂର୍ଣ୍ଣୋପଲବ୍ଧିର ସାମର୍ଥ୍ୟ ଲାଭ କରିବ । ଏଗୁଡ଼ିକ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛନ୍ତି, ପୂର୍ଣ୍ଣୋପଲବ୍ଧିର ସ୍ଥିତିକୁ ଆସିଲେ ସେମାନେ ଏଇଟିକୁ ଛାଡ଼ି ଏଇଠାରୁ ଭିନ୍ନ ଆଉ କୌଣସି ସ୍ଥିତି ମଧ୍ୟକୁ କଦାପି ନଷ୍ଟିପ୍ତ ହୋଇ ଗଲିପିବେ ନାହିଁ; ମାତ୍ର ସେତେବେଳେ ଏଗୁଡ଼ିକ ଏପରି ଏକ ସର୍ବୋଚ୍ଚ ସ୍ଥିତିରେ ଆସି ଉପନୀତ ହେବେ, ଯେଉଁଠାରେ କି ସେମାନେ ଏକାଧାରରେ ଆପଣାର ଯାବତୀୟ ସୀମାକୁ ଅତିକ୍ରମ କରିପିବେ, ଆପଣାର ଯାବତୀୟ ପରମସ୍ଥିତି ଓ ଆନନ୍ତ୍ୟଗୁଡ଼ିକୁ ଲାଭ କରିପାରିବେ, ସକଳ ଜଳନାର ଅତୀତ ହୋଇ ରହିଥିବା ଆପଣାର ଯାବତୀୟ ଦୌପମ୍ୟର ଅଧିକାରୀ ହୋଇପାରିବେ ।

ଜ୍ଞାନର ପରମ୍ପରାଗତ ମାର୍ଗଟି ପଛରେ ଓ ବର୍ଜନ ତଥା ପ୍ରତ୍ୟାହାରରୂପୀ ଏହାର ଜୀବନାତତ ପ୍ରକିୟାଗୁଡ଼ିକର ଔଚିତ୍ୟ ପ୍ରତିପାଦନ କଲ ଯାବତୀୟ ସତ୍ୱକୁ ଉପରେ ଆପଣାର ପ୍ରଭୁତ୍ୱ ବିସ୍ତାର କର ପାରୁଥିବା ଏକ ଆଧ୍ୟାତ୍ମିକ ଅନୁଭବ ବିଦ୍ୟମାନ ରହିଛି । ସକିୟ ମନୋମଣ୍ଡଳର ଏକ ନିର୍ଦ୍ଦିଷ୍ଟ ଆୟତନକୁ ଡେଇଁ ପାର ହୋଇ ଯାଇଥିବା ଓ ଉର୍ଦ୍ଧ୍ୱରେଖାଶୂନ୍ୟ ସେହି ଅନ୍ତର୍ଗତ ଦେଶସ୍ଥତା ମଧ୍ୟରେ ପ୍ରବେଶ କରିଥିବା ପ୍ରତ୍ୟେକ ସାଧନାଗୁଡ଼ିକ ଏହି ଗମ୍ଭୀର, ପ୍ରଗାଢ଼ ଓ ପ୍ରତ୍ୟକ୍ଷଦାୟୀ ଅନୁଭବଟିକୁ ଲାଭ କରିଥାନ୍ତି । ଏହି ଅନୁଭୂତିଟି ହେଉଛି ନମୋଚତ ହୋଇଯିବାର ଅନୁଭୂତି; ଏହି ଅନୁଭୂତି ଆମ ଲାଗି ଏହି ବିଶ୍ୱଜଗତ ତଥା ଏହାର ଯାବତୀୟ ରୂପାସ୍ୱନ, ସ୍ୱାର୍ଥ, ଉଦ୍ଦେଶ୍ୟ, ବ୍ୟାପାର ଓ ଘଟଣାଚକ୍ରର ପଛରେ ଏବଂ ତାହାରି ଅବସ୍ଥିତ ଏକ ଅନ୍ତର୍ଯାମୀଙ୍କର ପ୍ରଶାନ୍ତ, ସ୍ପର୍ଶାତୀତ, ଅନାସକ୍ତ, ଅପରିମେୟ, ନିଶ୍ଚଳ ଓ ମୁକ୍ତ ଚେତନାକୁ ବହନ କରି ଆଣିଥାଏ । ଏହି ଚେତନା ଦ୍ୱାରା ପରିପ୍ଲାବିତ ହୋଇ ଆମେ ଉପରକୁ ଅନାଇ ସତେଅବା ଅବର୍ଣ୍ଣନୀୟ ଅଲଭ୍ୟ କୌଣସି ଉର୍ଦ୍ଧ୍ୱସ୍ଥାନୀୟଙ୍କର ଦର୍ଶନଲାଭ କରିଥାଉ, କେବଳ ଆପଣାର ଏହି ବ୍ୟକ୍ତତ୍ୱଟିର ବିଲୋପସାଧନ କରିବା ଦ୍ୱାରାହିଁ ଯାହା ଉତ୍ତରକୁ ପ୍ରବେଶ କରିବା ସମ୍ଭବ ହୋଇପାରିବ । ସେଠାରେ ଆମେ ଏକ ସଦ୍ଗତ ଓ ଶାଶ୍ୱତ ପରମ ସାକ୍ଷୀପୁରୁଷଙ୍କର ଉପସ୍ଥିତିକୁହିଁ ଅନୁଭବ କରିଥାଉ, ଏକ ପରମ ଅନନ୍ତତା ବା କାଲୋତ୍ତୀର୍ଣ୍ଣତାର ବୋଧ ଲାଭ କରିଥାଉ ଯାହାକି ଆମ ଯାବତୀୟ ଅସ୍ତିତ୍ୱକୁ କେବଳ ଏକ ନାସ୍ତି ବୋଲି ଘୋଷଣା କର ମହତ୍ତମସ୍ୱ ଭିତରେ ସେହି ଉପରୁ ଆମ ଆଡ଼କୁ ଦୃଷ୍ଟିପାତ କରିବାରେ ଲାଗିଥାନ୍ତି ଏବଂ କେବଳ ଆପଣାକୁହିଁ ଏକମାତ୍ର ଯଥାର୍ଥ ସତ୍ୟ ବୋଲି ପ୍ରତିପନ୍ନ କର ରଖିଥାନ୍ତି । ଏହି ଅନୁଭୂତିଟିକୁ ଆମେ ଅନମ୍ଭସ୍ୱ

'oaob.nitrkl.ac.in' images reprocessed

ଜୀବରେ ଆପଣାର ଅସ୍ତିତ୍ୱସୀମାଗୁଡ଼ିକୁ ଅତିକ୍ରମ କରି ଆତ୍ମାର ସେପାଖକୁ ଦୃଷ୍ଟିପାତ କରୁଥିବା କେବଳ ସେହି ଅଧ୍ୟାତ୍ମୀକୃତ ମନର ସର୍ବୋଚ୍ଚ ସୂକ୍ଷ୍ମ ଓ ବଶୋଧିତାବସ୍ଥାର ଏକ ଅନୁଭୂତ ବୋଲି କହିପାରିବା । ଯେଉଁ ସାଧକ ଏହି ବିମୋଚନର ସ୍ପର୍ଶଟିକି ମଧ୍ୟଦେଇ ଅତିକ୍ରମ କରିଛନ୍ତି, ସିଏ କଦାପି ମନ ତଥା ମନର ଯାବତୀୟ ଜାଲଗୁଡ଼ିକୁ ସମ୍ପୂର୍ଣ୍ଣରୂପେ ବିମୁକ୍ତ ହୋଇପାରିବ ନାହିଁ; ମାତ୍ର ଏହି ଅନୁଭୂତିଟି ମଧ୍ୟରେ ଚିରକାଳ ଲାଗି ଲାଗି ରହିବାକୁ ସାଧକ ଯେ ଆଦୌ କୌଣସିପ୍ରକାରେ ବାଧ୍ୟ ହେବ, ସେକଥା ଆଦୌ କୁହାଯାଇ ପାରିବ ନାହିଁ । ଯେଉଁ ବୃହତ୍ତ୍ୱ ଓ ବିପୁଳ ଏକ ଅନୁଭୂତି ହୋଇଥିଲେ ମଧ୍ୟ ଆମେ ଏହାକୁ କେବଳ ଏହି ମନର ଅବବୋଧ ଯାବତୀୟ ସୀମାର ସେପାଖରେ ରହିଥିବା ସମ୍ପଦଟି ବିଷୟରେ ଏକ ଅଭିଭୂତଜାତ ଅନୁଭୂତି ବା ଅଭିଜ୍ଞତା ବୋଲିହିଁ କହିପାରିବା । ଏହା ହେଉଛି ଏକ ନାସ୍ତିମୂଳକ ପରମ ଅନୁଭୂତି; ମାତ୍ର ଏହି ଅନୁଭୂତିର ସୀମାଟିକୁ ଭାଙ୍ଗି ବାହାର ଯାଇପାରିଲେ ଯାଇ ଆମେ ଏକ ଅନ୍ତହୀନ ପରମ ଚେତନା, ସକଳ ସୀମାକୁ ଅସ୍ୱୀକାର କରିଥିବା ଏକ ପରମ ଜ୍ଞାନ ତଥା ଏକ ସ୍ୱୀକୃତିବାଚକ ପରମ ସାନ୍ନିଧ୍ୟର ଯାବତୀୟ ବିପୁଳ ଆଲୋକଟିର ସାକ୍ଷାତ ଲାଭ କରି ପାରିବା ।

ସେହି ସର୍ବୋଚ୍ଚ ସତ୍ତା ଓ ପରମ ଦିବ୍ୟସତ୍ତା, ସେହି ପରମ ଅନନ୍ତ ଓ ନିର୍ବିଶେଷ ସତ୍ତା;—ସେଇ ହେଉଛନ୍ତି ଅଧ୍ୟାତ୍ମଜ୍ଞାନର ଆସ୍ପଦ । ଆମର ଏହି ବ୍ୟକ୍ତିଗତ ସତ୍ତାଟି ସହିତ ତଥା ଏହି ବିଶ୍ୱଜଗତ ସହିତ ସେହି ସର୍ବୋଚ୍ଚ ସତ୍ତାଙ୍କର ଆପଣାର କେତେକେତେ ସମ୍ପର୍କ ରହିଛି ଏବଂ ସେ ତଥାପି ଏହି ବ୍ୟକ୍ତିଆତ୍ମାକୁ ଅତିକ୍ରମ କରି ବିରାଜିତ ଅଛନ୍ତି, ଏହି ବିଶ୍ୱଜଗତର ସୀମାକୁ ଅତିକ୍ରମ କରି ବିରାଜିତ ରହିଛନ୍ତି । ବିଶ୍ୱଜଗତ ବା ବ୍ୟକ୍ତି ବାହାରୁ ଯାହା ହୋଇଥିଲା ପରି ବୋଧ ହେଉଛନ୍ତି, ସେମାନେ ପ୍ରକୃତରେ ତାହା ନୁହନ୍ତି; କାରଣ ସେଗୁଡ଼ିକ ବିଷୟରେ ଆମେ ଯେଉଁକ ବିବରଣୀ ପାଇପାରୁଛୁ, କେବଳ ଆମର ମନ ଓ ଇନ୍ଦ୍ରିୟଗୁଡ଼ିହିଁ ଆମକୁ ସେହି ବିବରଣୀଟି ଆଣି ଦେଉଛନ୍ତି ଏବଂ ଆମର ମନ ତଥା ଇନ୍ଦ୍ରିୟ ଉଭୟର ଅତିମାନସ ଓ ଅତିଚେତନ ଜ୍ଞାନର ଏକ ସୀମାର୍ଥ୍ୟ ଦ୍ୱାରା ଅନାଲୋକିତ ହୋଇ ରହିଥିବା ପର୍ଯ୍ୟନ୍ତ ସେହି ବିବରଣୀକୁ ଆମେ କେବଳ ଏକ ଭୁଲ୍ ବିବରଣୀ ବୋଲିହିଁ କହିବା, ଏକ ଅସମ୍ପୂର୍ଣ୍ଣ ବିରଚନା ବୋଲି କହିବା, ଏକ ବଳସ୍ୱାନ ଓ ଭାଣ୍ଡପୂର୍ଣ୍ଣ ରୂପାୟନ ବୋଲି କହିବା । ଏବଂ ତଥାପି ବିଶ୍ୱଜଗତ ଓ ବ୍ୟକ୍ତି ବାହାରୁ ଯେଉଁଭଳି ହୋଇଥିବା ପରି ବୋଧ ହେଉଛନ୍ତି, ତାହା ହେଉଛି ସେମାନଙ୍କର ଯଥାର୍ଥ ସ୍ୱରୂପଟିର ମଧ୍ୟ ଏକ ରୂପାୟନ; ଏହି ରୂପାୟନ ସର୍ବଦା ଆମକୁ ତା'ର ଆପଣା ସୀମାର ଅତିକ୍ରମ କରି ଅବସ୍ଥିତ ରହିଥିବା ପ୍ରଚ୍ଛନ୍ନ ସତ୍ୟଟିର ଇଙ୍ଗିତ ଦେଇଯାଉଛି । ଆମର ମନ ତଥା ଇନ୍ଦ୍ରିୟମାନେ ଆମକୁ ଦେଇ ଯାଉଥିବା ମୂଲ୍ୟବୋଧରେ ସଂଶୋଧନ ଘଟାଇହିଁ ସତ୍ୟ

'oaob.nitrkl.ac.in' images reprocessed

ଆମ ଭିତରେ ଆପଣାର କାର୍ଯ୍ୟ କରିବାକୁ ଆରମ୍ଭ କରେ; ଏକ ଉଚ୍ଚତର ବୁଦ୍ଧିର ସାମର୍ଥ୍ୟକୁ କାର୍ଯ୍ୟକାରୀ କରାଇ ତାହା ଆପଣାର କାର୍ଯ୍ୟ ଆରମ୍ଭ କରେ ଏବଂ ସେହି ଉଚ୍ଚତର ବୁଦ୍ଧିହିଁ ଆମକୁ ନୂତନ ଆଖି ଦିଏ ଓ ଆମ ଅଜ୍ଞାନଗ୍ରେଷିତ ଇନ୍ଦ୍ରିୟମନ ତଥା ସୀମିତଶକ୍ତି ଭୌତିକ ବୁଦ୍ଧିଶକ୍ତିର ସିଦ୍ଧାନ୍ତଗୁଡ଼ିକୁ ଯଥାସମ୍ଭବ ଉନ୍ମୁକ୍ତ ଓ ସଂଶୋଧିତ କରିବାର ପ୍ରସ୍ତାବ କରିଥାଏ । ଏହି ଉଚ୍ଚତର ବୁଦ୍ଧିର ପଦ୍ଧତିଟି ହେଉଛି ମନୁଷ୍ୟର ଯାବତୀୟ ଜ୍ଞାନ ତଥା ବିଜ୍ଞାନର ପଦ୍ଧତି । ମାତ୍ର ଏହାଠାରୁ ଆହୁରି ଆଗକୁ ମଧ୍ୟ ଏକ ଜ୍ଞାନ ରହିଛି, ଏକ ଉଚ୍ଚ-ଚତ୍ର ରହିଛି; ତାହା ଆମର ଏହି ନତ୍ୟନୈମିତ୍ତିକ ବୁଦ୍ଧିର ସୀମା ଡେଇଁ ଆମ ଲଗି ତାହା ବର୍ତ୍ତମାନ ଯାହାର କେବଳ ଏକ ପ୍ରତିଫଳିତ ରଶ୍ମି ମାତ୍ର ହୋଇ ରହିଛି, ସେହି ଯଥାର୍ଥ ଆଲୋକଟିକୁ ବହନ କରି ଆଣିଥାପୁଛି । ସେଠାରେ ଶୁଦ୍ଧବୁଦ୍ଧିଗତ ସକଳ ତର୍କଣାର ବସ୍ତୁବଚ୍ଛିନ୍ନ ସକଳ ବାଧାନ ଏବଂ ଏହି ମନର ସକଳ ବିରଚନ କୁଆଡ଼େ ଅନ୍ତର୍ହିତ ହୋଇଯାଇଛି ଅଥବା ସେଗୁଡ଼ିକ ଉଚ୍ଚ ଓ ମୁକ୍ତି ଉପରେ ଅବଧାରିତ ଆତ୍ମାର ଦୃଷ୍ଟି ଏବଂ ଅଧ୍ୟାତ୍ମ ଅନୁଭବର ବିପୁଳ ଓ ଆଲୋଡ଼ନକାରୀ ବାସ୍ତବତାରୂପେ ରୂପାନ୍ତରିତ ହୋଇଯାଇଛି । ଏହି ଜ୍ଞାନ ଲାଭ କଲେ ଏହି ଭୂମିକୁ ଛାଡ଼ି କେବଳ ସେହି ନିର୍ବିଶେଷ ପରମ ଶାଶ୍ୱତଙ୍କର ଅଭିମୁଖରେ ବେଶ୍ ଧାବିତ ହୋଇ ଘୁଞ୍ଚିଯାଇ ପାରିବ ଓ ଆତ୍ମା ତଥା ବିଶ୍ୱଜଗତ ବିଷୟରେ ଆପଣାର ସକଳ ଦୃଷ୍ଟିରୁ ବିମୁକ୍ତ ହୋଇ ରହିପାରିବ; ମାତ୍ର ସେହି ପରମ ଶାଶ୍ୱତଙ୍କର ଅଧିଷ୍ଠାନରୁ ତାହା ସେହି ଅସ୍ତିତ୍ୱଟିକୁ ମଧ୍ୟ ବେଶ୍ ଅବଲୋକନ କରିପାରିବ । ଯେତେବେଳେ ସେଇଟି ହୋଇଥିବ, ସେତେବେଳେ ଆମେ ଉଚ୍ଚ ସ୍ତରରେ ଦେଖିବାକୁ ପାଇବା ଯେ ଆମ ମନ ତଥା ଇନ୍ଦ୍ରିୟଭୂମିର ଯାବତୀୟ ଅଜ୍ଞାନ ଏବଂ ଏହି ମାନସୀୟ ଜୀବନର ପ୍ରାତିସ୍ୱିକ ଯାବତୀୟ ଅଳୀକତାକୁ ଆମେ ଆଉ କଦାପି ଆମ ଭେତର ସଶ୍ରର କେବଳ ଏକ ଅକାରଣ ଯାତ୍ରା କିମ୍ବା କୌଣସି ଉଦ୍ଦେଶ୍ୟ ସାଧନ କରୁ ନଥିବା କେବଳ ଗୋଟାଏ ଭ୍ରାନ୍ତି ବୋଲି ଆଦୌ କହିପାରିବା ନାହିଁ । ଏଠାରେ ସେହି ପରମ ଅନନ୍ତଙ୍କର ସୋପାନରୁ ଅବତୀର୍ଣ୍ଣ ହୋଇ ଅସୁଥିବା ଆତ୍ମାର ଆତ୍ମ-ଅଭିବ୍ୟକ୍ତି ଲଭିହିଁ ଏକ ପ୍ରଥମସ୍ତମ୍ଭସ୍ୱରୂପ ପବ୍ଦନଭୂମି ହିସାବରେ ସେଗୁଡ଼ିକର ବ୍ୟବସ୍ଥା ବା ଯୋଜନା ହୋଇ ରହିଥିଲା, ଏହି ବିଶ୍ୱଜଗତର ପୀଠ ଉପରେ କେବଳ ସେଗୁଡ଼ିକ ତାହାର ଆତ୍ମଉନ୍ମୋଚନ ଏବଂ ଆତ୍ମଅଧିକୃତ ସକାଶେ ଏକ ଭୌତିକ ଭିତ୍ତି ହୋଇ ରହିଥିଲା । ଏକଥା ସତ ଯେ ସେଗୁଡ଼ିକୁ କେବଳ ସେହିଗୁଡ଼ିକରହିଁ ଅସ୍ତିତ୍ୱର ଭିତରେ ଦେଖିଲେ ସେଗୁଡ଼ିକର ଏବଂ ଏହି ଭୂମିରେ ଅବସ୍ଥିତ କୌଣସି ବିଷୟର ମଧ୍ୟ ପ୍ରକୃତରେ ଆଦୌ କୌଣସି ତାତ୍ପର୍ଯ୍ୟ ବା ମହତ୍ତ୍ୱ ନାହିଁ ଏବଂ ସେଗୁଡ଼ିକ ସକାଶେ କୌଣସି ସ୍ୱତନ୍ତ୍ର ତାତ୍ପର୍ଯ୍ୟର ଭିତ୍ତି କଣ୍ଢେଇଲେ ତାହା କେବଳ ଏକ ମାୟା ଭିତରେହିଁ ଅବସ୍ଥାନ କରିବା ଭଳ ହେବ । ମାତ୍ର ସେଠାରେ ପରମସତ୍ୟର

ବୃହଦାରଣ୍ୟକ ମଧ୍ୟରେ ସେଗୁଡ଼ିକର ମଧ୍ୟ ସର୍ବଦା ଏକ ପରମ ତାତ୍ପର୍ଯ୍ୟ ରହିଛି, ପରମ ନିର୍ବିଶେଷର ବୃହତ୍ତ୍ୱବସ୍ତୁର ମଧ୍ୟରେ ସେଗୁଡ଼ିକର ମଧ୍ୟ ଏକ ପରମ ଶୃଙ୍ଖଳା ରହିଛି ଏବଂ କେବଳ ତାହାଙ୍କି ସେଗୁଡ଼ିକୁ ସେଗୁଡ଼ିକର ବର୍ତ୍ତମାନ ସ୍ଥିତିରେ ରହିଥିବା ଆପେକ୍ଷିକ ମୂଲ୍ୟଗୁଡ଼ିକୁ ଆଣି ଯୋଗାଇ ଦେଇଛି ଓ ସେମାନଙ୍କୁ ନେଇ ସେହି ପରମସତ୍ତ୍ୟଟି ସହିତ ଗଅଁଠାଇ ଦେଇଛି । ସବୁକିଛିକୁ ଗୋଟିଏ ସୂତ୍ରରେ ବାନ୍ଧି ଏକତ୍ୱବଦ୍ଧ କରି ରଖିଥିବା ଏହି ଅନୁଭୂତିଟିହିଁ ସେହି ଗଭୀରତମ ସମଗ୍ର ତଥା ଅନ୍ତରଙ୍ଗତମ ଆତ୍ମଜ୍ଞାନ ତଥା ବିଶ୍ୱଜ୍ଞାନର ଯଥାର୍ଥ ଭିତ୍ତି ।

ବ୍ୟକ୍ତସତ୍ତା ସହିତ ସେହି ସର୍ବୋଚ୍ଚ ସତ୍ତାର ଯେଉଁ ସମ୍ପର୍କ ରହିଛି, ତାହାର ଦୃଷ୍ଟିରୁ ବିଚାର କଲେ ଦେଖିଲେ ସେହି ସର୍ବୋଚ୍ଚ ସତ୍ତ୍ୟ ବା ସତ୍ତାକୁହିଁ ଆମେ ଆମର ଯଥାର୍ଥ ତଥା ସର୍ବୋଚ୍ଚ ଆତ୍ମା ବୋଲି କହିବା, ଆମର ଅନ୍ତର୍ମର୍ମରେ ଆମେ ଆଖର ସେହି ସର୍ବୋଚ୍ଚ ସତ୍ତାଟି ବ୍ୟତୀତ ଆଉ କିଛି ନୋହୁ, ଆମର ଏହି ଅଭିବ୍ୟକ୍ତ ପ୍ରାକୃତ ରୂପରେ ଆମେ କେବଳ ତାହାକୁହିଁ ଅଭିବ୍ୟକ୍ତ କରିବାରେ ଲଗିଛୁ । ଆମର ଭିତରେ ରହିଥିବା ଯଥାର୍ଥ ଆତ୍ମାର ପରିଚୟ ଲାଭ କରିବାକୁ ଅଭିଲାଷ କରି ବାହାରିଥିବା ଯେକୌଣସି ଅଧ୍ୟାତ୍ମଜ୍ଞାନ ଜ୍ଞାନର ପରମ୍ପରାଗତ ମାର୍ଗଟି ପରି ଦ୍ୱତ୍ୱଂଶକାଙ୍କ୍ଷା ଯାବତୀୟ ଆପାତସତ୍ତ୍ୟକୁ ଅବଶ୍ୟ ବର୍ଜନ କରି ଆସିବ । ଏହି ଶଙ୍କରଟି ଯେ ଆମର ଯଥାର୍ଥ ଆତ୍ମସତ୍ତା ନୁହେଁ ଓ ଆମ ଅସ୍ତିତ୍ୱର ଯଥାର୍ଥ ଭିତ୍ତି ମଧ୍ୟ ନୁହେଁ, ତାହାକୁ ସେହି କଥାଟିକୁ ଅବଶ୍ୟ ଆବିଷ୍କାର କରିବାକୁ ପଡ଼ିବ । ଶଙ୍କରକୁ ସେ କେବଳ ସେହି ପରମ ଅନନ୍ତଙ୍କରହିଁ ଏକ ଇନ୍ଦ୍ରିୟବୋଧ ରୂପାୟନ ବୋଲି ଗ୍ରହଣ କରିବ । ଜଡ଼ବାଦ କେବଳ ଜଡ଼କୁହିଁ ବିଶ୍ୱଜଗତର ଏକମାତ୍ର ଆଧାରରୂପେ ଗ୍ରହଣ କରିଥାଏ, ମସ୍ତିଷ୍କ, ସ୍ନାୟୁମଣ୍ଡଳ ଏବଂ ଶଙ୍କରସ୍ଥ କୋଷ ପ୍ରଭୃତି ଜଡ଼ ଉପାଦାନଗୁଡ଼ିକୁହିଁ ଆମ ଭିତରେ ରହିଥିବା ଯାବତୀୟ ବିଷୟର ଏକମାତ୍ର ସତ୍ତ୍ୟ ବୋଲି ଅନୁଭବ କରିଥାଏ ଓ ତାହାକୁହିଁ ଆପଣାର ଏକ ବହଳ ଅଥଚ ଅସଥେଷ୍ଟ ଯୁକ୍ତିଭିତ୍ତି ବୋଲି ମାନ ନେଇଥାଏ । ଏହାକୁ ଆମେ କେବଳ ଏକ ଭ୍ରମ ବୋଲି କହିବା; ଏକ ସମଗ୍ର ପଦାର୍ଥର କେବଳ ଅର୍ଦ୍ଧାଂଶକୁହିଁ ଦେଖି ସେଇଟାକୁହିଁ ସମଗ୍ର ବୋଲି କହିବାର ଭ୍ରମ ବୋଲି କହିବା, ବିଷୟଗୁଡ଼ିକର ଏକ ଭମିସ୍ରାଚ୍ଛନ୍ନ ଜଳ ଅଥବା ଚୁମ୍ବାକୁହିଁ ଭ୍ରମବଶ ହୋଇ ଏକ ଜ୍ୟୋତିର୍ମୟ ଉପାଦାନ ବୋଲି ମନେକରିବା ବୋଲି କହିବା, ଏକ ଭ୍ରାନ୍ତିମୂଳକ ପରମ ଘୃଣି ବୋଲି ଭ୍ରମ କରି କେବଳ ଶୂନ୍ୟର ଏକ କାର୍ଯ୍ୟସାଧକ ରୂପକୁହିଁ ମାନନେବା ବୋଲି କହିବା । ଜଡ଼ବାଦୀ ବିଶ୍ୱରଟି ଭ୍ରମରେ ପଡ଼ି ଏକ ସୃଷ୍ଟିକୁହିଁ ସୃଜନକାରୀ ଶକ୍ତି ବୋଲି ଧରିନଏ, ଅଭିବ୍ୟକ୍ତର ଏକ ସାଧନକୁହିଁ ଅଭିବ୍ୟକ୍ତ ହେଉଥିବା ଓ ଅଭିବ୍ୟକ୍ତ କରୁଥିବା ସେହି ପରମତତ୍ତ୍ୱ ବୋଲି ଧରିନଏ । ଜଡ଼ ତଥା ଆମର ଏହି ଜଡ଼ ମସ୍ତିଷ୍କ, ସ୍ନାୟୁମଣ୍ଡଳ ଓ ଶଙ୍କର,—ଏସବୁ ହେଉଛନ୍ତି ଏକ

'oaob.nitrkl.ac.in' images reprocessed

ପ୍ରାଣୀଗତ ସାମର୍ଥ୍ୟର କେବଳ ଗୋଟିଏମାତ୍ର ନିସ୍ତାର ସେତ୍ର ବା ଭିତ୍ତି, ଯାହାକି ପରମ ଆତ୍ମସତ୍ତାକୁ ତାହାର ଜଗତ୍ସୃଷ୍ଟିଗୁଡ଼ିକର ରୂପଟି ସହଜ ଫଯୁକ୍ତ କରଦେବାରେ ଓ ତାହାର ପ୍ରତ୍ୟକ୍ଷ ଗତିଶୀଳତା ଦ୍ୱାରା ସେଗୁଡ଼ିକୁ ଧାରଣ କରି ରଖିବାରେ ଏକ ନମିତ୍ତରୂପେହିଁ ବ୍ୟବହୃତ ହୋଇଥାଏ । ଜଡ଼ଗତ ଏହି ଉପାଦାନଗୁଡ଼ିକୁ ଆମେ କେବଳ ଏକ ବାହ୍ୟ ସୂଚକ ବୋଲି କହିପାରିବା, ଯାହାଦ୍ୱାରା କି ଆତ୍ମା ପରମ ଅନନ୍ତଙ୍କର କେତେକ ବଶେଷ ସତ୍ତ୍ୟ ବିଷୟରେ ଆପଣାର ଅବବୋଧକୁ ପ୍ରକାଶ କରିବାକୁ ସମର୍ଥ ହୁଏ ଏବଂ ସେହି ପରମୋପାଦାନର ରୂପାୟନଭୂମିରେ ସେଗୁଡ଼ିକୁ ଫଳପ୍ରଦ ମଧ୍ୟ କରାଇପାରେ । ଏହି ବିଷୟଗୁଡ଼ିକୁ ଆମେ କେବଳ ଏକ ଲିପି, ଏକ ସଙ୍କେତକାଙ୍କ ଲିପି ବା ଏକ ଚିତ୍ରାଙ୍କନ ଅଥବା ପ୍ରତୀକଗୁଡ଼ିକ ମାଧ୍ୟମରେ ବଦ୍ଧ ହୋଇ ରହିଥିବା ଏକ ବ୍ୟବସ୍ଥା ବୋଲି କହିପାରିବା; ମାତ୍ର ସେଗୁଡ଼ିକ ଯେଉଁ ଆଧାରସ୍ଥ ବସ୍ତୁଗୁଡ଼ିକର ସଙ୍କେତ ବା ସଙ୍କେତ ଆଣି ଦେଇଥାନ୍ତି, ସେଗୁଡ଼ିକୁ ଆମେ ସେସବୁର ଗଭୀରତମ ଓ ଯଥାର୍ଥତମ ଜ୍ଞାପକାର୍ଥ ବୋଲି କଦାପି କହିପାରିବା ନାହିଁ ।

ପ୍ରାଣକୁ ମଧ୍ୟ ଆମେ ଆମର ଅସଲ ଆତ୍ମସତ୍ତା ବୋଲି କଦାପି କହିବା ନାହିଁ; ଆମର ମସ୍ତିଷ୍କ, ସ୍ନାୟୁମଣ୍ଡଳ ଅଥବା ଶରୀର ଭିତରେ ସଂଚର ରହିଥିବା ଶକ୍ତି ବା ପ୍ରାଣବନ୍ତାକୁ ମଧ୍ୟ ଆମେ ଅସଲ ଆତ୍ମସତ୍ତା ବୋଲି କହିବା ନାହିଁ । ପ୍ରାଣଶକ୍ତିକୁ ଆମେ ଅବଶ୍ୟ ଏକ ଶକ୍ତି ବୋଲି କହିବା, ମାତ୍ର ତାହାକୁହିଁ ପରମ ଅନନ୍ତଙ୍କର ସମୁଦାୟ ଶକ୍ତି ବା ସମୁଦାୟ ସାମର୍ଥ୍ୟ ବୋଲି କେବେହେଲେ କହିବା ନାହିଁ । ପ୍ରାଣବାଦ ଜଡ଼କୁ ଏକ ନମିତ୍ତରୂପେ ବ୍ୟବହାର କରୁଥିବା ଏକ ପ୍ରାଣଶକ୍ତିକୁହିଁ ପ୍ରକୃତ ଆଧାର ବୋଲି ମାନିଥାଏ, ତାହାକୁହିଁ ଯାବତୀୟ ବସ୍ତୁର ଉତ୍ପତ୍ତିସ୍ଥାନ ଏବଂ ଯଥାର୍ଥ ସମାହାର ବୋଲି ଗ୍ରହଣ କରିଥାଏ ଓ ତାହାକୁହିଁ ଆପଣାର ସ୍ପନ୍ଦନଚଞ୍ଚଳ ଅସ୍ଥିର ଭିତ୍ତିରୂପେ ଅନୁଭବ କରୁଥାଏ । ମାତ୍ର ଏହାକୁ ଆମେ କେବଳ ଏକ ଭ୍ରମ ବୋଲିହିଁ କହିବା, ଏକ ସମସ୍ତ ସତ୍ୟର କେବଳ ଅର୍ଦ୍ଧାଂଶକୁ ଦେଖି ତାହାକୁହିଁ ସମସ୍ତ ସତ୍ୟ ବୋଲି ଭ୍ରମ କରିବା ବୋଲି କହିବା, ଜଳତତ୍ତ୍ୱ ଉପକୂଳଭୂମିର ଏକ ନିଆରଭରଙ୍ଗକୁହିଁ ସମୁଦାୟ ସମୁଦ୍ର ଓ ତାହାର ଜଳରାଶି ବୋଲି ଭ୍ରମ କରିବା ବୋଲି କହିବା । ଜଡ଼ବାଦୀ ବସ୍ତୁବାଦି ଅସଲ ସତ୍ୟସାର ମଣି ଏକ ଶକ୍ତିଶାଳୀ ଅଥଚ କେବଳ ବହିଃସ୍ଥର କୌଣସି ପଦାର୍ଥକୁହିଁ ଗ୍ରହଣ କରି ନେଇଥାଏ । ଯେଉଁ ଚେତନା ପ୍ରାଣଶକ୍ତିର ଯାବତୀୟ ସୀମାକୁ ଅତିକ୍ରମ କରି ଅବସ୍ଥିତ ରହିଛି, ଏହି ପ୍ରାଣଶକ୍ତିକୁ ଆମେ ସେହି ଚେତନାରହିଁ ଏକ ଗତ୍ୟାତ୍ମକତା ବୋଲି କହିପାରିବା । ସେହି ଚେତନାଟି ଏହି ଭୂମିରେ ଅନୁଭୂତ ହେଉଛି, ଏଇଠି କାର୍ଯ୍ୟ କରୁଛି; ମାତ୍ର ଆମର ବର୍ତ୍ତମାନ ସ୍ଥିତି, ଅର୍ଥାତ୍ ମନୋରୂପୀ ଏହି ଉଚ୍ଚତର ସ୍ଥିତିରେ ଅସି ନପହଞ୍ଚିବା ପର୍ଯ୍ୟନ୍ତ ବୃତ୍ତିର ଭୂମିରେ ଆମ ଲଗି ତାହାର କୌଣସି ପ୍ରତିଷ୍ଠା

'oaob.nitrkl.ac.in' images reprocessed

ଥିବାପରି ମନେହେଉଛି ନାହିଁ । ଆମର ଏହି ଭୂମିଷ୍ଠିରେ ମନ ସତ୍ତେଅବା ପ୍ରାଣରହିଁ ଏକ ସୃଷ୍ଟି ପରି ଦେଖାଯାଉଛୁ ସତ୍ତ, ମାତ୍ର ଆମେ ମନକୁ ସ୍ୱସ୍ୱଂ ପ୍ରାଣର କୌଣସି ତରମ ଛାତ୍ପର୍ଶ ବୋଲି ନୁହେଁ, କେବଳ ପଦ୍ଧେଷ ଅର୍ଥାତ୍ ଦୃଶ୍ୟାତ୍ମକ ଛାତ୍ପର୍ଶ ବୋଲିହିଁ ଜାଣିବା; ଯାହା ପ୍ରାଣର ଅନ୍ତରୁଲରେ ରହିଛୁ, ଛାହାର ପ୍ରଚ୍ଛନ୍ନ ସତ୍ତ୍ୟଟିର ଏକ ଅପେକ୍ଷାକୃତ ଅଧିକ ତେତ୍ତନାସମ୍ପନ୍ନ ରୂପାସ୍ୱନ ବୋଲିହିଁ ଜାଣିବା । ମନକୁ ଆମେ ପ୍ରାଣରହିଁ ଏକ ଅଭିବ୍ୟକ୍ତ ବୋଲି କହିବା ନାହିଁ; ମାତ୍ର ସ୍ୱସ୍ୱଂ ପ୍ରାଣ ଯାହାର ଏକ ଅପେକ୍ଷାକୃତ ଅଲ୍ପପରିସ୍ପନ୍ଦିତ ବକ୍ତ୍ୟିତ ଅଭିବ୍ୟକ୍ତ ହୋଇ ରହିଛୁ, ମନକୁ ଆମେ ଯଥାର୍ଥରେ ଛାହାର ଅଭିବ୍ୟକ୍ତ ବୋଲି କହିପାରିବା ।

ଏବଂ ଆମର ମନ, ଅର୍ଥାତ୍ ଆମର ଏହି ମନୋଭୂମି, ଆମ ଜୀବନର ମନନ-ସମର୍ଥ ତଥା ବୋଧସମର୍ଥ ଏହି ଅଂଶଟି ମଧ୍ୟ ତଥାପି ଆମର ଯଥାର୍ଥ ଆତ୍ମା ନୁହେଁ; ମନକୁ ଆମେ ସେହି ପରମ ତତ୍ତ୍ୱସ୍ୱରୂପ ବୋଲି କଦାପି କହିପାରିବା ନାହିଁ, ଅନ୍ତ ବୋଲି କହିପାରିବା ନାହିଁ କିମ୍ବା ଆଦ୍ୟ ବୋଲି କହିପାରିବା ନାହିଁ; ଛାହାକୁ ଆମେ ପରମ ଅନନ୍ତଙ୍କର ଅଧିସ୍ଥାନକ୍ଷେତ୍ରରୁ ନିକ୍ଷିପ୍ତ ହୋଇ ରହିଥିବା ଏକ ଅର୍ଦ୍ଧ-ଆଲୋକ ବୋଲି କହିପାରିବା । ଆଦର୍ଶବାଦ ଆମର ଏହି ମନକୁହିଁ ଯାବତ୍ତାସ୍ୱ ରୂପ ତଥା ବସ୍ତୁର ସୃଜନକର୍ତ୍ତାରୂପେ ଗ୍ରହଣ କରିଥାଏ, ଏହିସବୁ ରୂପ ଏବଂ ବସ୍ତୁ କେବଳ ମନ ଭିତରେହିଁ ଅବସ୍ଥିତ ରହିଛନ୍ତି ବୋଲି ଅନୁଭବ କରିଥାଏ ଏବଂ ଛାହାକୁହିଁ ଆପଣାର ଅତିକୃଶ ସୂକ୍ଷ୍ମ ଭୂମି କରି ଛାହାର ଉପରେ ଠିଆହୋଇ ରହିଥାଏ । କିନ୍ତୁ ଏଇଟିକୁ ମଧ୍ୟ ଆମେ କେବଳ ଏକ ଭ୍ରମ ବୋଲି କହିବା; ଏକ ସମଗ୍ର ସତ୍ତ୍ୟର କେବଳ ଅର୍ଦ୍ଧାଂଶକୁ ଦେଖି ଛାହାକୁହିଁ ସମଗ୍ର ସତ୍ତ୍ୟ ବୋଲି ଭ୍ରମ କରିବା ବୋଲି କହିବା, ଏକ ମ୍ଳାନ ଓ ପ୍ରତିବିମ୍ବିତ ଆଲୋକକୁ ଅତିରଞ୍ଜିତ କରି ସୂର୍ଯ୍ୟର ଜ୍ୱଳନ୍ତ ଶଖର ଓ ଛାହାର ଦୀପ୍ତ ବିଭବ ବୋଲି ବର୍ତ୍ତୁନା କରିବା ବୋଲି କହିବା । ଏହି ଆଦର୍ଶବାଦୀ ଦୃଷ୍ଟିଟି ମଧ୍ୟ ସତ୍ତାର ଅସଲ ସତ୍ତ୍ୟପରିଚୟଦୃଷ୍ଟି ପାଖରେ ଯାଇ ଆଦୌ ପହଞ୍ଚି ପାରେ ନାହିଁ, ଛାହା ଏହାକୁ ସ୍ପର୍ଶ ମଧ୍ୟ କରିପାରେ ନାହିଁ ଏବଂ ଛାହାକୁ ଆମେ ପ୍ରକୃତର କେବଳ ଏକ ନମ୍ନତର ପ୍ରକାଶରୂପ ବୋଲିହିଁ କହିପାରିବା । ମନକୁ ଆମେ ସେହି ତେତ୍ତନ ଅସ୍ତିତ୍ୱର ଅତିଅସ୍ପଷ୍ଟ ଓ କେବଳ ବହିର୍ଭାଗୀସ୍ୱ ଏକ ଚ୍ଛାସ୍ୱାମସ୍ୱତା ବୋଲି କହିପାରିବା, ଯାହାକି କେବେହେଲେ ମନର କ୍ଷେତ୍ରଟି ମଧ୍ୟରେ ସୀମାବଦ୍ଧ ହୋଇ ରହି ନାହିଁ ଓ ଯାହା ମନର ସୀମାକୁ ଅତିକ୍ରମ କରିଯାଇଛୁ । ଜ୍ଞାନର ପାରମ୍ପରିକ ମାର୍ଗଟି ଏହିସବୁ ବସ୍ତୁକୁ ଆପଣାର ଧାରଣାଭୂମି ମଧ୍ୟରୁ ବାହାରକୁ ବାହାର କରିଦିଏ ଏବଂ ଏହିପରି ଅଗ୍ରସର ହୋଇ ଏକ ବିଶୁଦ୍ଧ ତେତ୍ତନ ଅସ୍ତିତ୍ୱର ଅବବୋଧ ଓ ଉପଲବ୍ଧିରେ ଆସି ଉପନୀତ ହୋଇଥାଏ । ଏହି ବିଶୁଦ୍ଧ ଅସ୍ତିତ୍ୱଟିକୁ ଛାହା ଆତ୍ମଚିତ୍ତସମ୍ପନ୍ନ, ଆତ୍ମାନନ୍ଦମସ୍ୱ ବୋଲି ଜାଣେ; ମନ, ପ୍ରାଣ ତଥା ଶରୀରଗତ ସକଳ

'oaob.nitrkl.ac.in' images reprocessed

ପ୍ରସ୍ତୀମନର ବାହାର ଦୋଲ୍ ନାଣେ । ଆପଣାର ଚରମତମ ଜ୍ଞଦାସ୍ପଦ ଅନୁଭବରେ ସେ ତାହାକୁ ଆତ୍ମା ଦୋଲ୍ ଜହ୍ନେ, ପରମାତ୍ମସତ୍ତ୍ୱ ଦୋଲ୍ ଜହ୍ନେ, ଆମ ଅସ୍ତିତ୍ୱର ସଂମୂଳ ଓ ସଂସାର ସ୍ପନ୍ଦ ଦୋଲ୍ ଜହ୍ନଥାଏ । ଅନ୍ତତଃ ଏହିଠାରେ ଉପଗତ ହୋଇ ତାହା ସଂସାଧିତ ପ୍ରଜ୍ଞବଣାଳୀ ଜ୍ଞବରେ ସତ୍ୟ ହୋଇ ରହିଥିବା ଗୋଟିଏ କଲ୍ପନା ପାଖରେ ଆସି ପହଞ୍ଚିଥାଏ ସତ୍ତ, ମାନ ଏଠାରେ ଆସି ପହଞ୍ଚିବା ଲଗି ବଡ଼ ଭରତର ହୋଇ ତାହା ଆମର ଜ୍ଞବନାଶୀଳ ମନ ଓ ସଙ୍କୋଚ ସତ୍ତ୍ୱଟି ଉତରେ ଆଉ କେଉଁଠିହେଲେ କିଛୁ ନାହିଁ ବୋଲ୍ ଅନୁମାନ କରିପାରେ, 'ବୃତ୍ତୋଃ ପରତସ୍ତୁ ସଃ' ବୋଲ୍ କହିବାକୁ ଲଗେ; ସମାଧିରେ ଅଧିଷ୍ଠିତ ରହି ଆଖି ବନ୍ଦ କରିଦେଲ, ମଧ୍ୟବର୍ତ୍ତୀ ଯାବତୀୟ ବିଷୟର ପଥଟିକୁ ଯଥାସମ୍ଭବ ଶୀଘ୍ର ପାର ହୋଇ ଘୁଞ୍ଚିଯିବାକୁ ଦୃଢ଼ପ୍ରଯାଏ ଏବଂ ପରମ ଚିଦ୍ଘନତତ୍ତାର ସେହ୍ନସବୁ ମହାନ୍ ଏବଂ ଜ୍ୟୋତିର୍ମୟ ସାମ୍ରାଜ୍ୟ ଉପରେ ଆଖି ପକାଇ ଦେଖିବାକୁ ମଧ୍ୟ ତା'ର କୌଣସି ଡର ସହ୍ନେ ନାହିଁ । ଏଇଲ କର ସେ ଦ୍ରୁତତ ଆପଣାର ଲକ୍ଷ୍ୟଟିରେ ଯାଇ ପହଞ୍ଚେ ସତ୍ତ, ମାନ ସେହ୍ନ ପରମ ଅନନ୍ତ ଆତ୍ମଦୃଷ୍ଟି ପାଖରେ ପହଞ୍ଚି ସେଇଠି ଚୁପ୍ ହୋଇ ଶୋଇପଡ଼େ । ଅଥବା, ଜଣେ ଚେଇଁ ରହିଲେ ମଧ୍ୟ ତା'ର ଆତ୍ମ-ବଲ୍ଲେପକାଶ୍ମ ମନ ଯାଇ ପହଞ୍ଚି ପାରୁଥିବା ସଙ୍କୋଚ ସତ୍ତ୍ୱର ସେହ୍ନ ସଙ୍କୋଚ ଅନୁଭବଟି ମଧ୍ୟରେ ଯାଇ ପ୍ରବେଶ କରେ ସିନା, ମାନ ପଦ୍ମପୂରଙ୍କ ମଧ୍ୟରେ ଆଦୌ ପ୍ରବେଶ କରିପାରେ ନାହିଁ । କେବଳ ମନୋମସ୍ତାର ଭୂମି ଉପରେ ଆପଣାକୁ ଉତ୍କୃଷ୍ଟାଇ ପାରୁଥିବା ଏକ ଆଧାତ୍ମିକ କୃଶତା ମଧ୍ୟରେହିଁ ମନ ସଙ୍କୋଚ ଆତ୍ମସତ୍ତ୍ୱର କୌଣସି ନା କୌଣସି ଜ୍ଞବନ୍ତ ଲକ୍ଷ ଜରିବାକୁ ସମର୍ଥ ହୁଏ, କେବଳ ମନୋମସ୍ତ ହୋଇ ପ୍ରତିବର୍ତ୍ତିତ ହୋଇଥିବା ସତିଦାନନ୍ଦଙ୍କର ଜ୍ଞବନ୍ତ ଲକ୍ଷ କରିପାରେ । ମାନ ଆଖିକୁ ବନ୍ଦ କର ଉଷି ପରମ ନିର୍ବିଶେଷ ମଧ୍ୟକୁ ଏପର ଏକ ଲକ୍ଷ୍ୟ ଦେବା ଦ୍ୱାରା ସେହ୍ନ ଉତ୍ତମ ସତ୍ତ୍ୟ ଅର୍ଥାତ୍ ସେହ୍ନ ସମସ୍ତ ଆତ୍ମଜ୍ଞନ କଦାପି ଉପଲବ୍ଧି ହେବ ନାହିଁ; ପରମ ଋତ-ଚତ୍ତର ଯେଉଁ ଭୂମି ଉପରେ ପରମ ଅନନ୍ତଙ୍କୁ ଜାଣି ହେବ, ଅନୁଭବ କର ହେବ, ଦେଖି ହେବ ଏବଂ ତାଙ୍କର ଅନନ୍ତ ଔଶ୍ୱର୍ଯ୍ୟର ପରପୂର୍ଣ୍ଣତା ମଧ୍ୟରେ ଆପଣାର ଅନୁଭୂତ ମଧ୍ୟରେ ସମ୍ଭାର ରହିହେବ, ଅତ୍ୟନ୍ତ ଧୈର୍ଯ୍ୟର ସହ୍ନତ ମନର ସୀମା ସେପାଖରେ ଅବସ୍ଥିତ ରହିଥିବା ସେହ୍ନ ଭୂମିଟି ମଧ୍ୟକୁ ଅଗ୍ରସର ହୋଇ ପାରିଲେ ଯାଇ ସେହ୍ନ ଉପଲବ୍ଧି ସମ୍ଭବ ହେବ । ଏବଂ ସେହ୍ନ ଭୂମିରେ ପହଞ୍ଚି ଆମେ ଏହି ପରମ ଆତ୍ମସତ୍ତ୍ୱକୁ କେବଳ ଏକ ସ୍ଥାଣୁତାଗ୍ରସ୍ତ, ଅଲ୍ଲାସ୍ପନ୍ଦନ ଓ ଶୂନ୍ୟଗର୍ଭ ଆତ୍ମାରୂପେହିଁ କଦାପି ଆବଷ୍କାର କରିବା ନାହିଁ; ତାହାକୁ ଆମେ ଏକ ମହାନ୍ ଓ ଘଉସତଳ ବ୍ୟକ୍ତୀଭୂତ ପରମ ଚିଦ୍ଘନତତ୍ତାରୂପେ ଆବଷ୍କାର କରିବା, ଏକ ଜ୍ଞଶ୍ମସ୍ପ ଓ ବଶ୍ୱୋତ୍ତୀର୍ଣ୍ଣ ଚିଦ୍ଘନତତ୍ତାରୂପେହିଁ ଆବଷ୍କାର କରିପାରିବା । ଏହି ମନର କୌଣସି ବସ୍ତୁବଚ୍ଛିନ୍ନ ସାମାନ୍ୟସିଦ୍ଧାନ୍ତ ଦ୍ୱାରା ପରମ ଆତ୍ମସତ୍ତ୍ୱ ଓ ପଦ୍ମ

'oaob.nitrkl.ac.in' images reprocessed

ଚଦ୍ରଗତତାକୁ ପ୍ରକାଶ କରିଯାଇ ପାରିବ ନାହିଁ, ଋଷି ଓ ଭବିଦ୍ରଷ୍ଟାମାନଙ୍କର ପ୍ରେରଣାଦୃପ୍ତ କୌଣସି ବର୍ଣ୍ଣନା ଏହାର ଅନ୍ତର୍ଗତ ସମ୍ପଦ ଓ ବଭ୍ରମସ୍ଥତାଗୁଡ଼ିକୁ କଦାପି ନିଃଶେଷିତ କରିଦେଇ ପାରିବ ନାହିଁ ।

ଏହି ବଶ୍ୱର ପରପ୍ରେକ୍ଷୀରେ ବଗ୍ୱର କଲେ ସଙ୍କୋଚି ସତ୍ତାଙ୍କୁ ଆମେ ବ୍ରହ୍ମ ବୋଲି କହିବା, ତାହାଙ୍କି ସେହି ଏକୈବ ଓ ଅଦ୍ୱିତୀୟ ପରମ ସତ୍ତା ବୋଲି କହିବା ଯିଏକ ଏହି ବଶ୍ୱକଗତର ଯାବତ୍ତାସ୍ଥ ଜ୍ଞବନା, ସାମର୍ଥ୍ୟ ଓ ରୂପତସ୍ଥର କେବଳ ଆଧାତ୍ମିକ, ଜଡ଼ଗତ ଓ ସତେତନ ଉପାଦାନ ମାନହିଁ ନୁହନ୍ତି, ମାନ ଯିଏକ ସେଗୁଡ଼ିକୁ ସମ୍ଭବ କରିଛନ୍ତି, ସେଗୁଡ଼ିକୁ ଧାରଣ କରି ରଖିଛନ୍ତି, ସେଗୁଡ଼ିକର ଅଧିକାଗ୍ଧ ହୋଇ ରହିଛନ୍ତି । ସେହି ପରମ ଚଦ୍‌ଗତତା ଏହି ବଶ୍ୱ ବ୍ୟାପି ରହିଛନ୍ତି, ଏହି ବଶ୍ୱକୁ ଅତିକ୍ରମ କରି ରହିଛନ୍ତି । ଏହି ବଶ୍ୱକଗତ, ଏହି ଶକ୍ତି, ଜଡ଼ୋପାଦାନ, ଯାବତ୍ତାସ୍ଥ ନାମ ଓ ରୂପ ତଥା ପୁରୁଷ ଏବଂ ପ୍ରକୃତିକୁ ସେଗୁଡ଼ିକର ଚରମତ୍ତମ କଲ୍ପନାଯୋଗ ଉତ୍ତୋଳିତ କରି ନେଇଗଲେ ମଧ୍ୟ ଆମେ ଯେଉଁଠି ଆସି ଉପନୀତ ହେବା, ସେଗୁଡ଼ିକ ତଥାପି ସମ୍ପୃଣ୍ଠି ଭବରେ ଏହି ବଶ୍ୱକଚତର ଯଥାର୍ଥ ସ୍ୱରୂପ ଅଥବା ଯଥାର୍ଥ ପ୍ରକୃତିକୁ କଦାପି ଅଭିବ୍ୟକ୍ତ କରିପାରିବ ନାହିଁ । ଏହି ବଶ୍ୱକଗତରେ ଆମେ ଯାହାକିଛି ହୋଇଛୁ, ତାହା ମନ, ପ୍ରାଣ ତଥା ଶରୀରଗତ ସକଳ ପ୍ରସୀମନର ଅତୀତ ଏକ ପରମ ଆତ୍ମାରହିଁ କ୍ରୀଡ଼ା ଓ ରୂପାସ୍ଥନ ହୋଇଥିବାରୁ ଅର୍ଥାତ୍ କେବଳ ତାହାର ମନୋମସ୍ଥ, ପ୍ରାଣମସ୍ଥ ଏବଂ ଜଡ଼ରୂପ ପ୍ରକାଶ ହୋଇଥିବାରୁ, ଏହି ବଶ୍ୱକଗତକୁ ମଧ୍ୟ ଆମେ ଏପରି ଏକ ପରମ ଅସ୍ତିତ୍ୱର କ୍ରୀଡ଼ା, ରୂପାସ୍ଥନ ଏବଂ ଆତ୍ମା ତଥା ପ୍ରକୃତିଗତ ବଶ୍ୱମସ୍ଥ ଅଭିବ୍ୟକ୍ତ ବୋଲି କହିପାରିବା, ଯାହାକି ଶକ୍ତି ଓ ଜଡ଼ୋପାଦାନ ଦ୍ୱାରା କୌଣସିପ୍ରକାରେ ପ୍ରସୀମିତ ହୋଇ ରହି ନାହିଁ, କୌଣସି ଜ୍ଞବନା, ନାମ ବା ରୂପ ଦ୍ୱାରା ପ୍ରସୀମିତ ହୋଇ ରହି ନାହିଁ ଏବଂ ପ୍ରକୃତି ତଥା ପୁରୁଷ ମଧ୍ୟରେ ରହିଥିବା ସେହି ମୌଳିକ ବଭେଦଟି ଦ୍ୱାରା ମଧ୍ୟ ପ୍ରସୀମିତ ହୋଇ ରହି ନାହିଁ । ଆମର ପରମାତ୍ମସତ୍ତା ଏବଂ ଏହି ବଶ୍ୱକଗତର ପ୍ରକାଶରୂପ ଧାରଣ କରିଥିବା ପରମ ଅସ୍ତିତ୍ୱ ଉଭୟଙ୍କୁ ଆମେ ପରସ୍ପରଠାରୁ ଅଭିନ୍ନ କେବଳ ସେହି ଗୋଟିଏ ଚତ୍ତସ୍ଥତା, ଗୋଟିଏ ଆତ୍ମସତ୍ତା ଓ ଗୋଟିଏ ଅସ୍ତିତ୍ୱ ବୋଲିହିଁ କହିବା । ବ୍ୟକ୍ତିସତ୍ତାକୁ ଆମେ ସ୍ୱଭାବତଃ ସେହି ବଶ୍ୱଗତ ପରମସତ୍ତାରହିଁ ଏକ ଅଭିବ୍ୟକ୍ତି ବୋଲି କହିବା, ଚଦ୍‌ଗତ ଭୂମି ଉପରେ ସେହି ପରମ ବଶ୍ୱାତୀତତାରୁ ନିଷ୍ପନ୍ନ ହୋଇ ଆସିଥିବା ଏକ ରୂପ ବୋଲି କହିବା । କାରଣ ଯେତେବେଳେ ବ୍ୟକ୍ତିସତ୍ତା ଆପଣା ଆତ୍ମସତ୍ତାର ଯଥାର୍ଥ ସ୍ୱରୂପତ୍ତ ପାଇବ, ସେତେବେଳେ ସେ ଏକଥାଟି ମଧ୍ୟ ଜାଣିବାକୁ ସମର୍ଥ ହେବ ଯେ ତା'ର ଏହି ପ୍ରକୃତିନିରୂପିତ ବ୍ୟକ୍ତିତ୍ୱ ଅର୍ଥାତ୍ ଏହି ବସ୍ତୁତଃ ବ୍ୟକ୍ତିଭାବାପନ୍ନତାଟି ପ୍ରକୃତରେ ତା'ର ଅସଲ ଆତ୍ମସତ୍ତା ନୁହେଁ; ମାନ, ଅନ୍ୟ ବ୍ୟକ୍ତିସତ୍ତାଗୁଡ଼ିକ ସହିତ

'oaob.nitrkl.ac.in' images reprocessed

ଏବଂ ପ୍ରକୃତ ସହଜ ରହିଥିବା ତା'ର ସମ୍ପର୍କଗୁଡ଼ିକର ଭୂମି ଉପରେ ତା'ର ଆତ୍ମସତ୍ତା ହେଉଛି ଏକ ବଣ୍ଟଗତ ସତ୍ତା; ଏବଂ ତାହାର ଉର୍ଦ୍ଧ୍ୱାସ୍ଥନର ଭୂମି ଉପରେ ବସ୍ତୁର ଜଲେ ତାହା ହେଉଛି ଏକ ବଣ୍ଟାପ୍ତତ ପରମ ଚଦ୍‌ଗତଭାବରୁ ଏକ ଅଂଶ, ତାହାର ଗୋଟିଏ ଜୀବନମସ୍ୱ ସମ୍ପୃଖ୍ତ୍ୱଗ ।

ଏହି ସତ୍ତୋଚ ପରମ ଅସ୍ତିତ୍ୱ ବ୍ୟକ୍ତ ଅଥବା ବଣ୍ଟ ଦ୍ୱାରା ଅଦୌ କୌଣସିପ୍ରକାରେ ପ୍ରସୀମିତ ହୋଇ ରହୁ ନାହିଁ । ତେଣୁ କୌଣସି ଏକ ଆଧାତ୍ମିକ ଜ୍ଞାନୋପଲବ୍ଧି ପରମ ଚଦ୍‌ଗତଭାର ଏହି ଦୁଇଟିଯାକ ବସ୍ତବ ବା ସ୍ୱାମର୍ଥ୍ୟକୁ ଅତଃମ କରି ବେଶ୍ ଗୁଲଯାଇ ପାରିବ ଅଥବା ସେଗୁଡ଼ିକୁ ଏକାବେଳକେ ବଲୁପ୍ତ ବ କରି ଦେଇପାରିବ, ଏବଂ ଏକାନ୍ତ ବଣ୍ଟୋତୀର୍ଣ୍ଣ କୌଣସି ଏକ ଉତ୍ତୁର କଲ୍ପନାରେ ବେଶ୍ ଉପଗତ ହୋଇପାରିବ; ସକଳ ନାମ ଓ ଫଳାର ତାହାରେ ରହିଥିବା ଓ ମନର ଜ୍ଞାନଗୋଚର ଉତରେ ଧଗ୍ ଦେଇ ନଥିବା ଏକ ବଣ୍ଟୁତ ପରମ ନିର୍ବିଶେଷତା ପାଖରେ ଯାଇ ପହଞ୍ଚି ପାରିବ । ଜ୍ଞାନର ପାରମାର୍ଥିକ ମାର୍ଗ ବ୍ୟକ୍ତ ଓ ବଣ୍ଟ ଦୁଇଟିକୁ କାଟିଦେଇ ଗୁଲଯାଏ । ଏବଂ ତାହା ଏକ ଲକ୍ଷଣରହିତ, ଫଳାରହିତ ଏବଂ ସମ୍ପର୍କରହିତ ପରମ ନିର୍ବିଶେଷଙ୍କର ସନ୍ଧାନ କରୁଥାଏ, କେବଳ 'ନେତ ନେତ' କହି ଅଗ୍ରସର ହେଉଥାଏ । ଏବଂ ତଥାପି ଆମେ ସେହି ଏକାନ୍ତ ନିର୍ବିଶେଷକୁ ପରମ ଏକ ବୋଲି ବ କହିପାରିବା, ପରମ ଅନନ୍ତ ବୋଲି କହିପାରିବା, ପରମ ଓ ଅନଂତଜ୍ଞାସ୍ୱ ଆନନ୍ଦ, ଚୈତନ୍ୟ ଏବଂ ସତ୍ତ୍ୱ ବୋଲି ମଧ୍ୟ କହିପାରିବା । ସିଏ ଆମର ମନର ଜାଣିବା ଲଗି ଅଗୋଚର ହୋଇ ରହିଛନ୍ତି ସତ୍ତ, ମାତ୍ର ଆମର ଏହି ବ୍ୟକ୍ତସତ୍ତାର ମଧ୍ୟଦେଇ ଏବଂ ଏହି ବଣ୍ଟଜଗତର କେତେକେତେ ନାମ ତଥା ରୂପର ମଧ୍ୟଦେଇ ଆମେ ବ୍ରହ୍ମରୂପୀ ସେହି ପରମ ଆତ୍ମାଙ୍କର ଉପଲବ୍ଧି ଦିଗରେ ଅଧିକରୁ ଅଧିକ ଆଗକୁ ଯାଇପାରିବା । ଏବଂ ଆତ୍ମସତ୍ତାର ଯଥାର୍ଥ ଉପଲବ୍ଧି କଲ ଆମେ ଏହି ପରମ ଓ ଏକାନ୍ତ ନିର୍ବିଶେଷକୁ ମଧ୍ୟ କେତେକ ପରମାଣରେ ଅବଶ୍ୟ ଉପଲବ୍ଧି କରିବା, ଆମର ଯଥାର୍ଥ ଆତ୍ମସତ୍ତାକୁ ସେହି ପରମ ନିର୍ବିଶେଷଙ୍କର ସ୍ୱରୂପ ବୋଲି ଜାଣିବାକୁ ପାଇବା । ସକଳ ପ୍ରସୀମନର ଅତୀତ ଏକ ବଣ୍ଟୋତୀର୍ଣ୍ଣ ପରମ ନିର୍ବିଶେଷର କୌଣସି କଲ୍ପନା କରି ପାରିବାକୁ ହେଲେ ଓ ସେହି କଲ୍ପନା ଦେଇ ତାହାକୁ ଧରି ପାରିବାକୁ ହେଲେ ଆମର ମନ ଏହିସବୁ ଅଉଧା ଓ ଆପ୍ରୋପର ସାହାଯ୍ୟ ନେବାକୁ ବାଧ ହୋଇଥାଏ । ମାତ୍ର ଆପଣାର ଏହିସବୁ ସ୍ୱରତତ ଫଳା ଓ ସୀମିତ ଅନୁଭବଗୁଡ଼ିକ ମଧ୍ୟରେ ଛଦ୍‌ହୋଇ ଜଡିବାକୁ ହେଲେ ମନ ଲଗି 'ନେତ'ର ମାର୍ଗଟି ଅନ୍ୟନ୍ତ ଅପରହାର୍ଯ୍ୟ ହୋଇପଡ଼େ ଏବଂ ଏକ ଅସ୍ପଷ୍ଟ ପରମ ଅନିର୍ଦ୍ଦିଷ୍ଟକୁ ସରଣୀ କରି ସେ ପରମ ଅନନ୍ତଙ୍କ ମଧ୍ୟକୁ ପଳାୟନ କରିବାକୁ ବାଧ ହୋଇଥାଏ । କାରଣ ମନ ଏପର କେତେଗୁଡ଼ିଏ ବରଚନା ଓ ପ୍ରତିଜଧିମୂଳକ

'oaob.nitrkl.ac.in' images reprocessed

ଫଳଲ୍ଗନାର ଏକ ବଦ୍ଧ କାଗ୍ରଗାର ମଧ୍ୟରେ ବାସ କରୁଥାଏ, ସେଉଁଗୁଡ଼ିକର କ ତା'ର ଆପଣା ଜିସ୍ୱାଟି ସକାଶେ ନଷ୍ଟସ୍ୱ ଏକ ଆବଶ୍ୟକତା ରହିଥାଏ ସତ, ମାନ ସେଗୁଡ଼ିକୁ କଦାପି ଜଡ଼, ପ୍ରାଣ, ମନ ଅଥବା ଚନ୍ତସ୍ୱତାର ମଧ୍ୟ ସ୍ୱସ୍ୱଂଭବ ସତ୍ତ୍ୟ ବୋଲ୍ କୁହାଯାଇ ପାରେ ନାହିଁ । ମାନ ଏହି ମନୋରତ ସୀମାନ୍ତବର୍ତ୍ତୀ ଅର୍ଦ୍ଧାଲୋକଟିକୁ ପାର ହୋଇ ଆମେ ଯେତେବେଳେ ଅତମାନସ ଜ୍ଞାନର ସେହି ପୂର୍ଣ୍ଣପ୍ରସାରତ ଭୂମିଟି ମଧ୍ୟକୁ ଚ୍ଲି ଯାଇପାରୁ, ସେତେବେଳେ ସେହି ଅଭିଧା ତଥା ଆପ୍ତେପଗୁଡ଼ିକ ଆଉ ଆଗ ପଣ ଅପଣହାର୍ଯ୍ୟ ହୋଇ କଦାପି ରହିନ୍ତ ନାହିଁ । ପରମ ଅନନ୍ତସତ୍ ବଷସ୍ୱରେ ଅତମାନସର ଯେଉଁ ଅନୁଭୂତ ରହିଥାଏ, ତାହା ହେଉଛି ଅନ୍ୟପ୍ରକାର ଏକ ସ୍ୱତନ୍ତ୍ର ଅନୁଭୂତି, ତାହା ଏକ ଜ୍ଞବାସ୍ପକ, ଅପରୋକ୍ଷ ଏବଂ ଜାତ୍ୟନ୍ତ ଅନୁଭୂତି । ପରମ ନର୍ବିଶେସ ବ୍ୟକ୍ତତ୍ୱବାପନ୍ନତା ଏବଂ ନୈଙ୍ଗ୍ୟକତା ଉଭସ୍ୱର ଅଞ୍ଚତ ହୋଇ ରହିଛନ୍ତି ସତ, ମାନ ତଥାପି ସେ ପରମ ନୈଙ୍ଗ୍ୟକତା ହୋଇ ରହିଛନ୍ତି, ପରମ ବ୍ୟକ୍ତ ହୋଇ ରହିଛନ୍ତି ଏବଂ ସ୍ୱଂ ବ୍ୟକ୍ତ ହୋଇ ରହିଛନ୍ତି । ଏକତ୍ୱ ଏବଂ ଅନେକତ୍ୱଗତ ଯାବତ୍ତାସ୍ୱ ଭେଦର ଅତୀତ ହୋଇ ପରମ ନର୍ବିଶେସ ଅବସ୍ଥିତ ରହିଛନ୍ତି ସତ, ମାନ ସକଳ ବଶ୍ୱ ଓ ସକଳ ଜଗତରେ ସେ ତଥାପି ପରମ ଏକ ହୋଇ ରହିଛନ୍ତି ଏବଂ ଗଣନାତୀତ ପରମ ଅନେକ ବ ହୋଇ ରହିଛନ୍ତି । ସେ ଗୁଣ ଦ୍ୱାସ୍ ଜସ୍ ଯାଇଥିବା ଯାବତ୍ତାସ୍ୱ ସୀମା ଓ ସଙ୍କୋଚନର ଅତୀତ ହୋଇ ରହିଛନ୍ତି, ମାନ ତଥାପି ଗୁଣରହିତ କୌଣସି ଶୂନ୍ୟତା ମଧ୍ୟରେ ସେ କଦାପି ସୀମାବଦ୍ଧ ହୋଇ ରହି ନାହାନ୍ତି ଏବଂ ଅନନ୍ତ ଯାବତ୍ତାସ୍ୱ ଗୁଣରୂପେ ମଧ୍ୟ ପ୍ରତିଷ୍ଠିତ ରହିଛନ୍ତି । ସିଏ ବ୍ୟକ୍ତର ଆତ୍ମା ହୋଇ ରହିଛନ୍ତି, ସଂଘାସ୍ୱରୂପ ହୋଇ ରହିଛନ୍ତି ଏବଂ ସେଗୁଡ଼ିକଠାରୁ ଅଧିକ ହୋଇ ମଧ୍ୟ ରହିଛନ୍ତି । ସିଏ ଜଗତ୍କାର ବ୍ରହ୍ମ ହୋଇ ରହିଛନ୍ତି, ପୁଣି ଏହି ବଶ୍ୱଜଗତର ରୂପକୁ ମଧ୍ୟ ଧାରଣ କରିଛନ୍ତି । ତାହାଙ୍କୁ ଆମେ ବଶ୍ୱମସ୍ୱ ଚିଦ୍ଜଡତା ବୋଲ୍ କହିବା, ବଶ୍ୱାତୀତ ଚିଦ୍ଜଡତା ବୋଲ୍ କହିବା, ପରମ ପ୍ରଭୁ ବୋଲ୍ କହିବା, ପରମାତ୍ମା ବୋଲ୍ କହିବା, ପରମ ପୁରୁସ ଏବଂ ପରମା ଶକ୍ତି ବୋଲ୍ ବ କହିବା । ସିଏ ହେଉଛନ୍ତି ପରମ ଅଜ ଓ ପରମ ଶାଶ୍ୱତ, ସିଏକ ଅଶେସ ଜ୍ଞତରେ ଜନ୍ମ ନେବାରେ ଲଗିଛନ୍ତି; ସିଏ ହେଉଛନ୍ତି ପରମ ଅନନ୍ତ, ସିଏକ ଗଣନାତୀତ ଜ୍ଞତରେ ଅନ୍ତବଶିଷ୍ଟ ହୋଇ ରହିଛନ୍ତି । ଅଗଣିତ ଅନେକ ଆକାରରେ ସେଇ ହେଉଛନ୍ତି ପରମ ଏକ, ଯାବତ୍ତାସ୍ୱ ଜଟିଳତ୍ୱତନା ମଧ୍ୟରେ ସେଇ ପରମ ସହଜ ଓ ପରମ ସରଳ, ଅନେକ ପାର୍ଶ୍ୱବଶିଷ୍ଟ ପାର୍ଶ୍ୱହୀନ ପରମ ଅଦ୍ୱସ୍ୱ, ପରମ ଶତାତୀତ ଏବଂ ପରମ ଅନନ୍ତଚମାସ୍ୱଙ୍କର ପରମ ଶତ, ସକଳ ବ୍ୟକ୍ତତ୍ୱତର ଅତୀତ ସଂଜ୍ଞାବର୍ଜିତ ପରମ ବ୍ୟକ୍ତ । ସିଏ ହେଉଛନ୍ତି ସେହି ପରମ ରହସ୍ୟ; ଚେତନାର ସଙ୍କୋଚ ଭୂମିରେ ସେ ଆପଣା ଚିଦ୍ଜଡତାର ଆଲୋକକୁ ଆପଣା ମଧ୍ୟଦେଇ ବଳ୍ପ୍ରଭ କରି

'oaob.nitrkl.ac.in' images reprocessed

ଦେଇଛନ୍ତି, ମାନ ଏକ ଜନ୍ମରୁ ଜନ୍ମାନ୍ତରକୁ ଚେତନା ଲଭି ଆପଣାର ଅଜସ୍ରାବନତାପ୍ତ ଅଜ୍ଞେକ ମଧ୍ୟରେ ଆବରଣସ୍ଥ ହୋଇ ରହିଛନ୍ତି ଏବଂ ଚରତାଳ ଲଭି ଅଭେଦ୍ୟ ହୋଇ ରହିଛନ୍ତି । ଆମର ସୀମାସିଦ୍ଧ ମନକୁ ଏସବୁ କେବଳ ସକଳ ସମୟପ୍ରତାର ଅସାଧ୍ୟ ନାନା ବସସ୍ତୁତତା ବୋଲିହିଁ ପ୍ରତୀତ ହେଉଛୁ; ମାନ ଅନ୍ତମାନସ ପରମ ଋତ-ଚତ୍ତର ସତତ ଦୃଷ୍ଟି ଏବଂ ଅନୁଭୂତ ସେଗୁଡ଼ିକୁ ଏତେ ସହଜ ଓ ଅନବାର୍ଯ୍ୟ ଭାବରେ ପରସ୍ପରର ମର୍ମଗତ ସତ୍ତ୍ୱବରୂପେ ପ୍ରତ୍ୟକ୍ଷ କରିପାରୁଛୁ ଯେ ସେଗୁଡ଼ିକୁ ପରସ୍ପରର ବରୋଧୀ ବୋଲି ଚନ୍ତା କରିବାକୁ ମଧ୍ୟ ଏକ ଅକଲ୍ପନୀୟ ଜନ୍ମମଭଙ୍ଗ ବୋଲି ପରଦୃଷ୍ଟ ହେଉଛୁ । କେବଳ ମାପିଦେଇ ଗୋଟିକୁ ଆରଟିରୁ ଭିନ୍ନ ବୋଲି ଦେଖାଇ ଦେଇଥିବା ବୁଦ୍ଧି ଦ୍ୱାରା ରଚତ ଯାବତୀୟ ପ୍ରାଚୀର ସେଠାରେ ଭୁଆଡ଼େ ଅନ୍ତର୍ହିତ ହୋଇ ରହିଛନ୍ତି ଏବଂ ପରମ ସତ୍ୟ ଆପଣାର ସ୍ୱଜ୍ୟୋତି ସହଜତା ଭଳା ସୌନର୍ଯ୍ୟ ସହତ ଆବର୍ଭୂତ ହେଉଛୁ ଓ ସକଳ ବସସ୍ତୁକୁ ତା'ର ଆପଣାର ସୌଷମ୍ୟ, ଏକତ୍ୱ ଓ ଆଲ୍ଲେକର ଭୂମିରେହିଁ ଆଣି ପ୍ରତଷ୍ଠିତ କରିଦେଉଛୁ । ସେଠାରେ ମଧ୍ୟ ସୀମା ରହୁଛୁ, ଭେଦାନରୂପଣ ବ ରହୁଛୁ; ମାନ କେବଳ ବ୍ୟାବହାରକ କ୍ଷେତ୍ରର ପ୍ରତରୂପ ହୋଇହିଁ ସେଗୁଡ଼ିକ ରହୁଛୁ,. ଆତ୍ମବସ୍ତୁରତର ଅଧୀନ ହୋଇ ରହିଥିବା ତତ୍ତ୍ୱଭଳା ଲଭି କଦାପି ଏକ ଭେଦଧର୍ମୀ ଜାତ୍ତାର ହୋଇ ରହୁ ନାହିଁ ।

ସେହି ବଶ୍ୱାତତ ପରମ ନର୍ବିଶେଷତାର ଚେତନା ଓ ବ୍ୟକ୍ତସତ୍ତ୍ୱ ଏବଂ ବଶ୍ୱସତ୍ତ୍ୱ ଉପରେ ତାହାର ପରଣାମ;—ତାହାହିଁ ଅନ୍ତମ ଜ୍ଞାନ, ତାହାହିଁ ଶାଶ୍ୱତ ଜ୍ଞାନ । ଆମର ଏହି ମନଗୁଡ଼ାକ ଭିନ୍ନଭିନ୍ନ ନାନା ସ୍ତରରେ ସେହି ଚେତନାକି ସହତ ଆଚରଣ କରିପାରନ୍ତି, ତାହାର ଉପରେ ପରସ୍ପରବିରୋଧୀ ନାନା ଦର୍ଶନର ଉତନା କରିପାରନ୍ତି, ସେହି ଜ୍ଞାନର ଗୋଟିଏ ଗୋଟିଏ ଦଗ ବା ବସ୍ତୁତତ୍ତ୍ୱକୁ ନାନା ସୀମା ଭିତରେ ଆଣି ବାନ୍ଧିଦେଇ ପାରନ୍ତି, ସେଗୁଡ଼ିକରେ କେତେପ୍ରକାର ପରବର୍ତ୍ତନ ଆଣିପାରନ୍ତି, ଗୋଟିକ ଉପରେ ଅତ୍ୟଧିକ ଜୋର୍ ଦେଇପାରନ୍ତି ଏବଂ ଆଉଗୋଟିକ ଉପରେ ତୁଏତ କମ୍ ଜୋର୍ ବ ଦେଇପାରନ୍ତି ଏବଂ ସେଥିରୁ କେତେ କେତେ ସତ୍ୟ ବା ଭ୍ରମରେ ଆସି ଉପନୀତ ହୋଇପାରନ୍ତି । ମାନ ବୁଦ୍ଧି ଦେଇ ଯେତେ ହେରଫେର କଲେ କିମ୍ବା ନାନା ଅପୂର୍ଣ୍ଣସତ୍ୟର ଯେତେଯାହା ବସ୍ୟାନ ଜଲେ ମଧ୍ୟ ତଦ୍ୱାରା ଏହି ତରମ ସତ୍ୟଟିରେ କଦାପି କୌଣସି ପାର୍ଥକ୍ୟ ଘଟିତ ନାହିଁ ଯେ ଯଦି ଆମେ ଆମର ଜ୍ଞବନ ଏବଂ ଅନୁଭୂତକୁ ସେଗୁଡ଼ିକର ସମ୍ଭାବ୍ୟ ସୀମାଯାଏ ସାଙ୍ଗରେ ଧରି ଅଗସର ହୋଇପାରିବା, ତେବେ ସେମାନେ ଶେଷରେ ଆମକୁ ଠିକ୍ ଏହି ଜ୍ଞାନଟିରେହିଁ ଆଣି ଉପନୀତ କରାଇଦେବେ । ଅଧ୍ୟାତ୍ମଜ୍ଞାନର ଏକ ଯୋଗର ଆସ୍ପଦ ଦ୍ୱାରାବରେ ଏହି ଶାଶ୍ୱତ ପରମ ସତ୍ୟ ଓ ପରମ ଆତ୍ମା ବ୍ୟତୀତ ଆଉ କୌଣସି ଅନ୍ୟ ବସସ୍ତୁର ଚନ୍ତାହିଁ କରାଇ ପାରିବ ନାହିଁ । ସେହି ଆସ୍ପଦ କବୁଲେ ଏହି ତ୍ରିତ୍ୱକୁହିଁ ତୁଟାଇବ, ଏବଂ

'oaob.nitrkl.ac.in' images reprocessed

ଏହି ବିଶ୍ୱୋତ୍ତୀର୍ଣ୍ଣ ପରମ ସତ୍ତାଙ୍କୁହିଁ ବୁଝାଇବ ଯିଏକ ସବୁର ଉପରେ ଏବଂ ସବୁର ମଧ୍ୟରେ ଅଧିଷ୍ଠିତ ରହିଛନ୍ତି; ଯିଏ ବ୍ୟକ୍ତ ମଧ୍ୟରେ ଆସି ବ୍ୟକ୍ତ ହୋଇଛନ୍ତି, ତଥାପି ଗୁପ୍ତ ହୋଇ ରହିଛନ୍ତି; ଏହି ବିଶ୍ୱରେ ଯାହାଙ୍କର ପ୍ରକାଶ ଘଟିଛି, ଅଥଚ ଯିଏ ଏହି ବିଶ୍ୱରେ ଫଟୃତ ହୋଇ ରହିଛନ୍ତି ।

ଜ୍ଞାନମାର୍ଗର ସିଦ୍ଧିସ୍ଥଳରେ ପହଞ୍ଚି ଆମକୁ ଯେ ଆମ ପାର୍ଥିବ ଅସ୍ତିତ୍ୱଟିର ନଙ୍ଗାପନ ଘଟାଇବାକୁ ପଡ଼ିବ, ସେକଥା ଆଦୌ ନୁହେଁ । କାରଣ ଯେଉଁ ପରମସତ୍ତାଙ୍କ ମଧ୍ୟରେ ଆମେ ଆପଣାକୁ ଆଣି ନମଜ୍ଜିତ କରିଦେବା, ସେଉଁ ପରମ ନିର୍ବିଶେଷ ଓ ପରମ ବିଶ୍ୱୋତ୍ତୀର୍ଣ୍ଣଙ୍କ ମଧ୍ୟରେ ଆମେ ଯାଇ ପ୍ରବେଶ କରିବା, ତାଙ୍କର ମଧ୍ୟରେହିଁ ଆମର ଅନ୍ତଲଲିତ ପୂର୍ଣ୍ଣ ଓ ପରମ ଚେତନାଟି ଅବସ୍ଥିତ ହୋଇ ରହିଛୁ ଏବଂ ତଥାପି ସେ ସେହି ଚେତନାଟି ଦ୍ୱାରାହିଁ ଏହି ବିଶ୍ୱଜଗତରେ ତାଙ୍କର ଲୀଳାଟିକୁ ମଧ୍ୟ ସମ୍ଭାବ ରଖିଛନ୍ତି । ସେଠାରେ ପହଞ୍ଚି ପୂର୍ଣ୍ଣ ଜ୍ଞାନର ଉପଲବ୍ଧି ଦ୍ୱାରା ଆମ ପାର୍ଥିବ ଅସ୍ତିତ୍ୱଟି ତା'ର ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିଯିବ ଓ ତା'ର ପରିପୂର୍ଣ୍ଣତା ଚରିତାର୍ଥତା ଲାଭ କରିବ ଏବଂ ତେଣୁ ତା'ପରେ ଆମ ଲଗି ଆଉ କିଛିହେଲେ ପାଇବାକୁ ନଥିବ ଓ ଆମର ଜାଗତିକ ଅସ୍ତିତ୍ୱ ସେଇଠିକୁ ଆସି ଅବଶ୍ୟ ଶେଷ ହୋଇଯିବ,—ଏଭଳି ଏକ ବିଶ୍ୱାସର ଘୋଷଣା କରିବାକୁ ମଧ୍ୟ ଆମେ କଦାପି ବାଧ୍ୟ ହେବା ନାହିଁ । କାରଣ, ପାର୍ଥିବ ଅସ୍ତିତ୍ୱର ବିମୋଚନ ଘଟିବା ଦ୍ୱାରା ଏବଂ ଏକ ଅମାପ ନିଶ୍ଚଳତା ଓ ପ୍ରଶାନ୍ତିର ଉପଲବ୍ଧି ହେବା ଦ୍ୱାରା ବ୍ୟକ୍ତ ପ୍ରଥମେ ଆପଣା ଚେତନସତ୍ତାର ମର୍ମଗତ ଭୂମିରେ କେବଳ ସେହି ଶାଶ୍ୱତ ଆତ୍ମ-ଉପଲବ୍ଧିରହିଁ ଅଧିକାରୀ ହୋଇପାରିବ । ମାତ୍ର ସେହି ନିଶ୍ଚଳତାଟି ଦ୍ୱାରା କୌଣସିପ୍ରକାରେ ବିଲୁପ୍ତ ନହୋଇ ଓ ସେହି ବିମୋଚନ ଏବଂ ବିମୁକ୍ତ ସତ୍ତାଟି ଏକାତ୍ମ ରହି ସେହି କ୍ଷେତ୍ରରେ ଅନନ୍ତ ପଥରେ ଅଗ୍ରସର ହୋଇ ଯାଇଥିବା ବ୍ରହ୍ମର ଆତ୍ମ-ପରିପୂର୍ଣ୍ଣତାଟି ତଥାପି ବିଦ୍ୟମାନ ରହିଥିବ, ବ୍ୟକ୍ତ ମଧ୍ୟରେ ଏହାର ଗତିଶୀଳ ବିଶ୍ୱ ଅଭିବ୍ୟକ୍ତିଟି ସମ୍ପନ୍ନ ହେବାକୁ ତଥାପି ବାଙ୍କା ରହିଥିବ ଏବଂ ତାହାର ବର୍ତ୍ତମାନତା, ତାହାର ଦୃଷ୍ଟାନ୍ତ ତଥା ଅନ୍ୟମାନଙ୍କ ମଧ୍ୟରେ ଓ ବୃହତ୍ତର ବିଶ୍ୱଜଗତରେ ତାହାର କାର୍ଯ୍ୟଟି ମଧ୍ୟଦେଇ ବ୍ରହ୍ମ ଆପଣାକୁ ପରିପୂର୍ଣ୍ଣ କରିବାରେହିଁ ଲଗିଥିବେ । ଏହି କାର୍ଯ୍ୟଟିର ସାଧନ କରିବାକୁହିଁ ମହାପୁରୁଷମାନେ ଏହି ପୃଥିବୀରେ ରହିଥାନ୍ତି । ଆପଣାର ଅନ୍ତଃପ୍ରେରିତ ଚେତନାଟି ମଧ୍ୟରେ, କେବଳ ସାମଟିର ମିଞ୍ଜିମିଞ୍ଜି ହୋଇ ଜଳୁଥିବା ମନୋଗତ ଅନ୍ଧକାର ଭିତରେ ବେଡ଼ ଭିତରେ ବାନ୍ଧ ହୋଇ ରହିଥିବା ପର୍ଯ୍ୟନ୍ତ ଆମର ଗତିଶୀଳ ଆତ୍ମ-ପରିପୂର୍ଣ୍ଣତା କଦାପି ସିଦ୍ଧ ହୋଇପାରିବ ନାହିଁ । ବର୍ତ୍ତମାନ ସୋପାନର ଏହି ସୀମାବଦ୍ଧ ଚେତନାଟିକୁ ଆମେ କେବଳ ଏକ ପ୍ରସ୍ତୁତର କ୍ଷେତ୍ର ବୋଲି କହିପାରିବା, ତାହା ଆମକୁ କୌଣସି ପରିପୂର୍ଣ୍ଣ ସିଦ୍ଧି ଦେଇପାରିବ ନାହିଁ । କାରଣ

'oaob.nitrkl.ac.in' images reprocessed

ଏହା ଯାହାକୁ ଅଭିବ୍ୟକ୍ତ କରିବାକୁ ଚାହାଁନ୍ତି, ତାହା ଏକ ଅହଂଚେତନାଗତ ଅଜ୍ଞାନ ଓ ଭ୍ରାନ୍ତି ଦ୍ୱାରାହିଁ ଗୋଟାପୁରା କେବଳ ଲୁଚିଛପି ଯାଇଥିବ । କେବଳ ବହୁ-ଚେତନାର ଛାଡ଼ି ଛପରେହିଁ ଭାଙ୍କର ଅଭିବ୍ୟକ୍ତ ରୂପଟି ଭିତରେ ବହୁଳର ଯଥାର୍ଥ ଓ ଦିବ୍ୟ ଆତ୍ମପରିପୂର୍ତ୍ତି ସମ୍ଭବ ହୋଇପାରିବ ଏବଂ ଜୈବ୍ୟ ଜୀବନ୍ମୁକ୍ତର ଏହି ଜୀବନକୁ ସ୍ୱୀକାର କରିନେବା ଦ୍ୱାରାହିଁ ତାହା ସମ୍ଭବ ହୋଇପାରିବ ।

ସମସ୍ତ ଓ ପୂର୍ଣ୍ଣ ଜ୍ଞାନ କହିଲେ ଆମେ ଏହାକୁହିଁ ବୁଝିବା;—କାରଣ ଆମେ ଜାଣିଛୁ ଯେ ସକଳ କ୍ଷେତ୍ରରେ ତଥା ସକଳ ଅବସ୍ଥାରେ ଯଥାର୍ଥରେ ଦେଖି ପାରୁଥିବା ଆଖିକୁ ସବୁ କଥା କେବଳ ସେହି ପରମ ଏକ ହୋଇହିଁ ଦିଶିବ, ଦିବ୍ୟ ଅନୁଭବକୁ ସବୁକିଛି କେବଳ ସେହି ପରମ ଦିବ୍ୟତାରହିଁ ଏକ ବିସ୍ତାରିତ ଜଣାରୂପେ ପ୍ରତିଭାତ ହୋଇ ଛଡିବ । କେବଳ ଆମର ଏହି ମନଃହିଁ ନଜ ଭାବନା ଏବଂ ଆକାଙ୍କ୍ଷାର ତାତ୍କାଳିକ ପୂର୍ବଧା ଦୃଷ୍ଟିରୁ କଠୋର ବସ୍ତୁଜଗତର ଏକ କୃତ୍ରିମ ସୀମାରେଖା ଟାଣି ରଖିବାକୁ ଲେଉଡ଼ି ଚୁଲୁଥାଏ, ସେହି ଶାଶ୍ୱତ ଏକତ୍ୱର ଏ ବସ୍ତୁବ ଓ ସେ ବସ୍ତୁବଟି ମଧ୍ୟରେ ଏକ ତରତ୍ମାୟୀ ଅସମଞ୍ଜସତା ପ୍ରତିଷ୍ଠା କରି ରଖିବାକୁ ଭଲ୍ପନା କରି ବୁଲୁଥାଏ । ଫସାର ଭିତରେ ବାନ୍ଧହୋଇ ରହିଥିବା ଆତ୍ମା ଓ ଅଜ୍ଞାନଗ୍ରସ୍ତ ମନ ଏହି ଜଗତରେ ଯେତିକ ପରିମାଣରେ ଜୀବନ ବଞ୍ଚେ ଓ ଯେତିକ କାର୍ଯ୍ୟ କରେ, ବନ୍ଧନମୁକ୍ତ ଜ୍ଞାନୀ ତାହାଠାରୁ ଆଦୌ କମ୍ ପରିମାଣରେ ଜୀବନ ବଞ୍ଚେ ନାହିଁ ଅଥବା କମ୍ କାର୍ଯ୍ୟ କରେ ନାହିଁ; ସିଏ ଅଧିକ ପରିମାଣରେ ଜୀବନ ବଞ୍ଚେ ଓ ଅଧିକ କାର୍ଯ୍ୟ କରୁଥାଏ । ସିଏ ସକଳ କାର୍ଯ୍ୟ କରୁଥାଏ, ସଂକୁଚିତ ହୋଇ ରହିଥାଏ; କେବଳ ଏକ ଯଥାର୍ଥ ଜ୍ଞାନ ଏବଂ ଏକ ବୃହତ୍ତର ସଚେତନ ସାମର୍ଥ୍ୟ ସହିତହିଁ କାର୍ଯ୍ୟ କରୁଥାଏ । ଏବଂ ଏସବୁ କରିବା ଦ୍ୱାରା ସେ ପରମ ଏକତ୍ୱର ବୋଧଟିକୁ କଦାପି ହରାଇ ପକାଏ ନାହିଁ କିମ୍ବା ପରମ ଚେତନା ତଥା ସଂଜ୍ଞାନରୁ ସ୍ଖଳିତ ହୋଇପଡ଼େ ନାହିଁ । କାରଣ, ବର୍ତ୍ତମାନ ଆମର ଆଖି ଲୁଚି ଯେତେ ଅନ୍ତରାଳ ଓ ଗୁପ୍ତ ହୋଇ ରହିଥିଲେ ମଧ୍ୟ ପରମ ସତ୍ତା ଏଇଠି ଏହି ଜଗତ ମଧ୍ୟରେହିଁ ଅବସ୍ଥିତ ରହିଛନ୍ତି; ଶୁଦ୍ଧତମ ସେହି ଅନନ୍ତଚୈତନ୍ୟ ଆତ୍ମା-ନିବାସନ ଅର୍ଥାତ୍ ଅନୁତ୍ତାରତମ ନିବାସର ଅବସ୍ଥାରେ ରହିଥିଲେ ସେ ତୁଏତ ଯେଉଁପରି ଭାବରେ ରହି ପାରିଥାନ୍ତେ, ଏଠାରେ ସେ ଠିକ୍ ସେହିପରି ଭାବରେହିଁ ରହିଛନ୍ତି ।

'oaob.nitrkl.ac.in' images reprocessed

ଦ୍ୱିତୀୟ ପରିଚ୍ଛେଦ

ଜ୍ଞାନର ସ୍ଥାନ

ସେହି ପରମ ଆତ୍ମସତ୍ତା, ପରମ ଦିବ୍ୟତା, ପରମ ସତ୍ୟ, ପରମ ସ୍ୱଂରୂପ ଓ ପରମ ବଶ୍ୱୋତ୍ତୀର୍ଣ୍ଣ;—ତାଙ୍କର ଏହି ସକଳ ବସ୍ତୁବରେ ତେବେ ସେହି ପରମ ଏକ ହେଇଛନ୍ତି ଯୋଗଗତ ଯାବତୀୟ ଜ୍ଞାନର ଏକମାତ୍ର ଆସ୍ପଦ। ଅନ୍ୟ ସାଧାରଣ ଯାବତୀୟ ବସ୍ତୁ, ପ୍ରାଣ ଓ ଜଡ଼ଗତ ବାହ୍ୟ ଯାବତୀୟ ପ୍ରତୀତ୍ୟପ୍ସ, ଆମର ଯାବତୀୟ ଜ୍ଞବନା ଓ ଚିନ୍ତାର ମନୋଭୂମିଗତ ଅବଭାରଣା ଏବଂ ବହିଃଦୃଶ୍ୟ ଏହି ବଶ୍ୱଜଗତର ଶକ୍ତଗୁଡ଼ିକ ବସ୍ତୁରେ ଆମର ଯାବତୀୟ ଅବବୋଧ;—ଏଗୁଡ଼ିକ ସେହି ଜ୍ଞାନର ଏକ ଅଂଶ ଅବଶ୍ୟ ହୋଇପାରନ୍ତି; ମାତ୍ର କେବଳ ସେହି ପରମ ଏକର ଅଭିବ୍ୟକ୍ତିର ରୋଚିଏ ଅଂଶ ହିସାବରେହିଁ ସେଗୁଡ଼ିକ ତାହା ହୋଇପାରିବେ। ଏଥିରୁ ସଙ୍ଗେସଙ୍ଗେ ସ୍ପଷ୍ଟ ହୋଇଯିବ ଯେ ଲୋକେ ସାଧାରଣତଃ ଏହି ଶବ୍ଦଟି ଦ୍ୱାରା ଯାହା ବୁଝିଥାନ୍ତି, ଯୋଗ ଦ୍ୱାରା ଅଭିଲଷିତ ଜ୍ଞାନ ତାହାଠାରୁ ଏକାବେଳକେ ଭିନ୍ନ ହେବାକୁହିଁ ବାଧ୍ୟ ହେବ। କାରଣ ଜ୍ଞାନ କହିଲେ ଆମେ ସାଧାରଣତଃ ପ୍ରାଣ, ମନ ଏବଂ ଜଡ଼ବେଷୟିକ କେତୋଟି ବ୍ୟାପାର ଏବଂ ସେଗୁଡ଼ିକୁ ନିୟନ୍ତ୍ରିତ କରୁଥିବା ବଧାନଗୁଡ଼ିକର ଏକ ବୁଦ୍ଧିଗତ ବୋଧକୁହିଁ ବୁଝିଥାଉ। ଆମର ଇନ୍ଦ୍ରିୟବୋଧ ଏବଂ ଇନ୍ଦ୍ରିୟବୋଧଜନିତ ବୁଦ୍ଧିଗତ ବଶ୍ଳେଷଣ। ଉପରେହିଁ ଏହି ଜ୍ଞାନଟି ପରିକଳ୍ପିତ ରହିଥାଏ ଏବଂ ଅଂଶତଃ କେବଳ ଆମ ବୁଦ୍ଧିର ସନ୍ତୋଷଜନକ ସକାଶେ ଏବଂ ଅଂଶତଃ ଏହାର ବ୍ୟାବହାରିକ କାର୍ଯ୍ୟସାଧକତା ସକାଶେହିଁ ଏହି ଜ୍ଞାନର ଆଶ୍ରୟ ନଆ ଯାଇଥାଏ। ଆମର ଆପଣା ଜୀବନ ତଥା ଅନ୍ୟମାନଙ୍କର ଜୀବନକୁ ଆବଶ୍ୟକ ବସ୍ତୁରେ ବ୍ୟବସ୍ଥାବଦ୍ଧ କରି ରଖିବାରେ, ପ୍ରକୃତିର ପ୍ରକୃତ ଅଥବା ପ୍ରଚ୍ଛନ୍ନ ଶକ୍ତଗୁଡ଼ିକୁ ମନୁଷ୍ୟର ନାନା କାର୍ଯ୍ୟସାଧନରେ ଆଣି ଲଗାଇ ପାରିବାରେ ଏବଂ ଆମର ପ୍ରତିବେଶୀ ଓ ସହଯୁଗୀ ଅନ୍ୟ ମଣିଷମାନଙ୍କୁ ସାହାଯ୍ୟ ଅଥବା ଆଘାତ କରିବାରେ, ସେମାନଙ୍କର ଜୀବନରକ୍ଷା କରିବାରେ ଓ ସେମାନଙ୍କର ଜୀବନମାନକୁ ଉନ୍ନତ କରିବାରେ ଅଥବା ସେମାନଙ୍କୁ ଅତ୍ୟାସ୍ଥରିତ କରି ରଖିବାରେ ଓ ସେମାନଙ୍କର ଜୀବନନାଶ କରିବାରେ ଏହି ଜ୍ଞାନ

'oaob.nitrkl.ac.in' images reprocessed

ଆମକୁ ଯେଉଁ ଅଧିକ ସାମର୍ଥ୍ୟଟି ଆଣି ଦେଇଥାଏ, ସେଇଥି ପକାଶେଇଁ ଏହି ଜ୍ଞାନର ସାହାଯ୍ୟ ନଆ ଯାଇଥାଏ । ଯୋଉର ସେଣ୍ଟଟିକୁ ଜଦନର ସମସ୍ତ ସେଣ୍ଟଟି ସହିତ ଆମେ ସମବ୍ୟାପ୍ତ ଦୋଲ୍ କହିପାରିବା ଏବଂ ଏଥିରେ ଏହି ସକଳ ବିଷୟ ଓ ଉଦ୍ଦେଶ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ ବ କରିଯାଇ ପାରିବ । ଏପରି ଏକ ଯୋଗ* ବ ରହିଛି, ଯାହାକୁ କ ଆତ୍ମ-ଅପଚୟ ପକାଶେ ବ୍ୟବହାର କରିଯାଇ ପାରିବ, ଆତ୍ମନଂ ଲଗି ବ ବ୍ୟବହାର କରିଯାଇ ପାରିବ; ଅନ୍ୟମାନଙ୍କୁ ଆଘାତ ଦେବା ପକାଶେ ବ୍ୟବହାର କରିଯାଇ ପାରିବ, ପୁଣି ସେମାନଙ୍କର ପରିତାଣ ଲଗି ମଧ୍ୟ ବ୍ୟବହାର କରିଯାଇ ପାରିବ । ମାତ୍ର ମନୁଷ୍ୟସମାଜ ବର୍ତ୍ତମାନ ଯେପରି ସ୍ତରରେ ଜୀବନଯାପନ କରୁଛି ଓ ଯାହାକୁହିଁ ଜୀବନ ଦୋଲ୍ କହିଛି, 'ସମସ୍ତ ଜୀବନ' କହିଲେ କେବଳ ତାହାକୁହିଁ କଦାପି ବୁଝାଏ ନାହିଁ; ଏପରକ ପ୍ରଧାନତଃ ବ ତାହାକୁହିଁ ବୁଝାଏ ନାହିଁ । ମାତ୍ର ଅପର ପକ୍ଷରେ ଏହା ଏକ ଉଚ୍ଚତର ଓ ଯଥାର୍ଥ ସ୍ତରରେ ସଚେତନ ଅସ୍ତିତ୍ୱକୁହିଁ ଅପଣାର ଦୃଷ୍ଟି ସମକ୍ଷରେ ଉତ୍ତୋଳିତ କରି ରଖିଥାଏ ଓ ତାହାକୁହିଁ ଅପଣାର ଯଥାର୍ଥ ଲକ୍ଷ୍ୟରୂପେ ଗ୍ରହଣ କରିଥାଏ; ବର୍ତ୍ତମାନ ସୋପାନର ଆମର ଏହି ଅର୍ଦ୍ଧଚେତନ ମନୁଷ୍ୟତା ଏପର୍ଯ୍ୟନ୍ତ ସେହି ଅସ୍ତିତ୍ୱର ଅଧିକାଶ୍ଚ ହୋଇପାରି ନାହିଁ ଏବଂ କେବଳ ଏକ ଆତ୍ମ-ଅତିକ୍ରମକାଶ୍ଚ ଊର୍ଦ୍ଧ୍ୱାରୋହଣ ଦ୍ୱାରାହିଁ ତାହା ସେଠାରେ ଯାଇ ଉପସ୍ଥିତ ହୋଇପାରିବ । ଏହି ବୃହତ୍ତର ଚେତନା ଏବଂ ଉଚ୍ଚତର ଅସ୍ତିତ୍ୱକୁହିଁ ଆମେ ଯୋଗସାଧନାର ଉଦ୍ଦେଶ୍ୟ ଏବଂ ଯଥାର୍ଥ ଲକ୍ଷ୍ୟ ବୋଲ୍ କହିପାରିବା ।

ମାତ୍ର ଏହି ବୃହତ୍ତର ଚେତନା ଏବଂ ଉଚ୍ଚତର ଅସ୍ତିତ୍ୱ କହିଲେ ଆମେ କଦାପି ଏକ ସଂପ୍ତ ଅଥବା ଆଲୋକିତ ମନୋଭୂମିଗତ ଅସ୍ତିତ୍ୱକୁହିଁ ବୁଝିବା ନାହିଁ ଯାହାକ ଏକ ବୃହତ୍ତର ଉତ୍ତଶୀଳ ଶକ୍ତି ଦ୍ୱାରା ପୃଷ୍ଟ ହୋଇ ରହିଥିବ ଅଥବା ଏକ ଶୁଦ୍ଧତର ଦୈତିକ ଜୀବନ ଏବଂ ତତ୍ତ୍ୱକୁ ପୃଷ୍ଟ କରି ରଖିଥିବ । ସେହି ବୃହତ୍ତର ଚେତନା ଏବଂ ଉଚ୍ଚତର ଅସ୍ତିତ୍ୱକୁ ଯେ ଏହି ସାଧାରଣ ମାନବଚେତନାଠାରୁ ଊର୍ଦ୍ଧ୍ୱତର ସ୍ତରର ବୋଲ୍ କୁହାଯାଉଛି, କେବଳ ପରିମାଣ ଦୃଷ୍ଟିରୁ ତାହା କୁହାଯାଉ ନାହିଁ, ମାତ୍ର ଗୁଣାତ୍ମକ ଓ ମର୍ମଗତ ଦୃଷ୍ଟିରୁହିଁ ତାହା କୁହାଯାଉଛି । କାରଣ ତଦ୍ୱାରା

---

* ଯୋଗ ଶବ୍ଦର ତାତ୍ପର୍ଯ୍ୟ ଏପରି, ଏପରିକ ଆମେ ସେତେବେଳେ ସ୍ୱୟଂ ସେହି ତାତ୍ପର୍ଯ୍ୟର ଦୌଳିସି ଅନୁଭୂତି ରଖି କଥାଉ ତା ସ୍ୱତେଚ୍ଚନ ସ୍ତରରେ ସେଉଁଟିକୁ ଏକ ଲକ୍ଷ୍ୟରୂପେ ଗ୍ରହଣ କରି କଥାଉ, ସେତେବେଳେ ମଧ୍ୟ ଯୋଗ ଆମ ଭିତରେ ଏହି ଶକ୍ତିର ତାତ୍ପର୍ଯ୍ୟ ତତ୍ତ୍ୱଏ । ଏବଂ ଶବ୍ଦଟିକୁ ସଦ୍ଦତା ଏକ ଦୂରଧାର ଅସ୍ତ୍ର ବୋଲ କୁହାଯିବ, ଯାହାକୁ ତ ଅଘାତ ଦେବା ପଗି ଓ ପ୍ରାଣହାନ ଘଟାଇବା ପଗି ବ୍ୟବହାର ତତ୍ତ୍ୱଯାଇ ପାରିବ ଏବଂ ଅନ୍ୟକୁ ସାହାଯ୍ୟ କରିବା ପଗି ବା ଅନ୍ୟର ପ୍ରାଣରକ୍ଷା ପଗି ମଧ୍ୟ ବ୍ୟବହାର ତତ୍ତ୍ୱଯାଇ ପାରିବ । ମାତ୍ର ସବୁ ତାତ୍ପର୍ଯ୍ୟ ବା ଦୃଂସ୍ତସାଧନ ଯେ ଅମଙ୍ଗଳକାରକ ଅଟେ ନାହିଁ, ଏଠାରେ ସେହି କଥାଟିର ଉଲ୍ଲେଖ କରି ରଖିବାକୁ ହେବ ।

'oaob.nitrkl.ac.in' images reprocessed

ଯେଉଁ ପରିବର୍ତ୍ତନଟି ଘଟିଛି ତୁଏ, ତାହା ଆମ ସ୍ୱତ୍ତ୍ୱର କେବଳ ଉପରତ୍ତ୍ୱଗରେ କିଂବା ସାଧନଗତ ସ୍ତରରେହିଁ ତୁଏ ନାହିଁ, ମାନ ସ୍ୱସ୍ୱଂ ଆଧାର କ୍ଷେତ୍ରରେ ଏବଂ ଗତ୍ୟାତ୍ମକ ପଦ୍ଧତିରେହିଁ ସେହି ପରିବର୍ତ୍ତନଟି ଘଟିଥାଏ । ଯୋଗଲବ୍ଧ ଜ୍ଞାନ ମନଃସୀମାର ଅତୀତ ହୋଇ ରହିଥିବା ଏପରି ଏକ ଗୁପ୍ତ ଚେତନାମସ୍ୱତା ମଧ୍ୟରେ ପ୍ରବେଶ କରିବାର ଅଭିଲାଷ ରହିଥାଏ, ଯାହାକି ଏଠାରେ କେବଳ ଗୋପ୍ୟ ହୋଇ ରହିଛି ଓ ଯାବତ୍ସ ଅସ୍ତିତ୍ୱର ମୂଳରେ ପ୍ରଚ୍ଛନ୍ନ ହୋଇ ରହିଛି । କାରଣ କେବଳ ସେହି ଗୁପ୍ତ ଚେତନା-ମସ୍ୱତାହିଁ ଯଥାର୍ଥ ତ୍ତ୍ୱବରେ ସବୁକିଛି ଜାଣିଛି ଏବଂ କେବଳ ତାହାର ଅଧିକାର ଲାଭ କରିବା ଦ୍ୱାରାହିଁ ଆମେ ପରମେଶ୍ୱରଙ୍କର ଅଧିକାର ଲାଭ କରିପାରିବା, ଏହି ବିଶ୍ୱଜଗତକୁ ଯଥାର୍ଥ ତ୍ତ୍ୱବରେ ଜାଣିବାକୁ ପାଇବା ଏବଂ ସେହି ଜଗତର ଯଥାର୍ଥ ପ୍ରକୃତ ତଥା ଗୁପ୍ତ ଶକ୍ତିଗୁଡ଼ିକୁ ମଧ୍ୟ ଜାଣିପାରିବା । ଏହି ଜଗତ ମଧ୍ୟରେ ଆମ ଲାଗି ଯାହାକିଛି ଦୃଶ୍ୟ ଓ ବୋଧଗମ୍ୟ ହୋଇ ରହିଛି ଏବଂ ଆଉ ଯାହାକିଛି ଅଦୃଶ୍ୟ ହୋଇ ରହିଛି, ସେଗୁଡ଼ିକ ହେଉଛି ଏହି ମନ ତଥା ଇନ୍ଦ୍ରିୟଚସ୍ୱର ସେପାଖରେ ରହିଥିବା ଏକ ଗପଦର କେବଳ ପ୍ରାତ୍ତ୍ୱିକ ପରିପ୍ରକାଶ ମାତ୍ର । ଆମ ଇନ୍ଦ୍ରିୟଚସ୍ୱ ଏବଂ ସେହି ଇନ୍ଦ୍ରିୟଚସ୍ୱ ଆମ ପାଖକୁ ବହନ କରି ଆଣିଥିବା ବୁଦ୍ଧିପ୍ରେରିତ ବିସ୍ମରଣୀ ଯେଉଁ ଜ୍ଞାନର ସମ୍ଭବ କରିଛନ୍ତି, ତାହା ଯଥାର୍ଥ ଜ୍ଞାନ ନୁହେଁ, ତାହା ହେଉଛି ନାନା ପ୍ରତିତ୍ତ୍ୱପରୁ ନିଷ୍ପନ୍ନ ହେଇଥିବା ଏକ ବିଜ୍ଞାନ । ଏବଂ ଏହି ପ୍ରତିତ୍ତ୍ୱପଗୁଡ଼ିକ ଯେଉଁ ପରମସତ୍ୟରୁ ପ୍ରତିଫଳିତ ହୋଇ ଆସୁଛନ୍ତି, ପ୍ରଥମେ ସେହି ପରମସତ୍ୟର ଜ୍ଞାନ ଲାଭ ନକରିଥିବା ପର୍ଯ୍ୟନ୍ତ ସେହି ପ୍ରତିତ୍ତ୍ୱପଗୁଡ଼ିକ ବିଷସ୍ୱରେ ମଧ୍ୟ ଯଥାର୍ଥ ଜ୍ଞାନଲାଭ କଦାପି ସମ୍ଭବ ହେବ ନାହିଁ । ଏହି ପରମସତ୍ୟହିଁ ସକଳ ପ୍ରତିତ୍ତ୍ୱପର ମର୍ମାତ୍ମା ହୋଇ ଅବସ୍ଥିତ ରହିଛି, ଏବଂ ସକଳ ପ୍ରତିତ୍ତ୍ୱପର କେବଳ ଗୋଟିଏମାତ୍ର ମର୍ମାତ୍ମାସତ୍ତ୍ୱ ରହିଛି । ଏବଂ ଯେତେବେଳେ ସେଇଟିର ପରିଚସ୍ୱ ମିଳିବ, ସେତେବେଳେ ଅନ୍ୟ ସକଳ ବସ୍ତୁକୁ ମଧ୍ୟ ସେଗୁଡ଼ିକର ସତ୍ୟପରିଚସ୍ୱରେ ଜାଣିବା ସମ୍ଭବ ହେବ ଏବଂ ବର୍ତ୍ତମାନ ଯେପରି କେବଳ ସେଗୁଡ଼ିକର ଆପାତସତ୍ୟଟିକୁହିଁ ଜାଣିବା ସମ୍ଭବ ହୋଇପାରୁଛି, ସେତେବେଳେ ଆଉ ସେହି ଦଶା ଭୋଗିବାକୁ ପଡ଼ିବ ନାହିଁ ।

ଏଇଟା ଅତି ସ୍ପଷ୍ଟ କଥା ସେ ଭୌତିକ ଓ ଇନ୍ଦ୍ରିୟବୋଧ ଗୋଚରଭୂମିଟିକୁ ଯେତେବେଶୀ ଓ ଯେତେ ଭଲଭଲ କରି ବିଶ୍ଳେଷଣ କରିବାକୁ ଗଲେ ମଧ୍ୟ ତାହାର ସାହାଯ୍ୟରେ ଆମେ କଦାପି ଆତ୍ମା ବିଷସ୍ୱରେ ସେହି ଯଥାର୍ଥ ଜ୍ଞାନଟିକୁ ଲାଭ କରିପାରିବା ନାହିଁ, ଆମ ନିଜ ବିଷସ୍ୱରେ ମଧ୍ୟ ଯଥାର୍ଥ ତ୍ତ୍ୱବରେ କିଛି ଜାଣିପାରିବା ନାହିଁ ଏବଂ ଯାହାକୁ ଆମେ ଭଗବାନ ବୋଲି କହୁଛୁ, ତାଙ୍କ ବିଷସ୍ୱରେ କୌଣସି ଜ୍ଞାନ ଲାଭ କରିପାରିବା ନାହିଁ । ଦୂରଦର୍ଶଣ ତଥା ଅଣୁଦର୍ଶଣର ଯନ୍ତ୍ର, ଶଲ୍ୟଚିକିତ୍ସକର ଛୁରିକା ଏବଂ ରସାସ୍ତନବିଦ୍ୟା ଓ ଭେଷଜବିଦ୍ୟାର ପ୍ରସ୍ତୋଗପାତ୍ର ଆମକୁ ଏହି

'oaob.nitrkl.ac.in' images reprocessed

ଭୌତିକ ଜଗତର ଅଧିକରୁ ଅଧିକ ସୂକ୍ଷ୍ମ କେତେକେତେ ସତ୍ୟରେ ଉପନୀତ ହେବା ଲଗି ସମର୍ଥ କରୁଇଦେବେ ସତ, ମାତ୍ର ସେମାନେ ସେହି ଭୌତିକ କ୍ଷେତ୍ରର ସୀମାଟିକୁ ଡେଇଁ କଦାପି ଆଗକୁ ଯାଇପାରିବେ ନାହିଁ । ତେଣୁ, ଆମର ଇନ୍ଦ୍ରିୟଗୁଡ଼ିକ ଏବଂ ସେଗୁଡ଼ିକର ଭୌତିକ ସହାୟକମାନେ ଆମ ସମ୍ମୁଖରେ ଯେଉଁକ ଜ୍ଞାନର ଉଦ୍‌ଘାଟନ କରି ପାରୁଛନ୍ତି, ସହି ଆମେ ଆପଣାକୁ କେବଳ ସେଉଁକ ଭିତରେ ଆବଦ୍ଧ କରି ରଖିବା ଏବଂ ମୂଳରୁହିଁ ଅନ୍ୟ କୌଣସି ସତ୍ୟ ଓ ଅନ୍ୟ କୌଣସି ଜ୍ଞାନସାଧନର ଅସ୍ତିତ୍ୱକୁ ଅସ୍ୱୀକାର କରିବାରେ ଲଗିଥିବା, ତେବେ ଆମେ କେବଳ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚିବାକୁ ବାଧ୍ୟ ହେବା ଯେ କେବଳ ଭୌତିକ ସତ୍ୟଗୁଡ଼ିକୁ ଛୁଇଁଦେଲେ ଆଉ କୋହ୍ଲିଦେଲେ ଆଦୌ କୌଣସି ସତ୍ୟ ନାହିଁ ଏବଂ ଆମ ଭିତରେ ବା ଏହି ଜଗତ ମଧ୍ୟରେ ଆତ୍ମା ବୋଲି କୋଉଠି କିଛି ନାହିଁ, ଭିତରେ କଂବା ବାହାରେ କୋଉଠିଦେଲେ କୌଣସି ଭଗବାନ ନାହାନ୍ତି; ଏବଂ କେବଳ ଏହି ମସ୍ତିଷ୍କ, ସ୍ନାୟୁଜାଲ ଏବଂ ଦେହଯନ୍ତ୍ରର ସମାହାରକୁ ଛୁଇଁଦେଲେ ଆମ ଜଜର ମଧ୍ୟ ଆଉ କୌଣସି ପଦାର୍ଥ ନାହିଁ । ମାତ୍ର ଆମେ ଏପରି ଏକ ସିଦ୍ଧାନ୍ତରେ ଆସି ପହଞ୍ଚିବାକୁ ବାଧ୍ୟହିଁ ହେଉଛୁ, କାରଣ ଆମେ ମୂଳରୁହିଁ ଏଇଟିକୁ ସ୍ୱତଃସିଦ୍ଧରୂପେ ମାନିନେଇଛୁ ଏବଂ ତେଣୁ ସେହି ମୂଳ ମିଥ୍ୟାନୁମାନଟିର ଗୁରୁତ୍ୱାଖରେ କେବଳ ମୁଣ୍ଡଲା ବୁଲିବା ବ୍ୟତୀତ ଆମର ଆଉ ଅନ୍ୟ କୌଣସି ଗତ୍ୟନ୍ତର ନାହିଁ ।

ତେଣୁ, ଯଦି ଏକ ପରମାତ୍ମପଦାର୍ଥ ରହିଛି ଅର୍ଥାତ୍ ଆମର ଇନ୍ଦ୍ରିୟଗୁଡ଼ିକ ଲଗି ଗୋଚର ନହେଉଥିବା ଏକ ପରମସତ୍ୟ ରହିଛି, ତେବେ ଭୌତିକ ବିଜ୍ଞାନର ଯାବତୀୟ ସାଧନଠାରୁ ଭିନ୍ନ ଆଉ ଏକ ସାଧନ ଦ୍ୱାରାହିଁ ଆମକୁ ସେହି ସତ୍ୟର ଅନୁସନ୍ଧାନ କରିବାକୁ ହେବ ଓ ଜାଣିବାକୁ ହେବ । ଆମର ବୁଦ୍ଧି କଦାପି ସେହି ସାଧନ ହୋଇପାରିବ ନାହିଁ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏପରି କେତେକ ଅତୀନ୍ଦ୍ରିୟ ସତ୍ୟ ଅବଶ୍ୟ ରହିଛନ୍ତି, ଯେଉଁଠାରେ ଯାଇ ପହଞ୍ଚିବାକୁ କି ଆମର ବୁଦ୍ଧି ତାହାର ଆପଣା ଘୋଡ଼ରେ ବେଶ୍ ସମର୍ଥ ହୋଇପାରିବ ଏବଂ ଯାହାକୁ କି ବୁଦ୍ଧି ଗୋଟିଏ ଗୋଟିଏ ବୁଦ୍ଧିଲବ୍ଧ ଅବବୋଧ ଦ୍ୱାରାକରେ ବେଶ୍ ଦେଖିପାରିବ ଓ ସେଗୁଡ଼ିକର ଫଟୋ ଦେଇପାରିବ । ଉଦାହରଣସ୍ୱରୂପ ଆମେ ଏଠାରେ ଶବ୍ଦ ବିଷୟରେ ବିଚାର କରିପାରିବା; ବିଜ୍ଞାନ ଏହାର ଉପରେହିଁ ସଦାବା ଏତେବେଶୀ ଜୋର ଦେଇଥାଏ । ମାତ୍ର ଶବ୍ଦ ହେଉଛି ଏପରି ଏକ ବିଚାର ବା ଏପରି ଏକ ଅବବୋଧ, କେବଳ ଆପଣାର ଦତ୍ତ ଭୌତ୍ୟଭୂମିର ସୀମାଉତ୍ତମ କରିହିଁ ବୁଦ୍ଧି ଯାହାର ସତ୍ୟଟିରେ ଯାଇ ଉପନୀତ ହୋଇପାରିବ । କାରଣ ଆମ ଲଗି ଏହି ବିଶ୍ୱଗତ ସାମର୍ଥ୍ୟଟି କେବେହେଲେ ଅବବୋଧ ହୋଇପାରେ ନାହିଁ; ଆମେ କେବଳ ତାହାର ପରିଣାମଗୁଡ଼ିକ ବିଷୟରେହିଁ ଯାହାକିଛି ଜାଣିବାକୁ ସମର୍ଥ ହୋଇଥାଉ । ଏବଂ

'oaob.nitrkl.ac.in' images reprocessed

ଏହିସବୁ ପରିଣାମର ଆବଶ୍ୟକ କାରଣରୂପେ ଆମେ ସେହି ଶକ୍ତିର ଅନୁମାନ କରିଥାଉ । ଠିକ୍ ଏହିପରି ଜଗତରେ କଠୋର ବିଶ୍ଳେଷଣର ଏକ ମାର୍ଗ ଅନୁସରଣ କରି ଆମର ବୁଦ୍ଧି ଆତ୍ମା ବିଷୟରେ ମଧ୍ୟ ଏକ ବୁଦ୍ଧିଗତ କଳ୍ପନା ତଥା ବୁଦ୍ଧିଗତ ପ୍ରତ୍ୟୟରେ ଆସି ପହଞ୍ଚି ପାରିବ; ଏବଂ ଅନ୍ୟ ନାନା ବୃହତ୍ତର ବସ୍ତୁଗୁଡ଼ିକର ଆରମ୍ଭ ପର୍ଯ୍ୟାୟ ପରି ଏହି ପ୍ରତ୍ୟୟଟି ମଧ୍ୟ ଅତ୍ୟନ୍ତ ସତ୍ୟ ହୋଇପାରିବ, ଅତ୍ୟନ୍ତ ସମ୍ଭାବ୍ୟ ଓ ଶକ୍ତିସମ୍ପନ୍ନ ମଧ୍ୟ ହୋଇପାରିବ । ମାତ୍ର ତଥାପି କେବଳ ସେହି ବୁଦ୍ଧିଗତ ବିଶ୍ଳେଷଣଟି ଉପରେ ନିର୍ଭର କରି ରହିଥିବା ପର୍ଯ୍ୟନ୍ତ ଆମେ ଆମର ସ୍ପଷ୍ଟ ଅବବୋଧଗୁଡ଼ିକୁ ବେଶ୍ ସଜାଇ ରଖିଦେଇ ପାରିବା ଓ ସମ୍ଭବତଃ ଆମର ସତ୍ୟାବବୋଧଗୁଡ଼ିକୁ ନିର୍ଭୁଲ୍ ଭାବରେ ସଂଗଠିତ କରିଦେଇ ପାରିବା ସତ୍ତ, ମାତ୍ର କେବଳ ଏହିଭଳି ଏକ ଜ୍ଞାନ ଯୋଗର କଦାପି ଲକ୍ଷ୍ୟ ହୋଇ ରହି ନଥାଏ । କାରଣ କେବଳ ସେତିକି ଉତ୍ତରେଇଁ ଛାଡ଼ି ଏକ କାର୍ଯ୍ୟସାଧକ ଜ୍ଞାନରୂପେ କାର୍ଯ୍ୟ କରିପାରେ ନାହିଁ । ଜଣେ ବ୍ୟକ୍ତି ସେଥିରେ ତୃପ୍ତ ପରିପୂର୍ଣ୍ଣ ନିପୁଣତା ଅର୍ଜନ କରିପାରେ ଏବଂ କେବଳ ଏକ ବୃହତ୍ ବୁଦ୍ଧିଗତ ଆଲୋକନର ବ୍ୟାପାରଟିକୁ ବାଦ୍ ଦେଲେ ତଥାପି ଆଗରୁ ଯାହା ଥିଲା, ଗୋଟାପୁରା ଠିକ୍ ତାହାହିଁ ହୋଇ ରହିପାରେ । ଆମ ସ୍ୱଭାବରେ ଯେଉଁ ମୌଳିକ ପରିବର୍ତ୍ତନଟିକୁ ଘଟାଇବା ଯୋଗର ଲକ୍ଷ୍ୟ ହୋଇ ରହିଥାଏ, ସେଇଟି ତୃପ୍ତ ଆଦୌ ଘଟି ହିଁ ନପାରେ ।

ଏକଥା ସତ ଯେ ବୁଦ୍ଧିଗତ ମନନ ଓ ସମ୍ୟକ୍ ଭେଦଜ୍ଞରୂପଣର ସାମର୍ଥ୍ୟ ଲଗି ଜ୍ଞାନଯୋଗରେ ନିଶ୍ଚୟ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ମାତ୍ର ସେହି କ୍ଷେତ୍ରରେ କୌଣସି ଏକ ଦଶାର ଜଗତ୍କରଣହିଁ ଅଧିକ ପରିମାଣରେ ସେଗୁଡ଼ିକର ଉଦ୍ଦେଶ୍ୟ ହୋଇ ରହିଛି, ଏହି ମାର୍ଗରେ ଶେଷଯାଏ ଅଗ୍ରସର ହୋଇ ଅନ୍ତିମ ଓ ପୂର୍ଣାତ୍ମକ ସିଦ୍ଧିଟିରେ ଯାଇ ପହଞ୍ଚିବାକୁ କଦାପି ସେଗୁଡ଼ିକର ଉଦ୍ଦେଶ୍ୟରୂପେ ଗ୍ରହଣ କରାଯାଇ ନାହିଁ । ଜ୍ଞାନର ମାର୍ଗରେ ଆମର ନିତ୍ୟନୈମିତ୍ତିକ ଓ ବୁଦ୍ଧିପ୍ରସୂତ ଧାରଣାଗୁଡ଼ିକୁ ଆମେ କେବଳ ଗୋଟିଏ ଗୋଟିଏ ପ୍ରତିବନ୍ଧକ ବୋଲି କହିବା, କାରଣ ସେଗୁଡ଼ିକ ଆମ ଇନ୍ଦ୍ରିୟଚକ୍ଷୁର ଭ୍ରାନ୍ତି ଦ୍ୱାରାହିଁ ପରିଗୃହିତ ହୋଇଥାନ୍ତି ଏବଂ କେବଳ ଜଡ଼ ତଥା ଦେହକୁହିଁ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରୁଥିବା ଧାରଣାଟିକୁ ଅବଲମ୍ବନ କରି ରହିଥାନ୍ତି । କେବଳ ପ୍ରାଣ ଓ ପ୍ରାଣଗତ ସାମର୍ଥ୍ୟକୁହିଁ ସତ୍ୟ ବୋଲି ମାନୁଥାନ୍ତି, କେବଳ ବାସନା ଓ ସଂବେଗକୁ ଏବଂ ଭାବନା ଓ ଇନ୍ଦ୍ରିୟକୁହିଁ ସତ୍ୟ ବୋଲି ମାନୁଥାନ୍ତି । ଏବଂ ଏହିସବୁ ବସ୍ତୁ ସହିତ ଆମେ ଆପଣାକୁ ମଧ୍ୟ ଅଭିନ୍ନରୂପେ ଦେଖୁଥାଉ; ପୁଣି ଏହିସବୁ ବସ୍ତୁ ସହିତ ଆପଣାକୁ ଅଭିନ୍ନ କରି ଦେଖିବାରୁହିଁ ଆମେ ଆଜି ଆପଣାର ସେହି ଯଥାର୍ଥ ଆତ୍ମସମ୍ପୃକ୍ତି ପାଖକୁ ବାହୁଡ଼ି ଯିବା ଲଗି କଦାପି ସମର୍ଥ ହେଉ ନାହିଁ । ତେଣୁ ଜ୍ଞାନର ସାଧକ ପକ୍ଷରେ ଏହି ପ୍ରତିବନ୍ଧକଟିକୁ କାଢ଼ି ଫିଙ୍ଗିଦେବା

'oaob.nitrkl.ac.in' images reprocessed

ଏଥିପାଇଁ ଆବଶ୍ୟକ ହୋଇପଡ଼େ, ଏବଂ ଆପଣା ସମ୍ବନ୍ଧରେ ତଥା ଏହି ଜଗତ ସମ୍ବନ୍ଧରେ ଯଥାର୍ଥ ସକଳ ଧାରଣା ଅର୍ଜନ କରିବା ମଧ୍ୟ ଆବଶ୍ୟକ ହୋଇପଡ଼େ । କାରଣ, ଏହି ଆତ୍ମସତ୍ତାର ଯଥାର୍ଥ ସ୍ୱରୂପଟି ସମ୍ବନ୍ଧରେ ଅବଗତ ହୋଇ ନଥିବା ପର୍ଯ୍ୟନ୍ତ ଏବଂ ଅପର ପକ୍ଷରେ ସତ୍ତ୍ୟର ସମ୍ପୂର୍ଣ୍ଣ ବିପରୀତ ଅନ୍ୟ ନାନା ଧାରଣା ଦ୍ୱାରା ଜ୍ୱରଗ୍ରସ୍ତ ହୋଇ ରହିଥିବା ପର୍ଯ୍ୟନ୍ତ ଆମେ ଜ୍ଞାନ ଦ୍ୱାରା କିପରି ଯଥାର୍ଥ ଆତ୍ମସତ୍ତାର ଅନୁସନ୍ଧାନ ବା କରିପାରିବା ? ତେଣୁ ପ୍ରଥମେ ସମ୍ୟକ୍ ଜୀବନାର ଅଧିକାରୀ ହେବାକୁ ପଡ଼ିବ, ଏବଂ ସମ୍ୟକ୍ ଜୀବନାର ଅଭ୍ୟାସଟି ପ୍ରତିଷ୍ଠିତ ହୋଇଗଲେ ତଥା ଇନ୍ଦ୍ରିୟଭୋଗ, ବାସନା, ପୂର୍ବତନ ସଂସ୍କାର ଓ ବୁଦ୍ଧିପୋଷିତ ପୂର୍ବାଗ୍ରହଗୁଡ଼ିକରୁ ମୁକ୍ତ ମିଳିଗଲେ ଆମର ବୋଧରେ ଆବଶ୍ୟକ ଶୁଦ୍ଧି ସମ୍ଭବ ହେବ ଏବଂ ତା'ପରେ ଜ୍ଞାନର ପରବର୍ତ୍ତୀ ପ୍ରକ୍ରିୟାଗୁଡ଼ିକରେ ଆଉ କୌଣସି ବଡ଼ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ସାଧ୍ୟ ଯେତେବେଳେ ସେହି ବଶୋଧିତ ବୋଧର କ୍ଷେତ୍ରରେ ତାହାର ଆନୁସଙ୍ଗିକରୂପେ ଅନ୍ୟ କ୍ରିୟାଗୁଡ଼ିକ ମଧ୍ୟ ଆରମ୍ଭ ହୋଇଯାଇ ପାରିବ ଅର୍ଥାତ୍ ଦୃଷ୍ଟିସମ୍ପନ୍ନତା, ଯଥାର୍ଥ ଅନୁଭବ ଓ ଯଥାର୍ଥ ଉପଲବ୍ଧିର ସଞ୍ଚାର ହେବ, କେବଳ ସେତିକିବେଳେ ଯାଇ ସମ୍ୟକ୍ ଜୀବନା ପରିପୂର୍ଣ୍ଣ ଜ୍ଞାନରେ ଫଳପ୍ରଦ ହୋଇପାରିବ ।

ଏହିସବୁ ଅନ୍ୟ କ୍ରିୟା କହିଲେ ପ୍ରକୃତରେ ଆମେ କ'ଣ ବୋଲି ଜାଣିବା ? ଆମେ ସେଗୁଡ଼ିକୁ କେବଳ ମନସ୍ତାତ୍ତ୍ୱିକ ଆତ୍ମବିଶ୍ଳେଷଣ ତଥା ଆତ୍ମପର୍ଯ୍ୟବେକ୍ଷଣ ସହିତ ସମତାଟୀ କରି ପକାଇବା ନାହିଁ । ସମ୍ୟକ୍ ଜୀବନାର ପ୍ରକ୍ରିୟାଟି ପରି ଏହି ବିଶ୍ଳେଷଣ ଓ ପର୍ଯ୍ୟବେକ୍ଷଣର ଅନେକ ମୂଲ୍ୟ ରହିଛି ଏବଂ ବ୍ୟାବହାରିକ କ୍ଷେତ୍ରରେ ଆମେ ଏହାକୁ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିବା । ଏବଂ ଯଥାର୍ଥ ଜୀବରେ ସେଗୁଡ଼ିକର ଅନୁଧାବନ କରିପାରିଲେ ସେଗୁଡ଼ିକ ଆମକୁ ଅଗାଧ ଶକ୍ତିଶାଳୀ ଓ ଅଦ୍ଭୁତ ଫଳଦାସ୍ତକ ଏକ ଯଥାର୍ଥ ଜୀବନାର ସାମର୍ଥ୍ୟକ୍ଷେତ୍ରକୁ ମଧ୍ୟ ବେଶ୍ ବାଟ ଦେଖାଇ ନେଇଯାଇ ପାରିବ । ଧ୍ୟାନଧର୍ମୀ ଜୀବନାର ପ୍ରକ୍ରିୟାଟି ଦ୍ୱାରା ଭେଦଜରୁପଣର ବୁଦ୍ଧିଗତ ସାମର୍ଥ୍ୟଟି ପରି ସେଗୁଡ଼ିକ ଆମକୁ ଶୁଦ୍ଧ କରିଦେବାରେ ମଧ୍ୟ ଏକ ପ୍ରଭାବ ପକାଇ ପାରିବେ । ଏକ ବିଶେଷ ପ୍ରକାରର ଆତ୍ମଜ୍ଞାନ ଆଡ଼କୁ ସେଗୁଡ଼ିକ ଆମକୁ ପରିଚାଳିତ କରିନେବେ, ଆତ୍ମା ଓ ଦୁଃଖସ୍ପନ୍ଦନର ଅନେକ ବିସଙ୍ଗତିରେ ଏକ ସମାଧାନ ଆଣିଦେବେ ଏବଂ ଏପରିକି ବୋଧଗତ କ୍ଷେତ୍ରର ଅନେକ ବିଶୃଙ୍ଖଳାକୁ ମଧ୍ୟ ଦୂର କରିଦେଇ ଯିବେ । ସକଳପ୍ରକାରର ଆତ୍ମଜ୍ଞାନ ଆମକୁ ନିଃସନ୍ଦେହ ଜୀବରେ ଯଥାର୍ଥ ଆତ୍ମାର ଜ୍ଞାନ ଆଡ଼କୁ ପ୍ରବୃତ୍ତ କରି ନେଇଯିବ । ଆପେ-ବର୍ତ୍ତମାନ ପରମସତ୍ତା ଆତ୍ମାର ଦ୍ୱାରଗୁଡ଼ିକୁ ଏପରି ଜୀବରେ ଉଆର କରି ରଖିଛନ୍ତି ଯେ ସେଗୁଡ଼ିକ ତାହାର ଆଡ଼କୁ ମୁହଁ କରି ରହିଛନ୍ତି ଏବଂ ସେସବୁରି ଅଧିକାଂଶ ମନୁଷ୍ୟ ତାହାର ଆଡ଼କୁ ଅନାଇ କେବଳ ବସ୍ତୁଗୁଡ଼ିକର ପ୍ରତିରୂପ ମଧ୍ୟରେହିଁ ନିବଦ୍ଧ ହୋଇ ରହିଛନ୍ତି; କେବଳ ସ୍ଥିର

'oaob.nitrkl.ac.in' images reprocessed

ଭାବନା ଓ ଅବିଚଳ ପ୍ରଜ୍ଞା ଲଗି ପରିପକ୍ୱ ହୋଇ ପାରିଥିବା ବିରଳ କୌଣସି କୌଣସି ବ୍ୟକ୍ତି ଆପଣାର ଦୃଷ୍ଟିକୁ ଭିତର ଆଡ଼କୁ ନିକ୍ଷେପିତ କରି ରଖିପାରୁଛନ୍ତି, ପରମ ଆତ୍ମାର ଦର୍ଶନ ଲାଭ କରୁଛନ୍ତି ଓ ଅମରତ୍ୱର ଅଧିକାରୀ ହେଉଛନ୍ତି;—ଉପନିଷଦ୍ ଆମକୁ ଏହା କଥାଟି କହିଥାଏ । ଆମର ଦୃଷ୍ଟିକୁ ଏହି ଭିତର ଆଡ଼କୁ ନିର୍ଦ୍ଦେଶିତ କରି ରଖିବାରେ ଆମର ମନସ୍ତାତ୍ତ୍ୱିକ ପର୍ଯ୍ୟବେକ୍ଷଣ ଓ ବିଶ୍ଳେଷଣ ଏକ ବୃହତ୍ ଓ ଫଳପ୍ରଦ ପ୍ରଥମ ପରିଚାଳକରୂପେ ସବୁବେଳେ କାର୍ଯ୍ୟ କରିଥାଏ । ଆମ ବାହାରେ ଅବସ୍ଥିତ ବସ୍ତୁଗୁଡ଼ିକର ଭିତରକୁ ଦୃଷ୍ଟିପାତ କରିପାରିବା ଅପେକ୍ଷା ଅପେକ୍ଷାକୃତ ଅଳ୍ପ ସମୟରେ ଆମେ ଆମ ନିଜ ଭିତରକୁ ଆମର ଦୃଷ୍ଟିକୁ ମୁହାଁଇ ରଖିପାରିବା; କାରଣ ଆମ ବାହାରେ ଅବସ୍ଥିତ ବସ୍ତୁଗୁଡ଼ିକର କ୍ଷେତ୍ରରେ ଆମେ ପ୍ରଥମତଃ ସେଗୁଡ଼ିକର ବାହ୍ୟରୂପ ଦ୍ୱାରାଟି ବିଚାରିତ ଓ ବିଭାନ୍ତ ହୋଇଯିବା ଏବଂ ଦ୍ୱିତୀୟତଃ, ସେମାନଙ୍କର ଜଡ଼ୋପାଦାନଟି ବ୍ୟତୀତ ସେମାନଙ୍କ ମଧ୍ୟରେ ଅନ୍ୟ ଯେଉଁ ଭିନ୍ନ ସମ୍ପର୍କଟି ବିଦ୍ୟମାନ ରହିଛନ୍ତି, ସେଇଟି ବିଷୟରେ ଆମର ଆଦୌ କୌଣସି ସ୍ପଷ୍ଟଦର୍ଶିତ ପୂର୍ବାନୁଭବ ମଧ୍ୟ ରହି ନଥିବ । ଆମ ନିଜ ଭିତରେ ଭଗବାନ ବା ପରମାତ୍ମସତ୍ତ୍ୱାଙ୍କର ଉପଲବ୍ଧି ଘଟିବା ପୂର୍ବରୁ ଏକ ଶୁଦ୍ଧ ବା ଶାନ୍ତ ମନ ଦ୍ୱାରାଟି ଭଗବାନଙ୍କୁ ଆପଣା ମନନ ମଧ୍ୟରେ ଧରି ରଖିବାରେ ସମର୍ଥ ହୋଇପାରେ ଅଥବା ଏକ ଅତ୍ୟନ୍ତ ଶକ୍ତିଶାଳୀ ଔଜାନ୍ତ୍ରିକ ଅନୁନ୍ନବେଶ ଏହି ବିଶ୍ୱଜଗତରେ ଭଗବାନଙ୍କୁ ଆବିଷ୍କାର ବି କରିପାରେ, ପ୍ରକୃତି ମଧ୍ୟରେ ସେହି ପରମାତ୍ମସତ୍ତ୍ୱାଙ୍କର ଆବିଷ୍କାର କରିପାରେ; ମାତ୍ର ଏହା ଅତ୍ୟନ୍ତ ବିରଳ ଓ ଅତ୍ୟନ୍ତ ଆତ୍ମାସସାଧ୍ୟ ।* ଏବଂ କେବଳ ଆମ ଆପଣା ଭିତରେହିଁ ଆମେ ସମ୍ପୃକ୍ତ ମଧ୍ୟଦେଇ ଗତି କରୁଥିବା ପରମ ଆତ୍ମସତ୍ତ୍ୱାର ପ୍ରତିସ୍ପୃଷ୍ଟିକୁ ନିରୀକ୍ଷଣ କରି ଦେଖିପାରିବା ଓ ତାହାକୁ ଜାଣି ମଧ୍ୟ ପାରିବା ଏବଂ ଯେଉଁ ପ୍ରତିସ୍ପୃଷ୍ଟି ଦ୍ୱାରା ତାହା ଆପଣାକୁ ଆତ୍ମଗତ ସତ୍ତ୍ୱାଟି ମଧ୍ୟକୁ ପ୍ରତ୍ୟାହୃତ କରିନଏ, ସେଇଟିକୁ ମଧ୍ୟ ଅନୁସରଣ କରିପାରିବା । ତେଣୁ 'ତୁମ ଆପଣାକୁ ଜାଣ' ବୋଲି ଉଆଇଥିବା ସେହି ପ୍ରାଚୀନ ପଦ୍ଧତିଟିହିଁ ଆମକୁ ଆମର ସେହି ଇପ୍ସିତ ଜ୍ଞାନୋପଲବ୍ଧିର ମାର୍ଗରେ ପରିଚାଳିତ କରି ନେଇଯିବା ପାଇଁ ସଦାସର୍ବଦା ସର୍ବପ୍ରଥମ ବାକ୍ୟଟି ହୋଇ ରହିଥିବ । ତଥାପି ଏହି ମନୋଭୂମିଗତ ଆତ୍ମଜ୍ଞାନକୁ ଆମେ ପରମାତ୍ମସତ୍ତ୍ୱାଙ୍କର କେବଳ ବିଭୂତିଗୁଡ଼ିକରହିଁ ଅନୁଭୂତି ବୋଲି ଜାଣିରଖିବା, ଏହାକୁ ତାଙ୍କର ଶୁଦ୍ଧ ସତ୍ତ୍ୱାରେ ତାଙ୍କର ଉପଲବ୍ଧି ବୋଲି କଦାପି କହିପାରିବା ନାହିଁ ।

---

* ଗୋଟିଏ ଦିଗରୁ ବିଗୁର କଲେ ଏହା ଅବଶ୍ୟ ଅପେକ୍ଷାକୃତ ଅଳ୍ପ ସମୟ; କାରଣ ବାହ୍ୟ ବସ୍ତୁଗୁଡ଼ିକର କ୍ଷେତ୍ରରେ ଆମକୁ ଆମ ନିଜର କ୍ଷେତ୍ରରେ ସୀମାବଦ୍ଧ ଅନ୍ତଃବୋଧର ବାଧାଟିକୁ ସେତେ ଅଧିକ ପରିମାଣରେ ସହ୍ୟକରି ପଡ଼େ ନାହିଁ । ତେଣୁ ଉଚ୍ଚତର ଉପଲବ୍ଧିର ପଥରେ ରହିଥିବା ଗୋଟିଏ ଅନ୍ତରସ୍ଥ ଦ୍ୱନ୍ଦ୍ୱାତ୍ମକ ଦୁଷ୍ପ୍ରବୃତ୍ତି ହୋଇ ଯାଇଥାଏ ।

'oaob.nitrkl.ac.in' images reprocessed

ତେଣୁ ଯୋଗ ଯେଉଁଭଳି ଏକ ଜ୍ଞାନସ୍ଥିତକୁ ଆପଣାର ଦୃଷ୍ଟି ସମକ୍ଷରେ ରଖିଛୁ, ତାହା ସତ୍ୟର କେବଳ ଏକ ବୁଦ୍ଧିପ୍ରେରିତ ଅବବୋଧ ନୁହେଁ କିମ୍ବା କେବଳ ଏକ ସ୍ପଷ୍ଟୀକୃତ ସଜ୍ଞାନରୂପଣ ମଧ୍ୟ ନୁହେଁ । ଏହାକୁ ଆମେ ଆମ ସତ୍ତାର ବସ୍ତୁବ-ଗୁଡ଼ିକର ଏକ ସନ୍ଦୀପିତ ମାନସ ଅନୁଭବ ବୋଲି ମଧ୍ୟ କଦାପି କହିପାରିବା ନାହିଁ । 'ଉପଲବ୍ଧି'ର ପରିପୂର୍ଣ୍ଣ ସକଳ ଅର୍ଥରେହିଁ ଏହାକୁ ଆମେ ଏକ ଉପଲବ୍ଧି ବୋଲି କହିବା, ଆମର ଦୃଷ୍ଟି ସମକ୍ଷରେ ଓ ଆମର ଭିତରେ ସେହି ପରମ ଆତ୍ମସତ୍ତା ଅର୍ଥାତ୍ ସେହି ବିଶ୍ୱାତୀତ ଏବଂ ବିଶ୍ୱଗତ ପରମ ସତ୍ୟତାକୁ ବାସ୍ତବରୂପେ ଉପଲବ୍ଧି କରିବା ବୋଲି କହିବା । ଏବଂ ଏହି ଉପଲବ୍ଧି ସିଦ୍ଧ ହୋଇଯିବା ପରେ କେବଳ ସେହି ପରମାତ୍ମସତ୍ତାଙ୍କର ଆଲୋକଟି ବ୍ୟତୀତ ସତ୍ତାର ବସ୍ତୁବଗୁଡ଼ିକୁ ଅନ୍ୟ କୌଣସିପ୍ରକାରେ ଦେଖିବା ପ୍ରକୃତରେ ଅସମ୍ଭବହିଁ ହୋଇ ରହିବ; ସେତେବେଳେ ସେହି ବସ୍ତୁବଗୁଡ଼ିକୁ ସେଗୁଡ଼ିକର ସତ୍ୟ ପରିଚୟ ଦ୍ୱାରା, ଅର୍ଥାତ୍ ଆମର ଏହି ବିଶ୍ୱଜାତୀୟ ସତ୍ତାର ମନୋଭୂମିଗତ ଏବଂ ଭୌତିକ ପରିବେଶ ମଧ୍ୟରେ କେବଳ ତାଙ୍କର ସମ୍ଭବର ପ୍ରତିମାନତା ରୂପରେହିଁ ଦେଖିବାକୁ ସମର୍ଥ ହେବା । ଏହି ଉପଲବ୍ଧି ମଧ୍ୟରେ ପରସ୍ପରର ପରିବର୍ତ୍ତୀ ସ୍ତରରେ ଅନୋକ୍ତି ଗତ୍ୟାତ୍ମକ ସୋପାନ ନିହିତ ହୋଇ ରହିଛୁ; ପ୍ରଥମଟି ହେଉଛୁ ଏକ ଅନ୍ତର୍ଗତ ଦୃଷ୍ଟିସାମର୍ଥ୍ୟ, ଦ୍ୱିତୀୟତଃ ସମ୍ପୂର୍ଣ୍ଣ ଅନ୍ତରାନୁଭୂତି ଏବଂ ତୃତୀୟତଃ ତଦାତ୍ମକତା ।

ଏହି ଅନ୍ତର୍ଗତ ଦୃଷ୍ଟି ହେଉଛୁ ଏପରି ଗୋଟିଏ ସାମର୍ଥ୍ୟ ଯାହାକୁ କି ପ୍ରାଚୀନ ଋଷିମାନେ ଅନ୍ତତ ଭିତ ମୂଲ୍ୟ ଦେଇ ଯାଇଛନ୍ତି ଏବଂ ଏହି ସାମର୍ଥ୍ୟ ଜଣେ ବ୍ୟକ୍ତିକୁ କେବଳ ଏକ ଚିନ୍ତାନଶୀଳ ବ୍ୟକ୍ତିର ସ୍ତରରୁ ଉନ୍ନୀତ କରିନଏ ଓ ତାହାକୁ ଜଣେ ଋଷି ବା କବିରେ ପରିଣତ କରିଦଏ ବୋଲି କୁହାଯାଇଛୁ । ଏହି ଦୃଷ୍ଟିକୁ ଆମେ ଆତ୍ମାରେ ଅବସ୍ଥିତ ଏପରି ଏକ ଆଲୋକ ବୋଲି କହିବା, ଯାହାଦ୍ୱାରା କି ଅଦୃଷ୍ଟ ବସ୍ତୁମାନ ଆମର ଏହି ଜଡ଼ ଆଖିରେ ଦିଶୁଥିବା ବସ୍ତୁଗୁଡ଼ିକ ପରି ସ୍ପଷ୍ଟ ଓ ସତ୍ୟ ହୋଇ ଉଠନ୍ତି; କେବଳ ବୁଦ୍ଧି ଲାଗି ନୁହେଁ, ଆତ୍ମା ଲାଗି ମଧ୍ୟ ସ୍ପଷ୍ଟ ଓ ସତ୍ୟ ହୋଇ ଉଠନ୍ତି । ଏହି ଭୌତିକ ଜଗତରେ ସବିଦା ଦ୍ୱିବିଧ ଜ୍ଞାନ ପ୍ରାପ୍ତ ହୋଇଥାଏ; ଗୋଟିଏ ହେଉଛୁ ପ୍ରତ୍ୟକ୍ଷ ଜ୍ଞାନ ଅର୍ଥାତ୍ ଯାହା ଦୃଷ୍ଟିର ଗୋଚର ହୋଇ ରହିଥାଏ, ଏବଂ ଆରଟି ହେଉଛୁ ପରୋକ୍ଷ ଜ୍ଞାନ ଅର୍ଥାତ୍ ଯାହା ଆମର ଦୃଷ୍ଟିଠାରୁ ଦୂରରେ ରହିଥାଏ ବା ତାହାର ଅନ୍ତତ ହୋଇ ରହିଥାଏ । ଯେତେବେଳେ କୌଣସି ବସ୍ତୁ ଆମ ଦୃଷ୍ଟିର ଅନ୍ତତ ହୋଇ ରହିଥାଏ, ସେତେବେଳେ ଆମେ ପ୍ରଯୋଜନବଶ ଭିତରେ ଅନୁମାନ, କଳ୍ପନା ବା ଚିନ୍ତନା ଦ୍ୱାରା ତାହାର ଏକ ଧାରଣାରେ ଆସି ଉପନ୍ନତ ହେବାକୁ ବାଧ୍ୟ ହେଉଁ; ଯେଉଁମାନେ ସେହି ବସ୍ତୁଟିକୁ ଦେଖିଛନ୍ତି, ସେମାନଙ୍କଠାରୁ ତାହାର ବର୍ଣ୍ଣନାମାନ ଶୁଣି ଆମେ ସେହି ବସ୍ତୁର ଏକ ଧାରଣା ବା କଳ୍ପନା କରିଥାଉଁ; ଅଥବା

'oaob.nitrkl.ac.in' images reprocessed

ସମ୍ଭବ ହେଲେ ସେହି ବସ୍ତୁର କୌଣସି ଛବି କିଂବା ସେହିଭଳି କିଛି ଅନୁରୂପର ଅଧ୍ୟୟନ କଲେ ଆମେ ତାହା କରିଥାଉ । ଏହିସବୁ ସହାୟକର ଏକତ୍ର ସାହାଯ୍ୟ ନେଇ ଆମେ ବାସ୍ତବକ ସେହି ବସ୍ତୁଟିର ଅଲ୍ପବହୁତ ଏକ ଯଥେଷ୍ଟ ଧାରଣା ବା ଇଙ୍ଗିତକାଗ୍ର ପ୍ରତିରୂପରେ ଆସି ପହଞ୍ଚିବାକୁ ସମର୍ଥ ହେଉ, ମାତ୍ର ତଥାପି ଠିକ୍ ସେହି ବସ୍ତୁଟିକୁ ଆମେ କଦାପି ଉପଲବ୍ଧି କରିପାରୁ ନାହିଁ । ମାତ୍ର ଯେଉଁ ଆପଣା ଆଖିରେ ବସ୍ତୁଟିକୁ ଦେଖିପାରିଲେହିଁ ଆମେ ତାହାର ଧାରଣାଟିକୁ ଆୟତ୍ତ କରିନେଉ, ତାହାକୁ ଉପଲବ୍ଧି କରିପାରୁ । ହଁ, କେବଳ ଦେଖିବାକୁହିଁ ହୁଏ, କାରଣ ଅନ୍ୟ କୌଣସି ବୋଧ ଏହି କ୍ଷେତ୍ରରେ ଆଦୌ ଯଥେଷ୍ଟ ହୁଏ ନାହିଁ । ତା'ପରେ ସେହି ବସ୍ତୁଟି ଆମର ପରିଚିତ ସୃଷ୍ଟି ମଧ୍ୟରେ ପୁରସ୍କିତ ହୋଇ ରହେ, ଆମର ଜ୍ଞାନଭୂମିରେ ଏକ ଅଂଶ ହୋଇ ରହେ । ମନୋଭୂମିର ବସ୍ତୁ ତଥା ଆତ୍ମସମ୍ବନ୍ଧିତ ବସ୍ତୁଗୁଡ଼ିକ କ୍ଷେତ୍ରରେ ମଧ୍ୟ ଠିକ୍ ସେହି ନସ୍ତମଟି ପ୍ରଯୁଜ୍ୟ ହୋଇପାରିବ । ଆତ୍ମା ଓ ଆତ୍ମସମ୍ବନ୍ଧିତ ବିଷୟରେ ଆମେ ଦାର୍ଶନିକମାନଙ୍କଠାରୁ, କେତେକେତେ ଗୁରୁଙ୍କଠାରୁ ଓ ପ୍ରାଚୀନ ନାନା ଶାସ୍ତ୍ରରୁ ହୁଏତ କେତେ ପ୍ରାଞ୍ଜଳ ଓ ସଜୀବିତ ଭାବରେ କେତେକେତେ ପୁଙ୍ଖିତ ବାକ୍ୟ ଶ୍ରବଣ କରିପାରୁ, ଆପଣାର ଭାବନାଶକ୍ତି, ଅନୁମାନ, କଳ୍ପନା, ଭୁଲନା ବା ଉପଲବ୍ଧି ଯେକୌଣସି ଉପାୟରେ ତାହାର ଏକ ମାନସଚିତ୍ର ବା ଅବବୋଧ ଗଢ଼ି କରି ରଖିବାକୁ ଚେଷ୍ଟା ମଧ୍ୟ କରିପାରୁ; ଅତ୍ୟନ୍ତ ଦୃଢ଼ତା ସହିତ ସେହି ଚିତ୍ର ବା ବୋଧଟିକୁ ଆମର ମନରେ ଧାରଣ କରି ରଖିପାରୁ ଏବଂ ଏକ ସମ୍ପୂର୍ଣ୍ଣ ଓ ଐକାନ୍ତିକ ଅଭିନିବିଷ୍ଟତା* ସହିତ ତାହାକୁ ଅବିଚଳ ଭାବରେ ପ୍ରତିଷ୍ଠାପିତ କରି ରଖିପାରୁ; ମାତ୍ର ତଥାପି କହିବାକୁ ହେବ ଯେ ଆମେ ଏସବୁ ପରେ ମଧ୍ୟ ତାହାର ଉପଲବ୍ଧି କରି ନାହୁଁ, ଆମେ ପରମେଶ୍ୱରଙ୍କୁ ଦେଖିପାରି ନାହୁଁ । ଦୀର୍ଘକାଳବ୍ୟାପୀ ଅବଚ୍ଛିନ୍ନ ଅଭିନିବିଷ୍ଟତା ଅଥବା ଅନ୍ୟ କୌଣସି ଉପାୟରେ ଯେତେବେଳେ ମନରୁପୀ ଆବରଣଟି ବିଦୀର୍ଣ୍ଣ ହୋଇଯିବ ବା ଘୁଞ୍ଚିଯାଇ ପାରିବ, ଯେତେବେଳେ ଆମର ଜାଗ୍ରତ ମନୋଭୂମିଟି ଉପରେ ଜ୍ୟୋତିର୍ମୟ ବହ୍ନିର ପ୍ଲାବନ ଘଟିବ, ଏବଂ ସକଳ ଅବବୋଧର ସ୍ଥାନରେ ଏପରି ଏକ ଜ୍ଞାନଦୃଷ୍ଟିର ଆବର୍ଭାବ ହେବ ଯାହା ଭିତରେ କି ଆମର ଭୌତିକ ଚକ୍ଷୁ ଏକ ଭୌତିକ ବସ୍ତୁକୁ ଦେଖୁଥିବା ପରି ପରମାତ୍ମସତ୍ତ୍ୱ ଠିକ୍ ସେହିପରି ସତ୍ୟ ଓ ମୂର୍ତ୍ତିଭାବରେ ଅବସ୍ଥିତ ରହିଥିବେ, ସେତେବେଳେ ଯାଇ ଆମେ ଯଥାର୍ଥ ଜ୍ଞାନର ଅଧିକାରୀ ହୋଇପାରିବା, କାରଣ ସେତେବେଳେ ଆମେ ଦେଖିବାକୁ ମଧ୍ୟ ସମର୍ଥ ହୋଇଥିବା । ସେହି ସତ୍ତ୍ୟୋଦ୍ଘାଟନଟି ଘଟିଯାଇବା ପରେ

---

* ଶ୍ରବଣ, ମନନ ଓ ନିଦିଧ୍ୟାସନ;—ଜ୍ଞାନଯୋଗର ଏହି ତିନୋଟି ପ୍ରକିୟା ଦ୍ୱାରା ଏହାକୁ ବୁଝାସିବାର ଅଭିପ୍ରାୟ ରଖାଯାଇଛି ।

'oaob.nitrkl.ac.in' images reprocessed

ଆତ୍ମେକଟି ପ୍ରତି ଯେତେଥର ମ୍ଲାନ ହୋଇଯାଉ କିଂବା ଅନ୍ଧକାରର ଯେତେଯେତେ ସାମୟିକ ପର୍ଦ୍ଦାସ୍ତ ଆସି ଆମ୍ଭାକୁ ଆବୃତ କରି ରଖି ପଡୁଚେ, ତାହା ଥରେ ଯାହାକୁ ଆପଣାର ସମ୍ପଦରୂପେ ଧରିସାରିଛୁ, ତାହା କଦାପି ଆଉ କେବେହେଲେ ଫେରି ନଆସିବା ଭଳି ଅପଦ୍ରୁତ ହୋଇ ଯାଇପିବ ନାହିଁ । ଅତ୍ୟନ୍ତ ଅନ୍ଧକାର ସ୍ତ୍ରବରେ ସେହି ଅନୁଭୂତିର ଅବଶ୍ୟ ପୁନରୁଦୟ ଘଟିବ ଏବଂ ଚିରସ୍ଥାସ୍ତୀ ହୋଇ ରହିବା ପର୍ଦ୍ଦାନ୍ତ ତାହା ଅଧିକ ମୁହୁର୍ମୁହୁଃ ସ୍ତ୍ରବରେ ଫେରି ଆସୁଥିବ । ଏକଥାଟି କେତେବେଳେ ବା କେତେ ଶୀଘ୍ର ଘଟିବ, ସେକଥାଟି, କେତେଦୂର ଭିତ୍ତି ଓ ନିଷ୍ଠା ସହିତ ଆମେ ସେହି ମାର୍ଗରେ ଅବଚଳିତ ରହିପାରିବା ଏବଂ ଆପଣାର ଇଚ୍ଛାଶକ୍ତି ଅର୍ଥାତ୍ ଶ୍ରଦ୍ଧା ଦ୍ୱାରା ସଂଗୁପ୍ତ ହୋଇ ରହିଥିବା ସେହି ପରମଦେବତାଙ୍କୁ ଧରି ପାରିବାକୁ ସମର୍ଥ ହେବା, କେବଳ ତାହାର ଉପରେହିଁ ନିର୍ଭର କରୁଛି ।

ଏହି ଅନ୍ତର୍ଗତ ଦୃଷ୍ଟିଲାଭକୁ ଆମେ ଗୋଟିଏପ୍ରକାରର ମନୋରମିତ ଅନୁଭୂତି ବୋଲି କହିପାରିବା, ମାତ୍ର କେବଳ ସେତିକ ଦେଖିବା ମଧ୍ୟରେହିଁ ଅନ୍ତର୍ଗତ ସଥାର୍ଥ ଅନୁଭୂତିଟି କଦାପି ସୀମାବଦ୍ଧ ହୋଇ ରହି ନାହିଁ । ଏତିକ ଦ୍ୱାରା ଆମର ଦୃଷ୍ଟି ଉନ୍ମୋଚିତ ହୋଇଯାଉଛୁ ସତ, ମାତ୍ର ସେହି ଦୃଷ୍ଟି ତଥାପି ଗୋଟାସୂଦ୍ଧା ଗ୍ରହଣ କରିନେଇ ନାହିଁ । ଉପଲବ୍ଧିର ପ୍ରଥମ ବୋଧଟିକୁ ସମ୍ଭବ କରିବା ଲଗି ଆମର ଆଖି ଭିତରେ ଯଥେଷ୍ଟ ସାମର୍ଥ୍ୟ ରହିଛୁ ସତ, ମାତ୍ର ତଥାପି ଆପଣା ଅନୁଭୂତିର ସହାସ୍ୱକରୂପେ ତାହାକୁ ସ୍ପର୍ଶ ଅଥବା ବୋଧର ଅନ୍ୟ ସାଧନଗୁଡ଼ିକର ମଧ୍ୟ ସାହାଯ୍ୟ ନେବାକୁ ହେଉଛୁ ଏବଂ ତେବେଯାଇ ଏକ ସମୁଦାସ୍ତ୍ରାସ୍ତା ଜ୍ଞାନ ସମ୍ଭବ ହେଉଛୁ; ସେହିପରି ଆମ ଜୀବନାଙ୍ଗଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଭିତରେ ଆପଣାକୁ ଅନୁଭବ କରିପାରିବା ଦ୍ୱାରାହିଁ ଆତ୍ମସତ୍ତ୍ୱାର ଲବ୍ଧ ଦୃଷ୍ଟିକୁ ସମ୍ପୂର୍ଣ୍ଣ କରିବାକୁ ହେବ । କେବଳ ଆମର ସେହି ଜ୍ୟୋତିର୍ଦ୍ଦୀପ୍ତ ଜ୍ଞାନଚକ୍ଷୁଟି ନୁହେଁ, ଆମର ସକଳ ଓ ସମୁଦାସ୍ତ ସତ୍ତ୍ୱାଟିକୁ ମଧ୍ୟ ପରମେଶ୍ୱରଙ୍କ ଲଗି ଆକାଙ୍କ୍ଷା ରଖିବାକୁ ହେବ । ଆମ ଭିତରେ କାର୍ଯ୍ୟ କରୁଥିବା ଯାବତୀସ୍ତ ଭତ୍ତ୍ୱ କେବଳ ସେହି ପରମ ଆତ୍ମସତ୍ତ୍ୱାରହିଁ ଗୋଟିଏ ଗୋଟିଏ ଅଭିବ୍ୟକ୍ତି ହୋଇଥିବାରୁ, ପ୍ରତ୍ୟେକ ଭତ୍ତ୍ୱ ଆପଣାର ସେହି ଭତ୍ତ୍ୱମୂଳ ବା ସତ୍ତ୍ୟଟି ପାଖକୁ ଅବଶ୍ୟ ଫେରିଯାଇ ପାରିବେ ଏବଂ ତାହାର ଅନୁଭୂତ ଲାଭ କରି ପାରିବେ । ଆମେ ଏହି ପରମାତ୍ମସତ୍ତ୍ୱାର ଏକ ମନୋରମ ଅନୁଭୂତି ଲାଭ କରିପାରିବା ଏବଂ ମନ ଯେଉଁସବୁ କଥାକୁ ଅସ୍ତିତ୍ୱ ବୋଲି ଜାଣୁଛୁ, ଆପାତ ଦୃଷ୍ଟିରୁ ଏକାନ୍ତ ବସ୍ତୁବିଚ୍ଛିନ୍ନ ବୋଲି ମନେ ହେଉଥିବା ସେହିସବୁ ବସ୍ତୁକୁ ଗୋଟିଏ ଗୋଟିଏ ମୂର୍ତ୍ତି ସତ୍ୟରୂପେ ଅନୁଭବ କରିପାରିବା । ଏହିପରି ସ୍ତ୍ରବରେ ଆମେ ଚେତନା, ଶକ୍ତି, ଆନନ୍ଦ ଓ ପ୍ରେମାନଙ୍କର ଅନେକବିଧ ରୂପ ଓ ନିସ୍ୱାକୁ ମୂର୍ତ୍ତି ସତ୍ୟରୂପେ ଅନୁଭବ କରିପାରିବା ଓ ଆପଣାର ଇଶ୍ୱରବିଷସ୍ତ୍ରରେ ମନ ଏତକରେହିଁ ବେଶ୍ ପରିତୃପ୍ତ ହୋଇ

'oaob.nitrkl.ac.in' images reprocessed

ରହିପାରିବ । ସେହିପରି ପ୍ରେମ ତଥା ଫଳେଗତ ଆନନ୍ଦ ଓ ଆମ ଭିତରେ ରହିଥିବା ଆତ୍ମସତ୍ତ୍ୱାଟିର ପ୍ରୀତି ଏବଂ ଆନନ୍ଦ ମଧ୍ୟଦେଇ ଆମେ ପରମ ଆତ୍ମସତ୍ତ୍ୱାର ଏକ ଫଳେଗମସ୍ୱ ଅନୁଭୂତି ମଧ୍ୟ ଲାଭ କରିପାରିବା, ବଶ୍ୱଜଗତ୍ତରେ ବିଦ୍ୟମାନ ରହିଥିବା ଆତ୍ମସତ୍ତ୍ୱା ତଥା ଆମର ଯେଉଁମାନଙ୍କ ସହିତ କୌଣସି ସମ୍ପର୍କ ବା ଆତ୍ମୀୟତା ରହିଛି, ସେମାନଙ୍କର ଆତ୍ମସତ୍ତ୍ୱାର ପ୍ରେମ ଓ ଆନନ୍ଦ ମଧ୍ୟଦେଇ ବି ଆମେ ତାହା ଅବଶ୍ୟ ଲାଭ କରିପାରିବା; ଏବଂ ସେତକରେ ଆପଣାର ଇଶ୍ୱରବାସନାରେ ଆମର ହୃଦସ୍ଥ ବେଶ୍ ପରିତୃପ୍ତ ହୋଇ ରହିଯାଇ ପାରିବ । ପୁଣି, ସୌନ୍ଦର୍ଯ୍ୟ ମଧ୍ୟରେ, ଅର୍ଥାତ୍ ଆମ ନିଜ ଦ୍ୱାରା ତିଆରି ହୋଇଥାଉ ଅଥବା ପ୍ରକୃତି ଦ୍ୱାରା ସୃଷ୍ଟି ହୋଇଥାଉ, ପ୍ରତ୍ୟେକ ବସ୍ତୁର ଭିତରେ ସେହି ପୁରୁଣ୍ଣସୁନ୍ଦର ପରମସତ୍ତ୍ୟଟିର ଏକ ଆନନ୍ଦାପ୍ଲୁତ ବୋଧ ଏବଂ ଆତ୍ମନ୍ଦନ ମଧ୍ୟଦେଇ ଆମେ ପରମ ଆତ୍ମସତ୍ତ୍ୱାର ଏକ ସୌନ୍ଦର୍ଯ୍ୟବୋଧୀ ଅନୁଭୂତି ମଧ୍ୟ ଲାଭ କରି ପାରିବା; ସେହି ପ୍ରତ୍ୟେକ ବସ୍ତୁର ଆମର ସୌନ୍ଦର୍ଯ୍ୟବୋଧଗତ ମନ ତଥା ଆମର ଇନ୍ଦ୍ରିୟଗୁଡ଼ିକ ଲାଗି ଯେଉଁ ଆବେଦନଟି କରି ପାରୁଥିବ, ତାହାର ଦ୍ୱାରା ପ୍ରବୁଦ୍ଧ ହୋଇ ଆମେ ସେହି ଆନନ୍ଦବୋଧ ଓ ଅନୁଭୂତି ବେଶ୍ ଲାଭ କରିପାରିବା ଏବଂ ଏହିପରି ଭିତରେ ଆମର ଇନ୍ଦ୍ରିୟ ମଧ୍ୟ ଆପଣାର ଇଶ୍ୱର-ଲୀଳାରେ ବେଶ୍ ପରିତୃପ୍ତ ହୋଇଯାଇ ପାରିବ । ସକଳ ଜୀବ ଓ ସକଳ ରୂପରେ ତଥା ଆମର ମଧ୍ୟଦେଇ, ଅନ୍ୟମାନଙ୍କ ମଧ୍ୟଦେଇ ଏବଂ ଏହି ବଶ୍ୱଜଗତ୍ତର ମଧ୍ୟଦେଇ କାର୍ଯ୍ୟକାରୀ ହୋଇ ରହିଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ପ୍ରେରଣାର ଯାବତୀୟ କରଣି ମଧ୍ୟରେ ମଧ୍ୟ ଆମେ ସେହି ଆତ୍ମସତ୍ତ୍ୱାର ପ୍ରାଣଗତ ଓ ପ୍ରାଣୁଗତ ଅନୁଭୂତିକୁ ଲାଭ କରିପାରିବା ଏବଂ ଏପରିକ ଏକ ଦେହଗତ ବୋଧ ବି ପାଇପାରିବା; ଏବଂ ଏହିପରି ଭିତରେ ଆମର ପ୍ରାଣ ଓ ଶରୀର ଆପଣାର ଇଶ୍ୱରବସ୍ତୁରେ ବେଶ୍ ପରିତୃପ୍ତ ହୋଇ ରହିଯାଇ ପାରିବେ ।

ଏହିସବୁ ଜ୍ଞାନ ଏବଂ ଅନୁଭୂତିକୁ ଆମେ ଛନ୍ଦାତ୍ମକତାରେ ଉପଲବ୍ଧ ହେବା ଏବଂ ତାହାକୁ ଧାରଣ କରି ରଖିବାର ଗୋଟିଏ ଗୋଟିଏ ପ୍ରାଥମିକ ସାଧନ ବୋଲି କହିପାରିବା । ଏହିସବୁ ଯାବତୀୟ କ୍ଷେତ୍ରରେ ଆମେ ଆମର ଆତ୍ମସତ୍ତ୍ୱାକୁହିଁ ଦେଖିଥାଉ ଓ ଅନୁଭବ କରିଥାଉ ଏବଂ ସେହି ହେତୁରୁ ଆମର ଦୃଷ୍ଟି ଓ ଅନୁଭୂତିରେ ଭିନ୍ନତାଜନିତ ନଆସିବା ପର୍ଯ୍ୟନ୍ତ ଅର୍ଥାତ୍ ଆପଣାର ସମୁଦାୟ ସତ୍ତ୍ୱାଟିରେ ଆମେ 'ସୋଽହଂ'ରୂପୀ ସେହି ବେଦାନ୍ତିକ ପରମଜ୍ଞାନଟିକୁ ବହିବାକୁ ସମର୍ଥ ହେବା ନପର୍ଯ୍ୟନ୍ତ ଆମର ଦୃଷ୍ଟି ଏବଂ ଅନୁଭୂତି ଦୁଇଟିଯାକ ଅପୂର୍ଣ୍ଣ ହୋଇ ରହିଥିବେ । ଆମକୁ ଯେ କେବଳ ପରମେଶ୍ୱରଙ୍କ ଦର୍ଶନ କରିବାକୁ ହେବ ଏବଂ ତାଙ୍କୁ ଆଲିଙ୍ଗନ କରି ଧରିବାକୁ ହେବ ତା' ନୁହେଁ, ଆମକୁ ସେହି ସତ୍ୟରେହିଁ ରୂପାନ୍ତରିତ ହୋଇଯିବାକୁ ପଡ଼ିବ । ଆମକୁ ସକଳ ରୂପ ତଥା ଅଭିବ୍ୟକ୍ତିର ଅତୀତ ହୋଇ ରହିଥିବା ସେହି ପରମ ଆତ୍ମସତ୍ତ୍ୱାଟି

'oaob.nitrkl.ac.in' images reprocessed

ସହଜ ଏକାତ୍ମ ହେବାକୁ ପଡ଼ିବ; ଅହଂ ଓ ତାହାର ସଂବନ୍ଧ ଫଳରୁ ଓ ସମ୍ପତ୍ତିରୁ ମୁକ୍ତ ହୋଇ ଆମକୁ ସେହିସବୁର ପରମ ଉଚ୍ଚ ସେହ ଚତୁ ମଧ୍ୟରେହିଁ ବଞ୍ଚନ ହୋଇଯିବାକୁ ପଡ଼ିବ, ରୂପାନ୍ତରିତ ହୋଇଯିବାକୁ ପଡ଼ିବ । ଏବଂ ତହିଁ ସଙ୍ଗେସଙ୍ଗେ ତାହାର ସାବତୀୟ ଅଭିବ୍ୟକ୍ତି ଅସ୍ତିତ୍ୱ ଏବଂ ସମୂତର କ୍ଷେତ୍ରରେ ମଧ୍ୟ ସେହ ପରମାତ୍ମସ୍ୱରୂପେ ସମ୍ଭୂତ ହେବାକୁ ପଡ଼ିବ; ସେଉଁ ଅନନ୍ତସ୍ୱନ ଅସ୍ତିତ୍ୱ, ଚେତନା, ଶାନ୍ତି ଓ ଆନନ୍ଦ ରୂପରେ ତାହା ଆମ ଭିତରେ ଆପଣାକୁ ଉଦ୍‌ଘାଟିତ କରି ରଖିଛୁ, ତାହାର କ୍ଷେତରେହିଁ ତାହା ସହଜ ଏକାତ୍ମ ହୋଇଯିବାକୁ ପଡ଼ିବ । ସେଉଁସବୁ ନିସ୍ୱାତ୍ମକତା, ରୂପାନ୍ତର ଓ ଆତ୍ମଅବବୋଧ-ଜ୍ଞାନାର ପରିଚ୍ଛନ୍ନ ପିଛ ସେ ଏହି ବଶ୍ୱଜଗତରେ ବଘ୍ନକ ରହିଛନ୍ତି, ତାଙ୍କ ସହଜ ସେହ କ୍ଷେତରେ ମଧ୍ୟ ଏକାତ୍ମତା ଅର୍ଜନ କରିବାକୁ ପଡ଼ିବ ।

କେବଳ ବୁଦ୍ଧିଗତ ଜ୍ଞବରେ ପରମ ଆତ୍ମସତ୍ତା ଅଥବା ଭଗବାନଙ୍କର ଏକ କଳ୍ପନା କରିପାରିବା ବ୍ୟତୀତ ଆମେ କିପରି ତା'ଠାରୁ ଆହୁରି ଅଧିକ କିଛୁ କରିବାକୁ ସମର୍ଥ ହେବା, ସେକଥାଟିକୁ ବୁଝିବା ଆଧୁନିକ ମନ ଲଗି ବଡ଼ କଷ୍ଟକର ହୋଇ ପାରେ । ମାନ ଇନ୍‌ଟ୍ରେପୀସ୍ଥ ବୋଧକଳ୍ପନା ଲଗି ଜଣେ ମହାନ୍ ଇଂରାଜ କବ ପ୍ରକୃତ ମଧ୍ୟରେ ଅନ୍ତର୍ଗତ ଜ୍ଞବରେ ଯେଉଁ ଜାଗୃତ ହୋଇ ଉଠିବାକୁ ଏକ ବାସ୍ତବତାରେ ପରିଣତ କରି ପାରିଛନ୍ତି, ସେଇଥିରୁ ସ୍ପଷ୍ଟ ଆହରଣ କରି ଆଧୁନିକ ମନ ଏହି ଦୃଷ୍ଟି, ଅନୁଭୂତି ଏବଂ ସମ୍ଭୂତ ବିଷୟରେ ନିଜେ କେତେକାଂଶରେ ଏକ ଚୁସ୍ୱା ଦ୍ୱାରା ଅବଶ୍ୟ ପ୍ରସ୍ତୁତ ହୋଇପାରିବ । ଜନ୍ମ ଓ୍ୱାର୍ଡ୍‌ସ୍‌ଓ୍ୱର୍ଥ୍ ଆପଣାର ପ୍ରକୃତ-ଉପଲବ୍ଧିକୁ ଯେଉଁସବୁ କବତାରେ ପ୍ରକାଶରୂପ ଦେବାର ପ୍ରସ୍ଥାସ କରିଛନ୍ତି, ସେଗୁଡ଼ିକୁ ପାଠ କଲେ ଆମେ ଯେଉଁ ଦୂରବର୍ତ୍ତୀ ଜ୍ଞବରେ ଚ୍ଛଲେ ମଧ୍ୟ ଉପଲବ୍ଧି ବିଷୟରେ ନିଶ୍ଚିତ କଳ୍ପନା ଧାରଣା ଅର୍ଜନ କରିପାରିବା । କାରଣ, ପ୍ରଥମତଃ, ଆମେ ଦେଖିବାକୁ ପାଇବା ଯେ ଏହି ବଶ୍ୱପୃଥ୍ୱୀରେ ଓ୍ୱାର୍ଡ୍‌ସ୍‌ଓ୍ୱର୍ଥ୍ ଏପରି ଏକ ସମ୍ପଦର ଦୃଷ୍ଟିଗତ ବୋଧ ଲାଭ କରିଥିଲେ ଯାହାକୁ କି ଆମେ ଏହି ପୃଥିବୀସ୍ଥ ସାବତୀୟ ବସ୍ତୁର ଅନ୍ତର୍ସତ୍ତା ସହଜ ଅଭିନ୍ନ ବୋଲି କହିପାରିବା; ସେ ଏଠାରେ ଏକ ଚେତନ ଶକ୍ତି ଓ ଚେତନ ସାନ୍ନିଧ୍ୟର ଦୃଷ୍ଟି ଲାଭ କରିଥିଲେ ଯାହାକୁ କି ଆମେ ଏହି ପୃଥିବୀର କେବଳ ନାନାବିଧ ବାହ୍ୟରୂପ ବୋଲି ଆଦୌ କହିପାରିବା ନାହିଁ, ଅଥଚ ଯାହାକି ସେହିସବୁ ରୂପର ଜନକ ବା କାରଣରୂପେ ସେଗୁଡ଼ିକୁ ଏଠାରେ ସମ୍ଭବ କରିଛୁ ଏବଂ ସେହିଗୁଡ଼ିକ ମଧ୍ୟରେ ଆପଣାକୁ ଅଭିବ୍ୟକ୍ତ କରି ରଖିଛୁ । ଏବଂ ଆମେ ଦେଖିବାକୁ ପାଇବା ଯେ ସିଏ କେବଳ ଏଭଳର ଦୃଷ୍ଟି ଲାଭ କରି ନଥିଲେ, ଏବଂ ସେହି ସାନ୍ନିଧ୍ୟରୁ ଉପଲବ୍ଧ ହେଇଥିବା ଆନନ୍ଦ, ଶାନ୍ତି ଓ ବଶ୍ୱାତ୍ମକତାର ଦୃଷ୍ଟିକିହିଁ ଲାଭ

'oaob.nitrkl.ac.in' images reprocessed

କର ନଥିଲେ; ମାତ୍ର ଏହାକୁ ଆପଣାର ମନ, ସୌନ୍ଦର୍ଯ୍ୟବୋଧ, ପ୍ରାଣ ତଥା ଦେହ ଦେଇ ଅନୁଭବ ମଧ୍ୟ କରିଥିଲେ। ସେହି ଚେତନ ଓ ପରମ ଆତ୍ମାର ଆପଣା ସତ୍ତାରେହିଁ ସେ ତାହାର ବୋଧ ଓ ଦୃଷ୍ଟି ଲାଭ କର ନଥିଲେ; ମାତ୍ର ତାଙ୍କ ଆଗରେ ଫୁଟିଥିବା ନଳକଡମ ଫୁଲଟି ମଧ୍ୟରେ, ସରଳତମ ଜଣେ ମଣିଷ ଭିତରେ ଏବଂ ସ୍ଥାବର ପଦାର୍ଥଗୁଡିକାରେ ମଧ୍ୟ ସେ ସେହି ଆତ୍ମାକୁ ଦେଖି ପାରୁଥିଲେ, ଅନୁଭବ କରି ପାରୁଥିଲେ। ଏବଂ ସର୍ବଶେଷରେ ଏକଥାଟି ମଧ୍ୟ ଜାଣି ରଖିବାକୁ ହେବ ଯେ ସେ ବେଳେବେଳେ ସ୍ୱୟଂ ସେହି ଏକତ୍ୱଟିର ସୋପାନରେ ଯାଇ ପହଞ୍ଚି ପାରୁଥିଲେ, ଆଉ ଆପଣାର ସମର୍ପଣବସ୍ତୁଟିରେ ପରିଣତ ହୋଇ ପାରୁଥିଲେ। "ଏକ ସୁପ୍ତି ମୋର ଚଦ୍‌ଗତ ଆତ୍ମାକୁ ଆଚ୍ଛାଦନ କରି ରଖିଲା," ଏହି ପଂକ୍ତିରେ ସେହିଭଳି ଏକ ବୋଧଗତ ପର୍ଯ୍ୟାୟ ଅତ୍ୟନ୍ତ ଶକ୍ତିଶାଳୀ ଓ ଗମ୍ଭୀର ଭାବରେ ପ୍ରକାଶିତ ହୋଇପାରିଛି, ଯେଉଁଠାରେ କି ସେ ଆପଣାର ସତ୍ତାରେ ପୂର୍ଣ୍ଣତା ସହିତ ଏକରୂପ ହୋଇ ଯାଇଥିବାର ବର୍ଣ୍ଣନା କରିଛନ୍ତି,—"ଏବଂ ଆପଣାର ଦହନଯନ୍ତ୍ରଣା ମଧ୍ୟରେ ଶିଳା, ଶୈଳ ଏବଂ ବୃକ୍ଷସମୂହକୁ ଏକାଠି କର ଗୁଡ଼ାଇନେଲା।" କେବଳ ଭୌତିକ ପ୍ରକୃତିର ସୋପାନଟିରୁ ଏହି ଉପଲବ୍ଧିକୁ ଏକ ଗମ୍ଭୀରତର ଆତ୍ମସତ୍ତାର ସୋପାନକୁ ଉତ୍ତୋଳିତ କରିନେଲେ ଆମେ ଯୋଗସ୍ଥ ଜ୍ଞାନୋପାଦାନଗୁଡ଼ିକର ସମ୍ପୂର୍ଣ୍ଣୀନ ହୋଇପାରିବା। ମାତ୍ର ଏହି ଯାବତୀୟ ଅନୁଭୂତି ହେଉଛି ପରମ ବିଶ୍ୱୋତ୍ତୀର୍ଣ୍ଣ ସତ୍ତାକୁ ଉପଲବ୍ଧି କରିବାର ସେହି ଅଗାଧ ଓ ଅତ୍ତମାନସ ସୋପାନର କେବଳ ଏକ ମୁଖଶାଳା ପରି; ସେହି ବିଶ୍ୱୋତ୍ତୀର୍ଣ୍ଣ ପରମସତ୍ତା ଭାଙ୍କର ସକଳ ବସ୍ତୁକର ଅତୀତ ହୋଇ ଅବସ୍ଥିତ ରହିଛନ୍ତି, ଏବଂ କେବଳ ସେହି ଅତଚେତନ ମଧ୍ୟରେ ପ୍ରବେଶ କରି ଓ ସେଠାରେ ଆମର ଅନ୍ୟ ସକଳ ଅନୁଭୂତିକୁ ସେହି ପରମ ଅନ୍ତଶ୍ଚତନାସୂତ୍ରଙ୍କ ସହିତ ଏକ ସ୍ପର୍ଶୀୟ ଏକତ୍ୱ ମଧ୍ୟରେ ସମ୍ମିଳିତ କରିଦେଇହିଁ ଆମେ ଜ୍ଞାନସିଦ୍ଧିର ସର୍ବୋଚ୍ଚ ଶିଖରଟିରେ ଯାଇ ଉପନୀତ ହୋଇପାରିବା। ଏବଂ ତାହାହିଁ ହେଉଛି ସକଳ ଦ୍ରବ୍ୟ ଜାଣିବାର ଚରମ ପରିପୂର୍ଣ୍ଣତା, ତାହାକୁହିଁ ଆମେ ଯାବତୀୟ ଦ୍ରବ୍ୟ ଜୀବନଯନ୍ତ୍ରଣା ଏବଂ ଦ୍ରବ୍ୟ ଆନନ୍ଦର ଉତ୍ସ ବୋଲି କହିପାରିବା।

ତେଣୁ ଜ୍ଞାନର ସେହି ସ୍ଥିତିକୁହିଁ ଆମେ ଏହି ମାର୍ଗଟିର ଲକ୍ଷ୍ୟସ୍ଥଳ ବୋଲି ଜାଣିରଖିବା, ବସ୍ତୁତଃ ସେଗୁଡ଼ିକର ଶେଷଯାଏ ଅନୁସୃତ ହେଉଥିବା ସକଳ ମାର୍ଗରହିଁ ଲକ୍ଷ୍ୟସ୍ଥଳ ବୋଲି ଜାଣିରଖିବା। ବୁଦ୍ଧିଗତ ସକଳ ଭେଦବୋଧ ତଥା ଅବବୋଧ, ବୈକାନ୍ତିକ ସକଳ ଅନ୍ତନ୍ତେଶ ଏବଂ ମନୋଭୂମିସ୍ଥ ସକଳ ଆତ୍ମଜ୍ଞାନ, ପ୍ରେମ ଦ୍ୱାରା ହୃଦୟର, ସୌନ୍ଦର୍ଯ୍ୟ ଦ୍ୱାରା ସକଳ ଇନ୍ଦ୍ରିୟର, ଶକ୍ତି ଓ ନିସ୍ୱାର୍ଥପରତା ଦ୍ୱାରା ଇଚ୍ଛାଶକ୍ତିର ଏବଂ ଶାନ୍ତି ଓ ଆନନ୍ଦ ଦ୍ୱାରା ଆତ୍ମାର ଯାବତୀୟ ଅନ୍ୱେଷଣ;—ଏସବୁ ହେଉଛି ସେହି

'oaob.nitrkl.ac.in' images reprocessed

ଅପଲ୍ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବାର କେବଳ ଗୋଟିଏ ଗୋଟିଏ ପ୍ରବଳାଠି ମାତ୍ର, ମାର୍ଗ ମାତ୍ର, ପ୍ରଥମ ପଦକ୍ଷେପ ମାତ୍ର ଓ ଆଗ୍ରେହ୍ମଣର ଆରମ୍ଭକାଳୀନ କେତୋଟି ପାବନ୍ଦ ମାତ୍ର । ଆମକୁ ଏଗୁଡ଼ିକର ବ୍ୟବହାର କରିବାକୁ ପଡ଼ିବ, ଏଗୁଡ଼ିକର ଅନୁସରଣ କରିବାକୁ ପଡ଼ିବ, ଏବଂ ଏହି ବାଟରେ ଯାଇ ଆମେ ସଂଶେଷରେ ସେହି ପ୍ରଶସ୍ତ ଓ ଅନନ୍ତ ଭୂମିଗୁଡ଼ିକରେ ପହଞ୍ଚି ପାରିବା ଏବଂ ସେତେବେଳେ ତତ୍ତ୍ୱ ଦ୍ୱାରଗୁଡ଼ିକ ସେହି ଅନ୍ତସ୍ଥାନ ଆଲୋକମସ୍ତ୍ରା ଆଡ଼କୁ ପୂର୍ଣ୍ଣ ଉନ୍ମୋଚିତ ହୋଇଯିବ ।

'oaob.nitrkl.ac.in' images reprocessed

ଚତୁର୍ଥ ପରିଚ୍ଛେଦ

ଶୁଦ୍ଧ ବୋଧ

ଆମର ଅଜ୍ଞାତସିଦ୍ଧ ଜ୍ଞାନସ୍ଥିତିର ପ୍ରକୃତଦୃଷ୍ଟି ସେହି ସ୍ଥିତିରେ ଯାଇ ପହଞ୍ଚିବା ସକାଶେ ଆମେ ଜ୍ଞାନର କଭଳ ସାଧନମାନ ବ୍ୟବହାର କରିବା, ତାହାର ନବରୂପଣ କରି ଦେଇଥାଏ । ଆମେ ଯେଉଁ ଜ୍ଞାନସ୍ଥିତିକି ଲଗି ଅଭିଳାଷ ରଖିଛୁ, ଆମେ ଫକ୍ତେପରେ ତାହାକୁ ଏକ ଅନ୍ତଃମାନସ ଉପଲବ୍ଧି ବୋଲି କହିପାରିବା । ଆମ ଭିତରେ ଥିବା ବଦ୍ଧମନ ମନୋଗତ ଚିନ୍ତାର ମାଧ୍ୟମରେ ଅନୁକର୍ସିତ ମନୋମୟ ପ୍ରତିରୂପ-ଗୁଡ଼ିକ ଦ୍ୱାରା ସେହି ଉପଲବ୍ଧି ଲଗି କ୍ଷେତ୍ର ପ୍ରସ୍ତୁତ କରିଯାଏ ଏବଂ ସେହି ଉପଲବ୍ଧି ଥରେ ସମ୍ଭବ ହୋଇଗଲେ ତାହା ଆମ ସତ୍ତାର ସକଳ ଅଙ୍ଗଗୁଡ଼ିକରେ ଆପଣାକୁ ପୂର୍ଣ୍ଣତାର ରୂପରେ ଆଣି ପ୍ରତିଫଳିତ କରିଦେବ । ଏହି ଉପଲବ୍ଧିକୁ ଆମେ ଏକ ପୁନଃଦୃଷ୍ଟିଲାଭ ବୋଲି କହିବା ଏବଂ ତେଣୁ ବସ୍ତୁଗତ ଯାବତୀୟ ପ୍ରତିରୂପ ଏବଂ ଆମ ଉପରତ୍ତ୍ୱଗୀୟ ସତ୍ତାସୃଷ୍ଟିର ବାହ୍ୟଚାଗୁଡ଼ାକର ଶୃଙ୍ଖଳରୁ ସବଦା ମୁକ୍ତ ହୋଇ ରହିଥିବା ସେହି ପରମ ଦ୍ରବ୍ୟ, ପରମ ଏକ ଓ ପରମ ଶାଶ୍ୱତଙ୍କର ଆଲୋକରେ ଆମର ସମୁଦାୟ ଜୀବନଟିକୁ ନୂଆ କରି ପୁନଃରଚିତ କରିନେବା ବୋଲି କହିବା ।

ମନୁଷ୍ୟସ୍ତରରୁ ଦିବ୍ୟ ସ୍ତରକୁ, ଏହି ବଦ୍ଧତ୍ୱ ଏବଂ ବସଙ୍ଗତପୂର୍ଣ୍ଣ ସ୍ତରରୁ ପରମ ଏକର ସ୍ତରକୁ, ପ୍ରତିତ୍ତ୍ୱସଚସ୍ୱର ଏହି ସ୍ତରରୁ ଶାଶ୍ୱତ ପରମସତ୍ତ୍ୟ ମଧ୍ୟକୁ ଏହି ଉତ୍ତୀର୍ଣ୍ଣ ହୋଇଯିବା, ଏହିପରି ତ୍ତ୍ୱରେ ଏକ ସମ୍ପୂର୍ଣ୍ଣ ପୁନର୍ଜନ୍ମ ଲାଭ କରିବା ବା ଆତ୍ମାର ନବଜନ୍ମ ଘଟାଇବା,—ଏଥିରେ ସବୁବେଳେ ଦୁଇଟି ପର୍ଯ୍ୟାୟ ଅବଶ୍ୟ ରହିବ । ଗୋଟିଏ ହେଉଛି ପ୍ରସ୍ତୁତିର ପର୍ଯ୍ୟାୟ, ଯେତେବେଳେକ ଆତ୍ମା ଓ ତାହାର ସାଧନ-ଗୁଡ଼ିକୁ ସଯୋପଯୁକ୍ତ ହୋଇ ଗଢ଼ାଣ ହେବାକୁ ପଡ଼ିବ; ଏବଂ ଆରଟି ହେଉଛି ପ୍ରକୃତରେ ଜ୍ୟୋତିର୍ମୟ ହୋଇଯିବାର ପର୍ଯ୍ୟାୟ, ଏବଂ ଆପଣାର ଯୋଗ୍ୟ ସାଧନ-ଗୁଡ଼ିକର ମଧ୍ୟଦେଇ ଉପଯୁକ୍ତ ତ୍ତ୍ୱରେ ପ୍ରସ୍ତୁତ ହୋଇ ରହିଥିବା ଆତ୍ମାରେ ଉପଲବ୍ଧିର ପର୍ଯ୍ୟାୟ । ଏହି ଦୁଇ ପର୍ଯ୍ୟାୟ ମଧ୍ୟରେ ବସ୍ତୁତଃ କାଳଗତ ପୁଂପରତ୍ତା ଦେଖାଇ ଆମେ ସ୍ପଷ୍ଟତ୍ତ୍ୱରେ ଆଦୌ କୌଣସି ସୀମାରେଖା ଟାଣିଦେଇ ପାରିବା ନାହିଁ; ବରଂ

'oaob.nitrkl.ac.in' images reprocessed

ଆମକୁ ବୁଝି ରଖିବାକୁ ହେବ ଯେ ଦୁଇଟିଯାକ ପର୍ଯ୍ୟାସ୍ତ ପରସ୍ପର ଲଗି ଏକାନ୍ତ ଆବଶ୍ୟକ ଏବଂ ପରସ୍ପର ସହିତ ସଦ୍ଭାବସ୍ଥିତ ସ୍ୱବରେନ୍ଦ୍ର ଦୁଇଟିଯାକର ଧାତ୍ ଲଗି ରହିଥାଏ । କାରଣ ଅଧିକରୁ ଅଧିକ ପ୍ରସ୍ତୁତ ହୋଇ ପାରୁଥିବା ସଙ୍ଗେସଙ୍ଗେ ଆତ୍ମାର ଜ୍ୟୋତିର୍ମସ୍ୱଭାଟି ମଧ୍ୟ ଠିକ୍ ସେହି ଅନୁପାତରେ ବୃଦ୍ଧି ପାଇବାରେ ଲଗିଥାଏ, ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତରକୁ ଆରୋହଣ କରି ଯାଇଥାଏ ଏବଂ ତାହାର ଉପଲବ୍ଧି ମଧ୍ୟ ସେହିପରି ପୂର୍ଣ୍ଣରୁ ପୂର୍ଣ୍ଣତର ହେବାରେ ଲଗିଥାଏ । ଏବଂ ଏହିସବୁ ଜ୍ୟୋତିର୍ମସ୍ୱତା ଓ ଏହିସବୁ ଉପଲବ୍ଧି ଯେତକ ଯେତକ ବୃଦ୍ଧି ପାଇଥାଏ, ଠିକ୍ ସେହି ଅନୁପାତରେ ଆତ୍ମା ଅଧିକରୁ ଅଧିକ ଯୋଗ୍ୟ ହୋଇ ପ୍ରସ୍ତୁତ ବ ହେବାରେ ଲଗିଥାଏ ଏବଂ ତାହାର ସାଧନଗୁଡ଼ିକ ଆପଣାର କାର୍ଯ୍ୟଟି ଲଗି ସେତକ ଅଧିକ ସ୍ୱବରେ ନିପୁଣ ଏବଂ କୁଶଳ ହେବାରେ ମଧ୍ୟ ଲଗିଥାନ୍ତି । ତେଣୁ ଜ୍ୟୋତିର୍ମସ୍ୱ ଅବସ୍ଥାକୁ ଅସିବା ପୂର୍ବରୁ ଆତ୍ମାର ଏକ ପ୍ରସ୍ତୁତ ହେବାର ରହୁ ଯେମିତ ରହିଛୁ, ଜ୍ୟୋତଃପ୍ରକଷ୍ଟ ଅଇବୃଦ୍ଧି ଲଗି ମଧ୍ୟ ସେହିପରି ରୋଟିଏ ରହୁ ରହିଛୁ; ଏବଂ ପର୍ବପୁର୍ଣ୍ଣତାଲଭର ପର୍ଯ୍ୟାସ୍ତରେ ଆତ୍ମାର ଏପର କେତେଗୁଡ଼ିଏ ମୁହୂର୍ତ୍ତ ରହିଛୁ, ଯେତେବେଳେ ଅଲ୍ପକିଛୁତ ଅଧିକ ଅବଧି ସକାଶେ ସେହି ଜ୍ୟୋତିର୍ମସ୍ୱ ଲବ୍ଧ ବସ୍ତୁଟିକୁ ଆପଣା ଅଧିକାରରେ ରଖିପାରିବା ସମ୍ଭବ ହୋଇଥାଏ; ଏବଂ ଆହୁରି ଏପର କେତେଗୁଡ଼ିଏ ମୁହୂର୍ତ୍ତ ମଧ୍ୟ ରହିଛୁ, ଯେଉଁଗୁଡ଼ିକ କ ସତେଅବା ଜଳୁଥିଲା ମାଟିବା ପର କ୍ଷଣକ ପାଇଁ ଟିକେ ଛଟପଟ ହୋଇଥାନ୍ତି ଓ ପରବର୍ତ୍ତୀ କ୍ଷଣଟିରେ ପୁଣି ଜୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଥାଆନ୍ତି । ମାନ ସେହି ଜନ୍ମିତଭର ଅବଧି ମଧ୍ୟରେ ବ ସମଗ୍ର ଆଧ୍ୟାତ୍ମିକ ଉତ୍କର୍ଷଟିକୁ ରୁମୁଲ ସ୍ୱବରେ ବଦଳାଇ ଦେଇ ଯାଇଥାନ୍ତି । ଏହି ପର୍ଯ୍ୟାସ୍ତରେ ପୁଣି ଏଭଳି ମୁହୂର୍ତ୍ତମାନ ବ ରହିଛୁ, ଯେଉଁଗୁଡ଼ିକ କ ସତ୍ୟସୂର୍ଯ୍ୟର ଏକ ଅବଚ୍ଛିନ୍ନ ଆଲୋକପ୍ରାବନରେ ଅଥବା ଜରଶୋଦ୍ଭସରେ ମନୁଷ୍ୟଜୀବନର ଏକାଧିକ କେତେ ଘଣ୍ଟା, ଦିନ ବା ସପ୍ତାହ ବ୍ୟାପି ପ୍ରସାରିତ ହୋଇ ରହିଥାନ୍ତି । ଏବଂ ଅରେ ଇଶ୍ୱରାଭମୁଖୀ ହେବାକୁ ଆରମ୍ଭ କରିବା ଆତ୍ମା ଏହିସବୁ ଆଲୋଡ଼ନ ଓ ଅନୁଭୂତି ମଧ୍ୟଦେଇ ଆପଣାର ନୂତନ ଜନ୍ମ ତଥା ଯଥାର୍ଥ ଅସ୍ତିତ୍ୱର ନିରବଚ୍ଛିନ୍ନତା ଏବଂ ପରିପୂର୍ଣ୍ଣତା ଆଡ଼କୁ ଉଚ୍ଚ କରିବାରେ ଲଗିଥାଏ ।

ଆମର ସୃଷ୍ଟିର ଯାବତୀୟ ଅଙ୍ଗଗୁଡ଼ିକର ଶୁଦ୍ଧିସାଧନ ହେଉଛୁ ପ୍ରସ୍ତୁତିର ପ୍ରଥମ ଆବଶ୍ୟକତା । ବିଶେଷତଃ, ଜ୍ଞାନର ଏହି ମାର୍ଗଟି ଲଗି ବୋଧର ଶୁଦ୍ଧିସାଧନକୁ ଆମେ ପ୍ରକୃତରେ ରୋଟିଏ ସ୍ୱତନ୍ତ୍ରାଠି ହୋଇ କରିବା ଯାହାକି ଆମ ଲଗି ପରମସତ୍ୟର ଦ୍ୱାରଟିକୁ ଉନ୍ମୁକ୍ତ କରିଦେଇ ପାରିବ । ଏବଂ ଆମର ଅନ୍ୟ ଜୀବନାଙ୍ଗଗୁଡ଼ିକରେ ଶୁଦ୍ଧି ନଆସିବା ପର୍ଯ୍ୟନ୍ତ ବୋଧର ଶୁଦ୍ଧିସାଧନ ପ୍ରାସ୍ତ ଅସମ୍ଭବ ହୋଇ ରହିଥିବ । ଦୃଦସ୍ତ ଅଶୁଦ୍ଧ ହୋଇ ରହିଥିବା ପର୍ଯ୍ୟନ୍ତ, ଇଚ୍ଛାସ୍ୱବୋଧ ଅଶୁଦ୍ଧ ହୋଇ ରହିଥିବା ପର୍ଯ୍ୟନ୍ତ ଏବଂ ଜୀବନ ଅଶୁଦ୍ଧ ହୋଇ ରହିଥିବା ପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ସେମାନେ ଆମର ବୋଧଶକ୍ତିକୁ ମଧ୍ୟ ବଣା କର ରଖିଥିବେ, ତାହାର ତଥ୍ୟଭୂମିକୁ ବ୍ୟାହତ କର ରଖିଥିବେ, ତାହାର ସିଦ୍ଧାନ୍ତଗୁଡ଼ିକୁ ବିକୃତ କର ପକାଇଥିବେ, ତାହାର ଦେଖିବା ଭିତରେ ଅନ୍ଧାର ବୋଳିଦେବେ ଏବଂ ତା'ର ଜ୍ଞାନକୁ ଅପବ୍ୟବହାର କରିବାରେ ଲଗିଥିବେ । ଶୁଦ୍ଧି ଆସି କଥିବା ଏକ ଶାସ୍ତ୍ରର ବିଧାନ ଓ ବ୍ୟବସ୍ଥା ଶୁଦ୍ଧବୋଧର କାର୍ଯ୍ୟର ପଥରୁଦ୍ଧ କର ରଖିଥିବ, ତାହାର ନଶ୍ୱାସ ବନ୍ଦ କର ରଖିଥିବ । ତେଣୁ ଜୀବନର ଭୂମିରେ ଏକ ସମଗ୍ର ଶୁଦ୍ଧତା ଆଣିବାକୁହିଁ ପଡ଼ିବ । ଏହି କ୍ଷେତ୍ରରେ ମଧ୍ୟ ଏକ ପରସ୍ପରନିର୍ଭରଶୀଳତାହିଁ ସର୍ବଦା କାର୍ଯ୍ୟ କରୁଥାଏ; କାରଣ ଆମ ଜୀବନର କୌଣସି ଗୋଟିଏ ଅଙ୍ଗରେ ଶୁଦ୍ଧି ଆସିଗଲେ ତାହା ଅନ୍ୟ ସକଳ ଅଙ୍ଗର ଶୁଦ୍ଧିସାଧନରେ ମଧ୍ୟ ସାହାଯ୍ୟ କରିଥାଏ । ଉଦାହରଣସ୍ୱରୂପ ଆମ ଫୁସଫୁସଗୁଡ଼ିକର ଦୃଢ଼ସୃଷ୍ଟି ଯେଉଁକ ପରିମାଣରେ ଅଧିକରୁ ଅଧିକ ଶାନ୍ତ ହୋଇଯାଇଥାଏ, ତାହା ଆମ ବୋଧଶକ୍ତିରେ ଶୁଦ୍ଧି ଆଣିଦେବାରେ ମଧ୍ୟ ସେଉଁକ ଅଧିକ ସାହାଯ୍ୟ କରେ; ଏବଂ ଠିକ୍ ସେହିପରି ଜ୍ଞାନରେ ବୋଧଶକ୍ତି ଶୁଦ୍ଧ ହୋଇଗଲେ ତାହା ସେତେବେଳ ଯାଏ ତଥାପି ଅଶୋଧିତ ହୋଇ ରହିଥିବା ଫୁସଫୁସଗୁଡ଼ିକର ନିସ୍ୱାଗତ ନାନା ଉତ୍ସିସ୍ରା ଓ କର୍ଦ୍ଦମାକ୍ତତା ଉପରେ ଆପଣାର ପ୍ରଶାନ୍ତ ଏବଂ ଆଲୋକକୁ ମଧ୍ୟ ପ୍ରତିଫଳିତ କରାଇବାକୁ ଆରମ୍ଭ କରେ । ଏପରିକ ଏକଥା ମଧ୍ୟ କେଶ୍ କୁହାଯାଇ ପାରିବ ଯେ ଆମ ସତ୍ତାର ପ୍ରତ୍ୟେକ ଜୀବନାଙ୍ଗ ଆପଣାର ଶୁଦ୍ଧି ଲଗି ଆପଣା ଆପଣାର ସ୍ପନ୍ଦାସ୍ୱ ଓ ଅନୁକୂଳ ଭଙ୍ଗୀଗୁଡ଼ିକର ଅନୁସରଣ କରୁଥିଲେ ମଧ୍ୟ ଆମେ ତଥାପି ମନୁଷ୍ୟ ଭିତରେ ରହିଥିବା ଶୁଦ୍ଧ ବୋଧକୁହିଁ ତା'ର କର୍ଦ୍ଦମାକ୍ତ ଓ ଶୃଙ୍ଖଳାତ୍ୟକ୍ତ ସତ୍ତାର ସବୁଠାରୁ ଅଧିକ ଶକ୍ତିଶାଳୀ ବିଶୋଧନକାରୀ ବୋଲି କହିବା ଏବଂ ତାହାହିଁ ସବୁଠାରୁ ଅଧିକ ପ୍ରଭାବଶାଳୀ ଭାବରେ ସେହି ଭଙ୍ଗୀଗୁଡ଼ିକର ଯଥାର୍ଥ ନିସ୍ପାଦକତାକୁ ମନୁଷ୍ୟଜୀବନର ଅନ୍ୟ ଅଙ୍ଗଗୁଡ଼ିକ ଉପରେ ନେଇ ଲଦି ଦେଇଥାଏ ବୋଲି ଜାଣି ରଖିବା । ଗୀତାର କହିବା ଅନୁସାରେ ଜ୍ଞାନ ହେଉଛି ସବୋଚ୍ଚ ଓ ସବଶ୍ରେଷ୍ଠ ବିଶୁଦ୍ଧତା; ଯେପରି ଅଜ୍ଞାନରୂପୀ ଅନ୍ଧକାର ଆମର ସାବସ୍ତାସ୍ୱ ପଥଶୁଦ୍ଧିବାର କାରଣ ହୋଇ ଦେଖା ଦେଇଥାଏ, ସେହିପରି ଆଲୋକ ଅର୍ଥାତ୍ ଜ୍ଞାନାଲୋକକୁହିଁ ଆମେ ସାବସ୍ତାସ୍ୱ ସ୍ପୁଚ୍ଛତା ଓ ସୌଷମ୍ୟର ଉତ୍ସ ବୋଲି ଜାଣିରଖିବା । ଏକ ଦୃଷ୍ଟାନ୍ତ ଦେଇ କହିବାକୁ ଗଲେ ପ୍ରେମ ଆମ ହୃଦସ୍ଥରେ ଏକ ବିଶୋଧକ ପରି କାର୍ଯ୍ୟ କରେ, ଏବଂ ଆମର ସକଳ ଫୁସଫୁସକୁ ଦିବ୍ୟ ପ୍ରେମର ଭୂମିକୁ ଅବତୀର୍ଣ୍ଣ କରାଇ ଆଣିବା ଦ୍ୱାରା ହୃଦସ୍ଥ ବିଶୋଧିତ ହୁଏ ଏବଂ ପରିପୂର୍ତ୍ତତା ଲାଭ କରେ । ମାନ ସ୍ୱୟଂ ପ୍ରେମକୁ ମଧ୍ୟ ଦିବ୍ୟ ଜ୍ଞାନ ଦ୍ୱାରା ବିଶୋଧିତ ହେବାକୁ ହୋଇଥାଏ । ଭଗବାନଙ୍କ ପ୍ରତି ରହିଥିବା ହୃଦ୍‌ଗତ ପ୍ରେମ ହୁଏତ ଏକ ଅନ୍ଧ ପ୍ରେମ ବି ହୋଇପାରେ, ସଙ୍କୀର୍ଣ୍ଣ ହୋଇପାରେ କିଂବା ଅଜ୍ଞାନଭାଗ୍ରସ୍ତ ହୋଇପାରେ ଏବଂ

'oaob.nitrkl.ac.in' images reprocessed

ତାହା ଆମକୁ ଈଶ୍ୱର ଅପ୍ରତ୍ୟାହୃତ ଅଥବା ଜ୍ଞାନ ପ୍ରତି ଏକ ଅଶ୍ରଦ୍ଧା ଆଡ଼କୁ ବ ଟାଣି ନେଇଯାଇ ପାରେ । ତେଣେ ଅନ୍ୟ ଦୃଷ୍ଟିରୁ ଦେଖିଲେ ଶୁଦ୍ଧ ବୋଇ ରହିଥିବେ ମଧ୍ୟ ସେହି ପ୍ରେମ କେବଳ ଏକ ସୀମାବଦ୍ଧ ବ୍ୟକ୍ତିଙ୍କୁପେହିଁ ଉପଦାନକୁ ଦେଖି ଓ ଅନ୍ୟ ସକଳ ରୂପରେ ତାକୁ ଦେଖିବା ଲାଗି ଅସ୍ୱୀକାର କରେ ଏବଂ ସେହି ଯଥାର୍ଥ ତଥା ଅନନ୍ତ ଦୃଷ୍ଟିଟିରୁ ଜାଣିଶୁଣି ଜଗତ ରହି ଆମର ପୂର୍ଣ୍ଣତାପ୍ରାପ୍ତିକୁ ମଧ୍ୟ ବଡ଼ ସୀମାବଦ୍ଧ କରି ଦେଖିପାରେ । ମନୁଷ୍ୟ ପ୍ରତି ରହିଥିବା ଏହି ଦୁର୍ଦ୍ଦମ୍ୟ ପ୍ରେମ ଠିକ୍ ସେହିଭଳି ଜଗତରେ ଆମକୁ ଆମର ଅନୁଭୂତି, କିମ୍ବା ତଥା ଜ୍ଞାନଜଗତର କ୍ଷେତ୍ରଗୁଡ଼ିକରେ ନାନା ବିକୃତି ଓ ଅଭଶସ୍ତତା ମଧ୍ୟକୁ ଘୁଲାଇ ନେଇ ଯାଇପାରେ; ଏବଂ ସେତେବେଳେ ସେହି ବିକୃତି ଏବଂ ଅଭଶସ୍ତତାଗୁଡ଼ିକୁ ବୋଧଗତ ବିଶୋଧନ ଦ୍ୱାରା ଫଶୋଧିତ କରିବାକୁ ପଡ଼ିଥାଏ, ସେଗୁଡ଼ିକୁ ଜବତ କରି ରଖିବାକୁ ମଧ୍ୟ ପଡ଼ିଥାଏ ।

ଏହି ବୋଧ ଏବଂ ତାହାର ବିଶୋଧନ କହିଲେ ଆମେ ପ୍ରକୃତରେ କ'ଣ ବୁଝୁଛୁ, ତାହାକୁ ରଙ୍ଗର ଘରେ ଏବଂ ସ୍ପଷ୍ଟ ଘରେ ବସ୍ତର କରି ଦେଖିବାକୁ ପଡ଼ିବ । ଦାର୍ଶନିକ ଫସ୍ଟ୍ଟ ଶବ୍ଦ 'ବୃଦ୍ଧି' ଦ୍ୱାରା ତାହା ବୁଝାଇଥାଏ, ଇଂରାଜୀ ଭାଷାରେ ତାହାର ଏକ ନିକଟତମ ସମତାଚୀ ଶବ୍ଦରୂପେହିଁ ଆମେ ଏହାର ବ୍ୟବହାର କରିଛୁ । ତେଣୁ ଏଥିରେ ଆମେ ଇନ୍ଦ୍ରିୟମନର ଜିସ୍ୱାଟିକୁ ଆଦୌ ଅନ୍ତର୍ଭୁକ୍ତ କରି ନାହୁଁ । କାରଣ ଇନ୍ଦ୍ରିୟମନ କେବଳ ଇନ୍ଦ୍ରିୟଗତ ବୋଧଗୁଡ଼ିକୁହିଁ ଲିପିବଦ୍ଧ କରି ରଖିଥାଏ ଏବଂ ସେହି ବୋଧଗୁଡ଼ିକରେ କେଉଁଟି ଠିକ୍ ବା କେଉଁଟି ଭୁଲ୍, କେଉଁଟି ସତ୍ୟ ଅଥବା କେଉଁଟି କେବଳ ଭ୍ରମମୟ ପ୍ରତିଛବି ମାତ୍ର, କେଉଁଟି ଶୁଦ୍ଧର ଓ କେଉଁଟି କେବଳ ଦୃଷ୍ଟିଗତ୍ୱାସ୍ୱ, ଲିପିବଦ୍ଧ କରି ରଖିଲବେଳେ ଇନ୍ଦ୍ରିୟମନ ସେଗୁଡ଼ିକର କୌଣସି ବାଛବିଚାର କରେ ନାହିଁ । ଏବଂ ଇନ୍ଦ୍ରିୟଗତ ସେହି ବୋଧଗୁଡ଼ିକରୁ କେବଳ ଏକ ଜର୍ଜମା ଢୋଇ ସେଇ ଫଶୟୁକ୍ତ ଅବବୋଧର ବୃହତ୍ ପିଣ୍ଡଟି ଉଆଣ ଢୋଇ ରହିଥାଏ ଏବଂ ତେଣୁ ସେଥିରେ ବସ୍ତର ଓ ଭେଦନିରୂପଣର ଉଚ୍ଚତର ଭତ୍ତ୍ୱଟି ଲାଗି ଆଦୌ କୌଣସି ସ୍ଥାନ ନଥାଏ, ଆମେ ସେଇଟିକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରି ନାହୁଁ । ଏଥିମଧ୍ୟରେ ଆମେ ସେହି ସତ୍ତତ ପ୍ରାସ୍ୱ ଲମ୍ଫ ପ୍ରଦାନ କଲ ପର ପ୍ରତାହୃତ ଢେଉଥିବା ଫସ୍ଫାରଗତ ସ୍ପନ୍ଦନାଟିକୁ ମଧ୍ୟ ଆଦୌ ଅନ୍ତର୍ଭୁକ୍ତ କରିପାରିବା ନାହିଁ, ଯାହାକ ସ୍ପନ୍ଦନାଶକ୍ତ ନଥିବା ଜଣେ ସାଧାରଣ ମଣିଷ ଭିତରେ ବୋଧର କାର୍ଯ୍ୟଟିକୁ ସମ୍ପନ୍ନ କରିବାରେ ଲାଗିଥାଏ ମାତ୍ର ବସ୍ତୁତଃ କେବଳ ଅଭ୍ୟାସଗତ ସମ୍ବନ୍ଧଜତା, ବାସନା, ପୁଦ୍ଗଳ, ପୁଦ୍ଗଳର ଏବଂ ତାହାରୁ ଆଦ୍ଭତ ଅଥବା ଛାୟାନ୍ଧକାରରୂପେ ପ୍ରାପ୍ତ ଅନୁରୂପଗୁଡ଼ିକରହିଁ କେବଳ ଏକ ସତ୍ତତ ପୁନରାବୃତ୍ତି ଢୋଇହିଁ ରହିଥାଏ । ଅବଶ୍ୟ ଏକଥା ମଧ୍ୟ ସତ ଯେ ତାହା

'oaob.nitrkl.ac.in' images reprocessed

ଇଚ୍ଛାକଲେ ପରବେଶ ମଧ୍ୟରୁ ପ୍ରବାହିତ ହୋଇ ଆସୁଥିବା ଏବଂ ଭେଦନରୂପଣସମର୍ଥ ସଂବୋଧନ ବୁଦ୍ଧି ପାଖରୁ କୌଣସି ଅଜ୍ଞାନର ସମ୍ପୂର୍ଣ୍ଣ ନହୋଇ ବଡ଼ ଅପ୍ରତ୍ୟକ୍ଷ ସ୍ତରରେ ଭିତରକୁ ପ୍ରବେଶ କରି ପାରୁଥିବା କେତେକେତେ ଅବବୋଧର ଏକ ନୂତନ ସଞ୍ଚୟ ଦ୍ୱାରା ଆପଣାର ଭଣ୍ଡାରଟିକୁ ସତତ ସମୃଦ୍ଧ କରି ମଧ୍ୟ ରଖିପାରେ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ପଶୁସ୍ତରରୁ ବିକଶିତ ହୋଇ ଆସିବାରେ ମନୁଷ୍ୟ ଏହାପ୍ରକାରର ବୋଧଟି ଦ୍ୱାରା ଅନେକ ପରମାଣରେ ଉପକୃତ ହୋଇଛି; ମାତ୍ର ତାହା ପଶୁମନର ସ୍ତରଟିଠାରୁ କେବଳ ଗୋଟିଏ ମାତ୍ର ସୋପାନ ଉପରେ ଅବସ୍ଥିତ ରହିଛି । ଏହାକୁ ଆମେ ଏକ ଅର୍ଦ୍ଧପଶୁସ୍ତରୀୟ ବୁଦ୍ଧି ବୋଲି କହିପାରିବା ଯାହାକ ସଂଜ୍ଞା ନାନା ଅଭ୍ୟସ୍ତତା, ବାସନା ତଥା ଇନ୍ଦ୍ରିୟଗୁଡ଼ିକର ଅଧୀନ ହୋଇ ରହିଛି ଏବଂ ବୈଜ୍ଞାନିକ, ଦାର୍ଶନିକ ଅଥବା ଆଧ୍ୟାତ୍ମିକ ଜ୍ଞାନାନୁସନ୍ଧାନରେ ଯାହାକ ଆଦୌ କୌଣସି କାମରେ ଆସିପାରିବ ନାହିଁ । ଆମକୁ କେବଳ ସେଠାକର ସୀମାକୁ ଡେଇଁ ଆଗକୁ ଯିବାକୁ ପଡ଼ିବ । ଏହାକୁ ଗୋଟାପୁରା ବର୍ଜନ କରିଦେଇ, ଏହାର ମୁହଁକୁ ଏକାବେଳକେ ବନ୍ଦ କରିଦେଇ ଅଥବା ଏହାକୁ ଯଥାର୍ଥ ବୋଧରେ ରୂପାନ୍ତରିତ କରିଦେଇହିଁ ଏଇଟିର ସଂଶୋଧନ କରିଯାଇ ପାରିବ ।

ଆମର ଯେଉଁ ବୃତ୍ତି ବା ସାମର୍ଥ୍ୟ ତତ୍ତ୍ୱଜ୍ଞାନକୁ ଦେଖିପାରେ, ତତ୍ତ୍ୱଜ୍ଞାନକୁ ଧରିପାରେ ଏବଂ ତତ୍ତ୍ୱଜ୍ଞାନକୁ ଭେଦନରୂପଣ କରିପାରେ, ତାହାକୁହିଁ ଆମେ ଯଥାର୍ଥ ବୋଧ ବୋଲି କୁହିଁବା । ମନୁଷ୍ୟସତ୍ତାର ଏହି ଯଥାର୍ଥ ବୋଧ କଦାପି ଇନ୍ଦ୍ରିୟ-ଗୁଡ଼ିକର ଅଧୀନ ହୋଇ ରହି ନଥାଏ, ବାସନାର ଅଧୀନ ହୋଇ ରହି ନଥାଏ କିମ୍ବା ଅଭ୍ୟାସ ଅଥବା ସଂସ୍କାରର ବି ଅଧୀନ ହୋଇ ରହି ନଥାଏ; ମାତ୍ର ଆପଣାର ସ୍ୱକୀୟ ଅଧିକାରରେହିଁ ତାହା ସାଙ୍ଗଭୌମତା ଲଗି ତଥା ଜ୍ଞାନ ଲଗି କାର୍ଯ୍ୟ କରୁଥାଏ । ଏକଥା ଏକାନ୍ତ ସତ୍ୟ ଯେ ମନୁଷ୍ୟର ବୁଦ୍ଧିଗତ ଶକ୍ତି ବର୍ତ୍ତମାନ ପ୍ରକୃତରେ ଯେଉଁ ସୋପାନରେ ରହିଛି, ସେଠାରେ ତାହା ଆପଣାର ସଂବୋଧନ ସାମର୍ଥ୍ୟର ଭୂମିରେ ମଧ୍ୟ ଏଭଳି ମୁକ୍ତ ଓ ସ୍ୱେଚ୍ଛାଗ୍ଲତ ସ୍ତରରେ କଦାପି କାର୍ଯ୍ୟ କରେ ନାହିଁ । ମାତ୍ର ସେହି ନିମ୍ନତର ଅର୍ଦ୍ଧପଶୁସ୍ତରୀୟ ନିସ୍ପୃହତାଟି ଭିତରେ ତଥାପି ଛିଦ୍ର ହୋଇ ରହିଥିବାରୁହିଁ ତାହା ବାରବାର ବିଫଳ ହୋଇପଡ଼େ ବୋଲି କୁହାଯାଇ ପାରିବ । ତାହା ତଥାପି ଅଶୁଦ୍ଧ ହୋଇ ରହିଥାଏ, ଏବଂ ଆପଣାର ସ୍ୱଭାବସିଦ୍ଧ ନିସ୍ପୃହତାରେ ନସ୍ତ ବାଧାପ୍ରାପ୍ତ ହେଇଥାଏ, ଏବଂ ତେଣୁ ବିଫଳ ହୋଇ ପଡ଼ିଥାଏ । ଆପଣାର ଶୁଦ୍ଧସ୍ଥିତିରେ ତାହାକୁ ଏହିସବୁ ନିମ୍ନତର ଗତିସ୍ପନ୍ଦନ ମଧ୍ୟରେ ଆଦୌ ଫଶ୍ଚିଷ୍ଟ ହୋଇ ରହିବାକୁ ପଡ଼େ ନାହିଁ, ଆପଣାର ବିଷୟସୃଷ୍ଟିଠାରୁ ଉତ୍କୃଷ୍ଟ ହୋଇ ଠିଆହୋଇ ସମ୍ପୂର୍ଣ୍ଣ ମୋହମୁକ୍ତ ହୋଇ ଅବଲୋକନ କରିବାକୁ ସମର୍ଥ ହୁଏ ଏବଂ ବିଶ୍ଳେଷାତ୍ମକ ତଥା ବିଚାରାତ୍ମକ ବିଚାର, ସମାନ୍ତର-ବିଚାର ଏବଂ ବୁଦ୍ଧିର ସାହାଯ୍ୟରେ ଅବଗାହନ,

'oaob.nitrkl.ac.in' images reprocessed

ଆରୋହଣ ତଥା ଅନୁମାନ ଦ୍ୱାରା ଲବ୍ଧ ଯଥାର୍ଥ ଜ୍ଞବରେ ପର୍ଯ୍ୟବେକ୍ଷିତ ଏହାର ଦଈ ତଥ୍ୟର ଭୂମିରୁ ସେହି ବସପୃଷ୍ଟିକୁ ସମ୍ପୃଷ୍ଟ ଜ୍ଞବରେ ତାହାର ଯଥାର୍ଥ ସ୍ଥାନରେ ନେଇ ଅବସ୍ଥାପିତ କର ଦେଇପାରେ ଏବଂ ଆପଣାର ସକଳ ଲଭକୁ ସ୍ପଷ୍ଟ ଭତରେ ସମ୍ଭାଣ ରଖି ଓ ଏକ ବଶୋଧିତ ଏବଂ ଯଥାର୍ଥ ଜ୍ଞବରେ ପଣ୍ଡୁଳତ କଲ୍ପନାଶକ୍ତିକୁ ସେଗୁଡ଼ିକର ପଣପୂରକରୂପେ କାର୍ଯ୍ୟରେ ଲଗାଇ ଏକ ସୁପ୍ରଶିକ୍ଷିତ ଏବଂ ଶୃଙ୍ଖଳିତ ବଗୁରଣାର ଆଲୋକରେ ସବୁଗୁଡ଼ିକୁ ଅବଲୋକନ ମଧ୍ୟ କରପାରେ । ଏହାକୁହିଁ ଆମେ ଶୁଦ୍ଧ ବୁଦ୍ଧିଗତ ବୋଧ ବୋଲି ଜାଣିବା; ଏବଂ ମୋହରହିତ ଅବଲୋକନ, ମୋହରହିତ ବଗୁର ଏବଂ ମୋହରହିତ ବୁଦ୍ଧି ସେହି ବୋଧର କାର୍ଯ୍ୟକାରୀ ବଧାନ ଓ ସ୍ଥାୟୀକର ଦିସ୍ୱାରୂପେ କାର୍ଯ୍ୟ କରବାରେ ଲଗିଥାନ୍ତି ।

ମାନ 'ବୁଦ୍ଧି' ଶବ୍ଦଟିକୁ ଆହୁର ଏକ ଗଭୀରତର ଅର୍ଥରେ ମଧ୍ୟ ବ୍ୟବହାର କରିଯାଇଥାଏ । ମସ୍ତିଷ୍କର ବୁଦ୍ଧି ଦେଇ ଲଭ କରିଯାଇଥିବା ବୋଧକୁ ଆମେ କେବଳ ନମ୍ନତର ବୁଦ୍ଧି ବୋଲିହିଁ କହିବା, ମାନ ତାହାର ଆହୁର ଉପରକୁ ଆଉ ଗୋଟିଏ 'ବୁଦ୍ଧି' ମଧ୍ୟ ରହିଛି, ଯାହାକୁ ଆମେ ମସ୍ତିଷ୍କର ବୁଦ୍ଧି ସହିତ ଆଦୌ ସମତୁଲ କରପାରିବା ନାହିଁ, ତାହାକୁ ଆମେ ଏକ ଦୃଷ୍ଟିସାମର୍ଥ୍ୟ ବୋଲି କହିବା; ତାହାକୁ ଜ୍ଞାନର ଏକ ଅବବୋଧ ବୋଲି ନକହି ଅଧିବୋଧ* ବୋଲି କହିବା । ଏହି ଉଭତର ବୁଦ୍ଧିଟି କେବଳ ପରିଦୃଷ୍ଟ ତଥ୍ୟଗୁଡ଼ିକର ଅଧୀନ ରହିହିଁ ଆପଣାର ଜ୍ଞାନକୁ ଅନ୍ୱେଷଣ କରେ ନାହିଁ କିଂବା ତାହାକୁ ଲଭ କରେ ନାହିଁ; ମାନ ତାହା ପୁଂରୁ ସତ୍ତ୍ୱର ଅଧିକାରୀ ହୋଇ ରହିଥାଏ ଏବଂ ଏକ ଉଦ୍ଘାଟନଧର୍ମୀ ଓ ସବୋଧିପ୍ରେରିତ ଜ୍ଞବନାର ମାଧ୍ୟମରେ ସେହି ସତ୍ତ୍ୱକୁ ବାହାରକୁ ପ୍ରକଟ କରି ନେଇଆସେ । ସତେଅବା ଏକ ଆଲୋକ ଦ୍ୱାରା ପରିଦୃଷ୍ଟ ହେଲା ପରି ଆମର ମନ ଯେତେବେଳେ ଯେଉଁ ଅସ୍ପୃଷ୍ଟ ଜ୍ଞବରେ ହେଲେ ମଧ୍ୟ ଜ୍ଞାନର ସନ୍ଧାନ କରୁଥାଏ ଓ ଜ୍ଞାନଲାଭରେ ରତ ହୋଇ ରହିଥାଏ, ଠିକ ସେତକବେଳେ ମନୁଷ୍ୟର ମନ ଏହି ସତ୍ତ୍ୱଚେତନ ଜ୍ଞାନର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ଆସେ ବୋଲି କୁହାଯାଇ ପାରିବ । ସେତେବେଳେ ଜ୍ଞବନାର ଏକ ଶକ୍ତିଶାଳୀ ରୂପ ଆସି ପଡ଼ିବାରେ ଲଗେ, ଆବରଣଟିର ଅନ୍ତରାଳରୁ ସତ୍ତଚ ନକ୍ଷିପ୍ତ ହୋଇ ଆସୁଥିବା କେତେକେତେ ଉଦ୍ଭପ୍ରେରଣା ଦ୍ୱାରା ବୁଦ୍ଧି ସତେଅବା ଅତ୍ୟନ୍ତ ଉତ୍ତଣଶୀଳ ଜ୍ଞବରେ ଉତ୍ତପ୍ତେରିତ ହୋଇ ରହିଥାଏ ଏବଂ ଏକ ଉଚ୍ଚତର ପରମୋତ୍ସାହର ପରକରରୂପେ କାର୍ଯ୍ୟ କରି ସେ ଜ୍ଞାନଗତ ସେହି

---

* ଏହା ସରମସତ୍ତାଙ୍କୁ 'ଅଧକ୍ଷ'ରୂପେ ବର୍ଣନା କରିଯାଇଛି; ସିଏ ସବୁଟି ଉପରେ ସରମ ବୋମର ଭୂମିରେ ଅସୀନ ରହି ସେହି ଉପରୁ ବଶ୍ୱସ୍ରଷ୍ଟାଙ୍କର ଅବଲୋକନ କରୁଛନ୍ତି, ସେହି ନିମନ୍ତେ ତାଙ୍କ ସବୁ ଦେଖୁଛନ୍ତି ଓ ନସ୍ତ୍ରଣ କରୁଛନ୍ତି ।

'oaob.nitrkl.ac.in' images reprocessed

ସଚ୍ଚୁଦ୍ଧ ଓ ଅନୁପ୍ରେରନ୍ତ ସାମର୍ଥ୍ୟ ଭିତରୁ ଏକ ବପୁଳ ପ୍ରବାହକୁ ଆପଣା ଭିତରକୁ ପ୍ରବାହିତ କରି ନେଇଆସେ । କାରଣ ମନୁଷ୍ୟ ମଧ୍ୟରେ ଏକ ସଚ୍ଚୁଦ୍ଧ ମନ ମଧ୍ୟ ରହିଛି ଯାହାକି ଏକ ଅନ୍ତମାନସ ସାମର୍ଥ୍ୟକ୍ଷେତ୍ରରୁ ଏହିସବୁ ଅନ୍ତଃପ୍ରବାହ ଲଗି ଏକ ଗ୍ରହଣପୋଷ ଭଳି ପ୍ରବାହପଥରୂପେ କାର୍ଯ୍ୟ କରିବାରେ ଲଗିଛି । ମାନ ଆମ ଭିତରେ ସଚେତ୍ୟ ଓ ଅନୁପ୍ରେରଣାର ଏହି ନିସ୍ନାଭି ଗୁଣାତ୍ମକ କ୍ଷେତ୍ରରେ ବଡ଼ ଅସୁର୍ଣ୍ଣ ହୋଇ ରହିଛି ଏବଂ କେବଳ ସମସ୍ତ ସମସ୍ତରେହିଁ କାର୍ଯ୍ୟ କରିପାରୁଛି । ସାଧାରଣତଃ, ଏକ ଶ୍ରମସଜ୍ଜାପ୍ତ ଓ ସଂଗ୍ରାମରତ ହୃଦସ୍ୱ ଓ ବୁଦ୍ଧିସ୍ତରର ଏକ ଦାବର ପ୍ରତିସ୍ପନ୍ଦନରୂପେହିଁ ତାହାର ଉଦ୍ଭବ ହେଉଛି; ଏବଂ ତାହାର ପ୍ରଦତ୍ତ ସମ୍ପଦଗୁଡ଼ିକ ଚେତନ ମନର କ୍ଷେତ୍ରଟି ଭିତରେ ଆସି ପ୍ରବେଶ କରିବା ପୁଂରୁହିଁ ସେଗୁଡ଼ିକ ସେଗୁଡ଼ିକୁ ଭେଟିବା ଲଗି ନମ୍ରରୁ ପ୍ରେରନ୍ତ ହୋଇ ଯାଇଥିବା ଭାବନା ଅଥବା ଆକାଙ୍କ୍ଷାଟି ଦ୍ୱାରା ବଡ଼ ଆହାନ୍ତ ହୋଇପଡ଼ିଛି । ସେଗୁଡ଼ିକରେ ଆଉ କୌଣସି ଶୁଦ୍ଧତା ରହୁ ନାହିଁ ଏବଂ ହୃଦସ୍ୱ ଅଥବା ବୁଦ୍ଧିର ପ୍ରୟୋଜନଟି ଅନୁସାରେ ସେଗୁଡ଼ିକ ବେଶ୍ ପରିବର୍ତ୍ତିତ ହୋଇଯାଇଛି । ଏବଂ ଚେତନ ମନ ଭିତରେ ଆସି ପ୍ରବେଶ କରିବା ସଙ୍ଗେସଙ୍ଗେ ଆମର ବୁଦ୍ଧିଗତ ବୋଧଟାହିଁ ସେଗୁଡ଼ିକୁ କଗ୍ସ୍ୱତ୍ତ କରିନେଇଛି ଏବଂ ତାହାଫଳରେ ସେଗୁଡ଼ିକ ନାନାଭାବରେ ବିଷିପ୍ତ ଓ ଖଣ୍ଡଖଣ୍ଡ ହୋଇଯାଇଛି ଏବଂ ଆମର ଏହି ଅସୁର୍ଣ୍ଣ ବୁଦ୍ଧିଗତ ଜ୍ଞାନଟି ସହିତ ଉପଯୁକ୍ତ ଭାବରେ ଖାପ ଖାଇପାରିବା ଲଗି ଅନୁରୂପ ହୋଇ ରହିଛି । ଅଥବା ସେଗୁଡ଼ିକ ଆମ ହୃଦସ୍ୱର କଗ୍ସ୍ୱତ୍ତ ହୋଇ ରହିଛି, ଆମର ଅନ୍ଧ ଅଥବା ପ୍ରାସ୍ୱାନ୍ଧ ସଂବେଗଗତ ବାସନାକ୍ଲେଶଗୁଡ଼ିକ ସହିତ ଖାପ ଖାଇପାରିବା ଲଗି ଅନୁରୂପ ଭାବରେ ଗଢ଼ିହୋଇ ଯାଇଛି । ଅଥବା, ଏପରିକି ଆମର ନମ୍ରତର କାମନାଗୁଡ଼ିକ ମଧ୍ୟ ସେଗୁଡ଼ିକୁ କଗ୍ସ୍ୱତ୍ତ କରି ନେଇଛନ୍ତି ଏବଂ ଶକ୍ତିଦୃପ୍ତ ଭାବରେ ଆମର ନାନା କ୍ଷୁଧା ଓ ବଳବତ୍ତା କାମନାର କାମରେ ଲଗିବା ସକାଶେ ସେଗୁଡ଼ିକ ଅନୁରୂପ ପ୍ରକାରେ ବକ୍ରତ ହୋଇ ପଡ଼ୁଛନ୍ତି ।

ଏହିସବୁ ନମ୍ରତର ଜୀବନାଙ୍ଗଗୁଡ଼ିକର ହସ୍ତକ୍ଷେପରୁ ମୁକ୍ତ ରହି ଏହି ଉଚ୍ଚତର ବୁଦ୍ଧି ଯଦି ସ୍ପ୍ରକୃତରେ କାର୍ଯ୍ୟ କରି ପାରୁଥାନ୍ତା, ତେବେ ତାହା ଆମ ଲଗି ସତ୍ୟର ଶୁଦ୍ଧ ରୂପଗୁଡ଼ିକୁ ଜଣ୍ଟସ୍ୱ ଉପଲବ୍ଧି କରାଇ ଦେଇଥାନ୍ତା; ଆମର ଯାବତୀୟ ଅବଲୋକନ ସେତେବେଳେ ଯେଉଁ ଦୃଷ୍ଟିସାମର୍ଥ୍ୟଟି ଦ୍ୱାରା ପରିଚାଳିତ ହେଉଥାନ୍ତା ତା ଯାହାକୁ ଆପଣାର ସ୍ଥାନାପନ୍ନ ଭାବରେ ଆଣି ପ୍ରତିଷ୍ଠିତ କରାଇ ଦେଇଥାନ୍ତା, ତାହା ଇନ୍ଦ୍ରିୟମନ ଅଥବା ଇନ୍ଦ୍ରିୟଗୁଡ଼ିକର ସାକ୍ଷ୍ୟ ଉପରେ ଅର୍ଧୀନସ୍ଥ ଭାବରେ ଆଦୌ କୌଣସିପ୍ରକାରେ ନିର୍ଭରଶୀଳ ନରହି ଜଣ୍ଟସ୍ୱ ପ୍ରତ୍ୟେକ ବିଷୟର ଅବଲୋକନ କରି ପାରୁଥାନ୍ତା । ସେତେବେଳେ ଆମର ଏହି କଳ୍ପନାଶକ୍ତିଟି ସ୍ଥାନରେ ସତ୍ୟର ଏକ ଆତ୍ମପୁନଶ୍ଚିତ ପ୍ରେରଣାହିଁ କାର୍ଯ୍ୟକାସ୍ୱ ହୁଅନ୍ତା, ଆମର ବର୍ତ୍ତମାନର କଗ୍ସ୍ୱରଣାତ୍ମିର ସ୍ଥାନରେ

'oaob.nitrkl.ac.in' images reprocessed

ସମ୍ବନ୍ଧଗୁଡ଼ିକର ଏକ ସ୍ୱତଃସ୍ଫୂର୍ତ୍ତ ବସ୍ତୁରବୋଧ ସମ୍ଭବ ହୋଇପାରନ୍ତା ଏବଂ କେବଳ ବୃତ୍ତିଗତ ବସ୍ତୁରଣାରୁ ଆମକୁ ମିଳୁଥିବା ସିଦ୍ଧାନ୍ତଟି ସ୍ଥାନରେ ଏପରି ଏକ ସବୋଧିଗତ ସାମର୍ଥ୍ୟ ପ୍ରାପ୍ତ ହୁଅନ୍ତା, ଯାହାକି ସ୍ୱସ୍ୱଂ ସେହି ସମ୍ବନ୍ଧଗୁଡ଼ିକୁ ଆପଣା ଭିତରେ ଧାରଣ କରି ରଖିଥାନ୍ତା ଏବଂ ତେଣୁ ଆତ୍ମାସମାଧ ଭିତରେ ତାକୁ ସେଗୁଡ଼ିକର ଉତ୍ତି ଉପରେ ଆଦୌ କୌଣସି ନିର୍ଭର ତାହାର କରିବାକୁ ପଡ଼ି ନଥାନ୍ତା । ସେତେବେଳେ ଯାବତୀୟ ବସ୍ତୁରର ସ୍ଥାନରେ ଏପରି ଏକ ଭିବନାଗତ ଦୃଷ୍ଟିସାମର୍ଥ୍ୟ ସମ୍ଭବ ହୁଅନ୍ତା, ଯାହାର ଆଲୋକ ମଧ୍ୟରେ କ ସତ୍ୟ ଆପଣାକୁ ଉଦ୍‌ଘାଟିତ କରିଦେଇ ପାରନ୍ତା ଏବଂ ବର୍ତ୍ତମାନ ତାହାକୁ ଯେପରି ଏକ ମୁଖା ପିନ୍ଧି ରହିବାକୁ ପଡ଼ୁଛି ଏବଂ ଆମର ଏହି ବୃତ୍ତିର ମୀମାଂସାଟାକୁ ଯାହା ଭିତରେ ଭେଦ କରିବାକୁ ପଡ଼ୁଛି, ତାହାର ଆଦୌ କୌଣସି ଆବଶ୍ୟକତାହିଁ ରହନ୍ତା ନାହିଁ । ଏବଂ ଗ୍ରୀକ୍ ବସ୍ତୁରରେ ଯେଉଁ ବୃହତ୍ତର ବ୍ୟଞ୍ଜନାର୍ଥଟି ଦ୍ୱାରା ସ୍ୱପ୍ନକୁ ବୁଝା ଯାଇଥିଲା, ସ୍ୱପ୍ନ କହିଲେ ସେତେବେଳେ କେବଳ ତାହାକୁହିଁ ବୁଝାଇବ; ତା'ର ବର୍ତ୍ତମାନ ଜୀବନକ୍ଷେତ୍ରରେ ବ୍ୟକ୍ତ ଭାବ କରିଥିବା ସମ୍ପତ୍ତିଭାଣ୍ଡାରଟି ମଧ୍ୟରୁ କେବଳ ଏକ ନିକୃଷ୍ଟ ନିର୍ଦ୍ଦାଚନକୁହିଁ ବୁଝାଇବ ନାହିଁ, ମାତ୍ର ସବୁକଛିକୁ ଲିପିବଦ୍ଧ କରି ରଖିଥିବା ସେହି ଜ୍ଞାନକୁ ବୁଝାଇବ, ଯାହାକି କେବଳ ଅଷ୍ଟାଚଳକୁ ନୁହେଁ, ଉଦୟାଚଳକୁ* ମଧ୍ୟ ଆପଣା ଭିତରେ ସମ୍ପୃକ୍ତ କରି ରଖିଥିବ । ସେହି ଜ୍ଞାନ ପ୍ରଚ୍ଛନ୍ନ ଭାବରେ ଆପଣା ଭିତରେ ସବୁକଛିକୁ ଧାରଣ କରି ରଖିଛି ଏବଂ ଆମେ ଯେଉଁସବୁ ଜ୍ଞାନକୁ ଆତ୍ମାସର ସମ୍ପତ୍ତି ଅର୍ଜନ କରୁଛୁ ବୋଲି ମନେକରୁଛୁ, ମାତ୍ର ଯାହାକୁ ଏହି ଅର୍ଥରେ କେବଳ ସ୍ମରଣ ମାତ୍ରହିଁ କରୁଛୁ, ସେଗୁଡ଼ିକୁ ମଧ୍ୟ ତାହା ଆପଣାର ଭଣ୍ଡାର ଭିତରୁ ଆଣି ଆମ ଆଗରେ ଉପସ୍ଥାପିତ କରି ରଖିଦେଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସତ୍ୟତେତନ ଜ୍ଞାନର ଏହି ଭିତର ସାମର୍ଥ୍ୟଟି ଲଗି ଆମର ଗ୍ରହଣଶୀଳତାରେ ଅଧିକରୁ ଅଧିକ ବଳଶିତ ଓ ସମ୍ଭବ ହୋଇପାରିବା ଲଗି ଆମେ ଅଭିପ୍ରେତ ହୋଇ ରହିଛୁ, ମାତ୍ର ସେହି ଜ୍ଞାନର ପରିପୂର୍ଣ୍ଣ ଓ ଅବରଣମୁକ୍ତ ଉପଯୋଗଟି ଏପର୍ଯ୍ୟନ୍ତ କେବଳ ଦେବତାମାନଙ୍କରହିଁ ବିଶେଷ ସାମର୍ଥ୍ୟ ହୋଇ ରହିଛି ଏବଂ ଆମର ବର୍ତ୍ତମାନର ମାନୁଷୀ ସ୍ଥିତିଟି ଲଗି ଅପରିହାର୍ଯ୍ୟ ହୋଇ ରହିଛି ।

ତେଣୁ ଯଥାର୍ଥ ବୋଧ କହିଲେ ଆମେ ଠିକ୍ କ'ଣ ବୁଝୁଛୁ, ଏବଂ ସୁବିଧା ଦୃଷ୍ଟିରୁ ସେହି ଯେଉଁ ଭିତର ସାମର୍ଥ୍ୟକୁ ଆମେ ଆଦର୍ଶ ସାମର୍ଥ୍ୟ ବୋଲି କହିପାରିବା, ତାହାଦ୍ୱାରା ଠିକ୍ କ'ଣ ବୁଝୁଛୁ, ତାହା ବର୍ତ୍ତମାନ ସ୍ପଷ୍ଟ ହୋଇ ଯାଇଥିବ । ବିବଳଶିତ ମନୁଷ୍ୟର ଅର୍ଦ୍ଧପଶୁସୁଲଭ ବୁଦ୍ଧି ଲଗି ବୁଦ୍ଧି ଯେଉଁ ସୋପାନରେ ରହିଛି, ବିକଶିତ

---

* ଏହି ଅର୍ଥରେହିଁ ଭବିଷ୍ୟଦ୍ବାଣୀ କରିବାର ସାମର୍ଥ୍ୟକୁ ଯଥାର୍ଥ ଜ୍ଞାନରେ ଭବିଷ୍ୟତର ସ୍ୱପ୍ନ ବୋଲି କୁହାଯାଇଛି ।

'oaob.nitrkl.ac.in' images reprocessed

ବୁଦ୍ଧି ଲଗି ସେହି ଇଚ୍ଛାର ସାମର୍ଥ୍ୟଟି ଠିକ୍ ସେହିପରି ଏକ ସୋପାନରେ ସେହିପରି ଭାବରେ ସମ୍ବନ୍ଧିତ ହୋଇ ରହିଛି । ଯଥାର୍ଥ ଜ୍ଞାନର ଉପଲବ୍ଧିରେ ଏହି ବୋଧ ଆପଣାର ଭୂମିକାଟିକୁ ଯଥାର୍ଥ ଭାବରେ ପୁଷ୍ଟି କରିପାରିବା ପୂର୍ବରୁ ଯେଉଁ ଶୁଦ୍ଧିର ଏକାନ୍ତ ଆବଶ୍ୟକତା ରହିଛି, ତାହାର ପ୍ରକୃତ ସ୍ୱଭାବଟି ମଧ୍ୟ ଆମ ଆଗରେ ବେଶ୍ ସ୍ପଷ୍ଟ ହୋଇଯାଇଛି । ସକଳ ଅଶୁଦ୍ଧତାକୁ ଆମେ କେବଳ କର୍ମଗତ ଏକ ଅଶସ୍ତ୍ରତ୍ୱତା ବୋଲି କହିବା, ଧର୍ମଠାରୁ ଏକ ବିଚ୍ୟୁତି ବୋଲି କହିବା । ଧର୍ମ କହିଲେ ଏଠାରେ ବସ୍ତୁଗୁଡ଼ିକର ଉଚିତ ଓ ଅନୁନିହିତ ଏକ ଯଥାର୍ଥ ନିତ୍ୟାଶୀଳତାକୁ ବୁଝାଇଛି, କେବଳ ଯେଉଁ ନିତ୍ୟାଶୀଳତାର ସ୍ତରରେ ସେହି ବସ୍ତୁମାନେ ଶୁଦ୍ଧ ହୋଇ ରହିଥାନ୍ତି, ଆମର ପରିପୂର୍ଣ୍ଣତା ଲଗି ସହାୟକ ହୋଇ ରହିଥାନ୍ତି; ଏବଂ ଯେତେବେଳେ ସେହି ଧର୍ମରୁ ବିଚ୍ୟୁତି ଘଟେ, ସେତେବେଳେ ତାହା ସାଧାରଣତଃ ଅଜ୍ଞାନ ଭାବରେ ଧର୍ମଗୁଡ଼ିକୁ ଏକ ସଙ୍କଟରେ ପରିଣତ କରିଦେବାରୁହିଁ ଘଟିଥାଏ । ସେତେବେଳେ ଧର୍ମର ନିତ୍ୟାଟି ଆପଣାର ଯଥାର୍ଥ ପ୍ରବୃତ୍ତିଗୁଡ଼ିକଠାରୁ ଭିନ୍ନ ଅନ୍ୟାନ୍ୟ ପ୍ରବୃତ୍ତିର ଦାବିଟି ଲଗି ମଧ୍ୟ ବାଟ ଛାଡ଼ି ଦେଇଥାଏ ।

ଆମର ଭାବନାଗତ ନାନାବିଧ ନିତ୍ୟା ମଧ୍ୟରେ କାମନାର ବମିଶ୍ରିତ ହୋଇ ରହିଯିବାକୁହିଁ ଆମେ ଆମର ବୋଧସ୍ଥ ଅଶୁଦ୍ଧତାର ପ୍ରଥମ କାରଣ ବୋଲି ଜାଣିବା । ଏବଂ ଯେଉଁ ଇଚ୍ଛାଶକ୍ତିଟି ଆମ ସତ୍ତ୍ୱର ପ୍ରାଣଗତ ତଥା ଫଳେଗତ ଅଂଶଗୁଡ଼ିକରେ ଛନ୍ଦହୋଇ ରହିଛି, କାମନାକୁ ଆମେ ସେହି ଇଚ୍ଛାଶକ୍ତିରହିଁ ଏକ ଅଶୁଦ୍ଧତା ବୋଲି କହିବା । ଯେତେବେଳେ ପ୍ରାଣଗତ ଓ ଫଳେଗତ କାମନାଗୁଡ଼ିକ ଶୁଦ୍ଧ ଜ୍ଞାନାକାଙ୍କ୍ଷାର କ୍ଷେତ୍ରରେ ଆସି ହସ୍ତକ୍ଷେପ କରିବାକୁ ଆରମ୍ଭ କରନ୍ତି, ସେତେବେଳେ ଭାବନାର ପ୍ରକିୟାଟି ସେଗୁଡ଼ିକର ଅଧୀନସ୍ଥ ହୋଇପଡ଼େ, ତାହାର ଉପଯୁକ୍ତ କ୍ଷେତ୍ରର ବାହାରେ ରହିଥିବା ଆଡ଼ରୁ ନାନା ଲକ୍ଷ୍ୟର ଅନୁଧାବନ କରିବାକୁ ଲଗେ ଏବଂ ପରିଣାମତଃ ଏହାର ଅବବୋଧଗୁଡ଼ିକ ବଡ଼ ବ୍ୟାହତ ଓ ଅବନମ୍ରିତ ହୋଇ ରହେ । ତେଣୁ ଆମର ବୋଧକୁ କାମନା ଏବଂ ଫଳେଗର ଅବଗ୍ରେଧାପ୍ତତ କରି ଉତ୍ତୋଳିତ କରିନେବାକୁ ପଡ଼ିବ, ଯେପରିକି ତାହା ସମ୍ପୂର୍ଣ୍ଣ ଆପତ୍ତିଶୂନ୍ୟ ହୋଇ ରହିପାରିବ; ସ୍ୱୟଂ ବୋଧକୁହିଁ ସେହି ପ୍ରାଣଗତ ତଥା ଫଳେଗତ ଅଂଶଗୁଡ଼ିକୁ ନିର୍ମଳ କରିଦେବାକୁ ପଡ଼ିବ । ଉପଭୋଗ କରିବାର ଇଚ୍ଛା ହେଉଛି ଆମ ପ୍ରାଣଗତ ସତ୍ତ୍ୱର; ମାତ୍ର ଆମେ କ'ଣ ଉପଭୋଗ କରିବା ଏବଂ ସେହି ଉପଭୋଗରେ କପରି ଯାଇ ପହଞ୍ଚିବା, ଏସବୁର ନିର୍ଣ୍ଣୟ କରିବା ଆଦୌ ତାହାର କାର୍ଯ୍ୟ ନୁହେଁ; କାରଣ କେବଳ ଆମର ନିତ୍ୟାଗତ ଇଚ୍ଛାର ସୋପାନଟିକୁହିଁ ସେଗୁଡ଼ିକର ନିର୍ଣ୍ଣୟ କରିବାକୁ ପଡ଼ିବ, ସେଗୁଡ଼ିକୁ ଅର୍ଜନ ମଧ୍ୟ କରିବାକୁ ପଡ଼ିବ । ତେଣୁ ଆମ ଭିତରେ ଉର୍ଦ୍ଧ୍ୱ ପରମ ଇଚ୍ଛାର ଅନୁଗତ ରହି ପ୍ରାଣଗତ ନିତ୍ୟାର ଯଥୋଚିତ କ୍ଷେତ୍ରଟିରେ ଆମର ପ୍ରାଣମସ୍ଥ

'oaob.nitrkl.ac.in' images reprocessed

ସତ୍ତ୍ୱ ଲଗି ଯେଉଁକ ଅର୍ଜନ ବା ଉପଯୋଗ ଉପଲବ୍ଧ ହେଉଥିବ, କେବଳ ତାହାକୁହିଁ ଗ୍ରହଣ କରିବା ଲଗି ତାକୁ ଉପଯୁକ୍ତ ଭାବରେ ତାଲିମ ଦେବାକୁ ପଡ଼ିବ ଏବଂ ଆପଣାକୁ ସବଳ କାମନାରୁରତା ଏବଂ ଆସକ୍ତିତାରୁ ମୁକ୍ତଲଭ କରିବାକୁ ହେବ । ଠିକ୍ ସେହିପରି ହୃଦସ୍ଥକୁ ମଧ୍ୟ ପ୍ରାଣଚଞ୍ଚଳ୍ୟଗତ ଓ ଇନ୍ଦ୍ରିୟଗତ ଯାବତୀୟ କାମନାକୁଲତାର ଅଧୀନ ହୋଇ ରହିବାରୁ ଆପଣାକୁ ମୁକ୍ତ କରି ରଖିବାକୁ ପଡ଼ିବ ଏବଂ ଏହିପରି ଭାବରେ ହୃଦସ୍ଥର ସଂପ୍ରଧାନ ଅଶୁଦ୍ଧତାରୂପେ ତାହାକୁ ଘାରିକରି ରହିଥିବା ଇର୍ଷା, କ୍ରୋଧ, ଘୃଣା ଓ କାମାରୁରତା ପ୍ରଭୃତି ମିଥ୍ୟାଙ୍ଗବେଗ ମଧ୍ୟରୁ ମୁକ୍ତ ହେବାକୁ ପଡ଼ିବ । ଭଲ ପାଇବାର ଇଚ୍ଛା ହେଉଛୁ ଏକ ହୃଦ୍‌ଗତ ଇଚ୍ଛା; ମାତ୍ର ଏଠାରେ ମଧ୍ୟ ତାହାକୁ ଭଲ ପାଇବାକୁ ହେବ ଓ ପ୍ରେମର ଆନ୍ତରଦିଙ୍ଗ ସାଜରେ କପଟ ଯାଇ ପହଞ୍ଚିବାକୁ ପଡ଼ିବ, ସେସବୁ ନଷ୍ଟୁସ୍ୱକୁ ପରହାର କରିବାକୁ ହେବ ଅଥବା ପ୍ରଶମିତ କରି ରଖିବାକୁ ପଡ଼ିବ; ଏବଂ ହୃଦସ୍ଥ ଗମ୍ଭୀର ଏବଂ ପ୍ରଗାଢ଼ ଭାବରେ ଭଲପାଇ ଶିଖିବ ସତ, ମାତ୍ର ସେହି ଗମ୍ଭୀରତା ଏକ ସ୍ଥିର ଓ ଶାନ୍ତ ଗମ୍ଭୀରତା ହୋଇଥିବ ଏବଂ ସେହି ପ୍ରଗାଢ଼ତାରେ ମଧ୍ୟ ସ୍ଥିରତା ଓ ସମତା ରହିଥିବ, ସେଥିରେ କୌଣସିପ୍ରକାର ବକ୍ଷୁବ୍ଧତା କିମ୍ବା ବଶୃଙ୍ଖଳତା ନଥିବ । ଆମର ବୋଧଶକ୍ତି ଯେପରି ଭ୍ରାନ୍ତି, ଅଜ୍ଞାନ ଏବଂ ବିକୃତରୁ ଅପତ୍ରଶୂନ୍ୟ ହୋଇ ରହିପାରିବ, ସେଥିଲଗି ଆମ ଏହିସବୁ ଜୀବନାଙ୍ଗଗୁଡ଼ିକର ଶମ ଓ ଦମ ହେଉଛୁ ପ୍ରଧାନ ସର୍ତ୍ତ । ଏହି ଶୁଦ୍ଧିସାଧନା ଫଳରେ ଆମର ସ୍ୱାସ୍ଥ୍ୟକର ସତ୍ତ୍ୱ ତଥା ହୃଦସ୍ଥ ମଧ୍ୟରେ ଏ ସମ୍ପୃକ୍ତି ସମତା ଆସିଯିବ; ଅର୍ଥାତ୍ ଯେପରି କର୍ମମାର୍ଗରେ ସମତାହିଁ ସଂପ୍ରଧାନ ନଷ୍ଟୀତ୍ମକ ଶବ୍ଦ ହୋଇ ରହିଥିଲା, ଏହି ଜ୍ଞାନର ମାର୍ଗରେ ମଧ୍ୟ ତାହାହିଁ ସଂପ୍ରଧାନ ଓ ନଷ୍ଟୀତ୍ମକ ଶବ୍ଦ ହୋଇ ରହିବ ।

ଇନ୍ଦ୍ରିୟଗତ ଭ୍ରମ ଏବଂ ଆମର ଜୀବନାଗତ ଜିଘାଂସିର କ୍ଷେତ୍ରରେ ଆସି ଇନ୍ଦ୍ରିୟମନର ବମିଶ୍ରିତ ହୋଇ ରହିବା ହେଉଛୁ ବୋଧଗତ ଅଶୁଦ୍ଧତାର ଦ୍ୱିତୀୟ କାରଣ । ଯେଉଁ ଜ୍ଞାନ ଆମ ଇନ୍ଦ୍ରିୟଗୁଡ଼ିକର ବଶ ହୋଇ ରହିଛୁ ଏବଂ କେବଳ ପ୍ରାଥମିକ ସଙ୍କେତକ ବ୍ୟଞ୍ଜକ ସେଗୁଡ଼ିକୁ ଅନ୍ୟ କୌଣସିପ୍ରକାରେ କାର୍ଯ୍ୟରେ ଲଗାଉଛୁ, ତାହାକୁ କଦାପି ଯଥାର୍ଥ ଜ୍ଞାନ ବୋଲି କୁହାଯିବ ନାହିଁ । ଯଥାର୍ଥ ଜ୍ଞାନ ଇନ୍ଦ୍ରିୟ ଦ୍ୱାରା ଲବ୍ଧ ତଥ୍ୟଗୁଡ଼ିକରେ ସତତ ଆବଶ୍ୟକ ସଂଶୋଧନ କରି ପାରୁଥିବ ଓ ସେଗୁଡ଼ିକୁ ଅତିକ୍ରମ କରି ଯାଇ ପାରୁଥିବ । ଏହି ବସ୍ତୁର ଆପାତ ନିସ୍ପାସ୍ପକତା ସମ୍ବନ୍ଧରେ ଆମର ଇନ୍ଦ୍ରିୟଗୁଡ଼ିକ ଆମକୁ ଯେଉଁ ସନ୍ଦେଶ ଆଣି ଦେଇଥାନ୍ତି, ସେଗୁଡ଼ିକ ମଧ୍ୟରେ ନହିତ ହୋଇ ରହିଥିବା ବସ୍ତୁସାମର୍ଥ୍ୟଗତ ସତ୍ୟଗୁଡ଼ିକର ଘପୋଡତ ପରୀକ୍ଷଣରୁହିଁ ବଜ୍ଞାନର କାର୍ଯ୍ୟ ଆରମ୍ଭ ହୋଇଥାଏ । ଆମର ଇନ୍ଦ୍ରିୟଗୁଡ଼ିକ ଆମ ଲଗି ଯେଉଁ ବସ୍ତୁଗତ ତତ୍ତ୍ୱଗୁଡ଼ିକର କେବଳ ଭ୍ରାନ୍ତ ଚର୍ଜମା କରିବାରେ ଲଗିଥାନ୍ତି, ସେହିଗୁଡ଼ିକର ପରୀକ୍ଷଣରୁହିଁ ଦର୍ଶନର କାର୍ଯ୍ୟ ଆରମ୍ଭ ହୋଇଥାଏ । ଇନ୍ଦ୍ରିୟଗତ

'oaob.nitrkl.ac.in' images reprocessed

ଜ୍ଞାନଗ୍ଭରଣାର ସୀମାଗୁଡ଼ାକୁ ମାନନେବାକୁ ଅସ୍ୱୀକାର କରବାରୁ ଏବଂ ଯାବତୀସ୍ୱ ଦୃଶ୍ୟ ଓ ବୋଧ ଜ୍ଞାନବସ୍ତୁଗୁଡ଼ାକୁ ପରମସ୍ୱତ୍ତ୍ୟର କେବଳ ଏକ ପ୍ରତିଷ୍ୱଠାରୁହିଁ ଅଧିକ ବୋଲି ବ୍ରହ୍ମଣ କରବାକୁ ଅସ୍ୱୀକୃତି ପ୍ରକାଶ କରବାରୁହିଁ ଆଧ୍ୟାତ୍ମିକ ଜ୍ଞାନର ଆରମ୍ଭ ହୋଇଥାଏ ।

ତେଣୁ ଠିକ୍ ସେହିପର ଜ୍ଞବରେ ଇନ୍ଦ୍ରିସ୍ୱମନ ଶାନ୍ତ ହୋଇଯିବ ଏବଂ ଜ୍ଞବନାର ଯାବତୀସ୍ୱ ନିସ୍ୱାକୁ ପ୍ରକୃତରେ ବଗ୍ଭର ଓ ବୋଧଶକ୍ତିସମ୍ପନ୍ନ ମନଟି ହାତରେ ଗୁଡ଼ଦେବାକୁ ଶିଖିବ । ଯେତେବେଳେ ଆମ ଭିତରେ କାର୍ଯ୍ୟ କରୁଥିବା ବୋଧ ଇନ୍ଦ୍ରିସ୍ୱମନର ନିସ୍ୱାଟିରୁ ଆପଣାକୁ ତନ୍ଦ୍ରସ୍ଥ ରଖିପାରିବ ଓ ତାହାର ବମିଶ୍ରଣକୁ ପ୍ରତ୍ୟାହ୍ୱତ କରଦେଇ ପାରିବ, ସେତେବେଳେ ଇନ୍ଦ୍ରିସ୍ୱମନ ବୋଧଠାରୁ ଆପଣାକୁ ଅଫଲଗ୍ନ କରି ରଖିପାରିବ ଏବଂ ସେତେବେଳେ ତାହାକୁ ତାହାର ସ୍ୱତନ୍ତ୍ର ନିସ୍ୱାଟିର ଆଧାର ଉପରେ ଅବଲୋକନ କରିପାରିବା ବି ସମ୍ଭବ ହୋଇଯିବ । ସେତେବେଳେ ଇନ୍ଦ୍ରିସ୍ୱମନ କହିଲେ ଆମେ ତାହାକୁ ଆମର ଅଭ୍ୟାସଗତ ନାନା ଅବବୋଧ, ନାନା ସମ୍ବନ୍ଧତତ୍ତା, ଇନ୍ଦ୍ରିସ୍ୱବୋଧ ତଥା ବାସ୍ତନାର ଏକ ସ୍ୱତନ୍ତ ଉର୍ଣ୍ଣ ବୁଲୁଥିବା ଓ ସଲମଲ ହେଉଥିବା ଭଲସ୍ତର୍ଗୀସ୍ୱ ସ୍ରୋତ ବୋଲି ଜାଣିବାକୁ ପାଇବା, ଯାହା ମଧ୍ୟରେ କ ପ୍ରକୃତରେ ଆଦୌ କୌଣସି ପୂଂପରତା ନଥାଏ, କୌଣସି ଶୃଙ୍ଖଳା ନଥାଏ ଓ ଆଲୋକର କୌଣସି ଉତ୍ତ୍ୱ କାର୍ଯ୍ୟ କରୁ ନଥାଏ । ସକଳ ବୁଦ୍ଧିମତ୍ତା ଓ ଫଳଦାସ୍ୱକତାରୁ ବହିର୍ଭୂତ ହୋଇ ରହିଥିବା ଏକ ବୃତ୍ତ ବା ଚକ୍ର ଭିତରେ ତାହା ସତତ ପୁନଗ୍ଭରୁତ୍ତ ହେବାରେହିଁ ଲଗିଥାଏ । ମନୁଷ୍ୟର ସାଧାରଣ ବୋଧଟି ଏହି ଭଲସ୍ତର୍ଗୀସ୍ୱ ସ୍ରୋତଟିକୁ ପ୍ରାସ୍ୱ ଗ୍ରହଣ କରିନଏ, ଏବଂ ତାହାକୁ ଏକ ଆଂଶିକ ଶୃଙ୍ଖଳା ତଥା ପୂଂପରତା ମଧ୍ୟରେ ବାନ୍ଧି ରଖିବାର ଚେଷ୍ଟା କରିଥାଏ । ମାତ୍ର ଏପରି କରୁ କରୁ ତାହା ସ୍ୱସ୍ୱଂ ଏଇଟିର ଅଧୀନ ହୋଇପଡ଼େ ଏବଂ ମନୁଷ୍ୟର ବୁଦ୍ଧିକୁ ଏକ ପଥଚ୍ୟୁତକାସ୍ୱ, ସୀମାବଦ୍ଧ ଓ ଏପରିକ ଏକ ଅକାମ୍ଭୁତକର ଓ ବ୍ୟର୍ଥ ସାଧନରେ ପରିଣତ କରି ରଖିଥିବା ସେହି ବଶୃଙ୍ଖଳା, ବସ୍ତବ୍ୟତା, ଫପୁର୍ଣ୍ଣ ବୁଦ୍ଧିସ୍ୱାନ ଜ୍ଞବରେ ଅଭ୍ୟାସର ବଶ୍ୟତା ଭିତରେ ଆସି ରହିବା ଏବଂ ଅନ୍ଧ ତଥା ଉଦ୍ଦେଶ୍ୟହୀନ ଏକ ପୁନଗ୍ଭରୁତ୍ତି ଭିତରେ ଆସି ଫର୍ଶ୍ଣିଷ୍ଟ ହୋଇଯାଏ । ଏହାକୁ ଆପଣାଠାରୁ ବଚ୍ଛିନ୍ନ କରିନେଇ ଓ ତା'ପରେ ତାହାକୁ ପ୍ରଗମିତ କରି ରଖି ସେଇଟିରୁ ନଷ୍ଟ୍ଟ ପାଇବା ବ୍ୟତୀତ ଏହି ସଦାଚଞ୍ଚଳ, ସ୍ଥିରତାଶୂନ୍ୟ, ସଦାବସ୍ତୁବ୍ଧ ଏବଂ ଶାନ୍ତଭଙ୍ଗକାସ୍ୱ ପ୍ରବୃତ୍ତିଟିକୁ ନେଇ ପ୍ରକୃତରେ ଆଉ କଣ୍ଟ୍ରୋଲେ କରିଯାଇ ପାରିବ ନାହିଁ । ଅଥବା ତେଣେ ଆମର ଜ୍ଞବନାକୁ ଏପରି ଏକ ଅଭିନବତ୍ତା ଏବଂ ଏକାଗ୍ରତା ଆଣି ଦେବାକୁ ପଡ଼ିବ ଯାହାଦ୍ୱାରା କ ତାହା ସ୍ୱତଃପ୍ରବୃତ୍ତ ହୋଇହିଁ ଏହି ଅନ୍ୟଧର୍ମୀ ଓ ବମୂଢ଼କାସ୍ୱ ଉପାଦାନଟିକୁ ଆପଣା ମଧ୍ୟରୁ ବର୍ଜ୍ଜନ ଓ ବର୍ଜିତ କରି ରଖିପାରିବ ।

'oaob.nitrkl.ac.in' images reprocessed

ଅଶୁଦ୍ଧତାର ଗୋଟିଏ ଚୂଡ଼ାନ୍ତ କାରଣ ରହିଛି, ଖାସ୍ ବୋଧ ମଧ୍ୟରେହିଁ ଅମେ ଯାହାର ଉତ୍ପତ୍ତିକୁ ନରୂପଣ କରିପାରିବା; ଆମ ଜ୍ଞାନଗତ ଇଚ୍ଛାର ଏକ ଅଯଥାର୍ଥ ନିସ୍ପାରୁହିଁ ଏହି ଅଶୁଦ୍ଧତା ଆସି ପହଞ୍ଚିଥାଏ। ବୋଧର କ୍ଷେତ୍ରଟି ମଧ୍ୟରେ ସେହି ଇଚ୍ଛାଟି ଲଗି ଏକ ସୁପଜ୍ଜତ ସ୍ଥାନ ରହିଛି ସତ, ମାତ୍ର ଏଠାରେ ମଧ୍ୟ ଜ୍ଞାନର ନଙ୍ଗାଚନ ଓ ସେହି ଜ୍ଞାନରେ ଉପଜୀବ୍ୟ ହେବା ଲଗି ଏକ ଅସମଞ୍ଜସପୂର୍ଣ୍ଣ ଉଦ୍ୟମଟିଏ ବାଧା ହୋଇ ଠିଆହୁଏ ଓ ଯାବତୀୟ ବକୃତ ଘଟାଇଥାଏ। ସେଥିରୁ ଏକ ଏକଦେଶୀତ୍ୱତା ଓ ଆସକ୍ତି ଜନ୍ମଲାଭ କରେ, ଯାହାକି ଆମର ବୁଦ୍ଧିକୁ କେବଳ କେତୋଟି ବସ୍ତୁର ଓ ମତକୁ ଲୁବ୍ଧ ଭାବରେ ଆବୋଧ ରହିବା ଲଗି ପ୍ରବୃତ୍ତ କରିବ ଏବଂ ଏକ ଅଲଙ୍ଘନୀୟ ଉଗ୍ର ଅନୁଚ୍ଛଳତା ଦ୍ୱାରା ଅନ୍ୟ ବସ୍ତୁର ତଥା ମତଗୁଡ଼ିକରେ ରହିଥିବା ସତ୍ୟଟିକୁ ଏଡ଼ି ରହିବାକୁ ବା ଅବଜ୍ଞା କରିବାକୁ ମଧ୍ୟ ଉତ୍ସାହ ଦେଇଥାଏ; କୌଣସି ଏକ ସତ୍ୟର କେବଳ ଗୋଟିଏ ଅଂଶବିଶେଷ ମଧ୍ୟରେ ଲଗି ରହିବାକୁହିଁ ପ୍ରବୃତ୍ତ କରିବ ଏବଂ ସେହି ସତ୍ୟର ପରିପୂର୍ଣ୍ଣତା ଲଗି ତଥାପି ଆବଶ୍ୟକ ହୋଇ ରହିଥିବା ଅନ୍ୟ ଅଂଶଗୁଡ଼ିକୁ ସ୍ୱୀକାର କରିବାକୁ ଆଦୌ ଧରୁଅାଁ ଦେଇ ନଥାଏ; ଜ୍ଞାନର କେତେଟା ରୁଚ ଅନୁରୂପ କ୍ଷେତ୍ର ଭିତରେ ଲଗି ରହିବା ଲଗି ତାହାକୁ ପ୍ରବୃତ୍ତ କରିବ, ଏବଂ ଜୀବନାକାଙ୍କ୍ଷା ଅନ୍ତରରେ ଅର୍ଜନ କରିଥିବା ଜୀବନାଦିର ବ୍ୟତିରେକ ମିଳାଜଟି ସହିତ ସହିମତ ରଖି ନଥିବା ଅନ୍ୟ ସକଳ ଜ୍ଞାନକୁ ଅସ୍ୱୀକାର କରି ଫିଙ୍ଗିଦେବାକୁ ପ୍ରଚ୍ଚୋଦନା ଦେଇଥାଏ। ମନର କ୍ଷେତ୍ରରେ ଏକ ପରିପୂର୍ଣ୍ଣ ସମତା ସମ୍ଭବ କରିବା ଦ୍ୱାରା ଏହାର ପ୍ରତିକାର କରିଯାଇ ପାରିବ, ବୁଦ୍ଧିର କ୍ଷେତ୍ରରେ ଏକ ସଂପୂର୍ଣ୍ଣ ବିଶ୍ଳେଷଣର କର୍ତ୍ତନ କରିବା ଦ୍ୱାରା ଏବଂ ଆମର ମନକୁ ସଂପୂର୍ଣ୍ଣ ଭାବରେ ଆସ୍ତରଣ କରିପାରିବା ଦ୍ୱାରା ଏହାର ପ୍ରତିକାର ହୋଇପାରିବ। ଆମର ଶୁଦ୍ଧ ବୋଧ କୌଣସି ବାସନା ବା କାମନା ପାଖରେ କଦାପି ଅଧୀନ ହୋଇ ରହିବ ନାହିଁ, ସେହିପରି କୌଣସି ବିଶେଷ ବସ୍ତୁର ଅଥବା ସତ୍ୟ ଲଗି ମଧ୍ୟ ତାହା କୌଣସି ଐକାନ୍ତିକ ରୁଚ ବା ଅରୁଚ କଦାପି ରଖିବ ନାହିଁ; ଏବଂ ଯେଉଁସବୁ ବସ୍ତୁର ବିଷୟରେ ତାହା ସବୁଠାରୁ ଅଧିକ ଅସନ୍ତୁଷ୍ଟ ହୋଇ ରହିଛୁ, ସେଗୁଡ଼ିକ ପ୍ରତି ଆସକ୍ତ ହୋଇ ରହିବାକୁ ମଧ୍ୟ ତାହା ସ୍ପଷ୍ଟ ଅସ୍ୱୀକାର କରିଦେଇ ପାରିବ। ସତ୍ୟର ସମସ୍ତ ସ୍ୱରସାମଞ୍ଜସ୍ୟକୁ ଦୋହଲାଇ ଦେଲ ଭଳି ଏବଂ ଏକ ସଂପୂର୍ଣ୍ଣ ଓ ସମସ୍ତ ଜ୍ଞାନର ଅନ୍ୟ ଉପାଦାନଗୁଡ଼ିକର ମୂଲ୍ୟକୁ କୌଣସିପ୍ରକାରେ ଖଣ୍ଡ କରିଦେବା ଭଳି ସେଗୁଡ଼ିକ ଉପରେ ଅଯଥା ଗୁରୁତ୍ୱ ଦେବା ଲଗି ମଧ୍ୟ ତାହା କେବେହେଲେ ସମ୍ମତ ହେବ ନାହିଁ।

ଏହିଭଳି ଭାବରେ ଶୁଦ୍ଧ ହୋଇ ପାରିଥିବା ଏକ ବୋଧ ବୌଦ୍ଧିକ ଜୀବନାର ଏକ ସଂପୂର୍ଣ୍ଣ ସ୍ଥିତିସ୍ଥାପକ, ସମସ୍ତ ଓ ନର୍ଦ୍ଦୋଷ ସାଧନ ହୋଇ ରହିପାରିବ ଏବଂ

'oaob.nitrkl.ac.in' images reprocessed

ବ୍ୟାହତ ତଥା ବିକୃତର ସକଳ ନିମ୍ନସ୍ତରୀୟ ନିଦାନରୁ ବିମୁକ୍ତ ହୋଇ ରହିଥିବାରୁ ତାହା ବୁଦ୍ଧି ଦ୍ୱାରା ସମ୍ଭବ ଚୂଡ଼ାନ୍ତ ସୀମାଯାଏ ଆତ୍ମା ତଥା ବିଶ୍ୱଜଗତର ସତ୍ୟଗୁଡ଼ିକର ଏକ ଯଥାର୍ଥ ଓ ପରିପୂର୍ଣ୍ଣ ଅବବୋଧ ଲାଗି ନିଶ୍ଚୟ ସମର୍ଥ ହେବ । ମାତ୍ର ପ୍ରକୃତ ଜ୍ଞାନ ସକାଶେ କେବଳ ସେତିକରୁ ଆହୁରି ଅଧିକ କିଛିର ପ୍ରୟୋଜନ ରହିଛି, କାରଣ ଆମର ଯଜ୍ଞା ଅନୁସାରେ ଯଥାର୍ଥ ଜ୍ଞାନ ହେଉଛି ବୁଦ୍ଧିର ଅତୀତ ଏକ ଜ୍ଞାନ । ଆମର ବୋଧଶକ୍ତି ଆମର ଯଥାର୍ଥ ଜ୍ଞାନସିଦ୍ଧିରେ ଯେପରି କୌଣସିପ୍ରକାରେ ଅନ୍ତରାୟ ହେବ, ସେଥିଲାଗି ଆମକୁ ସେହି ଅଧିକତରର ଷ୍ଟେଜଟି ଯାଏ ଯାଇ ପାରିବାକୁ ହେବ ଏବଂ ଏପରି ଏକ ସାମର୍ଥ୍ୟର କର୍ଷଣ କରିବାକୁ ପଡ଼ିବ, ଯାହାକି ସହିସ୍ନୁ ବୁଦ୍ଧିଆଶ୍ରୟୀ ଜୀବନ ଲାଗି ସଦାବା ଅତ୍ୟନ୍ତ ଆତ୍ମାସହାୟ ହୋଇ ରହିଥାଏ ଏବଂ ତା'ର ସ୍ୱାଭାବିକ ପ୍ରବୃତ୍ତିଟି ଲାଗି ଏକାନ୍ତ ଅରୁଚିକର ହୋଇ ରହିଥାଏ । ସେହି ସାମର୍ଥ୍ୟଟି ହେଉଛି ବୁଦ୍ଧିକୁ ନିସ୍ପାରିହତ କରି ରଖିବାର ସାମର୍ଥ୍ୟ । ଏଠାରେ ଆମକୁ ଦୁଇଟି ଲକ୍ଷ୍ୟର ସାଧନ କରିବାକୁ ହୋଇଥାଏ, ଏବଂ ତେଣୁ ସେଥିଲାଗି ଦୁଇପ୍ରକାରର ନିସ୍ପାରିହତତା ଅର୍ଜନ କରିବାକୁ ହୁଏ ।

ପ୍ରଥମତଃ ଆମେ ଏକଥାଟି ଦେଖିସାରିଛୁ ଯେ କେବଳ ଆପଣା ଉପରେ ନିର୍ଭର କରି ରହିଥିବା ପର୍ଯ୍ୟନ୍ତ ଆମର ବୁଦ୍ଧିପ୍ରେରିତ ଜୀବନ। ଯଥାର୍ଥ କାର୍ଯ୍ୟଟିର ସାଧନ ଲାଗି ଆଦୌ ଯଥେଷ୍ଟ ହୋଇପାରେ ନାହିଁ ଏବଂ ଏହାକୁ ଆମର ସଙ୍କୋଚ ଜୀବନ। ବୋଲି କଦାପି କୁହାଯାଇ ପାରିବ ନାହିଁ । ଆମେ ଯେପର୍ଯ୍ୟନ୍ତ କେବଳ ଆମର ବୁଦ୍ଧିଗତ ଅଭ୍ୟସ୍ତତା ଏବଂ ନିମ୍ନତର ସ୍ତରର ନିସ୍ପାଗୁଡ଼ିକ ଦ୍ୱାରା ଅଧିକୃତ ହୋଇ ରହିଥିବା, ସେତେବେଳ ପର୍ଯ୍ୟନ୍ତ କେବଳ ଅବଚେତନ ଜୀବରେହିଁ ଫରୁଚ୍ଚ ମନ ଆମ ପାଟକୁ ଆପଣାର ସନ୍ଦେଶଗୁଡ଼ିକୁ ପ୍ରେରଣ କରିବାରେ ସମର୍ଥ ହୋଇପାରିବ ଏବଂ ଆମର ତେତନ ମନ ଯାବ ଆସି ପହଞ୍ଚି ପହଞ୍ଚି ତାହା ଅଲ୍ପବହୁତ ସମ୍ପୂର୍ଣ୍ଣ ଜୀବରେ ଏକାବେଳକେ ବିକୃତ ହୋଇ ପଡ଼ିଥିବ । କାରଣ ଯଦି ତାହା ସତେତନ ଜୀବରେ ଆପଣାର ଏହି କାର୍ଯ୍ୟଟିକୁ କରିବାକୁ ଆରମ୍ଭ କରେ, ତେବେ ଅତ୍ୟନ୍ତ କ୍ୱଚିତ୍ ଓ ଅତ୍ୟନ୍ତ ଅଯଥେଷ୍ଟ ଜୀବରେହିଁ ତାହା କରିପାରିବ ଏବଂ ତାହାର କାର୍ଯ୍ୟରେ ମଧ୍ୟ ଏକ ବୃହତ୍ ପରିମାଣର ଅପୂର୍ଣ୍ଣତା ଅବଶ୍ୟ ରହିଯିବ । ତେଣୁ ଆମ ଭିତରେ ଥିବା ଉଚ୍ଚତର ଜ୍ଞାନସାମର୍ଥ୍ୟଟିକୁ ବଳଶାଳୀ କରି ରଖିବାକୁ ହେଲେ ଆମେ ଆଗରୁ ଯେପରି ଆମର ବୋଧଟିକୁ ଆମ ଇନ୍ଦ୍ରିୟମନଠାରୁ ଅଲଗା କରି ରଖିଛୁ, ସେହିପରି ଜୀବରେ ଆମ ଜୀବନାର ଫରୋଧିତ ଉପାଦାନଟିକୁ ତାହାର ବୁଦ୍ଧିପରିକଳ୍ପିତ ଉପାଦାନଟିରୁ ମଧ୍ୟ ଅଲଗା କରି ରଖିବାକୁ ପଡ଼ିବ । ଏବଂ ଏହି କାର୍ଯ୍ୟଟି ଆଦୌ ସହଜ କାର୍ଯ୍ୟ ନୁହେଁ; କାରଣ ଆମର ଫରୋଧିତ ଜ୍ଞାନଗୁଡ଼ିକ କେବଳ ବୁଦ୍ଧିଗତ ନିସ୍ପାର ଆବରଣ ପିନ୍ଧି ଯେ ଆମ ପାଟକୁ ଆସିଥାନ୍ତି ତା' ନୁହେଁ, ମାତ୍ର ଆମ ମନର

'oaob.nitrkl.ac.in' images reprocessed

ଷ୍ଟେନ୍ଟି ଉପରେ ମଧ୍ୟ ଏଭଳି ଚିତ୍ରାତ୍ମକତାକୁ ଅନେକ ଫଣ୍ଟାରେ ଛନ୍ଦବେଶ ପିନ୍ଧି ବିଚରଣ କରିବାରେ ଲାଗିଥାନ୍ତି, ଯେଉଁମାନେ କି ସେହି ଛନ୍ଦର ସାମର୍ଥ୍ୟର ଅଯାଚିତ ରୂପଗୁଡ଼ିକୁ ଦେଖି ନକଲ କରିବାରେ ଲାଗିଥାନ୍ତି । ଏହାର ପ୍ରତିଦାଇସ୍ୱରୂପ ବୁଦ୍ଧିକୁ ପ୍ରଥମେ ଏପରି ଜ୍ୱରରେ ଚାଲୁମ ଦେବାକୁ ହେବ, ଯେପରିକି ତାହା ଯଥାର୍ଥ ସତୋଧିଗତ ଜ୍ଞାନଟିକୁ ଚିହ୍ନିବା ଲାଗି ସମର୍ଥ ହେବ, ତାହାକୁ ସତ୍ୟକ ଜ୍ଞାନର ମିଥ୍ୟାଭାସ ଦେଇ ଯାଉଥିବା ଅନ୍ୟ ଜ୍ଞାନଗୁଡ଼ିକଠାରୁ ଅଲଗା କରି ବାଛିନେଇ ପାରିବ ଏବଂ ତାହାକୁ ଆପଣାର ଅଭ୍ୟାସରେ ମଧ୍ୟ ପଳାଇନେବ; ଏବଂ ଯେତେବେଳେ ବୌଣସି ବୁଦ୍ଧିଗତ ବୋଧ କଂବା ସିଦ୍ଧାନ୍ତର ସମ୍ପୃକ୍ତୀନ ହେବ, ସେତେବେଳେ ସେଥିରେ ବୌଣସି ଚଢ଼ାନ୍ତ ମୂଲ୍ୟର ଆରୋପ କରିବାରୁ ଖାନ୍ତ ରହିପାରିବ, ମାନ ଚତ୍ପରବର୍ତ୍ତିରେ ଉର୍ଦ୍ଧ୍ୱକୁ ଅବଲୋକନ କରିପାରିବ, ସକଳ ଜ୍ଞାନବସ୍ତୁକୁ ସେହି ଦବ୍ୟ ଚକ୍ଷୁଟି ଅନୁସାରେ ଜଳ ଦେଖିବାର ଚେଷ୍ଟା କରିବ ଏବଂ ଆପଣାର ଯଥାସାଧ୍ୟ ନଶ୍ଚଳତା ସହିତ ଉର୍ଦ୍ଧ୍ୱରୁ ସେହି ଆଲୋକର ସମ୍ପାତ ଲାଗି ଅପେକ୍ଷା ମଧ୍ୟ କରିପାରିବ । ଏହିପରି ଜ୍ୱବରେ ଆମ ବୁଦ୍ଧିଗତ ଜ୍ୱବନାର ଏକ ବୃହତ୍ତ ଅଂଶକୁ ସେହି ଜ୍ୟୋତିର୍ମସ୍ୱ ସତ୍ୟଚେତନ ଦୃଷ୍ଟିରେ ରୂପାନ୍ତରିତ କରିଦେବା ସମ୍ଭବ ହେବ,—ଅବଶ୍ୟ ଏକ ସମ୍ପୂର୍ଣ୍ଣ ସୋପାନପରବର୍ତ୍ତିନହିଁ ଏହା ଷ୍ଟେନରେ ଆଦର୍ଶ ହୋଇ ରହିପାରିବ;—ଅଥବା ଆମ ବୁଦ୍ଧିର ଅନ୍ତରାଳରେ ରହି କାର୍ଯ୍ୟ କରୁଥିବା ଆଦର୍ଶ ଜ୍ଞାନଟିର ମୁଦ୍ରାମ୍ଭ ଦ୍ରୁତା, ଶୁଦ୍ଧତା ଚଥା ସତ୍ୟଚେତନ ସାମର୍ଥ୍ୟକୁ ଅନେକ ପରମାଣରେ ବଢ଼ାଇଦେଇ ପାରିବା ସମ୍ଭବ ହୋଇପିବ । ଆମର ବୁଦ୍ଧିକୁ ସେହି ଆଦର୍ଶ ସାମର୍ଥ୍ୟଟିର ଅଧୀନ ହୋଇ ଶିଖିବାକୁ ହେବ, ଏକ ନଶ୍ଚିତ୍ୱ ସାଧନରୂପେ କାର୍ଯ୍ୟ କରିବାକୁ ଶିଖିବାକୁ ହେବ ।

ମାନ ପରମ ଆତ୍ମଜ୍ଞାନର ସମର୍ଥ ହେବା ପାଇଁ ବୁଦ୍ଧିର ଷ୍ଟେନରେ ସମ୍ପୂର୍ଣ୍ଣ ଜ୍ୱବରେ ନଶ୍ଚିତ୍ୱ ହୋଇଯାଇ ପାରିବା ଆବଶ୍ୟକ ହେବ, ସକଳ ଜ୍ୱବନାକୁ ବର୍ଜିତ କରି ରଖିପାରିବା ଆବଶ୍ୟକ ହେବ, ଗୀତାର ଗୋଟିଏ ଶ୍ଲୋକରେ କୁହାଯାଇଥିବା ପରି ମନ ସମ୍ପୂର୍ଣ୍ଣ ଜ୍ୱବନାରହିତ ହୋଇପାରିବା ଆବଶ୍ୟକ ହେବ । ଜ୍ୱବନାକୁହିଁ ସବୋଚ୍ଚ ସମ୍ପଦ ବୋଲି ଗ୍ରହଣ କରୁଥିବା ପାଶ୍ଚାତ୍ୟ ମାନସ ଲାଗି ଏହି ଉକ୍ତିଟି ନଶ୍ଚୟ ଅଥାବ କଠିନ ବୋଧ ହେବ । ପାଶ୍ଚାତ୍ୟ ମାନସ ମନର ଜ୍ୱବନାରହିତ ହେବା ଓ ସମ୍ପୂର୍ଣ୍ଣ ଜ୍ୱବରେ ନଶ୍ଚଳ ହୋଇଯିବାକୁ ହୁଏତ ଜ୍ୱବନା ଲାଗି ସମ୍ପୂର୍ଣ୍ଣ ଜ୍ୱବରେ ଅସମର୍ଥ ହୋଇ ରହିବା ବୋଲି ଜ୍ୱବବାକୁ ଆରମ୍ଭ କରିବ । ମାନ ନଶ୍ଚଳ ହୋଇଯିବାର ଏହି ସମର୍ଥତାଟିକୁ ଆମେ ସଂଜ୍ଞା ଏକ ସାମର୍ଥ୍ୟ ବୋଲିହିଁ କହିବା, ଏହା କଦାପି ଏକ ଅସାମର୍ଥ୍ୟ ନୁହେଁ; ଏହା ହେଉଛି ଏକ ଶକ୍ତସଜ୍ଞା, ଏକ ଦୁବଳତା ଆଦୌ ନୁହେଁ । ଏହି ନଶ୍ଚଳତା ହେଉଛି ଏକ ଗମ୍ଭୀରତାସମ୍ପନ୍ନ ନଶ୍ଚଳତା, ଏକ ପୂର୍ଣ୍ଣସମ୍ଭାବନାମସ୍ୱ ନଶ୍ଚଳତା । ଯେତେବେଳେ

'oaob.nitrkl.ac.in' images reprocessed

ଏହି ମନ ସତେଅବା ସ୍ୱଚ୍ଛ, ସ୍ପନ୍ଦନରହିତ ଓ ସମତଳ ଜଳ ପରି ଏକାବେଳକେ ଏହିପରି ଜ୍ଞବରେ ନଶ୍ଚଳ ହୋଇଯିବ, ଯେତେବେଳେ ସମସ୍ତ ସଙ୍କଳ୍ପର ପରିପୂର୍ଣ୍ଣ ଶୁଦ୍ଧତା ଏବଂ ଶାନ୍ତ ଅବସ୍ଥା ମଧ୍ୟରେ ଏହି ନଶ୍ଚଳତା ସମ୍ଭବ ହେବ ଏବଂ ଆତ୍ମା ଜ୍ଞବନାର ସୀମାକୁ ଅତିକ୍ରମ କରିଯାଇ ପାରିବ, ସେତେବେଳେ ଯାଇ ସକଳ କର୍ମ ଓ ସକଳ ସମ୍ଭୂତିକୁ ଜନ୍ମ ଦେଇଥିବା ଓ ତଥାପି ସେଗୁଡ଼ିକୁ ଅତିକ୍ରମ କରି ରହିଥିବା ପରମ ଆତ୍ମା, ସକଳ ଶବ୍ଦର ଜନନୀରୂପେ ଅବସ୍ଥିତ ରହିଥିବା ପରମ ନୈଃଶବ୍ଦ୍ୟ ଏବଂ ସକଳ ଆପେକ୍ଷିକତାକୁ ଆପଣାର ଆଂଶିକ ପ୍ରତିଫଳନରୂପେ ଧାରଣ କରି ରହିଥିବା ସେହି ପରମ ନିର୍ବିଶେଷ ଆମ ସତ୍ତାର ଶୁଦ୍ଧ ମର୍ମଗତ ଭୂମି ରୂପରେ ଆପଣାକୁ ଅଭିବ୍ୟକ୍ତ କରିଦେବ । କେବଳ ପରିପୂର୍ଣ୍ଣ ନୈଃଶବ୍ଦ୍ୟ ମଧ୍ୟରେହିଁ ଆମେ ସେହି ପରମ ନୈଃଶବ୍ଦ୍ୟକୁ ଶୁଣିବାକୁ ସମର୍ଥ ହେବା, କେବଳ ଏକ ଶୁଦ୍ଧ ଶାନ୍ତିମସ୍ତତା ମଧ୍ୟରେହିଁ ପରମ ସତ୍ତାଙ୍କର ଆତ୍ମୋଦ୍‌ଘାଟନ ସମ୍ଭବ ହେବ । ସେହି କାରଣରୁହିଁ ଆମେ ସେହି ପରମ ଉତ୍ସର୍ଗ ପରମ ନୈଃଶବ୍ଦ୍ୟ ଓ ପରମ ଶାନ୍ତିମସ୍ତତାର ଅଭିଧା ଦେଇଛିଁ ବର୍ଣ୍ଣନା କରିଛୁ ।

'oaob.nitrkl.ac.in' images reprocessed

ଚତୁର୍ଥ ପରିଚ୍ଛେଦ

ଅଭିନବେଶ

ଶୁଦ୍ଧତାର ସହଗାମୀରୂପେ ଏବଂ ଶୁଦ୍ଧ ହେବାର ଏକ ସହାୟକ ସାଧନରୂପେ ଆମେ ଅଭିନବେଶ ପାଖରେ ଆସି ପହଞ୍ଚିବା । ଶୁଦ୍ଧତା ଏବଂ ଅଭିନବେଶ ଦୁହେଁଯାକ ବସ୍ତୁତଃ ସତ୍ତ୍ୱଗତ ସେହି ଗୋଟିଏ ସ୍ଥିତିର ଦୁଇଟି ଦିଗ; ଗୋଟିଏ ହେଉଛି ସ୍ତ୍ରୀଲିଙ୍ଗାତ୍ମକ ଓ ଆରଟି ହେଉଛି ପୁଂଲିଙ୍ଗାତ୍ମକ; ଗୋଟିଏ ଦୃଷ୍ଟି ଏବଂ ଆରଟି ସୃଷ୍ଟି । ଶୁଦ୍ଧତାରୂପୀ ପରିବେଶରେହିଁ ଅଭିନବେଶ ସମ୍ପୂର୍ଣ୍ଣତା ଲାଭ କରେ, ଯଥାର୍ଥ ଜୀବରେ ଫଳଦାୟକ ହୋଇପାରେ ଏବଂ ସଂଶକ୍ତମାନ୍ ହୁଏ । କେବଳ ଅଭିନବେଶ ଦ୍ୱାରାହିଁ ଶୁଦ୍ଧତା ଆପଣାର କାର୍ଯ୍ୟ କରିବାକୁ ସମର୍ଥ ହୁଏ ଏବଂ ଅଭିନବେଶ ନଥିଲେ ଶୁଦ୍ଧତା ଆମକୁ କେବଳ ଏକ ଶାନ୍ତିମୟ ନିଷ୍କ୍ରିୟାବସ୍ଥା ଓ ପରିବର୍ତ୍ତିନସ୍ଥାନ ବିଶ୍ରାନ୍ତିର ଅବସ୍ଥାକୁହିଁ ନେଇ ଯାଇଥାଏ । ଏଗୁଡ଼ିକର ବିପରୀତ ଜିନିଷଗୁଡ଼ିକ ମଧ୍ୟ ପରସ୍ପର ସହିତ ବଡ଼ ଅନ୍ତରଙ୍ଗ ଜୀବରେ ଯୁକ୍ତ ହୋଇ ରହିଛନ୍ତି; କାରଣ ଆମେ ଆଗରୁ ଆଲୋଚନା କରି ଦେଖିଛୁ ଯେ ଅଶୁଦ୍ଧତାକୁ ଧର୍ମଗୁଡ଼ିକର ଏକ ସଙ୍ଗତିବସ୍ଥା ବୋଲି କୁହାଯାଇ ପାରିବ, ସତ୍ତ୍ୱର ବିଭିନ୍ନ ଅଂଶ ଓ ଅଙ୍ଗଗୁଡ଼ିକର ଏକ ଅଭିଶିଥିଳ, ଅଭିମିଶ୍ରିତ ଏବଂ ପରସ୍ପର ସହିତ ଜାଲ ପରି ଛାଇହୋଇ ରହିଥିବା ନିସ୍ପାତ୍ମକତା ବୋଲି କୁହାଯାଇ ପାରିବ ଏବଂ ସତ୍ତ୍ୱର ଜ୍ଞାନ ଦେହଧାରୀ ଆତ୍ମାରେ ରହିଥିବା ଆପଣାର ସାମର୍ଥ୍ୟଗୁଡ଼ିକ ଉପରେ ଆପଣାକୁ ଯଥାର୍ଥ ଜୀବରେ ଅଭିନିବିଷ୍ଟ କରି ନପାରିବାରୂପିହିଁ ଏହି ସଙ୍ଗତିବସ୍ଥାର ଉଦ୍ଭବ ହୋଇଥାଏ । ଆମ ପ୍ରକୃତିର ପ୍ରଥମ ଦୋଷଟି ହେଉଛି ଯେ ତାହା କୌଣସିପ୍ରକାର ଶୃଙ୍ଖଳା ଅଥବା ନିସ୍ପତ୍ତି ନଥାଇ ବଡ଼ ଅବନ୍ୟସ୍ତ ଜୀବରେ ମନର ଭୂମିଟି ଉପରକୁ ଆସୁଥିବା ବାହ୍ୟସ୍ପର୍ଶଗୁଡ଼ିକ ପାଖରେ ବଡ଼ ଜୀବନସ୍ଥାନ ଜୀବରେ ଅଧୀନ ହୋଇ ରହିଥାଏ ଏବଂ ତା'ପରେ କୌଣସି ନିସ୍ପତ୍ତି ନଥାଇ ବଡ଼ ଝିଆଲି ଜୀବରେ ଯେଉଁବେଳେ ଯେଉଁଟା ଉପରେ ଇଚ୍ଛା ହୁଏ, ତାହା ଉପରେ ଅଭିନିବିଷ୍ଟ ହୋଇ ରହେ; କେଉଁବେଳେ ଏଇଟା ବା କେଉଁବେଳେ ସେଇଟା ଉପରେ ପ୍ରାସ୍ତ ଏକ

'oaob.nitrkl.ac.in' images reprocessed

ଆକସ୍ମିକତା ଦ୍ୱାରା ପରଗୃହିତ ହେଲାପରି ଗୁରୁତ୍ୱ ଆରୋପ କରିବାରେ ଲାଗିଥାଏ । ଆମ ଭିତରେ ଥିବା ଦ୍ୱନ୍ଦ୍ୱଭର ଆତ୍ମା କିଂବା ବସ୍ତୁରକ୍ଷମ ଓ ବିବେଚନାଶୀଳ ବୁଦ୍ଧି ଲାଗି ନୁହେଁ, ମାତ୍ର ସଦାଅସ୍ଥିର, ଲମ୍ପଟଭରିତ, ଚଞ୍ଚଳ ଏବଂ ଅତି ସହଜରେ ଅବସନ୍ନ ଓ ଅନ୍ୟମନସ୍କ ହୋଇ ପଡ଼ୁଥିବା ଓ ଆମର ଆତ୍ମିକ ଅଗ୍ରଗତିରେ ସବୁଠାରୁ ବଡ଼ ଶତ୍ରୁ ପରି କାର୍ଯ୍ୟ କରୁଥିବା ସେହି ନମ୍ବରର ମନ ଲାଗି ସେଗୁଡ଼ିକ ଯେତେବେଳେ ଯେଉଁଟି ଆକର୍ଷକ ମନେ ହୁଅନ୍ତି, ଆମର ପ୍ରକୃତ ସେତେବେଳେ ତାହାର ଉପରେ ଗୁରୁତ୍ୱ ଆରୋପ କରିବାରେ ଲାଗିଥାଏ । ଏଭଳି ଏକ ପରସ୍ଥିତିରେ ଶୁଦ୍ଧତା, ନିସ୍ୱାର୍ଥତାଗୁଡ଼ିକର ଯଥାର୍ଥ ସ୍ୱରୂପରେ କାର୍ଯ୍ୟକାରୀ ହୋଇପାରିବା ଏବଂ ଆମ ସତ୍ତାର ସେହି କଲଙ୍କରହିତ ଓ ଆଲୋକମୟ ସ୍ଥିତିଟି ନ୍ୟାସ୍ତତଃ ବଡ଼ ଅସମ୍ଭବ ହୋଇ ରହିଥାଏ; ଏବଂ କେବଳ ପରବେଶ ତଥା ବାହ୍ୟ ପ୍ରଭାବଗୁଡ଼ିକର ହାତରେ ଗୁଡ଼ି ହଆଯାଇଥିବା ବଇମ୍ବ ନିସ୍ୱାର୍ଥତା କେବଳ ପରସ୍ପରଘାତୀ ହେବାକୁହିଁ ବାଧ୍ୟ ହୁଅନ୍ତି, ପରସ୍ପରର ବାଧା ହୋଇ ଠିଆହୁଅନ୍ତି, ପରସ୍ପରକୁ ପଥଚ୍ୟୁତ କରନ୍ତି ଏବଂ ପରସ୍ପର ମଧ୍ୟରେ ନାନା ବିକୃତି ଆଣି ପୂରାଇ ଦିଅନ୍ତି । ଠିକ୍ ସେହିପରି ଜୀବନରେ ବିଶୁଦ୍ଧତା ନଥିଲେ ମଧ୍ୟ ସମ୍ୟକ୍ ଜୀବନ, ସମ୍ୟକ୍ ଇଚ୍ଛା, ସମ୍ୟକ୍ ଅନୁଭବ ଅଥବା ଆଧ୍ୟାତ୍ମିକ ଅନୁଭୂତିର କୌଣସି ସୁଦୃଢ଼ ସ୍ଥିତି ଉପରେ ସତ୍ତାର ପରିପୂର୍ଣ୍ଣ, ସମତା-ବିଶିଷ୍ଟ ଓ ସ୍ଥିରସ୍ଥାପକ ଅଭିନବେଶ ଆଦୌ ସମ୍ଭବ ହୁଏ ନାହିଁ । ତେଣୁ କାର୍ଯ୍ୟତଃ ଦୁଇଟିଯାକକୁ ଏକାଠି ହୋଇ ଗତି କରିବାକୁ ହୁଏ, ଗୋଟିକୁ ଆରଟିର ବଳସ୍ୱରେ ସହାୟକରୂପେ କାର୍ଯ୍ୟ କରିବାକୁ ହୁଏ; ଏବଂ ଏହିପରି ଜୀବନରେ ଗତି କରି ଆମେ ପରଶେଷରେ ସେହି ଚରନ୍ତନ ପ୍ରଶାନ୍ତିର ସ୍ଥିତିରେ ଯାଇ ଉପନୀତ ହୋଇଥାଉ, ଯାହା ମଧ୍ୟରୁ କି ମନୁଷ୍ୟସତ୍ତା ମଧ୍ୟରେ ସେହି ଶାଶ୍ୱତ, ସର୍ବଶକ୍ତିମାନ୍ ଓ ସର୍ବଜ୍ଞତା ନିସ୍ୱାର୍ଥତାଟିର ହୁଏତ କୌଣସି ଏକ ଆଂଶିକ ପ୍ରତିରୂପ ସଞ୍ଚାରିତ ହୋଇ ଆସିବାର ଏକ ସମ୍ଭାବନା ରହିଥାଏ ।

ମାତ୍ର ଜୀବତ୍ତବର୍ଷରେ ଅନୁସୃତ ଜ୍ଞାନମାର୍ଗର ସାଧନାରେ ଅଭିନବେଶକୁ ଏକ ବିଶେଷ ଓ ଅଧିକ ସୀମାବଦ୍ଧ ଅର୍ଥରେ ବ୍ୟବହାର କରିଯାଇଥାଏ । ସେହି କ୍ଷେତ୍ରରେ ଅଭିନବେଶ କହିଲେ ଆମର ଜୀବନାକୁ ମନର ଯାବତୀୟ ଧ୍ୟାନଭଙ୍ଗକାରୀ ନିସ୍ୱାର୍ଥତା ମଧ୍ୟରୁ ମୁକ୍ତ କରି ରଖିବାକୁହିଁ ବୁଝାଇଥାଏ; ଜୀବନାକୁ ନେଇ ପରମ ଏକର ଚିନ୍ତାଟି ଉପରେ ଅଭିନିବିଷ୍ଟ କରି ରଖିବାକୁହିଁ ବୁଝାଇଥାଏ, ଯାହାଦ୍ୱାରା କି ଆମର ଆତ୍ମା ସତ୍ୟବୋଧର ପ୍ରାତିସ୍ୱିକ ସ୍ତରଟିରୁ ମୁକ୍ତିଲାଭ କରି ସେହି ଅଦ୍ୱିତୀୟ ପରମସତ୍ତାର ଭୂମିକୁ ଉତ୍ତୋଳିତ ହୋଇଯାଏ । ଆମର ଏହି ଜୀବନାଟି ଦ୍ୱାରାହିଁ ଆମେ ପ୍ରାତିସ୍ୱିକ ଅଲୀକସ୍ୱଭାବଟି ଭିତରେ ଆପଣାକୁ ନାନାସ୍ତରେ ବିକ୍ଷିପ୍ତ କରି ରଖିଥାଉ; ତେଣୁ କେବଳ ଜୀବନାକୁ ଆପଣା ମଧ୍ୟକୁ ପ୍ରତ୍ୟାହୃତ କରି ଆଣିବା ଦ୍ୱାରାହିଁ ଆମକୁ ସତ୍ୟର

'oaob.nitrkl.ac.in' images reprocessed

ଭୂମିକୁ ଆପଣାକୁ ପ୍ରତ୍ୟାହାର କର ଆଣିବାକୁ ପଡ଼େ। ଅଭିଜ୍ଞତାର ମଧ୍ୟରେ ତତୋଽଧିକ ଶକ୍ତି ରହିଛି, ଯାହାଦ୍ୱାରା କି ଏହି ଲକ୍ଷ୍ୟଟିକୁ ଫଳପ୍ରଦ କରାଯାଇ ପାରେ। ଯେକୌଣସି ବସ୍ତୁ ଉପରେ ଅଭିନିବେଶ ହୋଇ ରହିବା ଦ୍ୱାରା ଆମେ ସେହି ବସ୍ତୁଟିକୁ ଜାଣିବାକୁ ସମର୍ଥ ହୋଇଥାଉ, ସେହି ବସ୍ତୁଟି ଭିତରେ ଗୁପ୍ତ ହୋଇ ରହିଥିବା ରହସ୍ୟଗୁଡ଼ିକୁ ଉଦ୍‌ଘାଟିତ ହୋଇ ଆସିବା ଲଗି ଏକ ପରିବେଶ ସୃଷ୍ଟି କରି ଦେଇଥାଉ; ମାତ୍ର ଏହି ଶକ୍ତିକୁ ଆମେ କେବଳ ବସ୍ତୁଗୁଡ଼ିକୁ ଜାଣିବାରେ ବ୍ୟବହାର କରିବା ନାହିଁ, ମାତ୍ର ସକଳ ବସ୍ତୁ ମଧ୍ୟରେ ରହିଥିବା ପରମ ବସ୍ତୁସାରଟିକୁ ଜାଣିବାରେ ମଧ୍ୟ ତାହାକୁ ଆମରେ ଲଗାଇବା। ପୁନଶ୍ଚ, ଏହି ଧ୍ୟାନ ଅର୍ଥାତ୍ ଅଭିନିବେଶ ଦ୍ୱାରା ଆମର ସମୁଦାୟ ଇଚ୍ଛାଶକ୍ତିକୁ ଆମେ ସେହି ପରମ ସମ୍ପଦଟିର ଉପଲବ୍ଧି ଲଗି ଏକତ୍ର ସଂଗୃହୀତ କରି ଆଣିପାରିବା, ଯିଏକ ଏପର୍ଯ୍ୟନ୍ତ ଆମ ବୋଧର ବେଢ଼ ଭିତରକୁ ଆସି ନାହାନ୍ତି, ଏବଂ ତଥାପି ଆମର ଅନ୍ତରତ ହୋଇ ରହିଛନ୍ତି। ଏହି ଶକ୍ତିକୁ ଯଥେଷ୍ଟ ଭାବରେ ପ୍ରଶିକ୍ଷିତ କରିପାରିଲେ, ଯଥେଷ୍ଟ ପରମାଣରେ ଏକାନ୍ତ ଓ ଏକନିଷ୍ଠ କରିପାରିଲେ, ତାହାକୁ ଆପଣା ବିଷୟରେ ସୃଜନଶୀଳ କରିପାରିଲେ ଓ କେବଳ ଆପଣା ଉପରେହିଁ ବିଶ୍ୱାସ କରି ରହିବାକୁ ଶିଖାଇ ପାରିଲେ, ବିଶ୍ୱାସର ଭୂମିରେ ତାହାକୁ ଅବିଚଳ ଭାବରେ ପ୍ରତିଷ୍ଠିତ କରିପାରିଲେ ଆମେ ତାହାକୁ ଯେକୌଣସି ଲକ୍ଷ୍ୟର ପ୍ରାପ୍ତି ଲଗି ଅବଶ୍ୟ ବ୍ୟବହାର କରିପାରିବା। ମାତ୍ର ଏହି ଧାରାର ଆମ ଆଗରେ ଉତ୍ତୋଳିତ କରି ଧରିଥିବା କେତେତେତେ ବସ୍ତୁର ପ୍ରାପ୍ତି ଲଗି ଆମେ ଏହାକୁ କଦାପି ତାମରେ ଲଗାଇବା ନାହିଁ; ମାତ୍ର ସେହି ଯେଉଁ ଗୋଟିଏ ବସ୍ତୁକୁ ଯଥାର୍ଥ ଭାବରେ ସକଳ ଅନୁଧାବନର ଯୋଗ୍ୟ ବୋଲି କୁହାଯାଇ ପାରିବ ଏବଂ ଯେଉଁ ବିଷୟଟିକୁ ଆମେ ଯଥାର୍ଥ ଭାବରେ ଜ୍ଞାନର ଯୋଗ୍ୟ ବୋଲି କହିପାରିବା, ଆଧ୍ୟାତ୍ମିକ ଭାବରେ ତାହାକୁହିଁ ଅଧିଗମି ପାରିବା ଲଗି ଆମେ ସେହି ଶକ୍ତିର ଉପଯୋଗ କରିବା। ଆମର ସମୁଦାୟ ସତ୍ତାଟିକୁ ତାହାର ଆପଣା ସ୍ଥିତି ଉପରେ ଅଭିନିବିଷ୍ଟ କରି ରଖିଲେ ଆମେ ଯାହା ମନ କରିବା ତାହା ହୋଇପାରିବା; ଉଦାହରଣସ୍ୱରୂପ ଆଜିରୁ ଯଦି ଆମେ କେବଳ ଦୁଃଖଜ୍ଞ ଏବଂ ଉତ୍ସାହୁନ୍ମତ୍ତାର ପ୍ରତିଦ୍ୱନ୍ଦ୍ୱୀ ହୋଇ ରହି ଆସିଥିଲୁ, ତେବେ ଏହାଫଳରେ ଆମେ ତାହା ସ୍ଥାନରେ ବଳ ଓ ସାହସର ପିଣ୍ଡଟିଏ ହୋଇ ରହିପାରିବା; ଅଥବା ଆମର ସମୁଦାୟ ସତ୍ତାଂଶଟିରେ ଆମେ ଏକ ମହାନ୍ ଶୁଦ୍ଧତା, ପବିତ୍ରତା ଏବଂ ଶାନ୍ତିରେହିଁ ପରିଣତ ହୋଇଯାଇ ପାରିବା କିଂବା ପରମ ପ୍ରେମର ଏକ ଏକକ ଓ ବିଶ୍ୱଗତ ଆତ୍ମାରେ ହିଁ ପରିଣତ ହୋଇପାରିବା। ମାତ୍ର କୁହାଯାଇଛି ଯେ ଆମେ ଏସବୁ ହେବା ଲଗି ମଧ୍ୟ ଆମର ଏହି ଶକ୍ତିକୁ ତାମରେ ଲଗାଇବା ନାହିଁ; ବର୍ତ୍ତମାନ ଆମେ ଯେଉଁ ସ୍ତରରେ ରହିଛୁ, ତାହା ତୁଳନାରେ ସେସବୁ ହୁଏତ ଅନେକ ବେଶୀ ଉଚ୍ଚ ହୋଇଥିଲେ ମଧ୍ୟ ଆମେ ତାହା କରିବା ନାହିଁ।

'oaob.nitrkl.ac.in' images reprocessed

ମାନ ଯାହା ସକଳ ବସ୍ତୁର ଉପରେ ଅବସ୍ଥିତ ରହୁଛୁ ଏବଂ ସକଳ ନିମ୍ନ ତଥା ବହ୍ୱବରୁ ବମୁକ୍ତ ହୋଇ ରହୁଛୁ, ସେହି ଶୁଦ୍ଧ ଓ ନିର୍ବିଶେଷ ପରମ ସତ୍ତ୍ୱଙ୍କ ମଧ୍ୟକୁ ବକଶିତ ହୋଇଉଠିବାକୁହିଁ ଆମେ ସେହି ଶକ୍ତିର ବନଯୋଗ କରିବା । ଏହା ବ୍ୟତୀତ ଆଉ ସବୁକଛୁର ଅର୍ଥାତ୍ ଅନ୍ୟ ଯାବତୀୟ ଅଭିନବେଶର କେବଳ ଆମକୁ ପ୍ରସ୍ତୁତ କରିବାରେହିଁ କୌଣସି ମୂଲ୍ୟ ରହିବ; ତାହାର ପୂର୍ବବର୍ତ୍ତୀ ସୋପାନଗୁଡ଼ିକୁ ଅତିକ୍ରମ କରିବାକୁ, ଆମର ଅସଘତ ଓ ଆସ୍ପଅପଚସ୍ୱକାଷ୍ଟ ଜ୍ଞବନା, ଇଚ୍ଛାଶକ୍ତି ଓ ସତ୍ତ୍ୱକୁ ସେଗୁଡ଼ିକର ମହାନତମ ଓ ଅନନ୍ୟ ଲକ୍ଷ୍ୟଟି ଅଭିମୁଖରେ ଗତି କରିପାରିବା ସକାଶେ ଉଚ୍ଚତ ଜ୍ଞବରେ ମଣ କରି ଆଣିବାକୁହିଁ ସେସବୁର ଯାହାକିଛୁ ମହତ୍ତ୍ୱ ରହିଥିବ ।

ଅନ୍ୟ ପ୍ରତ୍ୟେକ ବଷସ୍ୱ ପରି ଅଭିନବେଶର ଏହିଭଳି ବନଯୋଗ ସମ୍ଭବ ହେବା ଆଗରୁ ଆବଶ୍ୟକ ଶୁଦ୍ଧତା ଅବଶ୍ୟ ରହିଥିବା ଦରକାର । ଏବଂ ପରିଶେଷରେ ଏଥିରେ ଏକ ତ୍ୟାଗଜ୍ଞବନା ରହିଥିବା ଦରକାର, ଏକ ନିବୃତ୍ତି ଦରକାର ଏବଂ ସଂଗଶେଷରେ ପରମ ଓ ସର୍ବାତୀତ ଏକ ସମାଧିର ଅବସ୍ଥା ମଧ୍ୟକୁ ଏକ ଆରୋହଣ ମଧ୍ୟ ଦରକାର; ଏବଂ ଯଦି ଏହା ପ୍ରକୃତରେ ଆପଣାର ଚରିତାର୍ଥତା ଲାଭ କରେ, ସ୍ଥାସ୍ୱୀ ହୋଇ ରହେ, ତେବେ ତୃତୀୟଟି ଆତ୍ମାଙ୍କ ମଧ୍ୟରୁ ତୁଏତ କେବଳ ଗୋଟିଏ ଆତ୍ମାକୁ ଗୁଡ଼ାଇଦେଲେ ସମସ୍ତଙ୍କ କ୍ଷେତରେ ସେହି ଅବସ୍ଥାରୁ ଆଉ କଦାପି ଲେଉଟି ଆସିବାକୁ ପଡ଼ିବ ନାହିଁ । କାରଣ ତଦ୍ୱାରା ଆମେ "ପରମ ଶାଶ୍ୱତଙ୍କର ସେହି ସଙ୍ଗୋଚ ସ୍ଥିତିକୁ" ଉତ୍ତୀର୍ଣ୍ଣ ହୋଇଯିବା, "ଯେଉଁଠାରୁ କ ଆତ୍ମାସବୁ କଦାପି ପୁଣି ପଛକୁ ଫେର ଆସନ୍ତି ନାହିଁ ।"* ଏବଂ ଏହି ଦୁଇର ମଧ୍ୟରୁ ପରିଣାମର କାମନା କରୁଥିବା ଯୋଗୀ ଆପଣାର ଦେହତ୍ୟାଗ କରିବା ସମୟରେ ଏହି ସମାଧିଟି ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯିବାର ଆକାଙ୍କ୍ଷା ରଖିଥାଏ । ଗୁଜଯୋଗର ସାଧନାରେ ଆମେ ଏହି ଜମତବ୍ୟବସ୍ଥାଟି ରହିଥିବାର ଦେଖିଥାଉ । କାରଣ ଗୁଜଯୋଗୀକୁ ପ୍ରଥମେ ଏକ ନିର୍ଦ୍ଦିଷ୍ଟ ସ୍ତରର ନୈତିକ ତଥା ଆଧ୍ୟତ୍ମିକ ଶୁଦ୍ଧିର ସ୍ତରରେ ଆସି ପହଞ୍ଚିବାକୁ ପଡ଼େ । ତାକୁ ତା' ଆପଣା ମନର ନିମ୍ନତର ଅଥବା ନିମ୍ନମୁଖୀ ଯାବତୀୟ ନିସ୍ୱାର ପାଶ ଭିତରୁ ବାହାର ଗୁଲି ଆସିବାକୁ ପଡ଼େ; ମାନ ପରବର୍ତ୍ତୀ ପର୍ଯ୍ୟାସ୍ୱରେ ତାକୁ ଆପଣା ମନର ଯାବତୀୟ ନିସ୍ୱାକୁ ନବାପିତ କରିଦେବାକୁ ତୁଏ ଏବଂ କେବଳ ସେହି ଗୋଟିଏ ଧାରଣା ଉପରେ ଆପଣାକୁ ଅଭିନବିଷ୍ଟ କରି ରଖିବାକୁ ତୁଏ ଯାହାକି ତାକୁ ସକଳ କର୍ମଫଲଗ୍ନତା ମଧ୍ୟରୁ ଏକ କର୍ମରହିତତାର ସ୍ଥିତିକୁ ନର୍ଦ୍ଦେଶନା ଦେଇ ନେଇଯାଏ । ଏହି ଗୁଜଯୋଗମାର୍ଗର ଅଭିନବେଶରେ ଏକାଧିକ କେତୋଟି ପର୍ଯ୍ୟାସ୍ୱ ରହିଛି; ଗୋଟିଏ ପର୍ଯ୍ୟାସ୍ୱରେ ବସ୍ତୁଟି ଉପରେ ଅଭିନବେଶ କରିଯାଏ, ଗୋଟିଏ ପର୍ଯ୍ୟାସ୍ୱରେ

---

* ସତୋ ନୈବ ନବର୍ତ୍ତନ୍ତେ ତଦ୍ ଧାମ ପରମଂ ମମ ।

'oaob.nitrkl.ac.in' images reprocessed

ବସ୍ତୁଟିକୁ ଧାରଣ କର ରଖିବାର ସାମର୍ଥ୍ୟ ହାସଲ କରିଯାଏ ଏବଂ ଗୋଟିଏ ପର୍ଯ୍ୟାୟରେ ସେହି ବସ୍ତୁଟି ପ୍ରତିନଧିତ୍ୱ କରୁଥିବା ସ୍ଥିତିଟି ମଧ୍ୟରେ ମନ ଆପଣାକୁ ହଜାଇଦିଏ ଅର୍ଥାତ୍ ଅଭ୍ୟନ୍ତରୀଣ ଯେଉଁ ସ୍ଥିତିରେ ନେଇ ପହଞ୍ଚାଇ ଦିଏ, ମନ ତାହାର ଭିତରେ କୁଆଡ଼େ ହଜିଯାଏ । ଏବଂ କେବଳ ଏହି ଶେଷୋକ୍ତ ଅବସ୍ଥାଟିକୁହିଁ ଧ୍ୟାନଯୋଗରେ ସମାଧି ବୋଲି କୁହାଯାଏ; ଅବଶ୍ୟ ଏତଥା ସତ ଯେ ଗୀତାରେ ଯେପରି କରିଯାଇଛନ୍ତି, ଏହି ଶବ୍ଦଟି ଆହୁରି ଏକ ଅଧିକ ବ୍ୟାପକତର ଅର୍ଥରେ ବ୍ୟବହୃତ ହେବାର ସାମର୍ଥ୍ୟ ମଧ୍ୟ ରଖିଥାଏ । ମାତ୍ର ଧ୍ୟାନଯୋଗସ୍ଥ ସମାଧିର ସ୍ଥିତିରେ ଏକାଧିକ ଭିନ୍ନ ସ୍ତର ମଧ୍ୟ ରହିଛି । ଗୋଟିଏ ସ୍ତରରେ ବାହ୍ୟ ବସ୍ତୁଗୁଡ଼ିକ ମଧ୍ୟରୁ ପ୍ରତ୍ୟାହୃତ ହୋଇ ରହିଥିଲେ ମଧ୍ୟ ମନ ତଥାପି ଜ୍ଞବନାମସ୍ଥ ଏକ ଜଗତ ମଧ୍ୟରେ ମନନ କରିବାରେ ଲଗିଥାଏ, ଜ୍ଞବନାରତ ହୋଇ ରହିଥାଏ ଏବଂ ବୋଧର କ୍ଷେତ୍ରରେ ତଥାପି ନିସ୍ପାଣୀଳ ହୋଇ ରହିଥାଏ । ଗୋଟିଏ ସ୍ତରରେ ପ୍ରାଥମିକ ଜ୍ଞବନାଗତ ରୂପାସ୍ଥନ ଲଗି ମନର ତଥାପି ସାମର୍ଥ୍ୟ ରହିଥାଏ, ଏବଂ ଆଉଗୋଟିଏ ସ୍ତରକୁ ଆସି ସ୍ୱ-ଆସ୍ୱତନ ଭିତରେ ମଧ୍ୟ ମନର ଧାବମାସ୍ୱ ଧାବନ ସ୍ଥଗିତ ହୋଇଯାଇଥାଏ ଏବଂ ଆତ୍ମା ଜ୍ଞବନାର ଆହୁରି ସେପାଖକୁ ଅତିକ୍ରମି ଯାଇ ସେଇ ପରମ ଅଗୋଚର ଓ ଅନଙ୍ଗଚମାସ୍ୱଙ୍କର ନୈଃଶବ୍ଦ୍ୟ ମଧ୍ୟରେ ସମାଗତ ହୁଏ । ସକଳ ଯୋଗରେ ବସ୍ତୁତଃ ଜ୍ଞବନାଗତ ଅଭ୍ୟନ୍ତରର ଅନେକ ସ୍ତୁତିମୂଳକ ବର୍ଣ୍ଣସ୍ୱ ରହିଛି, ଅନେକ ରୂପ ରହିଛି, ଜ୍ଞବନାର ଅନେକ ଶବ୍ଦଗତ ସୂତ୍ର ରହିଛି ଏବଂ ବ୍ୟଞ୍ଜନାମୂଳକ କେତେକେତେ ଅଭିଧା ମଧ୍ୟ ରହିଛି; ଏଗୁଡ଼ିକ ସବୁଯାକ ମନର ଏହି ଗତିପଥରେ ତାହାର ଗୋଟିଏ ଗୋଟିଏ ଅବଲମ୍ବନରୂପେହିଁ କାର୍ଯ୍ୟ କରିଥାନ୍ତି । ଏହି ସବୁଗୁଡ଼ିକୁ କାର୍ଯ୍ୟରେ ଲଗାଇବାକୁ ହୁଏ ଓ ତା'ପରେ ସେଗୁଡ଼ିକର ସୀମା ଡେଇଁ ଆଗକୁ ଗତିକରିବାକୁ ହୁଏ । ଜ୍ଞପଜପଦ୍ଧତିରେ ସର୍ବୋଚ୍ଚ ଅବଲମ୍ବନଟିକୁ ସାଧନାକ୍ଷର ଓଁ ଦ୍ୱାରା ସୂଚିତ କରି ଦିଆଯାଇଛି; ଏହାର ଅନ୍ତର୍ଗତ ତିନୋଟି ଅକ୍ଷର ବ୍ରହ୍ମ ଅର୍ଥାତ୍ ପରମାସ୍ୱସ୍ୱରୂପଙ୍କର ସ୍ଥିତିଗତ ତିନୋଟି ମାତ୍ରାର ପ୍ରତିନଧିତ୍ୱ କରିଥାଏ ଅର୍ଥାତ୍ ଜାଗ୍ରତ ଆତ୍ମା, ସ୍ୱପ୍ନାବସ୍ଥାର ଆତ୍ମା ଏବଂ ସୁଷୁପ୍ତିକାଳୀନ ଆତ୍ମାର ପ୍ରତିନଧିତ୍ୱ କରିଥାଏ ଏବଂ ତାହାର ସମୁଦାସ୍ୱ ଶବ୍ଦାତ୍ମସ୍ୱ ସ୍ୱରୂପି ସକଳ ସ୍ଥିତି ତଥା ସକଳ ନିସ୍ପାର ଅଙ୍ଗତ ହୋଇ ରହିଥିବା ସେହି ପରମସ୍ଥିତିଟି ଆଡ଼କୁ ଉନ୍ମୋର୍ଦ୍ଧୀଭୂତ ହୋଇ ଗତିକରିଯାଏ ।* କାରଣ ଜ୍ଞପର ଯାବତ୍ସ୍ୱ ଯୋଗର ସଂକ୍ଷେପ ଅନ୍ତର୍ଦରୂପେ କେବଳ ସେହି ପରମ ସଂଜ୍ଞାଗତତାକୁହିଁ ନିର୍ଦ୍ଦିଷ୍ଟ କରି ଦେଖାଇ ଦିଆଯାଏ ।

ଏକ ସମଗ୍ର ଯୋଗର ଲକ୍ଷ୍ୟ ହିସାବରେ ଆମେ ଅବଶ୍ୟ ଏହାଠାରୁ ଅଧିକ ବହିମୁଖୀ ଓ କମ୍ ବହିର୍ଭୂତତାସ୍ୱ ଏକ ସ୍ଥିତିର କଳ୍ପନା କରିବୁ; ସେହି ସ୍ଥିତିଟି

* ମାଣ୍ଡୂକ୍ୟ ଉପନିଷଦ୍ ।

'oaob.nitrkl.ac.in' images reprocessed

ହେଉଛୁ ଆମ୍ଭର ସଙ୍କୋଚ ସ୍ଥିତ ବିଷୟରେ କମ୍ ବହୁଭୁଁଚକାସ୍ତ ଜ୍ଞାନରେ ଜ୍ଞାନାତ୍ମକ ଓ ଏହାର ଦ୍ରବ୍ୟ ଆବର୍ତ୍ତାକଗୁଡ଼ିକ ବିଷୟରେ କମ୍ ବହୁଭୁଁଚକାସ୍ତ ଜ୍ଞାନରେ ଅଜ୍ଞାନାତ୍ମକ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମେ ସକଳ ବିଷୟର ପରମ ଜ୍ୟୋତିସ୍ୱରୂପ ସେହି ପରମ ସଙ୍କୋଚ ସ୍ଥିତଟିକୁହିଁ ଆମର ଲକ୍ଷ୍ୟରୂପେ ସ୍ଥାପିତ କରି ରଖିବା, ପରମ ବ୍ରହ୍ମାଣ୍ଡର ସ୍ଥିତକୁହିଁ ଆମର ଲକ୍ଷ୍ୟ କରି ରଖିବା; ମାତ୍ର ସେହି ସଙ୍କୋଚ ସ୍ଥିତଟି ଯାହାର ଅନ୍ତର ହୋଇ ରହିଛୁ, ସେଇଟିକୁ ସେଥିରୁ କଦାପି ବହୁଭୁଁତ କରି ପକାଇବା ନାହିଁ । ବରଂ ସେହି ଲକ୍ଷ୍ୟଟିକୁ ଆମେ ଆମ୍ଭର ଏକ ସୁପ୍ରତିଷ୍ଠ ଅନୁଭୂତ ଭଳି ସେହି ପରମ ସ୍ଥିତର ଜ୍ଞାନ ଦୋଳ କଲ୍ପନା କରିବା, ଯାହାକି ଅନ୍ୟ ଯାବତ୍ତୀୟ ସ୍ଥିତରେ ଏକ ରୂପାନ୍ତର ଘଟାଇ ପାରିବ ଏବଂ ବିଶ୍ୱଜଗତ ସମ୍ବନ୍ଧରେ ଆମର ରହିଥିବା ଚେତନାଟିକୁ ତାହାର ପ୍ରଚ୍ଛନ୍ନ ପରମସତ୍ୟଟିର ରୂପ ଦେଇ ତାହାକୁ ନୂଆ କରି ଗଢ଼ିନେବ । ବିଶ୍ୱଜଗତ ସମ୍ବନ୍ଧରେ ରହିଥିବା ଆମର ସକଳ ଚେତନାକୁ ଆମ ସତ୍ତାରୁ ଆମେ ଏକାବେଳକେ କାଢ଼ି ପକାଇବାକୁ ଚାହୁଁ ନାହୁଁ; ଏହି ବିଶ୍ୱଜଗତ ମଧ୍ୟରେ ଭଳି ବ୍ରହ୍ମାଣ୍ଡର ଜ୍ଞାନରେ ଆମେ ପରମେଶ୍ୱର, ପରମ ସତ୍ୟ ଭଳି ପରମ ଆତ୍ମାର ଉପଲବ୍ଧି କରିବାକୁ ଚାହୁଁ । ତେଣୁ ଆମେ ଯେ କେବଳ ସେହି ପରମ ଅନନ୍ତଚୈତନ୍ୟଙ୍କର ସନ୍ଧାନ କରିବାରେ ଲଗିଥିବୁ ତା' ନୁହେଁ, ମାତ୍ର ଅନନ୍ତ ସତ୍ତା, ଅନନ୍ତ ଚେତନା ଏବଂ ଅନନ୍ତ ଆନନ୍ଦରୂପେ ଏହି ବିଶ୍ୱଜଗତଟିକୁ ଆପଣାର ବେଷ୍ଟନ ମଧ୍ୟରେ ଧରି ରଖିଥିବା ଓ ତାହାର ମଧ୍ୟରେ ଲୀଳା ରଚନା କରୁଥିବା ତାଙ୍କର ଅଭିବ୍ୟକ୍ତ ରୂପଟିକୁ ମଧ୍ୟ ଅନ୍ୱେଷଣ କରିବୁ । କାରଣ ସେହି ଜ୍ୟୋତିରୂପ ଅନନ୍ତତା କେବଳ ତାଙ୍କର ପରମ ଅଭିବ୍ୟକ୍ତ ବ୍ୟାପାର ଆହୁ କିଛି ନୁହେଁ ଏବଂ ଆମେ କେବଳ ତାହାକୁହିଁ ଜାଣିବାର ଅଗ୍ରସ୍ପା ରଖିବା, ତାଙ୍କର ଲୀଳାରେ ଅଂଶଗ୍ରହଣ କରିବା ଓ ତାଙ୍କର ମଧ୍ୟରେ ରୂପାନ୍ତରିତ ହୋଇଯିବା । ଏବଂ, କେବଳ ତାଙ୍କର ମର୍ମଗତ ଭାବରେ ନୁହେଁ, ମାତ୍ର ତାଙ୍କୁ ତାଙ୍କର ଏହି ବିଶ୍ୱଲୀଳା ମଧ୍ୟରେ ଏହି ପରମ ଜ୍ୟୋତିରୂପଙ୍କୁ ଉପଲବ୍ଧି କରିବା ଲଗି ଆକାଙ୍କ୍ଷା ରଖିଥିବାରୁ ତାଙ୍କର ସେହି ଗୌଣ ଅଭିବ୍ୟକ୍ତି ଅର୍ଥାତ୍ ତାଙ୍କର ଦ୍ରବ୍ୟ ସମୂହସ୍ୱରୂପ ସେହି ବିଶ୍ୱଗତ ଦ୍ରବ୍ୟ ପରମ ସତ୍ୟ, ପରମ ଜ୍ଞାନ, ପରମ ଇଚ୍ଛା ଓ ପରମ ପ୍ରେମକୁ ମଧ୍ୟ ଜାଣିବାର ଆକାଙ୍କ୍ଷା ରଖିବା ଏବଂ ସେଇଥିରେ ଅଂଶଗ୍ରହଣ କରିବାକୁ ମଧ୍ୟ ଆକାଙ୍କ୍ଷା ରଖିଥିବା । ଏହାର ସହିତ ଭଦାତ୍ମକତା ଅର୍ଜନ କରିବାର ଆକାଙ୍କ୍ଷା ମଧ୍ୟ ରଖିଥିବା, ତାହାର ଆଡ଼କୁ ଆପଣାକୁ ଉନ୍ମୋଳିତ କରିନେବା ସକାଶେ ଉଦ୍ୟମ କରିବାର ଆକାଙ୍କ୍ଷା ରଖିଥିବା; ଏବଂ ଯେତେବେଳେ ଏହି ପ୍ରୟାସ କରିବାର ଅବଧିଟି ସମ୍ପୂର୍ଣ୍ଣ ହୋଇଯିବ, ସକଳ ଅନ୍ତରାୟକୁ ପରିହାର କରି ଆମର ସତ୍ତାରେ ଅବସ୍ଥିତ ତାହାର ମଧ୍ୟକୁ ଆମକୁ ଆକର୍ଷିତ କରି ନେଇଯିବା ଲଗି ଓ ଆମର ମଧ୍ୟକୁ ଅବତରଣ କରି ଆମର ଯାବତ୍ତୀୟ

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ସହଜ ଆମକୁ ଆଲଙ୍ଗନ କରି ଧରିବା ଲଗି ଚାଲୁ ରାଖ ଚୁଡ଼ଦେବା ଲଗି ମଧ୍ୟ ଆକାଙ୍କ୍ଷା ରଖିଥିବା । ଆମେ ଏହାକୁ ଚାଙ୍କର ପରମ ବଶ୍ୱାସଚଳାର ଜଳଚରଣ୍ଡୀ ଦେବା ଲଗି ଅଥବା ସେଠାରେ ଯାଇ ପହଞ୍ଚିପାରିବା ଲଗି କେବଳ ଏକ ସାଧନରୂପେ ଗ୍ରହଣ କରିବା ନାହିଁ; ମାନ ଏପରକ ଯେତେବେଳେ ଆମେ ସେହି ପରମ ବଶ୍ୱାସତ ସତ୍ତ୍ୱଟିର ଅଧିକାସ୍ତ ହୋଇଥିବା ଅଥବା ତାହାଦ୍ୱାସ୍ତ ଆପେ ମଧ୍ୟ ଅଧିକୃତ ହୋଇଥିବା, ସେତେବେଳେ ମଧ୍ୟ ଆମେ ତାହାକୁ ଏହି ବଶ୍ୱର ପ୍ରକାଶଭୂମି ଉପରେ ଏକ ଦିବ୍ୟ ଜୀବନର ଆବଶ୍ୟକ ସର୍ତ୍ତ ବା ପରବେଶରୂପେହିଁ ଗ୍ରହଣ କରିବା ।

ଏଭଳି କରି ପାରିବାକୁ ହେଲେ ଅଭ୍ୟନ୍ତରେଣ ତଥା ସମାଧିର ସ୍ଥିତିଟି ଆମ ଲଗି ଏକ ଅଧିକ ଜଭରପୂର୍ଣ୍ଣ ଓ ଅଧିକ ଘଣ୍ଟାର ଅର୍ଥ ବହନ କରିବାକୁ ବାଧ ହେବ । ଯେଉଁ ଦିବ୍ୟ ଚେତଣାସ୍ତ ଦ୍ୱାସ୍ତ ପରମ ଆତ୍ମା ଆପଣା ଭିତରେ ସମାହିତ ହୋଇ ଅବସ୍ଥିତ ରହିଛନ୍ତି, ଯାହାଦ୍ୱାସ୍ତ ସେ ଆପଣା ମଧ୍ୟରେ ଆପଣାକୁ ପ୍ରକାଶ କରି ପାରୁଛନ୍ତି, ଯାହାଦ୍ୱାସ୍ତ ସେ ଆପଣାର ପ୍ରକାଶରୂପଟିକୁ ପରିପୁଷ୍ଟ କରି ରଖିଛନ୍ତି ଓ ଅଧିକାର କରି ରହିଛନ୍ତି ଏବଂ ଯାହାଦ୍ୱାସ୍ତ ସେ ଆପଣାର ଯାବତୀସ୍ୱ ପ୍ରକାଶରୂପରୁ ଆପଣାର ପରମ ଏକତ୍ୱସ୍ଥିତ ମଧ୍ୟକୁ ଆପଣାକୁ ପୂର୍ଣ୍ଣି ଅପସ୍ତ୍ୱାଇ ନେଇ ପାରୁଛନ୍ତି, ଆମର ସକଳ ଅଭ୍ୟନ୍ତରେଣକୁ ଆମେ ସେହି ଚେତଣାସ୍ତର ଜେବଳ ଏକ ପ୍ରତିରୂପ ବୋଲିହିଁ କହିବା । ଚେତନାର ବସ୍ତାର ମଧ୍ୟରେ ଆନନ୍ଦର ଆସ୍ପନ୍ଦନ ଲଗି ପରମ ସତ୍ତ୍ୱଙ୍କର ଆପଣାର ଭୂମି ଉପରେ ଅଧିସ୍ଥାନ,—ଏହାହିଁ ହେଉଛି ଦିବ୍ୟ ଚେତଣାସ୍ତ; ଏବଂ ଚେତନାଗତ ସାମର୍ଥ୍ୟସ୍ତିର ବସ୍ତାର ମଧ୍ୟରେ ଆପଣା ଉପରେ ତଥା ଆପଣାର ପ୍ରକାଶରୂପଗୁଡ଼ିକ ଉପରେ ଏକ ପରମ ଜ୍ଞାନ-ଇଚ୍ଛାର ଅଧିସ୍ଥାନ,—ଏହାହିଁ ହେଉଛି ସେହି ଦିବ୍ୟ ଅଭ୍ୟନ୍ତରେଣର ମର୍ମକଥା; ତାହାକୁହିଁ ଆମେ ପରମ ଯୋଗେଶ୍ୱରଙ୍କର ଯୋଗ ବୋଲି କହିପାରିବା । ଆମେ ଜୀବନଧାରଣ କରି ରହିଥିବା ପରମ ଦିବ୍ୟସତ୍ତ୍ୱଙ୍କର ଆତ୍ମ-ଚେତ୍ତନରୂପୀ ସେହି ଦତ୍ତଭୂମିଟି ଉପରେ ଅଭ୍ୟନ୍ତରେଣକୁହିଁ ଆମେ ଏକମାତ୍ର ସାଧନ ବୋଲି ଜାଣିରଖିବା, ଯାହାଦ୍ୱାସ୍ତ କ ବ୍ୟକ୍ତ-ଆତ୍ମା ସେହି ପରମଆତ୍ମାଙ୍କର କୌଣସି ରୂପାସ୍ତନ, କୌଣସି ସ୍ଥିତ ଅଥବା କୌଣସି ଆତ୍ମଭବ ସହିତ ତଦାତ୍ମକତା ଅର୍ଜନ କରିପାରିବ ଓ ତାହା ମଧ୍ୟରେ ପ୍ରବେଶ ମଧ୍ୟ କରିପାରିବ । ପରମ ଦିବ୍ୟ ସତ୍ତ୍ୱଙ୍କ ସହିତ ଏକତ୍ୱବଦ୍ଧ ହୋଇପାରିବା ଲଗି ଏହି ସାଧନଟିର ବ୍ୟବହାର କରିବାକୁହିଁ ଆମେ ଦିବ୍ୟ ଜ୍ଞାନୋପଲବ୍ଧି ର ଆବଶ୍ୟକ ସର୍ତ୍ତ ବୋଲି କହିପାରିବା ଏବଂ ତାହାକୁହିଁ ଯାବତୀସ୍ୱ ଜ୍ଞାନଯୋଗର ସିଦ୍ଧାନ୍ତ ବୋଲି ଗ୍ରହଣ କରିପାରିବା ।

ଆପଣାର ଏକ ପରମ ଧାରଣା ଦ୍ୱାସ୍ତ ଏହି ଅଭ୍ୟନ୍ତରେଣ ଆପଣାର କାର୍ଯ୍ୟ ଆରମ୍ଭ କରିଥାଏ; ଚେତନା, ରୂପ ଓ ନାମକୁ ଏହା ଦ୍ୱାସ୍ତେନ୍ମୋଚନକାସ୍ତ ଗୋଟିଏ ଗୋଟିଏ ଗ୍ରନ୍ଥିଭାଠି ପଣ ବ୍ୟବହାର କରେ ଯାହାକ ସକଳ ଚେତନା, ରୂପ ତଥା

'oaob.nitrkl.ac.in' images reprocessed

ନାମର ପଛରେ ଗୁପ୍ତ ହୋଇ ରହିଥିବା ପରମ ସତ୍ୟଟିକୁ ଅଭିନବେଶକାଙ୍କ୍ଷୀ ମନର ସମକ୍ଷରେ ଆଣି ଉପସ୍ଥାପିତ କରିଥାଏ । କାରଣ ଏହି ପରମ ଧାରଣାଟିର ମାଧ୍ୟମରେହିଁ ମନୋମସ୍ୱ ସତ୍ତ୍ୱା ଯାବତୀୟ ଅଭିବ୍ୟକ୍ତ ବା ପ୍ରକାଶର ଭୂମିରୁ ଅଭିବ୍ୟକ୍ତ ହେଉଥିବା ସମ୍ପଦଟିର ଭୂମିକୁ ଉତ୍ତୋଳିତ ହୋଇଯାଏ; ସ୍ୱସ୍ଥଂ ପରମ ଧାରଣାଟି ମଧ୍ୟ ଯାହାର କେବଳ ଏକ ନମ୍ନିଭୂତପେହିଁ କାର୍ଯ୍ୟ କରୁଥାଏ, ତାହାର ଭୂମିକୁ ଉନ୍ନୀତ ହୋଇଯାଏ । ପରମ ଧାରଣାଟି ଉପରେ ଅଭିନିବିଷ୍ଟ ହୋଇ ରହିବା ଦ୍ୱାରା ଆମର ବର୍ତ୍ତମାନ ସ୍ଥିତଭୂମି ଏହି ମନୋଗତ ଅସ୍ତିତ୍ୱଟି ଆମର ଏହି ମନୋମସ୍ୱ ପ୍ରତିବନ୍ଧକଟିକୁ ଭଙ୍ଗିଦେଇ ବାହାରକୁ ବାହାରଯାଏ ଏବଂ ଚେତନା ତଥା ସତ୍ତ୍ୱାର ସେହି ସ୍ଥିତଟିରେ ଯାଇ ପ୍ରବେଶ କରେ, ଚେତନ-ସତ୍ତ୍ୱାଗତ ସାମର୍ଥ୍ୟ ଏବଂ ଚେତନ-ସତ୍ତ୍ୱାଗତ ଆନନ୍ଦର ସେହି ସ୍ଥିତଟିରେ ଯାଇ ଉପଲବ୍ଧ ହୁଏ, ଆମର ପରମ ଧାରଣାଟି ଯାହାର ପ୍ରତିବନ୍ଧ ହୋଇ ରହିଥାଏ ଏବଂ ତାହା ଯାହାର ପ୍ରତ୍ୟକ ହୋଇ ରହିଥାଏ, ଯାହାର ଗତିସ୍ପନ୍ଦନ ଓ ଗତିଚ୍ଛନ୍ଦ ହୋଇ ରହିଥାଏ । ତେଣୁ ପରମ ଧାରଣାଟି ଉପରେ ଅଭିନିବିଷ୍ଟ ହୋଇ ରହିବା କେବଳ ଗୌଣିକ ସାଧନମାତ୍ର, କେବଳ ଏକ ଗୁହ୍ୟକାଠି ପରି ତାହା ଆମ ଲଗି ଆମ ଅସ୍ତିତ୍ୱର ଅନ୍ତଶ୍ଚେତନ ଭୂମିଗୁଡ଼ିକୁ ଉନ୍ମୋଚିତ କରିଦେଇ ଯାଏ । ତାହାର ଫଳରେ କେତେକ ପରିମାଣରେ ଆତ୍ମଦର୍ଶନଯୁକ୍ତ ହୋଇ ରହିଥିବା ଆମର ସମଗ୍ର ଅସ୍ତିତ୍ୱଟି ଆତ୍ମଦର୍ଶନଭୂସମ୍ପନ୍ନ ଓ ଆତ୍ମାନନ୍ଦମସ୍ୱ ଅସ୍ତିତ୍ୱର ସେହି ଅନ୍ତଶ୍ଚେତନ ସତ୍ୟ, ଏକତ୍ୱ ଏବଂ ଆନନ୍ତ୍ୟ ମଧ୍ୟକୁ ଉତ୍ତୋଳିତ ହୋଇଯାଏ; ଏବଂ ତାହାକୁହିଁ ଆମେ ପରମ ଲକ୍ଷ୍ୟ ବୋଲି ଜାଣିବା, ଚରମ ଚରିତାର୍ଥତା ବୋଲି ଜାଣିବା । ଏବଂ ସମାଧି କହିଲେ ତାହାକୁ ଆମେ କେବଳ ଏହି ଅର୍ଥରେହିଁ ବୁଝିବା । ସମାଧି କହିଲେ କେବଳ ବାହାରର ଯାବତୀୟ ଚେତନାରୁ ଅପସୃତ ହୋଇ ରହିଥିବା ଏକ ସ୍ଥିତକୁ କଦାପି ବୁଝାଇବ ନାହିଁ; ଏପରିକ ଅନ୍ତରସ୍ଥ ସକଳ ଚେତନାରୁ ଆପଣାକୁ ଅପସୃତ କରିନେଇ ବାହାରର ଓ ଅନ୍ତରସ୍ଥ ଉଭୟର ଅତୀତ ହୋଇ ଅବସ୍ଥିତ ରହିଥିବା ଏବଂ ଦୁଏତ ଦୁହିଁଙ୍କର ସାକ୍ଷୀରୂପ ହୋଇ ରହିଥିବା ଅଥବା ଏପରିକ ସେମାନଙ୍କର ସାକ୍ଷୀବସ୍ଥାର ମଧ୍ୟ ଅତୀତ ହୋଇ ରହିଥିବା କୌଣସି ସ୍ଥିତକୁ ବୁଝାଇବ ନାହିଁ । ମାତ୍ର ତାହା ଯଥାର୍ଥରେ କେବଳ ସେହି ପରମ ଏକ ତଥା ପରମ ଅନନ୍ତ ମଧ୍ୟରେ ବିଦ୍ୟମାନ ରହିଥିବା ଏକ ସୁଦୃଢ଼ ସ୍ଥିତକୁହିଁ ବୁଝାଇବ, ତାହାର ସତ୍ତ୍ୱାତ ଏକତ୍ୱବଦ୍ଧ ଓ ଏକାତ୍ମକ ହୋଇ ରହିଥିବା ଏକ ସ୍ଥିତକୁ ବୁଝାଇବ । ବସ୍ତୁଗୁଡ଼ିକର ରୂପ ବିଷୟରେ ସଚେତ ହୋଇ ରହିଥିବା ଜାଗ୍ରତ ଅବସ୍ଥାରେ ଆମେ ରହିଥାଉ ପଛକେ, ଅଥବା ବସ୍ତୁଗତ ଉତ୍ତ୍ୱଗତ ଜଗତରେ ଅର୍ଥାତ୍ ସେଗୁଡ଼ିକର ନାମ ତଥା ସମଷ୍ଟିରୂପର ଜଗତରେ ଅବସ୍ଥାନ କରିଥିବା ସେହି ଅନ୍ତର୍ଗତ ନିସ୍ୱାମୂକତାର କ୍ଷେତ୍ରଟି ମଧ୍ୟକୁ ଆମେ ଆପଣାକୁ ପ୍ରତ୍ୟାହୃତ କରିନେଇ ପଛକେ, ଅଥବା ଆମକୁ ସ୍ୱସ୍ଥଂ

'oaob.nitrkl.ac.in' images reprocessed

ଚଞ୍ଚଳଗୁଡ଼ିକରହିଁ କ୍ଷେତ୍ରରେ ଅର୍ଥାତ୍ ଯାବତୀୟ ଚଞ୍ଚଳର ସଂମୂଳ ଚଞ୍ଚଳରେ ବା ସକଳ ନାମ ଓ ରୂପର ସାଜନ୍ତି ପାଖରେ ନେଇ ପହଞ୍ଚାଇ ଦେଉଥିବା ସେହି ପରମସ୍ଥିତଶୀଳ ଅନ୍ତର୍ଗତଭାର ସ୍ଥିତଟି ମଧ୍ୟକୁ ଆମେ ଛଡ଼ ଗ୍ଲଇଯାଇ ପଛକେ,* ସମାଧିର ସେହି ସ୍ଥିତଟି ଅବଶ୍ୟ ବଳବତ୍ତର ହୋଇ ରହିବ । କାରଣ, ଗୀତାର ଅର୍ଥରେ ଯେଉଁ ଆତ୍ମା ସମାଧିସ୍ଥ ଅବସ୍ଥାକୁ ପ୍ରାପ୍ତ ହୋଇଛନ୍ତି, ତାହା ସାବତୀୟ ଅନୁଭୂତିର ଆଧାରସ୍ୱରୂପ ହୋଇ ରହିଥିବା ସେହି ସମ୍ପଦଟିର ଅଧିକାରୀ ହୋଇପାରିଛନ୍ତି; ଏବଂ କୌଣସି ଅନୁଭୂତି ଶିଖରଦେଶରେ ଯାଇ ପହଞ୍ଚି ନଥିବା ଆଉକଣକ ଲୁଗି ଯେତେଦୂର ମନୋଭିଂଶକାରୀ ହୋଇଥିଲେ ମଧ୍ୟ ତାହା ତାକୁ କଦାପି ତା'ର ଉପଲବ୍ଧି ସୋପାନଟିରୁ ସ୍ଖଲିତ କରାଇ ପାରିବ ନାହିଁ । ଆପଣା ସତ୍ତାର ଆସ୍ତଜନ ମଧ୍ୟରେ ରହିଥିବା ସକଳ ବିଷୟକୁ ଯେ ଆପଣାର ବେଡ଼ ଭିତରେ ଜଣ୍ଟସ୍ଥ ଧରି ରଖିପାରିବ, ଅଥଚ କୌଣସିଟି ଦ୍ୱାରା କଦାପି ଆବଦ୍ଧ ହୋଇପଡ଼ିବ ନାହିଁ, ଭ୍ରମବଶ ହେବ ନାହିଁ କିମ୍ବା ସୀମାବଦ୍ଧ ହୋଇ ରହିବ ନାହିଁ ।

ଏହି ସ୍ଥିତଟିରେ ଆସି ଉପନୀତ ହୋଇପାରିଲେ ଆମର ସମୁଦାୟ ସତ୍ତା ତେତ୍ତନାରେ ପୂର୍ଣ୍ଣ ଅଭିନବେଶ ଆସି ଯାଇଥାଏ ଏବଂ ସେହି କାରଣରୁ ପରମ ଧାରଣାଟି ଉପରେ ଆଉ ଅଭିନିବିଷ୍ଟ ହୋଇ ରହିବାର ଆବଶ୍ୟକତାଟି ମଧ୍ୟ ଗ୍ଲଲ ଯାଇଥାଏ । କାରଣ ସେଇ ଅତ୍ତମାନସ ସ୍ଥିତିରେ ବସ୍ତୁଗୁଡ଼ିକର ସାମୁଦାୟିକ ସ୍ଥିତଟି ଏକାବେଳକେ ଓଲଟା ହୋଇଯାଏ । ସାଧାରଣତଃ ଆମର ମନ ହେଉଛି ଏପରି ଗୋଟିଏ ଚଞ୍ଚଳ, ଯାହାକି ଆପଣାକୁ ନାନାପ୍ରକାରେ ବିକ୍ଷିପ୍ତ କରଦେଇ ଅବସ୍ଥିତ ରହିଥାଏ, ସଦାବା କାଳର ଏକ ପୁଂପରତା ମଧ୍ୟରେ ଅବସ୍ଥିତ ରହିଥାଏ । ଗୋଟିଏ ସମସ୍ତରେ ତାହା କେବଳ ଗୋଟିଏ ବସ୍ତୁ ଉପରେହିଁ ଅଭିନିବିଷ୍ଟ ହୋଇ ରହିପାରେ; ଏବଂ କୌଣସିଠାରେ ଅଭିନିବିଷ୍ଟ ହୋଇ ନରହିଥିବା ସମସ୍ତରେ ପ୍ରାପ୍ତ କୌଣସିପ୍ରକାର ଜସ୍ତମବତ୍ତତା ନରଖି ଏଇଟାରୁ ସେଇଟାକୁ କେବଳ ଧାଇଁ ବୁଲିବାରେ ଲାଗିଥାଏ । ତେଣୁ ତାହାକୁ ସଦାବା କେବଳ ଗୋଟିଏ ଧାରଣା ଉପରେ ଅଭିନବେଶ କରିବାକୁ ପଡ଼େ, ଗୋଟିଏ ବିଷୟ ଉପରେ ଧ୍ୟାନସ୍ଥ ହୋଇ ରହିବାକୁ ହୁଏ; ମନ କେବଳ ଗୋଟିଏ ବିଷୟରେ ଗଣ୍ଡୀର ଭାବରେ ଚିନ୍ତା କରିପାରେ ଏବଂ ଆପଣା ଇଚ୍ଛାର କେବଳ ଗୋଟିଏ ବସ୍ତୁ ଉପରେ ଲକ୍ଷ୍ୟବଦ୍ଧ ହୋଇପାରେ; ଏବଂ ତେବେଯାଇ ମନ ସେହି ବସ୍ତୁଟିକୁ ଆପଣାର ଅନ୍ତରାରକୁ ଆଣିପାରେ, ତେବେଯାଇ ସେଇଟିର ଅଧିକାରୀ ହୋଇପାରେ । ଏବଂ ଅନ୍ତତଃ ସେହି ସମସ୍ତଟି ସକାଶେ ଅନ୍ୟ ସକଳ ବସ୍ତୁକୁ ଆପଣା ଗୋଚରଭୂମିରୁ ବହିର୍ଭୂତ କରି ରଖି ମନ ତାହା କରିବାକୁ ବାଧ

---

* ଅମ୍ବାର ଜାଗ୍ରତ ଅବସ୍ଥା, ସ୍ୱପ୍ନାବସ୍ଥା ଓ ସୁଷୁପ୍ତି ଅବସ୍ଥା ।

'oaob.nitrkl.ac.in' images reprocessed

ହୋଇଥାଏ । ମାନ ଯାହା ମନର ସୀମାକୁ ଅତିକ୍ରମ କରି ଅବସ୍ଥିତ ରହିଛି ଓ ଆମେ ଯେଉଁ ପଂଚଦଶି ମଧ୍ୟକୁ ଆପଣାକୁ ଉତ୍କ୍ଷେପିତ କରି ନେଇଯିବାକୁ ଆକାଙ୍କ୍ଷା ରଖିଛୁ, ତାହା ଜୀବନୀର ଏହି ସତତଧାବମାନ ପ୍ରତିସୃଷ୍ଟିଠାରୁ ଅନେକ ଉପରେ, ଧାରଣାଗୁଡ଼ିକର ନାନାତ୍ୱର ଯାବତୀୟ ବସ୍ତୁଜନର ଅନେକ ଊର୍ଦ୍ଧ୍ୱରେ । ପରମ ଦ୍ରବ୍ୟସତ୍ତା କେବଳ ଆପଣା ଭିତରେହିଁ କେନ୍ଦ୍ରୀଭୂତ ହୋଇ ରହିଛନ୍ତି ଏବଂ ଯେତେବେଳେ ତାହା ଆପଣା ଭିତରୁ ଧାରଣା ଓ ଜିଦ୍ୟାଗୁଡ଼ିକୁ ତାହାରକୁ ନିକ୍ଷିପ୍ତ କରିଦେଇଛନ୍ତି, ସେତେବେଳେ ତାହା ଆପଣା ଭିତରେ ଆଦୌ କୌଣସି ବସ୍ତୁଜନ ଘଟାଇ ନାହିଁ ଅଥବା ସେଗୁଡ଼ିକ ମଧ୍ୟରେ ଆପଣାକୁ ଆଦୌ ବନ୍ଦ କରି ପକାଇ ନାହିଁ । ମାନ ତାହା ସେଗୁଡ଼ିକୁ ଏବଂ ସେଗୁଡ଼ିକର ସକଳ ଗଠନ୍ଥନକୁ ଆପଣାର ଅନନ୍ତତା ମଧ୍ୟରେ ଧାରଣ କରି ରହିଛି । ତାହା ସକଳ ସ୍ଥିତିରେ ଅବଭକ୍ତହିଁ ରହିଛି ଏବଂ ପ୍ରତ୍ୟେକ ଧାରଣା ତଥା ପ୍ରତ୍ୟେକ ଗଠନ୍ଥନଟି ପଛରେ ତାହାର ଆତ୍ମସତ୍ତା ସଦା ଅବସ୍ଥିତ ରହିଛି ଓ ସେଗୁଡ଼ିକର ଏକତ୍ରୀଭୂତ ସମସ୍ଥିତିର ପଛରେ ମଧ୍ୟ ସେହି ଆତ୍ମସତ୍ତା ସଦା ଅବସ୍ଥିତ ରହିଛି । ତାହାର ଦ୍ୱାର ବନ୍ଧ ହୋଇ ରହି ପ୍ରତ୍ୟେକ ଧାରଣା ଓ ପ୍ରତ୍ୟେକ ଗଠନ୍ଥନ ଆପଣାକୁ କାର୍ଯ୍ୟକାରୀ କରିବାରେ ଲଗିଛନ୍ତି; ଇଚ୍ଛାଗତ କୌଣସି ସ୍ୱତନ୍ତ୍ର ବା ବଚ୍ଛିନ୍ନ ଜିଦ୍ୟା ଦ୍ୱାରା ସେମାନେ ତାହା କରୁ ନାହାନ୍ତି, ମାନ ପ୍ରତ୍ୟେକଟିର ପଛରେ ରହିଥିବା ଚେତନାର ସାଙ୍ଗଜଞ୍ଜାଳ ସାମର୍ଥ୍ୟଟି ଦ୍ୱାରାହିଁ ତାହା କରି ପାରୁଛନ୍ତି । ଅବଶ୍ୟ ଆମକୁ ଦେଖାଯାଉଛନ୍ତି, ଯେପରି ପ୍ରତ୍ୟେକଟି ମଧ୍ୟରେହିଁ ସେହି ଦ୍ରବ୍ୟ ପରମ ଇଚ୍ଛାଶକ୍ତି ଓ ପରମ ଜ୍ଞାନ ଆପଣାକୁ ଅଭିନିବିଷ୍ଟ କରି ରହିଛି; ମାନ ଯଥାର୍ଥରେ କହିବାକୁ ଗଲେ ସେହି ଅଭିନିବେଶକୁ ଆମେ ଏକ ଅନେକାଭୂତ ଏବଂ ସମଚ୍ଛାବଶିଷ୍ଟ ଅଭିନିବେଶ ବୋଲିହିଁ କହିପାରିବା, ତାହାକୁ କଦାପି ଏକ ଏକାଙ୍ଗୀ ବା କହିଭୂତିକାତ୍ମ ଅଭିନିବେଶ ବୋଲି କହିପାରିବା ନାହିଁ । ଏବଂ ତାହାର ସତ୍ତାଟିକୁ ବରଂ ଏକ ଆତ୍ମସମାହିତ ଏକତ୍ୱ ତଥା ଅନନ୍ତତ୍ୱ ମଧ୍ୟରେ ଏକ ପୁଞ୍ଜିମୁକ୍ତ ଏବଂ ସ୍ୱତଃସ୍ଫୂର୍ତ୍ତ ଜିଦ୍ୟାର ସତ୍ତା ବୋଲି କହିପାରିବା । ଦ୍ରବ୍ୟ ସମାଧିର ଅବସ୍ଥାକୁ ଉତ୍କ୍ଷେପିତ ହୋଇ ଯାଇଥିବା ଆତ୍ମା ଆପଣାର ସିଦ୍ଧିଗତ ମାନାନୁପାତିକ ଅନୁସାରେ ବିଶ୍ୱଗୁଡ଼ିକର ଏହି ବିପଶ୍ଚତ୍ସ୍ଥିତିରେ ଅର୍ଥାତ୍ ଯଥାର୍ଥ ସ୍ଥିତିରେ ସହିତ ଜୀବରେ ଅଂଶଗ୍ରହଣ କରିପାରୁଛନ୍ତି । କାରଣ ଯାହା ପ୍ରକୃତ ସତ୍ତା, ସେଇଟି ଆମ ମନୋଭୂମିର ବିପଶ୍ଚତ ହୋଇ ଅବସ୍ଥିତ ରହିଛି । ପ୍ରାଚୀନ ଶାସ୍ତ୍ରମାନଙ୍କରେ ଯେପରି କୁହାଯାଇଛି, ଠିକ୍ ଏହି କାରଣଟି ସକାଶେହିଁ ଯେଉଁ ମନୁଷ୍ୟ ଆତ୍ମୋପଲବ୍ଧିର ସୋପାନରେ ଯାଇ ପହଞ୍ଚି ପାରିଛନ୍ତି, ସେ ଅତି ସ୍ୱତଃସ୍ଫୂର୍ତ୍ତ ଜୀବରେ ଉତ୍ପତ୍ତିତ ଜ୍ଞାନଟିକୁ ଲାଭ କରିପାରୁଛନ୍ତି ଓ ଏଥିଲଗି ତାଙ୍କୁ ଜୀବନୀ ଓ ପ୍ରସ୍ପାସର କୌଣସି ଅଭିନିବେଶ କରିବାକୁ ଆଦୌ ପଡ଼ୁ ନାହିଁ; ଅର୍ଥାତ୍ ତା' ମଧ୍ୟରେ କାର୍ଯ୍ୟ

'oaob.nitrkl.ac.in' images reprocessed

କରୁଥିବା ପରମ ବିଜ୍ଞାନ ଓ ପରମ ଇଚ୍ଛା ସେଇ ଇପ୍ସିତ ପଣ୍ଡାମଣ୍ଡିର ପ୍ରାପ୍ତି ଲଗି ଉଦ୍ୟତ ହୋଇ ରହିଛନ୍ତି, ସେଇଟି ଦାମ୍ଭିକ କରିବାକୁ ତା' ଲଗି ଅଦ୍ୱୈତବେଶର କୌଣସି ପ୍ରୟୋଜନ ହେଉ ନାହିଁ ।

ତେଣୁ ଏହି ମୀମାଂସିତ ଭବ୍ୟ ସ୍ଥିତିରେ ଯାଇ ପହଞ୍ଚିବାକୁ ଆମର ଯାବତୀୟ ଅଦ୍ୱୈତବେଶର ଲକ୍ଷ୍ୟ ହୋଇ ରହିବା ଉଚିତ । ଅଦ୍ୱୈତବେଶର ପ୍ରଥମ ସୋପାନଟି ସ୍ୱରୂପ ଆମକୁ ସଦ୍ଦା କୌଣସି ସ୍ଥାନରେ ସ୍ଥିର ହୋଇ ରହିପାରୁ ନଥିବା ମନକୁ କୌଣସି ଏକ ନିଶ୍ଚିତ ଉପସ୍ୱ ସମ୍ବନ୍ଧରେ ଫଲଗ୍ନ ହୋଇ ରହିଥିବା ଜ୍ଞବନାର ଏକ ନିର୍ଦ୍ଦିଷ୍ଟ ପଥ ଧର ମୀମାଂସିତ ଓ ଅବଚଳିତ ଜ୍ଞବରେ ଗତ କରିପାରିବା ଲଗି ଅଭ୍ୟସ୍ତ କରିଇବାକୁ ପଡ଼ିବ ଏବଂ ତା'ର ମନୋଯୋଗ ଉପରେ ଆସି ପହଞ୍ଚିଥିବା ଯାବତୀୟ ପ୍ରଲୋଭନ ତଥା ଅନ୍ୟଧର୍ମୀ ଆହ୍ୱାନ ଦ୍ୱାରା କୌଣସିପ୍ରକାରେ ସ୍ଖଳିତ ନହୋଇ ତାହାକୁ ସେଇଥା କରିବାକୁ ହେବ । ଏପରି ଅଦ୍ୱୈତବେଶ ଆମର ଜଡ୍ୟନୈମିତ୍ତିକ ଜୀବନରେ ପ୍ରାପ୍ତ ସାଧାରଣ ଜ୍ଞବରେ ପରିଦୃଷ୍ଟ ହୋଇଥାଏ; ମାତ୍ର ଭିତର ମନକୁ ନେଇ ନିଶ୍ଚିନ୍ତ କରି ରଖିବା ଭଳ କୌଣସି ବାହ୍ୟ ବସ୍ତୁ କିଂବା ବିଷୟର କୌଣସି ସହାୟତା ନନେଇ ଅନ୍ତର୍ଗତ ଜ୍ଞବରେ ସେଇଟି କରିବାକୁ ବସିବାବେଳେ ତାହା ଅଧିକ ଆତ୍ମାସମାଧି ହେବାକୁ ଲଗେ । ତଥାପି ଏହି ଅନ୍ତରଭିମୁଖ ଅଦ୍ୱୈତବେଶଟିକୁହିଁ ସେକୌଣସି ଜ୍ଞାନସାଧକକୁ ସିଦ୍ଧ କରିବାକୁ ପଡ଼ିଥାଏ ।* ବୁଦ୍ଧା ବୁଦ୍ଧିର ଆଶ୍ରୟ ନେଇ ଜ୍ଞବୁଥିବା ସେଇ ଜ୍ଞବୁଚ କେବଳ ଅବବୋଧକୁ ଏବଂ ଆପଣାର ଅବବୋଧଗୁଡ଼ିକୁ ବୁଦ୍ଧିର ସାହାଯ୍ୟରେହିଁ ଏକତ୍ର ଯୋଡ଼ିକରି ରଖିବାକୁ ଆପଣାର ଏକମାତ୍ର ଲକ୍ଷ୍ୟ ବୋଲି ଗ୍ରହଣ କରି ନେଇଥାଏ, ତାହାର ପରସ୍ପର ସହିତ ଖିଅ ଲଗି ଯୋଡ଼ା ହୋଇଥିବା ଜ୍ଞବନାକୁ ଆମେ କଦାପି ଅଦ୍ୱୈତବେଶ ବୋଲି କହିପାରିବା ନାହିଁ । ଦୃଏତ କେବଳ ପ୍ରଥମକାଳୀନ ପର୍ଯ୍ୟାସ୍ଥିକୁ ଚ୍ଛଡ଼େଲେ, ଅଦ୍ୱୈତବେଶକୁ ବୁଦ୍ଧିଗତ ଭର୍କଣାର ଏକ ପ୍ରତିସ୍ପା ବୋଲି ମଧ୍ୟ କୁହାଯିବ ନାହିଁ; ମାତ୍ର ଅଧିକତର ଜ୍ଞବରେ ବସ୍ତୁବୃଷ୍ଟିର ଫଳପ୍ରଦ ମର୍ମାର୍ଥଟି ଉପରେ ଯଥାସମ୍ଭବ ଏକ ଚନ୍ତ୍ରଜ ବା ମନନ ବୋଲିହିଁ କୁହାଯିବ ଏବଂ ସେହି ଧାରଣାଟି ଉପରେ କାର୍ଯ୍ୟ କରୁଥିବା ଅସ୍ପାର ଇଚ୍ଛାର ଜସ୍ପତ ଦାବିଟି ଦ୍ୱାରାହିଁ ତାହା ସତ୍ତ୍ୟର ଯାବତୀୟ ସକଳ ଉତ୍ତରିର ସଜ୍ଜତସ୍ଥିକୁ ଅବଶ୍ୟ ଆଣିଦେଇ ପାରିବ । ଏହିପରି ଜ୍ଞବରେ, ଯହି ଭବ୍ୟ ପ୍ରେମହିଁ ଅଦ୍ୱୈତବେଶର ବସ୍ତପ୍ସ ହୋଇ ରହିଥାଏ, ତେବେ ପ୍ରେମରୂପେ ଜଲ୍ପନା କରି

---

* ବର୍ତ୍ତ ଓ ବସ୍ତୁର ପ୍ରାଥମିକ ସର୍ଦ୍ଦାମ୍ଭଗୁଡ଼ିକରେ, ଭାନ୍ତ ଜାତାବଧ ଧାରଣାର ସଂଶୋଧନ ଲଗି ଏବଂ ଚୂର୍ଣ୍ଣ ସାଧ ସତ୍ୟରେ ଅସି ଉପଗତ ହେବା ଲଗି ଏହାର ସଦ୍ଦା ଏକ ଅବସ୍ୟତା ରହିଥାଏ ।

'oaob.nitrkl.ac.in' images reprocessed

ସାଉଁଥିବା ଈଶ୍ୱରଙ୍କର ଧାରଣାର ସମର୍ଥଟି ବିଷୟରେ ମନକୁ ଏପର ଭାବରେ ଅଭ୍ୟନକେଣ କର ରହିବାକୁ ହୁଏ ଯାହାଫଳରେ କ ଦ୍ରବ୍ୟ ପ୍ରେମର ନାନାବନ୍ଧ ଅଭ୍ୟକ୍ତ ହେଉଥିବା ଆଲୋକପ୍ରେରତ ହୋଇଥିବା ପର ଉଦ୍ଭାସିତ ହୋଇଆସେ; ସାଧକର କେବଳ ଭାବନାଗତ କ୍ଷେତ୍ରରେ ଏହା ହୁଏ ନାହିଁ, ମାନ ତାହାର ହୃଦୟରେ, ସତ୍ତା ମଧ୍ୟରେ ଏବଂ ଦୃଷ୍ଟିର କ୍ଷେତ୍ରରେ ମଧ୍ୟ ତାହା ସଙ୍ଘଟିତ ହୋଇଥାଏ। ପ୍ରଥମେ ହୁଏତ ଭାବନାଟିର ଉଦସ୍ୱ ହୁଏ ଓ ତା'ପରେ ଯାଇ ଅନୁଭୂତି ଆସେ, ମାନ ଠିକ୍ ସେହିପର ଅନୁଭୂତି ପ୍ରଥମେ ଆସି ତା'ପରେ ସେହି ଅନୁଭୂତ ମଧ୍ୟରୁ ଜ୍ଞାନର ଉଦ୍ରେକ ମଧ୍ୟ ହୋଇପାରେ । ଏହିପର ଭାବରେ ଉପଲବ୍ଧ ବସ୍ତୁଟିକୁ ତା'ପରେ ମନନ ଦ୍ୱାର୍ ଧାରଣ କର ରଖିବାକୁ ପଡ଼େ; ଏବଂ ପରଶେଷରେ ଏକ ସଚ୍ଚତ ଅନୁଭବରେ ପରଣତ ହୋଇଯିବା ପର୍ଯନ୍ତ ଓ ସ୍ୱଂଶେଷରେ ଏକ ଧର୍ମ ହୋଇ ରହିବା ପର୍ଯନ୍ତ ସେଇଟିକୁ ଅଧିକରୁ ଅଧିକ ଭାବରେ ଧାରଣ କର ରଖିବାକୁ ପଡ଼ିଥାଏ।

ଏଇଟି ହେଉଛି ଅଭ୍ୟନବେଶିତ ଧାନର ପ୍ରକିୟା; ମାନ ଏକ ଅଧିକ କଠୋର ପଦ୍ଧତି ଅନୁସାରେ ସମୁଦାୟ ମନଟିକୁ କେବଳ ଧାରଣାବସ୍ତୁର ସମର୍ଥ ଉପରେହିଁ ଅଭ୍ୟନବଷ୍ଟ କର ରଖିବାକୁ ପଡ଼େ ଯାହାଦ୍ୱାର୍ କ ବିଷୟଟିର କେବଳ ଏକ ଭାବନାଗତ ଜ୍ଞାନ ଅଥବା ମନୋଗତ ଅନୁଭବରେ ଯାଇ ପହଞ୍ଚିବା ପରବର୍ତ୍ତୀ ଧାରଣାଟିର ପଶ୍ଚାଦ୍ଭାଗରେ ରହିଥିବା ବିଷୟଟିର ଚାସ୍ ମର୍ମ ଭିତରେ ଯାଇ ପ୍ରବେଶ କରିବା ସମ୍ଭବ ହୋଇପାରେ । ଏହି ପ୍ରକିୟାଟିରେ ଭାବନାର ଗତି ବନ୍ଦ ହୋଇଯାଏ ଏବଂ ବିଷୟଟିର ନମଗ୍ର ଅର୍ଥାତ୍ ଅଭିଭୂତମସ୍ୱ ମନନ ମଧ୍ୟକୁ ଅତିକ୍ରମ କରଯାଏ ଅଥବା ତାହାର ମଧ୍ୟରେ ମ୍ଳାନ ହୋଇଯାଇ ଏକ ଅନ୍ତର୍ଗତ ସମାଧିରେ ପରଣତ ହୋଇଥାଏ। ଯତ ଠିକ୍ ଏହି ପ୍ରକିୟାଟିର ଅନୁସରଣ କରଯାଏ, ତେବେ ସେହି ପଥରେ ଅଗ୍ରସର ହୋଇ ଆମେ ଯେଉଁ ସ୍ଥିତିଟି ମଧ୍ୟକୁ ଉତ୍ତୋଳିତ ହୋଇ ଘୁଲିଯିବାକୁ ସମର୍ଥ ହେଉ, ଆମର ଏହି ନମ୍ନତର ସତ୍ତାଟିକୁ ଅଧିକାର କରନେବା ସକାଶେ ତାହାକୁ ତଥାପି ସେହି ଉପରୁ ତଳକୁ ଡାକ ଆଣିବାକୁ ପଡ଼େ। ଆମର ଏହି ନଚ୍ୟନୈମିତ୍ତିକ ସାଧାରଣ ଚେତନାଟି ଉପରେ ଆପଣା ଆଲୋକ, ଶକ୍ତିମତ୍ତା ତଥା ଆନନ୍ଦର ସମ୍ପାତ ଘଟାଇ ପାରିବା ଲାଗି ତାହାକୁ ତଳକୁ ଡାକ ଆଣିବାକୁ ପଡ଼େ । କାରଣ, ତା' ନତ୍ୱେଲେ ଅନ୍ୟ ଅନେକଙ୍କ ପର ଆମକୁ ସେହି ସ୍ଥିତିଟିକୁ ହୁଏତ ଏକ ଉଚ୍ଚତର ପରିବେଶଭୂମି ଅଥବା ଅନ୍ତର୍ଗତ ସମାଧି ମଧ୍ୟରେ ଧାରଣ କର ରହିବାକୁ ପଡ଼େ। ମାନ ଯେତେବେଳେ ସେହି ସମାଧି ଭାଙ୍ଗିଯାଏ ଅଥବା ଆମକୁ ଏହି ବିଶ୍ୱଜଗତର ସମ୍ପର୍ଶଗୁଡ଼ିକ ଭିତରକୁ ଓଦ୍ଲାଇ ଆସିବାକୁ ପଡ଼େ, ସେତେବେଳେ ସେହି ସ୍ଥିତିଟି ହ୍ରାତ୍ଛଡ଼ା ହୋଇଯାଏ । ଏବଂ ଏହି ଖଣ୍ଡିତ ଅଧିକୃତକୁ ଏକ ସମଗ୍ର ଯୋଗର ଲକ୍ଷ୍ୟ କୋଳ କଦାପି କୁହାଯାଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

ଏଗୁଡ଼ିକ ବ୍ୟତୀତ ଏକ ତୃତୀୟ ପ୍ରକିୟା ମଧ୍ୟ ରହିଛି ଯେଉଁଥିରେ କ କେବଳ କୌଣସି ଗୋଟିଏ ବସ୍ତୁର ଉପରେ କଠୋର ଧ୍ୟାନ କରିବା ଜରୁରୀ ହୁଏ ନାହିଁ ଅଥବା ଜୀବନୀଶକ୍ତି ଦୃଷ୍ଟିର କୌଣସି ଗୋଟିଏ ବସ୍ତୁ ଉପରେ ମଧ୍ୟ କଠୋର ମନନ କରିବାକୁ ପଡ଼େ ନାହିଁ । ସେଥିରେ ସଂପ୍ରଜ୍ଞାତ ମନକୁ ସମ୍ପୂର୍ଣ୍ଣରୂପେ ସ୍ଥିର କରିଦେବାକୁ ପଡ଼ିଥାଏ । ଏବଂ ଏହି କଥାଟିକୁ ନାନାବିଧ ଉପାୟରେ କୁହା ଯାଇପାରେ । ଗୋଟିଏ ଉପାୟ ଅନୁସାରେ ସକଳ ମନୋରଞ୍ଜକ ବିଷୟରୁ ମନକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହୃତ କରିନେଇ ଠିଆହେବାକୁ ପଡ଼େ, କୌଣସିପ୍ରକାର ସ୍ପନ୍ଦିତ ଅଂଶଗ୍ରହଣ ନକରି ସେହି ବିଷୟଗୁଡ଼ିକୁ କେବଳ ବାହାରୁ ଆଇ ଅବଲୋକନ କରିବାକୁ ହୁଏ । ଏହିପରି ଭାବରେ ପରିଶେଷରେ ଆପଣାର ସେହି ଅସମର୍ପିତ ଲକ୍ଷ୍ମଣ ଓ ଧାବନରେ ଚାଲୁ ହୋଇପଡ଼େ ତାହା ଅଧିକରୁ ଅଧିକ ପରମାଣରେ ଶାନ୍ତ ହୋଇଆସେ ଏବଂ ଶେଷରେ ଏକ ପରମ ନିଶ୍ଚଳତା ମଧ୍ୟରେ ପଡ଼ିରହେ । ଆଉଗୋଟିଏ ପଦ୍ଧତି ଅନୁସାରେ ଭାବନାର ଇଙ୍ଗିତଗୁଡ଼ିକୁ ପ୍ରତ୍ୟାଖ୍ୟାତ କରି ରଖିବାକୁ ପଡ଼େ, ସେଗୁଡ଼ିକ ମନ ଭିତରେ ପ୍ରବେଶ କରିବାକୁ ଆସିବା ମାତ୍ରକେ ସେଗୁଡ଼ିକୁ ବାହାର କରି ଫିଙ୍ଗିଦେବାକୁ ପଡ଼େ; ଏବଂ ଏହି ମନର ଯାବତୀୟ ବକ୍ଷୋଭ ତଥା ଉଦ୍‌ବେଳନ ପଛରେ ପ୍ରଚ୍ଛନ୍ନଭାବେ ଯେଉଁ ଅବଚ୍ଛିନ୍ନ ଶାନ୍ତିଟି ବସ୍ତୁତଃ ସଂଜ୍ଞା ବିଦ୍ୟମାନ ରହିଥାଏ, ଅଭ୍ୟସ୍ତ ଦୃଢ଼ ହୋଇ ସେଇଟିକୁ ଧରି ରଖିବାକୁ ହୁଏ । ଯେତେବେଳେ ଏହି ପ୍ରଚ୍ଛନ୍ନ ଶାନ୍ତସ୍ଥିତର ଦ୍ୱାରଟି ଉଦ୍‌ଘାଟିତ ହୋଇଯାଏ, ସେତେବେଳେ ସକଳ ପ୍ରଶ୍ନକୁ ଆତୋଷ ଏକ ମହାନ୍ ପ୍ରଶାନ୍ତ ସ୍ୱୀକୃତି କରିବାକୁ ଲାଗେ ଏବଂ ସାଧାରଣତଃ ତାହାର ଆନୁଷଙ୍ଗିକ ଭାବରେ ସେହି ସଂଜ୍ଞାତ ଶାନ୍ତ ବିଦ୍ୟୁତ୍ତର ଅବବୋଧ ତଥା ଅନୁଭୂତି ଉପଲବ୍ଧି ହେବାକୁ ଆରମ୍ଭ କରେ ଏବଂ ତାହାର ପ୍ରଥମ ଅବସ୍ଥାଟିରେ ଅନ୍ୟ ସମସ୍ତକିଛୁ କେବଳ ତାତ୍ତ୍ୱୀ ରୂପ ଓ କେବଳ ଏକ ପ୍ରତିଚ୍ଛାୟା ପରି ପ୍ରତୀତ ହେବାକୁ ଲାଗେ । ଏହି ଉପଲବ୍ଧି ପ୍ରଶାନ୍ତସ୍ଥିତର ଅଧାର ଉପରେ, ଆଉ ବସ୍ତୁତଃ କୌଣସି ତାତ୍ତ୍ୱୀ ପ୍ରତିପ୍ରସବର ଅନୁଭବ ବା ଜ୍ଞାନ ଦ୍ୱାରା ନୁହେଁ, ମାତ୍ର ଉଭୟ ଅଭିବ୍ୟକ୍ତିର ଗଭୀରତର ସତ୍ୟର ଜ୍ଞାନ ତଥା ଅନୁଭୂତି ଦ୍ୱାରା ସଜ୍ଞାକୁ ଅନ୍ୟ ଯାବତୀୟ ବିଷୟର ରଚନା ମଧ୍ୟ ଅବଶ୍ୟ ସମ୍ଭବ ହୋଇପାରେ ।

ଏହି ସ୍ଥିତିଟି ଉପଲବ୍ଧି ହୋଇପାରିଲେ କଠୋର ଅଭିନବେଶର କୌଣସି ସାଧନା ସାଧାରଣତଃ ଆଉ ଆଦୌ ଆବଶ୍ୟକ ହେବ ନାହିଁ ବୋଲି ସ୍ପଷ୍ଟ ହୋଇଯାଏ । ସେତେବେଳେ କେବଳ ଇଚ୍ଛାର ଏକ ସ୍ପେଚ୍ଛାପ୍ରେରିତ ଓ ମୁକ୍ତ ଅଭିନବେଶ* ଫଳପ୍ରତି ହୋଇଥାଏ, ଯାହାକି କେବଳ ଆପଣାର ଇଙ୍ଗିତଗୁଡ଼ିକୁ ଜଣାଇବା ଲାଗି ହିଁ

---

* ଯେତେବେଳେ ଆମେ ଅମ୍ଳ-ପରୀକ୍ଷା ଯୋଗ ବିଷୟରେ ଅନ୍ୱେଷଣ କରିବା, ସେତେବେଳେ ଅଧିକ ବସ୍ତୁତ ଭାବରେ ଏହି ବିଷୟଟିର ଅନ୍ୱେଷଣ କରିପାରିବ ।

'oaob.nitrkl.ac.in' images reprocessed

ଜୀବନାକୁ କାମରେ ଲଗାଇଥାଏ, ଆମର ଜନ୍ମତର ଜୀବନାଙ୍ଗଗୁଡ଼ିକୁ ଆଲୋକ ଦାନ କର ପାରିବାକୁ ତାହା ଜୀବନାର ସାହାଯ୍ୟ ନେଇଥାଏ । ଆମର ଏହି ଦେହଗତ ସତ୍ତା, ଆମର ଏହି ପ୍ରାଣଗତ ଅସ୍ତିତ୍ୱ, ଆମର ହୃଦୟସ୍ଥ ତଥା ମନ ସେହି ନାଶଉ ବ୍ରହ୍ମଙ୍କ ମଧ୍ୟରୁ ଆପଣାକୁ ଉନ୍ମୋଚିତ କର ଆଣୁଥିବା ପରମ ଦିବ୍ୟଭାର ରୂପାୟନଗୁଡ଼ିକ ଅନୁସାରେ ଆପଣାକୁ ମଧ୍ୟ ପୂର୍ଣ୍ଣ ନୂତନ କର ଗଢ଼ନ୍ତୁ ବୋଲି ସେତେବେଳେ ଏହି ଇଚ୍ଛା ଜଦ୍ ଧରି ବସିବ । ଆମ ଜୀବନାଙ୍ଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ପ୍ରସ୍ତୁତି ଏବଂ ବଶୁକି ଅନୁସାରେ ସେମାନେ ଶୀଘ୍ର ଅଥବା ମନ୍ଥର ଗତିରେ ଏବଂ ଅଳ୍ପ ଅଥବା ଅଧିକ ଫଳାଫଳର ସହିତ ହେଉଥିବେଳେ ସେଇ ଇଚ୍ଛାର ବିଧାନଟିକୁହିଁ ମାନିନେବାକୁ ବାଧ୍ୟ ହେବେ, ତାହାର ଜୀବନାଗତ ଇଙ୍ଗିତଗୁଡ଼ିକୁ ମଧ୍ୟ ମାନିବାକୁ ବାଧ୍ୟ ହେବେ, ଯାହାଫଳରେ କି ନ୍ତମେ ପରିଶେଷରେ ସେହି ପରମ ଦିବ୍ୟସତ୍ତାର ଜ୍ଞାନହିଁ ଆମର ଚେତନାଟିକୁ ତାହାର ସାବତୀୟ ସକଳ ଭୂମିରେ ଆସି ଅଧିକାର କରିନେବ ଏବଂ ପ୍ରାଚୀନ ବୈଦିକ ସାଧକମାନେ ଯାହା ପ୍ରତ୍ୟକ୍ଷରେ କର ପାରିଥିଲେ, ଆମର ଏହି ମନୁଷ୍ୟ-ଅସ୍ତିତ୍ୱର ଭୂମି ଉପରେ ପରମ ଦିବ୍ୟ ସତ୍ତାର ପ୍ରତିରୂପଟିର ନିର୍ମାଣ ମଧ୍ୟ ହୋଇପାରିବ । ସମସ୍ତ ଯୋଗ ଲଗି ଏହାହିଁ ହେଉଛୁ ପ୍ରତ୍ୟକ୍ଷତମ ସାଧନା, ସବୁଠାରୁ ଅଧିକ ଶକ୍ତିଶାଳୀ ସାଧନା ।

'oaob.nitrkl.ac.in' images reprocessed

ପଞ୍ଚମ ପରିଚ୍ଛେଦ

ବିଷୟତ୍ୟାଗ

ବଶୀକରଣ ଓ ଅଭିନବେଶ ଦ୍ୱାରା ଆମ ସଶ୍ମର ସକଳ ଜୀବନାଙ୍ଗଗୁଡ଼ିକୁ ଯଥାର୍ଥ ଭାବରେ ଶୃଙ୍ଖଳିତ ଓ ପ୍ରସ୍ତୁତ କରି ରଖିବାକୁ ଯଦି ଯୋଗଶସ୍ତ୍ରର ଦକ୍ଷିଣବାହୁ ବୋଲି କୁହାଯାଏ, ତେବେ ବିଷୟତ୍ୟାଗକୁ ତାହାର ବାମବାହୁ ବୋଲି କୁହାଯିବ । ଫଳସ୍ୱରୂପ ସାଧନା ଅର୍ଥାତ୍ ଭାବାତ୍ମକ ଅଭ୍ୟାସ ଦ୍ୱାରା ଆମେ ଆମ ଭିତରେ ବିଷୟଗତ ସତ୍ତ୍ୟ, ସଶ୍ମଗତ ସତ୍ତ୍ୟ, ଜ୍ଞାନର ସତ୍ତ୍ୟ, ପ୍ରେମର ସତ୍ତ୍ୟ ତଥା ଯାବତୀୟ କର୍ମର ସତ୍ୟକୁ ଦୃଢ଼ଭାବରେ ଆଣି ସ୍ଥାପିତ କରି ଦେଇଥାଉ ଏବଂ ଏହିଗୁଡ଼ିକୁ ଆମର ପ୍ରକୃତିକୁ ଆଦୋଳ ଧରିବା ଓ ବିକୃତ କରି ପକାଇବା ନାନା ମିଥ୍ୟାର ସ୍ଥାନାପନ୍ନ ଭାବରେ ପ୍ରତିଷ୍ଠିତ କରିଥାଉ । ଏବଂ ବିଷୟତ୍ୟାଗ ଦ୍ୱାରା ଆମେ ଏହି ମିଥ୍ୟାଗୁଡ଼ିକୁ ଆପଣାର କରିଯାଉ, ସେଗୁଡ଼ିକର ମୂଲକୁ ହୃତ୍‌ପାଣ୍ଡିତ କରିଦେଇ ଏବଂ ସେଗୁଡ଼ିକୁ ଆମ ବାହୁ ଉପରୁ ଚାଡ଼ି ଅନ୍ୟମାନଙ୍କ ଉପରେ ଲଦିଦେଇ, ଯାହାଫଳରେ କ ସେମାନେ ଆପଣାର ଅନନ୍ୟସାପ୍ତତା, ପ୍ରତିବୋଧ ଏବଂ ପୂନରୁତ୍ଥିତ ଦ୍ୱାରା ଆମ ହୃଦ୍ୟ ଜୀବନଯାପନର ସୁଖୀ ଓ ସୁଷମ ବାତାବରଣରେ ଆଉ ପ୍ରତିବନ୍ଧକରୂପେ ଆଦୌ ବାଧା କରିପାରନ୍ତି ନାହିଁ । ଆମର ପରିପୂର୍ଣ୍ଣ ସିଦ୍ଧିରେ ବିଷୟତ୍ୟାଗ ହେଉଛି ଏକ ଅପରିହାର୍ଯ୍ୟ ସାଧନ ।

ଏହି ବିଷୟତ୍ୟାଗ କେଉଁପର୍ଯ୍ୟନ୍ତ ହେବା ଉଚିତ ? ସ୍ୱଭାବତଃ ତାହା କେତେ ହେବା ଉଚିତ ଏବଂ କେଉଁଭଳି ଭାବରେ ଏହାର ପ୍ରସ୍ତୋଗ ହେବା ଉଚିତ ? ବୃହତ୍ତର ଧର୍ମଗୁଡ଼ିକର ଶିକ୍ଷା ଏବଂ ଗଭୀର ଆଧ୍ୟାତ୍ମିକ ଅନୁଭୂତି ରହିଥିବା ବ୍ୟକ୍ତିମାନେ ଅନୁମୋଦନ କରି ଆସିଥିବା ଏକ ସୁପ୍ରତିଷ୍ଠିତ ପରମ୍ପରା ଆମକୁ ଦୀର୍ଘକାଳ ଧରି କହିଆସିଛୁ ଯେ ଏକ ଫଳସ ଓ ଶୃଙ୍ଖଳା ଭିତରେ ବିଷୟତ୍ୟାଗକୁ ଯେ କେବଳ ସମ୍ପୂର୍ଣ୍ଣ ସଫଳତା ପ୍ରଦାନ କରିବାକୁ ହେବ ତା' ନୁହେଁ, ମାତ୍ର ଏକ ପୂର୍ବନିର୍ଦ୍ଦିଷ୍ଟ ଚରମଲକ୍ଷ୍ୟ ତା ସାଧନରୂପେ ମଧ୍ୟ ତାହାକୁ ପ୍ରତିଷ୍ଠିତ ହେବାକୁ ପଡ଼ିବ ଏବଂ ସମ୍ପୂର୍ଣ୍ଣ ଜୀବନ ତଥା ଆମର ଏହି ପାର୍ଥିବ ଅସ୍ତିତ୍ୱକୁ ତ୍ୟାଗ କରି ନଆସିପାରିବା ଯାଏ ବିଷୟତ୍ୟାଗର ସାଧନା କଦାପି ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ଏହି ବିଶ୍ୱବ୍ୟାପୀ, ଅଦ୍ଭୁତ ଓ ପ୍ରଭାବସମ୍ପନ୍ନ

'oaob.nitrkl.ac.in' images reprocessed

ପରମ୍ପରାସୃଷ୍ଟିର ବକାଶ ପଛରେ ଏକାଧିକ ଅନେକ କାରଣ ରହିଛି । ଆମର ଏହି ପୃଥିବୀରେ ବର୍ତ୍ତମାନ ଯେପରି ରହିଛୁ ଏବଂ ସେଥିରେ ଆମେ ଯେପରି ଜୀବନ ଯାପନ କରୁଛୁ, ତାହାର ଆବର୍ଜନାମୟ ଓ ଅପୂର୍ଣ୍ଣ ପ୍ରକୃତ ଏବଂ ଆଧ୍ୟାତ୍ମିକ ଜୀବନଯାପନର ପ୍ରକୃତିରେ ମଧ୍ୟରେ ଯେଉଁ ମୌଳିକ ପରସ୍ପରବିରୋଧ ରହିଛି, ଏହା ପଛରେ ପ୍ରଥମତଃ ସେହି ଚାଲିଚଳର କାରଣଟି ରହିଛି । ଏବଂ ଏହି ବିରୋଧଟି ଦ୍ୱାରା ପ୍ରରୋଚନା ପାଇ ଆମେ ଏହି ଜାଗତିକ ଅସ୍ତିତ୍ୱକୁ ଛାଡିଚାଲିବାକୁ ଏକ ଅସମ୍ଭବ ବୋଲି କହି ତାହାକୁ ସମ୍ପୂର୍ଣ୍ଣ ଭାବରେ ବର୍ଜନ କରି ଆସିବାକୁ ବେଶ୍ ପ୍ରବୃତ୍ତ ହୋଇଛୁ; ସେହି ଅସ୍ତିତ୍ୱକୁ ଆମେ ଆତ୍ମାର ଏକ ପାଗଳାମି ବୋଲି କହିଛୁ, ଏକ ବିକୃତାତ୍ମକ ଓ ଦୌରାତ୍ମ୍ୟପୂର୍ଣ୍ଣ ସ୍ୱପ୍ନ ବୋଲି କହିଛୁ ବା ଖୁବ୍ ବେଶୀ ହେଲେ ତାହାକୁ ଏକ ନାନାଭାବେ ଅପୂର୍ଣ୍ଣ, ତାହାରୁ ରୁଚିକର ବୋଲି ବୋଧ ହେଉଥିବା ପ୍ରାପ୍ତି ମୂଲ୍ୟାୟନ ଉପଯୋଗିତାରୂପେ ଗ୍ରହଣ କରିଛୁ । ଅଥବା ଏହି ଫସାରକୁ ଆମେ କେବଳ ଏହି ପୃଥିବୀରହିଁ ଏକ ବ୍ୟଙ୍ଗ୍ୟ ବୋଲି ବର୍ଣ୍ଣନା କରିଛୁ, କେବଳ ଏକ ଦେହସଂସ୍ପର୍ଶୀୟ ବ୍ୟଙ୍ଗ୍ୟ ବା ସଇତାନର ବ୍ୟଙ୍ଗ୍ୟ ବୋଲି ବର୍ଣ୍ଣନା କରିଛୁ । ଏବଂ ସେହି କାରଣରୁ ଦ୍ରବ୍ୟ ପ୍ରେରଣା ଦ୍ୱାରା ପରିଚାଳିତ ହେଉଥିବା ଓ ଦ୍ରବ୍ୟାତ୍ମକ ଦ୍ୱାରା ଆକୃଷ୍ଟ ହେଉଥିବା ଜୀବାତ୍ମା ଲାଗି ଏହାକୁ କେବଳ ଏକ ପରୀକ୍ଷାସ୍ଥଳ ବୋଲି ମାନନେଇଛୁ, କେବଳ ଏକ ପ୍ରସ୍ତୁତିକ୍ଷେତ୍ର ରୂପେ ଗ୍ରହଣ କରିଛୁ, କିମ୍ବା ଖୁବ୍ ବେଶୀ ହେଲେ ତାହାକୁ ସେହି ପରମ ସଂକାନ୍ତିର ଏକ ମଲା ବୋଲିହିଁ ଦେଖିଛୁ, ନାନା ଉଦ୍ଦେଶ୍ୟ ଓ ପ୍ରତ୍ୟୁଦ୍ଦେଶ୍ୟର ଏକ ଜାଡ଼ା ବୋଲି ଭାବନେଇଛୁ, ଯେଉଁଥିରେ ବ୍ୟାପୃତ ରହି ସେ ଅବଶେଷରେ କ୍ଲାନ୍ତ ହୋଇ ପଡ଼ୁଛନ୍ତି ଓ ତା'ପରେ ଖେଳଟିକୁ ସାଙ୍ଗ କରି ଦେଉଛନ୍ତି । ପୁନଶ୍ଚ, ବ୍ୟକ୍ତିଗତ ମୋକ୍ଷଲାଭ ସକାଶେ ଆତ୍ମାର ଯେଉଁ ଚେଷ୍ଟାଟି ରହିଛୁ, ଏହି ଫସାରଭୂମିର ଯାବତୀୟ ଶ୍ରମ ଓ ସଂଗ୍ରାମ ଦ୍ୱାରା କୌଣସିପ୍ରକାରେ କ୍ଲିଷ୍ଟ ହୋଇ ରହି ନଥିବା ଏକ ଅମିଶ୍ର ଆନନ୍ଦ ଓ ଶାନ୍ତିମୟତାର କୌଣସି ଦୂରତର ଅଥବା ଦୂରତମ ଉଦ୍ଦେଶ୍ୟକୁ ସ୍ୱଲ୍ପଯାଇ ନଷ୍ଟ ଭ୍ରଷ୍ଟ କରିବା ପାଇଁ ଯେଉଁ ଆକାଙ୍କ୍ଷା ରହିଛୁ, ସେଇଟିକୁ ଆମେ ଏକ ଦ୍ୱିତୀୟ କାରଣ ବୋଲି କହିବା । ଅଥବା ଏହି କାରଣଟିକୁ ସେହି ଦ୍ରବ୍ୟ ଆଲିଙ୍ଗନର ପରମାଣୁଭୂତରୁ ପୁଣି ଶ୍ରମ ଏବଂ କର୍ମର ଏହି ଜନ୍ମତର ଖେଳଟିକୁ ବାଡ଼ୁଡ଼ି ଆସିବା ଲାଗି ଆତ୍ମାର ଅନିଚ୍ଛୁକତା ବୋଲି ମଧ୍ୟ କହିପାରିବା । ମାନ ଆଧ୍ୟାତ୍ମିକ ଅନୁଭବ ସହିତ ପ୍ରାସଙ୍ଗିକ ହୋଇ ରହିଥିବା ଏହାର କେତେକ ଅନ୍ୟ ସ୍ତ୍ରରର କାରଣ ମଧ୍ୟ ରହିଛୁ । କର୍ମ ତଥା ନିସ୍ପାର ଏହି ଜୀବନଟିକୁ ଆଧ୍ୟାତ୍ମିକ ଶାନ୍ତି ଏବଂ ଉପଲବ୍ଧିର ଜୀବନଟି ସହିତ ଏକତ୍ର ଗଅଁଠାଇ ରଖି ପାରିବାର ପ୍ରଭୁତ ଆତ୍ମାବଳମ୍ବନତାଟିକୁ ଆମେ ସାଧାରଣତଃ ଯେପରି ଖୁବ୍ ଜୋର୍ରେ ଅନୁଭବ କରିଥାଉ ଓ ବ୍ୟାବହାରିକ କ୍ଷେତ୍ରରେ ମଧ୍ୟ ଏହାର ଯେଉଁ ପ୍ରମାଣ ପାଇଥାଉ, ତାହାକୁ କି ଆମେ ବଡ଼ ଇଚ୍ଛାକୃତ ଭାବରେ

'oaob.nitrkl.ac.in' images reprocessed

ଅନ୍ତରଞ୍ଜନ ଜଣେ ବଡ଼ାଇ ଦେଇଥାଇ, ତାକୁ ସଧ୍ୟ ଗୋଟିଏ କାରଣ ବୋଲି କୁହାଯାଇ ପାରିବ । ଅଥବା, ବିଷୟର ତ୍ୟାଗ କରିବା ଦ୍ୱାରା କିଂବା ବିଷୟତ୍ୟାଗରେ ସ୍ଥିତିକୁ ଲଭ କରିବା ଦ୍ୱାରା ସଧ୍ୟ ମନ ଏକ ଆନନ୍ଦ ଅନୁଭବ କରିବାର ଅବସର ପାଇଥାଏ; ବସ୍ତୁତଃ ଆମର ମନ ଯେତେବେଳେ ସାଧାରଣରେ ସିଦ୍ଧାନ୍ତ ହୋଇପାରେ ବା ଯାହା ବିଷୟରେ ଅଭ୍ୟସ୍ତ ହୋଇଯାଏ, ସେଥିରେ ସେ ଏଉପ୍ରକାର ଆନନ୍ଦ ଅନୁଭବ କରିବାର ବେଶ୍ ଏକ ଅବସର ପାଇ ଯାଇଥାଏ । ପୁଣି, ଏହି ଫସାର ପ୍ରତି ଏବଂ ମନୁଷ୍ୟଦାସ୍ୱନାର ବିଷୟଗୁଡ଼ିକ ପ୍ରତି ଏକ ଉଦାସୀନ ଭାବ ପୋଷଣ କରିବା ଦ୍ୱାରା ଅନେକ ସମୟରେ ଶାନ୍ତ ଓ ସୁନ୍ଦର ଏକ ବୋଧ ସଧ୍ୟ ବେଶ୍ ଅନୁଭବ କରିଯାଇଥାଏ । ଯେଉଁ ଦୁଃଖଭାଟି ସକାଶେ ମନୁଷ୍ୟ କୌଣସି ଏକ ଫନ୍ଥାନ ପ୍ରତି ପଦାର୍ପଣ ହୋଇ ରହେ, ଏହି ଅଭାବାତ୍ମକ ବସ୍ତୁରୂପୀ ଶ୍ରମସ୍ୱୀକାର ଦ୍ୱାରା ପଦାର୍ଥଭୁକ ହୋଇ ଆତ୍ମାକୁ ଯେଉଁ ବରନ୍ତ ଓ ନୈରାଶ୍ୟର ସମ୍ମୁଖୀନ ହେବାକୁ ହୁଏ, ମରଣ ଏବଂ ଜନ୍ମର ଏହି ଜଟ୍ୟାଘୂର୍ଣ୍ଣିନର ଶ୍ରମକାସ୍ୱ ଚକ୍ରଟିରୁ ଆମେ ବ୍ୟକ୍ତଗତ ଜୀବରେ ନଷ୍ଟ ହେଲ ଲଭ କରି ପାରୁଥିବା ପର୍ଯନ୍ତ ପଛରେ ରହିପି ସେହି ଅବଦ୍ଧ ଭିତରେ ରହି ପାଇଥିବା ଅନ୍ୟମାନଙ୍କର ପ୍ରକୃତରେ କ'ଣ ହେଉଥିବ, ସେବିଷୟରେ କୌଣସି ବ୍ୟସ୍ତତା ପ୍ରକାଶ କରୁ ନଥିବା ଯେଉଁ ସ୍ୱାର୍ଥପରତା ଆମକୁ ଅନେକ ସମୟରେ ଅଧିକାର କରିବାକୁ ଆସେ ଓ ଜୀବନର ଜର୍ମନିଷଣଗ୍ରସ୍ତ ମନୁଷ୍ୟସମୂହଟିର ସ୍ତରରୁ ଉତ୍ଥିତ ହୋଇ ଆସୁଥିବା କରୁଣ ନନ୍ଦନ ପ୍ରତି ଯେଉଁ ଉଦାସୀନତା ଦେଖା ଦେଇଥାଏ, ଏହିଗୁଡ଼ିକୁହିଁ ଆମେ ସବୁଗୁଡ଼ିକ ସଧ୍ୟରେ ନମ୍ନତମ ବା ନିକୃଷ୍ଟତମ କାରଣ ବୋଲି କହିବା ।

ସମସ୍ତ ଗୋଟର ଜଣେ ସାଧକ ଲଗି ଏହିସବୁ କାରଣ ସଧ୍ୟରୁ କୌଣସି ଗୋଟିକର ସଧ୍ୟ କୌଣସି ଔଚତ୍ୟ ନାହିଁ । ଦୁଃଖଭୋଗ ଏବଂ ସ୍ୱାର୍ଥପରତାର ପ୍ରବୃତ୍ତି ଦୁଇଟି ଆପଣାର ଉପରେ ବେଶରେ ଓ ଜୀବରେ ଯେତେ ଆଧ୍ୟାତ୍ମିକ ବୋଲି ମନେ ହେଉଥିଲେ ସଧ୍ୟ ସେଗୁଡ଼ିକୁ ନେଇ ତା'ର ଆଦୌ କିଛିହେଲେ କରିବାକୁ ନାହିଁ । ଏକ ଉଦ୍ୟ ବଳ ଏବଂ ସାତ୍ତ୍ୱସ, ଏକ ଉଦ୍ୟ ସଂବେଦନଶୀଳତା ଓ ସହାନୁଭବ ହେବାର ଇଚ୍ଛା,—ଏହିଗୁଡ଼ିକହିଁ ଉପାଦାନରୂପେ ତା'ର ଜୀବନଟିକୁ ପ୍ରେରିତ କରି ରଖିଥିବ; ପରନ୍ତୁ ଉଦ୍ୟସ୍ତରୁଟି କେବଳ ଏହିସବୁ ପ୍ରକୃତଭୂମିହିଁ ସେ ଆଧ୍ୟାତ୍ମିକ ଆଲୋକ ଏବଂ ସୌନ୍ଦର୍ଯ୍ୟର ଏକ ପରିଧାନରୂପେ ଆପଣା ଉପରେ ଗ୍ରହଣ କରି ରହିଥିବ । ସଂସାରରୂପୀ ସେହି ବୃହତ୍ ଚକ୍ରଟିର ଯାବତୀୟ ସୃଷ୍ଟିନ ତାକୁ କୌଣସିପ୍ରକାର ଅଭଙ୍ଗ ଦେବ ନାହିଁ ବା ତା' ସଧ୍ୟରେ କୌଣସି ଷ୍ଟେଟଭ୍ସର ସୃଷ୍ଟି କରିବ ନାହିଁ । ଅପଣାର ଆତ୍ମଗତ ଷ୍ଟେଟରେ ସେ ସେସବୁଥିରୁ ଅନେକ ଉପରକୁ ଉଠିଯିବ, ଊର୍ଦ୍ଧ୍ୱଦେଶରୁ ସେଗୁଡ଼ିକର ଉଦ୍ୟ ବିଧାନଟି ବିଷୟରେ ଯଥାର୍ଥରୂପେ ଅବଗତ ହୋଇ

'oaob.nitrkl.ac.in' images reprocessed

ରହିଥିବ, ସେଗୁଡ଼ିକର ଦବ୍ୟ ଉଦ୍ଦେଶ୍ୟଗୁଡ଼ିକୁ ମଧ୍ୟ ଜାଣିଥିବ । ଦବ୍ୟ ଜୀବନକୁ ମନୁଷ୍ୟର ଏହି ଇହଗତ ଜୀବନଟି ସହିତ, ଦବ୍ୟପୁରୁଷଙ୍କ ମଧ୍ୟରେ ଅବସ୍ଥିତ ହୋଇ ରହିବା ଏବଂ ତଥାପି ମନୁଷ୍ୟର ଏହି କ୍ଷେତ୍ରଟିରେହିଁ ଜୀବନଟିକୁ ବଞ୍ଚିବା,—ଏହି ଉଭୟକୁ ସୌଷମ୍ୟବଦ୍ଧ କର ରଖିବାରେ ଯେଉଁ ସମସ୍ୟା ବା ଅସୁବିଧା ନହିତ ହୋଇ ରହିଛି, ସେ ତାହାର ସମାଧାନ କରିବା ଲଗିହିଁ ଏଠାକୁ ଆସିଛି, ତାକୁ ଏଡ଼ି ଦେବା ବା ଅସ୍ୱୀକୃତ କର ରଖିବା ଲଗି ଆସି ନାହିଁ । ଏହି କଥାଟିକୁ ସେ ବେଶ୍ ଭଲ କରି ଜାଣିଛି ଯେ ସତ୍ୟ ଆନନ୍ଦ, ଶାନ୍ତିମସ୍ତତା ଏବଂ ମୁକ୍ତ ଆତ୍ମାଠାରୁ ଅନବଚ୍ଛିନ୍ନ ଭାବରେ ଆପଣା ମଧ୍ୟରେ ଦୃଢ଼ ଓ ସ୍ଥାସ୍ୱୀ ହୋଇ ରହିଥିବା ଏକ ସ୍ଥିତରୂପେ ପ୍ରତିଷ୍ଠିତ ହୋଇ ନରହେ, ତେବେ ସେଗୁଡ଼ିକୁ କେବଳ ଏକ ଅପୂର୍ଣ୍ଣ ମୁକ୍ତିଟ ବୋଲିହିଁ କହିବାକୁ ହେବ ଏବଂ କୌଣସି ଯଥାର୍ଥ ସମ୍ପଦ ବୋଲି ଆଦୌ କୁହାଯାଇ ପାରିବ ନାହିଁ । ସେଗୁଡ଼ିକ କଦାପି ଉଦାସୀନତା ଅଥବା ନିଷ୍କ୍ରିୟତା ଉପରେ ନିର୍ଭରଶୀଳ ହୋଇ ରହିବେ ନାହିଁ, ମାନ ଏହିଠାରେହିଁ ସକଳ ଇଚ୍ଛା, ସକଳ ଧାବନ ଏବଂ ସକଳ ପ୍ରଗ୍ରାମରେ ଦୃଢ଼ ହୋଇ ଦଣ୍ଡାସ୍ୱମାନ ରହିପାରିବେ; ସେଗୁଡ଼ିକ ଏହି ସଂସାରର ଆନନ୍ଦ ଅଥବା ଦୁଃଖଭୋଗ କୌଣସିଟି ଦ୍ୱାରା ଦୂଷିତ ହୋଇ-ପଡ଼ିବେ ନାହିଁ । ଏହି ମନୁଷ୍ୟ-ସଂସାରରେ ରହି ସେହି ଦବ୍ୟ ଭଗବତ୍ ପ୍ରେମର ବୋଲ ମାନୁଛି ବୋଲି ଦବ୍ୟ ଆଲିଙ୍ଗନ ଦ୍ୱାରା ଆବେଷ୍ଟିତ ହୋଇ ରହିବାର ପରମାନୁଭୂତିଟି ତାକୁ କଦାପି ପରତ୍ୟାଗ କରି ଯିବ ନାହିଁ । ଅଥବା, ସାମସ୍ୱିକ ଭାବରେ କେତେବେଳେ ସେଇଟି ତାହାଠାରୁ ଅପସୃତ ହୋଇ ଯାଉଥିବା ପରି ବୋଧ ହେଲେ ମଧ୍ୟ ସେ ତଥାପି ଆପଣାର ଅଭୀପ୍ସାଟି ଦ୍ୱାରା ସବଦା ଅବଶ୍ୟ ଜାଣିଥିବ ଯେ କେତଳ ତାକୁ ଆଡୁର ବେଶୀ ପରଖି ଓ କଷି ଦେଖିବା ଲଗିହିଁ ଏପରି ହେଉଛି ଏବଂ ଏହାର ଫଳରେ ଦବ୍ୟ ସାକ୍ଷାତ୍କାରର ତା'ର ଆପଣା ପଥଟିରେ ରହିଥିବା କୌଣସି ନା କୌଣସି ଅପୂର୍ଣ୍ଣତା ତା' ଦେହରୁ ଖସି ତଳକୁ ପଡ଼ିଯାଉଛି । ଏକ ମନୁଷ୍ୟଜନ୍ମଗତ ତତ୍ତ୍ୱାର୍ଥତାର ଆବଶ୍ୟକତା ବ୍ୟତୀତ ସେ ଆଉ ଅନ୍ୟ କୌଣସି ରୂପରେ ବ୍ୟକ୍ତିଗତ ମୋକ୍ଷକୁ କଦାପି ଲେଉଡ଼ିବାକୁ ଯିବ ନାହିଁ; ଯିବ ସ୍ୱସ୍ୱଂ ବନ୍ଧନ ଭିତରେ ରହିଛି, ସିଏ କଦାପି ଅନ୍ୟମାନଙ୍କର ବନ୍ଧନମୁକ୍ତ ଘଟାଇ ପାରିବ ନାହିଁ,—ଏହି କାରଣରୁହିଁ ସେ ନିଜର ମୁକ୍ତି ଲେଉଡ଼ିଥିବ । ଅବଶ୍ୟ ଏକଥାଟିକୁ ଏକ ସତ୍ୟରୂପେ ଜାଣି ରଖିବାକୁ ହେବ ଯେ ଭଗବାନଙ୍କ ସକାଶେ କେବେହେଲେ କୌଣସି କଥା ଆଦୌ ଅସମ୍ଭବ ହୋଇ ରହି ନାହିଁ । ବ୍ୟକ୍ତିଗତ ନାନା ଆନନ୍ଦସମ୍ଭୋଗର କୌଣସି ସ୍ୱର୍ଗ ଲଗି ତା' ମନରେ ଆଦୌ ବ୍ୟାକୁଳତା ନଥିବ, ଠିକ୍ ସେହିପରି ବ୍ୟକ୍ତିଗତ ଦୁର୍ଗତିଭୋଗର କୌଣସି ନର୍କର କଳ୍ପନା ତା' ମନରେ କୌଣସି ଭୀତି ଆଣି ଦେଇ ନଥିବ । ଆଧ୍ୟାତ୍ମିକ ଜୀବନ ଏବଂ ଏହି ସଂସାରର ଜୀବନ ମଧ୍ୟରେ ଯଦି କୌଣସି ଦ୍ୱନ୍ଦ

'oaob.nitrkl.ac.in' images reprocessed

ବା ବଦ୍ଧେଧ ରହୁଥାଏ, ତେବେ ସେହି କାବଧାନଟି ଉପରେ ଏକ ସେରୁ ସ୍ଥାପନ କରିବା ଲଗିଥିଁ ସେ ଏଠାରେ ଉପସ୍ଥିତ ରହୁଛୁ, ସେହି ବଦ୍ଧେଧକୁ ଏକ ସୌଷମ୍ୟରେ ପରିବର୍ତ୍ତିତ କରିଦେବାକୁଥିଁ ସେ ଏଠାରେ ବିଦ୍ୟମାନ ରହୁଛୁ । ଯଦି ଏହି ଜଗତ କେବଳ ଦେହସ୍ୱଂସ୍ୱତା ଏବଂ ସଇତାନର କଚଳଚ୍ରତ୍ର ହୋଇ ରହୁଛୁ, ତେବେ ତାହାର ଏକ ଅଧିକତର କାରଣରୂପେଥିଁ ଏଠାରେ ସେହି ଅମୃତସନ୍ତାନମାନଙ୍କର ଆବଶ୍ୟକତା ରହୁଛୁ, ଯେଉଁମାନେ କ ତାହାକୁ ଶ୍ରଶ୍ୱରଙ୍କ ଲଗି ଜୟ କରି ନେଇ ଆସିବେ । ଏହି ଜୀବନ ଯଦି ଏକ ପାଗଲତା ହୋଇଥାଏ, ତେବେ ଏଠାରେ ଜୟୁତ ଜୟୁତ ଏପରି ଆହା ରହିଛନ୍ତି, ଯେଉଁମାନଙ୍କ ଲଗି କ ଦିବ୍ୟ ଚେତନର ସେହି ଆଲୋକଟିକୁ ଏଠାକୁ ଅବଶ୍ୟ ବହୁନ କରି ଆଣିବାକୁ ପଡ଼ିବ । ଯଦି ଏହା ଏକ ସ୍ୱପ୍ନ ହୋଇଥାଏ, ତେବେ ସ୍ୱଷ୍ଟେଟିରେ ତାହା ଏତେ ଅଧିକଫଙ୍ଗ୍ୟକ ସ୍ୱପ୍ନାବିଷ୍ଟ ବା ସ୍ୱପ୍ନସ୍ରଷ୍ଟା ମନୁଷ୍ୟଙ୍କ ଲଗି ତଥାପି ସତ୍ୟରୂପେ ପ୍ରତୀତ ହେବାରେ ଲଗିଛୁ, ଯେଉଁମାନଙ୍କୁ କ ଏହିସବୁ ସ୍ୱପ୍ନ ଅପେକ୍ଷା ଅଧିକ ଶୁଦ୍ଧ ଓ ଅଧିକ ଯଥାର୍ଥ ସ୍ୱପ୍ନମାନ ଦେଖି ଶିଖାଇବାକୁ ପଡ଼ିବ ଅଥବା ସେମାନଙ୍କର ଏହି ସ୍ୱପ୍ନଟିକୁ ଭଙ୍ଗିଦେବାକୁ ହେବ । ଏହି ଜୀବନ ଯଦି ଏକ ମିଥ୍ୟା ହୋଇଥାଏ, ତେବେ ମିଥ୍ୟାଗ୍ରସ୍ତକୁ ସତ୍ୟର ଆସ୍ୱାଦନ ଆଣି ଦେଇଯିବାକୁ ପଡ଼ିବ । ଏହି ଫସାରରୁ ପଳାଇ ଯିବାର ଆଲୋକତ ଦୃଷ୍ଟାନ୍ତଟି ଦେଖାଇବା ଦ୍ୱାରାଥିଁ ଆମେ ଏହି ଫସାରକୁ ପ୍ରକୃତରେ ସାହାଯ୍ୟ କରିପାରିବା ବୋଲି ଯଦି କୁହାଯାଏ, ଆମେ ତଥାପି ସେହି ପ୍ରତିଷ୍ଠିତ ପୃଥିବୀକୁ କଦାପି ତ୍ରହଣ କରିପାରିବା ନାହିଁ; କାରଣ ବୃହତ୍ତ୍ ଅବତାରମାନଙ୍କର ପ୍ରତିପକ୍ଷୀସ୍ୱ ଦୃଷ୍ଟାନ୍ତଟି ଆମକୁ ସ୍ପଷ୍ଟ ଦେଖାଇଦେଇ ଯାଉଛୁ ଯେ ଏହି ଫସାରର ଜୀବନଟି ବର୍ତ୍ତମାନ ଯେପରି ଅଛୁ, କେବଳ ସେଇଟିକୁ ବର୍ଜନ କରି ଆସିଲେ ଯେ ଆମେ ଫସାରକୁ ସାହାଯ୍ୟ କରିପାରିବା, ସେକଥା ଆଦୌ ନୁହେଁ; ମାତ୍ର ଏହି ଫସାରକୁ ସ୍ୱୀକାର କରି ଓ ତାହାକୁ ଅତ୍ତର ଉପରକୁ ଉଠାଇନେଇ ମଧ୍ୟ ଆମେ ତାହାକୁ ସାହାଯ୍ୟ କରିପାରିବା, ତୁଏତ ତା'ଠାରୁ ଅଧିକ ସାହାଯ୍ୟ କରିପାରିବା । ଏବଂ ଏହି ଫସାର ଯଦି ସେହି ପରମ ସଂଗଉଙ୍କର ଏକ ଲୀଳାଥିଁ ହୋଇଥାଏ, ତେବେ ଆମେ ସୁଯୋଗ୍ୟତା ତଥା ସାହସ ସହିତ ସେହି ଲୀଳାରେ ଆମ ଜଜର ଅଂଶଟିକୁ ମଧ୍ୟ ତ୍ରହଣ କରିବା, ଆମର ଦିବ୍ୟ କ୍ରୀଡ଼ାସହଚରଙ୍କ ସହିତ ସେହି କ୍ରୀଡ଼ାରେ ଜଳେ ମଧ୍ୟ ଆନନ୍ଦ ଅନୁଭବ କରି ଶିଖିବା ।

ମାତ୍ର ସବୁଠାରୁ ବଡ଼ କଥା ହେଉଛୁ ଯେ, ଜାଗତିକ ଅସ୍ତିତ୍ୱ ବା ଜୀବନର ଉଦ୍ଦେଶ୍ୟଗୁଡ଼ିକୁ ସାଧନ କରିବାରେ ଉପଦାନ ଓ ମନୁଷ୍ୟର ଦୌଣସି କାର୍ଯ୍ୟରେ ଲଗିପାରିବା ପାଇଁ ଆମ ଭିତରେ ଯେପର୍ଯ୍ୟନ୍ତ ଦୌଣସି ସାମର୍ଥ୍ୟ ରହିଥିବ, ଏହି ଫସାରଟି ବିଷୟରେ ଆମେ ଯେଉଁ ଦୃଷ୍ଟିରି ପୋଷଣ କରିଥିଛୁ, ସେଇଟି ଅନୁସାରେ

'oaob.nitrkl.ac.in' images reprocessed

ଆମେ ସେପର୍ଯ୍ୟନ୍ତ ଫସାରଟିକୁ ତ୍ୟାଗ କର ଆଦୌ କୁଆଡ଼େ ଘୁଲିଯାଇ ପାରିବା ନାହିଁ । ଏହି ଜଗତକୁ ଆମେ ସଇତାନର ଏକ ଉଦ୍ଭାବନ ବୋଲି ଦେଖୁ ନାହୁଁ ଅଥବା ଆତ୍ମାର ଏକ ଆସୁରଭ୍ରମ ବୋଲି ମଧ୍ୟ ଦେଖୁ ନାହୁଁ; ଏହାକୁ ଆମେ କେବଳ ସେହି ପରମ ଦ୍ରବ୍ୟସ୍ରଷ୍ଟାଙ୍କରହିଁ ଗୋଟିଏ ଅଭିବ୍ୟକ୍ତିରୂପେ ଦେଖୁଛୁ । ଅବଶ୍ୟ ଏକଥା ସ୍ପଷ୍ଟ ଯେ ଏହା ଏକ ଜନ୍ମବଦ୍ଧ ଓ ପରିଣାମଗତ ଶବଦ୍ଧିନଶ୍ୱରିଷ୍ଟ ଅଭିବ୍ୟକ୍ତି ହୋଇଥିବାରୁ ଏପର୍ଯ୍ୟନ୍ତ ଏହାର କେବଳ ଆଂଶିକ ଅଭିବ୍ୟକ୍ତିହିଁ ହୋଇପାରିଛୁ । ତେଣୁ ଆମ ଲାଗି ଜୀବନକୁ ପରିତ୍ୟାଗ କରିବାର କଦାପି ଜୀବନର ଏକ ଉଦ୍ଦେଶ୍ୟ ହୋଇପାରିବ ନାହିଁ ଏବଂ ଫସାରତ୍ୟାଗକୁ ଫସାରସର୍ଜନାର ଉଦ୍ଦେଶ୍ୟ ବୋଲି କଦାପି କୁହାଯାଇ ପାରିବ ନାହିଁ । ଭଗବାନଙ୍କ ସହିତ ଏକତ୍ୱବଦ୍ଧ ହୋଇ ପାରିବାର ଉପଲବ୍ଧି ଲାଗି ଆମେ ସାଧନା କରୁଛୁ ସତ, ମାତ୍ର ଆମର ସେହି ଉପଲବ୍ଧି ମଧ୍ୟରେ ସକଳ ମନୁଷ୍ୟ ସହିତ ରହିଥିବା ଆମର ଏକତ୍ୱଟିକୁ ସମ୍ପୂର୍ଣ୍ଣ ଏବଂ ନିଷ୍କଳୁଷ ଭାବରେ ସ୍ୱୀକାର କରିନେବାର ଆହ୍ୱାନଟି ମଧ୍ୟ ସର୍ନ୍ନିହିତ ହୋଇ ରହିଛୁ ଓ ଆମେ କଦାପି ଦୁଇଟିଯାକକୁ ପରସ୍ପରଠାରୁ କାଟି ଅଲଗା କରିଦେଇ ପାରିବା ନାହିଁ । ଖ୍ରୀଷ୍ଟିୟାନ୍ ଧର୍ମର ଭାଷାରେ କହିବାକୁ ଗଲେ, ପରମେଶ୍ୱରଙ୍କର ପୁତ୍ରଙ୍କୁ ଆମେ ଏକାଧାରରେ ମାନବପୁତ୍ର ବୋଲି କହି ମଧ୍ୟ ପାରିବା ଏବଂ ପରିପୂର୍ଣ୍ଣ ଖ୍ରୀଷ୍ଟତ୍ୱର ଉପଲବ୍ଧି ସକାଶେ ଦୁଇଟିଯାକ ଉପାଦାନର ସମ୍ଭବେଳେ ସମାନ ଆବଶ୍ୟକତା ରହିଛୁ । ଅଥବା, ଏକ ଭାରତୀୟ ଭାଷାରେ ଅନୁରୂପ କର କହିବାକୁ ଗଲେ, ଏହି ବିଶ୍ୱଜଗତ ନାରାୟଣରୂପୀ ଯେଉଁ ଦିବ୍ୟ ପୁରୁଷଙ୍କର କେବଳ ଗୋଟିଏମାତ୍ର ଋଶ୍ଚିରୂପେ ଅବସ୍ଥିତ ରହିଛୁ, ସେ ଏହି ମନୁଷ୍ୟ ଭିତରେ ଆପଣାକୁ ଉଦ୍‌ଘାଟିତ କର ଦେଇଛନ୍ତି, ଆପଣାକୁ ପରିପୂର୍ଣ୍ଣ କର ରଖିଛନ୍ତି । ପରିପୂର୍ଣ୍ଣ ମନୁଷ୍ୟକୁ ଆମେ ଯଥାର୍ଥରେ ନର-ନାରାୟଣ ବୋଲିହିଁ କହିବା, ଏବଂ ଆପଣାର ସେହି ପରିପୂର୍ଣ୍ଣତାରେ ସେ ଜଗଦଧିଷ୍ଠାତୃର ସେହି ପରମ ବ୍ରହ୍ମସଂଜ୍ଞକହିଁ ପ୍ରତ୍ୟକ୍ଷରୂପେ ବହନ କର ଅବସ୍ଥିତ ରହିଛୁ ।

ତେଣୁ ଆମ ଲାଗି ବିଷୟତ୍ୟାଗ କେବଳ ଏକ ସାଧନ ହୋଇ ରହିବ, କଦାପି ଏକ ସାଧ୍ୟ ବା ଲକ୍ଷ୍ୟ ହୋଇ ରହିବ ନାହିଁ । ବିଷୟତ୍ୟାଗକୁ ଆମେ ଏକମାତ୍ର ଅଥବା ପ୍ରଧାନତମ ସାଧନରୂପେ ବି କଦାପି ଗ୍ରହଣ କରିପାରିବା ନାହିଁ, କାରଣ ଏହି ମନୁଷ୍ୟର ସମ୍ମୁଖରେ ପରମ ଦିବ୍ୟତ୍ୱର ପରିପୂର୍ଣ୍ଣ ଉପଲବ୍ଧିକୁହିଁ ଆମେ ଆମର ଉଦ୍ଦେଶ୍ୟ କର ରଖିଛୁ ଏବଂ ଏହି ଭାବାତ୍ମକ ଲକ୍ଷ୍ୟଟି କୌଣସି ଅଜ୍ଞାବାତ୍ମକ ବା ନେତିପ୍ରଧାନ ସାଧନ ଦ୍ୱାରା କେବେହେଲେ ଉପଲବ୍ଧି ହୋଇପାରିବ ନାହିଁ । ସଦ୍ଭାବାତ୍ମକ ପରିପୂର୍ଣ୍ଣତାର ପଥରେ ଯେଉଁସବୁ ଅନ୍ୟ ଉତ୍ତୁଙ୍ଗ ଅନୁଭୂତି ହୋଇ ରହିଥିବ, ସେଗୁଡ଼ିକର ଜନ୍ମକରଣ ପାଇଁହିଁ ନକାରାତ୍ମକ ଯାବତୀୟ ସାଧନ ଠିକ ସେହିପ୍ରକାରେ ସହାୟକ ହୋଇପାରିବ । ଆମର ଉପସ୍ଥିତ ସେହି ଦିବ୍ୟ ପରିପୂର୍ଣ୍ଣତାରୁ ଯାହାକିଛି ଉଣା

'oaob.nitrkl.ac.in' images reprocessed

ହୋଇଥିବ ଅଥବା ସାଙ୍ଗାଳନ୍ତୁ ତାହାର ବିରୁଦ୍ଧାଚରଣ କରୁଥିବ, ଆମକୁ ସେହିଗୁଡ଼ିକରହିଁ ତ୍ୟାଗ କରିବାକୁ ପଡ଼ିବ, ସେଗୁଡ଼ିକୁ ଫପୁର୍ଣ୍ଣରୂପେ ପରିତ୍ୟାଗ କରିବାକୁ ପଡ଼ିବ । ଏବଂ ସାଙ୍ଗାଳନ୍ତୁ ସେହି ପରିପୂର୍ଣ୍ଣତାରୁ ଊଣା ହୋଇ ରହୁଥିବ ଅଥବା କେବଳ ଆଂଶିକ ଭାବରେ ତାହାକୁ ପରିପୂର୍ଣ୍ଣ କରୁଥିବ, ତାହାକୁ ମଧ୍ୟ କ୍ରମଶଃ ଅଧିକରୁ ଅଧିକ ଭାବରେ ତ୍ରୁଟି ଆସିବାକୁ ପଡ଼ିବ । ଏହି ଫସାରସ୍ଥ ଆମର ଜୀବନ ଲଗି ଆମର ଆଦୌ କୌଣସି ଆସକ୍ତି ରହିବ ନାହିଁ; ଏବଂ ଯଦି ସେପରି କୌଣସି ଆସକ୍ତି ରହିଥାଏ, ତେବେ ଆମକୁ ତାହାର ତ୍ୟାଗ କରିବାକୁ ହେବ, ଫପୁର୍ଣ୍ଣ ଭାବରେ ତ୍ୟାଗ କରିବାକୁ ପଡ଼ିବ । ମାତ୍ର ଅପର ପକ୍ଷରେ ଏହି ଫସାରକୁ ତ୍ରୁଟି ପଳାଇ ଯିବା ପାଇଁ, ମୋକ୍ଷଲାଭ କରିବା ପାଇଁ ଏବଂ ସେହି ବୃହତ୍ ଆତ୍ମ-ବିଲୁପ୍ତିକି ପାଇଁ ମଧ୍ୟ ଆମର ଆଦୌ କୌଣସି ଆସକ୍ତି ରହିବ ନାହିଁ; ଏବଂ ଯଦି ସେପରି କୌଣସି ଆସକ୍ତି ରହିଥାଏ, ତେବେ ସେଇଟିକୁ ମଧ୍ୟ ତ୍ୟାଗ କରିବାକୁ ପଡ଼ିବ, ଫପୁର୍ଣ୍ଣ ଭାବରେ ତ୍ୟାଗ କରିବାକୁ ପଡ଼ିବ ।

ପୁନଶ୍ଚ, ଆମର ଏହି ତ୍ୟାଗ ସ୍ପଷ୍ଟତଃ କେବଳ ଏକ ଅନ୍ତର୍ଗତ ତ୍ୟାଗ ହୋଇହିଁ ରହିବ । ବିଶେଷ ଭାବରେ ଏବଂ ସଚ୍ଚୋଟର ତାହା ଆସକ୍ତିରହିଁ ତ୍ୟାଗ ହୋଇ ରହିବ, ଇନ୍ଦ୍ରିୟତୃପ୍ତି ଓ ଦୃଢ଼ସ୍ୱର କ୍ଷେତ୍ରରେ ବାସନା ଓ କାମନାର ତ୍ୟାଗ ହୋଇ ରହିବ; ଆମ ଭାବନା ତଥା ନିସ୍ୱାର ଭୂମିରେ ଅହଂପ୍ରବୋଧିତ ଇଚ୍ଛାର ତ୍ୟାଗକୁ ବୁଝାଇବ ଏବଂ ଆମ ଚେତନାର କେନ୍ଦ୍ରରେ ଅହଂସଚେତତାର ତ୍ୟାଗକୁ ବୁଝାଇବ । କାରଣ ଏଗୁଡ଼ିକୁ ଆମେ ଗଣେଇଁ ଗ୍ରନ୍ଥି ବୋଲି କହିପାରିବା, ଯାହାଦ୍ୱାରା କି ଆମେ ଆମର ଏହି ଜନ୍ମଜାତ ପ୍ରକୃତିଟି ସହିତ ବାନ୍ଧିହୋଇ ରହିଥାଉ; ଏବଂ ଏଗୁଡ଼ିକୁ ଫପୁର୍ଣ୍ଣରୂପେ ପରିତ୍ୟାଗ କରିପାରିଲେ ଆମକୁ ବାନ୍ଧି ରଖିପାରିବା ଲଗି ଅଉ କେଉଁଠିହେଲେ କିଛୁ ରହିବ ନାହିଁ । ଶେଷୁ ଆସକ୍ତି ଓ ବାସନାକୁ ଗୋଟାପୁରା ବାହାର କରି ଫିଙ୍ଗିଦେବାକୁ ହେବ; ଏହି ଫସାରରେ ଏପରି କୌଣସି ପଦାର୍ଥ ନାହିଁ, ଯେଉଁଥିରେ କି ଆମକୁ ଆସକ୍ତ ହୋଇ ରହିବାକୁହିଁ ପଡ଼ିବ । ଧନସମ୍ପତ୍ତି ନୁହେଁ କି ଦାରିଦ୍ର୍ୟ ନୁହେଁ, ଆନନ୍ଦ ନୁହେଁ କି ଦୁଃଖକ୍ଲେଶ ନୁହେଁ, ଜୀବନ ନୁହେଁ କି ମରଣ ନୁହେଁ, ବୃହତ୍ତ୍ୱ ନୁହେଁ ବା କ୍ଷୁଦ୍ରତା ନୁହେଁ, ପାପ ନୁହେଁ ବା ପୁଣ୍ୟ ନୁହେଁ, ବନ୍ଧୁ ନୁହେଁ, ନାସ୍ତି ନୁହେଁ, ସୁଖ ନୁହେଁ ଏବଂ ଆପଣାର ଦେଶ ମଧ୍ୟ ନୁହେଁ । ଆପଣାର କୌଣସି ଜନ୍ମ ଅଥବା ଜନ୍ମବିତ ନୁହେଁ, ସ୍ୱର୍ଗ ନୁହେଁ କିମ୍ବା ମର୍ତ୍ତ୍ୟ ନୁହେଁ, ସେଗୁଡ଼ିକର ଭିତରେ ଅବସ୍ଥିତ ରହିଥିବା କିଛୁ ନୁହେଁ ଅଥବା ସେଗୁଡ଼ିକର ଅତୀତ ହୋଇ ରହିଥିବା ମଧ୍ୟ କିଛୁ ନୁହେଁ । ମାତ୍ର ଏହାର ଅର୍ଥ ଆଦୌ ନୁହେଁ ଯେ ଆମର ଭଲ ପାଇବା ଲଗି ଆଉ କେଉଁଠିହେଲେ କିଛୁ ରହିବ ନାହିଁ, ଆମେ ଆନନ୍ଦ ଅନୁଭବ କରିବା ଲଗି ବି କେଉଁଠି କିଛୁ ରହିବ ନାହିଁ । କାରଣ ଭଲ ପାଇବା ଆସକ୍ତି ନୁହେଁ;

'oaob.nitrkl.ac.in' images reprocessed

ଭଲ ପାଇବାରେ ଯଦି ଅହଂବୋଧ ରହିଥାଏ, ତେବେ ତାହାହିଁ ଦ୍ୱେଷରୁ ଆସନ୍ତି । ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ଆନନ୍ଦଟିର ଅନ୍ୱେଷଣ କରିବା କଦାପି ବାସନା ନୁହେଁ, ପୁଣି ଓ ପରଳୌକିର ଏକ କ୍ଷୁଧାରେ ତାଡ଼ିତ ହୋଇ ଆପଣାକୁ ସୀମାବଦ୍ଧ କରି ରଖିବା ଓ ଅସ୍ଥିରପ୍ରାପ୍ୟ ମନେ କରିବା ଦ୍ୱେଷରୁ ବାସନା । ଆମଠାରେ ଏକ ବିଶ୍ୱଗତ ପ୍ରେମ ଅଭାବ ରହିବ; ତାହା ଶାନ୍ତ ହୋଇ ରହିବ ଅଥଚ ଚରନ୍ତନ ଭାବରେ ପ୍ରଗାଢ଼ ହୋଇ ରହିବ । ଫଳତଃ ବାସନାଜ୍ୱାଳାର କେବଳ ବହିଃଦୃଶ୍ୟ ଏବଂ ଅଲ୍ପକାଲସ୍ଥାୟୀ ପ୍ରବଳତାଠାରୁ ତାହା ସମ୍ପୂର୍ଣ୍ଣ ଅତୀତ ହୋଇ ରହିଥିବ । ବସ୍ତୁଗୁଡ଼ିକରୁ ଆମେ ଲାଭ କରୁଥିବା ଆନନ୍ଦ ପରମେଶ୍ୱରଙ୍କୁ ନେଇ ଅନୁଭୂତ ହେଉଥିବା ଆନନ୍ଦଟିକୁ ଆଧାର କରି ରହିଥିବ; ସେହି ଆନନ୍ଦ ବସ୍ତୁଗୁଡ଼ିକର ବାହ୍ୟରୂପଟିକୁହିଁ କଦାପି ଜାବୁଡ଼ି ଧରିବ ନାହିଁ, ମାତ୍ର ସେଉଁ ପରମତତ୍ତ୍ୱଟି ସେଗୁଡ଼ିକର ମଧ୍ୟରେ ନିତ୍ୟତ ପ୍ରଚ୍ଛନ୍ନ ହୋଇ ରହିଛି ଏବଂ ବିଶ୍ୱଜଗତର ଜଞ୍ଜାଳଜାଲ ଭିତରେ ଲିପ୍ତ ହୋଇ ନପଡ଼ି ଯାହା ତଥାପି ସମୁଦାୟ ବିଶ୍ୱଜଗତକୁ ଆବୋର ଧରିଛି, ତାହା ତାହାକୁହିଁ ଅବଲମ୍ବନ କରି ରହିଥିବ ।*

ଦ୍ରବ୍ୟ କର୍ମର ମାର୍ଗରେ ପୂର୍ଣ୍ଣରୂପେ ସମର୍ଥ ହେବାକୁ ହେଲେ ଆମକୁ ଯେ ଆମର ଭାବନା ମଧ୍ୟରେ ରହିଥିବା ଅହଂପ୍ରଣୋଦିତ ଇଚ୍ଛାଟିକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରିବାକୁ ହେବ, ସେକଥା ଆମେ ଆଗରୁ ଦେଖିସାରିଛୁ । ଦ୍ରବ୍ୟ ଜ୍ଞାନରେ ପୂର୍ଣ୍ଣସମର୍ଥ ହେବାକୁ ହେଲେ ମଧ୍ୟ ତାହାକୁ ଠିକ୍ ସେହିପରି ଭାବରେ ପରିତ୍ୟାଗ କରିବାକୁ ପଡ଼ିବ । ଏହି ଅହଂପ୍ରଣୋଦିତ ଇଚ୍ଛା ଦ୍ରବ୍ୟଲେ ମନୋଭୂମିସ୍ଥ ଏକ ଅହଂଗତତ୍ତ୍ୱାକୁ ବୁଝାଇଥାଏ ଯାହାକ ଆପଣାର ଅନ୍ତରୁଟ ଓ ଅଭ୍ୟାସଗୁଡ଼ାଜ ସହିତ ବାନ୍ଧିହୋଇ ରହିଥାଏ; ଭାବନା, ଦୃଷ୍ଟି ତଥା ଇଚ୍ଛାର ଅଙ୍ଗତ ତଥା ଉପସ୍ଥିତ ରୂପାୟନଗୁଡ଼ାକ ସହିତ ବାନ୍ଧିହୋଇ ରହିଥାଏ; କାରଣ ସେଗୁଡ଼ାକୁ ଏହା ଆପଣାଠାରୁ ଏକାନ୍ତ ଅଭିନ୍ନ କରି ଜାଣେ ବା ଆପଣାର ଏକାନ୍ତ ନିଜର ବୋଲି ଦେଖିଥାଏ, ସେହିଗୁଡ଼ାକର ଗଠନପାଟରେ "ମୁଁକାର" ତଥା "ମୋର"ର ନାନା ସୂକ୍ଷ୍ମ ଚିହ୍ନ ବୁଣିକରି ରଖେ ଏବଂ ବୁଢ଼ିଆଣୀ ଆପଣାର ଜାଲଟି ଭିତରେ ବାସ କରୁଥିବା ପରି ସେହିଗୁଡ଼ିକ ମଧ୍ୟରେହିଁ ବାସ କରୁଥାଏ । ବୁଢ଼ିଆଣୀ ତା'ର ଜାଲଟି ଉପରେ ଯେକୌଣସି ବାହ୍ୟ ଆକ୍ରମଣକୁ ସହି ନପାରୁଥିବା ପରି ସିଏ ମଧ୍ୟ ସକଳପ୍ରକାର ବ୍ୟାଘାତ ଓ ବାଧା ପ୍ରତି ବଡ଼ ଅସହିଷ୍ଣୁ ହୋଇ ରହିଥାଏ; ଏବଂ ଆପଣା ବ୍ୟତୀତ ଆଉ ଅନ୍ୟ କେଉଁ ବୁଢ଼ିଆଣୀର ଜାଲ ଭିତରେ ବୁଢ଼ିଆଣୀ ଆପଣାକୁ ଯେପରି ବିଦେଶୀଗତ ପରି

---

* ଜଲିଭ୍ର;—ବସ୍ତୁଗୁଡ଼ିକରେ ଜଡ଼ିତ ସେହି ଦ୍ରବ୍ୟ ଅନନ୍ତ ହେଉଛି ଏବ ଜଣ୍ଟାମ ଓ ଜଲିଭ୍ର ଅନନ୍ତ । ତାହା ସକଳ ବାସନାରୁ ମୁକ୍ତ ଏବଂ ତେଣୁ କେବେହେଲେ ଅସକ୍ତ ନୁହେଁ ।

'oaob.nitrkl.ac.in' images reprocessed

ବଡ଼ ଅସ୍ୱସ୍ତ ଅନୁଭବ କରେ, ସେହିପରି ତା'ର ଆପଣା ମନ ଏବଂ ଆପଣା ରୂପାସ୍ୱନଗୁଡ଼ିକଠାରୁ ଭିନ୍ନ ଆଉ କେଉଁ ନୂତନ ମନ ଏବଂ ରୂପାସ୍ୱନ ମଧ୍ୟରେ ଯାଇ ଦାଉଡ଼ିଗଲେ ସିଏ ମଧ୍ୟ ଆପଣାକୁ ସେହିପରି ସତେଅବା ବଦେଶାଗତ ଏବଂ ଅସ୍ୱସ୍ତ ବୋଲି ଅନୁଭବ କରୁଥାଏ । ଏହି ବାଛିହୋଇ ରହିବାକିକୁ ମନରୁ ଏକାବେଳକେ କାଢି ପକାଇବାକୁ ହେବ । କାହିଁକି ହୋଇ ନଥିବା କୌଣସି ମନ ଆପଣାର ସ୍ୱାଭାବିକ ଉପାଦାନ ବୋଲି ମାନି ଜଗତ ତଥା ଜୀବନ ପ୍ରତି ରହିଥିବା ସେଇଭଳି ଏକ ଦୃଷ୍ଟିକୋଣ ସହିତ ଗୁଗ୍ୱଇ ଗୁଗ୍ୱଇ ହୋଇ ରହିଥାଏ, ଆମକୁ ଯେ କେବଳ ସେହି ସାଧାରଣ ଦୃଷ୍ଟିକୋଣଟିକୁ ଛାଡ଼ି ଆସିବାକୁ ପଡ଼ିବ ତା' ନୁହେଁ, ମାନ ଆମେ ଆମ ନଜ ବରଚିତ କୌଣସି ମନୋରଚନା ଭିତରେ ମଧ୍ୟ କଦାପି ବାଛିହୋଇ ରହିବା ନାହିଁ କଂବା ବୁଦ୍ଧିପ୍ରସୂତ କୌଣସି ବଗ୍ଗର-ବ୍ୟବସ୍ଥା, ପରବର୍ତ୍ତିନଙ୍କରୁ ଧର୍ମସ୍ଥାପର କୌଣସି ଫଗ୍ତନ ଅଥବା ନ୍ୟାସ୍ୱବୁଦ୍ଧିପ୍ରେରିତ କୌଣସି ସିଦ୍ଧାନ୍ତ ଭିତରେ ମଧ୍ୟ କଦାପି ବାଛିହୋଇ ରହିବା ନାହିଁ । ଆମକୁ ଯେ କେବଳ ମନ ତଥା ଇନ୍ଦ୍ରିସ୍ୱସ୍ୱରର ଜାଲପାଣଟିକୁ କାଢି ପକାଇବାକୁ ହେବ ତା' ନୁହେଁ, ମାନ ବୁଦ୍ଧିବାଦୀ ବସ୍ତୁରକର ସକଳ ଜାଲପାଣକୁ କାଢି ଅଡୁର ଅନେକ ଦୂରକୁ ଘୁଲିଯିବାକୁ ହେବ, ବୁଦ୍ଧି ଦେଇ ଇଶ୍ୱରଭକ୍ତି କଣାଶୁଣିବା ଓ ମନ୍ଦର ଜର୍ମାଣ କଣ ବୁଲୁଥିବା ଜ୍ଞାସ୍ଥ-ମାନଙ୍କର ଜାଲ ଭିତରୁ ମଧ୍ୟ ବାହାରକୁ ଘୁନ୍ନ ଆସିବାକୁ ପଡ଼ିବ, ଶବାଡ଼ମ୍ବରର ସକଳ ଜାଲଛନ୍ଦ ଏବଂ ପରମ ଧାରଣାର ସକଳ ବନ୍ଧନ କାଢି ବାହାର ସିବାକୁ ପଡ଼ିବ । ଏମାନେ ସମସ୍ତେ ବା ଏଗୁଡ଼ିକ ସବୁଯାକ ଆମର ଭିତରେହିଁ ରହିଛନ୍ତି ଓ ଅସଲ ଚନ୍ନସ୍ୱ ସୃଷ୍ଟିକୁ କେତେକେତେ ରୂପାସ୍ୱନର ପାତେର ଦେଇ ଅମୁହାଁ କର ଚଖିବାର ଅପେକ୍ଷାରେ ହାକ ବସିଛନ୍ତି । ମାନ ଆମକୁ ସବୁକେଳେ ସେଗୁଡ଼ିକର ସୀମା କାଢି ବାହାର ସିବାକୁ ପଡ଼ିବ, ବୃହତ୍ତରର ପ୍ରାପ୍ତି ଲଗି ଅଲ୍ପତରକୁ କାଢି ଘୁଲିଯିବାକୁ ହେବ, ପରମ ଅନନ୍ତ ଲଗି ସକଳ ଅନ୍ତବଶିଷ୍ଟତାକୁ ପରତ୍ୟାଗ କରିବାକୁ ହେବ । ଆମକୁ ଗୋଟିଏ ଆଲୋକନରୁ ପରବର୍ତ୍ତୀ ଆଉ ଗୋଟିଏ ଆଲୋକନ ଉଦ୍ଦେଶ୍ୟରେ ଅଗ୍ରସର ହୋଇସିବା ଲଗି ସବଦା ପ୍ରସ୍ତୁତ ରହିବାକୁ ପଡ଼ିବ; ଗୋଟିଏ ଅନୁଭୂତିରୁ ଆଉ ଗୋଟିଏ ଅନୁଭୂତିକୁ, ଆତ୍ମାର ଗୋଟିଏ ସ୍ଥିତିରୁ ପରବର୍ତ୍ତୀ ଅନ୍ୟ ଏକ ସ୍ଥିତି ମଧ୍ୟକୁ ଅଗ୍ରସର ହୋଇସିବା ଲଗି ସବଦା ପ୍ରସ୍ତୁତ ରହିବାକୁ ପଡ଼ିବ, ଯେପରିକ ଆମେ ପରଶେଷରେ ପରମ ଦିବ୍ୟସତ୍ତାର ସେହି ବ୍ୟାପକତମ ବଶ୍ୱାତ୍ମତା ତଥା ବ୍ୟାପକତମ ବଶ୍ୱମସ୍ୱତାରେ ଯାଇ ଉପନୀତ ହୋଇପାରିବା । ଏପରିକ ଯେଉଁସବୁ ସତ୍ୟକୁ ଆମେ ସବୁଠାରୁ ଅଧିକ ଦୃଢ଼ ଜିବରେ ଅବଲମ୍ବନ କରି ରହିଛୁ, ସେଗୁଡ଼ିକ ସହିତ ମଧ୍ୟ ଆମେ କଦାପି ବାଛିହୋଇ ରହିବା ନାହିଁ; କାରଣ ସେମାନେ ମଧ୍ୟ ସେହି ପରମ ଅନନ୍ତଚୈତନ୍ୟଙ୍କର କେବଳ କେତୋଟି ରୂପାସ୍ୱନ ତଥା ଅଭିବ୍ୟକ୍ତି

'oaob.nitrkl.ac.in' images reprocessed

ମାନ, ଓ ପରମ ଅନଙ୍ଗଚମାସ୍ୱ ଆପଣାକୁ କୌଣସି ରୂପ କଂବା ଅଭ୍ୱବ୍ୟକ୍ତ ମଧ୍ୟରେ ସୀମାବଦ୍ଧ କର ରଖିବାକୁ କଦାପି ସ୍ୱୀକାର କରନ୍ତୁ ନାହିଁ । ଉର୍ଦ୍ଧ୍ୱତର ସ୍ତରରେ ରହିଥିବା ଯେଉଁ ପରମ ଶକ୍ତି ଆପଣା ମଧ୍ୟରେ ଆପଣାର ପ୍ରତାପଗୁଡ଼ିକୁ ମଧ୍ୟ ବହନ କରୁଥିବା ଜୀବନାଟିର ସ୍ୱଳାସ୍ୱ କୌଣସି ଅର୍ଥ ଅଥବା କୌଣସି ଆଲେକଟି ମଧ୍ୟରେ କେବେହେଲେ ସୀମାବଦ୍ଧ କର ରଖେ ନାହିଁ, ଆମକୁ ସବଂଦା ତାହାର ଉଦ୍ଦେଶ୍ୟରେହିଁ ଆପଣାକୁ ଉନ୍ମୋଚତ କର ରଖିବାକୁ ହେବ ।

ମାନ ଆମର ଅହଂଗତତାକୁହିଁ ଆମେ ସକଲ ପ୍ରତିରୋଧର କେନ୍ଦ୍ରସ୍ଥଳ ବୋଲ୍ କାଣିବା, ତାହାର ପ୍ରତ୍ୟେକ ପ୍ରଚ୍ଛନ୍ନ ଓ ଛଦ୍ମରୂପର ଆବାସ ପର୍ଯନ୍ତ ତାହାର ଅନୁଧାବନ କରିବା ଏବଂ ସେଠାରୁ ତାକୁ ଟାଣି ବାହାର କର ତାହାର ନପାତ କରିବା । କାରଣ ତା'ର ଛଦ୍ମରୂପଗୁଡ଼ିକର ଆଦୌ କୌଣସି ସୂମାଣ କର ହେବ ନାହିଁ ଏବଂ ଆତ୍ମଗୋପନ କର ରହିବା ଲଗି ଯେଉଁଠି ଏତେଟିକଏ ଜାଗା ମିଳିବ, ସିଏ ସେଠି ମଧ୍ୟ ଯାଇ ଲଟକ ରହିବାକୁ ବାହାରିବ । ସତ୍ୟର୍ଥପରତା ଓ ଉଦାସୀନତା, —ଅନେକ ସମସ୍ୱରେ ଏଗୁଡ଼ିକୁ ଆମେ ସେହି ଅହଂଗତତାର ସବୁଠାରୁ ଅଧିକ ଫଲଦାସ୍ୱକ ଛଦ୍ମବେଶ ବୋଲ୍ କହିପାରିବା । ଏବଂ ଏହିପର ଏକ ଛଦ୍ମବେଶରେ ସଜ୍ଜିତ ହୋଇ ରହିଥିବା ବେଳେ ତାହା ତାହାକୁ ଖୋଜ ବାହାର କରିବା ଲଗି ନସ୍ୱୋଜତ ହୋଇ ରହିଥିବା ଦବ୍ୟ ଗୁପ୍ତଚରମାନଙ୍କର ଗୋଟାସୁଦ୍ଧା ସମ୍ପ୍ରଦାୟରେ ମଧ୍ୟ ସାହସର ସହିତ ଉତ୍ପାଟନ୍ କ୍ଷ ହୋଇ ଡେଇଁବାକୁ କେବେହେଲେ ପଶ୍ଚାତ୍ପଦ ହେବ ନାହିଁ । ଏହି ପରସ୍ଥିତିରେ ପରମ ଜ୍ଞାନର ବଧାନଟିହିଁ ଆମର ସହାସ୍ୱକ ହୋଇପାରିବ; ଆମର ମର୍ମଗତ ଦୃଷ୍ଟିଭଙ୍ଗିମଟିରେ ଏହିସବୁ ଭେଦ ଓ ପାର୍ଥକ୍ୟଗୁଡ଼ିକୁ ନେଇ ଆମର ପ୍ରକୃତରେ କଛୁହେଲେ କରିବାକୁ ନଥାଏ, କାରଣ ସେଠାରେ କୌଣସି 'ମୁଁ' ନଥାଏ କଂବା କୌଣସି 'ତୁମେ' ମଧ୍ୟ ନଥାଏ, କେବଳ ସେହି ଏକ ଦବ୍ୟ ଆତ୍ମାହିଁ ସକଲ ଘଟ ବା ଦେହରେ ଅବସ୍ଥିତ ରହିଥାଏ, ବ୍ୟକ୍ତ ତଥା ସମସ୍ଥି ଉଭସ୍ୱ ମଧ୍ୟରେ ସମାନତ୍ୱରେ ରହିଥାଏ; ଏବଂ ସେହି ସତ୍ୟଟିକୁ ଉପଲବ୍ଧି କରିବା, ସେହି ସତ୍ୟଟିକୁ ପ୍ରକାଶ କରିବା, ତାହାର ସେବା ଲଗି ଆପଣାକୁ ନସ୍ୱୋଜତ କର ରଖିବା ଏବଂ ତାହାକୁ ପରପୂର୍ଣ୍ଣ କରିବା;—କେବଳ ଏହାଗୁହିଁ ସାଧାରଣତଃ ମୂଲ୍ୟ ବା ତାତ୍ପର୍ଯ୍ୟ ରହିଛି । ଆତ୍ମ-ପରତର୍ପଣ ଓ ପରମ୍ପରପରତା, ଉପଭୋଗ ଓ ଉଦାସୀନତା;—ଏଗୁଡ଼ିକ ଆଦୌ ଅସଲ କଥା ନୁହନ୍ତି । ସେହି ପରମ ଆତ୍ମାର ଉପଲବ୍ଧି, ପରପୂର୍ଣ୍ଣତା ଓ ପରତର୍ପା ଯଦି ଆମଠାରୁ ଏପର ଏକ କାର୍ଯର ଦାବି କରିବାକୁ ଆସେ ଯାହାକି ଅନ୍ୟମାନଙ୍କର ଆଖିରେ ଏକ ଅହଂବାଦୀ ଅର୍ଥରେ କେବଳ ଆତ୍ମପରତର୍ପା ବା ଆତ୍ମପ୍ରତିଷ୍ଠା ବୋଲ୍ ବୋଧ ହୋଇଥାଏ ଅଥବା କେବଳ ଅହଂପ୍ରେରତ ସମ୍ଭୋଗ ବା ଆତ୍ମ-ଅପତସ୍ୱ ବୋଲ୍ ମନେ

'oaob.nitrkl.ac.in' images reprocessed

ହୋଇଥାଏ, ତେବେ ଆମକୁ ତଥାପି ସେହି କାର୍ଯ୍ୟଟିକୁ କରିବାକୁ ପଡ଼ିବ । ତାହାର ଲୋକମାନଙ୍କର ମତ ଦ୍ୱାରା ପରିଚାଳିତ ନହୋଇ ଆମକୁ ଆମ ଭିତରେ ରହିଥିବା ମାର୍ଗଦର୍ଶକ ଦ୍ୱାରାହିଁ ପରିଚାଳିତ ହେବାକୁ ପଡ଼ିବ । ଆମ ପରିବେଶର ପ୍ରଭାବଟି ଅନେକ ସମୟରେ ଅତିଶୟ ସ୍ପଷ୍ଟ ଭାବରେ ଆମ ଉପରେ କାର୍ଯ୍ୟ କରିଥାଏ । ତାହାରେ ଅବସ୍ଥିତ ରହି ଆମକୁ ଦେଖିଥିବା ଆଖିଟି ଲିଭି ଯାହା ସବୁଠାରୁ ଉଜ୍ଜ୍ୱଳ ଓ ରୁଚିକର ଦିଶିବ, ସ୍ପାସ୍ମ ବଡ଼ ଅସତେଜ ଭାବରେ ଆମେ ସେହିଭଳି ଏକ ପରିଚ୍ଛଦକୁହିଁ ଅଧିକ ଉପଯୁକ୍ତ ବୋଲି ମନେ କରିଥାଉ ଓ ସେଇଟିକୁହିଁ ପିନ୍ଧିଥାଉ ଏବଂ ଭିତରେ ଥାଇ ଆମକୁ ଦେଖିଥିବା ଆଖିଟି ଉପରେ ଆମେ ଗୋଟିଏ ପର୍ଦ୍ଦା ପକାଇଦେଉ । ସତେଅବା ତାହା ଦ୍ୱାରା ଚାଲିତ ହେଲପରି ଆମେ ଡାଇନ୍ଦ୍ୟର ଭିତରେ ଆପଣାକୁ ଆଚ୍ଛାଦିତ କରି ରଖୁ, ଅଥବା ସେବାର ଭିତ ଦ୍ୱାରା ଆବୃତ କରି ପକାଇ ଦଂବା ଏତ ଉଦାସୀନ ଭାବ ଓ ବିଷପ୍ରତ୍ୟାଗର ଏବଂ ଏକ ନିଖୁଣ ସନ୍ତୁଳନର ବାହ୍ୟ ନାନା ସନ୍ତ୍ରକ ଦ୍ୱାରା ଆପଣାକୁ ବସନ ଗୁଡ଼ାଇ ସଜାଇରଖୁ; କାରଣ ପରମ୍ପରା ଏବଂ ଲୋକମତ ଆମଠାରୁ ତାହାହିଁ ଦାବି କରୁଥାନ୍ତି ଏବଂ ଏହିପରି ଭାବରେହିଁ ଆମେ ଆମର ପରିବେଶଟି ଉପରେ ସବୁଠାରୁ ଅଧିକ ଚମତ୍କାର ଭାବରେ ଏକ ପ୍ରଭାବ ପକାଇବାକୁ ବେଶ୍ ସମର୍ଥ ହୋଇଥାଉ । ମାତ୍ର ଏଗୁଡ଼ାକ ତେବଳ ବୃଥା ଦମ୍ଭ ଓ ବଭ୍ରମ ବ୍ୟଞ୍ଜକ ଆଉ କିଛି ନୁହେଁ । ତୁ ଏତ ଏହିସବୁ ବିଷପ୍ରତ୍ୟୟର ଏକ ଆଭରଣ ପିନ୍ଧି ବିଚରଣ କରିବାକୁ ଆମେ ଆବଶ୍ୟକ ବୋଲି ଅନୁଭବ କରିଥାଉ, କାରଣ ତାହାହିଁ ଆମ ସେବାକାର୍ଯ୍ୟର ପରିଚ୍ଛଦ ବୋଲି ସ୍ୱାବ୍ୟସ୍ତ ହୋଇପାରେ; ମାତ୍ର ତାହା ସେପରି ସ୍ୱାବ୍ୟସ୍ତ ହୋଇ ବ ନପାରେ । ତାହାର ଆଡ଼କୁ ଦେଖିଥିବା ମନୁଷ୍ୟର ଆଖି ପ୍ରକୃତରେ କିଛି ଦେଖେ ନାହିଁ, ଭିତରେ ରହି ଦେଖିଥିବା ଆଖିହିଁ ସବୁକିଛି ଦେଖିଥାଏ ।

ଏଠାରେ ଅହଂଗତଭାରୁ ସେଇଁ ମୁକ୍ତିକୁ କାମ୍ୟ ବୋଲି କୁହାଯାଇଛି, ତାହାର ଉପଦେଶରେ ତାହାକୁ ଏକ ଅତ୍ୟନ୍ତ ସ୍ପଷ୍ଟ ବିଷୟ ବୋଲି ବର୍ଣ୍ଣନା କରିଯାଇଛି । ଆପଣା ବଳର ଏକ ଅହଂଗତ ଅଭିମାନ ନେଇ ଅର୍ଥାତ୍ ଛତିସ୍ୱର ଅଭିମାନ ନେଇ ଅର୍ଜୁନ ସମରରେ ପ୍ରବୃତ୍ତ ହେଇଛି ଏବଂ ଦୁର୍ବଳତାରୁ ବିପନ୍ନତ ଅହଂବୋଧଟି ଦ୍ୱାରା ସେ ସମର ପ୍ରତି ବିମୁଖ ହୋଇପଡ଼ୁଛି । ଏକ ସଙ୍କୁଚତ ଭାବ, ବରତ୍ତ ଏବଂ ମନକୁ ଅଧିକାର କରି ପକାଇଥିବା ଏକ ମିଥ୍ୟା କୃପାଳୁତ୍ୱର ଦ୍ୱାରା, ଆପଣାର ସ୍ୱାସ୍ଥ୍ୟଗତ ସତ୍ତ୍ୱ ଓ ଇନ୍ଦ୍ରିୟଗୁଡ଼ିକର ଅହଂଗତ ପ୍ରବର୍ତ୍ତନା ଦ୍ୱାରା ସେ ସମର କରିବାକୁ ବିମୁଖ ହେଉଛି; ସେଇଁ ଦବ୍ୟ ଫଳେଦନଶୀଳତା ତାଡୁରେ ବଳ ଅର୍ଜିବାର ଏବଂ ଜ୍ଞାନକୁ ନର୍ମଳ କରିବାର, ଏହି କ୍ଷେତ୍ରରେ ଅର୍ଜୁନ ସେଇଟି ଦ୍ୱାରା ଆଦୌ ପରିଚ୍ଛଳିତ ବା ପ୍ରବୃତ୍ତ ହେଉ ନାହିଁ । ମାତ୍ର ତାହାର ଏହି ଦୁର୍ବଳତା ତ୍ୟାଗ ଓ

'oaob.nitrkl.ac.in' images reprocessed

ଧର୍ମର ପଶ୍ଚାଦ୍ଦ ପିଛା ତା' ପାଖକୁ ଆସୁଛ : "ଉକ୍ତ ଦ୍ୱାରା କଲଙ୍କିତ ଏହିସବୁ ସମ୍ଭୋଗ ଓ ଫଲଲାଭ ଅପେକ୍ଷା ବରଂ ଭିକାରର ଜୀବନ ଯାପନ କରିବା ଅଧିକ ଶ୍ରେସ୍ୱସ୍କର ହେବ । ମୁଁ ଏହି ପୃଥିବୀର ରାଜପଣ କାମନା କରେ ନାହିଁ, ନା—ମୁଁ ଦେବତ୍ୱଜ୍ୟର କାମନା ବି କରେ ନାହିଁ ।" ଏହି କ୍ଷେତ୍ରରେ ଆମେ ଦୁଏତ କହିବାକୁ ଇଚ୍ଛା କରିବା, ଅର୍ଜୁନର ଗୁରୁ ପ୍ରକୃତରେ କେଡ଼େ ନବୋଧ ଯେ ସେ ଶିଷ୍ୟର ଏହି ମାନସିକ ଅବସ୍ଥାଟିକୁ ଗ୍ରହଣ ବି କଲେ ନାହିଁ ଏବଂ ସନ୍ନ୍ୟାସୀମାନଙ୍କର ସେହି ବହୁଳ ବାହ୍ୟଙ୍ଗରେ ଆଉ ଗୋଟିଏ ମହାନ୍ ଆତ୍ମାକୁ ନେଇ ଯୋଗ କରିବାର ଏହି ଗମ୍ଭୀର ସୁଯୋଗଟିକୁ ଏପରି ଭାବରେ ହରାଇ ବସିଲେ, ଯଦ୍ୟପି ସମକ୍ଷରେ ଏକ ପବାନ୍ଧ ବିପର୍ଯ୍ୟୟର ଆଉ ଗୋଟିଏ ଉଜ୍ଜ୍ୱଳ ଦୃଷ୍ଟାନ୍ତକୁ ହରାଇ ବସିଲେ ! ମାତ୍ର ଗୁରୁ ପ୍ରସଙ୍ଗଟିକୁ ଅନ୍ୟତ୍ରକରେ ଦେଖୁଛନ୍ତି, କାରଣ ସିଏ କେବଳ କଥା ଦ୍ୱାରା ଭୁଲ ଯିବାର ଆଦୌ କୌଣସି ଗୁରୁ ନୁହନ୍ତି : "ତୋର ଏହିସବୁ କଥାର ମଧ୍ୟଦେଇ ତୋ ଭିତରେ ଦୁର୍ବଳତାଟିକୁ କଥା କହୁଛୁ, ଭାନ୍ତି କଥା କହୁଛୁ, ତୋର ଅହଂକାରଟି କଥା କହୁଛୁ । ଆପଣାର ଅସଲ ଆତ୍ମାଟି ଆଡ଼କୁ ଘୁରିଟି ଦେଖ, ଜ୍ଞାନ ଲଭି ଆପଣାର ଆଖିଗୁଡ଼ିକୁ ଉନ୍ମୋଚିତ କରିଦଅ ଏବଂ ତୋର ଆତ୍ମାକୁ ସକଳ ଅହଂଗତଭାବରୁ ଧୌତ କରିଦଅ ।" ଏବଂ ତା'ପରେ କ'ଣ ଘଟୁଛୁ ? "ଯୁଦ୍ଧ କର, ବଳସ୍ୱୀ ହୁଅ, ଏକ ଐଶ୍ୱର୍ଯଶାଳୀ ସାମ୍ରାଜ୍ୟ ଭୋଗ କର ।" କିଂବା, ଆମେ ଏଠାରେ ପ୍ରାଚୀନ ଭାରତୀୟ ପରମ୍ପରାରୁ ଆଉ ଗୋଟିଏ ଦୃଷ୍ଟାନ୍ତ ମଧ୍ୟ ଗ୍ରହଣ କରିପାରିବା । ଭଗବାନଙ୍କର ଅବତାର ରାମଚନ୍ଦ୍ର ଯେ ଏକ ବୃହତ୍ ସେନା ଗଠନ କଲେ ଏବଂ ଲଙ୍କାର ଅଧିପତିଙ୍କ ହାତରୁ ଆପଣାର ପତ୍ନୀକୁ ଉଦ୍ଧାର କରି ଆଣିବା ଲଗି ଏକ ଜାତିକୁ ଧ୍ୱଂସ କରି ପକାଇଲେ, ଆପଣାର ଅହଂକାରତା ଦ୍ୱାରା ପ୍ରେରିତ ହୋଇ ସେ ସେପରି କଲେ ବୋଲି ଦୁଏତ ଏକ ପ୍ରଶ୍ନତ ହୋଇପାରେ । ମାତ୍ର ଯଦି ସେ ଉଦାସୀନତାର ଆବରଣରେ ଆପଣାକୁ ଆବୃତ କରି ଋଷିଆନ୍ତେ ଓ ଜ୍ଞାନର ଔପଗୁରକ ଉକ୍ତିଗୁଡ଼ିକର ଅପବ୍ୟବହାର କରି ଯଦି ସେ "ମୋର ପ୍ରକୃତରେ କୌଣସି ପତ୍ନୀ ନାହିଁ, କୌଣସି ଶତ୍ରୁ ନାହାନ୍ତି, କୌଣସି ବାସନା ନାହିଁ; ଏଗୁଡ଼ାକ କେବଳ ସେହି ଇନ୍ଦ୍ରିୟଗୁଡ଼ାକରହିଁ ଭ୍ରମ ମାତ୍ର । ତେଣୁ ମୋର କେବଳ ବହ୍ମଜ୍ଞାନର ଅନୁଶୀଳନ କରିବାରେ ପ୍ରବୃତ୍ତ ହୋଇ ରହିବା ଉଚିତ ଏବଂ ଜନକଜନ୍ମାନ୍ତ୍ରକୁ ନେଇ ଯେତଣ ଯାହାକିଛୁ କରିବାକୁ ଇଚ୍ଛା କରୁଛି, ତାକୁ ତାହାସବୁ କରିବା ଲଗି ଛାଡ଼ିଦେବା ଉଚିତ;"—କହିଥାନ୍ତେ, ତେବେ ତଦ୍ୱାରା ସେ କୌଣସି କମ୍ ଅହଙ୍କାରତାର ପରିଚୟ ଦେଇଥାନ୍ତେ କି ?

ତେଣୁ ମାନଦଣ୍ଡଟି ଭିତରେ ରହିଛୁ,—ଏବଂ ଗୀତାରେ ବାରବାର ଏହି କଥାଟିର ଘୋଷଣା କରାଯାଇଛୁ । ଅର୍ଥାତ୍, ଆମର ଆତ୍ମାକୁ ସକଳ କାମନା ଓ ସକଳ ଆସକ୍ତିରୁ ମୁକ୍ତ କରି ରଖିବାକୁ ହେବ; ମାତ୍ର ନିସ୍ପୃହ ହୋଇ ରହିବାର ସକଳ

'oaob.nitrkl.ac.in' images reprocessed

ଆସକ୍ତିରୁ ଏବଂ କାର୍ଯ୍ୟ କରିବାର ସେହି ଅହଙ୍କାର ଆବେଗଟିର ଆସକ୍ତିରୁ ମଧ୍ୟ ମୁକ୍ତ ରହିବାକୁ ହେବ; ପୂଣ୍ୟ କରିବାର ସକଳ ପ୍ରକାରର ଆସକ୍ତିରୁ ତଥା ପାପର ସକଳ ଆକର୍ଷଣରୁ ମୁକ୍ତ କରି ରହିବାକୁ ହେବ । ଅର୍ଥାତ୍ 'ମୁଁ କାର' ଏବଂ 'ମୋର'ର କବଳରୁ ମୁକ୍ତଲାଭ କରିବାକୁ ହେବ ଯେପରିକ ସେହି ଅଦ୍ୱିତୀୟ ପରମସତ୍ତାରେ ଅବସ୍ଥିତ ରହିବା ଏବଂ ତାହାର ଭିତରେ ରହିହିଁ କାର୍ଯ୍ୟ କରିବା ସମ୍ଭବ ହୋଇପାରିବ । ବିଶ୍ୱମସ୍ତ ପରମସତ୍ତାଙ୍କର ଏହି ବ୍ୟକ୍ତ-ରୂପ କେନ୍ଦ୍ରଟିକୁ ମାଧ୍ୟମରୂପେ ବ୍ୟବହାର କରି କର୍ମ କରିବାକୁ ଅସ୍ୱୀକାର କରିବାର ଅହଙ୍କାରଭାକୁ ବର୍ଜନ କରିବାକୁ ହେବ ଏବଂ ଅନ୍ୟମାନଙ୍କୁ ଏକାବେଳକେ ବହିଷ୍କୃତ କରି ରହି କେବଳ ବ୍ୟକ୍ତିର ମନ, ପ୍ରାଣ ଏବଂ ଦେହର ପରିଚର୍ଯ୍ୟା କରିବାର ଅହଙ୍କାରଭାକୁ ମଧ୍ୟ ବର୍ଜନ କରିବାକୁ ପଡ଼ିବ । ସେହି ପରମ ଆତ୍ମସତ୍ତା ମଧ୍ୟରେ ଜୀବନ ବହିବାର ଅର୍ଥ ସେହି ପରମ ଅନନ୍ତ ମଧ୍ୟରେ କେବଳ ଏକୁଟିଆ ହୋଇ ବାସ କରିବାକୁ ଏବଂ ଅନ୍ୟ ସାବତୀୟ ବସ୍ତୁ ବିଷୟରେ ସଂପୂର୍ଣ୍ଣତଃ ବିସ୍ମୃତ ହୋଇ ଏକ ନୈର୍ବ୍ୟକ୍ତିକ ଆତ୍ମ-ଆନନ୍ଦର ସମୁଦ୍ର ଭିତରେ ନିମଗ୍ନ ହୋଇ ରହିବାକୁ କେବେହେଲେ ବୁଝାଇବ ନାହିଁ, ତାହା ପରମସତ୍ତା ମଧ୍ୟରେ ଓ ପରମସତ୍ତାରୂପେ ଏହି ଶରୀରରେ, ଅନ୍ୟ ସକଳ ଶରୀରରେ ତଥା ସକଳ ଶରୀରସତ୍ତାର ଅତୀତ ହୋଇ ବାସ କରିବାକୁହିଁ ବୁଝାଇବ । ଏହାହିଁ ସମସ୍ତ ଜ୍ଞାନ, ଏହାହିଁ ସଂପୂର୍ଣ୍ଣ ଜ୍ଞାନ ।

ଏଥିରୁ ଜଣାପଡ଼ି ସ୍ପଷ୍ଟ ହୋଇଯିବ ଯେ ବିଷୟତ୍ୟାଗ କରିଲେ ସେଇଟି ଉପରେ ପ୍ରଚଳିତ ଭାବରେ ଯେଉଁ ଅର୍ଥର ଆରୋପ କରାଯାଇଥାଏ, ଆମେ ଏଠାରେ ତାହାକୁ ଏକ ଭିନ୍ନ ଅର୍ଥପରମ୍ପର ଦେଇ ତାହାର ବିସ୍ତାର କରୁଛୁ । ପ୍ରଚଳିତ ଅର୍ଥରେ ଏହା ଆତ୍ମନିବୃତ୍ତି ହୋଇ ବୁଝାଉଛୁ, ଆପଣା ଲାଗି ସକଳ ସୁଖକୁ ନିଷିଦ୍ଧ କରି ରହିବାକୁ ବୁଝାଉଛୁ, ସୁଖ ଓ ଭୋଗର ବସ୍ତୁଗୁଡ଼ିକର ପ୍ରତ୍ୟାଖ୍ୟାନ କରିବାକୁ ବୁଝାଉଛୁ । ମନୁଷ୍ୟର ଆତ୍ମା ଲାଗି ଆତ୍ମନିବୃତ୍ତିକୁ ଆମେ ଅବଶ୍ୟ ଏକ ଆବଶ୍ୟକ ଶୃଙ୍ଖଳା ହୋଇ କହିବା, କାରଣ ତାହାର ଦୁଃଦସ୍ଥିତି ସମୟରେ ବଡ଼ ଅଳ୍ପଜାତୀୟ ଭାବରେ ନାନା ବିଷୟ ପ୍ରତି ଆସକ୍ତ ହୋଇ ରହିଥାଏ । ଆପଣାକୁ କେତେକ ସୁଖରୁ ନିଷିଦ୍ଧ କରି ରଖିବା ଅବଶ୍ୟ ଆବଶ୍ୟକ, କାରଣ ଇନ୍ଦ୍ରିୟାସକ୍ତ କେତେକେତେ ପରିଚର୍ଯ୍ୟାରେ ପଙ୍କମଧ୍ୟ ମଧ୍ୟରେ ତାହାର ବୋଧଶକ୍ତି ପାଶବଦ୍ଧ ଓ ଦ୍ୟାହତ ହୋଇ ରହିଥାଏ । ସୁଖ ଓ ଭୋଗର ବସ୍ତୁଗୁଡ଼ିକର ପ୍ରତ୍ୟାଖ୍ୟାନକୁ ମଧ୍ୟ ଆପଣା ଉପରେ ଆଣି ଲଦିଦେବାକୁ ହୁଏ, କାରଣ ଏହି ବସ୍ତୁ ଉପରେହିଁ ମନ ଆପଣାକୁ ଅଭିନିବିଷ୍ଟ କରି ରହିଥାଏ, ଆପଣାକୁ ସେହି ବସ୍ତୁଟିର ସୀମାଗୁଡ଼ିକୁ ଡେଇଁ ତାହାର ଆହିକା ଲାଗି କଦାପି ଛୁଡ଼ିଦିଏ ନାହିଁ, ଆପଣାର ଅନ୍ତଃପୁରମଧ୍ୟରେ ପ୍ରବେଶ କରିବାକୁ ମଧ୍ୟ ଆପଣାକୁ ବାଟ ଛାଡ଼ିଦିଏ ନାହିଁ । ମନୁଷ୍ୟର ମନ ଯେତେ ଏହିପରି ଭାବରେ ଅଜ୍ଞାନ ଓ ଅସତ୍ତାଚ୍ଛନ୍ନ

'oaob.nitrkl.ac.in' images reprocessed

ହୋଇ ରହି ନଥାନ୍ତା, ଆପଣାର ସତତଚଞ୍ଚଳ ଅସ୍ଥାସ୍ଥିତ୍ୱ ଭିତରେ ମଧ୍ୟ ଯଦି ଏପରି ବାଞ୍ଛି ହୋଇ ରହି ନଥାନ୍ତା ଏବଂ ବସ୍ତୁଗୁଡ଼ିକର ବାହ୍ୟରୂପ ଦ୍ୱାରା ଏପରି ଭ୍ରାନ୍ତ ହୋଇ ପଡ଼ି ନଥାନ୍ତା, ତେବେ ବସ୍ତୁତ୍ୟାଗର ଆଉ କୌଣସି ପ୍ରୟୋଜନ ନଥାନ୍ତା; ସେପରି କ୍ଷେତ୍ରରେ ଆତ୍ମା କେବଳ ଆଲୋକର ପଥରେହିଁ ବେଶ୍ ଗତି କରି ଗୁଲିଯାଇ ପାରୁଥାନ୍ତା, ଅଳ୍ପତରରୁ ବୃହତ୍ତରକୁ ଗୁଲିଯାଇ ପାରୁଥାନ୍ତା, ଆନନ୍ଦ ମଧ୍ୟରୁ ଦିବ୍ୟତର ଆନନ୍ଦକୁ ଗତି କରି ଯାଉଥାନ୍ତା । ବର୍ତ୍ତମାନ ସ୍ଥିତିରେ ତାହା ଆଦୌ ସମ୍ଭବ ନୁହେଁ । ତେଣୁ ସେ ବର୍ତ୍ତମାନ ଯେଉଁସବୁ ବସ୍ତୁ ପ୍ରତି ଆସକ୍ତ ହୋଇ ରହିଛି, ଆପଣା ଅନ୍ତର ମଧ୍ୟରୁ ପ୍ରେରିତ ହୋଇହିଁ ତାକୁ ସେଗୁଡ଼ିକୁ ପରିତ୍ୟାଗ କରିବାକୁ ପଡ଼ିବ, କାରଣ ତେବେଯାଇ ସେ ସେଗୁଡ଼ିକର ପ୍ରକୃତ ସ୍ୱରୂପସମ୍ପର୍କିକୁ ଲାଭ କରିପାରିବ । ବାହ୍ୟ ବସ୍ତୁତ୍ୟାଗ ଆଦୌ ଅସଲ ତ୍ୟାଗ ନୁହେଁ; ତଥାପି କେତେ ସମସ୍ତ ଲାଗି ସେଇଟିର ମଧ୍ୟ ପ୍ରୟୋଜନ ରହିଥାଏ, ଅନେକ ବସ୍ତୁର କ୍ଷେତ୍ରରେ ତାହା ଅପରିହାର୍ଯ୍ୟ ବୋଲି ପ୍ରତିପାଦିତ ହୁଏ ଏବଂ ବେଳେବେଳେ ସକଳ କ୍ଷେତ୍ରରେ ଉପଯୋଗୀ ମଧ୍ୟ ହୋଇଥାଏ । ଏପରିକ ପରିପୂର୍ଣ୍ଣ ବାହ୍ୟ ବସ୍ତୁତ୍ୟାଗକୁ ଆମେ ଦୁଏକ ଏପରି ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟ ବୋଲି ବି କହିପାରିବା, ଆପଣା ଅଗ୍ରଗତିର କୌଣସି ଏକ ଅବସ୍ଥାରେ ଆତ୍ମାକୁ ଯାହାର ମଧ୍ୟଦେଇ ଅବଶ୍ୟ ଗତି କରିବାକୁ ହୋଇଥାଏ । ଅବଶ୍ୟ ଏକଥା ସତ ଯେ ସେଥିରେ ସେହିସବୁ ଆତ୍ମ-ଇଚ୍ଛାକୃତ ହିଂସାଚରଣ ଏବଂ ଉତ୍ପୀଡ଼ନ ଆତ୍ମ-ନିର୍ଯାତନ ଲାଗି ଆଦୌ କୌଣସି ସ୍ଥାନ ରହିବ ନାହିଁ, ଯାହାକୁ କି ଆମ ଭିତରେ ରହିଥିବା ସେହି ପରମ ଦିବ୍ୟତାର କେବଳ ଏକ ବିରୁଦ୍ଧାଚରଣ ବୋଲିହିଁ କୁହାଯିବ । ମାତ୍ର ସଂକ୍ଷେପରେ କଥା ହେଉଛି ଯେ ଏହି ବସ୍ତୁତ୍ୟାଗ ଅଥବା ଆତ୍ମନିବୃତ୍ତିକୁ ସବୁଦା ଏକ ସାଧନରୂପେହିଁ ଜାଣି ରଖିବାକୁ ହେବ, ଅର୍ଥାତ୍ ଏଭଳି ଏକ ସମସ୍ତ ଆସିବ, ଯେତେବେଳେ କି ତାହାର ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ଏଭଳି ଏକ ସମସ୍ତ ଆସିବ ଯେତେବେଳେ କି ବସ୍ତୁ ଆମକୁ ଆଉ କୌଣସିପ୍ରକାର ଜାଲରେ ଆଣି କଦାପି ପକାଇ ପାରିବ ନାହିଁ; କାରଣ ସେତେବେଳେ ଆତ୍ମା କେବଳ ଏକ ବସ୍ତୁରୂପେହିଁ ବସ୍ତୁର ଉପଭୋଗ କରୁ ନଥିବ, ମାତ୍ର ସେହି ବସ୍ତୁଟି ଅଭିବ୍ୟକ୍ତ କରି ଦେଉଥିବା ପରମ ଦିବ୍ୟତାକୁହିଁ ଉପଭୋଗ କରିପାରିବ; ଏବଂ ସେତେବେଳେ ବସ୍ତୁଟିର ବର୍ଜନ କରିବା ଆଦୌ ଆବଶ୍ୟକ ହେବ ନାହିଁ । ଏକ ସମସ୍ତ ଆସିବ ଯେତେବେଳେ କି ଆତ୍ମା ଆଉ ସୂଖକୁହିଁ ଲୋଡ଼ିବ ନାହିଁ, ମାତ୍ର ଖାସ୍ ବସ୍ତୁଟିକୁ ବ୍ୟକ୍ତଗତ ଅଥବା ଦେହିକ ସ୍ତରରେ ଆପଣାର ଅଧିକାରରେ ରଖିବାର କୌଣସି ପ୍ରୟୋଜନ ନଥାଇ ମଧ୍ୟ ତାହା ସମାନ ସ୍ତରରେ ସକଳ ବସ୍ତୁ ମଧ୍ୟରେ ରହିଥିବା ପରମ ଦିବ୍ୟତାର ଆନନ୍ଦକୁ ଅଧିକାର କରି ରହିଥିବ; ଏବଂ ସେତେବେଳେ ଆପଣାଠାରୁ ସୂଖ ଓ ସ୍ପର୍ଶକୁ ନିପିଡ଼ି କରି

'oaob.nitrkl.ac.in' images reprocessed

ରଖିବା ଲଗି ଆଉ କୌଣସି ପ୍ରୟୋଜନ ରହିବ ନାହିଁ । ଯେତେବେଳେ ଆତ୍ମା ଆଉ କୌଣସି ବସ୍ତୁକୁ ଅଧିକାର କରିବା ଲଗି ମନ ବଳାଇବ ନାହିଁ, ମାନ ସକଳ ବସ୍ତୁ ମଧ୍ୟରେ ଅବସ୍ଥିତ ରହିଥିବା ସେହି ଅଦ୍ୱିତୀୟ ପରମ ଆତ୍ମାର ଇଚ୍ଛାନି ଅନୁସାରେହିଁ ଆପଣାକୁ ସତେଜନ ଜ୍ଞାନରେ ପରଶୁଣତ କରୁଥିବ, ସେତେବେଳେ ଆତ୍ମନବୃତ୍ତି ଲଗି ଆଉ କୌଣସି ଅବକାଶ ନଥିବ । ଏବଂ ସେତକବେଳେ ଆମେ ସକଳ ନସ୍ୱମବନ୍ଧତାରୁ ମୁକ୍ତ ହୋଇଯିବା ଏବଂ ପରମ ଚନ୍ନସ୍ତାର ଅବାଧତା ମଧ୍ୟରେ ବିଚରଣ କରିପାରିବା ।

ପାପ ଓ ଅକଲ୍ୟାଣ କହି ଆମେ ଯାହା ଉପରେ ଅପବାଦ ଦେଇଥାଉ, ଆମର ଯାତ୍ରାପଥରେ କେବଳ ତାହାକୁ ଯେ ପଛରେ ଗୁଡ଼ ଗୁଳ ଆସିବାକୁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ ତା' ନୁହେଁ, ମାନ ଯାହା ଆମକୁ କଲ୍ୟାଣ ପର ବୋଧ ହେଉଛି ଏବଂ ଯାହା ପ୍ରକୃତରେ ସେହି ଏକମାନ କଲ୍ୟାଣ ନୁହେଁ, ସେଇଟିକୁ ମଧ୍ୟ ପଛରେ ପଳାଇଦେଇ ଆସିବା ଲଗି ପ୍ରସ୍ତୁତ ହେବାକୁ ପଡ଼ିବ । ଏପର ଅନେକ ବସ୍ତୁ ରହିଛି, ଯାହାକି ଏକଦା କଲ୍ୟାଣକାଶ୍ଚ ଓ ସହାସ୍ଥକ ହୋଇ ରହିଥିଲେ ଓ ଏପରକ ଏକଦା ଏକମାନ କାମ୍ୟ ବୋଲିହିଁ ମନେ ହେଇଥିଲେ; ମାନ ସେଗୁଡ଼ିକର କାର୍ଯ୍ୟଟି ସରିଯିବା ପରେ, ସେଗୁଡ଼ିକ ସିଦ୍ଧ ହୋଇଯିବା ପରେ ସେଗୁଡ଼ିକ କେବଳ ଗୋଟିଏ ଗୋଟିଏ ପ୍ରତବନ୍ଧକରେହିଁ ପରଣତ ହେବାକୁ ଲଗନ୍ତି ଏବଂ ଯେତେବେଳେ ସେଗୁଡ଼ିକର ସୀମାକୁ ଅତିକ୍ରମ କରି ଆମ ଲଗି ଆଡ଼ରେ ଆଗକୁ ଗତିଯିବାର ଅନୁଧାନ ଅସେ, ସେତେବେଳେ ସେଗୁଡ଼ିକ ବୈଷୟିକ ପର ମଧ୍ୟ କାର୍ଯ୍ୟ କରିଥାନ୍ତି । ସେଗୁଡ଼ିକ ଯେ ଏହି ଆତ୍ମା ଲଗି ଗୋଟିଏ ଗୋଟିଏ କାମ୍ୟ ଅବସ୍ଥାରୂପେ କାର୍ଯ୍ୟ କରନ୍ତି, ସେଥିରେ କୌଣସି ସନ୍ଦେହ ନାହିଁ; ମାନ ସେଗୁଡ଼ିକ ଉପଲବ୍ଧି ଓ ଆସ୍ୱାଦ ହୋଇସାରିବା ପରେ ତଥାପି ସେହିଗୁଡ଼ିକୁହିଁ ଆଦରି ଧରି ପଡ଼ିରହିବା କେବଳ ଉପଦ୍ରବକ ବୋଲିହିଁ ସାବ୍ୟସ୍ତ ହୋଇଥାଏ । କାରଣ ସେତେବେଳେ ଆମେ ସେହି ସୀମାର ଅପାତ ହୋଇ ଅବସ୍ଥିତ ରହିଥିବା ପରମେଶ୍ୱରଙ୍କର ବୃହତ୍ତର ସାମାନ୍ୟଟି ମଧ୍ୟକୁ ଉତ ଦଇ ଯାଇ ପାରିବାକୁ ଅସମର୍ଥ ହୋଇ ରହିଯାଇ । ଏପରକ ଦବ୍ୟ ଉପଲବ୍ଧିଗୁଡ଼ିକୁ ମଧ୍ୟ ଜାବୁଡ଼ି ଧରି ପଡ଼ିରହିବା କଦାପି ଉଚତ ନୁହେଁ; ଯଦି ସେଗୁଡ଼ିକ ତା'ର ଅପଣାର ପୂର୍ଣ୍ଣ ସମଂଗତତା ଭଆ ପରପୂର୍ଣ୍ଣତାରେ ସେହି ଦବ୍ୟ ଉପଲବ୍ଧିର ସମବାଚୀ ହୋଇ ନଥାଏ, ତେବେ ସେଇଠାରେ ଅଟକ ରହିଯିବା ଆଦୌ ଉଚତ ନୁହେଁ । କେବଳ ସେହି ପରମ ସକଳସ୍ୱରୂପଙ୍କ ବ୍ୟପ୍ତତ ଆମେ ଆଉ କେଉଁଠିହେଲେ ଅଟକ ରହିବା ନାହିଁ, ସେହି ପୂର୍ଣ୍ଣ ଓ ପରମ ବସ୍ତୋତ୍ତୀର୍ଣ୍ଣତାର ଉପଲବ୍ଧି ପୂର୍ବରୁ ଆଉ କେଉଁଠାରେ ହେଲେ ଲଟି ରହିଯିବା ନାହିଁ । ଏବଂ ଏହିପର ସ୍ୱରେ ଆପଣାର ଚଦ୍ଗତ କ୍ଷେତ୍ରରେ ପୂର୍ଣ୍ଣମୁକ୍ତ ହୋଇପାରିଲେ ଯାଇ ଆମେ ପରମେଶ୍ୱରଙ୍କର ସକଳ କୃତର

'oaob.nitrkl.ac.in' images reprocessed

ସକଳ ବସ୍ତୁକୁ ଆବଶ୍ୟକ କରିପାରିବା; ସେତେବେଳେ ଆମେ ଏକଥାଟି ମଧ୍ୟ ଜାଣିବାକୁ ପାଇବା ଯେ ଅନ୍ତଃପ୍ରେରିତ ଜୀବରେ ସବୁକିଛିକୁ ବର୍ଜନ କରି ଆମେ ପ୍ରକୃତରେ କିଛିହେଲେ ହରାଇ ନାହୁଁ । "ଏହି ସବୁକିଛିକୁ ତ୍ୟାଗ କର ତୁମେ ସେହି ପରମ ସକଳସ୍ୱରୂପଙ୍କୁ ଉପଭୋଗ କରିବାର ଅଧିକାର ଅର୍ଜନ କରିପାରିବ ।" କାରଣ ସବୁକିଛି ଆମର ଲଗି ସଂରକ୍ଷିତ ହୋଇ ରହିଛି, ସବୁକିଛି ଆମକୁହିଁ ପୁନଃପ୍ରାପ୍ତ ହେଇଛି; ମାତ୍ର ଏହି ପୁନଃପ୍ରାପ୍ତିର ପ୍ରକ୍ରିୟାଟି ମଧ୍ୟରେ ବଡ଼ ଚମତ୍କାର ଜୀବରେ ସବୁ ଭାଙ୍ଗର ସେହି ପରମ ସତ୍ୟ-କଲ୍ୟାଣ, ସତ୍ୟ-ସୌନ୍ଦର୍ଯ୍ୟ, ସତ୍ୟ-ଆଲୋକ ଓ ସତ୍ୟ-ଆନନ୍ଦରେହିଁ ପରିବର୍ତ୍ତିତ ତଥା ରୂପାନ୍ତରିତ ହୋଇଯାଇଛି । ଏବଂ ସେହି ପରମ ସକଳଜଦାନ ସଦାବା ପୂର୍ଣ୍ଣଶୁଦ୍ଧ ଓ ଅନନ୍ତ ହୋଇ ରହିଛନ୍ତି ଏବଂ ଭାଙ୍ଗର ସେହି ରହସ୍ୟ ଓ ଅଦ୍ଭୁତସାଧନ କାଳ କାଳ ବିତିଗଲେ ମଧ୍ୟ ତଥାପି ଅବାରିତ ହୋଇ ରହିଛି ।

'oaob.nitrkl.ac.in' images reprocessed

ଷଷ୍ଠ ପରିଚ୍ଛେଦ

ନାନା ଜ୍ଞାନମାର୍ଗର ସମନ୍ୱୟ

ଅତୀତ ଆରୁ ଆମେ ଧ୍ୟାନ ବା ଅଭ୍ୟନ୍ତରୀଣ ସାଧନାସ୍ୱ ସମ୍ଭାବନା ବହୁତ ଯେପରି ଜାହାର ବିସ୍ତୃତ କରିଥିଲୁ, ସେହିପରି ପୁସ୍ତକର୍ତ୍ତୀ ପରିଚ୍ଛେଦଟିରେ ଆମେ ତାହାର ବ୍ୟାପକତମ ସାଧାରଣ ବିସ୍ତାରର ଭୂମି ଉପରେ ବିଷୟଟିମାନର ମଧ୍ୟ ଆଲୋଚନାଟି କରିଛୁ । ଏଥିରେ ଯାହାକିଛୁ କୁହାଯାଇଛୁ, ସେହି କାରଣରୁ ଜ୍ଞାନମାର୍ଗର କ୍ଷେତ୍ରରେ ତାହା ଯେପରି ପ୍ରଯୁଜ୍ୟ ହୋଇପାରିବ, କର୍ମ ଓ ଭକ୍ତିମାର୍ଗର କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ପ୍ରଯୁଜ୍ୟ ହୋଇପାରିବ । କାରଣ ଉତ୍ତୋଳିଘାତ ଯୋଗରେ ଅଭ୍ୟନ୍ତରୀଣ ପ୍ରସ୍ତୋଜନ ରହିଛୁ, ବିଷୟଟିମାନର ପ୍ରସ୍ତୋଜନ ମଧ୍ୟ ରହିଛୁ; ଅବଶ୍ୟ ଏକଥା ନିଶ୍ଚିତ ଯେ ଉତ୍ତୋଳିଘାତ କ୍ଷେତ୍ରରେ ସେମାନଙ୍କର ଯେଉଁପରି ସ୍ତରରେ ପ୍ରସ୍ତୋଗ କରାଯିବ, ସେଥିରେ ତୁଳନାତ କିଛୁ ନା କିଛୁ ପାର୍ଥକ୍ୟ ଅବଶ୍ୟ ରହିବ । ମାତ୍ର ବର୍ତ୍ତମାନ ଆମେ ଅଧିକ ବିଶେଷ ସ୍ତରରେ ଜ୍ଞାନମାର୍ଗର ପ୍ରକୃତ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରିବା, ଯେଉଁଠାରେ କି ଅନ୍ତତଃ କରି ପାରିବାକୁ ହେଲେ ଆମକୁ ଅଭ୍ୟନ୍ତରୀଣ ଓ ବିଷୟଟିମାନର ଦୁଇଟିଘାତ ସାମର୍ଥ୍ୟକୁ ସହାସ୍ୱକରୂପେ ଗ୍ରହଣ କରିବାକୁ ପଡ଼ିବ । ବ୍ୟାବହାରିକ ସ୍ତରରେ ବିସ୍ତୃତ କରି ଦେଖିଲେ, ଯେଉଁ ଶିଡ଼ିଟି ଦେଇ ଆତ୍ମା ଏହି ଜଡ଼ସ୍ଥ ଅସ୍ତିତ୍ୱ ମଧ୍ୟକୁ ଅବତରଣ କରି ଅସିଛୁ, ଏହି ମାର୍ଗଟି ଜାଣିଲେ ବସ୍ତୁତଃ ସେହି ବୃହତ୍ତର ଶିଡ଼ିଟି ଧରି ପୂର୍ଣ୍ଣ ଉପରକୁ ଆରୋହଣ କରିଯିବାକୁହିଁ ବୁଝାଇବ ।

ଆମର ପ୍ରକୃତ ଆତ୍ମ-ଅସ୍ତିତ୍ୱଟି ମଧ୍ୟକୁ ଆତ୍ମାର ପୁନରୁଦ୍ଧାର କରିନେବାକୁହିଁ ଆମେ ଜ୍ଞାନର ଅସଲ ଲକ୍ଷ୍ୟ ବୋଲି କହିଥା । ଏବଂ ଏହି ଲକ୍ଷ୍ୟଟି ସହିତ ଆମକୁ ଏକଥା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଆମେ ବର୍ତ୍ତମାନ ସଚ୍ଚୋଟତ ଯେଉଁ ଅବସ୍ଥାଟିରେ ରହିଛୁ, ତାହା କଦାପି ଆମର ପ୍ରକୃତ ଆତ୍ମ-ଅସ୍ତିତ୍ୱ ନୁହେଁ । ବାହ୍ୟଦେହ ସ୍ତରରେ ଆମେ ଏହି ବିଶ୍ୱଜାତତ ପ୍ରକ୍ଷେଲତାର ଗଣ୍ଠିକୁ ଏକାବେଳକେ କାଟି ପକାଇଥିବା ଯୁକ୍ତିଣ ସମାଧାନଗୁଡ଼ିକୁ ପ୍ରକୃତ ସମାଧାନ ନୁହେଁ

'oaob.nitrkl.ac.in' images reprocessed

ବୋଲି ଆଉରୁ ବର୍ଜନ କରି ଗ୍ଭଲିଆସିଛୁ । ଏହି ବଶ୍ୱଜଗତ କହିଲେ ଆମେ ତାହାକୁ ପ୍ରକୃତର ଶବ୍ଦ ଦ୍ୱାରା ସୃଷ୍ଟ ହୋଇଥିବା ଭୌତିକ ପ୍ରତିବାସର କେବଳ ଏକ କଲ୍ପନା ବୋଲି ଆଦୌ ସ୍ୱୀକାର କରୁ ନାହୁଁ, ଅଥବା ତାହାକୁ କେବଳ ଏହି ମନ ଦ୍ୱାରା ଏଠାରେ ଆଣି ରଖିଛିଆ ଯାଇଥିବା ଏକ ଅବାସ୍ତବତା ବା ଅସତ୍ୟ ବୋଲି ଭାବୁ ନାହୁଁ କିଂବା ଇନ୍ଦ୍ରିୟବୋଧ, ଇନ୍ଦ୍ରିୟଧାରଣା ତଥା ଇନ୍ଦ୍ରିୟଧାରଣା ଏବଂ ଇନ୍ଦ୍ରିୟବୋଧର କେବଳ ଗୋଟାଏ ସମାହାରରୂପେ ଆଦୌ ବୁଝୁ ନାହୁଁ, ଯାହାପଛରେ କି ଏକ ବୃହତ୍ତ୍ୱ ପରମ ଶୂନ୍ୟତା ଅଥବା ଏକ ବୃହତ୍ତ୍ୱ ଆନନ୍ତମୟ ପରମ ଶୂନ୍ୟରାଶି ଅବସ୍ଥିତ ରହିଛୁ ଏବଂ ଚରନ୍ତନ ଅନସ୍ତିତ୍ୱକୁହିଁ ଆମର ଯଥାର୍ଥ ସତ୍ୟରୂପେ ଗ୍ରହଣ କରି ତାହାର ଉପଲବ୍ଧି ଲାଗି ପ୍ରସ୍ତାସରତ ହୋଇ ରହିବା ବ୍ୟତୀତ ଏଠାରେ ଆମର ଆଉ କିଛୁହେଲେ କରିବାକୁ ନାହିଁ । କାରଣ ଆମେ ପରମ ଆତ୍ମାକୁ ଏକ ସତ୍ୟରୂପେ ଗ୍ରହଣ କରିନେଇଛୁ ଏବଂ ଏହି ବଶ୍ୱଜଗତକୁ ସେହି ପରମ ଆତ୍ମାର ଏକ ସତ୍ୟରୂପେ ଗ୍ରହଣ କରିନେଇଛୁ; ଏହି ବଶ୍ୱଜଗତକୁ ଆମେ ସେହି ପରମ ଆତ୍ମାର ଚେତନାରହିଁ ଏକ ସତ୍ୟରୂପେ ଗ୍ରହଣ କରିଛୁ ଏବଂ କେବଳ ଜଡ଼ସାମର୍ଥ୍ୟ ଓ ଜଡ଼ଗତ ରୂପାସ୍ତନରହିଁ ଏକ ସତ୍ୟରୂପେ ଗ୍ରହଣ କରି ନାହୁଁ; ମାତ୍ର ତଥାପି କୌଣସି କମ୍ ନଶ୍ଚିତତା ସହିତ ନୁହେଁ, ବରଂ ଆହୁରି ଅଧିକ ନଶ୍ଚିତ ଭାବରେହିଁ ସେହି କାରଣଟିରୁ ଆମେ ତାହାକୁ ଗୋଟିଏ ସତ୍ୟରୂପେ ଗ୍ରହଣ କରିନେଇଛୁ । କନ୍ତୁ, ଏହି ବଶ୍ୱଜଗତ କୌଣସି କଲ୍ପନାମାତ୍ର ନହୋଇ ପ୍ରକୃତରେ ଏକ ସତ୍ୟ ହୋଇଥିଲେହେଁ, ବ୍ୟକ୍ତ-ଆତ୍ମାର କୌଣସି କଲ୍ପନା ନହୋଇ ତାହା ସେହି ଦିବ୍ୟ ତଥା ବଶ୍ୱଗତ ସତ୍ତାଙ୍କରହିଁ ଏକ ସତ୍ୟ ହୋଇଥିଲେହିଁ ଏହି ଜଗତ ମଧ୍ୟରେ ଆମର ଅସ୍ତିତ୍ୱକୁ ଆମେ କେବଳ ଅଜ୍ଞାନରହିଁ ଏକ ସ୍ଥିତ ବୋଲି କହିବା, ତାହାକୁ ଆମ ସତ୍ତାର ଯଥାର୍ଥ ସତ୍ୟ ବୋଲି କଦାପି କହିବା ନାହିଁ । ଆମ ଜଳ ବସତ୍ୱରେ ଆମର କେବଳ ଏକ ମିଥ୍ୟା ଅବବୋଧହିଁ ରହିଛୁ; ଆମେ ପ୍ରକୃତରେ ଯେଉଁ ନୋଟ୍ଟ, ଆପଣାକୁ ଠିକ୍ ସେହିପରହିଁ ଦେଖୁଛୁ । ଆପଣା ପରବେଶଟି ସହିତ ଆମେ ଏକ ମିଥ୍ୟା ସମ୍ବନ୍ଧରେହିଁ ବାସ କରିବାରେ ଲାଗିଛୁ; କାରଣ ଏହି ବଶ୍ୱଜଗତ ତଥା ଆମ ଜଳର ଯଥାର୍ଥ ସତ୍ତାଟି ବସତ୍ୱରେ ଆମର ଆଦୌ କୌଣସି ଜ୍ଞାନ ନାହିଁ । ବବର୍ତ୍ତନଶୀଳ ଅହଂଟିର ସୁବିଧା ପକାଇ ଆତ୍ମା ଓ ପ୍ରକୃତ ପରସ୍ପର ଭିତରେ ଯେଉଁ ସାମଞ୍ଜିକ ଜଲ୍ପନାଟିକୁ ପ୍ରତିଷ୍ଠା କରି ରଖିଛନ୍ତି, ତାହାର ଉପରେ ପର୍ଯାବସିତ ଏକ ବଡ଼ ଅସୁସ୍ତିକାସୁସ୍ତି ଦୃଷ୍ଟିରେହିଁ ଆମେ ଜଗତକୁ ଜାଣୁଛୁ ଏବଂ ଆପଣାକୁ ଜାଣୁଛୁ । ଏବଂ ଏହି ମିଥ୍ୟାରୁ ଏକ ସାଧାରଣ ବକୃତ ଜନ୍ମଲାଭ କରୁଛୁ, ଏକ ସହରାଧତା ଏବଂ ଦୁଃଖଭୋଗ ଜନ୍ମଲାଭ କରୁଛୁ ଯାହାକି ପ୍ରତ୍ୟେକ ପଦକ୍ଷେପରେ ଆମର ଅନ୍ତର୍ଗତ ଜୀବନକୁ ତଥା ଆମ ପରବେଶଟି ସହିତ ଆମର ସମ୍ବନ୍ଧଗୁଡ଼ିକୁ ଅବରୋଧ କରି ରଖୁଛୁ । ଆମର

'oaob.nitrkl.ac.in' images reprocessed

ବ୍ୟତୀତ ତଥା ସାମୂହିକ ଜୀବନ, ଆମ ଜଳ ସହିତ ତଥା ଆମର ସହଗାମୀ ଅନ୍ୟ ମଣିଷଙ୍କ ସହିତ ଆମର ସକଳ ସମ୍ପର୍କ କେବଳ ଏକ ମିଥ୍ୟା ଉପରେହିଁ ଦଣ୍ଡାୟମାନ ରହିଛୁ ଏବଂ ସେହି କାରଣରୁ ସେଗୁଡ଼ିକର ସ୍ୱୀକୃତ ମାତ୍ର ଓ ପଦ୍ଧତିଗୁଡ଼ିକରେ ମଧ୍ୟ ତାହା କେବଳ ମିଥ୍ୟା ହୋଇ ରହିଥିବ; ଅବଶ୍ୟ ଏକଥା ସତ ଯେ ଏହିସବୁ ମିଥ୍ୟା ଓ ଭୁଲ୍ ଉତ୍ତର ଦେଇ ଏକ ନମନଭର୍ତ୍ତମାନ ସତ୍ତ୍ୟ ଆପଣାକୁ ଅଭିବ୍ୟକ୍ତ କରିବା ଲଗି ଅନବରତ ପ୍ରୟାସ କରିବାରେ ଲଗିଛୁ । ଏହି କାରଣରୁହିଁ ମନୁଷ୍ୟ ଲଗି ଜୀବନ ଏତେବେଶୀ ମହତ୍ତ୍ୱ ରହିଛୁ । ଜୀବନ କହିଲେ ଏଠାରେ ଆମ ଜୀବନରେ ଜାମରେ ଆସୁଥିବା ବ୍ୟାବହାରିକ ଜୀବନକୁ ଆଦୌ ବୁଝାଇ ଚାହିଁ; ମାତ୍ର କେବଳ ସେହି ଗଭୀରତମ ଆତ୍ମଜ୍ଞାନ ତଥା ଭଉତ୍ତଜ୍ଞାନକୁହିଁ ବୁଝାଉଛୁ, କେବଳ ଯାହାର ଭିତ୍ତି ଉପରେହିଁ ଏକ ଯଥାର୍ଥ ଜୀବନଗଠନ। ପ୍ରତିଷ୍ଠିତ ହୋଇ ରହିପାରିବ ।

ଏକ ମିଥ୍ୟାମୂଳ ଭଦାସୃଜଭାରୁହିଁ ଏହି ଭୁଲ୍ସୃଷ୍ଟି ଜନ୍ମଲାଭ କରୁଛୁ । ଆପଣାର ଜଡ଼ସ୍ଥ ଏକଦୃଷ୍ଟି ମଧ୍ୟରେ ପ୍ରକୃତ ପରମ୍ପରଠାରୁ ବଚ୍ଛିନ୍ନ ହୋଇ ପ୍ରଖ୍ୟତ ହେଇଥିବା ଏହିସବୁ ନାନା ଶସ୍ତ୍ରର ସୃଷ୍ଟି କରି ରଖିଛୁ ଯାହାକୁ କ ଜଡ଼ପ୍ରକୃତ ମଧ୍ୟରେ ଅଭିବ୍ୟକ୍ତ ହୋଇ ରହିଥିବା ଆତ୍ମା ଆପଣା ମଧ୍ୟରେ ଆବୃତ କରି ଧରିଛୁ; ସେହି ଆତ୍ମା ତାହା'ର ମଧ୍ୟରେ ବାସ କରୁଛୁ, ତାହାକୁହିଁ ଅଧିକାର କରି ରହିଛୁ ଓ ତାକୁ ଆପଣା କାର୍ଯ୍ୟରେ ଲଗାଇଛୁ । ଆତ୍ମବସ୍ତୁ ତ ହୋଇ ଆତ୍ମା ଜଡ଼ ମଧ୍ୟରେ କେବଳ ଏହି ଗୋଟିଏ ଉଣ୍ଡିକୁ ଅନୁଭବ କରିପାରୁଛୁ ଏବଂ "ମୁଁ କେବଳ ଏହି ଶସ୍ତ୍ରର" ହୋଇ ରହିବାରେ ଲଗିଛୁ । ସେ ଆପଣାକୁ ଶସ୍ତ୍ରର ହୋଇ ଜ୍ଞାନୁଛୁ, ସେହି ଶସ୍ତ୍ରର ସହିତହିଁ ତଦ୍ଭାବେଗ କରୁଛୁ, ଶସ୍ତ୍ରର ସହିତ ପ୍ରଖ୍ୟବେଗ କରୁଛୁ, ଶସ୍ତ୍ରର ସହିତ ଜନ୍ମଲାଭ କରୁଛୁ ଓ ଶସ୍ତ୍ରର ସହିତହିଁ ବଳସ୍ଥ ଲାଭୁଛୁ । ଅଥବା, ଆପଣାର ଆତ୍ମ-ଅଭିବୃଦ୍ଧିକୁ ସେ କେବଳ ଏହିପରି ଜ୍ଞାନରେହିଁ ଦେଖୁଛୁ । ପୁନଶ୍ଚ, ଆପଣାର ବଶ୍ୱଗତ ଜୀବନର ଏକତ୍ୱ ମଧ୍ୟରେ ପ୍ରକୃତ ପରମ୍ପରଠାରୁ ବଚ୍ଛିନ୍ନ ହୋଇ ପ୍ରଖ୍ୟତ ହେଇଥିବା ପ୍ରାଣର କେତେକେତେ ପ୍ରବାହ ସୃଷ୍ଟି କରି ରଖିଛୁ ଯେଉଁଗୁଡ଼ିକ କ ପ୍ରତ୍ୟେକ ଶସ୍ତ୍ରର ଚତୁର୍ଦ୍ଦିଗରେ ଏବଂ ପ୍ରତ୍ୟେକ ଶସ୍ତ୍ର ମଧ୍ୟରେ ଆପଣାକୁ ପ୍ରାଣମସ୍ତ୍ତାର ଏକ କୁଣ୍ଡଳୀରୂପେ ରୂପାୟିତ କରି ରଖିଛନ୍ତି ଏବଂ ପ୍ରାଣଗତ ପ୍ରକୃତ ମଧ୍ୟରେ ଅଭିବ୍ୟକ୍ତ ହୋଇ ରହିଥିବା ଆତ୍ମା ସେହି ପ୍ରବାହଗୁଡ଼ିକୁ ଯାଇ ଧରି ପକାଇଛୁ ଏବଂ ସେହି ପ୍ରବାହଗୁଡ଼ିର ଦ୍ୱାରୁଡ଼ରେ ଜଳେ ଯାଇ ପଡ଼ିଯାଇଛୁ; ଜୀବନର ସେହି ଷ୍ଟ ଦ୍ ଘୂର୍ତ୍ତିପୁକ୍ତ କୁଣ୍ଡଳୀ ଭିତରେ ସାମୟିକ ଭାବରେ ବନ୍ଦ ହୋଇ ରହିଛୁ । ତଥାପି ଆତ୍ମବସ୍ତୁ ତ ହୋଇ ସେହି ଆତ୍ମା "ମୁଁ କେବଳ ଏହି ପ୍ରାଣ" ହୋଇ ରହିବାରେ ଲଗିଛୁ; ସେ ଆପଣାକୁ ପ୍ରାଣ ହୋଇ ଜ୍ଞାନୁଛୁ, ପ୍ରାଣର କାମନା ତଥା ବାସନାଗୁଡ଼ିକ ସହିତ ସ୍ୱଂ କାମନା କରିବାରେ ଲଗିଛୁ, ସେହି ପ୍ରାଣର ସୁଖ ମଧ୍ୟରେ ସ୍ୱଂ ଲେଖି ରହିଛୁ, ତାହାର ଛନ୍ଦଗୁଡ଼ିକ ସହିତ ଆପେ ରଭାକୁ ହୋଇ ନଚୁଛୁ ଏବଂ ତାହାର

'oaob.nitrkl.ac.in' images reprocessed

ଗତସ୍ପନ୍ଦନଗୁଡ଼ିକ ସହିତ ସ୍ୱୟଂ ଧାବମାନ ହେଉଛୁ କିଂବା ଦୃଶ୍ଟି କର କରୁଡ଼ୋଇ ପଡ଼ୁଛୁ । ଯଦ୍ୟ ସେତେବେଳେ ମଧ୍ୟ ତାହା ତଥାପି ପ୍ରଧାନତଃ ଦେହବୋଧଟି ଦ୍ୱାରଦ୍ୱାରି ଶାସିତ ହେବାରେ ଲଗିଛୁ, ତେବେ ତାହା ଆପଣାର ଅସ୍ତିତ୍ୱଟିକୁ ସେହି କୁଣ୍ଡଳୀଟି ସହିତ ଏକାତ୍ମକ ବୋଲ ଭାବୁଛୁ ଏବଂ ଭାବୁଛୁ, "ଏହି କୁଣ୍ଡଳୀଟି ଆପଣାକୁ ଯେଉଁ ଶସ୍ତ୍ରରଟିର ସ୍ପରପାଖରେ ଗଠନ କର ରଖିଛୁ, ସେହି ଶସ୍ତ୍ରରଟିର ବଲସ୍ୱ ଘଟିବା ସହିତ ଯେତେବେଳେ ଏହି କୁଣ୍ଡଳୀଟି ମଧ୍ୟ ବଳସ୍ୱ ଲଭିବ, ସେତେବେଳେ 'ମୋର' ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ ।" ସୃଷ୍ଟିଟିକୁ ଉଥାର କର ରଖିଥିବା ପ୍ରାଣର ପ୍ରବାହଟିକୁ ଅନୁଭବ କରପାରିବା ଲଗି ତାହାର ସାମର୍ଥ୍ୟ ରହିଥିଲେ ତାହା ଆପଣାକୁ ସେହି ପ୍ରବାହଟି ବୋଲ ଭାବିନେଇଛୁ ଏବଂ କହିବାରେ ଲଗିଛୁ, "ମୁଁ ଏହି ପ୍ରାଣର ପ୍ରବାହ; ଦେହଟିକୁ ଅଧିକାର କରିବା ଲଗି ମୁଁ ଦେହ ଭିତରେ ପ୍ରବେଶ କରିଛି, ତା'ପରେ ମୁଁ ଏଇଟିକୁ ଛାଡ଼ି ଅନ୍ୟ ଅନେକ ଶସ୍ତ୍ରରକୁ ଅଧିକାର କରିବା ଲଗି ମଧ୍ୟ ସେଗୁଡ଼ିକ ମଧ୍ୟରେ ପ୍ରବେଶ କରିବି : ମୁଁ ହେଉଛି ଏକ ଅବିନାଶୀ ଓ ସରବ୍ୟାପ୍ତ ପ୍ରାଣ ସିଏକ ପୁନର୍ଜନ୍ମର ଏକ ଅବିଚ୍ଛିନ୍ନ ଚକ୍ରରେ ନସ୍ତତ ଘୂରିବାରେ ଲଗିଛି ।"

ପୁଣି ପ୍ରକୃତି ଆପଣା ଭିତରେ ଏକ ମନୋମସ୍ୱ ଏକତ୍ୱ ମଧ୍ୟ ସୃଷ୍ଟି କର ରଖିଛି; ବଶ୍ୱଗତ ମନୋମସ୍ୱତାର ଭୂମି ଉପରେ ପରସ୍ପରଠାରୁ ସଭେଅବା ବିଚ୍ଛିନ୍ନ ବୋଲ ପ୍ରତୀତ ହେଉଥିବା ମନୋଭାବାପନ୍ନତାର ଗୋଟିଏ ଗୋଟିଏ ଡାଇନାମୋ ଉଥାର କର ରଖିଛି, ମନୋଗତ ସାମର୍ଥ୍ୟ ତଥା ମନୋଗତ ଜିଦ୍ୱାସ୍ପଦତାର ଉତ୍ପାଦନ, ଭରଣ ଓ ପୁନର୍ବିଲସ୍ୱନ ଲଗି ଏହି ଡାଇନାମୋଗୁଡ଼ିକୁ ପଭେଅବା ସହିତ କାର୍ଯ୍ୟ କରୁଥିବା ଗୋଟିଏ ଗୋଟିଏ କେନ୍ଦ୍ରରେ ପରତ୍ତ କର ରଖିଛି, ମାନସିକ ସମ୍ବାଦପ୍ରେରଣବ୍ୟବସ୍ଥାରେ ସଭେଅବା ଗୋଟିଏ ଗୋଟିଏ ଷ୍ଟେସନ୍ ପର ଉଥାର କର ରଖିଛି, ଯେଉଁଠାରେ କ ସମ୍ବାଦ ବା ସନ୍ଦେଶଗୁଡ଼ିକର କଳ୍ପନା କରିଯାଇଛୁ, ସେଗୁଡ଼ିକ ଲପିବଦ୍ଧ ହୋଇ ରହୁଛୁ, ପ୍ରେରତ ଓ ପ୍ରାପ୍ତ ହେଉଛୁ, ଓ ସେଗୁଡ଼ିକର ଅର୍ଥ ବାହାର କରିଯାଇଛୁ । ଏବଂ ଏହିସବୁ ସନ୍ଦେଶ ଓ ଏହିସବୁ ଜିଦ୍ୱା ପ୍ରକୃତରେ ଅନେକ କମର ହୋଇ ରହିଛୁ; ସେଥି ଭିତରୁ କେତେକ ଇନ୍ଦ୍ରିସ୍ୱବୋଧକୁ ଆଶ୍ରସ୍ୟ କର ରହିଛୁ, କେତେକ ଫଳେଗରୁ ଜନ୍ମଲଭ କରୁଛୁ, କେତେକ ଅବବୋଧରୁ ସୃସ୍ତ ହେଉଛୁ, ପୁଣି ଆଉ କେତେକ ଫଳୋଧ୍ୱ ମଧ୍ୟରୁ ପ୍ରେରତ ହୋଇ ଆସୁଛୁ । ଏବଂ ମନୋମସ୍ୱ ପ୍ରକୃତ ମଧ୍ୟରେ ଅଭିବ୍ୟକ୍ତ ହୋଇ ରହିଥିବା ଆତ୍ମା ଏହି ସବୁଗୁଡ଼ିକୁ ଗ୍ରହଣ କରନେଇଛୁ, ଆପଣାର ବଶ୍ୱାବଲୋକନରେ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇଛୁ, ସେଗୁଡ଼ିକର ଅଭିଘାତଗୁଡ଼ିକୁ ପ୍ରତ୍ୟେପିତ କରଦେଲ୍ଲ ପରି ଓ ଲଭ କଲ୍ଲ ପରି ଅନୁଭବ କରୁଛୁ ଏବଂ ସେଗୁଡ଼ିକର ପରଣାମଗୁଡ଼ିକୁ ତ୍ତେଗ କରିବାରେ ଲଗିଛୁ ଅଥବା ସେଗୁଡ଼ିକୁ ନିଜର ଅନ୍ତଆର ଭିତରକୁ ନେଇଆସି ପାରୁଛୁ । ଏହିସବୁ ଡାଇନାମୋର ଭୂମିଟିକୁ

'oaob.nitrkl.ac.in' images reprocessed

ପ୍ରକୃତ ଆପେ ଗଠନ କରି ରଖିଥିବା ଭୌତିକ ଶରୀରଗୁଡ଼ିକରେ ପ୍ରତିଷ୍ଠିତ କରି ରଖିଛି, ଏହିସବୁ ଶରୀରକୁ ସେ ଆପଣା ସ୍ୱେସନ୍‌ଗୁଡ଼ିକ ଲଗି ଭୂମିରୂପେ ବ୍ୟବହାର କରୁଛନ୍ତି ଏବଂ ଏସବୁ ଏକ ସ୍ନାୟୁତନ୍ତ୍ର ବ୍ୟବସ୍ଥା ଦ୍ୱାରା ମନୋମସ୍ତିଷ୍କ ଏନ୍ଦ୍ରମସ୍ତିଷ୍କ ସହିତ ଯୋଡ଼ିକରି ରଖିପାରୁଛନ୍ତି ଯାହାକି ପ୍ରାଣମସ୍ତିଷ୍କ ନାନା ପ୍ରବାହର ଗତିସ୍ପନ୍ଦନ ଦ୍ୱାରା ସଦାସର୍ବଦା ପୂର୍ଣ୍ଣ ହୋଇ ରହିଛନ୍ତି । ଏହି ପ୍ରାଣଗତ ପ୍ରବାହର ଗତିସ୍ପନ୍ଦନଟି ଦ୍ୱାରାହିଁ ମନ ଜଡ଼ଜଗତ ବସ୍ତୁରେ ସଚେତନ ହୋଇପାରୁଛି ଏବଂ ଆପଣାର ଇନ୍ଦ୍ରାତନସ୍ପାମର୍ଥ୍ୟଟିର ଅନୁଯାୟୀ ପ୍ରକୃତିର ପ୍ରାଣମସ୍ତିଷ୍କ ଜଗତଟି ବସ୍ତୁରେ ମଧ୍ୟ ସଚେତନ ହୋଇପାରୁଛି । ତା' ନହେଲେ ମନ ପ୍ରଥମେ ଓ ପ୍ରଧାନତଃ କେବଳ ମନୋମସ୍ତିଷ୍କ ଜଗତଟି ବସ୍ତୁରେହିଁ ସଚେତନ ହେଇଥାନ୍ତା ଏବଂ କେବଳ ସମ୍ବେଦ୍ୟ ସ୍ତରେହିଁ ଭୌତିକ ବସ୍ତୁରେ ଦୃଷ୍ଟିପାତ କରୁଥାନ୍ତା । ମାନ ବର୍ତ୍ତମାନ ସ୍ଥିତି ଯାହା ହୋଇ ରହିଛନ୍ତି, ସେଥିରେ ମନର ଦୃଷ୍ଟି ଦେହ ବସ୍ତୁରେହିଁ ନବଦ୍ଧ ହୋଇ ରହିଛନ୍ତି; କେଉଁ ଭୌତିକ ଜଗତଟି ବସ୍ତୁରେ ସେ ସ୍ୱୟଂ ଅବସ୍ଥାପିତ ହୋଇ ରହିଛନ୍ତି, ତାହାଁର ବସ୍ତୁରେ ନବଦ୍ଧ ହୋଇ ରହିଛନ୍ତି ଏବଂ ଅନ୍ତିତ୍ୱର ଅବଶିଷ୍ଟ ଅଂଶଟି ବସ୍ତୁରେ ସେ କେବଳ ଅତି କ୍ଷୀଣ ସ୍ତରରେ, ସମ୍ବେଦ୍ୟ ସ୍ତରରେ ଅଥବା ଅବଚେତନ ସ୍ତରରେହିଁ ସବ୍ରତ୍ତସମ୍ପନ୍ନ ହୋଇପାରୁଛି । ମନର ସେହି ଅତିବୃହତ୍ ଅବଶିଷ୍ଟ ଅଂଶଟିହିଁ ସେହି ସବ୍ରତ୍ତିକୁ ଲଭ କରିପାରୁଛି, ଯାହା ବସ୍ତୁରେ କି ଆପଣାର ଏହି ଉପସ୍ତରସ୍ଥ ବତରଣରେ ମନ ବସ୍ତୁଭାସ୍ୱ ହୋଇ ରହିଛି, ଯାହାର ସ୍ପନ୍ଦନଗୁଡ଼ିକ ଲଗି ସେ କୌଣସି ପ୍ରତିସ୍ପନ୍ଦନ ଜଣାଇ ପାରୁ ନାହିଁ ।

ଏହି ମନୋମସ୍ତିଷ୍କ ତାଇନାମୋ ଅର୍ଥାତ୍ ସ୍ନେସନ୍‌ଟି ସହିତ ଆତ୍ମା ଆପଣାକୁ ଏକରୂପ କରି ରଖିଛନ୍ତି ଏବଂ "ମୁଁ ଏହି ମନ" ବୋଲି କହିବାରେ ଲଗିଛନ୍ତି । ଏବଂ ମନ ଦେହଗତ ସ୍ପନ୍ଦନଟି ମଧ୍ୟରେ ପ୍ରବିଷ୍ଟ ହୋଇ ରହିଥିବାରୁ ଆତ୍ମା "ମୁଁ ହେଉଛି ଏକ ସ୍ପନ୍ଦନ୍ତ ଦେହ ମଧ୍ୟରେ ବାସ କରୁଥିବା ଏକ ମନ" ବୋଲି ଜ୍ଞାନରେ ଲଗିଛନ୍ତି; ଅଥବା, ତଥାପି ଅଧିକ ସାଧାରଣ ସ୍ତରରେ "ମୁଁ ଏପରି ଗୋଟିଏ ଦେହ ସିଏକ ସ୍ପନ୍ଦନ୍ତ ହୋଇ ରହିଛି ଏବଂ ସ୍ତର ମଧ୍ୟ ପାରୁଛି" ବୋଲି ଜ୍ଞାନରେ ଲଗିଛି । ଏହି ଶରୀରସ୍ଥ ମନର ସ୍ପନ୍ଦନ, ସଂବେଗ ତଥା ଇନ୍ଦ୍ରିୟବୋଧଗୁଡ଼ିକ ସହିତ ଆତ୍ମା ଆପଣାକୁ ଏକରୂପ କରି ପକାଇଛନ୍ତି ଏବଂ ଭଲ୍ପନା କରିବାରେ ଲଗିଛି ଯେ ଶରୀରର ବଲସ୍ଥ ଘଟିବା ସହିତ ଏସବୁର ମଧ୍ୟ ଅବଶ୍ୟ ବଲସ୍ଥ ଘଟିବାକୁ ଯାଉଥିବାରୁ ସିଏ ସ୍ୱୟଂ ବ ସେତେବେଳେ ବଲୁପ୍ତ ହୋଇଯିବ ଓ ତା'ର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ । ଅଥବା, ମନୋମସ୍ତିଷ୍କ ବ୍ୟକ୍ତସ୍ତରାପନ୍ନଭାର ଅନବଚ୍ଛିନ୍ନ ପ୍ରବାହଟି ବସ୍ତୁରେ ସଚେତନ ହୋଇପାରିଲେ ଆତ୍ମା ଆପଣାକୁ ଏସବୁ ଏକ ମନୋରତ ଆତ୍ମାରୂପେ ସ୍ତରବାକୁ ଆରମ୍ଭ କରୁଛନ୍ତି ସିଏକି ଏକ ଶରୀରକୁ ଅଧିକାର କରି ଏଠାରେ ଅବସ୍ଥିତ ରହିଛନ୍ତି ।

'oaob.nitrkl.ac.in' images reprocessed

ଅରେ ହେଉ ଅଥବା ବାରବାର ହେଉ, ସେ ଏକ ଶଙ୍ଖରକୁ ଅଧିକାର କରି ଅବସ୍ଥିତ ରହୁଛନ୍ତି; ଏହି ପୃଥିବୀଗତ ଜୀବନଟିରୁ ସେ ଏହି ପୃଥିବୀର ସୀମା ବାହାରେ ରହିଥିବା କେତେ କେତେ ମନୋମୟ ଜଗତ ମଧ୍ୟକୁ ବାହୁଡ଼ି ଯାଇଛନ୍ତି । କେତେବେଳେ ଏହି ଶଙ୍ଖର ଭିତରେ ରହି ଓ ପୂର୍ଣ୍ଣ କେତେବେଳେ ପ୍ରକୃତର ପ୍ରାଣମୟ ଅଥବା ମନୋମୟ ଭୂମିରେ ଅବସ୍ଥିତ ରହି ମନୋଗତ ଜ୍ୱରରେହିଁ ଯାବତୀୟ ସୁଖ ବା ଦୁଃଖକୁ ଭୋଗ କରିବାରେ ଲଗିଥିବା ଏହି ମନୋମୟ ସୃଷ୍ଟିର ଜରତ୍ତ୍ୱିନ୍ନ ହୋଇ ରହିବାକୁହିଁ ସେ ଆପଣାର ଅବନାଶୀ ବା ମରଣଘ୍ନାନ ଅସ୍ତିତ୍ୱ ବୋଲି କହୁଛନ୍ତି । ଅଥବା, ଯେଉଁ ଅପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହି ମନ ଆତ୍ମେକ ଏବଂ ଜ୍ଞାନରହିଁ ଏକ ଭଉ୍ଚ ହୋଇଥିବାରୁ ଏବଂ ତେଣୁ ଏହାର ସୀମା ବାହାରେ ଯାହାସବୁ ଅବସ୍ଥିତ ରହୁଛନ୍ତି, ତାହା ଉପସ୍ୱରେ କେତେକ ଧାରଣା କରିପାରିବା ଲଗି ଏହାର ସାମର୍ଥ୍ୟ ରହିଥିବାରୁ, ଏହି ମନୋମୟ ସୃଷ୍ଟି ମନୋମୟ ସତ୍ତ୍ୱାର ଅଙ୍ଗଭୂତ ହୋଇ ରହିଥିବା ସମଦୃଷ୍ଟି ମଧ୍ୟକୁ ବଲ୍ଲନ ହୋଇଯିବାର ଏକ ସମ୍ଭାବନାକୁ ମଧ୍ୟ ପ୍ରତ୍ୟକ୍ଷ କରିପାରୁଛନ୍ତି, କୌଣସି ମହାଶୂନ୍ୟ ବା କୌଣସି ଚରନ୍ତାନ ପରମାତ୍ମିତ୍ୱ ମଧ୍ୟରେ ବଲ୍ଲନ ହୋଇଯିବାର ଏକ ସମ୍ଭାବନା ଦେଖିପାରୁଛନ୍ତି ଏବଂ "ମନୋଗତ ଆତ୍ମାରୂପୀ ଏହି ମୁଁ ସେଠାରେ ଯାଇ ବଲ୍ଲନ ହୋଇଯିବି" ବୋଲି କହିବାରେ ଲଗିଛନ୍ତି । ଶଙ୍ଖରସ୍ଥ ମନ ତଥା ପ୍ରାଣମସ୍ତ୍ୱାର ଏହି ବର୍ତ୍ତମାନ ଲୀଲାଟି ପ୍ରତି ତାହାର ଯେଉଁକ ଆସକ୍ତ ରହୁଛନ୍ତି ଅଥବା ସେଇଟି ପାଇଁରୁ ସେ ଯେଉଁକ ଦୂରକୁ ଦୃଷ୍ଟିଯିବାକୁ ଇଚ୍ଛା କରୁଛନ୍ତି, ସେହି ଅନୁଯାୟୀହିଁ ସେ ଏହି ବଲ୍ଲନ ହୋଇଯିବାକୁ ଉତ୍ସ କରିବାରେ ଲଗିଛନ୍ତି ଅଥବା ତାହାର କାମନା କରୁଛନ୍ତି ।

ଏବଂ ଏହି ସବୁଯାକ କଥାକୁ ଆମେ ସତ୍ତ୍ୟ ଓ ମିଥ୍ୟାର ଏକ ମିଶ୍ରିତ ହୋଇ ରହିଥିବା ଅବସ୍ଥା ବୋଲିହିଁ କହିବା । ଏହି ପ୍ରକୃତ ଭିତରେ ମନ, ପ୍ରାଣ ତଥା ଜଡ଼ ଗୋଟିଏ ଗୋଟିଏ ସତ୍ତ୍ୟରୂପେ ଅବସ୍ଥିତ ରହିଛନ୍ତି; ମନୋମସ୍ତ୍ୱ, ପ୍ରାଣମସ୍ତ୍ୱ ତଥା ଅନ୍ନମସ୍ତ୍ୱ ବ୍ୟକ୍ତତ୍ୱାପନ୍ନତା ମଧ୍ୟ ସେହିପରି ଅବସ୍ଥିତ ରହିଛନ୍ତି । ମାତ୍ର ଏହିସବୁ ଭଉ୍ଚ ଓ ଉପସ୍ୱ ସହିତ ଆତ୍ମାର ଏକାତ୍ମକତାକୁ ଅର୍ଥାତ୍ ଏକରୂପ ହୋଇଯିବାକୁ ଆମେ ଏକ ମିଥ୍ୟା ଏକାତ୍ମକତା ବୋଲି କହିବା । କେବଳ ଏହି ଗୋଟିଏ ଅର୍ଥରେ ମନ, ପ୍ରାଣ ଏବଂ ଜଡ଼କୁ ଆମ ଆପଣାର ପରିଚସ୍ୱରୂପ ବୋଲି କୁହାଯାଇ ପାରିବ ଯେ ଆପଣାର ଅଙ୍ଶ ଓ ଅବଲ୍ଲଜ୍ୟ ଅସ୍ତିତ୍ୱର ଗୋଟିଏ ରୂପକୁ ବଶ୍ୱବ୍ରହ୍ମାଣ୍ଡ ରୂପରେ ଅଭିବ୍ୟକ୍ତ କରିବା ସକାଶେ ଆମର ଯଥାର୍ଥ ଆତ୍ମା ଆତ୍ମା ଏବଂ ପ୍ରକୃତର ପଜଞ୍ଚର-ସଂସ୍ପଳନ ତଥା ପରାଶ୍ଚର-ପ୍ରତିନିସ୍ୱା ଦ୍ୱାରା ସତ୍ତ୍ୱାଗତ ଏହି ଭଉ୍ଚଗୁଡ଼ିକୁ ବିବର୍ତ୍ତିତ କରି ଆଣିଛନ୍ତି । ଅଙ୍ଶ ପରମ ଅସ୍ତିତ୍ୱଙ୍କର ଆପଣାକୁ ବହୁରୂପେ ଅଭିବ୍ୟକ୍ତ କରିପାରିବା ଲଗି ଏକ ଚରନ୍ତାନ ସାମର୍ଥ୍ୟ ସବୁବେଳେ ରହିଛନ୍ତି ଏବଂ ଏହି ସାମର୍ଥ୍ୟଟିକୁ ଆପଣାର ଏକତ୍ୱ ମଧ୍ୟରେ ସେ ସବୁବେଳେ ଧରିତ କରି ରଖିଛନ୍ତି; ସେହି ବହୁତ୍ୱର ଅଭିବ୍ୟକ୍ତି

'oaob.nitrkl.ac.in' images reprocessed

ଲଭି ଏକ ସାଧନରୂପେ ଆତ୍ମା ଏବଂ ପ୍ରକୃତିର ସାରସ୍ୱରୂପ ବଡ଼ମସୃର ଭୂମି ଉପରେ ପ୍ରତିଷ୍ଠିତ କର ରଖାଯାଇଥିବା ସେହି ଚଉଗୁଡ଼ିଜର ଏକ ମ୍ଲାଲାରୂପେଥିବା ବ୍ୟକ୍ତୀକୃତାପନ୍ନ ମନ, ପ୍ରାଣ ତଥା ଦେହର ଅବସ୍ଥାପନା କରିଯାଇଛୁ । ଆମେ ସମସ୍ତେ ହେଉଛୁ ସେହି ପରମ ଅଦ୍ୱିତୀୟସ୍ୱଙ୍କର ବହୁତ୍ୱରୂପୀ ମ୍ଲାଲାରେ ଗୋଟିଏ ଗୋଟିଏ ଜେନ୍ତୁ, ଏବଂ ଆମର ସେହି ପରଚସ୍ୱରେଥିବା ବ୍ୟକ୍ତୀକୃତାପନ୍ନ ମନ, ପ୍ରାଣ ତଥା ଶରୀରକୁ ଆମର ନଜରୂପ ବୋଲି କୁହାଯାଇ ପାରିବ । ଆମ ଆପଣା ସତ୍ତ୍ୱରେ ଆମେ ସ୍ୱୟଂ ସେହି ପରମ ଅଦ୍ୱିତୀୟସ୍ୱଙ୍କଠାରୁ ଅଲଗା ହୋଇ ରହିନୁ, ତେଣୁ ବଶ୍-ମନ, ବଶ୍-ପ୍ରାଣ ତଥା ବଶ୍-ଦେହକୁ ମଧ୍ୟ ଆମ ଆତ୍ମାର ଗୋଟିଏ ଗୋଟିଏ ରୂପ ବୋଲି ଅବଶ୍ୟ କୁହାଯିବ । ମାତ୍ର ଏହି ଆତ୍ମା ହେଉଛୁ ଏହି ବଶ୍-ମନ, ବଶ୍-ପ୍ରାଣ ଅଥବା ବଶ୍-ଦେହଠାରୁ ଅଥବା ଏହି ବ୍ୟକ୍ତୀକୃତାପନ୍ନ ମନ, ପ୍ରାଣ ଏବଂ ଦେହଠାରୁ ଅନେକ ଅଧିକ; ଏବଂ ଏହି ଚଉଗୁଡ଼ିଜ ସହିତ ଏକାତ୍ମକ ହୋଇପଡ଼ି ଆମେ ଯେତେବେଳେ ଆପଣାକୁ ସୀମାବଦ୍ଧ କରି ପକାଇ, ସେତେବେଳେ ଆପଣାର ଜ୍ଞାନକୁ ଅଣି ଆମେ ମିଥ୍ୟାର ଏକ ଭୂମି ଉପରେ ଅବରୋପଣ କରିଦେଇ; ତେବଳ ଆମର ଅହଂବୃତ୍ତି ବିଷୟରେ ନୁହେଁ, ମାତ୍ର ଆମ ବଶ୍ଗତ ସତ୍ତ୍ୱ ବିଷୟରେ ଏବଂ ବ୍ୟକ୍ତ ଜଗତରେ ଆମର ଯାବତୀୟ ନିତ୍ୟାତ୍ମକତାଟି ବିଷୟରେ ମଧ୍ୟ ଆମର ମାନସିକ ଦୃଷ୍ଟିକୁ ଓ ଆମର ବାସ୍ତବ ଅନୁଭୂତାଟିକୁ ଆମେ ମିଥ୍ୟାରେ ପରିଣତ କରିଦେଇ ।

ଆମର ଆତ୍ମା ଏକ ତରଙ୍ଗନ ଓ ସମ୍ପୃକ୍ତ ସତ୍ତ୍ୱ; ତାହା ହେଉଛୁ ଏକ ବଶ୍ୱତ ସତ୍ତ୍ୱ, ଏବଂ ଏହିପରି ତତ୍ତ୍ୱ କେବଳ ତାହାର ଗୋଟିଏ ଗୋଟିଏ ସମ୍ପୃକ୍ତ ରୂପ । ଏହି ସଂମୂଳ ଜ୍ଞାନରୂପି ଆମକୁ ଅନ୍ତରର ହେବାକୁ ପଡ଼ିବ; ଆମକୁ ଏହି ଜ୍ଞାନଟିର ଉପଲବ୍ଧି କରିବାକୁ ହେବ ଏବଂ ଏହାକୁପି ବ୍ୟକ୍ତର ଅନ୍ତର୍ଗତ ତଥା ତାହା ଜ୍ଞାନର ସଂମୂଳ ଭିତ୍ତିରୂପେ ପ୍ରତିଷ୍ଠିତ କରିବାକୁ ହେବ । ଏହି ସଂମୂଳ ସତ୍ୟଟିରୁ ଆପଣାର ଅବଲୋକନ ଆରମ୍ଭ କରି ଜ୍ଞାନଯୋଗ ସାଧନାର ଏକ ଅଙ୍ଗବାସ୍ପକ ତଥା ସ୍ୱବାସ୍ପକ ମାର୍ଗର ଜଲ୍ପନା କରିଛୁ ଯାହାଦ୍ୱାରାକ ଆମେ ଏହିପରି ମିଥ୍ୟା ଏକାତ୍ମକତାର ବନ୍ଧନରୁ ଆପଣାକୁ ମୁକ୍ତ କରିଦେଇ ପାରିବା ଏବଂ ସେପରିରୁ ବାସ୍ତବିକପକ୍ଷେ ଯଥାର୍ଥ ଆତ୍ମଜ୍ଞାନ ମଧ୍ୟରେ ପ୍ରବେଶ କରିଯାଇବା । ଅଙ୍ଗବାସ୍ପକ ମାର୍ଗ ବା ପଦ୍ଧତିଟି ସଂଦ୍ୱା "ମୁଁ ଏହି ଦେହ ନୁହେଁ" ବୋଲି କହିଥିବ ଏବଂ ଭଦ୍ୱାରା "ମୁଁ ଏହି ଦେହ"ରୂପୀ ଧାରଣାଟିର ବରୋଧ କରିବାରେ ଲଭିଥିବ ଏବଂ ତାହାକୁ ମୂଲୋତ୍ପାଟିତ କରିବାକୁ ଚେଷ୍ଟା କରୁଥିବ; ଏହି ଜ୍ଞାନଟିରେ ଆପଣାକୁ ଅନୁନବେଶିତ କରି ରଖିଥିବ ଏବଂ କେବଳ ଏକ ଜଡ଼ସତ୍ତା ମଧ୍ୟରେ ଆତ୍ମାର ବାନ୍ଧଚ୍ଛୋଇ ରହିବାକୁ ପରିତ୍ୟାଗ କରି ଦେହ-ବୋଧର ତଳରୁ ମୁକ୍ତଲଭ କରୁଥିବ । ତା'ପରେ ଆମେ "ମୁଁ ଏହି ପ୍ରାଣ ନୁହେଁ" ବୋଲି କହିବା ଏବଂ ଏହି ଜ୍ଞାନଟିରେ ଆପଣାକୁ ଅନୁନବେଶିତ କରି ରଖି ଓ

'oaob.nitrkl.ac.in' images reprocessed

ପ୍ରାଣଗତ ଚନ୍ଦନ ଏବଂ ପ୍ରାଣଗତ ବାସନାଗୁଡ଼ିକରେ ବାନ୍ଧହୋଇ ରହିବାକୁ ପଶୁତ୍ୟାଗ କର ପ୍ରାଣ-ବୋଧର କବଳରୁ ମଧ୍ୟ ମୁକ୍ତିଲାଭ କରିବା । ଏବଂ ଶେଷରେ, ଆମେ "ମୁଁ ଏହି ମନ ନୁହେଁ" ବୋଲି କହିବା, "ମୁଁ ଏହି ମନର ଦେଉ ନୁହେଁ, ବୋଧ ନୁହେଁ ବା ଜ୍ଞାନ ନୁହେଁ" ବୋଲି କହିବା ଏବଂ ଏହି ଜ୍ଞାନଟିରେ ଆପଣାକୁ ଅଭିନିବେଶିତ କର ରହିଁ ଓ ମନୋଗତ ସାବତୀୟ ନିସ୍ପାନ୍ଦତାର ପରିହାର କର ମନସ୍ପନ୍ଦ ବୋଧର କବଳରୁ ମୁକ୍ତିଲାଭ କରିବା । ଏହିପରି ଜ୍ଞାନରେ ଯେତେବେଳେ ଆମେ ଆପଣାକୁ ଏକାତ୍ମକ କର ପକାଇଥିବା ସାବତୀୟ ବସ୍ତୁ ଓ ଆପଣା ମଧ୍ୟରେ ସ୍ୱତନ୍ତ ଏକ ବ୍ୟବଧାନ ସୃଷ୍ଟି କର ରଖିପାରିବା, ସେତେବେଳେ ଆମ ଉପରୁ ସେଗୁଡ଼ିକର ଆବରଣଗୁଡ଼ିକ କ୍ରମଶଃ ଅଧିକରୁ ଅଧିକ ପରମାଣରେ ଖସି ପଡ଼ିବାରେ ଲାଗିବ ଏବଂ ଆମର ଆତ୍ମା ଆମର ଅନୁଭବ ଭିତରେ କ୍ରମେ ଦୃଶ୍ୟମାନ ହେବାକୁ ଆରମ୍ଭ କରିବ । ଏବଂ ସେତକବେଳେ ତାହାର ବିଷୟରେ ଆମେ "ସୋଽହଂ" ବୋଲି କହିପାରିବା, ଆପଣାକୁ ସେହି ଆତ୍ମା ପରି ବିଶୁଦ୍ଧ, ଶାଶ୍ୱତ ଓ ଆତ୍ମାନନ୍ଦମସ୍ୱ ବୋଲି କହିପାରିବା । ଏବଂ ଆମର ଜ୍ଞାନ ତଥା ସତ୍ତାକୁ ତାହାର ଉପରେ ଅଭିନିବେଶିତ କର ରଖି ଆମେ ସେହି ତତ୍ତ୍ୱରୂପରେହିଁ ପରିଣତ ହୋଇଯିବା ଏବଂ ସ୍ୱଂଶେଷରେ ଏହି ବ୍ୟକ୍ତ-ଅସ୍ତିତ୍ୱ ତଥା ବିଶ୍ୱଜଗତକୁ ପରିତ୍ୟାଗ କରିବା ଲାଗି ସମର୍ଥ ହେବା । ଏହା ବ୍ୟତୀତ ଅନ୍ୟ ଏକ ଜ୍ଞାନାତ୍ମକ ମାର୍ଗ ମଧ୍ୟ ରହିଛି ଯାହାକୁ କି ଅଧିକତର ଜ୍ଞାନରେ ରାଜଯୋଗର ଏକ ସମ୍ପଦ ବୋଲି କୁହାଯାଇ ପାରିବ । ଏହି ପଦ୍ଧତିରେ ବ୍ରହ୍ମଙ୍କର ଏକ କେବଳଜ୍ଞାନରେ ଆପଣାକୁ ଅଭିନିବେଶିତ କରରଖିବାକୁ ପଡ଼େ ଏବଂ ଅନ୍ୟ ସାବତୀୟ ଜ୍ଞାନ ତଥା ଧାରଣାକୁ ଆପଣା ଭିତରୁ କଳ ବାହାରକୁ ବାହାର କରଦେବାକୁ ପଡ଼େ, ଯାହାଫଳରେ କି ମନରୂପୀ ଏହି ଡାଇନାମୋଟି ଆମର ବାହ୍ୟ ଅସ୍ତିତ୍ୱ ଏବଂ ବହିଃସ୍ଥିତ ଅନ୍ତରସ୍ତିତ୍ୱ ଉପରେ କୌଣସିପ୍ରକାରେ ସନ୍ଦିସ୍ଧ ହେବାରୁ ଆପଣାକୁ ନିବୃତ୍ତ କର ରଖେ । ମନର ଏହି ନିବୃତ୍ତି ଫଳରେ ପ୍ରାଣଗତ ତଥା ଜଡ଼ଗତ ଗ୍ରନ୍ଥିଗୁଡ଼ି ମଧ୍ୟ ଏକ ଶାଶ୍ୱତ ସମାଧି ମଧ୍ୟରେ ବିଲୀନ ହୋଇ ବିଶ୍ରାନ୍ତି ଲାଭ କରନ୍ତି; ସେମାନେ ଆମ ସତ୍ତାର କୌଣସି ଏକ ଅନ୍ତଃତମାସ୍ଥ ଗଭୀରତମ ଅନୁଭୂତି ମଧ୍ୟରେ ନଷ୍ଟଳ ହୋଇ ରହିନ୍ତି ଯାହା ମଧ୍ୟରେ ଅବସ୍ଥିତ ରହି ଆମେ ସେହି ପରମ ନିର୍ଦ୍ଦିଶେଷ ଅସ୍ତିତ୍ୱର ବିସ୍ତାରଟି ମଧ୍ୟକୁ ଅତିକ୍ରମ କର ଘୁଲିଯାଇ ।

ଏହି ସାଧନାକୁ ଅତ୍ୟନ୍ତ ସ୍ପଷ୍ଟ ଜ୍ଞାନରେ ଆମେ ଏକ ଆତ୍ମଚେତନ ଓ ବହିର୍ଭୂତକାଳୀନ ଆନ୍ତର ଗତିସ୍ପନ୍ଦନ ବୋଲି କହିବା ଯାହାକି ବିଶ୍ୱଜଗତକୁ ଅସ୍ୱୀକାର କର ଓ ଆପଣାର ଦୃଷ୍ଟିଗତ କ୍ଷେତ୍ରରେ ସେହି ବିଶ୍ୱଜଗତ ଲାଗି ଆତ୍ମାର ଚକ୍ଷୁଗୁଡ଼ିକୁ ମୁଦ୍ରିତ କର ରହିଁ ବିଶ୍ୱଜଗତର କବଳରୁ ଆପଣାକୁ ମୁକ୍ତ କର ରଖେ । ମାତ୍ର ବ୍ୟକ୍ତର ଆତ୍ମା ଆପଣାର ଆଖିକୁ ଯେତେ ବନ୍ଦ କର ରଖିଥିଲେ ମଧ୍ୟ ପରମେଶ୍ୱରଙ୍କର

'oaob.nitrkl.ac.in' images reprocessed

ଭୂମିରେ ଅବସ୍ଥିତ ଏକ ସତ୍ତ୍ୱା ଦ୍ୱାରାବରେ ଏହି ବଶ୍ୱଜଗତ ତଥାପି ବିଦ୍ୟମାନ ରହିଛୁ; ଏବଂ କୌଣସି ମିଥ୍ୟାପ୍ରତିଛବିସ୍ୱରୂପେ ନୁହେଁ, ମାତ୍ର ଏକ ସତ୍ୟରୂପେହିଁ ପରମ ଆତ୍ମା ମଧ୍ୟ ଏହି ବଶ୍ୱଜଗତ ମଧ୍ୟରେ ତଥାପି ବିଦ୍ୟମାନ ରହିଛନ୍ତି । ଆମେ ଯେଉଁସବୁ ବସ୍ତୁକୁ ଦର୍ଜନ କରି ଆସିଛୁ, ସିଏ ସେଗୁଡ଼ିକୁ ମଧ୍ୟ ଧାରଣ କରି ରହିଛନ୍ତି; ସକଳ ବସ୍ତୁରେ ପ୍ରକୃତରେ ଅନ୍ତର୍ନିହିତ ରହିଛନ୍ତି, ବଶ୍ୱସତ୍ତା ମଧ୍ୟରେ ବ୍ୟକ୍ତିସତ୍ତାକୁ ପ୍ରକୃତରେ ଆଲିଙ୍ଗନ କରି ରହିଛନ୍ତି ଏବଂ ଯାହା ଏହି ବଶ୍ୱଜଗତର ସୀମାକୁ ଅତିକ୍ରମ କରିଯାଇଛୁ ଓ ଏହାର ଅତୀତ ହୋଇ ରହିଛୁ, ବଶ୍ୱଜଗତକୁ ସେ ତାହାର ମଧ୍ୟରେହିଁ ଆଲିଙ୍ଗନ କରି ରହିଛନ୍ତି । ଅନ୍ତର୍ଗତ ଧାରାବସ୍ତାର ଅଭିଭୂତ ମଧ୍ୟରୁ ତାହାର ଅସିତା ମାନ୍ତତେ ଆମେ ପ୍ରତ୍ୟେକ ଅର ଯେଉଁ ବଶ୍ୱଜଗତକୁ ଆମକୁ ଦେଢ଼ି କରି ରହିଥିବାର ଜ୍ଞାତ ପ୍ରତ୍ୟକ୍ଷ କରିଥାଉ, ସେଥିରେ ଆମେ ଏହି ଶାଶ୍ୱତ ଆତ୍ମାକୁ ନେଇ ପ୍ରକୃତରେ ତ'ଣ କରିବା ? ବୈଗ୍ତ୍ୟପ୍ରଧାନ ଜ୍ଞାନମାର୍ଗ ଏହାର ଏକ ସମାଧାନ ଦର୍ଶାଇଛୁ ଏବଂ ବଶ୍ୱଜଗତ ଉପରେ ଦୃଷ୍ଟିପାତ କରିଥିବା ଆତ୍ମପ୍ରତ୍ତିଙ୍କ ଏକ ସାଧନାର ବ ପରାମର୍ଶ ଦେଇଛୁ । ତାହା ସବୁର ମଧ୍ୟରେ ଅନ୍ତର୍ନିହିତ ରହିଥିବା, ସବୁକିଛିକୁ ଦେଢ଼ି ଧରିଥିବା ଓ ଆପଣା ମଧ୍ୟରେ ସକଳକିଛିକୁ ଧାରଣ କରି ରହିଥିବା ପରମ ଆତ୍ମପ୍ରତ୍ତିକୁ ବ୍ୟୋମ ଅର୍ଥାତ୍ ଶୂନ୍ୟର ପ୍ରତିରୂପ ଦେଇ ଦେଖିବାର ପରାମର୍ଶ ଦେଇଛୁ । କାରଣ ସେହି ଶୂନ୍ୟ ମଧ୍ୟରେହିଁ ସକଳ ରୂପ ଅବସ୍ଥିତ ରହିଛନ୍ତି, ସେହି ଶୂନ୍ୟହିଁ ସକଳ ରୂପ ମଧ୍ୟରେ ଅବସ୍ଥିତ ରହିଛୁ ଏବଂ ସେଇଥିରୁହିଁ ସକଳ ରୂପର ନର୍ମାଣ ହୋଇଛୁ । ସେହି ଶୂନ୍ୟ ବା ବ୍ୟୋମମଣ୍ଡଳରେ ବଶ୍ୱପ୍ରାଣ ତଥା ବଶ୍ୱମନ ସକଳ ବସ୍ତୁର ନଃଶ୍ୱାସବାୟୁରୂପେ ବିଚରଣ କରୁଛନ୍ତି, ସେହି ବାସ୍ତୀୟ ମଣ୍ଡଳରେ ଏକ ବାୟୁସମୁଦ୍ରରୂପେ ଅବସ୍ଥିତ ଅଛନ୍ତି ଏବଂ ସେଇଥିରୁହିଁ ଏହିସବୁ ରୂପର ନର୍ମାଣ କରୁଛନ୍ତି । ମାତ୍ର ସେମାନେ କୌଣସି ସତ୍ତ୍ୱାର ନର୍ମାଣ କରୁ ନାହାନ୍ତି; କେବଳ ନାମର ନର୍ମାଣ କରୁଛନ୍ତି ଓ ରୂପର ନର୍ମାଣ କରୁଛନ୍ତି । ଆମେ ପ୍ରତ୍ୟକ୍ଷ କରୁଥିବା ଘଟରୂପୀ ଆକାରଟିକୁ କେବଳ ମୃତ୍ତିକାରହିଁ ଏକ ରୂପ ବୋଲି କୁହାଯାଇ ପାରିବ ଏବଂ ସେହି ମୃତ୍ତିକା ପଛରେ ଛିତରୂପୀ ଯେଉଁ ମୂଳ ଉପାଦାନଟି ରହିଛୁ, ତାହା ପୁଣି ସେହି ବଶ୍ୱଗତ ପ୍ରାଣୋପାଦାନରେ ମିଳାଇ ଯାଇଛୁ ଓ ବଶ୍ୱଗତ ପ୍ରାଣୋପାଦାନର ଉତ୍ତରଜନ ଶେଷରେ ସେହି ନଶ୍ଚଳ ଓ ଅପରିବର୍ତ୍ତନୀୟ ବ୍ୟୋମ ବା ଶୂନ୍ୟ ମଧ୍ୟରେ ବିଶ୍ରାନ୍ତି ଲାଭ କରୁଛୁ । ଏହି ଜ୍ଞାନଟି ଉପରେ ଆପଣାକୁ ଅନୁନିବେଶିତ କରି ରଖି ଏବଂ ଯାବତୀୟ ପ୍ରତିଲ୍ପ ତଥା ବାହ୍ୟରୂପକୁ ବର୍ଜନ କରି ଆମେ ଏହି ସମୁଦାୟ ବ୍ୟାପାରଟିକୁ ନଜେ ବୃହତ୍ତରୂପୀ ବ୍ୟୋମରେ ଅବସ୍ଥିତ ରହିଥିବା ନାମ ଓ ରୂପର ଏକ ମାସ୍ତାରୂପେହିଁ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କରିବା । ତା'ପରେ ତାହା ଆମ ଆଗରେ ଅସତ୍ତ୍ୟରୂପେ ପ୍ରତିପାଦିତ ହୋଇ ରହିବ; ଏବଂ ବଶ୍ୱଜଗତ ଏକ ଅସତ୍ତା ବୋଲି ପ୍ରତିପାଦିତ ହୋଇଯିବା ଦ୍ୱାରା

'oaob.nitrkl.ac.in' images reprocessed

ଅନ୍ତର୍ନିହିତଭାର ଇଚ୍ଛାନୁସାରେ ସମସ୍ତ ଅସତ୍ୟ ପ୍ରତିପାଦିତ ହେବ ଏବଂ ସେତେବେଳେ କେବଳ ସେହି ପରମ ଆତ୍ମସତ୍ତାହିଁ ଅବଶିଷ୍ଟ ରହିଯିବେ, ଯାହା ଉପରେ କି ଆମର ମିଥ୍ୟାଗ୍ରସ୍ତ ମନ ଏହି ବିଶ୍ୱଜଗତର ନାମ ଓ ରୂପଟିକୁ ଆରୋପିତ କରି ରଖିଛି ବୋଲି ଦୃଷ୍ଟିଗୋଚର ହେବ । ତେଣୁ ଏହିପରି ଭାବରେ ସେତେବେଳେ ବ୍ୟକ୍ତିଆତ୍ମା ଲଭି ସେହି ପରମ ନିର୍ବିଶେଷ ସତ୍ତାଟି ସମସ୍ତଙ୍କୁ ଆପଣାକୁ ପ୍ରତ୍ୟାହାର କରି ନେଇଯିବାର ଔଚିତ୍ୟ ସମସ୍ତ ପ୍ରମାଣିତ ହୋଇଯିବ ।

ମାତ୍ର ତଥାପି ପରମ ଆତ୍ମସତ୍ତା ଆପଣା ଅନ୍ତର୍ନିହିତଭାର ସେହି ଅବଜାଣୀ ବସ୍ତୁଦୃଷ୍ଟିକୁ ଧାରଣ କରି ବର୍ତ୍ତମାନ ରହିଛନ୍ତି; ଦିବ୍ୟ ଆଚ୍ଛାଦନର ଏହି ଅପରବର୍ତ୍ତିମାତ୍ର ବସ୍ତୁଦୃଷ୍ଟିକୁ ଧାରଣ କରି ରହିଛନ୍ତି, ପ୍ରତ୍ୟେକ ପଦାର୍ଥ ଏବଂ ସକଳ ପଦାର୍ଥରେ ପରିଣତ ହେଉଥିବାର ଆପଣାର ସେହି ଅନୁଷ୍ଠାନ କୌଶଳଟିକୁ ନେଇ ବର୍ତ୍ତମାନ ରହିଛନ୍ତି । ସେହି ପରମ ପ୍ରବଞ୍ଚକଟିର ଆବିଷ୍କାର କରିବା ଦ୍ୱାରା ଏବଂ ଆପଣାକୁ ଏହିସବୁ ପ୍ରବଞ୍ଚନାରୁ ପ୍ରତ୍ୟାହାର କରିନେବା ଦ୍ୱାରା ପରମାତ୍ମସତ୍ତା କିଂବା ବିଶ୍ୱଜଗତର ବ୍ୟବସ୍ଥାଟିରେ ଏତେଟିକିଏ ସମସ୍ୟା କଦାପି ଏପାଖସେପାଖ ହୋଇଯାଇ ନାହିଁ । ତେଣୁ ଆମର ସକଳ ଗ୍ରହଣ ତଥା ବର୍ଜନର ଉର୍ଦ୍ଧ୍ୱରେ ରହିଥିବା ଓ ଏସବୁ ଦ୍ୱାରା କୌଣସିପ୍ରକାରେ ଆକ୍ରାନ୍ତ ନହୋଇ ପାରିବା ଭଳି ଅଟଳ ବୃହତ୍ ଏବଂ ଅଟଳ ଚରନ୍ତନ ହୋଇ ରହିଥିବା ଏହି ପରମ ସଦାତ୍ମାଟି ସମ୍ପର୍କରେ ଯେ ପ୍ରକୃତରେ କ'ଣ ହୋଇଥିବ, ଆମ ପକ୍ଷରେ ସେକଥାଟି ଜାଣିବା କ'ଣ ପ୍ରକୃତରେ ଅତ୍ୟାବଶ୍ୟକ ନୁହେଁ କି ? ଏହି କ୍ଷେତ୍ରଟିରେ ସମସ୍ତ ଅବଶ୍ୟ କୌଣସି ଅଜେୟ ସତ୍ୟ କାର୍ଯ୍ୟକାରୀ ହୋଇ ରହିଛୁ ଏବଂ ଜ୍ଞାନର ସମ୍ପୂର୍ଣ୍ଣତା ଯେ ଆମେ ସେଇଟିକୁ ସମସ୍ତ ଆବିଷ୍କାର କରିବା ଓ ଉପଲବ୍ଧି କରିବା ବୋଲି ଆମ ପାଖରେ ଜିଦ୍ଟି ଦାବି କରିବାକୁ ଆସିବ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । କାରଣ, ତା' ନହେଲେ ଏକଥାଟି ନିଶ୍ଚିତ ପ୍ରମାଣିତ ହୋଇଯିବ ଯେ ଆମେ ଯାହାକୁ ପ୍ରବଞ୍ଚକ ଓ ଭ୍ରମ ବୋଲି କହୁଥିଲୁ, ତାହା ହେଉଛି ପ୍ରକୃତରେ ଆମର ଜ୍ଞାନ; ପରମେଶ୍ୱର କଦାପି ପ୍ରବଞ୍ଚକ ନୁହନ୍ତି କିଂବା ମାୟା ମଧ୍ୟ ନୁହନ୍ତି । ତେଣୁ ଏହି ଯେଉଁ ପରମ ସମ୍ପର୍କଟି ଅନନ୍ତେତ୍ୱ ଓ ସାର୍ବଭୌମ ଭାବରେ ସଦା-ଅବସ୍ଥିତ ହୋଇ ରହିଛୁ, ଆମେ ପୂର୍ଣ୍ଣ ତାହାର ଉପରେ ଆପଣାକୁ ଅଭିନିବେଶିତ କରି ରଖିବା, ତାହାର ଆବିଷ୍କାର କରିବା ଏବଂ ତାହାକୁ ଉପଲବ୍ଧି ମଧ୍ୟ କରିବା; ସେଉଁ ପରମ ଆତ୍ମା ସକଳ ପ୍ରକୃତିର ଅଧୀଶ୍ୱର ହୋଇ ରହିଛନ୍ତି, ଆପଣାର ବିଧାନ ଦ୍ୱାରାହିଁ ଯିଏ ବିଶ୍ୱରୂପୀ ଏହି ଅସ୍ତିତ୍ୱକୁ ଜନ୍ମ ଦେଇଛନ୍ତି ଓ ତାହାକୁ ଧାରଣ କରି ରଖିଛନ୍ତି, କେବଳ ଯାହାର ଇଚ୍ଛାହିଁ ଏହି ବିଶ୍ୱର ବହୁବିଧ ନିୟାମକତାକୁ ପ୍ରବର୍ତ୍ତିତ କରି ରଖିଛି ଏବଂ ତାହାର ନିୟମର ଚକ୍ରଗୁଡ଼ିକୁ ନିରୂପଣ କରିଦେଇଛି, ଆତ୍ମସତ୍ତାକୁ ଆମେ ସେହି ପରମ ଆତ୍ମାଙ୍କଠାରୁ ଅଲଗା ବୋଲିହିଁ ଜାଣିବା । ଏବଂ ଆମେ ତଥାପି

'oaob.nitrkl.ac.in' images reprocessed

ପୂର୍ଣ୍ଣ ଆପଣାକୁ ଅଭିନବେଶିତ କର ରଖିବା ଏବଂ ଯେଉଁ ପରମ ଅସ୍ତିତ୍ୱ ଏହି ସବୁକଛୁର ଆତ୍ମାରୂପେ ତଥା ପ୍ରକୃତରୂପେ ଅବସ୍ଥିତ ରହିଛନ୍ତି, ଏତାଧାରରେ ପୁରୁଷ ତଥା ପ୍ରକୃତ ହୋଇ ରହିଛନ୍ତି ଏବଂ ତେଣୁ ଏହି ସକଳ ବସ୍ତୁରୂପ ମଧ୍ୟରେ ଆପଣାକୁ ଅଭିବ୍ୟକ୍ତ କର ଦେଇଛନ୍ତି ତଥା ଏହିସବୁ ରୂପାୟନରେ ପରିଣତ ବ ହୋଇ ପାରୁଛନ୍ତି, ଆତ୍ମସତ୍ତାକୁ ଆମେ ସେହି ପରମ ଅସ୍ତିତ୍ୱରୂପେହିଁ ଅବଧାର ଓ ଉପଲବ୍ଧି କରିବା । ତା' ନହେଲେ, ପରମ ଆତ୍ମସତ୍ତା ଯାହାକୁ ଆପଣା ମଧ୍ୟରୁ ତଦାପି ବହିର୍ଭୂତ କର ରଖି ନାହିଁ, ଆମେ ତାହାକୁହିଁ ବହିର୍ଭୂତ କର ପଳାଇବା, ଅର୍ଥାତ୍ ଅମର ଜ୍ଞାନରେ ଆପଣା ଇଚ୍ଛାନୁସାରେ ଏକ ବାଛବସ୍ତର କରିବା ଦୋଷରେ ଦୋଷୀ ହୋଇ ରହିବା ।

ପ୍ରାଚୀନ ବୈଦିକଯୁଗପ୍ରଧାନ ଜ୍ଞାନମାର୍ଗ ବସ୍ତୁତତ୍ତ୍ୱର ଏତଦ୍ରୂପ ସ୍ୱୀକାର କରୁଥିଲ ଏବଂ ସେହି ପରମ ଅସ୍ତିତ୍ୱର ଏହିସବୁ ବିଭିନ୍ନ ବିଭବ ଉପରେ ଅଭିନବେଶିତ ହୋଇ ରହିବାକୁ ମଧ୍ୟ ସ୍ୱୀକାର କରୁଥିଲ, ମାତ୍ର ଏହା ସେଥରେ ଏକ ବାଛବସ୍ତର ଦେଖିଥିଲ ଓ ତାହାକୁ ଉପରଭଲ କର ନଷ୍ଟପ୍ରାୟ କର ଦେଇଥିଲ । ଯେଉଁ ପରମ ଆତ୍ମା ବସ୍ତୁଗତ ଏହିସବୁ ରୂପ ଧାରଣ କରୁଛନ୍ତି, ତାଙ୍କୁ ସେ ବସ୍ତୁତଃ ଅର୍ଥାତ୍ ବସ୍ତୁଗତ ଆତ୍ମା ବୋଲି କହିଥିଲ; ଏବଂ ଯେଉଁ ପରମ ଆତ୍ମା ଏହିସବୁ ରୂପର ସୃଷ୍ଟି କରିଛନ୍ତି, ତାଙ୍କୁ ହିରଣ୍ୟଗର୍ଭ ବୋଲି କହିଥିଲ, ଅର୍ଥାତ୍ ଜ୍ୟୋତିର୍ମୟ ଏବଂ ସୃଜନଶୀଳ ବୋଧ ଦ୍ୱାରା ପ୍ରେରିତ ଆତ୍ମା ବୋଲି କହିଥିଲ । ଯେଉଁ ପରମ ଆତ୍ମସତ୍ତା ଏହିସବୁ ବସ୍ତୁକୁ ଆପଣା ଭିତରେ ଧରିଛନ୍ତି, ତାଙ୍କୁ ପ୍ରଜ୍ଞା ଅର୍ଥାତ୍ ଚେତନାମୟ ପରମତାରଣ ଅର୍ଥାତ୍ ସର୍ବମୂଳସ୍ଥ ନିୟମନକାରୀ ଆତ୍ମା ବୋଲି କହିଥିଲ; ଏବଂ ସେମାନଙ୍କର ଅଙ୍ଗଭୂତ ହୋଇ ସେହି ନିର୍ବିଶେଷ ପରମ ସତ୍ତା ଅବସ୍ଥିତ ରହିଛନ୍ତି ବୋଲି କଳ୍ପନା କରୁଥିଲ ସିଏକ ଏହିସବୁ ଅସଭ୍ୟତାର ପ୍ରକାଶ ଲଗି ଅନୁମତ ଦେଇଛନ୍ତି ସତ, ମାତ୍ର ଏସବୁ ସତ୍ତ୍ୱତ ଆଦୌ କୌଣସିପ୍ରକାରେ ଅସ୍ପୃକ୍ତ ହୋଇ ରହି ନାହାନ୍ତି । ଆମକୁ ସେହି ପରମ ନିର୍ବିଶେଷଙ୍କ ମଧ୍ୟକୁହିଁ ପ୍ରତ୍ୟାବର୍ତ୍ତିତ ହୋଇଯିବାକୁ ପଡ଼ିବ, ଏହି ବିଶ୍ୱଜଗତ ସତ୍ତ୍ୱତ ଆମର ଆଉ କୌଣସି ନିତ୍ୟାବଶ୍ୟତା ବା ସମ୍ପର୍କହିଁ ରହିବ ନାହିଁ; କାରଣ ଜ୍ଞାନ ଜନ୍ମିଲେ ସଂସ୍କାର ଦେବଳ ସେହି ସଂକେତ ପରମଜ୍ଞାନକୁହିଁ ବୁଝାଇବ, ଏବଂ ସେହି କାରଣରୁ ଏହିସବୁ ଅଲଙ୍ଘନୀୟ ଯାବତୀୟ ଉପଲବ୍ଧିକୁ ଅମ ଉପରୁ ଝାଡ଼ି ଝଡ଼ାଇ ଦେବାକୁ ପଡ଼ିବ ବା ସେଗୁଡ଼ିକୁ ସେହି ପରମ ଭଲ ମଧ୍ୟରେହିଁ ଦୂରଇ ଆସିବାକୁ ହେବ । ମାତ୍ର ଅତ୍ୟନ୍ତ ସ୍ପଷ୍ଟଭାବରେ ଆମେ ଏଗୁଡ଼ାକୁ ଦେବଳ ମନ ଦ୍ୱାରା ବର୍ଜାଇଥିବା ଜେତେଗୁଡ଼ିଏ ବ୍ୟାବହାରିକ ଭେଦବୋଧ ବୋଲିହିଁ କହିବା; କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟର ସାଧନ କରିବା ପାଇଁ ସେଗୁଡ଼ିକର ଏକ ମୂଲ୍ୟ ରହିଛ ସତ, ମାତ୍ର ସେଗୁଡ଼ିକର ଆଦୌ କୌଣସି ତତ୍ତ୍ୱଗତ ମୂଲ୍ୟ ନାହିଁ । ଏହି ବିଶ୍ୱଜଗତକୁ

'oaob.nitrkl.ac.in' images reprocessed

ଆମେ ଯେଉଁଭଳି ଦୃଷ୍ଟିରେ ଦେଖିଛୁ, ତାହା ଏକତ୍ୱକୁହିଁ ସଂମୂଳ ଓ ସଂସାର କରି ଗ୍ରହଣ କରୁଛୁ; ସେଇଟି ଅନୁସାରେ ବଶ୍ୱଗତ ଆତ୍ମସତ୍ତା ବୋଧ ଓ ସୃଜନର ସାମର୍ଥ୍ୟ ରଖିଥିବା ସତ୍ତ୍ୱଟିଠାରୁ ଆଦୌ କୌଣସିପ୍ରକାରେ ପୃଥକ୍ ନୁହନ୍ତି, ବୋଧସମ୍ପନ୍ନ ସତ୍ତ୍ୱ କାରଣରୂପୀ ସତ୍ତ୍ୱାଠାରୁ ପୃଥକ୍ ନୁହନ୍ତି ଏବଂ କାରଣରୂପୀ ସତ୍ତ୍ୱ ପରମ ନିର୍ବିଶେଷ ସତ୍ତ୍ୱାଙ୍କଠାରୁ ମଧ୍ୟ ଆଦୌ ପୃଥକ୍ ନୁହନ୍ତି । ସେ ହେଉଛନ୍ତି ସେହି ଏକ ଓ ଅଦ୍ୱୟ ସତ୍ତ୍ୱ, "ସେହି ପରମାତ୍ମସତ୍ତ୍ୱ ଯିଏକ ଏହି ସକଳ ସମ୍ମିଳିତରୂପେ ଅଭିବ୍ୟକ୍ତ ହୋଇ ରହିଛନ୍ତି ।" ଏବଂ ଯେଉଁ ପରମେଶ୍ୱର ଆପଣାକୁ ଏହିସବୁ ବ୍ୟକ୍ତରୂପ ଅସ୍ତିତ୍ୱ ମଧ୍ୟରେ ପ୍ରକାଶିତ କରି ରଖିଛନ୍ତି, ସେ ତାଙ୍କଠାରୁ କୌଣସିପ୍ରକାରେ ଭିନ୍ନ ନୁହନ୍ତି; ଏବଂ ଏକମାତ୍ର ଅବସ୍ଥିତ ହୋଇ ରହିଥିବା ଯେଉଁ ବ୍ରହ୍ମ ଆମେ ଏଠି ଯାହାସବୁ ଦେଖୁଛୁ, ଅନୁଭବ କରୁଛୁ, ଯାହା ଭିତରେ ବଞ୍ଚିରହିଛୁ ଓ ଯାହାକୁ ମନୋଗତ ଅବଧାରଣା ଦେଇ କଳ୍ପନା କରିବାର ଚେଷ୍ଟା କରୁଛୁ, ପ୍ରକୃତରେ ସେଗୁଡ଼ିକଠାରୁ ଅଭିନ୍ନ ହୋଇ ରହିଛନ୍ତି, ପରମେଶ୍ୱର ସେହି ବ୍ରହ୍ମଠାରୁ ମଧ୍ୟ କଦାପି କୌଣସିପ୍ରକାରେ ଭିନ୍ନ ନୁହନ୍ତି । ଆମେ ସେହି ପରମ ଆତ୍ମାକୁ ଜାଣିବା, ସେହି ପରମେଶ୍ୱର ଏବଂ ବ୍ରହ୍ମଙ୍କୁ ଜାଣିବା ଯେପରିକ ଆମେ ତାଙ୍କ ସହିତ ଆମ ଏକତ୍ୱଟିର ଉପଲବ୍ଧି କରିପାରିବା, ତାଙ୍କର ଅଭିବ୍ୟକ୍ତ ସକଳ ପଦାର୍ଥ ସହିତ ଆମ ଏକତ୍ୱର ଉପଲବ୍ଧି କରିପାରିବା ଏବଂ ସେହି ଏକତ୍ୱବୋଧରେହିଁ ଜୀବନ ବଞ୍ଚିପାରିବା । କାରଣ ଜ୍ଞାନ ଯେ ସବୁକିଛିକୁ ଗୋଟିଏ ସୂତ୍ରରେ ଏକତ୍ୱବଦ୍ଧ କରି ବାନ୍ଧି ରଖିବ, ଜ୍ଞାନଠାରୁ ଆମେ ଏହାହିଁ ପ୍ରତ୍ୟାଶା କରୁଛୁ; ଯେଉଁ ଜ୍ଞାନ ଜ୍ଞାତବ୍ୟ ଭୁମିଟିକୁ ଖଣ୍ଡ ଖଣ୍ଡ କରି ଅଲଗା କରିଦେଇଛୁ, ତାହା ହେଉଛୁ ଏକ ଆଂଶିକ ଜ୍ଞାନ ଓ କେତେକ ଉଦ୍ଦେଶ୍ୟସାଧନର କ୍ଷେତ୍ରରେ ଏହାର ଅବଶ୍ୟ ଉପଯୋଗିତା ରହିଛୁ । ମାତ୍ର ଯେଉଁ ଜ୍ଞାନ ସବୁଟିକୁ ଏକତ୍ୱବଦ୍ଧ କରିଦେଇ ପାରୁଛୁ, ତାହାହିଁ ଯଥାର୍ଥ ଜ୍ଞାନ, ଆମର ଅଭିଲଷିତ ଜ୍ଞାନ ।

ତେଣୁ ଆମର ସମସ୍ତ ଯୋଗ ଏହିସବୁ ବିଭିନ୍ନ ମାର୍ଗ ଓ ଧ୍ୟାନକୁ ଆପଣା ମଧ୍ୟରେ ଅନ୍ତର୍ଭୁକ୍ତ କରିନେବ, ମାତ୍ର ସେଗୁଡ଼ିକ ମଧ୍ୟରେ ତାହା ଏକ ସୁସମତା ସ୍ଥାପନ କରିବ; ଏବଂ ସମ୍ଭବ ହେଲେ ଏପରି ଗୋଟିଏ ସମନ୍ୱୟ ଦ୍ୱାରା ସେଗୁଡ଼ିକୁ ଏକାଠି ପରସ୍ପର ସହିତ ସମ୍ମିଳିତ କରି ରଖିବ, ଯାହାଦ୍ୱାରା ସେଗୁଡ଼ିକ ମଧ୍ୟରୁ ସେଗୁଡ଼ିକର ପାରସ୍ପରିକ ବିରୁଦ୍ଧଭାବକୁ ଏକାବେଳକେ ଦୂର କରିଦେଇ ପାରିବ । ଆଉ ସବୁକିଛିକୁ ବର୍ଜନ କରି ରଖି କେବଳ ବିଶୃଙ୍ଖଳାକୁହିଁ ଏକମାତ୍ର ଆସ୍ପଦ ବୋଲି ସ୍ୱୀକାର କରୁଥିବା ଯୋଗ ପରି ଆମେ ପରମେଶ୍ୱର ତଥା ପରମ ସଦ୍‌ଗତଙ୍କୁ କେବଳ ସେହି ପରମନିଶ୍ଚଳ ଆତ୍ମା ଅଥବା ସକଳ ଜ୍ଞାନର ଅଗମ୍ୟ ସେହି ପରମ ନିର୍ବିଶେଷତା ମଧ୍ୟରେ ବର୍ଜନ କରି ଆସିବା ପାଇଁହିଁ ସେମାନଙ୍କର ଉପଲବ୍ଧି କରିବା ନାହିଁ; ଅଥବା ସବୁକିଛିକୁ ବହିଷ୍କୃତ କରି ରଖି କେବଳ

'oaob.nitrkl.ac.in' images reprocessed

ଈଶ୍ୱରଙ୍କୁହିଁ ପ୍ରତ୍ୟକ୍ଷ କରୁଥିବା ଅଥବା ଅଇସବୁକୁ ବାଦ୍ ଦେଇ ବଣ୍ଟାଜରେ ଦେବଳ ସେହି ଈଶ୍ୱର ପୂର୍ଣ୍ଣ ହୋଇ ରହିଛନ୍ତି ବୋଲି ମାନୁଥିବା ଯୋଗ ପଛ ଆମେ ଦେବଳ ସେହି ପରମେଶ୍ୱରଙ୍କ ପାଇଁ ଅଥବା ଦେବଳ ସେହି ପରମ ପଙ୍ଗେଶ୍ୱରଙ୍କ ପାଇଁହିଁ ଜୀବନ ବଞ୍ଚିବା ନାହିଁ । ସମସ୍ତ ଯୋଗର ସାଧକ ଆପଣାକୁ ଆପଣାର ଜ୍ଞବତା ଅଥବା ଆପଣାର ସାଧନା ଭିତରେ କଦାପି ସୀମାବଦ୍ଧ କର ରଖିବ ନାହିଁ, କୌଣସି ବଶେଷ ଧର୍ମବଶ୍ୱାସ ଅଥବା ଜାର୍ଣ୍ଣନକ ସୂକ୍ଷବଶ୍ଳେଷଣ ମଧ୍ୟରେ ଆପଣାର ଉପଲବ୍ଧିକୁ ସେ କଦାପି କଲ ରଖିବ ନାହିଁ । ଅନ୍ତିବ୍ଦ୍ୟଗତ ପରମସତ୍ୟଟିକୁ ସେ ତାହାର ସମ୍ପୂର୍ଣ୍ଣ ଭୂମି ଉପରେହିଁ ଅନ୍ୱେଷଣ କର ବାହାରିବ । ସେ ପୂର୍ବତନ ମାର୍ଗଗୁଡ଼ିକୁ କଦାପି ପରତ୍ୟାଗ କରିବ ନାହିଁ, ମାତ୍ର ଆପଣାର ଉଦ୍ଦେଶ୍ୟ ଲକ୍ଷ୍ୟଟି ସବୁଦା ଦୃଢ଼ସଙ୍କଳ ରକ୍ଷା କର ସେ ସେଗୁଡ଼ିକରେ ଏକ ନୂତନ ମାର୍ଗସୂଚନାର ବ୍ୟଞ୍ଜନା ଆଣିଦେବ ।

ଅନ୍ୟମାନଙ୍କ ମଧ୍ୟରେ ଯେଉଁ ପରମ ଅସ୍ପସତ୍ତ୍ୱ ବଦ୍ୟମାନ ରହିଛନ୍ତି, ଅଥବା ଯିଏ ଏହି ପ୍ରକୃତିର ଅଧୀଶ୍ୱରରୂପେ ବଦ୍ୟମାନ ରହିଛନ୍ତି ଅଥବା ପରମ ସଦ୍ଵରୂପ ହୋଇ ପ୍ରତିଷ୍ଠିତ ରହିଛନ୍ତି, ତାଙ୍କୁ ଉପଲବ୍ଧି କରିବା ଅପେକ୍ଷା ଆମେ ଆମର ଭିତରେ ରହିଥିବା ପରମ ଆସ୍ପସତ୍ତ୍ୱାଙ୍କୁହିଁ ଅଧିକତର ସ୍ପଷ୍ଟରେ ଉପଲବ୍ଧି କରିବା ଯେ ଆମର ଜ୍ଞାନଗତ ସଦ୍ଗପ୍ରମ ଉଦ୍ଦେଶ୍ୟ ହୋଇ ରହିବ, ଆମକୁ ଏହି କଥାଟି ସ୍ପୀକାର କରିବାକୁ ପଡ଼ିବ । କାରଣ ବ୍ୟକ୍ତି ଲଗି ଦେବଳ ସେଇଟିହିଁ ସବୁଠାରୁ ବଡ଼ ଆବଶ୍ୟକତା, ସେଇଟିହିଁ ସଦ୍ଗପ୍ରମ ଆବଶ୍ୟକତା । ସେ ତା'ର ଅପଣା ସତ୍ତ୍ୱାର ସଦ୍ଗୋଚ ସତ୍ୟରେ ଉପନ୍ତ ହୋଇପାରିବ, ଏଥିରେ ରହିଥିବା ସକଳ କସମ୍ଭାବତା, ସକଳ ଫଶତ୍ୱ ଭଆ ମିଥ୍ୟାପ୍ରେରତ ସକଳ ଏକାଗ୍ରକତାକୁ ସେ ଯଥାର୍ଥରୂପେ ଫଶୋଧିତ କରିଦେଇ ପାରିବ, ଅପଣା ସତ୍ତ୍ୱାଗତ ଯଥାର୍ଥ ଅନ୍ତଜଦେଶ ଓ ବଶୁଦ୍ଧିରେ ଉପନ୍ତ ହୋଇପାରିବ, ତାହାର ପରମ ଇପ୍ସିତସ୍ଥାନଟିକୁ ନାଶି ସେଇଠାକୁ ଆରୋହଣ କର ପାଇପାରିବ । ମାତ୍ର ସେହି ପରମ ଉପ୍ସିତସ୍ଥଳରେ ବସ୍ଥନ ଓ ଅନ୍ତର୍ହିତ ହୋଇଯିବାକୁହିଁ ଆମେ ତାହା କରିବା ନାହିଁ; ମାତ୍ର ଆମର ଏହି ସମୁଦାୟ ଅସ୍ତିବ୍ଦ୍ୟ ଭଆ ଏହି ଅନ୍ତର୍ଗତ ସୃଜ୍ୟଟିର ସକଳ ଅଙ୍ଗ ଓ ଅଂଶ ଦେଇ ଅପଣା ଅପଣାର ଯଥାର୍ଥ ଭୂମିଟିକୁ ଖୋଜି ପାଇପାରିବେ, ଆମର ସଦ୍ଗୋଚ ସତ୍ତ୍ୱାସ୍ଥାନକୁ ଆରୋହଣ କର ଜୀବନଧାରଣ କରିପାରିବେ, କେବଳ ସେହି ସଦ୍ଗୋଚ ସତ୍ତ୍ୱାଟି ଲଗିହିଁ ବଞ୍ଚିପାରିବେ ଏବଂ ଦେବଳ ଆମର ସତ୍ତ୍ୱାଗତ ସେହି ସଦ୍ଗୋଚ ଶିଖରଟିକୁ ଯେଉଁ ବଧାନଟି ଉଦ୍ଭାବିତ ହୋଇ ଅସୁଛୁ ଏବଂ ଆମର ମନ ସେହିଟିକୁ ଦୃଢ଼ କର ଅଣିଦେବେଳେ କୌଣସିପ୍ରକାରେ ମିଥ୍ୟାଗ୍ରସ୍ତ ନହୋଇ ଯାହା ଆମର ପୂର୍ଣ୍ଣଶୋଧିତ ସତ୍ତ୍ୱାଟିକୁ ପ୍ରକାଶ ହୋଇ ରହିଛି, ଆଉ କୌଣସି ଅନ୍ୟ ବଧାନକୁ ନମାନି ସେମାନେ ଦେବଳ ସେହି ବଧାନଟିରହିଁ ପାଳନ କରିବେ, ଅମେ ଦେବଳ ସେଇଥିଲଗିହିଁ ତାହା

'oaob.nitrkl.ac.in' images reprocessed

କରିବା । ଏବଂ ଯଥାର୍ଥ ଭାବରେ ଏହି କଥାଟିକୁ କରିପାରିଲେ ଆମେ ନିଶ୍ଚିତ ଆବିଷ୍କାର କରିପାରିବା ଯେ ଏହି ପରମ ଆତ୍ମସତ୍ତାର ପରିଚୟ ଲାଭ କରି ଆମେ ସବୁର ଭିତରେ ପୂର୍ଣ୍ଣ ରହିଥିବା ସେହି ଅଦ୍ୱିତୀୟ ପରମ ଆତ୍ମାଙ୍କରହିଁ ପରିଚୟ ଲାଭ କରିଛୁ, ଆମ ଆପଣା ପ୍ରକୃତିର ତଥା ସକଳ ପ୍ରକୃତିର ଅଧୀଶ୍ୱରଙ୍କର ପରିଚୟ ଲାଭ କରିଛୁ, ଏହି ବିଶ୍ୱର ପରମ ସତ୍ୟସମ୍ପଦ ହୋଇ ରହିଥିବା ଆମ ନିଜର ମଧ୍ୟ ପରମ ସତ୍ୟସମ୍ପଦଟିକୁ ଜାଣିବାରେ ସମର୍ଥ ହୋଇଛୁ । କାରଣ ଆମ ନିଜ ଭିତରେ ଆମେ ଏହି ସେଇ ସମ୍ପଦଟିକୁ ଦେଖିଛୁ, ଆମେ ବସ୍ତୁତଃ ତାହାକୁ ସତ୍ୟରୂପେ ଦେଖିବାକୁ ଅବଶ୍ୟ ସମର୍ଥ ହେବା, କାରଣ ତାହାହିଁ ହେଉଛି ତାଙ୍କ ଏକତ୍ୱର ଯଥାର୍ଥ ସତ୍ୟ । ଆମ ଆପଣା ସତ୍ତାର ପରମସତ୍ୟଟିକୁ ଉଦ୍‌ଘାଟିତ କରି ଓ ତାହାକୁ ଯଥାର୍ଥ ଭାବରେ କାର୍ଯ୍ୟରେ ଲଗାଇ ଆମର ଏହି ବ୍ୟକ୍ତିଭାବାପନ୍ନତା ଓ ନଶ୍ୱର ବିଶ୍ୱଜଗତ ମଧ୍ୟରେ ରହିଥିବା ପ୍ରାଚୀରଟି ଅବଶ୍ୟ ଉନ୍ମୋଚିତ ହୋଇଯିବ, ଅବଶ୍ୟ ନଗ୍ନୀକୃତ ହେବ; ଏବଂ ଆମ ଆପଣା ସତ୍ତାରେ ଆମେ ଯେଉଁ ପରମ ସତ୍ୟଟିର ଉପଲବ୍ଧି କରୁଛୁ, ତାହା ଆପଣାର ବିଶ୍ୱଗତଭାବରେ ମଧ୍ୟ ଆମ ଲାଗି ଆପଣାକୁ ଅବଶ୍ୟ ଉପଲବ୍ଧି କରିଇବ ଏବଂ ସେତେବେଳେ ଏହି ବିଶ୍ୱଜଗତ ଆମର ଆପଣା ଆତ୍ମସତ୍ତାରେ ପରିଣତ ହୋଇଯିବ । ବେଦାନ୍ତର 'ସୋଽହଂ' ମନ୍ତ୍ରଟିକୁ ଆପଣା ମଧ୍ୟରେ ଉପଲବ୍ଧି କରି ଆମେ ଆମ ଗୃହପାଖରେ ଅବସ୍ଥିତ ଏହି ସବୁକଟିକୁ ଦୃଷ୍ଟିପାତ କଲ୍ଲମାତ୍ରକେ ଅନ୍ୟ ପ୍ରାନ୍ତରେ ଅବସ୍ଥିତ 'ତତ୍ତ୍ୱମସି'ର ତତ୍ତ୍ୱଳ ମନ୍ତ୍ରଟିକୁ ମଧ୍ୟ ଉପଲବ୍ଧି କରିପାରିବା । ଏହି ବୃହତ୍ ଏକତ୍ୱବୋଧରେ ସଫଳତାର ସହିତ ଆସି ପହଞ୍ଚି ପାରିବା ସକାଶେ ଆମର ବ୍ୟାବହାରିକ କ୍ଷେତ୍ରରେ ସାଧନାଟିର କପଟ ଆଚରଣ କରିବାକୁ ହେବ, ଆମକୁ କେବଳ ସେହି କଥାଟିକୁ ବଗ୍ନର ଦେଖିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ସପ୍ତମ ପରିଚ୍ଛେଦ

ଦେହର ଅଧୀନତାରୁ ମୁକ୍ତ

ଯାହା ପ୍ରତ୍ୟ ବୋଲି ପ୍ରତୀତ ହେଉଛୁ, ତାହା ପ୍ରକୃତରେ ପ୍ରତ୍ୟ ନୁହେଁ; ଆମର ଆତ୍ମା ଆମର ଶସ୍ତ୍ରର ନୁହେଁ, ପ୍ରାଣ ନୁହେଁ କି ମନ ନୁହେଁ, କାରଣ ଏସବୁ ହେଉଛୁ କେବଳ ଗୋଟିଏ ଗୋଟିଏ ରୂପାତ୍ମକ ମାତ୍ର;—ଆମ ବୁଦ୍ଧିର ଭୂମି ଉପରେ ଥରେ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚିବା ପରେ ଆମର ମନ ସହଜ ପ୍ରାଣ ତଥା ଶସ୍ତ୍ରରଟିର ଯେଉଁ ଦ୍ୟାବାପୃଥିବୀ ସମ୍ବନ୍ଧଟି ରହିଛୁ, ତାହାକୁ ଯଥୋଚିତ ସ୍ଥାନରେ ଅବସ୍ଥାପିତ କରି ରଖିବାକୁ ଜ୍ଞାନର ଏହି ପଥରେ ଆମର ପ୍ରଥମ ପଦକ୍ଷେପ ହୋଇ ରହିବ, ଯାହାଦ୍ୱାରା କି ମନ ସ୍ୱୟଂ ପରମ ଆତ୍ମସ୍ୱରୂପଟି ସହଜ ଆପଣାର ଯଥୋଚିତ ସମ୍ବନ୍ଧରେ ଆସି ପହଞ୍ଚିବା ଲଗି ସମର୍ଥ ହୋଇପାରିବ । ଆମର ପୁଂପରିଚ୍ଛନ୍ନ ଏକ ଉପାୟ ଦ୍ୱାରା ଏହି କଥାଟି ଜଣାଇବା ସବୁଠାରୁ ଅଧିକ ସହଜ ହେବ, କାରଣ କର୍ମଯୋଗର ଆଲୋଚନା ସମୟରେ ତାହା ପ୍ରକୃତରେ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥିଲା । ଏହି ଉପାୟଟି ହେଉଛୁ ପ୍ରକୃତି ଏବଂ ପୁରୁଷ ମଧ୍ୟରେ ଏକ ଦ୍ୱନ୍ଦ୍ୱାତ୍ମକ ସୃଷ୍ଟି କରି ରଖିବା । ପୁରୁଷ, ଅର୍ଥାତ୍ ସଂଜ୍ଞାତା ଏବଂ ସଂଜ୍ଞାନସ୍ୱରୂପା ଆତ୍ମା ଆପଣାକୁ ଆପଣାର କାର୍ଯ୍ୟନିର୍ବାହକାରୀ ତେଜନଶକ୍ତିର ତିନ୍ୱାଟି ମଧ୍ୟରେ ପ୍ରତିଷ୍ଠିତ କରି ରଖିବା, ଯାହାଫଳରେ କି ସେହି ପ୍ରକୃତର ଜଡ଼ସ୍ଥ ତିନ୍ୱାଟିକୁ ଅର୍ଥାତ୍ ଏହି ଶସ୍ତ୍ରରଟିକୁ ଆପଣାଠାରୁ ଅଲଗା ବୋଲି ସ୍ୱତନ୍ତ୍ର ଭାବରେ ପଡ଼ିଯାଉଛୁ । ସଂଜ୍ଞାତା ଓ ସଂଜ୍ଞାନସ୍ୱରୂପା ଆତ୍ମା ହୃତ୍ପାଦରେ ତାହାର ଯେଉଁ ସ୍ୱୟମ୍ ପ୍ରକୃତଟି ରହିଛୁ, ସେଇଟି ଶେଷରେ ପୁରୁଷ ଚତୁଷ୍ଟୟ ହୋଇ ରହିଛୁ । ସେ ଆପଣାର ମନ ଓ ଆତ୍ମାକୁ ଶସ୍ତ୍ରରଗତ ତିନ୍ୱା ଓ ବିଧାନଟିର ଅଧୀନ ହୋଇ ରହିଛୁ ବୋଲି ବିଶ୍ୱାସ କରୁଛୁ । କେବଳ ଏହି ଶସ୍ତ୍ରର ରୂପଟିଠାରୁ ସିଏ ଯେ ଅଧିକ ବୃହତ୍ ଏବଂ ଆହୁରି ଅନେକ କିଛୁ, ପୁରୁଷ ସେକଥା ଏକାବେଳକେ ଭୁଲିଯାଇଛୁ । ମନ ଯେ ଜଡ଼ଠାରୁ ପ୍ରକୃତରେ ଅଧିକ ବଡ଼ ଓ ତାହାର ପ୍ରତିବନ୍ଧକରୁ ପାଖରେ ମନର ଯେ ନିଜସ୍ୱତା ହୋଇଥିବା ତଦାପି ସ୍ୱତନ୍ତ୍ର ହେବ ନାହିଁ, ଜଡ଼ର ଯାବତୀୟ ପ୍ରତିନିଧିତ୍ୱ ଏବଂ ନାନା ଓ ଅସାମର୍ଥ୍ୟଗତ

'oaob.nitrkl.ac.in' images reprocessed

ଜାଳା ଫଟାରକୁ ସ୍ୱୀକାର କଣ୍ଡନେବା କଦାପି ସମୀଚୀନ ହେବ ନାହିଁ, ପୁରୁଷ ସେକଥାଟିକୁ ପାପୋଷ ପକାଇଛନ୍ତି । ପୁରୁଷ ଭୁଲିଯାଇଛନ୍ତି ଯେ ସିଏ ମନଠାରୁ ମଧ୍ୟ ଏକ ବୃହତ୍ତର ସାମର୍ଥ୍ୟ; ଭାହା ଏପଣ ଏକ ସାମର୍ଥ୍ୟ ଯାହାକ ମନୋମସ୍ତ ସଙ୍କଳ୍ପ ଜାହାର ଆପଣା ଭୂମିଟିରୁ ଆହୁରି ଉର୍ଦ୍ଧ୍ୱକୁ ଉଠାଇ ନେଇଯାଇ ପାରବ; ସିଏ ଆପେ ପ୍ରଭୁ ଓ ଜସ୍ୱାମକ ବୋଲି ଭୁଲିଯାଇଛନ୍ତି, ବଣ୍ଡାଡାଡ ବୋଲି ଭୁଲିଯାଇଛନ୍ତି; ଏବଂ ସ୍ୱସ୍ୱଂ ପ୍ରଭୁ ଯେ ଭାଙ୍କ ଆପଣାର ଜିସ୍ୱାଗୁଡ଼ିକ ମଧ୍ୟରେ ଆବଦ୍ଧ ଓ ଅଧୀନ ହୋଇ ରହିବେ, ପରମ ବଣ୍ଡାଡାଡ ଯେ ଭାଙ୍କର ଆପଣା ସଷ୍ଟି ଭିତରେ ଥିବା ଏକ ଅକଞ୍ଚନ ଗୋଟିଏ ରୂପ ମଧ୍ୟରେ ବଦ୍ଧ ହୋଇ ରହିବେ, ଏକଥା ଆଦୌ ସମୀଚୀନ ନୁହେଁ । ଆପଣାର ଯଥାର୍ଥ ପ୍ରକୃତିକୁ ସ୍ମରଣ କର ପୁରୁଷକୁ ଏହିସବୁ ଘାବଡାସ୍ଥ ବସ୍ତୁ ଓ ମଧ୍ୟରୁ ମୁକ୍ତ ହେବାକୁ ପଡ଼ିବ; ଏବଂ ଏହି ଶସ୍ତ୍ରର କେବଳ ଏକ ଜିସ୍ୱାସ୍ପଦଭା ମାତ୍ର ଓ ପ୍ରକୃତର କେବଳ ଗୋଟିଏ ଜିସ୍ୱାସ୍ପଦଭା ମାତ୍ର, ପ୍ରଥମେ ଏହି କଥାଟିକୁ ସ୍ମରଣ କର ପୁରୁଷ ଆପଣାର ବସ୍ତୁ ଡରୁ ମୁକ୍ତ ହୋଇ ଆସିବ ।

ତା'ପରେ ଆମେ ମନକୁ ଯାଇ କହିବା : "ଏହି ଶସ୍ତ୍ରର ହେଉଛି ପ୍ରକୃତର କେବଳ ଏକ ଜିସ୍ୱା ମାତ୍ର, ଭାହା ତୋର ଯଥାର୍ଥ ସରଚସ୍ୱ ନୁହେଁ କଂବା ମୋର ବ ଯଥାର୍ଥ ସଷ୍ଟଚସ୍ୱ ନୁହେଁ । ତେଣୁ ତୋତେ ସେହି ଶସ୍ତ୍ରଠାରୁ ଅପସର ଯାଇ ଠିଆହେବାକୁ ପଡ଼ିବ ।" ଯଥାର୍ଥ ଭାବରେ ଚେଷ୍ଟା କଲେ ଆମେ ମନର ଏହି ଅପସର ଯିବାର ଓ ଅଫଲଗ୍ନ ହୋଇ ରହିବାର ଶକ୍ତି ରହିଛି ବୋଲି ଜାଣିବାକୁ ପାଇବା, ଏବଂ କେବଳ ଆପଣାର ଧାରଣା ମଧ୍ୟରେ ନୁହେଁ, ଆପଣାର କର୍ମରେ ମଧ୍ୟ ଶସ୍ତ୍ରଠାରୁ ଅପସର ରହିବାର ଏବଂ ସଡେଅବା ଶାସ୍ତ୍ରଜ ଭାବରେ ବା ଅଧିକ ଯଥାର୍ଥ ଭାବରେ କହିଲେ ପ୍ରାଣଗତ ଭାବରେ ମଧ୍ୟ ଶସ୍ତ୍ରଠାରୁ ଅପସର ରହିବାର ଶକ୍ତି ଏହି ମନ ଭିତରେ ରହିଛି ବୋଲି ଆବଷ୍କାର କରପାରିବା । ଶସ୍ତ୍ରଗତ ବସ୍ତୁଗୁଡ଼ିକ ପ୍ରତି ଏକପ୍ରକାର ଉଦାସୀନଭାର ଦୃଷ୍ଟି ପୋଷଣ କର ମନର ଏହି ଅନାସକ୍ତ ହୋଇ ରହିବାକୁ ଆହୁରି ବଳସ୍ଥ କର ରଖିବାକୁ ପଡ଼ିବ । ଶସ୍ତ୍ରର ନିନ୍ଦା ବା ଶସ୍ତ୍ରର ଜାଗରଣକୁ, ଭାହାର ଗତଭାଳୀନ ଅବସ୍ଥା ବର୍ତ୍ତମାନକାଳୀନ ଅବସ୍ଥାକୁ, ଏହାର ସୁସ୍ଥତା ଓ ଅସୁସ୍ଥତାକୁ, ଏହାର ଶକ୍ତିମତ୍ତା ଏବଂ ଅଦସନ୍ନତାକୁ, ଏହାର ସୁବିଧା ବା ଅସୁବିଧାକୁ ଏବଂ ଏହା ଜ'ଣ ଖାଉଛି ବା ଜ'ଣ ପିଉଛି ସେଗୁଡ଼ାକୁ ସଡେଅବା ଏକାନ୍ତ ଅପରିହାର୍ଯ୍ୟ ବୋଲି ଭାବ ଆମେ ସେଗୁଡ଼ାକ ବସ୍ତୁତଃ ଏଡେବେଶୀ ଚନ୍ତାଭ ହୋଇ କଦାପି ରହିବା ନାହିଁ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ଆମେ ଆମର ସାମର୍ଥ୍ୟ ଅନୁସାରେ ଶସ୍ତ୍ରକୁ ଯଥାର୍ଥ ଭାବରେ କାର୍ଯ୍ୟକ୍ଷମ କର ରଖିବା ନାହିଁ; ଆମେ କଦାପି କୌଣସି ଉତ୍କଟ ବୈରାଗ୍ୟଗତ କୁଣ୍ଠା ବା କାଷ୍ଠାର କବଳରେ ଆସି ପଡ଼ିଯିବା ନାହିଁ କଂବା ଏହି ଶସ୍ତ୍ରଜରୁପୀ ଗଠନ ପ୍ରତି

'oaob.nitrkl.ac.in' images reprocessed

ନାସ୍ତିଶ୍ରେଣି ଦୌଣସି ଅବହେଳା ପ୍ରଦର୍ଶନ କରିବା ନାହିଁ । ମାନ ଅପର ପକ୍ଷରେ ଆମେ କ୍ଷୁଧା ବା ପିପାସା ବା ଅସୁବିଧା ଜାତା ଅସୁସ୍ଥତା ଦ୍ୱାରା ଆମର ମନକୁ କଦାପି ଆକାନ୍ତ ମଧ୍ୟ କରି ରଖିବା ନାହିଁ ଅଥବା ଦେହ ଜଥା ପ୍ରାଣପ୍ରଧାନ ମନୁଷ୍ୟ ଦେହସମ୍ପର୍କୀ ବିଷୟଗୁଡ଼ିକ ଉପରେ ଯେତେବେଶୀ ମହତ୍ତ୍ୱ ଦେଇଥାଏ, ଆମେ ତାହା ଉପରେ କଦାପି ସେତେବେଶୀ ମହତ୍ତ୍ୱ ଦେବା ନାହିଁ । ଅଥବା, ଶସ୍ତ୍ରରୁ ଆମେ ବସ୍ତୁତଃ ପ୍ରାପ୍ତ ଏକ ଗୌଣ ମହତ୍ତ୍ୱ ଦେବା; କେବଳ ଏକ ସାଧନ ଭଳି ଯେଉଁକ ମହତ୍ତ୍ୱ ଦେବାର କଥା, ଆମେ ତାହାକୁ ସେଉଁକ ମହତ୍ତ୍ୱଟି ଦେବା । ଏବଂ ଏକ ସାଧନରୂପେ ଦେହ ଉପରେ ଯେଉଁକ ମହତ୍ତ୍ୱ ରଖିବି, ତାହା ଅନୁସାରରେ କଦାପି ଏକ ଅପରିହାର୍ଯ୍ୟତା ବା ଅତ୍ୟାବଶ୍ୟକତାରୂପେ ମଧ୍ୟ ପରିଗଣିତ ହେବ ନାହିଁ । ଦୃଷ୍ଟାନ୍ତସ୍ୱରୂପ, ଆମେ କଦାପି କଳ୍ପନା କରିବା ନାହିଁ ଯେ ଆମେ ସବୁବେଳ ଖାଇବା ଖାଇଛୁ ଓ ପିଇଛୁ, ତାହାରି ଉପରେହିଁ ଆମର ମନୋଗତ ଶୁଦ୍ଧତା ମଧ୍ୟ ନିର୍ଭରଶୀଳ ହୋଇ ରହିଛି । ଅବଶ୍ୟ ଏତଥା ସତ ଯେ ଏକ ବିଶେଷ ପର୍ଯ୍ୟାୟ ବା ଅବସ୍ଥାରେ ଆମର ଖାଦ୍ୟ ଓ ପାନୀୟରେ କିଛି କିଛି ନିଷେଧ ରଖିବା ଦ୍ୱାରା ତାହା ଆମର ଅନ୍ତର୍ଗତ ଅଗ୍ରଗତି ଲାଗି ମଧ୍ୟ ଉପଯୋଗୀ ହୋଇଥାଏ । ଅନ୍ୟ ପକ୍ଷରେ ଆମେ ଏଭଳି ଭାବିବାର ଅଭ୍ୟାସଟିକୁ ନାବୁଡ଼ ଧରି ରହିବା ନାହିଁ ଯେ ଖାଦ୍ୟ ଏବଂ ପାନୀୟ ଉପରେ ଆମ ମନର ଏବଂ ଏପରିକ ଆମ ପ୍ରାଣର ନିର୍ଭରଶୀଳତା ମଧ୍ୟ କେବଳ ଏକ ଫପ୍କାର ବା ଅଭ୍ୟସ୍ତତାଠାରୁ ପ୍ରକୃତରେ ଆହୁକିଛି ଅଧିକ ହୋଇପାରେ, ପ୍ରକୃତ ଏହାପରି ଭିତ୍ତି ମଧ୍ୟରେ ସ୍ଥାପିତ କରି ରଖିବା ଏକ ଅଭ୍ୟାସଗତ ସମ୍ବନ୍ଧଠାରୁ ପ୍ରକୃତରେ ଆହୁକିଛି ଅଧିକ ହୋଇପାରେ । ପ୍ରକୃତରେ କହିବାକୁ ଗଲେ ଆମେ ପ୍ରତ୍ୟହ ସେଉଁକ ଖାଦ୍ୟ ଖାଇଛୁ, ତାହାକୁ ଏକ ବିପଜ୍ଜନକ ଅଭ୍ୟାସ ଦ୍ୱାରା ଏବଂ ଯଥାସମ୍ଭବ କମ୍ ଖାଇବା ସ୍ୱତନ୍ତ୍ର ଏକ ନୂତନ ସମ୍ବନ୍ଧସ୍ଥାପନ ଦ୍ୱାରା ସେହି ଖାଦ୍ୟର ପରିମାଣକୁ କମ୍ କରି ଦଥାଯାଇ ପାରିବ ଏବଂ ତଦ୍ୱାରା ଆମର ମାନସିକ ଜଥା ପ୍ରାଣଗତ ଶକ୍ତି କୌଣସିପ୍ରକାରେ କଦାପି ଊଣା ହେବ ନାହିଁ । ଏପରିକ ଅନ୍ୟ ପକ୍ଷରେ ବଦ୍ଧରଶୀଳ ଜୀବରେ ସେଗୁଡ଼ିକର ବଳାଶପାଧନ କରିବା ଦ୍ୱାରା ସେଗୁଡ଼ିକୁ ଏକ ବୃହତ୍ତର ଶକ୍ତିମତ୍ତା ଲାଭ କରିବା ଲାଗି ଶିକ୍ଷା ମଧ୍ୟ ଦଥାଯାଇ ପାରିବ; କୌତିକ ଖାଦ୍ୟ ଓ ପାନୀୟ ଅପେକ୍ଷା ମନୋଗତ ଏବଂ ପ୍ରାଣଗତ ଶକ୍ତିସମ୍ପନ୍ନତାର ଗୁପ୍ତ ଭଣ୍ଡାର ବା ଉତ୍ସଗୁଡ଼ିକ ଉପରେ ଅଧିକ ନିର୍ଭର କରି ରହିବାକୁ ସେଗୁଡ଼ିକୁ ଶିକ୍ଷା ଦେଇପାରିଲେ ସେଗୁଡ଼ିକ ଏକ ବୃହତ୍ତର ଶକ୍ତିମତ୍ତା ଲାଭ କରିପାରିବେ, କାରଣ ସେହି ଉତ୍ସଗୁଡ଼ିକ ସହଜରେ ସେଗୁଡ଼ିକ ଫଯୁକ୍ତ ହୋଇ ରହିଛନ୍ତି । ଆତ୍ମ-ସାଧନା ଓ ଆତ୍ମ-ଜୟମନର ଏହି ଦୃଷ୍ଟିର ଅବଶ୍ୟ ଏଠା ଅପେକ୍ଷା ସମଗ୍ର ଯୋଗର ଅର୍ଥାତ୍ ଆତ୍ମ-ପରିପୂର୍ଣ୍ଣତାର ଯୋଗର କ୍ଷେତ୍ରରେ ଅଧିକ ମହତ୍ତ୍ୱ ରହିଛି । ଆମର ଉପସ୍ଥିତ ଉଦ୍ଦେଶ୍ୟଟି ସବାଗ୍ରେ

'oaob.nitrkl.ac.in' images reprocessed

କେବଳ ଏଉଳକୁ ଆମେ ମହତ୍ତ୍ୱପୂର୍ଣ୍ଣ ବୋଲି ଜାଣିରଖିବା ଯେ ମନ ଆପଣାର ସାବଧାସ୍ୱ ଲୁପ୍ତ ହୋଇ ରହିବାକୁ ସମ୍ପୂର୍ଣ୍ଣ ଭବରେ ପରିତ୍ୟାଗ କରିବ ଏବଂ ଶାସ୍ତ୍ରରକ ବଷସ୍ୱଗୁଡ଼ିକ ଉପରେ କଦାପି ନିର୍ଭରଶୀଳ ହୋଇ ରହିବ ନାହିଁ ।

ଏହିପରି ଭବରେ ଫସମତଲ ହୋଇ ମନ ଜମେ ଶସ୍ତ୍ରର ପ୍ରତି ପୁରୁଷର ଯଥାର୍ଥ ଦୃଷ୍ଟିଟି ପୋଷଣ କରିବାକୁ ଶିକ୍ଷା କରିବ । ପ୍ରଥମତଃ ମନୋମସ୍ୱ ପୁରୁଷକୁ ତାଡ଼ା ଶସ୍ତ୍ରରର ବଧାତା ବୋଲି ଜାଣିବ ଏବଂ କୌଣସିପ୍ରକାରେ ତାହାକୁ ଶସ୍ତ୍ରର ବୋଲି ଭ୍ରମ କରିବ ନାହିଁ । କାରଣ, ପ୍ରାଣଗତ ଶକ୍ତିର ମାଧ୍ୟମ ଦେଇ ମନ ଦ୍ୱାସ୍ୱ ପୁରୁଷ ଯେଉଁଟିକୁ ବଧୃତ କରି ରଖିଥାଏ, ତାହା ଆମର ଏହି ଭୌତିକ ଅସ୍ତିତ୍ୱମାତ୍ର ନୁହେଁ, ତାହା ହେଉଛି ଏକ ସମ୍ପୂର୍ଣ୍ଣ ଅନ୍ୟ ପଦାର୍ଥ । ଏବଂ ଏହି ଦୃଷ୍ଟିଟି ଜମେ ଏତେ ବେଶୀ ପରମାଣରେ ଆମର ଏହି ଶାସ୍ତ୍ରରକ ଗଠନଟି ପ୍ରତି ସମସ୍ତ ସସ୍ତ୍ରର ଦୃଷ୍ଟିରେ ପରିଣତ ହେବାକୁ ଆରମ୍ଭ କରିବ ଯେ ଆମର ଶସ୍ତ୍ରର ଆମ ପାଖରେ ସତେଅବା କୌଣସି ବହିଃସ୍ଥ ପଦାର୍ଥ ବୋଲି ଅନୁଭୂତ ହେବାକୁ ଲଗିବ, ଏବଂ ଆମର ପରିବ୍ୟତ ବସ୍ତୁଟି ପରି ଅଥବା ଆମେ ହାତରେ ଧରି ଯାଉଥିବା କୌଣସି ଅସ୍ତ୍ର ବା ଯନ୍ତ୍ରଟି ପରି ଆମଠାରୁ ବିଚ୍ଛିନ୍ନ ବା ଅପସୃତ କରି ବେଶ୍ ରଖାଯାଇ ପାରିବ ବୋଲି ମଧ୍ୟ ମନେହେବ । ଆମେ ତୁଏତ ଆହୁରି ଆଗକୁ ଯାଇ ଏପରି ମଧ୍ୟ ଅନୁଭବ କରିବାକୁ ଆରମ୍ଭ କରିବା ଯେ ଗୋଟାଏ ଅର୍ଥରେ ବସ୍ତୁର କରି ଦେଖିଲେ ଆମ ଶସ୍ତ୍ରରର ପ୍ରକୃତରେ କୌଣସି ଅସ୍ତିତ୍ୱ ନାହିଁ; ଆମ ପ୍ରାଣିକ ସାମର୍ଥ୍ୟ ତଥା ଆମ ମନୋଗତ ଭୂମିଟିର ଏକ ଆଂଶିକ ଅଭିବ୍ୟକ୍ତି ବ୍ୟତୀତ ଏହାର ପ୍ରକୃତରେ କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ । ଏହିସବୁ ଅନୁଭୂତିରୁ ଆମକୁ ଏହି ସଙ୍କେତ ମିଳିବ ଯେ ଆମର ମନ ଶସ୍ତ୍ରର ବଷସ୍ୱରେ ପ୍ରକୃତରେ ଏକ ଯଥାର୍ଥ ସମତାସମ୍ପନ୍ନ ଦୃଷ୍ଟି ଲାଭ କରି ଆସୁଛି; କେବଳ ଭୌତିକ ଇନ୍ଦ୍ରିସ୍ୱବୋଧ ଦ୍ୱାସ୍ୱ ଅତିରକ୍ତ ଭବରେ ଅଧିକୃତ ଏବଂ ଜଡଲତ ହୋଇ ରହି ମନୋଗତ ଭୂମିରେ ଆଗରୁ ଯେଉଁ ମିଥ୍ୟାଗ୍ରସ୍ତ ଦୃଷ୍ଟିକୋଣଟି ରହି ଆସିଥିଲା, ତାହା ବଦଳରେ ମନ ବସ୍ତୁଗୁଡ଼ିକ ବଷସ୍ୱରେ ଏକ ଯଥାର୍ଥ ସତ୍ୟମୂଳକ ଦୃଷ୍ଟି ଲାଭ କରିବାକୁ ଆରମ୍ଭ କରୁଛି ।

ଦ୍ୱିତୀସ୍ୱତଃ, ଶସ୍ତ୍ରରର ସାବଧାସ୍ୱ ଗତ ତଥା ଅନୁଭୂତ ବଷସ୍ୱରେ କହିବାକୁ ଗଲେ, ଆମର ମନ ସେହି ଶସ୍ତ୍ରର ଭିତରେ କେବଳ ପୁରୁଷହିଁ ଆସୀନ ହୋଇ ରହିବନ୍ତ ବୋଲି ଜମଶଃ ଜାଣିବାକୁ ପାଇବ । ପ୍ରଥମତଃ ଏହିସବୁ ନାନା ଗତଖଣ୍ଡନର ସାଈ ବା ଅବଲୋକନକାସ୍ତାରୂପେ ଆସୀନ ରହିଛନ୍ତି, ଓ ଦ୍ୱିତୀସ୍ୱତଃ ଏହିସବୁ ଅନୁଭୂତିର ଜ୍ଞାତା ବା ଗ୍ରହୀତାରୂପେ ଆସୀନ ରହିଛନ୍ତି । ଏହିସବୁ ଗତଖଣ୍ଡନ ଏବଂ ଅନୁଭୂତିକୁ ମନ ଆଉ ଆପଣା ଭବନାରେ ଆପଣାର ଭବନା ବୋଲି ଭବିବ ନାହିଁ ଅଥବା ଏହିସବୁ ଅନୁଭୂତିକୁ ସେ ଆପଣାର ବୋଧଭୂମିରେ ଆପଣାର ଅନୁଭୂତି

'oaob.nitrkl.ac.in' images reprocessed

ବୋଲି ଅନୁଭବ ବି କରିବ ନାହିଁ । ବରଂ ଏସବୁକୁ ସେ ଆଉ ଜାହାଣ ସ୍ୱତନ୍ତ୍ର ଭଳି ଅନୁବୃତ୍ତ ବୋଲି ସ୍ୱତନ୍ତ୍ର ଓ ଅନୁଭବ କରିବ; ସେ ସେଗୁଡ଼ିକୁ ପ୍ରକୃତଗତ ଗୁଣ ଦ୍ୱାରାହିଁ ଜସ୍ୱର୍ବିତ ହେଇଥିବା ସେହି ପ୍ରକୃତିର ନାନା ଜିନ୍ୟା ବୋଲି ଅନୁଭବ କରିବ, ସେହି ଗୁଣଗୁଡ଼ିକର ପାରସ୍ପରିକ ପ୍ରତିନିଧି। ବୋଲିହିଁ ସ୍ୱତନ୍ତ୍ର । ଏହି ଜର୍ଲିପ୍ତ ହୋଇ ରହିବାକୁ ହେଲେ ଏପରି ଏକ ସ୍ୱତନ୍ତ୍ରତା ବୃତ୍ତିରେ ପରିଣତ ନକଲ ତାହାଠାରୁ ପାରିବ ଓ ଏପରି ଅଧିକ ଦୂରକୁ ବଢ଼ନ କରି ନଥାଇ ପାରିବ ଯେ ତାହାର ଫଳସ୍ୱରୂପ ମନ ଆଉ ଶରୀର ମଧ୍ୟରେ ଯୋଗାଯୋଗପ୍ରକାର ବନ୍ଦ୍ଧନ ଅସି ଉପସ୍ଥିତ ହେବ ଏବଂ ମନ ଆମ ଶାରୀରର ସନ୍ତୁଷ୍ଟିର ସ୍ୱେଦ, ଶୋଷ, ଦନ୍ତ, ଅବସାଦ ଓ ଜ୍ଲାନ୍ତ ପ୍ରଭୃତିକୁ ପରେଥରା କୌଣସି ଜଣେ ଅନ୍ୟ ବ୍ୟକ୍ତିର ନାନା ଅନୁଭବ ପରି ଜାଣିବାକୁ ଆରମ୍ଭ କରିବ, ଯାହା ସହଜ ଭାହାର ଏତେବେଳି ପରମାଣୁରେ ଏକ ସମ୍ପୂର୍ଣ୍ଣରେ ସମତାବସ୍ଥା ରହିଛି ଯେ ସେ ସେହି ଅନ୍ୟଜଣକ ଭିତରେ ଯାହାକିଛି ଘଟୁଛି, ସେଗୁଡ଼ିକ ବିଷୟରେ ସିଏ ନଜେ ମଧ୍ୟ ହଜିଯିବାପରି ହୋଇପାରୁଛି । ଆପଣାକୁ ଆପଣାର ସାଧନରେ ପରିଣତ କରିବା ଭିତରେ ଏହି ବନ୍ଦ୍ଧନ ହେଉଛି ଏକ ସ୍ୱର ବଡ଼ ଉପାୟ, ଏକ ବୃହତ୍ତ୍ୱ ପଦକ୍ଷେପ । କାରଣ ପ୍ରଥମତଃ ସେହିସବୁ ଅନୁଭବ ଦ୍ୱାରା କୌଣସିପ୍ରକାରେ କରଣିତ ନହୋଇ ମନ ସେଗୁଡ଼ିକୁ ଅବଲୋକନ କରିବା ଲାଗି ସମର୍ଥ ହୁଏ ଏବଂ ପରିଶେଷରେ ସେଗୁଡ଼ିକ ଦ୍ୱାରା କୌଣସିପ୍ରକାରେ ଆଘାତ ନହୋଇ ସଜଳ ଶ୍ରସ୍ତତାରୁ ମୁକ୍ତ ରହି ନର୍ମଳ ବୋଧଶକ୍ତିର ଅଖଣ୍ଡ ପରିପୂର୍ଣ୍ଣ ସୋହମ୍ମୁକ୍ତତା ସହିତ ସେଗୁଡ଼ିକୁ ଅବଲୋକନ କରିପାରେ । ଶରୀର ପାଖରେ ପରିବର ହୋଇ ରହିବାରୁ ଏହାକୁ ଆମେ ମନୋମସ୍ୟ ସନ୍ତୁର ଏକ ପ୍ରଥମସ୍ତରସ୍ଥ ମୁକ୍ତିଲାଭ କରିବା ବୋଲି କହିପାରିବା । କାରଣ ଅତଃଚ୍ଛତ ସ୍ୱରରେ ଯଥାର୍ଥ ଜ୍ଞାନକୁ ଜାର୍ଜାଜାଣ୍ଡ କରିପାରିଲେ ତାହାର ଅନ୍ତରାର୍ଜା ପରିଣାମସ୍ୱରୂପ ଏହି ବମୋତଜଟି ଉପଲବ୍ଧି ହୋଇଥାଏ ।

ସଂକ୍ଷେପ ପର୍ଯ୍ୟାସ୍ତିରେ ଆମର ମନ ମନୋମସ୍ୟ ଭୂମିରେ ଅଧିସ୍ଥିତ ରହିବା ପୂରୁଷତ୍ତ୍ୱ ପ୍ରକୃତିର ଜସ୍ୱାମକ ଓ ପରିସ୍ଫଳକ ପ୍ରଭୃତିରୂପେ ଜାଣିବା ଲାଗି ଆରମ୍ଭ କରିଦେବ; ପ୍ରକୃତିର ଯାବତୀୟ ଘଟଣାବଳି ଲାଗି ତାଙ୍କର ଆଜ୍ଞାକୁହିଁ ଆଦର୍ଶତ ବୋଲି ଜାଣିବ । ସେତେବେଳେ ମନ ଦେଖି ଜାଣିବାକୁ ପାରିବ ଯେ ପ୍ରକୃତିର ସୁନ୍ଦର ସଂସାରଗୁଡ଼ିକର ଷେତ୍ରରୁ ଆପଣାର ମୂଳ ଆଜ୍ଞାସ୍ତିକୁ ପ୍ରତ୍ୟାହାର କରିନେବା ଲାଗି ମଧ୍ୟ ସେହି ଆଦେଶକାର୍ଯ୍ୟଙ୍କର ପୂର୍ଣ୍ଣ ସାମର୍ଥ୍ୟ ରହିଛି, ସେ ଜାଣିବାକୁ ପାରିବ ଯେ ଜାଲଜମେ ଏହି ସଂସାରଟି ମଧ୍ୟ ଏତାବେଳକେ ଗୁଡ଼ି ହୋଇଯିବ ଅଥବା ସେହି ପୂରୁଷର ଇଚ୍ଛା ଦ୍ୱାରାହିଁ ନର୍ଦ୍ଦେଶିତ ହୋଇଥିବା ଅନୁପାତରେ ତାହା ବଦଳି ବି ଯାଇପାରିବ । ଏକଥାଟି ସଙ୍ଗେସଙ୍ଗେ ହୋଇଯିବ ନାହିଁ, କାରଣ ପ୍ରକୃତିର ପୁଂ

'oaob.nitrkl.ac.in' images reprocessed

କର୍ମର ଫଳପ୍ରସୂ କ୍ଷମ ହେବା ପର୍ଯ୍ୟନ୍ତ ସେହି ପୂର୍ବତନ ଆଜ୍ଞାଟି ଏକ ଅନବାରଣୀୟ ପରିଣାମରୂପେ ଉପସ୍ଥିତ ରହିଥିବ; ଏବଂ ଫଳପ୍ରଦ ଅଭ୍ୟାସ ବା ଫସ୍କାରଟିରେ ପ୍ରକୃତରେ କେତେ ଶକ୍ତି ରହିଛି ଏବଂ ମନ ପୁଣି ସେଇଟି ଉପରେ ମୌଳିକ ଆବଶ୍ୟକତାର ଧାରଣାଟିକୁ କେତେବେଶୀ ନ୍ୟସ୍ତ ବା ଆରୋପିତ କରି ରଖିଛି, ତାହା ଉପରେ ମଧ୍ୟ ଅନେକ ବହୁପରି ନର୍ଭର କରୁଥିବ । ମାନ ଯଦି ଏଇଟି ମନ, ପ୍ରାଣ ଓ ଦେହର ସମ୍ବନ୍ଧ ସକାଶେ ପ୍ରକୃତ ପ୍ରତିଷ୍ଠିତ କରି ରଖିଥିବା ମୌଳିକ ଅଭ୍ୟାସଗୁଡ଼ିକ ମଧ୍ୟରୁ ଗୋଟିଏ ହୋଇ ନଥିବ, ଯଦି ମନ ସେହି ପୂର୍ବତନ ଅଭ୍ୟାସଟିକୁ ପୂର୍ତ୍ତି ଅରେ ନୂଆ କରି ପ୍ରବର୍ତ୍ତିତ କରିବାକୁ ଇଚ୍ଛା କରୁ ନଥିବ ଏବଂ ଯଦି ଇଚ୍ଛାକୃତ ଭାବରେ ଅଭ୍ୟାସକୁ ଧରି ପଡ଼ି ରହିବାର କୌଣସି ପ୍ରବୃତ୍ତି ନଥିବ, ତେବେ ଯଥାସମ୍ଭବରେ ଅବଶ୍ୟ ପରିବର୍ତ୍ତିନ ଆସି ପଡ଼ିଥିବ । ଏପରିକ କ୍ଷୁଧା ଓ ତୃଷ୍ଣାର ଅଭ୍ୟାସଗୁଡ଼ିକୁ ମଧ୍ୟ ଯଥାସମ୍ଭବ କମ୍ କରିଘାଇ ପାରିବ, ଦବାଇ ରଖିଦେଇ ହେବ ଏବଂ ସେଗୁଡ଼ିକର ପୁର୍ଣ୍ଣ ନିୟନ୍ତ୍ରଣ କରିଘାଇ ପାରିବ । ରୁଗ୍ଣ ଓ ଅସୁସ୍ଥ ହେବାର ଅଭ୍ୟାସଟିକୁ ମଧ୍ୟ ସେହିପରି ଯଥାସମ୍ଭବ କମ୍ କରିଦେଇ ହେବ, ଏବଂ ଜନ୍ମଶଃ ନିୟନ୍ତ୍ରିତ କରିହେବ ଏବଂ ପ୍ରାଣଗତ ଶକ୍ତିର ସଚେତନ ନିୟୋଜନ ଦ୍ୱାରା ହେଉ ଅଥବା ସିଧା ଏହି ମନର ଏକ ଅନୁରୂପ ନିର୍ଦ୍ଦେଶ ଦ୍ୱାରା ହେଉ, ଇଚ୍ଛାବଳରେ ଶରୀରଗତ ବିଶୃଙ୍ଖଳା ଓ ବିପଟନଗୁଡ଼ିକୁ ପୂର୍ତ୍ତି ସକାଶଦେଇ ପାରିବା ଲାଗି ମନର ସାମର୍ଥ୍ୟଟି ମଧ୍ୟ ବିପୁଳ ପରିମାଣରେ ବୃଦ୍ଧି ପାଇବାରେ ଲାଗିଥିବ । ଠିକ୍ ସେହିପରି ଏକ ପ୍ରକିୟା ଦ୍ୱାରା ମଧ୍ୟ ଯେଉଁ ଅଭ୍ୟାସଟି ଦ୍ୱାରା ଆମର ଦେହଗତ ପ୍ରକୃତି ନିୟାମକ ରହିବାର କେତେକ ପ୍ରକାର ଓ ମାତ୍ରାକୁ ସାଧାରଣତଃ କଷ୍ଟକରତା, କ୍ଲାନ୍ତି ଏବଂ ଅସମର୍ଥତା ସହିତ ଏକାଠି ଯୋଡ଼ିକର ରହିଥାଏ, ସେଇଟିର ଆବଶ୍ୟକ ସଂଶୋଧନ ହୋଇଯିବ; ଶକ୍ତିରୂପୀ ଏହି ସାଧନଟି ଦ୍ୱାରା କରିଘାଇ ପାରୁଥିବା ଶାରୀରକ ଅଥବା ମାନସିକ ଉଭୟ ପ୍ରକାରର କାର୍ଯ୍ୟର ଶକ୍ତିମତ୍ତା, ସାବଲ୍ୟଲତା, କ୍ଷିପ୍ରତା ଏବଂ ଫଳଦାୟକତା ଅଦ୍ଭୁତ ପ୍ରକାରେ ବୃଦ୍ଧି ପାଇବ, ଦୁଇଗୁଣ ହୋଇଯିବ, ତିନଗୁଣ ବା ଦଶଗୁଣ ବି ହୋଇଯିବ ।

ସାଧନାର ଏହି ଦିଗଟିକୁ ଆମେ ଯଥୋପଯୁକ୍ତ ଭାବରେ ଆତ୍ମ-ପରିପୂର୍ତ୍ତିର ଯୋଗର ଏକ ଅଙ୍ଗ ବୋଲି କହିବା । ମାନ ତଥାପି ସମ୍ପୂର୍ତ୍ତି ଯୁକ୍ତିଯୁକ୍ତତା ସହିତ ଏଠାରେ ମଧ୍ୟ ସଂକ୍ଷେପରେ ସେଗୁଡ଼ିକ ବିଷୟରେ ବର୍ତ୍ତନା କରିହେବ; କାରଣ ତଦ୍ଦ୍ୱାରା ସମଗ୍ର ଯୋଗର ଏକ ଅଂଶସ୍ୱରୂପ ଆତ୍ମ-ପରିପୂର୍ତ୍ତିର ବିଷୟରେ ଆମର ଯାହାକିଛି କହିବାର ଅଛି, ସେଠାରେ ଆମେ ସେଥିଲାଗି ଏକ ଭୂମି ତିଆର କରି ରଖିପାରିବା; ଏବଂ କାରଣ ଜଡ଼ବାଦୀ ବିଜ୍ଞାନ ଦ୍ୱାରା ସେଉଁପରି ଭୁଲ୍ ଧାରଣାକୁ ଲୋକାଦୃତ କରି ରଖାଯାଇଛି, ଆମକୁ ସେଗୁଡ଼ିକରେ ମଧ୍ୟ ଆବଶ୍ୟକ ସଂଶୋଧନ ଆଣିବାକୁ ପଡ଼ିବ । ଏହି ବିଜ୍ଞାନଟି ଅନୁସାରେ, ଆମର ଜଡ଼ୀୟନୈମିତ୍ତିକ ଓ ସାଧାରଣ ମାନସିକ ତଥା

'oaob.nitrkl.ac.in' images reprocessed

ଶାସ୍ତ୍ରୀୟ ସ୍ଥିତିଗୁଡ଼ିକୁ ଏବଂ ବାସ୍ତବ କ୍ଷେତ୍ରରେ ଆମର ପୁଙ୍ଖାନୁପୁଙ୍ଖ ବର୍ତ୍ତମାନର ଦ୍ୱାରା ପ୍ରତିଷ୍ଠିତ ହୋଇ ରହିଥିବା ମନ ଓ ଶଙ୍କରର ପାରସ୍ପରିକ ସମ୍ବନ୍ଧଗୁଡ଼ିକୁ ଆମେ ଆମର ଯଥାର୍ଥ, ସ୍ୱାସ୍ଥ୍ୟକର ଓ ପୁଷ୍ଟ ଅବସ୍ଥା ବୋଲି କହିବା, ଏବଂ ଏଗୁଡ଼ିକର ବାହାରେ ଆଉ ଯାହାକିଛି ଉହ୍ୟ ଏବଂ ଯାହାସବୁ ଏଗୁଡ଼ିକର ବିରୋଧୀ ଓ ଦୋଷଯୁକ୍ତ ହୋଇ ପ୍ରତୀୟମାନ ହେଉଛନ୍ତି, ସେଗୁଡ଼ିକୁ କେବଳ ବ୍ୟାଧିଯୁକ୍ତ ଓ ମିଥ୍ୟା ବୋଲି କହିବାକୁ ପଡ଼ିବ, ଏକ ଭ୍ରମ ବୋଲି କୁହାଯିବ ଅଥବା କେବଳ ଅସତ୍ୟପ୍ରବଞ୍ଚନା ଏବଂ ଭ୍ରାନ୍ତିଜନକ ବୋଲି କହିବାକୁ ହେବ । ଏତଥା କହିବା ଅନାବଶ୍ୟକ ଯେ ପ୍ରକୃତ ଉପରେ ମନୁଷ୍ୟର ଅଧିକାର ପ୍ରତ୍ୟୁତ୍ଥାପନ ସକାଶେ ଯେତେବେଳେ ବଙ୍କିମ ପୂର୍ଣ୍ଣ ଉତ୍ସାହ ଓ ସଫଳତା ସହିତ ଏହି ଜଡ଼ପ୍ରକୃତିର ସାଧାରଣ ନିୟାମକତାର ଭୂମିରେ ଦୈହିକ ପରିବର୍ତ୍ତନ ତଥା ଉନ୍ନତିବିଧାନ ସମ୍ଭବ ନଗଦେଇଛନ୍ତି, ସେତେବେଳେ ସେ ସ୍ୱୟଂ ତା'ର ଏହି ରକ୍ଷଣଶୀଳ ସିଦ୍ଧାନ୍ତଟିର ଉପେକ୍ଷା କରୁଛନ୍ତି । ଏଠାରେ ଚଢ଼ାନ୍ତ ଭାବରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ଯେତେବେଳେ ମନୁଷ୍ୟର ମାନସିକ ତଥା ଶାସ୍ତ୍ରୀୟ ସ୍ଥିତିରେ ଅଥବା ତା'ର ମନ ଓ ଶଙ୍କର ମଧ୍ୟରେ ରହିଥିବା ସମ୍ବନ୍ଧଟିରେ ଏକ ପରିବର୍ତ୍ତନ ଘଟି ତା' ସମ୍ମୁଖରେ ଶୁଭତା ଏବଂ ସାବଲ୍ୟଲାଭର ବୃଦ୍ଧିସାଧନ କରୁଛି, ତାକୁ ଏକ ନିର୍ମଳ ଆନନ୍ଦ ଓ ପ୍ରଶାନ୍ତି ଆଣି ଦେଉଛି ଓ ତା'ର ଆପଣା ଉପରେ ତଥା ଶାସ୍ତ୍ରୀୟ ନିୟାମଗୁଡ଼ିକ ଉପରେ ମନର ଶକ୍ତିକୁ ବଢ଼ୁଗୁଣିତ କରିଦେଇ ଯାଉଛି, ଅର୍ଥାତ୍ ଚୋଟିଏ ତଥାରେ କହିଲେ ମନୁଷ୍ୟକୁ ତା'ର ଆପଣା ପ୍ରକୃତିଟି ଉପରେ ଏକ ବୃହତ୍ତର ନିୟନ୍ତ୍ରଣଶକ୍ତି ଆଣି ଦେଉଛି; ସେତେବେଳେ ସ୍ପଷ୍ଟତଃ ତାହାକୁ କଦାପି ବ୍ୟାଧିଯୁକ୍ତ ବୋଲି କୁହାଯିବ ନାହିଁ, ତାହାକୁ ଦୈହିକ ଭ୍ରମ କିମ୍ବା ଅସତ୍ୟପ୍ରବଞ୍ଚନା ବୋଲି କହିହେବ ନାହିଁ, କାରଣ ଏଥିରୁ କେବଳ ସତ୍ୟତା ସ୍ପଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ପରିଣାମହିଁ ଉତ୍ପନ୍ନ ହେଉଛି । ବସ୍ତୁତଃ, ଆମେ ଏହାକୁ ବ୍ୟତୀତ ବିବର୍ତ୍ତନ ସାଧନ କରିବାର ମାର୍ଗରେ ପ୍ରକୃତିର କେବଳ ଏକ ପ୍ରେରୟିତା ଅଟେ ବୋଲିହିଁ କହିପାରିବା; ଆମେ ଏହାକୁ ଏପରି ଏକ ବିବର୍ତ୍ତନ ବୋଲି କହିବା ଯାହାକୁ କି ପ୍ରକୃତ ଅବଶ୍ୟ ଅନ୍ତଃସ୍ଥର କରିଦେଇଥିବ, ମାନ ଯେଉଁଥିରେ ଆପଣାର ପ୍ରଧାନ ଚାର୍ଯ୍ୟସାଧକ ନିମିତ୍ତରୂପେ ସେ ମନୁଷ୍ୟର ଇଚ୍ଛାକୁ ମଧ୍ୟ କାମରେ ଲଗାଇବାକୁ ଇଚ୍ଛାପୋଷଣ କରିଛନ୍ତି; କାରଣ ସେହି ପ୍ରକୃତି ଉପରେ ପୁରୁଷକାରହିଁ ସବୋଚ୍ଚମ ନିୟାମକରୂପେ ପ୍ରତିଷ୍ଠିତ କରିଦେବାହିଁ ତା'ର ଅସଲ ଲକ୍ଷ୍ୟ ହୋଇ ରହିଛନ୍ତି ।

ଏହାପରେ ଆମେ କେବଳ ଏତିକି କହିରଖିବା ଯେ ଜ୍ଞାନମାର୍ଗର ସାଧନାରେ ମନ ଓ ଶଙ୍କରର ସମ୍ପାଦ ପରିପୂର୍ଣ୍ଣତା ସାଧନ କରିବାକୁ ଆଦୌ ଏକ ଲକ୍ଷ୍ୟରୂପେ ଗ୍ରହଣ କରିଥିବ ନାହିଁ ଅଥବା କେବଳ ଚୋଟିଏ ପ୍ରଧାନ ଲକ୍ଷ୍ୟ ହିସାବରେ ତାହାର ଗ୍ରହଣ କରିଥିବ । ଯଥାସମ୍ଭବ ଅଧିକ ଦ୍ରୁତଗତିରେ ବା ଯଥାସମ୍ଭବ ସମ୍ପୂର୍ଣ୍ଣ

'oaob.nitrkl.ac.in' images reprocessed

ଦୋଷମୁକ୍ତ ଓ ସମ୍ପୂର୍ଣ୍ଣ ଜ୍ଞବରେ ଫଳଦାସ୍ୱକ ପଦ୍ଧତିର ଅନୁସରଣ କଣ ପ୍ରକୃତର ସୀମା ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇ ପରମ ଆତ୍ମସତ୍ତ୍ୱର ଭୂମିରେ ଯାଇ ପ୍ରବେଶ କରିବା,— ଏଠାରେ ସଂକ୍ଷେପରେ ଆବଶ୍ୟକତା କହିଲେ ଏହାହିଁ ବୁଝାଇବ । ଏବଂ ଏଠାରେ ଆମେ ଯେଉଁ ପଦ୍ଧତିର ବର୍ଣ୍ଣନା କରୁଛୁ, ତାହା ଦ୍ରୁତତମ ନହେଲେହେଁ ତାହାକୁହିଁ ଆପଣାର ଫଳଦାସ୍ୱକତାରେ ସବୁଠାରୁ ଅଧିକ ପାରଙ୍ଗମତାପୂର୍ଣ୍ଣ ବୋଲି କହିବାକୁ ହେବ । ଏବଂ ଏଠାକୁ ଆସି ଆମକୁ ଶାସ୍ତ୍ରର କିସ୍ୱା ବା ନିସ୍ତ୍ରସ୍ୱତାର ପ୍ରଶ୍ନଟିର ସମ୍ମୁଖୀନ ହେବାକୁ ପଡ଼ିବ । ସାଧାରଣତଃ ଏଭଳି ବସ୍ତୁର କଲ୍ପନା କରିଥାଏ ଯେ ଯୋଗୀ ଆପଣାକୁ ଯଥାସମ୍ଭବ ସକଳ କିସ୍ୱାରୁ ପ୍ରତ୍ୟାହୃତ କର ରଖିବ; ଏବଂ ଅନ୍ତରକୁ କର୍ମଶୂନ୍ୟ ହୋଇ ରହିବାକୁ ବଶେଷ ଜ୍ଞବରେ ଯୋଗୀ ଲଗି ଏକ ବାଧା ବୋଲି ବସ୍ତୁର କଲ୍ପନା କରିଥାଏ, କାରଣ ତାହାଦ୍ୱାରା ତାହାର ଶକ୍ତିଗୁଡ଼ାକ ବହିର୍ମୁଖ ହୋଇ ନଷ୍ଟ ହୋଇଯାଏ । କେତେକ ପରମାଣରେ ଆମେ ଏହାକୁ ଏକ ସତ୍ୟ ବୋଲି କହିବା, ଏବଂ ଆଗକୁ ଏକଥାଟିକୁ ମଧ୍ୟ ଉଲ୍ଲେଖ କର ରଖିବା ଯେ ଯେତେବେଳେ ମନୋମସ୍ୱ ପୁରୁଷ କେବଳ ସାକ୍ଷୀ ଭଳି ଅବଲୋକନକାରୀର ଦୃଷ୍ଟିକୁ ବହନ କର ରହେ, ସେତେବେଳେ ସଶ୍ମି ମଧ୍ୟରେ ମାରବତ୍ତା, ଏକାନ୍ତତା, ଭୌତିକ ନଶ୍ଚଳାବସ୍ଥା ଏବଂ ଶାସ୍ତ୍ରର କିସ୍ୱାରହିତତା ଲଗି ଏକ ପ୍ରବୃତ୍ତି ବକାଶଲାଭ କରିବାକୁ ଆରମ୍ଭ କରେ । ଏହି ପ୍ରବୃତ୍ତିଟି ଯେପର୍ଯ୍ୟନ୍ତ ଜଡ଼ତା, ଅସମର୍ଥତା ଅଥବା କର୍ମବମୁଖତା ସହିତ ସଂଯୁକ୍ତ ହୋଇ ରହି ନଥାଏ, ଅର୍ଥାତ୍ ଗୋଟିଏ କଥାରେ କହିଲେ ତମୋଗୁଣର ବୃଦ୍ଧି ସହିତ ସଂଯୁକ୍ତ ହୋଇ ରହି ନଥାଏ, ସେପର୍ଯ୍ୟନ୍ତ ଏପରି ଦ୍ୱାସ କେବଳ ସୁଫଳହିଁ ପ୍ରାପ୍ତ ହୁଏ । କୌଣସି କାର୍ଯ୍ୟ ନକରିବାର ଶକ୍ତିକୁ ଆମେ ଆଳସ୍ୟ, ଅସାମର୍ଥ୍ୟ ବା କର୍ମ ପ୍ରତି ଅଶ୍ରଦ୍ଧା ଅଥବା ନଷ୍କର୍ମତା ପ୍ରତି ଆସକ୍ତଠାରୁ ସମ୍ପୂର୍ଣ୍ଣ ପୃଥକ୍ ବୋଲି ଜାଣିରଖିବା; ତାହାକୁ ଆମେ ଏକ ବୃହତ୍ ଶକ୍ତି ଓ ବୃହତ୍ ଜୟୋତ୍ତଶସାମର୍ଥ୍ୟ ରୂପେ ଜାଣିରଖିବା । ଜଣେ ଜ୍ଞାନଯୋଗୀ ଜନ୍ମରୁ ସକଳ ଜ୍ଞବନାରୁ ସମ୍ପୂର୍ଣ୍ଣରୂପେ ବରତ ହୋଇ ପାରିବାର ଶକ୍ତିଟି ଲଗି ଯେଉଁକ ଆବଶ୍ୟକତା ରହିଛି, ସକଳ କର୍ମରୁ ସମ୍ପୂର୍ଣ୍ଣରୂପେ ନବୃତ୍ତ ହୋଇ ପାରିବାର ଶକ୍ତିଟି ଲଗି ମଧ୍ୟ ସେତିକ ଆବଶ୍ୟକତା ରହିଛି; ଅନନ୍ତର୍ଦିଷ୍ଟ କାଳ ପାଇଁ ପୂର୍ଣ୍ଣ ଏକାନ୍ତତା ଓ ମାରବତ୍ତାରେ ରହିପାରିବାର ଶକ୍ତିଟି ଲଗି ଏବଂ ଅବଚଳ ସ୍ଥିରତାର ଶକ୍ତିଟି ଲଗି ଯେଉଁକ ଆବଶ୍ୟକତା ରହିଛି, କର୍ମନବୃତ୍ତିର ଶକ୍ତିଟି ଲଗି ମଧ୍ୟ ସେତିକ ଆବଶ୍ୟକତା ରହିଛି । ଏହିପରି ସ୍ଥିତିରେ ପ୍ରବେଶ କରିବା ଲଗି ଯିଏ ଇଚ୍ଛୁକ ହୋଇପାରୁ ନାହିଁ, ସିଏ ସଙ୍ଗୋଚ ଜ୍ଞାନ ଯାଏ ପଢ଼ିଥିବା ମାର୍ଗଟି ଲଗି ତଥାପି ଉପଯୁକ୍ତ ହୋଇପାରି ନାହିଁ; ଯିଏ ସେପରି ଆଡ଼କୁ ଅଗ୍ରସର ହେବା ଲଗି ଅସମର୍ଥ ହୋଇ ରହିଛି, ସେ ସେହି ଜ୍ଞାନଟିର ଅଧିକାସ୍ତ ହେବା ଲଗି ତଥାପି ଅନୁପଯୁକ୍ତ ହୋଇ ରହିଛି ।

'oaob.nitrkl.ac.in' images reprocessed

ଯୁଗପତ୍ ଜ୍ଞବରେ ଆତ୍ମର ଏକାଟି ମଧ୍ୟ କହ୍ନରଖିବା ଉଚିତ ଯେ କେବଳ ଏହି ଶକ୍ତିକୁ ହାସଲ କରବାକ୍ଟି ଏହି କ୍ଷେତ୍ରରେ ଯଥେଷ୍ଟ ହେବ; ଶାସ୍ତ୍ରର ସକଳ ନିୟାରୁ ଜନ୍ମୁକ୍ତ ହୋଇ ରହିବାକୁ ଆଦୌ ଅପରିହାର୍ଯ୍ୟ ବୋଲ କୁହାଯିବ ନାହିଁ । ମାନସିକ ଅଥବା ଶାସ୍ତ୍ରୀୟ ଯେକୌଣସି କର୍ମ ପ୍ରତି ଅଶ୍ରଦ୍ଧା ରଖିବାକୁ ମଧ୍ୟ କଦାପି ଜାମ୍ୟ ବୋଲ କୁହାଯିବ ନାହିଁ । ଜ୍ଞାନର ସମ୍ପୂର୍ଣ୍ଣ ସ୍ଥିତିର ଅନୁଭାଷ ରଖିଥିବା ସାଧକକୁ କର୍ମଗତ ସକଳ ଆସକ୍ତିରୁ ଯେପରି ମୁକ୍ତ ରହିବାକୁ ପଡ଼ିବ, ଠିକ୍ ସେହିପରି କର୍ମରହିତଭାର ଆସକ୍ତିରୁ ମଧ୍ୟ ମୁକ୍ତ ରହିବାକୁ ପଡ଼ିବ । ବିଶେଷତଃ, ମନ, ପ୍ରାଣ କିଂବା ଶରୀରଗତ ଯାବତୀୟ ଜଡ଼ତାକୁ ଓ ସେଥିରୁଟି ସକଳ ପ୍ରବୃତ୍ତିକୁ ଯେକୌଣସି ପ୍ରକାରେ ଅତିକ୍ରମ କରବାକୁ ପଡ଼ିବ; ଏବଂ ସେହିପରି ଏକ ଅଭ୍ୟାସ ଆମ ପ୍ରକୃତି ଉପରେ କାର୍ଯ୍ୟକାରୀ କରୁଥିବାର ପରିଲକ୍ଷିତ ହେବା ମାତ୍ରକେ ପୁରୁଷର ଇଚ୍ଛାଶକ୍ତିକୁ କାମରେ ଲଗାଇ ତାହାକୁ କହ୍ନଷ୍ଟ କରି ରଖିବାକୁ ପଡ଼ିବ । ଅବଶେଷରେ ଯେମେ ଏପରି ସ୍ଥିତିଏ ଆସି ପହଞ୍ଚିବ, ଯେତେବେଳେ କି ଆମର ପ୍ରାଣ ଏବଂ ମନ ପୁରୁଷର ଇଚ୍ଛା ପାଖରେ କେବଳ ଏକ ନମିତ୍ତରୂପେ କାର୍ଯ୍ୟ କରବାକୁ ଆରମ୍ଭ କରିବେ, ସେମାନଙ୍କର ସେହ୍ନ କାର୍ଯ୍ୟରେ କୌଣସିପ୍ରକାର ସନ୍ତୁଷ୍ଟତା ରହିବ ନାହିଁ ବା ଆସକ୍ତ ମଧ୍ୟ ରହିବ ନାହିଁ; ଆପଣାର ସାଧାରଣ ଜଡ଼ୟେମିତ୍ତିକ କିୟାତ୍ମକରେ ସେମାନେ ସ୍ୱଭାବପ୍ରେରିତ ହୋଇ ଯେଉଁ ନ୍ୟୁନତର, ଅଳ୍ପସ୍ୱାଦ୍ଧପୀଡ଼ିତ ଏବଂ ଅନେକ ସମୟରେ କ୍ରୁଦ୍ଧୋଗ୍ଧପରୁଲ୍ଲ ଉଦ୍‌ବତ୍ତତା ସହିତ ଆପଣାକୁ ଯେପରି କର୍ମଗ୍ରସ୍ତ କରି ରଖିଥାନ୍ତି, ଏଠାରେ ତାହାର କୌଣସି ଅବସର ରହିବ ନାହିଁ । ଠିକ୍ ପ୍ରକୃତିଗତ ଶକ୍ତିଗୁଡ଼ିକ ପରି ସେମାନେ ମଧ୍ୟ କାର୍ଯ୍ୟ କରବାକୁ ଅରମ୍ଭ କରିବେ; ଶାସ୍ତ୍ରର କ୍ଷେତ୍ରଟି ଉପରେ ଉଆପି ଆପଣାର ନିସ୍ୱାର୍ଥ ପ୍ରତିଷ୍ଠା କରପାର ନିମନ୍ତ୍ତ ଶସ୍ତ୍ରରୂପ ମନ ଯେପରି ସ୍ୱଭାବପ୍ରବୃତ୍ତ ହୋଇ ଯେଉଁସବୁ ଦ୍ୱେଷ, ସନ୍ଧାପଜର୍ଜରତା ଏବଂ ପ୍ରତିହିଂସା ପ୍ରକଟ କରିବାରେ ଲଗିଥାଏ, ଏହି କ୍ଷେତ୍ରରେ ସେସବୁର ଆଦୌ ଅବତାଣ ରହିବ ନାହିଁ । ଏହି ପୂର୍ଣ୍ଣତାର ସୋପାନଟିରେ ଯାଇ ପହଞ୍ଚି ପାରିଲେ ହିଂସା ତଥା ହିଂସାରହିତତା ଉଭୟେ ମହତ୍ତ୍ୱଦ୍ଧନ ହୋଇ ରହିବେ; କାରଣ ସେଗୁଡ଼ିକ ମଧ୍ୟରୁ କୌଣସିଟି ଆତ୍ମାର ମୁକ୍ତତା ଉପରେ କୌଣସି ହସ୍ତକ୍ଷେପ କରପାରିବେ ନାହିଁ ଅଥବା ପରମ ଆତ୍ମସଶ୍ରୁଟି ଲଗି ବା ପରମ ଆତ୍ମସଶ୍ରୁରେ ରହିଥିବା ସମତାବସ୍ଥାଟି ଲଗି ତାହାର ଯେଉଁ ଅଦମ୍ୟ ଆକୁଣ୍ଠତି ରହିଛି, ତାକୁ ସେଇଟିରୁ ବିଚ୍ୟୁତ କରିପାରିବେ ନାହିଁ । ସାଧକ ସମ୍ପୂର୍ଣ୍ଣତାର ଏହି ସ୍ଥିତିଟି ଯୋଗସାଧନାର ଏକ ପରବର୍ତ୍ତୀ ପର୍ଯ୍ୟାୟରେ ଆସିବ, ଏବଂ ସେପର୍ଯ୍ୟନ୍ତ ଗୀତାରେ ପ୍ରଦର୍ଶିତ ମିତାସ୍ତରର ନିସ୍ପତ୍ତି ଆମ ଲଗି ପରୋକ୍ଷଷ୍ଟ ହୋଇ ରହିବ । ତେଣୁ ଅତିରିକ୍ତ ମାନସିକ କିଂବା ଶାସ୍ତ୍ରୀୟ କର୍ମ କରବାକୁ କଲ୍ୟାଣକର ବୋଲ କୁହାଯିବ ନାହିଁ, କାରଣ ସେହି ଅତିରିକ୍ତତା ଆମଠାରୁ ଆମର

'oaob.nitrkl.ac.in' images reprocessed

ଅନେକ ଶକ୍ତି କାଢ଼ି ନେଇଯିବ ଏବଂ ଆମର ଆଧାତ୍ମିକ ସ୍ଥିତିଟି ଉପରେ ତାହାର ଏକ ପ୍ରତିକୂଳ ପ୍ରତିକ୍ରିୟା ମଧ୍ୟ ପଡ଼ିବ; ଅତ କମ୍ କର୍ମ କରିବାକୁ ମଧ୍ୟ ଜଳାଶକ୍ତିର କୁହାଯିବ ନାହିଁ, କାରଣ ଏହି ଅଲ୍ପତା ଆମ ଭିତରେ କର୍ମ ନକରିବାର ଅଭ୍ୟାସଟିକୁ ଆଣି ପକାଇଦେବାକୁ ଇଚ୍ଛା କରିବ, ଏପରିକ ଆମକୁ ଏକ ଅସାମର୍ଥ୍ୟ ଭିତରେ ନେଇ ପକାଇଦେବ, ଯାହାକୁ ଅତିକ୍ରମ କରିବା ଲଗି ପରବର୍ତ୍ତୀ କାଳରେ ଆମକୁ ଅନେକ ଆୟାସ ସ୍ୱୀକାର କରିବାକୁ ପଡ଼ିବ । ତଥାପି, ଫଳପ୍ରସୂ ଭିତରେ ସ୍ଥିର ଓ ନୀରବ ହୋଇଯିବାର ଏବଂ ସକଳ କର୍ମରୁ ଆପଣାକୁ ନିବୃତ୍ତ କରି ରଖିବାର ପର୍ଯ୍ୟାୟଗୁଡ଼ିକ ସର୍ବଦା ଅତ୍ୟନ୍ତ କାମ୍ୟ ହୋଇ ରହିଥିବ ଏବଂ ଯେତେ ବେଶୀ ଅବଧି ଲଗି ସମ୍ଭବ, ସେତେ ବେଶୀ ସେଗୁଡ଼ିକୁ ଉପଲବ୍ଧି କରିବାକୁ ହେବ; ତାହାଫଳରେ ଆତ୍ମା ଆପଣା ମଧ୍ୟରେ ଏକାନ୍ତ ଓ ନିଶ୍ଚଳ ହୋଇ ରହିବାର ଅଧିକ ସୁଯୋଗ ପାଇବ ଏବଂ ଏହି ସୁଯୋଗମାନ ଜ୍ଞାନର ସିଦ୍ଧି ଲଗି ସର୍ବଦା ଅପରିହାର୍ଯ୍ୟ ହୋଇ ରହିଥିବ ।

ଆମ ଦେହଟି ବିଷୟରେ ଏହିସବୁ ଆଲୋଚନା କଲାବେଳେ ଆମକୁ ପ୍ରୟୋଜନତଃ ପ୍ରାଣ ବା ପ୍ରାଣଗତ ଶକ୍ତିଟି ବିଷୟରେ ମଧ୍ୟ ଆଲୋଚନା କରିବାକୁ ପଡ଼ିବ । ଶରୀରଟି ମଧ୍ୟରେ କାର୍ଯ୍ୟ କରୁଥିବା ପ୍ରାଣଶକ୍ତି, ଅର୍ଥାତ୍ ଶାରୀରିକ ପ୍ରାଣଶକ୍ତି ଏବଂ ଆମର ମାନସିକ ନିୟାମକତାର ଆଧାରରୂପେ କାର୍ଯ୍ୟ କରୁଥିବା ପ୍ରାଣଶକ୍ତି ଅର୍ଥାତ୍ ମନୋଗତ ପ୍ରାଣଶକ୍ତି ମଧ୍ୟରେ ବ୍ୟାବହାରିକ ପ୍ରୟୋଜନ ଦୃଷ୍ଟିରୁ ଆମକୁ ଏକ ପାର୍ଥକ୍ୟ ଅବଶ୍ୟ ନିରୂପଣ କରିବାକୁ ପଡ଼ିବ । କାରଣ ଆମେ ସବୁବେଳେ ମନୋଗତ ଏବଂ ଶାରୀର ଏହିପରି ଏକ ଦ୍ୱିଧାହୀନ ଜୀବନକୁ ଯାପନ କରୁଥାଉ; ଏବଂ ଆପଣାକୁ ଏଇଟି ଅଥବା ଅନ୍ୟଟି ଲଗି ନିୟୋଜିତ କରି ରଖିଥିବା ସମସ୍ତରେ ସେହି ଗୋଟିଏ ପ୍ରାଣଶକ୍ତି ଭିନ୍ନ ଭିନ୍ନରୂପେ କାର୍ଯ୍ୟ କରିଥାଏ ଓ ଭିନ୍ନ ଭିନ୍ନ ବସ୍ତୁର ପରିଚାଳନା କରିଥାଏ । ଶରୀର ମଧ୍ୟରେ ତାହା କ୍ଷୁଧା, ତୃଷ୍ଣା, କ୍ଲାନ୍ତି, ସ୍ୱାସ୍ଥ୍ୟ, ରୁଗ୍ଣତା ଏବଂ ଶରୀରଗତ ଶକ୍ତିସମୂହ ପ୍ରଭୃତି ପ୍ରତିକ୍ରିୟାର ନିର୍ଦ୍ଦେଶ କରିଥାଏ ଯାହାକୁ କି ଆମେ ଏହି ଶରୀରରୂପୀ ଗଠନଟିର ଗୋଟିଏ ଗୋଟିଏ ପ୍ରାଣିକ ଅନୁଭୂତି ବୋଲି କହିପାରିବା । କାରଣ ମଣ୍ଡିପର ସ୍ଥୂଳ ଶରୀର କହିଲେ ଆମେ ପଥର କିଂବା ମାଟି ପରି କୌଣସି ପଦାର୍ଥକୁ ବୁଝିବା ନାହିଁ; ଦୁଇଟି କୋଷର ଏକତ୍ର ସଂଯୋଗରେ ଆମର ଏହି ଶରୀରର ଜନ୍ମ ହୋଇଛି । ଗୋଟିଏ ହେଉଛି ପ୍ରାଣମୟ କୋଷ ଏବଂ ଅନ୍ୟଟି ଅନ୍ନମୟ କୋଷ ଏବଂ ଏହି ଦୁଇଟି କୋଷର ପାରସ୍ପରିକ ସଙ୍ଗତ ପ୍ରତିକ୍ରିୟାକୁହିଁ ଆମେ ଏହି ଶରୀରର ଜୀବନ ବୋଲି କହିପାରିବା । ମାତ୍ର ତଥାପି ପ୍ରାଣଶକ୍ତି ଓ ଆମ ଶରୀରରୂପୀ ସଂଗଠନ ଦୁଇଟି ଭିନ୍ନ ଭିନ୍ନ ପଦାର୍ଥ, ଏବଂ ଶରୀରର ଜନ୍ମକ୍ରନକାଳ ବୋଧଟି ମଧ୍ୟରୁ ମନ ଆପଣାକୁ ପ୍ରତ୍ୟାହାର କରିନେବା ଦ୍ୱାରା ଆମେ ଅଧିକରୁ ଅଧିକ ପରିମାଣରେ ଆମ ପ୍ରାଣର କ୍ଷେତ୍ରଟିରେ ପ୍ରଭୁତ୍ୱଶୀଳ ହେବାକୁ ଲଗିଥାଉ, ଶରୀରରୂପୀ

'oaob.nitrkl.ac.in' images reprocessed

ଜନ୍ମିଉଁ ମଧ୍ୟରେ ପ୍ରାଣର ନିସ୍ୱା ବସ୍ତୁରେ ଅଧିକ ସଚେତନ ହେବାକୁ ଲଗୁ, ଏହାକୁ ଅବଲୋକନ କରିପାରୁ ଏବଂ ଏହାର ନିସ୍ୱାଗୁଡ଼ିକ ଉପରେ ଅଧିକରୁ ଅଧିକ ନିୟନ୍ତ୍ରଣ ହାସଲ କରିଥାଉ । ଆପଣାକୁ ଶଙ୍ଖରର ଷେତ୍ର ମଧ୍ୟରୁ ଅପସରୁଇ ନେଇ ଆମେ କାର୍ଯ୍ୟତଃ ଜଳକୁ ଶଙ୍ଖରଗତ ପ୍ରାଣଶକ୍ତିର ଷେତ୍ରରୁ ମଧ୍ୟ ଅପସରୁଇ ନେଇଥାଉ; ଏପରିକ ଯେତେବେଳେ ଆମେ ଦୁଇଟି ପୃଥକ୍ ପଦାର୍ଥ ବୋଲି ଅନୁଭବ କରୁଥାଉ ଏବଂ ଶଙ୍ଖରସ୍ଥ ପ୍ରାଣଶକ୍ତିକୁହିଁ ଏହା ଛୁଆ ଭୌତିକ ଯନ୍ତ୍ରଟାରୁ ଆପଣାର ଅଧିକ ନିକଟବର୍ତ୍ତୀ ବୋଲି ଲଗୁଥାଉ, ସେତେବେଳେ ମଧ୍ୟ ଠିକ୍ ସେହିପରି ଘଟିଥାଏ । ବସ୍ତୁତଃ ଶଙ୍ଖରଗତ ପ୍ରାଣଶକ୍ତି ଉପରେ ବଳସ୍ୱ ହାସଲ କରିପାରିଲେହିଁ ଶଙ୍ଖର ଉପରେ ଫସ୍ପୁର୍ଣ୍ଣରୂପେ ବଳସ୍ୱୀ ହେବା ସମ୍ଭବ ହୁଏ ।

ଶଙ୍ଖର ତଥା ଶାସ୍ତ୍ରିକ ନିସ୍ୱାଗୁଡ଼ିକ ପ୍ରତି ରହସ୍ୟବା ଆପତ୍ତିକୁ ଅତିକ୍ରମ କରିପାରିଲେ ସେହି ଶଙ୍ଖର ମଧ୍ୟରେ ରହସ୍ୟବା ପ୍ରାଣଟି ପ୍ରତି ଆପତ୍ତିକୁ ମଧ୍ୟ ଅତିକ୍ରମ କରିହୁଏ । କାରଣ ଯେତେବେଳେ ଆମେ ଏହି ଶଙ୍ଖରଟାହିଁ ଆମର ଅସଲ ସ୍ୱରୂପ ନୁହେଁ ବୋଲି ଅନୁଭବ କରୁ ଏବଂ ତାହାକୁ କେବଳ ଏକ ପଶ୍ଚଦ୍ଦ ବା ସାଧନ ବୋଲି ଗ୍ରହଣ କରୁ, ସେତେବେଳେ ଶାସ୍ତ୍ରିକ ମରିଣ ଲଗି ଯେଉଁ ଭୀତ ପ୍ରାଣମସ୍ତ ମନୁଷ୍ୟ ଭିତରେ ଏଭଳି ଶକ୍ତିଶାଳୀ ଏବଂ ପ୍ରବଳ ଏକ ସହଜାତ ପ୍ରବୃତ୍ତି ହୋଇ ରହିଛୁ, ତାହା ନମଣଃ ଅଲ୍ପବଳ ହେବାକୁ ବାଧ୍ୟ ହେବ ଏବଂ ତାହାର ଜଗ୍ ଫିଜି ଦଆଯାଇ ପାରିବ । ଏବଂ ଏହି ଭୀତକୁ ଯେକୌଣସି ମତେ ଫିଜିଦେବାକୁ ପଡ଼ିବ ଏବଂ ସମ୍ପୂର୍ଣ୍ଣ ଭାବରେ ଫିଜିଦେବାକୁ ପଡ଼ିବ । ମୃତ୍ୟୁ ଲଗି ଏହି ଇସ୍ପ ଏବଂ ଶଙ୍ଖରର ଯେ ଦିନେ ନା ଦିନେ ବିନାଶ ଘଟିବ, ଏହି ସତ୍ୟଟି ପ୍ରତି ଦୃଣା;—ଏଗୁଡ଼ିକୁ ଆମେ ମନୁଷ୍ୟଜାତିର କଲଙ୍କ ବୋଲି କହିବା, ତା'ର ପଶୁ ପୂର୍ବରୁ ଉତ୍ପତ୍ତି ସାହାକୁ କି ମନୁଷ୍ୟ ଉପରେ ଅବଶେଷରୂପେ ରଖିଦେଇ ଯାଇଛୁ । ସେହି କଲଙ୍କଦାଗଟିକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟରୁ ଦୂର କରିଦେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ଅଷ୍ଟମ ପରିଚ୍ଛେଦ

ହୃଦୟ ଏବଂ ମନର ଅଧୀନତାରୁ ମୁକ୍ତ

ମାନ କେବଳ ଶରୀରସ୍ଥ ପ୍ରାଣର ସେବକରୁ ନୁହେଁ, ଅଥଚ ଆତ୍ମାକୁ ମନୋଗତ ଭୂମିରେ କାର୍ଯ୍ୟ କରୁଥିବା ପ୍ରାଣଶକ୍ତିର ନିୟାରୁ ମଧ୍ୟ ଆପଣାକୁ ଅଲଗା କରି ରଖିବାକୁ ପଡ଼ିବ । ପୁରୁଷର ପ୍ରତିନଧି ଦୃସାବରେ ତାହାକୁ ମନର ଭୁଣରେ ଏକଥା କୁହାଇବାକୁ ପଡ଼ିବ, "ମୁଁ ଏ ପ୍ରାଣ ନୁହେଁ; ପୁରୁଷର ଆତ୍ମସତ୍ତା କହିଲେ ଏହି ପ୍ରାଣକୁ କଦାପି ବୁଝାଇବ ନାହିଁ, ପ୍ରାଣ ହେଉଛି ପ୍ରକୃତିର ଏକ ନିୟା ଏବଂ ପ୍ରକୃତିର ଅନେକ ନିୟା ମଧ୍ୟରୁ କେବଳ ଗୋଟିଏ ମାନ ନିୟା ।" ନିୟାତ୍ମକତା ଏବଂ ଗତିଶୀଳନ ହେଉଛି ପ୍ରାଣର ସ୍ୱଭାବଗତ ଲକ୍ଷଣ । ବ୍ୟକ୍ତ ଲଗି ଯାହା ବହୁଂଖ ହୋଇ ରହିଛି, ତାହାକୁ ଗ୍ରହଣ କରିନେଇ ଆପଣାର ଏକ ବସ୍ତୁରେ ପରିଣତ କରିବା ଲଗି ପ୍ରାଣ ସତତ ଧାବମାନ ହୋଇ ରହିଛି; ସେ ଯାହାକିଛି ଧରିବା ଲଗି ସମର୍ଥ ହେଉଛି ଅଥବା ଯାହାକିଛି ତାହାର ନିକଟକୁ ଆସୁଛି ସେଥିରେ ସମ୍ଭୋଗ ଅଥବା ଅସମ୍ଭୋଗ ପ୍ରକାଶ କରୁଥିବା ଭଙ୍ଗୀକୁ ଆମେ ପ୍ରାଣ ବୋଲି କହିବା ଏବଂ ଏହି ଭଙ୍ଗୀଟି ଆକର୍ଷଣ ଓ ବିକର୍ଷଣରୂପୀ ସେହି ବିଶ୍ୱଗତ ସଙ୍ଘଟନଟି ସହିତ ସମ୍ବନ୍ଧିତ ହୋଇ ରହିଛି । ଏହି ତନୋଟିଯାକ ପଦାର୍ଥ ପ୍ରକୃତିରେ ସଂଜ୍ଞ ବିଦ୍ୟମାନ ରହିଛି କାରଣ ପ୍ରାଣ ମଧ୍ୟ ପ୍ରକୃତିରେ ସଂଜ୍ଞ ବିଦ୍ୟମାନ ରହିଛି । ମାନ ଆମେ ଗୋଟିଏ ଗୋଟିଏ ମନୋମୟ ପୁରୁଷ ହୋଇଥିବାରୁ ଆମ ଭିତରେ ସେଗୁଡ଼ାକୁ ଏକ ମନୋଭୂମିଗତ ମୂଲ୍ୟରେ ଆତ୍ମାତ୍ତ କରି ନିଆଯାଇଛି; ଯେଉଁ ମନ ସେଗୁଡ଼ାକୁ ଇନ୍ଦ୍ରିୟ ଦ୍ୱାର ଗ୍ରହଣ କରୁଛି ଏବଂ ଆପଣା ଭିତରକୁ ସ୍ୱୀକାର କରିନେଇଛି, ସେହି ମନଟି ଅନୁସାରେହିଁ ସେଗୁଡ଼ିକର ମୂଲ୍ୟାୟନ ହେବାରେ ଲଗିଛି । ସେଗୁଡ଼ିକ କର୍ମର ରୂପ ଧାରଣ କରୁଛନ୍ତି, ବାସନାର ରୂପ ଧାରଣ କରୁଛନ୍ତି; ରୁଚି ଓ ଅରୁଚି ଏବଂ ସୁଖ ଓ ଦୁଃଖର ଆକାର ଧାରଣ କରୁଛନ୍ତି । ଆମ ଭିତରେ ସଂଜ୍ଞ ଉପସ୍ଥିତ ରହି ପ୍ରାଣ କେବଳ ଆମ ଦେହର ନିୟାଟିକୁହିଁ ଧାରଣ କରି ରଖି ନାହିଁ, ମାନ ଆମର ଇନ୍ଦ୍ରିୟ ମନ, ଆମର ଫଟୋଗତ ମନ ତଥା ଆମର ଜୀବନାଗତ ମନର ନିୟାକୁ ମଧ୍ୟ ଧାରଣ କରି ରଖିଛି । ଏବଂ ଏହିସବୁ

'oaob.nitrkl.ac.in' images reprocessed

କ୍ଷେତ୍ରରେ ଆପଣାର ଧର୍ମଟିକୁ ଆଣି ଇଚ୍ଛି ଜଣଦେବା ଦ୍ୱାରା ପ୍ରାଣ ସେଗୁଡ଼ିକର ଯଥାର୍ଥ ଚିତ୍ୱାଟିକୁ ରୋଲମାଲଆ କରି ପକାଇଛୁ, ତାହାକୁ ସାଂଘାତିକ କରି ପକାଇଛୁ ଏବଂ ସେଗୁଡ଼ିକୁ ନେଇ ନାନା ବିପତ୍ତାଡ଼ତା ମଧ୍ୟରେ ନିକ୍ଷିପ୍ତ କରି ରଖିଛୁ । ଏବଂ ତାହା ଫଳରେ ସେ ସେଗୁଡ଼ିକ ମଧ୍ୟରେ ଟାନଚ୍ୟାଡଜନିତ ନାନା ଅଶୁଦ୍ଧତା ଏବଂ ନାନା ଜଟିଳତା ଭିତରେ ଛଦ୍ମ ହୋଇ ରହିଥିବା ଏପରି ପଦାର୍ଥସମାନଙ୍କ ସୃଷ୍ଟି କରିବାରେ ଲଗିଛୁ, ଯାହାକି ଆମ ମନୋଭୂମିରେ ଅସିଦ୍ଧିର ଯାବତୀୟ ଅନର୍ଥରୂପେ କାର୍ଯ୍ୟ କରୁଛୁ । ଏବଂ ସେହି ଫଶସ୍ୱାଚ୍ଛନ୍ନତା ମଧ୍ୟରେ କେବଳ ରୋଟିଏମାତ୍ର ବିଧାନ, —ବାସନାର ବିଧାନଟିହିଁ ସ୍ୱକୃତ କଲ୍ପନା ଦୋଷ ହେଉଛୁ । ସୃଷ୍ଟିକୁ ଦେଷ୍ଟନ କରି ଧରିଥିବା ଓ ସୃଷ୍ଟିକର୍ତ୍ତାର ଅଧିକାଂଶ ହୋଇ ରହିଥିବା ସେହି ବିସ୍ତୃତ ବିଦ୍ୟା ପରମସତ୍ତ୍ୱ ଯେପରି କେବଳ ତାଙ୍କର ବିଦ୍ୟା ଆନନ୍ଦଟିର ପରିତର୍ପଣ ଲଗି କାର୍ଯ୍ୟ କରୁଛନ୍ତି, ଗତିଶୀଳ ହୋଇ ରହିଛନ୍ତି ଏବଂ ଉପଭୋଗ କରିବାରେ ଲଗିଛନ୍ତି, ଠିକ୍ ସେହିପରି ବ୍ୟକ୍ତି ମଧ୍ୟସ୍ଥ ପ୍ରାଣ ପ୍ରଧାନତଃ ବାସନାର ପରିତର୍ପଣ ଲଗିହିଁ କାର୍ଯ୍ୟ କରୁଛୁ, ଗତିଶୀଳ ହୋଇ ରହିଛୁ, ଉପଭୋଗ କରୁଛୁ ତଥା ଦୁଃଖ ମଧ୍ୟ ଭୋଗ କରୁଛୁ । ତେଣୁ ଆମର ମନୋଗତ ଏହି ପ୍ରାଣ-ଶକ୍ତି ଆମର ଅନୁଭୂତକ୍ଷେତ୍ରରେ ଆପଣାକୁ ଏକପ୍ରକାର ବାସନା-ମନ ରୂପରେ ଉତ୍କୃଷ୍ଟାଇ ଦେବାରେ ଲଗିଛୁ; ଏବଂ ଆପଣାର ଯଥାର୍ଥ ସତ୍ତ୍ୱ ମଧ୍ୟକୁ ବାଡ଼ୁଡ଼ି ଆସିବା ଯାଏ ଆମର ପ୍ରକୃତ ଅଭିପ୍ରାସ୍ୱ ହୋଇଥାଏ, ତେବେ ଆମକୁ ସେଇଟି ଉପରେ ମଧ୍ୟ ବିଜୟୀ ହେବାକୁ ପଡ଼ିବ ।

ସାଙ୍ଗ ସେତେବେଳେ ଏହ ଅସ୍ତ୍ରାଘାତରେ ଜଜ୍ଜରିତ ଉତ୍ପନ୍ନୁଟି ଉତ୍ପନ୍ନୁର୍ଣ୍ଣ ଦକ୍ଷରେ ଗ୍ରାସ ଦୋଇଯିବ, ତତ୍ପାପି ସେତେବେଳେ ମଧ୍ୟ ଅଳର ଶ୍ରତୋମ୍ବୁ ଦଣ୍ଡାର ଦୋଇ ଜୁହାଗିବ ଚାହିଁ । ସେତେବେଳେ ତାହାକୁ ମଳର ସେହ ମଧ୍ୟକୁ ଉତ୍ପାରର ଏହ ଅତଦ୍ଭୁତ ପ୍ରଜନ୍ମନ ଦୋଇଟି ଜୁହାଗିବ ଅଥବା ପ୍ରଳୟ ପ୍ରତେଶ୍ୱରୀଙ୍କର ଏହାର ତେତ୍ତଳ ଏତ ଉତ୍ପ୍ତ ଧାର ଦୋଇ ଜୁହାଗିବ । ଏହ ସେତ୍ତରେ ଉତ୍ପନ୍ନୁଦ୍ଧା ପାର୍ଥିବୀକୁ ତେତ୍ତଳ ପ୍ରଥମଜୁତ୍ପର ସାହାଜ୍ୟ ବାଞ୍ଚତ ତତ୍ପାପି ବର୍ତ୍ତାଇ ଉତ୍ପାରର ପାରିବ ନାହିଁ; ତୈତିତ ଉତ୍ପନ୍ନତାରେ ସେଇଠି ସୂର୍ଣ୍ଣିତ ଦକ୍ଷଟି* ଦୋଇ ତତ୍ପାପି ତତ୍ପାପିତ୍ତ, ଏବଂ ମହାଦ୍ୱନ୍ଦ୍ୱ, ଅନୁଭୂତ ଏବଂ ଯତ୍ପାପୁତ୍ପର ଜ୍ଞାନରେ ମଧ୍ୟୁଜ୍ଞ ଉତ୍ପା ତତ୍ପାପର ମତୋଗୁଣି, ରାଜସୁଣି ଓ ତେତ୍ପପୁଣିପୁତ୍ପେ ସୂପ୍ତର ଉତ୍ପ୍ତାପିତ୍ତ, ସେହ ସେହ ଦୁଷ୍ଟାତ୍ତଟି ଦ୍ୱାରାଟି ଉତ୍ପ୍ତ ପାର୍ଥିବୀଟିକୁ ଦୃଢ଼ତ ବଣ୍ଡିତା ତତ୍ପ ତତ୍ପାପିତ୍ତ । ଏହ ଧରଣୀ ଦ୍ୱାରେ ସ୍ଥତ ଧାରଣ ତତ୍ପ, ଅନୁଭୂତ୍ପ ଅତେତ୍ପ୍ତ ତତ୍ପ ଏବଂ ଏଥ୍ପାରେ ମହାଦ୍ୱନ୍ଦ୍ୱାରେ ଉତ୍ପ୍ତ ମଧ୍ୟ ମତୋମ୍ବୁ ପୁରୁଷ ତତ୍ପାପି ସେହ ସୂର୍ଣ୍ଣିତ ତତ୍ପରେ ମଧ୍ୟରେଟି ଉତ୍ପତ୍ପ ଏବଂ ତାହାର ଅଙ୍ଗତ୍ପ ଅତେତ୍ପରେ ଦାର ବର୍ତ୍ତାଇ ତତ୍ପାପି ସ୍ଥାର୍ଥ ସେତ୍ପ ଚାହିଁ । ଏବ ସେହ ତତ୍ପାପିତ୍ପୁତ୍ପ ମଧ୍ୟରେ ସେ ପ୍ରତ୍ପାପିତ୍ପ ସେତ୍ପୁତ୍ପରେ ଜ୍ଞାନୁଦ୍ଧରେ ତତ୍ପାପି ସେତିତାକୁ ସ୍ଥାର୍ଥ ସେତ୍ପ ଚାହିଁ ଯାଏ ସେତ୍ପୁତ୍ପ ତାହାର ବର୍ତ୍ତମେତ୍ପ ସୂପ୍ତି ଉତ୍ପରେ ସେହ ଉତ୍ପରେ ଜ୍ଞାନଶକ୍ତି ସେତ୍ପଦ୍ୱତ, ସେତ୍ପୁତ୍ପ ସେତ୍ପଦ୍ୱତ ଉତ୍ପରେ ସେତିତାକୁ ଅଥବ, ପ୍ରତ୍ପାପିତ୍ପ ସିଦ୍ଧ ଅଙ୍ଗତ୍ପର ତୋତ୍ପପୁତ୍ପ ଦ୍ୱାରା ସେତ୍ପତ ତତ୍ପ ତାତ୍ପାପ୍ତ୍ପ ଓ ଅଙ୍ଗତ୍ପର ଶ୍ରୀତିତ୍ପ ପୂତ୍ପ ଦ୍ୱାରା ସେତ୍ପୁତ୍ପତ ଜ୍ଞାନଶକ୍ତି ଗ୍ରାସ ଶ୍ରୀମତ ତତ୍ପ ତାତ୍ପାପ୍ତ୍ପ । ଗ୍ରାସ ତତ୍ପାପିତ୍ପ ପୁରୁଷ ସେତ୍ପ ସୂର୍ଣ୍ଣ ମଧ୍ୟରେଟି ତତ୍ପ ତତ୍ପ ଉତ୍ପନ୍ନାଏ, ସେତ୍ପ ଜ୍ଞାନଶକ୍ତିରୂପ ଅଙ୍ଗର ତତ୍ପା ଉତ୍ପନ୍ନଶକ୍ତି ମଧ୍ୟରେଟି ତତ୍ପ ତତ୍ପନ୍ନାଏ । ଏହ ଅତେତ୍ପ୍ତଟି ସେ

---

* ଏହ ଅର୍ତ୍ତେତ୍ପ ସେତ୍ପରେ ସୂର୍ଣ୍ଣିତ୍ପ 'ଉତ୍ପ୍' ଶତ୍ପୋଟ ଜ୍ଞାନ ଦୁଷ୍ଟାତ୍ପାଏ ।

'oaob.nitrkl.ac.in' images reprocessed

ଆପଣାର ଆତ୍ମ-ଜ୍ୟୋତିର୍ମୟ ସତ୍ତା ବୋଲି ଜାଣିଥାଏ ଏବଂ ଜନ୍ମସ୍ଥ ଜଡ଼ୀସତ୍ତାର ତଥା ତାହା ମଧ୍ୟରେ ରହିଥିବା ପ୍ରତ୍ୟେକ ବସ୍ତୁର ସମଗ୍ର ସତ୍ତାଟିକୁ ମଧ୍ୟ ଜାଣିବାକୁ ସମର୍ଥ ହୁଏ । କୌଣସି ମନୋଗତ ଦର୍ଶନେନ୍ଦ୍ରିୟରେ ପ୍ରତଫଳନ ଦ୍ୱାରା ସେ ଏହାକୁ ଦେଖେ ନାହିଁ, ମାତ୍ର ବଜ୍ଞାନର ସେହି ସୂର୍ଯ୍ୟକୁ ଆପଣାର ଚକ୍ଷୁରେହିଁ ପରୀକ୍ଷଣ କରି ସେ ଏହାକୁ ଦେଖିଥାଏ । କାରଣ ସୂର୍ଯ୍ୟ ହେଉଛନ୍ତି ଦେବତାମାନଙ୍କର ଚକ୍ଷୁ,—ଏକଥା ବେଦରେ ଉକ୍ତ ହୋଇଛନ୍ତି । ମନୋଗତ ସତ୍ତା, ଏପରିକ ସବୁଉଚ୍ଚ ମନରେ ବାସ କରୁଥିବା ସତ୍ତା ମଧ୍ୟ କେବଳ ଏକ ଅତିମାତ୍ରାର ପ୍ରତଫଳନ ବା ସୀମାବଦ୍ଧ ସଂଯୋଗ ସ୍ଥାପନ ଦ୍ୱାରାହିଁ ସତ୍ୟର କୌଣସି ବୋଧ ଲାଭ କରିଥାଏ, ମନୋମୟ ଦୃଷ୍ଟିର ସକଳ ସୀମାବଦ୍ଧତା ଓ ଜନ୍ମସ୍ତମ୍ଭୀୟ ସାମର୍ଥ୍ୟଟିର ଅଧୀନସ୍ଥ ରହି ସେ ଏହି ବୋଧ ଲାଭ କରିଥାଏ । ମାତ୍ର ଅତିମାନସ ସତ୍ତା ସତ୍ୟକୁ ବଜ୍ଞାନ ଦ୍ୱାରାହିଁ ଦେଖେ, ସତ୍ୟର କେନ୍ଦ୍ର ତଥା ବହିଃପ୍ରବହମାନ ଉତ୍ସରୁ, ତାହାର ପ୍ରକୃତ ରୂପରେ ଏବଂ ତାହାର ସ୍ୱୟଂସ୍ଥ ସତ୍ତାଃଶ୍ଚିତ୍ ଏବଂ ଆତ୍ମୋଦ୍ଭାସ୍ୱରତାସ୍ଥ ପ୍ରକିୟାଟି ଦ୍ୱାରାହିଁ ସେ ସତ୍ୟକୁ ଦେଖିବାକୁ ସମର୍ଥ ହୁଏ । କାରଣ ବଜ୍ଞାନ ହେଉଛନ୍ତି ଏକ ଅପରୋକ୍ଷ ଜ୍ଞାନ ଓ ଏକ ଦିବ୍ୟ ଜ୍ଞାନ; ଏବଂ ଅପର ପକ୍ଷରେ ମନୁଷ୍ୟର ଜ୍ଞାନ ହେଉଛନ୍ତି କେବଳ ଏକ ପରୋକ୍ଷ ଜ୍ଞାନ ।

ବୁଦ୍ଧିର ସ୍ୱଭାବ ସହିତ ବଜ୍ଞାନର ପାର୍ଥକ୍ୟଗୁଡ଼ିକୁ ଦେଖାଇ ଦେଇହିଁ ବୁଦ୍ଧି ଆଗରେ ବଜ୍ଞାନର ସ୍ୱଭାବଟିକୁ ସୂଚିତ କରି ଦିଆଯାଇ ପାରେ । ଏବଂ ସେତେବେଳେ ମଧ୍ୟ ଆମକୁ ଯେଉଁ ଶବ୍ଦଗୁଡ଼ିକୁ ବ୍ୟବହାର କରିବାକୁ ପଡ଼ିବ, ସେଗୁଡ଼ିକ ମଧ୍ୟ କେତେକ ପରିମାଣର ବାସ୍ତବ ଅନୁଭବ ବ୍ୟତୀତ କଦାପି ଆଲୋଚନାର ସମର୍ଥ ହୋଇପାରିବ ନାହିଁ । କାରଣ ପ୍ରକୃତରେ ବୁଦ୍ଧିଗଢ଼ା କୌଣ ଭାଷା ବୁଦ୍ଧିର ଅତୀତ ହୋଇ ରହିଥିବା ତତ୍ତ୍ୱଗୁଡ଼ିକୁ ପ୍ରକାଶ କରିବା ଲାଗି ସମର୍ଥ ହେବ ? ଦୁଇଟିଯାକ ସାମର୍ଥ୍ୟ ମଧ୍ୟରେ ଆମେ ମୂଳତଃ ଏହି ପାର୍ଥକ୍ୟଟି ରହିଥିବାର ଦେଖିବାକୁ ପାଇବା : ଅନେକ ଆସ୍ଫାଳନ ସ୍ୱୀକାର କରି ମନୋଗତ ବୁଦ୍ଧି ଅଜ୍ଞାନ ମଧ୍ୟରୁ ସତ୍ୟ ଆଡ଼କୁ ଯିବା ଲାଗି ଚେଷ୍ଟା କରୁଥାଏ; ମାତ୍ର ବଜ୍ଞାନ ଭିତରେହିଁ ଅପରୋକ୍ଷ ସଂସ୍ପର୍ଶ ଓ ପ୍ରତ୍ୟକ୍ଷ ଦୃଷ୍ଟିସାମର୍ଥ୍ୟ ନିହିତ ହୋଇ ରହିଥାଏ, ବଡ଼ ସହଜ ଓ ସ୍ୱାଭାବିକ ଭାବରେ ବଜ୍ଞାନ ସତ୍ୟର ଅଧିକାରୀ ହୋଇ ରହିଥାଏ ଏବଂ ଆଉ କୌଣସି ଯନ୍ତ୍ରା ଲେଉଡ଼ା ଲାଗି ତା'ର ଆଦୌ କୌଣସି ପ୍ରୟୋଜନ ନଥାଏ । ବୁଦ୍ଧି ପ୍ରତିସ୍ପର୍ଦ୍ଧୀଗୁଡ଼ିକରୁହିଁ ଆପଣାର ଆସ୍ଫାଳଯାତ୍ରା ଆରମ୍ଭ କରେ, ବସ୍ତୁଗୁଡ଼ିକ ଉପରେ ନର୍ଭର କରି ରହିବାରୁ ଜେତେବେଳେ ମୁକ୍ତ ହୋଇପାରେ ନାହିଁ, ଅଥବା କ୍ୱଚିତ୍ ମୁକ୍ତ ହୁଏ ବା ଅନ୍ତଃ ଅଂଶିକ ଭାବରେହିଁ ସେଗୁଡ଼ିକ ଉପରେ ସତତ ନର୍ଭରଶୀଳ ହୋଇ ରହିଥାଏ ଏବଂ କେବଳ ସେହିପରି ଭାବରେହିଁ ବସ୍ତୁଗୁଡ଼ିକ ପଛରେ ରହିଥିବା ସତ୍ୟରେ ପହଞ୍ଚିବାକୁ ଚେଷ୍ଟା

'oaob.nitrkl.ac.in' images reprocessed

କରୁଥାଏ । ସେହି ପ୍ରତୀତ୍ୟସମୁତ୍ପାଦଗୁଡ଼ିକର ଆଲୋକରେହିଁ ତାହା ସତ୍ୟଟିକୁ ଦେଖାଇ ଦେଇଥାଏ । ବିଜ୍ଞାନ ସତ୍ୟରୁହିଁ ଅଗ୍ରସର ହୁଏ ଏବଂ ସତ୍ୟର ଆଲୋକରେହିଁ ପ୍ରତୀତ୍ୟସମୁତ୍ପାଦଗୁଡ଼ିକୁ ପରିଚାଳିତ କରାଇଥାଏ । ତାହା ସ୍ୱୟଂ ସତ୍ୟର ଶସ୍ତ୍ରର ଓ ଆତ୍ମା ହୋଇ ରହିଥାଏ । ବୁଦ୍ଧି ଅନୁମାନକୁ ଆଶ୍ରା କରି ଅଗ୍ରସର ହୁଏ, ଏବଂ ତା'ପରେ କୌଣସି ସିଦ୍ଧାନ୍ତରେ ଆସି ପହଞ୍ଚେ; ମାତ୍ର ତାଦାତ୍ମ୍ୟ ବା ଦୃଷ୍ଟିସମର୍ଥତା ଦ୍ୱାରାହିଁ ବିଜ୍ଞାନ ଅଗ୍ରସର ହୁଏ, ତାହା ବିଦ୍ୟମାନ ରହିଥାଏ, ଦେଖିବାକୁ ସମର୍ଥ ହୁଏ, ଜାଣିବାକୁ ସମର୍ଥ ହୁଏ । ଆମର ଏହି ଜଡ଼ଦୃଷ୍ଟି ଯେପରି ପ୍ରତ୍ୟକ୍ଷ ଜଗତରେ ବସ୍ତୁଗୁଡ଼ିକର ପ୍ରତୀତ୍ୟସମୁତ୍ପାଦକୁ ଦେଖେ ଓ ବୁଝେ, ଠିକ୍ ସେହିପରି ଓ ତା'ଠାରୁ ଆହୁରି ଅଧିକ ପ୍ରତ୍ୟକ୍ଷ ଜଗତରେ ବିଜ୍ଞାନ ବସ୍ତୁଗୁଡ଼ିକର ସତ୍ୟକୁ ଦେଖିଥାଏ ଓ ଜାଣିଥାଏ । ମାତ୍ର ଆମର ଜଡ଼େନ୍ଦ୍ରିୟ କେବଳ ଏକ ଆବରଣଯୁକ୍ତ ସଂସ୍ପର୍ଶ ଦ୍ୱାରାହିଁ ବସ୍ତୁଗୁଡ଼ିକ ସହିତ କୌଣସି ନା କୌଣସି ସମ୍ବନ୍ଧ ସ୍ଥାପନ କରିଥାଏ ଓ ଏକ ଆବରଣଯୁକ୍ତ ଏକତ୍ୱ ଦ୍ୱାରାହିଁ ବିଜ୍ଞାନ ବସ୍ତୁଗୁଡ଼ିକ ସହିତ ତଦାତ୍ମକତା ଅର୍ଜନ କରିଥାଏ । ତେଣୁ, ଜଣେ ମନୁଷ୍ୟ ହୃଦୟରେ ଆମେ ଆମର ଅସ୍ତିତ୍ୱକୁ ଯେପରି ଜାଣିପାରୁଛୁ, ବିଜ୍ଞାନ ଠିକ୍ ସେହିପରି ସରଳ ଭାବରେ, ପୂର୍ଣ୍ଣ ପ୍ରତ୍ୟକ୍ଷର ସହିତ ଓ ଅପରୋକ୍ଷ ଭାବରେ ସକଳ ବସ୍ତୁକୁ ଜାଣିବାକୁ ସମର୍ଥ ହୁଏ । କେବଳ ଇନ୍ଦ୍ରିୟଗୁଡ଼ିକହିଁ ଯାହାକିଛୁ ଜ୍ଞାନ ଆଣି ଦେଇଥାନ୍ତି, ବୁଦ୍ଧି ଲଗି କେବଳ ସେଉଁକିମାତ୍ର ପ୍ରତ୍ୟକ୍ଷ ଜ୍ଞାନ ହୋଇ ରହିଥାଏ ଏବଂ ଇନ୍ଦ୍ରିୟାତୀତ ଅବଶିଷ୍ଟ ସକଳ ସତ୍ତା ସହିତ କେବଳ ପରୋକ୍ଷ ଭାବରେ ପରିଚିତ ହେବା ବ୍ୟତୀତ ଆଉ କୌଣସି ଉପାୟ ନଥାଏ । ମାତ୍ର ବିଜ୍ଞାନ ଲଗି ତାହାର ସକଳ ସତ୍ତା କେବଳ ପ୍ରତ୍ୟକ୍ଷ ଜ୍ଞାନହିଁ ହୋଇ ରହିଥାଏ । ତେଣୁ ବୁଦ୍ଧି ଦ୍ୱାରା ଉପାର୍ଜିତ ସତ୍ୟକୁ ଆମେ ଏପରି ଏକ ଅର୍ଜନ ବୋଲି କହିବା ଯାହା ଉପରେ କି ଫଶସ୍ଥର ଏକ ଗ୍ରସ୍ତା ଆଚ୍ଛନ୍ନ ହୋଇ ରହିଥାଏ, ଏକ ଅପୂର୍ଣ୍ଣତା ବସ୍ତାର ରହିଥାଏ, ଯାହାର ଗୁଣ ପାଖରେ ରହି, ଅଜ୍ଞାନ ବା ଅର୍ଦ୍ଧଜ୍ଞାନର ଏକ ଗ୍ରସ୍ତାମସ୍ତତା ରହିଥାଏ ଏବଂ ଅଧିକତର ଜ୍ଞାନଲାଭ ଦ୍ୱାରା ଏହି ଜ୍ଞାନଟି ପରିବର୍ତ୍ତିତ ଅଥବା ବିଲୁପ୍ତ ହୋଇଯିବାର ଏକ ସମ୍ଭାବନା ସଦା ରହିଥାଏ । ମାତ୍ର ବିଜ୍ଞାନର ସତ୍ତା ସର୍ବଦା ଫଶସ୍ଥମୁକ୍ତ ଥାଏ, ଆପ୍ତପ୍ରତ୍ୟକ୍ଷ ଓ ସ୍ୱପ୍ରତିଷ୍ଠ ହୋଇ ରହିଥାଏ, ଅବିସାଦିତ ଓ ପରମ ହୋଇ ରହିଥାଏ ।

ଆପଣାର ପ୍ରଥମ ସାଧନରୂପେ ବୁଦ୍ଧି ସାଧାରଣ ଈକ୍ଷଣ, ବିଶ୍ଳେଷଣାତ୍ମକ ଈକ୍ଷଣ ଏବଂ ସମନ୍ୱୟାତ୍ମକ ଈକ୍ଷଣର ସାହାଯ୍ୟ ନେଇଥାଏ । ସାଦୃଶ୍ୟ ତଥା ଅସାଦୃଶ୍ୟର ନିରୂପଣ ଏବଂ ଉଦାହରଣ ଦ୍ୱାରା ଏହା ଆପଣାକୁ ସାହାଯ୍ୟ କରିଥାଏ; ଅବରୋହ ତଥା ଆରୋହ ଯୁକ୍ତି ଏବଂ ଯାବତୀୟ ପ୍ରକାରର ଅନୁମାନର

'oaob.nitrkl.ac.in' images reprocessed

ନାନା ନ୍ୟାସ୍ୱରଚିତ ପ୍ରତିସ୍ୱା ଦ୍ୱାରା ତାହା ଅନୁଭବର ଭୂମିରୁ ପରୋକ୍ଷ ଜ୍ଞାନର ଭୂମିକୁ ଅଗ୍ରସର ହେବାରେ ଲଗିଥାଏ । ବୁଦ୍ଧି ସୃଷ୍ଟ ଉପରେ ନର୍ଭର କରୁଥାଏ, କଲ୍ପନାରେ ବସି ଆପଣାର ସୀମା ସେପାଖକୁ ଉଡ଼ି ଯାଉଥାଏ ଏବଂ ବସ୍ତୁରଣା ଦ୍ୱାରା ଆପଣାକୁ ପ୍ରତିଷ୍ଠିତ କରି ରଖୁଥାଏ । ଏହି ସମସ୍ତ ପ୍ରତିସ୍ୱାଟି କେବଳ ଅନ୍ଧାରରେ ହାତ ବୁଲାଇ ଖୋଜିବା ପରି ହୋଇ ରହିଥାଏ । ବଜ୍ଞାନକୁ କଦାଚିତ୍ କେଳେ ଖୋଜ ବୁଲିବାକୁ ଦୁଏ ନାହିଁ, ବଜ୍ଞାନ ଅଧିକାଶ୍ର ହୋଇ ରହିଥାଏ । ବଜ୍ଞାନ ଉଦ୍‌ଘାଟିତ ନରେ, ଆଲୋକତ କରେ । ବୁଦ୍ଧିରୁ ବଜ୍ଞାନରେ ରୂପାନ୍ତରତ ହୋଇ ଯାଇଥିବା ଏକ ଚେତନାରେ ସତ୍ୟ-ଫପ୍ରେରଣା ସକଳ କଲ୍ପନାର ସ୍ଥାନ ଅଧିକାର କରିବ, ଏକ ଆସ୍ପଜ୍ୟୋତିର୍ମସ୍ୱ ବବେଚନସାମର୍ଥ୍ୟ ସକଳ ମନୋରତ ବସ୍ତୁରଣାର ସ୍ଥାନ ଅଧିକାର କରିବ । ଉର୍କଣାଠାରୁ ଆରମ୍ଭ କରି ଉର୍ଦ୍ଧସ୍ୱ ସାବ ସେହି ଅତ୍ତର୍ଧୀର ଓ ଅନ୍ତର୍ଦ୍ଦିତପାଦ ନ୍ୟାସ୍ୱବୁଦ୍ଧିଗତ ସମସ୍ତ ପ୍ରତିସ୍ୱାଟି ଏକ ଦ୍ରୁତ ଫବୋଧ୍ୟୁକ୍ତ ପଥସ୍ମରଣାକୁ ବାଟ ଛାଡ଼ିଦେବ । ସେତେବେଳେ ଉର୍ଦ୍ଧସ୍ୱ ବା ବସ୍ତୁସତ୍ତ୍ୟ କୌଣସି ଅନ୍ୟ ସାଧନର ଅପେକ୍ଷା କରିଁ କେବଳ ଆପଣାର ଅଧିକାର ବଳରେହିଁ ପ୍ରତ୍ୟକ୍ଷ ହେବାକୁ ଲଗିବ; ଆପଣାର ସ୍ପଙ୍କସ୍ୱ ଆସ୍ପଫସ୍ପୁର୍ତ୍ତି ସାକ୍ଷିତ୍ୱ ଦ୍ୱାରାହିଁ ପ୍ରତ୍ୟକ୍ଷ ହୋଇପାରିବ । ଏବଂ ଯେଉଁସବୁ ପ୍ରମାଣ ମଧ୍ୟଦେଇ ଆମେ ସେଥିରେ ଯାଇ ଉପନୀତ ହେଉଥିବା, ସେଗୁଡ଼ିକ ମଧ୍ୟ ଅନ୍ୟ କୌଣସି ସାଧନର ଅପେକ୍ଷା କରିଁ ପରଦୃଷ୍ଟ ହୋଇପାରିବେ, ତାହାର ସହଜତହିଁ ସେହି ଗୋଟିଏ ସଂବଂସମାବେଶକ ବୋଧରୂପଟି ଉତରେ ପରଦୃଷ୍ଟ ହୋଇପାରିବେ; ତାହାର ପ୍ରମାଣରୂପେ ନୁହେଁ, ମାତ୍ର ତାହାର ଅନ୍ତରଙ୍ଗ ପରବେଶ ରୂପେ, ତାହାର ଫଯୋଜନ ଓ ସମୃଦ୍ଧରୂପେ, ତାହାର ଅନ୍ତର୍ଗତ ନାନା ଅଂଶରୂପେ ଅଥବା ତାହାର ସମଗ୍ର ଭୂମିରିର ଗୋଟିଏ ଗୋଟିଏ ପାର୍ଶ୍ୱରୂପେ ପରଦୃଷ୍ଟ ହୋଇ ପାରିବେ । ସେତେବେଳେ ମନୋରତ ତଥା ଇନ୍ଦ୍ରିୟଗତ ସାବତ୍ତାସ୍ୱ ଲକ୍ଷଣ ଏକ ଅନ୍ତର୍ଗତ ଦୃଷ୍ଟିସାମର୍ଥ୍ୟରେ ପରବର୍ତ୍ତିତ ହୋଇଯିବ, ସେହି ଦୃଷ୍ଟିସାମର୍ଥ୍ୟ ସାଧନଗୁଡ଼ିକୁ କେବଳ ସ୍ମରଣାର ପଥରୂପେ ବ୍ୟବହାର କରିବ ଏବଂ ଯେପରି ଜଡ଼ ଇନ୍ଦ୍ରିୟଗୁଡ଼ିକ ବନା ଆମ ଭିତରେ ରହିଥିବା ମନ ଅନ୍ଧ ଓ ବଧିର ହୋଇ ପଡ଼ିଥାଏ, ତାହା ସେହି ସାଧନଗୁଡ଼ିକ ଉପରେ କଦାପି ସେପରି ନର୍ଭରଶୀଳ ହୋଇ ରହିବ ନାହିଁ । ଏବଂ ଏହି ଦୃଷ୍ଟିସାମର୍ଥ୍ୟ କେବଳ ବସ୍ତୁଟିକୁହିଁ ଦେଖି ନଥିବ, ମାତ୍ର ବସ୍ତୁର ସକଳ ସତ୍ୟକୁ ମଧ୍ୟ ଦେଖି ପାରୁଥିବ; ସେହି ବସ୍ତୁଟି ମଧ୍ୟରେ ତାହାର ସାବତ୍ତାସ୍ୱ ସାମର୍ଥ୍ୟ, ଶକ୍ତିମତ୍ତା ଏବଂ ଶାଶ୍ୱତଭାଗୁଡ଼ିକୁ ଦେଖି ପାରୁଥିବ । ସେତେବେଳେ ଆମର ଏହି ଅନନ୍ତସ୍ୱଜାପୁର୍ତ୍ତି ସୃଷ୍ଟି କୁଆଡ଼େ ଚଲକୁ ଖସିପଡ଼ିବ, ଏବଂ ଏକ ଜ୍ୟୋତିର୍ମସ୍ୱ ଜ୍ଞାନାଧିକୃତ ଆସି ତାହାର ସ୍ଥାନ ଅଧିକାର କରିବ; ଏକ ଦିବ୍ୟ ସୃଷ୍ଟି ତାର୍ଯ୍ୟ କରିବାକୁ ଲଗିବ, ଯାହାକୁ କି କଦାପି ଅର୍ଜନଗତ ଏକ ଉଣ୍ଡାର ବୋଲି କୁହାଯିବ ନାହିଁ । ସେହି ସୃଷ୍ଟି ଚେତନାସ୍ଥ

'oaob.nitrkl.ac.in' images reprocessed

ଉପରେ ସଦାବା ସକଳ ବସ୍ତୁକୁ ଧରି ରଖିଥିବ, ଏକାଧାରରେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ସୃଷ୍ଟି ହୋଇ ରହିଥିବ।

କାରଣ ମନୋଗତ ବୁଦ୍ଧି ସମସ୍ତର ମୁହୂର୍ତ୍ତ ଉପରେ ଖୋଜ ଦେଇ ଅଗ୍ରସର ହେଉଥାଏ, ଓ ଜଳାଇ ପକାଇ ପୁଣି ପାଉଥାଏ ଏବଂ ପୁଣି ଜଳାଇ ଦେଉଥାଏ ଓ ପୁଣି ପାଉଥାଏ। ମାତ୍ର ଅପର ପକ୍ଷରେ ବିଜ୍ଞାନ ଅଖଣ୍ଡିତ ଗୋଟିଏ ଦୃଷ୍ଟି ମଧ୍ୟରେହିଁ ସମସ୍ତକୁ ଅଧିକାର କରି ରହିଥାଏ, ଚରନ୍ତନ ଶକ୍ତିମତ୍ତାରେହିଁ ସମସ୍ତ ଉପରେ ପ୍ରଭାବ ବିସ୍ତାର କରି ରହିଥାଏ ଏବଂ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତକୁ ସେଗୁଡ଼ିକର ଅବଶ୍ୟମ୍ଭାବୀ ଫଳଶ୍ରୁତିରେ ଫଳଯୁକ୍ତ କରି ରଖିଥାଏ, ସେଗୁଡ଼ିକୁ ପରସ୍ପରର ପାର୍ଶ୍ୱବର୍ତ୍ତୀ ଭାବରେ ଜ୍ଞାନର ଏକ ଅବଚ୍ଛିନ୍ନ ମାନଚିତ୍ର ଉପରେହିଁ ସଂଯୋଜିତ କରି ରଖିଥାଏ। ଆପେ ଅପରୋକ୍ଷ ଭାବରେ ଅଧିକାର କରି ରହିଥିବା ସମସ୍ତଟାକିରୁହିଁ ବିଜ୍ଞାନ ସଦାବା ଅଗ୍ରସର ହେଉଥାଏ; କେବଳ ସେହି ସମସ୍ତଟାର ସମସ୍ତ ଭୂମିଟିଏ ଉପରେ ତାହା ଅଂଶଗୁଡ଼ିକୁ, ଏକକ ଗୋଷ୍ଠୀଗୁଡ଼ିକୁ ଏବଂ ଟିକନିଟି ସବୁକଟିକୁ ଅବଲୋକନ କରୁଥାଏ, ସେହି ସମସ୍ତଟା ସହିତ ଏକଦୃଷ୍ଟି ହୋଇ ସବୁକଟିକୁ ଦେଖୁଥାଏ। ମାତ୍ର ମନୋଗତ ଅବଲୋକନ ପାତ୍ରରେ ସମସ୍ତଟାଟିକୁ ଦେଖିବା ପଟାଗେ ବସ୍ତୁତଃ କୌଣସି ସମର୍ଥତା ନଥାଏ; କେବଳ ଅଂଶ ଏବଂ ପୁଞ୍ଜ ଅଥବା ଟିକନିଟିଗୁଡ଼ାକର ବିଶ୍ଳେଷଣ ଓ ସମନ୍ୱୟସାଧନରୁ ଆରମ୍ଭ କରିବା ବ୍ୟତୀତ ମନ କୌଣସି ସମଗ୍ରକୁ ସମ୍ପୂର୍ଣ୍ଣରୂପେ ଜାଣିବା ଲଗି କୌଣସି ବାଟ ପାଏ ନାହିଁ। ତା' ନହେଲେ ମନର ସମସ୍ତ ଚେଷ୍ଟାକେବଳ ଏକ ଅସ୍ପଷ୍ଟ ଅନୁମାନ ବା ଏକ ଅପୂର୍ଣ୍ଣ ଅବବୋଧ ବା ଅସ୍ପଷ୍ଟ ହୋଇ ରହିଥିବା ନାନା ଲକ୍ଷଣର କେବଳ ଏକ ଅବନ୍ୟସ୍ତ ସମଷ୍ଟୀକରଣରେହିଁ ପର୍ଯ୍ୟବସିତ ହୋଇ ରହିଥାଏ। ମନୋଗତ ବୁଦ୍ଧି ଖାଲି ଅଂଶଗତ ଖଣ୍ଡ, ପ୍ରତିସ୍ପା ଏବଂ ଧର୍ମ ବା ଲକ୍ଷଣଗୁଡ଼ିକୁ ନେଇ କାରବାର କରୁଥାଏ ଏବଂ ସେହିଗୁଡ଼ିକର ସାହାଯ୍ୟରେ ପ୍ରକୃତ ଓ ଯଥାର୍ଥ ବସ୍ତୁଟିର, ତାହାର ସତ୍ତା ତଥା ମର୍ମର କୌଣସି ଏକ ଧାରଣା କରିବାର ବୃଥା ଚେଷ୍ଟା କରିବାରେ ଲଗିଥାଏ। ମାତ୍ର ବିଜ୍ଞାନ ପ୍ରଥମେ ଯଥାର୍ଥ ବସ୍ତୁଟିକୁହିଁ ଦେଖେ, ତାହାର ମୂଳଭୂତ ଏବଂ ଚରନ୍ତନ ସ୍ୱତ୍ୱବଟି ମଧ୍ୟକୁ ପ୍ରବେଶ କରେ ଏବଂ ବସ୍ତୁତଃ ପ୍ରକୃତିର କେବଳ ଏକ ଆତ୍ମ-ଅଭିବ୍ୟକ୍ତିରୂପେହିଁ ତାହା ବସ୍ତୁଟିର ସାବଯବସ୍ୱ ପ୍ରତିସ୍ପା ଓ ଗୁଣଗୁଡ଼ିକୁ ପରସ୍ପରସମ୍ବନ୍ଧିତ କରି ରଖେ। ବୁଦ୍ଧି କେବଳ ବସ୍ତୁବଧ ଅନେକତା ଭିତରେ ଭ୍ରମୁଥାଏ ଏବଂ ତାହାର ବନ୍ଦୀ ହୋଇ ରହିଥାଏ; ତାହା ବସ୍ତୁଗୁଡ଼ିକୁ ପରସ୍ପରଠାରୁ ଭିନ୍ନ କରିଦେଇ ସେଗୁଡ଼ିକର ବର୍ଗୀକରଣ କରେ ଏବଂ ପ୍ରତ୍ୟେକ ବସ୍ତୁକୁ ସଜେଇବା ଏକ ସ୍ୱତନ୍ତ୍ର ବସ୍ତୁ ପରି କାରବାର କରୁଥାଏ; କାଳର ଅଂଶ ତଥା ଦେଶର ବିଭାଗଗୁଡ଼ିକୁ ନେଇ ତାହା ଯେପରି ଆପଣାର ସାବଯବସ୍ୱ କାରବାର କରିଥାଏ, ଠିକ୍ ସେହିପରି। ଏକତ୍ୱ କହିଲେ ତାହା କେବଳ ସମଷ୍ଟିକୁହିଁ ଦେଖିଥାଏ, ବହୁବଧତାକୁ

ନଷ୍ଟାଶିତ କରଦେଇ ତାହା ତାହାକୁହିଁ ଏକତ୍ୱ ବୋଲ୍ କହେ; ଅଥବା ଏକତ୍ୱ କହୁଲେ କେବଳ ଏକ ସାଧାରଣ ସାମାନ୍ୟକଲ୍ପନା ଓ ଏକ ଶୂନ୍ୟଗର୍ଭ ଅବଧାରଣା ବୋଲ୍ ବୁଝାଏ । ମାତ୍ର ବଜ୍ଞାନ ସଦ୍ଦା ଏକତ୍ୱ ମଧ୍ୟରେହିଁ ଅବସ୍ଥାନ କରୁଥାଏ, ଏବଂ ସେହି ଏକତ୍ୱ ଦ୍ୱାରାହିଁ ତାହା ବହୁତ୍ୱବଧତାଗୁଡ଼ିକର ଯାବତ୍ତାସ୍ୱ ପ୍ରକୃତିକୁ ଜାଣୁଥାଏ; ତାହା ଏକତ୍ୱରୁହିଁ ଆପଣାର ଯାବତ୍ତାସ୍ୱ ଗୁରଣା ଆରମ୍ଭ କରେ ଏବଂ ବହୁତ୍ୱବଧତାଗୁଡ଼ିକୁ କେବଳ ଏକ ଏକତ୍ୱରହିଁ ବହୁତ୍ୱବଧତାରୂପେ ଦେଖୁଥାଏ । ଏକାଠି ମିଶି କୌଣସି ଏକତ୍ୱର ଗଠନ କରିଥିବା ବହୁତ୍ୱବଧତାରୂପେ ଦେଖେ ନାହିଁ, ମାତ୍ର ଆପଣାର ଅନେକତାକୁହିଁ ଆପଣା ମଧ୍ୟରେ ସମ୍ଭାର ଧରିଥିବା ଏକତ୍ୱରୂପେ ଦେଖିବାକୁ ସମର୍ଥ ହୁଏ । ବଜ୍ଞାନଲବ୍ଧ ଜ୍ଞାନ ବା ବଜ୍ଞାନମସ୍ୱ ବୋଧ କୌଣସି ପ୍ରକୃତ ବସ୍ତୁଜନକୁ କେବେହେଲେ ସ୍ୱୀକାର କରେ ନାହିଁ; ବସ୍ତୁଗୁଡ଼ିକ ସେଗୁଡ଼ିକର ପ୍ରକୃତ ଓ ମୂଳଭୂତ ଏକତ୍ୱଦୃଷ୍ଟିରୁ ସ୍ୱତନ୍ତ୍ର ଓ ବଚ୍ଛିନ୍ନ ହୋଇ ରହିଛନ୍ତି ବୋଲ୍ ଭ୍ରମ କରି ବଜ୍ଞାନ ସେଗୁଡ଼ିକୁ ପରସ୍ପରଠାରୁ ସ୍ୱତନ୍ତ୍ର ଓ ବଚ୍ଛିନ୍ନ ଭାବରେ କଦାପି ଗ୍ରହଣ କରିବାକୁ ଯାଏ ନାହିଁ । ମନୋଗତ ବୁଦ୍ଧି କେବଳ ଅନ୍ୟବଶିଷ୍ଟତାକୁ ନେଇ ଯାବତ୍ତାସ୍ୱ କାରବାର କରୁଥାଏ ଏବଂ ଅନନ୍ୟର ସମ୍ପର୍କକୁ ଆସିଲେ ଆପଣାକୁ ବଡ଼ ଅସହାସ୍ୱ ବୋଲ୍ ଭାବେ । ଅନନ୍ୟତା କହୁଲେ ସିଏ ହୁଏତ ଏକ ଅନିର୍ଦ୍ଦିଷ୍ଟ ପ୍ରସାରଣାରହିଁ କଲ୍ପନା କରିବାକୁ ସମର୍ଥ ହୁଏ ଯାହା ଭିତରେ କ ଅନ୍ୟବଶିଷ୍ଟତା କାର୍ଯ୍ୟ କରିବାରେ ଲାଗିଥାଏ; ମାତ୍ର ସ୍ୱୟଂ ଅନନ୍ୟତାର କଲ୍ପନା କରିବାକୁ ଯାଇ ମନୋବୁଦ୍ଧି ବଡ଼ ଗୋଲମାଲରେ ପଡ଼ିଯାଏ ଏବଂ ତାହାକୁ କୌଣସିମତେ ବୁଝିପାରେ ନାହିଁ କିମ୍ବା ତାହା ମଧ୍ୟରେ ଆଦୌ ପ୍ରବେଶ କରିପାରେ ନାହିଁ । ମାତ୍ର ବଜ୍ଞାନ ଅନନ୍ୟରୂପେ ଅବସ୍ଥିତ ଥାଏ, ଅନନ୍ୟକୁହିଁ ଦେଖେ ଓ ଅନନ୍ୟ ମଧ୍ୟରେହିଁ ବାସ କରି ରହିଥାଏ । ତାହା ସଦ୍ଦା ସେହି ଅନନ୍ୟତାରୁହିଁ ଅଗ୍ରସର ହୋଇଥାଏ ଏବଂ ସେହି ଅନନ୍ୟତାର ବୋଧଭୂମି ଉପରେ ଓ ସେହି ଅନନ୍ୟତା ସହିତ ବସ୍ତୁଗୁଡ଼ିକର ଯେଉଁଭଳି ସମ୍ବନ୍ଧ ରହିଛି, ଅନ୍ୟବଶିଷ୍ଟ ବସ୍ତୁଗୁଡ଼ିକୁ ସେ କେବଳ ସେହିପରି ଭାବରେହିଁ ଜାଣେ ।

ଆମର ନଜ ମନ ଓ ବୁଦ୍ଧିଠାରୁ ବଜ୍ଞାନ ଯେପରି ଭିନ୍ନ ହୋଇ ରହିଛି, କେବଳ ତାହାକୁ ଭିତ୍ତି କରି ଅତ୍ୟନ୍ତ ଅପୂର୍ଣ୍ଣ ଭାବରେ ନୁହେଁ, ମାତ୍ର ଆପଣାର ସତନ୍ତ୍ର-କ୍ଷେତ୍ରରେ ବଜ୍ଞାନ ପ୍ରକୃତରେ ଯେଉଁଭଳି ଭାବରେ ବିଦ୍ୟମାନ ରହିଛି, ସଦ୍ଦ ବଜ୍ଞାନକୁ ଆମେ ଠିକ୍ ସେହିପରି ଭାବରେହିଁ ବର୍ଣ୍ଣନା କରିବାକୁ ବାହାରିବା, ତେବେ କେବଳ ଚଳଚଳ୍ପ ଓ ପ୍ରତାରକ ସାହାଯ୍ୟ ବ୍ୟତୀତ ତାହା କରିପାରିବା ଆମ ପକ୍ଷରେ କୁଚିତ୍ ସମ୍ଭବ ହେବ । ଏବଂ ଆମକୁ ସ୍ୱଂପ୍ରଥମେ ସ୍ମରଣ ରଖିବାକୁ ପଡ଼ିବ ଯେ ମହତ୍ତ୍ୱ ବା ବଜ୍ଞାନର ସୋପାନଟି ଆମ ତେତନାର ଆଦୌ ସଦ୍ଦୋଚ ସୋପାନ ନୁହେଁ, ଏହା ହେଉଛି ଏକ ମଧ୍ୟବର୍ତ୍ତୀ ସୋପାନ, ଏକ ସଯୋଗତାସ୍ୱ ସୋପାନ । ପରମ ଓ

'oaob.nitrkl.ac.in' images reprocessed

ପରପୁର୍ଣ୍ଣ ଚନ୍ଦ୍ରଚ୍ଚାର ସେହ୍ନ ଜସ୍ୱୀ ମହ୍ନମା ଅର୍ଥାତ୍ ସେହ୍ନ ପରମ ଶାଶ୍ୱତସ୍ତ୍ରଙ୍କର ଅନନ୍ତ ସତ୍ତ୍ୱ, ଅନନ୍ତ ଚତ୍ତ୍ୱ ଓ ଅନନ୍ତ ଆନନ୍ଦ ଏବଂ ଏଠି ଆମର ଏହ୍ନ ଜନ୍ମସ୍ଥ ଜସ୍ୱୀ ସଜ୍ଞ ଓ ପ୍ରକୃତ ମଧ୍ୟରେ ଅବସ୍ଥିତ ରହ୍ନ ବଜ୍ଞାନ ସ୍ୱତେଅବା ପରମ ଶାଶ୍ୱତଙ୍କର ଫସୋଗସ୍ଥାପନକାସ୍ତ୍ର, ସୃଜନତତ୍ତ୍ୱ, ଫଗଠନକାସ୍ତ୍ର ଓ ସୃଜନଶୀଳ ପ୍ରଜ୍ଞା, ସାମର୍ଥ୍ୟ ଭଥା ଆନନ୍ଦରୂପେହିଁ ଅବସ୍ଥିତ ହୋଇ ରହ୍ନଛ । ବଜ୍ଞାନ ମଧ୍ୟରେହିଁ ସ୍ୱତିଦାନନ୍ଦ ଆପଣା ଅନବଦୋଧ ଅସ୍ତିତ୍ୱର ଆଲୋକଟିକୁ ଏକଜ କର ଆଣନ୍ତ୍ର ଏବଂ ଏକ ଦ୍ରବ୍ୟ ଜ୍ଞାନର ଆକାର ଓ ସାମର୍ଥ୍ୟରୂପେ ତାହାକୁ ଆପ୍ତା ଉପରେ ଅଜାଡ଼ ଦେବାକୁ ଲଗନ୍ତ୍ର, ଏକ ଦ୍ରବ୍ୟ ଇଚ୍ଛା ଓ ଦ୍ରବ୍ୟ ଆନନ୍ଦର ଆକାର ଓ ସାମର୍ଥ୍ୟରୂପେ ଆଣି ଅଜାଡ଼ ଦେଇଥାନ୍ତ୍ର । ମନେଦ୍ଧ ଏ, ସ୍ୱତେଅବା ଅନନ୍ତ ଆଲୋକ ସୃର୍ଜନର ଏହ୍ନ ଠୁଳ ମଣ୍ଡଳଟି ମଧ୍ୟରେ ଆପଣାକୁ ଏକଜ କର ଆଣୁଛ ଏବଂ ଏକ ଅବଚ୍ଛିନ୍ନ ଉଜ୍ଜ୍ୱଳଭାରେ ସେହ୍ନ ସୃର୍ଜନ ଉପରେ ନର୍ଭର କର ରହ୍ନଥିବା ସକଳ ବସ୍ତୁ ଉପରେ ପରମ ଔଦାର୍ଜନର ସହ୍ନତ ତାହାକୁ ଅଜାଡ଼ ଦେବାରେ ଲଗିଛ୍ନ । ମାନ ବଜ୍ଞାନ କେବଳ ଆଲୋକମାନ ନୁହେଁ, ବଜ୍ଞାନକୁ ଆମେ ଏକ ସାମର୍ଥ୍ୟ ବୋଲ୍ ମଧ୍ୟ ଜାଣିବା । ବଜ୍ଞାନ ହେଉଛ୍ନ ସୃଜନଶୀଳ ଜ୍ଞାନ, ଏହା ହେଉଛ୍ନ ସେହ୍ନ ଦ୍ରବ୍ୟ ପରମଧାରଣାର ଆପଣାକୁ ଆପେ ଉତ୍କୃଷ୍ଟାଇ ଦେଇଥିବା ସତ୍ତ୍ୟ । ବଜ୍ଞାନର ଏହ୍ନ ଧାରଣାଟିକୁ ଆମେ ସୃଜନାସ୍ମକ କଲ୍ପନାମାନ ବୋଲ୍ କହ୍ନିବା ନାହିଁ, କେବଳ ଶୂନ୍ୟ ମଧ୍ୟରେହିଁ ଯାହାକଛ୍ନ ରଚନା କରୁଥିବା କୌଣସି ଭଉ୍ଡ ବୋଲ୍ କହ୍ନିବା ନାହିଁ; ତାହାକୁ ଆମେ ସେହ୍ନ ଶାଶ୍ୱତ ପରମସମ୍ପଦରହିଁ ଆଲୋକ ଓ ସାମର୍ଥ୍ୟ ବୋଲ୍ କହ୍ନିବା, ସତ୍ୟ-ସାମର୍ଥ୍ୟରେ ପରପୁର୍ଣ୍ଣ ହୋଇ ରହ୍ନଥିବା ସତ୍ୟ-ଆଲୋକ ବୋଲ୍ କହ୍ନିବା । ସଜ୍ଞ ମଧ୍ୟରେ ଯାହା ଅନ୍ତର୍ନିହ୍ନତ ହୋଇ ରହ୍ନଛ, ବଜ୍ଞାନ ତାହାକୁହିଁ ପ୍ରକାଶିତ କର ଆଣିଥାଏ; ଯାହା କେତେବେଳେ ସଜ୍ଞ ମଧ୍ୟରେ ବଦ୍ୟମାନ ନଥିଲ୍ଲ, ବଜ୍ଞାନ ସେପର କୌଣସି କଲ୍ପିତଭାର କେବେହେଲେ ସୃଷ୍ଟି କରେ ନାହିଁ । ବଜ୍ଞାନର ଅନ୍ତର୍ଗତ ଧାରଣାଟିକୁ ଆମେ ସେହ୍ନ ଶାଶ୍ୱତ ଅସ୍ତିତ୍ୱର ଚେତନା ମଧ୍ୟରୁ ବଜ୍ଞାର୍ଣ୍ଣ ହୋଇ ଆସୁଥିବା ଆଲୋକମସ୍ୱ ଉପାଦାନ ବୋଲ୍ ଜାଣିବା; ସେଠାରେ ଆଲୋକର ପ୍ରତ୍ୟେକ ରେଖା ଗୋଟିଏ ଗୋଟିଏ ସତ୍ୟରୂପେ ଅବସ୍ଥିତ ରହ୍ନଛ । ବଜ୍ଞାନସ୍ଥ ଇଚ୍ଛାଟିକୁ ମଧ୍ୟ ଆମେ ଶାଶ୍ୱତ ଜ୍ଞାନର ଏକ ଚେତନ ସାମର୍ଥ୍ୟ ବୋଲ୍ ଜାଣିବା; ସେହ୍ନ ଇଚ୍ଛା ସଜ୍ଞର ଚେତନା ଭଥା ଉପାଦାନକୁ ସତ୍ୟ-ସାମର୍ଥ୍ୟର ଅଭ୍ରାନ୍ତ ରୂପାସ୍ୱନଗୁଡ଼ିକ ମଧ୍ୟକୁ ନକ୍ଷିପ୍ତ କରିବାରେ ଲଗିଛ୍ନ, ସେହ୍ନ ରୂପାସ୍ୱନଗୁଡ଼ିକ ଅନ୍ତର୍ଗତ ଧାରଣାଟିକୁ ବହ୍ନନ କର ରହ୍ନଛନ୍ତ୍ର ଏବଂ ତାହାକୁ ଦୋଷଶୂନ୍ୟ ଜ୍ଞବରେ ଫଳପ୍ରଦ କରିବାରେ ଲଗିଛନ୍ତ୍ର । ଏବଂ ସେହ୍ନ ଇଚ୍ଛା ପ୍ରତ୍ୟେକ ସତ୍ୟ-ସାମର୍ଥ୍ୟ ଓ ସତ୍ୟ-ରୂପାସ୍ୱନକୁ ସେଗୁଡ଼ିକର ଆପଣା ଆପଣାର ସ୍ୱଜ୍ଞତ ଅନୁସାରେ ସ୍ୱତଃସ୍ଫୁର୍ତ୍ତ ଓ ସଯାର୍ଥ ଜ୍ଞବରେ କାର୍ଯ୍ୟକାସ୍ତ୍ର କରିବାରେ ଲଗିଛ୍ନ । କାରଣ ତାହା ଆପଣା ମଧ୍ୟରେ

'oaob.nitrkl.ac.in' images reprocessed

ସେହି ଦ୍ରବ୍ୟ ପରମ ଧାରଣାରୂପୀ ସୃଜନାତ୍ମକ ସାମର୍ଥ୍ୟଟିକୁ ବହନ କରୁଛି, ବଜ୍ଞାନର ପ୍ରତୀକରୂପେ ଅବସ୍ଥିତ ରହିଥିବା ସେହି ସ୍ପର୍ଶ ଓ ଜସ୍ମାମକ ପ୍ରଭୁଙ୍କର ସୃଜନାତ୍ମକ ସାମର୍ଥ୍ୟକୁ ବହନ କରିବାରେ ଲଗିଛି । ଏହାକୁହିଁ ବେଦରେ ସକଳ ବସ୍ତୁର ଜନକ ହୋଇ ରହିଥିବା ପରମାତ୍ମେକ ବୋଲି ବର୍ଣ୍ଣନା କରିଯାଇଛି, ଅଭିବ୍ୟକ୍ତ ଅସ୍ତିତ୍ୱକୁ ସମ୍ଭବ କରୁଥିବା ଓ ପ୍ରକାଶିତ କଣ ଦେଉଥିବା ସେହି ସ୍ପର୍ଶ-ସାରହୀ ବୋଲି କୁହାଯାଇଛି । ଏହି ସୃଷ୍ଟି ଦ୍ରବ୍ୟ ଆନନ୍ଦ ଦ୍ୱାରା ପ୍ରେରିତ ହେବାରେ ଲଗିଛି, ସେହି ଶାଶ୍ୱତ ପରମ ଆନନ୍ଦ ଦ୍ୱାରାହିଁ ପ୍ରେରିତ ହେଉଛି; ଆପଣାର ସତ୍ତା ତଥା ସାମର୍ଥ୍ୟରେ ଆନନ୍ଦ ଦ୍ୱାରା ଏହା ପରିପୂର୍ଣ୍ଣ ହୋଇ ରହିଛି, ଆନନ୍ଦରେହିଁ ସୃଷ୍ଟି କରୁଛି, ସେହି ଆନନ୍ଦରୁ ସୃଷ୍ଟି କରୁଛି ଏବଂ ଆନନ୍ଦରହିଁ ସୃଷ୍ଟି କରିବାରେ ଲଗିଛି । ତେଣୁ ବଜ୍ଞାନ ଅର୍ଥାତ୍ ଅଭମାନସ ଜଗତ୍ତକୁହିଁ ଆମେ ସତ୍ୟମସ୍ତ ଓ ପୁରୁଷପୁର୍ଣ୍ଣ ସୃଷ୍ଟି ବୋଲି ଜାଣିବା, ତାହାକୁ ଋତମ୍, ଭଦ୍ରମ୍ ବୋଲି ଜାଣିବା; କାରଣ ସେଥିରେ ଅବସ୍ଥିତ ରହିଥିବା ସକଳ ବସ୍ତୁ ଆପଣା ନର୍ମାଣକାଗ୍ଧର ପରିପୂର୍ଣ୍ଣ ଆନନ୍ଦରେ ଅଂଶଗ୍ରହଣ କରିବାରେ ଲଗିଛି । ଅବଚ୍ୟୁତ ଜ୍ଞାନର ଏକ ଦ୍ରବ୍ୟ ପ୍ରଭାସ୍ୱରତ୍ତା, ଅଭ୍ୟନ୍ତ ଇଚ୍ଛାର ଏକ ଦ୍ରବ୍ୟ ସାମର୍ଥ୍ୟ ଏବଂ ଅବ୍ୟାହତ ଆନନ୍ଦର ଏକ ଦ୍ରବ୍ୟ ଆଶ୍ୱସ୍ତିମସ୍ୱତ୍ତା,— ଏହିଗୁଡ଼ିକୁହିଁ ଆମେ ଅଭମାନସ ଅର୍ଥାତ୍ ବଜ୍ଞାନରେ ଅବସ୍ଥିତ ଆତ୍ମାର ଯଥାର୍ଥ ପ୍ରକୃତ ବୋଲି ଜାଣିବା । ଏଠାରେ ଆମର ଏହି ଭୂମିକିରେ ଯାହାକିଛୁ ଅପୂର୍ଣ୍ଣ ଓ ଆପେକ୍ଷିକ ହୋଇ ରହିଛି, ସେହିଗୁଡ଼ିକର ପରମ ପରିପୂର୍ଣ୍ଣ ପ୍ରକରଣଗୁଡ଼ିକୁ ନେଇ ବଜ୍ଞାନମସ୍ତ ବା ଅଭମାନସ ଭୂମିର ଉପାଦାନଟି ଗଢ଼ାହୋଇଛୁ; ଏଠାରେ ଆମକୁ ଯାହାସବୁ କେବଳ ପରସ୍ପରର ବିପରୀତ ଓ ବିରୋଧୀ ବୋଲି ମନେହେଉଛି, ବଜ୍ଞାନମସ୍ତ ବା ଅଭମାନସ ଭୂମିର ଗଠନପ୍ରଣାଳୀରେ ସେହିଗୁଡ଼ିକ ପରସ୍ପର-ସମଞ୍ଜସ ଭାବରେ ପରସ୍ପର ସହିତ ଗୁନ୍ଥାହୋଇ ରହିଛନ୍ତି ଏବଂ ପୁରୁଷମାକାରସ୍ତ ହୋଇ ରହିଛନ୍ତି । କାରଣ ଏହିସବୁ ବିପରୀତତ୍ତା ଓ ବିରୋଧର ପ୍ରତିଦ୍ୱନ୍ଦ୍ୱିତା ପଛରେ ସେଗୁଡ଼ିକର ଯାବତୀୟ ସତ୍ୟ ପ୍ରଚ୍ଛନ୍ନ ହୋଇ ରହିଛି ଏବଂ ଶାଶ୍ୱତ ଭୂମିର ସତ୍ୟଗୁଡ଼ିକ ପରସ୍ପର ସହିତ ଆଦୌ କୌଣସିପ୍ରକାର ଦ୍ୱନ୍ଦ୍ୱରେ ଜଡ଼ିତ ହୋଇ ରହି ନାହାନ୍ତି । ଆମ ମନ ତଥା ପ୍ରାଣର ବିରୋଧିତାସବୁ ଅଭମାନସ ସ୍ତରରେ ସେଗୁଡ଼ିକର ସ୍ୱକୀୟ ଯଥାର୍ଥ ସତ୍ୟରେହିଁ ରୂପାନ୍ତରିତ ହୋଇଯାଆନ୍ତି ଓ ପରସ୍ପର ସହିତ ଏକତ୍ର ସଂଯୋଜିତ ହୋଇ ଅବସ୍ଥାନ କରୁଥାନ୍ତି, ଏବଂ ଶାଶ୍ୱତ ପରମ ସତ୍ୟ ତଥା ତରନ୍ତନ ପରମ ଆନନ୍ଦର ବିଭିନ୍ନ ସ୍ୱର ଓ ବର୍ଣ୍ଣାବେଶରୂପେ ଦୃଷ୍ଟିଗୋଚର ହୁଅନ୍ତି । ଅଭମାନସ ବା ବଜ୍ଞାନହିଁ ପରମ ସତ୍ୟ; ସେଇ ପରମ ଭାବନା, ପରମ ଶବ୍ଦ, ପରମ ଆଲୋକ ଓ ପରମ ଇଚ୍ଛାଗତ ବୋଧ । ତାହାକୁହିଁ ଆମେ ସେହି ଦେଶାତ୍ତୀତ ପରମ ଅନନ୍ତଙ୍କର ଅନ୍ତର୍ଗତ ତଥା ବାହ୍ୟ ସମ୍ପ୍ରସାରଣ ବୋଲି ଜାଣିବା, କାଲାତ୍ତୀତ ପରମ ଶାଶ୍ୱତଙ୍କର ସକଳ ବନ୍ଧନରୁ ମୁକ୍ତ

'oaob.nitrkl.ac.in' images reprocessed

ରହିଥିବା ପରମ ଜ୍ଞାନ ବୋଲି ଜାଣିବା ଏବଂ ପରମ ନିର୍ବିଶେଷଙ୍କ ମଧ୍ୟରେ ଅବସ୍ଥିତ ସକଳ ନିର୍ବିଶେଷର ଦ୍ରବ୍ୟ ସୌଷମ୍ୟ ବୋଲି ଜାଣିବା ।

ଯଥାର୍ଥ ଦୃଷ୍ଟିସମର୍ଥ ମନ ଲଗି ବ୍ରହ୍ମଜ୍ଞାନର ଉନୋଟି ସାମର୍ଥ୍ୟ ରହିଛି । ଏହାର ସବୋଚ୍ଚ ସାମର୍ଥ୍ୟଟି ଊର୍ଦ୍ଧ୍ୱସ୍ଥ ଭୂମିରେ ଅବସ୍ଥିତ ଈଶ୍ୱରଙ୍କର ଯାବତ୍ତାସ୍ୱ ଅନନ୍ତ ଅସ୍ତିତ୍ୱ, ଅନନ୍ତ ଚେତନା ଏବଂ ଆନନ୍ଦକୁ ଜାଣିଥାଏ ଓ ସେଠାରୁ ସେଗୁଡ଼ିକୁ ଆପଣା ମଧ୍ୟରେ ଗ୍ରହଣ ବା କରୁଥାଏ; ଆପଣାର ସବୋଚ୍ଚ ଅବସ୍ଥାନକ୍ଷେତ୍ରରେ ତାହା ଶାଶ୍ୱତ ସଚ୍ଚିଦାନନ୍ଦଙ୍କର ପରମ ଜ୍ଞାନ ଓ ପରମ ସାମର୍ଥ୍ୟରୂପେ ଅବସ୍ଥିତ ରହିଥାଏ । ବ୍ରହ୍ମଜ୍ଞାନର ଦ୍ୱିତୀୟ ସାମର୍ଥ୍ୟଟି ପରମ ଅନନ୍ତଙ୍କୁ ଏକ ଚୈତନ୍ୟଘନ ବା ଚିଦ୍‌ଘନ ରୂପରେ କେନ୍ଦ୍ରୀଭୂତ କରିଆଣେ, ତାଙ୍କୁ ଦ୍ରବ୍ୟ ଚେତନାର ଏପରି ଏକ ସାଜାବସ୍ଥାକୁ କେନ୍ଦ୍ରୀଭୂତ କରିଆଣେ, ଯେଉଁଠାରେ କି ଦ୍ରବ୍ୟ ସତ୍ତ୍ୱର ପରିବର୍ତ୍ତନରହିତ ସକଳ ଭବ୍ୟ ଏବଂ ଦ୍ରବ୍ୟ ଚେତନ-ଜ୍ଞାନ ତଥା ଦ୍ରବ୍ୟ ପ୍ରକୃତିର ଯାବତ୍ତାସ୍ୱ ଅଲଂଘ୍ୟ ସତ୍ତ୍ୟ ଜୀବନ୍ତ ଓ ମୂର୍ତ୍ତି ରୂପରେ ଅନ୍ତର୍ଗତ ହୋଇ ରହିଥାଏ । ବ୍ରହ୍ମଜ୍ଞାନର ତୃତୀୟ ସାମର୍ଥ୍ୟ ଦ୍ରବ୍ୟ ଜ୍ଞାନର କାର୍ଯ୍ୟସାଧକ ଧାରଣା, ଦୃଷ୍ଟି ଏବଂ ପ୍ରାଣାଶ୍ୟକ୍ତ ସକଳ ଭଦାସ୍ୱକତା ଦ୍ୱାରା, ଦ୍ରବ୍ୟ ଇଚ୍ଛା-ଶକ୍ତିର ଗଠନ୍ତନ ଦ୍ୱାରା ଏବଂ ଦ୍ରବ୍ୟ ଯାବତ୍ତାସ୍ୱ ଆନନ୍ଦଘନତାର ସ୍ପନ୍ଦନ ଦ୍ୱାରା ସେହିସବୁ ବସ୍ତୁକୁ ଏକ ବଶ୍ୱସୌଷମ୍ୟ, ଏକ ସୀମାସ୍ପନ ବୈଚିତ୍ର୍ୟ ଏବଂ ସେଗୁଡ଼ିକର ଯାବତ୍ତାସ୍ୱ ସାମର୍ଥ୍ୟ, ରୂପାସ୍ପନ ତଥା ଜୀବନ୍ତ ଯାବତ୍ତାସ୍ୱ ପରିଣାମର ପରମ୍ପରାସ୍ପାର ଏକ ଅନେକବଧ ଛନ୍ଦରୂପେ ପ୍ରକାଶିତ ବା ଉନ୍ମୁକ୍ତ କରି ଦେଇଥାଏ । ବ୍ରହ୍ମଜ୍ଞାନସ୍ୱ ସୋପାନଟିକୁ ଆରୋହଣ କରି ଯାଇଥିବା ମନୋମସ୍ୱ ପୁରୁଷକୁ ଏହି ଉନୋଟିଯାକ ସାମର୍ଥ୍ୟ ମଧ୍ୟକୁ ଅବଶ୍ୟ ଆରୋହଣ କରିବାକୁ ପଡ଼ିଥାଏ । ଆପଣାର ଗଠନ୍ତନଗୁଡ଼ିକୁ ବ୍ରହ୍ମଜ୍ଞାନସ୍ୱ ଗଠନ୍ତନରେ ପରିଣତ କରିଦେଇ ତାହାକୁ ଅଗ୍ରସର ହେବାକୁ ହୁଏ, ଆପଣାର ମନୋଗତ ବୋଧ, ଧାରଣା, ଇଚ୍ଛା ଓ ପୂଖାନୁଭବକୁ ଦ୍ରବ୍ୟ ଜ୍ଞାନର ଜ୍ୟୋତିରୁଡାରେ ପରିଣତ କରିଦେବାକୁ ପଡ଼େ, ଦ୍ରବ୍ୟ ଇଚ୍ଛା-ଶକ୍ତିର ପ୍ରାଣସ୍ପନରେ ପରିଣତ କରିଦେବାକୁ ପଡ଼େ, ଦ୍ରବ୍ୟ ଆନନ୍ଦ-ସାଗରଗୁଡ଼ିକର ଊର୍ମିମାଳା ଏବଂ ପ୍ଲାବନରେ ପରିଣତ କରିଦେବାକୁ ପଡ଼େ; ଆପଣା ମନୋଗତ ପ୍ରକୃତିର ଚେତନ ରୂପାଦାନଟିକୁ ଚିଦ୍‌ଘନରୂପେ ପରିଣତ କରିଦେବାକୁ ପଡ଼େ । ଚେତନ ମନୋପାଦାନଟିକୁ ଏକ ବ୍ରହ୍ମଜ୍ଞାନସ୍ୱ ଆତ୍ମସତ୍ତ୍ୱ ଅର୍ଥାତ୍ ଅନନ୍ତ ସଚ୍ଚିଦାନନ୍ଦଙ୍କର ପରମ ସତ୍ତ୍ୟାତ୍ମସତ୍ତ୍ୱରେ ପରିଣତ କରିଦେବାକୁ ହୁଏ । ଉପୋପ-ନିଷଦ୍‌ରେ ଏହି ଉନୋଟିଯାକ ଆରୋହଣର ବର୍ତ୍ତୁନା ଦିଆଯାଇଛି; ପ୍ରଥମଟିକୁ 'ବ୍ୟୁହ' ବୋଲି କୁହାଯାଇଛି, ଅର୍ଥାତ୍ ପରମ ସତ୍ତ୍ୟଚେତନାର ବିଧାନଟି ଅନୁସାରେ ବ୍ରହ୍ମଜ୍ଞାନରୂପୀ ସୃଷ୍ଟିର କରଣଗୁଡ଼ିକୁ ସଜ୍ଜିତ କରି ରଖିବାକୁ କୁହାଯାଇଛି; ଦ୍ୱିତୀୟଟିକୁ 'ସମ୍ୟୁହ' ବୋଲି କୁହାଯାଇଛି, ଅର୍ଥାତ୍ କରଣଗୁଡ଼ିକୁ ବ୍ରହ୍ମଜ୍ଞାନରୂପୀ ସୃଷ୍ଟିର ଶସ୍ତର

'oaob.nitrkl.ac.in' images reprocessed

ମଧ୍ୟକୁ ଏକତ୍ର ଫଗ୍ରସ୍ତ କଣ୍ ଆଣିବା ବୋଲ୍ କୁହାଯାଇଛୁ । ଏବଂ ତା'ପରେ ଉତ୍ପତ୍ତିକୁ ସୂର୍ଯ୍ୟଙ୍କ କଲ୍ୟାଣତମ ରୂପଟିର ଦୃଷ୍ଟିଲାଭ କରିବା ବୋଲ୍ କୁହାଯାଇଛୁ, ଯେଉଁ ସ୍ଥିତିରେ କ ଆତ୍ମା ଅନ୍ତରଙ୍ଗତମ ଭାବରେ ସେହି ଅନନ୍ତ ପରମପୁରୁଷଙ୍କ ସହିତ ଏକତ୍ୱର ଅଧିକାରୀ ହୋଇ ରହିପାରୁଛୁ ।* ସେହି ସର୍ବୋଚ୍ଚ ପରମ ସତ୍ତ୍ୱ ଯିଏକ ତା'ର ଉର୍ଦ୍ଧ୍ୱରେ ଅବସ୍ଥିତ ରହିଛନ୍ତି, ତାହାଣ ମଧ୍ୟରେ ରହିଛନ୍ତି, ତାହାକୁ ବେଷ୍ଟନ କଣ୍ ରହିଛନ୍ତି ଓ ସର୍ବତ୍ର ରହିଛନ୍ତି; ଏବଂ ସେଉଁ ଆତ୍ମା ସେହି ପରମ ସର୍ବୋଚ୍ଚ ସତ୍ତ୍ୱଙ୍କ ମଧ୍ୟରେ ରହିଛୁ ଏବଂ ତାଙ୍କ ସହିତ ଏକାତ୍ମକ ହୋଇ ରହିଛୁ ଏବଂ ପରମ ଦିବ୍ୟ ସତ୍ତ୍ୱର ଅନନ୍ତ ସାମର୍ଥ୍ୟ ଓ ସତ୍ତ୍ୟ ତା' ଆପଣାର କେନ୍ଦ୍ରୀଭୂତ ଓ ଜ୍ୟୋତିର୍ମୟ ଆତ୍ମାର ପ୍ରକୃତ ମଧ୍ୟରେ କେନ୍ଦ୍ରୀଭୂତ ହୋଇ ରହିଛୁ;—ଅର୍ଥାତ୍ ଦିବ୍ୟ ଜ୍ଞାନ, ଇଚ୍ଛା ଓ ଆନନ୍ଦର ଏକ ଜ୍ୟୋତିସ୍ମୟର ନିତ୍ୟାତ୍ମକତା ପ୍ରକୃତିର ସୁଜ୍ଞବଗତ ନିତ୍ୟା ମଧ୍ୟରେ ବିଦ୍ୟମାନ ରହିଛୁ;—ଏହାକୁହିଁ ଆମେ ପରିପୂର୍ଣ୍ଣ ବିଜ୍ଞାନମସ୍ୱତାରେ ରୂପାନ୍ତରିତ, ପୂର୍ଣ୍ଣତାପ୍ରାପ୍ତ ଏବଂ ଅତିକ୍ରମଣଯୁକ୍ତ ମନୋମସ୍ୱ ସତ୍ତ୍ୱର ମୂଳଭୂତ ଅନୁଭୂତି ବୋଲ୍ କହିବା ।

---

* ସୂର୍ଯ୍ୟ, ତ୍ୱଂ ପୂଷନ୍ ଯମ୍ମମ, ତେଜୋ ଯତ୍ ତେ ରୂପଂ କଲ୍ୟାଣତମଂ ତତ୍ ତେ ପଶ୍ୟାମି, ଯୋଽସାବସୌ ପୁରୁଷଃ ସୋଽହମସ୍ମି । ବେଦ ବିଜ୍ଞାନକୁ ଉତ୍ତଂ, ସତ୍ୟଂ ଓ ବୃହତ୍ ବୋଲ ବର୍ଣ୍ଣନା କରିଛ ଅର୍ଥାତ୍ ଏକ ଭାବ ପରତ୍ତାରେ ସେହି ଏକ ଭୂମା ଚତୁଷ୍ଟିକୁ ପ୍ରକାଶ କରିଦେଇଛ । ପରମ ସତ୍ୟ-ଚେତନାର ଲାଳାକୁ, ଅର୍ଥାତ୍ ସତ୍ୟର ଅନ୍ତର୍ବର୍ତ୍ତୀ ବୋଲ ଦିବ୍ୟ ଜ୍ଞାନ, ଦିବ୍ୟ ଇଚ୍ଛା ଓ ଦିବ୍ୟ ଆନନ୍ଦର ନିତ୍ୟାତ୍ମକତାକୁହିଁ ଉତ୍ତ ବୋଲ କୁହାଯାଇଛି; ଏହିରୂପ ବାର୍ତ୍ତା କରୁଥିବା ସତ୍ତ୍ୱର ସତ୍ୟକୁ ଅର୍ଥାତ୍ ପରମ ସତ୍ୟ-ଚେତନାର ପରଶୀଳ ମନୋଧାତାକୁ ସତ୍ୟ ବୋଲ କୁହାଯାଇଛ । ବୃହତ୍ ଚତ୍ତାରେ ପରମ ସତ୍ତେତାଜଙ୍କର ସେହି ଅବସ୍ଥାକୁ ବୁଝାଉଛ ଯାହା ମଧ୍ୟରୁ ଜ ଅନ୍ୟ ବୁଦ୍ଧିଯାତ ଜନ୍ମ ହୋଇଛନ୍ତି ଏବଂ ଯାହାକୁ ଅଧାର କରି ସେମାନେ ପ୍ରତିଷ୍ଠିତ ରହିଛନ୍ତି ।

'oaob.nitrkl.ac.in' images reprocessed

ଦ୍ୱାତ୍ରିଂଶ ପରିଚ୍ଛେଦ

ବଜ୍ଞାନୋପଲବ୍ଧିର ସର୍ତ୍ତ

ଜ୍ଞାନ ହେଉଛି ବଜ୍ଞାନର ସଂପ୍ରଥମ ଭତ୍ତ୍ୱ ସତ୍ତ, ମାତ୍ର କେବଳ ଜ୍ଞାନ ତାହାର ଏକମାତ୍ର ସାମର୍ଥ୍ୟ ନୁହେଁ । ଅନ୍ୟ ପ୍ରତ୍ୟେକ ଭୂମିଟି ପରି ପରମ ସତ୍ତ୍ୟ-ଚେତନା ଏଠାରେ ମଧ୍ୟ ସ୍ୱତ୍ତ୍ୱବତଃ ତାହାର ସାବଷ୍ଟାସ୍ଥ ଗତବେଗର ଗୁବକାଠି ପରି ହୋଇ ରହିଥିବା ସେହି ବଶେଷ ଭତ୍ତ୍ୱଟି ଉପରେ ଆପଣାକୁ ପ୍ରତଷ୍ଠିତ କର ରଖିଛି । ମାତ୍ର ଏଇଟି ଦ୍ୱାରା ତାହା କଦାପି ସୀମାବଦ୍ଧ ରହି ନାହିଁ, ତାହା ଆପଣା ମଧ୍ୟରେ ଅନ୍ତିତ୍ୱର ଅନ୍ୟ ସାମର୍ଥ୍ୟଗୁଡ଼ିକୁ ମଧ୍ୟ ଅନ୍ତର୍ଗତ କର ରଖିଛି । ଏହିସବୁ ଅନ୍ୟ ସାମର୍ଥ୍ୟର ସ୍ୱତ୍ତ୍ୱବ ଓ କିସ୍ୱାସ୍ଥକତା କେବଳ ଯାହା ସେହି ଭୂମିର ମୌଳିକ ଓ ସଂଗାଧିକ ପ୍ରତ୍ତ୍ୱବଶାଳୀ ବଧାନଟି ଅନୁସାରେ କାସ୍ତବ ପରବର୍ତ୍ତିତ ହୋଇଯାଇଛି ଓ ସେହି ବଧାନଟିର ଅନୁସରଣ କରିପାରିବା ଲଗି ଆପଣାକୁ ତଦନୁରୂପ ତଆର କର ରଖୁଛି, ଆମକୁ ସେତକ ମାତ୍ର ଜାଣି ରଖିବାକୁ ହେବ । ବୁଦ୍ଧି, ପ୍ରାଣ, ଦେହ, ଇଚ୍ଛା, ଚେତନା ଓ ଆନନ୍ଦ ଏଠାରେ ସମସ୍ତେ ସେହି ଦବ୍ୟ ଜ୍ଞାନ ଦ୍ୱାରା ଆଲୋକତ, ଜାସ୍ତତ ଓ ଫପ୍ରେରତ ହୋଇ ରହିଛନ୍ତି । ବସ୍ତୁତଃ ଏହାହିଁ ସଂଜ୍ଞ ପୁରୁଷ-ପ୍ରକୃତର ପ୍ରକିସ୍ୱା ହୋଇ ରହିଛି; ଅତିବ୍ୟକ୍ତ ଅସ୍ତିତ୍ୱର ସକଳ ସୋପାନକ୍ରମ ଏବଂ ସ୍ତ୍ରଷ୍ଟାକୃତ ସୌଧସମ୍ଭାରଗୁଡ଼ିକରେ ଏହାହିଁ ସଂମୂଳ ପ୍ରେରକ ଗତସ୍ପନ୍ଦନରୂପେ କାର୍ଯ୍ୟ କରୁଛି ।

ମନୋମସ୍ଥ ସତ୍ତ୍ୱରେ ମନୋମସ୍ଥ ବୋଧ ଅର୍ଥାତ୍ ବୁଦ୍ଧି ସଂମୂଳ ଭଥା ସଂଗାଧିକ ପ୍ରତ୍ତ୍ୱବଶାଳୀ ଭତ୍ତ୍ୱ ହୋଇ ରହିଛି । ଆପେ ବାସିଦା ହୋଇ ରହିଥିବା ସେହି ମନୋମସ୍ଥ ଜଗତ୍ତଟିରେ ମନୋମସ୍ଥ ସତ୍ତ୍ୱା ଆପଣାର କେନ୍ଦ୍ରସ୍ଥ ଏବଂ ନସ୍ୱାମକ ସ୍ୱତ୍ତ୍ୱବରେ ବୁଦ୍ଧିରୂପେ ଅବସ୍ଥିତ ରହିଛି । ମନୋମସ୍ଥ ସତ୍ତ୍ୱା ବୁଦ୍ଧିର ଗୋଟିଏ କେନ୍ଦ୍ର ହୋଇ ରହିଛି, ବୁଦ୍ଧିର ଏକ ସ୍ପଞ୍ଜିତ ଗତସ୍ପନ୍ଦନରୂପେ ସଞ୍ଚର ରହିଛି ଏବଂ ବୁଦ୍ଧି ରହିଁ ଏକ ଗ୍ରହଣଶୀଳ ଓ ଵକରଣକାସ୍ତ କିସ୍ୱାସ୍ଥକତା ହୋଇ ରହିଛି । ଆପଣାର ଅସ୍ତିତ୍ୱ ବଷୟରେ ମନୋମସ୍ଥ ସତ୍ତ୍ୱାର ବୁଦ୍ଧିପ୍ରସ୍ନ ବୋଧଟି ରହିଛି, ଆପଣା ବ୍ୟତାତ ଅନ୍ୟ ଅସ୍ତିତ୍ୱ ବଷୟରେ ବୁଦ୍ଧିପ୍ରସ୍ନ ବୋଧ ରହିଛି, ଆପଣାର ସ୍ୱତ୍ତ୍ୱବ ଭଥା କିସ୍ୱା ଏବଂ

'oaob.nitrkl.ac.in' images reprocessed

ଅନ୍ୟମାନଙ୍କର ଜିହ୍ୱାଟି ବସ୍ତୁରେ ବୁଦ୍ଧିସମ୍ପନ୍ନ ବୋଧ ରହୁଛୁ, ବସ୍ତୁ ତଥା ବ୍ୟକ୍ତିମାନଙ୍କର ସ୍ୱଭାବ ଏବଂ ତା' ନଜ ସହିତ ଓ ପରସ୍ପର ସହିତ ସେମାନଙ୍କର ଯାବତୀୟ ସମ୍ବନ୍ଧ ବସ୍ତୁରେ ମଧ୍ୟ ବୁଦ୍ଧିସମ୍ପନ୍ନ ବୋଧ ରହୁଛୁ । ଅସ୍ତିତ୍ୱ ସମ୍ବନ୍ଧରେ ତା'ର ଅନୁଭୂତି କହିଲେ ଆମେ ଏହାଗୁଡ଼ିକୁ ବୁଝିବା । ଅସ୍ତିତ୍ୱ ସମ୍ବନ୍ଧରେ ତା'ର ଅନ୍ୟ କୌଣସି ଅନୁଭୂତି ନାହିଁ; ପ୍ରାଣ ଏବଂ ଜଡ଼ ତା'ର ମନୋଗତ ବୁଦ୍ଧିକି ଲଗି ଯେତିକ ବୋଧଗମ୍ୟ ହୋଇ ପାରୁଛନ୍ତି ଓ ସେହି ବୁଦ୍ଧି ଦ୍ୱାରା ବଧିତ ହୋଇ ପାରିବାକୁ ଯେତିକ ସମର୍ଥ ହେଉଛନ୍ତି, କେବଳ ସେତିକ ବ୍ୟାପ୍ତ ପ୍ରାଣ ଓ ଜଡ଼ ସମ୍ବନ୍ଧରେ ତା'ର ଆଜି କହୁଛେଲେ ଜ୍ଞାନ ନାହିଁ । ସିଏ ଯାହାକୁ ଇନ୍ଦ୍ରିୟ ଦ୍ୱାରା ଧରପାରୁ ନାହିଁ ଓ ଯେଉଁଗୁଡ଼ିକର କୌଣସି ଅବବୋଧ କରପାରୁ ନାହିଁ, ସେଗୁଡ଼ିକ ତା' ଲଗି କାର୍ଯତଃ କୌଣସି ଅସ୍ତିତ୍ୱରେ ନାହାନ୍ତି, କିମ୍ବା ଅନ୍ତତଃ ତା' ଜଗତ ଏବଂ ତା'ର ସ୍ୱଭାବଟିର କ୍ଷେତ୍ରରୁ ବହିର୍ଭୂତ ଓ ବଜାତୀୟ ହୋଇ ରହୁଛନ୍ତି ।

ଆପଣାର ଉତ୍ତରଗତ ଭୂମିରେ ମନୁଷ୍ୟ ହେଉଛୁ ଗୋଟିଏ ମନୋମୟ ସତ୍ତା; ମାତ୍ର ତା'ର ଏହି ସତ୍ତାଟି ଏକ ମନୋମୟ ଜଗତରେ ବାସ କରୁ ନଥାଏ, ତାହା ସର୍ବାଧିକ ପ୍ରତ୍ୟକ୍ଷଯୁକ୍ତ ଭବରେ ଏକ ଜଡ଼ଗତ ଅସ୍ତିତ୍ୱ ମଧ୍ୟରେହିଁ ବାସ ଓ ବିଚରଣ କରିବାରେ ଲାଗିଥାଏ । ତାକୁ ଆମେ ଏଭଳି ଏକ ମନ ବୋଲି କହିବା, ଯାହାକି ଜଡ଼ର ଆବରଣ ମଧ୍ୟରେ ମୁଦାହୋଇ ରହୁଛୁ, ଜଡ଼ ଦ୍ୱାରା ପ୍ରତିମିତ ହୋଇ ରହୁଛୁ । ତେଣୁ ତାକୁ ଜଡ଼ସଂସ୍ପର୍ଶର କ୍ଷେତ୍ରରେ ତା'ର ଯାବତୀୟ ସଞ୍ଚରଣପଥ ହୋଇ ରହିଥିବା ଜଡ଼େନ୍ଦ୍ରିୟଗୁଡ଼ିକର ଜିହ୍ୱା ଦ୍ୱାରାହିଁ ଆପଣାର ସକଳ ଜିହ୍ୱାସ୍ପର୍ଶକତାକୁ ଆରମ୍ଭ କରିବାକୁ ପଡ଼େ; ମନୋଗତ ବୋଧରୁ ସେ ଆପଣାର ବିଚରଣ ଆରମ୍ଭ କରିପାରେ ନାହିଁ । ମାତ୍ର ତଥାପି, ଏହି ଜଡ଼େନ୍ଦ୍ରିୟଗୁଡ଼ିକ ବହୁତ କଣ ଆଣିଥିବା ସବୁକିଛି ବସ୍ତୁଟି ତା'ର ମନୋଗତ ବୋଧ ଆପଣାର ଅନ୍ତରାତ୍ମାକୁ ଆଣି ସେଗୁଡ଼ିକୁ ତା'ର ବୁଦ୍ଧିପ୍ରେରିତ ସତ୍ତାର ଉପାଦାନ ଓ ମୂଲ୍ୟରୂପେ ପରିଣତ କରି ନଦେବା ପର୍ଯନ୍ତ ମନୋମୟ ସତ୍ତା ସେମାନଙ୍କୁ ବସ୍ତୁଟିକୁ ମୁକ୍ତ ଭବରେ ନିଜର କାମରେ କେବେହେଲେ ଲଗାଏ ନାହିଁ, ଲଗାଇ ପାରେ ନାହିଁ । ଅବଶ୍ୟ ତା'ର ସେହି ଜନ୍ମସ୍ଥ ଅବମାନବିକ ତଥା ଅବମାନସ ଜଗତଟିରେ ଯାହାକିଛୁ ଏକ ପ୍ରାଣିକ, ସ୍ନାୟୁଗତ ଏବଂ ଗତିଶୀଳ ଜିହ୍ୱା ଓ ପ୍ରତିଜିହ୍ୱାରୂପେ ଅବସ୍ଥିତ ରହିଥାଏ, ମନୋଗତ କୌଣସି ପରିସ୍ଥାରେ ନଉନ୍ମିଟି ଏବଂ ମନ ଦ୍ୱାରା ଆଦୌ ଶାସିତ ନହୋଇ ମଧ୍ୟ ଯାହା ବେଶ୍ କାର୍ଯକାରୀ ହେ ଇ ରହି ପାରୁଥାଏ, ସେଇଟିକୁ ମଧ୍ୟ ତା' ଭିତରେ କୌଣସି ନା କୌଣସି ପ୍ରକାର ଏକ ବୁଦ୍ଧିର ସ୍ତରକୁ ଉଠାଇ ଆଣିବାକୁ ହୁଏ ଓ ସେହି ବୁଦ୍ଧିଟି ପାଖରେ ନବେଦିତ କରି ଚଳିବାକୁ ହୋଇଥାଏ । ସ୍ୱଭାବତଃ ଜଣେ ମନୁଷ୍ୟରୂପେ ଜ୍ଞାନ ବହିବା ସକାଶେ ମନୋମୟ ସତ୍ତାକୁ ପ୍ରଥମେ ସାମର୍ଥ୍ୟ, ବାସନା ଓ ଇଚ୍ଛାର ଏକ ବୋଧରେ ପରିଣତ

'oaob.nitrkl.ac.in' images reprocessed

ହେବାକୁ ପଡ଼େ, ବୁଦ୍ଧିପ୍ରେରିତ ଇଚ୍ଛା-ଶିସ୍ତା ଏବଂ ସାମର୍ଥ୍ୟ-ଶିସ୍ତାର ଏକ ସନୋରତ ସ୍ତରରେ ସଚେତନ ବୋଧରେ ପରିଣତ ହେବାକୁ ପଡ଼େ । ତା'ର ଉତ୍ତର ସ୍ତରରେ ଅବସ୍ଥିତ ଆନନ୍ଦଟି ଆପଣାକୁ ସନୋରତ ଅଥବା ଆପଣାକୁ ଏକ ସନୋମସ୍ତାରେ ପରିଣତ କରି ଦେଇଥିବା ପ୍ରାଣିକ ଏବଂ ଭୌତିକ ସୁଖସ୍ପର୍ଶର ଏକ ବୋଧରେ ଉତ୍କୃଷ୍ଟାଇ ଦେବାକୁ ଲଗେ, ଏବଂ ତା'ର ବିକୃତରୂପ ଦୁଃଖାନୁଭୂତିରେ ମଧ୍ୟ ଉତ୍କୃଷ୍ଟାଇ ଦେଇଥାଏ; ଅଥବା ରୁଚି ଓ ଅରୁଚିର ଏକ ସନୋରତ ଅଥବା ଆପଣାକୁ ଏକ ସନୋମସ୍ତାରେ ପରିଣତ କରି ଦେଇଥିବା ଫଳପ୍ରଦଧର୍ମୀ ଇଚ୍ଛାସ୍ପବୋଧରେ ପରିଣତ କରିବାର ଜଂବା ଆନନ୍ଦ ଅଥବା ନିରାନନ୍ଦର ଏକ ବୁଦ୍ଧିଗତ ବୋଧରେ ମଧ୍ୟ ପରିଣତ କରି ଦେଇଥାଏ; ଏଗୁଡ଼ିକୁ ସବୁଗୁଡ଼ିକୁ ଆମେ ବୁଦ୍ଧିଗତ ମାନସବୋଧର ଗୋଟିଏ ଗୋଟିଏ ବ୍ୟାପାର ବୋଲ୍ଯି କହିପାରିବା । ଠିକ୍ ସେହିପରି, ସାହା ତା'ର ଉର୍ଦ୍ଧ୍ୱରେ ରହିଛି, ସାହା ତାକୁ ବେଷ୍ଟନ କରି ରହିଛି ଏବଂ ସେସ୍ଥିତି ଭିତରେ ସେ ବାସ କରୁଛି,—ଅର୍ଥାତ୍ ଈଶ୍ୱର, ବିଶ୍ୱଗତ ସତ୍ତା ଏବଂ ବିଶ୍ୱରେ କାର୍ଯ୍ୟ କରୁଥିବା ସାବତୀୟ ସାମର୍ଥ୍ୟ,—ଏଗୁଡ଼ାକ ସତ୍ତା ତା' ଲଗି ଗୋଟିଏ ଗୋଟିଏ ଅନସ୍ତିତ୍ୱ ହୋଇ ରହିଛନ୍ତି; ସେପର୍ଯନ୍ତ ତା'ର ମନ ସେଗୁଡ଼ିକ ବିଷୟରେ ଜାଗ୍ରତ ହୋଇ ନଉଠୁଛି, ସେପର୍ଯନ୍ତ କେବଳ ଅସ୍ତିତ୍ୱ ହୋଇ ରହିଛନ୍ତି । ମାତ୍ର ତାହାର ଏହି ଜାଗ୍ରତ ସମସ୍ତରେ ମଧ୍ୟ ସେ ତଥାପି ସେଗୁଡ଼ିକର କୌଣସି ସତ୍ୟକୁ ଲାଭ କରୁ ନାହିଁ, ମାତ୍ର ଅନ୍ତର୍ନିହିତ ବସ୍ତୁଗୁଡ଼ିକର କମ୍ପନ ଧାରଣାମାତ୍ର ଲାଭ କରିପାରୁଛି, ସେଗୁଡ଼ିକ ଆଡ଼କୁ କମ୍ପନ ପରମାଣରେ ଆନାଇ ପାରୁଛି, ସେଗୁଡ଼ିକ ବିଷୟରେ ମାତ୍ର କମ୍ପନ ଅନୁମାନ ବା କଲ୍ପନା କରିପାରୁଛି; ପରମ ଅନନ୍ତସତ୍ତା ସମ୍ବନ୍ଧରେ କମ୍ପନ ମାନସିକ ବୋଧ ଲାଭ କରୁଛି, ତା'ର ଉର୍ଦ୍ଧ୍ୱରେ ଥିବା ଚତୁର୍ଦ୍ଦିଗରେ ରହିଥିବା ପରମ-ଆତ୍ମାର ସାମର୍ଥ୍ୟଗୁଡ଼ିକ ବିଷୟରେ କେତେକ ପରିମାଣରେ ଏକ ବୁଦ୍ଧିପ୍ରେରିତ ଅର୍ଥକାଷ୍ଠ ଚେତନା ଲାଭ କରିପାରୁଛି ।

ମନୋଭୂମିରୁ ବଜ୍ଞାନର ଭୂମିକୁ ଅତିକ୍ରମ କରିଗଲେ ଏହି ସୃଷ୍ଟିରେ ଏକ ପରିବର୍ତ୍ତନ ସଂଘଟିତ ହୋଇପାରିବ; କାରଣ ସେଠାରେ ଏକ ଅପରୋକ୍ଷ ଅନ୍ତର୍ନିହିତ ଜ୍ଞାନହିଁ ସଂଜ୍ଞାନସ୍ୱାମକ ଭିତ୍ତିରୂପେ ଅବସ୍ଥିତ ରହିଛି । ବଜ୍ଞାନମସ୍ତ ସତ୍ତାକୁ ଆମେ ତା'ର ଆପଣା ସ୍ୱତନ୍ତ୍ରଦୃଷ୍ଟି ଅନୁସାରେ ଏକ ସତ୍ୟ-ଚେତନା ବୋଲ କହିବା, ବସ୍ତୁଗତ ସତ୍ୟ-ଦୃଷ୍ଟିର ଏକ କେନ୍ଦ୍ର ଓ ପରିଧି ବୋଲ କହିବା, ବଜ୍ଞାନର ଏକ ପୁଞ୍ଜୀଭୂତ ଅର୍ଥାତ୍ ସୂକ୍ଷ୍ମ ଶବ୍ଦର ବୋଲ କହିପାରିବା । ତାହାର ଶିସ୍ତା ହେଉଛି ବସ୍ତୁଗତ ସେହି ସତ୍ୟ-ସାମର୍ଥ୍ୟରହିଁ ଆତ୍ମପରିପୂର୍ତ୍ତିକାଷ୍ଠ ଓ ସ୍ୱୟର ଶିସ୍ତା ଏବଂ ବସ୍ତୁଗୁଡ଼ିକର ଉତ୍ତମରତମ ଓ ସତ୍ୟତମ ଆତ୍ମା ଓ ପ୍ରକୃତିର ଅନ୍ତର୍ଗତ ବିଧାନଟି ଅନୁସାରେ ସେହି ଶିସ୍ତା ଲଗି ରହିଥାଏ । ବଜ୍ଞାନ ମଧ୍ୟରେ ପ୍ରବେଶ ହେବା ପୂର୍ବରୁ ଆମକୁ ବସ୍ତୁଗୁଡ଼ିକର ଏହି

'oaob.nitrkl.ac.in' images reprocessed

ସତ୍ୟଟିରେହିଁ ଉପଗତ ହେବାକୁ ପଡ଼ିବ, କାରଣ ବଜ୍ଞାନମୟ ଭୂମିରେ କେବଳ ସେଇଥିରେହିଁ ସବୁକଛ ବଗ୍ଧଜତ ରହିଛ ଓ ସେଇଥିରୁହିଁ ସବୁକଛର ଉତ୍ପତ୍ତି ହୋଇଛ; ସେହି ବସ୍ତୁଗତ ସତ୍ୟ ହେଉଛ ସଂପ୍ରଥମେ ଏକଭାର ଏକ ସତ୍ୟ, ଏକତ୍ୱର ଏକ ସତ୍ୟ; ମାତ୍ର ସେହି ଏକଭାରୁହିଁ ଯାବତୀୟ ଅନେକତା ନିଷ୍ପନ୍ନ ହୋଇପାରୁଛ, ସେହି ଏକତା ଅନେକତା ମଧ୍ୟରେ ବଦ୍ୟମାନ ରହିଛ, ତଥାପି ନରନ୍ତର ଏକତାହିଁ ହୋଇ ରହିଛ । ସେହି ଏକତ୍ୱ ଏକ ଅନପନେୟ ଏକତ୍ୱରୂପେ ଅବସ୍ଥିତ ରହିଛ । ସମସ୍ତ ଅସ୍ତିତ୍ୱ ତଥା ସକଳ ଅସ୍ତିତ୍ୱ ସହିତ ଆପଣାକୁ ପର୍ଯ୍ୟାପ୍ତ ଓ ଅନ୍ତରଙ୍ଗ ଭାବରେ ତଦାତ୍ମକ କରି ନପାରିଲେ, ସମସ୍ତ ବଶ୍ୱରେ ପରବ୍ୟାପ୍ତ ହୋଇ ନରହିଲେ, ଆପଣାର ବୋଧକୁ ଏକ ବଶ୍ୱବୋଧରେ ପରିଣତ କରି ନପାରିଲେ ଏବଂ ସମୁଦାୟ ବଶ୍ୱକୁ ଆପଣା ମଧ୍ୟରେ ଅନ୍ତର୍ଗତ କରି ନରଖିଲେ, ଅର୍ଥାତ୍ ଗୋଟିଏ ଅର୍ଥରେ ସଂସ୍ଥ-ସଂଗମୟ ନହେଲେ ଏହି ବଜ୍ଞାନସ୍ଥିତ ଅର୍ଥାତ୍ ବଜ୍ଞାନମୟ ସତ୍ତ୍ୱର ଏହି ଉପଲବ୍ଧିଟି କେବେହେଲେ ସମ୍ଭବ ହେବ ନାହିଁ । ବଜ୍ଞାନମୟ ପୁରୁଷ ସାଧାରଣତଃ ଆପଣା ବିଷୟରେ ତାହାର ଚେତନାକୁ ଏକ ଅନନ୍ତ ଚେତନାରୂପେ ଅନୁଭବ କରିଥାଏ, ଆପଣା ଭିତରେହିଁ ସମସ୍ତ ଜଗତକୁ ଧରି ରଖିଥିବା ପରି ଏବଂ ତଥାପି ସେହି ଜଗତରୁ ଉତ୍ତୀର୍ଣ୍ଣ ହୋଇ ରହିଥିବା ପରି ଅନୁଭବ କରିଥାଏ । ଆମର ଯେଉଁ ଖଣ୍ଡିତ ମନୋମୟ ସତ୍ତ୍ୱା ସାଧାରଣତଃ ଆପଣାକୁ ଏହି ଜଗତର ଅନ୍ତର୍ଗତ ହୋଇ ରହିଥିବା ପରି ଅନୁଭବ କରୁଥିବା ଏକ ଚେତନା ମଧ୍ୟରେ ବାନ୍ଧିହୋଇ ରହିଥାଏ ଓ ଆପଣାକୁ ଏହି ଜଗତରହିଁ ଏକ ଅଂଶରୂପେ ଅନୁଭବ କରୁଥାଏ, ବଜ୍ଞାନମୟ ସତ୍ତ୍ୱାକୁ ଆମେ ତାଡ଼ାତାଡ଼ି ଏକାନ୍ତ ଭିନ୍ନ ବୋଲି ଜାଣିବା । ଏଥିରୁ ବଡ଼ ସ୍ପଷ୍ଟ ହୋଇଯାଇଛ ଯେ ବଜ୍ଞାନମୟ ସତ୍ତ୍ୱା ଆଡ଼କୁ ଗତି କରିବାକୁ ହେଲେ ଏହି ସୀମାବଦ୍ଧକାତ୍ମା ଓ କାତ୍ମବୁଦ୍ଧକାତ୍ମା ଅହଂର କବଳ ମଧ୍ୟରୁ ସମ୍ପୂର୍ଣ୍ଣରୂପେ ବମୋଚିତ ହୋଇ ଆସିବାକୁହିଁ ଆମେ ପ୍ରଥମ ଓ ସଂମୂଳ ପଦକ୍ଷେପ ବୋଲି ଜାଣିବା; କାରଣ ଯେପର୍ଯ୍ୟନ୍ତ ଆମେ ସେହି ଅହଂଟା ମଧ୍ୟରେହିଁ ବାସ କରିବାକୁ ଲଗିଥିବା, ସେପର୍ଯ୍ୟନ୍ତ ଏହି ଉଚ୍ଚତର ସତ୍ୟ, ଏହି ପରବ୍ୟାପ୍ତ ଆତ୍ମଚେତନା ତଥା ଏହି ଯଥାର୍ଥ ଆତ୍ମଜ୍ଞାନର ଉପଲବ୍ଧି ଲାଗି ଆମର ଯାବତୀୟ ଆଶା କେବଳ ଏକ ଅଲସ ସ୍ୱପନ ହୋଇ ରହିଥିବ । ଏବଂ ଯେତେ କମ୍ ପରମାଣରେ ହେଉ ପଛକେ, ଅହଂ-ଭାବନା, ଅହଂଗତ ଜିଦ୍ୱା ଓ ଅହଂପରସ୍ପଲତ ଇଚ୍ଛାଟି ମଧ୍ୟକୁ ପୁଣି ବାହୁଡ଼ି ଆସିବା ମାତ୍ରକେ ଆମର ଚେତନା ଆଗରୁ ସେହି ବଭକ୍ତ ମନୋମୟ ପ୍ରକୃତିର ମିଥ୍ୟାଗୁଡ଼ିକ ମଧ୍ୟରେ ଯେଉଁକ ବଜ୍ଞାନମୟ ସତ୍ତ୍ୟ ସଞ୍ଚସ୍ୱ କରି ରଖିବାକୁ ସମର୍ଥ ହୋଇଥିବ, ସେଇଟି ଭିତରୁ ସେହି ଚେତନା ପୁଣି ସ୍ଖଳିତ ହୋଇ ବାହାର ଆସିବ । ତେଣୁ ସଶ୍ୱର ଏକ ଦୃଢ଼ପ୍ରତିଷ୍ଠ ବଶ୍ୱାତ୍ମଚେତନାକୁହିଁ ଆମେ ଏହି ଆଲୋକମୟ ଉଚ୍ଚତର ଚେତନାର ଏକ ଅପରିହାର୍ଯ୍ୟ ଭିତ୍ତି ବୋଲି

'oaob.nitrkl.ac.in' images reprocessed

ଜାଣି ରଖିବା । ଅନମନୀୟ ସାବଧାନ ବଚ୍ଛିନ୍ନତାକୁ ପରଚ୍ୟାତ ଜର (ମାନ ଚତୁଷ୍ପରବର୍ତ୍ତରେ ଏକ ବଣ୍ଟୋଦ୍ଭୀର୍ଣ୍ଣ ଉର୍ଦ୍ଧ୍ୱସ୍ଥଦୃଷ୍ଟି ଅର୍ଥାତ୍ ସ୍ପାଇଣ୍ଟର ଅଧିକାସ୍ପ ହୋଇ) ଆମକୁ ସକଳ ବସ୍ତୁ ତଥା ସକଳ ସତ୍ତା ସହିତ ଏକାତ୍ମ ହୋଇ ଅନୁଭବ କରିବାକୁ ପଡ଼ିବ, ସେଗୁଡ଼ିକ ସହିତ ତାଦାତ୍ମ୍ୟ ଅର୍ଜନ କରିବାକୁ ହେବ, ସେଗୁଡ଼ିକୁ ଆପଣାଠାରୁ ଅଭିନ୍ନ ହୋଇ ଜାଣିବାକୁ ପଡ଼ିବ, ସେମାନଙ୍କର ସତ୍ତାକୁ ଆମ ନିଜ ଅସ୍ତିତ୍ୱ ହୋଇ ଅନୁଭବ କରିବାକୁ ହେବ, ସେମାନଙ୍କ ଚେତନାକୁ ସ୍ୱଚେତନାର ଏକ ଅଂଶରୂପେ ସ୍ୱୀକାର କରିନେବାକୁ ହେବ, ଠିକ୍ ଆପଣାର ଶକ୍ତିମତ୍ତା ପରି ଅନ୍ୟ ଅନ୍ୟମାନଙ୍କ ଜୀବରେ ସେମାନଙ୍କ ଶକ୍ତିମତ୍ତାର ସମ୍ପର୍ଶରେ ଆସିବାକୁ ପଡ଼ିବ ଏବଂ ସମୁଦାୟ ସହିତ ସେହି ଗୋଟିଏ ଆତ୍ମା ହୋଇ ରହିବାକୁ ଶିଖିବାକୁ ପଡ଼ିବ । କେବଳ ସେହି ଏକତ୍ୱର ଅନୁଭବଟି ହୋଇଗଲେ ଯେ ସବୁକିଛି ହୋଇଯିବ, ସେକଥା ଆଦୌ କୁହାଯାଉ ନାହିଁ; ମାତ୍ର ଏଇଟି ସଂପ୍ରଥମେ ହାସଲ କରିବାକୁ ପଡ଼ିବ ଏବଂ ଏଇଟି ନହେବା ପର୍ଯ୍ୟନ୍ତ କୌଣସି ବଜ୍ଞାନମସ୍ୱତା କଦାପି ସମ୍ଭବ ହେବ ନାହିଁ ।

ମାତ୍ର ଆମେ ସେପର୍ଯ୍ୟନ୍ତ ଆପଣାକୁ ଠିକ୍ ବର୍ତ୍ତମାନ ପଣ କେବଳ ଏକ ବ୍ୟକ୍ତି-ମନ, ବ୍ୟକ୍ତି-ପ୍ରାଣ ଓ ବ୍ୟକ୍ତି-ଶରୀର ମଧ୍ୟରେ ରହିଥିବା ଏକ ଚେତନାରୂପେ ଅନୁଭବ କରୁଥିବା, ସେପର୍ଯ୍ୟନ୍ତ ଏହି ବଶ୍ୱାତ୍ମଚେତାର ଉପଲବ୍ଧି କଦାପି ସମ୍ଭବ ହେବ ନାହିଁ । ସେଥିଲାଗି ପୁରୁଷକୁ ଏହି ଭୌତିକ ଏବଂ ଏପରକ ମନୋମସ୍ୱ ଶରୀରଟି ଭିତରୁ ତାହାର ବଜ୍ଞାନମସ୍ୱ ଶରୀର ମଧ୍ୟକୁ ଉତ୍ତୋଳିତ ହୋଇଯିବାକୁ ପଡ଼ିବ । ସେତେବେଳେ ଆମର ମସ୍ତିଷ୍କ ଅଥବା ତାହାର ସମବାୟୀ ମନୋମସ୍ୱ ଚଳନଟି ଆଉ ଆମ ଜୀବନାର କେନ୍ଦ୍ର ହୋଇ ରହିବ ନାହିଁ, ଆମର ହୃଦସ୍ୱ ଅଥବା ତାହାର ସମବାୟୀ ଚଳନଟି ଆଉ ଆମ ସଂବେଗ ଅଥବା ଇନ୍ଦ୍ରିସ୍ୱବୋଧର ଉତ୍ସକେନ୍ଦ୍ର ହୋଇ ରହିବ ନାହିଁ । ଆମ ସତ୍ତା, ଆମର ଜୀବନା, ଆମ ଇଚ୍ଛା ଓ ଜିସ୍ୱା ଏବଂ ଏପରକ ଆମର ସକଳ ଇନ୍ଦ୍ରିସ୍ୱବୋଧ ଏବଂ ସଂବେଗର ମୂଳ ସାମର୍ଥ୍ୟଟିର ଚେତନ କେନ୍ଦ୍ରଟି ସେତେବେଳେ ଶରୀର ତଥା ମନର ସୋପାନରୁ ଉପରକୁ ଉଠି ଯାଇଯିବ ଏବଂ ସେଗୁଡ଼ିକର ଉର୍ଦ୍ଧ୍ୱରେ ଆପଣାର ଏକ ମୁକ୍ତ ଆସ୍ଥାନ ଉପରେ ଅବସ୍ଥିତ ରହିବ । ସେତେବେଳେ ଆମେ କେବଳ ଏହି ଶରୀରଟା ମଧ୍ୟରେହିଁ ବାସ କରୁଛୁ ବୋଲି ଆମର ଆଉ କୌଣସି ବୋଧ ରହିବ ନାହିଁ, ମାତ୍ର ଆମେ ସେତେବେଳେ ଶରୀରର ଉର୍ଦ୍ଧ୍ୱସ୍ଥ ଭୂମିରେ ଶରୀରର ନସ୍ୱାମକ ହୋଇହିଁ ଅବସ୍ଥିତ ରହିବା; ଆମେ ଶରୀରର ଈଶ୍ୱରରୂପେ ଅବସ୍ଥିତ ରହିବା ଏବଂ ଯୁଗପତ୍ ଜୀବରେ ଏହି କାସ୍ୱବରୁଦ୍ଧ ଭୌତିକ ବୋଧର ଚେତନାଠାରୁ ଅଧିକ ପରବ୍ୟାପ୍ତ ଏକ ଚେତନା ଦ୍ୱାସ୍ୱ ତାହାକୁ ପରବେଷ୍ଟିତ କରି ରହିଥିବା । ଆତ୍ମାହିଁ ଶରୀରକୁ ବହନ କରି ରହିବ ବୋଲି ଆମର ଋଷିମାନେ ଯାହା କହିଥିଲେ ଅଥବା ଆତ୍ମା ଶରୀର ଭିତରେ ନାହିଁ, ମାତ୍ର ଶରୀର ଆତ୍ମା ଭିତରେ

'oaob.nitrkl.ac.in' images reprocessed

ରହିଛୁ ବୋଲି ସେତେବେଳେ ସେମାନେ କହିଥିଲେ, ଆମେ ବର୍ତ୍ତମାନ ଅବସ୍ଥିତ ଥିବା ସ୍ୱାସ୍ଥ୍ୟବନ୍ତ ଜୀବରେ ଏବଂ ପ୍ରତ୍ୟକ୍ଷ ସତ୍ୟବୋଧର ଏକ ଅତି ଜୀବନମୟ ବଳିଷ୍ଠତା ସହିତ ତାହାର ତାତ୍ପର୍ଯ୍ୟଟିକୁହିଁ ଉପଲବ୍ଧି କରିପାରିବା । ସେତେବେଳେ ଆମ ମସ୍ତିଷ୍କ ଭିତରୁ ଆମେ କଣ୍ଠେଇଲେ ଜୀବିବା ନାହିଁ ବା କଣ୍ଠ ଇଚ୍ଛା କରିବା ନାହିଁ; ମାତ୍ର ଶଙ୍ଖର ଊର୍ଦ୍ଧ୍ୱରେ ଅବସ୍ଥିତ ରହିହିଁ ସେକଥା କରିପାରିବା । ଆମର ଯାବତୀୟ ମସ୍ତିଷ୍କଶକ୍ତି ସେତେବେଳେ ଊର୍ଦ୍ଧ୍ୱରୁ ଆସୁଥିବା ଜୀବନ-ସାମର୍ଥ୍ୟ ତଥା ଇଚ୍ଛା-ସାମର୍ଥ୍ୟର ଅଭ୍ୟାଗତି ଲଗି ଆମ ଶଙ୍ଖରଯନ୍ତ୍ରଟିର କେବଳ ଏକ ପ୍ରତ୍ୟଭ୍ୟାତ ଏବଂ ଗତିସ୍ପନ୍ଦନ ହୋଇ ରହିଥିବ । ସେତେବେଳେ ସବୁକଛି ସେହି ଊର୍ଦ୍ଧ୍ୱରୁହିଁ ନିସ୍ପନ୍ନ ହୋଇ ଆସିବ; ବଜ୍ଞାନର କ୍ଷେତ୍ରରେ ଆମର ଏହି ବର୍ତ୍ତମାନର ମନୋମୟ ନିସ୍ପାଦକତାର ଯାହାକିଛୁ ସଜାଗୀୟ ହୋଇ ରହିଛୁ, ସେତେବେଳେ ସବୁଯାକ ସେହି ଊର୍ଦ୍ଧ୍ୱରୁହିଁ ଫଟଟିଚ ହେବାରେ ଲଗିବ । ସବୁଗୁଡ଼ିକ ନହେଲେ ମଧ୍ୟ, ବଜ୍ଞାନମୟ ପରବର୍ତ୍ତନର ଏହିସବୁ ସ୍ଥିତିରୁ ଅନେକଗୁଡ଼ିଏ ସ୍ଥିତି ଆମେ ବଜ୍ଞାନର ସୋପାନରେ ଯାଇ ପ୍ରକୃତରେ ପହଞ୍ଚିବା ପୂର୍ବରୁହିଁ ଉପଲବ୍ଧି ହୋଇପାରିବ, ଏବଂ ବସ୍ତୁତଃ ସେଗୁଡ଼ାକୁ ଉପଲବ୍ଧି କରିବାକୁହିଁ ପଡ଼ିବ । ମାତ୍ର ଏକଥା ସତ୍ତ ଯେ ପ୍ରଥମ ଅବସ୍ଥାରେ ସତ୍ତେଇବା ଏକ ପ୍ରତିଫଳନ ଦ୍ୱାରା ସେସବୁ ଉପଲବ୍ଧି କରୁଥିବା ପରି କେବଳ ଅତି ଅପୂର୍ଣ୍ଣ ଜୀବରେ ତାହା ହୋଇପାରିବ । ଉଚ୍ଚତର ମନର ସୋପାନଟିରେ ଏବଂ ମନ ଏବଂ ବଜ୍ଞାନର ମଧ୍ୟରେ ଅବସ୍ଥିତ ରହିଥିବା ସେଇ ସୋପାନଟିକୁ ଆମେ ଏକ ଅଧିମାନସ ଚେତନାର ସୋପାନ ବୋଲି କହିପାରିବା, ସେଠାରେ ସବୁ ଏହିସବୁ ଉପଲବ୍ଧି ସମ୍ଭବ ହେବ ।

ମାତ୍ର ଏହି କେନ୍ଦ୍ରଟିକୁ ଓ ଏହି ନିସ୍ପାଟିକୁ ଆମେ ସ୍ୱଦାମୁକ୍ତ ବୋଲି ଜାଣିବା; ସେଗୁଡ଼ିକ ଆଦୌ କୌଣସି ବନ୍ଧନରେ ବାନ୍ଧିହୋଇ ରହି ନାହାନ୍ତି, ଏହି ଶଙ୍ଖର-ଯନ୍ତ୍ରଟି ଉପରେ କୌଣସିପ୍ରକାରେ ନିର୍ଭରଶୀଳ ହୋଇ ରହି ନାହାନ୍ତି, କୌଣସି ଫଙ୍କଣ୍ଠି ଅହଂବୋଧ ମଧ୍ୟରେ ଜାବୁଡ଼ିହୋଇ ରହି ନାହାନ୍ତି । ତାହା ଶଙ୍ଖର ସହିତ ଲପ୍ତ ହୋଇ ରହି ନାହିଁ, ତାହାର ବଣ୍ଟନଗତ ସହିତ କେବଳ ବଡ଼ ଅକୁଶଳ ଜୀବରେ କେତେଟା ସଙ୍କୀର୍ଣ୍ଣ ଲେଉଥିବା ବା ଆପଣାର ଗଣ୍ଠିରଭର ଚଦ୍ଦରଭଳିଟି ଲଗି ଉଭର ଆଡ଼କୁ ଅଣ୍ଡାଳ ହେଇଥିବା ଏକ ବିଚ୍ଛିନ୍ନ ବ୍ୟକ୍ତିଜୀବ ମଧ୍ୟରେ ଏହା କଦାପି କଲହୋଇ ରହି ନାହିଁ । କାରଣ ଏହି ସନ୍ଧାନ୍ ରୂପାନ୍ତରଟି ଫଟଟିଚ ହେଲେ ଆମେ ଯେଉଁ ଏକ ଚେତନାର ଅଧିକାରୀ ହେବାକୁ ଆରମ୍ଭ କରୁ ଯାହାକି ଶକ୍ତି-ଉତ୍ପାଦନକାରୀ କୌଣସି ବାକ୍ସ ଉଭରେ ମୁଦା ହୋଇ ରହି ନଥାଏ, ମାତ୍ର ତାହା ପୂର୍ଣ୍ଣମୁକ୍ତ ଜୀବରେ ବଙ୍କାପୂର୍ଣ୍ଣ ହୋଇ ରହିଥାଏ ଏବଂ ଆପେ-ବର୍ତ୍ତମାନ ହୋଇ ଆପଣାକୁ ସଦ୍ୟଜ ପ୍ରକାଶତ କରି ଦେଇଥାଏ । ତାହାର ଦୃଶ୍ୟତ ଏକ କେନ୍ଦ୍ର ରହିଥାଏ ଅଥବା ଥାଇପାରେ, ମାତ୍ର କେବଳ ବ୍ୟକ୍ତିଗତ ଜୀବାର ସୁବିଧା ସକାଶେ ତାହା ରହିଥାଏ;

'oaob.nitrkl.ac.in' images reprocessed

ସେଥିରେ କୌଣସି ଅନମ୍ଭସ୍ତା ନଥାଏ, କୌଣସି ଆତ୍ମତନ୍ତ୍ରିତ୍ତା ନଥାଏ କିଂବା କୌଣସି ବିଚ୍ଛିନ୍ନତା ନଥାଏ। ଆମ ଚେତନ ଯାବତୀୟ ବିସ୍ୱାର ସ୍ତ୍ତବଟି ମଧ୍ୟ ଏହୁଠାରୁ ବଶ୍ୱଗତ ହୋଇଯାଏ; ତାହା ବଶ୍ୱମସ୍ତ ସତ୍ତ୍ତାର ନିସ୍ୱାସ୍ତକତାଗୁଡ଼ିକ ସହତ ଏକରୂପ ହୋଇଯାଏ ଏବଂ ଆପଣାର ବଶ୍ୱଗତ ସ୍ଥିତିଟି ମଧ୍ୟରୁହିଁ ଏକ ସହନ ଓ ସ୍ଥିତସ୍ଥାପକତାଯୁକ୍ତ ବ୍ୟକ୍ତତ୍ତ୍ୱବାପନ୍ନତା ମଧ୍ୟକୁ ସଞ୍ଚାରିତ ହୋଇ ଆସେ। ତାହା ଏଭଳି ଏକ ଅନନ୍ତ ସତ୍ତ୍ତାଙ୍କର ସବତ୍ତ୍ତସମ୍ପନ୍ନତାରେ ପରଣତ ହୋଇ ଯାଇଥାଏ, ଯିଏକି ଏକ ବଶ୍ୱଗତ ସ୍ଥିତିରେ ରହିହିଁ ସବଦା ସକଳ କାର୍ଯ୍ୟ କରୁଥାନ୍ତି; ଅବଶ୍ୟ ସେତେବେଳେ ସେ ଆପଣା ଶକ୍ତଗୁଡ଼ିକର ଏକ ବ୍ୟକ୍ତତ୍ତ୍ୱବାପନ୍ନ ରୂପାସ୍ତନ ଉପରେ ଅଧିକ ପରମାଣରେ ଗୁରୁତ୍ୱ ଦେଇଥାନ୍ତି। ମାତ୍ର ଏହି ଗୁରୁତ୍ୱ ଦେବାରେ ଏକ ସ୍ତୋକଗତ ପାର୍ଥକ୍ୟ ରହିଥାଏ ସତ, କିନ୍ତୁ ଆଦୌ କୌଣସି ବିଚ୍ଛିନ୍ନତା ନଥାଏ; ଏବଂ ବ୍ୟକ୍ତତ୍ତ୍ୱବାପନ୍ନତା କହିଲେ ବର୍ତ୍ତମାନ ଆମେ ଯାହା ବୁଝୁଛୁ, ସେତେବେଳେ ସେହି ରୂପାସ୍ତନ ଆଦ୍ଦ ଆଦୌ ତାହା ହୋଇ ରହେ ନାହିଁ। ସେତେବେଳେ ବ୍ୟକ୍ତ ଆଦ୍ଦ ଏକ କ୍ଷୁଦ୍ର ଓ ସୀମିତ ତ୍ତ୍ୱରେ ବରଚତ ବ୍ୟକ୍ତ ହୋଇ ରହେ ନାହିଁ ଯିଏକି ଆପଣା ଅସ୍ତିତ୍ୱସମ୍ଭର ବଧାନଟା ଭିତରେହିଁ ବନ୍ଦହୋଇ ରହିଥାଏ। ଆମ ସତ୍ତ୍ତାର ଏହି ବର୍ତ୍ତମାନ ସ୍ଥତିଟି ଲଗି ତେତନାର ଏହି ସ୍ଥିତିଟି ପ୍ରକୃତରେ ଏତେ ଅସାଧାରଣ ହୋଇ ରହିଥାଏ ଯେ ଏହାର ଅର୍ଥକାସ୍ତ ହୋଇ ନଥିବା ବୁଦ୍ଧିପରଚ୍ଛନ୍ନ ମନୁଷ୍ୟ ଆଖିରେ ଏହା ଠିକ ଅସମ୍ଭବ ହୋଇ ଲଗିଯାରେ, ଏକ ଅନ୍ୟକାସ୍ତସ୍ଥତାର ସ୍ଥିତ ହୋଇ ମନେ ହୋଇପାରେ; କିନ୍ତୁ ଥରେ ସେଇଟି ଅଧିକାରକୁ ଆସିଗଲେ ତାହା ଆପଣାର ବୃଦ୍ଧତ୍ତର ପ୍ରଶାନ୍ତି, ବମୁକ୍ତ, ଆଲୋକମସ୍ତତା, ସାମର୍ଥ୍ୟ, ଇଚ୍ଛାଗତ କାର୍ଯ୍ୟସାଧକତା ଭଳି ସ୍ତ୍ତବନା ଓ ଅନୁଭବର ପ୍ରତ୍ତପାଦନସମର୍ଥ ସତ୍ୟ ଦ୍ୱାରା ଆପଣାକୁ ମନୋଗତ ବୁଦ୍ଧି ପାଖରେ ମଧ୍ୟ ଦୃଢ଼ପ୍ରିକ୍ଷ ଓ ପ୍ରତର୍ଷ୍ଠିତ କରି ରଖିପାରେ। କାରଣ ବମୁକ୍ତ ମନର ଉଚ୍ଚତର ସ୍ତରଗୁଡ଼ିକରେ ମଧ୍ୟ ଏହି ସ୍ଥିତିଟିର ଆରମ୍ଭ ହୋଇ ଯାଇଥାଏ ଏବଂ ସେହି କାରଣରୁ ତାହା ମନୋଗତ ବୁଦ୍ଧିଟି ଦ୍ୱାରା ଆଂଶିକ ତ୍ତ୍ୱବରେ ଅନୁଭୂତ ଭଳି ବୋଧ ବି ହୋଇପାରେ; ସେତେବେଳେ ଏହି ବୁଦ୍ଧି ମନୋମସ୍ତ ସ୍ତରଗୁଡ଼ିକୁ ପଛରେ ପକାଇଦେଇ ଆଗକୁ ଗଡ଼ିଆସେ, କେବଳ ସେତକବେଳେହିଁ ତାହା ସମ୍ଭବ ହୁଏ। ମାତ୍ର କେବଳ ଅତିମାନସ ବିଜ୍ଞାନର ଭୂମିରେ ଯାଇ ତାହା ପରପୂର୍ଣ୍ଣ ଆତ୍ମ-ଅଧିକୃତର ସୋପାନକୁ ଆପଣାକୁ ଉତ୍ତୋଳିତ କରିନେବା ଲଗି ସମର୍ଥ ହୁଏ।

ତେତନାର ଏହି ସ୍ଥିତିରେ ଅନନ୍ତହିଁ ଆମ ଲଗି ସ୍ୱୟମୂଳ ଓ ପ୍ରକୃତ ସତ୍ୟ ହୋଇ ରହେ, ତାହାହିଁ ଏକମାତ୍ର ଅପରୋକ୍ଷ ତଥା ବୋଧଗମ୍ୟ ସତ୍ୟ ହୋଇ ରହେ। ଅନନ୍ତ ସମ୍ବନ୍ଧରେ ଏହି ମୂଳଭୂତ ବୋଧଟିରୁ ବଚ୍ଛିନ୍ନ ତ୍ତ୍ୱବରେ ଯାବତୀୟ ଅନ୍ୟବିଶିଷ୍ଟତା

'oaob.nitrkl.ac.in' images reprocessed

ସମ୍ବନ୍ଧରେ ଚିନ୍ତା କରିବା ଅଥବା ତାହାକୁ ଅନୁଭବ କରିବା ଆମ ପକ୍ଷେ ଏକାନ୍ତ ଅସମ୍ଭବ ହୋଇପଡ଼େ; କାରଣ ସେହି ଅନନ୍ତ ମଧ୍ୟରେହିଁ ସାନ୍ତର ଆବାସ ସମ୍ଭବ ହୋଇପାରେ, ସାନ୍ତ ଆପଣାକୁ ରୂପାୟିତ କରିପାରେ, ଆପଣା ପକ୍ଷେ କୌଣସି ସତ୍ତ୍ୟ ବା ସ୍ଥାୟିତ୍ୱ ସମ୍ଭବ କରିପାରେ । ଯେତେବେଳଯାଏ ଏହି ସୀମାବଦ୍ଧ ମନ ଓ ଶବ୍ଦର ଆମର ଚେତନାଟି ପକ୍ଷେ ଆମ ଅସ୍ତିତ୍ୱର ପ୍ରଥମ ସତ୍ତ୍ୟ ହୋଇ ରହିଥିବେ ଓ ଆମର ଯାବତୀୟ ଜ୍ଞାନ, ଅନୁଭବ ଏବଂ ଇଚ୍ଛାର ଆଧାର ହୋଇ ରହିଥିବେ, ଏବଂ ଯେପର୍ଯ୍ୟନ୍ତ ସୀମାବଦ୍ଧ ଓ ଅନ୍ତର୍ବଶିଷ୍ଟ ବସ୍ତୁଗୁଡ଼ିକହିଁ ଆମର ଯାବତୀୟ ଚିନ୍ତା ଓ ସ୍ୱପ୍ନବଗତ ବାସ୍ତବତା ହୋଇ ରହିଥିବେ ଏବଂ ଆମେ କେବଳ ସମସ୍ତ ସମସ୍ତରେ ଅଥବା ଅଧିକାଂଶ ସମସ୍ତରେ ମଧ୍ୟ ସେଥିମଧ୍ୟରୁ ଉଠିଯାଇ ଅନନ୍ତର ଏକ ଧାରଣା ଓ ବୋଧ ମଧ୍ୟରେ ପ୍ରବେଶ କରି ପାରୁଥିବା, ସେତେବେଳଯାଏ ଆମେ ବଜ୍ଞାନଠାରୁ ଛଅପାଦ ବହୁଦୂରରେ ପଡ଼ି ରହିଥିବା । ବଜ୍ଞାନର ଭୂମିରେ ସେହି ଅନନ୍ତହିଁ ଏକାଧାରରେ ଆମ ସ୍ୱଚ୍ଛ ଯାଧାରଣ ଚେତନା ହୋଇ ରହିବ, ତାହାର ପ୍ରଥମ ସତ୍ତ୍ୟ ହୋଇ ରହିବ ଓ ଆମର ବୋଧଗମ୍ୟ ଉପାଦାନଟି ହୋଇ ରହିବ । ଅତ୍ୟନ୍ତ ମୂର୍ତ୍ତଭାବରେ ତାହା ସେଠାରେ ଆମ ପକ୍ଷେ ସେହି ଉଦ୍ଭିତି ହୋଇ ରହିଥିବ, ଯେଉଁଠାରୁ କି ଅନ୍ତର୍ବଶିଷ୍ଟ ଯାବତୀୟ ପଦାର୍ଥ ଆପଣାକୁ ଗଠିତ କରି ଆଣିଥିବେ; ଏବଂ ତାହାର ସୀମାହୀନ ଓ ଅଗଣିତ ଶକ୍ତିସମୂହଗୁଡ଼ିକହିଁ ଆମର ସକଳ ଚିନ୍ତା, ସକଳ ଇଚ୍ଛା ତଥା ସକଳ ଆନନ୍ଦକୁ ଜନ୍ମଦେବାରେ ଲଗିଥିବେ । ମାତ୍ର ଏହି ଅନନ୍ତତାକୁ ଆମେ କେବଳ ବ୍ୟାପ୍ତି ଅଥବା କେବଳ ଫପ୍ରସାରଣରହିଁ ଏକ ଅନନ୍ତତା ବୋଲି କଦାପି କହିବା ନାହିଁ ଯାହା ଭିତରେ କି ସବୁକିଛି ରୂପାୟିତ ଓ ଫଘଟିତ ହେଉଥିବ । ସେହି ଅମିତ ଓ ଜଳନାତ୍ତତ ଫପ୍ରସାରଣ ପଛରେ ବଜ୍ଞାନମସ୍ତ ଚେତନା ନିରନ୍ତର ଏକ ଦେଶାତ୍ତତ ଅନ୍ତର୍ଗତ ଅନନ୍ତତା ସମ୍ବନ୍ଧରେ ସଚ୍ଚେତନ ହୋଇ ରହିଥିବ । ଏହି ଦୁଇଟିଯାକ ଅନନ୍ତତାର ମଧ୍ୟଦେଇହିଁ ଆମେ ସଚ୍ଚିଦାନନ୍ଦଙ୍କର ସର୍ମଗତ ସୃଷ୍ଟି ମଧ୍ୟରେ ଯାଇ ଉପନ୍ତତ ହୋଇପାରିବା, ଆମ ନିଜ ସ୍ୱଚ୍ଛ ସଙ୍କୋଚ ଆତ୍ମା ଏବଂ ଆମ ବିଶ୍ୱସ୍ଥ ଅସ୍ତିତ୍ୱର ସମଗ୍ରତା ମଧ୍ୟରେ ଯାଇ ଉପନ୍ତତ ହୋଇପାରିବା । ସେତେବେଳେ ଆମ ଆଗରେ ସକଳ ସୀମାର ଅତ୍ତତ ଏକ ଅସ୍ତିତ୍ୱ ଉନ୍ମୋଚିତ ହୋଇଯିବାକୁ ଲଗିବ, ତାହାକୁ ଆମେ ଆମ ଉର୍ଦ୍ଧ୍ୱରେ ରହିଥିବା ଏପରି ଏକ ଅନନ୍ତତାରୂପେ ଅନୁଭବ କରିବା ଯାହା ମଧ୍ୟକୁ ଆମେ ଉତ୍ତୋଳିତ ହୋଇଯିବା ପକ୍ଷେ ଚେଷ୍ଟା କରୁଥିବା; ଏବଂ ଆମର ଚତୁର୍ଦ୍ଦିଗରେ ଆମକୁ ବେଷ୍ଟନ କରି ରହିଥିବା ଏପରି ଏକ ଅନନ୍ତତାରୂପେ ଅନୁଭବ କରିବା ଯାହା ଭିତରକୁ କି ଆମେ ଆମର ଏହି ସ୍ୱତନ୍ତ୍ର ଅସ୍ତିତ୍ୱଟିକୁ ମ୍ଳାନ କରିଦେବାକୁ ଚେଷ୍ଟା କରୁଥିବା । ଏବଂ ତା'ପରେ ଆମେ ଜମପ୍ରସାରିତ ହୋଇ

'oaob.nitrkl.ac.in' images reprocessed

ତାହାର ଉତ୍ତରେ ମନ ହୋଇଯିବା ଓ ଜମୋତ୍କ୍ରେଲିତ ହୋଇ ତାହାର ମଧ୍ୟରେ ପ୍ରବେଶ କରିପାରିବା, ଆପଣା ଅହଂଟିର ଦେଷ୍ଟିନାକୁ ଜଳିଦେଇ ଆମେ ତାହାର ବୃହତ୍ତ୍ୱ ମଧ୍ୟରେ ପ୍ରବେଶ କରିବା ଏବଂ ସ୍ୱରୂପତଃ ଲଘି ତାହାହିଁ ହୋଇ ରହିବା। ଯଦି ଏହି ଜମୋଚନଟି ସିଦ୍ଧ ହୋଇଯାଇ ପାରେ, ତେବେ ଆମେ ଇଚ୍ଛା କଲେ ତାହାର ସାମର୍ଥ୍ୟଟି ଆମର ଏହି ଜମସ୍ତ ସତ୍ତ୍ୱଟିକୁ ମଧ୍ୟ ଆପଣା ମଧ୍ୟକୁ ଗ୍ରହଣ କରି ନେଇଯିବ। ଏପରକ ଆମର ଜମସ୍ତତମ ଏବଂ ବିକୃତତମ ଜିତ୍ୱାତ୍ମକତାଗୁଡ଼ିକ ସେହି ବିଜ୍ଞାନର ସତ୍ତ୍ୟରୂପେ ପୁନଃରୁପାସ୍ଥିତ ହେବା ପୂର୍ବରୁ ମଧ୍ୟ ସେହି ସାମର୍ଥ୍ୟ ଆମର ଜମସ୍ତ ସତ୍ତ୍ୱଟିକୁ ଆପଣା ମଧ୍ୟକୁ ଗ୍ରହଣ କରି ନେଇଯିବ।

ଅନନ୍ତର ଏହି ବୋଧ ଏବଂ ଅନନ୍ତ ଦ୍ୱାରା ଏହି ଅଧିକୃତ ହୋଇ ରହିବା; —ଏହାକୁ ଆମେ ଭୁମି ବୋଲି ଜାଣିଛିବା; ଏବଂ ଏଇଟି ଉପଲବ୍ଧି ହୋଇସାରିବା ପରେ ଯାଇ ଆମେ ଅଭମାନସ ଧାରଣା, ଅଭମାନସ ବୋଧ, ଅଭମାନସ ଏକାତ୍ମକତା ତଥା ଅଭମାନସ ଜବଭୁତପନ୍ନତାର କୌଣସି ସାଜ୍ଜବକତା ମଧ୍ୟକୁ ଅଗ୍ରସର ହୋଇଯାଇ ପାରିବା। କାରଣ ଏହି ଅନନ୍ତତାର ବୋଧକୁ ମଧ୍ୟ ଆମେ କେବଳ ଏକ ପ୍ରଥମ ଛିଣ୍ଡି ବୋଲିହିଁ ଜାଣିବା, ଏବଂ ଆମର ଚେତନା ଗତିଶୀଳ ଜବରେ ଏକ ବିଜ୍ଞାନମସ୍ୱ ଚେତନାରେ ପରିଣତ ହେବା ପୂର୍ବରୁ ଆମକୁ ତାହାଠାରୁ ଆହୁର ଅନେକ ଅଧିକ ସାଧ୍ୟ କରିବାକୁ ପଡ଼ିବ। କାରଣ ଅଭମାନସ ଜ୍ଞାନ ଏକ ଅଭମାନସ ଆଲୋକରହିଁ ଲୀଳା ବ୍ୟାପ୍ତ ଆଉ କିଛୁ ନୁହେଁ; ଏଇଟି ବ୍ୟାପ୍ତ ଆହୁର ଅନେକ ଆଲୋକ ମଧ୍ୟ ରହିଛୁ। ମନୁଷ୍ୟର ଏହି ମନଟି ଅପେକ୍ଷା ଉଚ୍ଚତର ଆହୁର ଅନେକ ଜ୍ଞାନସ୍ତର ରହିଛୁ, ଏବଂ ଆମେ ବିଜ୍ଞାନର ସୋପାନଟି ଯାଏ ଉଲ୍ଲେଖିତ ହୋଇ ଯାଇପାରିବା ପୂର୍ବରୁ ମଧ୍ୟ ସେହିସବୁ ସ୍ତର ଆମ ଭିତରେ ସେହି ଆଲୋକମସ୍ୱତାକୁ ଉନ୍ମୋଚିତ କରିଦେଇ ପାରିବ, ତାହାକୁ ଗ୍ରହଣ କରିପାରିବ ଓ ତାହାର କସ୍ୱଦଂଶକୁ ପ୍ରତିଫଳିତ ବି କରିଦେଇ ପାରିବ। ମାତ୍ର ତାହାକୁ ଆପଣାର ଆସ୍ୱତ୍ତ କରିବାକୁ ହେଲେ, ଅର୍ଥାତ୍ ସେଇଟିର ପରିପୂର୍ଣ୍ଣ ଅଧିକାର ଲାଭ କରି ପାରିବାକୁ ହେଲେ ଆମକୁ ପ୍ରଥମେ ପରମ ଆଲୋକର ସୃଷ୍ଟି ମଧ୍ୟରେ ପ୍ରବେଶ କରିବାକୁ ହେବ ଏବଂ ସେଇଥିରେ ପରିଣତ ହେବାକୁ ପଡ଼ିବ; ଆମର ଚେତନାଟିକୁ ତାହାର ଚେତନାରେ ରୂପାନ୍ତରିତ ହୋଇଯିବାକୁ ପଡ଼ିବ ଏବଂ ତାଦାତ୍ମ୍ୟ ଦ୍ୱାରା ଆତ୍ମ-ଜବଭୁତସମ୍ପନ୍ନତା ଓ ସର୍ବ-ଜବଭୁତସମ୍ପନ୍ନତା ଲଘି ତାହାର ଭିତ୍ତି ତଥା ସାମର୍ଥ୍ୟଟିକୁ ଆମ ଅସ୍ତିତ୍ୱର ଉପାଦାନରେହିଁ ପରିଣତ କରିବାକୁ ପଡ଼ିବ। କାରଣ ଯାବତୀୟ ଜ୍ଞାନ ଓ ଜିତ୍ୱା ସକାଶେ ଆମର ସାଧନ ଏବଂ ମାର୍ଗଗୁଡ଼ିକ ସର୍ବଦା ଆମ ଚେତନାଟିର ସ୍ୱତ୍ତବ ଦ୍ୱାରାହିଁ ନିର୍ଣ୍ଣୀତ ହେବାକୁ ବାଧ୍ୟ ହେବ; ଏବଂ କେବଳ ସମସ୍ତ ସମସ୍ତରେ ଜ୍ଞାନର ସେହି ଉଚ୍ଚତର ସାମର୍ଥ୍ୟଟିର ସ୍ପର୍ଶ ଲାଭ କରିବା ନୁହେଁ, ମାତ୍ର ତାହାକୁ ଆପଣାର ପୂର୍ଣ୍ଣ ଅଧିକାରରେ

'oaob.nitrkl.ac.in' images reprocessed

ରଖିବାକୁ ହେଲେ ଏହା ଚେତନାରେହିଁ ଏକ ମୂଳଭୂତ ପରିବର୍ତ୍ତନ ଘଟାଇବାକୁ ପଡ଼ିବ । ମାନ ଏହା କୌଣସିପ୍ରକାର ଦ୍ରବ୍ୟ ବୃଦ୍ଧିର ଏକ ଉଚ୍ଚତର ଜୀବନ। ଅଥବା ନିସ୍ପୃହକତାରେହିଁ କଦାପି ସୀମାବଦ୍ଧ ହୋଇ ରହି ନାହିଁ । ଆମ ଜ୍ଞାନର ଯାବତୀୟ ବର୍ତ୍ତମାନ ସାଧନକୁ ତାହା ଅତିକ୍ରମ କରିପାରିବ ଜୀବରେ ସମ୍ପାରିତ କରିବାର; ସେହି ସାଧନଗୁଡ଼ିକ ବର୍ତ୍ତମାନ ଯେଉଁ କ୍ଷେତ୍ରରେ ବ୍ୟାହତ, ଚକ୍ଷୁସ୍ପନ ଏବଂ ନିଷ୍ଫଳ ହୋଇ ରହିଥିଲେ ସେଗୁଡ଼ିକୁ ତାହା ସନିସ୍ଥ ଏବଂ ଫଳପ୍ରଦ କରିବ ଏବଂ ସେଗୁଡ଼ିକୁ ବଜ୍ଞାନର ଏକ ଉଚ୍ଚ ତଥା ସ୍ୱଘନ ବୋଧଯୁକ୍ତ ନିସ୍ପୃହକତାରେ ପରିଣତ କରାଇବ । ଏହିପରି ଜୀବରେ ତାହା ଆମର ଇନ୍ଦ୍ରସ୍ୱଗତ ନିସ୍ପୃହିକୁ ମଧ୍ୟ ଗ୍ରହଣ କରିବ ଓ ତାହାର ନତ୍ୟନୈମିତ୍ତିକ କ୍ଷେତ୍ରଟିରେ ମଧ୍ୟ ସେଇଟିକୁ ଆଲୋକିତ କରି ରଖେ, ଯାହାଫଳରେ କି ଆମେ ବସ୍ତୁଗୁଡ଼ିକର ଏକ ଯଥାର୍ଥ ବୋଧ ଲାଭ କରିବାକୁ ସମର୍ଥ ହୋଇପାରୁ । ମାନ ତାହା ମନୋଗତ ବୋଧଟିକୁ ମଧ୍ୟ ଆତ୍ମାର ତଥା ତାହ୍ୟ ପ୍ରତ୍ୟକ୍ଷର ଏକ ଅପରୋକ୍ଷ ଅନୁଭୂତି ଲାଭ କରିବାକୁ ସମର୍ଥ କରିବ, ତାହାକୁ ଗ୍ରହଣ ଓ ଅନୁଭବ କରି ପାରିବାର ସମର୍ଥ କରିବ; ଅର୍ଥାତ୍ ଯେଉଁ ବସ୍ତୁଟି ଆଡ଼କୁ ସେତେବେଳେ ଧ୍ୟାନ ଦେଉଥାଏ, ସେତେବେଳେ ତାହାର ଯାବତୀୟ ଜୀବନ। ଅନୁଭୂତି, ଇନ୍ଦ୍ରସ୍ୱବୋଧ ଓ ସ୍ୱାସ୍ୱବିକ ପ୍ରତିନିସ୍ପାଗୁଡ଼ିକୁ ମଧ୍ୟ ଜାଣି ପାରିବାର ସମର୍ଥ କରିବ ।* ତାହା ଆମର ସୂକ୍ଷ୍ମ ତଥା ଭୌତିକ ଉଭୟ ଇନ୍ଦ୍ରସ୍ୱଗୁଡ଼ିକୁ ଜାମରେ ଲଗାଏ ଏବଂ ସେଗୁଡ଼ିକୁ ସେମାନଙ୍କର ପ୍ରମାଦଗ୍ରସ୍ତତାରୁ ବଞ୍ଚାଇରଖେ । ଯେଉଁ ଭୌତିକ ଅସ୍ତିତ୍ୱର ଭୂମିକିରେ ଆମର ଏହି ସାଧାରଣ ମନୋଗତତା ଅଜ୍ଞାନବଶ ଜୀବରେ ଲିପ୍ତ ହୋଇ ରହିଛୁ, ତାହା ଆମକୁ ସେଇଟି ବ୍ୟତୀତ ଅସ୍ତିତ୍ୱର ଅନ୍ୟ ନାନା ଭୂମିର ମଧ୍ୟ ଅନୁଭୂତି ଆଣିଦିଏ ଏବଂ ଆମ ଲାଗି ଏହି ଜଗତର ଆସ୍ୱତନକୁ ଅନେକ ଗୁଣରେ ପ୍ରସାରିତ କରିଦିଏ । ଆମର ଇନ୍ଦ୍ରସ୍ୱାନୁଭବଗୁଡ଼ିକୁ ମଧ୍ୟ ତାହା ସେହିପରି ଜୀବରେ ରୂପାନ୍ତରିତ କରିଦିଏ ଏବଂ ସେଗୁଡ଼ିକୁ ସେଗୁଡ଼ିକର ପରିପୂର୍ଣ୍ଣ ସ୍ୱଘନତା ଦେଇଯାଏ, ସେଗୁଡ଼ିକର ପୂର୍ଣ୍ଣ ଧାରଣଶକ୍ତି ମଧ୍ୟ ଦେଇଯାଏ । କାରଣ ଆମ ମନୋଗତତାର ସାଧାରଣ ସ୍ତରଟିରେ ସେହି ପରିପୂର୍ଣ୍ଣ ସ୍ୱଘନତା ଆଦୌ ସମ୍ଭବ ହୁଏ ନାହିଁ; କାରଣ ସେହି କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ସୀମାର ସେପାଖକୁ ତାହାର ଆଉ କୌଣସି ଧାରଣଶକ୍ତି ନଥାଏ ଏବଂ ସ୍ପନ୍ଦନଗୁଡ଼ିକୁ ସ୍ଥାପୀ କରି ରଖିବାକୁ ମଧ୍ୟ

---

* ପାତଞ୍ଜଳିଙ୍କ ଦର୍ଶନ। ଅନୁସାରେ କୌଣସି ଏକ ବସ୍ତୁ ଉପରେ 'ସଂଯମ' ଦ୍ୱାରା ଏହି ସାମର୍ଥ୍ୟ ଅସିଥାଏ । ଏହା ହେଉଛି କେବଳ ସେହି ମନୋଭୂମିର ଏକ ବ୍ୟାପାର, କାରଣ ବଜ୍ଞାନର ଭୂମିରେ ସଂଯମ ସତ୍ତ୍ୱେ ଅଦୌ କୌଣସି ଅବଶ୍ୟତା ନଥାଏ । କାରଣ ଏହିପ୍ରକାରର ଇନ୍ଦ୍ରସ୍ୱବୋଧ ସେତେବେଳେ ବଜ୍ଞାନର ଏକ ସ୍ୱାଭାବିକ କ୍ରିୟା ହୋଇ ରହେ ।

'oaob.nitrkl.ac.in' images reprocessed

ତାହାର କୌଣସି ସାମର୍ଥ୍ୟ ନଥାଏ । ଏବଂ ସେହି ଅଭ୍ୟାସ ବା ପ୍ରଲମ୍ବିତ ବ୍ୟପ୍ତି ଭଳେ ମନ ତଥା ଶରୀର ଉଭୟେ ଏକାବେଳକେ ଛାଡି ପଡ଼ିବାର ଆଶଙ୍କା ମଧ୍ୟ ରହିଥାଏ । ଆମ ଅନୁଭବ ଏବଂ ଫଳେଉଗୁଡ଼ିକର ଷ୍ଟେଜକୁ ମଧ୍ୟ ତାହା ଜ୍ଞାନର ଏହି ଉପାଦାନଟିକୁ ବହନ କରି ନେଇଯାଏ; କାରଣ ଆମର ସାବଧାସ୍ ଅନୁଭବ ଭିତରେ ମଧ୍ୟ ଜ୍ଞାନର ତଥା ଆପଣାକୁ ଫଳପ୍ରଦ କରିବାର ଏକ ସାମର୍ଥ୍ୟ ଅନ୍ତର୍ଗତ ହୋଇ ରହିଛି, ଯାହାକୁ କି ଆମେ ସାଧାରଣତଃ ଚିହ୍ନିବାକୁ ସମର୍ଥ ହେଉ ନାହୁଁ ଏବଂ ଯେଉଁଟିକୁ ଉପଯୁକ୍ତ ସ୍ତରରେ ଆଦୌ ବିକଶିତ କରିଇ ପାରୁ ନାହୁଁ । ଆମ ଅନୁଭବ ଓ ଫଳେଉଗୁଡ଼ିକୁ ତାହା ସେମାନଙ୍କର ସ୍ୱଳ୍ପସ୍ ସକଳ ସୀମାବଦ୍ଧତାରୁ ମୁକ୍ତ କରିଥାଏ, ସେଗୁଡ଼ିକର ସାବଧାସ୍ ପ୍ରମାଦଗ୍ରସ୍ତତା ତଥା ବିକୃତ ମଧ୍ୟରୁ ମୁକ୍ତ କରିଥାଏ । କାରଣ ସକଳ ବସ୍ତୁରେ କେବଳ ବଜ୍ଞାନହିଁ ପରମ ସତ୍ୟ, ପରମ ଋତ ଓ ପରମ ବିଧାନ ହୋଇ ରହିଥାଏ; 'ଦେବାନାମ୍ ଅଦବ୍ଧାନ ବ୍ରତାନି' ହୋଇ ରହିଥାଏ ।

ପରମ ଜ୍ଞାନ ଓ ପରମ ସାମର୍ଥ୍ୟ ଅର୍ଥାତ୍ ପରମ ଇଚ୍ଛାକୁ,—କାରଣ ଚେତନାଯୁକ୍ତ ସାବଧାସ୍ ସାମର୍ଥ୍ୟକୁ ଆମେ ଇଚ୍ଛା ବୋଲି କହିପାରିବା,— ଚେତନାଗତ ବିସ୍ମାସ୍ମକତାର ଯୋଡ଼ଏ ଭଗା ବୋଲି କୁହାଯାଇପାରିବ । ଆମର ଏହି ମନୋଭୂମିରେ ଦୁଇଁଯାକ ପରଶ୍ପରଠାରୁ ବିଭକ୍ତ ହୋଇ ରହିଛନ୍ତି । ଆମର ଏହି ଷ୍ଟେଜରେ ପ୍ରଥମେ ଧାରଣାର ଆବର୍ଭାବ ହେଉଛି ଏବଂ ତା'ପରେ ଦୃଷ୍ଟିପଡ଼ି ଆମର ଇଚ୍ଛା ତାହାର ଅନୁସରଣ କରୁଛି ବା ତାହା ବରୁଦ୍ଧରେ ବିଦ୍ରୋହ କରୁଛି, ଅଥବା ତାହାର ଏକ ଅପୂର୍ଣ୍ଣ ସାଧନରୂପେ ବ୍ୟବହୃତ ହୋଇ ଅପୂର୍ଣ୍ଣ କେତୋଟି ପରିଣାମର ସୂତ୍ରପାତ କରୁଛି । ଅଥବା, ଆପଣା ଭିତରେ କୌଣସି ଏକ ଅନ୍ଧ ବା ଅର୍ଦ୍ଧ-ଦୃଷ୍ଟିସମର୍ଥ ଧାରଣାକୁ ବହନ କରି ପ୍ରଥମେ ଇଚ୍ଛାହିଁ ଆପଣାକୁ ପ୍ରେରିତ କରୁଛି, ବିମୂଢ଼ ସ୍ତରରେ କିଛି ଗୋଟାଏ କରିପକାଉଛି ଏବଂ ତାହାର ଅନେକ ପରେ ଯାଇ ଆମେ ସେଇଟିକୁ ଯଥାର୍ଥ ସ୍ତରରେ ବୁଝିବା ଲଗି ସମର୍ଥ ହେଉଛୁ । ଆମ ଭିତରେ ରହିଥିବା ଏହି ସାମର୍ଥ୍ୟଗୁଡ଼ିକ ମଧ୍ୟରେ ଆଦୌ କୌଣସି ଏକତା ନାହିଁ, କୌଣସି ପରିପୂର୍ଣ୍ଣ ପାରସ୍ପରିକ ବୋଧ ମଧ୍ୟ ନାହିଁ; ଅଥବା ସେଗୁଡ଼ିକ ଆପଣାକୁ ଫଳପ୍ରଦ କରିବାକୁ ଯାଉଥିବା ବେଳେ ସେଗୁଡ଼ିକ ମଧ୍ୟରେ ଆଦୌ କୌଣସି ପାରସ୍ପରିକ ସଙ୍ଗତି ନାହିଁ । ବ୍ୟକ୍ତିର ଇଚ୍ଛା ବଶ୍-ଇଚ୍ଛା ସହିତ ଆପଣାକୁ ସୌସମ୍ୟବଦ୍ଧ ମଧ୍ୟ କରି ନାହିଁ; ଏହା ତା'ଠାରୁ ଆହୁରି ଆଗକୁ ବଳଯିବ ବୋଲି ଚେଷ୍ଟା କରୁଛି, ବା ସେପଫିନ୍ର ଯାଇ ନପାରି ଅଧରୁ ଅଟକି ଯାଇଛି ଅଥବା ତାହାର ମାର୍ଗରୁ ବିଚ୍ୟୁତ ହୋଇ ପ୍ରତିକୂଳ ପ୍ରସ୍ଥାସ କରିବାରେ ଲାଗିଛି । ପରମ ସତ୍ୟର ଭାଲ ଓ ଦର୍ଥାସ୍ଗୁଡ଼ିକ ବିଷୟରେ ଭ ଦ୍ର କୌଣସି ଜ୍ଞାନ ନାହିଁ, ତ ଦ୍ୱାର ମାନ୍ଦା ବା ପରମାପକଗୁଡ଼ିକ ବିଷୟରେ ମଧ୍ୟ କୌଣସି ଜ୍ଞାନ ନାହିଁ । ଏହି ଇଚ୍ଛାଟିକୁ ବଜ୍ଞାନ ଆପଣା ଭାଇରେ

'oaob.nitrkl.ac.in' images reprocessed

ଗ୍ରହଣ କର ନେଇଥାଏ, ତାହାକୁ ପ୍ରଥମେ ଅଭ୍ୟାନସ୍ତ ଜ୍ଞାନର ସତ୍ତ୍ୟଟି ସହ୍ତ ସୌଷମ୍ୟଦ୍ଧ କର ରଖେ ଏବଂ ତା'ପରେ ସେଇଟି ସହ୍ତ ଏକତ୍ୱଦ୍ଧ କର ରଖେ। ଏହ୍ ଜ୍ଞାନର ଭୁମିରେ ବ୍ୟକ୍ତର ଯାବତ୍ତାସ୍ ଧାରଣା ବଶ୍ୱର ଯାବତ୍ତାସ୍ ଧାରଣା ସହ୍ତ ଏକରୂପ ହୋଇ ରହ୍ଥାଏ, କାରଣ ସେତେବେଳେ ଦୁହେଁଯାକ ସେହ୍ ପରମ ଜ୍ଞାନ ଓ ବଶ୍ୱୋତ୍ତୀର୍ଣ୍ଣ ପରମ ଇଚ୍ଛାଟି ମଧ୍ୟକୁ ଆମାଚ ହୋଇ ଆସନ୍ତ। ବଜ୍ଞାନ କେବଳ ଯେ ଆମର ବୁଦ୍ଧିପ୍ରେରତ ଇଚ୍ଛାଟିକୁ ଆପଣା ମଧ୍ୟକୁ ଗ୍ରହଣ କରନ୍ତଏ ତାହା ନୁହେଁ, ମାନ ଆମର ସକଳ ଇଚ୍ଛା, ବାସନା, ଏବଂ ଏପରକ ଯାହାକୁ ଆମେ ଆମର ନମ୍ନତର ବାସନା, ମୂଳ ପ୍ରବୃତ୍ତି, ଆବେଗ, ଇନ୍ଦ୍ରିୟର ବଚରଣ ଏବଂ ଇନ୍ଦ୍ରିୟବୋଧ ବୋଲ୍ କହ୍ଥାଉ, ସେଗୁଡ଼କୁ ମଧ୍ୟ ଗ୍ରହଣ କର ନେଇଥାଏ ଏବଂ ସେଗୁଡ଼କୁ ରୂପାନ୍ତରତ କରଦଏ। ତା'ପରେ ସେସବୁ ଆଉ ଇଚ୍ଛା ବା ବାସନା ହୋଇ ରହ୍ନ୍ତ ନାହିଁ, କାରଣ ପ୍ରଥମତଃ ସେଗୁଡ଼କ ଆଉ ବ୍ୟକ୍ତଗତ ହୋଇ ରହ୍ନ୍ତ ନାହିଁ ଓ ତା'ପରେ ଅଲବ୍ଧକୁ ଲଭ୍ କରବାର ଯେଉଁ ଫଗ୍ରାମ ଓ ସନ୍ନ୍ୟସ୍ତତାକୁ ଆମେ ଆକୁଲତା ଓ ବାସନା ବୋଲ୍ କହ୍ଥାଉ, ସେଗୁଡ଼କ ତାହା ମଧ୍ୟ ହୋଇ ରହ୍ନ୍ତ ନାହିଁ। ସେଗୁଡ଼କ ସେତେବେଳେ ଆଉ ସହ୍ଜାତ ପ୍ରବୃତ୍ତିଗତ ଅଥବା ବୁଦ୍ଧି ଦ୍ୱାରା ପ୍ରେରତ ମନୋଭୁମିର ଅଙ୍ଗ ଅଥବା ଅର୍ଦ୍ଧାଙ୍ଗ ନାନା ଆକୁଲ ଧାବନ ହୋଇ ଜଦାପି ରହ୍ନ୍ତ ନାହିଁ, ସେଗୁଡ଼କ ପରମ ସତ୍ୟରୂପୀ ଇଚ୍ଛାର ଏକ ବହୁବଚନ ନିସ୍ୱାସ୍ୱତାରେ ରୂପାନ୍ତରତ ହୋଇ-ଯାନ୍ତ; ଏବଂ ସେହ୍ ଇଚ୍ଛାହିଁ ଆପଣାର ସ୍ୱତ୍ତିସ୍ୱାକୃତ ନିସ୍ୱାର ଯଥାର୍ଥ ଯାବତ୍ତାସ୍ ମାନାର ଏକ ଅନ୍ତର୍ନିହ୍ତ ଜ୍ଞାନ ଦ୍ୱାରା ନିସ୍ୱା କରବାରେ ଲଗିଥାଏ, ଏବଂ ତେଣୁ ଆମ ମନୋଗତ ଇଚ୍ଛା ଲଗି ସମ୍ପୂର୍ଣ୍ଣ ଅଜ୍ଞାତ ହୋଇ ରହ୍ଥିବା ଏକ ଫଳପ୍ରଦତା ଦ୍ୱାରା କାର୍ଯ୍ୟ କରୁଥାଏ। ଏବଂ ଠିକ୍ ସେହ୍ କାରଣରୁ ମଧ୍ୟ ବଜ୍ଞାନମସ୍ୱ ଇଚ୍ଛାର ନିସ୍ୱାସ୍ୱତାରେ ପାପ ଲଗି ଆଦୌ କୌଣସି ସ୍ଥାନ ନଥାଏ; କାରଣ ପାପ ମାନବକେ କେବଳ ଇଚ୍ଛାଗତ ଏକ ପ୍ରମାଦକୁହିଁ ବୁଝାଏ, ଅଜ୍ଞାନରହିଁ ଏକ ବାସନା ଓ କାର୍ଯ୍ୟକୁ ବୁଝାଏ।

ଯେତେବେଳେ ବାସନା ସମ୍ପୂର୍ଣ୍ଣରୂପେ ପ୍ରଶମତ ହୋଇଯାଏ, ସେତେବେଳେ ଦୁଃଖ ଓ ଯାବତ୍ତାସ୍ ଅନ୍ତର୍ଗତ ଦୁଃଖବୋଧ ମଧ୍ୟ ପ୍ରଶମତ ହୋଇଯାଏ। ବଜ୍ଞାନ ଯେ କେବଳ ଆମ ଜ୍ଞାନ ଏବଂ ଇଚ୍ଛାର ଅଂଶଗୁଡ଼କୁ ଆପଣା ଭତରୁ ଗ୍ରହଣ କରନ୍ତଏ ତା' ନୁହେଁ, ଆମର ସ୍ନେହ ଓ ଆନନ୍ଦକୁ ମଧ୍ୟ ଗ୍ରହଣ କର ନେଇଥାଏ ଏବଂ ତାହାକୁ ଦବ୍ୟ ପରମ ଆନନ୍ଦର ଏକ ନିସ୍ୱାରେ ପରବର୍ତ୍ତତ କରଦଏ। କାରଣ ଯଦ ଜ୍ଞାନ ଓ ସାମର୍ଥ୍ୟ ଚେତନାଗତ ନିସ୍ୱାର ଦୁଇଟି ପାଖ ବା ଦୁଇଟି ସମର୍ଥତା ପର ହୋଇ ରହ୍ଥାଏ, ତେବେ ଆନନ୍ଦକୁ,—ଏବଂ ଆମେ ଯାହାକୁ ସୁଖାନୁଭବ ବୋଲ୍ କହ୍ଥାଉ, ଆନନ୍ଦ ତାହାଠାରୁ ଏକ ଉତ୍ତର ପଦାର୍ଥ,—ଆମେ ଚେତନାର ଖାସ୍ ଉପାଦାନଟି

'oaob.nitrkl.ac.in' images reprocessed

ବୋଲିହିଁ ଜଣାବା ଏବଂ ଜ୍ଞାନ ଓ ଇଚ୍ଛାର ଭଳି ଶବ୍ଦମଣ୍ଡ ଓ ଅସଂଖ୍ୟବଚ୍ଛିନ୍ନସଂଜ୍ଞାର ସାହାଯ୍ୟରେ ନିସ୍ତାରହିଁ ଏକ ସୂକ୍ଷ୍ମବଳ ପରଣାମ ବୋଲି ଜଣାଯାଇବା । ସୁଖ ଓ ଦୁଃଖ, ହର୍ଷ ଓ ବିଷାଦ,—ଆମେ ଏସବୁକୁ ଆମର ଚେତନା ଏବଂ ସେହି ଚେତନା ପ୍ରସୋଜ କରୁଥିବା ଶବ୍ଦମଣ୍ଡଳି ଭିତରେ ଓ ଆମର ଜ୍ଞାନ ଏବଂ ଇଚ୍ଛା ମଧ୍ୟରେ ରହିଥିବା ସୌଖମ୍ୟଟି ବ୍ୟାହତ ହୋଇପଡ଼ିବା ଦ୍ୱାରା ଜ୍ୱପୁଜୁଥିବା ସୋଟିଏ ସୋଟିଏ ବକୃତ ବୋଲିହିଁ ଜଣାବା । ଯେଉଁ ନମ୍ନଭର ଭୂମିରେ ସେମାନେ ସୀମାବଦ୍ଧ ହୋଇ ରହିଛନ୍ତି, ଆପଣା ଭିତରେ ବଭକ୍ତ ହୋଇ ପଡ଼ିଛନ୍ତି, ଆପଣାର ସମ୍ପୂର୍ଣ୍ଣ ଭଳି ଯଥାର୍ଥ ନିସ୍ତାସ୍ତକ-ଭାରୁ ନଷିଦ୍ଧ ହୋଇ ରହିଛନ୍ତି ଏବଂ ଅନ୍ୟ-ଶବ୍ଦମଣ୍ଡ, ଅନ୍ୟ-ଚେତନା, ଅନ୍ୟ-ଜ୍ଞାନ ଭଳି ଅନ୍ୟ-ଇଚ୍ଛା ସହିତ ସଘାତରତ ହୋଇ ରହିଛନ୍ତି, ସେହି ନମ୍ନଭର ଭୂମିଟି ଉପରକୁ ସ୍ଥଳତ ହୋଇ ଆସିବା ଦ୍ୱାରା ଯେତେବେଳେ ସେହି କ୍ଷେତ୍ରର ଏକତ୍ୱଟି ଭଗ୍ନ ହୋଇପଡ଼ୁଛି, ସୁଖ, ଦୁଃଖ ଓ ହର୍ଷ, ବିଷାଦକୁ ଆମେ ସେଇଥିରୁ ଜ୍ୱପୁଜୁଥିବା ସୋଟିଏ ସୋଟିଏ ବକୃତ ହୋଇ ଜଣାବା । ଆପଣା ସତ୍ତାର ସାମର୍ଥ୍ୟ ଦ୍ୱାରା ଏକତ୍ୱ ଭଳି ସୌଖମ୍ୟର ପରପୂର୍ଣ୍ଣ ପୁନଃପ୍ରତିଷ୍ଠା ଦ୍ୱାରା, ପରମ ଋତ ଭଳି ପରମ ସଙ୍ଗୋଚ ବଧାନଟିର ପୁନଃପ୍ରତିଷ୍ଠା ଦ୍ୱାରା ବଜ୍ଞାନ ଏହାକୁ ଯଥାର୍ଥ ଜ୍ଞବରେ ବ୍ୟବସ୍ଥାବଦ୍ଧ କଣ ଉଶିବ୍ଦଏ । ଆମର ସକଳ ସଚେତକୁ ଗ୍ରହଣ କଣନେଇ ବଜ୍ଞାନ ସେଗୁଡ଼ିକୁ ପ୍ରେମ ଓ ଆନନ୍ଦର ବବଧ ରୂପରେ ପରବର୍ତ୍ତିତ କରଦଏ; ଏପରକ ଆମର ସାବଗାସ୍ଥ ଘୃଣା, ବମୁଖତା ଓ କଷ୍ଟକ୍ଲେଶର ସାବଗାସ୍ଥ କାରଣକୁ ମଧ୍ୟ ତାହା ସେହିପରି ଜ୍ଞବରେ ପରବର୍ତ୍ତିତ କରଦଏ । ସେମାନେ ଯେଉଁ ଯଥାର୍ଥ ତାତ୍ପର୍ଯ୍ୟଗୁଡ଼ିକୁ ହଗ୍ରଇ ବସିଥିଲେ ଓ ହଗ୍ରଇ ବସିବା ଦ୍ୱାରା ସେହି ତାତ୍ପର୍ଯ୍ୟ ସେମାନଙ୍କର ଏହି ବକୃତରେହିଁ ପର୍ଯବସିତ ହୋଇଥିଲ, ବଜ୍ଞାନ ସେହି ତାତ୍ପର୍ଯଗୁଡ଼ିକୁ ଆବଷ୍କାର କରିଣେ ଅଥବା ସେଗୁଡ଼ିକୁ ହୃଦ୍‌ଘାଟିତ କଗ୍ରଇଦଏ, ଆମର ସମସ୍ତ ପ୍ରକୃତଟିକୁ ନେଇ ତାହା ସେହି ଶାଶ୍ୱତ ଭଳି ପରମ ଶିବ ମଧ୍ୟରେ ପ୍ରତିଷ୍ଠାପିତ କଣ ରଖେ । ଆମର ଇନ୍ଦ୍ରିସ୍ୱବୋଧ ଓ ଇନ୍ଦ୍ରିସ୍ୱସଂସ୍ପର୍ଶଗୁଡ଼ିକ ସହିତ ମଧ୍ୟ ବଜ୍ଞାନ ଠିକ୍ ସେହିପରି ଆଚରଣ କରିଥାଏ, ସେମାନେ ଖୋଜ ବୁଲୁଥିବା ସକଳ ଆନନ୍ଦକୁ ସେମାନଙ୍କ ଆଗରେ ଉନ୍ମୋଚତ କରଦଏ; ମାତ୍ର ଆନନ୍ଦର ସତ୍ତାଟି ମଧ୍ୟରେହିଁ ତାହାକୁ ଉନ୍ମୋଚତ କରଦଏ, କୌଣସି ବକୃତ, ବକାରସ୍ପସ୍ତ ଅନ୍ୱେଷଣ କଂବା ବକାରସ୍ପସ୍ତ ଗ୍ରହଣରେ ତାହାକୁ କଦାପି ଉନ୍ମୋଚତ କରେ ନାହିଁ । ଏପରକ ଆମର ନମ୍ନସ୍ତସ୍ଥ ଆବେଗଗୁଡ଼ିକ ଯେଉଁସବୁ ଆପାତ ସତ୍ୟ ଓ ପ୍ରତଷ୍ଠସ ପଛରେ ଗୋଡ଼ାଇବାରେ ଲଗିଥାନ୍ତି, ସେଥିରେ ନହିତ ପରମ ଦ୍ରବ୍ୟତା ଭଳି ପରମ ଅନନ୍ତତାକୁ ଧରି ପାରିବାକୁ ତାହା ସେହି ନମ୍ନସ୍ତସ୍ଥ ଆବେଗଗୁଡ଼ିକର କ୍ଷେତ୍ରରେ ଯାଇ ଉପଗତ ହୁଏ । ଏସବୁ ସେହି ନମ୍ନତର ସଜ୍ଞାର ମୂଲ୍ୟାସ୍ପନଭୂମିରେ ଅନୁଷ୍ଠିତ ହୁଏ ନାହିଁ, ମାତ୍ର

'oaob.nitrkl.ac.in' images reprocessed

ଆମର ମନୋଗତ, ସ୍ତ୍ରୀଳିକ ତଥା ଭୌତିକ ଅସ୍ତିତ୍ୱକୁ ସ୍ନେହ ଏକ ଅଥଚ ଅନେକ ଦବ୍ୟ ପରମ ଆନନ୍ଦର ଅବଚ୍ଛେଦ୍ୟ ଶୃଙ୍ଖଳା, ସ୍ୱାସ୍ଥ୍ୟବର୍କ ପ୍ରଗାଢ଼ତା ଏବଂ ଅଖଣ୍ଡ ଅଭିଭୂତତା ମଧ୍ୟକୁ ଉତ୍ସେଳିତ କରନେବା ଦ୍ୱାରାହିଁ ତାହା ସଂଘଟିତ ହୋଇଥାଏ ।

ଏହିପର ସ୍ତରରେ ଆପଣାର ସକଳ ନିସ୍ୱାରେ ବଜ୍ଞାନମସ୍ୱ ସତ୍ତ୍ୱ ପରପୂର୍ଣ୍ଣ ଜ୍ଞାନ-ଶକ୍ତ, ଇଚ୍ଛା-ଶକ୍ତ ତଥା ଆନନ୍ଦ-ଶକ୍ତରହିଁ ଏକ ଲୀଳା ହୋଇ ରହିଥାଏ; ମନୋଗତ, ସ୍ତ୍ରୀଳିକ ଏବଂ ଭୌତିକ ସୋପାନଗୁଡ଼ିକଠାରୁ ଆହୁର ଉର୍ଦ୍ଧ୍ୱକୁ ଉତ୍ସେଳିତ ହୋଇ ଯାଇଥିବା ଏହିସବୁ ଶକ୍ତର ଏକ ଲୀଳା ହୋଇ ରହିଥାଏ । ଏକ ସଂବଦ୍ୟାପ୍ତ, ବଶ୍ୱଗତ ଏବଂ ଅହଂଗ୍ରସ୍ତ ବ୍ୟକ୍ତିତ୍ୱ ତଥା ବ୍ୟକ୍ତିତ୍ୱବାପନ୍ନତାରୁ ସମ୍ପୂର୍ଣ୍ଣ ବମୁକ୍ତ ଏହି ଲୀଳା ଏକ ଉଚ୍ଚତର ଆସ୍ପସତ୍ତା, ଉଚ୍ଚତର ଚେତନା ଓ ଚେଣ୍ଟ ଏକ ଉଚ୍ଚତର ଶକ୍ତସତ୍ତା ଏବଂ ଉଚ୍ଚତର ଆନନ୍ଦର ଲୀଳା ହୋଇ ରହିଥାଏ । ବଜ୍ଞାନ ମଧ୍ୟରେ ଉର୍ଦ୍ଧ୍ୱତର ବା ଦବ୍ୟ ପ୍ରକୃତର ବଶୁଦ୍ଧତା, ଯଥାର୍ଥତା ଏବଂ ସତ୍ୟ ମଧ୍ୟରେ ଏସବୁ କାର୍ଯ୍ୟ କରବାରେ ଲଗିଥାଏ । ଯୋଗର ପ୍ରତଳିତ ପରଭାଷାରେ ଯାହାକୁ ସିଦ୍ଧି ବୋଲି କୁହାଯାଏ, ଇଉରୋପୀୟମାନେ ଯାହାକୁ ଫଗୁପ୍ତବଦ୍ୟାର ନାନା ଶବ୍ଦ ବୋଲି କହିଥାନ୍ତି, ଭକ୍ତ ଓ ଅନେକ ଯୋଗୀ ଯାହାକୁ ଏକ ଜାଲ, ମାର୍ଗ ଉପରର ପଥର ତଥା ସଥାର୍ଥ ଭଗବତ୍ ଅନେ୍ୱଷଣର ପଥରୁ ବଚ୍ୟୁତ ବୋଲି କହି ଗୁଚ୍ଛ ମଣିଥାନ୍ତି ବା ପ୍ରମାଦ ପଦ୍ଧ ଭସ୍ୱ ବ କରିଥାନ୍ତି, ବଜ୍ଞାନର ଶକ୍ତସବୁ ଅନେକ ସମସ୍ୱରେ ଦ୍ରୁତ ସେହି-ଗୁଡ଼ିକ ପର ବୋଧ ହୋଇପାରେ । ମାନ କେବଳ ନମ୍ନତର ସତ୍ତ୍ୱରେ ଅବସ୍ଥିତ ରହିହିଁ ଯେତେବେଳେ ସେଗୁଡ଼ିକର ଅନୁଧାବନ କରିଯାଏ ଏବଂ ବଡ଼ ଅପ୍ତତ୍ତ୍ୱବକ ସ୍ତରରେ ଯେତେବେଳେ କେବଳ ଏକ ଅହଂଗ୍ରସ୍ତ ଆସ୍ପଚର୍ପଣ ଲଗିହିଁ ଅହଂ ସେଗୁଡ଼ିକର ଅନୁଧାବନ କରୁଥାଏ, ସେତକବେଳେହିଁ ସେସବୁ ସେଭଳି ଆକାର ଧାରଣ କରନ୍ତି ଓ ଚେଣ୍ଟ ବପଜ୍ଞନକ ପ୍ରତପାଦ୍ୟତ ହୁଅନ୍ତି । ବଜ୍ଞାନର ଭୂମିରେ ସେସବୁ ଗୁପ୍ତବଦ୍ୟା ହୋଇ ରହି ନଥାନ୍ତି କିଂବା ଗୋଟିଏ ଗୋଟିଏ ସିଦ୍ଧି ହୋଇ ବ ରହି ନଥାନ୍ତି; ମାନ ତାହାର ପ୍ରକୃତ ମଧ୍ୟରେ ଏକ ମୁକ୍ତ, ସାବଲୀଳ ଓ ସ୍ୱାସ୍ଥ୍ୟବକ ଲୀଳା ହୋଇ ରହିଥାନ୍ତି । ଆପଣାର ଦବ୍ୟ ଭାବାତ୍ମ୍ୟଗୁଡ଼ିକରେ ଦବ୍ୟ ପରମସତ୍ତାର ସତ୍ୟ-ସାମର୍ଥ୍ୟ ଏବଂ ସତ୍ୟ-ନିସ୍ୱାକୁହିଁ ଆମେ ବଜ୍ଞାନ ବୋଲି କହିପାରିବା; ଏବଂ ଯେତେବେଳେ ଏହି ବଜ୍ଞାନ ବଜ୍ଞାନମସ୍ୱ ଭୂମିକୁ ଉତ୍ସେଳିତ ହୋଇ ଯାଇଥିବା ବ୍ୟକ୍ତି ମଧ୍ୟଦେଇ କାର୍ଯ୍ୟ କରବାକୁ ଲଗେ, ସେତେବେଳେ ତାହା ଅବକୃତ ସ୍ତରରେ ଆପଣାକୁ ପରପୂର୍ଣ୍ଣ କରପାରେ ଏବଂ ଏହି ପରପୂର୍ଣ୍ଣ କରବାରେ ଆଉ କୌଣସି ପ୍ରମାଦ କିଂବା ଅହଂଗତ ପ୍ରତବନ୍ଧିସ୍ୱା ନଥାଏ, ସେହି ପରମ ଦବ୍ୟସତ୍ୟର ଅଧିକାରତ୍ୱ ମଧ୍ୟରୁ ଆଉ କୌଣସି ବଚ୍ୟୁତ ନଥାଏ । ସେହି କ୍ଷେତ୍ରରେ ବ୍ୟକ୍ତିର ଆଉ କୌଣସି ଅହଂତ୍ୱ ନଥାଏ; ମାନ ସେ ଯେଉଁ ଉଚ୍ଚତର ଦବ୍ୟ ସ୍ପତ୍ତବଟିର ଏକ ଅଂଶରୂପେ

'oaob.nitrkl.ac.in' images reprocessed

ବଚରଣ କରୁଥାଏ, ମୁକ୍ତ ଜୀବ ତାହାର ମଧ୍ୟରେ ଗୃଢ଼ଭାବେ ରହେ, 'ପର୍ବ ପ୍ରକୃତଃ ଜୀବଭୂତା' ହୋଇ ରହନ୍ତି । ଅର୍ଥାତ୍ ସେହି ପରମ ଏବଂ ବଶ୍ୱଗତ ଆତ୍ମାର ସତ୍ତ୍ୱବଟି ଏହି ଅନେକଭୂତ ବ୍ୟକ୍ତିତ୍ୱର ଲୀଳା ମଧ୍ୟରେ ଆସି ଦୃଷ୍ଟିଗୋଚର ହେବାକୁ ଲାଗେ; ସାଜ ସେଠାରେ ଅଜ୍ଞାନର ସେହି ଆବରଣଟି ନଥାଏ, କେବଳ ଆତ୍ମଜ୍ଞାନଟି ରହିଥାଏ, ତାହା ଆପଣାର ଅନେକଭୂତ ଏକତ୍ୱରେ ବଦ୍ୱଜତ ଥାଏ, ଆପଣା ଦବ୍ୟା ଶକ୍ତର ସତ୍ତ୍ୟରେ ପ୍ରତିଷ୍ଠିତ ରହିଥାଏ ।

